ଉପନିଷଦ୍
ଗ୍ରନ୍ଥାବଳୀ

(ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୂକ୍ୟ, ତୈତ୍ତିରୀୟ, ଐତରେୟ ଓ
ଶ୍ୱେତାଶ୍ୱତର ଉପନିଷଦ୍‌ର ଶାଙ୍କରଭାଷ୍ୟ ଅବଲମ୍ବନରେ ଅନ୍ୱୟ ଓ ଅନୁବାଦ)

ସ୍ୱାମୀ ଗମ୍ଭୀରାନନ୍ଦ

ସ୍ୱାମୀ ଗମ୍ଭୀରାନନ୍ଦ (୧୮୯୯ - ୧୯୮୮)

"ଏହି ଗ୍ରନ୍ଥାବଳୀର ଗ୍ରନ୍ଥକାର ପରମ ପୂଜ୍ୟପାଦ ଶ୍ରୀମତ୍ ସ୍ୱାମୀ ଗମ୍ଭୀରାନନ୍ଦଜୀ ମହାରାଜ ରାମକୃଷ୍ଣ ମଠ ଓ ମିଶନର ଏକାଦଶ ସଂଘାଧକ୍ଷ ଥିଲେ। ମହାରାଜଙ୍କ ରଚିତ ବହୁ ଗ୍ରନ୍ଥ ବିଦ୍ୱତ୍ ସମାଜରେ ସମାଦୃତ ହୋଇଛି। ପ୍ରସ୍ଥାନତ୍ରୟଶାଙ୍କରଭାଷ୍ୟର ଇଂରାଜୀ ଅନୁବାଦ କରି ମହାରାଜ ଦେଶବିଦେଶର ବହୁ ଇଂରାଜୀ ପାଠକମାନଙ୍କ ପାଇଁ କଲ୍ୟାଣକାମୀ ସିଦ୍ଧ ହୋଇଛନ୍ତି। ଏହା ଫଳରେ ସଂସ୍କୃତ ଭାଷାର ଦୁର୍ଭେଦ୍ୟ ଗଣ୍ଡି ଅତିକ୍ରମ କରି ଭାରତୀୟ ଅଦ୍ୱୈତବେଦାନ୍ତ ସଂସ୍କୃତ ଅନଭିଜ୍ଞ ପାଠକ ମହଲରେ ସୁପରିଚିତି ଲାଭ କରିଛି। ପାଠକମାନେ ମହାରାଜଙ୍କ ରଚିତ ପ୍ରତ୍ୟେକ ଗ୍ରନ୍ଥରେ ପାରମ୍ପରିକ ଶାସ୍ତ୍ର ପ୍ରତି ମହାରାଜଙ୍କ ନିଷ୍ଠା ଏବଂ ତ୍ୟାଗପୂତ ଜୀବନର ସାଧନାପ୍ରସୂତ ଅନୁଭବର ଚାକ୍ଷୁଷ ପ୍ରମାଣ ଲାଭ କରିବେ। ମହାରାଜଙ୍କ ଅନୁବାଦିତ ବ୍ରହ୍ମସୂତ୍ର ଶାଙ୍କରଭାଷ୍ୟ ଓ ଉପନିଷଦ୍ ସମେତ ବହୁ ଗ୍ରନ୍ଥ ପାଠ୍ୟକ୍ରମରେ ସ୍ଥାନ ୟୁନିଭର୍ସିଟି ପାଇଛି। ପାରମ୍ପରିକ ଶାସ୍ତ୍ରଚର୍ଚ୍ଚା ସମୟରେ ମଧ୍ୟ ମହାରାଜଙ୍କ ବ୍ୟାଖ୍ୟା ବିଶେଷ ସ୍ଥାନ ବଜାୟ ରଖେ।"

ଉପନିଷଦ୍ ଗ୍ରନ୍ଥାବଳୀ

(ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୂକ୍ୟ, ତୈତ୍ତିରୀୟ, ଐତରେୟ ଓ
ଶ୍ୱେତାଶ୍ୱତର ଉପନିଷଦ୍‌ର ଶାଙ୍କରଭାଷ୍ୟ ଅବଲମ୍ବନରେ ଅନ୍ୱୟ ଓ ଅନୁବାଦ)

ସ୍ୱାମୀ ଗମ୍ଭୀରାନନ୍ଦ

ଅନୁବାଦିକା
ଶ୍ରୀମତୀ ଉମା ଭଟ୍ଟାଚାର୍ଯ୍ୟ

ରାମକୃଷ୍ଣ ମଠ
ଭୁବନେଶ୍ୱର

ଉପନିଷଦ୍ ଗ୍ରନ୍ଥାବଳୀ

ସ୍ୱାମୀ ଗମ୍ଭୀରାନନ୍ଦ

ଅନୁବାଦିକା : ଶ୍ରୀମତୀ ଉମା ଭଟ୍ଟାଚାର୍ଯ୍ୟ

ପ୍ରକାଶକ : ସ୍ୱାମୀ ଆତ୍ମପ୍ରଭାନନ୍ଦ

ଅଧ୍ୟକ୍ଷ, ରାମକୃଷ୍ଣ ମଠ

ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର - ୭୫୧ ୦୦୨

ଫୋନ୍—(୦୬୭୪) ୨୪୩ ୨୦୨୮, ୨୪୩ ୦୦୫୯

ମୁଦ୍ରାକର : ହିନ୍ଦୁସ୍ଥାନ ବୁକ୍ ବାଇଣ୍ଡିଂ,

୨୮୭, ରାମେଶ୍ୱର ପାଟଣା, ଭୁବନେଶ୍ୱର - ୭୫୧ ୦୦୨

ପ୍ରଥମ ସଂସ୍କରଣ : ୦୪ ମାର୍ଚ୍ଚ ୨୦୨୨

ଶ୍ରୀରାମକୃଷ୍ଣଦେବ ଜୟନ୍ତୀ

1M1C

© ପ୍ରକାଶକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ

UPANISHAD GRANTHAVALI

By Swami Gambhirananda

Translated by Smt. Uma Bhattacharya

Published by Swami Atmaprabhananda

Adhyaksha, Ramakrishna Math,

Vivekananda Marg, Bhubaneswar - 751 002; Odisha

Ph—(0674) 243 2028, 243 0059

Email : bhubaneswar@rkmm.org

Printed at : Hindustan Book Binding,

287, Rameshwara Patna, Bhubaneswar - 751 002

1st Edition on 4th March 2022

ISBN : 978-81-950896-4-2

© All Rights Reserved by the Publisher.

ପ୍ରକାଶକଙ୍କ ନିବେଦନ

ତାବତ୍ ଗର୍ଜନ୍ତି ଶାସ୍ତ୍ରାଣି ଜମ୍ବୁକା ବିପିନେ ୟଥା ।
ନ ଗର୍ଜନ୍ତି ସଟାକ୍ଷେପାତ୍ ୟାବତ୍ ବେଦାନ୍ତକେଶରୀ ॥

"ବଣରେ ଶୃଗାଳର ରଡ଼ି ଭଳି ଅନ୍ୟ ସମସ୍ତ ଶାସ୍ତ୍ର ସେପର୍ଯ୍ୟନ୍ତ ଗର୍ଜନ କରନ୍ତି ଯେପର୍ଯ୍ୟନ୍ତ ବେଦାନ୍ତସିଂହ ଗର୍ଜନ କରି ନିଜର ସ୍ୱରୂପ ପ୍ରକାଶ ନ କରେ ।" "ବେଦାନ୍ତ କେଶରୀ" ଉଦ୍ଦେଶ୍ୟରେ ଉଦ୍ଧୃତ ସ୍ୱାମୀ ବିବେକାନନ୍ଦଙ୍କର ଏହି ଉକ୍ତି ମନୁଷ୍ୟ ଜୀବନରେ ବେଦାନ୍ତର ମହତ୍ତ୍ୱକୁ ନିଖୁଣ ଭାବରେ ପ୍ରତିପାଦିତ କରେ । ମନୁଷ୍ୟବୁଦ୍ଧିର ଚରମ ଉତ୍କର୍ଷର ଫଳସ୍ୱରୂପ ଏହି ବେଦାନ୍ତ ବା ଉପନିଷଦ୍ ମୁନିଋଷିମାନଙ୍କର ମନୁଷ୍ୟ ସମାଜ ପାଇଁ ସର୍ବୋତ୍ତମ ଉପହାର । ଗୁରୁ ପରମ୍ପରାକ୍ରମେ ପ୍ରବହମାନ ଏହି ଉପନିଷଦ୍‌ଜ୍ଞାନ ମୁଖ୍ୟତଃ ସେବା ଓ ପ୍ରଶ୍ନୋତ୍ତର ମାଧ୍ୟମରେ ଶ୍ରୀଗୁରୁଙ୍କ ମୁଖରୁ ଶ୍ରବଣୀୟ । କିନ୍ତୁ ବର୍ତ୍ତମାନର କର୍ମବହୁଳ ଜୀବନଶୈଳୀ ମଧ୍ୟରେ ସେଭଳି ସୁଯୋଗରୁ ବଞ୍ଚିତ ଅଥଚ ଏଥିରେ ଶ୍ରଦ୍ଧାବାନ୍ ଓଡ଼ିଆ ପାଠକମାନଙ୍କ ଉପଯୋଗୀ ଗୋଟିଏ ଗ୍ରନ୍ଥର ଆବଶ୍ୟକତା ବହୁ ଦିନରୁ ଅନୁଭୂତ ହେଉଥିଲା । ପ୍ରସିଦ୍ଧ ଉପନିଷଦ୍ ମଧ୍ୟରୁ ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୂକ୍ୟ, ତୈତ୍ତିରୀୟ, ଐତରେୟ ଓ ଶ୍ୱେତାଶ୍ୱତର—ଏହି ନଅଟି ଉପନିଷଦ୍‌କୁ ନେଇ ଓଡ଼ିଆ ଭାଷାରେ ପ୍ରକାଶିତ **ଉପନିଷଦ୍ ଗ୍ରନ୍ଥାବଳୀ** ଏହି ଆବଶ୍ୟକତାକୁ ଅନେକାଂଶରେ ପୂର୍ଣ୍ଣ କରିବ ।

ରାମକୃଷ୍ଣ ମଠର ଏକାଦଶ ସଂଘାଧ୍ୟକ୍ଷ ଶ୍ରୋତ୍ରିୟ ବ୍ରହ୍ମନିଷ୍ଠ ପୂଜ୍ୟପାଦ ସ୍ୱାମୀ ଗମ୍ଭୀରାନନ୍ଦଜୀ ମହାରାଜ ପାଠକମାନଙ୍କର ଏହି ଆବଶ୍ୟକତାକୁ ପୂର୍ଣ୍ଣ କରି ଆମମାନଙ୍କର ଚିର ନମସ୍ୟ ହୋଇଛନ୍ତି । ମହାରାଜଙ୍କ ଦ୍ୱାରା ବଙ୍ଗଳାରେ ଲିଖିତ **ଉପନିଷଦ୍ ଗ୍ରନ୍ଥାବଳୀ**ର ପ୍ରଥମ ଭାଗ ଉଦ୍‌ବୋଧନ କାର୍ଯ୍ୟାଳୟରୁ ମୁଦ୍ରିତ ହୋଇଛି । ସ୍ୱାମୀ ଜଗଦାନନ୍ଦଜୀ ମହାରାଜ ମୂଳଗ୍ରନ୍ଥର ଆବଶ୍ୟକୀୟ ସଂଶୋଧନ କରି ଅନେକ ଟୀକା ସଂଯୁକ୍ତ କରିଛନ୍ତି । ପାଠକମାନଙ୍କ କଲ୍ୟାଣାର୍ଥ ଶ୍ରୀମତୀ ଉମା ଭଟ୍ଟାଚାର୍ଯ୍ୟ ଏହି ଗ୍ରନ୍ଥଟିର ସାବଲୀଳ ଓଡ଼ିଆ ଅନୁବାଦ ପ୍ରସ୍ତୁତ କରିଛନ୍ତି । ସ୍ୱାମୀ ଶିବଧ୍ୟାନାନନ୍ଦ ଓ ପ୍ରଫେସର୍ ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ ଅନୁବାଦଟିର ପ୍ରୁଫ୍

ସଂଶୋଧନ ଓ ଆବଶ୍ୟକୀୟ ପରିବର୍ତ୍ତନ କରି ଏହାକୁ ପୂର୍ଣ୍ଣାଙ୍ଗରୂପ ପ୍ରଦାନ କରିଛନ୍ତି । ପ୍ରଫେସର୍ ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରସ୍ତୁତ ଉପକ୍ରମଣିକା ପାଠକମାନଙ୍କ ନିକଟରେ ଗ୍ରନ୍ଥଟିର ସମ୍ୟକ୍ ପରିଚୟ ପ୍ରଦାନ କରିବ । ଆଚାର୍ଯ୍ୟ ଶଙ୍କର ଓ ତାଙ୍କ ଅନୁଗାମୀ ଗ୍ରନ୍ଥକାରମାନଙ୍କର ମତ ଅନୁସରଣ କରି ଏହି ଗ୍ରନ୍ଥରେ ଉପନିଷଦ୍‌ର ମୂଳମନ୍ତ୍ରର ଅନ୍ୱୟ, ଅର୍ଥ ଓ ସର୍ବଶେଷରେ ମନ୍ତ୍ରର ପ୍ରାଞ୍ଜଳ ଓଡ଼ିଆ ଅନୁବାଦ ପ୍ରଦାନ କରାଯାଇଛି । ଉପନିଷଦ୍‌ର ବକ୍ତବ୍ୟ ବୁଝିବାରେ ଗ୍ରନ୍ଥକାରଙ୍କ ଦ୍ୱାରା ପ୍ରସ୍ତୁତ ଭୂମିକା ପାଠକମାନଙ୍କର ବିଶେଷ ସହାୟତା କରିବ । ମନ୍ତ୍ରର ଉଚ୍ଚାରଣର ଶୁଦ୍ଧତା ରକ୍ଷା କରିବା ଉଦ୍ଦେଶ୍ୟରେ ସଂସ୍କୃତର 'ଯ' ଓ 'ଳ' ସ୍ଥାନରେ ଓଡ଼ିଆ 'ୟ' ଓ 'ଲ' ବ୍ୟବହାର କରାଯାଇଛି । କମ୍ପ୍ୟୁଟର ପ୍ରୋଗ୍ରାମ୍‌ର ସୀମାବଦ୍ଧତା ଯୋଗୁଁ 'ବ' ସ୍ଥାନରେ ସ୍ୱତନ୍ତ୍ର ଅକ୍ଷର ଦେବା ସମ୍ଭବ ହୋଇ ନାହିଁ । ମନ୍ତ୍ରଗୁଡ଼ିକର ସହଜ ଅନ୍ୱେଷଣ ପାଇଁ ଗ୍ରନ୍ଥ ଶେଷରେ ସମସ୍ତ ମନ୍ତ୍ରର ଅକାରାଦି କ୍ରମରେ ଅନୁକ୍ରମଣିକା ପ୍ରଦତ୍ତ ହୋଇଛି । ଫଳରେ ଏହି ଗ୍ରନ୍ଥଟି ସଂସ୍କୃତରେ ଅଳ୍ପାଭିଜ୍ଞ ପାଠକମାନଙ୍କ ନିକଟରେ ସହଜବୋଧ ହେବ ବୋଲି ଆମେ ଆଶାକରୁ ।

ଶ୍ରୀଯୁକ୍ତ ମୁକ୍ତିପଦ ବେହେରା ଓ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ସୌଭାଗ୍ୟଲକ୍ଷ୍ମୀ ବେହେରା ଏହି ଗ୍ରନ୍ଥଟିର ମୁଦ୍ରଣ ଖର୍ଚ୍ଚ ବହନ କରିଥିବାରୁ ପାଠକମାନଙ୍କ ପାଇଁ ଏହା ସୁଲଭ ମୂଲ୍ୟରେ ଉପଲବ୍ଧ କରାଯାଇପାରିଛି ।

ପୁସ୍ତକ ପ୍ରକାଶନ ଅବସରରେ ଆମେ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହିତ ଭଗବାନ ଶ୍ରୀରାମକୃଷ୍ଣଙ୍କ ନିକଟରେ ସମସ୍ତଙ୍କର ଉତ୍ତରୋତ୍ତର ଆଧ୍ୟାତ୍ମିକ ଉନ୍ନତି କାମନା କରୁଛୁ । ଶ୍ରୀରାମକୃଷ୍ଣାର୍ପଣମସ୍ତୁ ॥

ଭୁବନେଶ୍ୱର
୪ ମାର୍ଚ୍ଚ ୨୦୨୨

ବିନୀତ
ପ୍ରକାଶକ

ଉପକ୍ରମଣିକା

ଉପ ସାମୀପ୍ୟେନ ନି ନିତରାଂ ପ୍ରାପ୍ନୁବନ୍ତି ପରଂବ୍ରହ୍ମ ୟୟା ବିଦ୍ୟୟା ସା ଉପନିଷଦ୍ । ଶ୍ରୀଗୁରୁଙ୍କ ସମୀପରେ ବସି ଅବିଦ୍ୟାବିନାଶପୂର୍ବକ ଯେଉଁ ବିଦ୍ୟାଦ୍ୱାରା ପରଂବ୍ରହ୍ମଙ୍କୁ ଲାଭ କରାଯାଏ, ସେହି ଗୂଢ଼ ରହସ୍ୟବିଦ୍ୟାର ନାମ ଉପନିଷଦ୍ । ମୁଣ୍ଡକୋପନିଷଦ୍‌ରେ (୧/୧/୪) ଦୁଇପ୍ରକାର ବିଦ୍ୟାର ଅବତାରଣା କରାଯାଇଛି—'ପରା ଓ ଅପରା' । ଋଗ୍‌ବେଦ, ୟଜୁର୍ବେଦ, ସାମବେଦ, ଅଥର୍ବବେଦ, ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ ଅପରାବିଦ୍ୟାର ଅନ୍ତର୍ଭୁକ୍ତ ଏବଂ ଉପନିଷଦ୍‌ଗ୍ରନ୍ଥ ଆଧାରିତ ବିଦ୍ୟା ଯାହାର ଶ୍ରବଣ, ମନନ ଏବଂ ନିରନ୍ତର ଧ୍ୟାନଦ୍ୱାରା ଅକ୍ଷର ଅର୍ଥାତ୍ ଶୁଦ୍ଧ, ବୁଦ୍ଧ, ମୁକ୍ତ, ଅବିନାଶୀ ଓ ଅବିକାରୀ ପରଂବ୍ରହ୍ମଙ୍କର ପ୍ରାପ୍ତି ହୁଏ ତାହା ହିଁ ପରାବିଦ୍ୟା ।

ଅନ୍ୟତ୍ର (ତୈ. ଉପ. ୨/୧/୧) ସେହି ବ୍ରହ୍ମଙ୍କର ସ୍ୱରୂପନିର୍ଣ୍ଣୟାବସରରେ ସେ **"ସତ୍ୟଂ ଜ୍ଞାନମ୍ ଅନନ୍ତଂ ବ୍ରହ୍ମ"** ବୋଲି ବ୍ୟାଖ୍ୟାତ ହୋଇଛନ୍ତି । ସେ ହିଁ ଆମ ସମସ୍ତଙ୍କର ଉପାସ୍ୟ ଓ ଜୀବନର ଏକମାତ୍ର ଧେୟ ରୂପରେ ମଧ୍ୟ ବର୍ଣ୍ଣିତ ହୋଇଛନ୍ତି । **ମହତୋ ମହୀୟାନ୍ ବା ବୃହତ୍ତ୍ୱାତ୍ ବ୍ରହ୍ମ** ବୋଲି ବ୍ରହ୍ମଙ୍କର ବର୍ଣ୍ଣନା କରାଯାଇଥିବା ସମୟରେ ସେ **ଅଣୋରଣୀୟାନ୍** ଅର୍ଥାତ୍ ଅଣୁଠାରୁ ମଧ୍ୟ କ୍ଷୁଦ୍ରତରଭାବରେ ବ୍ୟାଖ୍ୟାତ ହୋଇଛନ୍ତି । ମାୟା ଉପାଧିଯୁକ୍ତ ହୋଇ ନିର୍ଗୁଣ ବ୍ରହ୍ମ ସଗୁଣ ଈଶ୍ୱର ରୂପରେ ଜଗତ୍‌କୁ ସୃଷ୍ଟି କରିଛନ୍ତି, ପାଳନ କରୁଛନ୍ତି ଏବଂ ନିଜରୂପରେ ସେହି ଜଗତ୍‌କୁ ନିଜଠାରେ ଲୀନ ମଧ୍ୟ କରୁଛନ୍ତି । ସେ ହିଁ ଜଗତ୍‌ର ନିମିତ୍ତକାରଣ ଓ ଉପାଦାନକାରଣ । ବୁଢ଼ୀଆଣି କୀଟ ନିଜ ଦେହରୁ ସୂତା ବାହାର କରି ନିଜ ଚତୁଃପାର୍ଶ୍ୱରେ ଜାଲ ନିର୍ମାଣ କରି ସେଥିରେ ବଦ୍ଧଯୁକ୍ତ ହେଲା ଭଳି ବ୍ରହ୍ମ ଜୀବାତ୍ମାରୂପରେ ବ୍ୟାବହାରିକ ଦୃଷ୍ଟିରୁ ଜଗତ୍‌ର ସୁଖଦୁଃଖ ଭୋଗ କରନ୍ତି । କିନ୍ତୁ ଜାଗତିକ ବ୍ୟବହାର ସମୟରେ ମଧ୍ୟ ସତ୍‌ସ୍ୱରୂପ ବ୍ରହ୍ମଙ୍କଠାରେ କୌଣସି ବିକାର ହୁଏ ନାହିଁ, ସେ ନିଜ ସାକ୍ଷୀସ୍ୱରୂପରେ ଅବସ୍ଥାନ କରନ୍ତି ।

ସର୍ବଭୂତରେ ଗୂଢ଼ ଭାବରେ ରହିଥିବା ଏହି ପ୍ରତ୍ୟଗାତ୍ମା ଅପରୋକ୍ଷାନୁଭୂତି ଦ୍ୱାରା ହିଁ ପ୍ରକାଶିତ ହୁଅନ୍ତି । ତାଙ୍କୁ ଲାଭ କରିବା ପାଇଁ ବିଦ୍ୟାବଳହୀନ ସାଧକ ଯେପରି ଅସମର୍ଥ, ମେଧାଶକ୍ତିଯୁକ୍ତ ବେଦବିତ୍ ମଧ୍ୟ ସେପରି ସାମର୍ଥ୍ୟହୀନ ।

କେବଳ ସେହି ପରମାତ୍ମା ହିଁ ଉପଯୁକ୍ତ ମୁମୁକ୍ଷୁ ନିକଟରେ ନିଜର ସ୍ୱରୂପ ଅଭିବ୍ୟକ୍ତ କରନ୍ତି, ଯାହାଙ୍କୁ ସେ ନିଜେ ବରଣ କରିଥାଆନ୍ତି । ସେହି ସତ୍ୟସ୍ୱରୂପ ପରଂବ୍ରହ୍ମଙ୍କର ଆତ୍ମସାକ୍ଷାତ୍‌କାର କରିବାକୁ ହେଲେ, ଆମକୁ ଆମର ସତ୍ୟଧର୍ମର ଦୃଷ୍ଟିପାଇଁ ପ୍ରାର୍ଥନା କରିବାକୁ ହେବ; ସେ ହିଁ ଆମ ପାଇଁ ସତ୍ୟ ଉପରୁ ସ୍ୱର୍ଣ୍ଣପାତ୍ରର ଆବରଣଟିକୁ ଉନ୍ମୁକ୍ତ କରିଦେବେ ।

ଭାରତୀୟଦର୍ଶନର ମୂଳ ଉତ୍ସ ବେଦାନ୍ତଦର୍ଶନ । ବେଦର ଅନ୍ତଭାଗ ଅର୍ଥାତ୍ ସାରଭାଗ ଜ୍ଞାନକାଣ୍ଡରୂପରେ ପ୍ରସିଦ୍ଧ ଉପନିଷଦ୍ ଗ୍ରନ୍ଥସମୂହ । ପ୍ରସ୍ଥାନତ୍ରୟୀ ଅର୍ଥାତ୍ ଉପନିଷଦ୍, ଶ୍ରୀମଦ୍‌ଭଗବଦ୍‌ଗୀତା ଓ ବ୍ରହ୍ମସୂତ୍ର ମଧ୍ୟରୁ ଉପନିଷଦ୍ ସଂସାରବୀଜ-ଅଜ୍ଞାନନାଶକାରୀ ବିଦ୍ୟାରୂପରେ ଶ୍ରୁତିପ୍ରସ୍ଥାନଭାବରେ ସର୍ବଜନବିଦିତ । **ଅଧ୍ୟାତ୍ମବିଦ୍ୟା ବିଦ୍ୟାନାମ୍ ।** ସମସ୍ତ ବିଦ୍ୟା ମଧ୍ୟରେ ଅଧ୍ୟାତ୍ମବିଦ୍ୟା ଶ୍ରେଷ୍ଠ ଏବଂ ଏହି ଜ୍ଞାନ ବିତରଣ ଲକ୍ଷ୍ୟରେ ଉପନିଷଦ୍ ଗ୍ରନ୍ଥସମୂହ ପୃଥିବୀର ଅନେକ ଭାଷାରେ ଅନୁବାଦିତ ହୋଇଅଛି । ଆଜି ଆମର ସୌଭାଗ୍ୟ, ଭୁବନେଶ୍ୱରସ୍ଥିତ ରାମକୃଷ୍ଣ ମଠ ପକ୍ଷରୁ ପୂଜ୍ୟ ସ୍ୱାମୀ ଗମ୍ଭୀରାନନ୍ଦଜୀ ମହାରାଜଙ୍କ ଗ୍ରନ୍ଥ '**ଉପନିଷଦ୍ ଗ୍ରନ୍ଥାବଳୀ**'ର ଓଡ଼ିଆ ଭାଷାନ୍ତର ଓଡ଼ିଶାର ତଥା ଓଡ଼ିଆଭାଷାଭାଷୀ ସମସ୍ତ ଭାରତୀୟଙ୍କର କଲ୍ୟାଣାର୍ଥ ପ୍ରକାଶିତ ହେଉଛି । ଏହି ଜ୍ଞାନଯଜ୍ଞର ଯେଉଁମାନେ ପୁରୋଧା, ମଠର କର୍ମକର୍ତ୍ତା, ଅନୁବାଦିକା ଶ୍ରୀମତୀ ଉମା ଭଟ୍ଟାଚାର୍ଯ୍ୟ ଏବଂ ବିଶେଷତଃ ଏହି ସାଧୁଉଦ୍ୟମର ପୃଷ୍ଠପଟରେ ଥିବା ସ୍ୱାମୀ ଶିବଧ୍ୟାନାନନ୍ଦଜୀ ଆମ ସମସ୍ତଙ୍କର ସାଧୁବାଦାର୍ହ । ଏହି ଗ୍ରନ୍ଥ ପ୍ରକାଶନରେ ଓଡ଼ିଆ ବେଦାନ୍ତ ସାହିତ୍ୟ ସୁସମୃଦ୍ଧ ହେବା ସଙ୍ଗେ ସଙ୍ଗେ ଅଦ୍ୱୈତ ବେଦାନ୍ତ ପ୍ରତି ଓଡ଼ିଶାର ଜନସାଧାରଣଙ୍କ ରୁଚି ଅବଶ୍ୟ ବୃଦ୍ଧିପ୍ରାପ୍ତ ହେବ । ଏହିଭଳି ମହାନ୍ ଗ୍ରନ୍ଥର ବହୁଳ ପ୍ରଚାର ଓ ପ୍ରସାର ପାଇଁ ମୁଁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା କରୁଛି । ଇତି ସମ୍ ।

ପ୍ରଫେସର୍ ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ
(ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ)
ପ୍ରାକ୍ତନ କୁଳପତି, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ

ଭୁବନେଶ୍ୱର
୪ ମାର୍ଚ୍ଚ ୨୦୨୨

ସୂଚୀପତ୍ର

ଭୂମିକା	୧
ଈଶୋପନିଷଦ୍	୧୯
କେନୋପନିଷଦ୍	୩୫
କଠୋପନିଷଦ୍	୬୧
ପ୍ରଶ୍ନୋପନିଷଦ୍	୧୪୫
ମୁଣ୍ଡକୋପନିଷଦ୍	୨୦୫
ମାଣ୍ଡୂକ୍ୟୋପନିଷଦ୍	୨୫୭
ତୈତ୍ତିରୀୟୋପନିଷଦ୍	୨୭୧
ଐତରେୟୋପନିଷଦ୍	୩୫୧
ଶ୍ୱେତାଶ୍ୱତରୋପନିଷଦ୍	୩୮୧
ଅନୁକ୍ରମଣିକା	୪୬୧
ମୁକ୍ତିକୋପନିଷଦ୍‌ରେ ପ୍ରଦତ୍ତ ୧୦୮ ଉପନିଷଦ୍	୪୮୦

***

ସଂକ୍ଷିପ୍ତ ଶବ୍ଦର ସୂଚୀ

ଈ. = ଈଶୋପନିଷଦ୍
ଐ. = ଐତରେୟୋପନିଷଦ୍
କ. = କଠୋପନିଷଦ୍
କେ. = କେନୋପନିଷଦ୍
ଛା. = ଛାନ୍ଦୋଗ୍ୟୋପନିଷଦ୍
ତୈ. = ତୈତ୍ତିରୀୟୋପନିଷଦ୍
ପ୍ର. = ପ୍ରଶ୍ନୋପନିଷଦ୍
ବୃ. = ବୃହଦାରଣ୍ୟକୋପନିଷଦ୍
ମା. = ମାଣ୍ଡୁକ୍ୟୋପନିଷଦ୍
ମୁ. = ମୁଣ୍ଡକୋପନିଷଦ୍
ଯୋ. ସୂ. = ପାତଞ୍ଜଳ ଯୋଗସୂତ୍ର
ବ୍ର. ସୂ. = ବ୍ରହ୍ମସୂତ୍ର
ଶ୍ୱେ. = ଶ୍ୱେତାଶ୍ୱତରୋପନିଷଦ୍
ଦ୍ର. = ଦ୍ରଷ୍ଟବ୍ୟ

ଗ୍ରନ୍ଥ ଭିତରେ ଯେଉଁଠାରେ ଉପନିଷଦ୍‌ର ଉଲ୍ଲେଖ ନାହିଁ, କେବଳ ସଂଖ୍ୟା ଉଲ୍ଲେଖ ଅଛି, ସେଠାରେ ଯେଉଁ ଉପନିଷଦ୍ ବ୍ୟାଖ୍ୟା ଚାଲିଛି, ତାହାର ମନ୍ତ୍ର ବୁଝିବାକୁ ହେବ ।

ବି.ଦ୍ର. :- ୟଜୁର୍ବେଦରେ ଅନୁସ୍ୱାର (ଂ) ପରେ ଶ, ଷ, ସ, ହ କିମ୍ବା 'ର' ଥିଲେ ଅନୁସ୍ୱାର (ଂ) ସ୍ଥାନରେ ଗୁଂ (ଁ) ଆଦେଶ ହୁଏ । ଅନୁସ୍ୱାରର ପୂର୍ବରୁ ହ୍ରସ୍ୱ ସ୍ୱର ଥିଲେ ଗୁଂ (ଁ)ର ଉଚ୍ଚାରଣ ଦୀର୍ଘ ଓ ଦୀର୍ଘ ସ୍ୱର ଥିଲେ ଗୁଂ (ଁ)ର ଉଚ୍ଚାରଣ ହ୍ରସ୍ୱ ହୁଏ ।

ଭୂମିକା

ବେଦ-ଶବ୍ଦଟି ଜ୍ଞାନାର୍ଥକ ବିଦ୍ ଧାତୁରୁ ଉତ୍ପନ୍ନ ହୋଇଅଛି । 'ହିନ୍ଦୁଧର୍ମ ଓ ଶ୍ରୀରାମକୃଷ୍ଣ' ନାମକ ପ୍ରବନ୍ଧରେ ଆଚାର୍ଯ୍ୟ ଶ୍ରୀମତ୍ ସ୍ୱାମୀ ବିବେକାନନ୍ଦ ଲେଖିଛନ୍ତି, "ଶାସ୍ତ୍ର-ଶବ୍ଦ ଦ୍ୱାରା ଅନାଦି ଅନନ୍ତ 'ବେଦ'କୁ ବୁଝାଯାଏ । ଧର୍ମ-ଶାସନରେ ଏହି ବେଦ ହିଁ କେବଳ ସକ୍ଷମ ଅଟେ । ପୁରାଣାଦି ଅନ୍ୟାନ୍ୟ ପୁସ୍ତକ ସ୍ମୃତି-ଶବ୍ଦବାଚ୍ୟ; ଏବଂ ସେଗୁଡ଼ିକର ପ୍ରାମାଣ୍ୟ—ଯେପର୍ଯ୍ୟନ୍ତ ସେମାନେ ଶ୍ରୁତିକୁ ଅନୁସରଣ କରନ୍ତି, ସେ ପର୍ଯ୍ୟନ୍ତ । 'ସତ୍ୟ' ଦୁଇ ପ୍ରକାରର—(୧) ଯାହା ମନୁଷ୍ୟର ପଞ୍ଚେନ୍ଦ୍ରିୟ-ଗ୍ରାହ୍ୟ ଓ ସେଥିରେ ଉପସ୍ଥାପିତ ଅନୁମାନ ଦ୍ୱାରା ଗୃହୀତ; (୨) ଯାହା ଅତୀନ୍ଦ୍ରିୟ ସୂକ୍ଷ୍ମ ଯୋଗଜ ଶକ୍ତିର ଗ୍ରାହ୍ୟ । ପ୍ରଥମ ଉପାୟ ଦ୍ୱାରା ସଂକଳିତ ଜ୍ଞାନକୁ 'ବିଜ୍ଞାନ' କୁହାଯାଏ । ଦ୍ୱିତୀୟ ପ୍ରକାରରେ ସଂକଳିତ ଜ୍ଞାନକୁ 'ବେଦ' କୁହାଯାଏ । 'ବେଦ' ନାମଧେୟ ଅନାଦି ଅନନ୍ତ ଅଲୌକିକ ଜ୍ଞାନରାଶି ସଦା ବିଦ୍ୟମାନ । ସୃଷ୍ଟିକର୍ତ୍ତା, ସ୍ୱୟଂ ତାହାର ସହାୟତାରେ ଏହି ଜଗତ୍‌ର ସୃଷ୍ଟି-ସ୍ଥିତି-ପ୍ରଳୟ କରୁଛନ୍ତି ।[1] ସେହି ଅତୀନ୍ଦ୍ରିୟ ଶକ୍ତି ଯେଉଁ ପୁରୁଷଙ୍କଠାରେ ଆବିର୍ଭୂତ ହୁଅନ୍ତି, ତାଙ୍କର ନାମ ଋଷି ଓ ସେହି ଶକ୍ତିଦ୍ୱାରା ସେ ଯେଉଁ ଅଲୌକିକ ସତ୍ୟ ଉପଲବ୍ଧି କରନ୍ତି ତାହାର ନାମ 'ବେଦ' ।"[2]

ଅତଏବ ବେଦ-ଶବ୍ଦର ମୁଖ୍ୟାର୍ଥ ଜ୍ଞାନରାଶି ଏବଂ ଗୌଣାର୍ଥ ଶବ୍ଦରାଶି । କିନ୍ତୁ ଶବ୍ଦରାଶିରୂପକ ବେଦ ମଧ୍ୟ ଆମମାନଙ୍କର ଅଶେଷ ଶ୍ରଦ୍ଧାର ବସ୍ତୁ, କାରଣ ତାହା ଅନନ୍ତପୁରୁଷଙ୍କର ହିଁ ବାଙ୍ମୟୀ ମୂର୍ତ୍ତି; —ଏହାର ଅନ୍ୟ ନାମ ଶବ୍ଦବ୍ରହ୍ମ । ସୃଷ୍ଟି ପୂର୍ବରୁ ମଧ୍ୟ ଏହି ଅନାଦି ବେଦ ଥିଲା, କାରଣ ଶବ୍ଦବ୍ରହ୍ମରୁ ହିଁ ସୃଷ୍ଟି ହୋଇଥାଏ । ବିଶେଷ ବିଶେଷ ଭାଷାକୁ ଅବଲମ୍ବନ କରି ହିଁ ଭାବ ଆତ୍ମପ୍ରକାଶ କରେ । ବୈଦିକ ଶବ୍ଦରାଶି ଅବଲମ୍ବନରେ ବୈଦିକ ଭାବରାଶି ପ୍ରକଟିତ ହୋଇ ଆଜି ମଧ୍ୟ ଜଗତ୍‌ରେ ବିଦ୍ୟମାନ । ପ୍ରତି କଳ୍ପର ଆଦିରେ ଭଗବାନ ଅନାଦି ବେଦ

---

1. **"ଯସ୍ୟ ଜ୍ଞାନମୟଂ ତପଃ ।"** ମୁ, ୧/୧/୯
2. ଋଷିଗଣ ବେଦ ରଚନା କରି ନାହାନ୍ତି, ସେମାନେ ମନ୍ତ୍ରଦ୍ରଷ୍ଟାମାତ୍ର—
   ଋଷୟୋ ମନ୍ତ୍ରଦ୍ରଷ୍ଟାରୋ ନ ତୁ ବେଦସ୍ୟ କର୍ତାରଃ ।
   ନ କଶ୍ଚିତ୍ ବେଦକର୍ତ୍ତା ଚ ବେଦସ୍ମର୍ତ୍ତା ଚତୁର୍ଭୁଜଃ ॥
   ଯୁଗାନ୍ତେଽନ୍ତର୍ହିତାନ୍ ବେଦାନ୍ ସେତିହାସାନ୍ମହର୍ଷୟଃ ।
   ଲେଭିରେ ତପସା ପୂର୍ବମନୁଜ୍ଞାତାଃ ସ୍ୱୟମ୍ଭୁବା ॥

ଉଚ୍ଚାରଣ କରନ୍ତି ଏବଂ ସେ ହିଁ ଶବ୍ଦ ସହିତ ଅର୍ଥର ସମ୍ବନ୍ଧ ସ୍ଥାପନ କରନ୍ତି । ଅର୍ଥାତ୍ କେଉଁ ଶବ୍ଦ କେଉଁ ଅର୍ଥକୁ ବୁଝାଇବ, ତାହା ପ୍ରଥମେ ଭଗବାନ ହିଁ ସ୍ଥିର କରନ୍ତି । ବିଶେଷ ବିଶେଷ ଶବ୍ଦ ଦ୍ୱାରା ମାନବ ଯେଉଁ ବିଶେଷ ବିଶେଷ ବସ୍ତୁକୁ ବୁଝିଥାଏ ତାହା ଶିକ୍ଷା ବ୍ୟତିରେକେ ହୋଇପାରେ ନାହିଁ । ଭଗବାନ ହିଁ ପ୍ରଥମେ ବେଦରୂପୀ ଭାଷା ଶିକ୍ଷା ଦେଇଛନ୍ତି ଏବଂ ତାହାକୁ ଅବଲମ୍ବନ କରି ମାନବୀୟ ଭାଷାର ବିସ୍ତାର ସାଧିତ ହୋଇଅଛି । ସେ ହିଁ ଆଦିଗୁରୁ—ତାଙ୍କ ଦ୍ୱାରା ଉଚ୍ଚାରିତ ଓ ପ୍ରକାଶିତ ବେଦ ହିଁ ଅନ୍ୟମାନେ ଲାଭ କରିଛନ୍ତି । ବେଦର ଅନ୍ୟ ନାମ ଶ୍ରୁତି, କାରଣ ଏହା ପୂର୍ବେ ଗ୍ରନ୍ଥାକାରରେ ଲିପିବଦ୍ଧ ନ ହୋଇ ଗୁରୁଶିଷ୍ୟ-ପରମ୍ପରାରେ ଶ୍ରୁତ ହୋଇ ସମାଜରେ ପ୍ରଚଳିତ ହେଉଥିଲା ଓ ଯଜ୍ଞାଦି ସମ୍ପାଦନରେ ନିଯୁକ୍ତ ହେଉଥିଲା । ଏହି ଗୁରୁଶିଷ୍ୟ-ପରମ୍ପରା ଅନାଦି ହୋଇଥିବାରୁ ବେଦ ମଧ୍ୟ ଅନାଦି । ପୂର୍ବରୁ କୁହାଯାଇଛି ଯେ, ଭଗବାନ କଳ୍ପାରମ୍ଭକାଳରେ ଯେଉଁ ଯେଉଁ ଶବ୍ଦ ଉଚ୍ଚାରଣ କରନ୍ତି, ସେହି ସେହି ବସ୍ତୁ ହିଁ ସୃଷ୍ଟ ହୁଏ । ସୃଷ୍ଟିର ଆଦି ନାହିଁ, ସୁତରାଂ ସୃଷ୍ଟିର ପୂର୍ବବର୍ତ୍ତୀ ବେଦରାଶି ମଧ୍ୟ ଅନାଦି । କିନ୍ତୁ ବେଦାନ୍ତ-ମତରେ ବେଦ ନିତ୍ୟ ହେଲେ ମଧ୍ୟ ପ୍ରତିକଳ୍ପରେ ତାହା ମନୁଷ୍ୟର ନିଃଶ୍ୱାସ ପରି ବିନା ପ୍ରୟାସରେ ଈଶ୍ୱରଙ୍କ ବାଣୀରୂପରେ ପ୍ରକଟିତ ହୁଏ । ଆପାତଦୃଷ୍ଟିରେ ପ୍ରତିକଳ୍ପରେ ବେଦକର୍ତ୍ତା ସ୍ୱୟମ୍ଭୂ ହେଲେ ମଧ୍ୟ ବାକ୍ୟ ଉଚ୍ଚାରଣରେ ସେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ନୁହନ୍ତି । ବେଦରେ ଅଛି ଯେ, ବିଧାତା ପୂର୍ବକଳ୍ପର ସୃଷ୍ଟି ଅନୁଯାୟୀ ହିଁ ପରକଳ୍ପର ସୃଷ୍ଟି ରଚନା କରନ୍ତି । ନୂତନ କଳ୍ପ ପୂର୍ବରୁ ସେ ଅନାଦି ବେଦକୁ ହିଁ ପୁନର୍ବାର ଉଚ୍ଚାରଣ କରନ୍ତି ଏବଂ ସେହି ଅନୁସାରେ ସୃଷ୍ଟିର ରଚନା ହେଉଥାଏ । ଏହା ଅବଶ୍ୟ ସତ୍ୟ ଯେ, ପୂର୍ବୋଚ୍ଚାରଣ ବା ପୂର୍ବସୃଷ୍ଟି ପରବର୍ତ୍ତୀ ଉଚ୍ଚାରଣ ବା ପରବର୍ତ୍ତୀ ସୃଷ୍ଟି ସହିତ ଅଭିନ୍ନ ହୋଇପାରେ ନାହିଁ; ପରବର୍ତ୍ତୀଟି ପୂର୍ବର ଅନୁରୂପ ମାତ୍ର ହିଁ ହୋଇଥାଏ । ଏହି ପ୍ରକାରରେ ଉଚ୍ଚାରଣବିଷୟରେ ସ୍ୱୟମ୍ଭୂଙ୍କର କିଞ୍ଚିତ୍ ସ୍ୱାତନ୍ତ୍ର୍ୟ ରହିଥିଲେ ମଧ୍ୟ ବେଦ ବସ୍ତୁତଃ ଅପୌରୁଷେୟ—ତାହା କୌଣସି ପୁରୁଷଙ୍କ ଦ୍ୱାରା ରଚିତ ନୁହେଁ (ବ୍ର. ସୂ., ୧/୧/୩ ଓ ୧/୩/୨୮-୩୦ ଦ୍ରଷ୍ଟବ୍ୟ) ।

କଳ୍ପାରମ୍ଭରେ ଭଗବାନ ପ୍ରଜାପତି ରୂପରେ ବେଦର ପ୍ରଚାର କରିଥାଆନ୍ତି । (ମୁଣ୍ଡକୋପନିଷଦ୍, ୧/୧/୧) । ଏହି ବିଷୟରେ ପୁରାଣରେ ଉଲ୍ଲିଖିତ ଅଛି ଯେ, ଏକଦା ଆଦିପୁରୁଷ ବ୍ରହ୍ମା ଯୋଗାସନରେ ବସି ଆତ୍ମଚିନ୍ତାରେ ମଗ୍ନ ଅଛନ୍ତି, ଏପରି ସମୟରେ ତାଙ୍କ ହୃଦୟରେ ଅସ୍ଫୁଟ ନାଦଧ୍ୱନି ହେଲା, ପରେ ପ୍ରଣବ ଏବଂ ତା'ପରେ ଉକ୍ତ ପ୍ରଣବରୁ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣରାଶି ପ୍ରକଟିତ ହେଲା ।

ସେହି ବର୍ଣ୍ଣରାଶିସହାୟରେ ସେ ଯେଉଁ ଶବ୍ଦସମୂହ ଉଚ୍ଚାରଣ କଲେ, ତାହା ହିଁ ବେଦବିଦ୍ୟା ।

ବେଦ ଚାରିଭାଗରେ ବିଭକ୍ତ—ରଗ୍‌ବେଦ, ୟଜୁର୍ବେଦ, ସାମବେଦ ଓ ଅଥର୍ବବେଦ । ପ୍ରତି ବେଦର ପୁଣି ଦୁଇଟି ବିଭାଗ ରହିଛି—ମନ୍ତ୍ର ଏବଂ ବ୍ରାହ୍ମଣ—**"ମନ୍ତ୍ରବ୍ରାହ୍ମଣୟୋର୍ବେଦନାମଧେୟମ୍ ।"** ମନ୍ତ୍ରଭାଗର[1] ଅନ୍ୟ ନାମ ସଂହିତା, ଅର୍ଥାତ୍ ଯେଉଁଥିରେ ମନ୍ତ୍ରସମୂହ ସମ୍-ହିତ ବା ଏକତ୍ର ସ୍ଥାପିତ ବା ସମଷ୍ଟୀକୃତ ହୋଇଅଛି । ପୁନଶ୍ଚ ଶ୍ରୁତି ଯେଉଁ ଅଂଶରେ ନିଜେ ହିଁ ନିଜର ଅପ୍ରକାଶିତ ଅର୍ଥ ବ୍ୟକ୍ତ କରିଛନ୍ତି ଓ ସଂହିତାର ପ୍ରୟୋଗାଦି ପ୍ରଦର୍ଶନ କରିଛନ୍ତି, ବେଦର ସେହି ଅଂଶକୁ ବ୍ରାହ୍ମଣ କୁହାଯାଏ ।[2] ବ୍ରାହ୍ମଣଭାଗରେ ପ୍ରଧାନତଃ ବିଧି, ନିଷେଧ, ଯାଗଯଜ୍ଞ, ଇତିବୃତ୍ତ, ଅର୍ଥବାଦ (ଅର୍ଥାତ୍ ପ୍ରଶଂସାପରକ ବା ନିନ୍ଦାପରକବାକ୍ୟ), ଉପାସନା[3],

---

1. ୟାସ୍କଙ୍କ ମତରେ "ଯାହା ଦ୍ୱାରା ମନନ କରାଯାଏ ତାହାର ନାମ ମନ୍ତ୍ର—**ମନ୍ତ୍ରାଃ ମନନାତ୍** (୭/୩/୬) । ମନ୍ତ୍ରସମୂହରୁ ହିଁ ମନନକାରିଗଣ ଅଧ୍ୟାତ୍ମ ଓ ଅଧିଦୈବାଦି ବିଷୟ ଚିନ୍ତା କରିଥାଆନ୍ତି—**ତେଭ୍ୟୋ ହି ଅଧ୍ୟାତ୍ମାଧିଦୈବିକାଦି ମନ୍ତାରୋ ମନ୍ୟନ୍ତେ, ତଦେଷାଂ ମନ୍ତ୍ରତ୍ୱମ୍**" (୭/୧/୧) । ଜୈମିନିଙ୍କ ମତରେ "ଶାସ୍ତ୍ରଜ୍ଞଗଣ ଯାହାକୁ ମନ୍ତ୍ର ବୋଲି ଗ୍ରହଣ କରନ୍ତି, ତାହା ହିଁ ମନ୍ତ୍ର—**ମନ୍ତ୍ରୋଽୟମିତ୍ୟଭିୟୁକ୍ତୋପଦିଷ୍ଟୋ ମନ୍ତ୍ରଃ**" ।

2. ଆପସ୍ତମ୍ବଙ୍କମତରେ "**କର୍ମଚୋଦନା ବ୍ରାହ୍ମଣାନି**—କର୍ମଚୋଦନା ଅର୍ଥାତ୍ ବିଧି ହିଁ ବ୍ରାହ୍ମଣ" । ବିଧି ଦୁଇ ପ୍ରକାରର—ଅପ୍ରବୃତ୍ତପ୍ରବର୍ତ୍ତକ ଓ ଅଜ୍ଞାତଜ୍ଞାପକ (ସାୟଣ) । କର୍ମକାଣ୍ଡରେ ଯେଉଁ ସକଳ ବିଧି ଅଛି ତାହା ଅପ୍ରବୃତ୍ତକୁ କର୍ମରେ ପ୍ରବୃତ୍ତ କରେ । ଜ୍ଞାନକାଣ୍ଡରେ ଯେଉଁ ସମସ୍ତ ବାକ୍ୟ ଅଛି ତାହା ଅଜ୍ଞାତ ବିଷୟର ଜ୍ଞାପକ ହୁଏ । ବସ୍ତୁତଃ କର୍ମକାଣ୍ଡର ଅନ୍ତର୍ଭୁକ୍ତ ବାକ୍ୟଗୁଡ଼ିକ ମଧ୍ୟ ଅଜ୍ଞାତଜ୍ଞାପକ ବୋଲି ହିଁ ପ୍ରମାଣରୂପେ ଗୃହୀତ ହୁଏ, କେବଳ ଅପ୍ରବୃତ୍ତ-ପ୍ରବର୍ତ୍ତକ ବୋଲି ନୁହେଁ । ବ୍ରାହ୍ମଣଶବ୍ଦର ବ୍ୟୁତ୍ପତ୍ତି ସମ୍ବନ୍ଧରେ ପାଶ୍ଚାତ୍ୟ ପଣ୍ଡିତଗଣଙ୍କର ମତଭେଦ ଅଛି । ଗୋଟିଏ ମତରେ କୁହାଯାଏ—ଯେଉଁ ତ୍ରିବେଦଜ୍ଞ ଋତ୍ୱିକ୍ ଯଜ୍ଞ ପରିଚାଳନା କରୁଥିଲେ, ତାହାଙ୍କୁ ବ୍ରହ୍ମା କୁହାଯାଉଥିଲା । ସେ ଯେଉଁ ବେଦଭାଗର ସାହାଯ୍ୟରେ ସ୍ୱୀୟ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ, ତାହାର ହିଁ ନାମ ବ୍ରାହ୍ମଣ । ଏହି ଅର୍ଥ ଗୃହୀତ ହେଲେ ଉପନିଷଦ୍‌ସମୂହର ପ୍ରାମାଣ୍ୟ ନଷ୍ଟ ହୁଏ; କାରଣ ସେଗୁଡ଼ିକ କର୍ମରେ ପ୍ରଯୁକ୍ତ ହୁଅନ୍ତି ନାହିଁ । ଅନ୍ୟ ମତରେ ବ୍ରହ୍ମନ୍ ଅର୍ଥାତ୍ ସ୍ତୋତ୍ରାଂଶ ସମ୍ବନ୍ଧରେ ଯାହା ଉକ୍ତ ହୋଇଅଛି, ତାହା ହିଁ ବ୍ରାହ୍ମଣ । (Cf. History of Indian Philosophy—Das Gupta)

3. "ଶାସ୍ତ୍ରବିହିତ କୌଣସି ବିଷୟକୁ ଧ୍ୟାନର ଅବଲମ୍ବନରୂପରେ ଗ୍ରହଣ କରି ସେଥିରେ ଏପରି ଏକ ସମାନାକାର ଚିତ୍ତବୃତ୍ତି ପ୍ରବାହିତ କରିବା ଯେ, ତାହା ମଧ୍ୟରେ ଭିନ୍ନ ପ୍ରକାରର ବୃତ୍ତି ଉଦିତ ହୋଇ ବାଧା ଉପୁଜାଇ ନ ପାରେ ।" (ଛାନ୍ଦୋଗ୍ୟ, ଭାଷ୍ୟଭୂମିକା) । ଶବ୍ଦାଦିବିଷୟରୁ ଶ୍ରୋତ୍ରାଦି ଇନ୍ଦ୍ରିୟକୁ ପୃଥକ୍ କରି ମନରେ ଉପସଂହାରପୂର୍ବକ ଏବଂ ଉକ୍ତ ମନକୁ ମଧ୍ୟ ପ୍ରତ୍ୟକ୍-ଚେତୟିତାରେ ଉପସଂହାର କରି ଏକାଗ୍ରରୂପେ ଯେଉଁ ଚିନ୍ତା କରାଯାଏ, ତାହା ହିଁ ଧ୍ୟାନ । ତୈଳଧାରା ସଦୃଶ ପ୍ରବାହିତ ଅବିଚ୍ଛିନ୍ନ ପ୍ରତ୍ୟୟଧାରା ହିଁ ଧ୍ୟାନ ।" (ଗୀତା ଭାଷ୍ୟ, ୧୩/୨୪)

ଓ ବ୍ରହ୍ମବିଦ୍ୟା ନିବଦ୍ଧ ହୋଇଅଛି । ଏହି ଅଂଶ ଗଦ୍ୟରେ ରଚିତ । ବ୍ରାହ୍ମଣର ଅଂଶବିଶେଷକୁ ହିଁ ଆରଣ୍ୟକ କୁହାଯାଏ, କାରଣ ତାହା ଅରଣ୍ୟରେ ପଠିତ ହୋଇଥାଏ ଏବଂ ଅରଣ୍ୟବାସୀମାନଙ୍କର ହିଁ ଅବଲମ୍ବନୀୟ (ବୃ. ଭାଷ୍ୟ-ଭୂମିକା ଦ୍ରଷ୍ଟବ୍ୟ) । ଆରଣ୍ୟକସମୂହରେ ମଧ୍ୟ ପ୍ରଚୁର ଉପାସନାଦି ବିହିତ ହୋଇଅଛି । ଅରଣ୍ୟବାସୀମାନଙ୍କ ପକ୍ଷରେ ଯାଗଯଜ୍ଞ ସମ୍ପାଦନ ଆୟାସସାଧ୍ୟ ହେବାରୁ ଏବଂ ଉଚ୍ଚତର ତତ୍ତ୍ୱପାଇଁ ସେମାନଙ୍କ ହୃଦୟ ବ୍ୟାକୁଳ ହେବାରୁ ସେମାନେ ଧ୍ୟାନ ବା ଉପାସନା କରୁଥିଲେ । ସଂହିତା ଓ ବ୍ରାହ୍ମଣ ଏହି ଦ୍ୱିବିଧ ଅଂଶରେ ହିଁ ଉପନିଷଦ୍‌ସମୂହ ବିନ୍ୟସ୍ତ ରହିଛି ଏବଂ ତଦନୁଯାୟୀ ସେଗୁଡ଼ିକ ସଂହିତୋପନିଷଦ୍ ବା ବ୍ରାହ୍ମଣୋପନିଷଦ୍ ନାମରେ ଉଲ୍ଲିଖିତ ହୋଇଥାଏ । ଯଥା—ଈଶୋପନିଷଦ୍‌ଟି ସଂହିତୋପନିଷଦ୍ ଏବଂ ଐତରେୟ ଉପନିଷଦ୍ ହେଉଛି ବ୍ରାହ୍ମଣୋପନିଷଦ୍ । ତେବେ ସାଧାରଣତଃ ଏହି ବିଭାଗଗୁଡ଼ିକ ମଧ୍ୟରେ ଗୋଟିଏ ପାରମ୍ପର୍ଯ୍ୟ ଅଛି । ଯଥା—ପ୍ରଥମେ ତୈତ୍ତିରୀୟ ସଂହିତା, ତା'ପରେ ତୈତ୍ତିରୀୟ ବ୍ରାହ୍ମଣ, ତା'ପରେ ତୈତ୍ତିରୀୟ ଆରଣ୍ୟକ ଏବଂ ସର୍ବଶେଷରେ ତୈତ୍ତିରୀୟ ଉପନିଷଦ୍ ।[1]

ମନ୍ତ୍ରସମୂହକୁ ତିନିଶ୍ରେଣୀରେ ବିଭକ୍ତ କରାଯାଇପାରେ—ଋକ୍, ଯଜୁଃ ଓ ସାମ ।[2] ବେଦବ୍ୟାସ ଯଜ୍ଞରେ ବ୍ୟବହାର୍ଯ୍ୟ ଗୋଟିଏ ଗୋଟିଏ ଶ୍ରେଣୀର ମନ୍ତ୍ରସମୂହକୁ ଗୋଟିଏ ଗୋଟିଏ ସ୍ଥାନରେ ସଂହତ କରି ସେମାନଙ୍କୁ ତିନୋଟି ବେଦଗ୍ରନ୍ଥ ଆକାରରେ ବିଭକ୍ତ କଲେ ଏବଂ ଅବଶିଷ୍ଟ ମନ୍ତ୍ରସମୂହ ଅଥର୍ବବେଦରେ ସନ୍ନିବିଷ୍ଟ ହେଲା । ବସ୍ତୁତଃ ବେଦବ୍ୟାସ ବେଦ ରଚନା କରି ନାହାନ୍ତି, ସେ ବେଦର ବିଭାଗମାତ୍ର କରିଛନ୍ତି । ମନ୍ତ୍ରଭାଗର ପ୍ରାଧାନ୍ୟବଶତଃ ମନ୍ତ୍ରର ନାମ ଅନୁଯାୟୀ ବିଭିନ୍ନ ଭାଗର ନାମକରଣ ହୋଇଥିଲେ ମଧ୍ୟ ପ୍ରତ୍ୟେକ ବେଦରେ ହିଁ ତାହାର ବିଶିଷ୍ଟ ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ୍‌ସମୂହ ଅଛି । ସୁତରାଂ ଋଗ୍‌ବେଦାଦି

---

1. ଏହିପରି ବେଦର ଅନ୍ତ ବା ଶେଷରେ ନିବଦ୍ଧ ହୋଇଥିବାରୁ ଉପନିଷଦ୍-ପ୍ରତିପାଦିତ ବିଦ୍ୟା ବେଦାନ୍ତ ନାମରେ ପରିଚିତ । କାହା କାହା ମତରେ ବେଦର ସାରଭାଗ ବୋଲି ହିଁ ଏହା ବେଦାନ୍ତ ନାମରେ ଅଭିହିତ । **"ତିଲେଷୁ ତୈଲବଦ୍ ବେଦେ ବେଦାନ୍ତାଃ ସୁପ୍ରତିଷ୍ଠିତାଃ ।"**—ମୁକ୍ତିକ ଉପ. ।

2. ନିୟମିତ ପାଦ-ଅକ୍ଷର ଓ ଛନ୍ଦୋବଦ୍ଧ ମନ୍ତ୍ରକୁ ଋକ୍ କୁହାଯାଏ । ଯଜ୍ଞସମୟରେ ହୋତା ଓ ତାଙ୍କର ସହକାରୀମାନେ ଋକ୍-ମନ୍ତ୍ରରେ ଦେବତାଙ୍କ ସ୍ତବ କରି ସେମାନଙ୍କୁ ଯଜ୍ଞକୁ ଆହ୍ୱାନ କରନ୍ତି । ଗୀତିରୂପକ ମନ୍ତ୍ର ସାମ । ସାମବେଦରେ ଯେଉଁ ସବୁ ମନ୍ତ୍ର ଅଛି, ପ୍ରାୟ ସେ ସମସ୍ତ ହିଁ ଋକ୍-ମନ୍ତ୍ର ଉପରେ ନିର୍ଭର କରେ । (ଛା., ୧/୬/୧) । ଉଦ୍‌ଗାତା ଓ ତାଙ୍କର ସହକାରୀଗଣ ସାମଗାନ କରନ୍ତି । ଗଦ୍ୟମୟ ମନ୍ତ୍ର ଯଜୁଃ । ଅଧ୍ୱର୍ଯ୍ୟୁ ଓ ତାଙ୍କର ସହକାରୀଗଣ ଯଜୁମନ୍ତ୍ରରେ ଆହୁତି ପ୍ରଦାନ କରନ୍ତି ।

ଶବ୍ଦରେ କେବଳ ଋକ୍-ଆଦି ସମଷ୍ଟିକୁ ନ ବୁଝି ଋକ୍-ଆଦିମନ୍ତ୍ରପ୍ରଧାନ ଓ ବ୍ରାହ୍ମଣାଦିସଂଯୁକ୍ତ ବେଦଭାଗକୁ ହିଁ ବୁଝିବାକୁ ହେବ । ଅଥର୍ବବେଦରେ ଗୋଟିଏ ପଟେ ଯେପରି ଉଚ୍ଚ ଆଧ୍ୟାତ୍ମିକ ତତ୍ତ୍ୱ ରହିଛି, ଅନ୍ୟଦିଗରେ ସେହିପରି ରାଜୋଚିତ ବିଭିନ୍ନ କର୍ମ ଏବଂ ମାରଣ, ଉଚ୍ଚାଟନ ପ୍ରଭୃତି ମଧ୍ୟ ରହିଛି ।[1] ଏହି ଚତୁର୍ବେଦରେ ହିଁ ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ୍ ଅଛି ।

ବେଦବ୍ୟାସ ବେଦକୁ ଚାରିଭାଗରେ ବିଭକ୍ତ କରି ନିଜ ଶିଷ୍ୟ ପୈଲଙ୍କୁ ଋଗ୍ବେଦ, ବୈଶମ୍ପାୟନଙ୍କୁ ୟଜୁର୍ବେଦ, ଜୈମିନିଙ୍କୁ ସାମବେଦ ଏବଂ ସୁମନ୍ତୁଙ୍କୁ ଅଥର୍ବବେଦ ଶିକ୍ଷା ଦେଲେ ।[2] ବୈଶମ୍ପାୟନଙ୍କ ଶିଷ୍ୟ ଯାଜ୍ଞବଲ୍କ୍ୟ ନିଜର ଅତ୍ୟଧିକ ଆତ୍ମବିଶ୍ୱାସ ଫଳରେ ଗୁରୁଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ ଲବ୍ଧ ବେଦବିଦ୍ୟା ଉଦ୍‌ଗୀରଣ କଲେ ଏବଂ ଉପାସନା ଦ୍ୱାରା ସୂର୍ଯ୍ୟଙ୍କୁ ତୁଷ୍ଟ କରି ତାଙ୍କ ନିକଟରୁ ପୁନରାୟ ବେଦ ଗ୍ରହଣ କଲେ । ଏହା ହିଁ ଶୁକ୍ଳ ୟଜୁର୍ବେଦ । ଯାଜ୍ଞବଲ୍କ୍ୟଙ୍କ ଦ୍ୱାରା ପରିତ୍ୟକ୍ତ ବେଦ କୃଷ୍ଣୟଜୁର୍ବେଦ ନାମରେ ପରିଚିତ । ବୈଶମ୍ପାୟନଙ୍କର ଅନ୍ୟ ଶିଷ୍ୟଗଣ ତିତ୍ତିରି-ପକ୍ଷୀରୂପରେ ଉକ୍ତ ପରିତ୍ୟକ୍ତ ବେଦକୁ ପୁନର୍ଗ୍ରହଣ କରିଥିଲେ ବୋଲି ଏହା ତୈତ୍ତିରୀୟ ନାମରେ ମଧ୍ୟ ପ୍ରସିଦ୍ଧ ।

ଶାସ୍ତ୍ରରେ ବେଦକୁ ତ୍ରୟୀ ନାମରେ ମଧ୍ୟ ଉଲ୍ଲେଖ କରାହୁଏ । ତ୍ରୟୀ ଅର୍ଥ ତିନିର ସମଷ୍ଟି । ଅନେକଙ୍କର ଭ୍ରାନ୍ତ ଧାରଣା ହେଉଛି, ତ୍ରୟୀ ଶବ୍ଦ ଋକ୍, ୟଜୁଃ ଓ ସାମ ଏହି ବେଦତ୍ରୟକୁ ବୁଝାଏ; ସୁତରାଂ ଅଥର୍ବବେଦ ବେଦ ବହିର୍ଭୂତ । ବସ୍ତୁତଃ ଅଥର୍ବବେଦର ଯଜ୍ଞରେ ବ୍ୟବହାର ନାହିଁ ବୋଲି ତାହା ତ୍ରୟୀ ମଧ୍ୟରେ ପରିଗଣିତ ହୁଏ ନାହିଁ । ଅତଏବ ଏଥିରେ ଅଥର୍ବବେଦର ଅବେଦତ୍ୱ ପ୍ରମାଣିତ ହୁଏ ନାହିଁ ।[3]

ଅଥବା ଏହା ମଧ୍ୟ ହୋଇପାରେ ଯେ, ତ୍ରୟୀଶବ୍ଦରେ ବେଦବିଭାଗ ଲକ୍ଷିତ ନ ହୋଇ ମନ୍ତ୍ରବିଭାଗ ହିଁ ଲକ୍ଷିତ ହୋଇଅଛି ଏବଂ ମନ୍ତ୍ରସମୂହ ତିନି ଶ୍ରେଣୀରେ (ଋକ୍, ୟଜୁଃ, ସାମ—ପଦ୍ୟ, ଗଦ୍ୟ ଓ ଗୀତି) ବିଭକ୍ତ ବୋଲି ବେଦସମୂହ ତ୍ରୟୀ

---

1. ତତଃ ସ ଋଚମୁଦ୍ଧୃତ୍ୟ ଋଗ୍ବେଦଂ କୃତବାନ୍ ମୁନିଃ ।
   ୟଜୂଂଷି ଚ ୟଜୁର୍ବେଦଂ ସାମବେଦଞ୍ଚ ସାମଭିଃ ॥
   ରାଜ୍ଞସ୍ତ୍ୱଥର୍ବବେଦେନ ସର୍ବକର୍ମାଣି ସ ପ୍ରଭୁଃ ।
   କାରୟାମାସ ମୈତ୍ରେୟ ବ୍ରହ୍ମତ୍ୱଞ୍ଚ ୟଥାସ୍ଥିତି ॥ ବିଷ୍ଣୁ ପୁ., ୩/୪/୧୩-୧୪
2. ବ୍ରହ୍ମଣା ଚୋଦିତୋ ବ୍ୟାସୋ ବେଦାନ୍ ବ୍ୟସ୍ତୁଂ ପ୍ରଚକ୍ରମେ ।
   ଅଥ ଶିଷ୍ୟାନ୍ ସ ଜଗ୍ରାହ ଚତୁରୋ ବେଦପାରଗାନ୍ ॥ ବିଷ୍ଣୁ ପୁ., ୩/୪/୬
3. ବଙ୍ଗଳା ପୁସ୍ତକ 'ଉପନିଷଦେ ବ୍ରହ୍ମତତ୍ତ୍ୱ'—ହୀରେନ୍ଦ୍ରନାଥ ଦତ୍ତ, ପୃ. ୨

ନାମରେ ଅଭିହିତ ହୋଇଅଛି । ବସ୍ତୁତଃ ଅଥର୍ବବେଦ ଯେ ବେଦର ହିଁ ଅନ୍ତର୍ଭୁକ୍ତ ତାହାର ପ୍ରମାଣ ବେଦ ମଧ୍ୟରେ ହିଁ ରହିଛି ।[1]

ସମଗ୍ର ବେଦକୁ କର୍ମକାଣ୍ଡ ଓ ଜ୍ଞାନକାଣ୍ଡ ଏହି ଦୁଇ ଭାଗରେ ମଧ୍ୟ ବିଭକ୍ତ କରାହୁଏ । ଆରଣ୍ୟକ ଓ ଉପନିଷଦ୍‌ଅତିରିକ୍ତ ସଂହିତା ଓ ବ୍ରାହ୍ମଣସମୂହ ମୁଖ୍ୟତଃ କର୍ମକାଣ୍ଡର ଅନ୍ତର୍ଭୁକ୍ତ, କାରଣ ସେସମସ୍ତ ପ୍ରଧାନତଃ ଯଜ୍ଞାଦି କାର୍ଯ୍ୟରେ ହିଁ ପ୍ରଯୁକ୍ତ ହୁଏ । ଆରଣ୍ୟକ ଓ ଉପନିଷଦ୍‌ସମୂହର ବିଶେଷ ଉଦ୍ଦେଶ୍ୟ ଉପାସନା ବା ବ୍ରହ୍ମବିଦ୍ୟାର ପ୍ରତିପାଦନ । କର୍ମକାଣ୍ଡ, ଜୀବକୁ ଅଭ୍ୟୁଦୟ ଅର୍ଥାତ୍ ସ୍ୱର୍ଗାଦି ଅଲୌକିକ ଫଳ ଓ ଧନରତ୍ନାଦି ଲୌକିକ ଫଳର ଅଧିକାରୀ କରେ; କିନ୍ତୁ ଜ୍ଞାନକାଣ୍ଡ ତାହାକୁ ଚିତ୍ତଶୁଦ୍ଧି ଦ୍ୱାରା ମୁକ୍ତିର ଭାଗୀ କରେ । କର୍ମସମୂହ କର୍ମାଙ୍ଗଭୂତ ବସ୍ତୁ ଓ କ୍ରିୟାଦ୍ୱାରା ସାଧ୍ୟ; କିନ୍ତୁ ଜ୍ଞାନ ପ୍ରମାଣ ଓ ଅନୁଭୂତିସାପେକ୍ଷ ।

ବେଦର ଶାଖା-ପ୍ରଶାଖା

ଚାରିଭାଗରେ ବିଭକ୍ତ ବେଦ ଶିଷ୍ୟପ୍ରଶିଷ୍ୟକ୍ରମରେ ଆହୁରି ବହୁ ଶାଖାରେ ବିଭକ୍ତ ହୋଇଗଲା । ସେହି ସକଳ ଶାଖା-ପ୍ରଶାଖାର ଅଧିକାଂଶ ହିଁ ଅଧୁନା ବିଲୁପ୍ତ ହୋଇଯାଇଛି । ଋଗ୍‌ବେଦର ଯେଉଁ ଅଂଶ ଏବେ ସାଧାରଣରେ ପ୍ରଚଳିତ ଅଛି ତାହା ଶୈଶିରୀୟ ଶାଖାର ଅନ୍ତର୍ଗତ । ବାସ୍କଳ ଶାଖାର ସଂହିତା ମଧ୍ୟ ଆଂଶିକ ଭାବରେ ମିଳେ ।

ଶୁକ୍ଳଯଜୁର୍ବେଦର ପଞ୍ଚଦଶ ଶାଖା ମଧ୍ୟରେ ବର୍ତ୍ତମାନ କାଣ୍ୱ ଓ ମାଧ୍ୟନ୍ଦିନ ଶାଖାଦ୍ୱୟ ପ୍ରଚଳିତ ଅଛି । ଡ. ରାଜେନ୍ଦ୍ରଲାଲ ମିତ୍ର ଉଲ୍ଲେଖ କରିଛନ୍ତି ଯେ, ସାମବେଦର କୌଥୁମଶାଖା ଗୁଜରାଟରେ, ଜୈମିନୀୟ ଶାଖା କର୍ଣ୍ଣାଟକରେ ଏବଂ ରାଣାୟଣୀୟ ଶାଖା ମହାରାଷ୍ଟ୍ରରେ ପ୍ରଚଳିତ ଅଛି । ଅଥର୍ବବେଦର ସୌନକ ଶାଖା ସାଧାରଣରେ ପ୍ରଚଳିତ ଅଛି । ୱେବର୍ ସାହେବ କୁହନ୍ତି ଯେ, ଏହାର ପୈପ୍ପଲାଦ ଶାଖା କାଶ୍ମୀରରେ ରକ୍ଷିତ ଅଛି ।[2] କିନ୍ତୁ ପରବର୍ତ୍ତୀ ସମୟର ଗବେଷଣାରେ

---

1. ଛା., ୭/୧/୨—**ଋଗ୍‌ବେଦଂ ଭଗବୋଽଧ୍ୟେମି ୟଜୁର୍ବେଦଂ ସାମବେଦମାଥର୍ବଣଂ ଚତୁର୍ଥମ୍** । ଛା., ୩/୪/୧-୨; ବୃ., ୨/୪/୧୦, ୪/୧/୨, ୪/୫/୧୧; ମୁ., ୧/୧/୫ ଇତ୍ୟାଦି ଦ୍ରଷ୍ଟବ୍ୟ ।

2. ଋଗ୍‌ବେଦର ମୋଟ ୨୧ଟି ଶାଖା, ୟଜୁର୍ବେଦର ୧୦୦ଟି ଶାଖା, ସାମବେଦର ସହସ୍ର ଶାଖା, ଏବଂ ଅଥର୍ବବେଦର ୯ଟି ଶାଖା ଅଛି (କୂର୍ମପୁରାଣ, ୪୯ ଅ.) । ଶୁକ୍ଳଯଜୁର୍ବେଦର ୧୫ ବା ମତାନ୍ତରରେ ୧୭ଟି ଶାଖା । ଏହି ସବୁ ବିଷୟରେ ଅନେକ ମତଭେଦ ଅଛି । (ବିଷ୍ଣୁପୁରାଣ, ୩/୪/୬ ଦ୍ରଷ୍ଟବ୍ୟ) ।

ଓଡ଼ିଆ ଲିପିରେ ଲିଖିତ ଓଡ଼ିଶାରୁ ପ୍ରାପ୍ତ ଏକ ମୌଳିକ ପୋଥିର ଆଧାରରେ ଏହି ପୈପ୍ପଲାଦ-ସଂହିତା ପ୍ରଫେସର୍ ଦିପକ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା 'ଦି ଏସିଆଟିକ୍ ସୋସାଇଟି'ରୁ ପ୍ରକାଶିତ ହୋଇଛି ।

ବ୍ରାହ୍ମଣ ଓ ଆରଣ୍ୟକ

ବେଦର ପ୍ରତି ଶାଖାରେ ହିଁ ବହୁ ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ୍ ଥିଲା । ସେଥିରୁ ଅଧିକାଂଶ ହିଁ ଅଧୁନା ବିଲୁପ୍ତ ହୋଇଅଛି । ଐତରେୟ ଓ କୌଷୀତକି ବ୍ରାହ୍ମଣଦ୍ୱୟ ଋଗ୍ବେଦର ଅନ୍ତର୍ଗତ । ଐତରେୟ ଆରଣ୍ୟକ ଐତରେୟ ବ୍ରାହ୍ମଣର ଏବଂ କୌଷୀତକି ଆରଣ୍ୟକ କୌଷୀତକି ବ୍ରାହ୍ମଣର ଅନ୍ତର୍ଭୁକ୍ତ । ତାଣ୍ଡ୍ୟ, ପଞ୍ଚବିଂଶ ବା ପ୍ରୌଢ଼, ତଲବକାର ବା ଜୈମିନୀୟ ଏବଂ ଛାନ୍ଦୋଗ୍ୟ ବ୍ରାହ୍ମଣ ସାମବେଦର ଅନ୍ତର୍ଗତ । ତଲବକାର ବ୍ରାହ୍ମଣର ଚତୁର୍ଥ କଣ୍ଡିକାର ନାମ ଉପନିଷଦ୍ ବ୍ରାହ୍ମଣ; କେନୋପନିଷଦ୍‌ଟି ଏହାର ହିଁ ଅନ୍ତର୍ଗତ । ଆର୍ଷେୟ ବ୍ରାହ୍ମଣ ମଧ୍ୟ ତଲବକାର ବ୍ରାହ୍ମଣର ହିଁ ଅଂଶବିଶେଷ । ଷଡ଼ବିଂଶ ବ୍ରାହ୍ମଣ ପଞ୍ଚବିଂଶର ପରିଶିଷ୍ଟସ୍ଥାନୀୟ । ଷଡ଼ବିଂଶର ଶେଷ ଅଧ୍ୟାୟର ନାମ ଅଦ୍ଭୁତ ବ୍ରାହ୍ମଣ । ସାମବିଧାନ ବ୍ରାହ୍ମଣ, ଦେବତାଧ୍ୟାୟ ବ୍ରାହ୍ମଣ, ବଂଶ ବ୍ରାହ୍ମଣ ଓ ସଂହିତୋପନିଷଦ୍ ବ୍ରାହ୍ମଣ ନାମକ ଆହୁରି କେତେକ ସାମବେଦୀୟ ବ୍ରାହ୍ମଣ ମଧ୍ୟ ଉପଲବ୍ଧ ହୁଏ । ତୈତ୍ତିରୀୟ ବ୍ରାହ୍ମଣ ଓ ତୈତ୍ତିରୀୟ ଆରଣ୍ୟକ କୃଷ୍ଣଯଜୁର୍ବେଦର ଅନ୍ତର୍ଗତ । ଶୁକ୍ଲଯଜୁର୍ବେଦୀୟ ଶତପଥ ବ୍ରାହ୍ମଣଟି ଐତିହାସିକ ଓ ବୈଦିକ ସାହିତ୍ୟିକଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ । ଏହା ମାଧ୍ୟନ୍ଦିନ ଓ କାଣ୍ୱ ଉଭୟ ଶାଖାକର୍ତ୍ତୃକ ହିଁ ସଙ୍କଳିତ ହୋଇଛି । ଗୋପଥ ବ୍ରାହ୍ମଣ ଅଥର୍ବବେଦର ଅନ୍ତର୍ଭୁକ୍ତ ।

ଉପନିଷଦ୍

ଉପନିଷଦ୍ ଶବ୍ଦର ଅର୍ଥ ବ୍ରହ୍ମବିଦ୍ୟା ।[1] 'ଉପ' ଓ 'ନି' ପୂର୍ବକ 'ସଦ୍' ଧାତୁରେ କ୍ୱିପ୍ ପ୍ରତ୍ୟୟ ଯୋଗ କରି ଏହି ଶବ୍ଦଟି ଗଠିତ ହୋଇଅଛି । 'ଉପ' ଶବ୍ଦର ଅର୍ଥ ସତ୍ୱର ବା ସାମୀପ୍ୟ ଏବଂ କୌଣସି ବାଧକ ନ ରହିଲେ ଉକ୍ତ ସାମୀପ୍ୟ ଶବ୍ଦ ବସ୍ତୁମାତ୍ରର ହିଁ ସାମୀପ୍ୟକୁ ବୁଝାଏ । 'ନି' ଶବ୍ଦ ନିଶ୍ଚୟାର୍ଥକ ଓ ନିଃଶେଷାର୍ଥକ ଏବଂ 'ସଦ୍' ଧାତୁର ଅର୍ଥ ବିଶରଣ ବା ଶିଥିଳୀକରଣ, ଗତି ବା ପ୍ରାପ୍ତି ତଥା ଅବସାଦନ

1. ଦ୍ରବିଡ଼ାଚାର୍ଯ୍ୟ ପ୍ରଥମେ ଉପନିଷଦ୍ ଶବ୍ଦର ଏହି ଅର୍ଥ ଗ୍ରହଣ କରିଥିଲେ ଏବଂ ଆଚାର୍ଯ୍ୟ ଶଙ୍କର ତାଙ୍କର ଅନୁସରଣ କଲେ—Introduction to Brihadaranyaka Upanishad by Kuppuswami Sastri.

ବା ବିନାଶ । ସୁତରାଂ ଉପନିଷଦ୍ ଶବ୍ଦର ଧାତୁଗତ ଅର୍ଥ—ଐକାମ୍ର୍ୟନିଶ୍ଚୟ ଦ୍ୱାରା ଯେଉଁ ବିଦ୍ୟା ସତ୍ୱର ସହେତୁକ ସଂସାରକୁ ସମୂଳ ବିନାଶ କରେ[1]; ଅଥବା ଯାହା ସତ୍ୱର ନିଶ୍ଚିତରୂପେ ଆତ୍ମସମୀପକୁ ନେଇଯାଏ; କିମ୍ବା ଯେଉଁ ବିଦ୍ୟାର ଆଶ୍ରୟ ଗ୍ରହଣପୂର୍ବକ ତନ୍ନିଷ୍ଠ ହୋଇ ନିଃସଂଶୟରେ ତାହା ଅନୁଶୀଳନ କଲେ ଉକ୍ତ ବିଦ୍ୟା-ଅବିଦ୍ୟାଦି ସଂସାର ବନ୍ଧନକୁ ଶିଥିଳ ବା ନିଃଶେଷରେ ବିନାଶ କରେ—ସେହି ବିଦ୍ୟା ।[2] ଏହିପରି ବ୍ରହ୍ମ ବିଦ୍ୟା ହିଁ ଉପନିଷଦ୍ ଶବ୍ଦର ଅର୍ଥ ହେଲେ ମଧ୍ୟ ଗ୍ରନ୍ଥ ସାହାଯ୍ୟରେ ସେହି ବିଦ୍ୟାଲାଭ ହୋଇପାରେ ବୋଲି ଗ୍ରନ୍ଥକୁ ମଧ୍ୟ ଗୌଣଭାବରେ ଉପନିଷଦ୍ କୁହାଯାଏ । ଉପନିଷଦ୍ ଶବ୍ଦର ଅନ୍ୟ ଅର୍ଥ ବିଦ୍ୟାବିଶେଷର ସାରାଂଶ ବା ରହସ୍ୟ-ବିଦ୍ୟା ।[3] ହୃଦୟଗୁହାରେ ନିଗୂଢ଼ରୂପରେ ଅବସ୍ଥିତ ବ୍ରହ୍ମ ବିଷୟରେ ଏହି ବିଦ୍ୟା ଉପଦିଷ୍ଟ ହୁଏ ଏବଂ ଗୁରୁଙ୍କ ଉପଦେଶ ବ୍ୟତୀତ ଏହା ଅପ୍ରାପ୍ୟ । ଏହାର ଅନ୍ୟ ଅର୍ଥ ହେଉଛି ବିଶେଷ ବିନୀତଭାବରେ ଗୁରୁସମୀପରେ ଶିଷ୍ୟର ଅବସ୍ଥାନ ।[4] ଉପନିଷଦ୍‌ର ଅନ୍ୟ ନାମ ବେଦାନ୍ତ ।

ଉପନିଷଦ୍‌ର ସଂଖ୍ୟା ଓ ଶାଖା-ପରିଚୟ

ଉପନିଷଦ୍‌ର ସଂଖ୍ୟା ନିର୍ଦ୍ଦେଶ କରିବା ଦୁରୂହ ବିଷୟ; କାରଣ ଦେଖାଯାଇଛି ଯେ, ବିଭିନ୍ନ ସମ୍ପ୍ରଦାୟ ଶକ୍ତିଶାଳୀ ହୋଇ ସ୍ୱମତକୁ ଶ୍ରୁତିସମ୍ମତ ବୋଲି ପ୍ରମାଣ କରିବା ଉଦ୍ଦେଶ୍ୟରେ ଏବଂ ତାହାକୁ ଦୃଢ଼ତର ଭିତ୍ତିରେ ପ୍ରତିଷ୍ଠିତ କରିବା ଇଚ୍ଛାରେ ବିଭିନ୍ନ କାଳରେ ଗ୍ରନ୍ଥ ରଚନା କରି ତାହା ଉପନିଷଦ୍ ନାମରେ ସମାଜରେ ପ୍ରଚଳିତ କରିଛନ୍ତି । ଏହିପରି ଭାବରେ ସମ୍ରାଟ ଆକବରଙ୍କ କାଳରେ ଅଲ୍ଲୋପନିଷଦ୍ ବିରଚିତ ହୋଇଥିଲା । ଯାହାହେଉ ୟଜୁର୍ବେଦାନ୍ତର୍ଗତ ମୁକ୍ତିକୋପନିଷଦ୍‌ରେ ଈଶାଦି ୧୦୮ଟି ଉପନିଷଦ୍‌ର ନାମ ଉଲ୍ଲେଖ ଅଛି । ସେଥିରୁ ଋଗ୍‌ବେଦୀୟ କୌଷୀତକି ଉପନିଷଦ୍ କୌଷୀତକି ଶାଖା ଅନ୍ତର୍ଭୁକ୍ତ ଏବଂ ଐତରେୟୋପନିଷଦ୍ ଐତରେୟ ଆରଣ୍ୟକର ଶେଷ ବା ଷଷ୍ଠ ଅଧ୍ୟାୟ । କୃଷ୍ଣ ୟଜୁର୍ବେଦୀୟ

---

1. ବୃ. ଭାଷ୍ୟଭୂମିକା ଓ ଆନନ୍ଦଗିରି ଟୀକା ।

2. କ. ଭାଷ୍ୟଭୂମିକା ଓ ମୁ. ଭାଷ୍ୟଭୂମିକା ।

3. ଏହା ହିଁ ପ୍ରାଚୀନ ଅର୍ଥ । ବ୍ରହ୍ମବିଦ୍ୟାର ପ୍ରକରଣ ବ୍ୟତୀତ ଅନ୍ୟ ସ୍ଥଳରେ ମଧ୍ୟ ଏହି ଅର୍ଥରେ ଉପନିଷଦ୍ ଶବ୍ଦର ପ୍ରୟୋଗ ଦେଖାଯାଏ—ବୃ., ୨/୧/୨୦; ଶ୍ୱେ., ୫/୬ ଇତ୍ୟାଦି ।

4. "Upanishad" means "a confidential secret sitting";—Paul Deussen. "Upanishad means a forest gathering—disciples sitting near their teachers engaged in religious discussion;"—Hooritz.

କଠୋପନିଷଦ୍ କାଠକ ଶାଖାର ଅନ୍ତର୍ଭୁକ୍ତ; ମହାନାରାୟଣ ଓ ତୈତ୍ତିରୀୟ ଉପନିଷଦ୍ ଦ୍ୱୟ ତୈତ୍ତିରୀୟ ଆରଣ୍ୟକର ଶେଷ ଭାଗ; ମୈତ୍ରାୟଣୀୟୋପନିଷଦ୍ ମୈତ୍ରାୟଣୀ-ସଂହିତାର ଅଂଶବିଶେଷ; ଶ୍ୱେତାଶ୍ୱତରୋପନିଷଦ୍ ଶ୍ୱେତାଶ୍ୱତର ଶାଖାର ହିଁ ଅନ୍ତର୍ଗତ—ଆଚାର୍ଯ୍ୟ ଶଙ୍କର ତାହାକୁ ମନ୍ତ୍ରୋପନିଷଦ୍ ବୋଲି ଉଲ୍ଲେଖ କରିଛନ୍ତି । ଶୁକ୍ଲୟଜୁର୍ବେଦୀୟ ଈଶୋପନିଷଦ୍ ବାଜସନେୟ ସଂହିତାର ଶେଷ ଅଧ୍ୟାୟ ଏବଂ ବୃହଦାରଣ୍ୟକ ଉପନିଷଦ୍ ଶତପଥ ବ୍ରାହ୍ମଣର ଶେଷ ଛଅ ଅଧ୍ୟାୟ । ସାମବେଦୀୟ ଛାନ୍ଦୋଗ୍ୟୋପନିଷଦ୍ ତାଣ୍ଡ୍ୟଶାଖାର ଛାନ୍ଦୋଗ୍ୟ ବ୍ରାହ୍ମଣର ଅନ୍ତର୍ଗତ ଓ କେନୋପନିଷଦ୍ ତଲବକାରଶାଖାର ଅନ୍ତର୍ଭୁକ୍ତ । ଅଥର୍ବବେଦୀୟ ମୁଣ୍ଡକୋପନିଷଦ୍ ସମ୍ଭବତଃ ସୌନକଶାଖାର ଏବଂ ପ୍ରଶ୍ନୋପନିଷଦ୍ ପିପ୍ପଲାଦଶାଖାର ଅନ୍ତର୍ଗତ; କାରଣ ଉକ୍ତ ଋଷିଦ୍ୱୟ ହିଁ ଯଥାକ୍ରମେ ସେଗୁଡ଼ିକର ବକ୍ତା । ଅଥର୍ବବେଦୀୟ ଅଧିକାଂଶ ଉପନିଷଦ୍‌ର ଶାଖା ନିର୍ଣ୍ଣୟ କରିବା ଦୁଃସାଧ୍ୟ ଅଟେ ।

ପ୍ରସ୍ଥାନତ୍ରୟ

ଉପନିଷଦ୍‌ରେ ବର୍ଣ୍ଣିତ ବିଷୟ ସହଜରେ ବୋଧଗମ୍ୟ ହୁଏ ନାହିଁ ଏବଂ ସେଥିଯୋଗୁଁ ତାହାର ଅର୍ଥ ବୁଝିବାରେ ଲୋକେ ବିଭ୍ରାନ୍ତ ହୋଇପାରନ୍ତି ମନେକରି ସୁପ୍ରାଚୀନ କାଳରୁ ହିଁ ତାହାର ମର୍ମକଥା ଉଦ୍‌ଘାଟନ ନିମିତ୍ତ ଏବଂ ବହିରାକ୍ରମଣରୁ ତାହାକୁ ରକ୍ଷା କରିବା ପାଇଁ ବହୁ ଗ୍ରନ୍ଥ ରଚିତ ହୋଇଅଛି । ତା'ମଧ୍ୟରୁ ବେଦାନ୍ତସୂତ୍ର ଓ ଶ୍ରୀମଦ୍‌ଭଗବଦ୍‌ଗୀତା ହିଁ ସୁପ୍ରସିଦ୍ଧ ଓ ସର୍ବାପେକ୍ଷା ପ୍ରାମାଣିକ । ଉପନିଷଦ୍, ବ୍ରହ୍ମସୂତ୍ର ଓ ଗୀତା ଏହି ତିନୋଟିକୁ ସଂକ୍ଷେପରେ ପ୍ରସ୍ଥାନତ୍ରୟ କୁହାଯାଏ । ଏଗୁଡ଼ିକ ହିଁ ବେଦାନ୍ତ-ଦର୍ଶନର ମୂଳଦୁଆ । ବ୍ରହ୍ମସୂତ୍ରରେ ଗୋଟିଏ ପଟେ ଯେପରି ଉପନିଷଦ୍‌ର ପ୍ରତିପାଦ୍ୟ ବିଷୟ ସୂତ୍ରାକାରରେ ଗ୍ରଥିତ ହୋଇଅଛି, ଅନ୍ୟପଟେ ସେପରି ପରମତ ଖଣ୍ଡନପୂର୍ବକ ଯୁକ୍ତିସହକାରେ ସ୍ୱମତ ପ୍ରତିପାଦିତ ହୋଇଅଛି; ଏଥିପାଇଁ ଏହା ନ୍ୟାୟ ପ୍ରସ୍ଥାନ ନାମରେ ପରିଚିତ । ଗୀତାକୁ ସ୍ମୃତିପ୍ରସ୍ଥାନ ଏବଂ ଉପନିଷଦ୍‌ସମୂହକୁ ଶ୍ରୁତିପ୍ରସ୍ଥାନ କୁହାଯାଏ । ଋଷିଗଣ-ବିରଚିତ ଧର୍ମ ଓ ଦର୍ଶନଶାସ୍ତ୍ରଗୁଡ଼ିକ ମଧ୍ୟ ସ୍ମୃତିପ୍ରସ୍ଥାନର ଅନ୍ତର୍ଭୁକ୍ତ ହୋଇପାରେ । ଶ୍ରୁତି ଅପେକ୍ଷା ସ୍ମୃତିର ପ୍ରାମାଣ୍ୟ ଦୁର୍ବଳ ଏବଂ ବିରୋଧସ୍ଥଳରେ ଶ୍ରୁତି ହିଁ ଗ୍ରାହ୍ୟ ।[1]

1. ପାଶ୍ଚାତ୍ୟ ପଣ୍ଡିତଗଣ ବେଦକୁ ଅନାଦି ଅପୌରୁଷେୟ ବୋଲି ସ୍ୱୀକାର କରନ୍ତି ନାହିଁ । ସେମାନେ ଗ୍ରନ୍ଥରୂପୀ ବେଦକୁ ପୁରୁଷରଚିତ ବୋଲି ମନେ କରନ୍ତି ଏବଂ କହନ୍ତି ଯେ, ପ୍ରାୟ ଖ୍ରୀ. ପୂ. ୧୨୦୦ରେ ସଂହିତା ରଚିତ ହୋଇଥିଲା (ମ୍ୟାକ୍‌ସ୍‌ମୂଲର୍), ଖ୍ରୀ.ପୂ. ୮୦୦ରୁ ୫୦୦ପର୍ଯ୍ୟନ୍ତ

ଏକବାକ୍ୟତା

ଉପନିଷଦ୍ ଅବଲମ୍ବନରେ ପ୍ରଧାନତଃ ଚାରୋଟି ମତବାଦ ଉତ୍‌ଥିତ ହୋଇଅଛି—ଅଦ୍ୱୈତ, ବିଶିଷ୍ଟାଦ୍ୱୈତ, ଶୁଦ୍ଧାଦ୍ୱୈତ ଓ ଦ୍ୱୈତ । ପ୍ରାୟ ପ୍ରତ୍ୟେକ ମତରେ ହିଁ ଉପନିଷଦ୍‌ର ଭାଷ୍ୟ ଅଛି ଏବଂ ପ୍ରତ୍ୟେକ ମତରେ ହିଁ ବିଭିନ୍ନ ଉପନିଷଦ୍‌ର ଏକବାକ୍ୟତା ସ୍ୱୀକୃତ ହୋଇଅଛି । ବ୍ରହ୍ମସୂତ୍ର ଓ ଗୀତାଦି ଶାସ୍ତ୍ରରେ ମଧ୍ୟ ଏହା ସ୍ୱୀକୃତ ଓ ପ୍ରମାଣିତ ହୋଇଅଛି । କିନ୍ତୁ ଆଧୁନିକ ପଣ୍ଡିତଗଣ କହନ୍ତି ଯେ, ବିଭିନ୍ନ ଉପନିଷଦ୍‌ରେ, ଏପରିକି ଏକ ହିଁ ଉପନିଷଦ୍‌ରେ, ବିଭିନ୍ନ ମତବାଦ ରହିଛି । ବସ୍ତୁତଃ ସେମାନେ ସମନ୍ୱୟସୂତ୍ର ଆବିଷ୍କାର କରି ନ ପାରିବାରୁ ହିଁ ଏହି ଭ୍ରମରେ ପତିତ ହୋଇଛନ୍ତି । ଉପଯୁକ୍ତ ବିଚାରପଦ୍ଧତି ଅବଲମ୍ବନ କଲେ ଦେଖାଯିବ ଯେ, ଉପନିଷଦ୍ ମଧ୍ୟରେ ପ୍ରକରଣ-ଭେଦ ରହିଥିଲେ ମଧ୍ୟ ପ୍ରତିପାଦ୍ୟ ବସ୍ତୁ ବିଷୟରେ କୌଣସି ସନ୍ଦେହର ଅବକାଶ ନାହିଁ । ସମଗ୍ର ରୂପରେ ଗ୍ରହଣ ନ କରି ପ୍ରକରଣବିଶେଷ ପ୍ରତି ଅଧିକ ଦୃଷ୍ଟି ପ୍ରଦାନ କରିବାରୁ ପ୍ରାୟ ସକଳ ମତ ହିଁ ପକ୍ଷପାତିତ୍ୱ-ଦୋଷରେ ଦୁଷ୍ଟ ହୋଇଛି ଏବଂ ସମଗ୍ରଦୃଷ୍ଟି ଅବଲମ୍ବନପୂର୍ବକ ଉପନିଷଦ୍‌ରେ ବର୍ଣ୍ଣିତ ବିଷୟ ସମୂହର ଯଥାଯୋଗ୍ୟ ସ୍ଥାନ ନିର୍ଦ୍ଦେଶ କରିବାରୁ ଅଦ୍ୱୈତମତ ସର୍ବଶ୍ରେଷ୍ଠ ସ୍ଥାନ ଲାଭ କରିଅଛି । ଉପନିଷଦ୍‌ରେ ସଗୁଣ ବ୍ରହ୍ମ ଓ ନିର୍ଗୁଣ ବ୍ରହ୍ମଙ୍କ କଥା ଅଛି ଏବଂ ଜ୍ଞାନ, ଭକ୍ତି, କର୍ମ ଓ ଯୋଗର ଉପଦେଶ ମଧ୍ୟ ରହିଛି । ଯେଉଁ ମତରେ ଏହି ଆପାତବିରୁଦ୍ଧ ସର୍ବପ୍ରକାର ଦୃଷ୍ଟିର ସମନ୍ୱୟ ହୋଇପାରେ ତାହା ହିଁ ଆଦରଣୀୟ । ଆନନ୍ଦଗିରି ଉଲ୍ଲେଖ କରିଛନ୍ତି ଯେ, ଉପନିଷଦ୍‌ର ତାତ୍ପର୍ଯ୍ୟ ନିର୍ଣ୍ଣୟ ପାଇଁ ଛଅଟି ଉପାୟ ରହିଛି—ଉପକ୍ରମ-ଉପସଂହାର, ଏକରୂପତା, ଅପୂର୍ବତା, ଫଳବତ୍ତା, ଅର୍ଥବାଦ ଓ ଯୁକ୍ତି । ଏହି ଉପାୟ ଅବଲମ୍ବନରେ ସହଜରେ ହିଁ ଦେଖାଇ ଦିଆଯାଇପାରେ ଯେ, ଆତ୍ମାର ଏକତ୍ୱ

ବ୍ରାହ୍ମଣଭାଗ ରଚିତ ହୋଇଥିଲା ଏବଂ ସର୍ବପ୍ରାଚୀନ ଉପନିଷଦ୍ ଅନ୍ତତଃ ଖ୍ରୀ.ପୂ. ୬୦୦ରେ ରଚିତ ହୋଇଥିଲା । (ମ୍ୟାକ୍‌ଡନାଲ୍) । ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ମତରେ ଖ୍ରୀ.ପୂ. ୧୦୦୦୦ଠାରୁ ୪୦୦-୩୦୦ ଖ୍ରୀ.ପୂ. ମଧ୍ୟରେ ଉପନିଷଦ୍‌ସମୂହ ବିରଚିତ ହୋଇଥିଲା । ଉଇନ୍‌ଟାର୍‌ନିଜ୍‌ଙ୍କ ମତରେ ରଚନାକାଳାନୁସାରେ ଉପନିଷଦ୍‌ର ଶ୍ରେଣୀବିଭାଗ ଏହିପ୍ରକାର; ପ୍ରଥମ—ବୃହଦାରଣ୍ୟକ, ଛାନ୍ଦୋଗ୍ୟ, ତୈତ୍ତିରୀୟ, ଐତରେୟ, କୌଷୀତକି ଓ କେନ; ଦ୍ୱିତୀୟ—କଠ, ଈଶ, ଶ୍ୱେତାଶ୍ୱତର, ମୁଣ୍ଡକ ଓ ମହାନାରାୟଣ; ତୃତୀୟ—ପ୍ରଶ୍ନ, ମୈତ୍ରାୟଣୀୟ ଓ ମାଣ୍ଡୂକ୍ୟ; ଏବଂ ଚତୁର୍ଥ—ଅବଶିଷ୍ଟ ସମସ୍ତ । ବାଲ୍ ଗଙ୍ଗାଧର ତିଳକ ବହୁ ଗବେଷଣା କରି ଦେଖାଇଛନ୍ତି ଯେ, ଖ୍ରୀ.ପୂ. ୪୦୦୦ରେ ବେଦ ସଙ୍କଳିତ ହୋଇଥିଲା, ରଚିତ ନୁହେଁ । ହିନ୍ଦୁ ସାଧାରଣଙ୍କ ବିଶ୍ୱାସ ଯେ, ପ୍ରାୟ ୫୦୪୦ବର୍ଷ ପୂର୍ବେ ମହାଭାରତ ଯୁଦ୍ଧକାଳରେ ବେଦ ସଙ୍କଳିତ ହୋଇଥିଲା ।

ହିଁ ଉପନିଷଦ୍‌ସମୂହର ମୂଳ ବକ୍ତବ୍ୟ । ଅନ୍ୟ ଯାହା କିଛି ତାହା ଉକ୍ତ ଏକତ୍ୱ-ପ୍ରତିପାଦନରେ ହିଁ ସହାୟକ ମାତ୍ର । ବିଶେଷତଃ ଶାସ୍ତ୍ରରେ ଅଧିକାରୀଭେଦ ସ୍ୱୀକୃତ ହୁଏ ଏବଂ ବିଭିନ୍ନ ମାନବର ବୁଝିବାର ସାମର୍ଥ୍ୟ ଅନୁସାରେ ଉପଦେଶ ଭିନ୍ନ ହୁଏ; କିନ୍ତୁ ତାହା ହେଲେ ମଧ୍ୟ ମୂଳଗତ ବସ୍ତୁ ପୃଥକ୍ ହୋଇପାରେ ନାହିଁ ।

ଅଦ୍ୱୈତବାଦ ଉପନିଷଦ୍-ସମ୍ମତ

ଏହି ଉଦାର ଅଦ୍ୱୈତମତ ଅବଲମ୍ବନ କରିଥିଲେ ବୋଲି ହିଁ ଆଚାର୍ଯ୍ୟ ଶଙ୍କରଙ୍କ ରଚିତ ଉପନିଷଦ୍‌ଭାଷ୍ୟ ଶୀର୍ଷସ୍ଥାନ ଅଧିକାର କରିଅଛି । ଆଚାର୍ଯ୍ୟଙ୍କର ବ୍ୟାଖ୍ୟା ହିଁ ଯେ ଉପନିଷଦ୍‌ର ସର୍ବୋତ୍କୃଷ୍ଟ ଏବଂ ସୁସଙ୍ଗତ ବ୍ୟାଖ୍ୟା, ଏହି ବିଷୟରେ ପାଶ୍ଚାତ୍ୟ ପଣ୍ଡିତଗଣ ମଧ୍ୟ ପ୍ରାୟ ସମସ୍ତେ ହିଁ ଏକମତ । ଆଚାର୍ଯ୍ୟ ଦେଖାଇଛନ୍ତି ଯେ, ସକଳ ଉପନିଷଦ୍ ହିଁ ଏକବାକ୍ୟରେ ଜୀବ ଓ ବ୍ରହ୍ମର ଏକତ୍ୱ ଓ ନାମରୂପାତ୍ମକ ଜଗତ୍‌ର ମିଥ୍ୟାତ୍ୱ ପ୍ରମାଣ କରିଛନ୍ତି ।[1] ମନୋବାକ୍ୟାତୀତ ବ୍ରହ୍ମଙ୍କୁ ବୁଝାଇବା ପାଇଁ ଲୌକିକ ଭାଷା ଓ ଲୋକବୁଦ୍ଧିର ଅନୁସରଣ କରିବାକୁ ହୁଏ, ସୁତରାଂ ସେହି ଭାଷାଗତ ଓ ବୁଦ୍ଧିଗତ ବିରୋଧପରମ୍ପରା ବେଦାନ୍ତଦର୍ଶନର ବକ୍ତବ୍ୟ-ବିଷୟରେ ମଧ୍ୟ ରହିଛି ବୋଲି ଲୋକେ ଭୁଲ୍ ବୁଝିପାରନ୍ତି । ବସ୍ତୁତଃ ଉପନିଷଦ୍‌ମାନଙ୍କ ମଧ୍ୟରେ କୌଣସି ବିରୋଧ ନାହିଁ । ଏହି ବିଦ୍ୟା ଗୁରୁପରମ୍ପରାରେ ଆଗତ—ଏହା କାହାର ମସ୍ତିଷ୍କ-ପ୍ରସୂତ ବା ବୁଦ୍ଧିଲଭ୍ୟ ନୁହେଁ । ସୁତରାଂ ଗୁରୁଙ୍କ ଆଶ୍ରୟରେ ହିଁ ଏହି ଆପତବିରୋଧର ସମାଧାନ ସମ୍ଭବପର ହୋଇପାରିବ ।

ଅନୁବନ୍ଧ-ଚତୁଷ୍ଟୟ

ପ୍ରତିଶାସ୍ତ୍ରର ହିଁ ଅଧିକାରୀ, ବିଷୟ, ସମ୍ବନ୍ଧ ଓ ପ୍ରୟୋଜନ ନିର୍ଦ୍ଦେଶ କରିବାକୁ ପଡ଼େ; ଏଗୁଡ଼ିକର ପାରିଭାଷିକ ନାମ ଅନୁବନ୍ଧ-ଚତୁଷ୍ଟୟ । ଯେଉଁ ମନୁଷ୍ୟ ଯଥାବିଧି ବେଦବେଦାଙ୍ଗାଦି ଅଧ୍ୟୟନପୂର୍ବକ ସାମାନ୍ୟତଃ ବେଦାର୍ଥ ଅବଗତ ହୋଇ ଏହି ଜନ୍ମରେ ବା ପୂର୍ବ ଜନ୍ମରେ କାମ୍ୟ ଓ ନିଷିଦ୍ଧ କର୍ମ ପରିତ୍ୟାଗ କରି ସନ୍ଧ୍ୟାବନ୍ଦନାଦି ନିତ୍ୟକର୍ମ, ଜାତେଷ୍ଟି ଓ ଯଜ୍ଞାଦି ନୈମିତ୍ତିକ କର୍ମ, ଚାନ୍ଦ୍ରାୟଣାଦି ପ୍ରାୟଶ୍ଚିତ୍ତ ଓ ସଗୁଣ-ବ୍ରହ୍ମବିଷୟକ ଉପାସନା ଦ୍ୱାରା ପାପବିମୁକ୍ତ ହୋଇ ନିର୍ମଳଚିତ୍ତ

---

1. ଈ. ୪, ଈ. ୭; କ. ୨/୨/୯; ପ୍ର. ୧/୮; ମୁ. ୨/୨/୧୧; ମା. ୨; ତୈ. ୨/୧; ଐ. ୧/୧, ଐ. ୩/୧; କେ. ୨/୪; ଛା. ୬/୨/୧; ବୃ. ୧/୪/୧୧; ଶ୍ୱେ. ୩/୧—ଇତ୍ୟାଦି ଦ୍ରଷ୍ଟବ୍ୟ ।

ହୋଇଛନ୍ତି ଏବଂ ଯିଏ ନିତ୍ୟାନିତ୍ୟବସ୍ତୁ-ବିବେକ[1], ଇହାମୁତ୍ରଫଳଭୋଗବିରାଗ[2], ଶମାଦି ସାଧନା-ସମ୍ପତ୍ତି[3]ଯୁକ୍ତ, ଓ ମୋକ୍ଷାଭିଳାଷୀ, ସେ ହିଁ ବେଦାନ୍ତ ଶ୍ରବଣର ଅଧିକାରୀ । ଜୀବ ଓ ବ୍ରହ୍ମର ଐକ୍ୟ ହିଁ ଏହାର ପ୍ରତିପାଦ୍ୟ ବିଷୟ । ଏହି ବିଷୟ ସହିତ ଉପନିଷଦ୍‌ସମୂହର ବୋଧବୋଧକ-ଭାବରୂପ ସମ୍ବନ୍ଧ ରହିଛି ଏବଂ ଏହାର ପ୍ରୟୋଜନ ଅଜ୍ଞାନର ନିବୃତ୍ତି ଓ ତଜ୍ଜନିତ ବ୍ରହ୍ମାନନ୍ଦପ୍ରାପ୍ତି । ନିତ୍ୟାଦି କର୍ମର ଆଚରଣରେ ଚିତ୍ତଶୁଦ୍ଧି ହୁଏ ଏବଂ ଉପାସନା ଫଳରେ ଚିତ୍ତର ଏକାଗ୍ରତା ସମ୍ପାଦିତ ହୁଏ । ଏସବୁର ଗୌଣ ଫଳ ଯଥାକ୍ରମରେ ଚନ୍ଦ୍ରଲୋକ ଓ ସତ୍ୟଲୋକ-ପ୍ରାପ୍ତି ।

ଅଧାରୋପ ଓ ଅପବାଦ

ଏହି ବିଦ୍ୟା ଗୁରୁମୁଖରୁ ଲାଭ କରିବାକୁ ହୁଏ । ଏହି ବିଦ୍ୟା-ଉପଦେଶ ପାଇଁ ସେ ଯେଉଁ ପ୍ରକ୍ରିୟା ଅବଲମ୍ବନ କରନ୍ତି, ତାହାର ନାମ ଅଧାରୋପ ଓ ଅପବାଦ । ଅସର୍ପଭୂତ ରଜ୍ଜୁରେ ସର୍ପାରୋପ ପରି ବସ୍ତୁରେ ଅବସ୍ତୁ ଆରୋପକୁ ଅଧାରୋପ କୁହାଯାଏ । ବର୍ତ୍ତମାନ ସ୍ଥଳରେ ବସ୍ତୁ ଅଦ୍ୱୟ ବ୍ରହ୍ମ ଏବଂ ଅବସ୍ତୁ ଅଜ୍ଞାନାଦି ଜଡ଼ସମୂହ । ଜ୍ଞାନସହାୟରେ ଭ୍ରମ ଦୂର ହେଲେ ରଜ୍ଜୁର ବିବର୍ତ୍ତ ସର୍ପ ଯେପରି ରଜ୍ଜୁମାତ୍ର ରୂପରେ ଅବସ୍ଥାନ କରେ, ସେହିପରି ଯେଉଁ ବିଚାର ଫଳରେ ଜଗଜ୍ଜ୍ଞାନ ବିନଷ୍ଟ ହୋଇ ବ୍ରହ୍ମଙ୍କର ବିବର୍ତ୍ତ ଜଗତ୍ ବ୍ରହ୍ମରୂପରେ ଅବାଧିତ ହୋଇ ଅବସ୍ଥିତ ରହେ, ତାହାର ନାମ ଅପବାଦ ।

ଅଜ୍ଞାନ

ଯାହା ସତ୍ ଓ ଅସତ୍‌ରୂପରେ ଅନିର୍ବଚନୀୟ, ତ୍ରିଗୁଣାତ୍ମକ, ଜ୍ଞାନବିରୋଧୀ, ଭାବରୂପ ଓ ଯତ୍‌କିଞ୍ଚିତ୍‌ରୂପରେ ଉକ୍ତ ହୁଏ ତାହା ହିଁ ଅଜ୍ଞାନ (ଶ୍ୱେ., ୧/୩ ଓ ଗୀତା, ୭/୧୪) ବୃକ୍ଷସମୂହକୁ ଯେପରି ସମଷ୍ଟି-ଅଭିପ୍ରାୟରେ ବନ ଓ ବ୍ୟଷ୍ଟି-ଅଭିପ୍ରାୟରେ ବୃକ୍ଷସମୂହ ବୋଲି ନିର୍ଦ୍ଦେଶ କରାହୁଏ, ସେହିପରି ବ୍ରହ୍ମାଶ୍ରିତ ଓ ଜୀବଗତ ଅଜ୍ଞାନ ମଧ୍ୟ ସମଷ୍ଟି-ଅଭିପ୍ରାୟରେ ଏକ ଓ ବ୍ୟଷ୍ଟି-ଅଭିପ୍ରାୟରେ ବହୁ ବୋଲି ବ୍ୟବହୃତ ହୁଏ । ସମଷ୍ଟି-ଅଜ୍ଞାନର ନାମ ମାୟା ବା ମୂଳାବିଦ୍ୟା । ତାହା

---

1. ବ୍ରହ୍ମ ହିଁ ନିତ୍ୟ, ତଦ୍‌ଭିନ୍ନ ସମସ୍ତ ଅନିତ୍ୟ—ଏହିପ୍ରକାର ବିବେଚନା ।

2. ଇହଲୋକର ଭୋଗସମୂହ କର୍ମଫଳ-ଜନିତ, ଅତଏବ ଅନିତ୍ୟ; ସେହିପରି ପରଲୋକରେ ସ୍ୱର୍ଗାଦି ଭୋଗ୍ୟ ବିଷୟସମୂହ ମଧ୍ୟ ଅନିତ୍ୟ;—ଏହିପ୍ରକାର ବିଚାରସମ୍ଭୂତ ବୈରାଗ୍ୟ ।

3. ଶମ, ଦମ, ଉପରତି, ତିତିକ୍ଷା, ସମାଧାନ ଓ ଶ୍ରଦ୍ଧା ।

ସତ୍ ନୁହେଁ, ଅସତ୍ ନୁହେଁ, ସଦସତ୍ ମଧ୍ୟ ନୁହେଁ । ବ୍ରହ୍ମ ଓ ମାୟାର ଇତରେତର-ଅଧ୍ୟାସବଶତଃ ବ୍ରହ୍ମଙ୍କ ସତ୍ତା ଓ ସ୍ଫୂର୍ତ୍ତି ମାୟାରେ ଏବଂ ମାୟାର ସୃଷ୍ଟି-କର୍ତ୍ତୃତ୍ୱାଦି ବ୍ରହ୍ମରେ ଆରୋପିତ ହୁଏ । ଏହିପରି ବ୍ରହ୍ମ ହିଁ ମାୟାର ଆଶ୍ରୟ । ସେ ପୁଣି ମାୟାର ବିଷୟ ମଧ୍ୟ ହୁଅନ୍ତି, ଅର୍ଥାତ୍ ମାୟା ଦ୍ୱାରା ଆବୃତ ହୋଇ ବ୍ରହ୍ମ ଅଜ୍ଞାତ ହୁଅନ୍ତି । ଆକାଶତତ୍ତ୍ୱର ଜ୍ଞାନ ହେଲେ ଯେପରି ସେଥିରେ ଆରୋପିତ ନୀଳତ୍ୱ ବାଧିତ ହୁଏ ଏବଂ ତାହା ଭ୍ରମ ବୋଲି ପ୍ରତିଭାତ ହୁଏ, ସେହିପରି ବେଦାନ୍ତ-ବାକ୍ୟରୂପକ ପ୍ରମାଣ ସହାୟତାରେ ବ୍ରହ୍ମ ଓ ଆତ୍ମାର ଏକତ୍ୱବୋଧ ନିଶ୍ଚିତ ହେଲେ ମାୟା ମଧ୍ୟ ବାଧିତ ହୋଇଥାଏ । ଜୀବଗତ ଅଜ୍ଞାନ ଜୀବଭେଦରେ ନାନା, ସୁତରାଂ ଏକର ଅଜ୍ଞାନ ଅପଗତ ହେଲେ ମଧ୍ୟ ସମସ୍ତଙ୍କ ବନ୍ଧନ ନଷ୍ଟ ହୁଏ ନାହିଁ । ବ୍ୟଷ୍ଟି-ଅଜ୍ଞାନର ଅନ୍ୟ ନାମ ତୁଳାବିଦ୍ୟା ।

ସୃଷ୍ଟି

ମାୟା ଦ୍ୱାରା ଉପହିତ[1] ବ୍ରହ୍ମଙ୍କୁ ଈଶ୍ୱର କୁହାଯାଏ । ତାଙ୍କଠାରୁ ସୂକ୍ଷ୍ମପଞ୍ଚଭୂତ ଓ ସୂକ୍ଷ୍ମପଞ୍ଚଭୂତରୁ ସୂକ୍ଷ୍ମ ଶରୀର ଉତ୍ପନ୍ନ ହୁଏ । ଏହି ସୂକ୍ଷ୍ମ-ଶରୀର-ସମଷ୍ଟିରୂପକ ଉପାଧି ଦ୍ୱାରା ଉପହିତ ଚୈତନ୍ୟକୁ ସୂତ୍ରାତ୍ମା, ହିରଣ୍ୟଗର୍ଭ ବା ପ୍ରାଣ କୁହାଯାଏ । ସେ ଜ୍ଞାନ, ଇଚ୍ଛା ଓ କ୍ରିୟାଶକ୍ତିବିଶିଷ୍ଟ ଏବଂ ସୂକ୍ଷ୍ମ-ପଞ୍ଚମହାଭୂତାଭିମାନୀ । ସୂକ୍ଷ୍ମ ପଞ୍ଚଭୂତଠାରୁ ସ୍ଥୂଳ ପଞ୍ଚଭୂତ ଓ ସପ୍ତଲୋକାଦି ଉତ୍ପନ୍ନ ହୁଏ । ସ୍ଥୂଳ ବିଶ୍ୱରେ ଅଭିମାନୀ ଚୈତନ୍ୟକୁ ବୈଶ୍ୱାନର ବା ବିରାଟ୍ କୁହାଯାଏ । ଏ ସମସ୍ତ ହିଁ ସଂସାରର ଅନ୍ତର୍ଗତ ।

ଉତ୍ତର ମାର୍ଗ ଓ ଦକ୍ଷିଣ ମାର୍ଗ

ଯେଉଁମାନେ ସଂସାରଭୋଗରୁ ସର୍ବପ୍ରକାରରେ ନିବୃତ୍ତ ହୋଇଛନ୍ତି, ସେମାନେ ହିଁ କେବଳ ବ୍ରହ୍ମଜ୍ଞାନର ଅଧିକାରୀ । ଯେଉଁମାନେ ପ୍ରବୃତ୍ତି (ଅର୍ଥାତ୍ ବାସନା) ଅନୁସାରେ ଶାସ୍ତ୍ରୀୟ କର୍ମ ଓ ଉପାସନାରେ ରତ, ସେମାନେ ବହୁ ଜନ୍ମ ଉତ୍ତର ଓ ଦକ୍ଷିଣ ମାର୍ଗରେ ବିଚରଣ କରି କରି ପରିଶେଷରେ ବାସନାମୁକ୍ତ ହୋଇ

---

1. ଯାହା ବିଶେଷ୍ୟ ସହିତ ସମବେତ ଅର୍ଥାତ୍ ନିତ୍ୟ ସମ୍ବନ୍ଧ ନ ହେଲେ ମଧ୍ୟ ବିଶେଷ୍ୟର ପରିଚୟ ପ୍ରଦାନ କାଳରେ ଉପସ୍ଥିତ ରହି ତାହାକୁ ଅନ୍ୟ ପଦାର୍ଥାଦିଠାରୁ ପୃଥକ୍ କରେ ତାହାକୁ ଉପାଧି କୁହାଯାଏ । ବସ୍ତୁ କିମ୍ବା ବ୍ୟକ୍ତି ଉପାଧି ଦ୍ୱାରା ଉପହିତ ହୁଏ । "ଦଣ୍ଡୀପୁରୁଷ" ସ୍ଥଳରେ ଦଣ୍ଡଟି ପୁରୁଷଙ୍କର ଉପାଧି । ଏହି ପ୍ରକାରରେ ମାୟା ମଧ୍ୟ ବ୍ରହ୍ମଙ୍କ ଉପାଧି । "ବିଶେଷଣ" କିନ୍ତୁ ବିଶେଷ୍ୟ ସହିତ ନିତ୍ୟସମ୍ବନ୍ଧ ଥାଏ । ଯଥା—"ନୀଳ ପଦ୍ମ" ।

ନିବୃତ୍ତିପଥରେ ଆରୂଢ଼ ହୁଅନ୍ତି । କିନ୍ତୁ ଯେଉଁମାନେ ପ୍ରବୃତ୍ତି ଓ ନିବୃତ୍ତି[1] ଉଭୟ ପଥରୁ ଭ୍ରଷ୍ଟ, ସେମାନେ ନିଜର କର୍ମବଶତଃ ନିମ୍ନଯୋନିରେ ବା ନରକାଦିରେ ଯନ୍ତ୍ରଣା ଭୋଗ କରନ୍ତି । ଅଶ୍ୱମେଧଯାଜୀ ପଞ୍ଚାଗ୍ନିବିଦ୍ୟୋପାସକ, ସଗୁଣବ୍ରହ୍ମୋପାସକ, ପ୍ରତୀକୋପାସକ, ନୈଷ୍ଠିକ ବ୍ରହ୍ମଚାରୀ, ବାନପ୍ରସ୍ଥୀ ଓ ସନ୍ନ୍ୟାସାଶ୍ରମୀ ଉତ୍ତର ମାର୍ଗରେ ଏବଂ ଜ୍ଞାନରହିତ କର୍ମାନୁଷ୍ଠାନରେ ନିରତ ଗୃହସ୍ଥଗଣ ଦକ୍ଷିଣମାର୍ଗରେ ଗମନ କରନ୍ତି ।

ମୁକ୍ତି

ଯେଉଁମାନେ ସାଧନ-ଚତୁଷ୍ଟୟ-ସମ୍ପନ୍ନ, ଗୁରୁମୁଖରେ ତତ୍ତ୍ୱମସ୍ୟାଦି ମହାବାକ୍ୟ[2] ଶ୍ରବଣ କରିଛନ୍ତି ଓ ତାହାର ଅର୍ଥରେ ବିଚାରପୂର୍ବକ ସମାହିତ ହୋଇଛନ୍ତି, ଅର୍ଥାତ୍ 'ମୁଁ ବ୍ରହ୍ମ' ଏହି ଜ୍ଞାନରେ ପ୍ରତିଷ୍ଠିତ ହୋଇଛନ୍ତି, ସେହି ନିବୃତ୍ତିପଥରେ ବିଚରଣଶୀଳ ସନ୍ନ୍ୟାସୀଗଣ ଉତ୍ତର ବା ଦକ୍ଷିଣ ମାର୍ଗରେ ଗମନ କରନ୍ତି ନାହିଁ । ସେମାନେ ଏହି ଦେହରେ ହିଁ ମୁକ୍ତିଲାଭ କରି ଜୀବନ୍ମୁକ୍ତ ହୁଅନ୍ତି ଏବଂ ବର୍ତ୍ତମାନ ଦେହର ମୃତ୍ୟୁ ପରେ ବିଦେହମୁକ୍ତ ହୁଅନ୍ତି । ସେମାନଙ୍କର ଆଉ ଜନ୍ମ ହୁଏ ନାହିଁ । ସଗୁଣ ବ୍ରହ୍ମଙ୍କ ଉପାସନା ଫଳରେ ମନ ନିର୍ମଳ ହେଲେ କ୍ରମେ ନିର୍ଗୁଣ ବ୍ରହ୍ମ ଲାଭ ହୁଏ । ସଗୁଣ ବ୍ରହ୍ମର ଉପାସକ ଅର୍ଚିରାଦି ମାର୍ଗରେ ବ୍ରହ୍ମଲୋକକୁ ଗମନ କରନ୍ତି ଏବଂ ସେଠାରେ ଶ୍ରବଣ, ମନନ ଓ ନିଦିଧ୍ୟାସନାଦି ଫଳରେ କଳ୍ପାନ୍ତରେ ବ୍ରହ୍ମାଙ୍କ (ହିରଣ୍ୟଗର୍ଭଙ୍କ) ସହିତ ମୋକ୍ଷଲାଭ କରନ୍ତି—ଏହା ହିଁ କ୍ରମମୁକ୍ତି ।[3]

ଶାସ୍ତ୍ରରେ ଶ୍ରବଣ, ମନନ ଓ ନିଦିଧ୍ୟାସନକୁ ଜ୍ଞାନୋତ୍ପତ୍ତିର କାରଣ ଭାବରେ ସ୍ୱୀକାର କରାହୁଏ । ଗୁରୁମୁଖରୁ ଶ୍ରବଣ ନ ହୋଇଥିଲେ ଜ୍ଞାନ ସୁଦୂରପରାହତ । "ଅଦ୍ୱିତୀୟ ବ୍ରହ୍ମ ହିଁ ସମସ୍ତ ବେଦାନ୍ତର ତାତ୍ପର୍ଯ୍ୟ"—ଏହିପ୍ରକାର ସ୍ଥିର ନିଶ୍ଚୟ

---

1. **ଦ୍ୱାବିମାବଥ ପନ୍ଥାନୌ ଯତ୍ର ଧର୍ମଃ ପ୍ରତିଷ୍ଠିତଃ ।**
ପ୍ରବୃତ୍ତିଲକ୍ଷଣଧର୍ମୋ ନିବୃତ୍ତିଶ୍ଚ ବିଭାବିତଃ ॥

ଏହି ମାର୍ଗଦ୍ୱୟର ବିସ୍ତୃତ ବିବରଣ ବୃହଦାରଣ୍ୟକ ଉପନିଷଦ୍‌ର ୬ଷ୍ଠ ଅଧ୍ୟାୟ ୨ୟ ବ୍ରାହ୍ମଣରେ ଅଛି ।

2. **"ତତ୍-ତ୍ୱମ୍ ଅସି"**=ତୁମେ ହିଁ ସେହି (ବ୍ରହ୍ମ); **"ଅହମ୍ ବ୍ରହ୍ମ ଅସ୍ମି"**=ମୁଁ ବ୍ରହ୍ମ; **"ଅୟମ୍ ଆତ୍ମା ବ୍ରହ୍ମ"**=ଏହି ଆତ୍ମା ବ୍ରହ୍ମ; **"ପ୍ରଜ୍ଞାନଂ ବ୍ରହ୍ମ"**=ପ୍ରଜ୍ଞାନ ବ୍ରହ୍ମ ।

3. ଫେଲୋସିପ୍ ଲେକ୍‌ଚର୍, ୫ମ ବର୍ଷ ୧୯୮—୨୦୫ ପୃ. ବୃ., ୬/୨/୧୪-୧୫; ଗୀତା, ୮/୨୩-୨୮; ବ୍ର. ସୂ., ୪/୧ ୧-୩ ଇତ୍ୟାଦି ଦ୍ରଷ୍ଟବ୍ୟ ।

ପ୍ରତି ଅନୁକୂଳ ମାନସକ୍ରିୟା-ବିଶେଷକୁ ହିଁ ଶ୍ରବଣ କୁହାହୁଏ । "ଗୁରୁମୁଖରୁ ଶ୍ରୁତ ବେଦାନ୍ତବାକ୍ୟ ସହିତ ମତାନ୍ତରର ବିରୋଧ ଅଛି", ଏହି ପ୍ରକାର ଶଙ୍କା ଉଦିତ ହେଲେ, ଶ୍ରବଣାନୁକୂଳ ଯେଉଁ ତର୍କାତ୍ମକ ମାନସ ବିଷୟ ଦ୍ୱାରା ସେହି ଶଙ୍କା ନିବାରିତ ହୁଏ, ତାହାକୁ ମନନ କୁହାଯାଏ । ସାଧକର ଚିତ୍ତ ସ୍ୱଭାବତଃ ଅନାଦି ଦୁର୍ବାସନା କାରଣରୁ ବିଷୟସମୂହରେ ଆକୃଷ୍ଟ ହୁଏ । ଯେଉଁ ମାନସ କ୍ରିୟା ସେହି ଚିତ୍ତକୁ ଭୋଗ୍ୟ ବିଷୟଠାରୁ ନିବାରିତ କରି ଆତ୍ମବିଷୟରେ ଏକାଗ୍ର କରିଥାଏ ତାହାକୁ ନିଦିଧ୍ୟାସନ କୁହାଯାଏ ।

ଉପନିଷଦ୍‌ର ପ୍ରାମାଣ୍ୟ ଓ ପ୍ରଭାବ

ଭାରତୀୟ ଜୀବନରେ ବେଦ ଓ ଉପନିଷଦ୍‌ର ପ୍ରଭାବ ପ୍ରାୟ ସର୍ବକ୍ଷେତ୍ରରେ ବିସ୍ତୃତ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେ ଧର୍ମକର୍ମାଦି କରାଯାଏ ଏବଂ ଯେଉଁ ଭାବଧାରା ଅବଲମ୍ବନରେ ହିନ୍ଦୁର ଜୀବନ ପରିଚାଳିତ ହୁଏ, ତାହାର ମୂଳରେ ରହିଛି ବେଦ ଓ ଉପନିଷଦ୍ । ବସ୍ତୁତଃ ଯିଏ ବେଦର ପ୍ରାମାଣ୍ୟ ସ୍ୱୀକାର ନ କରନ୍ତି, ସେ ସନାତନ-ଧର୍ମାବଲମ୍ବୀ ବୋଲି ପରିଚିତ ହୋଇପାରନ୍ତି ନାହିଁ । ଆଚାର୍ଯ୍ୟ ସ୍ୱାମୀ ବିବେକାନନ୍ଦ ଲେଖିଛନ୍ତି, "ସମସ୍ତ ଦେଶ-କାଳ-ପାତ୍ର ବ୍ୟାପୀ ବେଦର ଶାସନ, ଅର୍ଥାତ୍ ବେଦର ପ୍ରଭାବ ଦେଶବିଶେଷରେ, କାଳବିଶେଷରେ ବା ପାତ୍ରବିଶେଷରେ ଆବଦ୍ଧ ନୁହେଁ । ବେଦ ହିଁ ସାର୍ବଜନୀନ ଧର୍ମର ଏକମାତ୍ର ବ୍ୟାଖ୍ୟାତା । ଅଲୌକିକ ଜ୍ଞାନରାଶି କିଞ୍ଚିତ୍ ପରିମାଣରେ ଆମ ଦେଶର ଇତିହାସ-ପୁରାଣାଦି ପୁସ୍ତକରେ ଓ ପାଶ୍ଚାତ୍ୟଦେଶୀୟ ଧର୍ମପୁସ୍ତକସମୂହରେ ଯଦିଓ ବିଦ୍ୟମାନ, ତଥାପି ଅଲୌକିକ ଜ୍ଞାନରାଶିର ସର୍ବପ୍ରଥମ, ସମ୍ପୂର୍ଣ୍ଣ ଓ ଅବିକୃତ ସଂଗ୍ରହ ବୋଲି ଆର୍ଯ୍ୟଜାତି ମଧ୍ୟରେ ପ୍ରସିଦ୍ଧ ବେଦ-ନାମଧେୟ ଚାରିଭାଗରେ ବିଭକ୍ତ ଅକ୍ଷରରାଶି ସର୍ବତୋଭାବରେ ସର୍ବୋଚ୍ଚ ସ୍ଥାନର ଅଧିକାରୀ, ସମଗ୍ର ଜଗତ୍‌ର ପୂଜାର୍ହ ଏବଂ ପ୍ରାଚ୍ୟ ବା ପାଶ୍ଚାତ୍ୟ ସମସ୍ତ ଧର୍ମପୁସ୍ତକର ପ୍ରମାଣ-ଭୂମି ।"

ଅବାଧିତ ଓ ଅନଧିଗତବିଷୟକ ଜ୍ଞାନକୁ ହିଁ ପ୍ରମା କୁହାଯାଏ । ଏହି ପ୍ରମାର ଯାହା କରଣ ବା ଉପାୟ ତାହାର ନାମ ପ୍ରମାଣ । ବ୍ରହ୍ମ ବିଷୟରେ ଉପନିଷଦ୍ ହିଁ ଏକମାତ୍ର ପ୍ରମାଣଭୂମି । ପ୍ରତ୍ୟକ୍ଷାଦି ଅନ୍ୟାନ୍ୟ ପ୍ରମାଣ ସ୍ୱ ସ୍ୱ ବିଷୟରେ ଅକାଟ୍ୟ ହେଲେ ମଧ୍ୟ ବ୍ରହ୍ମ ବିଷୟରେ ସେମାନଙ୍କର ସ୍ଥାନ ନାହିଁ । ଏଥିପାଇଁ ହିଁ ବ୍ରହ୍ମଙ୍କୁ "ଔପନିଷଦ୍ ପୁରୁଷ" କୁହାହୋଇଅଛି । ଅବଶ୍ୟ ବେଦବାକ୍ୟ ମଧ୍ୟ ତଦନୁକୂଳ ଯୁକ୍ତିସହାୟରେ ବୁଝିନେବାକୁ ହେବ; ଏଥିପାଇଁ ହିଁ ଶ୍ରବଣ ପରେ ମନନର ବିଧାନ

ରହିଛି । ତଥାପି ଅଲୌକିକ ବିଷୟରେ ଶ୍ରୁତି ହିଁ ଏକମାତ୍ର ପ୍ରମାଣ; ଅନ୍ୟ କୌଣସି ପ୍ରମାଣ ବା ସ୍ମୃତ୍ୟାଦି ତାହାର ଅନୁକୂଳ ହେଲେ ଗ୍ରାହ୍ୟ ଏବଂ ପ୍ରତିକୂଳ ହେଲେ ତ୍ୟାଜ୍ୟ । ଶ୍ରୁତି ସ୍ୱତଃପ୍ରମାଣ । ଶ୍ରୁତିପ୍ରମାଣଲଭ୍ୟ ବ୍ରହ୍ମଜ୍ଞାନର ଉଦୟରେ ସଂଶୟାଦି ବିନଷ୍ଟ ହୁଏ ଏବଂ ଆତ୍ମାର ପୂର୍ଣ୍ଣବ୍ରହ୍ମରୂପରେ ଅବାଧିତ ଅବସ୍ଥିତି ଘଟିଥାଏ । ଏଥିଯୋଗୁ ହିଁ ଶାସ୍ତ୍ରରେ କୁହାହୋଇଛି ଯେ, ବ୍ରହ୍ମବିଦ୍ ବ୍ରହ୍ମ ହିଁ ହୋଇଥାଆନ୍ତି ।

ଉପନିଷଦ୍ ଗ୍ରନ୍ଥାବଳୀ

ଶୁକ୍ଲଯଜୁର୍ବେଦୀୟ
ବାଜସନେୟ-ସଂହିତୋପନିଷଦ୍
ବା
ଈଶୋପନିଷଦ୍

ଶାନ୍ତିପାଠ

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ଅଦଃ (ତାହା, ପରୋକ୍ଷରୂପରେ ବା କାରଣରୂପରେ ଅବସ୍ଥିତ ବ୍ରହ୍ମ) **ପୂର୍ଣ୍ଣମ୍** (ପୂର୍ଣ୍ଣ, ସର୍ବବ୍ୟାପୀ) **ଇଦଂ** (ଏହା, ନାମ ଓ ରୂପରେ ଅବସ୍ଥିତ ସୋପାଧିକ ବ୍ରହ୍ମ) **ପୂର୍ଣ୍ଣମ୍** (ପୂର୍ଣ୍ଣ, ସ୍ୱରୂପତଃ ସର୍ବବ୍ୟାପୀ) **ପୂର୍ଣ୍ଣାତ୍**(ପୂର୍ଣ୍ଣସ୍ୱରୂପ କାରଣାତ୍ମକ ବ୍ରହ୍ମଠାରୁ) **ପୂର୍ଣ୍ଣମ୍** (ପୂର୍ଣ୍ଣସ୍ୱରୂପ କାର୍ଯ୍ୟାତ୍ମକ ବ୍ରହ୍ମ) **ଉଦଚ୍ୟତେ** (ଉଦ୍‌ଗତ ହୁଅନ୍ତି); **ପୂର୍ଣ୍ଣସ୍ୟ** (କାର୍ଯ୍ୟାତ୍ମକ ବ୍ରହ୍ମଙ୍କର) **ପୂର୍ଣ୍ଣମ୍** (ପୂର୍ଣ୍ଣତ୍ୱ) **ଆଦାୟ** ([ବିଦ୍ୟାସହାୟରେ] ଗ୍ରହଣ କଲେ, ଆତ୍ମସ୍ୱରୂପରେ ଏକରସତ୍ୱ ସମ୍ପାଦନ କଲେ, ଅର୍ଥାତ୍ ଅବିଦ୍ୟା ଦୂର କଲେ) **ପୂର୍ଣ୍ଣମ୍ ଏବ** (କେବଳ ବ୍ରହ୍ମ ହିଁ) **ଅବଶିଷ୍ୟତେ** (ଅବଶିଷ୍ଟ ରହନ୍ତି) । [ବୃ.,୫/୧/୧] । **ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ** (ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ବିଘ୍ନର ଉପଶମ ହେଉ) ।

ଓଁ ତାହା (ଅର୍ଥାତ୍ ପରବ୍ରହ୍ମ) ପୂର୍ଣ୍ଣ, ଏହା ମଧ୍ୟ (ଅର୍ଥାତ୍ ନାମରୂପସ୍ଥ ବ୍ରହ୍ମ ମଧ୍ୟ ପୂର୍ଣ୍ଣ, ପୂର୍ଣ୍ଣଠାରୁ ପୂର୍ଣ୍ଣ ଉଦ୍‌ଗତ ହୁଅନ୍ତି; ପୂର୍ଣ୍ଣର (ଅର୍ଥାତ୍ କାର୍ଯ୍ୟ-ବ୍ରହ୍ମର) ପୂର୍ଣ୍ଣତ୍ୱ ଗ୍ରହଣ କଲେ, କେବଳ ପୂର୍ଣ୍ଣ ହିଁ (ଅର୍ଥାତ୍ ପରବ୍ରହ୍ମ ହିଁ) ଅବଶିଷ୍ଟ ରହନ୍ତି । ଓଁ ତ୍ରିବିଧ ବିଘ୍ନର[1] ଶାନ୍ତି ହେଉ ।

---

1. ଆଧ୍ୟାତ୍ମିକ ବିଘ୍ନ=ଶାରୀରିକ ଓ ମାନସିକ ବିପଦ—ରୋଗାଦି ।
ଆଧିଦୈବିକ ବିଘ୍ନ=ଦୈବ ବିପଦ—ଆକସ୍ମିକ ପ୍ରାକୃତିକ ଘଟଣାଦି ।
ଆଧିଭୌତିକ ବିଘ୍ନ=ହିଂସ୍ର ପ୍ରାଣୀଗଣଙ୍କ ଦ୍ୱାରା ହିଂସାଦି ।

ଈଶୋପନିଷଦ୍

ଓଁ ଈଶା ବାସ୍ୟମିଦଂ ସର୍ବଂ ୟତ୍ କିଞ୍ଚ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜୀଥା ମା ଗୃଧଃ କସ୍ୟ ସ୍ୱିଦ୍ଧନମ୍ ॥ ୧ ॥

ଓଁ ! ଜଗତ୍ୟାଂ (ପୃଥିବୀରେ, ଅର୍ଥାତ୍ ବ୍ରହ୍ମାଣ୍ଡରେ) **ୟତ୍ କିଞ୍ଚ** (ଯାହା କିଛି) **ଜଗତ୍** (ଅନିତ୍ୟ, ଚରାଚର ବିକାରୀ ବସ୍ତୁସମୂହ) [ଅଛି] **ଇଦଂ** (ଏହି) **ସର୍ବମ୍** (ସମସ୍ତ) **ଈଶା** (ନିୟନ୍ତା ପରମେଶ୍ୱରଙ୍କ ଦ୍ୱାରା, ଆତ୍ମାଠାରୁ ଅଭିନ୍ନ ପରମାତ୍ମାଙ୍କ ଦ୍ୱାରା) **ବାସ୍ୟମ୍** (ଆଚ୍ଛାଦନୀୟ) । **ତେନ** (ସେହି) **ତ୍ୟକ୍ତେନ** (ତ୍ୟାଗଦ୍ୱାରା, ଅର୍ଥାତ୍ ଜଗଦ୍‌ବୁଦ୍ଧି ତ୍ୟାଗ କରି ଈଶ୍ୱରଭାବନା ଅବଲମ୍ବନପୂର୍ବକ) **ଭୁଞ୍ଜୀଥାଃ** ([ଆତ୍ମାକୁ] ପାଳନ କର [ବୈଦିକ ଆତ୍ମନେପଦୀ ପ୍ରୟୋଗ]); **କସ୍ୟ ସ୍ୱିତ୍** (ନିଜର ବା ପରର, କାହାରି) **ଧନମ୍** (ଧନ) **ମା ଗୃଧଃ** (ଆକାଙ୍କ୍ଷା କର ନାହିଁ) । ଅଥବା—**ମା ଗୃଧଃ** (ଆକାଙ୍କ୍ଷା କର ନାହିଁ) [କାରଣ] **କସ୍ୟ ସ୍ୱିତ୍ ଧନମ୍** (ଧନ ପୁଣି କାହାର ? ଅର୍ଥାତ୍ କାହାରି ହେଲେ ନୁହେଁ) । ୧

ବ୍ରହ୍ମାଣ୍ଡରେ ଯାହା କିଛି ଅନିତ୍ୟ ବସ୍ତୁ ଅଛି, ସେ ସମସ୍ତେ ହିଁ ପରମେଶ୍ୱରଙ୍କ ଦ୍ୱାରା ଆଚ୍ଛାଦନୀୟ ।[1] ଉତ୍ତମରୂପ ତ୍ୟାଗ[2] ଦ୍ୱାରା (ଆତ୍ମାକୁ) ପାଳନ କର ।[3] କାହାରି ଧନରେ ଲୋଭ କର ନାହିଁ । ଅଥବା—(ଧନର) ଆକାଙ୍କ୍ଷା କର ନାହିଁ,[4] (କାରଣ) ଧନ ପୁଣି କାହାର ? । ୧

---

1. 'ସମସ୍ତ ଜଗତ୍ ସ୍ୱରୂପତଃ ବ୍ରହ୍ମ'—ଏହି ପ୍ରକାର ଜ୍ଞାନ ଦ୍ୱାରା ଆଚ୍ଛାଦନୀୟ । ଛାନ୍ଦୋଗ୍ୟ ଉପନିଷଦ୍‌ର (୬/୮/୭) 'ତୁମେ ବ୍ରହ୍ମ' ବାକ୍ୟ ପରି ଏହି ବାକ୍ୟଟି ବ୍ରହ୍ମତତ୍ତ୍ୱର ଉପଦେଶକ ।

2. ଏହା ସନ୍ନ୍ୟାସର ବିଧି । (ମୁ., ୩/୨/୪ ଟୀକା ଦ୍ର.) ମୂଳର ତ୍ୟକ୍ତେନ ଶବ୍ଦଟି ବିଶେଷଣାର୍ଥରେ, ଅର୍ଥାତ୍ ପରିତ୍ୟକ୍ତ (ବସ୍ତୁ) ଅର୍ଥରେ, ଗୃହୀତ ହୋଇପାରେ ନାହିଁ । କାରଣ, ପରିତ୍ୟକ୍ତ ପୁତ୍ରାଦି ବା ଧନାଦି କାହାରି ପରିପାଳକ ନୁହେଁ । ତ୍ୟାଗ କିନ୍ତୁ ଆତ୍ମାନୁଭୂତିର ପରିପୋଷକ ।

3. ଅବିଦ୍ୟାପ୍ରସୂତ ଶୋକ-ମୋହାଦି ସଂସାର-ଧର୍ମରୁ ଆତ୍ମାକୁ ମୁକ୍ତ କର । ଏହା ହିଁ ଆତ୍ମାର ପାଳନ । ଆତ୍ମ-ହନନ ହେଉଛି ଏହାର ବିପରୀତ (ଈ. ୩ ମନ୍ତ୍ରର ଟୀକା ଦ୍ର.) ।

4. ଏହା ସନ୍ନ୍ୟାସୀଙ୍କର ପାଳନୀୟ ନିୟମବିଧି ।

କୁର୍ବନ୍ନେବେହ କର୍ମାଣି ଜିଜୀବିଷେଚ୍ଛତꣳ ସମାଃ ।
ଏବꣳ ତ୍ୱୟି ନାନ୍ୟଥେତୋଽସ୍ତି ନ କର୍ମ ଲିପ୍ୟତେ ନରେ ॥୨॥

[ଯେଉଁ ବ୍ୟକ୍ତି] **ଇହ** (ଏହି ଜଗତ୍‌ରେ) **ଶତꣳ** (ଶତ) **ସମାଃ** (ବର୍ଷ) **ଜିଜୀବିଷେତ୍** (ବଞ୍ଚି ରହିବାକୁ ଅଭିଳାଷୀ ହେବେ) [ସେ] **କର୍ମାଣି କୁର୍ବନ୍ ଏବ** ([ଅଗ୍ନିହୋତ୍ରାଦି ଶାସ୍ତ୍ରବିହିତ] କର୍ମରେ ବ୍ୟାପୃତ ରହି ହିଁ) [**ଜିଜୀବିଷେତ୍**—ବଞ୍ଚିବାକୁ ଇଚ୍ଛୁକ ହେବେ] । **ଏବମ୍** (ଏହି ପ୍ରକାର ଜୀବନ ପାଇଁ ଇଚ୍ଛାଯୁକ୍ତ) **ନରେ** (ନରାଭିମାନୀ) **ତ୍ୱୟି** (ତୁମ ପକ୍ଷରେ) **ଇତଃ** (ଏହି ପ୍ରକାରରେ ବ୍ୟାପୃତ ରହିବା ବ୍ୟତୀତ) **ଅନ୍ୟଥା** (ଅନ୍ୟ କୌଣସି ଉପାୟ) **ନ ଅସ୍ତି** (ନାହିଁ) [ଯେଉଁଥିରେ] **କର୍ମ** ([ଅଶୁଭ] କର୍ମ) [ତୁମଠାରେ] **ନ ଲିପ୍ୟତେ** (ଲିପ୍ତ ନ ହୋଇପାରେ) । ୨

ଯେଉଁ ବ୍ୟକ୍ତି ଏହି ଜଗତ୍‌ରେ ଶତବର୍ଷ ବଞ୍ଚି ରହିବାକୁ ଉସୁକ,[1] ସେ (ଶାସ୍ତ୍ର-ବିହିତ) କର୍ମ କରି ହିଁ ବଞ୍ଚିବାକୁ ଇଚ୍ଛା କରିବେ । ଏହି ପ୍ରକାର (ଆୟୁଷ୍କାମୀ ମଧ୍ୟ) ନରାଭିମାନୀ ତୁମ ପକ୍ଷରେ ଏତଦ୍‌ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ ଯାହା ଦ୍ୱାରା ତୁମଠାରେ (ଅଶୁଭ) କର୍ମ ଲିପ୍ତ ନ ହୋଇପାରେ[2] । ୨

ଅସୁର୍ଯ୍ୟା[3] ନାମ ତେ ଲୋକା ଅନ୍ଧେନ ତମସାଽଽବୃତାଃ ।
ତାꣳସ୍ତେ ପ୍ରେତ୍ୟାଭିଗଚ୍ଛନ୍ତି ଯେ କେ ଚାତ୍ମହନୋ ଜନାଃ ॥୩॥

[ଏହି ମନ୍ତ୍ରରେ ଅବିଦ୍ୱାନର ନିନ୍ଦା କରା ହୋଇଅଛି]—**ଅସୁର୍ଯ୍ୟାଃ ନାମ** (ଅସୁରମାନଙ୍କର ଆବାସଭୂତ) **ତେ ଲୋକାଃ** (ସେହି ସକଳ ଲୋକ) **ଅନ୍ଧେନ** (ଅଦର୍ଶନାତ୍ମକ) **ତମସା** (ଅଜ୍ଞାନାନ୍ଧକାରରେ) **ଆବୃତାଃ** (ଆଚ୍ଛାଦିତ); **ଯେ କେ ଚ** (ଯେଉଁ ଯେଉଁମାନେ ହିଁ) **ଆତ୍ମହନଃ** (ଆତ୍ମଘାତୀ, ଅବିଦ୍ୱାନ) **ଜନାଃ** (ମଣିଷ) **ତେ** (ସେମାନେ) **ପ୍ରେତ୍ୟ** (ଦେହତ୍ୟାଗ କରି) **ତାନ୍** (ସେହି ସକଳ ଲୋକକୁ) **ଅଭିଗଚ୍ଛନ୍ତି** (ଗମନ କରନ୍ତି) । ୩

---

1. ପୂର୍ବ ଶ୍ଲୋକରେ ତତ୍ତ୍ୱଜ୍ଞାନର ଉପଦେଶ ଓ ସନ୍ନ୍ୟାସର ବିଧାନ ଏବଂ ବର୍ତ୍ତମାନ ଶ୍ଲୋକରେ ଗୃହସ୍ଥର କର୍ତ୍ତବ୍ୟ ବିଧାନ କରାଗଲା । ଶାସ୍ତ୍ରରେ ଏହି ଦୁଇଟି ପଥକୁ ନିବୃତ୍ତି-ମାର୍ଗ ଓ ପ୍ରବୃତ୍ତି-ମାର୍ଗ କୁହାଯାଏ । ଗୀତା, ୩/୩ ଓ ଭୂମିକା ଦ୍ରଷ୍ଟବ୍ୟ ।

2. ମନୁଷ୍ୟର ଜୀବନକାଳ ଶତ ବର୍ଷ । ଯିଏ ଇଚ୍ଛା କରନ୍ତି ଯେ, ସେ ଶତବର୍ଷ ବଞ୍ଚିବେ ଅଥଚ ସତ୍‌କର୍ମ କରନ୍ତି ନାହିଁ, ସେ ଅଗତ୍ୟା ଅଶୁଭ କର୍ମରେ ହିଁ ଲିପ୍ତ ହୁଅନ୍ତି ।

3. ପାଠାନ୍ତର—**ଅସୂର୍ଯ୍ୟାଃ**=ସୂର୍ଯ୍ୟରହିତ, ଜ୍ୟୋତିର୍ବିହୀନ ।

ଅସୁରମାନଙ୍କର[1] ଆବାସଭୂତ ସେହି ସକଳ ଲୋକ[2] ଦୃଷ୍ଟିପ୍ରତିରୋଧକ ଅଜ୍ଞାନାନ୍ଧକାରରେ ଆଚ୍ଛାଦିତ । ଯେଉଁ ସକଳ ମାନବ ଆତ୍ମହନ୍ତା ସେମାନେ ସମସ୍ତେ ହିଁ ଦେହତ୍ୟାଗ କରି ସେହି ସକଳ ଲୋକକୁ ଗମନ କରନ୍ତି[3] । ୩

ଅନେଜଦେକଂ ମନସୋ ଜବୀୟୋ
ନୈନଦ୍ଦେବା ଆପ୍ନୁବନ୍ ପୂର୍ବମର୍ଷତ୍ ।
ତଦ୍ଧାବତୋଽନ୍ୟାନତ୍ୟେତି ତିଷ୍ଠତ୍
ତସ୍ମିନ୍ନପୋ ମାତରିଶ୍ୱା ଦଧାତି ॥୪॥

[ଚତୁର୍ଥଠାରୁ ଅଷ୍ଟମ ପର୍ଯ୍ୟନ୍ତ ମନ୍ତ୍ରରେ ଆତ୍ମାର ସ୍ୱରୂପ ବର୍ଣ୍ଣିତ ହେଉଅଛି]—[ସେହି ଆତ୍ମା ନିରୁପାଧିକସ୍ୱରୂପରେ] **ଅନେଜତ୍** (ଅଚଳ, ସର୍ବଦା ଏକପ୍ରକାର) **ଏକଂ** ([ସର୍ବଭୂତରେ] ଏକ) [ଏବଂ ସୋପାଧିକରୂପରେ] **ମନସଃ** (ମନରୁ) **ଜବୀୟଃ** (ଅଧିକତର ବେଗବାନ୍) । **ପୂର୍ବମ୍** (ପୂର୍ବରୁ) **ଅର୍ଷତ** (ଗତ) **ଏନତ୍** (ଏହି ଆତ୍ମସ୍ୱରୂପକୁ) **ଦେବାଃ** (ବସ୍ତୁ-ପ୍ରକାଶକ ଇନ୍ଦ୍ରିୟସମୂହ) **ନ ଆପ୍ନୁବନ୍** (ପ୍ରାପ୍ତ ହୁଅନ୍ତି ନାହିଁ); **ତତ୍** (ସେହି ଆତ୍ମତତ୍ତ୍ୱ) **ତିଷ୍ଠତ୍** (ସ୍ଥିର ରହି, ଅବିକୃତ ରହି) **ଧାବତଃ** (ଦ୍ରୁତଗାମୀ) **ଅନ୍ୟାନ୍** (ମନ ପ୍ରଭୃତି ଅପର ସକଳଙ୍କୁ) **ଅତି-ଏତି** (ଅତିକ୍ରମ କରିଯାଆନ୍ତି) **ତସ୍ମିନ୍ [ସତି]** (ସେହି ଆତ୍ମତତ୍ତ୍ୱ [ଅଛନ୍ତି ବୋଲି ହିଁ]) **ମାତରିଶ୍ୱା** (ବାୟୁ, ଜଗତ୍-ବିଧାୟକ ସୂତ୍ରାତ୍ମା) **ଅପଃ** (କର୍ମସମୂହ) **ଦଧାତି** (ଧାରଣ କରନ୍ତି ବା ବିଭାଗ କରିଦିଅନ୍ତି । ୪

---

1. ଅଦ୍ୱିତୀୟ ପରମାତ୍ମଭାବରେ ଯେଉଁମାନେ ଭାବିତ ନୁହନ୍ତି ସେମାନଙ୍କର, ଅର୍ଥାତ୍ ଦେବାଦି ସମସ୍ତଙ୍କର ହିଁ ।

2. କର୍ମଫଳସମୂହ ଯେଉଁଠାରେ ଅବଲୋକିତ ବା ଭୁକ୍ତ ଥାଏ; ଅର୍ଥାତ୍ ବିଭିନ୍ନ ଜନ୍ମ ।

3. ଆତ୍ମା ବିଦ୍ୟମାନ ରହିଥିଲେ ମଧ୍ୟ ଅବିଦ୍ୟାଦୋଷ ଯୋଗୁଁ ଯେଉଁମାନଙ୍କର ତଦ୍‌ବିଷୟକ ଜ୍ଞାନ ନାହିଁ । ଆତ୍ମାର ବିଦ୍ୟମାନତ୍ୱ ଫଳରେ ଯେଉଁ ଅଜର ଅମରତ୍ୱାଦି ଅନୁଭୂତ ହେବା ଉଚିତ୍, ତାହା ସେମାନଙ୍କ ନିକଟରେ ଆବୃତ ରହିଥାଏ; ସୁତରାଂ ସେମାନଙ୍କ ନିକଟରେ ଆତ୍ମା ଯେପରି ନିହତରୂପରେ ଅବସ୍ଥାନ କରନ୍ତି । କେ., ୨/୫ ଏବଂ ଗୀତା, ୧୩/୨୮ ଦ୍ରଷ୍ଟବ୍ୟ ।

(ସେହି ଆତ୍ମତତ୍ତ୍ୱ) ଅଚଳ, ଏକ ଏବଂ ମନଠାରୁ ମଧ୍ୟ ଅଧିକତର ବେଗବାନ୍ ।[1] ପୂର୍ବଗାମୀ ଏହାଙ୍କୁ ଇନ୍ଦ୍ରିୟମାନେ ପ୍ରାପ୍ତ ହୁଅନ୍ତି ନାହିଁ ।[2] ସେ ସ୍ଥିର ରହି ମଧ୍ୟ ଦ୍ରୁତଗାମୀ ଅପର ସକଳଙ୍କୁ ଅତିକ୍ରମ କରିଯାଆନ୍ତି । ସେ ଅଛନ୍ତି ବୋଲି ହିଁ ବାୟୁ (ଅର୍ଥାତ୍ ସୂତ୍ରାତ୍ମା) ସର୍ବପ୍ରକାର କର୍ମ[3] ନିଜ ଭିତରେ ଧାରଣ କରନ୍ତି ।[4] ଅଥବା—ସୂତ୍ରାତ୍ମା ସର୍ବପ୍ରକାର କର୍ମ[5] ଯଥାଯଥ ବିଭାଗ କରିଦିଅନ୍ତି ।୪।

ତଦେଜତି ତନ୍ନୈଜତି ତଦ୍ଦୂରେ ତଦ୍ୱନ୍ତିକେ ।
ତଦନ୍ତରସ୍ୟ ସର୍ବସ୍ୟ ତଦୁ ସର୍ବସ୍ୟାସ୍ୟ ବାହ୍ୟତଃ ॥୫॥

ତତ୍ (ସେହି ଆତ୍ମତତ୍ତ୍ୱ) **ଏଜତି** (ଚାଲନ୍ତି) **ତତ୍** (ସେହି ଆତ୍ମତତ୍ତ୍ୱ) **ନ ଏଜତି** (ଚାଲନ୍ତି ନାହିଁ) । **ତତ୍ ଦୂରେ** ([ଅବିଦ୍ୱାନ୍‌ଗଣଙ୍କ ପକ୍ଷରେ] ଦୂରରେ) **ତତ୍ ଉ** (ପୁଣି) **ଅନ୍ତିକେ** ([ଜ୍ଞାନୀମାନଙ୍କ ପକ୍ଷରେ] ନିକଟରେ); **ତତ୍** (ସେ) **ଅସ୍ୟ** (ଏହି) **ସର୍ବସ୍ୟ** (ସମସ୍ତ ଜଗତ୍‌ର) **ଅନ୍ତଃ** (ଅନ୍ତରରେ) **ଉ** (ଏବଂ) **ତତ୍** (ସେ) **ଅସ୍ୟ** (ଏହି) **ସର୍ବସ୍ୟ** (ସମସ୍ତ ଜଗତ୍‌ର) **ବାହ୍ୟତଃ** (ବାହାରେ) । ୫

---

1. ସଂକଳ୍ପମାତ୍ରେ ହିଁ ମନ ବ୍ରହ୍ମଲୋକାଦି ଅତି ଦୂର ଦେଶକୁ ଗମନ କରେ । ଏହିପରି ଦ୍ରୁତଗାମୀ ମନ ମଧ୍ୟ ସେହି ସେହି ସ୍ଥାନରେ ଯାଇ ଦେଖେ ଯେ, ସେଠାରେ ମଧ୍ୟ ଚୈତନ୍ୟଜ୍ୟୋତିଃ ପୂର୍ବରୁ ହିଁ ରହିଛନ୍ତି । କାରଣ, ସେହି ଜ୍ୟୋତିଃ ସର୍ବବ୍ୟାପୀ ଏବଂ ତାଙ୍କ ସହାୟରେ ହିଁ ମନ ବିଭିନ୍ନ ବସ୍ତୁକୁ ଜାଣିଥାଏ । ଆତ୍ମା ସ୍ୱତଃ ଅଚଳ ହେଲେ ମଧ୍ୟ ଦ୍ରୁତଗାମୀ ବୋଲି ପ୍ରତିଭାତ ହୁଅନ୍ତି । —କ., ୧/୨/୨୧

2. ମନ ଆତ୍ମାଠାରୁ ଯେତେ ଦୂରରେ, ଇନ୍ଦ୍ରିୟଗଣ ତାହା ଅପେକ୍ଷା ମଧ୍ୟ ଅଧିକତର ଦୂରବର୍ତ୍ତୀ, କାହିଁକି ନା, ସେମାନେ ଆହୁରି ବେଶୀ ଜଡ଼ ବା ଚୈତନ୍ୟ-ପ୍ରତିବିମ୍ବ ଗ୍ରହଣରେ ଅଧିକ ଅକ୍ଷମ । ମନ ଯାହାକୁ ବିଷୟ କରିପାରେ ନାହିଁ, ଇନ୍ଦ୍ରିୟଗଣ ତାହାଙ୍କୁ କିପରି ଜାଣିବେ ?

3. ଶ୍ରୌତ କର୍ମସମୂହ ସୋମ, ଘୃତ, ଦୁଗ୍ଧ ପ୍ରଭୃତି ତରଳ ପଦାର୍ଥ ଦ୍ୱାରା ସମ୍ପାଦିତ ହୁଏ ବୋଲି ସେମାନଙ୍କୁ ଅପ୍ ଅର୍ଥାତ ଜଳ ଶବ୍ଦରେ ନିର୍ଦ୍ଦେଶ କରାହୋଇଅଛି । ମହାପ୍ରାଣ ଓ ସୂତ୍ରାତ୍ମା ବା ହିରଣ୍ୟଗର୍ଭ ଅଭିନ୍ନ ।

4. ଆତ୍ମାର ଅସ୍ତିତ୍ୱ ନ ଥିଲେ ହିରଣ୍ୟଗର୍ଭର ପ୍ରଭୁତ୍ୱ ସମ୍ଭବପର ହୋଇ ନ ଥାଆନ୍ତା । ଚୈତନ୍ୟସତ୍ତା ବ୍ୟତୀତ ଜଡ଼ ସୂତ୍ରାତ୍ମାରେ କ୍ରିୟା ଅସମ୍ଭବ । ଏହିପ୍ରକାର ପ୍ରସଙ୍ଗକ୍ରମରେ ଆତ୍ମାର ଅସ୍ତିତ୍ୱବିଷୟରେ ଗୋଟିଏ ଅନୁମାନର ସଙ୍କେତ କରାଗଲା । ବସ୍ତୁତଃ ଅନୁମାନ ଦ୍ୱାରା ସେ ପ୍ରମାଣିତ ହୁଅନ୍ତି ନାହିଁ ।

5. ଅଗ୍ନିର ପ୍ରଜ୍ୱଳନ, ଆଦିତ୍ୟଙ୍କର ପ୍ରକାଶ, ପର୍ଜନ୍ୟର ଅଭିବର୍ଷଣ ପ୍ରଭୃତି । —ଈ., ୮

ସେ ଚାଲନ୍ତି, ସେ ଚାଲନ୍ତି ନାହିଁ[1]; ସେ ଦୂରରେ[2], ପୁଣି ସେ ନିକଟରେ[3]; ସେ ଏହି ସମସ୍ତ ଜଗତ୍ ଭିତରେ[4], ପୁଣି ଏହି ସମସ୍ତ ଜଗତ୍‌ର ବାହାରେ[5] । ୫

ଯସ୍ତୁ ସର୍ବାଣି ଭୂତାନ୍ୟାତ୍ମନ୍ୟେବାନୁପଶ୍ୟତି ।
ସର୍ବଭୂତେଷୁ ଚାତ୍ମାନଂ ତତୋ ନ ବିଜୁଗୁପ୍ସତେ ॥୬॥

ତୁ ଯଃ (କିନ୍ତୁ ଯିଏ) **ସର୍ବାଣି** (ସକଳ) **ଭୂତାନି** (ବ୍ରହ୍ମଠାରୁ ସ୍ତମ୍ବ ପର୍ଯ୍ୟନ୍ତ ବସ୍ତୁସମୂହ) **ଆତ୍ମନି ଏବ** (ଆତ୍ମାରେ ହିଁ, ଆତ୍ମାଠାରୁ ଅନତିରିକ୍ତରୂପରେ) **ଅନୁପଶ୍ୟତି** (ଦେଖନ୍ତି) **ଚ** (ଏବଂ) **ସର୍ବଭୂତେଷୁ** (ସମୁଦାୟ ବସ୍ତୁରେ) **ଆତ୍ମାନମ୍** (ନିଜକୁ ହିଁ, ନିଜ ଆତ୍ମାକୁ ସେମାନଙ୍କର ଆତ୍ମାରୂପରେ) [**ଅନୁପଶ୍ୟତି** (ଦେଖନ୍ତି)] [ସେ] **ତତଃ** (ଉକ୍ତ ଦର୍ଶନହେତୁ) [କାହାକୁ ମଧ୍ୟ] **ନ ବିଜୁଗୁପ୍ସତେ** (ଘୃଣା କରନ୍ତି ନାହିଁ) । ୬

କିନ୍ତୁ ଯିଏ ସମୁଦାୟ ବସ୍ତୁ ହିଁ ଆତ୍ମାରେ[6] ଏବଂ ସମୁଦାୟ ବସ୍ତୁରେ ହିଁ ଆତ୍ମାକୁ[7] ଦେଖନ୍ତି, ସେ ସେହି ଦର୍ଶନ ବଳରେ ହିଁ କାହାକୁ ମଧ୍ୟ ଘୃଣା[8] କରନ୍ତି ନାହିଁ । ୬

---

1. ସ୍ୱତଃ ଅଚଳ ହୋଇ ମଧ୍ୟ ଚାଲନ୍ତି ।

2. ଅବିଦ୍ୱାନ୍‌ଙ୍କ ଦ୍ୱାରା ଅପ୍ରାପ୍ୟ ।

3. ଜ୍ଞାନୀଙ୍କ ଆତ୍ମସ୍ୱରୂପ ।

4. ଆକାଶପରି ସୂକ୍ଷ୍ମ ବୋଲି ସବୁକିଛିରେ ଅନୁସ୍ୟୂତ ।

5. ସର୍ବବ୍ୟାପୀ ବୋଲି ସମସ୍ତଙ୍କର ବାହାରେ ଅବସ୍ଥିତ । —ଗୀତା, ୧୩/୧୫ ଦ୍ରଷ୍ଟବ୍ୟ ।

6. ଅର୍ଥାତ୍ ଅବ୍ୟାକୃତାଦି ସ୍ଥାବରାନ୍ତ କୌଣସି ଭୂତକୁ ଯିଏ ଆତ୍ମାଠାରୁ ଅତିରିକ୍ତରୂପରେ ଦର୍ଶନ କରନ୍ତି ନାହିଁ । ଗୀତା, ୬/୨୯-୩୦ ଦ୍ରଷ୍ଟବ୍ୟ ।

7. ଏହି କାର୍ଯ୍ୟକାରଣ-ସଂଘାତର ଆତ୍ମରୂପରେ ମୁଁ ଯେପରି ସର୍ବପ୍ରତ୍ୟୟର ସାକ୍ଷୀ, ଚେତୟିତା ଓ ନିର୍ଗୁଣ, ଠିକ୍ ସେପରି ଉକ୍ତ ସ୍ୱରୂପରେ ହିଁ ମୁଁ ଅବ୍ୟକ୍ତାଦି ସ୍ଥାବରାନ୍ତ ସର୍ବଭୂତର ମଧ୍ୟ ଆତ୍ମା—ଏହି ପ୍ରକାରେ ଯିଏ ନିଜକୁ ସର୍ବଭୂତରେ ନିର୍ବିଶେଷରୂପରେ ଦର୍ଶନ କରନ୍ତି । ଐ., ୩/୧/୩ ଟୀକା ଦ୍ରଷ୍ଟବ୍ୟ ।

8. ନିଜଠାରୁ ପୃଥଗ୍‌ଭୂତ କୌଣସି ବସ୍ତୁ ଦର୍ଶନ କଲେ ତାହା ପ୍ରତି ଘୃଣା ଜ୍ଞାତ ହୋଇଥାଏ । ନିଜକୁ ଅଦ୍ୱୈତ ଓ ବିଶୁଦ୍ଧ ରୂପରେ ଦର୍ଶନ କଲେ ଘୃଣାର କାରଣ ଦୂରୀଭୂତ ହୁଏ ।

ଯସ୍ମିନ୍‌ସର୍ବାଣି ଭୂତାନ୍ୟାତ୍ମୈବାଭୂଦ୍‌ବିଜାନତଃ ।
ତତ୍ର କୋ ମୋହଃ କଃ ଶୋକ ଏକତ୍ୱମନୁପଶ୍ୟତଃ ॥୭॥

ସର୍ବାଣି ଭୂତାନି (ସମୁଦାୟ ବସ୍ତୁ) **ଯସ୍ମିନ୍** (ଯେଉଁ କାଳରେ) **ବିଜାନତଃ** (ଜ୍ଞାନୀଙ୍କର) **ଆତ୍ମା ଏବ** (ଆତ୍ମା ହିଁ) **ଅଭୂତ୍** (ହୋଇଗଲା) **ତତ୍ର** (ସେତେବେଳେ) [ସେହି] **ଏକତ୍ୱମ୍** (ଏକାତ୍ମତା) **ଅନୁପଶ୍ୟତଃ** (ଦର୍ଶନକାରୀଙ୍କର) **କଃ ମୋହଃ** (ମୋହ କ'ଣ) **କଃ ଶୋକଃ** (ଶୋକ କ'ଣ) ? ଅଥବା **ଯସ୍ମିନ୍** (ଯେଉଁ ଆତ୍ମାରେ) **ତତ୍ର** (ସେହି ଆତ୍ମାରେ) । ୭

ସମୁଦାୟ ବସ୍ତୁ ଯେଉଁ କାଳରେ ଜ୍ଞାନୀଙ୍କର ଆତ୍ମା ହିଁ ହୋଇଗଲା, ସେତେବେଳେ ସେହି ଏକତ୍ୱଦର୍ଶୀଙ୍କର ମୋହ କ'ଣ କିମ୍ବା ଶୋକ କ'ଣ ? ଅଥବା—ଜ୍ଞାନୀର ଯେଉଁ ଆତ୍ମାରେ ସମୁଦାୟ ବସ୍ତୁ ଆତ୍ମରୂପରେ ଏକ ହୋଇଗଲା, ସେହି ଏକତ୍ୱଦର୍ଶୀଙ୍କର ଆତ୍ମାରେ ମୋହ କ'ଣ କିମ୍ବା ଶୋକ ଅବା କ'ଣ[1] ? ୭

ସ ପର୍ୟଗାଚ୍ଛୁକ୍ରମକାୟମବ୍ରଣ-
ମସ୍ନାବିରଂ ଶୁଦ୍ଧମପାପବିଦ୍ଧମ୍ ।
କବିର୍ମନୀଷୀ ପରିଭୂଃ ସ୍ୱୟମ୍ଭୂର୍ୟାଥାତଥ୍ୟତୋ-
ଽର୍ଥାନ୍ ବ୍ୟଦଧାଚ୍ଛାଶ୍ୱତୀଭ୍ୟଃ ସମାଭ୍ୟଃ ॥୮॥

ସଃ (ସେହି ଆତ୍ମା) **ପର୍ୟଗାତ୍** (ସର୍ବବ୍ୟାପୀ) **ଶୁକ୍ରମ୍**(=**ଶୁଭ୍ରମ୍**, ଜ୍ୟୋତିର୍ମୟ) **ଅକାୟମ୍** (ଅଶରୀର) **ଅବ୍ରଣମ୍** (କ୍ଷତବିହୀନ) **ଅସ୍ନାବିରଂ** (ଶିରାରହିତ) **ଶୁଦ୍ଧମ୍** (ନିର୍ମଳ) **ଅପାପବିଦ୍ଧମ୍** (ଧର୍ମାଧର୍ମାଦିରହିତ) **କବିଃ** (ସର୍ବଦର୍ଶୀ) **ମନୀଷୀ** (ମନର ନିୟନ୍ତା, ସର୍ବଜ୍ଞ ଈଶ୍ୱର) **ପରିଭୂଃ** (ସର୍ବୋତ୍ତମ) **ସ୍ୱୟମ୍ଭୂଃ** (ନିଜେ ହିଁ ନିଜର କାରଣ); **ଶାଶ୍ୱତୀଭ୍ୟଃ** (ନିତ୍ୟକାଳସ୍ଥାୟୀ) **ସମାଭ୍ୟଃ** (ସଂବତ୍ସରାଖ୍ୟ ପ୍ରଜାପତିମାନଙ୍କ ପାଇଁ) **ଅର୍ଥାନ୍** (କର୍ତ୍ତବ୍ୟ ପଦାର୍ଥସମୂହ) **ଯାଥାତଥ୍ୟତଃ** (ଯଥାଯଥ କର୍ମଫଳ ଓ ସାଧନା ଅନୁଯାୟୀ, ଯଥାନୁରୂପ) **ବ୍ୟବଧାତ୍** (ବିଧାନ କରିଅଛନ୍ତି, ଭାଗ କରି ଦେଇଛନ୍ତି) । ୮

---

1. ଅବିଦ୍ୟାର କାର୍ଯ୍ୟ ଶୋକ ଓ ମୋହର ସମ୍ଭାବନା ରହେ ନାହିଁ ବୋଲି ସକାରଣ ସଂସାରର ଉଚ୍ଛେଦ ପ୍ରଦର୍ଶିତ ହେଲା । ଏହି ଜ୍ଞାନ-ସମକାଳୀନ ମୁକ୍ତି ହିଁ ଜ୍ଞାନର ଫଳ ।

ସେ ସର୍ବବ୍ୟାପୀ, ଜ୍ୟୋତିର୍ମୟ, ଅଶରୀର, ଅକ୍ଷତ, ଶିରାହୀନ, ନିର୍ମଳ[1], ଅପାପବିଦ୍ଧ, ସର୍ବଦର୍ଶୀ, ମନର ନିୟନ୍ତା, ସର୍ବୋତ୍ତମ ଓ ସ୍ୱୟମ୍ଭୂ । ସେ ନିତ୍ୟ-କାଳ-ସ୍ଥାୟୀ[2] ସଂବତ୍ସରାଖ୍ୟ ପ୍ରଜାପତିମାନଙ୍କ ପାଇଁ ଯଥାନୁରୂପ କର୍ତ୍ତବ୍ୟ ବିଧାନ କରିଅଛନ୍ତି । ୮

ଅନ୍ଧଂ ତମଃ ପ୍ରବିଶନ୍ତି ଯେଽବିଦ୍ୟାମୁପାସତେ ।
ତତୋ ଭୂୟ ଇବ ତେ ତମୋ ୟ ଉ ବିଦ୍ୟାୟାଂ ରତାଃ ॥୯॥

ଯେ (ଯେଉଁମାନେ) **ଅବିଦ୍ୟାମ୍** (ବିଦ୍ୟାବିରୋଧୀ ଉପାସନାବିହୀନ ଅଗ୍ନିହୋତ୍ରାଦି କର୍ମ) **ଉପାସତେ** (ତତ୍ପରତାସହକାରେ ଅନୁଷ୍ଠାନ କରନ୍ତି) [ସେମାନେ] **ଅନ୍ଧଂ** (ଦର୍ଶନ-ପ୍ରତିରୋଧକ) **ତମଃ** (ଅଜ୍ଞାନରୂପକ ଅନ୍ଧକାରରେ) **ପ୍ରବିଶନ୍ତି** (ପ୍ରବେଶ କରନ୍ତି); **ଯେ ଉ** (କିନ୍ତୁ ଯେଉଁମାନେ) **ବିଦ୍ୟାୟାଂ** (ଦେବତା ବିଷୟକ ଜ୍ଞାନରେ, ଅର୍ଥାତ୍ କର୍ମବିହୀନ ଉପାସନାରେ) **ରତାଃ** (ଅଭିରତ) **ତେ** (ସେମାନେ) **ତତଃ** (ତାହାଠାରୁ) **ଭୂୟଃ ଇବ** [=**ଏବ**] **ତମଃ** (ଅଧିକତର ଅନ୍ଧକାରରେ) [ପ୍ରବେଶ କରନ୍ତି] [ଉପାସନାସମ୍ବନ୍ଧରେ ଭୂମିକା ଦ୍ର.] । ୯

ଯେଉଁମାନେ କେବଳ କର୍ମର ଅନୁଷ୍ଠାନ କରନ୍ତି, ସେମାନେ ଦୃଷ୍ଟି-ବିରୋଧୀ ଅନ୍ଧକାରରେ ପ୍ରବେଶ କରନ୍ତି ଏବଂ ଯେଉଁମାନେ ଦେବତା ଜ୍ଞାନରେ ହିଁ ନିରତ, ସେମାନେ ତାହାଠାରୁ ମଧ୍ୟ ଅଧିକତର ଅନ୍ଧକାରରେ ପ୍ରବେଶ କରନ୍ତି । ୯

ଅନ୍ୟଦେବାହୁର୍ବିଦ୍ୟୟାଽନ୍ୟଦାହୁରବିଦ୍ୟୟା ।
ଇତି ଶୁଶ୍ରୁମ ଧୀରାଣାଂ ଯେ ନସ୍ତଦ୍ୱିଚଚକ୍ଷିରେ ॥୧୦॥

ଯେ (ଯେଉଁମାନେ) **ନଃ** (ଆମମାନଙ୍କ ନିକଟରେ) **ତତ୍** (ଉକ୍ତଜ୍ଞାନ ଓ କର୍ମ) **ବିଚଚକ୍ଷିରେ** (ବ୍ୟାଖ୍ୟା କରିଛନ୍ତି) [ସେହି] **ଧୀରାଣାମ୍** (ଧୀମାନ୍‌ଗଣଙ୍କ) [ନିକଟରୁ ଶୁଣିଅଛୁ]—"**ଆହୁଃ** ([ଜ୍ଞାନୀମାନେ] କହନ୍ତି) **ବିଦ୍ୟୟା** (ଦେବତାଜ୍ଞାନ ଦ୍ୱାରା) **ଅନ୍ୟତ୍ ଏବ** (ପୃଥକ ଫଳ ହିଁ) [ହୁଏ], **ଅବିଦ୍ୟୟା** (କର୍ମଦ୍ୱାରା)

---

1. ଅଶରୀର ଶବ୍ଦରେ ଆତ୍ମାର ଲିଙ୍ଗଶରୀରର ନିଷେଧ; ଅକ୍ଷତ ଓ ଶିରାହୀନ ଶବ୍ଦରେ ସ୍ଥୂଳ-ଶରୀରର ପ୍ରତିଷେଧ ଏବଂ ନିର୍ମଳ ଶବ୍ଦରେ କାରଣଶରୀରର ପ୍ରତିଷେଧ କରାହେଲା ।

2. ଯେତେକ୍ଷଣ ସଂସାର, ସେତେକ୍ଷଣ ସ୍ଥାୟୀ । ଯେତେବେଳ ପର୍ଯ୍ୟନ୍ତ ଅବିଦ୍ୟା ଅଛି, ସେତେବେଳ ପର୍ଯ୍ୟନ୍ତ ସଂସାରର ବିନାଶ ନାହିଁ । ଏହିପରି ଅବିଦ୍ୱାନ୍‌ଙ୍କ ଦୃଷ୍ଟିରେ ସଂସାର ନିତ୍ୟ; ସୁତରାଂ ସଂସାର ପରିଚାଳନାରେ ନିରତ ପ୍ରଜାପତିଗଣ ମଧ୍ୟ ନିତ୍ୟ ।

ଅନ୍ୟତ୍ ଆହୁଃ" ଇତି) (ପୃଥକ ଫଳ ହିଁ [ହୁଏ] ଏହି ବାଣୀ) [ଆମେ] **ଶୁଶ୍ରୁମ** (ଶୁଣିଅନ୍ତୁ) । ୧୦

ଯେଉଁମାନେ ଆମମାନଙ୍କ ନିକଟରେ ଉକ୍ତ ଉପାସନା ଓ କର୍ମର ବ୍ୟାଖ୍ୟା କରିଛନ୍ତି, ଆମେ ସେମାନଙ୍କର ଏହି ବାଣୀ ଶୁଣିଅନ୍ତୁ—"ଦେବତାଜ୍ଞାନର ପୃଥକ୍ ଫଳ[1] ହିଁ ଉଲ୍ଲିଖିତ ହୋଇଅଛି, ଏବଂ କର୍ମର ପୃଥକ୍ ଫଳ[2] ହିଁ ଉଲ୍ଲିଖିତ ହୋଇଅଛି ।" ୧୦

ବିଦ୍ୟାଂ ଚାବିଦ୍ୟାଂ ଚ ୟସ୍ତଦ୍ୱେଦୋଭୟଂ ସହ ।
ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟୟାମୃତମଶ୍ନୁତେ ॥୧୧॥

ୟଃ (ଯିଏ) **ବିଦ୍ୟାଂ ଚ ଅବିଦ୍ୟାଂ ଚ** (ବିଦ୍ୟା ଓ ଅବିଦ୍ୟା, ଅର୍ଥାତ୍ ଦେବତାଜ୍ଞାନ ଓ କର୍ମ) **ତତ୍** (ଏହି) **ଉଭୟଂ** (ଉଭୟଙ୍କୁ) **ସହ** (ଏକତ୍ର, ଏକ ହିଁ ପୁରୁଷଙ୍କର ଅନୁଷ୍ଠେୟରୂପରେ) **ବେଦ** (ଜାଣନ୍ତି) [ସେ] **ଅବିଦ୍ୟୟା** (ଅଗ୍ନିହୋତ୍ରାଦି କର୍ମଦ୍ୱାରା) **ମୃତ୍ୟୁଂ** (ମୃତ୍ୟୁଶବ୍ଦବାଚ୍ୟ ସ୍ୱାଭାବିକ କର୍ମ ଓ ଜ୍ଞାନକୁ) **ତୀର୍ତ୍ୱା** (ଅତିକ୍ରମ କରି) **ବିଦ୍ୟୟା** (ଦେବତାଜ୍ଞାନ ଦ୍ୱାରା) **ଅମୃତମ୍** (ଅମରତ୍ୱ, ଦେବାତ୍ମଭାବ) **ଅଶ୍ନୁତେ** (ପ୍ରାପ୍ତ ହୁଅନ୍ତି) । ୧୧

ଯିଏ ଦେବତାଜ୍ଞାନ ଓ କର୍ମ ଏହି ଉଭୟକୁ ଏକତ୍ର (ଅର୍ଥାତ୍ ଏକ ହିଁ ପୁରୁଷଙ୍କର ଅନୁଷ୍ଠେୟ[3] ବୋଲି) ଜାଣନ୍ତି, ସେ (ଶାସ୍ତ୍ରୀୟ) କର୍ମ ଦ୍ୱାରା ମୃତ୍ୟୁକୁ ଅତିକ୍ରମ କରି ଦେବତାଜ୍ଞାନ ସହାୟରେ ଅମରତ୍ୱ[4] ଲାଭ କରନ୍ତି । ୧୧

---

1. **"ବିଦ୍ୟୟା ଦେବଲୋକଃ"**=ବିଦ୍ୟା ଦ୍ୱାରା ଦେବଲୋକ ପ୍ରାପ୍ତି ହୁଏ ।

2. **"କର୍ମଣା ପିତୃଲୋକଃ"**=କର୍ମ ଦ୍ୱାରା ପିତୃଲୋକ ଲାଭ ହୁଏ ।

3. ଯଦିଓ ଦଶମ ଶ୍ଲୋକରେ ଦେବତାଜ୍ଞାନ ଓ କର୍ମର ପୃଥକ୍ ଫଳ ସ୍ୱୀକୃତ ହୋଇଅଛି, ତଥାପି ଏକାଦଶ ଶ୍ଲୋକରେ ଉଭୟର ସମୁଚ୍ଚୟବିଧାନ ପାଇଁ ନବମ ଶ୍ଲୋକରେ ଉପାସନାରହିତ କର୍ମ ଓ କର୍ମବିଯୁକ୍ତ ଉପାସନାର ନିନ୍ଦା କରାଯାଇଛି । ଶାସ୍ତ୍ର ମଧ୍ୟରେ ଶାସ୍ତ୍ରୀୟ କୌଣସି ବିଷୟର ନିନ୍ଦା ଅଛି ଦେଖିଲେ ବୁଝିବାକୁ ହେବ ଯେ, ତାହାର ପ୍ରକୃତ ଉଦ୍ଦେଶ୍ୟ ନିନ୍ଦା କରିବା ନୁହେଁ, କିନ୍ତୁ ଶାସ୍ତ୍ରୀୟ ଅନ୍ୟ କୌଣସି ବିଷୟର ପ୍ରଶଂସା ପାଇଁ ହିଁ ସେପରି କୁହାହୋଇଛି ।

4. ଏହା ଆପେକ୍ଷିକ ଅମୃତତ୍ୱ । ବ୍ରହ୍ମଜ୍ଞାନ ବ୍ୟତିରେକେ ପାରମାର୍ଥିକ ଅମୃତତ୍ୱଲାଭ ହୁଏ ନାହିଁ । କେ., ୧/୨; ଶ୍ୱେ., ୩/୮ ଦ୍ରଷ୍ଟବ୍ୟ ।

ଅନ୍ଧଂ ତମଃ ପ୍ରବିଶନ୍ତି ଯେଽସମ୍ଭୂତିମୁପାସତେ ।
ତତୋ ଭୂୟ ଇବ ତେ ତମୋ ୟ ଉ ସମ୍ଭୂତ୍ୟାଂ ରତାଃ ॥୧୨॥

ଯେ (ଯେଉଁମାନେ) **ଅସମ୍ଭୂତିମ୍** (କାରଣଭୂତା, ଅବ୍ୟାକୃତା, ଅବିଦ୍ୟାଖ୍ୟା ପ୍ରକୃତିକୁ) **ଉପାସତେ** (ଉପାସନା କରନ୍ତି) [ସେମାନେ] **ଅନ୍ଧଂ** (ଦର୍ଶନ-ପ୍ରତିରୋଧକ) **ତମଃ** (ଅଜ୍ଞାନରୂପକ ଅନ୍ଧକାରରେ) **ପ୍ରବିଶନ୍ତି** (ପ୍ରବେଶ କରନ୍ତି); **ଯେ ଉ ସମ୍ଭୂତ୍ୟାଂ** (ଉତ୍ପତ୍ତିଶୀଳ, ବ୍ୟାକୃତ କାର୍ଯ୍ୟବ୍ରହ୍ମରେ, ଅର୍ଥାତ୍ ହିରଣ୍ୟଗର୍ଭରେ) **ରତାଃ** (ଅନୁରକ୍ତ) **ତେ** (ସେମାନେ) **ତତଃ** (ତାହାଠାରୁ) **ଭୂୟଃ ଇବ ତମଃ** (ଅଧିକତର ଅନ୍ଧକାରରେ ହିଁ) [**ପ୍ରବିଶନ୍ତି** (ପ୍ରବେଶ କରନ୍ତି)] । ୧୨

ଯେଉଁମାନେ ପ୍ରକୃତିର ଉପାସନା କରନ୍ତି, ସେମାନେ ଦର୍ଶନବିରୋଧୀ ଅନ୍ଧକାରରେ ପ୍ରବେଶ କରନ୍ତି ଏବଂ ଯେଉଁମାନେ ହିରଣ୍ୟଗର୍ଭଙ୍କର ଉପାସନା କରନ୍ତି, ସେମାନେ ତାହା ଅପେକ୍ଷା ଗଭୀରତର ଅନ୍ଧକାରରେ ପ୍ରବେଶ କରନ୍ତି । ୧୨

ଅନ୍ୟଦେବାହୁଃ ସମ୍ଭବାଦନ୍ୟଦାହୁରସମ୍ଭବାତ୍ ।
ଇତି ଶୁଶ୍ରୁମ ଧୀରାଣାଂ ଯେ ନସ୍ତଦ୍ୱିଚଚକ୍ଷିରେ ॥୧୩॥

ଯେ (ଯେଉଁମାନେ) [ଆମମାନଙ୍କ ନିକଟରେ] **ତତ୍** (ପ୍ରକୃତି ଓ ହିରଣ୍ୟଗର୍ଭଙ୍କର ଉପାସନାର ଫଳ) **ବିଚଚକ୍ଷିରେ** (ବ୍ୟାଖ୍ୟା କରିଛନ୍ତି) [ସେହି] **ଧୀରାଣାମ୍** (ଧୀରଗଣଙ୍କ) [ନିକଟରୁ]—"**ଆହୁଃ** ([ଜ୍ଞାନୀମାନେ] କହନ୍ତି) **ସମ୍ଭବାତ୍** (ହିରଣ୍ୟଗର୍ଭଙ୍କ ଉପାସନାରୁ) **ଅନ୍ୟତ୍ ଏବ** (ପୃଥକ୍ ଫଳ, ଅଣିମାଦି ଐଶ୍ୱର୍ଯ୍ୟପ୍ରାପ୍ତି) [ହୁଏ], **ଅସମ୍ଭବାତ୍** (ପ୍ରକୃତି ଉପାସନାଠାରୁ) **ଅନ୍ୟତ୍** (ପୃଥକ୍ ଫଳ, ପୁରାଣାଦି ଶାସ୍ତ୍ର-କଥିତ ପ୍ରକୃତିଲୟରୂପକ ଫଳପ୍ରାପ୍ତି) **ଆହୁଃ** (କହନ୍ତି)"—**ଇତି** (ଏହି ପ୍ରକାର ବାଣୀ) [ଆମେ] **ଶୁଶ୍ରୁମ** (ଶୁଣିଅନ୍ତୁ) । ୧୩

ଯେଉଁମାନେ ଆମମାନଙ୍କ ନିକଟରେ ଉକ୍ତ ପ୍ରକୃତି ଓ ହିରଣ୍ୟଗର୍ଭଙ୍କ ଉପାସନାର ଫଳ ବ୍ୟାଖ୍ୟା କରିଛନ୍ତି, ଆମେ ସେମାନଙ୍କର ଏହି ବାଣୀ ଶୁଣିଅନ୍ତୁ—"ପ୍ରକୃତିର ଉପାସନାର ଫଳ ପୃଥକ୍ ଉଲ୍ଲିଖିତ ହୋଇଅଛି ଏବଂ ହିରଣ୍ୟଗର୍ଭଙ୍କ ଉପାସନାର ଫଳ ପୃଥକ୍ କୁହାହୋଇଅଛି" । ୧୩

ସମ୍ଭୂତିଂ ଚ ବିନାଶଂ ଚ ୟସ୍ତଦ୍ୱେଦୋଭୟଂ ସହ ।
ବିନାଶେନ ମୃତ୍ୟୁଂ ତୀର୍ତ୍ୱାସମ୍ଭୂତ୍ୟାମୃତମଶ୍ନୁତେ ॥୧୪॥

ୟଃ (ଯିଏ) **ସମ୍ଭୂତିଂ** (=**ଅସମ୍ଭୂତିଂ**, ପ୍ରକୃତିକୁ) ଚ (ଏବଂ) **ବିନାଶଂ ଚ** (ଓ ବିନାଶୀ ହିରଣ୍ୟଗର୍ଭଙ୍କୁ)—**ତତ୍ ଉଭୟଂ** (ଏହି ଉଭୟଙ୍କୁ) **ସହ** (ଏକତ୍ର, ଏକ ହିଁ ବ୍ୟକ୍ତିଙ୍କ ଉପାସ୍ୟରୂପରେ) **ବେଦ** (ଜାଣନ୍ତି) [ସେ] **ବିନାଶେନ** (ହିରଣ୍ୟଗର୍ଭଙ୍କ ଉପାସନା ସହାୟରେ) **ମୃତ୍ୟୁଂ** (ମୃତ୍ୟୁକୁ; ଅନୈଶ୍ୱର୍ଯ୍ୟ, ଅଧର୍ମ ଓ କାମାଦି ଦୋଷକୁ) **ତୀର୍ତ୍ୱା** (ଅତିକ୍ରମ କରି) **ଅସମ୍ଭୂତ୍ୟା** (ପ୍ରକୃତିର ଉପାସନା ସହାୟରେ) **ଅମୃତମ୍** (ଅମରତ୍ୱ) **ଅଶ୍ନୁତେ** (ପ୍ରାପ୍ତ ହୁଅନ୍ତି) । ୧୪

ଯିଏ ପ୍ରକୃତି[1] ଓ ହିରଣ୍ୟଗର୍ଭ ଏହି ଉଭୟଙ୍କୁ ଏକତ୍ର[2] (ଅର୍ଥାତ୍ ଏକ ହିଁ ବ୍ୟକ୍ତିଙ୍କ ଉପାସ୍ୟରୂପରେ) ଜାଣନ୍ତି, ସେ ହିରଣ୍ୟଗର୍ଭଙ୍କ ଉପାସନା ସହାୟରେ ମୃତ୍ୟୁ ଅତିକ୍ରମ କରି ପ୍ରକୃତିର ଉପାସନା ସହାୟରେ ଅମୃତତ୍ୱ[3] ଲାଭ କରନ୍ତି । ୧୪

ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ ।
ତତ୍ତ୍ୱଂ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ॥୧୫॥

ହିରଣ୍ମୟେନ (ସୁବର୍ଣ୍ଣମୟ ଅର୍ଥାତ୍ ଜ୍ୟୋତିର୍ମୟ) **ପାତ୍ରେଣ** (ପାତ୍ର ଦ୍ୱାରା ଅର୍ଥାତ୍ ସୂର୍ଯ୍ୟମଣ୍ଡଳ ଦ୍ୱାରା) **ସତ୍ୟସ୍ୟ** (ସତ୍ୟସ୍ୱରୂପ ଆଦିତ୍ୟମଣ୍ଡଳସ୍ଥ ପୁରୁଷଙ୍କର) **ମୁଖମ୍** (ଉପଲବ୍ଧିର ଦ୍ୱାର, ବା ମୁଖ୍ୟରୂପ) **ଅପିହିତଂ** (ଆଚ୍ଛାଦିତ ରହିଛି) [ହେ] **ପୂଷନ୍** (ଜଗତ୍-ପରିପୋଷକ ସୂର୍ଯ୍ୟଦେବ) **ତତ୍ତ୍ୱଂ** (ତୁମେ) **ସତ୍ୟ-ଧର୍ମାୟ** ([ସତ୍ୟ-

---

1. ମୂଳର ସମ୍ଭୂତି=ଅସମ୍ଭୂତି; କାରଣ ପରପଙ୍କ୍ତିରେ ବିନାଶର ବିପରୀତରୂପରେ ଅସମ୍ଭୂତି ଓ ତାହାର ଉପାସନାର ଫଳ ପ୍ରକୃତିଲୟର ଉଲ୍ଲେଖ ଅଛି । ଅବ୍ୟାକୃତା ପ୍ରକୃତି ହିଁ ଅସମ୍ଭୂତିପଦବାଚ୍ୟା ଏବଂ ବ୍ୟାକୃତ କାର୍ଯ୍ୟବ୍ରହ୍ମ ହିଁ ସମ୍ଭୂତି-ପଦବାଚ୍ୟ ହୋଇପାରନ୍ତି ।

2. ତ୍ରୟୋଦଶ ମନ୍ତ୍ରରେ ଅବ୍ୟାକୃତ ଓ ହିରଣ୍ୟଗର୍ଭଙ୍କ ଉପାସନାର ପୃଥକ୍ ପୃଥକ୍ ଫଳ ନିର୍ଦ୍ଦିଷ୍ଟ ହେଲେ ମଧ୍ୟ, ଚତୁର୍ଦଶ ମନ୍ତ୍ରରେ ଉଭୟର ସମୁଚ୍ଚୟ ବିଧାନ ସକାଶେ ଦ୍ୱାଦଶ ମନ୍ତ୍ରରେ ପୃଥକ୍ ଉପାସନାର ନିନ୍ଦା କରାହୋଇଅଛି । ଈଶ, ୧୧ଟୀକା ଦ୍ରଷ୍ଟବ୍ୟ ।

3. ଏହି ଅମୃତତ୍ୱ ହେଉଛି ପ୍ରକୃତିଲୟ ହେବା ରୂପକ ଅମୃତତ୍ୱ । ମନୁଷ୍ୟ-ବିତ୍ତ ଓ ଦୈବ-ବିତ୍ତ ଦ୍ୱାରା ସାଧିତ ହୋଇପାରୁଥିବା ଫଳ ଏହି ପର୍ଯ୍ୟନ୍ତ ହିଁ ଏବଂ ଏହି ସଂସାର ଗତି ମଧ୍ୟ ଏହି ପର୍ଯ୍ୟନ୍ତ ହିଁ (ପ୍ରକୃତିଲୟ ପର୍ଯ୍ୟନ୍ତ) । ସକଳ ପ୍ରକାର କାମନା ତ୍ୟାଗପୂର୍ବକ ଜ୍ଞାନନିଷ୍ଠ ହେଲେ ଯେଉଁ ସର୍ବାତ୍ମଭାବ ଲାଭ ହୁଏ, ତାହା ୭ମ ଶ୍ଲୋକରେ ବର୍ଣ୍ଣିତ ହୋଇଅଛି । ଏହିପ୍ରକାରରେ ପ୍ରବୃତ୍ତିଲକ୍ଷଣ ଓ ନିବୃତ୍ତିଲକ୍ଷଣ ବେଦାର୍ଥଦ୍ୱୟ ପ୍ରକାଶିତ ହେଲା । ଏହାପରେ ୧୧ ଶ୍ଲୋକରେ ଉକ୍ତ ଅମୃତତ୍ୱଲାଭର ମାର୍ଗ ପରବର୍ତ୍ତୀ ଶ୍ଲୋକରେ ବର୍ଣ୍ଣିତ ହୋଇଅଛି ।

ସ୍ୱରୂପ ତୁମର ଉପାସନା ଫଳରେ] ସତ୍ୟସ୍ୱରୂପ ମୋର) **ଦୃଷ୍ଟୟେ** (ଉପଲବ୍ଧି ପାଇଁ) **ତତ୍** (ଉକ୍ତ ଆବରଣ) **ଅପାବୃଣୁ** (ଅପନୀତ କର) । ୧୫

ଜ୍ୟୋତିର୍ମୟ ପାତ୍ର ଦ୍ୱାରା ସତ୍ୟର[1] ମୁଖ (ଅର୍ଥାତ୍ ମୁଖ୍ୟସ୍ୱରୂପଟି) ଆବୃତ ରହିଛି[2]; ହେ ଜଗତ୍‌ପରିପୋଷକ ସୂର୍ଯ୍ୟଦେବ, ମୁଁ ସତ୍ୟଧର୍ମା (ଅର୍ଥାତ୍ ତଦାତ୍ମଭୂତ) ହୋଇଥିବାରୁ ମୋର ଉପଲବ୍ଧି ପାଇଁ ଆପଣ ଏହା ଅପସାରିତ କରନ୍ତୁ[3] । ୧୫

ପୂ-ଷନ୍ନେକର୍ଷେ ୟମ ସୂର୍ୟ ପ୍ରାଜାପତ୍ୟ ବ୍ୟୂହ ରଶ୍ମୀନ୍
ସମୂହ ତେଜୋ ୟତ୍ତେ ରୂପଂ କଲ୍ୟାଣତମଂ ତତ୍ତେ ପଶ୍ୟାମି ।
ୟୋଽସାବସୌ ପୁରୁଷଃ ସୋଽହମସ୍ମି ॥୧୬॥

ପୂଷନ୍ (ହେ ଜଗତ୍-ପରିପୋଷକ) **ଏକ-ଋଷେ** (ହେ ଏକାକୀ ବିଚରଣକାରୀ ବା ଏକମାତ୍ର ଦ୍ରଷ୍ଟା) **ୟମ** (ହେ ନିୟନ୍ତା) **ପ୍ରାଜାପତ୍ୟ** (ହେ ପ୍ରଜାପତି-ତନୟ) [ହେ] **ସୂର୍ୟ** (ରସ, ରଶ୍ମି ଓ ପ୍ରାଣସମୂହର ଆତ୍ମସାତ୍‌କାରୀ) **ରଶ୍ମୀନ୍**(କିରଣ ସମୂହ) **ବ୍ୟୂହ** (ଦୂର କର) **ତେଜଃ** (ତେଜ) **ସମୂହ** (ସମ୍ବରଣ କର); **ତେ** (ତୁମର) **ୟତ୍‌ରୂପଂ** (ଯେଉଁ ରୂପ) **କଲ୍ୟାଣତମଂ** (ଅତି ସୁଶୋଭନ) **ତତ୍** (ତାହା) **ତେ** (ତୁମ କୃପାରେ) **ପଶ୍ୟାମି** (ଦର୍ଶନ କରିବି) । **ୟଃ** (ଯିଏ) **ଅସୌ** (ଆଦିତ୍ୟମଣ୍ଡଳରେ ଅବସ୍ଥିତ) **ପୁରୁଷଃ** (ବ୍ୟାହୃତି-ଅବୟବ ପୁରୁଷ) **ସଃ ଅହମ୍ ଅସ୍ମି** (ସେ [ସେହି ପୁରୁଷ] ହିଁ ମୁଁ) । ୧୬

ହେ ପୂଷନ୍, ହେ ଏକାକୀ ବିଚରଣକାରୀ, ହେ ନିୟନ୍ତା, ହେ ପ୍ରଜାପତି ତନୟ, ହେ ସୂର୍ଯ୍ୟ, ଆପଣ କିରଣସମୂହ ସମ୍ବରଣ କରନ୍ତୁ, ତେଜ ଉପସଂହାର କରନ୍ତୁ; ଆପଣଙ୍କର ଯାହା ଅତି ସୁଶୋଭନ ରୂପ ତାହା ହିଁ ମୁଁ ଆପଣଙ୍କ କୃପାରେ ଦର୍ଶନ କରିବି । ଯିଏ ଆଦିତ୍ୟମଣ୍ଡଳରେ ଅବସ୍ଥିତ ପୁରୁଷ[4] ମୁଁ ତାଙ୍କଠାରୁ ଅଭିନ୍ନ । ୧୬

---

1. ଆଦିତ୍ୟମଣ୍ଡଳସ୍ଥ ବ୍ୟାହୃତି-ଅବୟବ ପୁରୁଷଙ୍କର; ବୃ., ୫/୫/୧-୪ **"ତଦ୍‌ବତ୍ ସତ୍ୟମସୌ ସ ଆଦିତ୍ୟ ।"** ଭୁଃ, ଭୁବଃ, ସ୍ୱଃ ଇତ୍ୟାଦିକୁ ବ୍ୟାହୃତି କୁହାଯାଏ । ଆଦିତ୍ୟମଣ୍ଡଳସ୍ଥ ପୁରୁଷଙ୍କ ଭୁଃ ମସ୍ତକ, ଭୁବଃ ହସ୍ତଦ୍ୱୟ ଏବଂ ସ୍ୱଃ ତାଙ୍କର ପାଦଦ୍ୱୟ ।

2. ଅସମାହିତଚିତ୍ତ ବ୍ୟକ୍ତିଙ୍କ ନିକଟରେ ଅଦୃଶ୍ୟ ।

3. ୧୫-୧୮ ମନ୍ତ୍ରର ସ୍ପଷ୍ଟତର ବ୍ୟାଖ୍ୟା ପାଇଁ ବୃ. ଭାଷ୍ୟ, ୫/୧୫/୧ ଦ୍ରଷ୍ଟବ୍ୟ ।

4. ଯିଏ ସମସ୍ତଙ୍କ ହୃଦୟରେ ଶୟନ କରନ୍ତି, ବା ପ୍ରାଣ ଓ ବୁଦ୍ଧିରୂପରେ ସମସ୍ତ ଜଗତ୍‌କୁ ପୂର୍ଣ୍ଣ କରନ୍ତି ସେ ହିଁ ପୁରୁଷ ।

ବାୟୁରନିଲମମୃତମଥେଦଂ ଭସ୍ମାନ୍ତଂ ଶରୀରମ୍ ।
ଓଁ କ୍ରତୋସ୍ମର କୃତଂ ସ୍ମର କ୍ରତୋସ୍ମର କୃତଂ ସ୍ମର ॥୧୭॥

ଅଥ (ଇଦାନୀଂ) [ମରଣୋନ୍ମୁଖ ମୋର] **ବାୟୁଃ** (ପ୍ରାଣବାୟୁ) **ଅନିଲମ୍** (ମହାବାୟୁସ୍ୱରୂପ) **ଅମୃତମ୍** (ସୂତ୍ରାତ୍ମାଠାରେ) [ମିଳିତ ହେଉ]; **ଇଦଂ** (ଏହି) **ଶରୀରମ୍** (ଦେହ) **ଭସ୍ମାନ୍ତମ୍** (ଭସ୍ମୀଭୂତ ହେଉ); [ହେ] **ଓମ୍** (ଓମ୍-ଶବ୍ଦ-ପ୍ରତୀକ [ଓମ୍ ଯାହାର ପ୍ରତୀକ ସେହି ଅଗ୍ନି]) **କ୍ରତୋ** (ମୋର ମନରେ ଅବସ୍ଥିତ ସଂକଳ୍ପାତ୍ମକ ଅଗ୍ନି) **ସ୍ମର** (ମୋର ଯାହା କିଛି ସ୍ମରଣୀୟ ତାହା ସ୍ମରଣ କର) **କୃତଂ ସ୍ମର** (ମୁଁ ଯାହା କିଛି କରିଛି ତାହା ସ୍ମରଣ କର) **କ୍ରତୋସ୍ମର କୃତଂ ସ୍ମର** [ଆଦରାର୍ଥ ପୁନର୍ବଚନ] । ୧୭

ଏବେ (ମୋର) ପ୍ରାଣବାୟୁ ମହାବାୟୁରେ ବିଲୀନ ହେଉ, [ଏବଂ ଜ୍ଞାନ ଓ କର୍ମର ସଂସ୍କାରଯୁକ୍ତ ଏହି ଲିଙ୍ଗଦେହ ଉତ୍କ୍ରାନ୍ତ ହେଉ] । ଏହି ଶରୀର ଭସ୍ମୀଭୂତ ହେଉ; ହେ ଓମ୍ ଶବ୍ଦର ପ୍ରତୀକ ମନୋମୟ ଅଗ୍ନି,[1] ଆପଣ ମୋର ସ୍ମରଣୀୟ ସମସ୍ତ ବିଷୟ ସ୍ମରଣ[2] କରନ୍ତୁ ଏବଂ ମୁଁ ଯାହା କିଛି କରିଛି ତାହା ମଧ୍ୟ ସ୍ମରଣ କରନ୍ତୁ । ହେ ଅଗ୍ନି, ମୋର ସ୍ମରଣୀୟ ସବୁ ସ୍ମରଣ କରନ୍ତୁ ଏବଂ କୃତ କର୍ମ ସବୁ ସ୍ମରଣ କରନ୍ତୁ । ୧୭

ଅଗ୍ନେ ନୟ ସୁପଥା ରାୟେ ଅସ୍ମାନ୍
ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍ ।
ଯୁୟୋଧ୍ୟସ୍ମଜ୍ଜୁହୁରାଣମେନୋ
ଭୂୟିଷ୍ଠାଂ ତେ ନମଉକ୍ତିଂ ବିଧେମ ॥୧୮॥

ଇତି ଈଶୋପନିଷଦ୍ ସମାପ୍ତା ॥

ଅଗ୍ନେ (ହେ ଅଗ୍ନି) **ଅସ୍ମାନ୍** (ଆମମାନଙ୍କୁ) **ରାୟେ** (ଧନ, ଅର୍ଥାତ୍ ଫଳଲାଭାର୍ଥ) **ସୁପଥା** (ଉତ୍ତମ ମାର୍ଗରେ) **ନୟ** (ନେଇଯାଅ); **ଦେବ** (ହେ ଦେବ) **ବିଶ୍ୱାନି** (ସମୁଦାୟ) **ବୟୁନାନି** (କର୍ମ ବା ପ୍ରଜ୍ଞାନସମୂହର) **ବିଦ୍ୱାନ୍** (ଜ୍ଞାନଶାଳୀ

---

1. ସତ୍ୟସ୍ୱରୂପ (ବ୍ୟାହୃତି-ଅବୟବ ପୁରୁଷ) ଓ ଅଗ୍ନିନାମକ ବ୍ରହ୍ମ ଓଁକାରର ପ୍ରତୀକାତ୍ମକ ବୋଲି ତାହାକୁ ଓଁକାର ସହିତ ଅଭେଦ ନିର୍ଦ୍ଦେଶ କରାହେଲା । —କ., ୧/୨/୧୫-୧୭

2. ଅନ୍ତକାଳରେ ତୁମକର୍ତ୍ତୃକ ଯେଉଁ ସ୍ମରଣ, ତାହାର ସହାୟତାରେ ହିଁ ଇଷ୍ଟଗତି ଲାଭ ହୁଏ ।

ତୁମେ) **ଅସ୍ମତ୍** (ଆମମାନଙ୍କଠାରୁ) **ଜୁହୁରାଣମ୍** (କୁଟିଳ) **ଏନଃ** (ପାପ) **ୟୁୟୋଧ୍** (ଦୂର କର); **ତେ** (ତୁମ ପ୍ରତି) [ଆମେ] **ଭୂୟିଷ୍ଠାଂ** (ବହୁତର) **ନମଃ ଉକ୍ତିମ୍** (ନମସ୍କାରବଚନ) **ବିଧେମ** (ବିଧାନ କରୁଅଛୁ) । ୧୮

ହେ ଅଗ୍ନି, ମହାର୍ଘ ବସ୍ତୁଲାଭ ପାଇଁ[1] ଆପଣ ଆମମାନଙ୍କୁ ସୁପଥରେ[2] ନେଇଯାଆନ୍ତୁ; ହେ ଦେବ, ସର୍ବପ୍ରାଣୀଙ୍କର କର୍ମ ଓ ଚିତ୍ତବୃତ୍ତି ଆପଣଙ୍କର ଜ୍ଞାତ ଅଛି—ଆପଣ ଆମମାନଙ୍କ ନିକଟରୁ କୁଟିଳ ପାପ ବିଦୂରିତ କରନ୍ତୁ; ଆପଣଙ୍କ ପ୍ରତି ବହୁ ନମସ୍କାର ବଚନ ଉଚ୍ଚାରଣ[3] କରୁଅଛୁ । ୧୮

॥ ଈଶୋପନିଷଦ୍ ସମାପ୍ତ ॥

ଶାନ୍ତିପାଠ

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥[4]

---

1. ଉପାସନାର ବା କର୍ମଯୁକ୍ତ ଉପାସନାର ଫଳଲାଭ ନିମିତ୍ତ ।

2. ଶୋଭନ ପଥ, ଉତ୍ତରମାର୍ଗ, କ୍ରମମୁକ୍ତିର ପଥ । ଯିଏ ଦକ୍ଷିଣମାର୍ଗରେ ଯାତାୟତ କରି ନିର୍ବେଦ ପ୍ରାପ୍ତ ହୋଇଛନ୍ତି, ତାଙ୍କର ହିଁ ଏହି ଉକ୍ତି ।

3. ମରଣକାଳରେ ହସ୍ତପଦାଦି ବିକଳ ହେବାରୁ ସାଷ୍ଟାଙ୍ଗାଦି ପ୍ରଣାମ ଅସମ୍ଭବ; ସୁତରାଂ ବାଚନିକ ପ୍ରଣାମ କରାହେଲା ।

4. ଶିଷ୍ୟ ବା ଆଚାର୍ଯ୍ୟଙ୍କର ପ୍ରମାଦବଶତଃ ବିଦ୍ୟାଗ୍ରହଣରେ ବା ବିଦ୍ୟାପ୍ରତିପାଦନରେ କୌଣସି ଦୋଷ ହୋଇଥିଲେ ତାହା ପ୍ରଶମନ ନିମିତ୍ତ ଉପନିଷଦ୍ ଶେଷରେ ପୁନର୍ବାର ଏହି ଶାନ୍ତି ପଠିତ ହୋଇଅଛି । ଅନ୍ୟାନ୍ୟ ଉପନିଷଦ୍‌ରେ ମଧ୍ୟ ଏହିପରି ବୁଝିବାକୁ ହେବ ।

ସାମବେଦୀୟ
ତଲବକାରୋପନିଷଦ୍
ବା
କେନୋପନିଷଦ୍

ଶାନ୍ତିପାଠ

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈଃ ।
ତେଜସ୍ୱି ନାବଧୀତମସ୍ତୁ ମା ବିଦ୍ୱିଷାବହୈ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ଓଁ ଆପ୍ୟାୟନ୍ତୁ ମମାଙ୍ଗାନି ବାକ୍ ପ୍ରାଣଶ୍ଚକ୍ଷୁଃ ଶ୍ରୋତ୍ରମଥୋ ବଲମିନ୍ଦ୍ରିୟାଣି ଚ ସର୍ବାଣି । ସର୍ବଂ ବ୍ରହ୍ମୌପନିଷଦଂ ମାହଂ ବ୍ରହ୍ମ ନିରାକୁର୍ୟାଂ ମା ମା ବ୍ରହ୍ମ ନିରାକରୋତ୍ ଅନିରାକରଣମସ୍ତ୍ୱନିରାକରଣଂ ମେଽସ୍ତୁ । ତଦାତ୍ମନି ନିରତେ ୟ ଉପନିଷତ୍ସୁ ଧର୍ମାସ୍ତେ ମୟି ସନ୍ତୁ ତେ ମୟି ସନ୍ତୁ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

[ବ୍ରହ୍ମ] **ନୌ** (ଆମମାନଙ୍କୁ [ଗୁରୁ-ଶିଷ୍ୟ] ଉଭୟଙ୍କୁ) **ସହ** (ତୁଲ୍ୟରୂପରେ) **ଅବତୁ** (ରକ୍ଷା କରନ୍ତୁ) **ନୌ** (ଉଭୟଙ୍କୁ) **ସହ** (ତୁଲ୍ୟରୂପରେ) **ଭୁନକ୍ତୁ** ([ବିଦ୍ୟାଫଳ] ଭୋଗ କରାନ୍ତୁ); **ସହ** (ତୁଲ୍ୟଭାବରେ) [ଆମେ ଯେପରି] **ବୀର୍ୟଂ** ([ବିଦ୍ୟା ନିମିତ୍ତ] ସାମର୍ଥ୍ୟ) **କରବାବହୈ** (ଲାଭ କରିପାରୁ); **ନୌ** (ଆମ ଉଭୟଙ୍କର) **ଅଧୀତମ୍** (ଲବ୍ଧବିଦ୍ୟା) **ତେଜସ୍ୱି** (ବୀର୍ଯ୍ୟଶାଳୀ, ତାତ୍ପର୍ଯ୍ୟର ପ୍ରକାଶକ) **ଅସ୍ତୁ** (ହେଉ); [ଆମେ ଯେପରି] **ମା ବିଦ୍ୱିଷାବହୈ** ([ପରସ୍ପରର ଅନ୍ୟାୟ ବା ପ୍ରମାଦ ହେତୁ] ପରସ୍ପର ପ୍ରତି ବିଦ୍ୱେଷଯୁକ୍ତ ନ ହେଉ) । **ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ** (ତ୍ରିବିଧ ବିଘ୍ନର[1] ବିନାଶ ହେଉ) ।

(ପରମାତ୍ମା) ଆମ ଉଭୟଙ୍କୁ ସମଭାବରେ ରକ୍ଷା କରନ୍ତୁ ଓ ଉଭୟଙ୍କୁ ତୁଲ୍ୟଭାବରେ ବିଦ୍ୟାଫଳ ଦାନ କରନ୍ତୁ । ଆମେ ଉଭୟ ଯେପରି ସମଭାବରେ (ବିଦ୍ୟାଲାଭର) ସାମର୍ଥ୍ୟ ଅର୍ଜନ କରିପାରୁ । ଆମ ଉଭୟଙ୍କ ଲବ୍ଧ ବିଦ୍ୟା ସଫଳ ହେଉ । ଆମେ ଯେପରି ପରସ୍ପରଙ୍କୁ ବିଦ୍ୱେଷ ନ କରୁ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

---

1. ତ୍ରିବିଧ ବିଘ୍ନର—ଅର୍ଥାତ୍ ଆଧ୍ୟାତ୍ମିକ (ଶାରୀରିକ ଓ ମାନସିକ ରୋଗ ଆଦି), ଆଧିଦୈବିକ (ଦୈବ, ଝଞ୍ଝାବାତ୍ୟାଦି ପ୍ରାକୃତିକ ଦୁର୍ଘଟଣା) ଓ ଆଧିଭୌତିକ (ହିଂସ୍ର ପ୍ରାଣୀ ପ୍ରଭୃତିକୃତ ହିଂସାଦି) ବିଘ୍ନର ବିନାଶ ହେଉ ।

ମମ (ମୋର) **ଅଙ୍ଗାନି** (ଅଙ୍ଗସମୂହ) **ବାକ୍** (ବାକ୍-ଇନ୍ଦ୍ରିୟ) **ପ୍ରାଣଃ** (ପ୍ରାଣ) **ଚକ୍ଷୁଃ** (ଚକ୍ଷୁ) **ଶ୍ରୋତ୍ରମ୍** (କର୍ଣ୍ଣ) **ଅଥୋ** (ଏବଂ) **ବଲମ୍** (ବଳ) **ଚ** (ଓ) **ସର୍ବାଣି** (ସକଳ) **ଇନ୍ଦ୍ରିୟାଣି** (ଇନ୍ଦ୍ରିୟ) **ଆପ୍ୟାୟନ୍ତୁ** (ପୁଷ୍ଟିଲାଭ କରନ୍ତୁ) । **ସର୍ବମ୍** (ସର୍ବବସ୍ତୁ) **ଔପନିଷଦମ୍** (ଉପନିଷଦ୍-ପ୍ରତିପାଦ୍ୟ) **ବ୍ରହ୍ମ** (ବ୍ରହ୍ମସ୍ୱରୂପ ହିଁ) । **ଅହଂ** (ମୁଁ) **ବ୍ରହ୍ମ** (ବ୍ରହ୍ମଙ୍କୁ) **ମା ନିରାକୁର୍ୟାଂ** (ଯେପରି ଅସ୍ୱୀକାର ନ କରେ) **ବ୍ରହ୍ମ** (ବ୍ରହ୍ମ) **ମା**(=**ମାମ୍**, ମୋତେ) **ମା ନିରାକରୋତ୍** (ଯେପରି ପ୍ରତ୍ୟାଖ୍ୟାନ ନ କରନ୍ତି); **ଅନିରାକରଣମ୍** ([ତାଙ୍କ ନିକଟରେ ମୋର] ଅପ୍ରତ୍ୟାଖ୍ୟାନ) **ଅସ୍ତୁ** (ହେଉ) **ମେ** (ମୋ ନିକଟରେ [ତାଙ୍କର]) **ଅନିରାକରଣମ୍** (ଅପ୍ରତ୍ୟାଖ୍ୟାନ) **ଅସ୍ତୁ** (ହେଉ) [ଅର୍ଥାତ୍ ଆମମାନଙ୍କର ନିତ୍ୟସମ୍ବନ୍ଧ ହେଉ] । **ଉପନିଷତ୍ସୁ** (ଉପନିଷଦ୍‌ସମୂହରେ) **ଯେ** (ଯେଉଁ ସକଳ) **ଧର୍ମାଃ** (ଧର୍ମ ଅଛି) **ତେ** (ସେମାନେ) **ତତ୍-ଆତ୍ମନି** (ସେହି ଆତ୍ମାରେ) **ନିରତେ** (ନିଷ୍ଠ) **ମୟି** (ମୋଠାରେ) **ସନ୍ତୁ** (ହୁଅନ୍ତୁ) **ତେ ମୟି ସନ୍ତୁ** (ସେମାନେ ମୋଠାରେ ହୁଅନ୍ତୁ) । **ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ** (ତ୍ରିବିଧ ବିଘ୍ନର ବିନାଶ ହେଉ) ।

ମୋର ଅଙ୍ଗସମୂହ, ବାକ୍, ପ୍ରାଣ, ଚକ୍ଷୁ, କର୍ଣ୍ଣ, ବଳ ଓ ସକଳ ଇନ୍ଦ୍ରିୟ ପୁଷ୍ଟିଲାଭ କରନ୍ତୁ । ସର୍ବବସ୍ତୁ ସ୍ୱରୂପତଃ ଉପନିଷଦ୍-ପ୍ରତିପାଦ୍ୟ ବ୍ରହ୍ମ ହିଁ ଅଟନ୍ତି । ମୁଁ ଯେପରି ବ୍ରହ୍ମଙ୍କୁ ଅସ୍ୱୀକାର ନ କରେ, ବ୍ରହ୍ମ ଯେପରି ମୋତେ ପ୍ରତ୍ୟାଖ୍ୟାନ ନ କରନ୍ତି । ତାଙ୍କ ସହିତ ମୋର ଏବଂ ମୋ ସହିତ ତାଙ୍କର ସମ୍ବନ୍ଧ ନିତ୍ୟ ଅବିଚ୍ଛେଦ୍ୟ ହେଉ । ସେହି ପରମାତ୍ମାଙ୍କ ପ୍ରତି ସତତନିଷ୍ଠ ମୋଠାରେ ଉପନିଷଦ୍-ପ୍ରତିପାଦ୍ୟ ଧର୍ମସମୂହ (ପ୍ରତିଭାତ) ହେଉ; ମୋଠାରେ ତାହା ପ୍ରତିଭାତ ହେଉ । ଓଁ ଶାନ୍ତି, ଶାନ୍ତି, ଶାନ୍ତି ।

ପ୍ରଥମ ଖଣ୍ଡ

ଓଁ କେନେଷିତଂ ପତତି ପ୍ରେଷିତଂ ମନଃ
କେନ ପ୍ରାଣଃ ପ୍ରଥମଃ ପ୍ରୈତି ଯୁକ୍ତଃ ।
କେନେଷିତାଂ ବାଚମିମାଂ ବଦନ୍ତି
ଚକ୍ଷୁଃ ଶ୍ରୋତ୍ରଂ କ ଉ ଦେବୋ ଯୁନକ୍ତି ॥ ୧ ॥

[ଶିଷ୍ୟ]—**କେନ ଇଷିତଂ** [ସତ୍] (କେଉଁ କର୍ତ୍ତୃବିଶେଷଙ୍କ ଅଭିପ୍ରାୟ ଅନୁସାରେ) **ପ୍ରେଷିତଂ** (ପ୍ରେରିତ ହୋଇ) **ମନଃ** (ମନ) **ପତତି** ([ସ୍ୱବିଷୟରେ] ଗମନ କରେ) ? **କେନ** (କାହାଦ୍ୱାରା) **ଯୁକ୍ତଃ** (ନିୟୋଜିତ ହୋଇ) **ପ୍ରଥମଃ** (ନେତୃସ୍ଥାନୀୟ, ସର୍ବପ୍ରଧାନ) **ପ୍ରାଣଃ** (ପ୍ରାଣ) **ପ୍ରୈତି** ([ସ୍ୱକାର୍ଯ୍ୟରେ] ଗମନ କରେ) ? **କେନ ଇଷିତାମ୍** (କାହାର ଅଭିପ୍ରାୟ ଅନୁଯାୟୀ) **ଇମାଂ** (ଏହି ଶବ୍ଦମୟୀ) **ବାଚମ୍** (ବାଣୀ) **ବଦନ୍ତି** ([ଲୋକେ] କହନ୍ତି) ? **କଃ** (କେଉଁ) **ଦେବଃ** (ଜ୍ୟୋତିଷ୍ମାନ୍ ପୁରୁଷ) **ଉ** (ଅବା) **ଚକ୍ଷୁଃ** (ଚକ୍ଷୁକୁ) **ଶ୍ରୋତ୍ରମ୍** (କର୍ଣ୍ଣକୁ) **ଯୁନକ୍ତି** ([ସ୍ୱ ସ୍ୱ ବିଷୟରେ] ପ୍ରେରଣ କରନ୍ତି, ନିଯୁକ୍ତ କରନ୍ତି) ? ୧/୧

(ଶିଷ୍ୟ)—କାହାର[1] ଅଭିପ୍ରାୟ ଅନୁସାରେ[2] ନିୟୋଜିତ ହୋଇ ମନ[3] ସ୍ୱବିଷୟରେ ଧାବିତ ହୁଏ ? କାହା ଦ୍ୱାରା ପ୍ରେରିତ ହୋଇ ସର୍ବପ୍ରଧାନ[4] ପ୍ରାଣ ସ୍ୱକାର୍ଯ୍ୟରେ ଗମନ କରେ ? କାହାର ଅଭିପ୍ରାୟ ଅନୁଯାୟୀ (ଲୋକ) ଏହି ବାକ୍ୟ ଉଚ୍ଚାରଣ କରେ ? କେଉଁ ଜ୍ୟୋତିଷ୍ମାନ୍ ପୁରୁଷ ଅବା ଚକ୍ଷୁ ଓ ଶ୍ରୋତ୍ରକୁ ସ୍ୱ ସ୍ୱ ବିଷୟରେ ନିଯୁକ୍ତ କରନ୍ତି ?[5] ୧/୧

---

1. ଜଡ଼ କାର୍ଯ୍ୟ-କାରଣ-ସଂଘାତଠାରୁ ସ୍ୱତନ୍ତ୍ର କାହା ଇଚ୍ଛାରେ ?

2. କିନ୍ତୁ ବାକ୍ୟ ବା କର୍ମ ଦ୍ୱାରା ନୁହେଁ; କାହିଁକି ନା ଉକ୍ତସ୍ଥଳରେ ଏହି କ୍ରିୟାଗୁଡ଼ିକ ଅସମ୍ଭବ ।

3. ପ୍ରବୃତ୍ତି ଓ ନିବୃତ୍ତି ବିଷୟରେ ମନ ସ୍ୱାଧୀନ ନୁହେଁ । କାରଣ, ଦେଖିବାକୁ ମିଳେ ଯେ, ଯାହା ଅକର୍ତ୍ତବ୍ୟ ବୋଲି ମନେ ହୁଏ, ସେଥିରେ ମଧ୍ୟ ମନ ପ୍ରବୃତ୍ତ ହୁଏ ବା ତାହାଠାରୁ ନିବୃତ୍ତ ହୁଏ ନାହିଁ । ଏହି ଅସ୍ୱତନ୍ତ୍ର ମନର ଅବଶ୍ୟ ହିଁ ନିୟନ୍ତା ଅଛନ୍ତି । ସେ କିଏ ?

4. ପ୍ରାଣର ଚେଷ୍ଟା ବ୍ୟତୀତ ଇନ୍ଦ୍ରିୟଗୁଡ଼ିକର କାର୍ଯ୍ୟ ହୁଏ ନାହିଁ, ଅତଏବ ପ୍ରାଣ ପ୍ରଧାନ ।

5. ତର୍କ ଦ୍ୱାରା ବସ୍ତୁ ସିଦ୍ଧ ହୁଏ ନାହିଁ । ସେଥିପାଇଁ ଶ୍ରୁତି ଗୁରୁଶିଷ୍ୟ-ସମ୍ବାଦରୂପରେ ଉପଦେଶ ପ୍ରଦାନ କରିବାକୁ ଉଦ୍ୟତ ହୋଇଛନ୍ତି । ଉକ୍ତ ଶିଷ୍ୟ ବୁଝିଛନ୍ତି ଯେ, ପରମାତ୍ମାଙ୍କ ବ୍ୟତୀତ

ଶ୍ରୋତ୍ରସ୍ୟ ଶ୍ରୋତ୍ରଂ ମନସୋ ମନୋ ଯଦ୍
ବାଚୋ ହ ବାଚଂ ସ ଉ ପ୍ରାଣସ୍ୟ ପ୍ରାଣଃ ।
ଚକ୍ଷୁଷଶ୍ଚକ୍ଷୁରତିମୁଚ୍ୟ ଧୀରାଃ
ପ୍ରେତ୍ୟାସ୍ମାଲ୍ଲୋକାଦମୃତା ଭବନ୍ତି ॥ ୨ ॥

[ଗୁରୁ]—**ଯତ୍** (ଯେହେତୁ) **ସଃ ଉ** (ତୁମେ ଯାହାଙ୍କୁ ଜାଣିବାକୁ ଇଚ୍ଛା କରିଅଛ ସେ) **ଶ୍ରୋତ୍ରସ୍ୟ** (ଶବ୍ଦପ୍ରକାଶକ ଇନ୍ଦ୍ରିୟର) **ଶ୍ରୋତ୍ରଂ** (ଶବ୍ଦ-ବ୍ୟଞ୍ଜନାର ସାମର୍ଥ୍ୟ-ସମ୍ପାଦକ) **ମନସଃ** (ଅନ୍ତଃକରଣର) **ମନଃ** (ଉପଲବ୍ଧିର ପ୍ରୟୋଜକ) **ହ** (ପ୍ରସିଦ୍ଧ) **ବାଚଃ** (ବାଗିନ୍ଦ୍ରିୟର) **ବାଚଂ**(=**ବାକ୍**, ଶବ୍ଦୋଚ୍ଚାରଣ-ସାମର୍ଥ୍ୟ) **ପ୍ରାଣସ୍ୟ** (ପ୍ରାଣବୃତ୍ତିର) **ପ୍ରାଣଃ** (ପ୍ରାଣକ୍ରିୟାର ଶକ୍ତି-ସମ୍ପାଦକ) **ଚକ୍ଷୁଷଃ** (ରୂପପ୍ରକାଶକ ଚକ୍ଷୁରିନ୍ଦ୍ରିୟର) **ଚକ୍ଷୁଃ** (ରୂପାଭିବ୍ୟଞ୍ଜନାର ସାମର୍ଥ୍ୟ-ସମ୍ପାଦକ) [ସୁତରାଂ ତାହାଙ୍କୁ ଜାଣି] **ଧୀରାଃ** (ବିବେକୀଗଣ) **ଅତିମୁଚ୍ୟ** (ଇନ୍ଦ୍ରିୟାଦିରେ ଆତ୍ମବୁଦ୍ଧି ତ୍ୟାଗ କରି) **ଅସ୍ମାତ୍** (ଏହି) **ଲୋକାତ୍** (ଲୋକଠାରୁ, 'ମୁଁ-ମୋର' ଇତ୍ୟାଦି ବ୍ୟବହାର ରୂପେ ଜଗତ୍‌ଠାରୁ) **ପ୍ରେତ୍ୟ** (ନିବୃତ୍ତ ହୋଇ) **ଅମୃତାଃ ଭବନ୍ତି** (ଅମରତ୍ୱ ଲାଭ କରନ୍ତି) । [ଅଥବା—**ଅସ୍ମାତ୍ ଲୋକାତ୍ ପ୍ରେତ୍ୟ**—ଏହି ଶରୀର ତ୍ୟାଗ କରି; **ଅମୃତାଃ ଭବନ୍ତି**=ଆଉ ଶରୀରଧାରଣ କରନ୍ତି ନାହିଁ ।] । ୧/୨

(ଗୁରୁ)—ଯେହେତୁ ସେ ହିଁ କର୍ଣ୍ଣର ମଧ୍ୟ କର୍ଣ୍ଣ, ମନର ମଧ୍ୟ ମନ, ବାକ୍ୟର ମଧ୍ୟ ବାକ୍ୟ, ପ୍ରାଣର ମଧ୍ୟ ପ୍ରାଣ ଓ ଚକ୍ଷୁର ମଧ୍ୟ ଚକ୍ଷୁ,[1] ସୁତରାଂ ବିବେକୀଗଣ ଇନ୍ଦ୍ରିୟାଦିରେ ଆତ୍ମବୁଦ୍ଧି ତ୍ୟାଗ କରି ଏହି ସଂସାରରୁ ନିବୃତ୍ତ ହୋଇ ଅମୃତତ୍ୱ ଲାଭ କରନ୍ତି । ଅଥବା—ଦେହତ୍ୟାଗ ପରେ ପୁନର୍ବାର ଦେହଧାରଣ କରନ୍ତି ନାହିଁ । ୧/୨

ଅନ୍ୟ ସକଳ ହିଁ ଅସ୍ୱତନ୍ତ୍ର । ଅତଏବ ସେ ପରମାତ୍ମାଙ୍କ ସ୍ୱରୂପ-ବିଷୟରେ ହିଁ ପ୍ରଶ୍ନ କରୁଛନ୍ତି ।

1. ବୃ., ୪/୩/୬ର ଭାଷ୍ୟ । ଆମମାନଙ୍କର ଏହି ପ୍ରକାର ଅନୁଭୂତି ହୁଏ—ଯେଉଁ ମୁଁ ଦର୍ଶନ କରୁଛି ସେହି ମୁଁ ହିଁ କହୁଛି, ଶୁଣୁଛି ଇତ୍ୟାଦି । ଅତଏବ ଦ୍ରଷ୍ଟା ଶ୍ରୋତା ଇତ୍ୟାଦି ରୂପରେ ଏକ ହିଁ ଚୈତନ୍ୟ ପ୍ରତିଭାତ ହେଉଛନ୍ତି । ବହୁରୂପେ ପ୍ରତିଭାତ ହେଲେ ମଧ୍ୟ ସେ ସ୍ୱରୂପତଃ ଏକ ଓ ଅକର୍ତ୍ତା—ସେ ସାକ୍ଷୀମାତ୍ର ।

ନ ତତ୍ର ଚକ୍ଷୁର୍ଗଚ୍ଛତି ନ ବାଗ୍‌ଗଚ୍ଛତି ନୋ ମନଃ ।
ନ ବିଦ୍ମୋ ନ ବିଜାନୀମୋ ୟଥୈତଦନୁଶିଷ୍ୟାତ୍ ॥୩॥

ତତ୍ର (ସେହି ବ୍ରହ୍ମରେ) **ଚକ୍ଷୁ** (ଚକ୍ଷୁ) **ନ ଗଚ୍ଛତି** (ଯାଏ ନାହିଁ, ଅର୍ଥାତ୍ ବ୍ରହ୍ମଙ୍କୁ ପ୍ରକାଶ କରେ ନାହିଁ) **ବାକ୍** (ବାଗିନ୍ଦ୍ରିୟ) **ନ ଗଚ୍ଛତି** (ଯାଏ ନାହିଁ, ଅର୍ଥାତ୍ ବ୍ରହ୍ମଙ୍କୁ ବ୍ୟକ୍ତ କରିପାରେ ନାହିଁ) **ନୋ ମନଃ** (ଅନ୍ତଃକରଣ ଯାଏ ନାହିଁ, ଅର୍ଥାତ୍ ତାହାଙ୍କୁ ଚିନ୍ତାର ବିଷୟ କରିପାରେ ନାହିଁ) **ନ ବିଦ୍ମଃ** ([ଉକ୍ତ ବ୍ରହ୍ମ କି ପ୍ରକାର] ଜାଣେ ନାହିଁ) [ସୁତରାଂ] **ୟତା** (ଯେଉଁ ପ୍ରକାରରେ) **ଏତତ୍** (ଏହି ବ୍ରହ୍ମଜ୍ଞାନ) **ଅନୁଶିଷ୍ୟାତ୍** (ଉପଦେଶ ଦେବାକୁ ହୁଏ) [ତାହା ମଧ୍ୟ] **ନ ବିଜାନୀମଃ** (ଆମେ ଜାଣୁ ନାହୁଁ) । ୧/୩

ତାଙ୍କୁ (ସହି ବ୍ରହ୍ମଙ୍କୁ)[1] ଚକ୍ଷୁ ପ୍ରକାଶ କରିପାରେ ନାହିଁ, ବାକ୍-ଇନ୍ଦ୍ରିୟ ବ୍ୟକ୍ତ କରିପାରେ ନାହିଁ କିମ୍ବା ମନ ଚିନ୍ତାର ବିଷୟ କରିପାରେ ନାହିଁ ।(ଉକ୍ତ ବ୍ରହ୍ମ କିପରି ତାହା ଆମେ) ଜାଣି ନାହୁଁ, ସୁତରାଂ ତାହାକୁ କିପରି ଅନ୍ୟମାନଙ୍କ ଜ୍ଞାନର ବିଷୟୀଭୂତ କରିବାକୁ ହୁଏ—ତାହା ମଧ୍ୟ ଜ୍ଞାତ ନୋହୁଁ ।[2] ୧/୩

ଅନ୍ୟଦେବ ତଦ୍‌ବିଦିତାଦଥୋ ଅବିଦିତାଦଧି ।
ଇତି ଶୁଶ୍ରୁମ ପୂର୍ବେଷାଂ ୟେ ନସ୍ତଦ୍‌ବ୍ୟାଚଚକ୍ଷିରେ ॥୪॥

"**ତତ୍** (ଉକ୍ତ ବ୍ରହ୍ମ) **ବିଦିତାତ୍** (ଜ୍ଞାନର ବିଷୟ ବ୍ୟାକୃତ ବସ୍ତୁଠାରୁ) **ଅନ୍ୟତ୍ ଏବ** (ଅବଶ୍ୟ ହିଁ ଭିନ୍ନ) **ଅଥୋ** (ଅଧିକନ୍ତୁ) **ଅବିଦିତାତ୍** (ଅଜ୍ଞାତ, ଅବ୍ୟାକୃତ ଅବିଦ୍ୟା, ଠାରୁ) **ଅଧି** (ଉପରେ, ଭିନ୍ନ)"—**ୟେ** (ଯେଉଁମାନେ) **ନଃ** (ଆମ ପାଇଁ) **ତତ୍** (ଉକ୍ତ ବ୍ରହ୍ମ) **ବ୍ୟାଚଚକ୍ଷିରେ** (ବ୍ୟାଖ୍ୟା କରିଥିଲେ) [ସେହି] **ପୂର୍ବେଷାମ୍** (ପୂର୍ବାଚାର୍ଯ୍ୟଗଣଙ୍କର) **ଇତି** (ଏହି ବଚନ) **ଶୁଶ୍ରୁମ** (ଆମେ ଶୁଣିଅଛୁ) । ୧/୪

---

1. ବ୍ରହ୍ମ ମନର ମନ, ଇନ୍ଦ୍ରିୟର ମଧ୍ୟ ଇନ୍ଦ୍ରିୟ । ରଜ୍ଜୁରେ ଯେତେବେଳେ ସର୍ପଭ୍ରମ ହୁଏ ସେତେବେଳେ ରଜ୍ଜୁ ଯେପରି ରଜ୍ଜୁସର୍ପର ଆତ୍ମା, ଅର୍ଥାତ୍ ରଜ୍ଜୁକୁ ଛାଡ଼ି ସର୍ପର କୌଣସି ପୃଥକ୍ ଅସ୍ତିତ୍ୱ ନାହିଁ, ବ୍ରହ୍ମ ମଧ୍ୟ ସେହିପରି ଇନ୍ଦ୍ରିୟାଦିଙ୍କର ଆତ୍ମା । ସୁତରାଂ ନିଜ ଆତ୍ମାରେ ନିଜର ଗମନାଗମନ ଅସମ୍ଭବ ।

2. ଯାହାର ଜାତି, ଗୁଣ, କ୍ରିୟା ଇତ୍ୟାଦି ଅଛି, ତାହାକୁ ଇନ୍ଦ୍ରିୟ ଓ ମନ ଦ୍ୱାରା ଜଣାଯାଏ ଏବଂ ଅନ୍ୟ ନିକଟରେ ତାହା ସମ୍ବନ୍ଧରେ କୁହାଯାଇପାରେ। ବ୍ରହ୍ମଙ୍କଠାରେ ତାହା ନାହିଁ, ଅତଏବ ସେ ବାକ୍ୟ-ମନର ଅଗୋଚର । ତେବେ ପ୍ରତ୍ୟକ୍ଷାଦି ପ୍ରମାଣ ଦ୍ୱାରା ସେ ଜ୍ଞାପନୀୟ ନ ହେଲେ ମଧ୍ୟ ଶ୍ରୁତି ସହାୟରେ ତାଙ୍କୁ ଜ୍ଞାପନ କରାଯାଇପାରେ । ଏହା ହିଁ ପରବର୍ତ୍ତୀ ମନ୍ତ୍ରରେ କୁହାହେବ ।

"ଉକ୍ତ ବ୍ରହ୍ମ ଜ୍ଞାତ ବସ୍ତୁଠାରୁ ଅବଶ୍ୟ ହିଁ ପୃଥକ୍, ପୁଣି ଅଜ୍ଞାତ ବସ୍ତୁଠାରୁ ମଧ୍ୟ ପୃଥକ୍"[1]—ଯେଉଁ ସକଳ ପୂର୍ବାଚାର୍ଯ୍ୟ ଆମମାନଙ୍କ ନିକଟରେ ସେହି ବ୍ରହ୍ମତତ୍ତ୍ୱ ବ୍ୟାଖ୍ୟା କରିଛନ୍ତି, ଆମେ ସେମାନଙ୍କର ଏହି ବାଣୀ ହିଁ ଶୁଣିଅଛୁ[2] । ୧/୪

ୟଦ୍‌ବାଚାନଭ୍ୟୁଦିତଂ ୟେନ ବାଗଭ୍ୟୁଦ୍ୟତେ ।
ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ୟଦିଦମୁପାସତେ ॥୫॥

ୟତ୍ (ଯେଉଁ ଚିନ୍ମାତ୍ର ସତ୍ତା) **ବାଚା** (ବାକ୍-ଇନ୍ଦ୍ରିୟ ଦ୍ୱାରା) **ଅନଭ୍ୟୁଦିତଂ** (ଅନୁଚ୍ଚାରିତ, ଅପ୍ରକାଶିତ) **ୟେନ** (ଯଦ୍‌ଦ୍ୱାରା) **ବାକ୍** (ବାଗିନ୍ଦ୍ରିୟ ଏବଂ ଶବ୍ଦ) **ଅଭ୍ୟୁଦ୍ୟତେ** (ପ୍ରକାଶିତ ହୁଏ, ପ୍ରଯୁକ୍ତ ହୁଏ) **ତ୍ୱଂ** (ତୁମେ) **ତତ୍ ଏବ** (ତାହାଙ୍କୁ ହିଁ) **ବ୍ରହ୍ମ** (ବ୍ରହ୍ମ ବୋଲି) **ବିଦ୍ଧି** (ଜାଣ)—**ୟତ୍** (ଯାହାଙ୍କୁ) **ଇଦମ୍** (ଇଦଂ ରୂପରେ, ନିଜଠାରୁ ଭିନ୍ନ ଅନାତ୍ମରୂପରେ) **ଉପାସତେ** (ଲୋକେ ଉପାସନା ବା ଧ୍ୟାନ କରନ୍ତି) **ଇଦଂ ନ** (ଏହାଙ୍କୁ ନୁହେଁ) । ୧/୫

ବାକ୍-ଇନ୍ଦ୍ରିୟ ଦ୍ୱାରା ଯିଏ ଉଚ୍ଚାରିତ ହୁଅନ୍ତି ନାହିଁ, ଯଦ୍ଦ୍ୱାରା ବାକ୍-ଇନ୍ଦ୍ରିୟ ଏବଂ ଶବ୍ଦ ପ୍ରକାଶିତ ହୁଏ, ତୁମେ ତାହାଙ୍କୁ[3] ହିଁ ବ୍ରହ୍ମ[4] ବୋଲି ଜ୍ଞାଣ—କିନ୍ତୁ ଏହି ଯାହାଙ୍କୁ[5] ଲୋକେ ନିଜଠାରୁ ଭିନ୍ନ ଅନାତ୍ମରୂପରେ ଉପାସନା କରିଥାଆନ୍ତି, ତାହାଙ୍କୁ ନୁହେଁ[6] । ୧/୫

ୟନ୍ମନସା ନ ମନୁତେ ୟେନାହୁର୍ମନୋ ମତମ୍ ।
ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ୟଦିଦମୁପାସତେ ॥୬॥

ମନସା (ଅନ୍ତଃକରଣ ଦ୍ୱାରା) **ୟତ୍** (ଯାହାଙ୍କୁ) **ନ ମନୁତେ** (କେହି ସଂକଳ୍ପ ବା ନିଶ୍ଚୟାଦିର ବିଷୟ କରିପାରନ୍ତି ନାହିଁ) **ୟେନ** (ଯାହାଙ୍କ ଦ୍ୱାରା)

---

1. ଜ୍ଞାତାଠାରୁ ଯାହା ପୃଥକ୍, କେବଳ ତାହା ହିଁ ଜ୍ଞାତ ଓ ଅଜ୍ଞାତ ଏହି ଦୁଇଭାଗରେ ବିଭକ୍ତ ହୋଇପାରେ । ବର୍ତ୍ତମାନ ସ୍ଥଳରେ ବ୍ରହ୍ମଙ୍କୁ ଜ୍ଞାତ ଓ ଅଜ୍ଞାତଠାରୁ ପୃଥକ୍ କହିବାରୁ ସେ ଫଳତଃ ଜ୍ଞାତାଙ୍କ ସହିତ ଅଭିନ୍ନ ହୋଇପଡ଼ିଲେ ।

2. ଗୁରୁପରମ୍ପରାରେ ହିଁ ବ୍ରହ୍ମଜ୍ଞାନ ଆସିଛି, ଗୁରୁଙ୍କ ଉପଦେଶଶୂନ୍ୟ ମେଧା ବା ପାଣ୍ଡିତ୍ୟ ପ୍ରଭୃତି ଦ୍ୱାରା ନୁହେଁ । କ., ୧/୨/୨୩, ୧/୨/୭-୯

3. ଶ୍ରୋତ୍ରାଦି ସକଳ ଉପାଧିଶୂନ୍ୟ, ଆତ୍ମରୂପ ଚୈତନ୍ୟଜ୍ୟୋତିଙ୍କୁ ।

4. ବ୍ରହ୍ମ=ନିରତିଶୟ ବୃହତ୍; କାରଣ ସେ ଅଦ୍ୱିତୀୟ ।

5. ଉପାଧିଭେଦବିଶିଷ୍ଟ ଈଶ୍ୱରାଦିଙ୍କୁ ।

6. ଅର୍ଥାତ୍ ଆତ୍ମାଠାରୁ ଯାହା ଭିନ୍ନ, ତାହା ବ୍ରହ୍ମ ନୁହେଁ ।

ମନଃ (ଅନ୍ତଃକରଣ) **ମତମ୍** (ବିଷୟୀକୃତ, ବ୍ୟାପ୍ତ ବା ପ୍ରକାଶିତ ହୁଏ) [ବୋଲି ବ୍ରହ୍ମଜ୍ଞମାନେ] **ଆହୁଃ** (କହିଥାଆନ୍ତି) **ତ୍ୱମ୍** (ତୁମେ) **ତତ୍ ଏବ** (ତାହାଙ୍କୁ ହିଁ) **ବ୍ରହ୍ମ ବିଦ୍ଧି** (ବ୍ରହ୍ମ ବୋଲି ଜାଣ) **ୟତ୍** (ଯାହାଙ୍କୁ) **ଇଦମ୍** (ଇଦଂ ରୂପରେ, ନିଜଠାରୁ ଭିନ୍ନ ଅନାତ୍ମରୂପରେ) **ଉପାସତେ** (ଲୋକେ ଉପାସନା ବା ଧ୍ୟାନ କରନ୍ତି) **ଇଦଂ ନ** (ଏହାଙ୍କୁ ନୁହେଁ) । ୧/୬

ଅନ୍ତଃକରଣସହାୟରେ ଯାହାଙ୍କୁ ଲୋକେ ଚିନ୍ତା କରିପାରନ୍ତି ନାହିଁ, ଅଥଚ ଅନ୍ତଃକରଣ ଯଦ୍ଦ୍ୱାରା ଉଦ୍ଭାସିତ ହୁଏ ବୋଲି ବ୍ରହ୍ମବିଦ୍‌ଗଣ କହିଥାଆନ୍ତି, ତୁମେ ତାହାଙ୍କୁ ହିଁ ବ୍ରହ୍ମ ବୋଲି ଜାଣ; କିନ୍ତୁ ଏହି ଯାହାଙ୍କୁ ଲୋକେ ନିଜଠାରୁ ଭିନ୍ନ ଅନାତ୍ମରୂପରେ ଉପାସନା କରିଥାଆନ୍ତି, ତାହାଙ୍କୁ ନୁହେଁ । ୧/୬

ୟଚ୍ଚକ୍ଷୁଷା ନ ପଶ୍ୟତି ୟେନ ଚକ୍ଷୂଂଷି ପଶ୍ୟତି ।
ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ୟଦିଦମୁପାସତେ ॥୭॥

ଚକ୍ଷୁଷା (ଚକ୍ଷୁ ଦ୍ୱାରା) **ୟତ୍** (ଯାହାଙ୍କୁ) **ନ ପଶ୍ୟତି** ([କେହି] ଦେଖନ୍ତି ନାହିଁ) **ୟେନ** (ଯାହାର ସହାୟତାରେ, ଯେଉଁ ଚୈତନ୍ୟଜ୍ୟୋତିଃ ପ୍ରଭାବରେ) **ଚକ୍ଷୂଂଷି** (ଦର୍ଶନେନ୍ଦ୍ରିୟର ବୃତ୍ତି ସକଳକୁ) **ପଶ୍ୟତି** ([ଲୋକେ] ଦେଖନ୍ତି, ଉଦ୍ଭାସିତ କରନ୍ତି) **ତ୍ୱମ୍** (ତୁମେ) **ତତ୍ ଏବ** (ତାହାଙ୍କୁ ହିଁ) **ବ୍ରହ୍ମ ବିଦ୍ଧି** (ବ୍ରହ୍ମ ବୋଲି ଜାଣ) **ୟତ୍** (ଯାହାଙ୍କୁ) **ଇଦମ୍** (ଇଦଂ ରୂପରେ, ନିଜଠାରୁ ଭିନ୍ନ ଅନାତ୍ମରୂପରେ) **ଉପାସତେ** (ଲୋକେ ଉପାସନା ବା ଧ୍ୟାନ କରନ୍ତି) **ଇଦଂ ନ** (ଏହାଙ୍କୁ ନୁହେଁ) । ୧/୭

ଚକ୍ଷୁ ଦ୍ୱାରା ଯାହାଙ୍କୁ କେହି ଦେଖନ୍ତି ନାହିଁ, ଯାହାର ସହାୟତାରେ ଲୋକେ ଚକ୍ଷୁର ବୃତ୍ତିସମୂହକୁ ଉଦ୍ଭାସିତ କରନ୍ତି, ତୁମେ ତାହାଙ୍କୁ ହିଁ ବ୍ରହ୍ମ ବୋଲି ଜାଣ; କିନ୍ତୁ ଏହି ଯାହାଙ୍କୁ ଲୋକେ ନିଜଠାରୁ ଭିନ୍ନ ଅନାତ୍ମରୂପରେ ଉପାସନା କରିଥାଆନ୍ତି, ତାହାଙ୍କୁ ନୁହେଁ । ୧/୭

ୟଚ୍ଛ୍ରୋତ୍ରେଣ ନ ଶୃଣୋତି ୟେନ ଶ୍ରୋତ୍ରମିଦଂ ଶ୍ରୁତମ୍ ।
ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ୟଦିଦମୁପାସତେ ॥୮॥

ଶ୍ରୋତ୍ରେଣ (ଶ୍ରବଣେନ୍ଦ୍ରିୟ ଦ୍ୱାରା) **ୟତ୍** (ଯାହାଙ୍କୁ) **ନ ଶୃଣୋତି** ([କେହି] ଶ୍ରବଣ କରନ୍ତି ନାହିଁ) **ୟେନ** (ଯଦ୍ଦ୍ୱାରା) **ଇଦଂ** (ଏହି) **ଶ୍ରୋତ୍ରମ୍** (ଶ୍ରବଣେନ୍ଦ୍ରିୟ) **ଶ୍ରୁତମ୍** (ବିଷୟୀକୃତ ହୁଏ, ସ୍ୱବିଷୟ ପ୍ରକାଶରେ ସମର୍ଥ ହୁଏ) **ତ୍ୱମ୍** (ତୁମେ) **ତତ୍**

ଏବ (ତାହାଙ୍କୁ ହିଁ) **ବ୍ରହ୍ମ ବିଦ୍ଧି** (ବ୍ରହ୍ମ ବୋଲି ଜାଣ) **ୟତ୍** (ଯାହାଙ୍କୁ) **ଇଦମ୍** (ଇଦଂ ରୂପରେ, ନିଜଠାରୁ ଭିନ୍ନ ଅନାତ୍ମରୂପରେ) **ଉପାସତେ** (ଲୋକେ ଉପାସନା ବା ଧ୍ୟାନ କରନ୍ତି) **ଇଦଂ ନ** (ଏହାଙ୍କୁ ନୁହେଁ) । ୧/୮

ଶ୍ରବଣ ଦ୍ୱାରା ଯାହାଙ୍କୁ କେହି ଶୁଣନ୍ତି ନାହିଁ, ଯଦ୍ଦ୍ୱାରା ଶ୍ରବଣ ବିଷୟୀକୃତ ହୁଏ (ସ୍ୱବିଷୟ ପ୍ରକାଶରେ ସମର୍ଥ ହୁଏ) ତୁମେ ତାଙ୍କୁ ହିଁ ବ୍ରହ୍ମ ବୋଲି ଜାଣ; କିନ୍ତୁ ଏହି ଯାହାଙ୍କୁ ଲୋକେ ନିଜଠାରୁ ଭିନ୍ନ ଅନାତ୍ମରୂପରେ ଉପାସନା କରିଥାଆନ୍ତି, ତାହାଙ୍କୁ ନୁହେଁ ୧/୮ ।

ୟତ୍ ପ୍ରାଣେନ ନ ପ୍ରାଣିତି ୟେନ ପ୍ରାଣଃ ପ୍ରଣୀୟତେ ।
ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ୟଦିଦମୁପାସତେ ॥୯॥

ଇତି କେନୋପନିଷଦି ପ୍ରଥମଃ ଖଣ୍ଡଃ ॥

ପ୍ରାଣେନ (ଘ୍ରାଣେନ୍ଦ୍ରିୟ ଦ୍ୱାରା) **ୟତ୍** (ଯାହାଙ୍କୁ) **ନ ପ୍ରାଣିତି** ([କେହି] ଆଘ୍ରାଣ କରିପାରନ୍ତି ନାହିଁ) **ୟେନ** (ୟଦ୍ଦ୍ୱାରା) **ପ୍ରାଣଃ** (ଘ୍ରାଣେନ୍ଦ୍ରିୟ) **ପ୍ରଣୀୟତେ** (ସ୍ୱବିଷୟରେ ପ୍ରେରିତ ହୁଅନ୍ତି) **ତ୍ୱମ୍** (ତୁମେ) **ତତ୍ ଏବ** (ତାହାଙ୍କୁ ହିଁ) **ବ୍ରହ୍ମ ବିଦ୍ଧି** (ବ୍ରହ୍ମ ବୋଲି ଜାଣ) **ୟତ୍** (ଯାହାଙ୍କୁ) **ଇଦମ୍** (ଇଦଂ ରୂପରେ, ନିଜଠାରୁ ଭିନ୍ନ ଅନାତ୍ମରୂପରେ) **ଉପାସତେ** (ଲୋକେ ଉପାସନା ବା ଧ୍ୟାନ କରନ୍ତି) **ଇଦଂ ନ** (ଏହାଙ୍କୁ ନୁହେଁ) । ୧/୯

ଘ୍ରାଣେନ୍ଦ୍ରିୟ ଦ୍ୱାରା କେହି ଯାହାଙ୍କୁ ଆଘ୍ରାଣ କରିପାରନ୍ତି ନାହିଁ, ଯଦ୍ଦ୍ୱାରା ଘ୍ରାଣେନ୍ଦ୍ରିୟ ସ୍ୱବିଷୟରେ ପ୍ରେରିତ ହୁଏ, ତୁମେ ତାହାଙ୍କୁ ହିଁ ବ୍ରହ୍ମ ବୋଲି ଜାଣ; କିନ୍ତୁ ଏହି ଯାହାଙ୍କୁ ଲୋକେ ନିଜଠାରୁ ଭିନ୍ନ ଅନାତ୍ମରୂପରେ ଉପାସନା କରିଥାଆନ୍ତି, ତାହାଙ୍କୁ ନୁହେଁ ।୧/୯

॥ କେନୋପନିଷଦ୍‌ର ପ୍ରଥମ ଖଣ୍ଡ ସମାପ୍ତ ॥

ଦ୍ୱିତୀୟ ଖଣ୍ଡ

ଯଦି ମନ୍ୟସେ ସୁବେଦେତି ଦଭ୍ରମେବାପି[1]
ନୂନଂ ତ୍ୱଂ ବେତ୍‌ଥ ବ୍ରହ୍ମଣୋ ରୂପମ୍ ।
ଯଦସ୍ୟ ତ୍ୱଂ ଯଦସ୍ୟ ଦେବେଷ୍ୱଥ ନୁ
ମୀମାଂସ୍ୟମେବ ତେ ମନ୍ୟେ ବିଦିତମ୍ ॥ ୧ ॥

ଯଦି (ଯଦି କେବେ) **ତ୍ୱଂ** (ତୁମେ) **ମନ୍ୟସେ** (ମନେ କର) **ସୁ-ବେଦ ଇତି** (ଯେ ମୁଁ ବ୍ରହ୍ମଙ୍କୁ ଉତ୍ତମ ରୂପେ ଜାଣିଛି) [ତେବେ] **ନୂନଂ** (ନିଶ୍ଚୟ ହିଁ) **ତ୍ୱମ୍** (ତୁମେ) **ଅସ୍ୟ ବ୍ରହ୍ମଣଃ** (ଏହି ବ୍ରହ୍ମଙ୍କର) **ଯତ୍** (ଯେଉଁ ଆଧ୍ୟାତ୍ମିକ) [ଏବଂ] **ଦେବେଷୁ** (ଦେବଗଣଙ୍କ ମଧ୍ୟରେ) **ଅସ୍ୟ** (ତାହାର) **ଯତ୍** (ଆଧିଦୈବିକ) **ଦଭ୍ରମ୍ ଏବ ଅପି** (କ୍ଷୁଦ୍ର ବା ଅଳ୍ପମାତ୍ର) **ରୂପମ୍** (ରୂପ) [ଅଛି, ତାହା ହିଁ କେବଳ] **ବେତ୍‌ଥ** (ଜାଣିଅଛ); **ଅଥ ନୁ** (ସୁତରାଂ ଏବେ ବି) **ତେ** (ତୁମ ନିକଟରେ) **ମୀମାଂସ୍ୟମ୍ ଏବ** (ବ୍ରହ୍ମ ବିଚାର୍ଯ୍ୟ ହିଁ ଅଟନ୍ତି) । [ଆଚାର୍ଯ୍ୟଙ୍କ ଏହି ବାକ୍ୟ ଶୁଣି ଶିଷ୍ୟ ଏକାନ୍ତରେ ସମାହିତଚିତ୍ତରେ ବିଚାର କରି କହିଲେ] **ମନ୍ୟେ** (ମୋର ମନେ ହୁଏ) **ବିଦିତମ୍** (ବ୍ରହ୍ମ ମୋ ନିକଟରେ ଜ୍ଞାତ ହୋଇଛନ୍ତି) । ୨/୧

ଯଦି ତୁମେ ମନେ କର "ମୁଁ ବ୍ରହ୍ମଙ୍କୁ ଉତ୍ତମରୂପରେ ଜାଣିଛି"[2], ତେବେ ଉକ୍ତ ବ୍ରହ୍ମଙ୍କର ଯେଉଁ ଆଧ୍ୟାତ୍ମିକ ଓ ଆଧିଦୈବିକ[3] କ୍ଷୁଦ୍ର ରୂପ ଅଛି, ତାହା ହିଁ କେବଳ ତୁମେ ଜାଣିଅଛ; ସୁତରାଂ ଏବେ ବି ବ୍ରହ୍ମ ତୁମ ନିକଟରେ ବିଚାର୍ଯ୍ୟ । (ଏହା ଶୁଣି ଶିଷ୍ୟ ଯଥୋଚିତ ବିଚାର କରି କହିଲେ)—"ମୋର ମନେହୁଏ, ବ୍ରହ୍ମ ମୋ ନିକଟରେ ଜ୍ଞାତ ହୋଇଛନ୍ତି ।" ୨/୧

---

1. ପାଠାନ୍ତର—**ଦହରମେବାପି**=ଅଳ୍ପମାତ୍ର ହିଁ

2. ଯାହା ଜ୍ଞାନର ବିଷୟ ହୁଏ ତାହା ଆତ୍ମା ନୁହେଁ, ଯଥା ଘଟ ଆଦି । କେ., ୧/୪

3. ଦେହକୁ ଅଧିକାର କରି ଯିଏ ଭୋକ୍ତାରୂପରେ ଅବସ୍ଥାନ କରୁଛନ୍ତି, ସେ ହିଁ ଅଧ୍ୟାତ୍ମଶବ୍ଦବାଚ୍ୟ । ସୂର୍ଯ୍ୟମଣ୍ଡଳସ୍ଥ ଯେଉଁ ବିରାଟ୍ ପୁରୁଷ ସ୍ୱୀୟ ଅଂଶଭୂତ ସର୍ବଦେବତାଙ୍କ ଅଧିପତି, ତାଙ୍କୁ ଅଧିଦୈବତ କୁହାଯାଏ । (—ଗୀତା, ୮/୩-୪) ସେହି ଉଭୟଙ୍କର ବିଭିନ୍ନ ରୂପ ମଧ୍ୟ ବ୍ରହ୍ମଙ୍କ ତୁଳନାରେ ଅତି କ୍ଷୁଦ୍ର, କାରଣ ସେଗୁଡ଼ିକ ବ୍ରହ୍ମଙ୍କର ହିଁ ଉପାଧି-ପରିଚ୍ଛିନ୍ନ ରୂପ ।

ନାହଂ ମନ୍ୟେ ସୁବେଦେତି ନୋ ନ ବେଦେତି ବେଦ ଚ ।
ୟୋ ନସ୍ତଦ୍ବେଦ ତଦ୍ବେଦ ନୋ ନ ବେଦେତି ବେଦ ଚ ॥୨॥

[ଶିଷ୍ୟ ନିଜ ବ୍ରହ୍ମ-ଜ୍ଞାନର ପରିଚୟ ଦେଉଛନ୍ତି]—**ସୁବେଦ ଇତି** (ଉତ୍ତମରୂପେ ଜାଣିଅଛି ଏହା) **ଅହଂ** (ମୁଁ) **ନ ମନ୍ୟେ** (ମନେ କରେ ନାହିଁ); [ଅର୍ଥାତ୍] **ନ ବେଦ ଇତି** (ଜାଣେ ନାହିଁ ଏହା ମଧ୍ୟ) **ନୋ** (ମନେ କରେ ନାହିଁ) **ବେଦ ଚ** (ମୁଁ ଯେ ଜାଣେ ତାହା ମଧ୍ୟ) [**ନ**—ମନେ କରେ ନାହିଁ] । **ନଃ** (ଆମମାନଙ୍କ ମଧ୍ୟରେ) **ୟଃ** (ଯେ କେହି) **"ନୋ ନ ବେଦ, ବେଦ ଚ"** ("ଜାଣେ ନାହିଁ ତାହା ନୁହେଁ ଏବଂ ଜାଣେ ତାହା ମଧ୍ୟ ନୁହେଁ") **ଇତି ତତ୍** (ସେହି ବାଣୀ) [ଯିଏ] **ବେଦ** (ଜାଣନ୍ତି) [ସେ] **ତତ୍** (ସେହି ବ୍ରହ୍ମଙ୍କୁ) **ବେଦ** (ଜାଣନ୍ତି) । ୨/୨

[ଶିଷ୍ୟ]—ମୁଁ ଏହି ପ୍ରକାର ମନେ କରେ ନାହିଁ ଯେ, ମୁଁ ବ୍ରହ୍ମଙ୍କୁ ଉତ୍ତମରୂପରେ ଜାଣିଛି; ଅର୍ଥାତ୍ 'ଜାଣେ ନାହିଁ' ଏହା ମଧ୍ୟ ମନେ କରେ ନାହିଁ ଏବଂ 'ଜାଣେ' ଏହା ମଧ୍ୟ ମନେ କରେ ନାହିଁ । "ଜାଣେ ନାହିଁ ଯେ ତାହା ମଧ୍ୟ ନୁହେଁ ଏବଂ ଜାଣିଛି ଯେ ତାହା ମଧ୍ୟ ନୁହେଁ"—ଆମମାନଙ୍କ ମଧ୍ୟରେ ଯିଏ ଏହି ବଚନଟିର[1] ମର୍ମ ଜାଣିଛନ୍ତି, ସେ ହିଁ ବ୍ରହ୍ମଙ୍କୁ ଜାଣିଛନ୍ତି । ୨/୨

ୟସ୍ୟାମତଂ ତସ୍ୟ ମତଂ ମତଂ ୟସ୍ୟ ନ ବେଦ ସଃ ।
ଅବିଜ୍ଞାତଂ ବିଜାନତାଂ ବିଜ୍ଞାତମବିଜାନତାମ୍ ॥୩॥

[ଶ୍ରୁତି ସ୍ୱୟଂ କହୁଛନ୍ତି]—**ୟସ୍ୟ** (ଯାହାଙ୍କ ନିକଟରେ) **ଅମତଂ** (ଅବିଦିତ ବୋଲି ନିଶ୍ଚିତ) **ତସ୍ୟ** (ତାହାଙ୍କ ନିକଟରେ) **ମତଂ** (ବିଦିତ) **ୟସ୍ୟ** (ଯାହାଙ୍କ ନିକଟରେ) **ମତମ୍** (ବିଦିତ ବୋଲି ନିଶ୍ଚିତ) **ସଃ** (ସେ) **ନ ବେଦ** (ଜାଣନ୍ତି ନାହିଁ); **ବିଜାନତାମ୍** (ସମ୍ୟକ୍ ଜ୍ଞାନବାନ୍‌ଗଣଙ୍କ ନିକଟରେ) **ଅବିଜ୍ଞାତମ୍** (ଅବିଦିତ [ସ୍ୱରୂପରେ ହିଁ ଥାଆନ୍ତି]) **ଅବିଜାନତାମ୍** (ସମ୍ୟକ୍ ଜ୍ଞାନହୀନମାନଙ୍କ ନିକଟରେ, ଅର୍ଥାତ୍ ଯେଉଁମାନେ ଦେହ ଇନ୍ଦ୍ରିୟ ଆଦିରେ ହିଁ ଆତ୍ମବୁଦ୍ଧି କରନ୍ତି ସେମାନଙ୍କ ନିକଟରେ) **ବିଜ୍ଞାତମ୍** (ବିଦିତ [ସ୍ୱରୂପରେ ହିଁ ପ୍ରତିଭାତ ହୁଅନ୍ତି]) । ୨/୩

(ଶ୍ରୁତି କହୁଛନ୍ତି)—ବ୍ରହ୍ମ ଯାହାଙ୍କ ନିକଟରେ ଅବିଦିତ (ବୋଲି ନିଶ୍ଚିତ) ତାଙ୍କରି ନିକଟରେ ସେ ବିଦିତ; ଯାହାଙ୍କ ନିକଟରେ ବିଦିତ (ବୋଲି ନିଶ୍ଚିତ) ସେ (ବ୍ରହ୍ମଙ୍କ) ଜାଣନ୍ତି ନାହିଁ । ଯେଉଁମାନେ ସମ୍ୟକ୍‌ଜ୍ଞାନବାନ୍ ସେମାନେ ବ୍ରହ୍ମଙ୍କୁ

1. କେ., ୧/୪

ଜ୍ଞାତ ବୋଲି ମନେ କରନ୍ତି ନାହିଁ; ଏବଂ ଯେଉଁମାନେ ସମ୍ୟକ୍‌ଜ୍ଞାନବାନ୍ ନୁହନ୍ତି ସେମାନେ ହିଁ ମନେ କରନ୍ତି ଯେ, ବ୍ରହ୍ମ ଜ୍ଞାତ ହୋଇଛନ୍ତି । ୨/୩

ପ୍ରତିବୋଧବିଦିତଂ ମତମମୃତତ୍ୱଂ ହି ବିନ୍ଦତେ ।
ଆତ୍ମନା ବିନ୍ଦତେ ବୀର୍ୟଂ ବିଦ୍ୟୟା ବିନ୍ଦତେଽମୃତମ୍ ॥୪॥

[ଜ୍ଞାନୀମାନଙ୍କ ନିକଟରେ ମଧ୍ୟ ଯଦି ବ୍ରହ୍ମ ଅବିଜ୍ଞାତ ରହନ୍ତି, ତେବେ ଜ୍ଞାନୀ ଓ ଜ୍ଞାନହୀନ ମଧ୍ୟରେ ପ୍ରଭେଦ କ'ଣ ? ବିଶେଷତଃ "ଜ୍ଞାନୀଙ୍କ ନିକଟରେ ଅଜ୍ଞାତ" ଏହା ତ' ସ୍ୱବିରୋଧୀ କଥା । ଏହିପ୍ରକାର ଆଶଙ୍କାର ନିବୃତ୍ତି ପାଇଁ ଶ୍ରୁତି କହୁଛନ୍ତି]—[ଯେତେବେଳେ] **ପ୍ରତିବୋଧ-ବିଦିତଂ** (ପ୍ରତ୍ୟେକ ବୁଦ୍ଧି-ପ୍ରତ୍ୟୟର ପ୍ରତ୍ୟଗାତ୍ମରୂପରେ ବ୍ରହ୍ମ ବିଦିତ ହୁଅନ୍ତି) [ସେତେବେଳେ ହିଁ ତାହା] **ମତମ୍** (ପ୍ରକୃତ ଜ୍ଞାନ) **ହି** (କାହିଁକି ନା) [ଉକ୍ତ ଜ୍ଞାନ ଫଳରେ ବିଦ୍ୱାନ୍] **ଅମୃତତ୍ୱଂ** (ଅମରତ୍ୱ, ସ୍ୱରୂପାବସ୍ଥାନ) **ବିନ୍ଦତେ** (ଲାଭ କରନ୍ତି) । [ଉକ୍ତ ଆତ୍ମବିଦ୍ୟାଦ୍ୱାରା କିପରି ଅମୃତତ୍ୱ ଲାଭ ହୁଏ ?] [ଯେହେତୁ ସାଧକ] **ଆତ୍ମନା** (ଆତ୍ମସ୍ୱରୂପ ଦ୍ୱାରା ହିଁ, ଆତ୍ମନିଷ୍ଠା ଦ୍ୱାରା ହିଁ) **ବୀର୍ୟଂ** (ସାମର୍ଥ୍ୟ, ଅମୃତତ୍ୱଲାଭର ଯୋଗ୍ୟତା) **ବିନ୍ଦତେ** (ଲାଭ କରନ୍ତି) [ସୁତରାଂ] **ବିଦ୍ୟୟା** (ଆତ୍ମଜ୍ଞାନ ଦ୍ୱାରା) **ଅମୃତମ୍** (ମୋକ୍ଷ) **ବିନ୍ଦତେ** (ଲାଭ କରନ୍ତି) । ୨/୪

ଯେତେବେଳେ ବୁଦ୍ଧି-ବୃତ୍ତିସମୂହର ଆତ୍ମରୂପରେ[1] ବ୍ରହ୍ମ ବିଦିତ ହୁଅନ୍ତି, ସେତେବେଳେ ହିଁ ପ୍ରକୃତ ଜ୍ଞାନ ହୁଏ, କାରଣ ଉକ୍ତ ଜ୍ଞାନ ଫଳରେ ମୋକ୍ଷଲାଭ ହୁଏ । କେବଳ ଆତ୍ମାର ଶରଣ ନେଲେ ହିଁ ଅମୃତତ୍ୱ ଲାଭର ଯୋଗ୍ୟତା ହୁଏ (ଅନ୍ୟ ପ୍ରକାରରେ ହୁଏ ନାହିଁ) ଏଥିପାଇଁ ହିଁ ଆତ୍ମବିଦ୍ୟା ଫଳରେ ମୁକ୍ତିଲାଭ[2] ହୁଏ । ୨/୪

---

1. ଅର୍ଥାତ୍ ସକଳ ପ୍ରତ୍ୟୟର ସାକ୍ଷୀ (କେ., ୧/୨ ଓ କ., ୨/୨/୧ର ଟୀକା ଦ୍ର.) । ଘଟ ଓ ଗିରିଗୁହାଦିମାନଙ୍କରେ ସ୍ଥିତ ଆକାଶ ଯେପରି ଏକ, ବିଶୁଦ୍ଧ ଓ ନିର୍ବିଶେଷ; ସାକ୍ଷୀ ମଧ୍ୟ ସେହିପରି ଏକ, ଶୁଦ୍ଧ, ନିର୍ବିଶେଷ, ନିତ୍ୟ ଓ ହ୍ରାସବୃଦ୍ଧିହୀନ । ଗୀତା, ୬/୨୯-୩୦; ଐ., ୩/୧/୨-୩ ।

2. ଧନ, ମନ୍ତ୍ର, ଔଷଧି, ତପସ୍ୟା, ଯୋଗ ପ୍ରଭୃତି ଅନିତ୍ୟ ସାଧନା-ବିଶେଷ-ଅବଲମ୍ବନରେ ଯେଉଁ ଶକ୍ତିଲାଭ ହୁଏ, ତାହା ଅନିତ୍ୟ । ଆତ୍ମନିଷ୍ଠାଜନିତ ଯେଉଁ ଶକ୍ତି ତାହା କିନ୍ତୁ ଆତ୍ମାଠାରୁ ପୃଥକ୍ ନୁହେଁ; ସୁତରାଂ ତାହାର ସହାୟରେ ସ୍ୱାଭାବିକ ଅମୃତସ୍ୱରୂପ ଆତ୍ମବିଷୟରେ ଅବିଦ୍ୟା-ଜନିତ ମରଣଶୀଳତାର ଭ୍ରମ ଦୂର ହୋଇ ଯେଉଁ ଅଜ୍ଞାନ-ବିନାଶରୂପକ ମୁକ୍ତିଲାଭ ହୁଏ, ତାହା ନିତ୍ୟ ହୁଏ ।

ଇହ ଚେଦବେଦୀଦଥ ସତ୍ୟମସ୍ତି
ନ ଚେଦିହାବେଦୀନ୍ମହତୀ ବିନଷ୍ଟିଃ ।
ଭୂତେଷୁ ଭୂତେଷୁ ବିଚିତ୍ୟ ଧୀରାଃ ।
ପ୍ରେତ୍ୟାସ୍ମାଲ୍ଲୋକାଦମୃତା ଭବନ୍ତି ॥୫॥

ଇତି କେନୋପନିଷଦି ଦ୍ୱିତୀୟଃ ଖଣ୍ଡଃ ।

ଇହ (ଏହି ଜୀବନରେ) [କେହି] **ଚେତ୍** (ଯଦି) **ଅବେଦୀତ୍** (ଜାଣିଥାଆନ୍ତି) **ଅଥ** (ତାହା ହେଲେ) **ସତ୍ୟମ୍** (କୃତକୃତ୍ୟତା, ପରମାର୍ଥତା) **ଅସ୍ତି** (ହୋଇଅଛି); **ଇହ** (ଏହି ଜନ୍ମରେ) **ଚେତ୍** (ଯଦି) **ନ ଅବେଦୀତ୍** (ଜାଣି ନ ଥାଆନ୍ତି) [ତେବେ] **ମହତୀ** (ଅତ୍ୟନ୍ତ, ଦୀର୍ଘ) **ବିନଷ୍ଟିଃ** (ଅନିଷ୍ଟ, ଜନ୍ମ-ଜରା-ମୃତ୍ୟୁ-ଲାଭରୂପକ ସଂସାରଗତି) [ହୁଏ]; [ସୁତରାଂ] **ଧୀରାଃ** (ବିବେକୀଗଣ) **ଭୂତେଷୁ ଭୂତେଷୁ** (ସ୍ଥାବରଜଙ୍ଗମ ସମସ୍ତଙ୍କ ମଧ୍ୟରେ) **ବିଚିତ୍ୟ** ([ବ୍ରହ୍ମ] ସାକ୍ଷାତ୍କାରପୂର୍ବକ) **ଅସ୍ମାତ୍** (ଏହି) **ଲୋକାତ୍** (['ମୁଁ' ଓ 'ମୋର' ରୂପରେ] ଅବିଦ୍ୟାଲକ୍ଷଣଯୁକ୍ତ ସଂସାରରୁ) **ପ୍ରେତ୍ୟ** (ବ୍ୟାବୃତ୍ତ ହୋଇ) **ଅମୃତାଃ** (ଅମର, ବ୍ରହ୍ମସ୍ୱରୂପ) **ଭବନ୍ତି** (ହୋଇଥାଆନ୍ତି) । ୨/୫

ଏହି ଜୀବନରେ ହିଁ ଯଦି ବ୍ରହ୍ମଜ୍ଞାନ ଲାଭ ହୁଏ, ତେବେ କୃତକୃତ୍ୟତା ହୁଏ; କିନ୍ତୁ ଏହି ଜନ୍ମରେ ଯଦି ବ୍ରହ୍ମଜ୍ଞାନ ଲାଭ ନ ହୁଏ, ତେବେ ମହାନ୍ ବିନାଶ (ଅର୍ଥାତ୍ ଦୀର୍ଘକାଳବ୍ୟାପୀ ସଂସାରଗତି) ପ୍ରାପ୍ତ ହୁଏ । (ସୁତରାଂ ବିବେକୀଗଣ ଚରାଚର ସମସ୍ତଙ୍କ ମଧ୍ୟରେ ବ୍ରହ୍ମସାକ୍ଷାତ୍କାର-ପୂର୍ବକ ଏହି ସଂସାରରୁ ବିରତ ହୋଇ ଅମୃତ (ଅର୍ଥାତ୍ ବ୍ରହ୍ମସ୍ୱରୂପ) ହୋଇଥାଆନ୍ତି ।[1] ୨/୫

॥ କେନୋପନିଷଦ୍‌ର ଦ୍ୱିତୀୟ ଖଣ୍ଡ ସମାପ୍ତ ॥

ସ୍ୱଭାବସ୍ୱରୂପଂ ବ୍ରହ୍ମ ସ୍ୱଭାବାଦେବ ଗମ୍ୟତେ ।
ଯଦାତର୍ମୁଖମାୟାତଂ ଚିତ୍ତଂ ବିଷୟବିଚ୍ୟୁତମ୍ ॥ —ସୂତସଂହିତା

1. ମୁ., ୩/୨/୯; ଈ., ୩, ୬; କେ., ୧/୨, ୪/୯; ଏହା ହିଁ ସକଳ ଉପନିଷଦ୍‌ରେ ପ୍ରତିପାଦିତ ବ୍ରହ୍ମଜ୍ଞାନର ଫଳ ।

ତୃତୀୟ ଖଣ୍ଡ

ବ୍ରହ୍ମ ହ ଦେବେଭ୍ୟୋ ବିଜିଗ୍ୟେ ତସ୍ୟ ହ ବ୍ରହ୍ମଣୋ ବିଜୟେ ଦେବା ଅମହୀୟନ୍ତ । ତ ଐକ୍ଷନ୍ତାସ୍ମାକମେବାୟଂ ବିଜୟୋଽସ୍ମାକମେବାୟଂ ମହିମେତି ॥୧॥

ବ୍ରହ୍ମ ହ (ବ୍ରହ୍ମ ହିଁ) **ଦେବେଭ୍ୟଃ** (ଦେବତାମାନଙ୍କ ପାଇଁ) **ବିଜିଗ୍ୟେ** ([ଦେବାସୁର-ସଂଗ୍ରାମରେ ଅସୁରମାନଙ୍କୁ] ପରାଜିତ କଲେ) । **ତସ୍ୟ** (ସେହି) **ବ୍ରହ୍ମଣଃ ହ** (ବ୍ରହ୍ମଙ୍କର ହିଁ) **ବିଜୟେ** (ବିଜୟରେ) **ଦେବାଃ** (ଦେବଗଣ) **ଅମହୀୟନ୍ତ** (ମହିମାନ୍ୱିତ ହେଲେ) । [କିନ୍ତୁ] **ତେ** (ସେମାନେ) **ଐକ୍ଷନ୍ତ** (ମନେ କଲେ)— **ଅୟମ୍** (ଏହି) **ବିଜୟଃ** (ବିଜୟ) **ଅସ୍ମାକମ୍ ଏବ** (ଆମମାନଙ୍କର ହିଁ) **ଅୟଂ** (ଏହି) **ମହିମା** (ମହିମା) **ଅସ୍ମାକମ୍ ଏବ ଇତି** (ଆମମାନଙ୍କର ହିଁ) । ୩/୧

(ଦେବାସୁର-ସଂଗ୍ରାମରେ) ବ୍ରହ୍ମ ହିଁ ଦେବତାଗଣଙ୍କ ପାଇଁ ବିଜୟ ଲାଭ କଲେ ।[1] ସେହି ବ୍ରହ୍ମଙ୍କର ହିଁ ବିଜୟବଶତଃ ଦେବତାମାନେ ମହିମାନ୍ୱିତ ହେଲେ । (କିନ୍ତୁ) ମିଥ୍ୟା ଅଭିମାନବଶତଃ ସେମାନେ, "ଏହି ବିଜୟ ଆମମାନଙ୍କର ହିଁ, ଏହି ମହିମା ଆମମାନଙ୍କର ହିଁ" ଏପରି ମନେ କଲେ ।" ୩/୧

ତଦ୍ଧୈଷାଂ ବିଜ୍ଞୌ ତେଭ୍ୟୋ ହ ପ୍ରାଦୁର୍ବଭୂବ ତନ୍ନ ବ୍ୟଜାନତ କିମିଦଂ ୟକ୍ଷମିତି ॥୨॥

ତତ୍ (ବ୍ରହ୍ମ) **ହ** (ଅବଶ୍ୟ ହିଁ) **ଏଷାଂ** (ଏମାନଙ୍କର [ମିଥ୍ୟା ଅଭିମାନ]) **ବିଜ୍ଞୌ** (ଜାଣିପାରିଲେ); **ତେଭ୍ୟଃ ହ** (ସେମାନଙ୍କର ହିଁ କଲ୍ୟାଣ ପାଇଁ) **ପ୍ରାଦୁର୍ବଭୂବ** (ସେମାନଙ୍କ ସମ୍ମୁଖରେ ପ୍ରକାଶିତ ହେଲେ) । [ସେମାନେ] **ତତ୍** (ଉକ୍ତ ବ୍ରହ୍ମଙ୍କୁ) **ନ ବ୍ୟଜାନତ** (ଜାଣିପାରିଲେ ନାହିଁ)—**ଇଦଂ** (ସମ୍ମୁଖରେ ଅବସ୍ଥିତ ଏହା) **କିମ୍** (କ'ଣ) [**ୟତ୍ ଇଦମ୍**=ଯାହା ଏହି] **ୟକ୍ଷମ୍** (ପୂଜ୍ୟ, ମହଭୂତ)—**ଇତି** (ଏହି ପ୍ରକାରରେ) । ୩/୨

---

1. ବ୍ରହ୍ମ ଜଗତ୍‌ର ପାଳନ ପାଇଁ ଜଗତ୍‌ର ଶତ୍ରୁ ଅସୁରମାନଙ୍କୁ ପରାଜିତ କରି ଉକ୍ତ ଜୟ ଓ ତାହାର ଫଳ ଦେବତାମାନଙ୍କୁ ଅର୍ପଣ କଲେ । ବ୍ରହ୍ମ ଦେବତାମାନଙ୍କର ମଧ୍ୟ ଦେବତା; ସେ ହିଁ ଦେବଗଣଙ୍କ ଜୟର ହେତୁ ଏବଂ ସେ ହିଁ ପୁଣି ଅସୁରଗଣଙ୍କର ପରାଜୟର କାରଣ ।

ବ୍ରହ୍ମ ଏମାନଙ୍କର (ଦେବତାମାନଙ୍କର) ମିଥ୍ୟାଭିମାନ ଅବଶ୍ୟ ହିଁ ଜ୍ଞାତ ହେଲେ । ସେମାନଙ୍କର ହିଁ କଲ୍ୟାଣ ପାଇଁ ସେ ନିଜକୁ ସେମାନଙ୍କର ଇନ୍ଦ୍ରିୟଗୋଚର କଲେ । କିନ୍ତୁ ସେମାନେ ଜାଣିପାରିଲେ ନାହିଁ ଯେ, ଏହି ପୂଜ୍ୟସ୍ୱରୂପରେ ଯିଏ ସମ୍ମୁଖରେ ଅବସ୍ଥିତ ସେ କିଏ । ୩/୨

ତେଽଗ୍ନିମବ୍ରୁବନ୍ ଜାତବେଦ ଏତଦ୍ବିଜାନୀହି କିମିଦଂ ୟକ୍ଷମିତି ତଥେତି ॥୩॥

ତେ (ସେମାନେ) **ଅଗ୍ନିମ୍** (ଅଗ୍ନିଙ୍କୁ) **ଅବ୍ରୁବନ୍** (କହିଲେ)—**ଜାତବେଦ** (ହେ ଅଗ୍ନି) **ଏତତ୍ ୟକ୍ଷମ୍** (ଏହି ପୂଜ୍ୟସ୍ୱରୂପ) **କିମ୍** (କିଏ) **ଇତି** (ଏହିରୂପେ) **ଏତତ୍** (ଏହି ସମ୍ମୁଖସ୍ଥ [ଯକ୍ଷଙ୍କୁ]) **ବିଜାନୀହି** (ବିଶେଷରୂପରେ ଅବଗତ ହୁଅ) । [ଅଗ୍ନି କହିଲେ] **ତଥା ଇତି** (ତାହା ହିଁ ହେଉ) । ୩/୩

ସେମାନେ (ଦେବତାମାନେ) ଅଗ୍ନିଙ୍କୁ କହିଲେ—"ହେ ଜାତବେଦ, ତୁମେ ସମ୍ମୁଖରେ ଅବସ୍ଥିତ ଯକ୍ଷଙ୍କଠାରୁ ଜାଣି ଆସ ଯେ, ସେ କିଏ ।" ଅଗ୍ନି କହିଲେ—"ତାହା ହିଁ ହେଉ ।" ୩/୩

ତଦଭ୍ୟଦ୍ରବତ୍ତମଭ୍ୟବଦତ୍ କୋଽସୀତ୍ୟଗ୍ନିର୍ବା ଅହମସ୍ମୀତ୍ୟବ୍ରବୀ-ଜ୍ଜାତବେଦା ବା ଅହମସ୍ମୀତି ॥୪॥

[ଅଗ୍ନି] **ତତ୍ ଅଭ୍ୟଦ୍ରବତ୍** (ସେହି ଯକ୍ଷସମୀପକୁ ଗମନ କଲେ) । **ତମ୍ ଅଭ୍ୟବଦତ୍** ([ଯକ୍ଷ] ତାହାଙ୍କୁ ପଚାରିଲେ) **କଃ ଅସି ଇତି** (ତୁମେ କିଏ) ? **ଅବ୍ରବୀତ୍** ([ଅଗ୍ନି] କହିଲେ) **ଅହମ୍** (ମୁଁ) **ଅଗ୍ନି ର୍ବୈ ଅସ୍ମି ଇତି** (ଅଗ୍ନି ନାମରେ ପ୍ରସିଦ୍ଧ) **ଜାତବେଦାଃ ବୈ ଅହମ୍ ଅସ୍ମି ଇତି** (ମୁଁ ଜାତବେଦା ନାମରେ ମଧ୍ୟ ପ୍ରସିଦ୍ଧ) । ୩/୪

ଅଗ୍ନି ସେହି ଯକ୍ଷସମୀପକୁ ଗମନ କଲେ । ଯକ୍ଷ ତାହାଙ୍କୁ ପଚାରିଲେ—"ତୁମେ କିଏ ?" ଅଗ୍ନି କହିଲେ—"ମୁଁ ଅଗ୍ନି ନାମରେ ପ୍ରସିଦ୍ଧ, ମୁଁ ଜାତବେଦା ନାମରେ ମଧ୍ୟ ଖ୍ୟାତ[1] ।" ୩/୪

---

1. ହବ୍ୟାଦିଗ୍ରହଣ ନିମିତ୍ତ ଯିଏ ଦେବଗଣଙ୍କ ସମ୍ମୁଖରେ ଗମନ କରନ୍ତି, ସେ ହିଁ ଅଗ୍ନି । ବେଦ (ଅର୍ଥାତ୍ ଧନ ବା କର୍ମଫଳ) ଯାହାଙ୍କଠାରୁ ଜ୍ଞାତ ହୋଇଛି, ସେ ଜାତବେଦା ।

ତସ୍ମିꣳସ୍ତ୍ୱୟି କିꣳ ବୀର୍ୟମିତ୍ୟପୀଦꣳ ସର୍ବꣳ ଦହେୟꣳ ୟଦିଦꣳ ପୃଥିବ୍ୟାମିତି ॥ ୫ ॥

[ବ୍ରହ୍ମ ପଚାରିଲେ]—**ତସ୍ମିନ୍ ତ୍ୱୟି** (ସେପରି ପ୍ରସିଦ୍ଧ ନାମଗୁଣଯୁକ୍ତ ତୁମଠାରେ) **କିଂ** (କ'ଣ) **ବୀର୍ୟମ୍ ଇତି** (ସାମର୍ଥ୍ୟ ଅଛି) ? [ଅଗ୍ନି କହିଲେ]—**ୟତ୍ ଇଦଂ** (ଏହି ଯାହା ସବୁ) **ପୃଥିବ୍ୟାମ୍** (ପୃଥିବୀରେ) [ଅଛି] **ଇଦଂ** (ଏହି) **ସର୍ବମ୍ ଅପି** (ସମସ୍ତ ହିଁ) **ଦହେୟମ୍** (ଭସ୍ମସାତ୍ କରିପାରେ) **ଇତି** । ୩/୫

ବ୍ରହ୍ମ ପଚାରିଲେ—"ସେପରି ନାମ ଓ ଗୁଣଯୁକ୍ତ ତୁମର କ'ଣ ସାମର୍ଥ୍ୟ ଅଛି ?" ଏହାର ଉତ୍ତରରେ ଅଗ୍ନି କହିଲେ—"ପୃଥିବୀରେ ଯାହା କିଛି ଅଛି, ସେସବୁ ହିଁ ମୁଁ ଦଗ୍ଧ କରିପାରେ ।" ୩/୫

ତସ୍ମୈ ତୃଣꣳ ନିଦଧାବେତଦ୍ଦହେତି । ତଦୁପପ୍ରେୟାୟ ସର୍ବଜବେନ ତନ୍ନ ଶଶାକ ଦଗ୍ଧୁꣳ ସ ତତ ଏବ ନିବବୃତେ ନୈତଦଶକꣳ ବିଜ୍ଞାତୁꣳ ୟଦେତଦ୍ ୟକ୍ଷମିତି ॥୬॥

ଏତତ୍ (ଏହା) **ଦହ** (ଦଗ୍ଧ କର) **ଇତି** (ଏହା କହି) [ସେହି ଯକ୍ଷରୂପକ ବ୍ରହ୍ମ] **ତସ୍ମୈ** (ଏହି ଅଭିମାନୀ ଅଗ୍ନି ସମ୍ମୁଖରେ) **ତୃଣଂ** (ଗୋଟିଏ ତୃଣ) **ନିଦଧୌ** (ସ୍ଥାପନ କଲେ) । [ଅଗ୍ନି] **ସର୍ବଜବେନ** (ସମ୍ପୂର୍ଣ୍ଣ ଶକ୍ତି ଉପଯୋଗ କରି, ପୂର୍ଣ୍ଣ ଉଦ୍ୟମରେ) **ତତ୍ ଉପପ୍ରେୟାୟ** (ସେହି ତୃଣ-ନିକଟକୁ ଗମନ କଲେ) [କିନ୍ତୁ] **ତତ୍** (ତାହା) **ଦଗ୍ଧୁମ୍** (ଦଗ୍ଧ କରି) **ନ ଶଶାକ** (ପାରିଲେ ନାହିଁ); **ସଃ** (ସେ) **ତତଃ** (ସେହି ଯକ୍ଷ ନିକଟରୁ) **ନିବବୃତେ ଏବ** (ପ୍ରତିନିବୃତ୍ତ ହୋଇ ଆସିଲେ) [ଏବଂ ଦେବଗଣଙ୍କୁ କହିଲେ]—**ଏତତ୍** (ଏହାଙ୍କୁ) **ନ ବିଜ୍ଞାତୁମ୍ ଅଶକମ୍** (ମୁଁ ଜାଣିପାରିଲି ନାହିଁ) **ୟତ୍ ଏତତ୍ ୟକ୍ଷମ୍** (ଯାହା ଏହି ପୂଜନୀୟସ୍ୱରୂପ) **ଇତି** । ୩/୬

ସେହି ଯକ୍ଷରୂପକ ବ୍ରହ୍ମ "ଏହା ଦଗ୍ଧ କର" କହି ତାଙ୍କ ସମ୍ମୁଖରେ ଗୋଟିଏ ତୃଣ ସ୍ଥାପନ କଲେ । ଅଗ୍ନି ନିଜର ସମସ୍ତ ଶକ୍ତି ଉପଯୋଗ କରି ସେହି ତୃଣ-ନିକଟକୁ ଗମନ କଲେ; କିନ୍ତୁ ତାହା ଦଗ୍ଧ କରିପାରିଲେ ନାହିଁ । ସେ ଉକ୍ତ ଯକ୍ଷଙ୍କ ନିକଟରୁ ଦେବତାମାନଙ୍କ ନିକଟକୁ ଫେରିଆସିଲେ ଏବଂ କହିଲେ—"ଏହି ପୂଜନୀୟସ୍ୱରୂପ ଯକ୍ଷ କିଏ, ତାହା ମୁଁ ଜାଣିପାରିଲି ନାହିଁ ।" ୩/୬

ଅଥ ବାୟୁମବ୍ରୁବନ୍ ବାୟବେତଦ୍ବିଜାନୀହି କିମେତଦ୍ ଯକ୍ଷମିତି ତଥେତି ॥୭॥

ଅଥ (ଅନନ୍ତର) **ବାୟୁମ୍** (ବାୟୁ ଦେବତାଙ୍କୁ) **ଅବ୍ରୁବନ୍** ([ଦେବଗଣ] କହିଲେ)—**ବାୟୋ** (ହେ ବାୟୁ) **ଏତତ୍ ଯକ୍ଷମ୍** (ଏହି ପୂଜ୍ୟସ୍ୱରୂପ) **କିମ୍** (କିଏ) **ଇତି** (ଏହିରୂପେ) **ଏତତ୍** (ଏହି ସମ୍ମୁଖସ୍ଥ [ଯକ୍ଷଙ୍କୁ]) **ବିଜାନୀହି** (ବିଶେଷରୂପରେ ଅବଗତ ହୁଅ) [ବାୟୁ କହିଲେ] **ତଥା ଇତି** (ତାହା ହିଁ ହେଉ) । ୩/୭

ଅନନ୍ତର ଦେବତାମାନେ ବାୟୁ ଦେବତାଙ୍କୁ କହିଲେ—"ହେ ବାୟୁ, ତୁମେ ଏହି ସମ୍ମୁଖସ୍ଥ ଯକ୍ଷଙ୍କ ବିଷୟରେ ଜାଣି ଆସ ଯେ, ସେ କିଏ ।" ବାୟୁ କହିଲେ—"ତାହା ହିଁ ହେଉ ।" ୩/୭

ତଦଭ୍ୟଦ୍ରବତ୍ତମଭ୍ୟବଦତ୍ କୋଽସୀତି ବାୟୁର୍ବା ଅହମସ୍ମୀତ୍ୟ-ବ୍ରବୀଦ୍ଦ୍ଦାତରିଶ୍ୱା ବା ଅହମସ୍ମୀତି ॥୮॥

[ବାୟୁ ଦେବତା] **ତତ୍ ଅଭ୍ୟଦ୍ରବତ୍** (ସେହି ଯକ୍ଷଙ୍କ ନିକଟକୁ ଗମନ କଲେ) । **ତମ୍ ଅଭ୍ୟବଦତ୍** ([ଯକ୍ଷ] ତାହାଙ୍କୁ ପଚାରିଲେ) **କଃ ଅସି ଇତି** (ତୁମେ କିଏ) ? **ଅବ୍ରବୀତ୍** ([ବାୟୁ] କହିଲେ) **ଅହମ୍** (ମୁଁ) **ବାୟୁଃ ବୈ ଅସ୍ମି ଇତି** (ଗତିଶୀଳ, ଗନ୍ଧବାହକ ବା ପ୍ରବାହଶୀଳ ବାୟୁ ନାମରେ ପ୍ରସିଦ୍ଧ) **ମାତରିଶ୍ୱା ବୈ ଅହମ୍ ଅସ୍ମି ଇତି** (ମୁଁ ମାତରିଶ୍ୱା ବା ଅନ୍ତରୀକ୍ଷଚାରୀ ବାୟୁ ନାମରେ ମଧ୍ୟ ପ୍ରସିଦ୍ଧ) । ୩/୮

ବାୟୁ ଯକ୍ଷଙ୍କ ନିକଟକୁ ଗମନ କଲେ । ଯକ୍ଷରୂପକ ବ୍ରହ୍ମ ତାଙ୍କୁ ପଚାରିଲେ—"ତୁମେ କିଏ ?" ସେ କହିଲେ, "ମୁଁ ବାୟୁ ନାମରେ ପ୍ରସିଦ୍ଧ, ମାତରିଶ୍ୱା ନାମରେ ମଧ୍ୟ ଖ୍ୟାତ ।" ୩/୮

ତସ୍ମିଂସ୍ତ୍ୱୟି କିଂ ବୀର୍ୟମିତ୍ୟପୀଦଂ ସର୍ବମାଦଦୀୟମ୍ ଯଦିଦଂ ପୃଥିବ୍ୟାମିତି ॥୯॥

[ବ୍ରହ୍ମ ପଚାରିଲେ]—**ତସ୍ମିନ୍ ତ୍ୱୟି** (ସେପରି ପ୍ରସିଦ୍ଧ ନାମଗୁଣଯୁକ୍ତ ତୁମଠାରେ) **କିଂ** (କ'ଣ) **ବୀର୍ୟମ୍ ଇତି** (ସାମର୍ଥ୍ୟ ଅଛି) ? [ବାୟୁ କହିଲେ]—**ଯତ୍ ଇଦଂ** (ଏହି ଯାହା ସବୁ) **ପୃଥିବ୍ୟାମ୍** (ପୃଥିବୀରେ) [ଅଛି] **ଇଦଂ** (ଏହି) **ସର୍ବମ୍**

ଅପି (ସମସ୍ତ ହିଁ) **ଆଦଦୀୟମ୍** (ଗ୍ରହଣ କରିପାରେ ବା ଉଡ଼ାଇ ନେଇପାରେ) **ଇତି** । ୩/୯

ବ୍ରହ୍ମ ପଚାରିଲେ—"ସେପରି ନାମଗୁଣଯୁକ୍ତ ତୁମଠାରେ କ'ଣ ସାମର୍ଥ୍ୟ ଅଛି ?" ବାୟୁ କହିଲେ—"ପୃଥିବୀରେ ଯାହା କିଛି ଅଛି, ସେ ସମସ୍ତ ହିଁ ମୁଁ ଉଡ଼ାଇ ନେଇପାରେ ।" ୩/୯

ତସ୍ମିନ୍ ତୃଣଂ ନିଦଧାବେତଦାଦତ୍ସ୍ୱେତି ତଦୁପପ୍ରେୟାୟ ସର୍ବଜବେନ ତନ୍ନ ଶଶାକାଦାତୁମ୍ ସ ତତ ଏବ ନିବବୃତେ ନୈତଦଶକଂ ବିଜ୍ଞାତୁଂ ୟଦେତଦ୍ ୟକ୍ଷମିତି ॥୧୦॥

ଏତତ୍ (ଏହା) **ଆଦତ୍ସ୍ୱ** (ଗ୍ରହଣ କର ବା ଉଡ଼ାଇନିଅ) **ଇତି** (ଏହା କହି) [ସେହି ଯକ୍ଷରୂପକ ବ୍ରହ୍ମ] **ତସ୍ମିନ୍** (ଏହି ଅଭିମାନୀ ବାୟୁଙ୍କ ସମ୍ମୁଖରେ) **ତୃଣଂ** (ଗୋଟିଏ ତୃଣ) **ନିଦଧୌ** (ସ୍ଥାପନ କଲେ) । [ବାୟୁ] **ସର୍ବଜବେନ** (ସମ୍ପୂର୍ଣ୍ଣ ଶକ୍ତି ଉପଯୋଗ କରି, ପୂର୍ଣ୍ଣ ଉଦ୍ୟମରେ) **ତତ୍ ଉପପ୍ରେୟାୟ** (ସେହି ତୃଣ ନିକଟକୁ ଗମନ କଲେ) [କିନ୍ତୁ] **ତତ୍** (ତାହା) **ଆଦାତୁମ୍** (ଗ୍ରହଣ କରିବାକୁ ବା ଉଡ଼ାଇବାକୁ) **ନ ଶଶାକ** (ସକ୍ଷମ ହେଲେ ନାହିଁ); **ସଃ** (ସେ) **ତତଃ** (ସେହି ଯକ୍ଷ ନିକଟରୁ) **ନିବବୃତେ ଏବ** (ପ୍ରତିନିବୃତ୍ତ ହୋଇ ଆସିଲେ) [ଏବଂ ଦେବଗଣଙ୍କୁ କହିଲେ]—**ଏତତ୍** (ଏହାଙ୍କୁ) **ନ ବିଜ୍ଞାତୁମ୍ ଅଶକମ୍** (ମୁଁ ଜାଣିପାରିଲି ନାହିଁ) **ୟତ୍ ଏତତ୍ ୟକ୍ଷମ୍ ଇତି** (ଯାହା ଏହି ପୂଜନୀୟସ୍ୱରୂପ) । ୩/୧୦

ସେହି ଯକ୍ଷରୂପକ ବ୍ରହ୍ମ "ଏହା ଉଡ଼ାଅ" ବୋଲି କହି ତାଙ୍କ ସମ୍ମୁଖରେ ଗୋଟିଏ ତୃଣ ସ୍ଥାପନ କଲେ । ବାୟୁ ନିଜର ସମସ୍ତ ଶକ୍ତି ଉପଯୋଗ କରି ସେହି ତୃଣ ନିକଟକୁ ଗମନ କଲେ; କିନ୍ତୁ ତାହା ଉଡ଼ାଇପାରିଲେ ନାହିଁ । ସେ ଯକ୍ଷଙ୍କ ନିକଟରୁ ଦେବଗଣଙ୍କ ନିକଟକୁ ଫେରିଆସିଲେ ଏବଂ କହିଲେ —"ଏହି ପୂଜନୀୟସ୍ୱରୂପ ଯକ୍ଷ କିଏ, ତାହା ମୁଁ ଜାଣିପାରିଲି ନାହିଁ ।" ୩/୧୦

ଅଥେନ୍ଦ୍ରମବ୍ରୁବନ୍ ମଘବନ୍ନେତଦ୍ ବିଜାନୀହି କିମେତଦ୍ ୟକ୍ଷମିତି ତଥେତି । ତଦଭ୍ୟଦ୍ରବତ୍ ତସ୍ମାତ୍ ତିରୋଦଧେ ॥୧୧॥

ଅଥ (ଅନନ୍ତର) [ଦେବତାମାନେ] **ଇନ୍ଦ୍ରମ୍** (ଇନ୍ଦ୍ରଙ୍କୁ) **ଅବ୍ରୁବନ୍** (କହିଲେ) —**ମଘବନ୍** (ହେ ଇନ୍ଦ୍ର) **ଏତତ୍ ୟକ୍ଷମ୍** (ଏହି ପୂଜ୍ୟସ୍ୱରୂପ) **କିମ୍** (କିଏ) **ଇତି**

(ଏହିରୂପେ) **ଏତତ୍** (ଏହି ସମ୍ମୁଖସ୍ଥ [ଯକ୍ଷଙ୍କୁ]) **ବିଜାନୀହି** (ବିଶେଷରୂପରେ ଅବଗତ ହୁଅ) । [ଇନ୍ଦ୍ର କହିଲେ] **ତଥା ଇତି** (ତାହା ହିଁ ହେଉ) । **ତତ୍ ଅଭ୍ୟଦ୍ରବତ୍** ([ଇନ୍ଦ୍ର] ସେହି ଯକ୍ଷଙ୍କ ସମୀପକୁ ଗମନ କଲେ) **ତସ୍ମାତ୍** (ସେହି ଇନ୍ଦ୍ରଙ୍କ ନିକଟରୁ) **ତିରୋଦଧେ** (ବ୍ରହ୍ମ ତିରୋହିତ ହେଲେ) । ୩/୧୧

ଅନନ୍ତର [ଦେବତାମାନେ] ଇନ୍ଦ୍ରଙ୍କୁ କହିଲେ—"ହେ ମଘବନ୍, ତୁମେ ଏହି ସମ୍ମୁଖସ୍ଥ ଯକ୍ଷ ସମ୍ବନ୍ଧରେ ଜାଣି ଆସ ଯେ ସେ କିଏ ?" "ତଥାସ୍ତୁ" କହି ଇନ୍ଦ୍ର ସେହି ଯକ୍ଷଙ୍କ ସମୀପକୁ ଗମନ କଲେ । [ଇନ୍ଦ୍ରଙ୍କ ଗର୍ବ ଚୂର୍ଣ୍ଣ କରିବା ପାଇଁ ତାଙ୍କ ସହିତ କୌଣସି କଥା ନ କହି] ଯକ୍ଷ ତାଙ୍କ ନିକଟରୁ ତିରୋହିତ ହେଲେ । ୩/୧୧

ସ ତସ୍ମିନ୍ନେବାକାଶେ ସ୍ତ୍ରିୟମାଜଗାମ ବହୁଶୋଭମାନାମୁମାଂ ହୈମବତୀଂ ତାଂ ହୋବାଚ କିମେତଦ୍ ଯକ୍ଷମିତି ॥୧୨॥

ଇତି କେନୋପନିଷଦି ତୃତୀୟଃ ଖଣ୍ଡଃ ॥

ତସ୍ମିନ୍ ଏବ ଆକାଶେ (ଯେଉଁ ଆକାଶରେ ଯକ୍ଷଙ୍କ ସନ୍ଦର୍ଶନ ହୋଇଥିଲା, ସେହି ଆକାଶରେ ହିଁ) **ସଃ** (ସେହି ଇନ୍ଦ୍ର) **ହୈମବତୀମ୍** (ସୁବର୍ଣ୍ଣ ଅଳଙ୍କାରରେ ଅଳଙ୍କୃତା ନାରୀ ସଦୃଶ) **ବହୁ-ଶୋଭମାନାମ୍** (ଅତି ସୁଶୋଭନା) **ସ୍ତ୍ରିୟମ୍** (ସ୍ତ୍ରୀରୂପା) **ଉମାମ୍** (ବ୍ରହ୍ମବିଦ୍ୟା ନିକଟରେ) **ଆଜଗାମ** (ଉପସ୍ଥିତ ହେଲେ) [ଅଥବା—**ହୈମବତୀମ୍** (ହିମାଳୟ-ଦୁହିତା) **ଉମାମ୍** (ଉମାଙ୍କ ସମୀପରେ) **ଆଜଗାମ** (ଉପସ୍ଥିତ ହେଲେ)] । [ଏବଂ] **ତାଂ ହ** (ତାହାଙ୍କୁ) **ଉବାଚ** (ସେ ପଚାରିଲେ)—**ଏତତ୍** (ଏହି) **ଯକ୍ଷମ୍** (ପୂଜନୀୟସ୍ୱରୂପଟି) **କିମ୍** (କ'ଣ) ? — **ଇତି** । ୩/୧୨

ଇନ୍ଦ୍ର ସେହି ଆକାଶରେ ହିଁ ସୁବର୍ଣ୍ଣଭୂଷିତା ନାରୀ ସଦୃଶା ଅତି ସୁଶୋଭନା ସ୍ତ୍ରୀରୂପିଣୀ ଉମାଙ୍କ (ବ୍ରହ୍ମବିଦ୍ୟାଙ୍କ) ନିକଟରେ ଉପସ୍ଥିତ ହେଲେ ।[1] ତାହାଙ୍କୁ ଇନ୍ଦ୍ର ପଚାରିଲେ—"ଏହି ପୂଜନୀୟସ୍ୱରୂପ (ଯକ୍ଷ) କିଏ ?" ୩/୧୨

॥ କେନୋପନିଷଦ୍‌ର ତୃତୀୟ ଖଣ୍ଡ ସମାପ୍ତ ॥

---

1. ଇନ୍ଦ୍ର ଅନ୍ୟମାନଙ୍କ ପରି ଫେରି ନ ଆସି ସେଠାରେ ହିଁ ଧ୍ୟାନମଗ୍ନ ହେଲେ ଏବଂ ଯକ୍ଷଙ୍କ ପ୍ରତି ତାଙ୍କର ଭକ୍ତି ଦର୍ଶନ କରି ବ୍ରହ୍ମବିଦ୍ୟା ତାହାଙ୍କୁ ଉମାରୂପରେ ଦର୍ଶନ ଦେଲେ ।

ଚତୁର୍ଥ ଖଣ୍ଡ

ସା ବ୍ରହ୍ମେତି ହୋବାଚ। ବ୍ରହ୍ମଣୋ ବା ଏତଦ୍ୱିଜୟେ ମହୀୟଧ୍ୱମିତି ତତୋ ହୈବ ବିଦାଞ୍ଚକାର ବ୍ରହ୍ମେତି ॥୧॥

ସା (ସେହି ଉମା) **ଉବାଚ ହ** (କହିଲେ) **ବ୍ରହ୍ମ ଇତି** (ଇଏ ବ୍ରହ୍ମ, ପରମାତ୍ମା) **ବ୍ରହ୍ମଣଃ ବୈ** (ପରମେଶ୍ୱରଙ୍କର ହିଁ) **ବିଜୟେ** (ବିଜୟରେ) **ଏତତ୍ ମହୀୟଧ୍ୱମ୍ ଇତି** (ତୁମେମାନେ ଏହିପରି ମିଥ୍ୟାଭିମାନ କରୁଅଛ)। **ତତଃ ହ ଏବ** (ସେହି ଉମାଙ୍କ ବାକ୍ୟରୁ ହିଁ) [ଇନ୍ଦ୍ର] **ବିଦାଞ୍ଚକାର** (ଜାଣିଲେ) **ବ୍ରହ୍ମ ଇତି** (ସେହି ପୂଜନୀୟସ୍ୱରୂପ ବ୍ରହ୍ମ)। ୪/୧

ଉମା କହିଲେ—"ଇଏ ବ୍ରହ୍ମ; ବ୍ରହ୍ମଙ୍କର ଏହି ବିଜୟରେ ତୁମେମାନେ ମିଥ୍ୟାରେ ନିଜକୁ ମହିମାନ୍ୱିତ ମନେ କରୁଛ।" ସେହି ଉମାଙ୍କ ବାକ୍ୟରୁ ହିଁ[1] ଇନ୍ଦ୍ର ଜାଣିଲେ ଯେ ସେହି ପୂଜନୀୟସ୍ୱରୂପ ହେଉଛନ୍ତି ବ୍ରହ୍ମ। ୪/୧

ତସ୍ମାଦ୍ୱା ଏତେ ଦେବା ଅତିତରାମିବାନ୍ୟାନ୍ ଦେବାନ୍ ଯଦଗ୍ନିର୍ବାୟୁରିନ୍ଦ୍ରସ୍ତେ ହ୍ୟେନନ୍ନେଦିଷ୍ଠଂ ପସ୍ପୃଶୁସ୍ତେ ହ୍ୟେନତ୍ ପ୍ରଥମୋ ବିଦାଞ୍ଚକାର ବ୍ରହ୍ମେତି ॥୨॥

ତେ (ସେମାନେ)—**ଯତ୍ ଅଗ୍ନି ବାୟୁଃ ଇନ୍ଦ୍ରଃ** (ଅଗ୍ନି, ବାୟୁ ଓ ଇନ୍ଦ୍ର—ଏମାନେ)—**ହି** (ଯେହେତୁ) **ଏନତ୍** (ଏହି ବ୍ରହ୍ମଙ୍କୁ) **ନେଦିଷ୍ଠଂ** (ନିକଟତମରୂପରେ) **ପସ୍ପୃଶୁଃ** (ସ୍ପର୍ଶ କରିଥିଲେ) **ହି** (ଯେହେତୁ) **ତେ** (ସେମାନେ) **ଏନତ୍** (ଏହାଙ୍କୁ) **ପ୍ରଥମଃ** (=ପ୍ରଥମାଃ, ଅଗ୍ରଗାମୀ ହୋଇ) **ବ୍ରହ୍ମ ଇତି** (ବ୍ରହ୍ମ ବୋଲି) **ବିଦାଞ୍ଚକାର**(=**ବିଦାଞ୍ଚକ୍ରୁଃ**, ଜାଣିଥିଲେ) **ତସ୍ମାତ୍ ବୈ** (ସେଥିପାଇଁ ହିଁ) **ଏତେ ଦେବାଃ** (ଏହି ଦେବତାମାନେ) **ଅନ୍ୟାନ୍ ଦେବାନ୍ ଅତିତରାମ୍ ଇବ** (ଅନ୍ୟାନ୍ୟ ଦେବଗଣଙ୍କ ଅପେକ୍ଷା ଅଧିକତର ଉତ୍କର୍ଷ ପ୍ରାପ୍ତ ହୋଇଛନ୍ତି)। ୪/୨

---

1. ବେଦବାକ୍ୟ ଓ ଗୁରୁବାକ୍ୟରୁ ହିଁ ବ୍ରହ୍ମଜ୍ଞାନ ହୁଏ, ସ୍ୱତନ୍ତ୍ରଭାବରେ ନୁହେଁ।

ଯେହେତୁ ସେମାନେ ଅର୍ଥାତ୍ ଅଗ୍ନି, ବାୟୁ ଓ ଇନ୍ଦ୍ର ଏହି ବ୍ରହ୍ମଙ୍କୁ ନିକଟତମରୂପରେ ସ୍ପର୍ଶ[1] କରିଥିଲେ ଏବଂ ଯେହେତୁ ସେମାନେ ପ୍ରଥମେ ଏହାଙ୍କୁ ବ୍ରହ୍ମ ବୋଲି ଜାଣିଥିଲେ; ସେଥିପାଇଁ ଏହି ଦେବତାମାନେ ଅନ୍ୟ ଦେବଗଣଙ୍କ ଅପେକ୍ଷା ଅଧିକତର ଉତ୍କର୍ଷ ଲାଭ କରିଛନ୍ତି । ୪/୨

ତସ୍ମାଦ୍ବା ଇନ୍ଦ୍ରୋଽତିତରାମିବାନ୍ୟାନ୍ ଦେବାନ୍ ସ ହ୍ୟେନନ୍ନେଦିଷ୍ଠଂ ପସ୍ପର୍ଶ, ସ ହ୍ୟେନତ୍ ପ୍ରଥମୋ ବିଦାଞ୍ଚକାର ବ୍ରହ୍ମେତି ॥୩॥

ହି (ଯେହେତୁ) **ସଃ** (ଇନ୍ଦ୍ର) **ଏନତ୍** (ଏହି ବ୍ରହ୍ମଙ୍କୁ) **ନେଦିଷ୍ଠଂ** (ନିକଟତମରୂପରେ) **ପସ୍ପର୍ଶ** (ସ୍ପର୍ଶ କରିଥିଲେ) **ହି** (ଯେହେତୁ) **ସଃ** (ସେ) **ଏନତ୍** (ଏହାଙ୍କୁ) **ପ୍ରଥମଃ** (ସର୍ବପ୍ରଥମ) **ବ୍ରହ୍ମ ଇତି** (ବ୍ରହ୍ମ ବୋଲି) **ବିଦାଞ୍ଚକାର** (ଜାଣିଥିଲେ) **ତସ୍ମାତ୍ ବୈ** (ସେଥିପାଇଁ ହିଁ) **ଇନ୍ଦ୍ରଃ** (ଇନ୍ଦ୍ର) **ଅନ୍ୟାନ୍ ଦେବାନ୍ ଅତିତରାମ୍ ଇବ** (ଅନ୍ୟାନ୍ୟ ଦେବଗଣଙ୍କ ଅପେକ୍ଷା ଅଧିକତର ଉତ୍କର୍ଷ ଲାଭ କରିଛନ୍ତି) । ୪/୩

ଯେହେତୁ ଇନ୍ଦ୍ର ଏହି ବ୍ରହ୍ମଙ୍କୁ ନିକଟତମରୂପରେ ସ୍ପର୍ଶ କରିଥିଲେ ଏବଂ ଯେହେତୁ ସେ ସର୍ବପ୍ରଥମ ଏହାଙ୍କୁ ବ୍ରହ୍ମ ବୋଲି ଜାଣିଥିଲେ, ସେଥିପାଇଁ ହିଁ ସେ ଅନ୍ୟ ଦେବଗଣଙ୍କ ଅପେକ୍ଷା ଅଧିକତର ଉତ୍କର୍ଷ ଲାଭ କରିଛନ୍ତି । ୪/୩

ତସ୍ୟୈଷ ଆଦେଶୋ ୟଦେତଦ୍ ବିଦ୍ୟୁତୋ ବ୍ୟଦ୍ୟୁତଦା ଇତୀନ୍ନ୍ୟମୀମିଷଦା ଇତ୍ୟଧିଦୈବତମ୍ ॥୪॥

ତସ୍ୟ (ସେହି ବ୍ରହ୍ମ ବିଷୟରେ) **ଏଷଃ** (ଏହି) **ଆଦେଶଃ** (ଉପଦେଶ)—**ୟତ୍ ଏତତ୍** (ଏହି ଯେ) **ବିଦ୍ୟୁତ୍** (ବିଦ୍ୟୁତର [ପ୍ରଭା]) **ବ୍ୟଦ୍ୟୁତତ୍** (ଚମକିତ ହେଲା) **ଆ** (ଏହା ସଦୃଶ) **ଇତି** (ଏହା ହିଁ ଗୋଟିଏ ଉପମା); **ଇତ୍** (ତଥା) **ନ୍ୟମୀମିଷତ୍** (ଚକ୍ଷୁର ଯେଉଁ ନିମେଷ ହେଲା) **ଆ** (ଏହାର ହିଁ ସଦୃଶ)—**ଇତି ଅଧିଦୈବତମ୍** (ଦେବତା-ଅବଲମ୍ବନରେ ଏହା ହିଁ ବ୍ରହ୍ମଙ୍କ ଉପଦେଶ [କେ., ୨/୧ ଟୀକା ଦ୍ରଷ୍ଟବ୍ୟ]) । ୪/୪

---

1. ବ୍ରହ୍ମଙ୍କ ସହିତ ଆଳାପାଦି ଦ୍ୱାରା ।

ସେହି ବ୍ରହ୍ମବିଷୟରେ ଏହି ଉପଦେଶ—ଏହି ଯେଉଁ ବିଦ୍ୟୁତ୍‌ପ୍ରଭା ଚମକିତ ହେଲା, ଏହାର ହିଁ ସଦୃଶ[1]; ତଥା ଏହି ଯେ ଚକ୍ଷୁର ନିମେଷ ହେଲା, ଏହାର ହିଁ ସଦୃଶ[2]—ଏହିପରି ବ୍ରହ୍ମଙ୍କର ଅଧିଦୈବତ ଉପଦେଶ କଥିତ ହେଲା । ୪/୪

ଅଥାଧ୍ୟାତ୍ମଂ ୟଦେତଦ୍‌ଗଚ୍ଛତୀବ ଚ ମନୋଽନେନ ଚୈତଦୁପସ୍ମରତ୍ୟଭୀକ୍ଷ୍ଣଂ ସଙ୍କଲ୍ପଃ ॥୫॥

ଅଥ (ଅନନ୍ତର) [ବ୍ରହ୍ମଙ୍କ] **ଅଧ୍ୟାତ୍ମଂ** (ପ୍ରତ୍ୟଗାତ୍ମ-ବିଷୟକ) [ଉପଦେଶ ଦିଆଯାଉଛି]—**ୟତ୍** (ଏହି ଯେ) **ମନଃ** (ମନ) **ଏତଦ୍** (ଏହି ବ୍ରହ୍ମରେ) **ଗଚ୍ଛତି ଇବ** (ଯେପରି ପ୍ରବେଶ କରେ ଅର୍ଥାତ୍ ପ୍ରବେଶ କରେ ବୋଲି ବୋଧହୁଏ) **ଚ** (ଏବଂ) [ସାଧକ] **ଅନେନ** (ଏହି ମନ ଦ୍ୱାରା) **ଏତତ୍** (ଏହାଙ୍କୁ) **ଅଭୀକ୍ଷ୍ଣମ୍** (ବାରମ୍ବାର) **ଉପସ୍ମରତି** (ନିକଟବର୍ତ୍ତୀ ହୋଇ ଯେପରି ସ୍ମରଣ କରନ୍ତି) **ଚ ସଙ୍କଲ୍ପଃ** (ଏବଂ ମନର ଯେଉଁ ବ୍ରହ୍ମବିଷୟକ ସଂକଳ୍ପ) । ୪/୫

ଅତଃପର ବ୍ରହ୍ମଙ୍କର ଅଧ୍ୟାତ୍ମବିଷୟକ ଉପଦେଶ[3] (ଦିଆଯାଉଛି)—ଏପରି ଯେଉଁ ବୋଧ ହୁଏ ଯେ, ମନ ଯେପରି ବ୍ରହ୍ମଙ୍କଠାରେ ପ୍ରବିଷ୍ଟ ହୁଏ, (ଅର୍ଥାତ୍ ସାଧକ ଯେପରି) ମନ ଦ୍ୱାରା ଏହାଙ୍କୁ ବାରମ୍ବାର ଘନିଷ୍ଠରୂପରେ ସ୍ମରଣ କରନ୍ତି, ଏବଂ ମନର ଯେଉଁ ବ୍ରହ୍ମବିଷୟକ ସଂକଳ୍ପ[4], ଏହା ହିଁ ବ୍ରହ୍ମବିଷୟରେ ଅଧ୍ୟାତ୍ମ ଉପଦେଶ । ୪/୫

---

1. ବିଦ୍ୟୁତ୍‌ର ପ୍ରକାଶ ଯେପରି ଯୁଗପତ୍ ବିଶ୍ୱବ୍ୟାପୀ ହୁଏ, ଧ୍ୟେୟ ବ୍ରହ୍ମ ମଧ୍ୟ ସେପରି ନିରତିଶୟ ଜ୍ୟୋତିଃସ୍ୱରୂପ ।

2. ଚକ୍ଷୁର ନିମେଷ ଯେପରି ଦ୍ରୁତ ହୋଇଥାଏ, ଉକ୍ତ ବ୍ରହ୍ମ ମଧ୍ୟ ସ୍ୱୀୟ ଐଶ୍ୱର୍ଯ୍ୟସହାୟରେ ସେହିପରି କ୍ଷିପ୍ରଭାବରେ ସୃଷ୍ଟି ଆଦି କରିଥାଆନ୍ତି ।

3. ଅର୍ଥାତ୍ ଏଠାରେ ଏହି ଉପଦେଶ ଦିଆଯାଉଛି : "ମୋର ମନ ଉକ୍ତ ଜ୍ୟୋତିଃସ୍ୱରୂପ ବ୍ରହ୍ମରେ ଗମନ କରି ତାଙ୍କଠାରେ ଅବସ୍ଥିତ ରହିଛି"—ଏହିପରି ଚିନ୍ତା କରିବାକୁ ହେବ ।

4. ଅର୍ଥାତ୍ "ମୋର ମନର ସଂକଳ୍ପ ବ୍ରହ୍ମ-ବିଷୟରେ ହିଁ ହେଉଅଛି"—ଏହିପ୍ରକାର ଧ୍ୟାନ କରିବାକୁ ହେବ । ବ୍ରହ୍ମ ମନରେ ଉପହିତ ଅଛନ୍ତି ବୋଲି ସେ ଯେପରି ସଂକଳ୍ପ, ସ୍ମୃତି ପ୍ରଭୃତି ବୃତ୍ତିଦ୍ୱାରା ବିଷୟୀକୃତ ହୋଇ ଅଭିବ୍ୟକ୍ତ ହୁଅନ୍ତି ।

ତଦ୍ଧ ତଦ୍ୱନଂ ନାମ ତଦ୍ୱନମିତ୍ୟୁପାସିତବ୍ୟମ୍ ସ ୟ ଏତଦେବଂ ବେଦାଭି ହୈନଂ ସର୍ବାଣି ଭୂତାନି ସଂବାଞ୍ଛନ୍ତି ॥୬॥

ତତ୍ (ସେହି ବ୍ରହ୍ମ) **ହ** (ଅବଶ୍ୟ ହିଁ) **ତତ୍-ବନଂ ନାମ** (ପ୍ରାଣୀବର୍ଗଙ୍କ ଭଜନୀୟ ଏହି ନାମଧାରୀ) [ଅତଏବ] **ତତ୍-ବନମ୍ ଇତି** (ପ୍ରାଣୀବର୍ଗଙ୍କ ଭଜନୀୟରୂପରେ) **ଉପାସିତବ୍ୟମ୍** (ସେ ଉପାସନୀୟ); **ସଃ ୟଃ** (ଯେ କେହି) **ଏତତ୍** (ଏହି ବ୍ରହ୍ମଙ୍କୁ) **ଏବଂ** (ଏହିପରି) **ବେଦ** (ଉପାସନା କରନ୍ତି) **ଏନଂ** (ତାହାଙ୍କୁ) **ସର୍ବାଣି** (ସକଳ) **ଭୂତାନି** (ଭୂତବର୍ଗ) **ହ** (ଅବଶ୍ୟ ହିଁ) **ଅଭିସଂବାଞ୍ଛନ୍ତି** (ପ୍ରାର୍ଥନା କରିଥାଆନ୍ତି) । ୪/୬

ସେହି ବ୍ରହ୍ମ ପ୍ରାଣୀବର୍ଗଙ୍କ ବିଶେଷଭାବରେ ଭଜନୀୟ ବୋଲି ହିଁ ପ୍ରଖ୍ୟାତ ଓ ପ୍ରାଣିଗଣଙ୍କ ଦ୍ୱାରା ବିଶେଷଭାବରେ ଭଜନୀୟରୂପରେ ହିଁ ଉପାସ୍ୟ । ଯେକେହି ଏହି ବ୍ରହ୍ମଙ୍କୁ ଏହିପରି ଉପାସନା କରନ୍ତି, ତାହାଙ୍କୁ ସମସ୍ତ ଭୂତବର୍ଗ ହିଁ ପ୍ରାର୍ଥନା କରିଥାଆନ୍ତି । ୪/୬

ଉପନିଷଦଂ ଭୋ ବ୍ରୂହୀତ୍ୟୁକ୍ତା ତ ଉପନିଷଦ୍ ବ୍ରାହ୍ମୀଂ ବାବ ତ ଉପନିଷଦମବ୍ରୂମେତି ॥୭॥

[ଶିଷ୍ୟ କହିଲେ]—**ଭୋଃ** (ହେ ଭଗବନ୍) **ଉପନିଷଦଂ** (ରହସ୍ୟବିଦ୍ୟା) **ବ୍ରୂହି ଇତି** (କୁହନ୍ତୁ); [ଆଚାର୍ଯ୍ୟ କହିଲେ]—**ତେ** (ତୁମକୁ) **ଉପନିଷଦ୍** (ରହସ୍ୟବିଦ୍ୟା) **ଉକ୍ତା** (କୁହାହୋଇଅଛି) **ବ୍ରାହ୍ମୀଂ ବାବ** (ବ୍ରହ୍ମ-ବିଷୟରେ ହିଁ) **ଉପନିଷଦମ୍** (ପରମାତ୍ମବିଦ୍ୟା) **ତେ** (ତୁମକୁ) **ଅବ୍ରୂମ** (କହିଛି) **ଇତି** । ୪/୭

(ଶିଷ୍ୟ କହିଲେ)—ହେ ଭଗବନ୍, ମୋତେ ରହସ୍ୟବିଦ୍ୟା[1] ଉପଦେଶ କରନ୍ତୁ ।[2] (ଆଚାର୍ଯ୍ୟ କହିଲେ)—ତୁମକୁ ରହସ୍ୟବିଦ୍ୟା କୁହାହୋଇଛି । ମୁଁ ତୁମକୁ ବ୍ରହ୍ମବିଷୟକ ପରାବିଦ୍ୟା ହିଁ କହିଛି[3] । ୪/୭

---

1. ଅର୍ଥାତ୍ ଯାହା ଗୁରୁଙ୍କ ଉପଦେଶ ବ୍ୟତୀତ ଲଭ୍ୟ ନୁହେଁ ।

2. ଶିଷ୍ୟଙ୍କର ପୁନରାୟ ପ୍ରାର୍ଥନାର କାରଣ ହେଉଛି, ସେ ଜାଣିବାକୁ ଚାହାଁନ୍ତି ଯେ, ଏହି ବିଦ୍ୟା ଆଉ କୌଣସି ସହକାରୀ କାରଣର ଅପେକ୍ଷା କରେ କି ନାହିଁ ।

3. ଆଚାର୍ଯ୍ୟ କହିଲେ ଯେ, ଏହି ବିଦ୍ୟା ଅନ୍ୟ ସହକାରୀ କାରଣର ଅପେକ୍ଷା କରେ ନାହିଁ । ପ୍ର., ୬/୭

ତସ୍ୟୈ ତପୋ ଦମଃ କର୍ମେତି ପ୍ରତିଷ୍ଠା ବେଦାଃ ସର୍ବାଙ୍ଗାନି ସତ୍ୟମାୟତନମ୍ ॥୮॥

ତପଃ (ଶରୀର, ଇନ୍ଦ୍ରିୟ ଓ ମନର ସଂଯମ; ବ୍ରହ୍ମଚର୍ଯ୍ୟାଦି) **ଦମଃ** (ଉପଶମ) **କର୍ମ** (ଅଗ୍ନିହୋତ୍ରାଦି ଶାସ୍ତ୍ରୀୟ କର୍ମ) **ଇତି** (ଇତ୍ୟାଦି) **ତସ୍ୟୈ** (=**ତସ୍ୟାଃ**, ଉକ୍ତ ଉପନିଷଦ୍‌ର) **ପ୍ରତିଷ୍ଠା** (ଚରଣସ୍ୱରୂପ) **ବେଦାଃ** (ଚତୁର୍ବେଦ) [ତାହାର] **ସର୍ବ ଅଙ୍ଗାନି** (ମସ୍ତକାଦି ବିବିଧ ଅଙ୍ଗସ୍ୱରୂପ) [ଅଥବା—**ବେଦାଃ ସର୍ବାଙ୍ଗାନି**=ଚତୁର୍ବେଦ ଓ ଷଡ଼ଙ୍ଗ] **ସତ୍ୟମ୍** (ସତ୍ୟ, ଅମାୟାବିତ୍ୱ, ଅକୌଟିଲ୍ୟ ଇତ୍ୟାଦି) **ଆୟତନମ୍** (ତାଙ୍କର ଆଧାର, ନିବାସସ୍ଥଳ) । ୪/୮

ତପସ୍ୟା, ଉପଶମ, କର୍ମ ଇତ୍ୟାଦି[1] ଉକ୍ତ ଉପନିଷଦ୍‌ର ପାଦସ୍ୱରୂପ[2], ବେଦସମୂହ[3] ତାହାର ବିବିଧ ଅଙ୍ଗ[4] ଏବଂ ସତ୍ୟ ତାହାର ନିବାସସ୍ଥଳ[5] । ୪/୮

---

1. ଇତ୍ୟାଦି ଶବ୍ଦଦ୍ୱାରା ସତ୍ୟ ଓ ଅମାନିତ୍ୱ ପ୍ରଭୃତି ମଧ୍ୟ ବୁଝିବାକୁ ହେବ—ଗୀତା, ୧୩/୭-୧୧ । ଏହି ଗୁଣଗୁଡ଼ିକ ବ୍ରହ୍ମବିଦ୍ୟାଲାଭର ଉପାୟ, ଅର୍ଥାତ୍ ଏଗୁଡ଼ିକର ସହାୟରେ ଚିତ୍ତଶୁଦ୍ଧି ହେଲେ ତତ୍ତ୍ୱଜ୍ଞାନର ଉଦୟ ହୁଏ କିନ୍ତୁ ଏଗୁଡ଼ିକ ବ୍ରହ୍ମବିଦ୍ୟାର ସହଚାରୀ ଅର୍ଥାତ୍ ଏକ ସଙ୍ଗରେ ଆଚରଣୀୟ ନୁହେଁ; କାରଣ ବ୍ରହ୍ମବିଦ୍ୟା ସହିତ କ୍ରିୟାଦିର ସମୁଚ୍ଚୟ ହୋଇପାରେ ନାହିଁ ।

2. ପାଦଦ୍ୱୟ ଉପରେ ନିର୍ଭର କରି ମନୁଷ୍ୟ ଯେପରି ପ୍ରତିଷ୍ଠିତ ରହେ, ସେହିପରି ବ୍ରହ୍ମବିଦ୍ୟା ମଧ୍ୟ ତପସ୍ୟାଦି ଉପରେ ପ୍ରତିଷ୍ଠିତ ହୁଏ ।

3. ବେଦ ଶବ୍ଦରେ ବେଦାଙ୍ଗସମୂହ ଅର୍ଥାତ୍ ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦଃ ଓ ଜ୍ୟୋତିଷ ମଧ୍ୟ ବୁଝିବାକୁ ହେବ ।

4. ଅଥବା—ତପସ୍ୟା, ଉପଶମ, କର୍ମ, ବେଦସମୂହ ଓ ଷଡ଼ଙ୍ଗ ତାହାର ପାଦସ୍ୱରୂପ ।

5. ସତ୍ୟ ହିଁ ଯେ ବ୍ରହ୍ମବିଦ୍ୟାର ବିଶେଷ ସାଧନ। ଏହା ବୁଝାଇବା ପାଇଁ ସତ୍ୟର ବିଶେଷ ଭାବରେ ଉଲ୍ଲେଖ ହୋଇଅଛି, ନତୁବା ପୂର୍ବରୁ ହିଁ 'ଇତ୍ୟାଦି' ଶବ୍ଦରେ ତାହା ଉଲ୍ଲିଖିତ ହୋଇଯାଇଛି (୧ ଟୀକା)—

"ଅଶ୍ୱମେଧସହସ୍ରଞ୍ଚ ସତ୍ୟଞ୍ଚ ତୁଲୟା ଧୃତମ୍ ।
ଅଶ୍ୱମେଧସହସ୍ରାଚ୍ଚ ସତ୍ୟମେକଂ ବିଶିଷ୍ୟତେ ।"
ଅର୍ଥାତ୍ ସହସ୍ର ଅଶ୍ୱମେଧଠାରୁ ମଧ୍ୟ ସତ୍ୟ ଶ୍ରେଷ୍ଠ । ପ୍ର., ୧/୧୫; ମୁ., ୩/୧/୫

ଯୋ ବା ଏତାମେବଂ ବେଦାପହତ୍ୟ ପାପ୍ମାନମନନ୍ତେ ସ୍ୱର୍ଗେ ଲୋକେ ଜ୍ୟେୟେ ପ୍ରତିତିଷ୍ଠତି ପ୍ରତିତିଷ୍ଠତି ॥୯॥

ଇତି କେନୋପନିଷଦି ଚତୁର୍ଥଃ ଖଣ୍ଡଃ ॥

ଇତି କେନୋପନିଷଦ୍ ସମାପ୍ତା ॥

ଏତାମ୍ (ଯଥୋକ୍ତ ବ୍ରହ୍ମବିଦ୍ୟାକୁ) **ୟଃ ବୈ** (ଯେ କେହି ହିଁ) **ଏବଂ** (ଏହି ପ୍ରକାରରେ) **ବେଦ** (ଅବଗତ ହୁଅନ୍ତି, ଅନୁବର୍ତ୍ତନ କରନ୍ତି) [ସେ] **ପାପ୍ମାନମ୍** (ଅବିଦ୍ୟା, କାମ ଓ କର୍ମରୂପକ ସଂସାରବୀଜକୁ) **ଅପହତ୍ୟ** (କ୍ଷୟ କରି) **ଅନନ୍ତେ** (ଅପାର) **ଜ୍ୟେୟେ** (ସର୍ବମହତ୍ତମ, ମୁଖ୍ୟ) **ସ୍ୱର୍ଗେ ଲୋକେ** (ସ୍ୱର୍ଗଧାମରେ, ଅର୍ଥାତ୍ ସୁଖସ୍ୱରୂପ ବ୍ରହ୍ମରେ) **ପ୍ରତିତିଷ୍ଠତି** (ପ୍ରତିଷ୍ଠିତ ହୁଅନ୍ତି, ଅର୍ଥାତ୍ ଆଉ ପ୍ରତ୍ୟାବୃତ୍ତ ହୁଅନ୍ତି ନାହିଁ) **ପ୍ରତିତିଷ୍ଠତି** (ପ୍ରତିଷ୍ଠିତ ହୁଅନ୍ତି) [ପୁନରୁକ୍ତି ସମାପ୍ତିସୂଚକ] । ୪/୯

ପୂର୍ବୋକ୍ତ ବ୍ରହ୍ମବିଦ୍ୟାକୁ ଯେକେହି ଏହି ପ୍ରକାରରେ ଅବଗତ ହୁଅନ୍ତି, ସେ ପାପ (ଅର୍ଥାତ୍ ସଂସାରବୀଜ) କ୍ଷୟ କରି ଅନନ୍ତ ଏବଂ ସର୍ବମହତ୍ତମ ସ୍ୱର୍ଗଲୋକରେ[1] (ଅର୍ଥାତ୍ ପରବ୍ରହ୍ମରେ) ପ୍ରତିଷ୍ଠିତ ହୁଅନ୍ତି, ପ୍ରତିଷ୍ଠିତ ହୁଅନ୍ତି[2] । ୪/୯

॥ କେନୋପନିଷଦ୍‌ର ଚତୁର୍ଥ ଖଣ୍ଡ ସମାପ୍ତ ॥

॥ କେନୋପନିଷଦ୍ ସମାପ୍ତ ॥

ଶାନ୍ତିପାଠ

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈଃ ।
ତେଜସ୍ୱି ନାବଧୀତମସ୍ତୁ ମା ବିଦ୍ୱିଷାବହୈ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

---

1. ସ୍ୱର୍ଗଶବ୍ଦଟି ସାଧାରଣ ଅର୍ଥରେ ଅର୍ଥାତ୍ ଦେବଲୋକ-ଅର୍ଥରେ ଗୃହୀତ ହୋଇପାରେ ନାହିଁ; କାରଣ ଦେବଲୋକ ସର୍ବମହତ୍ତମ ବା ଅନନ୍ତ ନୁହେଁ । ସ୍ୱର୍ଗ ବିନାଶୀ (ମୁ., ୧/୨/୧୦ ଦ୍ର.) । ବ୍ରହ୍ମ ହିଁ ଅପର ସକଳ ଅପେକ୍ଷା ମହତ୍ । (କ., ୧/୨/୨୦; ମୁ., ୩/୧/୭; ଶ୍ୱେ., ୩/୯ ଦ୍ର.)

2. କେ., ୨/୫ ମନ୍ତ୍ରରେ ଉଲ୍ଲିଖିତ ବ୍ରହ୍ମବିଦ୍ୟାର ଫଳ ପୁନରାୟ ଶାସ୍ତ୍ର ଶେଷରେ ଉଲ୍ଲେଖ କରି ପ୍ରତିପାଦ୍ୟ ବିଷୟଟି ସୁଦୃଢ଼ କରାହେଲା, ଅର୍ଥାତ୍ ତାହାର ନିଗମନ କରାହେଲା ।

ଓଁ ଆପ୍ୟାୟନ୍ତୁ ମମାଙ୍ଗାନି ବାକ୍ ପ୍ରାଣଶ୍ଚକ୍ଷୁଃ ଶ୍ରୋତ୍ରମଥୋ ବଲମିନ୍ଦ୍ରିୟାଣି ଚ ସର୍ବାଣି । ସର୍ବଂ ବ୍ରହ୍ମୌପନିଷଦଂ ମାହଂ ବ୍ରହ୍ମ ନିରାକୁର୍ୟାଂ ମା ମା ବ୍ରହ୍ମ ନିରାକରୋତ୍ ଅନିରାକରଣମସ୍ତ୍ବନିରାକରଣଂ ମେଽସ୍ତୁ । ତଦାତ୍ମନି ନିରତେ ୟ ଉପନିଷତ୍ସୁ ଧର୍ମାସ୍ତେ ମୟି ସନ୍ତୁ ତେ ମୟି ସନ୍ତୁ ॥

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

କୃଷ୍ଣଯଜୁର୍ବେଦୀୟ
କଠୋପନିଷଦ୍

ଶାନ୍ତିପାଠ

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈଃ ।
ତେଜସ୍ୱି ନାବଧୀତମସ୍ତୁ ମା ବିଦ୍ୱିଷାବହୈ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

[ବ୍ରହ୍ମ] **ନୌ** (ଆମମାନଙ୍କୁ [ଗୁରୁ-ଶିଷ୍ୟ] ଉଭୟଙ୍କୁ) **ସହ** (ତୁଲ୍ୟରୂପରେ) **ଅବତୁ** (ରକ୍ଷା କରନ୍ତୁ) **ନୌ** (ଉଭୟଙ୍କୁ) **ସହ** (ତୁଲ୍ୟରୂପରେ) **ଭୁନକ୍ତୁ** ([ବିଦ୍ୟାଫଳ] ଭୋଗ କରାନ୍ତୁ); **ସହ** (ତୁଲ୍ୟଭାବରେ) [ଆମେ ଯେପରି] **ବୀର୍ୟଂ** ([ବିଦ୍ୟା ନିମିତ୍ତ] ସାମର୍ଥ୍ୟ) **କରବାବହୈ** (ଲାଭ କରିପାରୁ); **ନୌ** (ଆମ ଉଭୟଙ୍କର) **ଅଧୀତମ୍** (ଲବ୍ଧବିଦ୍ୟା) **ତେଜସ୍ୱି** (ବୀର୍ଯ୍ୟଶାଳୀ, ତାତ୍ପର୍ଯ୍ୟର ପ୍ରକାଶକ) **ଅସ୍ତୁ** (ହେଉ); [ଆମେ ଯେପରି] **ମା ବିଦ୍ୱିଷାବହୈ** ([ପରସ୍ପରର ଅନ୍ୟାୟ ବା ପ୍ରମାଦ ହେତୁ] ପରସ୍ପର ପ୍ରତି ବିଦ୍ୱେଷଯୁକ୍ତ ନ ହେଉ) । **ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ** (ତ୍ରିବିଧ ବିଘ୍ନର[1] ବିନାଶ ହେଉ) ।

(ପରମାତ୍ମା) ଆମ ଉଭୟଙ୍କୁ ସମଭାବରେ ରକ୍ଷା କରନ୍ତୁ ଓ ଉଭୟଙ୍କୁ ତୁଲ୍ୟଭାବରେ ବିଦ୍ୟାଫଳ ଦାନ କରନ୍ତୁ । ଆମେ ଉଭୟ ଯେପରି ସମଭାବରେ (ବିଦ୍ୟାଲାଭର) ସାମର୍ଥ୍ୟ ଅର୍ଜ୍ଜନ କରିପାରୁ । ଆମ ଉଭୟଙ୍କ ଲବ୍ଧ ବିଦ୍ୟା ସଫଳ ହେଉ । ଆମେ ଯେପରି ପରସ୍ପରଙ୍କୁ ବିଦ୍ୱେଷ ନ କରୁ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

---

1. ତ୍ରିବିଧ ବିଘ୍ନର—ଅର୍ଥାତ୍ ଆଧ୍ୟାତ୍ମିକ (ଶାରୀରିକ ଓ ମାନସିକ ରୋଗ ଆଦି), ଆଧିଦୈବିକ (ଦୈବ ଓ ଝଞ୍ଝାବାତ୍ୟାଦି ପ୍ରାକୃତିକ ଦୁର୍ଘଟଣା) ଓ ଆଧିଭୌତିକ (ହିଂସ୍ର ପ୍ରାଣୀ ପ୍ରଭୃତିକୃତ ହିଂସାଦି) ବିଘ୍ନର ବିନାଶ ହେଉ ।

ପ୍ରଥମ ଅଧ୍ୟାୟ

ପ୍ରଥମ ବଲ୍ଲୀ

ଓଁ ଉଶନ୍ ହ ବୈ ବାଜଶ୍ରବସଃ ସର୍ବବେଦସଂ ଦଦୌ । ତସ୍ୟ ହ ନଚିକେତା ନାମ ପୁତ୍ର ଆସ ॥୧॥

ବାଜଶ୍ରବସଃ (**ବାଜ**=ଅନ୍ନ, ତାହାର ଦାନ ଯୋଗୁ **ଶ୍ରବଃ**=ଯଶ ଯାହାଙ୍କର—ସେହି ବାଜଶ୍ରବାଙ୍କ ପୁତ୍ର ଉଦ୍ଦାଳକ) **ଉଶନ୍** (ଯଜ୍ଞଫଳାକାଙ୍କ୍ଷୀ ହୋଇ) **ହ ବୈ** [ଅତୀତ ବିଷୟର ସ୍ମାରକ ଶବ୍ଦଦ୍ୱୟ] **ସର୍ବବେଦସମ୍** (ସର୍ବସ୍ୱ) **ଦଦୌ** (ଦାନ କଲେ)—[ଅର୍ଥାତ୍ ଯେଉଁଥିରେ ସର୍ବସ୍ୱ ଦକ୍ଷିଣା ଦେବାକୁ ହୁଏ, ସେହି ବିଶ୍ୱଜିତ୍-ଯଜ୍ଞ କଲେ] । **ତସ୍ୟ** (ତାଙ୍କର) **ହ** [ପ୍ରସିଦ୍ଧ ବିଷୟାନ୍ତରର ସୂଚକ ଶବ୍ଦ] **ନଚିକେତାଃ ନାମ** (ନଚିକେତା-ନାମକ) **ପୁତ୍ରଃ** (ପୁତ୍ର) **ଆସ** (ଥିଲା) । ୧/୧/୧

ବାଜଶ୍ରବାଙ୍କ ପୁତ୍ର[1] ବିଶ୍ୱଜିତ୍ ଯଜ୍ଞ କରି ତାହାର ଫଳ (ସ୍ୱର୍ଗ) କାମନାରେ ସର୍ବସ୍ୱ ଦାନ କରିଥିଲେ । ତାଙ୍କର ନଚିକେତା ନାମକ ଏକ ପୁତ୍ର ଥିଲା । ୧/୧/୧

ତଂ ହ କୁମାରଂ ସନ୍ତଂ ଦକ୍ଷିଣାସୁ ନୀୟମାନାସୁ ଶ୍ରଦ୍ଧାଽଽବିବେଶ ସୋଽମନ୍ୟତ ॥୨॥

[ଯେତେବେଳେ] **ଦକ୍ଷିଣାସୁ** (ଗୋ-ଧନ ଆଦି ଦକ୍ଷିଣା) **ନୀୟମାନାସୁ** ([ଋତ୍ୱିକ ଓ ସଦସ୍ୟାଦି ବିଭିନ୍ନ ବ୍ରାହ୍ମଣଙ୍କ ସମୀପରେ] ଉପସ୍ଥାପିତ ହେଉଥିଲା) [ସେହି ସମୟରେ] **କୁମାରମ୍ ସନ୍ତମ୍** (ପ୍ରଥମ ବୟସରେ ସ୍ଥିତ, ତରୁଣବୟସ୍କ) **ତମ୍ ହ** (ସେହି ନଚିକେତାଙ୍କଠାରେ) **ଶ୍ରଦ୍ଧା** ([ପିତାଙ୍କ ଅଭୀଷ୍ଟଲାଭାର୍ଥ] ଆସ୍ତିକ୍ୟବୁଦ୍ଧି) **ଆବିବେଶ** (ପ୍ରବେଶ କଲା); **ସଃ** (ସେ) **ଅମନ୍ୟତ** (ବିଚାର କଲେ)— ୧/୧/୨

(ବିଭିନ୍ନ ବ୍ରାହ୍ମଣଗଣଙ୍କ ନିକଟକୁ) ଯେତେବେଳେ ଦକ୍ଷିଣାସମୂହ ଆନୟନ କରାହେଉଥିଲା, ସେହି ସମୟରେ ସେହି ଅଳ୍ପବୟସ୍କ ବାଳକ ନଚିକେତାଙ୍କ ମନରେ ଶ୍ରଦ୍ଧାର ଉଦୟ ହେଲା । ସେ ବିଚାର କଲେ— ୧/୧/୨

---

1. ୧/୧/୧୧ ଶ୍ଲୋକ ଦ୍ରଷ୍ଟବ୍ୟ ।

ପୀତୋଦକା ଜଗ୍ଧତୃଣା ଦୁଗ୍ଧଦୋହା ନିରିନ୍ଦ୍ରିୟାଃ ।
ଅନନ୍ଦା ନାମ ତେ ଲୋକାସ୍ତାନ୍ ସ ଗଚ୍ଛତି ତା ଦଦତ୍ ॥୩॥

ପୀତ-ଉଦକାଃ (ଯେଉଁମାନେ [ସାରାଜୀବନ ପାଇଁ] ଜଳପାନ କରିସାରିଛନ୍ତି) **ଜଗ୍ଧ-ତୃଣାଃ** (ତୃଣ ଭକ୍ଷଣ କରିସାରିଛନ୍ତି) **ଦୁଗ୍ଧ-ଦୋହାଃ** (ଦୁଗ୍ଧ ଦାନ କରିସାରିଛନ୍ତି) **ନିଃ-ଇନ୍ଦ୍ରିୟାଃ** (ଇନ୍ଦ୍ରିୟବିହୀନ, ସନ୍ତାନ ଉତ୍ପାଦନରେ ଅସମର୍ଥ) **ତାଃ** (ସେହି ସକଳ ଗାଭୀ) **ଦଦତ୍** (ଯେଉଁ ଯଜମାନ ଦାନ କରନ୍ତି) **ସଃ** (ସେ) **ଅନନ୍ଦାଃ** (ଅସୁଖମୟ) **ନାମ** (ନାମକ) **ତେ** (ଯେଉଁ ପ୍ରସିଦ୍ଧ) **ଲୋକାଃ** (ଲୋକସମୂହ) **ତାନ୍** (ସେହି ସକଳ ଲୋକକୁ) **ଗଚ୍ଛତି** (ଗମନ କରନ୍ତି) । ୧/୧/୩

—"ଯେଉଁ ସକଳ ଗାଭୀ ସାରାଜୀବନ ପାଇଁ ଜଳପାନ କରିସାରିଛନ୍ତି, ତୃଣ ଭକ୍ଷଣ କରିସାରିଛନ୍ତି, ଦୁଗ୍ଧ ଦେଇସାରିଛନ୍ତି, କିମ୍ବା ଯେଉଁମାନେ ସନ୍ତାନ ପ୍ରସବରେ ଅସମର୍ଥ, ସେହି ଗାଭୀସମୂହକୁ ଯେଉଁ ଯଜମାନ ଦାନ କରନ୍ତି ସେ ଯେଉଁସକଳ ଲୋକ ଦୁଃଖମୟ ବୋଲି ପ୍ରସିଦ୍ଧ ସେହି ସକଳ ଲୋକକୁ ହିଁ ଗମନ କରନ୍ତି ।" ୧/୧/୩

ସ ହୋବାଚ ପିତରଂ ତତ କସ୍ମୈ ମାଂ ଦାସ୍ୟସୀତି ।
ଦ୍ୱିତୀୟଂ ତୃତୀୟଂ ତଂ ହୋବାଚ ମୃତ୍ୟବେ ତ୍ୱା ଦଦାମୀତି ॥୪॥

ସ-ହ (ସେହି ଶ୍ରଦ୍ଧାଯୁକ୍ତ ନଚିକେତା) **ପିତରମ୍** (ପିତାଙ୍କୁ) **ଉବାଚ** (କହିଲେ)—**ତତ୍** (=**ତାତ**, ହେ ପିତା) **ମାମ୍** (ମୋତେ) **କସ୍ମୈ** (କାହାକୁ) **ଦାସ୍ୟସି** (ଦେବେ) **ଇତି**; [ଉତ୍ତର ନ ପାଇ] **ଦ୍ୱିତୀୟମ୍** (ଦ୍ୱିତୀୟ ଥର) **ତୃତୀୟମ୍** (ତୃତୀୟ ଥର) [ପିତାଙ୍କୁ ଏହି ପ୍ରଶ୍ନ କଲେ] । [ତାହାଙ୍କ ପିତା ସେତେବେଳେ] **ତମ୍ ହ** (ସେହି ପୁତ୍ରଙ୍କୁ) **ଉବାଚ** ([କ୍ରୋଧପୂର୍ବକ] କହିଲେ)—**ତ୍ୱା** (=**ତ୍ୱାମ୍**, ତୁମକୁ) **ମୃତ୍ୟବେ** (ଯମକୁ) **ଦଦାମି ଇତି** (ଦେଉଛି) । ୧/୧/୪

ସେ ପିତାଙ୍କୁ କହିଲେ, "ବାପା, ମୋତେ କାହାକୁ ଅର୍ପଣ କରିବେ ?" କୌଣସି ଉତ୍ତର ନ ପାଇ ସେ ପିତାଙ୍କୁ ଦ୍ୱିତୀୟ ଥର ଏବଂ ତୃତୀୟ ଥର ମଧ୍ୟ ଏହି ପ୍ରଶ୍ନ କଲେ । ସେତେବେଳେ ପିତା [କ୍ରୋଧପୂର୍ବକ] କହିଲେ, "ତୁମକୁ ଯମଙ୍କୁ ଅର୍ପଣ କରୁଛି ।" ୧/୧/୪

ବହୂନାମେମି ପ୍ରଥମୋ ବହୂନାମେମି ମଧ୍ୟମଃ ।
କିꣳ ସ୍ୱିଦ୍ୟମସ୍ୟ କର୍ତବ୍ୟꣳ ୟନ୍ମୟାଽଦ୍ୟ କରିଷ୍ୟତି ॥୫॥

[ନଚିକେତା ପିତାଙ୍କ ଉତ୍ତର ଶୁଣି ନିର୍ଜନରେ ଚିନ୍ତାକରିବାକୁ ଲାଗିଲେ]—**ବହୂନାମ୍** (ବହୁ ପୁତ୍ର ବା ଶିଷ୍ୟଙ୍କ ମଧ୍ୟରେ) [ମୁଁ] **ପ୍ରଥମଃ** ([ସଦାଚାର ଆଦିରେ] ପ୍ରଥମ, ସର୍ବାଗ୍ରଣୀ) [ହୋଇ] **ଏମି** (ଚାଲିଥାଏ) [ଅପର] **ବହୂନାମ୍** (ଅନେକଙ୍କ ମଧ୍ୟରେ) **ମଧ୍ୟମଃ ଏମି** (ମଧ୍ୟସ୍ଥାନୀୟ ହୋଇଥାଏ); [କିନ୍ତୁ କୌଣସି ଦଳରେ ମଧ୍ୟ ଅଧମ ହୋଇ ନାହିଁ । ସୁତରାଂ ଏହିପରି ଉପଯୁକ୍ତ ପୁତ୍ରକୁ ବିନା ପ୍ରୟୋଜନରେ ବାପା ଯମଙ୍କ ପାଖକୁ ପଠାଇବେ ନାହିଁ] । **ୟମସ୍ୟ** (ଯମଙ୍କର) **କିମ୍ ସ୍ୱିତ୍** (ଏପରି କ'ଣ ପ୍ରୟୋଜନ) **କର୍ତବ୍ୟମ୍** ([ପିତାଙ୍କ ପକ୍ଷରେ] ସମ୍ପାଦନୀୟ) [ହୋଇପଡ଼ିଲା] **ୟତ୍** (ଯାହା) **ଅଦ୍ୟ** (ଆଜି) **ମୟା** (ମୋ ଦ୍ୱାରା, ମୋ ପରି ଉପଯୁକ୍ତ ପୁତ୍ରକୁ ଦାନ କରି) **କରିଷ୍ୟତି** (ସାଧନ କରିବେ)? [ଯାହା ହେଉ, କୌଣସି ପ୍ରୟୋଜନ ନ ଥିଲେ ମଧ୍ୟ ମୋତେ ପିତୃସତ୍ୟ ପାଳନ କରିବାକୁ ହିଁ ପଡ଼ିବ] । ୧/୧/୫

(ନଚିକେତା ଚିନ୍ତା କଲେ)—"ଅନେକଙ୍କ ମଧ୍ୟରେ ମୁଁ ଅଗ୍ରଣୀ ହୋଇଥାଏ ଏବଂ ଅନ୍ୟ ଅନେକଙ୍କ ମଧ୍ୟରେ ମଧ୍ୟମ ହୋଇଥାଏ । (କିନ୍ତୁ ଅଧମ କେବେ ମଧ୍ୟ ନୁହେଁ; ସୁତରାଂ) ଯମଙ୍କର ଏପରି କ'ଣ ପ୍ରୟୋଜନ ଅଛି ଯାହା ଆଜି ମୋ ଦ୍ୱାରା ପିତା ସାଧନ କରିବାକୁ ଚାହୁଁଛନ୍ତି ?" ୧/୧/୫

ଅନୁପଶ୍ୟ ୟଥା ପୂର୍ବେ ପ୍ରତିପଶ୍ୟ ତଥାଽପରେ ।
ସସ୍ୟମିବ ମର୍ତ୍ୟଃ ପଚ୍ୟତେ ସସ୍ୟମିବାଜାୟତେ ପୁନଃ ॥୬॥

[ନଚିକେତାଙ୍କ ସଂକଳ୍ପ ଲକ୍ଷ୍ୟ କରି ପିତାଙ୍କର ଅନୁଶୋଚନା ହେଲା । ପିତା କାଳେ ସତ୍ୟଭ୍ରଷ୍ଟ ହେବେ, ସେଥିପାଇଁ ନଚିକେତା କହିଲେ]—[ହେ ପିତା] **ପୂର୍ବେ** ([ଆପଣଙ୍କର] ପିତୃପିତାମହଗଣ) **ୟଥା** (ଯେଉଁ ପ୍ରକାର ସତ୍ୟନିଷ୍ଠ ଥିଲେ ତାହା) **ଅନୁପଶ୍ୟ** (ଯଥାକ୍ରମରେ ଆଲୋଚନା କରନ୍ତୁ) **ତଥା** (ସେପରି) **ଅପରେ** (ବର୍ତ୍ତମାନ ସାଧୁଗଣ [ଯେପରି ସତ୍ୟନିଷ୍ଠ]) **ପ୍ରତିପଶ୍ୟ** ([ତାହାମଧ୍ୟ] ଆଲୋଚନା କରନ୍ତୁ); [ବସ୍ତୁତଃ] **ମର୍ତ୍ୟଃ** (ମଣିଷ) **ସସ୍ୟମ୍ ଇବ** (ଧାନ୍ୟାଦି ଶସ୍ୟ ପରି) **ପଚ୍ୟତେ** (ଜୀର୍ଣ୍ଣ ହୋଇ ମରନ୍ତି) **ପୁନଃ** (ପୁନରାୟ) **ସସ୍ୟମ୍ ଇବ** (ଶସ୍ୟସବୁ ପରି) **ଆଜାୟତେ** (ଉତ୍ପନ୍ନ ହୁଅନ୍ତି) [ସୁତରାଂ ଅନିତ୍ୟ ସଂସାରରେ ମିଥ୍ୟାଚରଣ ବୃଥା ଅଟେ] । ୧/୧/୬

(ସତ୍ୟରେ ପ୍ରତିଷ୍ଠିତ ରହିବା ପାଇଁ ନିଚିକେତା ପିତାଙ୍କୁ କହିଲେ)—"ବାପା, ପୂର୍ବବର୍ତ୍ତୀ ପିତୃପିତାମହଗଣଙ୍କର ଏବଂ ବର୍ତ୍ତମାନ ସାଧୁଗଣଙ୍କ ସତ୍ୟନିଷ୍ଠା ବିଷୟ ଆଲୋଚନା କରନ୍ତୁ । ମଣିଷ ଶସ୍ୟ ପରି ଜୀର୍ଣ୍ଣ ହୋଇ ମରିଯାଏ ଏବଂ ଶସ୍ୟ ପରି ହିଁ ପୁନରାୟ ଜନ୍ମ ହୁଏ । (ସୁତରାଂ ସତ୍ୟ ରକ୍ଷା କରି ମୋତେ ଯମଲୋକ ପ୍ରେରଣ କରନ୍ତୁ) ।" ୧/୧/୬

ବୈଶ୍ୱାନରଃ ପ୍ରବିଶତ୍ୟତିଥିର୍ବ୍ରାହ୍ମଣୋ ଗୃହାନ୍ ।
ତସ୍ୟୈତାଂ ଶାନ୍ତିଂ କୁର୍ବନ୍ତି ହର ବୈବସ୍ୱତୋଦକମ୍ ॥୭॥

[ପୁତ୍ରଙ୍କ କଥା ଶୁଣି ପିତା ତାଙ୍କୁ ଯମାଳୟ ପଠାଇଲେ । ଯମ ଅନୁପସ୍ଥିତ ଥିଲେ । ତିନିଦିନ ପରେ ପ୍ରବାସରୁ ଯେତେବେଳେ ସେ ଫେରିଲେ, ସେତେବେଳେ ଆତ୍ମୀୟଗଣ ତାଙ୍କୁ କହିଲେ]—**ବ୍ରାହ୍ମଣଃ** (ବ୍ରାହ୍ମଣ) **ଅତିଥିଃ** (ଅତିଥି [ହୋଇ]) **ବୈଶ୍ୱାନରଃ** (ଅଗ୍ନିରୂପରେ) **ଗୃହାନ୍** (ଗୃହସ୍ଥ-ଗୃହରେ) **ପ୍ରବିଶତି** (ପ୍ରବେଶ କରନ୍ତି)—[ଅର୍ଥାତ୍ ଅତିଥିଙ୍କ ସମୁଚିତ ସମାଦର ନ ହେଲେ ଗୃହସ୍ଥଙ୍କର ଅକଲ୍ୟାଣ ହୁଏ] । [ପ୍ରବୀଣମାନେ] **ତସ୍ୟ** (ଉକ୍ତ ଅତିଥିଙ୍କର) **ଏତାମ୍** (ଏହିପ୍ରକାର, ପାଦ୍ୟାଦି-ଦାନ-ରୂପ) **ଶାନ୍ତିମ୍** (ଶାନ୍ତି, ଶ୍ରମ ଦୂର କରିବା ପ୍ରଭୃତି) **କୁର୍ବନ୍ତି** (କରିଥାଆନ୍ତି); [ସୁତରାଂ] **ବୈବସ୍ୱତ** (ହେ ସୂର୍ଯ୍ୟପୁତ୍ର ଯମରାଜ) [ପାଦ-ପ୍ରକ୍ଷାଳନ ପାଇଁ] **ଉଦକମ୍** (ଜଳ) **ହର** (ଆନୟନ କରନ୍ତୁ) । ୧/୧/୭

(ନଚିକେତା ଯମାଳୟରେ ଉପସ୍ଥିତ ହେବାର ତିନିଦିନ ପରେ ଯମ ପ୍ରବାସରୁ ଫେରିବା ପରେ ତାଙ୍କର ଆତ୍ମୀୟମାନେ ତାଙ୍କୁ କହିଲେ)—"ବ୍ରାହ୍ମଣ ଅତିଥି ଯେପରି ଅଗ୍ନିରୂପରେ ଗୃହକୁ ପ୍ରବେଶ କରନ୍ତି । (ପ୍ରବୀଣମାନେ ତାଙ୍କର) ପାଦ୍ୟ-ଆସନାଦି ଦାନରୂପକ ଶାନ୍ତି ବିଧାନ କରନ୍ତି । ସୁତରାଂ ହେ ଯମରାଜ, (ତାଙ୍କର ପାଦପ୍ରକ୍ଷାଳନ ପାଇଁ) ଜଳ ଆନୟନ କରନ୍ତୁ । ୧/୧/୭

ଆଶାପ୍ରତୀକ୍ଷେ ସଙ୍ଗତଂ ସୂନୃତାଂ ଚ
ଇଷ୍ଟାପୂର୍ତେ ପୁତ୍ରପଶୂଂଶ୍ଚ ସର୍ବାନ୍ ।
ଏତଦ୍ ବୃଙ୍କ୍ତେ ପୁରୁଷସ୍ୟାଲ୍ପମେଧସୋ
ଯସ୍ୟାନଶ୍ନନ୍ ବସତି ବ୍ରାହ୍ମଣୋ ଗୃହେ ॥୮॥

ଯସ୍ୟ (ଯାହାଙ୍କ) **ଗୃହେ** (ଆଳୟରେ) **ବ୍ରାହ୍ମଣଃ** (ବ୍ରାହ୍ମଣ) **ଅନଶ୍ନନ୍** (ଅନାହାରରେ) **ବସତି** (ବାସ କରନ୍ତି) [ସେହି] **ଅଲ୍ପମେଧସଃ** (ଅଲ୍ପବୁଦ୍ଧି) **ପୁରୁଷସ୍ୟ** (ମନୁଷ୍ୟର) **ଆଶାପ୍ରତୀକ୍ଷେ** ([ସୁବର୍ଣ୍ଣପର୍ବତାଦି] ଅପରିଚିତ ଅଥଚ ଅଭୀଷ୍ଟ ବସ୍ତୁର ପ୍ରାର୍ଥନାରୂପକ ଆଶା, [ରାଜ୍ୟାଦି] ପରିଚିତ ବସ୍ତୁର ପ୍ରାର୍ଥନାରୂପକ ପ୍ରତୀକ୍ଷା) **ସଙ୍ଗତମ୍** (ସାଧୁସଙ୍ଗର ଫଳ) **ସୂନୃତାମ୍** (ପ୍ରିୟ ବାକ୍ୟର ଫଳ) **ଇଷ୍ଟା-ପୂର୍ତେ** (ଯାଗ ଏବଂ ଜନସାଧାରଣଙ୍କ ପାଇଁ କୂପ-ତଡ଼ାଗାଦି ଉତ୍ସର୍ଗରୁ ଉତ୍ପନ୍ନ ଫଳ [ପ୍ର., ୧/୯]) **ପୁତ୍ରପଶୂନ୍ ଚ** (ଏବଂ ପୁତ୍ର ଓ ଗୋ ପ୍ରଭୃତି) **ସର୍ବାନ୍** (ସମସ୍ତଙ୍କୁ ହିଁ) **ଏତଦ୍** (ଅତିଥିଙ୍କ ଅନାହାର) **ବୃଙ୍କ୍ତେ** (ବିନାଶ କରେ) । ୧/୧/୮

"ଯାହାଙ୍କ ଗୃହରେ ବ୍ରାହ୍ମଣ ଅନାହାରରେ ବାସ କରନ୍ତି, ସେହି ଅଳ୍ପବୁଦ୍ଧି ମନୁଷ୍ୟର ଆଶା (ଅପରିଚିତ ବସ୍ତୁପ୍ରାପ୍ତିର ବାସନା) ପ୍ରତୀକ୍ଷା (ପରିଚିତ ବସ୍ତୁପ୍ରାପ୍ତିର ଇଚ୍ଛା), ସାଧୁସଙ୍ଗର ଫଳ, ପ୍ରିୟବାକ୍ୟପ୍ରୟୋଗର ଫଳ, ଯାଗରୁ ଉତ୍ପନ୍ନ ଫଳ, ଜନସାଧାରଣଙ୍କ ପାଇଁ କୂପ-ତଡ଼ାଗାଦି ଉତ୍ସର୍ଗ କରିବାରୁ ଉତ୍ପନ୍ନ ଫଳ, ପୁତ୍ର ଏବଂ ପଶୁ—ଏହି ସମସ୍ତ ହିଁ ଅତିଥିଙ୍କ ଉପବାସ ଫଳରେ ବିନଷ୍ଟ ହୁଏ ।" ୧/୧/୮

ତିସ୍ରୋ ରାତ୍ରୀର୍ୟଦବାତ୍ସୀର୍ଗୃହେ ମେ
ଅନଶ୍ନନ୍ ବ୍ରହ୍ମନ୍ନତିଥିର୍ନମସ୍ୟଃ ।
ନମସ୍ତେଽସ୍ତୁ ବ୍ରହ୍ମନ୍ ସ୍ୱସ୍ତି ମେଽସ୍ତୁ
ତସ୍ମାତ୍ ପ୍ରତି ତ୍ରୀନ୍ ବରାନ୍ ବୃଣୀଷ୍ୱ ॥୯॥

[ନଚିକେତାଙ୍କ ନିକଟକୁ ଯାଇ ଯମରାଜ ପାଦ୍ୟ-ଆସନାଦି ଦେଇ କହିଲେ]—**ବ୍ରହ୍ମନ୍** (ହେ ବ୍ରାହ୍ମଣ) [ତୁମେ] **ଅତିଥିଃ** (ଅତିଥି) **ନମସ୍ୟଃ** (ସମ୍ମାନାର୍ହ) [ହୋଇ ମଧ୍ୟ] **ଯତ୍** (ଯେହେତୁ) **ମେ** (ମୋର) **ଗୃହେ** (ଗୃହରେ) **ତିସ୍ରଃ** (ତିନି) **ରାତ୍ରୀଃ** (ରାତ୍ରି) **ଅନଶ୍ନନ୍** (ଅନାହାରରେ) **ଅବାତ୍ସୀଃ** (ବାସ କରିଅଛ) **ତସ୍ମାତ୍** (ସୁତରାଂ) **ବ୍ରହ୍ମନ୍** (ହେ ବ୍ରାହ୍ମଣଦେବ) **ତେ** (ତୁମକୁ) **ନମଃ ଅସ୍ତୁ** (ନମସ୍କାର) **ମେ** (ମୋର) **ସ୍ୱସ୍ତି** (ମଙ୍ଗଳ) **ଅସ୍ତୁ** (ହେଉ); [ଅଧିକନ୍ତୁ] **ପ୍ରତି** ([ଅନାହାରରେ ଯାପନ

କରିଥିବା] ପ୍ରତି ରାତ୍ରି ପାଇଁ ଗୋଟିଏ ଗୋଟିଏ କରି) **ତ୍ରୀନ୍** (ତିନୋଟି) **ବରାନ୍** (ବର) **ବୃଣୀଷ୍ୱ** (ପ୍ରାର୍ଥନା କର) । ୧/୧/୯

(ଯମରାଜ ନଚିକେତାଙ୍କୁ ଯଥୋଚିତ ଅଭ୍ୟର୍ଥନା କରି କହିଲେ)—"ହେ ବ୍ରାହ୍ମଣଦେବ, ତୁମେ ଅତିଥି ଏବଂ ମୋର ନମସ୍ୟ; ଅଥଚ ତିନିରାତ୍ରି ମୋ ଗୃହରେ ଅନାହାରରେ ବାସ କରିଛ । ସେଥିପାଇଁ ତୁମକୁ ନମସ୍କାର କରୁଛି; ମୋର ମଙ୍ଗଳ ହେଉ । ଅନାହାରରେ ଯାପନ କରିଥିବା ପ୍ରତିରାତ୍ରି ପାଇଁ ଗୋଟିଏ ଲେଖାଏଁ ତିନୋଟି ବର ପ୍ରାର୍ଥନା କର ।" ୧/୧/୯

ଶାନ୍ତସଙ୍କଲ୍ପଃ ସୁମନା ଯଥା ସ୍ୟାଦ୍-
ବୀତମନ୍ୟୁର୍ଗୌତମୋ ମାଽଭି ମୃତ୍ୟୋ ।
ତ୍ୱତ୍ପ୍ରସୃଷ୍ଟଂ ମାଽଭିବଦେତ୍ପ୍ରତୀତ
ଏତତ୍ ତ୍ରୟାଣାଂ ପ୍ରଥମଂ ବରଂ ବୃଣେ ॥୧୦॥

[ନଚିକେତା କହିଲେ] **ମୃତ୍ୟୋ** (ହେ ଯମରାଜ) **ଗୌତମଃ** (ମୋର ପିତା ଗୌତମ) **ଯଥା** (ଯେପରି) **ମା ଅଭି** (ମୋ ପ୍ରତି) **ଶାନ୍ତସଙ୍କଲ୍ପଃ** (ଉତ୍କଣ୍ଠାଶୂନ୍ୟ) **ସୁମନାଃ** (ପ୍ରସନ୍ନମନା) **ବୀତମନ୍ୟୁଃ** (ବିଗତକ୍ରୋଧ) **ସ୍ୟାତ୍** (ହୁଅନ୍ତି) [ଏବଂ] **ପ୍ରତୀତଃ** ('ଏହି ମୋର ପୁତ୍ର' ଏହିପରି ସ୍ମୃତିଯୁକ୍ତ ହୋଇ ଅର୍ଥାତ୍ ଚିହ୍ନିପାରି) **ତ୍ୱତ୍-ପ୍ରସୃଷ୍ଟଂ** (ଆପଣଙ୍କ ଦ୍ୱାରା ବିନିର୍ମୁକ୍ତ) **ମା** [**ଅଭି**] (ମୋ ପ୍ରତି) **ଅଭିବଦେତ୍** (ସାଦର ସମ୍ଭାଷଣ କରନ୍ତି)—**ତ୍ରୟାଣାଂ** (ତିନୋଟି ବର ମଧ୍ୟରେ) **ଏତତ୍** (ଏହିପ୍ରକାର ପ୍ରୟୋଜନବିଶିଷ୍ଟ, ଅର୍ଥାତ୍ ପିତାଙ୍କର ପରିତୋଷ-ସମ୍ପାଦକ) **ପ୍ରଥମମ୍** (ପ୍ରଥମ) **ବରମ୍** (ବର) **ବୃଣେ** (ମୁଁ ପ୍ରାର୍ଥନା କରେ) । ୧/୧/୧୦

(ନଚିକେତା କହିଲେ) "ହେ ଯମରାଜ, ତିନୋଟି ବର ମଧ୍ୟରୁ ମୁଁ ପ୍ରଥମ ଏହି ବର ଚାହୁଁଛି ଯେ, ମୋର ପିତା ଗୌତମ ଯେପରି ମୋ ସମ୍ବନ୍ଧରେ ଉତ୍କଣ୍ଠାଶୂନ୍ୟ ଏବଂ ମୋ ପ୍ରତି ପ୍ରସନ୍ନମନା ଓ କ୍ରୋଧଶୂନ୍ୟ ହୁଅନ୍ତି । ଆପଣଙ୍କଠାରୁ ମୁକ୍ତ ହୋଇ ମୁଁ ଫେରିବା ପରେ ସେ ଯେପରି ମୋତେ ଚିହ୍ନିପାରି[1] ମୋ ପ୍ରତି ସାଦର ସମ୍ଭାଷଣ କରନ୍ତି ।" ୧/୧/୧୦

---

1. ଯମାଳୟକୁ ଯାଇଥିବା ବ୍ୟକ୍ତି ସହିତ, ଅର୍ଥାତ୍ ପ୍ରେତ ସହିତ, ମର୍ତ୍ୟଲୋକର କାହାରି ପରିଚୟ ନ ଥାଏ । ପିତାଙ୍କ ସହିତ ଯେପରି ମୋର ସେପ୍ରକାର ସମ୍ବନ୍ଧ ନ ହୁଏ ।

ଯଥା ପୁରସ୍ତାଦ୍ ଭବିତା ପ୍ରତୀତ
ଔଦ୍ଦାଲକିରାରୁଣିର୍ମତ୍ପ୍ରସୃଷ୍ଟଃ ।
ସୁଖଂ ରାତ୍ରୀଃ ଶୟିତା ବୀତମନ୍ୟୁ-
ସ୍ତ୍ୱାଂ ଦଦୃଶିବାନ୍ ମୃତ୍ୟୁମୁଖାତ୍ ପ୍ରମୁକ୍ତମ୍ ॥୧୧॥

[ଯମ କହିଲେ]—**ଔଦ୍ଦାଲକିଃ** (ଔଦ୍ଦାଳକ ବା ଉଦ୍ଦାଳକପୁତ୍ର) **ଆରୁଣିଃ** (ଅରୁଣଙ୍କ ପୁତ୍ର) **ପୁରସ୍ତାତ୍** (ପୂର୍ବେ) **ଯଥା** (ଯେପରି [ସ୍ନେହବାନ୍] ଥିଲେ) **ପ୍ରତୀତଃ** (ତୁମକୁ ଚିହ୍ନିପାରି) **ଭବିତା** ([ସେହିପରି ହିଁ ସ୍ନେହବାନ୍] ହେବେ); **ମୃତ୍ୟୁମୁଖାତ୍** (ମୃତ୍ୟୁ ମୁଖରୁ) **ପ୍ରମୁକ୍ତମ୍** (ବିମୁକ୍ତ) **ତ୍ୱାଂ** (ତୁମକୁ) **ଦଦୃଶିବାନ୍** (ଦର୍ଶନ କରି) **ମତ୍-ପ୍ରସୃଷ୍ଟଃ** (ମୋର ଅଭିପ୍ରାୟ ଅନୁସାରେ) **ବୀତମନ୍ୟୁଃ** (ବିଗତକ୍ରୋଧ ହେବେ) [ଏବଂ] **ରାତ୍ରୀଃ** (ଆଗାମୀ ରାତ୍ରୀମାନଙ୍କରେ ମଧ୍ୟ) **ସୁଖମ୍** (ପ୍ରସନ୍ନମନରେ) **ଶୟିତା** (ଶୟନ କରିବେ) । ୧/୧/୧୧

(ଯମ କହିଲେ) "ଆରୁଣି (ଅର୍ଥାତ୍ ଅରୁଣଙ୍କ ପୁତ୍ର) ଉଦ୍ଦାଳକ[1] ପୂର୍ବେ ତୁମ ପ୍ରତି ଯେଉଁ ପ୍ରକାରର ସ୍ନେହପରାୟଣ ଥିଲେ, ତୁମକୁ ଚିହ୍ନିପାରି ଭବିଷ୍ୟତରେ ସେହି ପ୍ରକାରର ସ୍ନେହଶୀଳ ହିଁ ହେବେ । ମୃତ୍ୟୁମୁଖରୁ ବିମୁକ୍ତ ତୁମକୁ ଦର୍ଶନ କରି ସେ ମୋ ଆଦେଶରେ କ୍ରୋଧ ତ୍ୟାଗ କରିବେ ଏବଂ ଅତଃପର ବହୁରାତ୍ରି ସୁଖରେ ନିଦ୍ରାଯିବେ ।" ୧/୧/୧୧

---

1. ଉଦ୍ଦାଲକ ଶବ୍ଦର ଉତ୍ତର ସ୍ୱାର୍ଥରେ (ଉଦ୍ଦାଲକ ଏବ ଔଦ୍ଦାଲକିଃ) କିମ୍ବା ଅପତ୍ୟାର୍ଥ ତଦ୍ଧିତ ପ୍ରତ୍ୟୟ ଯୋଗ କରି ଔଦ୍ଦାଲକି ଶବ୍ଦ ହୁଏ । ଉକ୍ତ ଶବ୍ଦ ଅପତ୍ୟାର୍ଥେ ଗ୍ରହଣ କଲେ ଗୌତମଙ୍କୁ ଉଦ୍ଦାଳକ ଓ ଅରୁଣ ଏହି ଉଭୟ ବଂଶୀୟ ଅର୍ଥାତ୍ ତାହାଙ୍କୁ ଦ୍ୟାମୁଷ୍ୟାୟଣ କହିବାକୁ ହେବ । ଏହିପରି ବ୍ୟକ୍ତି ଉଭୟ ଗୋତ୍ରରେ ପରିଚିତ ହୁଅନ୍ତି । (ମନୁସଂହିତା, ୯/୫୩ ଦ୍ରଷ୍ଟବ୍ୟ) । ଝିଅର ପୁଅ ସମ୍ବନ୍ଧରେ ମଧ୍ୟ ଏହିପରି ବିଧାନ ରହିଛି (ମନୁ, ୧୨୭) । ଭ୍ରାତୃହୀନା କନ୍ୟାକୁ କେହି ଭାର୍ଯ୍ୟାରୂପେ ଗ୍ରହଣ କଲେ କନ୍ୟାର ପିତା କହିପାରନ୍ତି, "ଏହାର ପୁତ୍ର ମୋର ପିଣ୍ଡ ଦେବ ।" ସୁତରାଂ ଝିଅର ପୁଅ ପାଇଁ ତାହାର ଜନକ ଯେପରି ପିତା, ଅଜା ମଧ୍ୟ ସେହିପରି ପିତୃସ୍ଥାନୀୟ । —ଛା., ୧/୧୨/୧ ଭାଷ୍ୟ ଦ୍ରଷ୍ଟବ୍ୟ ।

ସ୍ୱର୍ଗେ ଲୋକେ ନ ଭୟଂ କିଞ୍ଚନାସ୍ତି
ନ ତତ୍ର ତ୍ୱଂ ନ ଜରୟା ବିଭେତି ।
ଉଭେ ତୀର୍ତ୍ୱାଽଶନାୟାପିପାସେ
ଶୋକାତିଗୋ ମୋଦତେ ସ୍ୱର୍ଗଲୋକେ ॥୧୨॥

[ନଚିକେତା କହିଲେ]—**ସ୍ୱର୍ଗେ ଲୋକେ** (ସ୍ୱର୍ଗଲୋକରେ) **କିମ୍ ଚନ** (କୌଣସି) **ଭୟମ୍** (ଭୟ) **ନ ଅସ୍ତି** (ନାହିଁ) **ତତ୍ର** (ସେଠାରେ) **ତ୍ୱମ୍** (ଆପଣ, ମୃତ୍ୟୁ) **ନ** (ନାହିଁ) **ଜରୟା** (ଜରାଯୁକ୍ତ ହୋଇ) **ନ ବିଭେତି** ([କେହି ମର୍ତ୍ତ୍ୟଲୋକ ପରି ମୃତ୍ୟୁ ଭୟରେ] ଭୀତ ହୁଅନ୍ତି ନାହିଁ) **ଅଶନାୟା-ପିପାସେ** (କ୍ଷୁଧା ଓ ତୃଷ୍ଣା) **ଉଭେ** (ଉଭୟକୁ) **ତୀର୍ତ୍ୱା** (ଅତିକ୍ରମ କରି) **ଶୋକ-ଅତି-ଗଃ** (ଦୁଃଖାତୀତ ହୋଇ [ଅର୍ଥାତ୍ ଶାରୀରିକ ଓ ମାନସିକ ଦୁଃଖରୁ ମୁକ୍ତ ହୋଇ]) **ସ୍ୱର୍ଗଲୋକେ** (ଦିବ୍ୟଧାମରେ) **ମୋଦତେ** (ଆନନ୍ଦଭୋଗ କରନ୍ତି) । ୧/୧/୧୨

(ନଚିକେତା କହିଲେ) "ସ୍ୱର୍ଗଲୋକରେ କୌଣସି ଭୟ ନାହିଁ[1]; ମୃତ୍ୟୁର ଦେବତା ଆପଣ ସେଠାରେ ନାହାନ୍ତି ।[2] ସୁତରାଂ (ପୃଥିବୀବାସୀଙ୍କ ପରି) ସେଠାରେ କେହି ବାର୍ଦ୍ଧକ୍ୟଗ୍ରସ୍ତ ହୋଇ ଶଙ୍କିତମନା ହୁଅନ୍ତି ନାହିଁ । ଲୋକେ କ୍ଷୁଧା ଓ ତୃଷ୍ଣା ଉଭୟକୁ ଅତିକ୍ରମ କରି ଏବଂ ଦୁଃଖାତୀତ ହୋଇ ସ୍ୱର୍ଗଧାମରେ ଆନନ୍ଦ ଉପଭୋଗ କରନ୍ତି । ୧/୧/୧୨

ସ ତ୍ୱମଗ୍ନିଂ ସ୍ୱର୍ଗ୍ୟମଧେଷି ମୃତ୍ୟୋ
ପ୍ରବ୍ରୂହି ତ୍ୱଂ ଶ୍ରଦ୍ଦଧାନାୟ ମହ୍ୟମ୍ ।
ସ୍ୱର୍ଗଲୋକା ଅମୃତତ୍ୱଂ ଭଜନ୍ତ
ଏତଦ୍ ଦ୍ୱିତୀୟେନ ବୃଣେ ବରେଣ ॥୧୩॥

ମୃତ୍ୟୋ (ହେ ଯମରାଜ) **ସଃ ତ୍ୱମ୍** (ଆପଣ ହିଁ) **ସ୍ୱର୍ଗ୍ୟମ୍** (ସ୍ୱର୍ଗପ୍ରାପ୍ତିର ସାଧନଭୂତ) [ସେହି] **ଅଗ୍ନିମ୍** (ଅଗ୍ନିବିଦ୍ୟା) **ଅଧେଷି** (ଅବଗତ ଅଛନ୍ତି) [ଯାହା ସହାୟରେ] **ସ୍ୱର୍ଗଲୋକାଃ** (ସ୍ୱର୍ଗକାମୀ ଯଜମାନଗଣ) **ଅମୃତତ୍ୱମ୍** (ଅମରତ୍ୱ, ଦେବତ୍ୱ) **ଭଜନ୍ତେ** (ପ୍ରାପ୍ତ ହୁଅନ୍ତି) [ସୁତରାଂ] **ଶ୍ରଦ୍ଦଧାନାୟ** (ଶ୍ରଦ୍ଧାଯୁକ୍ତ) **ମହ୍ୟମ୍**

---

1. ଏହା ଆତ୍ୟନ୍ତିକ ଅଭୟ ନୁହେଁ । — କ. ୨/୧/୨ ଦ୍ର.

2. ଅର୍ଥାତ୍ ମର୍ତ୍ତ୍ୟଲୋକ ପରି ସେଠାରେ ଅତିଶୀଘ୍ର ମୃତ୍ୟୁ ହୁଏ ନାହିଁ । ବସ୍ତୁତଃ ସ୍ୱର୍ଗରୁ ମଧ୍ୟ ବିଚ୍ୟୁତି ହୁଏ । ମୁ., ୧/୨/୧୦; ଗୀତା, ୯/୨୧ ଏବଂ କ., ୨/୨/୧୨-୧୩ ଦ୍ର. ।

(ମୋତେ) **ତ୍ୱମ୍ ପ୍ରବ୍ରୂହି** (ଆପଣ କୁହନ୍ତୁ)—**ଦ୍ୱିତୀୟେନ** (ଦ୍ୱିତୀୟ) **ବରେଣ** (ବରରେ) **ଏତତ୍** (ଏହି [ଅଗ୍ନିବିଦ୍ୟା]) **ବୃଣେ** (ପ୍ରାର୍ଥନା କରେ) । ୧/୧/୧୩

"ହେ ଯମରାଜ, ସ୍ୱର୍ଗକାମୀ ଯଜମାନଗଣ ଯେଉଁ ଅଗ୍ନିବିଦ୍ୟା ସହାୟତାରେ ଅମରତ୍ୱ ପ୍ରାପ୍ତ ହୁଅନ୍ତି, ଆପଣ ତାହା ଜାଣନ୍ତି; ସୁତରାଂ ଶ୍ରଦ୍ଧାଯୁକ୍ତ ମୋତେ ତାହା ଆପଣ କୁହନ୍ତୁ—ମୁଁ ଦ୍ୱିତୀୟ ବରରେ ଏହା ହିଁ ପ୍ରାର୍ଥନା କରେ ।" ୧/୧/୧୩

ପ୍ର ତେ ବ୍ରବୀମି ତଦୁ ମେ ନିବୋଧ
ସ୍ୱର୍ଗ୍ୟମଗ୍ନିଂ ନଚିକେତଃ ପ୍ରଜାନନ୍ ।
ଅନନ୍ତଲୋକାପ୍ତିମଥୋ ପ୍ରତିଷ୍ଠାଂ
ବିଦ୍ଧି ତ୍ୱମେତଂ ନିହିତଂ ଗୁହାୟାମ୍ ॥୧୪॥

[ଯମରାଜ କହିଲେ]—**ନଚିକେତଃ** (ହେ ନଚିକେତା) **ସ୍ୱର୍ଗ୍ୟମ୍ ଅଗ୍ନିମ୍** (ସ୍ୱର୍ଗଲାଭର ଉପାୟଭୂତ ଅଗ୍ନିଙ୍କ ସ୍ୱରୂପ) **ପ୍ରଜାନନ୍** (ବିଶେଷରୂପରେ ଜାଣି ହିଁ) **ତେ** (ତୁମକୁ) **ପ୍ରବ୍ରବୀମି** (ସବିଶେଷ କହୁଅଛି) **ତତ୍ ଉ** (ତାହା ହିଁ) **ମେ** (ମୋର ବାକ୍ୟରୁ) **ନିବୋଧ** (ଏକାଗ୍ରଚିତ୍ତରେ ଅବଗତ ହୁଅ) **ତ୍ୱମ୍** (ତୁମେ) **ଏତମ୍** (ମୋ ଦ୍ୱାରା ବର୍ଣ୍ଣିତ ଏହି ଅଗ୍ନିକୁ) **ଅନନ୍ତ-ଲୋକ-ଆପ୍ତିମ୍** (ସ୍ୱର୍ଗଲୋକପ୍ରାପ୍ତିର ଉପାୟସ୍ୱରୂପ) **ଅଥୋ** (ତଥା) **ପ୍ରତିଷ୍ଠାମ୍** (ଜଗତ୍‌ର ଆଶ୍ରୟ) [ଏବଂ] **ଗୁହାୟାମ୍** (ବିଦ୍ୱାନ୍‌ଗଣଙ୍କ ବୁଦ୍ଧିରେ) **ନିହିତମ୍** (ନିବିଷ୍ଟ) **ବିଦ୍ଧି** (ଜାଣ) । ୧/୧/୧୪

(ଯମରାଜ କହିଲେ) "ହେ ନଚିକେତା, ମୁଁ ସ୍ୱର୍ଗଲାଭର ଉପାୟଭୂତ ଅଗ୍ନିଙ୍କ ସ୍ୱରୂପ ଜାଣିଛି ଏବଂ ତାହା ତୁମକୁ କହୁଅଛି । ତୁମେ ଏକାଗ୍ରମନରେ ମୋଠାରୁ ତାହା ଅବଗତ ହୁଅ । ଉକ୍ତ ଅଗ୍ନି ହିଁ ସ୍ୱର୍ଗପ୍ରାପ୍ତିର ଉପାୟ ଓ ଜଗତ୍‌ର ଆଶ୍ରୟ[1] ଏବଂ ତାହା ବିଦ୍ୱାନ୍‌ମାନଙ୍କର ବୁଦ୍ଧିରେ ଅନ୍ତର୍ନିବିଷ୍ଟ ଅଛି ବୋଲି ତୁମେ ଜାଣ ।" ୧/୧/୧୪

---

1. ବେଦରେ ଅଛି ଯେ ବିରାଟ୍ ପୁରୁଷ ନିଜକୁ ଅଗ୍ନି, ବାୟୁ ଓ ଆଦିତ୍ୟରୂପରେ ବିଭକ୍ତ କରିଥିଲେ । —ବୃ., ୧/୨/୩ ଦ୍ରଷ୍ଟବ୍ୟ ।

ଲୋକାଦିମଗ୍ନିଂ ତମୁବାଚ ତସ୍ମୈ
ୟା ଇଷ୍ଟକା ୟାବତୀର୍ବା ୟଥା ବା ।
ସ ଚାପି ତତ୍ପ୍ରତ୍ୟବଦଦ୍ୟଥୋକ୍ତ-
ମଥାସ୍ୟ ମୃତ୍ୟୁଃ ପୁନରେବାହ ତୁଷ୍ଟଃ ॥୧୫॥

[ଯମରାଜ] **ତସ୍ମୈ** (ନଚିକେତାଙ୍କୁ) **ଲୋକ-ଆଦିମ୍** (ସୃଷ୍ଟବସ୍ତୁର ଆଦିଭୂତ) **ତମ୍** (ସେହି ଜିଜ୍ଞାସିତ) **ଅଗ୍ନିମ୍** (ଅଗ୍ନି [-ସମ୍ବନ୍ଧରେ]) **ଉବାଚ** (କହିଲେ); **ୟାଃ** (ଯେଉଁପ୍ରକାର) **ୟାବତୀଃ ବା** (ବା ଯେତେସଂଖ୍ୟକ) **ଇଷ୍ଟକାଃ** (ଇଷ୍ଟକସମୂହ) [ଯଜ୍ଞବେଦୀ ପାଇଁ ସଂଗ୍ରହ କରିବାକୁ ପଡ଼େ] **ୟଥା ବା** (ଏବଂ ଯେଉଁ ପ୍ରକାରରେ) [ଅଗ୍ନିଚୟନ, ଅଗ୍ନି-ଆଧାନ, ସମିତ୍‌ସଜ୍ଞା କରିବାକୁ ହୁଏ]—[ତାହା ସମସ୍ତ ହିଁ କହିଲେ] । **ସଃ ଚ ଅପି** (ଏବଂ ନଚିକେତା ମଧ୍ୟ) **ତତ୍** (ଯମରାଜଙ୍କ ଦ୍ୱାରା କୁହାଯାଇଥିବା ସମସ୍ତ ବିଷୟ) **ୟଥା-ଉକ୍ତମ୍** (ଯଥାଯଥରୂପରେ) **ପ୍ରତି-ଅବଦତ୍** (ପ୍ରତ୍ୟୁଚ୍ଚାରଣ କଲେ) **ଅଥ** (ଅନନ୍ତର) **ମୃତ୍ୟୁଃ** (ଯମ) **ଅସ୍ୟ** (ସେହି ନଚିକେତାଙ୍କ ପୁନରୁକ୍ତିରେ) **ତୁଷ୍ଟଃ** (ସନ୍ତୁଷ୍ଟ ହୋଇ) **ପୁନଃ ଏବ** (ପୁନରାୟ) **ଆହ** (କହିଲେ) । ୧/୧/୧୫

ଯମରାଜ ନଚିକେତାଙ୍କୁ ସୃଷ୍ଟବସ୍ତୁର ଆଦିଭୂତ ଅଗ୍ନି[1] ବିଷୟରେ ଉପଦେଶ ଦେଲେ । କେଉଁ ପ୍ରକାରର ଏବଂ କେତେ ସଂଖ୍ୟକ ଇଷ୍ଟକ ସଂଗ୍ରହ କରିବାକୁ ହୁଏ ଓ କିପରି ଅଗ୍ନି ଚୟନ କରିବାକୁ ହୁଏ ଇତ୍ୟାଦି ସମସ୍ତ କହିଲେ । ନଚିକେତା ମଧ୍ୟ ତାହା ଭଲଭାବରେ ମନେରଖି ଯଥାଯଥଭାବରେ ତାହାର ପୁନରାବୃତ୍ତି କଲେ । ତା'ପରେ ଯମ ନଚିକେତାଙ୍କ କଥାରେ ତୁଷ୍ଟ ହୋଇ ପୁନରାୟ କହିଲେ । ୧/୧/୧୫

---

1. ପୁରାଣରେ ଅଛି ଯେ, ବିରାଟ୍‌ସ୍ୱରୂପ ଅଗ୍ନି ଜୀବସୃଷ୍ଟିର ଆଦିରେ ପ୍ରଥମ ଶରୀରଧାରୀ ରୂପରେ ଉତ୍ପନ୍ନ ହୋଇଥିଲେ :

ସ ବୈ ଶରୀରୀ ପ୍ରଥମଃ ସ ବୈ ପୁରୁଷ ଉଚ୍ୟତେ ।
ଆଦିକର୍ତା ସ ଭୂତାନାଂ ବ୍ରହ୍ମାଗ୍ରେ ସମବର୍ତତ ॥

—ପ୍ର., ୧/୭-୮; ଶ୍ୱେ., ୬/୧୫; ଶ୍ରୀମଦ୍‌ଭାଗବତ, ୫/୬/୧୪ ଦ୍ର. ।

ତମବ୍ରବୀତ୍ ପ୍ରୀୟମାଣୋ ମହାତ୍ମା
ବରଂ ତବେହାଦ୍ୟ ଦଦାମି ଭୂୟଃ ।
ତବୈୟ ନାମ୍ନା ଭବିତାଽୟମଗ୍ନିଃ
ସୃଙ୍କାଂ ଚେମାମନେକରୂପାଂ ଗୃହାଣ ॥୧୬॥

ପ୍ରୀୟମାଣଃ (ପ୍ରୀତିଯୁକ୍ତ ହୋଇ) **ମହାତ୍ମା** (ମହାତ୍ମା ଯମରାଜ) **ତମ୍** (ତାହାଙ୍କୁ) **ଅବ୍ରବୀତ୍** (କହିଲେ)—**ଇହ** (ଏହି ପ୍ରୀତି-ହେତୁ) **ଅଦ୍ୟ** (ଏବେ) **ତବ** (ତୁମକୁ) **ଭୂୟଃ** (ପୁନରାୟ, ଚତୁର୍ଥ) **ବରମ୍** (ବର) **ଦଦାମି** (ଦାନ କରୁଅଛି) **ଅୟମ୍** (ମୁଁ କହିଥିବା ଏହି) **ଅଗ୍ନିଃ** (ଅଗ୍ନି) **ତବ ଏବ** (ତୁମରି) **ନାମ୍ନା** (ନାମରେ) **ଭବିତା** (ପ୍ରସିଦ୍ଧ ହେବ) **ଚ** (ଏବଂ) **ଇମାମ୍** (ଏହି) **ଅନେକ-ରୂପାମ୍** (ଅନେକ ରୂପବିଶିଷ୍ଟ ଅର୍ଥାତ୍ ଝଙ୍କାରମୟୀ ଓ ରତ୍ନମୟୀ) **ସୃଙ୍କାମ୍** (ମାଳା) **ଗୃହାଣ** (ଗ୍ରହଣ କର) । [ଅଥବା—**ସୃଙ୍କା**=ଅନିନ୍ଦିତ-କର୍ମମୟୀ ଗତି, ଅର୍ଥାତ୍ ଅନେକ ଉତ୍କୃଷ୍ଟ ଫଳଲାଭର ଉପାୟସ୍ୱରୂପ ଶାସ୍ତ୍ରସିଦ୍ଧ କର୍ମବିଜ୍ଞାନ, ଗ୍ରହଣ କର] । ୧/୧/୧୬

(ନଚିକେତାଙ୍କୁ ଶିଷ୍ୟତ୍ୱର ଉପଯୁକ୍ତ ଦେଖି) ମହାତ୍ମା ଯମରାଜ ପ୍ରୀତ ହୋଇ ତାଙ୍କୁ କହିଲେ, "ଏହି ପ୍ରୀତି ହେତୁ ମୁଁ ତୁମକୁ ଏବେ ଆଉ ଗୋଟିଏ (ଚତୁର୍ଥ) ବର ପ୍ରଦାନ କରୁଅଛି । ଏହି ଅଗ୍ନି ତୁମରି ନାମରେ ପ୍ରସିଦ୍ଧ ହେବ । ତାସହିତ ତୁମେ ଶବ୍ଦମୟ ଏବଂ ବହୁରତ୍ନଖଚିତ ଏହି ମାଳା ମଧ୍ୟ ଗ୍ରହଣ କର । (ଅଥବା—ଅନେକ ଉତ୍କୃଷ୍ଟ ଫଳଲାଭର ଉପାୟସ୍ୱରୂପ କର୍ମବିଜ୍ଞାନ ମଧ୍ୟ ଗ୍ରହଣ କର) । ୧/୧/୧୬

ତ୍ରିଣାଚିକେତସ୍ତ୍ରିଭିରେତ୍ୟ ସନ୍ଧିଂ
ତ୍ରିକର୍ମକୃତ୍ ତରତି ଜନ୍ମମୃତ୍ୟୁ ।
ବ୍ରହ୍ମଜଜ୍ଞଂ ଦେବମୀଡ୍ୟଂ ବିଦିତ୍ୱା ।
ନିଚାୟ୍ୟେମାଂ ଶାନ୍ତିମତ୍ୟନ୍ତମେତି ॥୧୭॥

ତ୍ରିଭିଃ (ମାତା, ପିତା ଓ ଆଚାର୍ଯ୍ୟଙ୍କ ସହିତ) **ସନ୍ଧିମ୍** (ସମ୍ବନ୍ଧ) **ଏତ୍ୟ** (ପ୍ରାପ୍ତ ହୋଇ)—[ଅର୍ଥାତ୍ ମାତା, ପିତା ଓ ଆଚାର୍ଯ୍ୟଙ୍କଠାରୁ ଉପଦେଶ ଲାଭ କରି] **ତ୍ରିଣାଚିକେତଃ** (ଯିଏ ତିନିଥର ନଚିକେତ ଅଗ୍ନି ଚୟନ କରନ୍ତି) [ଏବଂ] **ତ୍ରି-କର୍ମ-କୃତ୍** (ଯିଏ ଯଜ୍ଞ ଦାନ ଓ ବେଦାଧ୍ୟୟନ କରନ୍ତି, ସିଏ) **ଜନ୍ମ-ମୃତ୍ୟୁ** (ଜନ୍ମ ଓ ମୃତ୍ୟୁ) **ତରତି** (ଅତିକ୍ରମ କରନ୍ତି) **ବ୍ରହ୍ମ-ଜ-ଜ୍ଞମ୍** (ହିରଣ୍ୟଗର୍ଭସମ୍ଭୂତ ସର୍ବଜ୍ଞ) **ଈଡ୍ୟମ୍** (ସ୍ତବନୀୟ) **ଦେବମ୍** (ପ୍ରକାଶଶୀଳ, ଜ୍ଞାନାଦିଗୁଣ-ସମ୍ପନ୍ନ ବିରାଟ୍‌ଙ୍କୁ) **ବିଦିତ୍ୱା**

(ଶାସ୍ତ୍ରୋପଦେଶ ଦ୍ୱାରା ଜ୍ଞାତ ହୋଇ) **ନିଚାୟ୍ୟ** (ଆତ୍ମରୂପରେ ଉପଲବ୍ଧି କରି) **ଇମାମ୍** (ଏହି, ସ୍ୱୟଂବେଦ୍ୟ, ସାକ୍ଷାତ୍କାରଜନିତ) **ଶାନ୍ତିମ୍** (ଶାନ୍ତି) **ଅତ୍ୟନ୍ତମ୍** (ନିର୍ବିଶେଷରୂପରେ) **ଏତି** (ପ୍ରାପ୍ତ ହୁଅନ୍ତି) । [ଅର୍ଥାତ୍ ଉପାସନା ଓ କର୍ମର ସମୁଚ୍ଚୟ ଫଳରେ ବିରାଟ୍-ପଦ ପ୍ରାପ୍ତ ହୁଅନ୍ତି] । ୧/୧/୧୭

"ମାତା, ପିତା ଓ ଆଚାର୍ଯ୍ୟ ଏହି ତିନିଜଣଙ୍କ[1] ଦ୍ୱାରା ଉପଦିଷ୍ଟ ହୋଇ ଯିଏ ତିନିଥର[2] ନାଚିକେତ ଅଗ୍ନି ଚୟନ କରନ୍ତି ଏବଂ ତ୍ରିକର୍ମ (ଅର୍ଥାତ୍ ଯଜ୍ଞ, ଦାନ ଓ ବେଦାଧ୍ୟୟନ) କରନ୍ତି, ସେ ଜନ୍ମ-ମୃତ୍ୟୁ ଅତିକ୍ରମ କରନ୍ତି । ସେ ଶାସ୍ତ୍ରାଦି-ସହାୟତାରେ ହିରଣ୍ୟଗର୍ଭ-ସମ୍ଭୂତ ସର୍ବଜ୍ଞ, ପୂଜନୀୟ ଓ ଜ୍ଞାନାଦି-ଗୁଣସମ୍ପନ୍ନ ବିରାଟ୍ସ୍ୱରୂପଙ୍କୁ ଅବଗତ ହୋଇ ଏବଂ ତାହାଙ୍କୁ ଆତ୍ମସ୍ୱରୂପରେ ଅନୁଭବ କରି[3] ଏହି ସ୍ୱସଂବେଦ୍ୟ (ଅର୍ଥାତ୍ ସ୍ୱହୃଦୟରେ ଉପଲବ୍ଧ ହେଉଥିବା) ଶାନ୍ତି ବିଶେଷରୂପରେ ପ୍ରାପ୍ତ ହୁଅନ୍ତି । ୧/୧/୧୭

ତ୍ରିଣାଚିକେତସ୍ତ୍ରୟମେତଦ୍ବିଦିତ୍ୱା
ୟ ଏବଂ ବିଦ୍ୱାଂଶ୍ଚିନୁତେ ନାଚିକେତମ୍ ।
ସ ମୃତ୍ୟୁପାଶାନ୍ ପୁରତଃ ପ୍ରଣୋଦ୍ୟ
ଶୋକାତିଗୋ ମୋଦତେ ସ୍ୱର୍ଗଲୋକେ ॥୧୮॥

ୟଃ (ଯିଏ) **ଏତତ୍** (ପୂର୍ବୋକ୍ତ) **ତ୍ରୟମ୍** (ତିନୋଟି ବିଷୟ—ଇଷ୍ଟକର ସ୍ୱରୂପ, ସଂଖ୍ୟା ଓ ଅଗ୍ନିଚୟନବିଧି) **ବିଦିତ୍ୱା** (ଜ୍ଞାତ ହୋଇ) **ତ୍ରିଣାଚିକେତଃ** (ତିନିଥର ନାଚିକେତ ଅଗ୍ନିର ସେବକ [ହୋଇଛନ୍ତି]) [ଏବଂ] **ଏବମ୍** (ଏହିପରି, ଆତ୍ମସ୍ୱରୂପରେ) **ବିଦ୍ୱାନ୍** (ଜ୍ଞାନି) **ନାଚିକେତମ୍** (ନାଚିକେତ) [ଅଗ୍ନିମ୍] **ଚିନୁତେ** (ଅଗ୍ନିର ଆଧାନ କରନ୍ତି ଏବଂ ଅଗ୍ନିର ଧ୍ୟାନ କରନ୍ତି) **ସଃ** (ସେ) **ମୃତ୍ୟୁପାଶାନ୍**

---

1. ଉପନୟନ ପୂର୍ବରୁ ମାତାଙ୍କ ନିକଟରୁ, ଉପନୟନକାଳରେ ପିତାଙ୍କ ନିକଟରୁ ଓ ପରେ ଆଚାର୍ଯ୍ୟଙ୍କ ନିକଟରୁ ବେଦାଧ୍ୟୟନ କରାଯାଏ । —ବୃ., ୪/୧/୨ । ଅଥବା ତ୍ରିଭିଃ=ବେଦ, ସ୍ମୃତି ଓ ଶିଷ୍ଟାଚାରର ଅଥବା ପ୍ରତ୍ୟକ୍ଷ, ଅନୁମାନ ଓ ଆଗମ ସହିତ ।

2. ତ୍ରି ଶବ୍ଦରେ ତିନିଥର; କିମ୍ବା ବିଜ୍ଞାନ, ଅଧ୍ୟୟନ ଓ ଅନୁଷ୍ଠାନ—ଏହି ତିନୋଟି ବୁଝାଯାଇପାରେ ।

3. ଇଷ୍ଟକ ସଂଖ୍ୟା ୭୨୦; ସଂବତ୍ସରର ଅହୋରାତ୍ର ମଧ୍ୟ ସଂଖ୍ୟାରେ (୩୬୦x୨)=୭୨୦ । ଅତଏବ ଆତ୍ମସ୍ୱରୂପରେ ଅନୁଭବ କରି ଅର୍ଥାତ୍ ସଂଖ୍ୟା-ସାଦୃଶ୍ୟବଶତଃ "ଇଷ୍ଟକସ୍ଥାନୀୟ ଅହୋରାତ୍ର ଦ୍ୱାରା ଯେଉଁ ସଂବତ୍ସରାତ୍ମକ (ଅର୍ଥାତ୍ କାଳାତ୍ମକ) ବିରାଟ୍ରୂପକ ଅଗ୍ନିର ଚୟନ କରାହୋଇଛି, "ତାହା ମୁଁ"—ଏହି ପ୍ରକାର ଧ୍ୟାନ କରି ।

(ମୃତ୍ୟୁପାଶକୁ ଅର୍ଥାତ୍ ଅଧର୍ମ, ଅଜ୍ଞାନ, ରାଗ, ଦ୍ୱେଷ ଇତ୍ୟାଦି ବନ୍ଧନକୁ) **ପୁରତଃ** (ଶରୀର ତ୍ୟାଗ ପୂର୍ବରୁ ହିଁ) **ପ୍ରଣୋଦ୍ୟ** (ଦୂର କରି) **ଶୋକ-ଅତି-ଗଃ** (ମାନସିକ ଦୁଃଖର ଅତୀତ ହୋଇ) **ସ୍ୱର୍ଗଲୋକେ** (ବୈରାଜଧାମରେ ବିରାଟ୍‌ଙ୍କ ସହିତ ଆତ୍ମଭାବ ପ୍ରାପ୍ତ ହୋଇ) **ମୋଦତେ** (ଆନନ୍ଦ ଭୋଗ କରନ୍ତି) । ୧/୧/୧୮

"ଯେଉଁ ବ୍ୟକ୍ତି ପୂର୍ବୋକ୍ତରୂପରେ ଇଷ୍ଟକର ସ୍ୱରୂପ, ସଂଖ୍ୟା ଓ ଅଗ୍ନିଚୟନ ବିଧି ଜାଣି ତିନିଥର ନାଚିକେତ ଅଗ୍ନିଙ୍କ ସେବା କରନ୍ତି ଏବଂ ଯିଏ ନାଚିକେତ ଅଗ୍ନିଙ୍କୁ ଆତ୍ମସ୍ୱରୂପରେ ଜାଣି ତାଙ୍କର ଧ୍ୟାନ କରନ୍ତି, ସେ ଶରୀର ତ୍ୟାଗ ପୂର୍ବରୁ ହିଁ ମୃତ୍ୟୁପାଶରୂପକ ଅଧର୍ମାଦିକୁ ଛିନ୍ନ କରି ଏବଂ ମାନସିକ ଦୁଃଖବର୍ଜିତ ହୋଇ ବୈରାଜଧାମରେ ଆନନ୍ଦଭୋଗ କରନ୍ତି[1] । ୧/୧/୧୮

ଏଷ ତେଽଗ୍ନିର୍ନଚିକେତଃ ସ୍ୱର୍ଗ୍ୟୋ
ଯମବୃଣୀଥା ଦ୍ୱିତୀୟେନ ବରେଣ ।
ଏତମଗ୍ନିଂ ତବୈବ ପ୍ରବକ୍ଷ୍ୟନ୍ତି ଜନାସ-
ସ୍ତୃତୀୟଂ ବରଂ ନଚିକେତୋ ବୃଣୀଷ୍ୱ ॥୧୯॥

ନଚିକେତଃ (ହେ ନଚିକେତା) **ୟମ୍** (ଯେଉଁ ଅଗ୍ନି-ବର) **ଦ୍ୱିତୀୟେନ ବରେଣ** (ଦ୍ୱିତୀୟ ବର ଭାବରେ) **ଅବୃଣୀଥାଃ** (ତୁମେ ପ୍ରାର୍ଥନା କରିଥିଲ) **ତେ** (ତୁମକୁ) **ଏଷଃ ସ୍ୱର୍ଗ୍ୟଃ ଅଗ୍ନି** (ସେହି ସ୍ୱର୍ଗସାଧନ ଅଗ୍ନି-ବିଦ୍ୟା ହିଁ) [ପ୍ରଦତ୍ତ ହେଲା] । **ଜନାସଃ** (=**ଜନାଃ**, ଲୋକମାନେ) **ଏତମ୍ ଅଗ୍ନିମ୍** (ଏହି ଅଗ୍ନିକୁ) **ତବ ଏବ** (ତୁମରି) [ନାମରେ] **ପ୍ରବକ୍ଷ୍ୟନ୍ତି** (କହିବେ) । **ନଚିକେତଃ** (ହେ ନଚିକେତା) **ତୃତୀୟମ୍** (ତୃତୀୟ) **ବରମ୍** (ବର) **ବୃଣୀଷ୍ୱ** (ପ୍ରାର୍ଥନା କର) । ୧/୧/୧୯

"ହେ ନଚିକେତା, ତୁମେ ଦ୍ୱିତୀୟ ବରରେ ଯାହା ପ୍ରାର୍ଥନା କରିଥିଲ, ସ୍ୱର୍ଗଲାଭର ଉପାୟସ୍ୱରୂପ ସେହି ଅଗ୍ନିବିଦ୍ୟା ତୁମକୁ ପ୍ରଦାନ କଲି । ଲୋକମାନେ ତୁମରି ନାମରେ ହିଁ ଏହି ଅଗ୍ନିକୁ ଅଭିହିତ କରିବେ । ଏବେ ତୃତୀୟ ବର ପ୍ରାର୍ଥନା କର ।" ୧/୧/୧୯

---

1. ଏଠାରେ ଅଗ୍ନି-ବିଜ୍ଞାନ ଏବଂ ଅଗ୍ନି-ଚୟନର ଫଳ ଉପସଂହୃତ ହୋଇଅଛି ।

ୟେୟଂ ପ୍ରେତେ ବିଚିକିତ୍ସା ମନୁଷ୍ୟେ-
ଽସ୍ତୀତ୍ୟେକେ ନାୟମସ୍ତୀତି ଚୈକେ ।
ଏତଦ୍ବିଦ୍ୟାମନୁଶିଷ୍ଟସ୍ତ୍ୱୟାଽହଂ
ବରାଣାମେଷ ବରସ୍ତୃତୀୟଃ ॥୨୦॥

[ପ୍ରଥମ ଓ ଦ୍ୱିତୀୟ ବରରେ ପିତାପୁତ୍ରଙ୍କ ସ୍ନେହାଦିଠାରୁ ସ୍ୱର୍ଗଲୋକ ପର୍ଯ୍ୟନ୍ତ ସମସ୍ତ କର୍ମଫଳ ପ୍ରଦତ୍ତ ହୋଇଛି । କିନ୍ତୁ ଏହି ସମସ୍ତ ହିଁ ସଂସାରର ଅନ୍ତର୍ଭୁକ୍ତ ଏବଂ ଆତ୍ମଜ୍ଞାନ ବ୍ୟତିରେକେ ଏହି ସଂସାରର ନିବୃତ୍ତି ହୁଏ ନାହିଁ । ସୁତରାଂ ନଚିକେତା କହିଲେ]—**ପ୍ରେତେ ମନୁଷ୍ୟେ** (ମଣିଷ ଅର୍ଥାତ୍ ପ୍ରାଣୀମାତ୍ରକେ ହିଁ ମୃତ ହେଲେ) **ଇୟମ୍ ୟା** (ଏହି ଯେ [ପ୍ରତ୍ୟକ୍ଷସିଦ୍ଧ, ସର୍ବସାଧାରଣସୁଲଭ]) **ବିଚିକିତ୍ସା** (ସଂଶୟ) [ହୁଏ]—**ଏକେ** (କେହି କେହି [କହନ୍ତି]) **ଅସ୍ତି ଇତି** ([ଶରୀର-ଇନ୍ଦ୍ରିୟାଦିର ଅତିରିକ୍ତ ଦେହାନ୍ତର-ସମ୍ବନ୍ଧୀ ଆତ୍ମା] ଅଛନ୍ତି, ଏହି କଥା) **ଚ ଏକେ** (ଏବଂ କେହି କେହି) **ଅୟମ୍** (ଏପରି ଆତ୍ମା) **ନ ଅସ୍ତି** (ନାହିଁ) **ଇତି** (ଏହି କଥା) [କୁହନ୍ତି]—[ଅଧିକନ୍ତୁ ପ୍ରତ୍ୟକ୍ଷ, ଅନୁମାନ ପ୍ରଭୃତି ପ୍ରମାଣ ଦ୍ୱାରା ମଧ୍ୟ ଏହି ଆତ୍ମାର ଅସ୍ତିତ୍ୱ ନିର୍ଣ୍ଣୀତ ହୁଏ ନାହିଁ । ସୁତରାଂ] **ତ୍ୱୟା** (ଆପଣଙ୍କ ଦ୍ୱାରା) **ଅନୁଶିଷ୍ଟଃ** (ଉପଦିଷ୍ଟ ହୋଇ) **ଅହମ୍** (ମୁଁ) **ଏତତ୍** (ଏହି ବିଷୟରେ, ଅର୍ଥାତ୍ ଆତ୍ମାର ଅସ୍ତିତ୍ୱ ବା ଅନସ୍ତିତ୍ୱ ବିଷୟରେ) **ବିଦ୍ୟାମ୍** (ଜାଣିବାକୁ ଚାହେଁ) । **ବରାଣାମ୍** (ଆପଣଙ୍କ ପ୍ରଦତ୍ତ ତିନୋଟି ବର ମଧ୍ୟରେ) **ଏଷଃ** (ଏହା) **ତୃତୀୟଃ ବରଃ** (ତୃତୀୟ ବର) । ୧/୧/୨୦

(ନଚିକେତା କହିଲେ) "ମନୁଷ୍ୟର ମୃତ୍ୟୁ ହେଲେ ଏହି ଯେଉଁ ସଂଶୟ ଉପସ୍ଥିତ ହୁଏ—କେହି କୁହନ୍ତି, 'ପରଲୋକଗାମୀ ଆତ୍ମା ଅଛନ୍ତି', କେହି କୁହନ୍ତି, 'ସେ ନାହାନ୍ତି' । ଆପଣଙ୍କ ଉପଦେଶରୁ ମୁଁ ଏହି ଆତ୍ମାର ଅସ୍ତିତ୍ୱ ବା ଅନସ୍ତିତ୍ୱ ବିଷୟରେ ଜାଣିବାକୁ ଚାହେଁ । ବରସମୂହ ମଧ୍ୟରେ ଏହା ହିଁ ତୃତୀୟ ବର ।" ୧/୧/୨୦

ଦେବୈରତ୍ରାପି ବିଚିକିତ୍ସିତଂ ପୁରା
ନ ହି ସୁବିଜ୍ଞେୟମଣୁରେଷ ଧର୍ମଃ ।
ଅନ୍ୟଂ ବରଂ ନଚିକେତୋ ବୃଣୀଷ୍ୱ
ମା ମୋପରୋତ୍ସୀରତି ମା ସୃଜୈନମ୍ ॥୨୧॥

[ନଚିକେତା ଆତ୍ମଜ୍ଞାନଲାଭର ଉପଯୁକ୍ତ କି ନାହିଁ ତାହା ପରୀକ୍ଷା କରିବା ପାଇଁ ଯମ କହିଲେ] **ଅତ୍ର** (ଏହି ତତ୍ତ୍ୱ ବିଷୟରେ) **ପୁରା** (ପୂର୍ବେ, ସୃଷ୍ଟିକାଳରେ) **ଦେବୈଃ ଅପି** (ଦେବଗଣଙ୍କ ଦ୍ୱାରା ମଧ୍ୟ) **ବିଚିକିତ୍ସିତମ୍** (ସନ୍ଦେହ କରା ହୋଇଥିଲା) **ହି** (ଯେହେତୁ) **ଏଷଃ** (ଏହି) **ଧର୍ମଃ** (ଆତ୍ମାବିଷୟକ ଧର୍ମ) [ଶ୍ରୁତ ହେଲେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ] **ସୁବିଜ୍ଞେୟମ୍** (ଉତ୍ତମରୂପରେ ଉପଲଭ୍ୟ) **ନ** (ନୁହେଁ) [କାରଣ ଏହା] **ଅଣୁଃ** (ସୂକ୍ଷ୍ମ) । [ସୁତରାଂ] **ନଚିକେତଃ** (ହେ ନଚିକେତା) **ଅନ୍ୟମ୍** (ଅନ୍ୟ କିଛି) **ବରମ୍** (ବର) **ବୃଣୀଷ୍ୱ** (ପ୍ରାର୍ଥନା କର); **ମା** (=**ମାମ୍**, ମୋତେ) **ମା ଉପରୋତ୍ସୀଃ** (ବାଧ କର ନାହିଁ) **ମା** (ମୋ ପ୍ରତି) **ଏନମ୍** (ଏହି ବର)—[ଅର୍ଥାତ୍ ମୋ ନିକଟରୁ ଏହି ବର ପ୍ରାର୍ଥନା] **ଅତି-ସୃଜ** (ଛାଡ଼ି ଦିଅ) । ୧/୧/୨୧

(ନଚିକେତାଙ୍କୁ ପରୀକ୍ଷା କରିବା ପାଇଁ ଯମ କହିଲେ) "ଏହି ତତ୍ତ୍ୱ ବିଷୟରେ ପୂର୍ବେ ଦେବଗଣ ମଧ୍ୟ ସଂଶୟଯୁକ୍ତ ହୋଇଥିଲେ । କାରଣ ଏହି ଆତ୍ମତତ୍ତ୍ୱ ସୂକ୍ଷ୍ମ ହୋଇଥିବାରୁ ସୁବିଜ୍ଞେୟ ନୁହେଁ । ଅତଏବ ହେ ନଚିକେତା, ତୁମେ ଅନ୍ୟ ବର ପ୍ରାର୍ଥନା କର । ଏହି ବିଷୟରେ ମୋତେ ବାଧ କର ନାହିଁ; ମୋ ନିକଟରେ ତୁମର ଏହି ପ୍ରାର୍ଥନା ତ୍ୟାଗ କର ।" ୧/୧/୨୧

ଦେବୈରତ୍ରାପି ବିଚିକିତ୍ସିତଂ କିଲ
ତ୍ୱଂ ଚ ମୃତ୍ୟୋ ଯନ୍ନ ସୁଜ୍ଞେୟମାତ୍ଥ ।
ବକ୍ତା ଚାସ୍ୟ ତ୍ୱାଦୃଗନ୍ୟୋ ନ ଲଭ୍ୟୋ
ନାନ୍ୟୋ ବରସ୍ତୁଲ୍ୟ ଏତସ୍ୟ କଶ୍ଚିତ୍ ॥୨୨॥

[ନଚିକେତା କହିଲେ]—**ଦେବୈଃ ଅପି** (ଦେବଗଣଙ୍କ ଦ୍ୱାରା ମଧ୍ୟ) **ଅତ୍ର** (ଏହି ତତ୍ତ୍ୱ ବିଷୟରେ) **କିଲ** (ନିଶ୍ଚୟ) **ବିଚିକିତ୍ସିତମ୍** (ସନ୍ଦେହ କରା ହୋଇଥିଲା); **ମୃତ୍ୟୋ** (ହେ ଯମରାଜ) **ତ୍ୱମ୍ ଚ** (ଏବଂ ଆପଣ ମଧ୍ୟ) **ଯତ୍** (ଯେହେତୁ) [ଉକ୍ତ ଆତ୍ମତତ୍ତ୍ୱ] **ନ ସୁଜ୍ଞେୟମ୍** (ସୁଜ୍ଞେୟ ନୁହେଁ) **ଆତ୍ଥ** (କହୁଛନ୍ତି) [ଅତଏବ] **ଅସ୍ୟ** (ଏହି ଧର୍ମର) **ବକ୍ତା ଚ** (ଉପଦେଷ୍ଟା) **ତ୍ୱାଦୃକ୍** (ଆପଣଙ୍କ ସଦୃଶ) **ଅନ୍ୟଃ** (ଅନ୍ୟ

କେହି) **ନ ଲଭ୍ୟଃ** (ପ୍ରାପ୍ତବ୍ୟ ନୁହେଁ) **ଏତସ୍ୟ** (ଏହାର) **ତୁଲ୍ୟଃ** (ସମାନ) **ଅନ୍ୟଃ** (ଅପର) **କଃ ଚିତ୍** (କୌଣସି) **ବରଃ** (ବର) **ନ** (ନାହିଁ) । ୧/୧/୨୨

(ନଚିକେତା କହିଲେ) "ଦେବଗଣଙ୍କର ମଧ୍ୟ ଯେତେବେଳେ ଏହି ତତ୍ତ୍ୱ ବିଷୟରେ ସନ୍ଦେହ ଉପସ୍ଥିତ ହୋଇଥିଲା ଏବଂ ହେ ଯମରାଜ, ଆପଣ ମଧ୍ୟ ଯେତେବେଳେ କହୁଛନ୍ତି ଯେ ଏହା ସୁଜ୍ଞେୟ ନୁହେଁ, ତେବେ ଏହି ଆତ୍ମତତ୍ତ୍ୱର ବକ୍ତା ଆପଣଙ୍କ ସଦୃଶ ଆଉ କାହାକୁ ମଧ୍ୟ ପାଇବା ସମ୍ଭବପର ନୁହେଁ ଏବଂ ଏହି ବର ସଦୃଶ ଅନ୍ୟ ବର ମଧ୍ୟ ହୋଇପାରେ ନାହିଁ ।" ୧/୧/୨୨

ଶତାୟୁଷଃ ପୁତ୍ରପୌତ୍ରାନ୍ ବୃଣୀଷ୍ୱ
ବହୂନ୍ ପଶୂନ୍ ହସ୍ତିହିରଣ୍ୟମଶ୍ୱାନ୍ ।
ଭୂମେର୍ମହଦାୟତନଂ ବୃଣୀଷ୍ୱ
ସ୍ୱୟଂ ଚ ଜୀବ ଶରଦୋ ୟାବଦିଚ୍ଛସି ॥୨୩॥

[ନଚିକେତାଙ୍କ ବୈରାଗ୍ୟ ପରୀକ୍ଷା କରିବା ପାଇଁ ଯମ ତାଙ୍କୁ ପୁନରାୟ ପ୍ରଲୋଭିତ କରିବା ପାଇଁ କହୁଛନ୍ତି]—**ଶତ-ଆୟୁଷଃ** (ଶତ ବର୍ଷ ଆୟୁଷ ଥିବା) **ପୁତ୍ର-ପୌତ୍ରାନ୍** (ଅନେକ ପୁତ୍ର ଓ ପୌତ୍ର) **ବୃଣୀଷ୍ୱ** (ପ୍ରାର୍ଥନା କର) **ବହୂନ୍** (ଅନେକ) **ପଶୂନ୍** (ଗାଭୀ ଆଦି ପଶୁସମୂହ) **ହସ୍ତି-ହିରଣ୍ୟମ୍** (ହସ୍ତୀ ଏବଂ ସୁବର୍ଣ୍ଣାଦି ଧନ) **ଅଶ୍ୱାନ୍** (ଅଶ୍ୱସମୂହ) **ଭୂମେଃ** (ପୃଥିବୀରେ) **ମହତ୍** (ବିସ୍ତୀର୍ଣ୍ଣ) **ଆୟତନମ୍** (ଭୂଭାଗ, ସାମ୍ରାଜ୍ୟ) **ବୃଣୀଷ୍ୱ** (ପ୍ରାର୍ଥନା କର) **ଚ** (ଏବଂ) **ସ୍ୱୟଂ** (ତୁମେ) [ସେତେ] **ଶରଦଃ** (ବର୍ଷ) **ଜୀବ** (ଜୀବନଧାରଣ କର) **ୟାବତ୍** (ଯେତେ ବର୍ଷ) **ଇଚ୍ଛସି** (ଇଚ୍ଛା କର) । ୧/୧/୨୩

(ଯମ କହିଲେ) ତୁମେ ଶତାୟୁ ଅର୍ଥାତ୍ ଦୀର୍ଘାୟୁ, ଅନେକ ପୁତ୍ର ଓ ପୌତ୍ର ପ୍ରାର୍ଥନା କର ଏବଂ ବହୁ ଗାଭୀ, ହସ୍ତୀ, ଅଶ୍ୱ, ସ୍ୱର୍ଣ୍ଣ ଓ ଏହି ପୃଥିବୀରେ ବିଶାଳ ରାଜ୍ୟ ପ୍ରାର୍ଥନା କର । ଅଧିକନ୍ତୁ ତୁମେ ନିଜେ ଯେତେ ବର୍ଷ ଜୀବନଧାରଣ କରିବାକୁ ଚାହଁ ସେତେକାଳ ଜୀବିତ ରୁହ । ୧/୧/୨୩

ଏତତ୍ତୁଲ୍ୟଂ ଯଦି ମନ୍ୟସେ ବରଂ
ବୃଣୀଷ୍ୱ ବିତ୍ତଂ ଚିରଜୀବିକାଂ ଚ ।
ମହାଭୂମୌ ନଚିକେତସ୍ତ୍ୱମେଧି
କାମାନାଂ ତ୍ୱା କାମଭାଜଂ କରୋମି ॥୨୪॥

ଯଦି (ଯଦି) [ଅନ୍ୟ କୌଣସି] **ଏତତ୍-ତୁଲ୍ୟମ୍** (ଏହାର ସମାନ) **ବରମ୍** (ବର) **ମନ୍ୟସେ** (ମନେ କର) [ତେବେ ତାହା ମଧ୍ୟ] **ବୃଣୀଷ୍ୱ** (ପ୍ରାର୍ଥନା କର) [ଅଧିକନ୍ତୁ] **ବିତ୍ତମ୍** (ସୁବର୍ଣ୍ଣ ଓ ରତ୍ନାଦି) **ଚିର-ଜୀବିକାମ୍ ଚ** (ଏବଂ ଚିରଜୀବନ) [ପ୍ରାର୍ଥନା କର] । **ନଚିକେତଃ** (ହେ ନଚିକେତା) **ତ୍ୱମ୍** (ତୁମେ) **ମହାଭୂମୌ** (ବିଶାଳଭୂଖଣ୍ଡରେ) **ଏଧି** ([ରାଜା] ହୁଅ); **ତ୍ୱା** (ତୁମକୁ) **କାମାନାମ୍** (କାମ୍ୟ ବସ୍ତୁସମୂହର) **କାମ-ଭାଜମ୍** (କାମଭୋଗରେ ବା ବିଷୟ ଭୋଗ କରିବାରେ ସମର୍ଥ) **କରୋମି** (କରୁଅଛି) । ୧/୧/୨୪

"ଯଦି ଏହାର ସମାନ ଅନ୍ୟ କୌଣସି ବର ପାଇବାକୁ ଇଚ୍ଛା କର, ତାହା ମଧ୍ୟ ପ୍ରାର୍ଥନା କର । ଅଧିକନ୍ତୁ ଚିରଜୀବନ ଏବଂ ସୁବର୍ଣ୍ଣ ଓ ରତ୍ନାଦି ପ୍ରାର୍ଥନା କର । ହେ ନଚିକେତା, ତୁମେ ବିଶାଳ ଭୂଭାଗର ଅଧିପତି ହୁଅ । ମୁଁ ତୁମକୁ (ଦିବ୍ୟ ଓ ଲୌକିକ) କାମ୍ୟବସ୍ତୁସମୂହରେ ଯଥେଚ୍ଛ ଭୋଗର କ୍ଷମତା ପ୍ରଦାନ କରୁଅଛି । ୧/୧/୨୪

ଯେ ଯେ କାମା ଦୁର୍ଲଭା ମର୍ତ୍ୟଲୋକେ
ସର୍ବାନ୍ କାମାଂଶ୍ଛନ୍ଦତଃ ପ୍ରାର୍ଥୟସ୍ୱ ।
ଇମା ରାମାଃ ସରଥାଃ ସତୂର୍ୟା
ନ ହୀଦୃଶା ଲମ୍ଭନୀୟା ମନୁଷ୍ୟୈଃ ।
ଆଭିର୍ମତ୍ପ୍ରତ୍ତାଭିଃ ପରିଚାରୟସ୍ୱ
ନଚିକେତୋ ମରଣଂ ମାନୁପ୍ରାକ୍ଷୀଃ ॥୨୫॥

ମର୍ତ୍ୟଲୋକେ (ପୃଥିବୀରେ) **ଯେ ଯେ** (ଯେଉଁ ସକଳ ବସ୍ତୁ) **କାମାଃ** (କାମ୍ୟ) [ଏବଂ] **ଦୁର୍ଲଭଃ** (ଦୁଷ୍ପ୍ରାପ୍ୟ) [ସେହି] **ସର୍ବାନ୍** (ସକଳ) **କାମାନ୍** (କାମ୍ୟବସ୍ତୁ) **ଛନ୍ଦତଃ** (ଇଚ୍ଛାନୁସାରେ) **ପ୍ରାର୍ଥୟସ୍ୱ** (ପ୍ରାର୍ଥନା କର) । **ଇମାଃ** (ଏହି [ତୁମ ସମ୍ମୁଖରେ ହିଁ]) **ରାମାଃ** (ପୁରୁଷଙ୍କୁ ଆନନ୍ଦ ପ୍ରଦାୟିନୀ ଦିବ୍ୟ ଅପ୍ସରାଗଣ)

ସରଥାଃ (ରଥାରୂଢ଼ା) [ଏବଂ] **ସତୂର୍ଯ୍ୟାଃ** (ବାଦ୍ୟଯନ୍ତ୍ର ଧାରଣ କରି) [ଉପସ୍ଥିତ ରହିଛନ୍ତି] **ଈଦୃଶାଃ** (ଏହିପ୍ରକାର ରମଣୀବୃନ୍ଦ) **ମନୁଷ୍ୟୈଃ** (ମନୁଷ୍ୟ ଦ୍ୱାରା) **ଲମ୍ଭନୀୟାଃ** (ପ୍ରାପ୍ୟ) **ନ ହି** (ଅବଶ୍ୟ ହିଁ ନୁହେଁ); **ମତ୍-ପ୍ରଦାଭିଃ** (ମୋ ଦ୍ୱାରା ପ୍ରଦତ୍ତ) **ଆଭିଃ** (ଏମାନଙ୍କ ଦ୍ୱାରା) **ପରିଚାରୟସ୍ୱ** ([ନିଜର] ପରିଚର୍ଯ୍ୟା କରାଅ) । **ନଚିକେତଃ** (ହେ ନଚିକେତା) **ମରଣମ୍** (ମୃତ୍ୟୁବିଷୟରେ) **ମା ଅନୁପ୍ରାକ୍ଷୀଃ** (ଏପ୍ରକାର ପ୍ରଶ୍ନ କର ନାହିଁ) । ୧/୧/୨୫

"ପୃଥିବୀରେ ଯାହା ଯାହା କାମ୍ୟ ଏବଂ ଦୁର୍ଲଭ, ସେସମସ୍ତ କାମ୍ୟବସ୍ତୁ ଯଥେଚ୍ଛ ପ୍ରାର୍ଥନା କର । ଏହି ଯେଉଁ ସୁଖଦାୟିନୀ ଅପ୍ସରାଗଣ ରଥ ଆରୋହଣ କରି ଏବଂ ବାଦ୍ୟଯନ୍ତ୍ର ନେଇ (ତୁମ ସମ୍ମୁଖରେ) ଉପସ୍ଥିତ ଅଛନ୍ତି, ଏହି ପ୍ରକାର ରମଣୀବୃନ୍ଦ ମନୁଷ୍ୟଙ୍କର ଲଭ୍ୟ ନୁହେଁ । ମୋ ଦ୍ୱାରା ପ୍ରଦତ୍ତ ଏମାନଙ୍କ ଦ୍ୱାରା ତୁମେ ନିଜର ସେବା କରାଅ । ହେ ନଚିକେତା, ମୃତ୍ୟୁ ବିଷୟରେ ଏ ପ୍ରକାର ପ୍ରଶ୍ନ କର ନାହିଁ ।" ୧/୧/୨୫

ଶ୍ୱୋଭାବା ମର୍ତ୍ୟସ୍ୟ ଯଦନ୍ତକୈତତ୍
ସର୍ବେନ୍ଦ୍ରିୟାଣାଂ ଜରୟନ୍ତି ତେଜଃ ।
ଅପି ସର୍ବଂ ଜୀବିତମଲ୍ପମେବ
ତବୈବ ବାହାସ୍ତବ ନୃତ୍ୟଗୀତେ ॥୨୬॥

[ନଚିକେତା କହିଲେ]—**ଅନ୍ତକ** (ହେ ଯମରାଜ) [ଆପଣଙ୍କ ବର୍ଣ୍ଣିତ ଭୋଗ୍ୟ ବସ୍ତୁ ସମୂହ] **ଶ୍ୱ-ଭାବାଃ** (ଆସନ୍ତାକାଲି ରହିବ କି ନାହିଁ ତାହା ଅନିଶ୍ଚିତ) **ମର୍ତ୍ୟସ୍ୟ** (ମନୁଷ୍ୟର) **ସର୍ବେନ୍ଦ୍ରିୟାଣାମ୍** (ସକଳ ଇନ୍ଦ୍ରିୟର) **ଯତ୍ ଏତତ୍ ତେଜଃ** (ଏହି ଯେଉଁ ଶକ୍ତି) [ତାହା] **ଜରୟନ୍ତି** (ଜୀର୍ଣ୍ଣ କରେ) । **ଅପି** (ଅଧିକନ୍ତୁ) **ସର୍ବମ୍** ([ହିରଣ୍ୟଗର୍ଭାଦିଙ୍କର] ସକଳ) **ଜୀବିତମ୍ ଏବ** (ଜୀବନ ହିଁ) **ଅଲ୍ପମ୍** (ଅଳ୍ପ, ପରିମିତ); [ସୁତରାଂ] **ବାହାଃ** (ରଥାଦି) **ତବ ଏବ** (ଆପଣଙ୍କର ହୋଇ ଥାଉ) **ନୃତ୍ୟ-ଗୀତେ** (ନୃତ୍ୟ ଓ ସଙ୍ଗୀତ) **ତବ** (ଆପଣଙ୍କର ହୋଇ ରହୁ) । ୧/୧/୨୬

(ନଚିକେତା କହିଲେ), "ହେ ଯମରାଜ, ଆପଣ କହିଥିବା ଭୋଗ୍ୟବସ୍ତୁସମୂହ କାଲି ପର୍ଯ୍ୟନ୍ତ ରହିବ କି ନାହିଁ, ତାହା ଅନିଶ୍ଚିତ ।; ସେଗୁଡ଼ିକ ମନୁଷ୍ୟର ଇନ୍ଦ୍ରିୟସକଳର ଶକ୍ତି କ୍ଷୟ କରନ୍ତି । ଅଧିକନ୍ତୁ (ହିରଣ୍ୟଗର୍ଭାଦି) ସମସ୍ତଙ୍କର ହିଁ ଜୀବନ ମଧ୍ୟ ସ୍ୱଳ୍ପ । ଅତଏବ ରଥାଦି ଓ ନୃତ୍ୟଗୀତ ପ୍ରଭୃତି

ଭୋଗ୍ୟବସ୍ତୁ ଆପଣଙ୍କର ହୋଇ ଥାଉ ଅର୍ଥାତ୍ ମୋର ସେଥିରେ କୌଣସି ପ୍ରୟୋଜନ ନାହିଁ । ୧/୧/୨୬

ନ ବିତ୍ତେନ ତର୍ପଣୀୟୋ ମନୁଷ୍ୟୋ
ଲପ୍ସ୍ୟାମହେ ବିତ୍ତମଦ୍ରାକ୍ଷ୍ମ ଚେତ୍ ତ୍ୱା ।
ଜୀବିଷ୍ୟାମୋ ୟାବଦୀଶିଷ୍ୟସି ତ୍ୱଂ
ବରସ୍ତୁ ମେ ବରଣୀୟଃ ସ ଏବ ॥୨୭॥

ମନୁଷ୍ୟଃ (ମନୁଷ୍ୟ) **ବିତ୍ତେନ** (ଧନାଦି ଦ୍ୱାରା) **ତର୍ପଣୀୟଃ** (ତୃପ୍ତ) **ନ** (ନୁହେଁ) । **ତ୍ୱା** (ଆପଣଙ୍କୁ) **ଚେତ୍** (ଯେତେବେଳେ) **ଅଦ୍ରାକ୍ଷ୍ମ** (ଦର୍ଶନ କଲି) [ସେତେବେଳେ ବିତ୍ତ ଆକାଙ୍କ୍ଷା ଯଦି କେବେ ହୁଏ] **ବିତ୍ତମ୍** (ବିତ୍ତ) **ଲପ୍ସ୍ୟାମହେ** (ପାଇବି) । **ତ୍ୱମ୍** (ଆପଣ) **ୟାବତ୍** (ଯେତେକାଳ) **ଈଶିଷ୍ୟସି** (ପ୍ରଭୁ ହୋଇ ରହିବେ, ଯମପଦରେ ବିଦ୍ୟମାନ ରହି ପାପପୁଣ୍ୟର ଫଳ ବିଧାନ କରିବେ) [ଆପଣଙ୍କ ଦର୍ଶନ ଫଳରେ ହିଁ ସେତେଦିନ] **ଜୀବିଷ୍ୟାମଃ** (ମୁଁ ଜୀବନଧାରଣ କରିବି) । **ତୁ** (କିନ୍ତୁ) **ସଃ** (ସେହି) [ପୂର୍ବୋକ୍ତ] **ବରଃ ଏବ** (ବର ହିଁ) **ମେ** (ମୋର) **ବରଣୀୟଃ** (ପ୍ରାର୍ଥନୀୟ) । ୧/୧/୨୭

"ମଣିଷ କଦାପି ବିତ୍ତ ଦ୍ୱାରା ତୃପ୍ତ ହୋଇପାରେ ନାହିଁ । ଆପଣଙ୍କୁ ଯେତେବେଳେ ଦର୍ଶନ କଲି, ସେତେବେଳେ (ମୋ ମନରେ କାମନା ଥିଲେ ଆପଣଙ୍କ ଦର୍ଶନ ଫଳରେ) ବିତ୍ତଲାଭ ଅବଶ୍ୟ ହିଁ ହେବ । ଅଧିକନ୍ତୁ ଆପଣ ଯେତେଦିନ (ଯମପଦରେ ବିଦ୍ୟମାନ ରହି) ପ୍ରଭୁତ୍ୱ କରିବେ, ସେତେଦିନ ମୁଁ ଜୀବନଧାରଣ କରିବି (ସେଥିପାଇଁ ସେପରି ପ୍ରାର୍ଥନା ନିଷ୍ପ୍ରୟୋଜନ) । କିନ୍ତୁ ପୂର୍ବୋକ୍ତ ମୃତ୍ୟୁ ସମ୍ବନ୍ଧୀୟ ସେହି ବର ହିଁ ମୋର ପ୍ରାର୍ଥନୀୟ । ୧/୧/୨୭

ଅଜୀର୍ୟତାମମୃତାନାମୁପେତ୍ୟ
ଜୀର୍ୟନ୍ ମର୍ତ୍ୟଃ କ୍ୱଧଃସ୍ଥଃ[1] ପ୍ରଜାନନ୍ ।
ଅଭିଧାୟନ୍ ବର୍ଣ୍ଣରତିପ୍ରମୋଦା-
ନତିଦୀର୍ଘେ ଜୀବିତେ କୋ ରମେତ ॥୨୮॥

କୁ-ଅଧଃ-ସ୍ଥଃ ([ଅନ୍ତରିକ୍ଷାଦି ଲୋକର] ଅଧୋଭାଗରେ ପୃଥିବୀରେ ଅବସ୍ଥିତ) **କଃ** (କେଉଁ) **ଜୀର୍ୟନ୍ ମର୍ତ୍ୟଃ** (ଜରା-ମରଣଶୀଳ ବ୍ୟକ୍ତି) **ଅଜୀର୍ୟତାମ୍** (ଜରାଶୂନ୍ୟ) **ଅମୃତାନାମ୍** (ମରଣଶୂନ୍ୟ [ଦେବଗଣଙ୍କର]) **ଉପ-ଇତ୍ୟ** (ନିକଟରେ ଉପସ୍ଥିତ ହୋଇ) **ପ୍ର-ଜାନନ୍** (ପ୍ରକୃଷ୍ଟରୂପରେ ଜାଣି ଅର୍ଥାତ୍ ସେମାନଙ୍କ ନିକଟରୁ ଉତ୍କୃଷ୍ଟ ପ୍ରୟୋଜନ ସିଦ୍ଧ ହୋଇପାରେ ଏହା ଉପଲବ୍ଧି କରି ମଧ୍ୟ) **ବର୍ଣ୍ଣ-ରତି-ପ୍ରମୋଦାନ୍** (ଗୀତି, କ୍ରୀଡ଼ା ଓ ତଦ୍ଜନିତ ସୁଖ) **ଅଭିଧାୟନ୍** ([ଅନିତ୍ୟ ରୂପେ] ନିଶ୍ଚୟ କରି) **ଅତି-ଦୀର୍ଘେ** (ଅତିଦୀର୍ଘ) **ଜୀବିତେ** (ଜୀବନରେ) **ରମେତ** (ଆନନ୍ଦ ଅନୁଭବ କରେ) ? ୧/୧/୨୮

"(ଅନ୍ତରିକ୍ଷାଦିର) ନିମ୍ନସ୍ଥ ପୃଥିବୀର ଅଧିବାସୀ କେଉଁ ଜରାମରଣଶୀଳ ବ୍ୟକ୍ତି ଅଜର ଓ ଅମର ଦେବବୃନ୍ଦଙ୍କ ନିକଟରେ ଉପସ୍ଥିତ ହୋଇ ସେମାନଙ୍କ କୃପାରେ ଉତ୍କୃଷ୍ଟ ପ୍ରୟୋଜନ ସିଦ୍ଧ ହୋଇପାରେ ଏହା ଜାଣି ମଧ୍ୟ ଏବଂ ଅପ୍ସରାମାନଙ୍କର ସଙ୍ଗୀତ, କ୍ରୀଡ଼ା ଏବଂ ସେଥିରୁ ଉତ୍ପନ୍ନ ସୁଖ ଅନିତ୍ୟ ଏହା ସୁବିଦିତ ହୋଇ ମଧ୍ୟ ଦୀର୍ଘକାଳ ବଞ୍ଚିବାରେ ଆନନ୍ଦ ଅନୁଭବ କରିବ ? ୧/୧/୨୮

ଯସ୍ମିନ୍ନିଦଂ ବିଚିକିତ୍ସନ୍ତି ମୃତ୍ୟୋ
ଯତ୍ସାମ୍ପରାୟେ ମହତି ବ୍ରୂହି ନସ୍ତତ୍ ।
ଯୋଽୟଂ ବରୋ ଗୂଢମନୁପ୍ରବିଷ୍ଟୋ
ନାନ୍ୟଂ ତସ୍ମାନ୍ନଚିକେତା ବୃଣୀତେ ॥୨୯॥

ଇତି କଠୋପନିଷଦି ପ୍ରଥମାଧ୍ୟାୟେ ପ୍ରଥମା ବଲ୍ଲୀ ॥

ମୃତ୍ୟୋ (ହେ ଯମରାଜ) **ସାମ୍ପରାୟେ** (ପରଲୋକ ସମ୍ବନ୍ଧରେ) **ଯସ୍ମିନ୍** (ଯେଉଁ ଆତ୍ମବିଷୟରେ) **ଇଦମ୍** ([ଅଛି କି ନାହିଁ] ଏହା) **ବିଚିକିତ୍ସନ୍ତି** ([ଲୋକେ]

---

1. ପାଠାନ୍ତର—**କ୍ୱ ତଦାପ୍ତଃ**=(ଦୁର୍ଲଭ-ପୁରୁଷାର୍ଥ ଲାଭାର୍ଥୀ) କିଏ କେଉଁଠି ପୁତ୍ରାଦିବସ୍ତୁରେ ଆସ୍ଥାବାନ୍ ହୁଏ ?

ସଂଶୟ କରିଥାଆନ୍ତି) **ଯତ୍** (ଯେଉଁ ଆତ୍ମତତ୍ତ୍ୱର ନିର୍ଣ୍ଣୟ) **ମହତି** (ମହତ୍ ପ୍ରୟୋଜନର ସାଧକ) **ତତ୍** (ତାହା) **ନଃ** (ଆମମାନଙ୍କୁ) **ବ୍ରୂହି** (କୁହ) । [ଶ୍ରୁତି କହିଲେ] **ଅୟମ୍** (ଏହି) **ୟଃ** (ଯେଉଁ) **ବରଃ** (ବର) **ଗୂଢମ୍** (ଦୁର୍ଜ୍ଞେୟ ଆତ୍ମବସ୍ତୁ ମଧ୍ୟରେ) **ଅନୁପ୍ରବିଷ୍ଟଃ** (ପ୍ରବେଶ କରିଛି, ଗହନ ଆତ୍ମାଙ୍କୁ ଅବଲମ୍ବନ କରି ରହିଛି) **ନଚିକେତାଃ** (ନଚିକେତା) **ତସ୍ମାତ୍** (ତାହାଠାରୁ) **ଅନ୍ୟମ୍** (ଭିନ୍ନ କିଛି) **ନ ବୃଣୀତେ** (ପ୍ରାର୍ଥନା କରେ ନାହିଁ) । ୧/୧/୨୯

"ହେ ଯମରାଜ, ଯେଉଁ ଆତ୍ମା ସମ୍ବନ୍ଧରେ ଲୋକଙ୍କ ମନରେ 'ଏହା ଅଛି କି ନାହିଁ' ଏହି ପ୍ରକାର ପରଲୋକ-ବିଷୟକ ସଂଶୟ ଉପସ୍ଥିତ ହୁଏ, ଯେଉଁ ତତ୍ତ୍ୱର ନିର୍ଣ୍ଣୟରେ ମହତ୍ ପ୍ରୟୋଜନ (ଅର୍ଥାତ୍ ମୁକ୍ତି) ସୁସାଧିତ ହୁଏ, ତାହା ହିଁ ଆମମାନଙ୍କୁ କହନ୍ତୁ ।" (ଏହାପରେ ଉପନିଷଦ୍ ସ୍ୱୟଂ କହୁଛନ୍ତି)—ଅତି ଦୁର୍ବିଜ୍ଞେୟ ବସ୍ତୁ-ଅବଲମ୍ବନରେ ଏହି ଯେଉଁ ବର ଉପସ୍ଥାପିତ ହୋଇଅଛି, ନଚିକେତା ତଦ୍ଭିନ୍ନ ଅନ୍ୟ କିଛି ହିଁ ପ୍ରାର୍ଥନା କରେ ନାହିଁ ।[1] ୧/୧/୨୯

॥ କଠୋପନିଷଦ୍‌ର ପ୍ରଥମ ଅଧ୍ୟାୟର ପ୍ରଥମ ବଲ୍ଲୀ ସମାପ୍ତ ॥

---

1. ଏଠାରେ କେବଳ ନଚିକେତାଙ୍କ ଉଲ୍ଲେଖ ଥିଲେ ମଧ୍ୟ ଉପନିଷଦ୍‌ର ପ୍ରକୃତ ବକ୍ତବ୍ୟ ହେଉଛି, ଆତ୍ମଜ୍ଞାନର ଅଧିକାରୀ କେହିହେଲେ ଅନିତ୍ୟ ବସ୍ତୁର କାମନା କରନ୍ତି ନାହିଁ । ଏହି ବାକ୍ୟଟି ଆପାତତଃ ନଚିକେତାଙ୍କ ନିଜର ଉକ୍ତି ବୋଲି ପ୍ରତିଭାତ ହେଲେ ମଧ୍ୟ ଆଚାର୍ଯ୍ୟ ଶଙ୍କରଙ୍କ ମତରେ ତାହା ପ୍ରକୃତପକ୍ଷରେ ଶ୍ରୁତିର ହିଁ ସ୍ୱତନ୍ତ୍ର ବଚନ ।

ପ୍ରଥମ ଅଧ୍ୟାୟ

ଦ୍ୱିତୀୟ ବଲ୍ଲୀ

ଅନ୍ୟଚ୍ଛ୍ରେୟୋଽନ୍ୟଦୁତୈବ ପ୍ରେୟ-
ସ୍ତେ ଉଭେ ନାନାର୍ଥେ ପୁରୁଷଂ ସିନୀତଃ ।
ତୟୋଃ ଶ୍ରେୟ ଆଦଦାନସ୍ୟ ସାଧୁ ଭବତି
ହୀୟତେଽର୍ଥାଦ୍ୟ ଉ ପ୍ରେୟୋ ବୃଣୀତେ ॥ ୧ ॥

[ପରୀକ୍ଷାରେ ସନ୍ତୁଷ୍ଟ ହୋଇ ଯମରାଜ କହିଲେ]—**ଶ୍ରେୟଃ** (ନିଃଶ୍ରେୟସ, ଏହି ସ୍ଥଳରେ ମୋକ୍ଷ ପାଇଁ ସାଧନବିଦ୍ୟା) **ଅନ୍ୟତ୍** ([ଅବିଦ୍ୟାଠାରୁ] ପୃଥକ୍) **ଉତ** (ଆଉ) **ପ୍ରେୟଃ** (ପ୍ରିୟ ସ୍ୱର୍ଗାଦି ଓ ପଶୁପୁତ୍ରାଦି, ଏହି ସ୍ଥଳରେ ତାହାର ସାଧନଭୂତ ଅବିଦ୍ୟା) **ଅନ୍ୟତ୍ ଏବ** (ଭିନ୍ନ ଅଟେ) । **ନାନା ଅର୍ଥେ** (ବିଭିନ୍ନ ପ୍ରୟୋଜନ-ସମ୍ପାଦକ) **ତେ ଉଭେ** (ବିଦ୍ୟା ଓ ଅବିଦ୍ୟା ଉଭୟ) **ପୁରୁଷମ୍** (ମନୁଷ୍ୟକୁ) **ସିନୀତଃ** (ବଦ୍ଧ କରିଥାଏ, ଅର୍ଥାତ୍ ଅଧିକାରାନୁଯାୟୀ ମୁକ୍ତି ଓ ସ୍ୱର୍ଗ ପ୍ରତି ପ୍ରବୃତ୍ତ କରେ) । **ତୟୋଃ** (ଶ୍ରେୟ ଓ ପ୍ରେୟ ଏହି ଦୁଇଟି ମଧ୍ୟରୁ) **ଶ୍ରେୟଃ ଆଦଦାନସ୍ୟ** (ଯିଏ ଶ୍ରେୟୋମାର୍ଗ ଅବଲମ୍ବନ କରନ୍ତି ତାଙ୍କର) **ସାଧୁ** (ମଙ୍ଗଳ) **ଭବତି** (ହୁଏ) **ୟଃ** (ଯିଏ) **ପ୍ରେୟଃ ଉ** (ପ୍ରେୟୋମାର୍ଗ ହିଁ) **ବୃଣୀତେ** (ବରଣ କରନ୍ତି) **ଅର୍ଥାତ୍ ହୀୟତେ** ([ସେ] ପୁରୁଷାର୍ଥରୁ ବିଚ୍ୟୁତ ହୁଅନ୍ତି) । ୧/୨/୧

(ଯମରାଜ କହିଲେ) "ଶ୍ରେୟୋମାର୍ଗ ପ୍ରେୟୋମାର୍ଗଠାରୁ ଭିନ୍ନ, ସେହିପରି ପ୍ରେୟୋମାର୍ଗ ମଧ୍ୟ ଶ୍ରେୟୋମାର୍ଗଠାରୁ ଭିନ୍ନ ଅଟେ । (ମୁକ୍ତି ଓ ସ୍ୱର୍ଗାଦି ଏହି) ବିଭିନ୍ନ ପ୍ରୟୋଜନ-ସମ୍ପାଦକ ସେହି ଉଭୟ ହିଁ ପୁରୁଷକୁ ଆବଦ୍ଧ କରେ ।[1] ଏହି ଉଭୟ ମଧ୍ୟରୁ[2] ଯିଏ ଶ୍ରେୟୋମାର୍ଗ ଅବଲମ୍ବନ କରନ୍ତି, ତାଙ୍କର ମଙ୍ଗଳ ହୁଏ; କିନ୍ତୁ ଯିଏ ପ୍ରେୟୋମାର୍ଗକୁ ଗ୍ରହଣ କରନ୍ତି, ସେ ପରମାର୍ଥରୁ ବିଚ୍ୟୁତ ହୁଅନ୍ତି । ୧/୨/୧

---

1. ଯିଏ ମୁକ୍ତି ଓ ସ୍ୱର୍ଗ ପ୍ରାର୍ଥନା କରନ୍ତି ସେ ସେଗୁଡ଼ିକର ସାଧନାରେ ଅର୍ଥାତ୍ ବିଦ୍ୟା ଓ ଅବିଦ୍ୟାରେ ପ୍ରବୃତ୍ତ ହୁଅନ୍ତି । ଏହି କାରଣରୁ ଏଗୁଡ଼ିକୁ ପୁରୁଷର ବନ୍ଧନର କାରଣ ବୋଲି କୁହାଯାଇଛି ।

2. କାରଣ ଏକ ହିଁ ପୁରୁଷ ଦ୍ୱାରା ଉଭୟଟି ଯୁଗପତ୍ ଅନୁଷ୍ଠିତ ହୋଇପାରେ ନାହିଁ ।

ଶ୍ରେୟଶ୍ଚ ପ୍ରେୟଶ୍ଚ ମନୁଷ୍ୟମେତ-
ସ୍ତୌ ସମ୍ପରୀତ୍ୟ ବିବିନକ୍ତି ଧୀରଃ ।
ଶ୍ରେୟୋ ହି ଧୀରୋଽଭି ପ୍ରେୟସୋ ବୃଣୀତେ
ପ୍ରେୟୋ ମନ୍ଦୋ ୟୋଗକ୍ଷେମାଦ୍ ବୃଣୀତେ ॥୨॥

ଶ୍ରେୟଃ ଚ ପ୍ରେୟଃ ଚ (ଶ୍ରେୟ ଏବଂ ପ୍ରେୟ; ଅର୍ଥାତ୍ ମୁକ୍ତି ଏବଂ ସ୍ୱର୍ଗ, ପଶୁ ଓ ପୁତ୍ର ପ୍ରଭୃତି ପାରଲୌକିକ ଓ ଇହଲୌକିକ ପ୍ରିୟ ବସ୍ତୁ ଏବଂ ତାହା ପ୍ରାପ୍ତିର ଉପାୟ ବିଦ୍ୟା ଓ ଅବିଦ୍ୟା) **ମନୁଷ୍ୟମ୍** (ମନୁଷ୍ୟକୁ) **ଏତଃ** ([ପରସ୍ପର ମିଳିତ ହୋଇ] ପ୍ରାପ୍ତ ହୁଏ, ଆଶ୍ରୟ କରେ) **ଧୀରଃ** (ଧୀମାନ୍ ବ୍ୟକ୍ତି) **ତୌ** (ଉଭୟଙ୍କୁ) **ସମ୍ପରୀତ୍ୟ** (ସମ୍ୟକ୍ ଆଲୋଚନା କରି) **ବିବିନକ୍ତି** (ପୃଥକ୍ କରନ୍ତି); **ଧୀରଃ** (ଯିଏ ଧୈର୍ଯ୍ୟଶାଳୀ ସେ) **ପ୍ରେୟସଃ** (ପ୍ରିୟଠାରୁ) **ଶ୍ରେୟଃ ହି ଅଭି-ବୃଣୀତେ** (ଶ୍ରେୟ ଉତ୍ତମ ବୋଲି ତାହାକୁ ଗ୍ରହଣ କରନ୍ତି) **ମନ୍ଦଃ** (ଯିଏ ଅଳ୍ପବୁଦ୍ଧି ସେ) **ୟୋଗ-କ୍ଷେମାତ୍** (ଅପ୍ରାପ୍ତର ପ୍ରାପ୍ତିରୂପକ ଯୋଗ ଏବଂ ପ୍ରାପ୍ତର ସଂରକ୍ଷଣ ରୂପକ କ୍ଷେମ ସକାଶେ, ଅର୍ଥାତ୍ ଶରୀରାଦିର ବୃଦ୍ଧି ଓ ସଂରକ୍ଷଣ ପାଇଁ) **ପ୍ରେୟଃ** (ପ୍ରିୟ ପଶୁପୁତ୍ରାଦି) **ବୃଣୀତେ** (ବରଣ କରନ୍ତି) । ୧/୨/୨

ଶ୍ରେୟ ଏବଂ ପ୍ରେୟ (ସତେ ଯେପରି ସମ୍ମିଳିତଭାବରେ[1]) ମନୁଷ୍ୟକୁ ଆଶ୍ରୟ କରେ । ଧୀମାନ୍ ବ୍ୟକ୍ତି ଉଭୟଙ୍କୁ ସମ୍ୟକ୍ ପରୀକ୍ଷା କରି ପୃଥକ୍ କରନ୍ତି । ଯିଏ ଧୀମାନ୍ ସେ ପ୍ରେୟ ଅପେକ୍ଷା ଶ୍ରେୟକୁ ଉତ୍ତମ ବୋଲି ଜାଣି ତାହାକୁ ଗ୍ରହଣ କରନ୍ତି, କିନ୍ତୁ ଯିଏ ଅଳ୍ପବୁଦ୍ଧି ସେ ଶରୀରାଦିର ବୃଦ୍ଧି ଓ ସଂରକ୍ଷଣ ସକାଶେ ପ୍ରିୟ ପଶୁପୁତ୍ରାଦିକୁ ବରଣ କରନ୍ତି । ୧/୨/୨

ସ ତ୍ୱଂ ପ୍ରିୟାନ୍ ପ୍ରିୟରୂପାଂଶ୍ଚ କାମା-
ନଭିଧ୍ୟାୟନ୍ନଚିକେତୋଽତ୍ୟସ୍ରାକ୍ଷୀଃ ।
ନୈତାଂ ସୃଙ୍କାଂ ବିତ୍ତମୟୀମବାପ୍ତୋ
ୟସ୍ୟାଂ ମଜ୍ଜନ୍ତି ବହବୋ ମନୁଷ୍ୟାଃ ॥୩॥

ନଚିକେତଃ (ହେ ନଚିକେତା) **ସଃ ତ୍ୱମ୍** (ସେହି ତୁମେ, ମୋ ଦ୍ୱାରା ବାରମ୍ବାର ପ୍ରଲୋଭିତ ହୋଇ ମଧ୍ୟ ତୁମେ) **ପ୍ରିୟାନ୍** (ପ୍ରିୟ ପୁତ୍ରାଦି) **ପ୍ରିୟରୂପାନ୍**

1. ମନ୍ଦବୁଦ୍ଧିମାନଙ୍କର ନିକଟରେ ମିଳିତ ବୋଲି ମନେ ହୁଏ; ଏଥିପାଇଁ କୁହାହୋଇଛି ଯେ, ସେମାନେ ସତେ ଯେପରି ସମ୍ମିଳିତଭାବରେ ମନୁଷ୍ୟକୁ ଆଶ୍ରୟ କରନ୍ତି ।

ଚ (ଏବଂ ପ୍ରୀତିସମ୍ପାଦକ ଅପ୍ସରା ପ୍ରଭୃତି) **କାମାନ୍** (ଭୋଗ୍ୟବସ୍ତୁ) **ଅଭିଧାୟନ୍** (ଚିନ୍ତା କରି, ସେମାନଙ୍କର ଅନିତ୍ୟତ୍ୱ ଓ ଅସାରତ୍ୱ ବିବେଚନା କରି) **ଅତ୍ୟସ୍ରାକ୍ଷୀଃ** (ପରିତ୍ୟାଗ କରିଅଛ); **ଏତାମ୍** (ଏହି) **ବିତ୍ତମୟୀମ୍** (ଧନବହୁଳ) **ସୃଙ୍କାମ୍** (ଗତି, ମାର୍ଗ) **ୟସ୍ୟାମ୍** (ଯେଉଁଥିରେ) **ବହବଃ** (ଅନେକ) **ମନୁଷ୍ୟାଃ** (ମନୁଷ୍ୟ) **ମଜ୍ଜନ୍ତି** (ମଗ୍ନ ହୁଅନ୍ତି, ଅବସନ୍ନ ହୁଅନ୍ତି) [ତାହା] **ନ ଅବାପ୍ତଃ** (ଅବଲମ୍ବନ କରି ନାହଁ) । ୧/୨/୩

ହେ ନଚିକେତା, ମୁଁ ତୁମକୁ ବାରମ୍ବାର ପ୍ରଲୋଭନ ଦେଖାଇଲେ ମଧ୍ୟ ତୁମେ ପ୍ରିୟବସ୍ତୁ ଓ ସୁଖଉତ୍ପାଦକ ଭୋଗ୍ୟବିଷୟସମୂହକୁ ପରୀକ୍ଷା କରି ତ୍ୟାଗ କରିଅଛ । ଯେଉଁ ଧନବହୁଳ ମାର୍ଗରେ ଅନେକ ମନୁଷ୍ୟ ନିମଗ୍ନ ହୁଅନ୍ତି ତାହା ତୁମେ ଗ୍ରହଣ କରି ନାହଁ । ୧/୨/୩

ଦୂରମେତେ ବିପରୀତେ ବିଷୂଚୀ
ଅବିଦ୍ୟା ୟା ଚ ବିଦ୍ୟେତି ଜ୍ଞାତା ।
ବିଦ୍ୟାଭୀପ୍ସିନଂ ନଚିକେତସଂ ମନ୍ୟେ
ନ ତ୍ୱା କାମା ବହବୋଽଲୋଲୁପନ୍ତ ॥୪॥

[ଯାହା] **ଅବିଦ୍ୟା** (ଅବିଦ୍ୟା, କର୍ମକାଣ୍ଡରେ ବିହିତ ପ୍ରେୟୋବିଷୟକ) **ୟା ଚ** (ଏବଂ ଯାହା) **ବିଦ୍ୟା** (ବିଦ୍ୟା, ମୋକ୍ଷ-ସାଧନକାରୀ) **ଇତି** (ଏହିପରି) **ଜ୍ଞାତା** ([ବିଦ୍ୱତ୍-ସମାଜରେ] ପରିଚିତ)—[ମୁ., ୧/୧/୪-୫] **ଏତେ** (ଏହି ଦୁଇଟି) **ଦୂରମ୍** (ଅତିଶୟ) **ବିପରୀତେ** (ପରସ୍ପର ଭିନ୍ନ) **ବିଷୂଚୀ** (ଭିନ୍ନଗତି, ଭିନ୍ନଫଳପ୍ରଦ) । **ନଚିକେତସମ୍** (ନଚିକେତା ତୁମକୁ) **ବିଦ୍ୟା-ଅଭୀପ୍ସିନମ୍** (ବିଦ୍ୟାଭିଳାଷୀ, ଶ୍ରେୟୋଭାଜନ) **ମନ୍ୟେ** (ମନେ କରେ) [ଯେହେତୁ] **ତ୍ୱା** (ତୁମକୁ) **ବହବଃ** (ବହୁ) **କାମାଃ** (କାମ୍ୟ ବିଷୟ) **ନ ଅଲୋଲୁପନ୍ତ** (ପ୍ରଲୁବ୍ଧ କରି ନାହିଁ, ଶ୍ରେୟୋମାର୍ଗରୁ ଭ୍ରଷ୍ଟ କରି ନାହିଁ) । ୧/୨/୪

ଯାହା ଅବିଦ୍ୟା ଏବଂ ଯାହା ବିଦ୍ୟା ବୋଲି ଖ୍ୟାତ, ସେହି ଉଭୟ ଅତ୍ୟନ୍ତ ଭିନ୍ନ ଏବଂ ବିରୁଦ୍ଧ-ପଥଗାମୀ । ହେ ନଚିକେତା ତୁମକୁ ମୁଁ ବିଦ୍ୟାଭିଳାଷୀ ମନେ କରେ, କାରଣ ବହୁ କାମ୍ୟବସ୍ତୁ ତୁମକୁ ପ୍ରଲୁବ୍ଧ କରିପାରି ନାହିଁ । ୧/୨/୪

ଅବିଦ୍ୟାୟାମନ୍ତରେ ବର୍ତମାନାଃ
ସ୍ୱୟଂ ଧୀରାଃ ପଣ୍ଡିତମ୍ମନ୍ୟମାନାଃ ।
ଦନ୍ଦ୍ରମ୍ୟମାଣାଃ ପରିୟନ୍ତି ମୂଢା
ଅନ୍ଧେନୈବ ନୀୟମାନା ୟଥାନ୍ଧାଃ ॥୫॥

[ଯେଉଁମାନେ] **ଅବିଦ୍ୟାୟାମ୍ ଅନ୍ତରେ** (ଅବିଦ୍ୟା ମଧ୍ୟରେ) [କାମ୍ୟବସ୍ତୁ ଦ୍ୱାରା ବେଷ୍ଟିତ ହୋଇ] **ବର୍ତ୍ତମାନାଃ** (ଅବସ୍ଥିତ) **ସ୍ୱୟମ୍** (ଆମେ ନିଜେ) **ଧୀରାଃ** (ପ୍ରଜ୍ଞାବାନ୍, ବୁଦ୍ଧିମାନ୍) **ପଣ୍ଡିତଂ-ମନ୍ୟମାନାଃ** (ନିଜକୁ ଶାସ୍ତ୍ରକୁଶଳ ବୋଲି ମନେ କରନ୍ତି) [ସେହି ସକଳ] **ମୂଢାଃ** (ଅବିବେକୀ) **ଦନ୍ଦ୍ରମ୍ୟମାଣାଃ** (ଅତିଶୟ କୁଟିଳ ଗତି ପ୍ରାପ୍ତ ହୋଇ) **ପରିୟନ୍ତି** (ପରିଭ୍ରମଣ କରିଥାଆନ୍ତି)—**ୟଥା** (ଯେପରି) **ଅନ୍ଧେନ ଏବ** (ଅନ୍ଧ ଦ୍ୱାରା) **ନୀୟମାନାଃ** (ପରିଚାଳିତ) **ଅନ୍ଧାଃ** (ଅନ୍ଧଗଣ) [ଭ୍ରମଣ କରନ୍ତି] । [ଅର୍ଥାତ୍ ଜରାମରଣରୋଗାଦି ଦୁଃଖରେ ପତିତ ହୁଅନ୍ତି, କିନ୍ତୁ ମୁକ୍ତି ପାଆନ୍ତି ନାହିଁ] । [ମୁ., ୧/୨/୮] । ୧/୨/୫

ଯେଉଁମାନେ ଅବିଦ୍ୟାର ବଶୀଭୂତ ହୋଇ ନିଜକୁ ପ୍ରଜ୍ଞାବାନ୍ ଓ ଶାସ୍ତ୍ରକୁଶଳ ବୋଲି ଅଭିମାନ କରନ୍ତି, ସେହି ସକଳ ମୂଢ଼, ଅନ୍ଧଙ୍କ ଦ୍ୱାରା ପରିଚାଳିତ ଅନ୍ଧଲୋକଙ୍କ ପରି ଅତିଶୟ କୁଟିଳ ଗତି ପ୍ରାପ୍ତ ହୋଇ (ଦକ୍ଷିଣାଦି ମାର୍ଗରେ) ପରିଭ୍ରମଣ କରିଥାଆନ୍ତି । ୧/୨/୫

ନ ସାମ୍ପରାୟଃ ପ୍ରତିଭାତି ବାଲଂ
ପ୍ରମାଦ୍ୟନ୍ତଂ ବିତ୍ତମୋହେନ ମୂଢମ୍ ।
ଅୟଂ ଲୋକୋ ନାସ୍ତି ପର ଇତି ମାନୀ
ପୁନଃ ପୁନର୍ବଶମାପଦ୍ୟତେ ମେ ॥୬॥

ପ୍ରମାଦ୍ୟନ୍ତମ୍ (ପ୍ରମାଦକାରୀ, ପୁତ୍ରାଦିରେ ଆସକ୍ତଚିତ୍ତ) **ବିତ୍ତମୋହେନ** (ଧନମୋହରେ) **ମୂଢମ୍** (ଅଜ୍ଞାନ-ସମାଚ୍ଛନ୍ନ) **ବାଲମ୍** (ଅବିବେକୀ) **ପ୍ରତି** (ପ୍ରତି) **ସାମ୍ପରାୟଃ** (ପରଲୋକପ୍ରାପ୍ତିର ଶାସ୍ତ୍ରୀୟ ସାଧନ) **ନ ଭାତି** (ପ୍ରକଟିତ ହୁଏ ନାହିଁ); [ସେ] **ଅୟମ୍‌ଲୋକଃ** (ଏହି ଦୃଶ୍ୟମାନ ଭୋଗାୟତନ ଲୋକ ହିଁ [ଅଛି]) **ପରଃ** ([ଅଦୃଷ୍ଟ] ପରଲୋକ) **ନ ଅସ୍ତି** (ନାହିଁ) **ଇତି** (ଏହି ପ୍ରକାର) **ମାନୀ** (ବୁଦ୍ଧିଯୁକ୍ତ ହୋଇ) **ପୁନଃପୁନଃ** (ବାରମ୍ବାର [ଜନ୍ମଲାଭ କରି]) **ମେ** (ମୋର) **ବଶମ୍** (ଅଧୀନତା) **ଆପଦ୍ୟତେ** (ପ୍ରାପ୍ତ ହୁଏ) । ୧/୨/୬

ସଂସାରରେ ଆସକ୍ତଚିତ୍ତ ଏବଂ ଧନାଦିମୋହରେ ସମାଚ୍ଛନ୍ନ ଅବିବେକୀ ନିକଟରେ ପରଲୋକସମ୍ବନ୍ଧୀୟ ସାଧନ ପ୍ରତିଭାତ ହୁଏ ନାହିଁ । 'କେବଳ ଏହି ଦୃଶ୍ୟମାନ ଲୋକ ହିଁ ଅଛି, ପରଲୋକ ନାହିଁ'—ଏହିପରି ମନେ କରି ମନୁଷ୍ୟ ପୁନଃପୁନଃ ମୋର (ଅର୍ଥାତ୍ ମୃତ୍ୟୁର) ଅଧୀନତା ପ୍ରାପ୍ତ ହୁଏ । ୧/୨/୬

ଶ୍ରବଣାୟାପି ବହୁଭିର୍ଯୋ ନ ଲଭ୍ୟଃ
ଶୃଣ୍ୱନ୍ତୋଽପି ବହବୋ ୟଂ ନ ବିଦ୍ୟୁଃ ।
ଆଶ୍ଚର୍ଯୋ ବକ୍ତା କୁଶଲୋଽସ୍ୟ ଲବ୍ଧା-
ଽଽଶ୍ଚର୍ଯୋ ଜ୍ଞାତା କୁଶଲାନୁଶିଷ୍ଟଃ ॥୭॥

[ଯେହେତୁ] **ୟଃ** (ଆତ୍ମା) **ବହୁଭିଃ** (ଅନେକଙ୍କ ପକ୍ଷରେ) **ଶ୍ରବଣାୟ ଅପି** (ଶ୍ରବଣମାତ୍ର ପାଇଁ ମଧ୍ୟ) **ନ ଲଭ୍ୟଃ** (ସୁଲଭ ନୁହନ୍ତି) [ଯେହେତୁ] **ୟମ୍** (ଯାହାଙ୍କୁ) **ଶୃଣ୍ୱନ୍ତଃ ଅପି** (ଶ୍ରବଣ କରି ମଧ୍ୟ) **ବହବଃ** (ଅନେକେ) **ନ ବିଦ୍ୟୁଃ** (ଜାଣି ପାରନ୍ତି ନାହିଁ) [ଅତଏବ] **ଅସ୍ୟ** (ଏହି ଆତ୍ମାର) **ବକ୍ତା** (ଉପଦେଷ୍ଟା, ଆଚାର୍ଯ୍ୟ) **ଆଶ୍ଚର୍ଯଃ** (ଅଦ୍ଭୁତପ୍ରାୟ, ବିରଳ) [ଏବଂ] **କୁଶଲଃ** (ନିପୁଣ ବ୍ୟକ୍ତି ହିଁ) **ଲବ୍ଧା** (ଆତ୍ମଜ୍ଞାନବାନ୍ ହୁଅନ୍ତି); [କାରଣ] **କୁଶଲ-ଅନୁଶିଷ୍ଟଃ** [ନିପୁଣ ଆଚାର୍ଯ୍ୟଙ୍କ ଦ୍ୱାରା ଉପଦିଷ୍ଟ] **ଆଶ୍ଚର୍ଯଃ** (ବିରଳ କେହି, କୌଣସି ବିଶେଷ ଅଧିକାରୀ ହିଁ) **ଜ୍ଞାତା** (ଜ୍ଞାନବାନ୍ ହୁଅନ୍ତି) । [ଗୀତା, ୨/୨୯] । ୧/୨/୭

ଯେହେତୁ ଆତ୍ମ ସମ୍ବନ୍ଧରେ ଅନେକେ ଶ୍ରବଣ ମଧ୍ୟ କରିପାରନ୍ତି ନାହିଁ, ଏବଂ ଶ୍ରବଣ କରି ମଧ୍ୟ ଅନେକେ ତାହା ସମ୍ବନ୍ଧରେ ଧାରଣା କରିପାରନ୍ତି ନାହିଁ । ଅତଏବ ସେହି ଆତ୍ମାର ଉପଦେଷ୍ଟା ଅତି ବିରଳ ଏବଂ ଅନୁଭବକାରୀ ମଧ୍ୟ ସୁନିପୁଣ । କାରଣ ନିପୁଣ ଆଚାର୍ଯ୍ୟଙ୍କ ଦ୍ୱାରା ଉପଦିଷ୍ଟ ହୋଇ ବିରଳ କେହି କେହି ସେହି ଆତ୍ମାଙ୍କୁ ଜ୍ଞାତ ହୁଅନ୍ତି । ୧/୨/୭

ନ ନରେଣାବରେଣ ପ୍ରୋକ୍ତ ଏଷ
ସୁବିଜ୍ଞେୟୋ ବହୁଧା ଚିନ୍ତ୍ୟମାନଃ ।
ଅନନ୍ୟପ୍ରୋକ୍ତେ ଗତିରତ୍ର ନାସ୍ତି
ଅଣୀୟାନ୍ ହ୍ୟତର୍କ୍ୟମଣୁପ୍ରମାଣାତ୍ ॥୮॥

ଅବରେଣ (ହୀନ, ପ୍ରାକୃତବୁଦ୍ଧି) **ନରେଣ** (ମନୁଷ୍ୟ ଦ୍ୱାରା) **ପ୍ରୋକ୍ତଃ** (ଉପଦିଷ୍ଟ) **ଏଷଃ** (ଏହି ଆତ୍ମା) **ସୁବିଜ୍ଞେୟଃ** (ଉତ୍ତମରୂପରେ ଜ୍ଞାନଗମ୍ୟ) **ନ** (ହୁଅନ୍ତି ନାହିଁ) [ଯେହେତୁ ସେ] **ବହୁଧା** ([ଅସ୍ତି-ନାସ୍ତି, କର୍ତ୍ତା-ଅକର୍ତ୍ତା, ଶୁଦ୍ଧ-ଅଶୁଦ୍ଧ ଇତ୍ୟାଦି] ବହୁବିଧ-ରୂପରେ) **ଚିନ୍ତ୍ୟମାନଃ** (ଚିନ୍ତାର ବିଷୟ ହୁଅନ୍ତି) । **ଅନନ୍ୟ-ପ୍ରୋକ୍ତେ** (ପ୍ରତିପାଦ୍ୟ ଆତ୍ମା ସହିତ ନିଜର ଅଭେଦ-ଦର୍ଶନକାରୀ ଆଚାର୍ଯ୍ୟଙ୍କ ଦ୍ୱାରା ଆତ୍ମା ଉପଦିଷ୍ଟ ହେଲେ) **ଅତ୍ର** (ଏହି ଆତ୍ମା ବିଷୟରେ) **ଗତିଃ** (ଅସ୍ତି-ନାସ୍ତି ପ୍ରଭୃତି ସଂଶୟର ଗତି) **ନ ଅସ୍ତି** (ରହେ ନାହିଁ) [ଅଥବା **ଅନନ୍ୟପ୍ରୋକ୍ତେ**=ଅଭିନ୍ନ ଆତ୍ମା ଉପଦିଷ୍ଟ ହେଲେ, **ଅତ୍ର**=ଆତ୍ମାଠାରେ, **ଗତିଃ ନାସ୍ତି**='ମୁଁ ବ୍ରହ୍ମ' ଏହି ଜ୍ଞାନ ବ୍ୟତୀତ ଅନ୍ୟ କୌଣସି ଅବଗତି ଅବଶିଷ୍ଟ ରହେ ନାହିଁ, କିମ୍ବା **ଅତ୍ର**=ଏହି ଜଗତ୍‌ରେ, **ଗତିଃ**=ସଂସାରଗତି, **ନାସ୍ତି**=ହୁଏ ନାହିଁ] [ଅନ୍ୟଥା] **ଅଣୁ-ପ୍ରମାଣାତ୍** ([ବୁଦ୍ଧିସହାୟରେ ତାହାଙ୍କୁ] ଅତି ସୂକ୍ଷ୍ମରୂପରେ ପ୍ରମାଣ କଲେ ମଧ୍ୟ [ସେ ଅନ୍ୟ ଦ୍ୱାରା] ତାହା ଅପେକ୍ଷା) **ଅଣୀୟାନ୍** (ସୂକ୍ଷ୍ମତର [ବୋଲି ପ୍ରମାଣିତ ହୁଅନ୍ତି]) **ହି** (କାହିଁକି ନା) [ଆତ୍ମା] **ଅତର୍କ୍ୟମ୍** (=**ଅତର୍କ୍ୟଃ**, ତର୍କର ଅତୀତ) । ୧/୨/୮

ପ୍ରାକୃତବୁଦ୍ଧି-ସମ୍ପନ୍ନ କେହି ଆତ୍ମଜ୍ଞାନ ଉପଦେଶ ପ୍ରଦାନ କଲେ ମଧ୍ୟ, ଉକ୍ତ ଆତ୍ମା ସମ୍ୟକ୍ ପ୍ରକାର ଜ୍ଞାତ ହୁଅନ୍ତି ନାହିଁ, କାରଣ ସେ (ସେମାନଙ୍କ ପାଖରେ) ନାନାପ୍ରକାର ବିକଳ୍ପର ବିଷୟ ହୋଇଥାଆନ୍ତି । ଅଭେଦଦର୍ଶୀ ଜୀବନ୍ମୁକ୍ତ ଆଚାର୍ଯ୍ୟ ଉପଦେଶ ପ୍ରଦାନ କଲେ ଆତ୍ମାଙ୍କ ସମ୍ବନ୍ଧରେ ସକଳ ସଂଶୟର ଅବସାନ ହୁଏ । (ତର୍କ ଦ୍ୱାରା) ଆତ୍ମାଙ୍କୁ ସୂକ୍ଷ୍ମ ବୋଲି ପ୍ରମାଣ କଲେ ସେ ତାହା ଅପେକ୍ଷା ମଧ୍ୟ ଅଣୁତର ବୋଲି ପ୍ରମାଣିତ ହୋଇପାରନ୍ତି, କାରଣ ବସ୍ତୁତଃ ସେ ତର୍କର ଅତୀତ[1] । ୧/୨/୮

---

1. ବ୍ର. ସୂ., ୨/୧/୧୧ ଦ୍ରଷ୍ଟବ୍ୟ ।

ନୈଷା ତର୍କେଣ ମତିରାପନେୟା
ପ୍ରୋକ୍ତାନ୍ୟେନୈବ ସୁଜ୍ଞାନାୟ ପ୍ରେଷ୍ଠ ।
ୟାଂ ତ୍ୱମାପଃ ସତ୍ୟଧୃତିର୍ବତାସି
ତ୍ୱାଦୃଙ୍ ନୋ ଭୂୟାନ୍ନଚିକେତଃ ପ୍ରଷ୍ଟା ॥୯॥

ପ୍ରେଷ୍ଠ (ହେ ପ୍ରିୟତମ) **ୟାମ୍** (ଯେଉଁ ଆତ୍ମବିଷୟିଣୀ ବୁଦ୍ଧି) **ତ୍ୱମ୍** (ତୁମେ) **ଆପଃ** (ପ୍ରାପ୍ତ ହୋଇଅଛ) **ଏଷା** (ଏହି) **ମତିଃ** (ଜ୍ଞାନ) **ତର୍କେଣ** (ତର୍କଦ୍ୱାରା) **ନ ଆପନେୟା** (ମିଳେ ନାହିଁ) । **ଅନ୍ୟେନ ଏବ** (ତାର୍କିକଠାରୁ ଭିନ୍ନ ଶାସ୍ତ୍ରାର୍ଥଦର୍ଶୀଙ୍କ ଦ୍ୱାରା ହିଁ) **ପ୍ରୋକ୍ତା** (ପ୍ରକୃଷ୍ଟରୂପରେ ଉପଦିଷ୍ଟ ହେଲେ) [ସେହି ଜ୍ଞାନ] **ସୁଜ୍ଞାନାୟ** (ସାକ୍ଷାତ୍କାରର କାରଣ ହୁଏ) । **ନଚିକେତଃ** (ହେ ନଚିକେତା) **ସତ୍ୟ-ଧୃତିଃ ବତ ଅସି** (ତୁମେ ବସ୍ତୁତଃ ହିଁ ପରମାର୍ଥ-ବିଷୟରେ ଧାରଣାବାନ୍ ହୋଇଅଛ)—**ନଃ** (ଆମ ନିକଟରେ) **ପ୍ରଷ୍ଟା** (ପ୍ରଶ୍ନକାରୀ, ଜିଜ୍ଞାସୁ) **ତ୍ୱାଦୃକ୍** (ତୁମ ପରି) **ଭୂୟାତ୍** (ହେଉ) । ୧/୨/୯

ହେ ପ୍ରିୟତମ, ତୁମର ଯେଉଁ ସଦ୍‌ବୁଦ୍ଧି ହୋଇଛି, ତାହା ତର୍କ ଦ୍ୱାରା ଲଭ୍ୟ ନୁହେଁ । ତାର୍କିକଙ୍କଠାରୁ ଭିନ୍ନ କୌଣସି ଜ୍ଞାନୀ ଆଚାର୍ଯ୍ୟଙ୍କ ଦ୍ୱାରା ଉପଦିଷ୍ଟ ହେଲେ ସେହି ବୁଦ୍ଧି ସାକ୍ଷାତ୍କାରର କାରଣ ହୁଏ । ହେ ନଚିକେତା, ତୁମର ବସ୍ତୁତଃ ପରମାର୍ଥବିଷୟରେ ଧାରଣା ହୋଇଅଛି । ତୁମପରି ଜିଜ୍ଞାସୁ ଯେପରି ଆମମାନଙ୍କ ନିକଟକୁ ଆସନ୍ତି । ୧/୨/୯

ଜାନାମ୍ୟହଂ ଶେବଧିରିତ୍ୟନିତ୍ୟଂ
ନ ହ୍ୟଧ୍ରୁବୈଃ ପ୍ରାପ୍ୟତେ ହି ଧ୍ରୁବଂ ତତ୍ ।
ତତୋ ମୟା ନାଚିକେତଶ୍ଚିତୋଽଗ୍ନି-
ରନିତ୍ୟୈର୍ଦ୍ରବ୍ୟୈଃ ପ୍ରାପ୍ତବାନସ୍ମି ନିତ୍ୟମ୍ ॥୧୦॥

ଶେବଧିଃ (ନିଧି, କର୍ମଫଳ) **ଅନିତ୍ୟମ୍** (=**ଅନିତ୍ୟଃ**, ଅନିତ୍ୟ) **ହି** (କାରଣ) **ଅଧ୍ରୁବୈଃ** (ଅନିତ୍ୟ ଦ୍ରବ୍ୟସମୂହଦ୍ୱାରା) **ତତ୍** (ସେହି) **ଧ୍ରୁବମ୍** (ପରମ ନାମରେ ପ୍ରସିଦ୍ଧ ନିତ୍ୟ ଧନ) **ନ ପ୍ରାପ୍ୟତେ** (ଲବ୍ଧ ହୁଏ ନାହିଁ)—**ଇତି** (ଏହା) **ହି** (ଯେହେତୁ) **ଅହମ୍** (ମୁଁ) **ଜାନାମି** (ଅବଗତ ଅଛି) **ତତଃ** (ସୁତରାଂ, ଜାଣି ଶୁଣି ମଧ୍ୟ) **ମୟା** (ମୋ ଦ୍ୱାରା) **ଅନିତ୍ୟୈଃ** (ଅନିତ୍ୟ) **ଦ୍ରବ୍ୟୈଃ** (ଦ୍ରବ୍ୟ ଦ୍ୱାରା) **ନାଚିକେତଃ** (ନାଚିକେତ ନାମକ) **ଅଗ୍ନିଃ** ([ସ୍ୱର୍ଗସୁଖପ୍ରଦ] ଅଗ୍ନି) **ଚିତଃ** (ଚୟନ

କରାହୋଇଅଛି) [ତଦ୍ଦ୍ୱାରା] **ନିତ୍ୟମ୍** ([ଆପେକ୍ଷିକ] ନିତ୍ୟ [ଯମପଦ]) **ପ୍ରାପ୍ତବାନ୍ ଅସ୍ମି** (ପ୍ରାପ୍ତ ହୋଇଛି) । [ତୁମେ ମୋ ଅପେକ୍ଷା ବୁଦ୍ଧିମାନ, କାହିଁକି ନା ପ୍ରଲୋଭିତ ହୋଇ ମଧ୍ୟ ଉକ୍ତ ଚେଷ୍ଟା ତ୍ୟାଗ କରିଅଛ] । ୧/୨/୧୦

ମୁଁ ଏହା ଅବଗତ ଅଛି ଯେ, କର୍ମଫଳ ଦ୍ୱାରା ପ୍ରାପ୍ତ ସମ୍ପଦ ଅନିତ୍ୟ; କାରଣ (କର୍ମ ପାଇଁ ବ୍ୟବହୃତ) ଅନିତ୍ୟ ଦ୍ରବ୍ୟ ଦ୍ୱାରା ସେହି ଧ୍ରୁବ ବସ୍ତୁକୁ ପ୍ରାପ୍ତ ହେବା ଅସମ୍ଭବ । ଅତଏବ ମୁଁ ଜାଣି ଶୁଣି ମଧ୍ୟ ଅନିତ୍ୟ ଦ୍ରବ୍ୟ ସାହାଯ୍ୟରେ ନାଚିକେତ ନାମକ ଅଗ୍ନି ଚୟନ କରିଅଛି ଏବଂ ତଦ୍ଦ୍ୱାରା (ଆପେକ୍ଷିକ ଅର୍ଥାତ୍ ଯେତେକ୍ଷଣ ସଂସାର ଅଛି ସେତେକ୍ଷଣ ସ୍ଥାୟୀ) ନିତ୍ୟପଦ (ଅର୍ଥାତ୍ ଯମପଦ) ଲାଭ କରିଛି । ୧/୨/୧୦

କାମସ୍ୟାପ୍ତିଂ ଜଗତଃ ପ୍ରତିଷ୍ଠାଂ
କ୍ରତୋରନନ୍ତ୍ୟମଭୟସ୍ୟ ପାରମ୍ ।
ସ୍ତୋମମହଦୁରୁଗାୟଂ ପ୍ରତିଷ୍ଠାଂ ଦୃଷ୍ଟ୍ୱା
ଧୃତ୍ୟା ଧୀରୋ ନଚିକେତୋଽତ୍ୟସ୍ରାକ୍ଷୀଃ ॥ ୧ ୧ ॥

ନଚିକେତଃ (ହେ ନଚିକେତା) [ଯେଉଁଥିରେ] **କାମସ୍ୟ** (ବାସନାର) **ଆପ୍ତିମ୍** (ସମାପ୍ତି ହୁଏ ତାହାକୁ) **ଜଗତଃ** (ଅଧ୍ୟାତ୍ମ, ଅଧିଭୂତ ଓ ଅଧିଦୈବ ସମସ୍ତ ବସ୍ତୁର) **ପ୍ରତିଷ୍ଠାମ୍** (ଆଶ୍ରୟକୁ) **କ୍ରତୋଃ** (ଯଜ୍ଞ-ଫଳର) **ଅନନ୍ତ୍ୟମ୍** (=**ଆନନ୍ତ୍ୟମ୍**, ହିରଣ୍ୟଗର୍ଭ-ପଦକୁ) **ଅଭୟସ୍ୟ** ([ଆପେକ୍ଷିକ] ଅଭୟର) **ପାରମ୍** (ପରାକାଷ୍ଠାକୁ) **ସ୍ତୋମ-ମହତ୍** (ପ୍ରଶଂସା ଯୋଗ୍ୟ ଓ ଅଣିମାଦି ଐଶ୍ୱର୍ଯ୍ୟରେ ମହୀୟାନ୍) **ଉରୁଗାୟମ୍** (ବିସ୍ତୀର୍ଣ୍ଣ, ଅନେକକାଳ ସ୍ଥାୟୀ) **ପ୍ରତିଷ୍ଠାମ୍** (ଅବସ୍ଥିତିକୁ) **ଧୃତ୍ୟା** (ଧୈର୍ଯ୍ୟ-ସହକାରେ) **ଦୃଷ୍ଟ୍ୱା** (ବୁଦ୍ଧିପୂର୍ବକ ବିଚାର କରି) **ଧୀରଃ** (ଧୀମାନ୍ ହୋଇ) **ଅତ୍ୟସ୍ରାକ୍ଷୀଃ** (ବର୍ଜନ କରିଅଛ) । ୧/୨/୧୧

ହେ ନଚିକେତା, ତୁମେ କାମ୍ୟବିଷୟରେ ଚରମ ଉତ୍କର୍ଷ, ଜଗତ୍‌ର ଆଶ୍ରୟ, ଯଜ୍ଞର ଅନନ୍ତଫଳସ୍ୱରୂପ, ସ୍ତବନୀୟ, ମହତ ଓ ବିଶାଳ ହିରଣଗର୍ଭପଦରୂପକ ପ୍ରତିଷ୍ଠା ସମ୍ବନ୍ଧରେ ଧୈର୍ଯ୍ୟସହକାରେ ବିଚାର କରି ବୁଦ୍ଧିମତ୍ତା ଲାଭ କରିଅଛ ଏବଂ ତାହା ପରିତ୍ୟାଗ କରିଅଛ । ୧/୨/୧୧

ତଂ ଦୁର୍ଦର୍ଶଂ ଗୂଢମନୁପ୍ରବିଷ୍ଟଂ
ଗୁହାହିତଂ ଗହ୍ୱରେଷ୍ଠଂ ପୁରାଣମ୍ ।
ଅଧ୍ୟାତ୍ମଯୋଗାଧିଗମେନ ଦେବଂ
ମତ୍ୱା ଧୀରୋ ହର୍ଷଶୋକୌ ଜହାତି ॥୧୨॥

[ତୁମେ ଯାହାଙ୍କ ସମ୍ବନ୍ଧରେ ପ୍ରଶ୍ନ କରିଅଛ] ତମ୍ (ସେହି) **ଗୂଢମ୍ ଅନୁପ୍ରବିଷ୍ଟମ୍** (ଦୁର୍ଜ୍ଞେୟରୂପରେ ଅବସ୍ଥିତ, ପ୍ରାକୃତ ବିଷୟବୁଦ୍ଧିଦ୍ୱାରା ପ୍ରଚ୍ଛନ୍ନ) **ଗୁହା-ହିତମ୍** (ହୃଦୟଗୁହାରେ ପ୍ରତିଷ୍ଠିତ ଓ ଉପଲଭ୍ୟ) [ଅତଏବ] **ଗହ୍ୱରେଷ୍ଠମ୍** (ବାସନାଦି ଅନର୍ଥବହୁଳ ଶରୀରରେ ସ୍ଥିତ) [ସୁତରାଂ] **ଦୁର୍ଦର୍ଶମ୍** (ଦୁଃଖରେ ଉପଲବ୍ଧ ହେଉଥିବା) **ପୁରାଣମ୍** (ପୁରାତନ, ସନାତନ) **ଦେବମ୍** (ସ୍ୱପ୍ରକାଶ ଆତ୍ମାକୁ) **ଧୀରଃ** (ଧୀମାନ୍ ବ୍ୟକ୍ତି) **ଅଧ୍ୟାତ୍ମ-ଯୋଗ-ଅଧିଗମେନ** (ପରମାତ୍ମାରେ ମନ ସମାଧାନପୂର୍ବକ) **ମତ୍ୱା** (ସାକ୍ଷାତ୍ କରି) **ହର୍ଷ-ଶୋକୌ** (ସୁଖଦୁଃଖ) **ଜହାତି** (ପରିତ୍ୟାଗ କରନ୍ତି) । ୧/୨/୧୨

ଦୁର୍ଜ୍ଞେୟରୂପରେ ଅବସ୍ଥିତ, ହୃଦୟଗୁହାରେ ପ୍ରତିଷ୍ଠିତ ଓ ଅନର୍ଥ ବହୁଳ ଶରୀରରେ ଅନୁପ୍ରବିଷ୍ଟ ବୋଲି ଯେଉଁ ଆତ୍ମାଙ୍କୁ ଅତି କଷ୍ଟରେ ଅନୁଭବ କରି ହୁଏ, ଧୀମାନ୍ ବ୍ୟକ୍ତି[1] ସେହି ସନାତନ ଓ ସ୍ୱପ୍ରକାଶ ଆତ୍ମାଙ୍କୁ ଅଧ୍ୟାତ୍ମଯୋଗସହାୟରେ[2] ସାକ୍ଷାତ୍ କରି ସୁଖଦୁଃଖରୁ ମୁକ୍ତ ହୁଅନ୍ତି । ୧/୨/୧୨

ଏତଚ୍ଛ୍ରୁତ୍ୱା ସମ୍ପରିଗୃହ୍ୟ ମର୍ତ୍ୟଃ
ପ୍ରବୃହ୍ୟ ଧର୍ମ୍ୟମଣୁମେତମାପ୍ୟ ।
ସ ମୋଦତେ ମୋଦନୀୟଂ ହି ଲବ୍ଧ୍ୱା
ବିବୃତଂ ସଦ୍ମ ନଚିକେତସଂ ମନ୍ୟେ ॥୧୩॥

ମର୍ତ୍ୟଃ (ମନୁଷ୍ୟ) **ଏତତ୍** (ଏହି ଆତ୍ମତତ୍ତ୍ୱ) **ଶ୍ରୁତ୍ୱା** (ଆଚାର୍ଯ୍ୟଙ୍କଠାରୁ ଶ୍ରବଣ କରି) **ସମ୍ପରିଗୃହ୍ୟ** (ସମ୍ୟକ୍‌ଭାବରେ [ଆତ୍ମଭାବରେ] ଗ୍ରହଣ କରି) **ଧର୍ମ୍ୟମ୍** (ଧର୍ମାନୁମୋଦିତ ବସ୍ତୁକୁ) **ପ୍ରବୃହ୍ୟ** (ଶରୀରାଦିରୁ ପୃଥକ୍ କରି) **ଅଣୁମ୍** (ସୂକ୍ଷ୍ମ, ଦୁରଧିଗମ୍ୟ) **ଏତମ୍** (ଏହି ଆତ୍ମାକୁ) **ଆପ୍ୟ** (ପ୍ରାପ୍ତ ହୋଇ) **ସଃ** (ସେହି ମନୁଷ୍ୟ) **ମୋଦନୀୟମ୍ ହି** (ହର୍ଷର କାରଣ-ସ୍ୱରୂପକୁ) **ଲବ୍ଧ୍ୱା** (ଲାଭ କରି)

---

1. ଅର୍ଥାତ୍ ଶ୍ରବଣ-ମନନକାରୀ ।
2. ଅର୍ଥାତ୍ ନିଦିଧ୍ୟାସନ-ସହାୟରେ ।

ମୋଦତେ (ଆନନ୍ଦ ଉପଭୋଗ କରେ) । **ନଚିକେତସମ୍** (ନଚିକେତାଙ୍କ ପ୍ରତି) **ସଦ୍ମ** ([ବ୍ରହ୍ମରୂପ] ଭବନ) **ବିବୃତମ୍** (ଉନ୍ମୁକ୍ତ-ଦ୍ୱାର ବୋଲି) **ମନ୍ୟେ** (ମନେ କରେ) । ୧/୨/୧୩

ମନୁଷ୍ୟ ଏହି ଆତ୍ମତତ୍ତ୍ୱ ଶ୍ରବଣ କରି ଏବଂ ('ମୁଁ ହିଁ ଆତ୍ମା' ଏହି ଭାବରେ) ତାହାଙ୍କୁ ସମ୍ୟକ୍‌ଭାବରେ ଗ୍ରହଣ କରି, ତା'ପରେ ଧର୍ମସହାୟରେ[1] ଲଭ୍ୟ ଏହାକୁ (ଦେହାଦିରୁ) ପୃଥକ୍ କରିଥାଏ[2] ଏବଂ ତାହା ଫଳରେ ସୂକ୍ଷ୍ମ ଏହି ଆତ୍ମାଙ୍କୁ ହିଁ ଲାଭ କରେ ।[3] ଏହି ଆନନ୍ଦର ଆକରକୁ ଲାଭ କରି ସେ ଆନନ୍ଦ ହିଁ ଉପଭୋଗ କରେ । ମୁଁ ମନେ କରେ ଯେ, ନଚିକେତାଙ୍କ ପ୍ରତି ବ୍ରହ୍ମରୂପକ ଗୃହର ଦ୍ୱାର ଉନ୍ମୁକ୍ତ ହୋଇଅଛି ।" ୧/୨/୧୩

ଅନ୍ୟତ୍ର ଧର୍ମାଦନ୍ୟତ୍ରାଧର୍ମାଦନ୍ୟତ୍ରାସ୍ମାତ୍‌କୃତାକୃତାତ୍ ।
ଅନ୍ୟତ୍ର ଭୂତାଚ୍ଚ ଭବ୍ୟାଚ୍ଚ ୟତ୍ତତ୍ପଶ୍ୟସି ତଦ୍ୱଦ ॥୧୪॥

[ନଚିକେତା କହିଲେ—ଆପଣ ମୋତେ ଯେତେବେଳେ ଉପଯୁକ୍ତ ମନେ କରୁଛନ୍ତି ଏବଂ ଆପଣ ଯେତେବେଳେ ତୁଷ୍ଟ ହୋଇଛନ୍ତି ସୁତରାଂ] **ଧର୍ମାତ୍** (ଶାସ୍ତ୍ରୀୟ ଅନୁଷ୍ଠାନାଦିରୁ) **ଅନ୍ୟତ୍ର** (ପୃଥକ୍‌ଭୂତ) **ଅଧର୍ମାତ୍** (ଅଧର୍ମଠାରୁ) **ଅନ୍ୟତ୍ର** (ଭିନ୍ନ) **ଅସ୍ମାତ୍** (ଏହି) **କୃତ-ଅକୃତାତ୍** (କାର୍ଯ୍ୟ ଓ କାରଣଠାରୁ) **ଅନ୍ୟତ୍ର** (ପୃଥକ); **ଭୂତାତ୍ ଚ ଭବ୍ୟାତ୍ ଚ** (ଅତୀତ ଓ ଭବିଷ୍ୟତ [ଏବଂ ବର୍ତ୍ତମାନ]ଠାରୁ) **ଅନ୍ୟତ୍ର** (ପୃଥକ୍) **ୟତ୍ ତତ୍** (ସେହି ଯେଉଁ ବସ୍ତୁ) **ପଶ୍ୟସି** (ପ୍ରତ୍ୟକ୍ଷ କରୁଛନ୍ତି) **ତତ୍** (ତାହା) **ବଦ** ([ମୋତେ] କୁହନ୍ତୁ) । ୧/୨/୧୪

(ନଚିକେତା କହିଲେ) ଧର୍ମଠାରୁ ଭିନ୍ନ, ଅଧର୍ମଠାରୁ ଭିନ୍ନ, ଏହି କାର୍ଯ୍ୟ ଓ କାରଣଠାରୁ ମଧ୍ୟ ପୃଥକ୍ ଏବଂ ଭୂତ, ଭବିଷ୍ୟତ ଓ ବର୍ତ୍ତମାନଠାରୁ ମଧ୍ୟ ଭିନ୍ନ ବୋଲି ଯେଉଁ ବସ୍ତୁକୁ[4] ଆପଣ ପ୍ରତ୍ୟକ୍ଷ କରୁଅଛନ୍ତି, ତାହା ହିଁ ମୋତେ କୁହନ୍ତୁ । ୧/୨/୧୪

---

1. "ତତ୍ତ୍ୱଜ୍ଞାନ ହିଁ ଉତ୍ତମ ଧର୍ମ ।" (ଗୀତା, ୯/୨ ଦ୍ରଷ୍ଟବ୍ୟ) ।
2. ଅର୍ଥାତ୍ ନିଦିଧ୍ୟାସନ ଅବଲମ୍ବନ କରେ ।
3. ଅର୍ଥାତ୍ ସାକ୍ଷାତ୍ ଅନୁଭବ କରେ ।
4. ୧/୧/୨୦ ଦ୍ରଷ୍ଟବ୍ୟ । ଏଠାରେ ମଧ୍ୟ ତାହା ହିଁ ପ୍ରାର୍ଥନୀୟ ।

ସର୍ବେ ବେଦା ଯତ୍ ପଦମାମନନ୍ତି
ତପାଂସି ସର୍ବାଣି ଚ ଯଦ୍ ବଦନ୍ତି ।
ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯଂ ଚରନ୍ତି
ତତ୍ତେ ପଦଂ ସଂଗ୍ରହେଣ ବ୍ରବୀମ୍ୟୋମିତ୍ୟେତତ୍ ॥୧୫॥

[ଯମ କହିଲେ]—**ସର୍ବେ** (ସକଳ) **ବେଦାଃ** (ବେଦ-ସମୂହ, ଅର୍ଥାତ୍ ଉପନିଷଦ୍‌ସମୂହ) **ଯତ୍** (ଯେଉଁ) **ପଦମ୍** (ଗମ୍ୟବସ୍ତୁ) **ଆମନନ୍ତି** (ଅବିରୁଦ୍ଧଭାବରେ ଓ ସୁଚାରୁରୂପରେ ପ୍ରତିପାଦନ କରନ୍ତି) **ଚ** (ଏବଂ) **ସର୍ବାଣି** (ସକଳ) **ତପାଂସି** (ତପସ୍ୟା, କର୍ମରାଶି) **ଯତ୍ ବଦନ୍ତି** (ଯାହା କହନ୍ତି, ଅର୍ଥାତ୍ ଯାହା ପ୍ରାପ୍ତିର ଉପାୟସ୍ୱରୂପ ହୁଅନ୍ତି) **ଯତ୍** (ଯାହା) **ଇଚ୍ଛନ୍ତଃ** (ଅଭିଳାଷ କରି) **ବ୍ରହ୍ମଚର୍ଯମ୍** (ଗୁରୁଗୃହରେ ବାସ ବା ବ୍ରହ୍ମଚର୍ଯ୍ୟ) **ଚରନ୍ତି** (ଆଚରଣ କରନ୍ତି) **ତେ** (ତୁମକୁ) **ତତ୍** (ସେହି) **ପଦମ୍** (ଈପ୍ସିତ ବସ୍ତୁ) **ସଂଗ୍ରହେଣ** (ସଂକ୍ଷେପରେ) **ବ୍ରବୀମି** (କହୁଛି)—**ଏତତ୍** (ଏହା) **ଓମ୍ ଇତି** (ଓମ୍ ଏହି ଶବ୍ଦର ବାଚ୍ୟ ଏବଂ ଓଁକାର ଏହାଙ୍କର ପ୍ରତୀକ) । ୧/୨/୧୫

(ଯମ କହିଲେ) ବେଦସମୂହ ଏକବାକ୍ୟରେ ଯେଉଁ ଈପ୍ସିତ ବସ୍ତୁର ପ୍ରତିପାଦନ କରନ୍ତି, ଅଖିଳ ତପସ୍ୟାଦି କର୍ମରାଶି ଯାହାର ପ୍ରାପ୍ତିର ସହାୟକ ହୁଅନ୍ତି ଏବଂ ଯାହାଙ୍କ କାମନାରେ ଲୋକେ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରନ୍ତି, ମୁଁ ତୁମକୁ ସେହି ପ୍ରାପ୍ୟବସ୍ତୁ ସମ୍ବନ୍ଧରେ ହିଁ ଉପଦେଶ କରୁଅଛି—ଏହା ଓମ୍ (ଶବ୍ଦର ବାଚ୍ୟ ଏବଂ ଓଁକାର ଏହାଙ୍କର ପ୍ରତୀକ[1]) । ୧/୨/୧୫

---

1. ମୁ., ୨/୨/୩ ଦ୍ରଷ୍ଟବ୍ୟ । ଓଁ ଶବ୍ଦଟି ବ୍ରହ୍ମଙ୍କର ନାମ ବା ବାଚକ; ଅର୍ଥାତ୍ ଓମ୍-ଶବ୍ଦ ଦ୍ୱାରା ବ୍ରହ୍ମକୁ ହିଁ ବୁଝାଯାଏ । ପୁଣି ତାହା ତାଙ୍କର ପ୍ରତୀକ; ଅର୍ଥାତ୍ ଶାଳଗ୍ରାମ ଅବଲମ୍ବନରେ ଯେପରି ବିଷ୍ଣୁଙ୍କ ପୂଜା ହୋଇଥାଏ, ସେହିପରି ଓଁକାର-ଅବଲମ୍ବନରେ ବ୍ରହ୍ମଙ୍କର ଉପାସନା କରାହୁଏ । ଉତ୍ତମାଧିକାରୀ ଅବଲମ୍ବନ ବ୍ୟତିରେକେ ମଧ୍ୟ ବ୍ରହ୍ମବିଷୟରେ ଶ୍ରବଣ, ମନନ ଓ ନିଦିଧ୍ୟାସନ କରିପାରନ୍ତି, ମଧ୍ୟମାଧିକାରୀ ଓଁକାରବାଚ୍ୟ ବ୍ରହ୍ମକୁ "ଓଁକାରୋପାଧିକ ବ୍ରହ୍ମ ହିଁ ମୁଁ" ଏହି ପ୍ରକାରରେ ଉପାସନା କରିପାରନ୍ତି ଏବଂ ମନ୍ଦାଧିକାରୀ ଓଁକାରକୁ ହିଁ ପ୍ରତୀକରୂପରେ ଗ୍ରହଣ କରି ଉପାସନା କରିପାରନ୍ତି । ଗୀତା, ୮/୧୧, ୧୩ ଦ୍ରଷ୍ଟବ୍ୟ । ତୈ, ୧/୮; ବୃ. ଭାଷ୍ୟ, ୫/୧/୧ ଦ୍ରଷ୍ଟବ୍ୟ ।

ଏତଦ୍ଧ୍ୟେବାକ୍ଷରଂ ବ୍ରହ୍ମ ଏତେଦ୍ଧ୍ୟେବାକ୍ଷରଂ ପରମ୍ ।
ଏତଦ୍ଧ୍ୟେବାକ୍ଷରଂ ଜ୍ଞାତ୍ୱା ୟୋ ୟଦିଚ୍ଛତି ତସ୍ୟ ତତ୍ ॥ ୧୬ ॥

ହି ([ଯେହେତୁ ଓଁକାର ବ୍ରହ୍ମଙ୍କ ବାଚକ ଓ ପ୍ରତୀକ] ଅତଏବ) **ଏତତ୍** (ଏହି) **ଅକ୍ଷରମ୍** (ଅକ୍ଷର, ଶବ୍ଦ) **ବ୍ରହ୍ମ ଏବ** ([କାର୍ଯ୍ୟ ବା ଅପର] ବ୍ରହ୍ମ ହିଁ) **ହି** (ଅତଏବ) **ଏତତ୍** (ଏହି) **ଅକ୍ଷରମ୍** (ଓଁକାର) **ପରମ୍ ଏବ** (ପରବ୍ରହ୍ମ ହିଁ) । **ଏତତ୍ ଅକ୍ଷରମ୍ ଜ୍ଞାତ୍ୱା** (ଏହି ଅକ୍ଷରଙ୍କୁ ବ୍ରହ୍ମରୂପରେ ଉପାସନା କରି) **ୟଃ** (ଯିଏ) **ୟତ୍** (ଯାହା—ପରବ୍ରହ୍ମ ବା ଅପରବ୍ରହ୍ମ) **ଇଚ୍ଛତି** (ଇଚ୍ଛା କରନ୍ତି) **ତସ୍ୟ** (ତାଙ୍କର) **ତତ୍ ହିଁ** (ତାହା ହିଁ) [ହୋଇଥାଏ] । ୧/୨/୧୬

(ଯେହେତୁ ଓଁକାର ବ୍ରହ୍ମଙ୍କ ବାଚକ ଓ ପ୍ରତୀକ) ଅତଏବ ଏହି ଓଁକାର ଅପରବ୍ରହ୍ମ ଏବଂ ପରବ୍ରହ୍ମ ଉଭୟାତ୍ମକ ।[1] ଏହି ଓଁକାରଙ୍କୁ ବ୍ରହ୍ମରୂପରେ ଉପାସନା କରି ଯିଏ ଯାହା ଇଚ୍ଛା କରନ୍ତି ତାଙ୍କର ତାହା ହିଁ (ଅର୍ଥାତ୍ ଅପର ବ୍ରହ୍ମ-ପ୍ରାପ୍ତି ବା ପରବ୍ରହ୍ମ-ଜ୍ଞାନ) ହୋଇଥାଏ[2] । ୧/୨/୧୬

ଏତଦାଲମ୍ବନଂ ଶ୍ରେଷ୍ଠମେତଦାଲମ୍ବନଂ ପରମ୍ ।
ଏତଦାଲମ୍ବନଂ ଜ୍ଞାତ୍ୱା ବ୍ରହ୍ମଲୋକେ ମହୀୟତେ ॥୧୭॥

ଏତତ୍ (ଏହି ଓଁକାରରୂପ) **ଆଲମ୍ବନମ୍** ([ବ୍ରହ୍ମପ୍ରାପ୍ତିର] ଆଶ୍ରୟ) **ଶ୍ରେଷ୍ଠମ୍** (ସର୍ବପ୍ରଧାନ) **ଏତତ୍ ଆଲମ୍ବନମ୍ ପରମ୍** (ପରବ୍ରହ୍ମବିଷୟକ ଏବଂ [ଅପରବ୍ରହ୍ମବିଷୟକ]); **ଏତତ୍ ଆଲମ୍ବନମ୍ ଜ୍ଞାତ୍ୱା** (ଏହି ଆଲମ୍ବନକୁ ଜାଣି ବା ଉପାସନା କରି) **ବ୍ରହ୍ମଲୋକେ** (ବ୍ରହ୍ମଲୋକରେ) **ମହୀୟତେ** (ମହୀୟାନ୍ ହୁଅନ୍ତି) [ଅର୍ଥାତ୍ ପରବ୍ରହ୍ମ ବା ଅପରବ୍ରହ୍ମସ୍ୱରୂପ ହୋଇ ପୂଜ୍ୟ ହୁଅନ୍ତି] । ୧/୨/୧୭

"ଏହା ହିଁ ଶ୍ରେଷ୍ଠ ଆଲମ୍ବନ ଏବଂ ଏହା ହିଁ ପରବ୍ରହ୍ମ ଓ ଅପରବ୍ରହ୍ମ ଏହି ଉଭୟ-ବିଷୟ ପାଇଁ ପରମ ଆଲମ୍ବନ । ଏହି ଆଲମ୍ବନକୁ ଜାଣି ସାଧକ ବ୍ରହ୍ମଲୋକରେ ମହୀୟାନ୍ ହୁଅନ୍ତି । ୧/୨/୧୭

---

1. ପରବ୍ରହ୍ମ ଅର୍ଥାତ୍ ନିର୍ବିଶେଷ ବ୍ରହ୍ମ । ଅପରବ୍ରହ୍ମ ଅର୍ଥାତ୍ ହିରଣ୍ୟଗର୍ଭ, ଏହାଙ୍କର ଅନ୍ୟ ନାମ ହେଉଛି କାର୍ଯ୍ୟବ୍ରହ୍ମ । ପ୍ର., ୫/୨

2. ଓଁ ଶବ୍ଦଟି ପରବ୍ରହ୍ମ ଓ ଅପରବ୍ରହ୍ମ ଉଭୟଙ୍କର ହିଁ ବାଚକ ଓ ପ୍ରତୀକ । ଓଁକାର-ଅବଲମ୍ବନରେ ପରବ୍ରହ୍ମଙ୍କ ଧ୍ୟାନ କଲେ କ୍ରମେ ପରବ୍ରହ୍ମ ଜ୍ଞାତ ହୁଅନ୍ତି ଏବଂ ସେହିପରି ଅପରବ୍ରହ୍ମଙ୍କ ଧ୍ୟାନ କଲେ ଅପରବ୍ରହ୍ମ ପ୍ରାପ୍ତ ହୁଅନ୍ତି । ପରବ୍ରହ୍ମ ପ୍ରାପ୍ତବ୍ୟ ନୁହନ୍ତି, କାରଣ ସେ ସାଧକଙ୍କର ଆତ୍ମସ୍ୱରୂପ । ଉପାଧିବିନାଶରେ ପରବ୍ରହ୍ମଙ୍କ ସହିତ ଐକ୍ୟପ୍ରାପ୍ତିକୁ ହିଁ ବ୍ରହ୍ମଜ୍ଞାନ କୁହାଯାଏ ।

ନ ଜାୟତେ ମ୍ରିୟତେ ବା ବିପଶ୍ଚି-
ନ୍ନାୟଂ କୁତଶ୍ଚିନ୍ନ ବଭୂବ କଶ୍ଚିତ୍ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ॥୧୮॥

[ପୂର୍ବ ମନ୍ତ୍ରରେ ମନ୍ଦ ଓ ମଧ୍ୟମ ଅଧିକାରୀଙ୍କ ଉପାସନା ପାଇଁ ବ୍ରହ୍ମଙ୍କର ପ୍ରତୀକ ଓ ବାଚକ ରୂପରେ ଓଁକାରର ଉପଦେଶ ଦିଆହୋଇଛି; ଏବେ ବ୍ରହ୍ମଙ୍କ ସ୍ୱରୂପ କୁହାହେଉଛି]—**ବିପଶ୍ଚିତ୍** (ଅବିଲୁପ୍ତଚୈତନ୍ୟ, ସର୍ବଜ୍ଞ) **ନ ଜାୟତେ** (ଜାତ ହୁଅନ୍ତି ନାହିଁ) **ବା** (କିମ୍ବା) **ନ ମ୍ରିୟତେ** (ବିନଷ୍ଟ ହୁଅନ୍ତି ନାହିଁ); **ଅୟମ୍** (ଏହି ଆତ୍ମା) **କୁତଃ ଚିତ୍** (କୌଣସି କାରଣାନ୍ତରଠାରୁ) **ନ [ବଭୂବ]** (ହୋଇ ନାହାନ୍ତି) **ନ କଃ ଚିତ୍ ବଭୂବ** ([ଆତ୍ମାଠାରୁ ମଧ୍ୟ] କୌଣସି ବସ୍ତୁ ଉତ୍ପନ୍ନ ହୋଇ ନାହିଁ); **ଅୟମ୍** (ଏହି ଆତ୍ମା) **ଅଜଃ** (ଜନ୍ମ-ରହିତ) **ନିତ୍ୟଃ** (ନିତ୍ୟ) **ଶାଶ୍ୱତଃ** (କ୍ଷୟ ରହିତ) **ପୁରାଣଃ** (ପୁରାତନ ହୋଇ ମଧ୍ୟ ନୂତନ, ବୃଦ୍ଧିବର୍ଜିତ) **ଶରୀରେ** (ଦେହ) **ହନ୍ୟମାନେ** ([ଶସ୍ତ୍ରାଦି ଦ୍ୱାରା] ନିହତ ହେଲେ ମଧ୍ୟ) **ନ ହନ୍ୟତେ** (ନିହତ ବା ହିଂସିତ ହୁଅନ୍ତି ନାହିଁ) । ୧/୨/୧୮

ବ୍ରହ୍ମଙ୍କର ଜନ୍ମ ନାହିଁ ଓ ମୃତ୍ୟୁ ମଧ୍ୟ ନାହିଁ । ଏହି ଆତ୍ମା ଅନ୍ୟ କୌଣସି କାରଣରୁ ଉଦ୍ଭୂତ ହୋଇ ନାହାନ୍ତି, ଏହାଙ୍କଠାରୁ ମଧ୍ୟ କିଛି ଉତ୍ପନ୍ନ ହୋଇ ନାହିଁ । ଏହି ଆତ୍ମା ଜନ୍ମରହିତ, ନିତ୍ୟ, ଶାଶ୍ୱତ ଓ ପୁରାତନ । ଶରୀର ନିହତ ହେଲେ ମଧ୍ୟ ତାଙ୍କର ନାଶ ହୁଏ ନାହିଁ[1] । ୧/୨/୧୮

ହନ୍ତା ଚେନ୍ମନ୍ୟତେ ହନ୍ତୁଂ ହତଶ୍ଚେନ୍ମନ୍ୟତେ ହତମ୍ ।
ଉଭୌ ତୌ ନ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ ॥୧୯॥

ଚେତ୍ (ଯଦି) **ହନ୍ତା** (ହତ୍ୟାକାରୀ) **ହନ୍ତୁମ୍** (ହତ୍ୟା କରିବାକୁ) **ମନ୍ୟତେ** (ଅଭିପ୍ରାୟ କରେ) [ଏବଂ] **ହତଃ** (ହତ ବ୍ୟକ୍ତି) **ଚେତ୍** (ଯଦି) **ହତମ୍** ([ଆତ୍ମାକୁ] ହତ) **ମନ୍ୟତେ** (ମନେ କରେ) [ତାହା ହେଲେ] **ତୌ ଉଭୌ** (ସେମାନେ

---

1. ଗୀତା, ୨/୧୫-୨୦, ଶ୍ୱେ., ୩/୨୧ ଦ୍ରଷ୍ଟବ୍ୟ । ବ୍ରହ୍ମଙ୍କର ଜନ୍ମ-ମୃତ୍ୟୁ-ନିଷେଧ ଦ୍ୱାରା ତାହା ହିଁ ଯେ ନଚିକେତାଙ୍କ ଜିଜ୍ଞାସିତ ଆତ୍ମା ଏହା ହିଁ କୁହାହେଲା । କ., ୧/୧/୨୦ ମନ୍ତ୍ରରେ ମରଣ-ନିମିତ୍ତ ନାସ୍ତିତ୍ୱାଶଙ୍କା ହୋଇଥିଲା । ଏଠାରେ ମରଣ ନାହିଁ କହିବା ଦ୍ୱାରା ସେହି ମନ୍ତ୍ରୋକ୍ତ ଅସ୍ତିତ୍ୱବିଷୟକ ପ୍ରଶ୍ନର ଉତ୍ତର ହେଲା ।

ଉଭୟ) **ନ ବିଜାନୀତଃ** (ଆତ୍ମଜ୍ଞାନହୀନ) [କାହିଁକି ନା] **ଅୟମ୍** (ଏହି ଆତ୍ମା) **ନ ହନ୍ତି** (କାହାକୁ ମଧ୍ୟ ହତ୍ୟା କରନ୍ତି ନାହିଁ) **ନ ହନ୍ୟତେ** (ସ୍ୱୟଂ ନିହତ ହୁଅନ୍ତି ନାହିଁ) [ଅର୍ଥାତ୍ ସେ ଧର୍ମାଧର୍ମର ଅତୀତ ଏବଂ ଅବିକାରୀ] । ୧/୨/୧୯

"ହତ୍ୟାକାରୀ ଯଦି ମନେ କରେ ଯେ, (ଆତ୍ମାକୁ) ହତ୍ୟା କରିବି, ଅଥବା ହତ ବ୍ୟକ୍ତି ଯଦି ମନେ କରେ ଯେ ମୁଁ ହତ ହୋଇଛି, ତେବେ ସେମାନେ ଉଭୟ ହିଁ ଅଜ୍ଞ । କାରଣ ଉକ୍ତ ଆତ୍ମା କାହାକୁ ମଧ୍ୟ ହତ୍ୟା କରନ୍ତି ନାହିଁ, କିମ୍ବା ନିଜେ ମଧ୍ୟ ହତ ହୁଅନ୍ତି ନାହିଁ । ୧/୨/୧୯

ଅଣୋରଣୀୟାନ୍ମହତୋ ମହୀୟା-
ନାତ୍ମାଽସ୍ୟ ଜନ୍ତୋର୍ନିହିତୋ ଗୁହାୟାମ୍ ।
ତମକ୍ରତୁଃ ପଶ୍ୟତି ବୀତଶୋକୋ
ଧାତୁପ୍ରସାଦନ୍ମହିମାନମାତ୍ମନଃ ॥୨୦॥

ଅଣୋଃ (ଅତି ସୂକ୍ଷ୍ମବସ୍ତୁଠାରୁ) **ଅଣୀୟାନ୍** (ସୂକ୍ଷ୍ମତର) **ମହତଃ** (ବିଶାଳ ପୃଥିବୀଠାରୁ) **ମହୀୟାନ୍** (ବିଶାଳତର) **ଆତ୍ମା** (ଆତ୍ମା) **ଅସ୍ୟ** (ଏହି) **ଜନ୍ତୋଃ** (ଜୀବର) **ଗୁହାୟାମ୍** (ହୃଦୟଗୁହାରେ) **ନିହିତଃ** (ଜୀବାତ୍ମାରୂପେ ଅବସ୍ଥିତ) । **ଧାତୁପ୍ରସାଦାତ୍** (ଧାତୁସମୂହ ଅର୍ଥାତ୍ ମନ ପ୍ରଭୃତି ଇନ୍ଦ୍ରିୟସମୂହ ବିଶୁଦ୍ଧ ହେଲେ) **ଅକ୍ରତୁଃ** (ନିଷ୍କାମ ବ୍ୟକ୍ତି) **ଆତ୍ମନଃ** (ଆତ୍ମାର) **ତମ୍** (ସେହି) **ମହିମାନମ୍** (ମହିମା, କ୍ଷୟବୃଦ୍ଧି-ରାହିତ୍ୟ) **ପଶ୍ୟତି** (ଦର୍ଶନ କରନ୍ତି, "ମୁଁ ହିଁ ସେହି ଆତ୍ମା" ଏହିପରି ଅନୁଭବ କରନ୍ତି) (ଏବଂ ତାହା ଫଳରେ) **ବୀତଶୋକଃ** (ଶୋକାତୀତ ହୁଅନ୍ତି) । ୧/୨/୨୦

ସୂକ୍ଷ୍ମରୁ ସୂକ୍ଷ୍ମତର ଏବଂ ବିଶାଳରୁ ବିଶାଳତର[1] ଏହି ଆତ୍ମା ପ୍ରତ୍ୟେକ ଜୀବର ହୃଦୟଗୁମ୍ଫାରେ ଅବସ୍ଥିତ । ଅନ୍ତଃକରଣାଦି ବିଶୁଦ୍ଧ ହେଲେ ନିଷ୍କାମ ବ୍ୟକ୍ତି ତାହାଙ୍କୁ ଦର୍ଶନ କରି ଶୋକାତୀତ ହୁଅନ୍ତି । ୧/୨/୨୦

---

1. ଉପାଧି-ଭେଦବଶତଃ ସୂକ୍ଷ୍ମ, ସୂକ୍ଷ୍ମତର, ବିଶାଳ, ବିଶାଳତର ଇତ୍ୟାଦି ଶବ୍ଦର ବ୍ୟବହାର ହୁଏ । ଶ୍ୱେ., ୩/୨୦ ଦ୍ରଷ୍ଟବ୍ୟ ।

ଆସୀନୋ ଦୂରଂ ବ୍ରଜତି ଶୟାନୋ ୟାତି ସର୍ବତଃ ।
କସ୍ତଂ ମଦାମଦଂ ଦେବଂ ମଦନ୍ୟୋ ଜ୍ଞାତୁମର୍ହତି ॥୨୧॥

[ଆତ୍ମା] **ଆସୀନଃ** (ଉପବିଷ୍ଟ [କୂଟସ୍ଥ-ସାକ୍ଷୀରୂପରେ ଅଚଳ ରହି ମଧ୍ୟ]) **ଦୂରମ୍ ବ୍ରଜତି** (ଦୂରକୁ ଗମନ କରନ୍ତି [ଚିତ୍ତବୃତ୍ତି ପ୍ରଭୃତିରେ ପ୍ରତିବିମ୍ବିତରୂପରେ ସଚଳ ହୁଅନ୍ତି]); **ଶୟାନଃ** (ସୁଷୁପ୍ତିକାଳରେ ଉପରତକ୍ରିୟ ହୋଇ ମଧ୍ୟ) [ସାମାନ୍ୟ-ଜ୍ଞାନରୂପରେ ଯେପରି] **ସର୍ବତଃ** (ସର୍ବତ୍ର) **ୟାତି** (ଗମନ କରନ୍ତି); **ତମ୍** (ସେହି) **ମଦ-ଅମଦମ୍** (ହର୍ଷଯୁକ୍ତ ଓ ହର୍ଷବିଯୁକ୍ତ) **ଦେବମ୍** (ପ୍ରକାଶବାନ ଆତ୍ମାଙ୍କୁ) **ମତ୍-ଅନ୍ୟଃ** (ଆମମାନଙ୍କ ପରି ସୂକ୍ଷ୍ମବୁଦ୍ଧି ଜ୍ଞାନୀ ବ୍ୟତୀତ ଅନ୍ୟ) **କଃ** (କିଏ) **ଜ୍ଞାତୁମ୍** (ଜାଣିବାକୁ) **ଅର୍ହତି** (ସମର୍ଥ ହୁଏ) ? ୧/୨/୨୧

(ଆତ୍ମା) ଉପବିଷ୍ଟ ରହି ମଧ୍ୟ ଦୂରକୁ ଗମନ କରନ୍ତି, ଶାୟିତ ରହି ମଧ୍ୟ ସର୍ବତ୍ର ବିଚରଣ କରନ୍ତି; ସେହି ସୁଖଦୁଃଖାନ୍ୱିତ[1] ସ୍ୱପ୍ରକାଶ ଆତ୍ମାକୁ ଆମ ପରି ବିବେକୀ ବ୍ୟକ୍ତି ବ୍ୟତୀତ ଅନ୍ୟ କିଏ ଜାଣିପାରେ ? ୧/୨/୨୧

ଅଶରୀରଂ ଶରୀରେଷ୍ୱନବସ୍ଥେଷ୍ୱବସ୍ଥିତମ୍ ।
ମହାନ୍ତଂ ବିଭୁମାତ୍ମାନଂ ମତ୍ୱା ଧୀରୋ ନ ଶୋଚତି ॥୨୨॥

[ଆତ୍ମଜ୍ଞାନର ଫଳ କହୁଛନ୍ତି]—**ଶରୀରେଷୁ** (ବିଭିନ୍ନ ଦେହରେ) **ଅଶରୀରମ୍** (ଦେହବିହୀନ) **ଅନବସ୍ଥେସୁ** (ଅନିତ୍ୟ ବସ୍ତୁସମୂହ ମଧ୍ୟରେ) **ଅବସ୍ଥିତମ୍** (ନିତ୍ୟ, ଅବିକୃତ) **ମହାନ୍ତମ୍** (ସୁବିପୁଳ) **ବିଭୂମ୍** (ସର୍ବବ୍ୟାପୀ) **ଆତ୍ମାନମ୍** (ଆତ୍ମାକୁ) **ମତ୍ୱା** ("ମୁଁ ହିଁ ସେହି" ଏହିପରି ସାକ୍ଷାତ୍ କରି) **ଧୀରଃ** (ଧୀମାନ୍, ଆତ୍ମବିତ୍) **ନ ଶୋଚତି** (ଶୋକ କରନ୍ତି ନାହିଁ, ଶୋକାତୀତ ହୁଅନ୍ତି) । ୧/୨/୨୨

ବିଭିନ୍ନ ଦେହରେ ଅଶରୀରିରୂପରେ ବିଦ୍ୟମାନ ଏବଂ ଅନିତ୍ୟବସ୍ତୁ ମଧ୍ୟରେ ନିତ୍ୟରୂପରେ ବିରାଜମାନ ସେହି ସୁବିଶାଳ ଓ ସର୍ବବ୍ୟାପୀ ଆତ୍ମାକୁ ସାକ୍ଷାତ୍ କରି ଆତ୍ମବିତ୍ ଶୋକହୀନ ହୁଅନ୍ତି । ୧/୨/୨୨

---

1. ବିରୁଦ୍ଧ ଉପାଧିଧର୍ମବିଶିଷ୍ଟ ବୋଲି ଅଜ୍ଞାନୀ ନିକଟରେ ଆତ୍ମା ନାନାବିରୁଦ୍ଧ ଧର୍ମବାନ୍ ଭାବରେ ପ୍ରତୀତ ହୁଅନ୍ତି । ଇ. ୪ ଦ୍ରଷ୍ଟବ୍ୟ ।

ନାୟମାତ୍ମା ପ୍ରବଚନେନ ଲଭ୍ୟୋ
ନ ମେଧୟା ନ ବହୁନା ଶ୍ରୁତେନ ।
ୟମେବୈଷ ବୃଣୁତେ ତେନ ଲଭ୍ୟ-
ସ୍ତସ୍ୟୈଷ ଆତ୍ମା ବିବୃଣୁତେ ତନୂଂ ସ୍ୱାମ୍ ॥୨୩॥

[ଆତ୍ମଜ୍ଞାନର ଉପାୟ କଥିତ ହେଉଅଛି]—**ଅୟମ୍** (ଏହି) **ଆତ୍ମା** (ଆତ୍ମା) **ପ୍ରବଚନେନ** (ବହୁ ବେଦ ଆୟତ୍ତ କରିବା ଦ୍ୱାରା) **ନ ଲଭ୍ୟଃ** (ପ୍ରାପ୍ତବ୍ୟ, ଜ୍ଞେୟ ନୁହନ୍ତି) **ନ ମେଧୟା** (ଗ୍ରନ୍ଥାର୍ଥଅବଧାରଣ ଶକ୍ତି ଦ୍ୱାରା ମଧ୍ୟ ନୁହେଁ) **ବହୁନା** (ଅନେକ) **ଶ୍ରୁତେନ** (ଶାସ୍ତ୍ର-ଶ୍ରବଣ ଦ୍ୱାରା ମଧ୍ୟ) **ନ** (ନୁହେଁ) । [ତେବେ କେଉଁ ପ୍ରକାରରେ ଲଭ୍ୟ ହୁଅନ୍ତି ?—ଅନ୍ତର୍ଯ୍ୟାମୀରୂପେ ବା ଆଚାର୍ଯ୍ୟରୂପରେ ଅବସ୍ଥିତ] **ଏଷଃ** (ଏହି ଆତ୍ମା) **ୟମ୍ ଏବ** (ଯାହାଙ୍କୁ, ଯେଉଁ ସାଧକଙ୍କୁ) **ବୃଣୁତେ** (ଅନୁଗ୍ରହ କରନ୍ତି) **ତେନ** (ସେହି ଅନୁଗୃହୀତ ଓ ଅଭେଦାନୁସନ୍ଧାନକାରୀ ସାଧକ ଦ୍ୱାରା) **ଲଭ୍ୟଃ** (ଜ୍ଞେୟ ହୁଅନ୍ତି) । **ତସ୍ୟ** (ସେହି ଆତ୍ମକାମୀଙ୍କ ପାଇଁ) **ଏଷଃ ଆତ୍ମା** (ଏହି ଆତ୍ମା) **ସ୍ୱାମ୍** (ସ୍ୱୀୟ) **ତନୂମ୍** (ପାରମାର୍ଥିକ ସ୍ୱରୂପ) **ବିବୃଣୁତେ** (ପ୍ରକାଶ କରନ୍ତି) । [ମୁ., ୩/୨/୩] । ୧/୨/୨୩

ଏହି ଆତ୍ମାଙ୍କୁ ବହୁ ବେଦ ଆୟତ୍ତ କରିବା ଫଳରେ, ଅଥବା ଧାରଣାଶକ୍ତିସହାୟରେ କିମ୍ବା ବହୁଶାସ୍ତ୍ରଶ୍ରବଣ ଦ୍ୱାରା ଜଣାଯାଏ ନାହିଁ ।[1] ଯାହାଙ୍କ ପ୍ରତି ସେ ଅନୁଗ୍ରହ କରନ୍ତି, ସେ ତାହାଙ୍କୁ ଲାଭ କରନ୍ତି; ତାଙ୍କରି ନିକଟରେ ଏହି ଆତ୍ମା ସ୍ୱୀୟ ରୂପ ପ୍ରକଟିତ କରନ୍ତି । ୧/୨/୨୩

ନାବିରତୋ ଦୁଶ୍ଚରିତାନ୍ନାଶାନ୍ତୋ ନାସମାହିତଃ ।
ନାଶାନ୍ତମାନସୋ ବାଽପି ପ୍ରଜ୍ଞାନେନୈନମାପ୍ନୁୟାତ୍ ॥୨୪॥

ଦୁଃ-ଚରିତାତ୍ (ପାପାଚରଣ ଠାରୁ) **ଅବିରତଃ** (ଅନିବୃତ୍ତ) **ଅଶାନ୍ତଃ** (ଇନ୍ଦ୍ରିୟମାନଙ୍କର ବିଷୟ-ପ୍ରବଣତାଠାରୁ ଅନୁପରତ) **ଅସମାହିତଃ** (ଚିତ୍ତ-ସମାଧାନ-ଶୂନ୍ୟ) **ବା ଅପି ଅଶାନ୍ତମାନସଃ** (ଅଥବା [ସମାଧିର ଫଳ ଅଣିମାଦି ଲାଭ ପାଇଁ] ଅସ୍ଥିର ଚିତ୍ତ) [ବ୍ୟକ୍ତି] **ଏନମ୍** (ଏହି ଆତ୍ମାଙ୍କୁ) **ପ୍ରଜ୍ଞାନେନ** (ଜ୍ଞାନ ଦ୍ୱାରା) **ନ ଆପ୍ନୁୟାତ୍** (ଲାଭ କରିପାରନ୍ତି ନାହିଁ) । ୧/୨/୨୪

---

1. ଅର୍ଥାତ୍ ପ୍ରବଚନାଦି ଅତିରିକ୍ତ ଅପର ଗୋଟିଏ ଜିନିଷ ପ୍ରୟୋଜନ—ତାହାହେଲା ଭଗବାନଙ୍କର ଅନୁଗ୍ରହ ।

ଯିଏ ପାପ-ଆଚରଣରୁ ନିବୃତ୍ତ ହୋଇ ନାହିଁ, ଇନ୍ଦ୍ରିୟ-ଲୋଲୁପତାରୁ ବିରତ ହୋଇ ନାହିଁ, ଏକାଗ୍ରଚିତ୍ତ ହୋଇ ନାହିଁ, କିମ୍ବା ସମାଧିର ଫଳଲାଭବିଷୟରେ (ଅଣିମାଦିଲାଭାର୍ଥ) ବ୍ୟାକୁଳ ହୁଏ, ସେ ଏହି ଆତ୍ମାଙ୍କୁ ପ୍ରଜ୍ଞାନ ସହାୟରେ ଲାଭ କରିପାରେ ନାହିଁ[1] । ୧/୨/୨୪

ୟସ୍ୟ ବ୍ରହ୍ମ ଚ କ୍ଷତ୍ରଂ ଚ ଉଭେ ଭବତ ଓଦନଃ ।
ମୃତ୍ୟୁର୍ୟସ୍ୟୋପସେଚନଂ କ ଇତ୍ଥା ବେଦ ୟତ୍ର ସଃ ॥୨୫॥

ଇତି କଠୋପନିଷଦି ପ୍ରଥମାଧ୍ୟାୟେ ଦ୍ୱିତୀୟା ବଲ୍ଲୀ ॥

ୟସ୍ୟ (ଯେଉଁ ପରମାତ୍ମାଙ୍କର) **ବ୍ରହ୍ମ ଚ କ୍ଷତ୍ରମ୍ ଚ** (ସର୍ବଧର୍ମଧାରକ ବ୍ରାହ୍ମଣ ଓ ସର୍ବଧର୍ମରକ୍ଷକ କ୍ଷତ୍ରିୟ) **ଉଭେ** (ଉଭୟ ହିଁ) **ଓଦନଃ** (ଅନ୍ନ) **ଭବତଃ** (ହୁଅନ୍ତି) **ମୃତ୍ୟୁଃ** (ସର୍ବସଂହାରକ ଯମ) **ୟସ୍ୟ** (ଯାହାଙ୍କର) **ଉପସେଚନମ୍** ([ଅନ୍ନର] ଉପକରଣ [ଶାକାଦି]) **ସଃ** (ସେହି ଆତ୍ମା) **ୟତ୍ର** ([ସ୍ୱମହିମାରେ ସର୍ବଭୋକ୍ତାରୂପରେ] ଯେଉଁଠାରେ ଅବସ୍ଥିତ ତାହା) **କଃ** (କିଏ) କେଉଁ ସାଧାରଣ-ବୁଦ୍ଧିଯୁକ୍ତ ମାନବ) **ଇତ୍ଥା** (ଏହିପରି [ଯଥୋକ୍ତ ଜ୍ଞାନୀ ସଦୃଶ]) **ବେଦ** (ଜାଣେ) ? ୧/୨/୨୫

"ବ୍ରାହ୍ମଣ ଓ କ୍ଷତ୍ରିୟ ଉଭୟ ହିଁ ଯାହାଙ୍କର ଅନ୍ନସ୍ଥାନୀୟ ଏବଂ ମୃତ୍ୟୁ ଯାହାଙ୍କର ଶାକାଦି-ସ୍ଥାନୀୟ[2], ସେହି ପରମାତ୍ମା ଯେଉଁଠାରେ ଅବସ୍ଥିତ, ତାହା କିଏ ଏହି ପ୍ରକାରରେ (ଅର୍ଥାତ୍ ଯଥୋକ୍ତ ଜ୍ଞାନୀ ସଦୃଶ) ଜାଣିପାରେ ?" ୧/୨/୨୫

॥ କଠୋପନିଷଦ୍‌ର ପ୍ରଥମ ଅଧ୍ୟାୟର ଦ୍ୱିତୀୟ ବଲ୍ଲୀ ସମାପ୍ତ ॥

---

1. ଅର୍ଥାତ୍ ସର୍ବଶାସ୍ତ୍ରର ଏହା ହିଁ ସୁନିଶ୍ଚିତ ଅର୍ଥ ଯେ, ପାପାଚରଣରୁ ନିବୃତ୍ତ ହେବାକୁ ପଡ଼ିବ; ନତୁବା ପ୍ରଜ୍ଞାନ ହେବ ନାହିଁ ଏବଂ ଆତ୍ମଲାଭ ମଧ୍ୟ ହେବ ନାହିଁ ।

2. ପ୍ରଳୟକାଳରେ ଯିଏ ନିଜ ଭିତରେ ନିଖିଳ-ବିକାରୀ ଜଗତ୍‌କୁ ଉପସଂହୃତ କରନ୍ତି ।

ପ୍ରଥମ ଅଧ୍ୟାୟ

ତୃତୀୟ ବଲ୍ଲୀ

ଋତଂ ପିବନ୍ତୌ ସୁକୃତସ୍ୟ ଲୋକେ
ଗୁହାଂ ପ୍ରବିଷ୍ଟୌ ପରମେ ପରାର୍ଧେ ।
ଛାୟାତପୌ ବ୍ରହ୍ମବିଦୋ ବଦନ୍ତି
ପଞ୍ଚାଗ୍ନୟୋ ଯେ ଚ ତ୍ରିଣାଚିକେତାଃ ॥୧॥

[୧/୨/୪ ମନ୍ତ୍ରରେ ବିଦ୍ୟା ଓ ଅବିଦ୍ୟାର ଫଳ ବ୍ୟାଖ୍ୟା ହୋଇଅଛି; ତାହା ହିଁ ରଥରୂପକ ସହାୟରେ ୧/୩/୩-୯ ମନ୍ତ୍ରରେ ନିରୂପିତ କରିବା ପାଇଁ ଭୂମିକା ପ୍ରସ୍ତୁତ କରାଯାଉଛି]—**ସୁକୃତସ୍ୟ** (ସ୍ୱକୃତ କର୍ମର) **ଋତମ୍** (ସତ୍ୟ, ଅବଶ୍ୟମ୍ଭାବୀ ଫଳ) **ପିବନ୍ତୌ** (ପାନକାରୀ, ଭୋଗକାରୀ ଯେଉଁ ଦୁଇଜଣ ଅର୍ଥାତ୍ ଜୀବାତ୍ମା ଓ ପରମାତ୍ମା) **ଲୋକେ** (ଭୋଗାୟତନ ଶରୀର ମଧ୍ୟରେ) **ପରମେ** (ଉତ୍ତମ) **ପର-ଅର୍ଧେ** (ପରବ୍ରହ୍ମଙ୍କର ଉପଲବ୍ଧି-ସ୍ଥାନ) **ଗୁହାମ୍** (=**ଗୁହାୟାମ୍**, ବୁଦ୍ଧିରେ) ପ୍ରବିଷ୍ଟୌ (ପ୍ରବିଷ୍ଟ ଅଛନ୍ତି) [ସେମାନଙ୍କୁ] **ବ୍ରହ୍ମବିଦଃ** (ବ୍ରହ୍ମଜ୍ଞଗଣ) **ଯେ ଚ** (ଏବଂ ଯେଉଁମାନେ) **ପଞ୍ଚ-ଅଗ୍ନୟଃ** (ଗୃହସ୍ଥ) [ଓ] **ତ୍ରିଣାଚିକେତାଃ** (ଯେଉଁମାନେ ତିନିଥର ନାଚିକେତ ଅଗ୍ନି ଚୟନ କରନ୍ତି) [ସେମାନେ] **ଛାୟା-ଆତପୌ** (ଅନ୍ଧକାର ଓ ଆଲୋକ ପରି ପରସ୍ପର ବିଲକ୍ଷଣ) **ବଦନ୍ତି** (କହିଥାଆନ୍ତି) । ୧/୩/୧

ନିଜ କର୍ମର ଅବଶ୍ୟମ୍ଭାବୀ ଫଳଭୋଗକାରୀ ଯେଉଁ ଦୁଇଜଣ ପୁରୁଷ[1] ଭୋଗାୟତନ ଏହି ଶରୀର ମଧ୍ୟରେ ପରବ୍ରହ୍ମଙ୍କର ଉତ୍ତମ ଉପଲବଧିସ୍ଥାନ ବୁଦ୍ଧିରେ ପ୍ରବିଷ୍ଟ ଅଛନ୍ତି, ସେମାନଙ୍କୁ ବ୍ରହ୍ମବିଦ୍‌ଗଣ ଏବଂ ଅନ୍ୟାନ୍ୟ ଯେଉଁମାନେ ପଞ୍ଚାଗ୍ନିକ[2]

---

1. ଅର୍ଥାତ୍ ଜୀବ ଓ ଈଶ୍ୱର । ଏଠାରେ ଫଳଭୋଗକାରୀ ମାତ୍ରେ ହିଁ ଜୀବ ଅଟନ୍ତି, କିନ୍ତୁ ଈଶ୍ୱରଙ୍କୁ ମଧ୍ୟ ଛତ୍ରିନ୍ୟାୟରେ କର୍ମଫଳ-ଭୋକ୍ତା କୁହାହେଲା । ଗୋଟିଏ ଦଳରେ ଅନେକଙ୍କର ଛତ୍ର ଥିଲେ ଯେପରି କୁହାଯାଏ ଯେ, ଛତ୍ରଧାରୀମାନେ ଯାଉଛନ୍ତି, ସେହିପରି ଜଣେ ଅର୍ଥାତ୍ ଜୀବ ଭୋକ୍ତା ହେଲେ ମଧ୍ୟ ତାଙ୍କର ସାନ୍ନିଧ୍ୟବଶତଃ ପରମାତ୍ମାଙ୍କୁ ମଧ୍ୟ କର୍ମଫଳ-ଭୋକ୍ତା କୁହାହେଲା ।

2. ପଞ୍ଚାଗ୍ନି=ଗାର୍ହପତ୍ୟ, ଆହବନୀୟ, ଦକ୍ଷିଣାଗ୍ନି, ସଭ୍ୟ ଓ ଆବସଥ୍ୟ । ଏହି ସକଳ ଅଗ୍ନିରେ ଗୃହସ୍ଥଗଣ ଯଜ୍ଞ କରନ୍ତି । ଅଥବା ପଞ୍ଚାଗ୍ନି=ଦ୍ୟୁଲୋକ, ପର୍ଜନ୍ୟ, ପୃଥିବୀ, ପୁରୁଷ ଓ ସ୍ତ୍ରୀ ।

କିମ୍ବା ତିନିଥର ନାଚିକେତ ଅଗ୍ନି ଚୟନ କରିଛନ୍ତି ସେମାନେ ମଧ୍ୟ, ଆଲୋକ ଏବଂ ଛାୟା ସଦୃଶ ପରସ୍ପର-ବିଲକ୍ଷଣ କହିଥାଆନ୍ତି । ୧/୩/୧

ୟଃ ସେତୁରୀଜ୍ଞାନାନାମକ୍ଷରଂ ବ୍ରହ୍ମ ୟତ୍ ପରମ୍ ।
ଅଭୟଂ ତିତୀର୍ଷତାଂ ପାରଂ ନାଚିକେତଂ ଶକେମହି ॥୨॥

ୟଃ (ଯେଉଁ ବିରାଟ୍‌ରୂପକ ଅଗ୍ନି) **ଈଜାନାନାମ୍** (ଯଜ୍ଞକାରୀଗଣଙ୍କର) **ସେତୁଃ** (ସେତୁସ୍ୱରୂପ, ଦୁଃଖ ଅତିକ୍ରମର ଉପାୟ) **ନାଚିକେତମ୍** (ସେହି ନାଚିକେତ ଅଗ୍ନିଙ୍କୁ) **ଶକେମହି** ([ଜାଣିବାକୁ ଏବଂ ଚୟନ କରିବାକୁ] [ମୁଁ] ସମର୍ଥ ହୋଇଅଛି) (ଏବଂ) **ଅଭୟମ୍ ପାରମ୍** (ସଂସାର-ସାଗରର ଅଭୟ ତୀରରେ) **ତିତୀର୍ଷତାମ୍** (ଉତ୍ତୀର୍ଣ୍ଣ ହେବାକୁ ଇଚ୍ଛୁକ ବ୍ୟକ୍ତିଗଣଙ୍କ ନିକଟରେ) **ୟତ୍** (ଯାହା) **ଅକ୍ଷରମ୍** (ବିକାରବିହୀନ) **ପରମ୍‌ବ୍ରହ୍ମ** (ପରବ୍ରହ୍ମ) [ତାହା ମଧ୍ୟ ଜାଣିବାକୁ ସମର୍ଥ ହୋଇଅଛି] । ୧/୩/୨

ଯେଉଁ ବିରାଟ୍-ରୂପକ ଅଗ୍ନି ଯଜ୍ଞକାରିଗଣଙ୍କ (ଦୁଃଖ-ଅତିକ୍ରମଣର) ସେତୁସ୍ୱରୂପ ସେହି ନାଚିକେତ ଅଗ୍ନିକୁ ଏବଂ ସଂସାରସାଗରର ଭୟଶୂନ୍ୟ ତୀରକୁ ଗମନେଚ୍ଛୁ ବ୍ୟକ୍ତିଗଣଙ୍କ ନିକଟରେ ଯିଏ ଅକ୍ଷର ପରବ୍ରହ୍ମ ତାହାଙ୍କୁ ମଧ୍ୟ, ଆମେ ଜାଣିବାକୁ ସମର୍ଥ ହୋଇଅଛୁ । ୧/୩/୨

ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ ।
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବ ଚ ॥୩॥

ଆତ୍ମାନମ୍ (କର୍ମଫଳ-ଭୋକ୍ତା ଆତ୍ମାଙ୍କୁ) **ରଥିନମ୍** (ରଥସ୍ୱାମୀ) **ବିଦ୍ଧି** (ଜାଣ) **ତୁ** (କିନ୍ତୁ) **ଶରୀରମ୍** (ଦେହକୁ) **ରଥମ୍ ଏବ** (ରଥ ବୋଲି ହିଁ [ଜାଣ]) **ତୁ ବୁଦ୍ଧିମ୍** (ତଥା ବୁଦ୍ଧିକୁ) **ସାରଥିମ୍** (ରଥଚାଳକ) **ବିଦ୍ଧି** (ଜାଣ) **ଚ** (ଏବଂ) **ମନଃ** (ମନକୁ) **ପ୍ରଗ୍ରହମ୍ ଏବ** (ଲଗାମ ବୋଲି ହିଁ [ଜାଣ]) । ୧/୩/୩

ଜୀବାତ୍ମାକୁ ରଥସ୍ୱାମୀ ଓ ଶରୀରକୁ ହିଁ ରଥ ବୋଲି ଜାଣ; ତଥା ବୁଦ୍ଧିକୁ ରଥଚାଳକ ଓ ମନକୁ ହିଁ ଲଗାମ ବୋଲି ଜାଣ । ୧/୩/୩

ଅଗ୍ନିସ୍ଥାନୀୟ ଏହି ସକଳଙ୍କଠାରେ କ୍ରମାନ୍ୱୟରେ ହୁତ ହୋଇ ଜୀବ ସଂସାରରେ ଜାତ ହୁଏ । ଗୃହସ୍ଥମାନେ ଏହି ଅଗ୍ନିସମୂହର ଉପାସନା କରନ୍ତି । ବୃ., ୬/୨/୯-୧୩

ଇନ୍ଦ୍ରିୟାଣି ହୟାନାହୁର୍ବିଷୟାଂ ସ୍ତେଷୁ ଗୋଚରାନ୍ ।
ଆତ୍ମେନ୍ଦ୍ରିୟମନୋୟୁକ୍ତଂ ଭୋକ୍ତେତ୍ୟାହୁର୍ମନୀଷିଣଃ ॥୪॥

ଇନ୍ଦ୍ରିୟାଣି (ଚକ୍ଷୁରାଦି ଇନ୍ଦ୍ରିୟକୁ) **ହୟାନ୍** (ଅଶ୍ୱସମୂହ) **ଆହୁଃ** (କହିଥାଆନ୍ତି) **ତେଷୁ** (ସେହି ସକଳ ଇନ୍ଦ୍ରିୟାଦିରେ ଗୃହୀତ) **ବିଷୟାନ୍** (ଭୋଗ୍ୟବିଷୟସମୂହକୁ) **ଗୋଚରାନ୍** (ଇନ୍ଦ୍ରିୟରୂପକ ଅଶ୍ୱମାନଙ୍କର ଗମନ ପଥ) [କହିଥାଆନ୍ତି], **ଆତ୍ମା-ଇନ୍ଦ୍ରିୟ-ମନଃ-ୟୁକ୍ତମ୍** (ଶରୀର, ଇନ୍ଦ୍ରିୟ ଓ ମନ-ସଂଯୁକ୍ତ ଆତ୍ମାକୁ) **ମନୀଷିଣଃ** (ବିବେକୀଗଣ) **ଭୋକ୍ତା ଇତି** (ଭୋଗକର୍ତ୍ତାରୂପରେ) **ଆହୁଃ** (କହିଥାଆନ୍ତି) । ୧/୩/୪

ଜ୍ଞାନୀଗଣ ଇନ୍ଦ୍ରିୟସମୂହଙ୍କୁ ଅଶ୍ୱ ଏବଂ ଇନ୍ଦ୍ରିୟଭୋଗ୍ୟ ବିଷୟସମୂହକୁ ଅଶ୍ୱଗଣଙ୍କର ଗମନ ପଥ କହିଥାଆନ୍ତି; (ସେମାନେ) ଶରୀର, ଇନ୍ଦ୍ରିୟ ଓ ମନ-ସଂଯୁକ୍ତ ଜୀବାତ୍ମାକୁ ହିଁ ଭୋଗକର୍ତ୍ତା କହିଥାଆନ୍ତି । ୧/୩/୪

ୟସ୍ତ୍ୱବିଜ୍ଞାନବାନ୍ ଭବତ୍ୟୟୁକ୍ତେନ ମନସା ସଦା ।
ତସ୍ୟେନ୍ଦ୍ରିୟାଣ୍ୟବଶ୍ୟାନି ଦୁଷ୍ଟାଶ୍ୱା ଇବ ସାରଥେଃ ॥୫॥

ତୁ (କିନ୍ତୁ) **ୟଃ** (ଯେଉଁ ବୁଦ୍ଧିରୂପକ ସାରଥି) **ଅୟୁକ୍ତେନ** (ଅସମାହିତ) **ମନସା ସଦା** ([ଲଗାମସ୍ଥାନୀୟ] ମନ ସହିତ ସର୍ବଦା ଯୁକ୍ତ ହୋଇ) **ଅବିଜ୍ଞାନବାନ୍** (ଅନିପୁଣ, ([ପ୍ରବୃତ୍ତି ଓ ନିବୃତ୍ତି-ବିଷୟରେ] ଅବିବେକୀ) **ଭବତି** (ହୁଏ) **ତସ୍ୟ** (ତାହା [ସହିତ ସଂଯୁକ୍ତ]) **ଇନ୍ଦ୍ରିୟାଣି** (ଇନ୍ଦ୍ରିୟସମୂହ) **ସାରଥେଃ** (ରଥ-ଚାଳକର) **ଦୁଷ୍ଟ-ଅଶ୍ୱାଃ ଇବ** (ଅସଂଯତ ଅଶ୍ୱମାନଙ୍କ ପରି) **ଅବଶ୍ୟାନି** (ଦୁର୍ଦ୍ଦମନୀୟ ହୋଇଥାଆନ୍ତି) । ୧/୩/୫

କିନ୍ତୁ ଯେଉଁ ବୁଦ୍ଧି ଅସମାହିତ ମନ ସହିତ ସର୍ବଦା ଯୁକ୍ତ ରହିବାରୁ ବିବେକହୀନ ହୁଏ, ତାହାର (ସହିତ ସଂଯୁକ୍ତ) ଇନ୍ଦ୍ରିୟସମୂହ ସାରଥିଙ୍କର ଦୁଷ୍ଟ ଅଶ୍ୱପରି ଦୁର୍ଦ୍ଦମନୀୟ ହୋଇଥାଆନ୍ତି । ୧/୩/୫

ୟସ୍ତୁ ବିଜ୍ଞାନବାନ୍ ଭବତି ୟୁକ୍ତେନ ମନସା ସଦା
ତସ୍ୟେନ୍ଦ୍ରିୟାଣି ବଶ୍ୟାନି ସଦଶ୍ୱା ଇବ ସାରଥେଃ ॥୬॥

ତୁ (କିନ୍ତୁ) **ୟଃ** (ଯେଉଁ ବୁଦ୍ଧିରୂପକ ସାରଥି) **ସଦା** (ସର୍ବଦା) **ୟୁକ୍ତେନ ମନସା** (ସମାହିତ ମନ ସହିତ ସଂଯୁକ୍ତ ହୋଇ) **ବିଜ୍ଞାନବାନ୍** ([ପ୍ରବୃତ୍ତି ଓ ନିବୃତ୍ତି-ବିଷୟରେ] ବିବେକବାନ୍) **ଭବତି** (ହୁଏ) **ତସ୍ୟ** (ତାହାର) **ଇନ୍ଦ୍ରିୟାଣି** (ଇନ୍ଦ୍ରିୟସମୂହ) **ସାରଥେଃ** (ରଥଚାଳକର) **ସଦଶ୍ୱା ଇବ** (ସୁସଂଯତ ଅଶ୍ୱସମୂହ ପରି) **ବଶ୍ୟାନି** (ଆଜ୍ଞାଧୀନ ରହନ୍ତି) । ୧/୩/୬

କିନ୍ତୁ ଯେଉଁ ବୁଦ୍ଧି ସର୍ବଦା ସମାହିତ ମନ ସହିତ ଯୁକ୍ତ ରହିବାରୁ ବିବେକବାନ୍ ହୁଏ, ତାହାର (ସହିତ ସଂଯୁକ୍ତ) ଇନ୍ଦ୍ରିୟସମୂହ ସାରଥିଙ୍କର ସୁସଂଯତ ଅଶ୍ୱସମୂହ ପରି ଆଜ୍ଞାଧୀନ ହୋଇଥାଏ । ୧/୩/୬

ୟସ୍ତ୍ୱବିଜ୍ଞାନବାନ୍ ଭବତ୍ୟମନସ୍କଃ ସଦାଶୁଚିଃ ।
ନ ସ ତତ୍‌ପଦମାପ୍ନୋତି ସଂସାରଂ ଚାଧିଗଚ୍ଛତି ॥୭॥

ତୁ (ପରନ୍ତୁ) **ୟଃ** (ଯେଉଁ ବୁଦ୍ଧି-ସାରଥି) **ସଦା** (ସର୍ବଦା) **ଅମନସ୍କଃ** (ଅସଂଯତମନା) **ଅବିଜ୍ଞାନବାନ୍** (ଅବିବେକୀ) **ଅଶୁଚିଃ** (ଅପବିତ୍ର, ଇନ୍ଦ୍ରିୟପରତନ୍ତ୍ର) **ଭବତି** (ହୁଏ) [ସେହି ବୁଦ୍ଧି ସାହାଯ୍ୟରେ] **ସଃ** (ସେହି ରଥୀ) **ତତ୍ ପଦମ୍** (ସେହି କୈବଲ୍ୟ ନାମରେ ପ୍ରସିଦ୍ଧ ପରମପଦ) **ନ ଆପ୍ନୋତି** (ପ୍ରାପ୍ତ ହୁଅନ୍ତି ନାହିଁ) **ଚ** (ଅଧିକନ୍ତୁ) **ସଂସାରମ୍** (ଜନ୍ମମରଣରୂପକ ସଂସାରଗତି) **ଅଧିଗଚ୍ଛତି** (ପ୍ରାପ୍ତ ହୁଅନ୍ତି) । ୧/୩/୭

କିନ୍ତୁ ଯେଉଁ ବୁଦ୍ଧି ସର୍ବଦା ଅସମାହିତ ମନ ସହିତ ସଂଯୁକ୍ତ, ଅବିବେକୀ ଓ ଇନ୍ଦ୍ରିୟପରତନ୍ତ୍ର,[1] ସେହି ବୁଦ୍ଧି ସାହାଯ୍ୟରେ[2] ଉକ୍ତ ରଥୀ ପରମପଦ ପ୍ରାପ୍ତ ହୁଅନ୍ତି ନାହିଁ; ଅଧିକନ୍ତୁ ଜନ୍ମମରଣରୂପକ ସଂସାରଗତି ପ୍ରାପ୍ତ ହୁଅନ୍ତି । ୧/୩/୭

---

1. ଅସଂଯତ ମନ ସହିତ ସର୍ବଦା ଯୁକ୍ତ ରହିଲେ ତାହା ପ୍ରଭାବରେ ବୁଦ୍ଧି ମଧ୍ୟ କର୍ତ୍ତବ୍ୟାକର୍ତ୍ତବ୍ୟ-ଜ୍ଞାନଶୂନ୍ୟ ହୁଏ ଏବଂ ଏହା ଫଳରେ ସେ ଇନ୍ଦ୍ରିୟଗୁଡ଼ିକର ଅଧୀନ ହୋଇପଡ଼େ । ଏଥିରୁ ପାପ ଉତ୍ପନ୍ନ ହୁଏ । ଏହି ଅବସ୍ଥାକୁ ମୂଳରେ 'ଅଶୁଚି' କୁହାହୋଇଛି । ପୂର୍ବବର୍ତ୍ତୀ ଶ୍ଲୋକଦ୍ୱୟ ଦ୍ରଷ୍ଟବ୍ୟ ।

2. ମୂଳସ୍ଥ 'ସଃ' ଶବ୍ଦର ଅର୍ଥ 'ସେହି ବୁଦ୍ଧି' କୁହାଗଲେ ଆପତ୍ତି ଏହି ଯେ—ବୁଦ୍ଧି ଜଡ଼, ସେ ପରମାତ୍ମାକୁ କିପରି ଲାଭ କରିବ ? ସୁତରାଂ 'ବୁଦ୍ଧି ସାହାଯ୍ୟରେ ସେହି ରଥୀ' ଏହି ପ୍ରକାର ଅର୍ଥ କରାହେଲା । ପରବର୍ତ୍ତୀ ଶ୍ଲୋକରେ ମଧ୍ୟ ଏହିପରି ବୁଝିବାକୁ ହେବ ।

ଯସ୍ତୁ ବିଜ୍ଞାନବାନ୍ ଭବତି ସମନସ୍କଃ ସଦା ଶୁଚିଃ ।
ସ ତୁ ତତ୍‌ପଦମାପ୍ନୋତି ଯସ୍ମାଦ୍‌ଭୂୟୋ ନ ଜାୟତେ ॥୮॥

ତୁ (କିନ୍ତୁ) **ୟଃ** (ଯେଉଁ ରଥୀ) **ବିଜ୍ଞାନବାନ୍** (କର୍ତ୍ତବ୍ୟ-ଅକର୍ତ୍ତବ୍ୟ ବିବେକ-ବିଶିଷ୍ଟ ବୁଦ୍ଧି-ସାରଥି ସହିତ ସଂଯୁକ୍ତ) **ସମନସ୍କଃ** (ସଂଯତମନା) **ସଦା** (ସର୍ବଦା) **ଶୁଚିଃ** (ପବିତ୍ର, ସ୍ୱଚ୍ଛାନ୍ତକରଣ) **ଭବତି** (ହୁଅନ୍ତି) **ସଃ** (ସେ) **ତୁ** (କିନ୍ତୁ) **ତତ୍ ପଦମ୍** (ସେହି ପରମ ପଦକୁ) **ଆପ୍ନୋତି** (ପ୍ରାପ୍ତ ହୁଅନ୍ତି) **ଯସ୍ମାତ୍** (ଯେଉଁ ପଦରୁ [ବିଚ୍ୟୁତ ହୋଇ]) **ଭୂୟଃ** (ପୁନରାୟ) **ନ ଜାୟତେ** ([କେହି] ଜନ୍ମଗ୍ରହଣ କରନ୍ତି ନାହିଁ) । ୧/୩/୮

କିନ୍ତୁ ଯିଏ ବିବେକବୁଦ୍ଧିରୂପକ ସାରଥି ସହିତ ଯୁକ୍ତ ଏବଂ ସଂଯତମନା ଓ ସର୍ବଦା ପବିତ୍ର, ସେ ସେହି ପଦ ହିଁ ପ୍ରାପ୍ତ ହୁଅନ୍ତି, ଯେଉଁଥିରୁ ପୁନର୍ଜନ୍ମ ହୁଏ ନାହିଁ । ୧/୩/୮

ବିଜ୍ଞାନସାରଥିର୍ୟସ୍ତୁ ମନଃପ୍ରଗ୍ରହବାନ୍ ନରଃ ।
ସୋଽଧ୍ୱନଃ ପାରମାପ୍ନୋତି ତଦ୍ବିଷ୍ଣୋଃ ପରମଂ ପଦମ୍ ॥୯॥

ୟଃ ତୁ (ଅଧିକନ୍ତୁ ଯେଉଁ) **ନରଃ** (ମନୁଷ୍ୟ) **ବିଜ୍ଞାନ-ସାରଥିଃ** (ବିବେକବୁଦ୍ଧିରୂପକ ସାରଥି ସହିତ ଯୁକ୍ତ) **ମନଃ ପ୍ରଗ୍ରହବାନ୍** ([ଇନ୍ଦ୍ରିୟମାନଙ୍କର ନିୟନ୍ତା] ଲଗାମସ୍ଥାନୀୟ ମନ ଯାହାର ଅଧୀନ) **ସଃ** (ସେ) **ଅଧ୍ୱନଃ** (ସଂସାରମାର୍ଗର) **ପାରମ୍** (ପରପାରିକୁ) **ଆପ୍ନୋତି** (ପ୍ରାପ୍ତ ହୁଅନ୍ତି) **ତତ୍** (ଉକ୍ତ ପ୍ରାପ୍ତବ୍ୟ ବସ୍ତୁ) **ବିଷ୍ଣୋଃ** (ବିଷ୍ଣୁଙ୍କର) **ପରମମ୍** (ସର୍ବୋତ୍ତମ) **ପଦମ୍** (ଅଧିଷ୍ଠାନ) [ଅଥବା **"ରାହୋଃ ଶିରଃ ଇତିବତ୍ ଷଷ୍ଠୀ ଔପଚାରିକୀ ।" ବିଷ୍ଣୋଃ ପରମମ୍ ପଦମ୍**=ବ୍ୟାପକ ସର୍ବୋତ୍ତମ ବିଷ୍ଣୁପଦ] । ୧/୩/୯

ଅଧିକନ୍ତୁ ଯେଉଁ ମନୁଷ୍ୟର ବିବେକବୁଦ୍ଧିରୂପକ ସାରଥି ଅଛି ଏବଂ ଲଗାମସ୍ଥାନୀୟ ମନ ଯାହାର ଅଧୀନ, ସେ ସଂସାରମାର୍ଗର ଅତୀତ ବସ୍ତୁ ପ୍ରାପ୍ତ ହୁଅନ୍ତି—ତାହା ହିଁ ବିଷ୍ଣୁଙ୍କର ସର୍ବୋତ୍ତମ ଓ ସୁବିଶାଳ ଅଧିଷ୍ଠାନ[1] । ୧/୩/୯

---

1. ରାହୁର ଶିର କହିଲେ ଯେମିତି ରାହୁକୁ ହିଁ ବୁଝାଏ, କାରଣ ରାହୁ ଓ ଶିର ଅଭିନ୍ନ, ସେହିପରି ବିଷ୍ଣୁଙ୍କ ଅଧିଷ୍ଠାନ କହିଲେ ଜଗତ୍‌ର ଅଧିଷ୍ଠାନ ବିଷ୍ଣୁଙ୍କୁ ହିଁ ବୁଝାଏ ।

ଇନ୍ଦ୍ରିୟେଭ୍ୟଃ ପରା ହ୍ୟର୍ଥା ଅର୍ଥେଭ୍ୟଶ୍ଚ ପରଂ ମନଃ ।
ମନସସ୍ତୁ ପରା ବୁଦ୍ଧିର୍ବୁଦ୍ଧେରାତ୍ମା ମହାନ୍ ପରଃ ॥୧୦॥

[ଇନ୍ଦ୍ରିୟଠାରୁ ଆରମ୍ଭ କରି ସୂକ୍ଷ୍ମତାର ତାରତମ୍ୟକ୍ରମେ ପ୍ରତ୍ୟଗାତ୍ମାଙ୍କ ଜ୍ଞାନ ପାଇଁ ୧୦ ଓ ୧୧ ମନ୍ତ୍ର କୁହାହେଉଅଛି] **ହି** (ନିଶ୍ଚୟ ହିଁ) **ଇନ୍ଦ୍ରିୟେଭ୍ୟଃ** (ଇନ୍ଦ୍ରିୟସମୂହଠାରୁ) **ଅର୍ଥାଃ** (ବିଷୟସମୂହ) **ପରାଃ** (ଶ୍ରେଷ୍ଠ; ସୂକ୍ଷ୍ମତର, ବ୍ୟାପକ ଓ ଆତ୍ମଭୂତ) **ଅର୍ଥେଭ୍ୟଃ ଚ** (ଏବଂ ଭୋଗ୍ୟବିଷୟ-ସମୂହଠାରୁ) **ମନଃ** (ମନ) **ପରମ୍** (ଶ୍ରେଷ୍ଠ) **ମନସଃ ତୁ** (କିନ୍ତୁ ମନଠାରୁ) **ବୁଦ୍ଧିଃ** (ବୁଦ୍ଧି) ପରା (ଶ୍ରେଷ୍ଠ) **ବୁଦ୍ଧେଃ** (ବୁଦ୍ଧିଠାରୁ) **ମହାନ୍** ଆତ୍ମା (ପ୍ରତ୍ୟେକ ପ୍ରାଣୀଙ୍କ ଅନ୍ତର୍ନିହିତ ବ୍ୟାପକ ହିରଣ୍ୟଗର୍ଭ ତତ୍ତ୍ୱ) **ପରଃ** (ଶ୍ରେଷ୍ଠ) । ୧/୩/୧୦

ଇନ୍ଦ୍ରିୟଠାରୁ ବିଷୟସମୂହ ଅବଶ୍ୟ ଶ୍ରେଷ୍ଠ[1], ଏବଂ ବିଷୟସମୂହଠାରୁ ମନ[2] ଶ୍ରେଷ୍ଠ; କିନ୍ତୁ ମନଠାରୁ ବୁଦ୍ଧି[3] ଶ୍ରେଷ୍ଠ ଏବଂ ବୁଦ୍ଧିଠାରୁ ହିରଣ୍ୟଗର୍ଭ ଶ୍ରେଷ୍ଠ । ୧/୩/୧୦

ମହତଃ ପରମବ୍ୟକ୍ତମବ୍ୟକ୍ତାତ୍ ପୁରୁଷଃ ପରଃ ।
ପୁରୁଷାନ୍ନ ପରଂ କିଞ୍ଚିତ୍ସା କାଷ୍ଠା ସା ପରା ଗତିଃ ॥୧୧॥

ମହତଃ (ହିରଣ୍ୟଗର୍ଭଠାରୁ) **ଅବ୍ୟକ୍ତମ୍** (ଅବ୍ୟାକୃତ, ମାୟାତତ୍ତ୍ୱ) [ଶ୍ୱେ., ୪/୧୦] **ପରମ୍** (ଶ୍ରେଷ୍ଠ) **ଅବ୍ୟକ୍ତାତ୍** (ଅବ୍ୟକ୍ତଠାରୁ, ସକଳ କାର୍ଯ୍ୟ ଓ କାରଣର ବୀଜଭୂତ ମାୟାତତ୍ତ୍ୱଠାରୁ) **ପୁରୁଷଃ** (ପରମାତ୍ମା) **ପରଃ** (ଶ୍ରେଷ୍ଠ) **ପୁରୁଷାତ୍** (ପରମାତ୍ମାଙ୍କଠାରୁ) **ପରମ୍** (ଶ୍ରେଷ୍ଠ) **ନ କିଞ୍ଚିତ୍** (କିଛି ନାହିଁ) । **ସା କାଷ୍ଠା** (ସେହି ପରମାତ୍ମାଙ୍କଠାରେ ହିଁ ସକଳ କାର୍ଯ୍ୟକାରଣଭାବର ପର୍ଯ୍ୟାପ୍ତି ବା ଅବସାନ ହୁଏ) **ସା** (ତାହା ହିଁ) **ପରା ଗତିଃ** (ଚରମ ଗମ୍ୟପଦ) । ୧/୩/୧୧

---

1. ଏଠାରେ ପରତ୍ୱ ବା ଶ୍ରେଷ୍ଠତ୍ୱ ଶବ୍ଦ ସୂକ୍ଷ୍ମତର, ଅଧିକ ବ୍ୟାପକ ଓ ସ୍ୱୀୟ ଆତ୍ମଭୂତ (ଅର୍ଥାତ୍ କାରଣାତ୍ମକ) ଅର୍ଥରେ ବ୍ୟବହୃତ ହୋଇଅଛି; କାହିଁକି ନା କାର୍ଯ୍ୟ ଅପେକ୍ଷା କାରଣ ସୂକ୍ଷ୍ମତର ଓ ବ୍ୟାପକ ଏବଂ ତାହା କାର୍ଯ୍ୟର ଆତ୍ମସ୍ୱରୂପ ହୋଇଥାଏ । ବିଷୟସମୂହ ନିଜ ନିଜ ଉପଲବ୍ଧି ପାଇଁ ଉପଯୁକ୍ତ ଇନ୍ଦ୍ରିୟ ନିର୍ମାଣ କରିଛନ୍ତି; ସୁତରାଂ ସେମାନେ ଇନ୍ଦ୍ରିୟ ଅପେକ୍ଷା ଶ୍ରେଷ୍ଠ । ଗୀ., ୩/୪୨ ଏବଂ କ., ୨/୩/୬-ର ଟୀକା ଦ୍ରଷ୍ଟବ୍ୟ ।

2. ଏଠାରେ ମନ ଅର୍ଥରେ ମନର ଆରମ୍ଭକ ଭୂତସୂକ୍ଷ୍ମ ବୁଝିବାକୁ ହେବ । —ଶାଙ୍କରଭାଷ୍ୟ

3. ଏଠାରେ ବୁଦ୍ଧି ଅର୍ଥରେ ଅଧ୍ୟବସାୟାଦିର ଆରମ୍ଭକ ଭୂତସୂକ୍ଷ୍ମ ବୁଝିବାକୁ ହେବ । —ଶାଙ୍କରଭାଷ୍ୟ

ହିରଣ୍ୟଗର୍ଭଠାରୁ ଅବ୍ୟକ୍ତ[1] ଶ୍ରେଷ୍ଠ, ଅବ୍ୟକ୍ତଠାରୁ ପରମାତ୍ମା ଶ୍ରେଷ୍ଠ । ପରମାତ୍ମାଙ୍କଠାରୁ ଶ୍ରେଷ୍ଠ ଆଉ କିଛି ନାହିଁ । ପରମାତ୍ମା ହିଁ ସମସ୍ତଙ୍କର ପରାକାଷ୍ଠା, ସେ ହିଁ ପରମଗତି । ୧/୩/୧୧

ଏଷ ସର୍ବେଷୁ ଭୂତେଷୁ ଗୁଢୋଽଽତ୍ମା ନ ପ୍ରକାଶତେ ।
ଦୃଶ୍ୟତେ ତ୍ୱଗ୍ର୍ୟୟା ବୁଦ୍ଧ୍ୟା ସୂକ୍ଷ୍ମୟା ସୂକ୍ଷ୍ମଦର୍ଶିଭିଃ ॥୧୨॥

ଏଷଃ (ଏହି ପୁରୁଷ ବା ପରମାତ୍ମା) **ସର୍ବେଷୁ** (ସକଳ) **ଭୂତେଷୁ** (ଜୀବରେ) **ଗୂଢ** (ଅବିଦ୍ୟାମାୟାଚ୍ଛନ୍ନ) (ସୁତରାଂ) **ଆତ୍ମା ନ ପ୍ରକାଶତେ** ([କାହା ନିକଟରେ ଦ୍ରଷ୍ଟାର ସ୍ୱୀୟ] ଆତ୍ମାରୂପରେ ପ୍ରକାଶିତ ହୁଅନ୍ତି ନାହିଁ) । **ତୁ** (କିନ୍ତୁ) **ଅଗ୍ର୍ୟୟା** (ଏକାଗ୍ରତାଯୁକ୍ତ) **ସୂକ୍ଷ୍ମୟା** (ସୂକ୍ଷ୍ମବସ୍ତୁ) **ବୁଦ୍ଧ୍ୟା** (ବୁଦ୍ଧି ସହାୟରେ) **ସୂକ୍ଷ୍ମ ଦର୍ଶିଭିଃ** ([ଅବ୍ୟବହିତ ପୂର୍ବ ମନ୍ତ୍ରଦ୍ୱୟୋକ୍ତ ପ୍ରକାରରେ] ସୂକ୍ଷ୍ମତାର ତାରତମ୍ୟକ୍ରମରେ ସୂକ୍ଷ୍ମତମ ବସ୍ତୁଦର୍ଶନରେ ପାରଙ୍ଗମ ବ୍ୟକ୍ତିଗଣଙ୍କ ଦ୍ୱାରା) **ଦୃଶ୍ୟତେ** (ଦୃଷ୍ଟ ହୁଅନ୍ତି) । [ଗୀତା, ୭/୨୫ ଏବଂ କ., ୨/୩/୯-୧୨ ଦ୍ରଷ୍ଟବ୍ୟ] । ୧/୩/୧୨

ଏହି ପୁରୁଷ ବା ପରମାତ୍ମା ପ୍ରତ୍ୟେକ ଜୀବଙ୍କ ଭିତରେ ଆବୃତ ରହିଥିବାରୁ ଆତ୍ମାରୂପରେ ପ୍ରକାଶିତ ହୁଅନ୍ତି ନାହିଁ । କିନ୍ତୁ ଏକାଗ୍ର ଓ ସୂକ୍ଷ୍ମ ବୁଦ୍ଧି ସହାୟରେ ମେଧାବୀଗଣ ତାହାଙ୍କୁ ପ୍ରତ୍ୟକ୍ଷ କରନ୍ତି । ୧/୩/୧୨

ୟଚ୍ଛେଦ୍ବାଙ୍ମନସୀ ପ୍ରାଜ୍ଞସ୍ତଦ୍ୟଚ୍ଛେଜ୍ଜ୍ଞାନ ଆତ୍ମନି ।
ଜ୍ଞାନମାତ୍ମନି ମହତି ନିୟଚ୍ଛେତ୍ତଦ୍ୟଚ୍ଛେଚ୍ଛାନ୍ତ ଆତ୍ମନି ॥୧୩॥

[ବ୍ରହ୍ମଜ୍ଞାନର ସାଧନ କୁହାହେଉଛି]—**ପ୍ରାଜ୍ଞଃ** (ବିବେକୀ ପୁରୁଷ) **ବାକ୍** (=**ବାଚମ୍** ବାଗିନ୍ଦ୍ରିୟକୁ ଅର୍ଥାତ୍ ସକଳ ଇନ୍ଦ୍ରିୟଙ୍କୁ) **ମନସି** (ସଂକଳ୍ପ-ବିକଳ୍ପାତ୍ମକ ମନରେ) **ୟଚ୍ଛେତ୍** (ଅର୍ପଣ କରିବେ, ଲୟ କରିବେ); **ତତ୍** (ଉକ୍ତ ମନକୁ) **ଜ୍ଞାନେ** (ପ୍ରକାଶସ୍ୱରୂପ) **ଆତ୍ମନି** (ବୁଦ୍ଧିରେ) **ୟଚ୍ଛେତ୍** (ଲୟ କରିବେ); **ଜ୍ଞାନମ୍** (ବୁଦ୍ଧିକୁ) **ଆତ୍ମନି ମହତି** (ପ୍ରଥମଜ ହିରଣ୍ୟଗର୍ଭରେ) **ନିୟଚ୍ଛେତ୍** (ଲୟ କରିବେ, ଅର୍ଥାତ୍ ନିଜର ବୁଦ୍ଧିକୁ ହିରଣ୍ୟଗର୍ଭଙ୍କ ଉପାଧିଭୂତ ସ୍ୱଚ୍ଛ ବୁଦ୍ଧି ପରି ସ୍ୱଚ୍ଛ କରିବେ) **ତତ୍**

---

1. ପ୍ରଳୟକାଳରେ ମଧ୍ୟ ସୂକ୍ଷ୍ମାକାରରେ ନିଖିଳ କାର୍ଯ୍ୟ ଓ କାରଣର ଅବସ୍ଥିତି ସ୍ୱୀକାର କରିବାକୁ ହୁଏ । ଏଗୁଡ଼ିକ ଯେଉଁ ମାୟାତତ୍ତ୍ୱରେ ଏକୀଭୂତ ହୁଅନ୍ତି—ତାହା ହିଁ ଅବ୍ୟକ୍ତ । ଛା., ୩/୧୯/୧ରେ ଅସତ୍ ଶବ୍ଦରେ ଏବଂ ବୃ., ୩/୪/୧୧ରେ ଆକାଶ ଶବ୍ଦରେ ଏହି ଅବ୍ୟକ୍ତକୁ କୁହାଯାଇଛି ।

(ଉକ୍ତ ମହାନ୍ ଆତ୍ମାକୁ) **ଶାନ୍ତେ** (ସର୍ବବିଷୟ ଓ ସର୍ବ ବିକ୍ରିୟାରହିତ) **ଆତ୍ମନି** (ମୁଖ୍ୟ ଆତ୍ମାରେ) **ୟଚ୍ଛେତ୍** (ଲୟ କରିବେ) । (ଗୀ., ୪/୨୬-୨୭) । ୧/୩/୧୩

ବିବେକୀ ପୁରୁଷ ଇନ୍ଦ୍ରିୟଗଣଙ୍କୁ ମନରେ ଲୟ କରିବେ, ମନକୁ ପ୍ରକାଶାତ୍ମକ ବୁଦ୍ଧିରେ ଲୟ କରିବେ, ବୁଦ୍ଧିକୁ ପ୍ରଥମଜ ହିରଣ୍ୟଗର୍ଭରେ ଲୟ କରିବେ ଏବଂ ଉକ୍ତ ମହାନ୍ ଆତ୍ମାକୁ ସର୍ବ ବିକ୍ରିୟାରହିତ ମୁଖ୍ୟ ଆତ୍ମାରେ ଲୟ କରିବେ । ୧/୩/୧୩

ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ ।
କ୍ଷୁରସ୍ୟ ଧାରା ନିଶିତା ଦୁରତ୍ୟୟା
ଦୁର୍ଗଂ ପଥସ୍ତତ୍କବୟୋ ବଦନ୍ତି ॥୧୪॥

[ହେ ଜୀବଗଣ] **ଉତ୍ତିଷ୍ଠତ** (ଉଠ, ଆତ୍ମଜ୍ଞାନାଭିମୁଖୀ ହୁଅ) **ଜାଗ୍ରତ** (ଅଜ୍ଞାନନିଦ୍ରା ତ୍ୟାଗ କର) **ବରାନ୍** (ଶ୍ରେଷ୍ଠ ଆଚାର୍ଯ୍ୟଗଣଙ୍କୁ) **ପ୍ରାପ୍ୟ** (ପ୍ରାପ୍ତ ହୋଇ; [ସେମାନଙ୍କ] ସମୀପକୁ ଗମନ କରି) **ନିବୋଧତ** ([ଆତ୍ମାଙ୍କୁ] ଅବଗତ ହୁଅ); **କ୍ଷୁରସ୍ୟ** (କ୍ଷୁରର) **ନିଶିତା** (ତୀକ୍ଷ୍ଣୀକୃତ) **ଧାରା** (ଅଗ୍ରଭାଗ) [ଯେପରି] **ଦୁରତ୍ୟୟା** (ଦୁର୍ଗମ ହୁଏ) [ସେପରି] **ତତ୍** (ଉକ୍ତ) **ପଥଃ**(=**ପନ୍ଥାନମ୍**, ତତ୍ତ୍ୱମାର୍ଗକୁ) **କବୟଃ** (ମେଧାବୀଗଣ) **ଦୁର୍ଗମ୍** (ଦୁର୍ଗମନୀୟ) **ବଦନ୍ତି** (କହନ୍ତି) । ୧/୩/୧୪

ଉଠ, ଜାଗ, ଶ୍ରେଷ୍ଠ ଆଚାର୍ଯ୍ୟଗଣଙ୍କ ସମୀପକୁ ଯାଇ ଆତ୍ମଜ୍ଞାନ ଅବଗତ ହୁଅ । ମେଧାବୀଗଣ କହନ୍ତି ଯେ, କ୍ଷୁରର ତୀକ୍ଷ୍ଣୀକୃତ ଅଗ୍ରଭାଗ ଯେପରି ଦୁର୍ଗମ, ଆତ୍ମଜ୍ଞାନ ଲାଭର ପଥ ମଧ୍ୟ ସେହିପରି ଦୁର୍ଗମ । ୧/୩/୧୪

ଅଶବ୍ଦମସ୍ପର୍ଶମରୂପମବ୍ୟୟଂ
ତଥାଽରସଂ ନିତ୍ୟମଗନ୍ଧବଚ୍ଚ ୟତ୍ ।
ଅନାଦ୍ୟନନ୍ତଂ ମହତଃ ପରଂ ଧ୍ରୁବଂ
ନିଚାୟ୍ୟ ତନ୍ମୃତ୍ୟୁମୁଖାତ୍ ପ୍ରମୁଚ୍ୟତେ ॥୧୫॥

ୟତ୍ (ଯିଏ) **ଅଶବ୍ଦମ୍** (ଶବ୍ଦବିହୀନ) **ଅସ୍ପର୍ଶମ୍** (ସ୍ପର୍ଶବିହୀନ) **ଅରୂପମ୍** (ରୂପବିହୀନ) **ଅରସମ୍** (ରସବିହୀନ) **ତଥା ଅଗନ୍ଧବତ୍ ଚ** (ଏବଂ ଗନ୍ଧଶୂନ୍ୟ) **ଅବ୍ୟୟମ୍** (କ୍ଷୟରହିତ) **ନିତ୍ୟମ୍** (ଶାଶ୍ୱତ) **ଅନାଦି** (ଉତ୍ପତ୍ତି-ରହିତ) **ଅନନ୍ତମ୍** ([କାରଣାନ୍ତର ନ ରହିବାରୁ ଯିଏ କୌଣସି କାରଣରେ ଲୟ ହୁଅନ୍ତି ନାହିଁ, ସୁତରାଂ] ଅନ୍ତବିହୀନ) **ମହତଃ** (ହିରଣ୍ୟଗର୍ଭଙ୍କ ଉପାଧି ମହତ୍ତତ୍ତ୍ୱଠାରୁ) **ପରମ୍** (ବିଲକ୍ଷଣ)

ଧ୍ରୁବମ୍ (କୂଟସ୍ଥ ନିତ୍ୟ) **ତତ୍** (ସେହି ବ୍ରହ୍ମସ୍ୱରୂପ ଆତ୍ମାଙ୍କୁ) **ନିଚାୟ୍ୟ** (ଅବଗତ ହୋଇ) **ମୃତ୍ୟୁମୁଖାତ୍** (ମୃତ୍ୟୁମୁଖରୁ) **ପ୍ରମୁଚ୍ୟତେ** (ବିମୁକ୍ତ ହୁଅନ୍ତି) । ୧/୩/୧୫

ଯିଏ ଶବ୍ଦ ସ୍ପର୍ଶ ରୂପ ରସ ଓ ଗନ୍ଧ-ବିହୀନ, ଯିଏ ଅକ୍ଷୟ ଶାଶ୍ୱତ ଅନାଦି ଓ ଅନନ୍ତ, ଯିଏ ମହତ୍ତତ୍ତ୍ୱଠାରୁ ବିଲକ୍ଷଣ ଓ କୂଟସ୍ଥ ନିତ୍ୟ ଆତ୍ମା, ତାହାଙ୍କୁ ଅବଗତ ହେଲେ ହିଁ ସାଧକ ମୃତ୍ୟୁମୁଖରୁ ଅର୍ଥାତ୍ ଜନ୍ମ-ମରଣରୂପକ ସଂସାରଚକ୍ରରୁ ବିମୁକ୍ତ ହୁଅନ୍ତି । ୧/୩/୧୫

ନାଚିକେତମୁପାଖ୍ୟାନଂ ମୃତ୍ୟୁପ୍ରୋକ୍ତଂ ସନାତନମ୍ ।
ଉକ୍ତ୍ୱା ଶ୍ରୁତ୍ୱା ଚ ମେଧାବୀ ବ୍ରହ୍ମଲୋକେ ମହୀୟତେ ॥୧୬॥

ନାଚିକେତମ୍ (ନଚିକେତାକର୍ତ୍ତୃକ ଶ୍ରୁତ) **ମୃତ୍ୟୁ ପ୍ରୋକ୍ତମ୍** (ଯମକର୍ତ୍ତୃକ କଥିତ) **ସନାତନମ୍** (ଶାଶ୍ୱତ) **ଉପାଖ୍ୟାନମ୍** ([ବଲ୍ଲୀତ୍ରୟରୂପକ] ଉପାଖ୍ୟାନ) **ଉକ୍ତ୍ୱା** (କହି) **ଶ୍ରୁତ୍ୱା ଚ** (ଏବଂ ଶ୍ରବଣ କରି) **ମେଧାବୀ** (ବିବେକୀ ପୁରୁଷ) **ବ୍ରହ୍ମ-ଲୋକେ** (ବ୍ରହ୍ମସ୍ୱରୂପ ଧାମରେ) **ମହୀୟତେ** (ମହୀୟାନ୍ ହୋଇଥାଆନ୍ତି, ଅର୍ଥାତ୍ ଆତ୍ମସ୍ୱରୂପ ହୋଇ ପୂଜିତ ହୁଅନ୍ତି) । ୧/୩/୧୬

ଯମଙ୍କ ଦ୍ୱାରା କଥିତ ଏବଂ ନଚିକେତାଙ୍କ ଦ୍ୱାରା ଶ୍ରୁତ ଏହି ଶାଶ୍ୱତ[1] ଆଖ୍ୟାନକୁ କହି ଏବଂ ଶ୍ରବଣ କରି ବିବେକୀ ପୁରୁଷ ବ୍ରହ୍ମାତ୍ମରୂପେ ପୂଜା ପାଇଥାଆନ୍ତି । ୧/୩/୧୬

ୟ ଇମଂ ପରମଂ ଗୁହ୍ୟଂ ଶ୍ରାବୟେଦ୍ ବ୍ରହ୍ମସଂସଦି ।
ପ୍ରୟତଃ ଶ୍ରାଦ୍ଧକାଲେ ବା ତଦାନନ୍ତ୍ୟାୟ କଲ୍ପତେ ।
ତଦାନନ୍ତ୍ୟାୟ କଲ୍ପତ ଇତି ॥୧୭॥

ଇତି କଠୋପନିଷଦି ପ୍ରଥମାଧ୍ୟାୟେ ତୃତୀୟା ବଲ୍ଲୀ ॥

---

1. ଏହି ଉପାଖ୍ୟାନଟି ନିତ୍ୟସ୍ୱରୂପ ବେଦର ଅଙ୍ଗୀଭୂତ, ସୁତରାଂ ଏହା ମଧ୍ୟ ନିତ୍ୟ । ଏଠାରେ ଦ୍ରଷ୍ଟବ୍ୟ ହେଉଛି, ଆଚାର୍ଯ୍ୟ ଶଙ୍କରଙ୍କ ମତରେ ଏହି ସବୁ ଉପାଖ୍ୟାନ ଅର୍ଥବାଦମାତ୍ର, ଅର୍ଥାତ୍ ବେଦର ମୂଳ ବକ୍ତବ୍ୟ ବିଷୟକୁ ହିଁ ବିସ୍ତାରିତ ଭାବରେ ବୁଝାଇବା ପାଇଁ ଆଖ୍ୟାତ ହୋଇଅଛି । ଏଗୁଡ଼ିକ ଐତିହାସିକ ଘଟଣା ବୋଲି ବିବେଚିତ ହୋଇପାରେ ନାହିଁ । ଇତିହାସ ସୃଷ୍ଟିର ପରେ ରଚିତ ହୁଏ; କିନ୍ତୁ ବେଦ ସୃଷ୍ଟିର ପୂର୍ବବର୍ତ୍ତୀ; ଅତଏବ ସେଥିରେ ଲୌକିକ ଇତିହାସର ସ୍ଥାନ ନାହିଁ ।

ୟଃ (ଯେ କେହି) **ପ୍ରୟତଃ** (ଶୁଦ୍ଧଚିତ୍ତ ହୋଇ) **ଇମମ୍** (ଏହି) **ପରମମ୍** (ଅତିଶୟ) **ଗୁହ୍ୟମ୍** (ଗୋପନୀୟ) [ଉପାଖ୍ୟାନ] **ବ୍ରହ୍ମ-ସଂସଦି** (ବ୍ରାହ୍ମଣ-ସମାଜରେ) **ବା** (ଅଥବା) **ଶ୍ରାଦ୍ଧକାଲେ** (ଶ୍ରାଦ୍ଧକାଳରେ) [ଭୋଜନ-ନିରତ ବ୍ରାହ୍ମଣଗଣଙ୍କୁ] **ଶ୍ରାବୟେତ୍** ([ଅର୍ଥସହ] ଶ୍ରବଣ କରାନ୍ତି) **ତତ୍** (ଉକ୍ତ ଶୁଣାଇବା କାର୍ଯ୍ୟ ବା ଶ୍ରାଦ୍ଧ) **ଆନନ୍ତ୍ୟାୟ** (ଅନନ୍ତଫଳ ଉତ୍ପାଦନରେ) **କଲ୍ପତେ** (ସମର୍ଥ ହୁଏ) । [ପୁନରୁକ୍ତି ଅଧ୍ୟାୟର ସମାପ୍ତିସୂଚକ] । ୧/୩/୧୭

ଯେକେହି ଶୁଦ୍ଧଚିତ୍ତ ହୋଇ ଅତି ଗୋପନୀୟ ଏହି ଆଖ୍ୟାନ ବ୍ରାହ୍ମଣସମାଜରେ କିମ୍ବା ଶ୍ରାଦ୍ଧକାଳରେ (ଭୋଜନ-ନିରତ ବ୍ରାହ୍ମଣଗଣଙ୍କୁ) ଶ୍ରବଣ କରାନ୍ତି ତାଙ୍କର ସେହି କର୍ମ (ଅର୍ଥାତ୍ ସେହି କଥନ ଓ ଶ୍ରାଦ୍ଧ) ଅନନ୍ତ ଫଳ ପ୍ରଦାନ କରେ । ୧/୩/୧୭

॥ କଠୋପନିଷଦ୍‌ର ପ୍ରଥମ ଅଧ୍ୟାୟର ତୃତୀୟ ବଲ୍ଲୀ ସମାପ୍ତ ॥

ଦ୍ୱିତୀୟ ଅଧ୍ୟାୟ

ପ୍ରଥମ ବଲ୍ଲୀ

ପରାଞ୍ଚି ଖାନି ବ୍ୟତୃଣତ୍ ସ୍ୱୟମ୍ଭୂ-
ସ୍ତସ୍ମାତ୍‌ପରାଙ୍‌ପଶ୍ୟତି ନାନ୍ତରାତ୍ମନ୍ ।
କଶ୍ଚିଦ୍ଧୀରଃ ପ୍ରତ୍ୟଗାତ୍ମାନମୈକ୍ଷ-
ଦାବୃତ୍ତଚକ୍ଷୁରମୃତତ୍ୱମିଚ୍ଛନ୍ ॥୧॥

[ପୂର୍ବରୁ କୁହାଯାଇଛି ଯେ, ଅନାଦି ଅବିଦ୍ୟାରୂପକ ପ୍ରତିବନ୍ଧକ ଯୋଗୁଁ ଆତ୍ମା ପ୍ରକାଶିତ ହୁଅନ୍ତି ନାହିଁ (୧/୩/୧୨) । ଏବେ ଆଗନ୍ତୁକ ପ୍ରତିବନ୍ଧକ ପ୍ରଦର୍ଶନ କରା ହୋଇଅଛି । କାରଣ, ଶ୍ରେୟର ପ୍ରତିବନ୍ଧକ ଜାଣିପାରିଲେ ହିଁ ତାହା ଦୂର କରିବା ପାଇଁ ଚେଷ୍ଟା ସମ୍ଭବ ।]—**ପରାଞ୍ଚି** ([ସ୍ୱଭାବତଃ ହିଁ] ବହିର୍ମୁଖ) **ଖାନି** (ଶ୍ରୋତ୍ରାଦି ଇନ୍ଦ୍ରିୟସମୂହଙ୍କୁ) **ସ୍ୱୟମ୍ଭୂଃ** (ପରମେଶ୍ୱର) **ବ୍ୟତୃଣତ୍** (ହିଂସା କରିଛନ୍ତି, ମାରିଛନ୍ତି) **ତସ୍ମାତ୍** (ସୁତରାଂ) [ଦ୍ରଷ୍ଟା] **ପରାଙ୍** (ଶବ୍ଦାଦି ବହିର୍ବିଷୟ) **ପଶ୍ୟତି** (ଦର୍ଶନ କରନ୍ତି) **ଅନ୍ତରାତ୍ମନ୍**(=**ଅନ୍ତରାତ୍ମାନମ୍**, ଅନ୍ତରାତ୍ମାକୁ) **ନ** (ନୁହେଁ); **କଃ ଚିତ୍** (କୌଣସି) **ଧୀରଃ** (ବିବେକୀ) **ଆବୃତ୍ତ-ଚକ୍ଷୁଃ** (ଚକ୍ଷୁରାଦି ଇନ୍ଦ୍ରିୟଙ୍କୁ ବିଷୟରୁ ନିବୃତ୍ତ କରି) **ଅମୃତତ୍ୱମ୍** (ଅମରତ୍ୱ, ନିତ୍ୟସ୍ୱରୂପ) **ଇଚ୍ଛନ୍** (ଅଭିଳାଷ କରି) **ପ୍ରତ୍ୟକ୍-ଆତ୍ମାନମ୍** (ସ୍ୱ-ସ୍ୱରୂପକୁ) **ଐକ୍ଷତ୍** (=**ପଶ୍ୟତି**, ସାକ୍ଷାତ୍ ଦର୍ଶନ କରନ୍ତି) । ୨/୧/୧

ବହିର୍ମୁଖ ଇନ୍ଦ୍ରିୟସମୂହଙ୍କୁ ପରମେଶ୍ୱର ବିନାଶ କରିଛନ୍ତି; ସୁତରାଂ ଜୀବ ବହିର୍ବିଷୟସମୂହ ହିଁ ଦର୍ଶନ କରେ, ଅନ୍ତରାତ୍ମାକୁ ନୁହେଁ ।[1] କେହି କେହି ବିବେକୀ ବ୍ୟକ୍ତି ଅମୃତତ୍ୱର ଅଭିଳାଷୀ ହୋଇ ଇନ୍ଦ୍ରିୟସଂଯମପୂର୍ବକ ପ୍ରତ୍ୟଗାତ୍ମାଙ୍କୁ[2] ଦର୍ଶନ କରନ୍ତି । ୨/୧/୧

1. ଯେତେକ୍ଷଣ ସେମାନେ ବହିର୍ମୁଖ ଥାଆନ୍ତି, ସେତେପର୍ଯ୍ୟନ୍ତ ଆତ୍ମଜ୍ଞାନ ଲାଭ କରିପାରନ୍ତି ନାହିଁ । ଏହା ହିଁ ସେଗୁଡ଼ିକର ବିନାଶ । ପରମାତ୍ମା ବହିର୍ମୁଖ ଇନ୍ଦ୍ରିୟସମୂହ ନିକଟରେ ଆତ୍ମପ୍ରକାଶ କରନ୍ତି ନାହିଁ । ଯେଉଁ ଲୋକମାନେ ବହିର୍ମୁଖ ସେମାନେ ବସ୍ତୁତଃ ଆତ୍ମାକୁ ଚାହାନ୍ତି ନାହିଁ, ସୁତରାଂ ତାଙ୍କ ଦର୍ଶନ ମଧ୍ୟ ପାଆନ୍ତି ନାହିଁ ।

2. **ଯଚ୍ଛାପ୍ନୋତି ଯଦାଦତ୍ତେ ଯଚ୍ଚାତ୍ତି ବିଷୟାନିହ ।**
ଯଚ୍ଚାସ୍ୟ ସନ୍ତତୋ ଭାବସ୍ତସ୍ମାଦାତ୍ମେତି କୀର୍ତ୍ୟତେ ॥ —ଲିଙ୍ଗ. ପୁ. ୧/୭୦/୯୬

ପରାଚଃ କାମାନନୁୟନ୍ତି ବାଲା-
ସ୍ତେ ମୃତ୍ୟୋର୍ଯନ୍ତି ବିତତସ୍ୟ ପାଶମ୍ ।
ଅଥ ଧୀରା ଅମୃତତ୍ୱଂ ବିଦିତ୍ୱା
ଧ୍ରୁବମଧ୍ରୁବେଷ୍ୱିହ ନ ପ୍ରାର୍ଥୟନ୍ତେ ॥୨॥

ବାଲାଃ (ଅଳ୍ପବୁଦ୍ଧି ବ୍ୟକ୍ତିଗଣ) **ପରାଚଃ** (ବହିଃସ୍ଥ) **କାମାନ୍** (କାମ୍ୟ ବିଷୟସମୂହର) **ଅନୁୟନ୍ତି** (ଅନୁଗମନ କରନ୍ତି) । **ତେ** (ସେମାନେ) **ବିତତସ୍ୟ** (ସର୍ବତ୍ର ବ୍ୟାପ୍ତ) **ମୃତ୍ୟୋଃ** (ଅବିଦ୍ୟା-କାମ-କର୍ମ-ସମୁଦାୟର) **ପାଶାନ୍** (ବନ୍ଧନ, ଜନ୍ମମତ୍ୟୁ) **ୟନ୍ତି** (ପ୍ରାପ୍ତ ହୁଅନ୍ତି) । **ଅଥ** (ସୁତରାଂ) **ଧୀରାଃ** (ବିବେକୀଗଣ) **ଅଧ୍ରୁବେଷୁ** (ଅନିତ୍ୟ ବସ୍ତୁସମୂହ ମଧ୍ୟରେ) **ଧ୍ରୁବମ୍** (କୂଟସ୍ଥ, ଅବିଚଳିତ) **ଅମୃତତ୍ୱଂ** (ନିତ୍ୟ-ସ୍ୱରୂପକୁ) **ବିଦିତ୍ୱା** (ଜ୍ଞାତ ହୋଇ, ନିର୍ଦ୍ଧାରଣ କରି) **ଇହ** (ଏହି ସଂସାରରେ) **ନ ପ୍ରାର୍ଥୟନ୍ତେ** (କୌଣସି କାମନା କରନ୍ତି ନାହିଁ) । ୨/୧/୨

ଅଳ୍ପବୁଦ୍ଧି ବ୍ୟକ୍ତିମାନେ ବାହ୍ୟ ଭୋଗ୍ୟବିଷୟଗୁଡ଼ିକର ଅନୁଗମନ କରନ୍ତି । ତାହା ଫଳରେ ସେମାନେ ସର୍ବତୋବ୍ୟାପ୍ତ ଅବିଦ୍ୟା-କାମ-କର୍ମାଦିରେ ଆବଦ୍ଧ ହୁଅନ୍ତି । ଏହି କାରଣରୁ ବିବେକୀଗଣ ଅନିତ୍ୟ ବସ୍ତୁସମୂହ ମଧ୍ୟରେ କୂଟସ୍ଥ ନିତ୍ୟସ୍ୱରୂପକୁ ଅବଗତ ହୋଇ ଏହି ଜଗତ୍‌ରେ କୌଣସି କାମନା କରନ୍ତି ନାହିଁ । ୨/୧/୨

ୟେନ ରୂପଂ ରସଂ ଗନ୍ଧଂ ଶବ୍ଦାନ୍ ସ୍ପର୍ଶାଂଶ୍ଚ ମୈଥୁନାନ୍ ।
ଏତେନୈବ ବିଜାନାତି କିମତ୍ର ପରିଶିଷ୍ୟତେ ॥ ଏତଦ୍ୱୈ ତତ୍ ॥୩॥

ୟେନ (ଯେଉଁ) **ଏତେନ ଏବ** (ଏହି ବିଜ୍ଞାନସ୍ୱରୂପ ଆତ୍ମା ଦ୍ୱାରା ହିଁ) [ଜୀବ] **ରୂପମ୍ ରସମ୍ ଗନ୍ଧମ୍ ଶବ୍ଦାନ୍ ସ୍ପର୍ଶାନ୍** (ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶସମୂହ) **ମୈଥୁନାନ୍ ଚ** (ଏବଂ ମିଳନସମ୍ଭୂତ ସୁଖାନୁଭୂତି) **ବିଜାନାତି** (ବିଶିଷ୍ଟରୂପରେ ଜାଣେ) [ସେହି ଆତ୍ମାର] **ଅତ୍ର** (ଏହି ଜଗତ୍‌ରେ) **କିମ୍** ([ଅଜ୍ଞାତ] କେଉଁ ବସ୍ତୁ) **ପରିଶିଷ୍ୟତେ** (ଅବଶିଷ୍ଟ ରହେ) ? **ଏତତ୍ ବୈ** (ଏହି ଆତ୍ମା ହିଁ) **ତତ୍** (ନଚିକେତାଙ୍କ ଦ୍ୱାରା ଜିଜ୍ଞାସିତ ବିଷ୍ଣୁପଦ ବା ବ୍ରହ୍ମ) । ୨/୧/୩

ଏହି ଯେଉଁ ବିଜ୍ଞାନସ୍ୱରୂପ ଆତ୍ମାଙ୍କ ଦ୍ୱାରା[1] ଜୀବ ରୂପ ରସ ଗନ୍ଧ ଶବ୍ଦ ସ୍ପର୍ଶ ଓ ମିଳନସୁଖ ଅବଗତ ହୁଏ, ସେହି ଆତ୍ମା ନିକଟରେ ଏହି ଜଗତ୍‌ର କେଉଁ ବସ୍ତୁ ଅବିଜ୍ଞେୟ ରୂପରେ ଅବଶିଷ୍ଟ ରହିପାରେ ?[2] ଏହା ହିଁ ନଚିକେତାଙ୍କ ଦ୍ୱାରା ଜିଜ୍ଞାସିତ ସେହି[3] ବ୍ରହ୍ମ । ୨/୧/୩

ସ୍ୱପ୍ନାନ୍ତଂ ଜାଗରିତାନ୍ତଂ ଚୋଭୌ ଯେନାନୁପଶ୍ୟତି ।
ମହାନ୍ତଂ ବିଭୁମାତ୍ମାନଂ ମତ୍ୱା ଧୀରୋ ନ ଶୋଚତି ॥୪॥

[ଜୀବ] **ଯେନ** (ଯେଉଁ ଆତ୍ମାଦ୍ୱାରା) **ସ୍ୱପ୍ନ-ଅନ୍ତମ୍** (ସ୍ୱପ୍ନ ମଧ୍ୟସ୍ଥ [ବିଜ୍ଞେୟ] ବସ୍ତୁ) **ଜାଗରିତ ଅନ୍ତମ୍ ଚ** (ଏବଂ ଜାଗ୍ରତ୍-ଅବସ୍ଥାର ମଧ୍ୟସ୍ଥ [ବିଜ୍ଞେୟ] ବସ୍ତୁ) **ଉଭୌ** (ଉଭୟ ବସ୍ତୁ ହିଁ) **ଅନୁପଶ୍ୟତି** (ଦର୍ଶନ କରେ) [ସେହି] **ମହାନ୍ତମ୍** (ବ୍ୟାପକ) **ବିଭୁମ୍** (ବିବିଧ ବସ୍ତୁର ଅଧିଷ୍ଠାନ) **ଆତ୍ମାନମ୍** (ଆତ୍ମାକୁ) **ମତ୍ୱା** (ସାକ୍ଷାତ୍ କରି) **ଧୀରଃ** (ଧୀମାନ୍) **ନ ଶୋଚତି** (ଶୋକ କରନ୍ତି ନାହିଁ, ଶୋକାତୀତ ହୁଅନ୍ତି) । ୨/୧/୪

[ଜୀବ] ଯେଉଁ ଆତ୍ମା ଦ୍ୱାରା ସ୍ୱପ୍ନ ଓ ଜାଗ୍ରତ୍ ଏହି ଉଭୟ ଅବସ୍ଥାର ଅନ୍ତର୍ଭୁକ୍ତ ଦୃଶ୍ୟବସ୍ତୁସମୂହ ଦର୍ଶନ କରେ, ସେହି ମହାନ୍ ଓ ବିଭୁ ଆତ୍ମାଙ୍କୁ ସାକ୍ଷାତ୍ କରି ଧୀର ବ୍ୟକ୍ତି ଶୋକାତୀତ ହୁଅନ୍ତି । ୨/୧/୪

---

1. "ଯାହା ସାହାଯ୍ୟରେ ଲୌହପିଣ୍ଡ ତୃଣାଦିକୁ ଦଗ୍ଧ କରେ, ତାହା ହିଁ ଅଗ୍ନି"—ଏହି କଥାରେ ଯେପରି ବୁଝାଯାଏ ଯେ, ଦାହିକା-ଶକ୍ତି ହେଉଛି ଅଗ୍ନିର ଶକ୍ତି ଲୌହପିଣ୍ଡର ନୁହେଁ, ସେହିପରି "ଯାହା ସହାୟରେ ଅନ୍ତଃକରଣ ରୂପ-ରସାଦିକୁ ଜାଣିପାରେ"—ଏହା କହିଲେ ଅନ୍ତଃକରଣରୁ ଭିନ୍ନ ଆତ୍ମାକୁ ହିଁ ସେହି ସକଳ ଜ୍ଞାନର କାରଣ ରୂପରେ ପାଉ; କାରଣ ରୂପରସାଦି ନିଜେ ନିଜକୁ ବା ପରସ୍ପରକୁ ଜାଣିପାରେ ନାହିଁ । ଅତଏବ ଆତ୍ମା ଦ୍ୱାରା ହିଁ ସେମାନେ ଜ୍ଞାତ ବା ପ୍ରକାଶିତ ହୁଅନ୍ତି । ବୃ., ୪/୩/୬ ଏବଂ କେ., ୧/୪-୮ ଦ୍ରଷ୍ଟବ୍ୟ ।

2. ଅର୍ଥାତ୍ ନିରବଶେଷ ସମସ୍ତ ବସ୍ତୁ ଆତ୍ମା ଦ୍ୱାରା ହିଁ ବିଜ୍ଞେୟ ।

3. ୧/୧/୨୦, ୧/୧/୨୨, ୧/୨/୧୪, ଓ ୧/୩/୧୧ ଦ୍ରଷ୍ଟବ୍ୟ । ସେ ହିଁ ନଚିକେତାଙ୍କ ଦ୍ୱାରା ଜିଜ୍ଞାସିତ ଆତ୍ମା ଏବଂ ସେ ହିଁ —୨/୧/୩ ଠାରୁ ୨/୧/୧୩ ପର୍ଯ୍ୟନ୍ତ ମନ୍ତ୍ରରେ ବର୍ଣ୍ଣିତ ହୋଇଛନ୍ତି ।

ୟ ଇମଂ ମଧ୍ୱଦଂ ବେଦ ଆତ୍ମାନଂ ଜୀବମନ୍ତିକାତ୍ ।
ଈଶାନଂ ଭୂତଭବ୍ୟସ୍ୟ ନ ତତୋ ବିଜୁଗୁପ୍ସତେ ।
ଏତଦ୍ୱୈ ତତ୍ ॥୫॥

ୟଃ (ଯିଏ) **ଇମମ୍** (ଏହି) **ମଧୁ-ଅଦମ୍** (କର୍ମଫଳଭୋଗୀ) **ଜୀବମ୍** (ପ୍ରାଣାଦିର ଧାରୟିତା ଜୀବରୂପୀ) **ଆତ୍ମାନମ୍** (ଆତ୍ମାଙ୍କୁ) **ଭୂତ-ଭବ୍ୟସ୍ୟ** (ଅତୀତ ଓ ଭବିଷ୍ୟତ୍; ଅର୍ଥାତ୍ କାଳତ୍ରୟର) **ଈଶାନମ୍** (ନିୟନ୍ତାସ୍ୱରୂପରେ) **ଅନ୍ତିକାତ୍** (ସମୀପସ୍ଥରୂପରେ, ଅଭିନ୍ନରୂପରେ) **ବେଦ** (ଜାଣନ୍ତି) [ସେ] **ତତଃ** (ସେହି ଜ୍ଞାନ ଫଳରେ) **ନ ବିଜୁଗୁପ୍ସତେ** (ନିଜର ରକ୍ଷା ପାଇଁ ବ୍ୟାକୁଳ ହୁଅନ୍ତି ନାହିଁ); **ଏତଦ୍ୱୈ ତତ୍** (ଏହା ହିଁ ନଚିକେତାଙ୍କ ଦ୍ୱାରା ଜିଜ୍ଞାସିତ ସେହି ବ୍ରହ୍ମ) । ୨/୧/୫

ଏହି କର୍ମଫଳଭୋକ୍ତା ଓ ପ୍ରାଣାଦିର ବିଧାୟକ ଜୀବରୂପୀ ଆତ୍ମାଙ୍କୁ ଯିଏ ନିଜଠାରୁ ଅଭିନ୍ନ ଓ କାଳତ୍ରୟର ଈଶ୍ୱରରୂପରେ ଜାଣନ୍ତି, ସେ ସେହି ଜ୍ଞାନ ଫଳରେ ଆଉ ନିଜକୁ ରକ୍ଷା କରିବା ପାଇଁ ବ୍ୟାକୁଳ ହୁଅନ୍ତି ନାହିଁ ।[1] ଏହା ହିଁ ନଚିକେତାଙ୍କ ଦ୍ୱାରା ଜିଜ୍ଞାସିତ ସେହି ବ୍ରହ୍ମ । ୨/୧/୫

ୟଃ ପୂର୍ବଂ ତପସୋ ଜାତମଦ୍ଭ୍ୟଃ ପୂର୍ବମଜାୟତ ।
ଗୁହାଂ ପ୍ରବିଶ୍ୟ ତିଷ୍ଠନ୍ତଂ ୟୋ ଭୂତେଭିର୍ବ୍ୟପଶ୍ୟତ ।
ଏତଦ୍ୱୈ ତତ୍ ॥୬॥

[ଯେଉଁ ପ୍ରତ୍ୟଗାତ୍ମା ଈଶ୍ୱର-ସ୍ୱରୂପରେ ନିର୍ଦ୍ଦିଷ୍ଟ ହୋଇଛନ୍ତି, ସେ ହିଁ ସର୍ବାତ୍ମା—ଏହା ହିଁ ଦର୍ଶାଯାଉଛି]—**ୟଃ** (ଯିଏ, ଯେଉଁ ହିରଣ୍ୟଗର୍ଭ) **ଅଦ୍ଭ୍ୟଃ** (ଜଳସହିତ ପଞ୍ଚଭୂତର) **ପୂର୍ବମ୍** (ପୂର୍ବରୁ) **ତପସଃ** (ଜ୍ଞାନସ୍ୱରୂପ ବ୍ରହ୍ମଠାରୁ) **ଅଜାୟତ** (ଜାତ ହୋଇଥିଲେ) [ଏବଂ] **ଗୁହାମ୍** (ଜୀବଗଣଙ୍କ ହୃଦୟାକାଶରେ) **ପ୍ରବିଶ୍ୟ** (ପ୍ରବେଶ କରି) **ଭୂତେଭିଃ** (=ଭୂତୈଃ, ଦେହେନ୍ଦ୍ରିୟସମଷ୍ଟି ସହିତ) **ତିଷ୍ଠନ୍ତମ୍** (ରହିଛନ୍ତି) [ସେହି] **ପୂର୍ବମ୍ ଜାତମ୍** (ପ୍ରଥମୋତ୍ପନ୍ନକୁ, ହିରଣ୍ୟଗର୍ଭଙ୍କୁ) **ୟଃ** (ଯେଉଁ ମୁମୁକ୍ଷୁ) **ବ୍ୟପଶ୍ୟତ** (ଦର୍ଶନ କରନ୍ତି) [ସେ] **ତତ୍** (ପୂର୍ବୋକ୍ତ) **ଏତତ୍ ୱୈ** (ଏହି ବ୍ରହ୍ମକୁ ହିଁ) [ଦର୍ଶନ କରନ୍ତି] । ୨/୧/୬

---

1. ଅର୍ଥାତ୍ ଅଭୟ ପ୍ରାପ୍ତ ହୁଅନ୍ତି । **"ଦ୍ୱିତୀୟାଦ୍ ୱୈ ଭୟଂ ଭବତି"** ବୃ., ୧/୪/୨; ତୈ., ୨/୭

ଜଳାଦି ପଞ୍ଚଭୂତ ପୂର୍ବରୁ ଯିଏ (ବା ଯେଉଁ ହିରଣ୍ୟଗର୍ଭ) ଜ୍ଞାନଘନ ବ୍ରହ୍ମଙ୍କଠାରୁ ପ୍ରଥମ ଉତ୍ପନ୍ନ ହୋଇଥିଲେ ଏବଂ ଯିଏ ଜୀବଗଣଙ୍କ ହୃଦୟାକାଶରେ ପ୍ରବେଶ କରି ଦେହେନ୍ଦ୍ରିୟସମଷ୍ଟି ସହିତ ଅବସ୍ଥିତ ଅଛନ୍ତି, ସେହି ହିରଣ୍ୟଗର୍ଭଙ୍କୁ ଯିଏ ଦର୍ଶନ କରନ୍ତି, ସେ ଏହି ପୂର୍ବୋକ୍ତ ବ୍ରହ୍ମଙ୍କୁ ହିଁ[1] ଦର୍ଶନ କରନ୍ତି । ୨/୧/୬

ୟା ପ୍ରାଣେନ ସମ୍ଭବତ୍ୟଦିତିର୍ଦେବତାମୟୀ ।
ଗୁହାଂ ପ୍ରବିଶ୍ୟ ତିଷ୍ଠନ୍ତୀଂ ୟା ଭୂତେଭିର୍ବ୍ୟଜାୟତ ।
ଏତଦ୍ବୈ ତତ୍ ॥୭॥

ୟା (ଯେଉଁ) **ଦେବତାମୟୀ** (ସର୍ବଦେବତାତ୍ମିକା) **ଅଦିତିଃ** (ଅଦିତି, ଶବ୍ଦାଦିକୁ ଭକ୍ଷଣ ବା ଗ୍ରହଣକାରିଣୀ) **ପ୍ରାଣେନ** (ହିରଣ୍ୟଗର୍ଭରୂପରେ) **ସମ୍ଭବତି** (ଜାତ ହୁଅନ୍ତି) **ୟା** (ଯିଏ) **ଭୂତେଭିଃ** (ଭୂତସମୂହ-ସମନ୍ୱିତା ହୋଇ) **ବ୍ୟଜାୟତ** (ଉତ୍ପନ୍ନ ହୋଇଛନ୍ତି) [ସେହି] **ଗୁହାମ୍ ପ୍ରବିଶ୍ୟ ତିଷ୍ଠନ୍ତୀମ୍** (ହୃଦୟାକାଶରେ ପ୍ରବେଶପୂର୍ବକ ଅବସ୍ଥିତା ଅଦିତିଙ୍କୁ) [ଯିଏ ଦର୍ଶନ କରନ୍ତି ସେ] **ଏତଦ୍ବୈ ତତ୍** (ଏହି ବ୍ରହ୍ମଙ୍କୁ ହିଁ ଦର୍ଶନ କରନ୍ତି) । ୨/୧/୭

ସର୍ବଦେବତାରୂପିଣୀ ଯେଉଁ ଅଦିତି[2] ଭୂତବର୍ଗଙ୍କ ସହିତ ଉତ୍ପନ୍ନ ହୁଅନ୍ତି ଏବଂ ଯିଏ ହିରଣ୍ୟଗର୍ଭରୂପରେ ଅଭିବ୍ୟକ୍ତ ହୁଅନ୍ତି, ତାହାଙ୍କୁ ଯିଏ ହୃଦୟାକାଶରେ ପ୍ରବିଷ୍ଟରୂପରେ ଦର୍ଶନ କରନ୍ତି, ସେ ଏହି ପୂର୍ବୋକ୍ତ ବ୍ରହ୍ମଙ୍କୁ ହିଁ ଦର୍ଶନ କରନ୍ତି । ୨/୧/୭

ଅରଣ୍ୟୋର୍ନିହିତୋ ଜାତବେଦା
ଗର୍ଭ ଇବ ସୁଭୃତୋ ଗର୍ଭିଣୀଭିଃ ।
ଦିବେ ଦିବ ଈଡ୍ୟୋ ଜାଗୃବଦ୍ଭି-
ର୍ହବିଷ୍ମଦ୍ଭିର୍ମନୁଷ୍ୟେଭିରଗ୍ନିଃ ॥ ଏତଦ୍ବୈ ତତ୍ ॥୮॥

ଗର୍ଭିଣୀଭିଃ (ଗର୍ଭିଣୀ ସ୍ତ୍ରୀମାନଙ୍କ ଦ୍ୱାରା) **ଗର୍ଭଃ ଇବ** (ଗର୍ଭ ଯେପରି) [ସୁରକ୍ଷିତ ହୁଏ ସେହିପରି] **ଅରଣ୍ୟୋଃ** ([ଅଗ୍ନି-ପ୍ରଜ୍ୱାଳନ ପାଇଁ ବ୍ୟବହୃତ] ଉତ୍ତରାରଣୀ ଓ ଅଧରାରଣୀ ମଧ୍ୟରେ) **ନିହିତଃ** (ଅବସ୍ଥିତ) **ଜାତବେଦା**

1. ଯେଉଁ ପ୍ରକାରରେ ସ୍ୱର୍ଣ୍ଣରୁ ଉତ୍ପନ୍ନ କୁଣ୍ଡଳ ଦର୍ଶନ କଲେ ସ୍ୱର୍ଣ୍ଣକୁ ହିଁ ଦର୍ଶନ କରାହୁଏ, ସେହିପରି ହିରଣ୍ୟଗର୍ଭାଦିଙ୍କ ଦର୍ଶନରେ ବ୍ରହ୍ମଙ୍କର ହିଁ ଦର୍ଶନ ହୁଏ । ଶ୍ୱେ., ୨/୧/୬

2. ରଗ୍‌ବେଦ, ୧/୮୯ ଦ୍ରଷ୍ଟବ୍ୟ । ସେ ହିଁ ହିରଣ୍ୟଗର୍ଭ ।

(ଜାତବେଦାନାମକ) **ଅଗ୍ନିଃ** (ଯେଉଁ ଯଜ୍ଞୀୟ ଅଗ୍ନି ଏବଂ ହୃଦୟସ୍ଥ ଯେଉଁ ବିରାଟ୍‌ରୂପକ ଅଗ୍ନି) **ସୁଭୃତଃ** ([ଋତ୍ୱିକଗଣଙ୍କ ଦ୍ୱାରା ଏବଂ ଯୋଗୀଗଣଙ୍କ ଦ୍ୱାରା] ଉତ୍ତମରୂପେ ରକ୍ଷିତ ହୁଅନ୍ତି) [ଏବଂ ଯିଏ] **ଜାଗୃବଭିଃ** (ଜାଗରୂକ, ଅପ୍ରମତ୍ତ) **ହବିଷ୍ମଭିଃ** (ଆଜ୍ୟାଦିଯୁକ୍ତ ଓ ଧ୍ୟାନାଦିଯୁକ୍ତ) **ମନୁଷ୍ୟେଭିଃ** (=**ମନୁଷ୍ୟୈଃ**, ମନୁଷ୍ୟଙ୍କ ଦ୍ୱାରା, ଯୋଗୀ ଓ କର୍ମୀଙ୍କ ଦ୍ୱାରା) **ଦିବେ ଦିବେ ଈଡ୍ୟଃ** (ପ୍ରତ୍ୟହ ସେବିତ ହୁଅନ୍ତି) **ଏତତ୍ ବୈ ତତ୍** (ଏହି ଯଜ୍ଞୀୟ ଅଗ୍ନି ଏବଂ ବିରାଟ୍‌ରୂପକ ଅଗ୍ନି ମଧ୍ୟ ସେହି ବ୍ରହ୍ମ) । ୨/୧/୮

ଗର୍ଭିଣୀ ସ୍ତ୍ରୀମାନଙ୍କ ଦ୍ୱାରା ସ୍ୱୀୟ ଗର୍ଭ ଯେପରି ସୁରକ୍ଷିତ ହୁଏ, ସେହିପରି[1] ଉତ୍ତର-ଅରଣୀ ଓ ଅଧର-ଅରଣୀର (ଅର୍ଥାତ୍ ଊର୍ଦ୍ଧ୍ୱ ଓ ଅଧଃ କାଷ୍ଠଦ୍ୱୟର) ମଝିରେ ଅବସ୍ଥିତ ଜାତବେଦା ନାମକ (ଯଜ୍ଞସମ୍ବନ୍ଧୀ) ଯେଉଁ ଅଗ୍ନି ଋତ୍ୱିକଗଣଙ୍କ ଦ୍ୱାରା ସୁରକ୍ଷିତ ହୁଅନ୍ତି ଏବଂ (ହୃଦୟସ୍ଥ) ବିରାଟ୍‌ରୂପୀ ଯେଉଁ ଅଗ୍ନି ଯୋଗୀଗଣଙ୍କ ଦ୍ୱାରା ସୁରକ୍ଷିତ ହୁଅନ୍ତି, ଅଧିକନ୍ତୁ ଯିଏ ଆଜ୍ୟାଦିଯୁକ୍ତ ଋତ୍ୱିକଗଣଙ୍କ ଦ୍ୱାରା ଓ ଅପ୍ରମତ୍ତ ଧ୍ୟାନାଦିଯୁକ୍ତ ଯୋଗୀଗଣଙ୍କ ଦ୍ୱାରା ପ୍ରତିନିୟତ ସେବିତ ହୁଅନ୍ତି, ସେହି ଯଜ୍ଞୀୟ ଅଗ୍ନି ଏବଂ ବିରାଟ୍‌ରୂପକ ଅଗ୍ନି ମଧ୍ୟ[2] ସେହି ବ୍ରହ୍ମ । ୨/୧/୮

ୟତଶ୍ଚୋଦେତି ସୂର୍ଯୋଽସ୍ତଂ ୟତ୍ର ଚ ଗଚ୍ଛତି ।
ତଂ ଦେବାଃ ସର୍ବେ ଅର୍ପିତାସ୍ତଦୁ ନାତ୍ୟେତି କଶ୍ଚନ ।
ଏତଦ୍ୱୈ ତତ୍ ॥୯॥

ୟତଃ (ଯେଉଁ ପ୍ରାଣାତ୍ମକ ହିରଣ୍ୟଗର୍ଭଙ୍କଠାରୁ) **ସୂର୍ୟଃ** (ସୂର୍ଯ୍ୟ) **ଉଦେତି** (ଉଦିତ ହୁଅନ୍ତି) **ୟତ୍ର ଚ** (ଏବଂ ଯାହାଙ୍କଠାରେ) **ଅସ୍ତମ୍ ଗଚ୍ଛତି** (ଅସ୍ତମିତ ହୁଅନ୍ତି) **ତମ୍** (ତାଙ୍କଠାରେ ହିଁ) **ସର୍ବେ** (ସକଳ) **ଦେବାଃ** (ଦେବବୃନ୍ଦ) **ଅର୍ପିତାଃ** (ସମର୍ପିତ ଅଛନ୍ତି); **ତତ୍** (ତାହାଙ୍କୁ) **କଃ ଚନ** (କେହି ମଧ୍ୟ) **ନ ଉ ଅତ୍ୟେତି** (କେବେମଧ୍ୟ ଅତିକ୍ରମ କରିପାରନ୍ତି ନାହିଁ); **ଏତତ୍ ବୈ ତତ୍** (ସେ ସେହି ସର୍ବାତ୍ମକ ବ୍ରହ୍ମ) । ୨/୧/୯

---

1. ଉପଯୁକ୍ତ ଅନ୍ନପାନାଦିଦ୍ୱାରା ଗର୍ଭିଣୀଗଣ ଗର୍ଭକୁ ରକ୍ଷା କରନ୍ତି; ଋତ୍ୱିକ୍‌ଗଣ ସେହିପରି ଆଜ୍ୟାଦିଦ୍ୱାରା ଏବଂ ଯୋଗୀଗଣ ଧ୍ୟାନାଦିଦ୍ୱାରା ଆତ୍ମାଙ୍କୁ ରକ୍ଷା କରନ୍ତି ।

2. ଅଗ୍ନି ଶବ୍ଦରେ ଯଜ୍ଞୀୟ ଅଗ୍ନି ଓ ବିରାଟ୍‌ପୁରୁଷ ଉଭୟଙ୍କୁ ହିଁ ବୁଝିବାକୁ ହେବ । କର୍ମୀଗଣ ଯଜ୍ଞୀୟ ଅଗ୍ନିରେ ଆଜ୍ୟାଦି ପ୍ରଦାନ କରି ଯଜ୍ଞ କରନ୍ତି ଏବଂ ଯୋଗୀଗଣ ହୃଦୟରେ ଅଭିବ୍ୟକ୍ତ (୧/୧/୧୭) ବିରାଟ୍‌ପୁରୁଷଙ୍କର ଧ୍ୟାନ କରିଥାଆନ୍ତି ।

ଯାହାଙ୍କଠାରୁ ସୂର୍ଯ୍ୟ ଉଦିତ ହୁଅନ୍ତି ଏବଂ ଯାହାଙ୍କଠାରେ ଅସ୍ତଗମନ କରନ୍ତି, ତାହାଙ୍କଠାରେ ହିଁ ସକଳ ଦେବତା ସମର୍ପିତ ଅଛନ୍ତି; ତାହାଙ୍କୁ କେହି ଅତିକ୍ରମ କରିପାରନ୍ତି ନାହିଁ । ସେ ହିଁ ସେହି ସର୍ବାତ୍ମକ ବ୍ରହ୍ମ । ୨/୧/୯

ୟଦେବେହ ତଦମୁତ୍ର ୟଦମୁତ୍ର ତଦନ୍ୱିହ ।
ମୃତ୍ୟୋଃ ସ ମୃତ୍ୟୁମାପ୍ନୋତି ୟ ଇହ ନାନେବ ପଶ୍ୟତି ॥୧୦॥

["ବ୍ରହ୍ମାଦି-ସ୍ତମ୍ବ ପର୍ଯ୍ୟନ୍ତ ସର୍ବଭୂତରେ ଏପରି ଅନେକ ଜୀବ ଅଛନ୍ତି ଯେଉଁମାନେ ବ୍ରହ୍ମଠାରୁ ଭିନ୍ନ ଏବଂ ଜନ୍ମମରଣର ଅଧୀନ"—ଏପ୍ରକାର ଭ୍ରମ ଦୂରୀକରଣାର୍ଥ କୁହାହେଉଅଛି]—**ୟତ୍ ଏବ** (ଯାହା ହିଁ) **ଇହ** (ଏଠାରେ [ଅର୍ଥାତ୍ ଶରୀର ଓ ଇନ୍ଦ୍ରିୟାଦି ଉପାଧିସମନ୍ୱିତ ଏବଂ ସଂସାର-ଧର୍ମବିଶିଷ୍ଟ ବୋଲି ପ୍ରତିଭାତ]) **ତତ୍** (ତାହା ହିଁ) **ଅମୁତ୍ର** (ସେଠାରେ [ଅର୍ଥାତ୍ ସ୍ୱାମୃଷ୍ଟ ସଂସାରଧର୍ମ-ବର୍ଜିତ ବିଜ୍ଞାନଘନ ବ୍ରହ୍ମ]) **ୟତ୍ ଅମୁତ୍ର** (ଯାହା ସେଠାରେ) **ଇହ ତତ୍ ଅନୁ** (ଏଠାରେ ମଧ୍ୟ ତାହା ହିଁ, ଉପାଧି ଅନୁଯାୟୀ ବିବିଧରୂପରେ ପ୍ରତିଭାସିତ ହୁଅନ୍ତି); **ୟଃ** (ଯିଏ) **ଇହ** (ଏହି ବ୍ରହ୍ମରେ) **ନାନା ଇବ** (ନାନାତ୍ୱ ସଦୃଶ) **ପଶ୍ୟତି** (ଅନୁଭବ କରନ୍ତି) **ସଃ** (ସେ) **ମୃତ୍ୟୋଃ** (ମୃତ୍ୟୁ ପରେ) **ମୃତ୍ୟୁମ୍** (ମୃତ୍ୟୁକୁ) **ଆପ୍ନୋତି** (ପ୍ରାପ୍ତ ହୁଏ [ଅର୍ଥାତ୍ ତାହାର ପୁନଃପୁନଃ ଜନ୍ମ-ମରଣ ହୁଏ । —ବୃ., ୪/୪/୧୯, ୫/୧/୧ ଦ୍ର.]) । ୨/୧/୧୦

ଯାହା ଏଠାରେ ତାହା ହିଁ ସେଠାରେ; ଯାହା ସେଠାରେ ତାହା ହିଁ ଏଠାରେ, ସେହି ଏକ ହିଁ ବ୍ରହ୍ମ ଉପାଧି ଅନୁଯାୟୀ ବିବିଧରୂପରେ ପ୍ରତିଭାସିତ ହୁଅନ୍ତି । ଯିଏ ଏହି ବ୍ରହ୍ମରେ ନାନାତ୍ୱ ସଦୃଶ (ଅର୍ଥାତ୍ ଦ୍ୱୈତ ସଦୃଶ) ଦର୍ଶନ କରେ, ସେ ମୃତ୍ୟୁ ପରେ ମୃତ୍ୟୁକୁ ପ୍ରାପ୍ତ ହୁଏ ଅର୍ଥାତ୍ ବାରମ୍ବାର ଜନ୍ମ-ମରଣ ପ୍ରାପ୍ତ ହୁଏ । ୨/୧/୧୦

ମନସୈବେଦମାପ୍ତବ୍ୟଂ ନେହ ନାନାଽସ୍ତି କିଞ୍ଚନ ।
ମୃତ୍ୟୋଃ ସ ମୃତ୍ୟୁଂ ଗଚ୍ଛତି ୟ ଇହ ନାନେବ ପଶ୍ୟତି ॥୧୧॥

[ସର୍ବପ୍ରକାର ଜ୍ଞାତୃଜ୍ଞେୟ ବିଭାଗର ମିଥ୍ୟାତ୍ୱ-ପ୍ରଦର୍ଶନ ପାଇଁ ପରବର୍ତ୍ତୀ ମନ୍ତ୍ର ଉକ୍ତ ହେଉଅଛି]—**ମନସା ଏବ** ([ସଂସ୍କୃତ] ମନ ଦ୍ୱାରା) **ଇଦମ୍** (ଏହି ବ୍ରହ୍ମ) **ଆପ୍ତବ୍ୟମ୍** (ଉପଲଭ୍ୟ) **ଇହ** (ଏହି ବ୍ରହ୍ମରେ) **କିଞ୍ଚନ** (ଅଣୁମାତ୍ର ମଧ୍ୟ) **ନାନା** (ଭେଦ) **ନ ଅସ୍ତି** (ନାହିଁ); **ୟଃ** (ଯିଏ) **ଇହ** (ଏହି ବ୍ରହ୍ମରେ) **ନାନା ଇବ** (ଭେଦ-

ସଦୃଶ ବସ୍ତୁ) **ପଶ୍ୟତି** (ଦର୍ଶନ କରନ୍ତି) **ସଃ** (ସେ) **ମୃତ୍ୟୋଃ** (ମୃତ୍ୟୁ ପରେ) **ମୃତ୍ୟୁମ୍** (ମୃତ୍ୟୁକୁ) **ଗଚ୍ଛତି** (ପ୍ରାପ୍ତ ହୁଅନ୍ତି) । ୨/୧/୧୧

ମନ[1] ଦ୍ୱାରା ହିଁ ଏହି ବ୍ରହ୍ମ ଉପଲଭ୍ୟ । ଏହି ବ୍ରହ୍ମରେ ଅଣୁମାତ୍ର ଭେଦ ନାହିଁ । ଯେକେହି ଏଥିରେ ଭେଦ-ସଦୃଶ ବସ୍ତୁ ଦର୍ଶନ କରନ୍ତି, ସେ ମୃତ୍ୟୁ ପରେ ମୃତ୍ୟୁକୁ ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ଜନ୍ମ-ମରଣ ଚକ୍ରକୁ ପ୍ରାପ୍ତ ହୁଅନ୍ତି । ୨/୧/୧୧

ଅଙ୍ଗୁଷ୍ଠମାତ୍ରଃ ପୁରୁଷୋ ମଧ୍ୟ ଆତ୍ମନି ତିଷ୍ଠତି ।
ଈଶାନୋ[2] ଭୂତଭବ୍ୟସ୍ୟ ନ ତତୋ ବିଜୁଗୁପ୍ସତେ ।
ଏତଦ୍ୱୈ ତତ୍ ॥୧୨॥

[ଯିଏ] **ଅଙ୍ଗୁଷ୍ଠମାତ୍ରଃ** (ଅଙ୍ଗୁଷ୍ଠପରିମାଣ) **ପୁରୁଷଃ** (ପୁରୁଷ) **ମଧ୍ୟେ ଆତ୍ମନି** (ଶରୀରମଧ୍ୟରେ) **ତିଷ୍ଠତି** (ଅବସ୍ଥାନ କରନ୍ତି) [ସେ ହିଁ] **ଭୂତ-ଭବ୍ୟସ୍ୟ** (ଅତୀତ ଓ ଭବିଷ୍ୟତର ଅର୍ଥାତ୍ ତ୍ରିକାଳର) **ଈଶାନଃ** (ନିୟନ୍ତା); **ତତଃ** (ଏହି ଜ୍ଞାନ ହେଲେ) [ଲୋକ] **ନ ବିଜୁଗୁପ୍ସତେ** (ନିଜର ରକ୍ଷା ପାଇଁ ଆକୁଳ ହୁଏ ନାହିଁ) । **ଏତତ୍ ବୈ ତତ୍** (ଏହା ହିଁ ସେହି ଆତ୍ମା) । ୨/୧/୧୨

ଯିଏ ଅଙ୍ଗୁଷ୍ଠପରିମାଣ ପୁରୁଷ ରୂପରେ[3] ଶରୀର ମଧ୍ୟରେ ଅବସ୍ଥିତ, ସେ ହିଁ ତ୍ରିକାଳର ନିୟନ୍ତା । ଏହିପ୍ରକାର ଦର୍ଶନ ହେଲେ ଲୋକ ନିଜ ରକ୍ଷା ପାଇଁ ଆକୁଳ ହୁଅନ୍ତି ନାହିଁ । ଏହା ହିଁ ସେହି ଆତ୍ମା । ୨/୧/୧୨

ଅଙ୍ଗୁଷ୍ଠମାତ୍ରଃ ପୁରୁଷୋ ଜ୍ୟୋତିରିବାଧୂମକଃ ।
ଈଶାନୋ ଭୂତଭବ୍ୟସ୍ୟ ସ ଏବାଦ୍ୟ ସ ଉ ଶ୍ୱଃ ॥
ଏତଦ୍ୱୈ ତତ୍ ॥୧୩॥

[ଯିଏ] **ଭୂତଭବ୍ୟସ୍ୟ** (ତ୍ରିକାଳର) **ଈଶାନଃ** (ନିୟନ୍ତା) [ସେ ହିଁ] ଅଙ୍ଗୁଷ୍ଠମାତ୍ରଃ (ଅଙ୍ଗୁଷ୍ଠପରିମିତ) **ପୁରୁଷଃ** (ଅନ୍ତରାତ୍ମା) **ଅଧୂମକଃ** (=**ଅଧୂମକମ୍**, ଧୂମରହିତ) **ଜ୍ୟୋତିଃ ଇବ** (ପ୍ରଭା ସଦୃଶ) [ଯୋଗୀମାନଙ୍କ ଦ୍ୱାରା ଲକ୍ଷିତ ହୁଅନ୍ତି];

---

1. ୨/୩/୯, ୨/୩/୧୨ ମନ୍ତ୍ରର ବ୍ୟାଖ୍ୟା ଓ ଟୀକା ଦ୍ରଷ୍ଟବ୍ୟ ।

2. ପାଠାନ୍ତର—**ଈଶାନଂ**; ଏହି କ୍ଷେତ୍ରରେ "ତାହାଙ୍କୁ ଈଶ୍ୱରରୂପରେ ଦେଖି" ଏହି ଅର୍ଥ ହେବ ।

3. ହୃଦୟପୁଣ୍ଡରୀକ ଅଙ୍ଗୁଷ୍ଠପରିମାଣ; ସେଥିରେ ଉପଲବ୍ଧ ହୁଅନ୍ତି ବୋଲି ଆତ୍ମାଙ୍କୁ ମଧ୍ୟ ଅଙ୍ଗୁଷ୍ଠପରିମାଣ କୁହାହେଲା । ଯଦ୍ୱାରା ସମସ୍ତ ପରିପୂର୍ଣ୍ଣ ସେ ହିଁ ପୁରୁଷ ।

ସଃ ଏବ (ସେ ହିଁ) **ଅଦ୍ୟ** (ଇଦାନୀଂ ସର୍ବପ୍ରାଣୀଙ୍କଠାରେ ବିଦ୍ୟମାନ) **ସଃ ଉ** (ସେ ହିଁ ପୁଣି) **ଶ୍ୱଃ** (କାଲି ମଧ୍ୟ [ଭବିଷ୍ୟତରେ ମଧ୍ୟ] ବିଦ୍ୟମାନ ରହିବେ); **ଏତତ୍ ବୈ ତତ୍** (ଏହା ହିଁ ସେହି ଆତ୍ମା) । ୨/୧/୧୩

ଯିଏ ତ୍ରିକାଳର ନିୟନ୍ତା ସେ ହିଁ ଧୂମରହିତ ଜ୍ୟୋତିଃସଦୃଶ ଅଙ୍ଗୁଷ୍ଠପରିମାଣ ଅନ୍ତରାତ୍ମା । ସେ ହିଁ ଏବେ ବିଦ୍ୟମାନ ଅଛନ୍ତି ଏବଂ କାଲି (ଭବିଷ୍ୟତରେ) ମଧ୍ୟ ସେ ହିଁ ବିଦ୍ୟମାନ ରହିବେ । ଏହା ହିଁ ସେହି ଆତ୍ମା । ୨/୧/୧୩

ୟଥୋଦକଂ ଦୁର୍ଗେ ବୃଷ୍ଟଂ ପର୍ବତେଷୁ ବିଧାବତି ।
ଏବଂ ଧର୍ମାନ୍ ପୃଥକ୍ ପଶ୍ୟଂସ୍ତାନେବାନୁବିଧାବତି ॥୧୪॥

ଦୁର୍ଗେ (ଦୁର୍ଗମ ଉଚ୍ଚ ଭୂମିରେ) **ବୃଷ୍ଟମ୍** (ବର୍ଷିତ) **ଉଦକମ୍** (ଜଳ, ବୃଷ୍ଟିଧାରା) **ୟଥା** (ଯେପରି) **ପର୍ବତେଷୁ** (ପାର୍ବତ୍ୟ ନିମ୍ନପ୍ରଦେଶସମୂହରେ) **ବିଧାବତି** (ବିକୀର୍ଣ୍ଣଭାବରେ ପ୍ରବାହିତ ହୁଏ) [ଏବଂ ବିନଷ୍ଟ ହୁଏ] **ଏବମ୍** (ଏହି ପ୍ରକାରରେ) [ବ୍ୟକ୍ତି] **ଧର୍ମାନ୍** (ପ୍ରାଣୀସମୂହଙ୍କୁ) **ପୃଥକ୍** (ପ୍ରତିଶରୀରରେ ଆତ୍ମାଠାରୁ ଭିନ୍ନ ରୂପରେ) **ପଶ୍ୟନ୍** (ଦର୍ଶନ କରି) **ତାନ୍ ଏବ** (ସେମାନଙ୍କୁ ହିଁ) **ଅନୁବିଧାବତି** (ଅନୁଗମନ କରିଥାଏ, ଅର୍ଥାତ୍ ବିଭିନ୍ନ ଶରୀରରେ ପୁନଃପୁନଃ ଜନ୍ମଗ୍ରହଣ କରିଥାଏ) । ୨/୧/୧୪

ଦୁର୍ଗମ ପର୍ବତ ଶିଖରରେ ବର୍ଷିତ ବୃଷ୍ଟିଧାରା ଯେପରି ନିମ୍ନତର ପାର୍ବତ୍ୟ ଦେଶସମୂହରେ ବିକୀର୍ଣ୍ଣ ହୁଏ, ସେପରି ଯେଉଁ ବ୍ୟକ୍ତି ପ୍ରାଣୀସମୂହଙ୍କୁ ଆତ୍ମାଠାରୁ ପୃଥକ୍ ବୋଲି ଦର୍ଶନ କରନ୍ତି, ସେ ସେହି ସକଳ ଭେଦର ହିଁ ଅନୁସରଣ କରିଥାଆନ୍ତି ଅର୍ଥାତ୍ ବିଭିନ୍ନ ଶରୀରରେ ପୁନଃପୁନଃ ଜନ୍ମଗ୍ରହଣ କରିଥାଆନ୍ତି । ୨/୧/୧୪

ୟଥୋଦକଂ ଶୁଦ୍ଧେ ଶୁଦ୍ଧମାସିକ୍ତଂ ତାଦୃଗେବ ଭବତି ।
ଏବଂ ମୁନେର୍ବିଜାନତ ଆତ୍ମା ଭବତି ଗୌତମ ॥୧୫॥

ଇତି କଠୋପନିଷଦି ଦ୍ୱିତୀୟାଧ୍ୟାୟେ ପ୍ରଥମା ବଲ୍ଲୀ ॥

ୟଥା (ଯେପରି) **ଶୁଦ୍ଧମ୍** (ନିର୍ମଳ) **ଉଦକମ୍** (ଜଳ) **ଶୁଦ୍ଧେ** (ନିର୍ମଳ ଜଳରେ) **ଆସିକ୍ତମ୍** (ପ୍ରକ୍ଷିପ୍ତ ହେଲେ) **ତାଦୃକ୍ ଏବ** (ତାହାର ସ୍ୱରୂପ ହିଁ) **ଭବତି** (ହୁଏ) **ଗୌତମ** (ହେ ନଚିକେତା) **ବିଜାନତଃ** (ଏକତ୍ୱଦର୍ଶୀ) **ମୁନେଃ**

(ମନନଶୀଳ ବ୍ୟକ୍ତିଙ୍କର) **ଆତ୍ମା** (ଆତ୍ମା) **ଏବମ୍** (ଏହିପରି ଏକତ୍ୱପ୍ରାପ୍ତ) **ଭବତି** (ହୁଅନ୍ତି) । ୨/୧/୧୫

ହେ ଗୌତମ, ନିର୍ମଳ ଜଳ ଯେପରି ନିର୍ମଳ ଜଳରେ ପ୍ରକ୍ଷିପ୍ତ ହୋଇ ତାହାର ସ୍ୱରୂପ ହିଁ ପ୍ରାପ୍ତ ହୁଏ, ସେପରି ମନନଶୀଳ ଓ ଏକତ୍ୱଦର୍ଶୀ ବ୍ୟକ୍ତିଙ୍କର ଆତ୍ମା ମଧ୍ୟ ପରବ୍ରହ୍ମଙ୍କ ସହିତ ଏକତ୍ୱ ପ୍ରାପ୍ତ ହୁଏ ।[1] ୨/୧/୧୫

॥ କଠୋପନିଷଦ୍‌ର ଦ୍ୱିତୀୟ ଅଧ୍ୟାୟର ପ୍ରଥମ ବଲ୍ଲୀ ସମାପ୍ତ ॥

---

1. ଏକ ହିଁ ଶୁଦ୍ଧ ଜଳ ଉପାଧିଭେଦରେ ବିଭିନ୍ନ ବୋଲି ବୋଧ ହୁଏ, କିନ୍ତୁ ଉପାଧି-ବିନାଶରେ ତାହା ପୁନରାୟ ଶୁଦ୍ଧ ଜଳ ହୁଏ । ଆତ୍ମା ମଧ୍ୟ ସେପରି ପରମାତ୍ମାଙ୍କଠାରେ ଏକୀଭୂତ ହୁଏ ।

ଦ୍ୱିତୀୟ ଅଧ୍ୟାୟ

ଦ୍ୱିତୀୟ ବଲ୍ଲୀ

ପୁରମେକାଦଶଦ୍ୱାରମଜସ୍ୟାବକ୍ରଚେତସଃ ।
ଅନୁଷ୍ଠାୟ ନ ଶୋଚତି ବିମୁକ୍ତଶ୍ଚ ବିମୁଚ୍ୟତେ ।
ଏତଦ୍ୱୈ ତତ୍ ॥୧॥

[ଦୁର୍ବିଜ୍ଞେୟ ବୋଲି ପୁନର୍ବାର ଅନ୍ୟ ଉପାୟରେ ବ୍ରହ୍ମତତ୍ତ୍ୱର ନିର୍ଦ୍ଦେଶ କରାଯାଉଛି]—**ଅଜସ୍ୟ** (ଜନ୍ମାଦି-ବିକ୍ରିୟା-ରହିତ) **ଅବକ୍ରଚେତସଃ** (ଅକୁଟିଳ, ଅର୍ଥାତ୍ ଯାହାଙ୍କ ଚୈତନ୍ୟ ନିତ୍ୟ ଏକରୂପ ସେହି ବ୍ରହ୍ମଙ୍କର) **ଏକାଦଶ-ଦ୍ୱାରମ୍** (ଏକାଦଶଦ୍ୱାରଯୁକ୍ତ) **ପୁରମ୍** (ନଗର) [ଅଛି]; [ସେହି ପୁରସ୍ୱାମୀଙ୍କୁ] **ଅନୁଷ୍ଠାୟ** ([ସର୍ବତ୍ର ସମରୂପେ ସମ୍ୟକ୍ ବିଜ୍ଞାନପୂର୍ବକ] ଧ୍ୟାନ କରି) **ନ ଶୋଚତି** ([ସାଧକ] ଶୋକାତୀତ ହୁଅନ୍ତି) **ବିମୁକ୍ତଃ ଚ** (ଏବଂ [ଦେହରେ ଅବସ୍ଥାନକାଳରେ ହିଁ ଅବିଦ୍ୟାକୃତ କାମ ଓ କର୍ମର ବନ୍ଧନରୁ] ମୁକ୍ତ ହୋଇ) [ଦେହାବସାନରେ] **ବିମୁଚ୍ୟତେ** (ପୁନର୍ଜନ୍ମରହିତ ହୋଇଥାଆନ୍ତି) । **ଏତତ୍ ବୈ ତତ୍** (ଏହା ହିଁ ନଚିକେତାଙ୍କ ଜିଜ୍ଞାସିତ ସେହି ଆତ୍ମା) [୧/୧/୨୦ ଦ୍ର.] । ୨/୨/୧

ଜନ୍ମରହିତ ନିତ୍ୟଚୈତନ୍ୟ-ସ୍ୱରୂପଙ୍କର ଏକାଦଶ[1] ଦ୍ୱାରଯୁକ୍ତ ଗୋଟିଏ ନଗର[2] ଅଛି । (ସେହି ପୁରସ୍ୱାମୀଙ୍କର) ଧ୍ୟାନ କରି ସାଧକ ଶୋକାତୀତ ହୁଅନ୍ତି ଏବଂ ଏହି ଦେହରେ ମୁକ୍ତ ହୋଇ (ଶରୀର ତ୍ୟାଗ ପରେ) ପୁନର୍ବାର ଶରୀର ଗ୍ରହଣ କରନ୍ତି ନାହିଁ । ଏହା ହିଁ ନଚିକେତାଙ୍କ ଜିଜ୍ଞାସିତ ସେହି ଆତ୍ମା । ୨/୨/୧

---

1. ବ୍ରହ୍ମରନ୍ଧ୍ର, ଦୁଇ ଚକ୍ଷୁ, ଦୁଇ ନାସିକା, ଦୁଇ କର୍ଣ୍ଣ, ମୁଖ, ନାଭି ଏବଂ ମଳ ଓ ମୂତ୍ର ନିର୍ଗମନର ଦୁଇ ଦ୍ୱାର ।

2. ଶରୀରକୁ ନଗରରୂପେ କଳ୍ପନା କରି ଏହା ହିଁ କୁହାଗଲା ଯେ, ନଗରରେ ଯେପରି ତାହାର ଅଧିଷ୍ଠାତା ସ୍ୱାଧୀନ ରାଜା ଥାଆନ୍ତି, ସେହିପରି ଦେହଠାରୁ ଭିନ୍ନ ତାହାର ଅଧିଷ୍ଠାତା ଜଣେ ଆତ୍ମା ମଧ୍ୟ ଅଛନ୍ତି ।

ହଂସଃ ଶୁଚିଷଦ୍ ବସୁରନ୍ତରିକ୍ଷସ-
ଦ୍ଧୋତା ବେଦିଷଦତିଥିର୍ଦୁରୋଣସତ୍ ।
ନୃଷଦ୍ ବରସଦୃତସଦ୍ବ୍ୟୋମସଦବ୍ଜା
ଗୋଜା ଋତଜା ଅଦ୍ରିଜା ଋତଂ ବୃହତ୍ ॥୨॥

[ଉକ୍ତ ଆତ୍ମା] **ହଂସଃ** (ସର୍ବତ୍ରଗାମୀ ସୂର୍ଯ୍ୟରୂପରେ) **ଶୁଚି-ସତ** (ଶୁଚି, ଅର୍ଥାତ୍ ଦ୍ୟୁଲୋକରେ ଅବସ୍ଥିତ) **ବସୁଃ** (ସମସ୍ତଙ୍କର ସ୍ଥିତିସାଧକ ବାୟୁରୂପରେ) **ଅନ୍ତରିକ୍ଷ-ସତ୍** (ଅନ୍ତରୀକ୍ଷରେ ଅବସ୍ଥିତ) **ହୋତା** (ଅଗ୍ନିରୂପରେ) **ବେଦି-ସତ୍** (ପୃଥିବୀରେ ଅବସ୍ଥିତ) **ଅତିଥିଃ ଦୁରୋଣ-ସତ୍** (ସୋମରୂପରେ କଳସୀରେ ଅବସ୍ଥିତ, ବା ଅତିଥି ବ୍ରାହ୍ମଣରୂପରେ ଗୃହରେ ଅବସ୍ଥିତ) **ନୃ-ସତ୍** (ମନୁଷ୍ୟ ମଧ୍ୟରେ ସ୍ଥିତ) **ବର-ସତ୍** (ଦେବବୃନ୍ଦଙ୍କ ମଧ୍ୟରେ ସ୍ଥିତ) **ଋତ-ସତ୍** (ସତ୍ୟ ବା ଯଜ୍ଞରେ ପ୍ରତିଷ୍ଠିତ) **ବ୍ୟୋମ-ସତ୍** (ଆକାଶରେ ଅବସ୍ଥିତ) **ଅବ୍ଜାଃ** (ଶଙ୍ଖାଦିରୂପେ ଜଳରେ ଜାତ) **ଗୋଜାଃ** (ପୃଥିବୀରେ ବ୍ରୀହିଯବାଦିରୂପେ ଉତ୍ପନ୍ନ) **ଋତଜାଃ** (ଯଜ୍ଞାଙ୍ଗରୂପେ ଉଦ୍ଭୂତ) **ଅଦ୍ରିଜାଃ** (ପର୍ବତରୁ ନଦୀ ଆଦି ରୂପେ ଉତ୍ପନ୍ନ) [ହୋଇ ପ୍ରପଞ୍ଚାକାରରେ ବିଦ୍ୟମାନ ଅଛନ୍ତି, ଅଥଚ ସେ] **ଋତମ୍** (ପାରମାର୍ଥିକସ୍ୱରୂପରେ ପ୍ରତିଷ୍ଠିତ) [କାହିଁକି ନା ସେ] **ବୃହତ୍** (ସର୍ବକାରଣରୂପେ ମହାନ୍, ସର୍ବବ୍ୟାପୀ) । ୨/୨/୨

ସେହି ଆତ୍ମା ସର୍ବତ୍ରଗାମୀ ସୂର୍ଯ୍ୟରୂପରେ ଦ୍ୟୁଲୋକରେ ଅଧିଷ୍ଠିତ; ସେ ସମସ୍ତଙ୍କର ସ୍ଥିତିବିଧାୟକ ବାୟୁରୂପରେ ଅନ୍ତରୀକ୍ଷରେ ବିଚରଣ କରନ୍ତି; ସେ ହିଁ ଅଗ୍ନିରୂପରେ[1] ପୃଥିବୀରେ[2] ପ୍ରତିଷ୍ଠିତ ଓ ସୋମରୂପରେ କଳସୀରେ ଅବସ୍ଥିତ । ସେ ମନୁଷ୍ୟଠାରେ ସଂସ୍ଥିତ, ଦେବଗଣଙ୍କ ମଧ୍ୟରେ ଅବସ୍ଥିତ, ସତ୍ୟରେ ପ୍ରତିଷ୍ଠିତ, ଆକାଶରେ ଅବସ୍ଥିତ, ଜଳରେ ଶଙ୍ଖାଦିରୂପେ ଉଦ୍ଭୂତ, ପୃଥିବୀରେ ବ୍ରୀହିଯବାଦିରୂପରେ ଜାତ, ଯଜ୍ଞର ଅଙ୍ଗରୂପରେ ସମୁତ୍ପନ୍ନ, ଏବଂ ପର୍ବତରୁ ନଦୀ ଆଦିରୂପରେ ପ୍ରବାହିତ ହୁଅନ୍ତି । ଏହିପରି ସର୍ବସ୍ୱରୂପ ହୋଇ ମଧ୍ୟ ସେ କିନ୍ତୁ ସ୍ୱୀୟ ପାରମାର୍ଥିକ ରୂପରେ ହିଁ[3] ବିଦ୍ୟମାନ ଅଛନ୍ତି, କାହିଁକି ନା ସେ ମହାନ୍ । ୨/୨/୨

---

1. **"ଅଗ୍ନିର୍ବୈ ହୋତା"**—ଏହି ଶ୍ରୁତିରୁ ଜଣାଯାଏ ଯେ, ହୋତାଶବ୍ଦରେ ଅଗ୍ନିକୁ ହିଁ ବୁଝିବାକୁ ହେବ; କାରଣ ଅଗ୍ନି ହିଁ ଅଗ୍ରଣୀ ହୋଇ ଦେବଗଣଙ୍କୁ ଯଜ୍ଞରେ ଆହ୍ୱାନ କରନ୍ତି ।

2. ମୂଳର **"ବେଦି"** ଶବ୍ଦର ଅର୍ଥ ପୃଥିବୀ, କାରଣ— **"ଇଦଂ ବେଦିଃ ପରୋହନ୍ତଃ ପୃଥିବ୍ୟାଃ"** ଇତ୍ୟାଦି ମନ୍ତ୍ରରୁ ସେହିପ୍ରକାର ଅର୍ଥ ହିଁ ନିର୍ଣ୍ଣୀତ ହୁଏ ।

3. ଅଧସ୍ତ ବସ୍ତୁ ମିଥ୍ୟା ହେଲେ ମଧ୍ୟ ଏହା ସ୍ୱୀକାର କରିବାକୁ ହେବ ଯେ, ତାହାର ଅଧିଷ୍ଠାନ ସତ୍ୟ ଏବଂ ଅଧ୍ୟାସ ଦ୍ୱାରା ଅଧିଷ୍ଠାନ ବିକୃତ ହୁଏ ନାହିଁ । ସୁତରାଂ ସର୍ବବସ୍ତୁର କାରଣସ୍ୱରୂପ ଯେ

ଊର୍ଧ୍ୱଂ ପ୍ରାଣମୁନ୍ନୟତ୍ୟପାନଂ ପ୍ରତ୍ୟଗସ୍ୟତି ।
ମଧ୍ୟେ ବାମନମାସୀନଂ ବିଶ୍ୱେ ଦେବା ଉପାସତେ ॥୩॥

[ଯେଉଁ ଆତ୍ମା] **ପ୍ରାଣମ୍** (ପ୍ରାଣବାୟୁକୁ) **ଊର୍ଧ୍ୱମ୍** (ଉର୍ଦ୍ଧ୍ୱଦିଗରେ) **ଉନ୍ନୟତି** (ସଞ୍ଚାଳିତ କରନ୍ତି) **ଅପାନମ୍** (ଅପାନବାୟୁକୁ) **ପ୍ରତ୍ୟକ୍ ଅସ୍ୟତି** (ଅଧୋଦିଗକୁ ନିକ୍ଷେପ କରନ୍ତି) [ସେହି] **ମଧ୍ୟେ** (ହୃଦୟପଦ୍ମରେ) **ଆସୀନମ୍** (ଅବସ୍ଥିତ) **ବାମନମ୍** (ସମ୍ଭଜନୀୟ, ପ୍ରାର୍ଥନା-ଯୋଗ୍ୟ ଆତ୍ମାଙ୍କୁ) **ବିଶ୍ୱେ** (ସକଳ) **ଦେବାଃ** (ଇନ୍ଦ୍ରିୟସମୂହ) **ଉପାସତେ** ([ରୂପାରସାଦି-ବିଜ୍ଞାନରୂପକ] ଉପଢୌକନ ପ୍ରଦାନ କରନ୍ତି) । ୨/୨/୩

ଯିଏ ପ୍ରାଣବାୟୁକୁ ଊର୍ଦ୍ଧ୍ୱକୁ ସଞ୍ଚାଳିତ କରନ୍ତି ଏବଂ ଅପାନବାୟୁକୁ ଅଧୋଦିଗକୁ ନିକ୍ଷେପ କରନ୍ତି, ହୃଦୟ ମଧ୍ୟରେ ଅଧିଷ୍ଠିତ ସେହି ଅବଶ୍ୟ ପୂଜନୀୟ ଆତ୍ମାଙ୍କୁ ଇନ୍ଦ୍ରିୟସମୂହ ରୂପରସାଦି ବିଜ୍ଞାନରୂପକ ଉପଢୌକନ ପ୍ରଦାନ କରନ୍ତି[1] । ୨/୨/୩

ଅସ୍ୟ ବିସ୍ରଂସମାନସ୍ୟ ଶରୀରସ୍ଥସ୍ୟ ଦେହିନଃ ।
ଦେହାଦ୍ୱିମୁଚ୍ୟମାନସ୍ୟ କିମତ୍ର ପରିଶିଷ୍ୟତେ ।
ଏତଦ୍ୱୈ ତତ୍ ॥୪॥

ଅସ୍ୟ (ଏହି) **ଶରୀରସ୍ଥସ୍ୟ** (ଶରୀରରେ ଅବସ୍ଥିତ) **ଦେହିନଃ** (ଦେହସ୍ୱାମୀ ଆତ୍ମା) **ବିସ୍ରଂସମାନସ୍ୟ** (ସମ୍ପର୍କଶୂନ୍ୟ ହେଲେ)—**ଦେହାତ୍ ବିମୁଚ୍ୟମାନସ୍ୟ** (ଅର୍ଥାତ୍ ଦେହରୁ ବିମୁକ୍ତ ହେଲେ) **ଅତ୍ର** (ଏହି ଦେହରେ) **କିମ୍** (କ'ଣ) **ପରିଶିଷ୍ୟତେ** (ଅବଶିଷ୍ଟ ରହେ) ? [ଅର୍ଥାତ୍ କିଛି ରହେ ନାହିଁ] । **ଏତତ୍ ବୈ ତତ୍** (ଏହା ହିଁ ସେହି ଆତ୍ମା) । ୨/୨/୪

ଏହି ଦେହରେ ଯିଏ ଦେହସ୍ୱାମୀରୂପେ ଅବସ୍ଥିତ, ସେ ଏହି ଦେହରୁ ଅସଂଯୁକ୍ତ ହେଲେ, ଅର୍ଥାତ୍ ଦେହରୁ ବିମୁକ୍ତ ହେଲେ, ଦେହରେ ଆଉ କ'ଣ

ବ୍ରହ୍ମକଠାରେ ପ୍ରପଞ୍ଚ ଅଧସ୍ତ ହୋଇଅଛି ସେ ମଧ୍ୟ ତାହା ଦ୍ୱାରା ବିକୃତ ହୋଇ ନାହାନ୍ତି । ମନ୍ତ୍ରଟିର ସଂକ୍ଷେପାର୍ଥ ଏହି ଯେ, ଆତ୍ମା ଜୀବଭେଦରେ ଭିନ୍ନ ନୁହନ୍ତି; ସର୍ବ ଜଗତ୍‌ର ଆତ୍ମା ଏକ, ଅବିକାରୀ ଏବଂ ସର୍ବବ୍ୟାପୀ ।

1. ପ୍ରଜାମାନେ ଯେପରି ରାଜାଙ୍କୁ ଉପହାର ଦିଅନ୍ତି, ଇନ୍ଦ୍ରିୟଗଣ ମଧ୍ୟ ସେହିପରି ଆତ୍ମାଙ୍କ ଆନନ୍ଦ ବିଧାନରେ ସର୍ବଦା ତତ୍ପର ଥାଆନ୍ତି । ଭୃତ୍ୟାଦିଙ୍କ ପରି ସେମାନେ ପରାର୍ଥରେ ହିଁ ବ୍ୟାପୃତ ଅଛନ୍ତି, ସୁତରାଂ ଯାହାଙ୍କ ପାଇଁ ସେମାନେ ନିଯୁକ୍ତ ଅଛନ୍ତି, ସେ ନିଶ୍ଚୟ ତାଙ୍କଠାରୁ ଭିନ୍ନ ।

ଅବଶିଷ୍ଟ ରହେ ? ଅର୍ଥାତ୍ କିଛି ବି ଅବଶିଷ୍ଟ ରହେ ନାହିଁ । ଏହା ହିଁ ସେହି ଆତ୍ମା[1] । ୨/୨/୪

ନ ପ୍ରାଣେନ ନାପାନେନ ମର୍ତ୍ୟୋ ଜୀବତି କଶ୍ଚନ ।
ଇତରେଣ ତୁ ଜୀବନ୍ତି ୟସ୍ମିନ୍ନେତାବୁପାଶ୍ରିତୌ ॥୫॥

ନ ପ୍ରାଣେନ୍ (ପ୍ରାଣ ଦ୍ୱାରା ନୁହେଁ) **ନ ଅପାନେନ** (ଅପାନ ଦ୍ୱାରା ନୁହେଁ) **କଃ ଚନ** (କୌଣସି) **ମର୍ତ୍ୟଃ** (ପ୍ରାଣୀ) **ଜୀବତି** (ଜୀବନ ଧାରଣ କରନ୍ତି); **ତୁ** (କିନ୍ତୁ) **ୟସ୍ମିନ୍** (ଯାହାଙ୍କଠାରେ) **ଏତୌ** (ଏହି ପ୍ରାଣ ଓ ଅପାନ) **ଉପାଶ୍ରିତୌ** (ଆଶ୍ରିତ ରହିଛି) [ସେହି] **ଇତରେଣ** (ପ୍ରାଣାଦିବିଲକ୍ଷଣ ଅପର ଦ୍ୱାରା ଅର୍ଥାତ୍ ଆତ୍ମା ଦ୍ୱାରା) **ଜୀବନ୍ତି** (ଏମାନେ ଜୀବିତ ରହନ୍ତି) । ୨/୨/୫

କୌଣସି ପ୍ରାଣୀ ପ୍ରାଣ ଦ୍ୱାରା ବା ଅପାନ ଦ୍ୱାରା ଜୀବନ ଧାରଣ କରନ୍ତି ନାହିଁ; କିନ୍ତୁ ପ୍ରାଣାଦିରୁ ବିଲକ୍ଷଣ ଏପରି କୌଣସି ବସ୍ତୁ ଦ୍ୱାରା ଜୀବିତ ରହନ୍ତି[2] ଯେଉଁଥିରେ ଏହି ପ୍ରାଣ ଓ ଅପାନ ଆଶ୍ରିତ ରହିଛନ୍ତି[3] । ୨/୨/୫

ହନ୍ତ ତ ଇଦଂ ପ୍ରବକ୍ଷ୍ୟାମି ଗୁହ୍ୟଂ ବ୍ରହ୍ମ ସନାତନମ୍ ।
ୟଥା ଚ ମରଣଂ ପ୍ରାପ୍ୟ ଆତ୍ମା ଭବତି ଗୌତମ ॥୬॥

ଗୌତମ (ହେ ନଚିକେତା) **ହନ୍ତ** [ମନୋଯୋଗ ଆକର୍ଷଣାର୍ଥକ ଅବ୍ୟୟ] **ତେ** (ତୁମକୁ) **ଇଦମ୍** (ଏହି) **ଗୁହ୍ୟମ୍** (ଗୋପନୀୟ) **ସନାତନମ୍** (ଚିରନ୍ତନ) **ବ୍ରହ୍ମ (ବ୍ରହ୍ମ)**[କହିବି] **ଚ** (ଏବଂ) [ତାହାଙ୍କୁ ନ ଜାଣିଲେ] **ମରଣମ୍** (ମୃତ୍ୟୁ) **ପ୍ରାପ୍ୟ** (ପ୍ରାପ୍ତ ହୋଇ) **ଆତ୍ମା** (ଆତ୍ମା) **ୟଥା** (ଯେଉଁ ପ୍ରକାର) **ଭବତି** (ହୋଇଥାଆନ୍ତି) [ତାହା ମଧ୍ୟ] **ପ୍ରବକ୍ଷ୍ୟାମି** (କହିବି) । ୨/୨/୬

---

1. ଅର୍ଥାତ୍ ଯିଏ ଶରୀର ତ୍ୟାଗ କଲେ ଦେହେନ୍ଦ୍ରିୟସମଷ୍ଟି ଚେତନାଶୂନ୍ୟ ଓ ବିଧ୍ୱସ୍ତ ହୁଏ ସେହି ଆତ୍ମା ନିଶ୍ଚୟ ଦେହାଦିଠାରୁ ପୃଥକ୍ ।

2. ଆତ୍ମା ନ ରହିଲେ ଚକ୍ଷୁରାଦି ଇନ୍ଦ୍ରିୟ ଓ ପଞ୍ଚପ୍ରାଣ ଅନ୍ୟ କାହା ପାଇଁ ପରସ୍ପର ସଂହତ ହୋଇ କାର୍ଯ୍ୟ କରିପାରେ ନାହିଁ । ଗୃହସ୍ୱାମୀ ଅଛନ୍ତି ବୋଲି ହିଁ ଭୃତ୍ୟବର୍ଗ ମିଳିତଭାବରେ କାର୍ଯ୍ୟ କରନ୍ତି । ସୁତରାଂ ଆତ୍ମା ସେହି ସକଳଠାରୁ ଭିନ୍ନ ।

3. ଆତ୍ମା ଦେହାଦିଠାରୁ ଭିନ୍ନ ଏହି ଶ୍ରୁତିସମ୍ମତ ସିଦ୍ଧାନ୍ତଟି ସୁପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ଏଠାରେ (୩ ରୁ ୫ ମନ୍ତ୍ର ପର୍ଯ୍ୟନ୍ତ) କେତୋଟି ଯୁକ୍ତି ପ୍ରଦର୍ଶିତ ହେଲା ।

ହେ ନଚିକେତା, ମୁଁ ବର୍ତ୍ତମାନ ତୁମକୁ ଏହି ଗୁହ୍ୟ ଶାଶ୍ୱତ ବ୍ରହ୍ମଙ୍କ ଉପଦେଶ ଦେବି ଏବଂ ବ୍ରହ୍ମଙ୍କୁ ନ ଜାଣିଲେ ମରଣ ପରେ ଆତ୍ମା ଯେଉଁ ଅବସ୍ଥା ପ୍ରାପ୍ତ ହୁଅନ୍ତି, ତାହା ମଧ୍ୟ କହିବି[1] । ୨/୨/୬

ଯୋନିମନ୍ୟେ ପ୍ରପଦ୍ୟନ୍ତେ ଶରୀରତ୍ୱାୟ ଦେହିନଃ ।
ସ୍ଥାଣୁମନ୍ୟେଽନୁସଂଯନ୍ତି ଯଥାକର୍ମ ଯଥାଶ୍ରୁତମ୍ ॥୭॥

ଯଥାକର୍ମ ([ଇହଜନ୍ମରେ] କୃତ କର୍ମ ଅନୁଯାୟୀ) **ଯଥାଶ୍ରୁତମ୍** ([ଏବଂ] ଅର୍ଜିତ ବିଜ୍ଞାନ ବା ଚିନ୍ତା ଅନୁଯାୟୀ) **ଅନ୍ୟେ** (ଅବିଦ୍ୟାବାନ୍ କେହି କେହି) **ଦେହିନଃ** (ଦେହଧାରୀ ଜୀବର) **ଶରୀରତ୍ୱାୟ** (ଦେହଧାରଣ ପାଇଁ) **ଯୋନିମ୍** (ମାତୃଗର୍ଭକୁ) **ପ୍ରପଦ୍ୟନ୍ତେ** (ପ୍ରାପ୍ତ ହୁଅନ୍ତି), **ଅନ୍ୟେ** (ଅପର କେହି କେହି) **ସ୍ଥାଣୁମ୍** (ବୃକ୍ଷାଦି-ସ୍ଥାବର-ଭାବକୁ) **ଅନୁସଂଯନ୍ତି** (ଅନୁଗମନ କରନ୍ତି) । ୨/୨/୭

ଅର୍ଜିତ କର୍ମଫଳାନୁଯାୟୀ ଏବଂ ଅର୍ଜିତ ବିଜ୍ଞାନ ଓ ଚିନ୍ତାନୁଯାୟୀ କୌଣସି କୌଣସି ଜୀବ ଶରୀର ଗ୍ରହଣ ପାଇଁ ମାତୃଗର୍ଭରେ ପ୍ରବେଶ କରନ୍ତି ଏବଂ ଅନ୍ୟ କେହି କେହି ସ୍ଥାବରତ୍ୱ ପ୍ରାପ୍ତ ହୁଅନ୍ତି[2] । ୨/୨/୭

ଯ ଏଷ ସୁପ୍ତେଷୁ ଜାଗର୍ତି କାମଂ କାମଂ ପୁରୁଷୋ ନିର୍ମିମାଣଃ ।
ତଦେବ ଶୁକ୍ରଂ ତଦ୍ବ୍ରହ୍ମ ତଦେବାମୃତମୁଚ୍ୟତେ ।
ତସ୍ମିଁଲ୍ଲୋକାଃ ଶ୍ରିତାଃ ସର୍ବେ ତଦୁ ନାତ୍ୟେତି କଶ୍ଚନ ।
ଏତଦ୍ବୈ ତତ୍ ॥୮॥

[ପୂର୍ବବର୍ତ୍ତୀ ଷଷ୍ଠ ମନ୍ତ୍ରରେ ପ୍ରତିଜ୍ଞାତ ବ୍ରହ୍ମଙ୍କର ଉପଦେଶ ଦିଆଯାଉଛି]— **ସୁପ୍ତେଷୁ** ([ଅନ୍ତଃକରଣ ବ୍ୟତୀତ ଇନ୍ଦ୍ରିୟାଦି] ନିଦ୍ରିତ ହେଲେ ମଧ୍ୟ) **ୟଃ ଏଷଃ ପୁରୁଷଃ** (ଏହି ଯେଉଁ ପୁରୁଷ) **କାମମ୍ କାମମ୍** (ଅଭିପ୍ରେତ ଭୋଗ୍ୟ ବିଷୟସମୂହ) **ନିର୍ମିମାଣଃ** ([ନିଦ୍ରାବସ୍ଥାରେ ଅନ୍ତଃକରଣରୂପରେ ଅଭିବ୍ୟକ୍ତ ଅବିଦ୍ୟାସହାୟରେ] ନିର୍ମାଣ କରି) **ଜାଗର୍ତି** (ଜାଗ୍ରତ୍ ରହନ୍ତି) **ତତ୍ ଏବ** (ସେ ହିଁ) **ଶୁକ୍ରମ୍** (ଶୁଦ୍ଧ) **ତତ୍ ବ୍ରହ୍ମ** (ସେ ହିଁ ବ୍ରହ୍ମ) **ତତ୍ ଏବ** (ସେ ହିଁ) **ଅମୃତମ୍ ଉଚ୍ୟତେ** ([ସର୍ବଶାସ୍ତ୍ରରେ] ଅମୃତରୂପରେ କଥିତ ହୁଅନ୍ତି)। **ସର୍ବେ** (ସକଳ) **ଲୋକାଃ** (ପୃଥିବ୍ୟାଦି

---

1. ୨/୩/୪-୧୬ ଦ୍ରଷ୍ଟବ୍ୟ । ୧/୧/୨୦ ମନ୍ତ୍ରୋକ୍ତ ନଚିକେତାଙ୍କ ପ୍ରଶ୍ନର ଉତ୍ତର ପରବର୍ତ୍ତୀ ଦୁଇଟି ମନ୍ତ୍ରରେ ବିଶେଷଭାବରେ କୁହାହେବ ।

2. ଭୂମିକା ଦ୍ରଷ୍ଟବ୍ୟ । ପ୍ର., ୧/୯

ଲୋକସମୂହ) **ତସ୍ମିନ୍** (ସେହି ବ୍ରହ୍ମରେ) **ଶ୍ରିତାଃ** (ଆଶ୍ରିତ) **ତତ୍ ଉ** (ଏହି ସର୍ବାତ୍ମକ ବ୍ରହ୍ମଙ୍କୁ ହିଁ) **କଃ ଚନ** (କେହି) **ନ ଅତ୍ୟେତି** (ଅତିକ୍ରମ କରିପାରନ୍ତି ନାହିଁ) । **ଏତଦ୍ବୈ ତତ୍** (ସେ ହିଁ ନଚିକେତାଙ୍କ ଜିଜ୍ଞାସିତ ଆତ୍ମା) । ୨/୨/୮

ଇନ୍ଦ୍ରିୟାଦି ନିଦ୍ରିତ ହେଲେ ମଧ୍ୟ ଯେଉଁ ପୁରୁଷ ଜାଗ୍ରତ୍ ରହି ଅଭିପ୍ରେତ ବିଷୟ ନିର୍ମାଣ କରୁଥାଆନ୍ତି, ସେ ଶୁଦ୍ଧ, ସେ ହିଁ ବ୍ରହ୍ମ ଏବଂ ସେ ହିଁ ଅମୃତରୂପେ ବର୍ଣ୍ଣିତ ହୁଅନ୍ତି । ପୃଥିବ୍ୟାଦି ସମସ୍ତ ଲୋକ ତାଙ୍କଠାରେ ହିଁ ଆଶ୍ରିତ । କେବଳ ତାଙ୍କୁ ହିଁ କେହି ଅତିକ୍ରମ କରିପାରନ୍ତି ନାହିଁ । ଏହା ହିଁ ନଚିକେତାଙ୍କ ଜିଜ୍ଞାସିତ ସେହି ଆତ୍ମା । ୨/୨/୮

ଅଗ୍ନିର୍ଯଥୈକୋ ଭୁବନଂ ପ୍ରବିଷ୍ଟୋ
ରୂପଂ ରୂପଂ ପ୍ରତିରୂପୋ ବଭୂବ ।
ଏକସ୍ତଥା ସର୍ବଭୂତାନ୍ତରାତ୍ମା
ରୂପଂ ରୂପଂ ପ୍ରତିରୂପୋ ବହିଶ୍ଚ ॥୯॥

[ପରବର୍ତ୍ତୀ ତିନୋଟି ମନ୍ତ୍ରରେ ଆତ୍ମର ବହୁତ୍ୱ-ବିଷୟକ ଭ୍ରମ ଦୂର କରୁଛନ୍ତି]—**ଯଥା** (ଯେପରି) **ଏକଃ** (ଏକ) **ଅଗ୍ନିଃ** (ବହ୍ନି) **ଭୁବନମ୍ ପ୍ରବିଷ୍ଟଃ** (ପୃଥିବୀରେ ପ୍ରବେଶ କରି) **ରୂପମ୍ ରୂପମ୍ ପ୍ରତିରୂପଃ** (କାଷ୍ଠ ପ୍ରଭୃତି ବାହ୍ୟବସ୍ତୁର ଆକାର ଅନୁଯାୟୀ ତତ୍ ତତ୍ ଆକୃତିଯୁକ୍ତ) **ବଭୂବ** (ହୋଇଅଛି) **ଏକଃ** (ଅଦ୍ୱିତୀୟ) **ସର୍ବ-ଭୂତ-ଅନ୍ତଃ-ଆତ୍ମା** (ସର୍ବଭୂତଙ୍କ ଅନ୍ତରରେ ପ୍ରବିଷ୍ଟ ପରମାତ୍ମା ମଧ୍ୟ) **ତଥା** (ସେପରି) **ରୂପମ୍ ରୂପମ୍ ପ୍ରତିରୂପଃ** (ବିଭିନ୍ନ ଜୀବଦେହର ଆକୃତି-ସଦୃଶ [ହୋଇଛନ୍ତି]) [ତୈ., ୨/୬]; **ବହିଃ ଚ** (ଅଥଚ [ସେମାନଙ୍କ ଦ୍ୱାରା ଅସ୍ପୃଷ୍ଟ ସ୍ୱୀୟ ଅବିକୃତ ସ୍ୱରୂପରେ] ସେମାନଙ୍କଠାରୁ ଅଲଗା ରୂପରେ [ରହିଛନ୍ତି]) । ୨/୨/୯

ଯେପରି ଏକ ହିଁ ଅଗ୍ନି ପୃଥିବୀରେ ପ୍ରବେଶ କରି ଦାହ୍ୟବସ୍ତୁର ଆକାର ଅନୁଯାୟୀ ସେହି ସେହି ଆକାରବିଶିଷ୍ଟ ହୁଏ, ସେହିପରି ଅଦ୍ୱିତୀୟ ସର୍ବାନ୍ତର୍ଯ୍ୟାମୀ ମଧ୍ୟ ଜୀବଦେହସମୂହରେ ପ୍ରବିଷ୍ଟ ହୋଇ ସେମାନଙ୍କ ସଦୃଶ ହୋଇଛନ୍ତି; ଅଥଚ ସେମାନଙ୍କ ଦ୍ୱାରା ଅସ୍ପୃଷ୍ଟ ହୋଇ ସେମାନଙ୍କଠାରୁ ଅଲଗା ରୂପରେ ମଧ୍ୟ ବିଦ୍ୟମାନ ରହିଛନ୍ତି । ୨/୨/୯

ବାୟୁର୍ୟଥୈକୋ ଭୁବନଂ ପ୍ରବିଷ୍ଟୋ
ରୂପଂ ରୂପଂ ପ୍ରତିରୂପୋ ବଭୂବ ।
ଏକସ୍ତଥା ସର୍ବଭୂତାନ୍ତରାତ୍ମା
ରୂପଂ ରୂପଂ ପ୍ରତିରୂପୋ ବହିଶ୍ଚ ॥୧୦॥

ଯଥା (ଯେପରି) **ଏକଃ** (ଏକ) **ବାୟୁଃ** (ବାୟୁ) **ଭୁବନଂ ପ୍ରବିଷ୍ଟଃ** (ପୃଥିବୀରେ ପ୍ରାଣାଦିରୂପେ ପ୍ରତି ଦେହରେ ପ୍ରବେଶ କରି) **ରୂପମ୍ ରୂପମ୍ ପ୍ରତିରୂପଃ** (ବିଭିନ୍ନ ଦେହ ଅନୁଯାୟୀ ସେହି ସେହି ଆକାରବିଶିଷ୍ଟ) **ବଭୂବ** (ହୋଇଅଛି) **ଏକଃ** (ଅଦ୍ୱିତୀୟ) **ସର୍ବ-ଭୂତ-ଅନ୍ତଃ-ଆତ୍ମା** (ସର୍ବଭୂତଙ୍କ ଅନ୍ତରରେ ପ୍ରବିଷ୍ଟ ପରମାତ୍ମା ମଧ୍ୟ) **ତଥା** (ସେପରି) **ରୂପମ୍ ରୂପମ୍ ପ୍ରତିରୂପଃ** (ବିଭିନ୍ନ ଜୀବଦେହର ଆକୃତି-ସଦୃଶ [ହୋଇଛନ୍ତି])**ବହିଃ ଚ** (ଅଥଚ [ସେମାନଙ୍କ ଦ୍ୱାରା ଅସ୍ପୃଷ୍ଟ ସ୍ୱୀୟ ଅବିକୃତ ସ୍ୱରୂପରେ] ସେମାନଙ୍କଠାରୁ ଅଲଗା ରୂପରେ [ରହିଛନ୍ତି]) । ୨/୨/୧୦

ଯେପରି ଏକ ହିଁ ବାୟୁ ପୃଥିବୀରେ (ପ୍ରାଣରୂପରେ) ପ୍ରବେଶ କରି ବିଭିନ୍ନ ଦେହ ଅନୁଯାୟୀ ସେହି ସେହି ଆକାରବିଶିଷ୍ଟ ହୁଏ, ସେହିପରି ଅଦ୍ୱିତୀୟ ସର୍ବାନ୍ତରବର୍ତ୍ତୀ ଆତ୍ମା ମଧ୍ୟ ଜୀବଶରୀରରେ ଜୀବଦେହସମୂହ ସଦୃଶ ହୋଇଛନ୍ତି; ଅଥଚ ସେମାନଙ୍କ ଦ୍ୱାରା ଅସ୍ପୃଷ୍ଟ ହୋଇ ସେମାନଙ୍କଠାରୁ ଅଲଗା ସ୍ୱୀୟ ଅବିକୃତସ୍ୱରୂପରେ ବିଦ୍ୟମାନ ରହିଛନ୍ତି[1] । ୨/୨/୧୦

ସୂର୍ଯ୍ୟୋ ଯଥା ସର୍ବଲୋକସ୍ୟ ଚକ୍ଷୁ-
ର୍ନ ଲିପ୍ୟତେ ଚାକ୍ଷୁଷୈର୍ବାହ୍ୟଦୋଷୈଃ ।
ଏକସ୍ତଥା ସର୍ବଭୂତାନ୍ତରାତ୍ମା
ନ ଲିପ୍ୟତେ ଲୋକଦୁଃଖେନ ବାହ୍ୟଃ ॥୧୧॥

ସୂର୍ଯ୍ୟଃ (ସୂର୍ଯ୍ୟ) **ଯଥା** (ଯେପରି) **ସର୍ବଲୋକସ୍ୟ** (ଜୀବମାନଙ୍କର) **ଚକ୍ଷୁଃ** (ଚକ୍ଷୁ [ଆଲୋକ ପ୍ରଦାନପୂର୍ବକ ଚକ୍ଷୁର ଉପକାରକ ଓ ବହିର୍ବସ୍ତୁ ପ୍ରକାଶପୂର୍ବକ ଚକ୍ଷୁସ୍ଥାନୀୟ ହୋଇ ମଧ୍ୟ]) **ଚାକ୍ଷୁଷୈଃ** (ଚକ୍ଷୁ ସମ୍ବନ୍ଧୀୟ) **ବାହ୍ୟଦୋଷୈଃ** (ବହିର୍ବସ୍ତୁ

---

1. କାରଣ ଅବିଦ୍ୟାବଶତଃ ଯେଉଁ ସକଳ କାମକର୍ମୋଦ୍ଭୂତ ସୁଖ-ଦୁଃଖାଦି ଆତ୍ମାରେ ଅଧ୍ୟସ୍ତ ହୋଇଛି, ତାହା ସତରେ ହିଁ ଆତ୍ମାରେ ଅଛି—ପ୍ରାଣୀଗଣ ଏହି ପ୍ରକାର ଭ୍ରମ କରିଥାଆନ୍ତି । କିନ୍ତୁ ରଜ୍ଜୁରେ ଯେଉଁ ସର୍ପ ଅଧ୍ୟସ୍ତ ହୁଏ, ତାହା ବସ୍ତୁତଃ ରଜ୍ଜୁରେ ନାହିଁ । ସେହିପରି ସୁଖ-ଦୁଃଖାଦି ମଧ୍ୟ ଆତ୍ମାରେ ନାହିଁ ।

ଦର୍ଶନଜନିତ ଅଶୁଚିତା କିମ୍ବା ପାପ ଦ୍ୱାରା) **ନ ଲିପ୍ୟତେ** (ଲିପ୍ତ ହୁଅନ୍ତି ନାହିଁ) **ତଥା** (ସେପରି) **ସର୍ବଭୂତ-ଅନ୍ତରାତ୍ମା** (ସର୍ବଭୂତଙ୍କ ଅନ୍ତରାତ୍ମା) **ଏକଃ** (ଅଦ୍ୱିତୀୟ ହୋଇ ମଧ୍ୟ) **ଲୋକଦୁଃଖେନ** (ଜାଗତିକ ଦୁଃଖରେ) **ନ ଲିପ୍ୟତେ** (ଲିପ୍ତ ହୁଅନ୍ତି ନାହିଁ); [କାହିଁକି ନା] **ବାହ୍ୟଃ** (ସେ ବାହାରେ ସ୍ଥିତ, ଭିନ୍ନ) । ୨/୨/୧୧

ସୂର୍ଯ୍ୟ ଯେପରି ପ୍ରତ୍ୟେକ ଜୀବଙ୍କର ଦର୍ଶନର ହେତୁ ହୋଇ ମଧ୍ୟ ଚାକ୍ଷୁଷ ପାପ ଓ ଅଶୁଚିଦର୍ଶନାଦି ରୂପକ ବାହ୍ୟଦୋଷ ଦ୍ୱାରା ଲିପ୍ତ ହୁଅନ୍ତି ନାହିଁ, ସେହିପରି ନିଖିଳ ଜୀବଙ୍କର ଆତ୍ମା ଏକ ହୋଇ ମଧ୍ୟ ଜାଗତିକ ଦୁଃଖରେ ଲିପ୍ତ ହୁଅନ୍ତି ନାହିଁ; କାହିଁକି ନା ସେ ସେମାନଙ୍କଠାରୁ ଭିନ୍ନ[1] । ୨/୨/୧୧

ଏକୋ ବଶୀ ସର୍ବଭୂତାନ୍ତରାତ୍ମା
ଏକଂ ରୂପଂ ବହୁଧା ଯଃ କରୋତି ।
ତମାତ୍ମସ୍ଥଂ ଯେଽନୁପଶ୍ୟନ୍ତି ଧୀରା-
ସ୍ତେଷାଂ ସୁଖଂ ଶାଶ୍ୱତଂ ନେତରେଷାମ୍ ॥୧୨॥

ସର୍ବ-ଭୂତ-ଅନ୍ତରାତ୍ମା (ସର୍ବଭୂତଙ୍କ ଅନ୍ତରାତ୍ମା) [ହୋଇଥିବାରୁ] **ବଶୀ** (ସମସ୍ତଙ୍କର ନିଅନ୍ତା) **ଏକଃ** (ଅଦ୍ୱିତୀୟ) **ଯଃ** (ଯିଏ) **ଏକମ୍ ରୂପମ୍** (ସ୍ୱକୀୟ ଅଦ୍ୱିତୀୟ ସତ୍ତା-ମାତ୍ରକେ ହିଁ) **ବହୁଧା କରୋତି** (ଉପାଧି-ଭେଦରେ ବହୁପ୍ରକାର କରିଥାଆନ୍ତି) **ତମ୍** (ତାହାଙ୍କୁ) **ଯେ** (ଯେଉଁ ସକଳ) **ଧୀରାଃ** (ବିବେକୀଗଣ) **ଆତ୍ମସ୍ଥମ୍** (ବୁଦ୍ଧିରେ ଅଭିବ୍ୟକ୍ତରୂପେ) **ଅନୁପଶ୍ୟନ୍ତି** (ଗୁରୁଙ୍କ ଉପଦେଶ ଅନୁସାରେ ଉପଲବ୍ଧି କରନ୍ତି) **ତେଷାମ୍** (ସେମାନଙ୍କର) **ଶାଶ୍ୱତମ୍** (ନିତ୍ୟ) **ସୁଖମ୍** (ସୁଖ, ଆତ୍ମାନନ୍ଦ) [ହୁଏ] **ନ ଇତରେଷାମ୍** (ଅନ୍ୟମାନଙ୍କର ନୁହେଁ) । ୨/୨/୧୨

ସର୍ବଭୂତଙ୍କ ଅନ୍ତରାତ୍ମାସ୍ୱରୂପରେ ସମସ୍ତଙ୍କର ନିୟନ୍ତା ହୋଇ ଯେଉଁ ଅଦ୍ୱିତୀୟ ଆତ୍ମା ଏକ ରୂପକୁ ବହୁଧା ବିଭକ୍ତ କରନ୍ତି, ସେମାନଙ୍କୁ ଯେଉଁ ବିବେକୀ

---

1. ଅବିଦ୍ୟାରେ ପ୍ରତିବିମ୍ବିତ ଚୈତନ୍ୟ ହିଁ ଜୀବ ଏବଂ ଏହି ପ୍ରତିବିମ୍ବିତ ଚୈତନ୍ୟ ସମ୍ବନ୍ଧରେ ହିଁ 'ମୁଁ ସୁଖୀ ଦୁଃଖୀ' ଇତ୍ୟାଦି ଶବ୍ଦ ବ୍ୟବହୃତ ହୁଏ । ରଜ୍ଜୁ କଦାପି ସ୍ୱରୂପତଃ ସର୍ପ ହୁଏ ନାହିଁ; କିନ୍ତୁ ଭ୍ରମବଶତଃ ଆମେ ରଜ୍ଜୁକୁ ସର୍ପ ପରି ଭାବୁ । ଏହାଦ୍ୱାରା ପ୍ରମାଣ ହୁଏ ଯେ, ନିରୁପାଧିକ ବ୍ରହ୍ମ ଏହି ସମସ୍ତ ଅଧସ୍ତ ସୁଖଦୁଃଖାଦିର ଅତୀତ । ୨/୨/୫ ଦ୍ର. ।

ବ୍ୟକ୍ତିଗଣ ଗୁରୁଙ୍କ ଉପଦେଶ ଅନୁଯାୟୀ ନିଜ ବୁଦ୍ଧିରେ (ଅଭିବ୍ୟକ୍ତରୂପେ) ଦର୍ଶନ କରନ୍ତି ସେମାନଙ୍କର ହିଁ ଶାଶ୍ୱତ ସୁଖ ହୁଏ, ଅନ୍ୟ କାହାରି ନୁହେଁ[1] । ୨/୨/୧୨

ନିତ୍ୟୋଽନିତ୍ୟାନାଂ ଚେତନଶ୍ଚେତନାନା-
ମେକୋ ବହୂନାଂ ଯୋ ବିଦଧାତି କାମାନ୍ ।
ତମାତ୍ମସ୍ଥଂ ଯେଽନୁପଶ୍ୟନ୍ତି ଧୀରା-
ସ୍ତେଷାଂ ଶାନ୍ତିଃ ଶାଶ୍ୱତୀ ନେତରେଷାମ୍ ॥୧୩॥

[ପରମାତ୍ମାଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଯୁକ୍ତି ପ୍ରଦର୍ଶିତ ହେଉଅଛି]—**ଅନିତ୍ୟାନାମ୍** (ଅନିତ୍ୟ ବସ୍ତୁସମୂହର) **ନିତ୍ୟଃ** (ଶାଶ୍ୱତ କାରଣ-ଶକ୍ତି) **ଚେତନାନାମ୍** (ସଚେତନ ବ୍ରହ୍ମାଦିଙ୍କର) **ଚେତନଃ** (ଚୈତନ୍ୟର ଆକର) **ଯଃ** (ଯିଏ) **ଏକଃ** (ଅଦ୍ୱିତୀୟ, ସର୍ବେଶ୍ୱର) **ବହୂନାମ୍** (ବହୁ ଜୀବଙ୍କର) **କାମାନ୍** (କାମ୍ୟଫଳ) **ବିଦଧାତି** (ବିଧାନ କରନ୍ତି) **ତମ୍** (ତାହାଙ୍କୁ) **ଯେ** (ଯେଉଁ ସକଳ) **ଧୀରାଃ** (ବିବେକୀଗଣ) **ଆତ୍ମସ୍ଥମ୍** (ବୁଦ୍ଧିରେ ଅଭିବ୍ୟକ୍ତରୂପେ) **ଅନୁପଶ୍ୟନ୍ତି** (ଗୁରୁଙ୍କ ଉପଦେଶ ଅନୁସାରେ ଉପଲବ୍ଧି କରନ୍ତି) **ତେଷାମ୍** (ସେମାନଙ୍କର) **ଶାଶ୍ୱତୀ** (ନିତ୍ୟ) **ଶାନ୍ତିଃ** (ଶାନ୍ତି) [ହୁଏ] **ନ ଇତରେଷାମ୍** (ଅନ୍ୟମାନଙ୍କର ନୁହେଁ) । ୨/୨/୧୩

ସକଳ ଅନିତ୍ୟ ବସ୍ତୁର ଯିଏ ଶାଶ୍ୱତ କାରଣଶକ୍ତି[2], ସଚେତନ ଜୀବଙ୍କର ମଧ୍ୟ ଯିଏ ଚୈତନ୍ୟସ୍ୱରୂପ, ଯିଏ ଅଦ୍ୱିତୀୟ ହୋଇ ମଧ୍ୟ ବହୁ ଜୀବଙ୍କର କର୍ମଫଳ ବିଧାନ କରନ୍ତି[3], ତାହାଙ୍କୁ ଯେଉଁ ସକଳ ଧୀମାନ୍ ଗୁରୁଙ୍କ ଉପଦେଶ ଅନୁଯାୟୀ ନିଜ ବୁଦ୍ଧିରେ (ଅଭିବ୍ୟକ୍ତରୂପେ) ଦର୍ଶନ କରନ୍ତି ସେମାନଙ୍କର ହିଁ ଶାଶ୍ୱତ ଶାନ୍ତି ହୁଏ, ଅନ୍ୟ କାହାରି ନୁହେଁ । ୨/୨/୧୩

---

1. ପରାଧୀନତା ଏବଂ ଅନ୍ୟ ଅପେକ୍ଷା ଅଳ୍ପ ଗୁଣବତ୍ତା ପ୍ରଭୃତି ହିଁ ଦୁଃଖର କାରଣ ହୁଏ । ବ୍ରହ୍ମ ସର୍ବେଶ୍ୱର ଏବଂ ଦ୍ୱିତୀୟ-ରହିତ ହୋଇଥିବାରୁ ତାଙ୍କଠାରେ ଦୁଃଖର ଅବକାଶ ନାହିଁ । ଅତଏବ ତାଙ୍କ ପ୍ରାପ୍ତି ହିଁ ଆନନ୍ଦରୂପକ ପରମ ପୁରୁଷାର୍ଥ ।

2. ବେଦରେ କଥିତ ଅଛି ଯେ, ପ୍ରଳୟାନ୍ତେ ପରମେଶ୍ୱର ପୂର୍ବ କଳ୍ପ ପରି ସୃଷ୍ଟି କରନ୍ତି । ସୁତରାଂ ସ୍ୱୀକାର କରିବାକୁ ହେବ ଯେ, ପ୍ରଳୟକାଳରେ ମଧ୍ୟ ବିନଷ୍ଟ ବସ୍ତୁର ସୂକ୍ଷ୍ମ ଶକ୍ତି ରହିଥାଏ । ଏହି ସୂକ୍ଷ୍ମ ଶକ୍ତି ଯାହାଙ୍କ ଆଶ୍ରୟରେ ଥାଏ, ସେହି ଅବିନାଶୀ ଆତ୍ମା ହିଁ ଏଠାରେ ନିତ୍ୟ-ଶବ୍ଦ-ବାଚ୍ୟ । ଫଳତଃ ସୃଷ୍ଟି, ସ୍ଥିତି ଓ ପ୍ରଳୟର କର୍ତ୍ତାରୂପରେ ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର୍ଯ୍ୟ ।

3. ଅତଏବ ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର୍ଯ୍ୟ । —୨/୨/୩-୫ ଓ ଈ. ୪ ଦ୍ର.

ତଦେତଦିତି ମନ୍ୟନ୍ତେଽନିର୍ଦ୍ଦେଶ୍ୟଂ ପରମଂ ସୁଖମ ।
କଥଂ ନୁ ତଦ୍ବିଜ୍ଞାନୀୟାଂ କିମୁ ଭାତି ବିଭାତି ବା ॥୧୪॥

ତତ୍ (ସେହି) [ଯେଉଁ] **ଅନିର୍ଦ୍ଦେଶ୍ୟମ୍** (ଅବାଙ୍‌ମନସୋଗୋଚର) **ପରମମ୍** (ସର୍ବୋତ୍ତମ) **ସୁଖମ୍** (ଆତ୍ମବିଜ୍ଞାନରୂପକ ସୁଖକୁ) [ନିଷ୍କାମ ବ୍ରହ୍ମନିଷ୍ଠ ବ୍ୟକ୍ତିମାନେ] **ଏତତ୍ ଇତି** (ପ୍ରତ୍ୟକ୍ଷ ବୋଲି) **ମନ୍ୟନ୍ତେ** (ଅନୁଭବ କରନ୍ତି) [ମୁଁ] **ତତ୍** (ସେହି ଆତ୍ମତତ୍ତ୍ୱ) **କଥମ୍ ନୁ** (କେଉଁ ପ୍ରକାରରେ) **ବିଜ୍ଞାନୀୟାମ୍** (ଜାଣିପାରିବି) [ସେ] **କିମ୍ ଉ** (କ'ଣ) **ଭାତି** (ପ୍ରକାଶସ୍ୱରୂପରେ ବିଦ୍ୟମାନ) [ଏବଂ] **ବିଭାତି** (ବିଶ୍ୱଷ୍ଟ ଉପଲବ୍ଧ ହୁଅନ୍ତି) **ବା** (ଅଥବା [ହୁଅନ୍ତି ନାହିଁ]) ? ୨/୨/୧୪

ସେହି ଯେଉଁ ଅନିର୍ଦ୍ଦେଶ୍ୟ ପରମାନନ୍ଦଙ୍କୁ (ନିଷ୍କାମ ବ୍ୟକ୍ତିଗଣ) ଅପରୋକ୍ଷରୂପରେ ଅନୁଭବ କରନ୍ତି[4], ହାୟ, ମୁଁ ସେହି ଆତ୍ମତତ୍ତ୍ୱକୁ କିପରି ଜାଣିବି ! ସେ କ'ଣ ପ୍ରକାଶସ୍ୱରୂପ, ସେ କ'ଣ ବିଶ୍ୱଷ୍ଟ ଉପଲବ୍ଧ ହୁଅନ୍ତି ଅଥବା ହୁଅନ୍ତି ନାହିଁ[5] ? ୨/୨/୧୪

ନ ତତ୍ର ସୂର୍ଯ୍ୟୋ ଭାତି ନ ଚନ୍ଦ୍ରତାରକଂ
ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମଗ୍ନିଃ ।
ତମେବ ଭାନ୍ତମନୁଭାତି ସର୍ବଂ
ତସ୍ୟ ଭାସା ସର୍ବମିଦଂ ବିଭାତି ॥୧୫॥

ଇତି କଠୋପନିଷଦି ଦ୍ୱିତୀୟାଧ୍ୟାୟେ ଦ୍ୱିତୀୟା ବଲ୍ଲୀ ॥

[ପୂର୍ବ ପ୍ରଶ୍ନର ଉତ୍ତରରେ କୁହା ହେଉଅଛି ଯେ, ସେ ପ୍ରକାଶସ୍ୱରୂପ ଏବଂ ବିଶ୍ୱଷ୍ଟ ଉପଲବ୍ଧ ହୁଅନ୍ତି]—**ତତ୍ର** (ସେହି ପରମାତ୍ମା ବ୍ରହ୍ମଙ୍କଠାରେ) **ସୂର୍ଯ୍ୟଃ** (ସୂର୍ଯ୍ୟ) **ନ ଭାତି** ([ସ୍ୱତନ୍ତ୍ରରୂପରେ] ପ୍ରକାଶ ପାଆନ୍ତି ନାହିଁ, ଅର୍ଥାତ୍ ବ୍ରହ୍ମଙ୍କୁ ପ୍ରକାଶ କରନ୍ତି ନାହିଁ) **ନ ଚନ୍ଦ୍ର-ତାରକମ୍** (ଚନ୍ଦ୍ର ଏବଂ ତାରାଗଣ ମଧ୍ୟ ତାହାଙ୍କୁ ପ୍ରକାଶ କରନ୍ତି ନାହିଁ) **ଇମାଃ** (ଏହି ସକଳ) **ବିଦ୍ୟୁତଃ** (ବିଦ୍ୟୁତ୍‌ସମୂହ) **ନ ଭାନ୍ତି** (ତାହାଙ୍କୁ ପ୍ରକାଶ କରନ୍ତି ନାହିଁ) **ଅୟମ୍** (ଏହି [ଜାଗତିକ]) **ଅଗ୍ନି କୁତଃ** (ଅଗ୍ନି କିପରି ଅବା

---

4. ବିଦ୍ୱାନ୍‌ମାନଙ୍କ ଅନୁଭବ ମଧ୍ୟ ପରମାତ୍ମାଙ୍କ ବିଷୟରେ ପ୍ରମାଣ । ଅତଏବ ଅସମ୍ଭବ ମନେ କରି ଆତ୍ମଦର୍ଶନର ଚେଷ୍ଟା ପରିତ୍ୟାଗ କରିବା ଉଚିତ୍ ନୁହେଁ, ଶ୍ରଦ୍ଧାପୂର୍ବକ ବିଚାର କରିବା କର୍ତ୍ତବ୍ୟ ।

5. ସେ ବାକ୍ୟ ଓ ମନର ଅତୀତ ବୋଲି ଏପ୍ରକାର ସନ୍ଦେହ ହୁଏ ।

ତାହାଙ୍କୁ ପ୍ରକାଶ କରିବ) ? **ତମ୍ ଏବ ଭାନ୍ତମ୍** (ସେ ପ୍ରକାଶମାନ ବୋଲି ହିଁ) **ସର୍ବମ୍** (ସମସ୍ତ ବସ୍ତୁ) **ଅନୁ-ଭାତି** (ତଦନୁଯାୟୀ ପ୍ରକାଶ ପାଏ) **ତସ୍ୟ** (ତାହାଙ୍କର) **ଭାସା** (ଜ୍ୟୋତିଃ ଦ୍ୱାରା) **ଇଦମ୍ ସର୍ବମ୍** (ଏହି ସମସ୍ତ) **ବିଭାତି** (ବିବିଧରୂପରେ ପ୍ରକାଶ ପାଏ) । ୨/୨/୧୫

ସେହି ବ୍ରହ୍ମଙ୍କୁ ସୂର୍ଯ୍ୟ ପ୍ରକାଶ କରନ୍ତି ନାହିଁ, ଚନ୍ଦ୍ରତାରକା ମଧ୍ୟ ପ୍ରକାଶ କରନ୍ତି ନାହିଁ, ଏହି ବିଦ୍ୟୁତ୍‌ସକଳ ମଧ୍ୟ ତାଙ୍କୁ ପ୍ରକାଶ କରନ୍ତି ନାହିଁ; ଏହି ଅଗ୍ନି କିପରି ତାହାଙ୍କୁ ପ୍ରକାଶ କରିବ ? ସେ ପ୍ରକାଶମାନ ବୋଲି ହିଁ ସମସ୍ତ ବସ୍ତୁ ତାଙ୍କ ପ୍ରକାଶରେ ପ୍ରକାଶିତ ହୁଏ । ତାଙ୍କର ଜ୍ୟୋତିଃରେ ଏହି ସମୁଦାୟ ଜଗତ୍ ବିବିଧରୂପରେ ପ୍ରକାଶ ପାଏ[1] । ୨/୨/୧୫

॥ କଠୋପନିଷଦ୍‌ର ଦ୍ୱିତୀୟ ଅଧ୍ୟାୟର ଦ୍ୱିତୀୟ ବଲ୍ଲୀ ସମାପ୍ତ ॥

---

1. ଅତଏବ ସେ ପ୍ରକାଶସ୍ୱରୂପ ଏବଂ ବିଶ୍ୱସ୍ଥ ପ୍ରକାଶିତ ହୁଅନ୍ତି । ଘଟ-ଆଦି ଅପ୍ରକାଶ ବସ୍ତୁ ଅନ୍ୟର ପ୍ରକାଶକ ହୋଇପାରେ ନାହିଁ । ଶ୍ୱେ., ୬/୧୪; ମୁ., ୨/୨/୧୦

ଦ୍ୱିତୀୟ ଅଧ୍ୟାୟ

ତୃତୀୟ ବଲ୍ଲୀ

ଊର୍ଧ୍ୱମୂଲୋଽବାକ୍‌ଶାଖ ଏଷୋଽଶ୍ୱତ୍ଥଃ ସନାତନଃ ।
ତଦେବ ଶୁକ୍ରଂ ତଦ୍‌ବ୍ରହ୍ମ ତଦେବାମୃତମୁଚ୍ୟତେ ।
ତସ୍ମିଁଲ୍ଲୋକାଃ ଶ୍ରିତାଃ ସର୍ବେ ତଦୁ ନାତ୍ୟେତି କଶ୍ଚନ ॥
ଏତଦ୍ୱୈ ତତ୍ ॥୧॥

[ସଂସାରବୃକ୍ଷର ନିର୍ଦ୍ଦେଶପୂର୍ବକ ତାହାର ମୂଳ ବ୍ରହ୍ମଙ୍କ ସ୍ୱରୂପ-ନିର୍ଦ୍ଧାରଣ ପାଇଁ ଏହି ବଲ୍ଲୀ ଆରମ୍ଭ ହେଉଅଛି]—**ଏଷଃ** (ଏହି) [ସଂସାରରୂପକ] **ସନାତନଃ** (ଅନାଦି) **ଅଶ୍ୱତ୍ଥଃ** (ଅଶ୍ୱତ୍ଥବୃକ୍ଷ) **ଊର୍ଧ୍ୱମୂଲଃ** (ଊର୍ଦ୍ଧ୍ୱମୂଳ, ବିଷ୍ଣୁପଦରୁ ଉଦ୍ଭୁତ) **ଅବାକ୍‌ଶାଖଃ** (ନିମ୍ନପ୍ରସାରୀ ଶାଖାବିଶିଷ୍ଟ) । **ତତ୍ ଏବ** (ସେହି ମୂଳ ହିଁ) **ଶୁକ୍ରମ୍** (ଶୁଦ୍ଧ, ଜ୍ୟୋତିର୍ମୟ) **ତତ୍‌ବ୍ରହ୍ମ** (ତାହା ହିଁ ବ୍ରହ୍ମ) **ତତ୍ ଏବ** (ତାହା ହିଁ) **ଅମୃତମ୍** (ଅବିନାଶୀ) [ବୋଲି] **ଉଚ୍ୟତେ** (ଉକ୍ତ ହୁଏ); **ତସ୍ମିନ୍** (ତାଙ୍କଠାରେ) **ସର୍ବେ** (ସକଳ) **ଲୋକାଃ** (ଲୋକସମୂହ) **ଶ୍ରିତାଃ** (ଆଶ୍ରିତ); **ତତ୍ ଉ** (ତାହାଙ୍କୁ ହିଁ) **କଃ ଚନ** (କେହି ମଧ୍ୟ) **ନ ଅତ୍ୟେତି** (ଅତିକ୍ରମ କରନ୍ତି ନାହିଁ); **ଏତତ୍ ବୈ ତତ୍** (ଏହା ହିଁ ନଚିକେତାଙ୍କ ଜିଜ୍ଞାସିତ ଆତ୍ମା) [୧/୧/୨୦ ଦ୍ର.] । ୨/୩/୧

ଏହି ସଂସାରରୂପକ ଅନାଦି ଅଶ୍ୱତ୍ଥର ମୂଳ[1] ଊର୍ଦ୍ଧ୍ୱରେ ଏବଂ ଶାଖାଗୁଡ଼ିକ ନିମ୍ନଦିଗରେ ଅବସ୍ଥିତ । ସେହି ମୂଳ ହିଁ ଶୁଭ୍ରଜ୍ୟୋତିଃ, ତାହା ହିଁ ବ୍ରହ୍ମ ଏବଂ ତାହା ହିଁ ଅବିନାଶୀ ବୋଲି ଉକ୍ତ ହୁଏ । ତାଙ୍କଠାରେ ସମସ୍ତ ଲୋକ ଆଶ୍ରିତ ଅଛନ୍ତି; ତାଙ୍କୁ କେହି ଅତିକ୍ରମ କରିପାରନ୍ତି ନାହିଁ ।[2] ଏହା ହିଁ ନଚିକେତାଙ୍କ ଜିଜ୍ଞାସିତ ଆତ୍ମା । ୨/୩/୧

---

1. ବିଷ୍ଣୁପଦ ୧/୩/୮-୯; ଗୀତା, ୧୫/୧-୪ ଦ୍ରଷ୍ଟବ୍ୟ ।

2. କାର୍ଯ୍ୟ କଦାପି କାରଣକୁ ଅତିକ୍ରମ କରିପାରେ ନାହିଁ । କାର୍ଯ୍ୟ ନଷ୍ଟ ହୋଇ କାରଣରେ ପର୍ଯ୍ୟବସିତ ହୁଏ । ଏହିପରି ଯିଏ ସବୁକିଛିର କାରଣ, ସେ ନାଶର ଅତୀତ ।

ଯଦିଦଂ କିଂ ଚ ଜଗତ୍ ସର୍ବଂ ପ୍ରାଣ ଏଜତି ନିଃସୃତମ୍ ।
ମହଦ୍ଭୟଂ ବଜ୍ରମୁଦ୍ୟତଂ ଯ ଏତଦ୍ବିଦୁରମୃତାସ୍ତେ ଭବନ୍ତି ॥୨॥

[ଯାହାଙ୍କୁ ଜାଣିଲେ ଅମୃତତ୍ୱ ଲାଭ ହୁଏ, ଜଗତ୍‌ର ମୂଳ ସେହି ବ୍ରହ୍ମ ନାହାନ୍ତି, ଏହିପ୍ରକାର ଆଶଙ୍କା ଦୂରୀକରଣାର୍ଥ କୁହାଯାଉଛି]—**ଇଦମ୍** (ଏହି) **ୟତ୍ କିମ୍ ଚ** (ଯାହା କିଛି) **ଜଗତ୍** (ସଚଳ ବସ୍ତୁ) **ସର୍ବମ୍** (ସେହି ସମସ୍ତ ହିଁ) **ପ୍ରାଣେ** ([**ସତି**] ପରବ୍ରହ୍ମଙ୍କ ସତ୍ତା ହେତୁ ହିଁ) **ନିଃସୃତମ୍** ([ତାଙ୍କଠାରୁ] ନିର୍ଗତ ହୋଇ) **ଏଜତି** (କମ୍ପିତ ହୁଏ; ଅର୍ଥାତ୍ ପ୍ରାଣବାନ୍ ହୁଏ) [ଏହି ଜଗତ୍-କାରଣ ବ୍ରହ୍ମ] **ଉଦ୍ୟତମ୍ ବଜ୍ରମ୍** (ଉଦ୍ୟତବଜ୍ରସଦୃଶ) **ମହତ୍ ଭୟମ୍** (ଅତି ଭୟଙ୍କର) । **ୟେ** (ଯେଉଁମାନେ) **ଏତତ୍** (ଏହି ବ୍ରହ୍ମଙ୍କୁ) **ବିଦୁଃ** (ପ୍ରତ୍ୟକ୍ଷ କରନ୍ତି) **ତେ** (ସେମାନେ) **ଅମୃତାଃ** (ଅମର) **ଭବନ୍ତି** (ହୁଅନ୍ତି) । ୨/୩/୨

ଏହି ଯାହା କିଛି ଚରାଚର ବସ୍ତୁ ଦୃଷ୍ଟ ହୁଏ, ପରବ୍ରହ୍ମ ଅଛନ୍ତି ବୋଲି ହିଁ ସେହି ସମସ୍ତ ତାହାଙ୍କଠାରୁ ନିଃସୃତ ହୋଇ ସ୍ପନ୍ଦିତ ହେଉଅଛି ।[1] ଏହି ବ୍ରହ୍ମ ଉଦ୍ୟତବଜ୍ରସଦୃଶ ଅତି ଭୟାନକ । ଯେଉଁମାନେ ଏହି ବ୍ରହ୍ମଙ୍କୁ ଜାଣନ୍ତି, ସେମାନେ ଅମର ହୁଅନ୍ତି । ୨/୩/୨

ଭୟାଦସ୍ୟାଗ୍ନିସ୍ତପତି ଭୟାତ୍ତପତି ସୂର୍ୟଃ ।
ଭୟାଦିନ୍ଦ୍ରଶ୍ଚ ବାୟୁଶ୍ଚ ମୃତ୍ୟୁର୍ଧାବତି ପଞ୍ଚମଃ ॥୩॥

ଅସ୍ୟ (ଏହି ପରମେଶ୍ୱରଙ୍କ) **ଭୟାତ୍** (ଭୟରେ) **ଅଗ୍ନିଃ** (ଅଗ୍ନି) **ତପତି** (ତାପ ପ୍ରଦାନ କରନ୍ତି) **ଭୟାତ୍ ସୂର୍ୟଃ ତପତି** (ଭୟରେ ସୂର୍ଯ୍ୟ କିରଣ ବିକିରଣ କରନ୍ତି) **ଭୟାତ୍ ଇନ୍ଦ୍ରଃ ଚ ବାୟୁଃ ଚ** (ଇନ୍ଦ୍ର ଓ ବାୟୁ ଭୟରେ [ସ୍ୱକର୍ମରେ ପ୍ରବୃତ୍ତ ଅଛନ୍ତି]) **ପଞ୍ଚମଃ** (ପଞ୍ଚମସ୍ଥାନୀୟ) **ମୃତ୍ୟୁଃ** (ଯମ) **ଧାବତି** ([ଭୟରେ] ଧାବମାନ ହୁଅନ୍ତି, ସ୍ୱକାର୍ଯ୍ୟରେ ବ୍ୟାପୃତ ରହନ୍ତି) । ୨/୩/୩

ଏହି ପରମେଶ୍ୱରଙ୍କ ଭୟରେ ଅଗ୍ନି ଉତ୍ତାପ ଦିଅନ୍ତି, ଭୟରେ ସୂର୍ଯ୍ୟ କିରଣ ବିକିରଣ କରନ୍ତି, ଭୟରେ ଇନ୍ଦ୍ର ଓ ବାୟୁ ଏବଂ ପଞ୍ଚମସ୍ଥାନୀୟ ମୃତ୍ୟୁ ମଧ୍ୟ ସ୍ୱକର୍ମରେ ପ୍ରବୃତ୍ତ ରହନ୍ତି[2] । ୨/୩/୩

---

1. ଅତଏବ ଜଗତ୍‌ର ଉତ୍ପତ୍ତିର କାରଣ ବ୍ରହ୍ମ ଅଛନ୍ତି । —ଈ., ୪, ୪ର୍ଥ ଟୀକା ଦ୍ର. ।

2. ନିୟନ୍ତ୍ରଣକାରୀ କେହି ନ ଥିଲେ ସୂର୍ଯ୍ୟାଦିଙ୍କର ସୁଶୃଙ୍ଖଳ ଏବଂ ନିୟମିତ ଗତି ପ୍ରଭୃତି ସମ୍ଭବ ହୋଇ ନ ଥାଆନ୍ତା—ଏହି ଯୁକ୍ତିବଳରେ ପରମେଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣିତ ହୁଏ ।

ଇହ ଚେଦଶକଦ୍ବୋଦ୍ଧୁଂ ପ୍ରାକ୍ ଶରୀରସ୍ୟ ବିସ୍ରସଃ ।
ତତଃ ସର୍ଗେଷୁ ଲୋକେଷୁ ଶରୀରତ୍ୱାୟ କଲ୍ପତେ ॥୪॥

ଇହ (ଜୀବିତାବସ୍ଥାରେ ହିଁ) **ଶରୀରସ୍ୟ** (ଶରୀରର) **ବିସ୍ରସଃ** (ପତନ) **ପ୍ରାକ୍** (ପୂର୍ବରୁ) **ଚେତ୍** (ଯଦି) **ବୋଦ୍ଧୁମ୍** ([ଉକ୍ତ ବ୍ରହ୍ମଙ୍କୁ] ଜାଣିବାକୁ) **ଅଶକତ୍** (ସମର୍ଥ ହୁଅନ୍ତି) [ତାହା ହେଲେ ସଂସାର-ବନ୍ଧନରୁ ମୁକ୍ତ ହୁଅନ୍ତି; କିନ୍ତୁ ଯଦି ଜାଣି ନ ପାରନ୍ତି ତେବେ] **ତତଃ** (ସେହି ଅଜ୍ଞାନହେତୁ) **ସର୍ଗେଷୁ** ([ସୃଷ୍ଟ ପ୍ରାଣୀବର୍ଗଙ୍କ] ସୃଜନଭୂମି ପୃଥିବ୍ୟାଦି) **ଲୋକେଷୁ** (ଲୋକସମୂହରେ) **ଶରୀରତ୍ୱାୟ** (ଦେହଭାବ-ପ୍ରାପ୍ତି ପାଇଁ) **କଲ୍ପତେ** (ସମର୍ଥ ହୁଅନ୍ତି) [ଅର୍ଥାତ୍ ଜନ୍ମଲାଭ କରନ୍ତି] । ୨/୩/୪

ଜୀବିତାବସ୍ଥାରେ ଦେହତ୍ୟାଗ ପୂର୍ବରୁ ହିଁ ଯଦି କେହି ବ୍ରହ୍ମଜ୍ଞାନ ଲାଭ କରନ୍ତି (ତେବେ ମୁକ୍ତ ହୁଅନ୍ତି) ନତୁବା ଅଜ୍ଞାନ-ହେତୁ (ପୃଥିବ୍ୟାଦି) ଲୋକସମୂହରେ ଜନ୍ମଗ୍ରହଣ କରନ୍ତି[1] । ୨/୩/୪

ଯଥାଽଽଦର୍ଶେ ତଥାଽଽତ୍ମନି ଯଥା ସ୍ୱପ୍ନେ ତଥା ପିତୃଲୋକେ ।
ଯଥାପ୍ସୁ ପରୀବ ଦଦୃଶେ ତଥା ଗନ୍ଧର୍ବଲୋକେ
ଛାୟାତପୟୋରିବ ବ୍ରହ୍ମଲୋକେ ॥୫॥

ଆଦର୍ଶେ ([ସୁନିର୍ମଳ] ଦର୍ପଣରେ) **ଯଥା** (ଯେପରି [ସ୍ୱୀୟ ମୁଖ ସୁସ୍ପଷ୍ଟ ଦୃଷ୍ଟ ହୁଏ]) **ଆତ୍ମନି** ([ଶୁଦ୍ଧ] ବୁଦ୍ଧିରେ) **ତଥା** (ସେପରି [ଆତ୍ମଦର୍ଶନ ହୁଏ]); **ସ୍ୱପ୍ନେ** (ସ୍ୱପ୍ନାବସ୍ଥାରେ) **ଯଥା** (ଯେପରି [ଅସ୍ପଷ୍ଟ]) **ପିତୃଲୋକେ** (ପିତୃଲୋକରେ) **ତଥା** (ସେପରି) [ଅସ୍ପଷ୍ଟ ଆତ୍ମଦର୍ଶନ ହୁଏ]) । **ଅପ୍ସୁ** (ଜଳରେ) **ଯଥା** (ଯେପରି [ବିଭିନ୍ନ ଅଙ୍ଗାଦି ସୁସ୍ପଷ୍ଟ ହୁଏ ନାହିଁ]) **ଗନ୍ଧର୍ବଲୋକେ** (ଗନ୍ଧର୍ବଲୋକରେ) **ତଥା** (ସେପରି [ଅସ୍ପଷ୍ଟଭାବରେ]) **ପରିଦଦୃଶେ ଇବ** (ଦର୍ଶନ ହୁଏ) **ବ୍ରହ୍ମଲୋକେ** (ବ୍ରହ୍ମଲୋକରେ) **ଛାୟା-ଆତପୟୋଃ ଇବ** (ଆଲୋକ ଓ ଛାୟା ସଦୃଶ ଅତ୍ୟନ୍ତ ପୃଥକ୍ ରୂପରେ ଅର୍ଥାତ୍ "ବ୍ରହ୍ମ ସତ୍ୟ ଏବଂ ତାହା ଭିନ୍ନ ସମସ୍ତ ମିଥ୍ୟା" ଏହିପ୍ରକାର ବିବେକସହକାରେ ଆତ୍ମଦର୍ଶନ ହୁଏ) । ୨/୩/୫

କ., ୨/୨/୫; ତୈ., ୨/୮/୯

1. କେ., ୨/୫ ଏବଂ ଜୀବର ଉତ୍ତର ମାର୍ଗ ଓ ଦକ୍ଷିଣ ମାର୍ଗ ଗତି ସମ୍ବନ୍ଧରେ ଭୂମିକା ଦ୍ରଷ୍ଟବ୍ୟ ।

ଦର୍ପଣରେ ନିଜ ମୁଖ ଯେପରି ସୁସ୍ପଷ୍ଟ ଦେଖାଯାଏ, ଶୁଦ୍ଧବୁଦ୍ଧିରେ ଆତ୍ମାର ଦର୍ଶନ ସେହିପ୍ରକାର ସୁସ୍ପଷ୍ଟ ହୋଇଥାଏ । ସ୍ୱପ୍ନରେ ସ୍ୱପ୍ନଷ୍ଟିତ ବସ୍ତୁର ଯେପରି ଅସ୍ପଷ୍ଟ ଦର୍ଶନ ହୁଏ, ପିତୃଲୋକରେ ଆତ୍ମଦର୍ଶନ ସେହିପରି ଅସ୍ପଷ୍ଟ ହିଁ ହୋଇଥାଏ । ଜଳରେ ଯେପରି ଅସ୍ପଷ୍ଟ ପ୍ରତିବିମ୍ବ ଦର୍ଶନ ହୁଏ, ଗନ୍ଧର୍ବ-ଲୋକରେ[1] ସେହିପ୍ରକାର ହିଁ ଆତ୍ମଦର୍ଶନ ହୁଏ । ବ୍ରହ୍ମଲୋକରେ ଛାୟା ଓ ଆଲୋକ ପରି ପୃଥକ୍‌ରୂପରେ ଆତ୍ମଦର୍ଶନ ହୁଏ[2] । ୨/୩/୫

ଇନ୍ଦ୍ରିୟାଣାଂ ପୃଥଗ୍‌ଭାବମୁଦୟାସ୍ତମୟୌ ଚ ୟତ୍ ।
ପୃଥଗୁତ୍ପଦ୍ୟମାନାନାଂ ମତ୍ୱା ଧୀରୋ ନ ଶୋଚତି ॥୬॥

[ବର୍ତ୍ତମାନ ଆତ୍ମଜ୍ଞାନଲାଭର ଉପାୟ ବର୍ଣ୍ଣିତ ହେଉଅଛି]—**ପୃଥକ୍** ([ସ୍ୱୀୟ କାରଣ ଆକାଶାଦିଠାରୁ] ଭିନ୍ନରୂପରେ) **ଉତ୍ପଦ୍ୟମାନାନାମ୍ ଇନ୍ଦ୍ରିୟାଣାମ୍** (ଉତ୍ପଦ୍ୟମାନ ଇନ୍ଦ୍ରିୟ [ଓ ଭୋଗ୍ୟବସ୍ତୁ]ସମୂହର) **ୟତ୍ ପୃଥକ୍-ଭାବମ୍** ([ଆତ୍ମାଠାରୁ] ଯେଉଁ ଅତ୍ୟନ୍ତ ବିଲକ୍ଷଣତା) **ଉଦୟ-ଅସ୍ତମୟୌ ଚ** (ଏବଂ ସେମାନଙ୍କର ଉତ୍ପତ୍ତି ଓ ଲୟ) [ତାହା] **ମତ୍ୱା** (ଜାଣି) [ଅର୍ଥାତ୍ ଜାଗ୍ରତ୍ ଓ ସୁଷୁପ୍ତି ଅବସ୍ଥାର ଅଧୀନରୂପରେ ହିଁ ସେମାନଙ୍କର ବୃତ୍ତିଲାଭ ଓ ବୃତ୍ତିହୀନତା ହୁଏ, ଆତ୍ମାଠାରୁ ନୁହେଁ—ଏହା ଜାଣି] **ଧୀରଃ** (ଧୀମାନ୍) **ନ ଶୋଚତି** (ଶୋକ କରନ୍ତି ନାହିଁ, ଅର୍ଥାତ୍ ଶୋକକୁ ଅତିକ୍ରମ କରନ୍ତି) । ୨/୩/୬

---

1. ଗନ୍ଧର୍ବଲୋକ ଶବ୍ଦଦ୍ୱାରା ବ୍ରହ୍ମଲୋକ ବ୍ୟତୀତ ଅନ୍ୟ ସମସ୍ତ ଦେବଲୋକକୁ ବୁଝିବାକୁ ହେବ; ଅର୍ଥାତ୍ ତାହା ଅନ୍ୟାନ୍ୟ ଦେବଲୋକର ଉପଲକ୍ଷଣ ।

2. ଏହି ଜୀବନରେ ହିଁ ସୁସ୍ପଷ୍ଟ ବ୍ରହ୍ମୋପଲବ୍ଧି ସମ୍ଭବପର, ଅନ୍ୟ ଲୋକରେ ନୁହେଁ । ସୁତରାଂ ଏହି ଜୀବନରେ ହିଁ ବ୍ରହ୍ମଜ୍ଞାନ ପାଇଁ ଯତ୍ନ କରିବା ଆବଶ୍ୟକ । ଅବଶ୍ୟ ବ୍ରହ୍ମଲୋକରେ ଅର୍ଥାତ୍ ହିରଣ୍ୟଗର୍ଭଲୋକରେ ଅତି ସ୍ପଷ୍ଟ ଦର୍ଶନ ହୋଇପାରେ; କିନ୍ତୁ ତାହା ଅଶ୍ୱମେଧାଦି ବିଶେଷ ବିଶେଷ କର୍ମ ଓ ଉପାସନା ଦ୍ୱାରା ହିଁ ପ୍ରାପ୍ୟ; ସୁତରାଂ ସାଧାରଣ ଲୋକଙ୍କ ପକ୍ଷରେ ତାହା ଦୁଷ୍ପ୍ରାପ୍ୟ ।

—ପ୍ର., ୧/୪ ଟୀକା; ମୁ., ୧/୨/୧୧ ।

(ଆକାଶାଦିଠାରୁ) ଯେଉଁ ଇନ୍ଦ୍ରିୟସମୂହ ବିଭିନ୍ନରୂପରେ ଉତ୍ପନ୍ନ ହୁଅନ୍ତି[1], ସେମାନେ (ଆତ୍ମାଠାରୁ) ବିଲକ୍ଷଣ ସ୍ୱଭାବ-ବିଶିଷ୍ଟ ଏହା ଜାଣି ଏବଂ ସେମାନଙ୍କର ଉତ୍ପତ୍ତି ଓ ଲୟ[2] ଜାଣି ଧୀମାନ୍ ଶୋକାତୀତ ହୁଅନ୍ତି[3] । ୨/୩/୬

ଇନ୍ଦ୍ରିୟେଭ୍ୟଃ ପରଂ ମନୋ ମନସଃ ସତ୍ତ୍ୱମୁତ୍ତମମ୍ ।
ସତ୍ତ୍ୱାଦଧି ମହାନାତ୍ମା ମହତୋଽବ୍ୟକ୍ତମୁତ୍ତମମ୍ ॥୭॥

[ଇନ୍ଦ୍ରିୟସମୂହଠାରୁ ଯେଉଁ ଆତ୍ମାର ବିଲକ୍ଷଣତା କୁହାଗଲା, ସେ ବାହାରେ ଅଧିଗମ୍ୟ ନୁହନ୍ତି; କାରଣ ସେ ସମସ୍ତଙ୍କର ପ୍ରତ୍ୟଗାତ୍ମା । ଏହା ହିଁ ଦୁଇଟି ମନ୍ତ୍ରରେ ବର୍ଣ୍ଣିତ ହେଉଅଛି]—**ଇନ୍ଦ୍ରିୟେଭ୍ୟଃ** (ଇନ୍ଦ୍ରିୟସମୂହରୁ) **ମନଃ** (ମନ) **ପରମ୍** (ଶ୍ରେଷ୍ଠ) **ମନସଃ** (ମନଠାରୁ) **ସତ୍ତ୍ୱମ୍** (ବୁଦ୍ଧି) **ଉତ୍ତମମ୍** (ଉତ୍ତମ) **ସତ୍ତ୍ୱାତ୍** (ବୁଦ୍ଧିଠାରୁ) **ମହାନ୍ ଆତ୍ମା** (ଅନ୍ତର୍ନିହିତ ହିରଣ୍ୟଗର୍ଭତତ୍ତ୍ୱ) **ଅଧି** (ଅଧିକ) **ମହତଃ** (ହିରଣ୍ୟଗର୍ଭଠାରୁ) **ଅବ୍ୟକ୍ତମ୍** (ଅବ୍ୟାକୃତ ମାୟାତତ୍ତ୍ୱ) **ଉତ୍ତମମ୍** (ଉତ୍ତମ) । ୨/୩/୭

ଇନ୍ଦ୍ରିୟସମୂହଠାରୁ ମନ ଶ୍ରେଷ୍ଠ, ମନଠାରୁ ବୁଦ୍ଧି ଶ୍ରେଷ୍ଠ, ବୁଦ୍ଧିଠାରୁ ମହତ୍ତତ୍ତ୍ୱ ଶ୍ରେଷ୍ଠ ଏବଂ ମହତ୍ତତ୍ତ୍ୱଠାରୁ ଅବ୍ୟାକୃତ ମାୟା ଶ୍ରେଷ୍ଠ[4] । ୨/୩/୭

ଅବ୍ୟକ୍ତାତ୍ତୁ ପରଃ ପୁରୁଷୋ ବ୍ୟାପକୋଽଲିଙ୍ଗ ଏବ ଚ ।
ୟଂ ଜ୍ଞାତ୍ୱା ମୁଚ୍ୟତେ ଜନ୍ତୁରମୃତତ୍ୱଂ ଚ ଗଚ୍ଛତି ॥୮॥

ବ୍ୟାପକଃ (ବ୍ୟାପକ) **ଚ** (ଏବଂ) **ଅଲିଙ୍ଗଃ ଏବ** (ଅବଶ୍ୟ ହିଁ ଲକ୍ଷଣଶୂନ୍ୟ ଅର୍ଥାତ୍ [ବୁଦ୍ଧ୍ୟାଦି] ଅନୁମାନର ଉପାୟ-ରହିତ) **ପୁରୁଷଃ** (ପରମାତ୍ମା) **ୟମ୍**

---

1. ଶବ୍ଦାଦି ବିଷୟ-ଉପଲବ୍ଧି ପାଇଁ ଶ୍ରୋତ୍ରାଦି ଇନ୍ଦ୍ରିୟ ଉତ୍ପନ୍ନ ହୋଇଅଛି । ଯଥା: ଆକାଶ, ବାୟୁ, ତେଜ, ଜଳ, ପୃଥିବୀ—ଏହି ପଞ୍ଚଭୂତର ସାତ୍ତ୍ୱିକ ଅଂଶରୁ ଯଥାକ୍ରମେ ଶ୍ରୋତ୍ର, ତ୍ୱକ୍, ଚକ୍ଷୁ, ରସନା ଓ ନାସିକା—ଏହି ପଞ୍ଚ ଜ୍ଞାନେନ୍ଦ୍ରିୟ; ରାଜସ ଅଂଶରୁ ଯଥାକ୍ରମେ ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ—ଏହି ପାଞ୍ଚୋଟି କର୍ମେନ୍ଦ୍ରିୟ; ପଞ୍ଚଭୂତର ସମ୍ମିଳିତ ସାତ୍ତ୍ୱିକ ଅଂଶରୁ ଅନ୍ତଃକରଣ ଉତ୍ପନ୍ନ ହୋଇଅଛି । —ବେଦାନ୍ତସାର, ୬୩-୭୩ ।

2. ଜାଗ୍ରତ୍‌କାଳରେ ଇନ୍ଦ୍ରିୟଗଣ ବୃତ୍ତିଲାଭ କରନ୍ତି ଏବଂ ସୁଷୁପ୍ତିରେ ବୃତ୍ତିହୀନ ହୁଅନ୍ତି—ସେମାନଙ୍କର ଏହି ଅବସ୍ଥାଦ୍ୱୟ ଜାଗରଣ ଓ ସୁଷୁପ୍ତିର ଅଧୀନ; ସେହି ପରିବର୍ତ୍ତନର କାରଣ ଆତ୍ମା ନୁହନ୍ତି ।

3. ଆତ୍ମା ଅବ୍ୟଭିଚାରୀରୂପରେ ସର୍ବଦା ଏକତ୍ୱଭାବରେ ପ୍ରତିଷ୍ଠିତ ଥାଆନ୍ତି; ସୁତରାଂ ତାଙ୍କଠାରେ ଶୋକର କାରଣ ରହିପାରେ ନାହିଁ ।

4. କ. ୧/୩/୧୦ ପ୍ରଭୃତି ଶ୍ଲୋକ ଓ ଗୀତା ୩/୪୨ ଦ୍ରଷ୍ଟବ୍ୟ ।

(ଯାହାଙ୍କୁ) **ଜ୍ଞାତ୍ୱା** (ଜାଣି) **ଜନ୍ତୁଃ** (ପ୍ରାଣୀ [ଜୀବିତାବସ୍ଥାରେ ହିଁ]) **ମୁଚ୍ୟତେ** (ମୁକ୍ତ ହୁଏ) **ଚ** (ଏବଂ) **ଅମୃତତ୍ୱମ୍** ([ଦେହାନ୍ତ ପରେ] ଅମରତ୍ୱ) **ଗଚ୍ଛତି** (ପ୍ରାପ୍ତ ହୁଅନ୍ତି) [ସେହି ପୁରୁଷ] **ତୁ** (କିନ୍ତୁ) **ଅବ୍ୟକ୍ତାତ୍** (ମାୟାଠାରୁ) **ପରଃ** (ଶ୍ରେଷ୍ଠ) । ୨/୩/୮

ସର୍ବବ୍ୟାପୀ ଏବଂ ଅନୁମାନର ହେତୁବିବର୍ଜିତ[1] ଯେଉଁ ପରମାତ୍ମାଙ୍କୁ ଜାଣି ଜୀବ (ଏହି ଶରୀରରେ) ମୁକ୍ତ ହୁଏ ଏବଂ (ଦେହାନ୍ତ ପରେ) ପୁନର୍ବାର ଦେହ ପ୍ରାପ୍ତ ହୁଏ ନାହିଁ, ସେହି ପରମାତ୍ମା କିନ୍ତୁ ମାୟାଠାରୁ ମଧ୍ୟ ଶ୍ରେଷ୍ଠ । ୨/୩/୮

ନ ସଂଦୃଶେ ତିଷ୍ଠତି ରୂପମସ୍ୟ
ନ ଚକ୍ଷୁଷା ପଶ୍ୟତି କଶ୍ଚନୈନମ୍ ।
ହୃଦା ମନୀଷା ମନସାଭିକ୍ଲୃପ୍ତୋ
ୟ ଏତଦ୍ବିଦୁରମୃତାସ୍ତେ ଭବନ୍ତି ॥୯॥

[ପରମାତ୍ମା ଯେତେବେଳେ ଅଲିଙ୍ଗ, ତେଣୁ ତାଙ୍କର ଦର୍ଶନ କିପରି ହେବ ? ଉତ୍ତରରେ କୁହାହେଉଛି]—**ଅସ୍ୟ** (ଏହାଙ୍କର) **ରୂପମ୍** (ରୂପ) **ସଂଦୃଶେ** (ଦର୍ଶନର ବିଷୟରୂପରେ) **ନ ତିଷ୍ଠତି** (ବିଦ୍ୟମାନ ରହେ ନାହିଁ); **ଏନମ୍** (ଏହାଙ୍କୁ) **କଃ ଚନ** (କେହି ମଧ୍ୟ) **ଚକ୍ଷୁଷା** (ଚକ୍ଷୁଦ୍ୱାରା) **ନ ପଶ୍ୟତି** (ଦର୍ଶନ କରନ୍ତି ନାହିଁ) । **ମନସା** (ମନନରୂପକ ସମ୍ୟଗ୍‌ଦର୍ଶନସହାୟରେ) **ଅଭିକ୍ଲୃପ୍ତଃ** (ଅଭିପ୍ରକାଶିତ ଆତ୍ମା) **ହୃଦା** (ହୃଦୟରେ ଅବସ୍ଥିତ) **ମନୀଷା** (ମନର ନିୟନ୍ତା ବିକଳ୍ପବିହୀନ ବୁଦ୍ଧିଦ୍ୱାରା) [ଜ୍ଞାତ ହୋଇଥାଆନ୍ତି] । **ୟେ** (ଯେଉଁମାନେ) **ଏତତ୍** (ଉକ୍ତ ଆତ୍ମାଙ୍କୁ ପ୍ରତ୍ୟକ୍ଷବ୍ରହ୍ମରୂପରେ, ଅବିଷୟରୂପରେ) **ବିଦୁଃ** (ଜ୍ଞାତ ହୁଅନ୍ତି) **ତେ** (ସେମାନେ) **ଅମୃତାଃ** (ଅମର) **ଭବନ୍ତି** (ହୁଅନ୍ତି) । ୨/୩/୯

---

1. ଅନୁମାନର ହେତୁ-ବିବର୍ଜିତ ଅର୍ଥାତ୍ ଲକ୍ଷଣଶୂନ୍ୟ । ବୈଶେଷିକଙ୍କର ଅନୁମାନ ଏହିପ୍ରକାର—"ଆତ୍ମା ଅଛନ୍ତି, କାରଣ ସେ ବୁଦ୍ଧିରୂପକ ଗୁଣର ଆଶ୍ରୟ ।" ସେମାନେ ବୁଦ୍ଧିକୁ ଗୁଣସମୂହର ଅନ୍ତର୍ଭୁକ୍ତ କରନ୍ତି ଏବଂ କହନ୍ତି ଯେ, ଗୁଣ ସ୍ୱୀୟ ଆଶ୍ରୟକୁ ଛାଡ଼ି ରହିପାରେ ନାହିଁ; ସୁତରାଂ ବୁଦ୍ଧିରୂପକ ଗୁଣ ରହିବାକୁ ହେଲେ ଆତ୍ମାର ସତ୍ତା ସ୍ୱୀକାର୍ଯ୍ୟ । ଏହି ପ୍ରକାର ବୁଦ୍ଧିକୁ ଅନୁମିତିର 'ହେତୁ' ରୂପରେ ଗ୍ରହଣ କରି ଆତ୍ମାର ଅସ୍ତିତ୍ୱ ପ୍ରମାଣିତ ହୁଏ । କିନ୍ତୁ ଆତ୍ମା ନିର୍ଗୁଣ, ତାଙ୍କଠାରେ ଗୁଣ ନ ଥାଏ । ପୁନଶ୍ଚ ବୁଦ୍ଧି ଓ ମନକୁ ଗୁଣ କୁହାଯାଇପାରେ ନାହିଁ; କାରଣ ସେମାନେ ନିଶ୍ଚୟାତ୍ମିକା ଓ କାମାଦିଗୁଣର ଆଶ୍ରୟ । ମନ ଗୁଣ ହେଲେ କାମାଦି ଗୁଣ ସେଥିରେ ରହିବ ଏହା ଅଯୌକ୍ତିକ; କାରଣ ଗୁଣର ଗୁଣ ହୁଏ ନାହିଁ । ଏହିପରି ଦର୍ଶାଯାଇପାରେ ଯେ, ଆତ୍ମାର ଅସ୍ତିତ୍ୱ-ପ୍ରମାଣ ପାଇଁ କୌଣସି ପଦାର୍ଥ 'ହେତୁ'ରୂପରେ ଗୃହୀତ ହୋଇପାରେ ନାହିଁ ।

ଏହି ପରମାତ୍ମାଙ୍କ ରୂପ ଦୃଷ୍ଟିର ଗୋଚରୀଭୂତ ହୁଏ ନାହିଁ । ଏହାଙ୍କୁ କେହିବି ଚକ୍ଷୁ ଦ୍ୱାରା ଅନୁଭବ କରିପାରନ୍ତି ନାହିଁ । ଏହି ଆତ୍ମା ଯେତେବେଳେ ମନନରୂପକ ସମ୍ୟଗ୍‌ଦର୍ଶନସହାୟରେ ଅଭିପ୍ରକାଶିତ[1] ହୁଅନ୍ତି, ସେତେବେଳେ ସେ ହୃଦୟରେ ଅବସ୍ଥିତ ବିଷୟ-କଳ୍ପନା-ଶୂନ୍ୟ ବୁଦ୍ଧିବୃତ୍ତିଦ୍ୱାରା ଉପଲବ୍ଧ ହୁଅନ୍ତି ।[2] ଯେଉଁମାନେ ଉକ୍ତ ଆତ୍ମାଙ୍କୁ ବ୍ରହ୍ମରୂପରେ ଜାଣନ୍ତି, ସେମାନେ ଅମର ହୁଅନ୍ତି । ୨/୩/୯

ଯଦା ପଞ୍ଚାବତିଷ୍ଠନ୍ତେ ଜ୍ଞାନାନି ମନସା ସହ ।
ବୁଦ୍ଧିଶ୍ଚ ନ ବିଚେଷ୍ଟତି[3] ତାମାହୁଃ ପରମାଂ ଗତିମ୍ ॥୧୦॥

[ଏହି ଆତ୍ମଜ୍ଞାନ-ପ୍ରାପ୍ତିର ଉପାୟଭୂତ ଯୋଗ ବର୍ଣ୍ଣିତ ହେଉଛି]—**ଯଦା** (ଯେତେବେଳେ) **ମନସା ସହ** (ମନ ସହିତ) **ପଞ୍ଚ** (ପାଞ୍ଚୋଟି) **ଜ୍ଞାନାନି** (ଜ୍ଞାନେନ୍ଦ୍ରିୟ) **ଅବତିଷ୍ଠନ୍ତେ** (ବ୍ୟାପାରଶୂନ୍ୟରୂପେ ଅବସ୍ଥାନ କରନ୍ତି) **ବୁଦ୍ଧିଃ ଚ** (ଏବଂ ବୁଦ୍ଧି ମଧ୍ୟ) **ନ ବିଚେଷ୍ଟତି** (ନିଜ କାର୍ଯ୍ୟରେ ବ୍ୟାପୃତ ହୁଏ ନାହିଁ) **ତାମ୍** (ସେହି ଅବସ୍ଥାକୁ ହିଁ) **ପରମାମ୍** (ଉତ୍ତମ) **ଗତିମ୍** (ଅବସ୍ଥା) **ଆହୁଃ** ([ଯୋଗୀଗଣ] କହିଥାଆନ୍ତି) । ୨/୩/୧୦

---

1. ଘଟ ଆଦି ଯେତେ ବାହ୍ୟବସ୍ତୁ ଅଛି—ଯାହା ମୋର ଦୃଶ୍ୟ—ସେମାନେ ସମସ୍ତେ ହିଁ ଯେପରି ଦ୍ରଷ୍ଟା ମୁଁ ଠାରୁ ଭିନ୍ନ, ସେହିପରି ଏହି ଦେହ-ଇନ୍ଦ୍ରିୟପିଣ୍ଡ ମଧ୍ୟରେ ଶରୀର ଓ ଇନ୍ଦ୍ରିୟାଦି ଯାହା କିଛି ଦୃଶ୍ୟ ବା ଅନୁମେୟ ବସ୍ତୁ ଅଛି, ତାହା ଦ୍ରଷ୍ଟା ଆତ୍ମାଠାରୁ ଭିନ୍ନ । ଦେହ-ଇନ୍ଦ୍ରିୟସମଷ୍ଟିରେ ଯେଉଁ ଚୈତନ୍ୟ-ଅଂଶ ଅଛି, ତାହା ହିଁ ମୁଁ । ବିଭିନ୍ନ ଶରୀରସ୍ଥ ଆତ୍ମାର ଲକ୍ଷଣ ବିଭିନ୍ନ ନୁହେଁ, ଅର୍ଥାତ୍ ସମସ୍ତେ ହିଁ ଏକରୂପ ଓ ଶୁଦ୍ଧଚୈତନ୍ୟ; ସୁତରାଂ ସକଳ ଆତ୍ମା ହିଁ ଏକ । ଏହି ପ୍ରକାର ବିଚାର ଦ୍ୱାରା ଆତ୍ମାର ଅସ୍ତିତ୍ୱ ସମ୍ଭାବିତ ହୁଏ, କିନ୍ତୁ ପ୍ରମାଣିତ ହୁଏ ନାହିଁ । ଏହା ହିଁ ମୂଳ **ଅଭିକ୍ଲୃପ୍ତ** (ଅଭିପ୍ରକାଶିତ) ଶବ୍ଦରେ କୁହାହୋଇଛି ।

2. ବୁଦ୍ଧିକୁ ମୂଳରେ ମନୀଟ୍ (**ମନୀଷା**) କୁହାହୋଇଛି । କାରଣ ବୁଦ୍ଧି ମନର ଈଶ୍ୱର ବା ନିୟନ୍ତା । ବାହ୍ୟ କାରଣସମୂହ ଉପରତ ହେଲେ ମଧ୍ୟ ମୁମୁକ୍ଷୁର ମନ ଯେତେବେଳେ ବିଷୟ-ଚିନ୍ତା କରୁଥାଏ, ସେତେବେଳେ ବୁଦ୍ଧି ଉକ୍ତ ମନକୁ ସଂଯତ କରେ । ଉକ୍ତ ନିୟନ୍ତ୍ରଣ ଏହି ପ୍ରକାରର—"ହେ ମନ, ତୁମେ ଜଡ଼, ଭୋଗ୍ୟ ବିଷୟରେ ତୁମର ପ୍ରୟୋଜନ ନାହିଁ । ଆତ୍ମା ଚେତନ ଓ ଆନନ୍ଦସ୍ୱରୂପ—ସୁତରାଂ ତାଙ୍କର ମଧ୍ୟ ବିଷୟ ପ୍ରୟୋଜନ ନାହିଁ । ଅତଏବ ବିଷୟ-ଚିନ୍ତାରୁ ବିରତ ହୁଅ ।" ଏହିପ୍ରକାର ବୈରାଗ୍ୟଯୁକ୍ତ ମନ ନେଇ ମହାବାକ୍ୟ ଶ୍ରବଣ କଲେ 'ମୁଁ ବ୍ରହ୍ମ' ଏହିପରି ବିଷୟବିକଳ୍ପଶୂନ୍ୟ ବୁଦ୍ଧିବୃତ୍ତି ଜ୍ଞାତ ହୁଏ ଏବଂ ତାହା ଫଳରେ ବ୍ରହ୍ମ ଅବିଷୟରୂପରେ ଜ୍ଞାତ ହୁଅନ୍ତି; ବିଷୟ ରୂପରେ କିନ୍ତୁ ସେ କଦାପି ଜ୍ଞାତ ହୁଅନ୍ତି ନାହିଁ । କ., ୨/୩/୧୨; ଶ୍ୱେ., ୪/୨୦ ଦ୍ରଷ୍ଟବ୍ୟ ।

3. ପାଠାନ୍ତର—**ବିଚେଷ୍ଟତେ** ।

ଯେଉଁ ଅବସ୍ଥାରେ ମନ ସହିତ ପଞ୍ଚ ଜ୍ଞାନେନ୍ଦ୍ରିୟ ବ୍ୟାପାରଶୂନ୍ୟ ହୁଏ ଏବଂ ବୁଦ୍ଧି ମଧ୍ୟ ସ୍ୱକାର୍ଯ୍ୟରେ ବ୍ୟାପୃତ ହୁଏ ନାହିଁ, ସେହି ଅବସ୍ଥାକୁ ହିଁ ଜ୍ଞାନୀଗଣ ଉତ୍ତମ ଗତି କହିଥାଆନ୍ତି । ୨/୩/୧୦

ତାଂ ଯୋଗମିତି ମନ୍ୟନ୍ତେ ସ୍ଥିରାମିନ୍ଦ୍ରିୟଧାରଣାମ୍ ।
ଅପ୍ରମତ୍ତସ୍ତଦା ଭବତି ଯୋଗୋ ହି ପ୍ରଭବାପ୍ୟୌ ॥୧୧॥

ସ୍ଥିରାମ୍ (ଅଚଳଭାବରେ) **ଇନ୍ଦ୍ରିୟ-ଧାରଣାମ୍** (ବାହ୍ୟେନ୍ଦ୍ରିୟ ଓ ଅନ୍ତଃକରଣର ଧାରଣରୂପକ) **ତାମ୍** (ଉକ୍ତ ଅବସ୍ଥାକୁ ହିଁ) **ଯୋଗମ୍ ଇତି** (ଯୋଗ-ଶବ୍ଦର ବାଚ୍ୟ) **ମନ୍ୟନ୍ତେ** (ମନେ କରିଥାଆନ୍ତି) **ତଦା** (ଯୋଗର ସେହି ପ୍ରାରମ୍ଭିକ ଅବସ୍ଥାରେ ହିଁ) **ଅପ୍ରମତ୍ତଃ** (ପ୍ରମାଦଶୂନ୍ୟ) **ଭବତି** (ହୁଏ, ହେବା ଉଚିତ୍)—**ହି** (କାହିଁକି ନା) **ଯୋଗଃ** (ଯୋଗ) **ପ୍ରଭବ-ଅପ୍ୟୌ** (ଉତ୍ପତ୍ତିଶୀଳ ଓ ବିନାଶଧର୍ମୀ)—[ଅତଏବ ବିନାଶ ପରିହାର ପାଇଁ ଯତ୍ନବାନ୍ ହେବା ଉଚିତ୍] । ୨/୩/୧୧

ସମସ୍ତ ବାହ୍ୟେନ୍ଦ୍ରିୟ ଓ ଅନ୍ତରିନ୍ଦ୍ରିୟକୁ ଅଚଳଭାବରେ ଧାରଣ କରିବାରୂପକ ଯେଉଁ ଅବସ୍ଥା, ତାହାକୁ ହିଁ ଯୋଗୀଗଣ ଯୋଗ-ଶବ୍ଦରେ[1] ଅଭିହିତ କରନ୍ତି । ଯୋଗର ସେହି ପ୍ରାରମ୍ଭିକ ଅବସ୍ଥାରେ ହିଁ ପ୍ରମାଦ ପରିତ୍ୟାଗ କରିବା ଉଚିତ୍; କାରଣ ଯୋଗର ଉତ୍ପତ୍ତି ଓ ବିନାଶ ଅଛି । (ସୁତରାଂ ତାହାର ବିନାଶ ପରିହାର ପାଇଁ ଯତ୍ନ କରିବା କର୍ତ୍ତବ୍ୟ) । ୨/୩/୧୧

ନୈବ ବାଚା ନ ମନସା ପ୍ରାପ୍ତୁଂ ଶକ୍ୟୋ ନ ଚକ୍ଷୁଷା ।
ଅସ୍ତୀତି ବ୍ରୁବତୋଽନ୍ୟତ୍ର କଥଂ ତଦୁପଲଭ୍ୟତେ ॥୧୨॥

[ପରମାତ୍ମା] **ବାଚା** (ବାକ୍ୟ ଦ୍ୱାରା) **ପ୍ରାପ୍ତୁମ୍** (ଅବଗମ୍ୟ ହେବାର) **ନ ଏବ ଶକ୍ୟଃ** (ଅବଶ୍ୟ ହିଁ ଯୋଗ୍ୟ ନୁହନ୍ତି) **ମନସା ନ** (ମନ ଦ୍ୱାରା ମଧ୍ୟ ନୁହନ୍ତି) **ଚକ୍ଷୁଷା ନ** (ଚକ୍ଷୁ ଦ୍ୱାରା ମଧ୍ୟ ନୁହନ୍ତି); **ଅସ୍ତି ଇତି** ('ପରମାତ୍ମା ଅଛନ୍ତି' ଏହିପ୍ରକାର) **ବ୍ରୁବତଃ** (ଯିଏ କହନ୍ତି ତାଙ୍କଠାରୁ) **ଅନ୍ୟତ୍ର** (ଅନ୍ୟ ନିକଟରେ ଅର୍ଥାତ୍ ନାସ୍ତିକଗଣଙ୍କ ଭିତରେ) **କଥମ୍** (କିପରି) **ତତ୍** (ସେହି ବ୍ରହ୍ମ) **ଉପଲଭ୍ୟତେ** (ଅନୁଭୂତ ହୋଇପାରିବେ) ? ୨/୩/୧୨

---

1. ବାହ୍ୟବିଷୟର ଭୋଗତ୍ୟାଗକରିବାରୂପକ ଯେଉଁ 'ବିୟୋଗ', ତାହାକୁ ହିଁ ଯୋଗୀଗଣ 'ଯୋଗ' କହିଥାଆନ୍ତି (ଗୀତା, ୬/୨୩ ଦ୍ର.); କାହିଁକି ନା ସେତେବେଳେ ଆତ୍ମା ସ୍ୱରୂପ ସହିତ ଯୁକ୍ତ ହୋଇ ସ୍ୱମହିମାରେ ଅବସ୍ଥାନ କରନ୍ତି ।

ପରମାତ୍ମା ବାକ୍ୟ ଦ୍ୱାରା ଅବଗତ ହୁଅନ୍ତି ନାହିଁ, ମନ ଦ୍ୱାରା ନୁହେଁ, ଚକ୍ଷୁ ଦ୍ୱାରା ମଧ୍ୟ ନୁହନ୍ତି । 'ଅସ୍ତି' (ଅର୍ଥାତ୍ ଅଛନ୍ତି)—ଏହିପରି ଯେଉଁମାନେ ଆତ୍ମା ସମ୍ବନ୍ଧରେ ଉଲ୍ଲେଖ କରନ୍ତି, ସେହି ଆସ୍ତିକଗଣଙ୍କଠାରୁ ଭିନ୍ନ ନାସ୍ତିକଗଣଙ୍କ ନିକଟରେ ବ୍ରହ୍ମ କିପରି ଉପଲବ୍ଧ ହେବେ[1] ? ୨/୩/୧୨

ଅସ୍ତୀତ୍ୟେବୋପଲବ୍ଧବ୍ୟସ୍ତତ୍ତ୍ୱଭାବେନ ଚୋଭୟୋଃ ।
ଅସ୍ତୀତ୍ୟେବୋପଲବ୍ଧସ୍ୟ ତତ୍ତ୍ୱଭାବଃ ପ୍ରସୀଦତି ॥୧୩॥

[ଅତଏବ ବୁଦ୍ଧ୍ୟାଦି ଉପାଧିବିଶିଷ୍ଟ ଆତ୍ମାଙ୍କୁ] **ଅସ୍ତି ଇତି ଏବ** ('ଅସ୍ତି' ଏହିପରି) **ଉପଲବ୍ଧବ୍ୟଃ** (ଅନୁଭବ କରିବାକୁ ହେବ) **ତତ୍ତ୍ୱଭାବେନ ଚ** (ଏବଂ ସଦସତ୍-ପ୍ରତ୍ୟୟ-ବର୍ଜିତ ନିରୁପାଧିକରୂପରେ ମଧ୍ୟ) [ଅନୁଭବ କରିବାକୁ ହେବ]; **ଉଭୟୋଃ** (ଉକ୍ତ ସୋପାଧିକ ଏବଂ ନିରୁପାଧିକ ଆତ୍ମା ମଧ୍ୟରେ) **ଅସ୍ତି ଇତି ଏବ ଉପଲବ୍ଧସ୍ୟ** ('ଅସ୍ତି' ବୋଲି ଯେଉଁ ସୋପାଧିକ ଆତ୍ମା ଅନୁଭୂତ ହୋଇଛନ୍ତି ତାଙ୍କର ହିଁ) **ତତ୍ତ୍ୱଭାବଃ** (ନିରୁପାଧିକ ସ୍ୱରୂପ) **ପ୍ରସୀଦତି** ([ସୋପାଧିକ ଜ୍ଞାନବାନ୍‌ଙ୍କ ପାଇଁ] ଆତ୍ମପ୍ରକାଶନାର୍ଥ ସମ୍ମୁଖୀନ ହୁଅନ୍ତି) । ୨/୩/୧୩

(ପ୍ରଥମତଃ) ସୋପାଧିକ ଆତ୍ମାଙ୍କୁ ଅସ୍ତିରୂପରେ ଅନୁଭବ କରିବାକୁ ହେବ ଏବଂ (ତଦନନ୍ତର) ନିରୁପାଧିକରୂପରେ ମଧ୍ୟ ଅନୁଭବ କରିବାକୁ ହେବ । ସୋପାଧିକ ଓ ନିରୁପାଧିକ ଏହି ଉଭୟ ମଧ୍ୟରେ ଅସ୍ତିରୂପରେ ଅନୁଭୂତ ସୋପାଧିକ ଆତ୍ମାର ହିଁ ନିରୁପାଧିକ ଭାବଟି ଆତ୍ମପ୍ରକାଶନାର୍ଥ ତତ୍ତ୍ୱାନ୍ୱେଷୀଙ୍କ ସମ୍ମୁଖରେ ଉପସ୍ଥିତ ହୁଏ । ୨/୩/୧୩

---

1. ନାସ୍ତିକବ୍ୟକ୍ତି ମନେ କରନ୍ତି ଯେ, ଯୋଗ ଅବଲମ୍ବନରେ ବୁଦ୍ଧ୍ୟାଦିର ବିଲୟ ହେଲେ କିଛି ଅବଶିଷ୍ଟ ରହେ ନାହିଁ । କିନ୍ତୁ ଆସ୍ତିକମାନେ କହନ୍ତି ଯେ, ସତ୍-ବସ୍ତୁରେ ପର୍ଯ୍ୟବସିତ ନ ହୋଇ କାର୍ଯ୍ୟର ବିନାଶ ହୋଇପାରେ ନାହିଁ । ଘଟ ସ୍ୱୀୟ କାରଣରୂପେ ବିଦ୍ୟମାନ ମୃତ୍ତିକାରେ ହିଁ ଲୀନ ହୁଏ, ଏହା ହିଁ ଘଟର ବିନାଶ । ବିଶେଷତଃ ଜଗତ୍‌ର ମୂଳ କାରଣ ଅସତ୍ ହେଲେ କାର୍ଯ୍ୟରୂପକ ଜଗତ୍ ମଧ୍ୟ ଅସତ୍ ବୋଲି ପ୍ରତିଭାତ ହୋଇଥାଆନ୍ତା; କାହିଁକି ନା କାରଣର ଗୁଣ ହିଁ କାର୍ଯ୍ୟରେ ଅନୁସ୍ୟୂତ ହୁଏ । ଅତଏବ ସ୍ଥିର ହେଲା ଯେ, ବ୍ରହ୍ମଙ୍କର ସତ୍ତାରେ ହିଁ ଜଗତ୍ ସତ୍ତାବାନ୍ ।
—ଶ୍ୱେ., ୧/୧୩

ଯଦା ସର୍ବେ ପ୍ରମୁଚ୍ୟନ୍ତେ କାମା ଯେଽସ୍ୟ ହୃଦି ଶ୍ରିତାଃ ।
ଅଥ ମର୍ତ୍ୟୋଽମୃତୋ ଭବତ୍ୟତ୍ର ବ୍ରହ୍ମ ସମଶ୍ନୁତେ ॥୧୪॥

ଯେ (ଯେଉଁ ସକଳ) **କାମାଃ** (କାମନା) **ଅସ୍ୟ** (ଏହାର, ମନୁଷ୍ୟର) **ହୃଦି** (ହୃଦୟରେ) **ଶ୍ରିତାଃ** (ଆଶ୍ରିତ ଥାଏ) **ସର୍ବେ** (ସେହି ସକଳ) **ଯଦା** (ଯେତେବେଳେ) [ପରମାର୍ଥ ଆତ୍ମଦର୍ଶନ ଯୋଗୁଁ] **ପ୍ରମୁଚ୍ୟନ୍ତେ** (ଦୂର ହୁଏ, ବିଶୀର୍ଣ୍ଣ ହୁଏ) **ଅଥ** (ତତ୍କାଳ, ସେହି ମୁହୂର୍ତ୍ତରେ) **ମର୍ତ୍ୟଃ** (ମରଣଶୀଳ ମନୁଷ୍ୟ [ଜ୍ଞାନୋତ୍ପତ୍ତିର ପ୍ରାକ୍କାଳରେ ଯିଏ ମରଣର ଅଧୀନ ଥିଲା, ସେ]) **ଅମୃତଃ** (ଅମର) **ଭବତି** (ହୁଏ) **ଅତ୍ର** (ଏହି ଦେହରେ ହିଁ) **ବ୍ରହ୍ମ** (ବ୍ରହ୍ମ) **ସମଶ୍ନୁତେ** (ଭୋଗ କରେ, ଅର୍ଥାତ୍ ବ୍ରହ୍ମ ହୁଏ) । ୨/୩/୧୪

ମାନବହୃଦୟରେ ଯେଉଁ ସକଳ କାମନା ଆଶ୍ରିତ ରହିଛି ସେଗୁଡ଼ିକ ଯେତେବେଳେ ବିଶୀର୍ଣ୍ଣ ହୁଏ[1] ସେତେବେଳେ ମରଣଶୀଳ ମନୁଷ୍ୟ ହିଁ ଅମର ହୁଏ ଏବଂ ଏହି ଦେହରେ ହିଁ ବ୍ରହ୍ମଙ୍କୁ ସମ୍ଭୋଗ କରେ । ୨/୩/୧୪

ଯଦା ସର୍ବେ ପ୍ରଭିଦ୍ୟନ୍ତେ ହୃଦୟସ୍ୟେହ ଗ୍ରନ୍ଥୟଃ ।
ଅଥ ମର୍ତ୍ୟୋଽମୃତୋ ଭବତ୍ୟେତାବଦ୍ଧ୍ୟନୁଶାସନମ୍ ॥୧୫॥

ଇହ (ଜୀବିତାବସ୍ଥାରେ ହିଁ) **ଯଦା** (ଯେତେବେଳେ) **ହୃଦୟସ୍ୟ** (ବୁଦ୍ଧିର) **ସର୍ବେ** (ସକଳ) **ଗ୍ରନ୍ଥୟଃ** (ଗ୍ରନ୍ଥି ସଦୃଶ ଦୃଢ଼ ବନ୍ଧନରୂପକ ଅବିଦ୍ୟାପ୍ରତ୍ୟୟସମୂହ) **ପ୍ରଭିଦ୍ୟନ୍ତେ** (ବିନଷ୍ଟ ହୁଏ) **ଅଥ** (ତତ୍କାଳ, ସେହି ମୁହୂର୍ତ୍ତରେ) **ମର୍ତ୍ୟଃ** (ମରଣଧର୍ମା ମନୁଷ୍ୟ [ଜ୍ଞାନୋତ୍ପତ୍ତିର ପ୍ରାକ୍କାଳରେ ଯିଏ ମରଣର ଅଧୀନ ଥିଲା, ସେ]) **ଅମୃତଃ** (ଅମର) **ଭବତି** (ହୁଏ) **ଏତାବତ୍ ହି** ([ସମସ୍ତ ବେଦାନ୍ତର] ଏତିକି ମାତ୍ର ହିଁ) **ଅନୁଶାସନମ୍** (ଉପଦେଶ) [ଏହାଠାରୁ ଅଧିକ କିଛି ନୁହେଁ] । ୨/୩/୧୫

---

1. ଜୀବନ୍ମୁକ୍ତ ବ୍ୟକ୍ତିଙ୍କ ମନରେ ନିଜ ଦେହର ରକ୍ଷା ଉପଯୋଗୀ ଅନ୍ନପାନାଦି କାମନା ବ୍ୟତୀତ ଅନ୍ୟ କୌଣସି କାମନା ନ ଥାଏ । ବସ୍ତୁତଃ ତାହା କାମନା-ପଦବାଚ୍ୟ ନୁହେଁ; କାହିଁକି ନା ତାହା ପ୍ରାରବ୍ଧବଶରେ ହୋଇଥାଏ । ମାନବୀୟ କାମନା ସହିତ ଏହାର କୌଣସି ପ୍ରକୃତ ସାଦୃଶ୍ୟ ନାହିଁ ।

ଜୀବିତାବସ୍ଥାରେ ଯେଉଁ ମୁହୂର୍ତ୍ତରେ ବୁଦ୍ଧିର ବନ୍ଧନସମୂହ ବିନଷ୍ଟ[1] ହୁଏ, ସେହି ମୁହୂର୍ତ୍ତରେ ହିଁ ମରଣଶୀଳ ମନୁଷ୍ୟ ଅମର ହୁଏ । ଏତିକି[2] ମାତ୍ର ହିଁ ସମସ୍ତ ବେଦାନ୍ତର ଉପଦେଶ । ୨/୩/୧୫

ଶତଂ ଚୈକା ଚ ହୃଦୟସ୍ୟ ନାଡ୍ୟ-
ସ୍ତାସାଂ ମୂର୍ଧାନମଭିନିଃସୃତୈକା ।
ତୟୋର୍ଧ୍ୱମାୟନ୍ନମୃତତ୍ୱମେତି
ବିଷ୍ୱଙ୍ଙନ୍ୟା ଉତ୍କ୍ରମଣେ ଭବନ୍ତି ॥୧୬॥

ଶତମ୍ ଚ (ଏକଶତ) **ଏକା ଚ** (ଏବଂ [ସୁଷୁମ୍ନା ନାମକ] ଗୋଟିଏ) **ନାଡ୍ୟଃ** (ଶିରାସମୂହ) **ହୃଦୟସ୍ୟ** (ହୃଦୟଠାରୁ [ବିନିଃସୃତ ହୋଇଅଛି]); **ତାସାମ୍** (ସେଗୁଡ଼ିକ ମଧ୍ୟରେ) **ଏକା** (ଗୋଟିଏ ସୁଷୁମ୍ନା ନାମକ ନାଡ଼ୀ) **ମୂର୍ଧାନମ୍ ଅଭିନିଃସୃତା** (ବ୍ରହ୍ମରନ୍ଧ୍ର ଭେଦ କରି ନିର୍ଗତ ହୋଇଅଛି); [ମୃତ୍ୟୁ କାଳରେ] **ତୟା** (ଉକ୍ତ ନାଡ଼ୀ ଅବଲମ୍ବନରେ) **ଊର୍ଧ୍ୱମ୍** (ଊର୍ଦ୍ଧ୍ୱଦିଗକୁ) **ଆୟନ୍** ([ସୂର୍ଯ୍ୟମାର୍ଗରେ] ଗମନ କରି) **ଅମୃତତ୍ୱମ୍** ([ଆପେକ୍ଷିକ] ଅମରତ୍ୱ) **ଏତି** (ପ୍ରାପ୍ତ ହୁଏ); **ବିଷ୍ୱକ୍** (ବିଭିନ୍ନ ଦିଗରେ ପ୍ରସାରିତ) **ଅନ୍ୟାଃ** (ଅନ୍ୟ ନାଡ଼ୀସମୂହ) **ଉତ୍କ୍ରମଣେ ଭବନ୍ତି** (ସଂସାରପ୍ରାପ୍ତିର କାରଣ ହୁଏ) । ୨/୩/୧୬

ହୃଦୟରୁ ନିଷ୍କ୍ରାନ୍ତ ଏକଶତ ଏକ ନାଡ଼ୀ ମଧ୍ୟରୁ ଗୋଟିଏ ନାଡ଼ୀ ବ୍ରହ୍ମରନ୍ଧ୍ର ଭେଦ କରି ନିର୍ଗତ ହୋଇଛି । ଉତ୍କ୍ରମଣକାଳରେ ଅର୍ଥାତ୍ ଶରୀରତ୍ୟାଗ ସମୟରେ ଏହି ନାଡ଼ୀକୁ ଅବଲମ୍ବନ କରି ଊର୍ଦ୍ଧ୍ୱକୁ ଗମନପୂର୍ବକ (ସାଧକ) ଅମୃତତ୍ୱ[3] ଲାଭ କରନ୍ତି । ଅନ୍ୟାନ୍ୟ ନାଡ଼ୀମାର୍ଗରେ ଉତ୍କ୍ରମଣ ସଂସାରଗତିର କାରଣ ହୁଏ । ୨/୩/୧୬

---

1. ମୁ., ୨/୨/୮ ।
2. ପ୍ର., ୬/୬; କେ., ୪/୭ ।
3. ଏହା ଆପେକ୍ଷିକ ଅମୃତତ୍ୱ । ଏହା ଶୁଦ୍ଧ ବ୍ରହ୍ମ ସହିତ ଜୀବାତ୍ମାର ଏକତ୍ୱଜ୍ଞାନର ଫଳ ନୁହେଁ (୨/୩/୧୪ ଦ୍ର.) । ତେବେ ନଚିକେତାଙ୍କ ଦ୍ୱାରା ଜିଜ୍ଞାସିତ ଅଗ୍ନିବିଦ୍ୟାର ଫଳ-ସ୍ୱରୂପ ଏଠାରେ ଏହା ଉକ୍ତ ହେଲା । କାରଣ ଏହି ଫଳ ପୂର୍ବରୁ ଉକ୍ତ ହୋଇ ନାହିଁ ।

ଅଙ୍ଗୁଷ୍ଠମାତ୍ରଃ ପୁରୁଷୋଽନ୍ତରାତ୍ମା
ସଦା ଜନାନାଂ ହୃଦୟେ ସନ୍ନିବିଷ୍ଟଃ ।
ତଂ ସ୍ୱାଚ୍ଛରୀରାତ୍ ପ୍ରବୃହେନ୍ମୁଞ୍ଜାଦିବେଷୀକାଂ ଧୈର୍ଯ୍ୟେଣ ।
ତଂ ବିଦ୍ୟାଚ୍ଛୁକ୍ରମମୃତଂ ତଂ ବିଦ୍ୟାଚ୍ଛୁକ୍ରମମୃତମିତି ॥୧୭॥

ଅଙ୍ଗୁଷ୍ଠମାତ୍ରଃ (ଅଙ୍ଗୁଷ୍ଠପରିମାଣ [ହୃଦୟଦେଶରେ ଅବସ୍ଥିତ]) **ଅନ୍ତରାତ୍ମା** (ଅନ୍ତରାତ୍ମା) **ପୁରୁଷଃ** (ପରମାତ୍ମା) **ସଦା** (ସର୍ବଦା) **ଜନାନାମ୍** (ମନୁଷ୍ୟମାନଙ୍କ) **ହୃଦୟେ** (ହୃଦୟରେ) **ସଂ-ନିବିଷ୍ଟଃ** (ପ୍ରବିଷ୍ଟ ହୋଇ ରହିଛନ୍ତି); **ମୁଞ୍ଜାତ୍** (ମୁଞ୍ଜ ତୃଣରୁ) **ଇଷୀକାମ୍ ଇବ** (କନ୍ଦା ସଦୃଶ) **ତମ୍** (ତାହାଙ୍କୁ) **ସ୍ୱାତ୍** (ସ୍ୱକୀୟ) **ଶରୀରାତ୍** (ଶରୀରତ୍ରୟରୁ) **ଧୈର୍ଯ୍ୟେଣ** (ଧୈର୍ଯ୍ୟ ସହକାରେ, ଅପ୍ରମତ୍ତ ହୋଇ) **ପ୍ରବୃହେତ୍** (ପୃଥକ୍ କରିବ) । **ତମ୍** ([ଶରୀରଠାରୁ ଅଲଗା ହୋଇଥିବା] ତାହାଙ୍କୁ) **ଶୁକ୍ରମ୍** (ଶୁଦ୍ଧ) **ଅମୃତମ୍** (ଅମୃତ ବ୍ରହ୍ମ) [ବୋଲି] **ବିଦ୍ୟାତ୍** (ଜାଣିବ) **ତମ୍ ବିଦ୍ୟାତ୍ ଶୁକ୍ରମମୃତମ୍ ଇତି** (ତାହାଙ୍କୁ ଅମୃତ ବ୍ରହ୍ମ ବୋଲି ଜାଣିବ) [ପୁନରୁକ୍ତି ଅଧ୍ୟାୟର ପରିସମାପ୍ତି-ସୂଚକ] । ୨/୩/୧୭

ଅଙ୍ଗୁଷ୍ଠପରିମିତ ଅନ୍ତରାତ୍ମା ପୁରୁଷ ସମସ୍ତଙ୍କ ହୃଦୟରେ ସର୍ବଦା ଅବସ୍ଥିତ ଅଛନ୍ତି । ମୁଞ୍ଜଘାସରୁ କନ୍ଦା ସଦୃଶ ତାହାଙ୍କୁ ନିଜ ଶରୀରରୁ ଧୈର୍ଯ୍ୟ ସହକାରେ ପୃଥକ୍ କରିବ । ଏହିପରି ଅଲଗା ହୋଇଥିବା ସେହି ପୁରୁଷଙ୍କୁ ହିଁ ଶୁଦ୍ଧ ଅମୃତସ୍ୱରୂପ ବ୍ରହ୍ମ ବୋଲି ଜାଣିବ । ୨/୩/୧୭

ମୃତ୍ୟୁପ୍ରୋକ୍ତାଂ ନଚିକେତୋଽଥ ଲବ୍ଧ୍ୱା
ବିଦ୍ୟାମେତାଂ ଯୋଗବିଧିଂ ଚ କୃତ୍ସ୍ନମ୍ ।
ବ୍ରହ୍ମପ୍ରାପ୍ତୋ ବିରଜୋଽଭୂଦ୍ୱିମୃତ୍ୟୁ-
ରନ୍ୟୋଽପ୍ୟେବଂ ଯୋ ବିଦଧ୍ୟାତ୍ମମେବ ॥୧୮॥

ଇତି କଠୋପନିଷଦି ଦ୍ୱିତୀୟାଧ୍ୟାୟେ ତୃତୀୟା ବଲ୍ଲୀ ॥

ଇତି କଠୋପନିଷଦ୍ ସମାପ୍ତା ॥

[ବିଦ୍ୟାର ସ୍ତୁତିଜ୍ଞାପକ ମନ୍ତ୍ର ଦ୍ୱାରା ଆଖ୍ୟାୟିକାର ଉପସଂହାର ହେଉଅଛି]—**ଅଥ** (ଅନନ୍ତର) **ମୃତ୍ୟୁପ୍ରୋକ୍ତାମ୍** (ଯମଙ୍କ ଦ୍ୱାରା କୁହାଯାଇଥିବା) **ଏତାମ୍** (ଏହି) **ବିଦ୍ୟାମ୍** (ବ୍ରହ୍ମବିଦ୍ୟା) ଚ (ଏବଂ) **କୃତ୍ସ୍ନମ୍** (ସମ୍ପୂର୍ଣ୍ଣ) **ଯୋଗବିଧିମ୍**

(ଯୋଗବିଧି) **ଲବ୍ଧ୍ୱା** (ପ୍ରାପ୍ତ ହୋଇ) **ନଚିକେତଃ** (ନଚିକେତା) **ବିରଜଃ** (ଧର୍ମ ଓ ଅଧର୍ମରୁ ମୁକ୍ତ) [ଏବଂ] **ବିମୃତ୍ୟୁଃ** (କାମ ଓ ଅବିଦ୍ୟାଶୂନ୍ୟ [ହୋଇ]) **ବ୍ରହ୍ମ-ପ୍ରାପ୍ତଃ ଅଭୂତ୍** (ମୁକ୍ତ ହୋଇଥିଲେ); **ଅନ୍ୟଃ ଅପି ୟଃ** (ଅନ୍ୟ ଯେଉଁମାନେ) **ଅଧ୍ୟାତ୍ମମ୍ ଏବ** (ନିଜ ସ୍ୱରୂପକୁ ହିଁ) **ଏବମ୍-ବିତ୍** (ଏହି ପ୍ରକାର ଜାଣନ୍ତି) [ସେ ମଧ୍ୟ ଉକ୍ତ ଫଳ ପ୍ରାପ୍ତ ହୁଅନ୍ତି] । ୨/୩/୧୮

ଯମରାଜଙ୍କ ଦ୍ୱାରା କୁହାଯାଇଥିବା ଏହି ବ୍ରହ୍ମବିଦ୍ୟା ଏବଂ ସମ୍ପୂର୍ଣ୍ଣ ଯୋଗବିଧି ଲାଭପୂର୍ବକ ନଚିକେତା ବିରଜ ଓ ବିମୃତ୍ୟୁ ହୋଇ ମୁକ୍ତିଲାଭ କରିଥିଲେ । ଅନ୍ୟ ଯେକେହି ନିଜର ସ୍ୱରୂପକୁ ଏହି ପ୍ରକାର ଜାଣନ୍ତି ସେ ମଧ୍ୟ ଉକ୍ତ ଫଳ ପ୍ରାପ୍ତ ହୁଅନ୍ତି । ୨/୩/୧୮

॥ କଠୋପନିଷଦ୍‌ର ଦ୍ୱିତୀୟ ଅଧ୍ୟାୟର ଦ୍ୱିତୀୟ ବଲ୍ଲୀ ସମାପ୍ତ ॥

॥ କଠୋପନିଷଦ୍ ସମାପ୍ତ ॥

ଶାନ୍ତିପାଠ

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈଃ ।
ତେଜସ୍ୱି ନାବଧୀତମସ୍ତୁ ମା ବିଦ୍ୱିଷାବହୈ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ଅଥର୍ବବେଦୀୟ

ପ୍ରଶ୍ନୋପନିଷଦ୍

ଶାନ୍ତିପାଠ

ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିର୍ବ୍ୟଶେମ ଦେବହିତଂ ୟଦାୟୁଃ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

[ହେ] **ଦେବାଃ** (ଦେବଗଣ) **କର୍ଣ୍ଣେଭିଃ**, (=**କର୍ଣ୍ଣୈଃ**, ଶ୍ରୋତ୍ରସମୂହ ଦ୍ୱାରା) **ଭଦ୍ରମ୍** (କଲ୍ୟାଣବଚନ) **ଶୃଣୁୟାମ** (ଶୁଣିବାକୁ ଯେପରି ସମର୍ଥ ହେଉ); [ହେ] **ୟଜତ୍ରାଃ** (ଯଜ୍ଞନୀୟ ଦେବଗଣ) **ଅକ୍ଷଭଃ** (=**ଅକ୍ଷିଭିଃ**, ଚକ୍ଷୁଦ୍ୱାରା) **ଭଦ୍ରମ୍** (ସୁଶୋଭନ ଦ୍ରବ୍ୟ, ପୁଷ୍ପାଦି) **ପଶ୍ୟେମ** (ଦର୍ଶନ କରିବାକୁ ଯେପରି ସମର୍ଥ ହେଉ); **ସ୍ଥିରୈଃ** (ଦୃଢ଼, ଅଚଞ୍ଚଳ) **ଅଙ୍ଗୈଃ** (ହସ୍ତପଦାଦି ଅଙ୍ଗପ୍ରତ୍ୟଙ୍ଗ) [ଏବଂ] **ତନୂଭିଃ** (ଶରୀର ସହିତ [ଯୁକ୍ତ ହୋଇ ଆମେ]) **ତୁଷ୍ଟୁବାଂସଃ** (ଆପଣମାନଙ୍କର ସ୍ତବ କରି) **ଦେବହିତମ୍** (ପ୍ରଜ୍ଞାପତିଙ୍କ ଦ୍ୱାରା ବିହିତ, ଅଥବା ଦେବକର୍ମରତ) **ୟତ୍** (ଯେଉଁ) **ଆୟୁଃ** (ଜୀବନକାଳ) [ତାହା] **ବ୍ୟଶେମ** (ଯେପରି ପ୍ରାପ୍ତ ହେଉ) । **ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ** (ତ୍ରିବିଧ ବିଘ୍ନ ଶାନ୍ତି ହେଉ) ।

ହେ ଦେବଗଣ, ଆମେ କର୍ଣ୍ଣସମୂହ ଦ୍ୱାରା ଯେପରି କଲ୍ୟାଣ-ବଚନ ଶ୍ରବଣ କରୁ; ହେ ଯଜ୍ଞନୀୟ ଦେବଗଣ, ଆମେ ଚକ୍ଷୁସମୂହ ଦ୍ୱାରା ଯେପରି ଶୋଭନ ବସ୍ତୁ ଦର୍ଶନ କରୁ; ଦୃଢ଼ ଅବୟବ ଏବଂ ଶରୀର-ବିଶିଷ୍ଟ ହୋଇ ଆମେ ଯେପରି ଆପଣମାନଙ୍କର ସ୍ତବ କରି ଦେବକର୍ମରେ ନିରତ ଆୟୁଷ ପ୍ରାପ୍ତ ହେଉ । ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ବୃଦ୍ଧଶ୍ରବା (ମହାନ୍ ଯଶସ୍ୱୀ) **ଇନ୍ଦ୍ରଃ (ଇନ୍ଦ୍ରଦେବ) ନଃ (**ଆମମାନଙ୍କର) **ସ୍ୱସ୍ତି ଦଧାତୁ** (ମଙ୍ଗଳ କରନ୍ତୁ); **ବିଶ୍ୱବେଦାଃ** (ସମସ୍ତ ଜ୍ଞାନର ଆଧାର) **ପୂଷା** (ଜଗତ୍ ପୋଷଣକାରୀ ଦେବତା, ପୂଷାଦେବ) **ନଃ** (ଆମମାନଙ୍କର) **ସ୍ୱସ୍ତି** [ଦଧାତୁ] (କଲ୍ୟାଣ କରନ୍ତୁ) **ଅରିଷ୍ଟନେମିଃ** (ଅରିଷ୍ଟ-ନିବାରଣକାରୀ) **ତାର୍କ୍ଷ୍ୟ** (ଗରୁଡ଼ଦେବ) **ନଃ** (ଆମମାନଙ୍କର) **ସ୍ୱସ୍ତି** [ଦଧାତୁ] (ମଙ୍ଗଳ କରନ୍ତୁ) **ବୃହସ୍ପତି** (ଦେବଗୁରୁ ବୃହସ୍ପତି) **ନଃ** (ଆମମାନଙ୍କର) **ସ୍ୱସ୍ତି** [ଦଧାତୁ](ମଙ୍ଗଳ ବିଧାନ କରନ୍ତୁ) **ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ** (ତ୍ରିବିଧ ବିଘ୍ନ ଶାନ୍ତି ହେଉ) ।

ମହାନ୍ ଯଶସ୍ୱୀ ଇନ୍ଦ୍ରଦେବ ଆମମାନଙ୍କର ମଙ୍ଗଳ କରନ୍ତୁ, ସମସ୍ତ ଜ୍ଞାନର ଆଧାର ଜଗତ୍‌ର ପୋଷଣକାରୀ ପୂଷାଦେବ ଆମମାନଙ୍କର କଲ୍ୟାଣ କରନ୍ତୁ, ଅରିଷ୍ଟନିବାରଣକାରୀ ଗରୁଡ଼ଦେବ ଆମମାନଙ୍କର ମଙ୍ଗଳ କରନ୍ତୁ ଓ ଦେବଗୁରୁ ବୃହସ୍ପତି ଆମମାନଙ୍କର ମଙ୍ଗଳ ବିଧାନ କରନ୍ତୁ । ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

ପ୍ରଥମ ପ୍ରଶ୍ନ

ଓଁ ସୁକେଶା ଚ ଭାରଦ୍ୱାଜଃ ଶୈବ୍ୟଶ୍ଚ ସତ୍ୟକାମଃ ସୌର୍ଯ୍ୟାୟଣୀ ଚ ଗାର୍ଗ୍ୟଃ କୌସଲ୍ୟଶ୍ଚାଶ୍ୱଲାୟନୋ ଭାର୍ଗବୋ ବୈଦର୍ଭିଃ କବନ୍ଧୀ କାତ୍ୟାୟନସ୍ତେ ହୈତେ ବ୍ରହ୍ମପରା ବ୍ରହ୍ମନିଷ୍ଠାଃ ପରଂ ବ୍ରହ୍ମାନ୍ୱେଷମାଣା ଏଷ ହ ବୈ ତତ୍ସର୍ବଂ ବକ୍ଷ୍ୟତୀତି ତେ ହ ସମିତ୍ପାଣୟୋ ଭଗବନ୍ତଂ ପିପ୍ପଲାଦମୁପସନ୍ନାଃ ॥୧॥

ଭାରଦ୍ୱାଜଃ ସୁକେଶା (ଭରଦ୍ୱାଜଙ୍କ ପୁତ୍ର ସୁକେଶା) **ଚ ଶୈବ୍ୟଃ ସତ୍ୟକାମଃ** (ଓ ଶିବିଙ୍କ ପୁତ୍ର ସତ୍ୟକାମ) **ଚ ଗାର୍ଗ୍ୟଃ** (ଓ ଗର୍ଗଗୋତ୍ରୀୟ) **ସୌର୍ଯ୍ୟାୟଣୀ** (=**ସୌର୍ଯ୍ୟାୟଣିଃ**, ସୂର୍ଯ୍ୟଙ୍କ ପୌତ୍ର ସୌର୍ଯ୍ୟାୟଣି) **ଚ କୌସଲ୍ୟଃ ଆଶ୍ୱଲାୟନଃ** (ଓ ଅଶ୍ୱଲଙ୍କ ପୁତ୍ର କୌସଲ୍ୟ) **ଚ ଭାର୍ଗବଃ** (ଓ ଭୃଗୁବଂଶୀୟ) **ବୈଦର୍ଭିଃ** (ବିଦର୍ଭ ଦେଶରେ ଜାତ ବୈଦର୍ଭି) **କାତ୍ୟାୟନଃ** ([ଓ] କତ୍ୟଙ୍କ ପ୍ରପୌତ୍ର) **କବନ୍ଧୀ** (କବନ୍ଧୀ) **ତେ ହ** (ଏପରି ନାମ ଓ ଗ୍ରୋତ୍ରଯୁକ୍ତ) **ବ୍ରହ୍ମପରାଃ** (ଅପରବ୍ରହ୍ମପରାୟଣ) **ବ୍ରହ୍ମନିଷ୍ଠାଃ** (ଅପରବ୍ରହ୍ମଙ୍କ ଆରାଧନାରେ ରତ) **ଏତେ** (ଏମାନେ) **ପରମ୍ ବ୍ରହ୍ମ** (ପରବ୍ରହ୍ମଙ୍କୁ) **ଅନ୍ୱେଷମାଣାଃ** (ଜାଣିବାକୁ ଇଚ୍ଛୁକ ହୋଇ)—**ଏଷଃ** (ଇଏ) **ହ ବୈ** (ନିଶ୍ଚୟ ହିଁ) **ତତ୍ ସର୍ବମ୍** (ସେହି ସମସ୍ତ) **ବକ୍ଷ୍ୟତି** (କହିବେ) **ଇତି** (ଏହା ମନେ କରି) **ତେ ହ** (ସେମାନେ) **ସମିତ୍-ପାଣୟଃ** (ହାତରେ ସମିଧଭାର ଅର୍ଥାତ୍ ଯଜ୍ଞକାଷ୍ଠ ନେଇ) **ଭଗବନ୍ତମ୍** (ଭଗବାନ) **ପିପ୍ପଲାଦମ୍ ଉପସନ୍ନାଃ** (ପିପ୍ପଲାଦଙ୍କ ସମୀପକୁ ଗମନ କଲେ) । ୧/୧

ଭରଦ୍ୱାଜଙ୍କ ପୁତ୍ର ସୁକେଶା, ଶିବିଙ୍କ ପୁତ୍ର ସତ୍ୟକାମ, ଗର୍ଗଗୋତ୍ରୀୟ ସୌର୍ଯ୍ୟାୟଣି, ଅଶ୍ୱଲଙ୍କ ପୁତ୍ର କୌସଲ୍ୟ, ଭୃଗୁବଂଶୀୟ ବୈଦର୍ଭି ଓ କତ୍ୟଙ୍କ ପ୍ରପୌତ୍ର କବନ୍ଧୀ—ଏହି ପ୍ରକାର ନାମ ଓ ଗୋତ୍ରଯୁକ୍ତ ବ୍ରହ୍ମପର ଓ ବ୍ରହ୍ମନିଷ୍ଠ ଏମାନେ ପରବ୍ରହ୍ମ କିପରି ତାହା ଜାଣିବାକୁ ଇଚ୍ଛୁକ ହୋଇ—"ଇଏ ନିଶ୍ଚୟ ସେହି ସମସ୍ତ ଆମକୁ କହିବେ" ଏହି ପ୍ରକାର ମନେ କରି ହାତରେ ସମିଧ ନେଇ ଭଗବାନ ପିପ୍ପଲାଦଙ୍କ ସମୀପରେ ଉପସ୍ଥିତ ହେଲେ[1] । ୧/୧

1. ମନ୍ତ୍ରୋପନିଷଦ୍‌ରେ (ମୁଣ୍ଡକ ଉପନିଷଦ୍‌ରେ) ଯେଉଁସବୁ ବିଷୟ କଥିତ ହୋଇଛି ତାହା ଦୁରଧିଗମ୍ୟ ବୋଲି ତାହାର ବିସ୍ତାର ପାଇଁ ପ୍ରଶ୍ନୋପନିଷଦ୍ ନାମକ ଏହି ବ୍ରାହ୍ମଣୋପନିଷଦ୍

ତାନ୍ ହ ସ ଋଷିରୁବାଚ ଭୂୟ ଏବ ତପସା ବ୍ରହ୍ମଚର୍ଯ୍ୟେଣ ଶ୍ରଦ୍ଧୟା ସଂବତ୍ସରଂ ସଂବତ୍ସ୍ୟଥ ୟଥାକାମଂ ପ୍ରଶ୍ନାନ୍ ପୃଚ୍ଛତ ୟଦି ବିଜ୍ଞାସ୍ୟାମଃ ସର୍ବଂ ହ ବୋ ବକ୍ଷ୍ୟାମ ଇତି ॥୨॥

ତାନ୍ (ଏହିପରି ଆଗତ ସେମାନଙ୍କୁ) **ସଃ ଋଷିଃ** (ସେହି ଋଷି) **ଉବାଚ ହ** (କହିଲେ) [ଯଦିଓ ତୁମେମାନେ ପୂର୍ବରୁ ତପସ୍ୱୀ ଥିଲ ତଥାପି] **ଭୂୟଃ ଏବ** (ପୁଣି ଥରେ) **ତପସା** (ଇନ୍ଦ୍ରିୟସଂଯମ ସହକାରେ) **ବ୍ରହ୍ମଚର୍ଯ୍ୟେଣ** (ବ୍ରହ୍ମଚାରୀଭାବରେ) **ଶ୍ରଦ୍ଧୟା** (ଆସ୍ତିକ୍ୟ ବୁଦ୍ଧି ସହକାରେ) **ସଂବତ୍ସରମ୍** (ଏକବର୍ଷ) **ସଂବତ୍ସ୍ୟଥ** (ସମ୍ୟକ୍‌ରୂପରେ ଅର୍ଥାତ୍ ଗୁରୁଶୁଶ୍ରୂଷାପରାୟଣ ହୋଇ ବାସ କର); [ତା'ପରେ] **ୟଥାକାମମ୍** (ଇଚ୍ଛାନୁରୂପ) **ପ୍ରଶ୍ନାନ୍** (ପ୍ରଶ୍ନସମୂହ) **ପୃଚ୍ଛତ** (ପଚାରିବ); **ୟଦି** (ଯଦି) **ବିଜ୍ଞାସ୍ୟାମଃ** (ମୁଁ ଜାଣିଥାଏ) [ତେବେ] **ବଃ** (ତୁମମାନଙ୍କର ଜିଜ୍ଞାସିତ) **ସର୍ବମ୍ ହ** (ସମସ୍ତ ହିଁ) **ବକ୍ଷ୍ୟାମଃ ଇତି** (କହିବି) । ୧/୨

ଏହିପରି ଆଗତ ସେମାନଙ୍କୁ ଋଷି କହିଲେ—(ଯଦିଓ ତୁମେମାନେ ପୂର୍ବରୁ ତପସ୍ୱୀ ଥିଲ ତଥାପି) ପୁଣି ଥରେ ଇନ୍ଦ୍ରିୟସଂଯମ, ବ୍ରହ୍ମଚର୍ଯ୍ୟ ଓ ଆସ୍ତିକ୍ୟବୁଦ୍ଧି ସହକାରେ ଏକ ବର୍ଷକାଳ ଯଥାବିଧି ବାସ କର । ତା'ପରେ ନିଜ ନିଜ ଇଚ୍ଛାନୁସାରେ ପ୍ରଶ୍ନ ପଚାରିବ । ଯଦି ମୋତେ ଜଣାଥାଏ[1], ତେବେ ତୁମମାନଙ୍କର ଜିଜ୍ଞାସିତ ସମସ୍ତ ପ୍ରଶ୍ନର ଉତ୍ତର ତୁମମାନଙ୍କୁ କହିବି । ୧/୨

ଅଥ କବନ୍ଧୀ କାତ୍ୟାୟନ ଉପେତ୍ୟ ପପ୍ରଚ୍ଛ । ଭଗବନ୍ କୁତୋ ହ ବା ଇମାଃ ପ୍ରଜାଃ ପ୍ରଜାୟନ୍ତ ଇତି ॥୩॥

ଅଥ (ଅନନ୍ତର, ଏକବର୍ଷ ପରେ) **କାତ୍ୟାୟନଃ କବନ୍ଧୀ** (କତ୍ୟଋଷିଙ୍କ ପ୍ରପୌତ୍ର କବନ୍ଧୀ) **ଉପେତ୍ୟ** ([ଋଷିଙ୍କ] ସମୀପକୁ ଯାଇ) **ପପ୍ରଚ୍ଛ** (ପ୍ରଶ୍ନ କଲେ)— **ଭଗବନ୍** (ହେ ଭଗବନ୍) **କୁତଃ ହ ବୈ** (କେଉଁ କାରଣବିଶେଷରୁ) **ଇମାଃ ପ୍ରଜାଃ** (ଏହି ସକଳ ଉତ୍‌ପତ୍ତିଶୀଳ ପ୍ରାଣୀ) **ପ୍ରଜାୟନ୍ତେ ଇତି** (ଉଦ୍ଭୂତ ହୁଅନ୍ତି) ? ୧/୩

ଆରମ୍ଭ ହେଉଅଛି । ମୁଣ୍ଡକ ଉପନିଷଦ୍‌ରେ ଆଲୋଚିତ ବିଷୟଗୁଡ଼ିକ ପ୍ରଶ୍ନୋତ୍ତରଛଳରେ ଏଠାରେ ଆଲୋଚିତ ହେବ । ଆଖ୍ୟାୟିକାର ଉଦ୍ଦେଶ୍ୟ ବିଦ୍ୟାର ସ୍ତୁତି ।

1. ଏହା ସର୍ବଜ୍ଞ ଋଷିଙ୍କ ବିନୟ । ଏହା ଦ୍ୱାରା ଇଙ୍ଗିତ କରାହେଲା ଯେ, ଗୁରୁ ଓ ଶିଷ୍ୟ ଉଭୟ ସତ୍ୟବାଦୀ ହେବେ । ଏହି ଆଖ୍ୟାୟିକା ଆରମ୍ଭରେ ଏହା ହିଁ ଦର୍ଶାଗଲା ଯେ, ସର୍ବଜ୍ଞ ଓ ବିନୟସମ୍ପନ୍ନ ବ୍ୟକ୍ତି ହିଁ ଗୁରୁ ହେବେ ଏବଂ ଶିଷ୍ୟ ମଧ୍ୟ ଶ୍ରଦ୍ଧାବାନ୍, ବ୍ରହ୍ମଚାରୀ ଓ ତପସ୍ୱୀ ହେବେ । —ମୁ., ୩/୧/୫, ୧/୨/୧୨-୧୩

ଏକ ବର୍ଷ ପରେ କତ୍ୟରଷିଙ୍କ ପ୍ରପୌତ୍ର କବନ୍ଧୀ ପିପ୍ପଲାଦ ଋଷିଙ୍କ ନିକଟରେ ଉପସ୍ଥିତ ହୋଇ ଏହି ପ୍ରଶ୍ନ ପଚାରିଲେ—ହେ ଭଗବନ୍, କେଉଁ କାରଣବିଶେଷରୁ ଏହି ସକଳ ପ୍ରାଣୀ ଉଦ୍ଭୂତ ହୁଅନ୍ତି[1] ? ୧/୩

ତସ୍ମୈ ସ ହୋବାଚ ପ୍ରଜାକାମୋ ବୈ ପ୍ରଜାପତିଃ ସ ତପୋଽତପ୍ୟତ ସ ତପସ୍ତପ୍ତ୍ୱା ସ ମିଥୁନମୁତ୍ପାଦୟତେ । ରୟିଂ ଚ ପ୍ରାଣଂ ଚେତ୍ୟେତୌ ମେ ବହୁଧା ପ୍ରଜାଃ କରିଷ୍ୟତ ଇତି ॥୪॥

ସଃ (ପିପ୍ପଲାଦ) **ତସ୍ମୈ** (ତାହାଙ୍କୁ) **ଉବାଚ ହ** (କହିଲେ)—**ପ୍ରଜାପତିଃ [ସନ୍]** (ସର୍ବାତ୍ମା ହୋଇ, ସୃଜ୍ୟମାନ ପ୍ରାଣୀମାନଙ୍କ ପତି, ଅର୍ଥାତ୍ ହିରଣ୍ୟଗର୍ଭ ହୋଇ) **ପ୍ରଜାକାମଃ** (ପ୍ରଜା ସୃଷ୍ଟି କରିବାକୁ ଇଚ୍ଛୁକ) **ସଃ ବୈ** (ସେ ହିଁ, ସାଧକ-ବିଶେଷ ହିଁ) **ତପଃ** (ଶ୍ରୁତି-ପ୍ରକାଶିତ ବସ୍ତୁ ବିଷୟରେ ଜନ୍ମାନ୍ତରୀଣ ସଂସ୍କାରରୁ ଲବ୍ଧ ଜ୍ଞାନ) **ଅତପ୍ୟତ** (ଆଲୋଚନା କରିଥିଲେ); **ସଃ** (ସେ) **ତପଃ ତପ୍ତ୍ୱା** (ତପସ୍ୟା କରି, ଜ୍ଞାନାଲୋଚନା କରି) **ରୟିମ୍ ଚ ପ୍ରାଣମ୍ ଚ** (ଧନ ଅର୍ଥାତ୍ ଅନ୍ନସ୍ଥାନୀୟ ସୋମ ଓ ପ୍ରାଣ ଅର୍ଥାତ୍ ଭୋକ୍ତୃସ୍ଥାନୀୟ ଅଗ୍ନି) **ଇତି** (ଏହି) **ମିଥୁନମ୍** (ଯୁଗଳ) **ସଃ** (ସେ) **ଉତ୍ପାଦୟତେ** (ଉତ୍ପନ୍ନ କଲେ)—**ଏତୌ** (ଏହି ଅଗ୍ନି ଓ ସୋମ) **ମେ** (ମୋର) **ପ୍ରଜାଃ** (ସନ୍ତାନସମୂହ) **ବହୁଧା** (ଅନେକ ପ୍ରକାରରେ) **କରିଷ୍ୟତଃ** (ବୃଦ୍ଧି ବା ଉତ୍ପାଦନ କରିବେ) **ଇତି** (ଏହା ମନେକରି) । ୧/୪

ସେ ତାହାଙ୍କୁ କହିଲେ—ପ୍ରଜାପତି ହୋଇ ସେ[2] ହିଁ ପ୍ରଜାସୃଷ୍ଟିକାମନାରେ ବେଦ ପ୍ରକାଶିତ ଜ୍ଞାନର ଆଲୋଚନାରୂପକ ତପସ୍ୟା କଲେ । ସେ ଜ୍ଞାନ-ଆଲୋଚନା କରି "ଏହି ଉଭୟ ହିଁ ମୋର ପ୍ରଜାବର୍ଗଙ୍କୁ ବହୁରୂପରେ ବର୍ଦ୍ଧିତ

---

1. ଯଦ୍ୟପି ପରବ୍ରହ୍ମ-ଜିଜ୍ଞାସା ସହିତ ଏହି ପ୍ରକାର ପ୍ରଶ୍ନ ଅସଙ୍ଗତ, ତଥାପି ଉପାସନାବିହୀନ କର୍ମର ଫଳ ଓ ଉପାସନାଯୁକ୍ତ କର୍ମର ଫଳ ସମ୍ବନ୍ଧରେ ବୈରାଗ୍ୟ-ଉତ୍ପାଦନ ସକାଶେ ଏହି ପ୍ରକାର ପ୍ରଶ୍ନୋତ୍ତର ହେଉଅଛି । ସେହିପ୍ରକାର ବୈରାଗ୍ୟବାନ୍ ବ୍ୟକ୍ତିମାନେ ହିଁ ପରାବିଦ୍ୟାର ଅଧିକାରୀ ।

2. ପ୍ରଜାପତିତ୍ୱ-ଲାଭ ଉଦ୍ଦେଶ୍ୟରେ ପୂର୍ବଜନ୍ମରେ ଯିଏ ତାହାର ଉପଯୁକ୍ତ କର୍ମ ଏବଂ 'ମୁଁ ସର୍ବାତ୍ମା ପ୍ରଜାପତି' ଏହିପରି ଉପାସନା କରିଥିଲେ, ସେ ହିଁ ପରଜନ୍ମରେ ପ୍ରଥମେ ହିରଣ୍ୟଗର୍ଭ ହେଲେ ଏବଂ ବେଦପ୍ରକାଶିତ ଜ୍ଞାନ ତାଙ୍କ ହୃଦୟରେ ପ୍ରକାଶ ପାଇଲା ।

—ବୃ., ୧/୨/୪, ୧/୫/୨୩; ବ୍ର. ସୂ., ୧/୩/୨୮; ମୁ., ୧/୨/୧୧ ।

କରିବେ" ଏହି ପ୍ରକାର ଚିନ୍ତାପୂର୍ବକ ଅଗ୍ନି ଓ ସୋମ[1] ଏହି ମିଥୁନଙ୍କୁ ଉତ୍ପାଦନ କଲେ[2] । ୧/୪

ଆଦିତ୍ୟୋ ହ ବୈ ପ୍ରାଣୋ ରୟିରେବ ଚନ୍ଦ୍ରମା ରୟିର୍ବା ଏତତ୍ ସର୍ବଂ ୟନ୍ମୂର୍ତଂ ଚାମୂର୍ତଂ ଚ ତସ୍ମାନ୍ମୂର୍ତିରେବ ରୟିଃ ॥୫॥

ଆଦିତ୍ୟଃ ହ ବୈ (ସୂର୍ଯ୍ୟ ହିଁ) **ପ୍ରାଣଃ** (ପ୍ରାଣ) **ରୟିଃ ଏବ** (ଅନ୍ନ ହିଁ) **ଚନ୍ଦ୍ରମାଃ** (ଚନ୍ଦ୍ର, ସୋମ); **ଏତତ୍** (ଏହି) **ୟତ୍** (ଯାହା) **ମୂର୍ତମ୍ ଚ ଅମୂର୍ତମ୍ ଚ** (ସ୍ଥୂଳ ଓ ସୂକ୍ଷ୍ମ)—**ସର୍ବମ୍ ବୈ** (ସମସ୍ତ ହିଁ) **ରୟିଃ** (ଅନ୍ନ); **ତସ୍ମାତ୍** (ଅମୂର୍ତ୍ତଠାରୁ ପୃଥକ୍‌କୃତ) **ମୂର୍ତିଃ ଏବ** (ସ୍ଥୂଳ ହିଁ) **ରୟିଃ** (ଅନ୍ନ) । ୧/୫

ସୂର୍ଯ୍ୟ ହିଁ ପ୍ରାଣ[3], ଅନ୍ନ ହିଁ ଚନ୍ଦ୍ରମା[4]; ସ୍ଥୂଳ ଓ ସୂକ୍ଷ୍ମ ଏହି ଯାହା କିଛି ଅଛି, ସେ ସମସ୍ତ ହିଁ ଅନ୍ନ[5]; ଅମୂର୍ତ୍ତ (ଅର୍ଥାତ୍ ସୂକ୍ଷ୍ମ)ଠାରୁ ପୃଥକ୍‌କୃତ ସ୍ଥୂଳ ପଦାର୍ଥ ହିଁ ଅନ୍ନ[6] । ୧/୫

ଅଥାଦିତ୍ୟ ଉଦୟନ୍ୟତ୍‌ପ୍ରାଚୀଂ ଦିଶଂ ପ୍ରବିଶତି ତେନ ପ୍ରାଚ୍ୟାନ୍ ପ୍ରାଣାନ୍ ରଶ୍ମିଷୁ ସନ୍ନିଧତ୍ତେ । ୟଦ୍ଦକ୍ଷିଣାଂ ୟତ୍ ପ୍ରତୀଚୀଂ ୟଦୁଦୀଚୀଂ

---

1. ଗୀତା, ୧୫/୧୨-୧୪ ।

2. ଏଠାରେ ଓ ପରବର୍ତ୍ତୀ କଣ୍ଡିକାଗୁଡ଼ିକରେ ଏହା ହିଁ ପ୍ରଦର୍ଶିତ ହେଉଛି ଯେ, ପ୍ରଜାପତି ହିଁ ସମସ୍ତଙ୍କର ସ୍ରଷ୍ଟା । ଅଗ୍ନି ଓ ସୋମ ବ୍ରହ୍ମାଣ୍ଡର ଅନ୍ତର୍ଭୁକ୍ତ । ଅତଏବ ବୁଝିବାକୁ ହେବ ଯେ, ସେ ବ୍ରହ୍ମାଣ୍ଡସୃଷ୍ଟି ପରେ କାଳର ଅଧିଷ୍ଠାତା ଅଗ୍ନି ଓ ସୋମ ଅର୍ଥାତ୍ ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ସୃଷ୍ଟି କଲେ ।

3. ଏକ ହିଁ ଅତ୍ତା ଅର୍ଥାତ୍ ଅନ୍ନଭକ୍ଷକ ତେଜର ତିନି ଅବସ୍ଥା—ସେ ଆଧିଦୈବିକରୂପରେ ସୂର୍ଯ୍ୟ, ଆଧିଭୌତିକରୂପରେ ଅଗ୍ନି ଏବଂ ଆଧ୍ୟାତ୍ମିକରୂପରେ ପ୍ରାଣ ।

4. ଅନ୍ନ ଚନ୍ଦ୍ରକିରଣମଣ୍ଡିତ ଓ ଚନ୍ଦ୍ରକିରଣରେ ପୁଷ୍ଟ ହୁଏ; ଅତଏବ ଚନ୍ଦ୍ର ଭୋଜ୍ୟ ଶ୍ରେଣୀଭୁକ୍ତ ।

5. ସବୁକିଛି ହିଁ ପ୍ରାଣର ଭକ୍ଷ୍ୟ । ଅନ୍ନ ସର୍ବାତ୍ମକ, ଅତଏବ ତାହା ପ୍ରଜାପତିସହିତ ଅଭିନ୍ନ । ପ୍ରଜାପତିଙ୍କର ଦୁଇଟି ରୂପ—ଅନ୍ନ ଓ ଅତ୍ତା, ଖାଦ୍ୟ ଓ ଖାଦକ ।

6. ମୂର୍ତ୍ତ ଓ ଅମୂର୍ତ୍ତ ମଧ୍ୟରେ ଖାଦ୍ୟ-ଖାଦକ-ସମ୍ବନ୍ଧ ଅଛି; କାହିଁକି ନା ସ୍ଥୂଳ ବସ୍ତୁ ତାହାର ସୂକ୍ଷ୍ମ କାରଣରେ ଲୀନ ହୁଏ । ରୟି ଓ ପ୍ରାଣଠାରୁ ହିଁ ସଂବତ୍ସର ସୃଷ୍ଟ ହୁଏ ।

ୟଦଧୋ ୟଦୂର୍ଧ୍ୱଂ ୟଦନ୍ତରା ଦିଶୋ ୟତ୍ ସର୍ବଂ ପ୍ରକାଶୟତି ତେନ ସର୍ବାନ୍ ପ୍ରାଣାନ୍ ରଶ୍ମିଷୁ ସଂନିଧତ୍ତେ ॥୬॥

[ଯାହା ଅନ୍ନ ତାହା ମଧ୍ୟ ପ୍ରାଣ, ଅତଏବ ଅତ୍ତା ଅର୍ଥାତ୍ ଭକ୍ଷକ ପ୍ରାଣ ମଧ୍ୟ ସର୍ବସ୍ୱରୂପ ପ୍ରଜାପତି; ଏହା ହିଁ ପ୍ରଦର୍ଶିତ ହେଉଅଛି]—**ଅଥ** ([ରାତ୍ରି] ଅନନ୍ତର, ଶେଷରେ) **ଆଦିତ୍ୟଃ** (ସୂର୍ଯ୍ୟ) **ଉଦୟନ୍** (ଉଦିତ ହୋଇ) **ୟତ୍** (ଯେଉଁ) **ପ୍ରାଚୀମ୍** (ପୂର୍ବ) **ଦିଶମ୍ ପ୍ରବିଶତି** (ଦିଗକୁ ପ୍ରବେଶ କରନ୍ତି ଅର୍ଥାତ୍ ଦିଗକୁ ବ୍ୟାପ୍ତ କରନ୍ତି) **ତେନ** (ସେହି ବ୍ୟାପ୍ତି ଦ୍ୱାରା) **ପ୍ରାଚ୍ୟାନ୍** (ପୂର୍ବସ୍ଥ) **ପ୍ରାଣାନ୍** (ପ୍ରାଣୀଗଣଙ୍କର ପ୍ରାଣସମୂହକୁ) **ରଶ୍ମିଷୁ** (ସ୍ୱୀୟ କିରଣରେ) **ସନ୍ନିଧତ୍ତେ** (ସନ୍ନିବିଷ୍ଟ, ଆତ୍ମଭୂତ କରନ୍ତି) । **ୟତ୍ ଦକ୍ଷିଣାନ୍** (ଯେଉଁ ଦକ୍ଷିଣ ଦିଗକୁ) **ୟତ୍ ପ୍ରତୀଚୀମ୍** (ଯେଉଁ ପଶ୍ଚିମ ଦିଗକୁ) **ୟତ୍ ଉଦୀଚୀମ୍** (ଯେଉଁ ଉତ୍ତର ଦିଗକୁ) **ୟତ୍ ଅଧଃ** (ଯେଉଁ ନିମ୍ନ ଦିଗକୁ) **ୟତ୍ ଊର୍ଧ୍ୱମ୍** (ଯେଉଁ ଊର୍ଦ୍ଧ୍ୱ ଦିଗକୁ) **ୟତ୍ ଅନ୍ତରାଃ ଦିଶଃ** (ଯେଉଁ ଦିଗ-କୋଣସମୂହକୁ) [ପ୍ରବେଶ କରନ୍ତି ଏବଂ] **ୟତ୍ ସର୍ବମ୍** (ଯେଉଁ ଅପର ସକଳଙ୍କୁ) **ପ୍ରକାଶୟତି** (ପ୍ରକାଶିତ କରନ୍ତି, ନିଜର ଜ୍ୟୋତିଃ ଦ୍ୱାରା ବ୍ୟାପ୍ତ କରନ୍ତି) **ତେନ** (ସେହି ବ୍ୟାପ୍ତି ଦ୍ୱାରା) **ସର୍ବାନ୍ ପ୍ରାଣାନ୍** (ସର୍ବ-ଦିଗସ୍ଥିତ ପ୍ରାଣୀମାନଙ୍କର ପ୍ରାଣ-ସମୂହକୁ) **ରଶ୍ମିଷୁ** (ନିଜ କିରଣ ମଧ୍ୟରେ) **ସନ୍ନିଧତ୍ତେ** (ସନ୍ନିବିଷ୍ଟ କରନ୍ତି) । ୧/୬

ରାତ୍ରି ଶେଷରେ ସୂର୍ଯ୍ୟ ଉଦିତ ହୋଇ ନିଜ ଜ୍ୟୋତିଃରେ ଯେଉଁ ପୂର୍ବଦିଗକୁ ବ୍ୟାପ୍ତ କରନ୍ତି, ତଦ୍ଦ୍ୱାରା ପୂର୍ବଦିଗରେ ଅବସ୍ଥିତ ପ୍ରାଣସମୂହକୁ ସେ ସ୍ୱୀୟ କିରଣ ମଧ୍ୟରେ ସନ୍ନିବିଷ୍ଟ କରନ୍ତି । ସେ ଦକ୍ଷିଣ, ପଶ୍ଚିମ, ଉତ୍ତର, ନିମ୍ନ, ଊର୍ଦ୍ଧ୍ୱ ଓ ଦିଗ-କୋଣସମୂହରେ ଯେଉଁ ପ୍ରବେଶ କରନ୍ତି ଏବଂ ଅପର ସକଳଙ୍କୁ ଯେଉଁ ପ୍ରକାଶିତ କରନ୍ତି, ତଦ୍ଦ୍ୱାରା ସେ ସର୍ବଦିଗରେ ଅବସ୍ଥିତ ପ୍ରାଣସମୂହକୁ ନିଜ କିରଣ ମଧ୍ୟରେ ସନ୍ନିବିଷ୍ଟ କରନ୍ତି । ୧/୬

ସ ଏଷ ବୈଶ୍ୱାନରୋ ବିଶ୍ୱରୂପଃ ପ୍ରାଣୋଽଗ୍ନିରୁଦୟତେ । ତଦେତଦୃ-ଚାଽଭ୍ୟୁକ୍ତମ୍ ॥୭॥

ଏଷଃ (ଏହି ଅତ୍ତା ଅର୍ଥାତ୍ ଭକ୍ଷକ) **ବୈଶ୍ୱାନରଃ** (ସର୍ବଜୀବାତ୍ମକ) **ବିଶ୍ୱରୂପଃ** (ସର୍ବପ୍ରପଞ୍ଚାତ୍ମକ) **ପ୍ରାଣଃ** (ପ୍ରାଣ) [ଏବଂ] **ଅଗ୍ନିଃ** (ଅଗ୍ନି) । **ସଃ** (ସେହି ଭକ୍ଷକ ପ୍ରାଣ ହିଁ) [ବୃ., ୧/୨/୫ (ଅଦିତି)] **ଉଦୟତେ** (ଉଦିତ ହୁଅନ୍ତି) । **ତତ୍**

ଏତତ୍ (ଉକ୍ତରୂପରେ ବର୍ଣ୍ଣିତ ଏହି ବସ୍ତୁ ହିଁ) [ପରବର୍ତ୍ତୀ] **ଋଚା** (ଋକ୍-ମନ୍ତ୍ରରେ) **ଅଭ୍ୟୁକ୍ତମ୍** (କଥିତ ହୋଇଅଛି) । ୧/୭

ଏହି ଅତ୍ତା ଅର୍ଥାତ୍ ଭକ୍ଷକ ସର୍ବଜୀବାତ୍ମକ ଓ ସର୍ବ-ଜଗତ୍‌ରୂପୀ ପ୍ରାଣ ଏବଂ ଅଗ୍ନି । ଏହି ସେହି ଅତ୍ତା ହିଁ (ସୂର୍ଯ୍ୟ ରୂପରେ) ଉଦିତ ହୁଅନ୍ତି । ଉକ୍ତରୂପରେ ବର୍ଣ୍ଣିତ ଏହି ବସ୍ତୁ ହିଁ ଋକ୍‌ମନ୍ତ୍ରରେ କଥିତ ହୋଇଛନ୍ତି—। ୧/୭

ବିଶ୍ୱରୂପଂ ହରିଣଂ ଜାତବେଦସଂ
ପରାୟଣଂ ଜ୍ୟୋତିରେକଂ ତପନ୍ତମ୍ ।
ସହସ୍ରରଶ୍ମିଃ ଶତଧା ବର୍ତମାନଃ
ପ୍ରାଣଃ ପ୍ରଜାନାମୁଦୟତ୍ୟେଷ ସୂର୍ଯ୍ୟଃ ॥୮॥

ବିଶ୍ୱରୂପମ୍ (ସର୍ବରୂପ) **ହରିଣମ୍** (ରଶ୍ମିମାନ୍) **ଜାତବେଦସମ୍** (ଜାତପ୍ରଜ୍ଞ, ସର୍ବବିଷୟରେ ଯିଏ ଜ୍ଞାନବାନ୍) **ପରାୟଣମ୍** (ସର୍ବପ୍ରାଣର ଆଶ୍ରୟ); **ଜ୍ୟୋତିଃ** (ସମସ୍ତ ପ୍ରାଣୀଙ୍କ ଚକ୍ଷୁସ୍ୱରୂପ) **ଏକମ୍** (ଅଦ୍ୱିତୀୟ) **ତପନ୍ତମ୍** (ତାପକ୍ରିୟାକାରୀ ସୂର୍ଯ୍ୟଙ୍କୁ) [ବ୍ରହ୍ମବିଦ୍‌ଗଣ ଆତ୍ମାରୂପରେ ଜାଣନ୍ତି] **ସହସ୍ରରଶ୍ମିଃ** (ଅନନ୍ତକିରଣଶାଳୀ) **ଶତଧା** ([ପ୍ରାଣୀଭେଦରେ] ଅନେକ ପ୍ରକାରରେ) **ବର୍ତମାନଃ** (ଅବସ୍ଥିତ) **ପ୍ରଜାନାମ୍** (ପ୍ରାଣୀବର୍ଗଙ୍କର) **ପ୍ରାଣଃ** (ପ୍ରାଣସ୍ୱରୂପ) **ଏଷଃ** (ଏହି) **ସୂର୍ଯ୍ୟଃ** (ସୂର୍ଯ୍ୟ) **ଉଦୟତି** (ଉଦିତ ହେଉଛନ୍ତି) । ୧/୮

ବିଶ୍ୱରୂପ, ରଶ୍ମିମାନ୍, ଜାତପ୍ରଜ୍ଞ, ଅଖିଳପ୍ରାଣର ଆଶ୍ରୟ, ସମସ୍ତ ପ୍ରାଣୀଙ୍କ ଚକ୍ଷୁସ୍ୱରୂପ, ଅଦ୍ୱିତୀୟ, ତାପକ୍ରିୟାକାରୀ ସୂର୍ଯ୍ୟଙ୍କୁ ଜ୍ଞାନୀଗଣ ଆତ୍ମାରୂପରେ ଜାଣନ୍ତି । ଅନନ୍ତକିରଣଶାଳୀ, ପ୍ରାଣୀଭେଦରେ ଶତଧାବିଦ୍ୟମାନ, ପ୍ରାଣୀବର୍ଗଙ୍କ ପ୍ରାଣସ୍ୱରୂପ ଏହି ସୂର୍ଯ୍ୟ ଉଦିତ ହେଉଛନ୍ତି । ୧/୮

ସଂବତ୍ସରୋ ବୈ ପ୍ରଜାପତିସ୍ତସ୍ୟାୟନେ ଦକ୍ଷିଣଂ ଚୋତ୍ତରଂ ଚ । ତଦ୍ୟେ ହ ବୈ ତଦିଷ୍ଟାପୂର୍ତେ କୃତମିତ୍ୟୁପାସତେ ତେ ଚାନ୍ଦ୍ରମସମେବ ଲୋକମଭିଜୟନ୍ତେ । ତ ଏବ ପୁନରାବର୍ତନ୍ତେ ତସ୍ମାଦେତ ଋଷୟଃ ପ୍ରଜାକାମା ଦକ୍ଷିଣଂ ପ୍ରତିପଦ୍ୟନ୍ତେ । ଏଷ ହ ବୈ ରୟିର୍ୟଃ ପିତୃୟାଣଃ ॥୯॥

ସଂବତ୍ସରଃ ବୈ (ସଂବତ୍ସର ହିଁ) **ପ୍ରଜାପତିଃ** (ପ୍ରଜାପତି); **ତସ୍ୟ** (ସେହି ସଂବତ୍ସରାଖ୍ୟ ପ୍ରଜାପତିଙ୍କର) **ଅୟନେ** (ଷଣ୍ମାସାତ୍ମକ ଦୁଇଟି ଅୟନ ବା ପଥ)—

ଦକ୍ଷିଣମ୍ ଚ ଉତ୍ତରମ୍ ଚ (ଦକ୍ଷିଣ ଓ ଉତ୍ତର) । **ତତ୍** (ତନ୍ମଧ୍ୟରେ) **ଯେ ହ ବୈ** (ଯେଉଁମାନେ ହିଁ) **ଇଷ୍ଟାପୂର୍ତେ** (ଇଷ୍ଟ ଓ ପୂର୍ତ୍ତ) **ଇତି** ([ଦତ୍ତ] ଇତ୍ୟାଦିକୁ) **କୃତମ୍ ତତ୍** ([ଶ୍ରୌତ ଓ ସ୍ମାର୍ତ୍ତ] କର୍ତ୍ତବ୍ୟକର୍ମ ରୂପରେ, ନିତ୍ୟକର୍ମ ରୂପରେ ନୁହେଁ) **ଉପାସତେ** (ତତ୍ପରତା ସହକାରେ ଅନୁଷ୍ଠାନ କରନ୍ତି) **ତେ** (ସେମାନେ) **ଚାନ୍ଦ୍ରମସମ୍ ଏବ** (କେବଳ ଚନ୍ଦ୍ରସମ୍ବନ୍ଧୀୟ) **ଲୋକମ୍** (ଲୋକ) **ଅଭିଜୟନ୍ତେ** (ଜୟ କରନ୍ତି, ଅର୍ଥାତ୍ ଲାଭ କରନ୍ତି) । **ତେ** (ସେମାନେ) **ପୁନଃ** (ପୁନର୍ବାର) **ଆବର୍ତନ୍ତେ ଏବ** (ଅବଶ୍ୟ ହିଁ ଆବର୍ତ୍ତନ କରନ୍ତି) । **ତସ୍ମାତ୍** (ସେଥିପାଇଁ) **ଏତେ ଋଷୟଃ** (ଏହି ସକଳ ସ୍ୱର୍ଗ-ଦ୍ରଷ୍ଟା) **ପ୍ରଜାକାମାଃ** (ସନ୍ତାନାର୍ଥୀ ଗୃହସ୍ଥଗଣ) **ଦକ୍ଷିଣମ୍** (ଦକ୍ଷିଣମାର୍ଗ ଅର୍ଥାତ୍ ତାହା ଦ୍ୱାରା ଉପଲକ୍ଷିତ ଲୋକ) **ପ୍ରତିପଦ୍ୟନ୍ତେ** (ପ୍ରାପ୍ତ ହୁଅନ୍ତି); **ୟଃ** (ଯାହା) **ପିତୃୟାଣଃ** (=**ପିତୃୟାନଃ**, ଅର୍ଥାତ୍ ତାହା ଦ୍ୱାରା ଉପଲକ୍ଷିତ ଚନ୍ଦ୍ର) **ଏଷଃ ହ ବୈ** (ଏହା ହିଁ) **ରୟିଃ** (ଅନ୍ନ) । ୧/୯

ସଂବତ୍ସର ହିଁ ପ୍ରଜାପତି[1]; ତାହାଙ୍କର ଷଣ୍ମାସାତ୍ମକ ଦୁଇଟି ଅୟନ ବା ପଥ ହେଉଛି—ଉତ୍ତର ଓ ଦକ୍ଷିଣ । ସେଥିମଧ୍ୟରୁ ଯେଉଁମାନେ ଇଷ୍ଟ[2], ପୂର୍ତ୍ତ ଇତ୍ୟାଦି କର୍ମକୁ ସ୍ୱୀୟ କର୍ତ୍ତବ୍ୟରୂପରେ ଯତ୍ନସହକାରେ ଅନୁଷ୍ଠାନ କରନ୍ତି, ସେମାନେ ତାହା ଫଳରେ[3] କେବଳ ଚନ୍ଦ୍ରଲୋକ[4] ଜୟ କରନ୍ତି ଏବଂ ସେଥିପାଇଁ ସେମାନେ ପୁନରାବର୍ତ୍ତନ କରନ୍ତି ।[5] ସୁତରାଂ ସ୍ୱର୍ଗଦ୍ରଷ୍ଟା ସନ୍ତାନାର୍ଥୀ ଗୃହସ୍ଥଗଣ ଦକ୍ଷିଣମାର୍ଗ ପ୍ରାପ୍ତ ହୁଅନ୍ତି । ଯାହା ପିତୃମାର୍ଗ ତାହା ହିଁ ଅନ୍ନ । ୧/୯

---

1. ଚନ୍ଦ୍ର ଓ ଆଦିତ୍ୟଙ୍କ ଦ୍ୱାରା ସମ୍ପାଦ୍ୟ ତିଥି, ଅହୋରାତ୍ର ପ୍ରଭୃତିର ସମଷ୍ଟି ହିଁ ସଂବତ୍ସର ବା କାଳ (ମୁ., ୧/୨/୩-୯) । ଚନ୍ଦ୍ର-ସୂର୍ଯ୍ୟର ମିଥୁନାତ୍ମକ ପ୍ରଜାପତି ଓ ସଂବତ୍ସର ଅଭିନ୍ନ । ଉପାସନାରହିତ ଓ ଉପସନାଯୁକ୍ତ କର୍ମର ଫଳ ପ୍ରଦାନ କରିବା ପାଇଁ ସୂର୍ଯ୍ୟ ଦକ୍ଷିଣ ମାର୍ଗରେ ଓ ଉତ୍ତର ମାର୍ଗରେ ଗମନ କରନ୍ତି, ତଦ୍ଦ୍ୱାରା ସଂବତ୍ସରାତ୍ମକ ପ୍ରଜାପତିଙ୍କର ହିଁ ଗମନ ହୋଇଥାଏ ।

2. **ଇଷ୍ଟ—ଅଗ୍ନିହୋତ୍ରଂ ତପଃ ସତ୍ୟଂ ଭୂତାନାଂ ଚାନୁକମ୍ପନମ୍ ।**
ଆତିଥ୍ୟଂ ବୈଶ୍ୱଦେବଞ୍ଚ ଇଷ୍ଟମିତ୍ୟଭିଧୀୟତେ ॥

ପୂର୍ତ୍ତ—ବାପୀକୂପତଡାଗାଦି ଦେବତାୟତନାନି ଚ ।
ଅନ୍ନପ୍ରଦାନମାରାମଂ ପୂର୍ତମିତ୍ୟଭିଧୀୟତେ ॥

ଦତ୍ତ—ଶରଣାଗତସନ୍ତ୍ରାଣଂ ଭୂତାନାଂ ବାପ୍ୟହିଂସନମ୍ ।
ବହିର୍ବେଦି ଚ ୟଦ୍ଦାନଂ ଦତ୍ତମିତ୍ୟଭିଧୀୟତେ ॥

3. ସେମାନେ ଯେହେତୁ ଯଜ୍ଞାଦିକୁ ହିଁ କର୍ତ୍ତବ୍ୟରୂପରେ ଗ୍ରହଣ କରନ୍ତି, ସେଥିପାଇଁ ।
—ମୁ., ୧/୨/୭ ।

4. ମିଥୁନାତ୍ମକ ପ୍ରଜାପତିଙ୍କର ଅନ୍ନଭୂତ ଅଂଶ ।

5. ଗୀତା, ୮/୨୫ ।

ଅଥୋତ୍ତରେଣ ତପସା ବ୍ରହ୍ମଚର୍ଯ୍ୟେଣ ଶ୍ରଦ୍ଧୟା ବିଦ୍ୟୟାଽଽତ୍ମାନ-ମନ୍ୱିଷ୍ୟାଦିତ୍ୟମଭିଜୟନ୍ତେ । ଏତଦ୍ବୈ ପ୍ରାଣାନାମାୟତନମେତଦ-ମୃତମଭୟମେତତ୍ପରାୟଣମେତସ୍ମାନ୍ନ ପୁନରାବର୍ତନ୍ତ ଇତ୍ୟେଷ ନିରୋଧସ୍ତଦେଷ ଶ୍ଲୋକଃ ॥୧୦॥

ଅଥ (ତଥା) **ତପସା** (ଇନ୍ଦ୍ରିୟ ଜୟ ଦ୍ୱାରା) **ବ୍ରହ୍ମଚର୍ଯ୍ୟେଣ** (ବ୍ରହ୍ମଚର୍ଯ୍ୟ ଦ୍ୱାରା) **ଶ୍ରଦ୍ଧୟା** (ଆସ୍ତିକ୍ୟବୁଦ୍ଧି ଦ୍ୱାରା) **ବିଦ୍ୟୟା** (ପ୍ରଜାପତିଙ୍କଠାରେ ଆତ୍ମଭାବନାରୂପକ ବିଦ୍ୟା ଅର୍ଥାତ୍ ଉପାସନା ଦ୍ୱାରା) **ଆତ୍ମାନମ୍** (ପ୍ରାଣ ବା ସୂର୍ଯ୍ୟରୂପକ ଜଗଦାତ୍ମାକୁ) **ଅନ୍ୱିଷ୍ୟ** (ଅନ୍ୱେଷଣ କରି, ମୁଁ ହିଁ ଜଗଦାତ୍ମା ଏହି ପ୍ରକାର ଜାଣି) **ଉତ୍ତରେଣ** (ଉତ୍ତରମାର୍ଗରେ) **ଆଦିତ୍ୟମ୍** (ଆଦିତ୍ୟଙ୍କୁ) **ଅଭିଜୟନ୍ତେ** (ପ୍ରାପ୍ତ ହୁଅନ୍ତି) । **ଏତତ୍ ବୈ** (ଏହା ହିଁ) **ପ୍ରାଣାନାମ୍** (ସର୍ବପ୍ରାଣର) **ଆୟତନମ୍** (ଆଶ୍ରୟ) **ଏତତ୍ ଅମୃତମ୍** (ଏହା ଅବିନାଶୀ) **ଅଭୟମ୍** (ଭୟବର୍ଜିତ, ଚନ୍ଦ୍ରସଦୃଶ କ୍ଷୟବୃଦ୍ଧି-ପ୍ରାପ୍ତିରୂପକ ଭୟରହିତ) **ଏତତ୍ ପରାୟଣମ୍** (ଏହା ପରାଗତି, ସର୍ବୋତ୍ତମ ଗମ୍ୟସ୍ଥାନ) **ଇତି** (ଯେହେତୁ) **ଏତସ୍ମାତ୍** (ଏହାଠାରୁ) **ନ ପୁନରାବର୍ତନ୍ତେ** (ପୁନରାବୃତ୍ତ ହୁଅନ୍ତି ନାହିଁ) **ଏଷଃ** (ଇଏ) **ନିରୋଧଃ** (ଅବିଦ୍ୱାନଗଣଙ୍କ ନିକଟରେ ଅବରୁଦ୍ଧ) । **ତତ୍** (ସେହି ବିଷୟରେ) **ଏଷଃ** (ଏହି [ପରବର୍ତ୍ତୀ]) **ଶ୍ଲୋକଃ** (ମନ୍ତ୍ର) [ଅଛି] । ୧/୧୦

ତପସ୍ୟା, ବ୍ରହ୍ମଚର୍ଯ୍ୟ, ଶ୍ରଦ୍ଧା ଓ ଉପାସନା ସହାୟରେ (ସୂର୍ଯ୍ୟରୂପକ) ଆତ୍ମାଙ୍କୁ ଅନ୍ୱେଷଣ କରି ଉତ୍ତରମାର୍ଗରେ ଆଦିତ୍ୟଙ୍କୁ[1] ପ୍ରାପ୍ତ ହୁଅନ୍ତି । ଏହା ହିଁ ସକଳ ପ୍ରାଣର ଆଶ୍ରୟ; ଏହା ଅବିନାଶୀ ଓ ଭୟହୀନ; ଏହା ସର୍ବୋତ୍ତମ ଗମ୍ୟସ୍ଥାନ—କାରଣ ଏହାଙ୍କଠାରୁ କେହି ପୁନରାବର୍ତ୍ତନ କରନ୍ତି ନାହିଁ ।[2] ଇଏ ଅବିଦ୍ୱାନ୍‌ଙ୍କ ପକ୍ଷରେ ଅବରୁଦ୍ଧ । ସେହି ବିଷୟରେ ଏହି ମନ୍ତ୍ର ଅଛି—। ୧/୧୦

---

1. ପ୍ରଜାପତିଙ୍କ ପ୍ରାଣରୂପକ ଅଂଶଭୂତ ସୂର୍ଯ୍ୟରୂପୀ ଅତ୍ତାଙ୍କୁ ।
2. ଗୀତା, ୮/୨୪; ବୃ., ୬/୨/୧୫; ମୁ., ୩/୨/୨-୬ ।

ପଞ୍ଚପାଦଂ ପିତରଂ ଦ୍ୱାଦଶାକୃତିଂ
ଦିବ ଆହୁଃ ପରେ ଅର୍ଧେ ପୁରୀଷିଣମ୍ ।
ଅଥେମେ ଅନ୍ୟ ଉ ପରେ ବିଚକ୍ଷଣଂ
ସପ୍ତଚକ୍ରେ ଷଡର ଆହୁରର୍ପିତମିତି ॥ ୧୧ ॥

[କାଳବିଦ୍‌ଗଣ ଏହି ଆଦିତ୍ୟଙ୍କୁ] **ପଞ୍ଚପାଦମ୍** (ପଞ୍ଚଚରଣବିଶିଷ୍ଟ, [ହେମନ୍ତ ଓ ଶୀତକୁ ଗୋଟିଏ ହିସାବରେ ପାଞ୍ଚ ଋତୁ ହିଁ ସୂର୍ଯ୍ୟଙ୍କର ପଞ୍ଚ ଚରଣ]) **ପିତରମ୍** (ଜଗତ୍‌ପ୍ରସବିତା) **ଦ୍ୱାଦଶ-ଆକୃତିମ୍** (ଦ୍ୱାଦଶ-ଅବୟବବିଶିଷ୍ଟ, [ଦ୍ୱାଦଶ ମାସ ହିଁ ତାହାଙ୍କ ଅବୟବ] **ଦିବଃ** (ଦ୍ୟୁଲୋକର, [ଏଠାରେ ଆନନ୍ଦଗିରିଙ୍କ ମତରେ] ଆକାଶରୂପକ ଅନ୍ତରିକ୍ଷଲୋକର) **ପରେ ଅର୍ଧେ** (ଉର୍ଦ୍ଧ୍ୱସ୍ଥାନରେ) **ପୁରୀଷିଣମ୍** (ଉଦକବର୍ଷୀ) **ଆହୁଃ** (କହିଥାଆନ୍ତି) । ଅଥ (ପୁଣି); **ଇମେ ଅନ୍ୟେ ଉ** (ଏହି ସକଳ ଅନ୍ୟାନ୍ୟ କାଳବିଦ୍‌ଗଣ) [ତାହାଙ୍କୁ] **ବିଚକ୍ଷଣମ୍** (ନିପୁଣ, ସର୍ବଜ୍ଞ) (କହିଥାଆନ୍ତି) (ଏବଂ) **ପରେ** (ଅନ୍ୟମାନେ) **ସପ୍ତଚକ୍ରେ** ([ସପ୍ତାଶ୍ୱରୂପକ] ଚକ୍ରରେ ଗତିମାନ୍) **ଷଡରେ** (ଛଅ ଋତୁବିଶିଷ୍ଟ କାଳାମ୍ନାଠାରେ) [ସମଗ୍ର ଜଗତ୍] **ଅର୍ପିତମ୍** (ସମର୍ପିତ) **ଆହୁଃ ଇତି** (କହିଥାଆନ୍ତି) । ୧/୧୧

(ଏହି ଆଦିତ୍ୟଙ୍କୁ କେହି କେହି) ପଞ୍ଚପାଦ[1], ପିତା, ଦ୍ୱାଦଶାବୟବ ଏବଂ ଅନ୍ତରିକ୍ଷର ଊର୍ଦ୍ଧ୍ୱଦେଶରେ ଉଦକବର୍ଷୀ[2] ରୂପରେ ବର୍ଣ୍ଣନା କରନ୍ତି । ଅପର କେହି କେହି ପୁଣି ଏହାଙ୍କୁ ସର୍ବଜ୍ଞ କହନ୍ତି ଏବଂ ଏହିପ୍ରକାର ବର୍ଣ୍ଣନା କରିଥାଆନ୍ତି ଯେ ସପ୍ତଚକ୍ର-ସହାୟରେ ଗମନକାରୀ ଓ ଛଅ ଋତୁବିଶିଷ୍ଟ ଏହି କାଳାମ୍ନାଠାରେ ହିଁ ସମଗ୍ର ଜଗତ୍ ଅର୍ପିତ[3] । ୧/୧୧

---

1. ପଦସହାୟରେ ଚାଲିବାପରି ପଞ୍ଚଋତୁସହାୟରେ କାଳାମ୍ନା ଅଗ୍ରସର ହୁଅନ୍ତି ।
2. ଐ., ୧/୧/୨ ର ପ୍ରଥମଟୀକା ଦ୍ର. । ଆଦିତ୍ୟଙ୍କଠାରୁ ବର୍ଷା ହୁଏ, ଯଥା:—
ଅଗ୍ନୌ ପ୍ରାସ୍ତାହୁତିଃ ସମ୍ୟକ୍ ଆଦିତ୍ୟମୁପତିଷ୍ଠତେ ।
ଆଦିତ୍ୟାଜ୍ଜାୟତେ ବୃଷ୍ଟିର୍ବୃଷ୍ଟେରନ୍ନଂ ତତଃ ପ୍ରଜାଃ ॥ —ମନୁସଂହିତା
3. ଅର୍ଥାତ୍ ଯେଉଁପ୍ରକାରରେ ହିଁ ବର୍ଣ୍ଣନା କରାହେଉ ନା କାହିଁକି, ସର୍ବପ୍ରକାରରେ ହିଁ ଚନ୍ଦ୍ର ଓ ଆଦିତ୍ୟରୂପକ ସଂବତ୍ସରାଖ୍ୟ ପ୍ରଜାପତି ହିଁ ଜଗତ୍‌ର କାରଣ । —ଋଗ୍‌ବେଦ, ୧/୧୬୪/୧୨

ମାସୋ ବୈ ପ୍ରଜାପତିସ୍ତସ୍ୟ କୃଷ୍ଣପକ୍ଷ ଏବ ରୟିଃ ଶୁକ୍ଲଃ ପ୍ରାଣସ୍ତସ୍ମାଦେତ ଋଷୟଃ ଶୁକ୍ଲ ଇଷ୍ଟଂ କୁର୍ବନ୍ତୀତର ଇତରସ୍ମିନ୍ ॥ ୧୨ ॥

ମାସଃ ବୈ (ମାସ ହିଁ) **ପ୍ରଜାପତିଃ** (ପ୍ରାଣ ଓ ଅନ୍ନରୂପକ ମିଥୁନାତ୍ମକ ପ୍ରଜାପତି) । **ତସ୍ୟ** (ତାଙ୍କର) **କୃଷ୍ଣ-ପକ୍ଷଃ** (କୃଷ୍ଣପକ୍ଷ) **ଏବ** (ହିଁ) **ରୟିଃ** (ଅନ୍ନ, ଚନ୍ଦ୍ରମା) **ଶୁକ୍ଲଃ** (ଶୁକ୍ଲପକ୍ଷ) **ପ୍ରାଣଃ** (ପ୍ରାଣ, ଅତ୍ତା, ଅଗ୍ନି) । **ତସ୍ମାତ୍** (ସେଥିପାଇଁ) **ଏତେ ଋଷୟଃ** (ଏହି ପ୍ରାଣଦର୍ଶୀ ଋଷିଗଣ) **ଶୁକ୍ଲେ** (ଶୁକ୍ଲପକ୍ଷରେ) **ଇଷ୍ଟମ୍** (ଯାଗ) **କୁର୍ବନ୍ତି** (କରନ୍ତି) **ଇତରେ** (ଅନ୍ୟମାନେ କିନ୍ତୁ) **ଇତରସ୍ମିନ୍** (କୃଷ୍ଣପକ୍ଷରେ) [କରନ୍ତି] । ୧/୧୨

ମାସ ହିଁ ପ୍ରଜାପତି ।[1] କୃଷ୍ଣପକ୍ଷ ତାଙ୍କର ଏକ ଅଂଶ—ଅନ୍ନ; ଶୁକ୍ଳ-ପକ୍ଷ ହିଁ ଅପର ଅଂଶ—ପ୍ରାଣ । ସେଥିପାଇଁ ଏହି ପ୍ରାଣଦର୍ଶୀ ଋଷିଗଣ ଶୁକ୍ଲପକ୍ଷରେ ଯାଗ କରନ୍ତି, ଅନ୍ୟମାନେ କୃଷ୍ଣପକ୍ଷରେ କରନ୍ତି[2] । ୧/୧୨

ଅହୋରାତ୍ରୋ ବୈ ପ୍ରଜାପତିସ୍ତସ୍ୟାହରେବ ପ୍ରାଣୋ ରାତ୍ରିରେବ ରୟିଃ ପ୍ରାଣଂ ବା ଏତେ ପ୍ରସ୍କନ୍ଦନ୍ତି ଯେ ଦିବା ରତ୍ୟା ସଂଯୁଜ୍ୟନ୍ତେ ବ୍ରହ୍ମଚର୍ଯ୍ୟମେବ ତଦ୍ୟଦ୍ରାତ୍ରୌ ରତ୍ୟା ସଂଯୁଜ୍ୟନ୍ତେ ॥ ୧୩ ॥

ଅହଃ-ରାତ୍ରଃ (ଦିବାରାତ୍ରରୂପକ ମିଥୁନ) **ବୈ** (ହିଁ) **ପ୍ରଜାପତିଃ** (ପ୍ରଜାପତି) । **ତସ୍ୟ** (ସେହି ଅହୋରାତ୍ରାତ୍ମକ ପ୍ରଜାପତିଙ୍କର) **ଅହଃ ଏବ** (ଦିନ ହିଁ) **ପ୍ରାଣଃ** (ପ୍ରାଣ, ଅତ୍ତା, ଅଗ୍ନି) **ରାତ୍ରିଃ ଏବ** (ରାତ୍ର ହିଁ) **ରୟିଃ** (ଅନ୍ନ, ଚନ୍ଦ୍ରମା) । **ଯେ** (ଯେଉଁମାନେ) **ଦିବା** (ଦିବାଭାଗରେ) **ରତ୍ୟା ସଂଯୁଜ୍ୟନ୍ତେ** (ରତିକାରଣଭୂତା ସ୍ତ୍ରୀଙ୍କ ସହିତ ସଂଯୁକ୍ତ ହୁଅନ୍ତି) **ଏତେ ବୈ** (ଏମାନେ ଅବଶ୍ୟ ହିଁ) **ପ୍ରାଣମ୍** (ଦିବସାତ୍ମକ

---

1. ସଂବତ୍ସରାଖ୍ୟ ପ୍ରଜାପତି ହିଁ ମାସରୂପରେ ବିବର୍ତ୍ତିତ ହୁଅନ୍ତି; ସୁତରାଂ ମାସ ମଧ୍ୟ ପ୍ରଜାପତି । ସେଥିରେ ମଧ୍ୟ ପ୍ରଜାପତିଙ୍କ ପରି ଅତ୍ତା ଓ ଅନ୍ନରୂପକ ଭାଗଦ୍ୱୟ ରହିଛି । ପରବର୍ତ୍ତୀ କଣ୍ଡିକାରେ ଅହୋରାତ୍ର ସମ୍ବନ୍ଧରେ ମଧ୍ୟ ଏହିପ୍ରକାର ବୁଝିବାକୁ ହେବ ।

—ଶତପଥ ବ୍ରା., ୧/୩/୨/୧୦, ୧/୫/୨/୩୬ ।

2. ଯେଉଁମାନେ ଶୁକ୍ଲପକ୍ଷରୂପୀ ପ୍ରାଣକୁ ସର୍ବସ୍ୱରୂପରେ ଦେଖନ୍ତି, ସେମାନଙ୍କ ନିକଟରେ ଉକ୍ତଜ୍ଞାନର ଆବରକ କୃଷ୍ଣପକ୍ଷର ଅସ୍ତିତ୍ୱ ହିଁ ନାହିଁ; ସୁତରାଂ ଯେଉଁ ପକ୍ଷରେ ସେମାନେ ଯାଗ କରନ୍ତୁ ନା କାହିଁକି, ତାହା ସେମାନଙ୍କ ପକ୍ଷରେ ଶୁକ୍ଲପକ୍ଷରେ, ଅର୍ଥାତ୍ ପ୍ରାଣଜ୍ଞାନ-ସହକାରେ ହିଁ କରିବା ହୁଏ । ଅନ୍ୟମାନଙ୍କ ଉକ୍ତ ଜ୍ଞାନ ନ ଥିବାରୁ ସକଳ କର୍ମ କୃଷ୍ଣପକ୍ଷରେ, ଅର୍ଥାତ୍ ଅଜ୍ଞାନ-ସହକାରେ ହିଁ କରିବା ହୁଏ ।

ପ୍ରାଣକୁ) **ପ୍ରସ୍କନ୍ଦନ୍ତି** (ନିଃସାରିତ କରନ୍ତି, ଶୋଷିତ କରନ୍ତି); [ଋତୁକାଳରେ] **ରାତ୍ରୌ** (ରାତ୍ରିକାଳରେ) **ୟତ୍** (ଯେଉଁ) **ରତ୍ୟା ସଂଯୁଜ୍ୟନ୍ତେ** (ରତି-କାରଣଭୂତା ସ୍ତ୍ରୀଙ୍କ ସହିତ ସଂଯୁକ୍ତ ହୁଅନ୍ତି) **ତତ୍** (ତାହା) [ପୁତ୍ରାର୍ଥୀ ଗୃହସ୍ଥଙ୍କ ପକ୍ଷରେ] **ବ୍ରହ୍ମଚର୍ୟମ୍ ଏବ** (ବ୍ରହ୍ମଚର୍ଯ୍ୟସ୍ୱରୂପ ହିଁ ଅଟେ) । ୧/୧୩

ଅହୋରାତ୍ର ହିଁ[1] ପ୍ରଜାପତି । ଦିବାଭାଗ ତାଙ୍କର ଏକ ଅଂଶ—ପ୍ରାଣ; ରାତ୍ର ତାଙ୍କର ଅନ୍ୟ ଅଂଶ—ଅନ୍ନ । ଯେଉଁମାନେ ଦିବାଭାଗରେ ରତିକ୍ରିୟାରେ ଆସକ୍ତ ହୁଅନ୍ତି, ସେମାନେ ପ୍ରାଣକୁ ନିଃସାରିତ କରନ୍ତି; (ଋତୁକାଳରେ) ରାତ୍ରିରେ ଲୋକେ ଯେଉଁ ରତିକ୍ରିୟାରେ ଆସକ୍ତ ହୁଅନ୍ତି—ତାହା ବ୍ରହ୍ମଚର୍ଯ୍ୟସ୍ୱରୂପ ହିଁ ଅଟେ । ୧/୧୩

ଅନ୍ନଂ ବୈ ପ୍ରଜାପତିସ୍ତତୋ ହ ବୈ ତଦ୍ରେତସ୍ତସ୍ମାଦିମାଃ ପ୍ରଜାଃ ପ୍ରଜାୟନ୍ତ ଇତି ॥୧୪॥

ଅନ୍ନମ୍ ବୈ (ଅନ୍ନ ହିଁ) **ପ୍ରଜାପତିଃ** (ପ୍ରଜାପତି) **ତତଃ ହ ବୈ** (ସେହି ଅନ୍ନଠାରୁ ହିଁ) **ତତ୍ ରେତଃ** (ପ୍ରସିଦ୍ଧ ଶୁକ୍ର [ଉତ୍ପନ୍ନ ହୁଏ]) **ତସ୍ମାତ୍** (ତାହାଠାରୁ) **ଇମାଃ** ([ମନୁଷ୍ୟାଦି] ଏହି ସକଳ) **ପ୍ରଜାଃ** (ଜୀବବର୍ଗ) **ପ୍ରଜାୟନ୍ତେ ଇତି** (ଜନ୍ମ ହୁଅନ୍ତି) । ୧/୧୪

ଅନ୍ନ ହିଁ[2] ପ୍ରଜାପତି; ଭକ୍ଷିତ ଅନ୍ନଠାରୁ ହିଁ ପ୍ରସିଦ୍ଧ ଶୁକ୍ର ଉତ୍ପନ୍ନ ହୁଏ । ତାହାଠାରୁ ଏହି ସକଳ ଜୀବବର୍ଗ ଜନ୍ମ ନିଅନ୍ତି ।[3] ୧/୧୪

ତଦ୍ଧ୍ୟେ ହ ବୈ ତତ୍ପ୍ରଜାପତିବ୍ରତଂ ଚରନ୍ତି ତେ ମିଥୁନମୁତ୍ପାଦୟନ୍ତେ । ତେଷାମେବୈଷ ବ୍ରହ୍ମଲୋକୋ ୟେଷାଂ ତପୋ ବ୍ରହ୍ମଚର୍ୟଂ ୟେଷୁ ସତ୍ୟଂ ପ୍ରତିଷ୍ଠିତମ୍ ॥୧୫॥

ତତ୍ (ଅତଏବ) **ୟେ ହ ବୈ** (ଯେଉଁମାନେ ହିଁ, ଯେଉଁ ସକଳ ଗୃହସ୍ଥମାନେ ହିଁ) **ତତ୍ ପ୍ରଜାପତି-ବ୍ରତମ୍** (ଉକ୍ତ ପ୍ରଜାପତିବ୍ରତ, ଋତୁକାଳରେ ଭାର୍ଯ୍ୟାଗମନ) **ଚରନ୍ତି** (ଅନୁଷ୍ଠାନ କରନ୍ତି) **ତେ** (ସେମାନେ) **ମିଥୁନମ୍** (ପୁତ୍ର ଓ କନ୍ୟା) **ଉତ୍ପାଦୟନ୍ତେ**

---

1. ୧/୧୨, ୧ମ ଟୀକା ଦ୍ରଷ୍ଟବ୍ୟ ।

2. ରୟି ଓ ପ୍ରାଣ ସଂବତ୍ସରାଦିକ୍ରମରେ ପରିଣତ ହୋଇ ବ୍ରୀହି ପ୍ରଭୃତି ଅନ୍ନରୂପରେ ସ୍ଥିତ ହୁଏ ।

3. ଏଠାରେ ପ୍ରଥମ ପ୍ରଶ୍ନର (୧/୩) ଉତ୍ତର କୁହାହେଲା । ମୁ., ୨/୧/୫

(ଉତ୍ପନ୍ନ କରନ୍ତି) । [ଏମାନଙ୍କ ମଧ୍ୟରେ] **ଯେଷାମ୍** (ଯେଉଁମାନଙ୍କର) **ତପଃ** (ସ୍ନାତକବ୍ରତାଦି) **ବ୍ରହ୍ମଚର୍ଯ୍ୟମ୍** (ଋତୁ ବ୍ୟତୀତ ଅନ୍ୟ ସମୟରେ ମୈଥୁନ ବିରତି) [ଅଛି] **ଯେଷୁ** (ଯେଉଁମାନଙ୍କ ଭିତରେ) **ସତ୍ୟମ୍** (ମିଥ୍ୟାବର୍ଜ୍ଜନ) **ପ୍ରତିଷ୍ଠିତମ୍** (ସୁପ୍ରତିଷ୍ଠିତ ହୋଇଅଛି) **ତେଷାମ୍ ଏବ** (ସେମାନଙ୍କ ପକ୍ଷରେ ହିଁ) **ଏଷଃ** (ଏହି) **ବ୍ରହ୍ମଲୋକଃ** (ପିତୃଯାନରୂପକ ଚନ୍ଦ୍ରଲୋକ) । ୧/୧୫

ଅତଏବ ଯେଉଁ ଗୃହସ୍ଥମାନେ ପ୍ରଜାପତିବ୍ରତ ଅନୁଷ୍ଠାନ କରନ୍ତି, ସେମାନେ ପୁତ୍ର ଓ କନ୍ୟା ଉତ୍ପାଦନ କରନ୍ତି । (ସେମାନଙ୍କ ମଧ୍ୟରୁ) ଯେଉଁମାନଙ୍କର ତପସ୍ୟା ଓ ବ୍ରହ୍ମଚର୍ଯ୍ୟ ଅଛି, ଯେଉଁମାନଙ୍କ ଭିତରେ ସତ୍ୟ ଅବ୍ୟଭିଚାରିରୂପେ ସୁପ୍ରତିଷ୍ଠିତ, ସେମାନଙ୍କର ପକ୍ଷରେ ହିଁ ଏହି ବ୍ରହ୍ମଲୋକ[1] (ଅର୍ଥାତ୍ ପିତୃଯାନରୂପକ ଚନ୍ଦ୍ରଲୋକ ପ୍ରାପ୍ତ ହୁଏ)। ୧/୧୫

ତେଷାମସୌ ବିରଜୋ ବ୍ରହ୍ମଲୋକୋ ନ ଯେଷୁ ଜିହ୍ମମନୃତଂ ନ ମାୟା ଚେତି ॥୧୬॥

ଇତି ପ୍ରଶ୍ନୋପନିଷଦି ପ୍ରଥମଃ ପ୍ରଶ୍ନଃ ॥

ଯେଷୁ (ଯେଉଁମାନଙ୍କ ଭିତରେ) **ଜିହ୍ମମ୍** (କୁଟିଳତା, ଅସାରଳ୍ୟ) **ଅନୃତମ୍** (ମିଥ୍ୟା, ଅସତ୍ୟ) **ମାୟା ଚ** (ଏବଂ ମିଥ୍ୟାଚାର, ଛଳନା) **ନ** (ନାହିଁ) **ତେଷାମ୍** (ସେମାନଙ୍କ ପକ୍ଷରେ) **ଅସୌ** (ସେହି) **ବିରଜଃ** (ଶୁଦ୍ଧ) **ବ୍ରହ୍ମଲୋକଃ** (ଆଦିତ୍ୟଲୋକ, ପ୍ରାଣାତ୍ମଭାବ) [ପ୍ରାପ୍ତ ହୁଏ]—**ଇତି** (ପ୍ରଥମ ପ୍ରଶ୍ନର ସମାପ୍ତିସୂଚକ) । ୧/୧୬

---

1. ପ୍ରଥମେ ପ୍ରଜାପତିବ୍ରତକାରୀ ସଦ୍‌ଗୃହସ୍ଥଙ୍କ ପକ୍ଷରେ କୁହାହେଲା ଯେ, ସେ ପୁତ୍ରକନ୍ୟାଯୁକ୍ତ ହୁଅନ୍ତି । ସେମାନଙ୍କ ଭିତରେ ଯେଉଁମାନେ ତପସ୍ୟା ଓ ବ୍ରହ୍ମଚର୍ଯ୍ୟ ସହକାରେ ଇଷ୍ଟାପୂର୍ତ୍ତ ଓ ଦତ୍ତ କ୍ରିୟାଦି କରନ୍ତି ସେହି କର୍ମୀ ଗୃହସ୍ଥଗଣ ଚନ୍ଦ୍ରଲୋକ ଲାଭ କରନ୍ତି । ମୁ., ୧/୨/୧୦; ପ୍ର., ୧/୯

ଯେଉଁମାନଙ୍କ ଭିତରେ କୁଟିଳତା, ଅସତ୍ୟ ଓ ମିଥ୍ୟାଚାର ନାହିଁ, ସେମାନଙ୍କ ପାଇଁ ହିଁ ସେହି ବିଶୁଦ୍ଧ ବ୍ରହ୍ମଲୋକ[1] (ଅର୍ଥାତ୍ ଦେବଯାନରୂପକ ସୂର୍ଯ୍ୟଲୋକ ହିଁ ପ୍ରାପ୍ତ ହୁଏ) । ୧/୧୬

॥ ପ୍ରଶ୍ନୋପନିଷଦ୍‌ର ପ୍ରଥମ ପ୍ରଶ୍ନ ସମାପ୍ତ ॥

1. ବ୍ରହ୍ମଚାରୀ, ବାନପ୍ରସ୍ଥ ଓ କୁଟିଚକାଦି ଭିକ୍ଷୁମାନେ ଏହି ଫଳ ପାଆନ୍ତି; କାରଣ ସେମାନେ ସ୍ୱଭାବତଃ ହିଁ ସତ୍ୟବାଦୀ, ସରଳ ଓ ମିଥ୍ୟାଚାରଶୂନ୍ୟ । ଉପାସନାଯୁକ୍ତ କର୍ମ କଲେ ଗୃହସ୍ଥଗଣ ମଧ୍ୟ ଏହି ଫଳ ପ୍ରାପ୍ତ ହୁଅନ୍ତି । ମୁ., ୧/୨/୧୧; ପ୍ର., ୧/୧୦ ଦ୍ର. ।

ଦ୍ୱିତୀୟ ପ୍ରଶ୍ନ

ଅଥ ହୈନଂ ଭାର୍ଗବୋ ବୈଦର୍ଭିଃ ପପ୍ରଚ୍ଛ । ଭଗବନ୍ କତ୍ୟେବ ଦେବାଃ ପ୍ରଜାଂ ବିଧାରୟନ୍ତେ କତର ଏତତ୍ ପ୍ରକାଶୟନ୍ତେ କଃ ପୁନରେଷାଂ ବରିଷ୍ଠ ଇତି ॥୧॥

[ସଂସାରଗତି-ଶ୍ରବଣରେ ଯାହାଙ୍କ ମନରେ ବୈରାଗ୍ୟ ଉଦୟ ହୋଇଅଛି, ତାହାଙ୍କର ଚିତ୍ତକୁ ଏକାଗ୍ର କରିବା ପାଇଁ ଏବଂ ଯିଏ ଫଳକାମନା କରନ୍ତି ତାହାଙ୍କ ଫଳଲାଭ ପାଇଁ ୨ୟ ଓ ୩ୟ ପ୍ରଶ୍ନରେ ପ୍ରାଣୋପାସନା ବିହିତ ହେଉଅଛି]—**ଅଥ ହ** (ଅନନ୍ତର) **ଏନମ୍** (ଏହାଙ୍କୁ, ଋଷି ପିପ୍ପଲାଦଙ୍କୁ) **ଭାର୍ଗବଃ** (ଭୃଗୁ-ଗୋତ୍ରୀୟ) **ବୈଦର୍ଭିଃ** (ବୈଦର୍ଭି) **ପପ୍ରଚ୍ଛ** (ପ୍ରଶ୍ନ କଲେ)—**ଭଗବନ୍** (ହେ ଭଗବନ୍) **କତି ଏବ** (କେତେ ସଂଖ୍ୟକ) **ଦେବାଃ** (ଦେବତାଗଣ) **ପ୍ରଜାମ୍** (ଜୀବଶରୀରକୁ) **ବିଧାରୟନ୍ତେ** (ବିଶେଷରୂପରେ ଧାରଣ କରନ୍ତି) ? **କତରେ** ([ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ-ଭେଦରେ ବିଭକ୍ତ ଦେବଗଣଙ୍କ ମଧ୍ୟରେ] କେଉଁମାନେ) **ଏତତ୍** (ଏହି ସ୍ୱମାହାତ୍ମ୍ୟ ବ୍ୟାଖ୍ୟା) **ପ୍ରକାଶୟନ୍ତେ** (ପ୍ରକଟିତ କରନ୍ତି) ? **ଏଷାମ୍** (ଏମାନଙ୍କ ଭିତରେ) **କଃ ପୁନଃ** (କିଏ ପୁଣି) **ବରିଷ୍ଠଃ** (ପ୍ରଧାନ) ?—**ଇତି** (ଏହି କଥା) । ୨/୧

ଅନନ୍ତର ଋଷି ପିପ୍ପଲାଦଙ୍କୁ ଭୃଗୁଗୋତ୍ରୀୟ ବୈଦର୍ଭି ପ୍ରଶ୍ନ କଲେ—ହେ ଭଗବନ୍, କେତେଜଣ ଜୀବ ଶରୀରକୁ ବିଶେଷରୂପରେ ଧାରଣ କରନ୍ତି ? କେଉଁମାନେ ଏହି (ବସ୍ତୁ-ପ୍ରକାଶନାଦିରୂପକ) ସ୍ୱମାହାତ୍ମ୍ୟ ପ୍ରକଟିତ କରନ୍ତି ? ଏମାନଙ୍କ ମଧ୍ୟରେ କିଏ ପୁଣି ପ୍ରଧାନ ?[1] ୨/୧

---

1. ପ୍ରଥମ ପ୍ରଶ୍ନର ଉତ୍ତରରେ ନିର୍ଦ୍ଧାରିତ ହୋଇଅଛି ଯେ, ସମଗ୍ର ବିଶ୍ୱରେ ପ୍ରାଣ ହିଁ ଅତ୍ତା ଓ ପ୍ରଜାପତି । ବର୍ତ୍ତମାନ ପ୍ରଶ୍ନୋତ୍ତର ଦ୍ୱାରା ସ୍ଥିର ହେବ ଯେ, ଏହି ଶରୀରରେ ମଧ୍ୟ ପ୍ରାଣ ହିଁ ଅତ୍ତା ଓ ପ୍ରଜାପତି । —ଛା., ୪/୩/୭; ପ୍ର., ୨/୫-୭

ତସ୍ମୈ ସ ହୋବାଚାକାଶୋ ହ ବା ଏଷ ଦେବୋ ବାୟୁରଗ୍ନିରାପଃ ପୃଥିବୀ ବାଙ୍ମନଶ୍ଚକ୍ଷୁଃ ଶ୍ରୋତ୍ରଂ ଚ । ତେ ପ୍ରକାଶ୍ୟାଭିବଦନ୍ତି ବୟମେତଦ୍ବାଣମବଷ୍ଟଭ୍ୟ ବିଧାରୟାମଃ ॥୨॥

ତସ୍ମୈ (ତାହାଙ୍କୁ) **ସଃ ଉବାଚ ହ** (ସେ କହିଲେ)—**ଆକାଶଃ ହ ବୈ** (ଆକାଶ ହିଁ) **ଏଷଃ** (ଏହି) **ଦେବଃ** (ଦେବତା) **ଚ** (ଏବଂ) **ବାୟୁଃ** (ବାୟୁ) **ଅଗ୍ନିଃ** (ଅଗ୍ନି) **ଆପଃ** (ଜଳ) **ପୃଥିବୀ** (ପୃଥିବୀ) **ବାକ୍** (ବାକ୍-ଇନ୍ଦ୍ରିୟ) **ମନଃ** (ମନ) **ଚକ୍ଷୁଃ** (ଚକ୍ଷୁ) **ଶ୍ରୋତ୍ରମ୍** (ଶ୍ରବଣେନ୍ଦ୍ରିୟ) [ଏମାନେ ମଧ୍ୟ ଦେବତା] । **ତେ** (ସେମାନେ) **ପ୍ରକାଶ୍ୟ** (ନିଜ ମାହାତ୍ମ୍ୟ ପ୍ରକଟିତ କରି, ସ୍ପର୍ଦ୍ଧା କରି) **ଅଭିବଦନ୍ତି** (ସ୍ୱ ସ୍ୱ ଶ୍ରେଷ୍ଠତ୍ୱ ଦେଖାଇବା ପାଇଁ କହିଲେ)—**ବୟମ୍** (ଆମେମାନେ) **ଏତତ୍** (ଏହି) **ବାଣମ୍** (ଦେହେନ୍ଦ୍ରିୟ-ପିଣ୍ଡକୁ) **ଅବଷ୍ଟଭ୍ୟ** (ତାହାର ଦୃଢ଼ତା ସମ୍ପାଦନ କରି) **ବିଧାରୟାମଃ** (ବିସ୍ପଷ୍ଟରୂପେ ଧାରଣ କରୁ) । ୨/୨

ତାହାଙ୍କୁ ଋଷି ପିପ୍ପଲାଦ କହିଲେ—ଆକାଶ ହିଁ ଏହି ଦେବତା; ଏବଂ ବାୟୁ, ଅଗ୍ନି, ଜଳ ଓ ପୃଥିବୀ[1], ଏବଂ ବାକ୍, ମନ, ଚକ୍ଷୁ, କର୍ଣ୍ଣ[2] ଇତ୍ୟାଦି ମଧ୍ୟ ଦେବତା । ସେମାନେ ନିଜ ନିଜର ଶ୍ରେଷ୍ଠତା ଦେଖାଇବା ପାଇଁ ସ୍ପର୍ଦ୍ଧାସହକାରେ କହିଲେ, "ଆମେମାନେ ଏହି ଦେହେନ୍ଦ୍ରିୟ-ପିଣ୍ଡକୁ ସୁଦୃଢ଼ କରି ବିସ୍ପଷ୍ଟରୂପରେ ଧାରଣ କରୁ ।" ୨/୨

ତାନ୍ ବରିଷ୍ଠଃ ପ୍ରାଣ ଉବାଚ । ମା ମୋହମାପଦ୍ୟଥ ଅହମେବୈତତ୍ପଞ୍ଚଧାଽଽତ୍ମାନଂ ପ୍ରବିଭଜ୍ୟୈତଦ୍ବାଣମବଷ୍ଟଭ୍ୟ ବିଧାରୟାମୀତି ତେଽଶ୍ରଦ୍ଦଧାନା ବଭୂବୁଃ ॥୩॥

ବରିଷ୍ଠଃ (ମୁଖ୍ୟ) **ପ୍ରାଣଃ** (ପ୍ରାଣ) **ତାନ୍** (ଏପ୍ରକାର ଅଭିମାନୀ ସେମାନଙ୍କୁ) **ଉବାଚ** (କହିଲେ)—**ମୋହମ୍** (ଅବିବେକ-ହେତୁ ଅଭିମାନ) **ମା ଆପଦ୍ୟଥ** (ପ୍ରାପ୍ତ ହୁଅ ନାହିଁ) **ଅହମ୍ ଏବ** (ମୁଁ ହିଁ) **ଆତ୍ମାନମ୍** (ନିଜକୁ) **ଏତତ୍** (ଏହି ପ୍ରକାରରେ) **ପଞ୍ଚଧା** (ପାଞ୍ଚ ପ୍ରକାରରେ) **ପ୍ରବିଭଜ୍ୟ** (ବିଭାଗ କରି) **ଏତତ୍** (ଏହି) **ବାଣମ୍** (କାର୍ଯ୍ୟକରଣସମଷ୍ଟିକୁ) **ଅବଷ୍ଟଭ୍ୟ** (ସୁଦୃଢ଼ କରି) **ବିଧାରୟାମି ଇତି**

---

1. ପଞ୍ଚ ମହାଭୂତ, ଯେଉଁମାନଙ୍କଠାରୁ କାର୍ଯ୍ୟ ଅର୍ଥାତ୍ ଶରୀର ଉତ୍ପନ୍ନ ହୋଇଅଛି ।
2. କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ; ଏମାନେ କରଣ-ପଦ-ବାଚ୍ୟ । ଛା., ୪/୩/୧-୩

(ବିସ୍ତୃତରୂପରେ ଧାରଣ କରେ) । **ତେ** (ସେହି ଦେବତାମାନେ) **ଅଶ୍ରଦ୍ଧଧାନାଃ** (ଶ୍ରଦ୍ଧାହୀନ) **ବଭୂବୁଃ** (ହେଲେ) । ୨/୩

ମୁଖ୍ୟପ୍ରାଣ[1] ସେମାନଙ୍କୁ କହିଲେ—"ମୋହପ୍ରାପ୍ତ ହୁଅ ନାହିଁ; ମୁଁ ହିଁ ନିଜକୁ ଏହି ପ୍ରକାର ପଞ୍ଚଧା ବିଭକ୍ତ କରି ଏହି କାର୍ଯ୍ୟକରଣସମଷ୍ଟିକୁ ସୁଦୃଢ଼ କରି ବିସ୍ତୃତରୂପରେ ଧାରଣ କରେ ।" ସେମାନେ ସେଥିରେ ଶ୍ରଦ୍ଧାହୀନ ହେଲେ ଅର୍ଥାତ୍ ବିଶ୍ୱାସ କଲେ ନାହିଁ । ୨/୩

ସୋଽଭିମାନାଦୂର୍ଧ୍ୱମୁତ୍କ୍ରମତ ଇବ ତସ୍ମିନ୍ନୁତ୍କ୍ରାମତ୍ୟଥେତରେ ସର୍ବ ଏବୋତ୍କ୍ରାମନ୍ତେ ତସ୍ମିଂଶ୍ଚ ପ୍ରତିଷ୍ଠମାନେ ସର୍ବ ଏବ ପ୍ରାତିଷ୍ଠନ୍ତେ । ତଦ୍ୟଥା ମକ୍ଷିକା ମଧୁକରରାଜାନମୁତ୍କ୍ରମନ୍ତଂ ସର୍ବା ଏବୋତ୍କ୍ରାମନ୍ତେ ତସ୍ମିଂଶ୍ଚ ପ୍ରତିଷ୍ଠମାନେ ସର୍ବା ଏବ ପ୍ରାତିଷ୍ଠନ୍ତ ଏବଂ ବାଙ୍ମନଶ୍ଚକ୍ଷୁଃ ଶ୍ରୋତ୍ରଂ ଚ ତେ ପ୍ରୀତାଃ ପ୍ରାଣଂ ସ୍ତୁନ୍ୱନ୍ତି ॥୪॥

ସଃ (ସେ, ମୁଖ୍ୟପ୍ରାଣ) **ଅଭିମାନାତ୍** (ଅଭିମାନବଶତଃ) **ଊର୍ଧ୍ୱମ୍** (ଶରୀର ତ୍ୟାଗ କରି ଉର୍ଦ୍ଧ୍ୱକୁ ଅର୍ଥାତ୍ ବାହାରକୁ) **ଉତ୍କ୍ରମତେ ଇବ** (ଯେପରି ଉତ୍କ୍ରମଣ କରିବାକୁ ଉଦ୍ୟତ ହେଲେ) । **ତସ୍ମିନ୍ ଉତ୍କ୍ରାମତି** (ସେ ଉତ୍କ୍ରମଣରେ ପ୍ରବୃତ୍ତ ହେବା ମାତ୍ରେ) **ଅଥ** (ତତ୍କ୍ଷଣରେ ହିଁ) **ଇତରେ ସର୍ବେ ଏବ** (ଅନ୍ୟ ସମସ୍ତେ ହିଁ) **ଉତ୍କ୍ରାମନ୍ତେ** (ଉତ୍କ୍ରାନ୍ତ ହେଲେ) **ଚ** (ଏବଂ) **ତସ୍ମିନ୍ ପ୍ରତିଷ୍ଠମାନେ** (ସେ ସୁସ୍ଥିର ହେବାରୁ) **ସର୍ବେ ଏବ** (ସମସ୍ତେ ହିଁ) **ପ୍ରାତିଷ୍ଠନ୍ତେ** (ସ୍ଥିର ହେଲେ) । **ତତ୍** (ଉକ୍ତ ବିଷୟର ଦୃଷ୍ଟାନ୍ତ)—**ଯଥା** (ଯେପରି) **ଉତ୍କ୍ରାମନ୍ତମ୍** (ଉତ୍କ୍ରମଣକାରୀ) **ମଧୁକର-ରାଜାନମ୍** (ମହୁମାଛି-ରାଜାଙ୍କୁ) [ଅନୁସରଣ କରି] **ସର୍ବାଃ ମକ୍ଷିକାଃ ଏବ** (ସକଳ ମହୁମାଛି ହିଁ) **ଉତକ୍ରାମନ୍ତେ** (ଉତ୍କ୍ରାନ୍ତ ହୁଅନ୍ତି) **ଚ** (ଏବଂ) **ତସ୍ମିନ୍ ପ୍ରତିଷ୍ଠମାନେ** (ସେ ସୁସ୍ଥିର ହେଲେ) **ସର୍ବାଃ ଏବ** (ସମସ୍ତେ ହିଁ) **ପ୍ରାତିଷ୍ଠନ୍ତେ** (ସ୍ଥିର ହୁଅନ୍ତି) **ଏବମ୍** (ଏହିପରି) **ବାକ୍ ମନଃ ଚକ୍ଷୁଃ ଶ୍ରୋତ୍ରମ୍ ଚ** (ବାକ୍, ମନ, ଚକ୍ଷୁ ଓ କର୍ଣ୍ଣ) [ପ୍ରାଣକୁ ଅନୁସରଣ କରନ୍ତି] । **ତେ** (ସେମାନେ) **ପ୍ରୀତାଃ** ([ପ୍ରାଣର ମାହାତ୍ମ୍ୟ-ଜ୍ଞାନରେ] ପ୍ରୀତ ହୋଇ) **ପ୍ରାଣମ୍** (ପ୍ରାଣକୁ) **ସ୍ତୁନ୍ୱନ୍ତି** (ସ୍ତବ କରିବାକୁ ଲାଗିଲେ)— । ୨/୪

---

1. ପ୍ରାଣ ଶବ୍ଦ ପଞ୍ଚପ୍ରାଣ ଓ ଇନ୍ଦ୍ରିୟସମଷ୍ଟିକୁ ମଧ୍ୟ ବୁଝାଏ । ପଞ୍ଚପ୍ରାଣ ଯଥା—ପ୍ରାଣ, ଅପାନ, ବ୍ୟାନ, ଉଦାନ, ସମାନ । ସେମାନଙ୍କ ମଧ୍ୟରେ ପ୍ରାଣ ହିଁ ପ୍ରଧାନ ।

ମୁଖ୍ୟପ୍ରାଣ ଅଭିମାନବଶତଃ ଶରୀର ତ୍ୟାଗ କରି ଯେପରି ଊର୍ଦ୍ଧ୍ୱକୁ ଉତ୍କ୍ରମଣ କରିବାକୁ ପ୍ରବୃତ୍ତ ହେଲେ । ସେ ଉତ୍କ୍ରମଣରେ ପ୍ରବୃତ୍ତ ହେବା ମାତ୍ରେ ତତ୍କ୍ଷଣରେ ହିଁ ଅନ୍ୟ ସମସ୍ତେ ମଧ୍ୟ ଉତ୍କ୍ରାନ୍ତ ହେଲେ ଏବଂ ସେ ସୁସ୍ଥିର ହେବାରୁ ସମସ୍ତେ ସ୍ଥିର ହେଲେ । ଏହି ବିଷୟରେ ଦୃଷ୍ଟାନ୍ତ ହେଉଛି—ଯେପରି ଉତ୍କ୍ରମଣକାରୀ ମହୁମାଛି-ରାଜାଙ୍କୁ ଅନୁସରଣ କରି ସକଳ ମହୁମାଛି ଉତ୍କ୍ରମଣ କରନ୍ତି ଏବଂ ସେ ସୁସ୍ଥିର ହେଲେ ସମସ୍ତେ ହିଁ ସ୍ଥିର ହୁଅନ୍ତି, ସେହିପରି ବାକ୍, ମନ ଚକ୍ଷୁ ଓ କର୍ଣ୍ଣ ମଧ୍ୟ ପ୍ରାଣକୁ ଅନୁସରଣ କରନ୍ତି । ସେମାନେ ପ୍ରାଣର ମାହାତ୍ମ୍ୟ-ଜ୍ଞାନରେ ପ୍ରୀତ ହୋଇ ପ୍ରାଣକୁ ସ୍ତବ କରିବାକୁ ଲାଗିଲେ— । ୨/୪

ଏଷୋଽଗ୍ନିସ୍ତପତ୍ୟେଷ ସୂର୍ୟ ଏଷ ପର୍ଜନ୍ୟୋ ମଘବାନେଷ ବାୟୁଃ ।
ଏଷ ପୃଥିବୀ ରୟିର୍ଦେବଃ ସଦସଚ୍ଚାମୃତଂ ଚ ୟତ୍ ॥୫॥

ଏଷଃ (ଏହା, ଏହି ପ୍ରାଣ) **ଅଗ୍ନିଃ** (ଅଗ୍ନି ରୂପରେ) **ତପତି** (ପ୍ରଜ୍ୱଳିତ ହୁଅନ୍ତି) **ଏଷଃ ସୂର୍ୟଃ** (ଏହି ପ୍ରାଣ ସୂର୍ଯ୍ୟରୂପରେ [ପ୍ରକାଶିତ ହୁଅନ୍ତି]) **ଏଷଃ ପର୍ଜନ୍ୟଃ** (ଏହି ପ୍ରାଣ ମେଘରୂପରେ [ବର୍ଷଣ କରନ୍ତି]) [**ଏଷଃ**] **ମଘବାନ୍** (ଏହି ପ୍ରାଣ ଇନ୍ଦ୍ରରୂପରେ [ପ୍ରଜାପାଳନ କରନ୍ତି ଏବଂ ଅସୁର ଓ ରାକ୍ଷସଙ୍କୁ ସଂହାର କରନ୍ତି]) **ଏଷଃ ବାୟୁଃ** (ଏହି ପ୍ରାଣ ଆବହ, ପ୍ରବହ ପ୍ରଭୃତି ବାୟୁ) **ଏଷଃ ଦେବଃ** (ଏହି ଦେବତା) **ପୃଥିବୀ** (ପୃଥିବୀରୂପରେ [ସମସ୍ତଙ୍କର ଧାରୟିତା]) **ରୟିଃ** (ଚନ୍ଦ୍ରମାରୂପରେ [ସମସ୍ତଙ୍କର ପୋଷଣକାରୀ]) **ସତ୍** (ମୂର୍ତ୍ତ, ସ୍ଥୂଳ) **ଅସତ୍ ଚ** (ଓ ଅମୂର୍ତ୍ତ, ସୂକ୍ଷ୍ମ) **ଅମୃତମ୍ ଚ ୟତ୍** (ଏବଂ ଯାହା [ଦେବଗଣଙ୍କ ସ୍ଥିତିର କାରଣ] ଅମୃତ) [ତାହା ମଧ୍ୟ ଏହି ପ୍ରାଣ ହିଁ] । ୨/୫

ଏହି ପ୍ରାଣ ଅଗ୍ନି ରୂପରେ ପ୍ରଜ୍ୱଳିତ ହୁଅନ୍ତି, ଏହି ପ୍ରାଣ ସୂର୍ଯ୍ୟ ରୂପରେ ପ୍ରକାଶ କରନ୍ତି, ପର୍ଜନ୍ୟ ରୂପରେ ବର୍ଷଣ କରନ୍ତି, ଇନ୍ଦ୍ର ରୂପରେ ପ୍ରଜାପାଳନ ଓ ଅସୁରମାନଙ୍କୁ ସଂହାର କରନ୍ତି, ବାୟୁ ରୂପରେ ମେଘ ଓ ଜ୍ୟୋତିର୍ମଣ୍ଡଳସମୂହଙ୍କୁ ବହନ କରନ୍ତି । ଏହି (ପ୍ରାଣ) ଦେବତା ହିଁ ପୃଥିବୀ ରୂପରେ ସମସ୍ତଙ୍କୁ ଧାରଣ କରନ୍ତି ଓ ଚନ୍ଦ୍ରମା ରୂପରେ ପୋଷଣ କରନ୍ତି ତଥା ଇଏ ହିଁ ମୂର୍ତ୍ତ ଓ ଅମୂର୍ତ୍ତ ଏବଂ ଯାହା କିଛି ଅମୃତ, ତାହା ମଧ୍ୟ ଏହି ପ୍ରାଣ ହିଁ । ୨/୫

ଅରା ଇବ ରଥନାଭୌ ପ୍ରାଣେ ସର୍ବଂ ପ୍ରତିଷ୍ଠିତମ୍ ।
ଋଚୋ ୟଜୂଂଷି ସାମାନି ୟଜ୍ଞଃ କ୍ଷତ୍ରଂ ବ୍ରହ୍ମ ଚ ॥୬॥

ରଥନାଭୌ (ରଥଚକ୍ରର ନାଭିରେ) **ଅରାଃ ଇବ** (ଅରସମୂହ ପରି) **ସର୍ବମ୍** (ସମସ୍ତ ହିଁ [ଷଷ୍ଠ ପ୍ରଶ୍ନୋତ୍ତରରେ (୬/୪ ରେ) ଉକ୍ତ ଶ୍ରଦ୍ଧାଠାରୁ ନାମ ପର୍ଯ୍ୟନ୍ତ ସବୁକିଛି]) **ପ୍ରାଣେ** (ପ୍ରାଣରେ) **ପ୍ରତିଷ୍ଠିତମ୍** (ଅବସ୍ଥିତ ରହିଛି) [ମୁ., ୨/୨/୬]; (ସେହିପରି) **ଋଚଃ, ୟଜୂଂଷି, ସାମାନି** (ଋକ୍, ୟଜୁଃ ଓ ସାମ ଏହି ତ୍ରିବିଧ ବେଦମନ୍ତ୍ର) **ୟଜ୍ଞଃ** ([ଉକ୍ତ ମନ୍ତ୍ର-ସାଧ୍ୟ] ଯଜ୍ଞ) **କ୍ଷତ୍ରମ୍** ([ସମସ୍ତଙ୍କ ପାଳୟିତା] କ୍ଷତ୍ରିୟ) **ଚ** (ଏବଂ) **ବ୍ରହ୍ମ** ([ଯଜ୍ଞାଦିର ଅଧିକାରୀ] ବ୍ରାହ୍ମଣ) [ଏହି ସମସ୍ତ ହିଁ ପ୍ରାଣ] । [ବୃ, ୫/୧୩/୧-୪] । ୨/୬

ରଥଚକ୍ରସ୍ଥିତ ନାଭିରେ ଅରସମୂହ ସଦୃଶ (ଶ୍ରଦ୍ଧାଠାରୁ ନାମ ପର୍ଯ୍ୟନ୍ତ) ସମସ୍ତ ହିଁ ପ୍ରାଣରେ ଅବସ୍ଥିତ ରହିଛି । ସେହିପରି ଋକ୍, ୟଜୁଃ ଓ ସାମସମୂହ ଏବଂ ଯଜ୍ଞ, କ୍ଷତ୍ରିୟ ଏବଂ ବ୍ରାହ୍ମଣ ମଧ୍ୟ ଏହି ପ୍ରାଣ । ୨/୬

ପ୍ରଜାପତିଶ୍ଚରସି ଗର୍ଭେ ତ୍ୱମେବ ପ୍ରତିଜାୟସେ ।
ତୁଭ୍ୟଂ ପ୍ରାଣ ପ୍ରଜାସ୍ତ୍ୱିମା ବଲିଂ ହରନ୍ତି ୟଃ ପ୍ରାଣୈଃ ପ୍ରତିତିଷ୍ଠସି ॥୭॥

ତ୍ୱମ୍ ଏବ (ତୁମେ ହିଁ) **ପ୍ରଜାପତିଃ** (ପ୍ରଜାପତିରୂପରେ) **ଗର୍ଭେ** (ପିତୃଗର୍ଭରେ ରେତୋରୂପରେ ଓ ମାତୃଗର୍ଭରେ ସନ୍ତାନରୂପରେ) **ଚରସି** (ବିଚରଣ କର) [ଏବଂ] **ପ୍ରତିଜାୟସେ** (ମାତା ଓ ପିତାଙ୍କର ପ୍ରତିରୂପ ହୋଇ ଜନ୍ମଗ୍ରହଣ କର) । **ପ୍ରାଣ** (ହେ ପ୍ରାଣ) **ୟଃ** (ଯେଉଁ ତୁମେ) **ପ୍ରାଣୈଃ** (ଚକ୍ଷୁରାଦି ଇନ୍ଦ୍ରିୟ ସହିତ) **ପ୍ରତିତିଷ୍ଠସି** (ପ୍ରତିଶରୀରରେ ବାସ କର) **ତୁଭ୍ୟମ୍ ତୁ** (ସେହି ତୁମରି ପାଇଁ) **ଇମାଃ ପ୍ରଜାଃ** (ଏହି ପ୍ରାଣିସମୂହ) **ବଲିମ୍** (ଭୋଗ୍ୟବସ୍ତୁ) **ହରନ୍ତି** ([ଚକ୍ଷୁରାଦି ଇନ୍ଦ୍ରିୟରୂପକ ଦ୍ୱାର ସାହାଯ୍ୟରେ] ଆହରଣ କରନ୍ତି) । ୨/୭

ତୁମେ ହିଁ ପ୍ରଜାପତିରୂପେ ଗର୍ଭରେ ବିଚରଣ କର ଏବଂ ମାତା ଓ ପିତାଙ୍କର ଅନୁରୂପ ହୋଇ ଜନ୍ମଗ୍ରହଣ କର ।[1] ହେ ପ୍ରାଣ, ଯେଉଁ ତୁମେ ଚକ୍ଷୁରାଦି ଇନ୍ଦ୍ରିୟ

---

1. ପ୍ରାଣ ସର୍ବସ୍ୱରୂପ, ଅତଏବ ମାତାପିତା ମଧ୍ୟ ପ୍ରାଣ; ସେ ହିଁ ପୁଣି ପୁତ୍ର ହୋଇ ଜାତ ହୁଅନ୍ତି । ଅର୍ଥାତ୍ ବିଭିନ୍ନ ଜୀବଦେହରୂପରେ ଏକ ହିଁ ପ୍ରାଣ ବିଦ୍ୟମାନ; ସେ ହିଁ ବିରାଟ୍ ।

ସହିତ ପ୍ରତିଶରୀରରେ[1] ବାସ କର, ସେହି ତୁମରି ପାଇଁ ଏହି ପ୍ରାଣୀବର୍ଗ (ଚକ୍ଷୁରାଦି ଇନ୍ଦ୍ରିୟରୂପକ ଦ୍ୱାର ସାହାଯ୍ୟରେ) ଭୋଗ୍ୟବିଷୟ ଆହରଣ କରନ୍ତି । ୨/୭

ଦେବାନାମସି ବହ୍ନିତମଃ ପିତୃଣାଂ ପ୍ରଥମା ସ୍ୱଧା ।
ଋଷୀଣାଂ ଚରିତଂ ସତ୍ୟମଥର୍ବାଙ୍ଗିରସାମସି ॥୮॥

ଦେବାନାମ୍ ([ଇନ୍ଦ୍ରାଦି] ଦେବଗଣଙ୍କ ସମ୍ବନ୍ଧରେ) **ବହ୍ନିତମଃ ଅସି** (ତୁମେ ଯଜ୍ଞୀୟ ଦ୍ରବ୍ୟର ଶ୍ରେଷ୍ଠ ବାହକ); **ପିତୃଣାମ୍** (ପିତୃଗଣଙ୍କ ସମ୍ବନ୍ଧରେ) **ପ୍ରଥମା ସ୍ୱଧା** (ପ୍ରଥମ ସ୍ୱଧା [ସ୍ୱଧାର ପ୍ରାପକ]); **ଅଥର୍ବା-ଅଙ୍ଗିରସାମ୍** (ଅଙ୍ଗିରସରୂପକ ଅଥର୍ବା ନାମକ) **ଋଷୀଣାମ୍** (ଚକ୍ଷୁରାଦି ପ୍ରାଣସମୂହର) **ସତ୍ୟମ୍ ଚରିତମ୍** (ଦେହଧାରଣରୂପକ ଯଥୋଚିତ ଚେଷ୍ଟା) **ଅସି** (ହୁଅ) । ୨/୮

ଦେବଗଣଙ୍କ ପକ୍ଷରେ ତୁମେ ଯଜ୍ଞୀୟ ଦ୍ରବ୍ୟର ଶ୍ରେଷ୍ଠ ବାହକ[2]; ପିତୃଗଣଙ୍କ ପକ୍ଷରେ ତୁମେ ପ୍ରଥମ ସ୍ୱଧାର ପ୍ରାପକ[3]; ଅଙ୍ଗିରସଭୂତ ଅଥର୍ବାନାମକ ପ୍ରାଣସମୂହ[4] ଦ୍ୱାରା ଯେଉଁ ଦେହଧାରଣାଦିରୂପକ ସମୁଚିତ ଚେଷ୍ଟା ହୁଏ, ତାହା ମଧ୍ୟ ତୁମେ । ୨/୮

ଇନ୍ଦ୍ରସ୍ତ୍ୱଂ ପ୍ରାଣ ତେଜସା ରୁଦ୍ରୋଽସି ପରିରକ୍ଷିତା ।
ତ୍ୱମନ୍ତରିକ୍ଷେ ଚରସି ସୂର୍ଯ୍ୟସ୍ତ୍ୱଂ ଜ୍ୟୋତିଷାଂ ପତିଃ ॥୯॥

ପ୍ରାଣ (ହେ ପ୍ରାଣ) **ତ୍ୱମ୍** (ତୁମେ) **ଇନ୍ଦ୍ରଃ** (ପରମେଶ୍ୱର) **ତେଜସା** (ଶୌର୍ଯ୍ୟରେ, ସଂହାର-ସାମର୍ଥ୍ୟରେ) **ରୁଦ୍ରଃ ଅସି** (ତୁମେ ରୁଦ୍ର) [ଏବଂ ସୌମ୍ୟରୂପରେ, ବିଷ୍ଣୁ-ଆଦିରୂପରେ] **ପରିରକ୍ଷିତା** (ପାଳନକାରୀ) **ତ୍ୱମ୍** (ତୁମେ)

---

1. ଶରୀରରେ ଅଧିଷ୍ଠିତ ପ୍ରାଣ ରାଜସ୍ଥାନୀୟ ଏବଂ ଇନ୍ଦ୍ରିୟଗଣ ତାଙ୍କର ପ୍ରଜା । ସେମାନେ ରାଜାଙ୍କ ପାଇଁ ଭୋଗ୍ୟ ଆହରଣ କରନ୍ତି ।

2. ଅଗ୍ନିରେ ଆହୁତି ଦେଲେ ଅଗ୍ନି ତାହା ଦେବଗଣଙ୍କ ନିକଟକୁ ନେଇଯାଆନ୍ତି, ସୁତରାଂ ସେ ବାହକ । ଏଠାରେ ବହ୍ନି ଶବ୍ଦ ଯୌଗିକ ଅର୍ଥରେ ଗ୍ରହଣୀୟ ।

3. ଦେବତାଙ୍କ ଉଦ୍ଦେଶ୍ୟରେ କର୍ତ୍ତବ୍ୟ ଯଜ୍ଞାଦି ପୂର୍ବେ ନାନ୍ଦୀମୁଖ-ଶ୍ରାଦ୍ଧରେ ପିତୃଗଣଙ୍କ ଉଦ୍ଦେଶ୍ୟରେ 'ସ୍ୱଧା'-ମନ୍ତ୍ରରେ ଅନ୍ନଦାନ କରିବାକୁ ପଡ଼େ । ଏଥିପାଇଁ ସ୍ୱଧା ପ୍ରଥମ । ପ୍ରାଣ ହିଁ ସେହି ଅନ୍ନ ପିତୃଗଣଙ୍କ ନିକଟକୁ ନେଇଯାଆନ୍ତି । **'ସ୍ୱାନ୍ ଯଜମାନସ୍ୟ ପିତୄନ୍ ହବିଷ୍ୟଦାନେନ ଧାବତି ଗଚ୍ଛତୀତି ସ୍ୱଧା ।'**

4. ଅଙ୍ଗିରସ=ଅଙ୍ଗର ରସ ବା ସାର, ବୃ., ୧/୩/୧୯ । ଶ୍ରୁତିରେ ଅଛି **"ପ୍ରାଣୋ ବା ଅଥର୍ବା"**—ପ୍ରାଣ ହିଁ ଅଥର୍ବା । ଚକ୍ଷୁରାଦି ଇନ୍ଦ୍ରିୟଙ୍କୁ ମଧ୍ୟ ପ୍ରାଣ କୁହାଯାଏ ।

ଅନ୍ତରିକ୍ଷେ (ଅନ୍ତରିକ୍ଷରେ) [ଉଦୟ ଓ ଅସ୍ତଗମନ ଦ୍ୱାରା] **ଚରସି** (ବିଚରଣ କର) **ତ୍ୱମ୍** (ତୁମେ) **ଜ୍ୟୋତିଷାମ୍** (ଜ୍ୟୋତିଷ୍କମଣ୍ଡଳୀର, ନକ୍ଷତ୍ରାଦିର) **ପତିଃ** (ପ୍ରଭୁ) **ସୂର୍ଯ୍ୟଃ** (ସୂର୍ଯ୍ୟ) । ୨/୯

ହେ ପ୍ରାଣ, ତୁମେ ପରମେଶ୍ୱର; ତୁମେ ଶୌର୍ଯ୍ୟରେ ରୁଦ୍ର ଏବଂ (ସୌମ୍ୟରୂପରେ) ପାଳୟିତା, ତୁମେ ଉଦୟ ଓ ଅସ୍ତଗମନ ଦ୍ୱାରା ଅନ୍ତରିକ୍ଷରେ ବିଚରଣ କର ଏବଂ ତୁମେ ଜ୍ୟୋତିଷ୍କମଣ୍ଡଳୀର ପତି ସୂର୍ଯ୍ୟ । ୨/୯

ଯଦା ତ୍ୱମଭିବର୍ଷସ୍ୟଥେମାଃ ପ୍ରାଣ ତେ[1] ପ୍ରଜାଃ ।
ଆନନ୍ଦରୂପାସ୍ତିଷ୍ଠନ୍ତି କାମାୟାନ୍ନଂ ଭବିଷ୍ୟତୀତି ॥୧୦॥

ଯଦା (ଯେତେବେଳେ) **ତ୍ୱମ୍** (ତୁମେ) **ଅଭିବର୍ଷସି** (ପର୍ଜନ୍ୟରୂପରେ ବର୍ଷଣ କର) **ଅଥ** (ସେତେବେଳେ) **ପ୍ରାଣ** (ହେ ପ୍ରାଣ) **ତେ** (ତୁମର) **ଇମାଃ** (ଏହି ସକଳ) **ପ୍ରଜାଃ** (ସନ୍ତାନ, ଜୀବଗଣ) **କାମାୟ** (ଇଚ୍ଛାନୁରୂପ) **ଅନ୍ନମ୍** (ଅନ୍ନ) **ଭବିଷ୍ୟତି** (ହେବ) **ଇତି** (ଏହା ମନେ କରି) **ଆନନ୍ଦରୂପାଃ** (ଯେପରି ସୌଭାଗ୍ୟଶାଳୀ ହୋଇ) **ତିଷ୍ଠନ୍ତି** (ଅବସ୍ଥାନ କରନ୍ତି) । ୨/୧୦

ଯେତେବେଳେ ତୁମେ (ପର୍ଜନ୍ୟରୂପରେ) ବର୍ଷଣ କର ସେତେବେଳେ ହେ ପ୍ରାଣ, ତୁମର ଏହି ସକଳ ପ୍ରଜା ଇଚ୍ଛାନୁରୂପ ଅନ୍ନ ହେବ ମନେ କରି ଯେପରି ଆହ୍ଲାଦିତ ହୋଇ ଅବସ୍ଥାନ କରନ୍ତି । ୨/୧୦

ବ୍ରାତ୍ୟସ୍ତ୍ୱଂ ପ୍ରାଣୈକର୍ଷିରତ୍ତା ବିଶ୍ୱସ୍ୟ ସତ୍ପତିଃ ।
ବୟମାଦ୍ୟସ୍ୟ ଦାତାରଃ ପିତା ତ୍ୱଂ ମାତରିଶ୍ୱ ନଃ ॥୧୧॥

ପ୍ରାଣ (ହେ ପ୍ରାଣ) **ତ୍ୱମ୍** (ତୁମେ) **ବ୍ରାତ୍ୟଃ** (ଉପନୟନାଦି-ସଂସ୍କାର ବିହୀନ, ଅର୍ଥାତ୍ ତୁମେ ପ୍ରଥମଜ, ସୁତରାଂ ତୁମର ସଂସ୍କାରକ କେହି ନାହିଁ, ତୁମେ ସ୍ୱଭାବତଃ ଶୁଦ୍ଧ); **ଏକଃ ଋଷିଃ** ([ତୁମେ ଆଥର୍ବଣଦିଗଙ୍କ] ଏକର୍ଷି ନାମକ ଅଗ୍ନିସ୍ୱରୂପରେ) **ଅତ୍ତା** (ହବିର୍ଭୋକ୍ତା); [ତୁମେ] **ବିଶ୍ୱସ୍ୟ ସତ୍ପତିଃ** (ସକଳ ବିଦ୍ୟମାନ ବସ୍ତୁର ପତି, ଅଥବା ସମସ୍ତଙ୍କର ଉତ୍ତମ ପତି) । **ବୟମ୍** (ଆମେ) **ଆଦ୍ୟସ୍ୟ** (ତୁମର ଭକ୍ଷଣୀୟ ହବିର) **ଦାତାରଃ** (ଦାନକାରୀ) । **ମାତରିଶ୍ୱ** (ହେ ମାତରିଶ୍ୱନ୍, ହେ ଅନ୍ତରିକ୍ଷ-ବିଚରଣକାରୀ) **ତ୍ୱମ୍** (ତୁମେ) **ନଃ** (ଆମମାନଙ୍କର) **ପିତା** (ପିତା) । [**'ପିତା ତ୍ୱଂ**

1. ପାଠାନ୍ତର—**ପ୍ରାଣତେ** । ଏପରି ସ୍ଥଳେ ଅର୍ଥ ହେବ ପ୍ରାଣଧାରଣ କରନ୍ତି ।

ମାତରିଶ୍ୱନଃ' ଏହି ପାଠାନ୍ତର-ସ୍ଥଳରେ ଅର୍ଥ ହେବ—ତୁମେ ବାୟୁର ମଧ୍ୟ ପିତା, ଅତଏବ ସମଗ୍ର ଜଗତ୍‌ର ପିତା] । ୨/୧୧

ହେ ପ୍ରାଣ, ତୁମେ ବ୍ରାତ୍ୟ[1] (ଅର୍ଥାତ୍ ସଂସ୍କାରବିହୀନ); ତୁମେ ଏକର୍ଷିନାମକ ଅଗ୍ନିରୂପରେ ହବିର୍ଭକ୍ଷକ, ତୁମେ ସକଳ ବସ୍ତୁର ହିଁ ପତି । ଆମେ ତୁମକୁ ଭକ୍ଷଣୀୟ ହବି ଦାନ କରୁ । ହେ ଅନ୍ତରିକ୍ଷ-ବିଚରଣକାରୀ, ତୁମେ ଆମର ପିତା । ୨/୧୧

ୟା ତେ ତନୂର୍ବାଚି ପ୍ରତିଷ୍ଠିତା ୟା ଶ୍ରୋତ୍ରେ ୟା ଚ ଚକ୍ଷୁଷି ।
ୟା ଚ ମନସି ସନ୍ତତା ଶିବାଂ ତାଂ କୁରୁ ମୋତ୍‌କ୍ରମୀଃ ॥ ୧୨ ॥

ତେ (ତୁମର) **ୟା** (ଯେଉଁ) **ତନୂଃ** (ଅବୟବ, ରୂପ) **ବାଚି** (ବାଗିନ୍ଦ୍ରିୟରେ) **ପ୍ରତିଷ୍ଠିତା** (ଅବସ୍ଥିତ, ଅର୍ଥାତ୍ ବକ୍ତା ରୂପରେ ବାକ୍ୟ କହନ୍ତି) **ୟା ଶ୍ରୋତ୍ରେ** (ଯାହା ଶ୍ରବଣେନ୍ଦ୍ରିୟରେ ଅବସ୍ଥିତ) **ୟା ଚ ଚକ୍ଷୁଷି** (ଏବଂ ଯାହା ଚକ୍ଷୁରିନ୍ଦ୍ରିୟରେ ଅବସ୍ଥିତ) **ୟା ଚ ମନସି** (ଏବଂ ଯାହା ସଂକଳ୍ପାଦି ବ୍ୟାପାର ରୂପରେ ମନରେ) **ସନ୍ତତା** (ଅନୁସ୍ୟୂତ) **ତାମ୍** (ସେହି ତନୁକୁ) **ଶିବାମ୍** (ପ୍ରଶାନ୍ତ) **କୁରୁ** (କର)—**ମା ଉତ୍‌କ୍ରମୀଃ** (ଉତ୍‌କ୍ରାନ୍ତ ହୁଅ ନାହିଁ) । ୨/୧୨

ତୁମର ଯେଉଁ ରୂପ ବାକ୍ୟରେ ପ୍ରତିଷ୍ଠିତ, ଯାହା ଶ୍ରୋତ୍ରରେ ଓ ଚକ୍ଷୁରେ ପ୍ରତିଷ୍ଠିତ ଏବଂ ଯାହା ମନରେ ଅନୁସ୍ୟୂତ[2], ତାହାକୁ ପ୍ରଶାନ୍ତ କର; —ତୁମେ ଉତ୍‌କ୍ରାନ୍ତ ହୁଅ ନାହିଁ ।[3] ୨/୧୨

---

1. ବ୍ରାତ୍ୟ—**ଅତ ଊର୍ଧ୍ୱଂ ପତନ୍ତ୍ୟେତେ ସର୍ବଧର୍ମବହିଷ୍କୃତାଃ ।**
ସାବିତ୍ରୀପତିତା ବ୍ରାତ୍ୟାଃ ବ୍ରାତ୍ୟସ୍ତୋମାଦୃତେ କ୍ରତୋଃ ॥

ତ୍ରୈବର୍ଣ୍ଣିକଗଣ ଯଦି ଯଥାସମୟରେ ଉପନୟନ-ସଂସ୍କାରବାନ୍ ନ ହୁଅନ୍ତି, ତାହାହେଲେ ସେମାନେ ବ୍ରାତ୍ୟସଂଜ୍ଞା ପ୍ରାପ୍ତ ହୁଅନ୍ତି । ସେମାନେ ସର୍ବଧର୍ମହୀନ ପାତକୀ । ବ୍ରାତ୍ୟସ୍ତୋମ ଯଜ୍ଞଦ୍ୱାରା ସେମାନେ ନିଷ୍କୃତି ଲାଭ କରନ୍ତି ।

2. ପ୍ରାଣର ଅପାନରୂପକ ତନୁ ବାକ୍ୟରେ, ବାକ୍-ଇନ୍ଦ୍ରିୟରେ, ପୃଥିବୀରେ ଓ ଅଗ୍ନିରେ ପ୍ରତିଷ୍ଠିତ; ବ୍ୟାନରୂପକ ତନୁ ଶ୍ରୋତ୍ରରେ, ଶ୍ରୋତ୍ରେନ୍ଦ୍ରିୟରେ, ଚନ୍ଦ୍ର ଓ ଆକାଶରେ ପ୍ରତିଷ୍ଠିତ; ପ୍ରାଣରୂପକ ତନୁ ଚକ୍ଷୁରେ, ଚକ୍ଷୁରିନ୍ଦ୍ରିୟରେ, ତେଜରେ, ଅନ୍ନରେ ଓ ଆଦିତ୍ୟରେ; ସମାନରୂପକ ତନୁ ମନରେ, ମନ-ଇନ୍ଦ୍ରିୟରେ, ତଥା ଭୂତ ଓ ଭୌତିକ ସମସ୍ତ ପଦାର୍ଥରେ ବ୍ୟାପ୍ତ ରହିଅଛି ।

3. ପ୍ରାଣ ଉତ୍‌କ୍ରମଣ କଲେ ଅପାନାଦି ସମସ୍ତେ ଅସମର୍ଥ ଓ ଅପବିତ୍ର ହୋଇ ପଡ଼ିବେ ।

ପ୍ରାଣସ୍ୟେଦଂ ବଶେ ସର୍ବଂ ତ୍ରିଦିବେ ଯତ୍‌ପ୍ରତିଷ୍ଠିତମ୍ ।
ମାତେବ ପୁତ୍ରାନ୍ ରକ୍ଷସ୍ୱ ଶ୍ରୀଶ୍ଚ ପ୍ରଜ୍ଞାଂ ଚ ବିଧେହି ନ ଇତି ॥୧୩॥

ଇତି ପ୍ରଶ୍ନୋପନିଷଦି ଦ୍ୱିତୀୟଃ ପ୍ରଶ୍ନଃ ॥

ଇଦମ୍ (ଏହି, ଏହି ଜଗତ୍‌ର) **ସର୍ବମ୍** (ସମୁଦାୟ ଉପଭୋଗ୍ୟ ବସ୍ତୁ) **ପ୍ରାଣସ୍ୟ** (ପ୍ରାଣର) **ବଶେ** (ଅଧୀନରେ) **ତ୍ରିଦିବେ** (ସ୍ୱର୍ଗରେ) **ଯତ୍** (ଯାହା କିଛି ଉପଭୋଗ୍ୟ) **ପ୍ରତିଷ୍ଠିତମ୍** (ପ୍ରତିଷ୍ଠିତ ରହିଛି) [ତାହା ମଧ୍ୟ ପ୍ରାଣର ଅଧୀନ] । **ମାତା ପୁତ୍ରାନ୍ ଇବ** (ମାତା ଯେପରି ପୁତ୍ରମାନଙ୍କୁ ରକ୍ଷା କରନ୍ତି ସେପରି) **ରକ୍ଷସ୍ୱ** ([ଆମକୁ] ରକ୍ଷା କର) । **ଶ୍ରୀଃ ଚ** (=**ଶ୍ରିୟଃ ଚ**, ସମ୍ପଦସମୂହ) **ପ୍ରଜ୍ଞାମ୍ ଚ** (ଏବଂ [ତୁମର ସ୍ଥିରତାରୁ ଲବ୍ଧ] ପ୍ରଜ୍ଞା) **ନଃ** (ଆମମାନଙ୍କ ପାଇଁ) **ବିଧେହି ଇତି** (ବିଧାନ କର) । ୨/୧୩

ଏହି ଜଗତ୍‌ର ସମୁଦାୟ ଉପଭୋଗ୍ୟ ବସ୍ତୁ ପ୍ରାଣର ଅଧୀନ ଏବଂ ସ୍ୱର୍ଗରେ ଯାହା କିଛି ଉପଭୋଗ୍ୟ ପ୍ରତିଷ୍ଠିତ ରହିଛି, ତାହା ମଧ୍ୟ ପ୍ରାଣର ଅଧୀନ । (ହେ ପ୍ରାଣ), ମାତା ଯେପରି ପୁତ୍ରମାନଙ୍କୁ ରକ୍ଷା କରନ୍ତି, ତୁମେ ଆମକୁ ସେହିପରି ରକ୍ଷା କର । ତୁମେ ଆମମାନଙ୍କ ପାଇଁ ସମ୍ପଦ ଓ ତୁମର ସ୍ଥିରତାରୁ ଲବ୍ଧ ପ୍ରଜ୍ଞା ବିଧାନ କର । ୨/୧୩

॥ ପ୍ରଶ୍ନୋପନିଷଦ୍‌ର ଦ୍ୱିତୀୟ ପ୍ରଶ୍ନ ସମାପ୍ତ ॥

ତୃତୀୟ ପ୍ରଶ୍ନ

ଅଥ ହୈନଂ କୌସଲ୍ୟଶ୍ଚାଶ୍ୱଲାୟନଃ ପପ୍ରଚ୍ଛ । ଭଗବନ୍ କୁତ ଏଷ ପ୍ରାଣୋ ଜାୟତେ କଥମାୟାତ୍ୟସ୍ମିଞ୍ଶରୀର ଆତ୍ମାନଂ ବା ପ୍ରବିଭଜ୍ୟ କଥଂ ପ୍ରାତିଷ୍ଠତେ କେନୋତ୍କ୍ରମତେ କଥଂ ବାହ୍ୟମଭିଧତ୍ତେ କଥମଧ୍ୟାତ୍ମମିତି ॥ ୧ ॥

[ଏବେ ପ୍ରାଣର ଜନ୍ମାଦି ନିର୍ଦ୍ଧାରିତ ହୋଇ ପରେ (୩/୧୧ରେ) ପ୍ରାଣୋପାସନା ବିହିତ ହେବ । କୌସଲ୍ୟ ଦେଖିଲେ ଯେ, ପ୍ରାଣକୁ ଚରମ ତତ୍ତ୍ୱ କୁହାଯାଇପାରେ ନାହିଁ; କାରଣ ତାହା ସଂହତ, ଅତଏବ ବିନାଶୀ । ସୁତରାଂ]—**ଅଥ ହ** (ଅନନ୍ତର) **କୌସଲ୍ୟଃ ଚ ଆଶ୍ୱଲାୟନଃ** (ଅଶ୍ୱଳଙ୍କ ପୁତ୍ର କୌସଲ୍ୟ) **ଏନମ୍** (ଏହାଙ୍କୁ, ଋଷି ପିପ୍ପଲାଦଙ୍କୁ) **ପପ୍ରଚ୍ଛ** (ପ୍ରଶ୍ନ କଲେ)—**ଭଗବନ୍** (ହେ ଭଗବନ୍) **କୁତଃ** (କେଉଁ କାରଣ ବିଶେଷରୁ) **ଏଷଃ** (ଏହି, ପୂର୍ବ ବିନିଶ୍ଚିତ) **ପ୍ରାଣଃ** (ପ୍ରାଣ) **ଜାୟତେ** (ଉତ୍ପନ୍ନ ହୁଅନ୍ତି); **ଅସ୍ମିନ୍** (ଏହି) **ଶରୀରେ** (ଶରୀରରେ) **କଥମ୍** (କିପରି, କେଉଁ ବ୍ୟାପାରାବଲମ୍ବନରେ) **ଆୟାତି** (ଆଗମନ କରନ୍ତି) **ଆତ୍ମାନମ୍** (ନିଜକୁ) **ପ୍ରବିଭଜ୍ୟ** (ପ୍ରବିଭକ୍ତ କରି) **କଥମ୍ ବା** (କି ପ୍ରକାରରେ ଅବା) **ପ୍ରାତିଷ୍ଠତେ** ([ଏହି ଶରୀରରେ] ଅବସ୍ଥାନ କରନ୍ତି) **କେନ** (କିପରି, କେଉଁ ବୃତ୍ତି-ଅବଲମ୍ବନରେ) **ଉତ୍କ୍ରମତେ** ([ଏହି ଶରୀରରୁ] ଉତ୍କ୍ରମଣ କରନ୍ତି) **କଥମ୍** (କେଉଁ ପ୍ରକାରରେ) **ବାହ୍ୟମ୍** (ଅଧିଭୂତ ଓ ଅଧିଦୈବ ବିଷୟକୁ) **ଅଭିଧତ୍ତେ** (ଧାରଣ କରନ୍ତି) **କଥମ୍ ଅଧ୍ୟାତ୍ମମ୍ ଇତି** (ଅଧ୍ୟାତ୍ମ ଶରୀର ଓ ଇନ୍ଦ୍ରିୟ ପ୍ରଭୃତିକୁ କିପରି ଧାରଣ କରନ୍ତି) । ୩/୧

ଅନନ୍ତର ଅଶ୍ୱଳଙ୍କ ପୁତ୍ର କୌସଲ୍ୟ ଋଷି ପିପ୍ପଲାଦଙ୍କୁ ପ୍ରଶ୍ନ କଲେ—ହେ ଭଗବନ୍, କେଉଁ କାରଣ ବିଶେଷରୁ ଏହି ପ୍ରାଣ ଉତ୍ପନ୍ନ ହୁଅନ୍ତି ? ଏହି ଶରୀରକୁ କିପରି ଆଗମନ କରନ୍ତି ? ନିଜକୁ ବିଭକ୍ତ କରି କିପରି ଅବା ଶରୀରରେ ଅବସ୍ଥାନ କରନ୍ତି ? କିପରି ଏହି ଶରୀରରୁ ଉତ୍କ୍ରମଣ କରନ୍ତି ? କେଉଁ ପ୍ରକାରରେ ବାହ୍ୟବିଷୟକୁ ଧାରଣ କରନ୍ତି ଏବଂ କିପରି ଶରୀର ଓ ଇନ୍ଦ୍ରିୟାଦିଙ୍କୁ ଧାରଣ କରନ୍ତି ? ୩/୧

ତସ୍ମୈ ସ ହୋବାଚାତିପ୍ରଶ୍ନାନ୍ ପୃଚ୍ଛସି ବ୍ରହ୍ମିଷ୍ଠୋଽସୀତି ତସ୍ମାତ୍ତେଽହଂ ବ୍ରବୀମି ॥୨॥

ସଃ (ସେ, ପିପ୍ପଲାଦ) **ତସ୍ମୈ** (ତାହାଙ୍କୁ) **ଉବାଚ ହ** (କହିଲେ)—**ବ୍ରହ୍ମିଷ୍ଠଃ ଅସି** (ତୁମେ ଅତିଶୟ ବ୍ରହ୍ମବିଦ୍) **ଇତି** (ସେଥିପାଇଁ) **ଅତିପ୍ରଶ୍ନାନ୍** (ଦୁର୍ବେଜ୍ଞେୟ ବସ୍ତୁବିଷୟକ ପ୍ରଶ୍ନସମୂହ [ପ୍ରାଣ ଦୁର୍ବିଜ୍ଞେୟ, ତାଙ୍କର ପୁଣି ଜନ୍ମାଦି ସମ୍ବନ୍ଧରେ ପ୍ରଶ୍ନ]) **ପୃଚ୍ଛସି** (ତୁମେ ପଚାରୁଛ); **ତସ୍ମାତ୍** (ସୁତରାଂ) **ତେ** (ତୁମକୁ) **ଅହମ୍** (ମୁଁ) **ବ୍ରବୀମି ଇତି** (କହିବି) । ୩/୨

ସେ ତାହାଙ୍କୁ କହିଲେ—ତୁମେ ଅତିଶୟ[1] ବ୍ରହ୍ମବିଦ୍ ବୋଲି ହିଁ ଏହି ବିଷମ ପ୍ରଶ୍ନସମୂହ କରୁଅଛ; ସୁତରାଂ ତୁମକୁ ମୁଁ ଏହା କହିବି । ୩/୨

ଆତ୍ମନ ଏଷ ପ୍ରାଣୋ ଜାୟତେ ୟଥୈଷା ପୁରୁଷେ ଛାୟୈତସ୍ମିନ୍ନେତଦାତତଂ ମନୋକୃତେନାୟାତ୍ୟସ୍ମିଞ୍ଶରୀରେ ॥୩॥

ଆତ୍ମନଃ (ପରମେଶ୍ୱରଙ୍କଠାରୁ) **ଏଷଃ** (ଏହି) **ପ୍ରାଣଃ** (ପ୍ରାଣ) **ଜାୟତେ** (ଜନ୍ମଗ୍ରହଣ କରନ୍ତି) । **ପୁରୁଷେ** (ମାନବଦେହରେ, ମାନବଦେହାବଲମ୍ବନରେ) **ୟଥା** (ଯେପରି) **ଏଷା** (ଏହି) **ଛାୟା** (ଛାୟା, ପ୍ରତିବିମ୍ବାଦି) [ବର୍ତ୍ତମାନ, ସେପରି] **ଏତସ୍ମିନ୍** (ଏହି ପରମେଶ୍ୱରଙ୍କଠାରେ) **ଏତତ୍** (ପ୍ରାଣାଖ୍ୟ ବସ୍ତୁ) **ଆତତମ୍** (ସମର୍ପିତ ରହିଛନ୍ତି) [ଏବଂ ଛାୟାସଦୃଶ] **ମନୋକୃତେନ** (=**ମନଃକୃତେନ**, ମାନସ ସଂକଳ୍ପ ଓ ଇଚ୍ଛାଦିକୃତ କର୍ମାନୁସାରେ) **ଅସ୍ମିନ୍ ଶରୀରେ** (ଏହି ଶରୀରରେ) **ଆୟାତି** (ଆଗମନ କରନ୍ତି) । ୩/୩

ପରମେଶ୍ୱରଙ୍କଠାରୁ ଏହି ପ୍ରାଣ ଜନ୍ମଗ୍ରହଣ କରନ୍ତି ।[2] ମାନବଦେହ-ଅବଲମ୍ବନରେ ଯେପରି ଏହି (ମିଥ୍ୟା) ଛାୟା ରହେ, ସେହିପରି ଏହି (ମିଥ୍ୟା) ପ୍ରାଣନାମକ ତତ୍ତ୍ୱଟି ଏହି ପରମେଶ୍ୱରଙ୍କଠାରେ ସମର୍ପିତ ରହିଛନ୍ତି ଏବଂ

---

1. ଅପରବ୍ରହ୍ମ ଅପେକ୍ଷା ଅତିଶୟ; ଅର୍ଥାତ୍ ତୁମେ ମୁଖ୍ୟବ୍ରହ୍ମବିଦ୍ । ଶିଷ୍ୟଙ୍କୁ ଉତ୍ସାହିତ କରିବା ପାଇଁ ଏହା କୁହାହେଉଛି । ମୁ., ୩/୧/୪ ପ୍ରଥମ ଟୀକା ଦ୍ର. ।

2. ମୁ., ୨/୧/୧-୩; ଏଥିରେ ପ୍ରଶ୍ନର ପ୍ରଥମାଂଶର ଉତ୍ତର ଦିଆଗଲା ।

ଛାୟାସଦୃଶ ମାନସିକ ସଂକଳ୍ପ ଓ ଇଚ୍ଛାଦିକୃତ କର୍ମ ଅନୁସାରେ[1] ଏହି ଶରୀରରେ ଆଗମନ କରନ୍ତି । ୩/୩

ଯଥା ସମ୍ରାଡେବାଧିକୃତାନ୍ ବିନିଯୁଙ୍କ୍ତେ ଏତାନ୍ ଗ୍ରାମାନେତାନ୍ ଗ୍ରାମାନଧିତିଷ୍ଠସ୍ୱେତ୍ୟେବମେବୈଷ ପ୍ରାଣ ଇତରାନ୍ ପ୍ରାଣାନ୍ ପୃଥକ୍ ପୃଥଗେବ ସଂନିଧତ୍ତେ ॥୪॥

ସମ୍ରାଟ୍ ଏବ (ସମ୍ରାଟ ହିଁ) **ଯଥା** (ଯେପରି)—**ଏତାନ୍ ଗ୍ରାମାନ୍** (ଏହି ସକଳ ଗ୍ରାମରେ) **ଏତାନ୍ ଗ୍ରାମାନ୍ ଅଧିତିଷ୍ଠସ୍ୱ** (ଏହି ସବୁ ଗ୍ରାମରେ ଅଧିଷ୍ଠିତ ହୁଅ, ଅର୍ଥାତ୍ ଶାସନ କର) **ଇତି** (ଏହିପରି) **ଅଧିକୃତାନ୍** (ଅଧିକାରପ୍ରାପ୍ତ ବ୍ୟକ୍ତିଗଣଙ୍କୁ) **ବିନିଯୁଙ୍କ୍ତେ** (ନିଯୁକ୍ତ କରନ୍ତି) **ଏବମ୍ ଏବ** (ଠିକ୍ ଏହିପରି ଭାବରେ ହିଁ) **ଏଷଃ** (ଏହି) **ପ୍ରାଣଃ** (ମୁଖ୍ୟପ୍ରାଣ) **ଇତରାନ୍** (ଅପର, ଅନ୍ୟାନ୍ୟ) **ପ୍ରାଣାନ୍** (ପ୍ରାଣସମୂହଙ୍କୁ ଚକ୍ଷୁରାଦି ସ୍ୱୀୟ ବିଭିନ୍ନ ରୂପସମୂହକୁ) **ପୃଥକ୍ ପୃଥକ୍ ଏବ** (ଯଥୋଚିତ ସ୍ଥାନରେ ପୃଥକ୍‌ଭାବରେ) **ସନ୍ନିଧତ୍ତେ** (ସ୍ଥାପନ କରନ୍ତି, ନିଯୁକ୍ତ କରନ୍ତି) । ୩/୪

ସମ୍ରାଟ୍ ଯେପରି—"ଏହି ସବୁ ଗ୍ରାମମାନଙ୍କରେ ଅଧିଷ୍ଠିତ ହୁଅ" ଏହି ପ୍ରକାର କହି ଅଧିକାରପ୍ରାପ୍ତ ବ୍ୟକ୍ତିଗଣଙ୍କୁ ନିଯୁକ୍ତ କରନ୍ତି, ଠିକ୍ ସେହିପରି ଏହି (ମୁଖ୍ୟ) ପ୍ରାଣ ଅପର ପ୍ରାଣସମୂହଙ୍କୁ ପୃଥକ୍ ପୃଥକ୍ ସ୍ଥାନରେ ନିଯୁକ୍ତ କରନ୍ତି[2] । ୩/୪

ପାୟୂପସ୍ଥେଽପାନଂ ଚକ୍ଷୁଃଶ୍ରୋତ୍ରେ ମୁଖନାସିକାଭ୍ୟାଂ ପ୍ରାଣଃ ସ୍ୱୟଂ ପ୍ରାତିଷ୍ଠତେ ମଧେ ତୁ ସମାନଃ । ଏଷ ହ୍ୟେତଦ୍ହୁତମନ୍ନଂ ସମଂ ନୟତି ତସ୍ମାଦେତାଃ ସପ୍ତାର୍ଚିଷୋ ଭବନ୍ତି ॥୫॥

ପାୟୁ-ଉପସ୍ଥେ (ଗୁହ୍ୟ ଓ ଜନନେନ୍ଦ୍ରିୟରେ) [ମୂତ୍ର-ପୁରୀଷାଦି ନିର୍ଗମନାର୍ଥ] **ଅପାନମ୍** (ଅପାନ ବାୟୁକୁ) [ନିଯୁକ୍ତ କରନ୍ତି] । ମୁଖ-ନାସିକାଭ୍ୟାମ୍ (ମୁଖ ଓ ନାସିକାପଥଦ୍ୱାରା ନିର୍ଗମନକାରୀ) [ସମ୍ରାଟ ସ୍ଥାନୀୟ] **ସ୍ୱୟଂ ପ୍ରାଣଃ** (ସ୍ୱୟଂ ପ୍ରାଣ) **ଚକ୍ଷୁ-ଶ୍ରୋତ୍ରେ** (ଚକ୍ଷୁ ଓ କର୍ଣ୍ଣରେ) **ପ୍ରାତିଷ୍ଠତେ** (ପ୍ରତିଷ୍ଠିତ ଅଛନ୍ତି) । **ମଧେ ତୁ** (ପ୍ରାଣ ଓ ଅପାନ ମଧ୍ୟସ୍ଥିତ ନାଭିଦେଶରେ) **ସମାନଃ** (ସମାନବାୟୁ [ଅବସ୍ଥାନ କରନ୍ତି])

---

1. ପ୍ର., ୩/୬; ବୃ., ୪/୪/୬; ଛା., ୩/୧୪/୧; ଏଠାରେ ତୃତୀୟ ପ୍ରଶ୍ନର **"କଥମ୍ ଆୟାତି"** ଏହି ଅଂଶର ଉତ୍ତର ପ୍ରଦାନ କରାହେଉଛି ।

2. ୩/୪-୬ ପର୍ଯ୍ୟନ୍ତ ମନ୍ତ୍ରସମୂହରେ ତୃତୀୟ ପ୍ରଶ୍ନର **"ଆତ୍ମାନଂ ବା ବିଭଜ୍ୟ କଥଂ ପ୍ରାତିଷ୍ଠତେ"** ଏହି ଅଂଶର ଉତ୍ତର ଦିଆ ହେଉଛି ।

ହି ଏଷଃ (କାରଣ ଏହି ସମାନବାୟୁ ହିଁ) **ଏତତ୍** (ଏହି) **ହୁତମ୍ ଅନ୍ନମ୍** (ଦେହସ୍ଥ ଜଠରାଗ୍ନିରେ ହୁତ, ଅର୍ଥାତ୍ ଭୁକ୍ତ ଓ ପୀତ, ଅନ୍ନକୁ) **ସମମ୍ ନୟତି** (ସମତା ପ୍ରାପ୍ତ କରାଇଥାଏ) । **ତସ୍ମାତ୍** ([ସେହି ପୀତ ଓ ଭୁକ୍ତ ଦ୍ରବ୍ୟରୂପକ ଇନ୍ଧନଶାଳୀ ଅଗ୍ନି ଯେତେବେଳେ ଜଠରରୁ ହୃଦୟଦେଶରେ ଉପସ୍ଥିତ ହୁଏ, ସେତେବେଳେ] ତାହାଠାରୁ) **ଏତାଃ** (ଏହି ସକଳ) **ସପ୍ତ-ଅର୍ଚିଷଃ** (ସାତୋଟି ଶିଖା, ଅର୍ଥାତ୍ ଦୁଇ ଚକ୍ଷୁ, ଦୁଇ କର୍ଣ୍ଣ, ଦୁଇ ନାସିକା, ଓ ରସନେନ୍ଦ୍ରିୟ ଦ୍ୱାରା ସମ୍ପାଦିତ ଜ୍ଞାନ) **ଭବନ୍ତି** (ହୁଏ) । [ମୁ., ୨/୧/୧୮] । ୩/୫

(ମୁଖ୍ୟପ୍ରାଣ) ଗୁହ୍ୟ ଓ ଜନନେନ୍ଦ୍ରିୟରେ ଅପାନବାୟୁକୁ (ନିଯୁକ୍ତ କରନ୍ତି); ମୁଖ ଓ ନାସିକାମାର୍ଗରେ ଗମନକାରୀ ସ୍ୱୟଂ ପ୍ରାଣ ଚକ୍ଷୁ ଓ କର୍ଣ୍ଣରେ ଅବସ୍ଥାନ କରନ୍ତି । (ଅପାନ ଓ ପ୍ରାଣ) ମଧ୍ୟରେ ସମାନ ଅବସ୍ଥାନ କରନ୍ତି । (ଏହାର ନାମ) ସମାନ, କାରଣ ଏହି ସମାନବାୟୁ ହିଁ (ଜଠରାଗ୍ନିରେ) ହୁତ ଖାଦ୍ୟ ଓ ପାନୀୟ ବସ୍ତୁକୁ ସମତା ପ୍ରାପ୍ତ କରାଏ । ସେହି ଅଗ୍ନିଠାରୁ ଏହି ସାତଟି ଶିଖା ନିର୍ଗତ ହୁଏ (ଅର୍ଥାତ୍ ଇନ୍ଦ୍ରିୟ ଦ୍ୱାରା ବିଷୟ ପ୍ରକାଶ ହୁଏ) । ୩/୫

ହୃଦି ହ୍ୟେଷ ଆତ୍ମା । ଅତ୍ରୈତଦେକଶତଂ ନାଡୀନାମ୍ ତାସାଂ ଶତଂ ଶତମେକୈକସ୍ୟାଂ ଦ୍ୱାସପ୍ତତିର୍ଦ୍ୱାସପ୍ତତିଃ ପ୍ରତିଶାଖାନାଡୀସହସ୍ରାଣି ଭବନ୍ତ୍ୟାସୁ ବ୍ୟାନଶ୍ଚରତି ॥୬॥

ହୃଦି ହି (ହୃଦୟାକାଶରେ ହିଁ) **ଏଷଃ ଆତ୍ମା** (ଏହି ଜୀବାତ୍ମା ବା ଲିଙ୍ଗାତ୍ମା) [ବାସ କରନ୍ତି] **ଅତ୍ର** (ଏହି ହୃଦୟରେ) **ନାଡୀନାମ୍** (ପ୍ରଧାନ ଶିରାସମୂହର) **ଏତତ୍** (ଏହି) **ଏକଶତମ୍** (ଏକଶତ ଏକ ସଂଖ୍ୟା ଅଛି) । **ତାସାମ୍** (ସେଗୁଡ଼ିକ ମଧ୍ୟରେ) **ଏକ-ଏକସ୍ୟାଃ** (ପ୍ରତ୍ୟେକଟିର) **ଶତମ୍ ଶତମ୍** (ଶହେ ଶହେ କରି ଶାଖାରୂପକ ଭାଗ ଅଛି); **ପ୍ରତିଶାଖା-ନାଡୀ-ସହସ୍ରାଣି ଦ୍ୱାସପ୍ତତିଃ ଦ୍ୱାସପ୍ତତିଃ** (ଶାଖା-ନାଡ଼ୀରେ ପୁଣି ବାଷ୍ଠରି ହଜାର ପ୍ରଶାଖାରୂପକ ଭାଗ) **ଭବନ୍ତି** (ହୁଏ); **ଆସୁ** (ଏହି ନାଡ଼ୀସମୂହରେ) **ବ୍ୟାନଃ** (ବ୍ୟାନବାୟୁ) **ଚରତି** (ବିଚରଣ କରେ) । ୩/୬

ହୃଦୟାକାଶରେ ହିଁ ଏହି ଲିଙ୍ଗାତ୍ମା[1] ବାସ କରନ୍ତି । ଏହି ହୃଦୟରେ ଏକଶତ ଏକ ପ୍ରଧାନ ଶିରା ଅଛି । ସେଗୁଡ଼ିକର ପ୍ରତ୍ୟେକଟିର ଏକଶତ ଶାଖାରୂପକ ଭାଗ

1. ଲିଙ୍ଗଶରୀର ଆତ୍ମାର ଉପାଧି ବୋଲି ତାହାକୁ ମଧ୍ୟ ଆତ୍ମା କୁହାଯାଇଛି ।

ଅଛି । ପ୍ରତ୍ୟେକ ଶାଖାନାଡ଼ୀ ପୁଣି ବାସ୍ତରି ହଜାର ପ୍ରଶାଖାରେ ବିଭକ୍ତ । ଏହି ନାଡ଼ିସମୂହରେ[1] ବ୍ୟାନବାୟୁ[2] ବିଚରଣ କରେ । ୩/୬

ଅଥୈକୟୋର୍ଧ୍ୱ ଉଦାନଃ ପୁଣ୍ୟେନ ପୁଣ୍ୟଂ ଲୋକଂ ନୟତି ପାପେନ ପାପମୁଭାଭ୍ୟାମେବ ମନୁଷ୍ୟଲୋକମ୍ ॥୭॥

ଅଥ (ତଥା) **ଏକୟା** (ଏକଶତ ଏକଗୋଟି ନାଡ଼ୀ ମଧ୍ୟରେ ଯେଉଁଟି ଊର୍ଦ୍ଧ୍ୱମୁଖୀ ସୁଷୁମ୍ନାନାମକ ନାଡ଼ୀ ସେହି ନାଡ଼ୀ-ଅବଲମ୍ବନରେ) **ଊର୍ଧ୍ୱଃ** (ଊର୍ଦ୍ଧ୍ୱଗାମୀ ହୋଇ) **ଉଦାନଃ** (ଉଦାନବାୟୁ) **ପୁଣ୍ୟେନ** (ଶାସ୍ତ୍ରବିହିତ ପୁଣ୍ୟକର୍ମ ଫଳରେ) **ପୁଣ୍ୟମ୍ ଲୋକମ୍** (ସ୍ୱର୍ଗାଦି ପୁଣ୍ୟଲୋକ) **ନୟତି** (ପ୍ରାପ୍ତ କରାଇଥାଏ) **ପାପେନ** (ଏବଂ ପାପକର୍ମ ଫଳରେ) **ପାପମ୍** (ନରକ ଓ ହୀନଯୋନି ପ୍ରଭୃତି) **ଉଭାଭ୍ୟାମ୍ ଏବ** (ପାପ-ପୁଣ୍ୟ ଉଭୟ ସମାନ ହେଲେ ତଦ୍ଦ୍ୱାରା) **ମନୁଷ୍ୟଲୋକମ୍** (ମନୁଷ୍ୟ-ଲୋକ) [ପ୍ରାପ୍ତ କରାଏ] । ୩/୭

ତଥା ସୁଷୁମ୍ନାନାମକ ଗୋଟିଏ ନାଡ଼ୀ-ଅବଲମ୍ବନରେ ଊର୍ଦ୍ଧ୍ୱଗାମୀ ହୋଇ ଉଦାନବାୟୁ[3] ପୁଣ୍ୟକର୍ମ ଦ୍ୱାରା ପୁଣ୍ୟଲୋକ, ପାପଦ୍ୱାରା ପାପଲୋକ ଏବଂ ପାପପୁଣ୍ୟର ସାମ୍ୟଦ୍ୱାରା ମନୁଷ୍ୟଲୋକ ପ୍ରାପ୍ତ କରାଏ ।[4] ୩/୭

ଆଦିତ୍ୟୋ ହ ବୈ ବାହ୍ୟଃ ପ୍ରାଣ ଉଦୟତ୍ୟେଷ ହ୍ୟେନଂ ଚାକ୍ଷୁଷଂ ପ୍ରାଣମନୁଗୃହ୍ଣାନଃ । ପୃଥିବ୍ୟାଂ ୟା ଦେବତା ସୈଷା ପୁରୁଷସ୍ୟାପାନମବଷ୍ଟଭ୍ୟାନ୍ତରା ୟଦାକାଶଃ ସ ସମାନୋ ବାୟୁର୍ବ୍ୟାନଃ ॥୮॥

[୩/୮-୯ରେ **"କଥଂ ବାହ୍ୟମଭିଧତ୍ତେ କଥମଧ୍ୟାତ୍ମମ୍"** ପ୍ରଶ୍ନର ଉତ୍ତର ପ୍ରଦତ୍ତ ହେଉଅଛି]—**ଆଦିତ୍ୟଃ ହ ବୈ** (ପ୍ରସିଦ୍ଧ ସୂର୍ଯ୍ୟ ହିଁ) **ବାହ୍ୟଃ ପ୍ରାଣଃ** (ବାହ୍ୟ ପ୍ରାଣ, ଅର୍ଥାତ୍ ଦେବତାତ୍ମକ ପ୍ରାଣ) ହିଁ (କାରଣ) **ଏଷଃ** (ଏହି ସୂର୍ଯ୍ୟ) **ଏନମ୍**

---

1. ମୂଳନାଡ଼ୀ ୧୦୧ । ସୁତରାଂ ଶାଖାନାଡ଼ୀ=୧୦୧x୧୦୦=୧୦୧୦୦; ପ୍ରଶାଖା ନାଡ଼ୀ=୧୦୧୦୦x୭୨୦୦୦=୭୨୭୨୦୦୦୦୦; ଅତଏବ ମୋଟ ୭୨୭୨୧୦୨୦୧ ନାଡ଼ୀ ।

2. ନାଡ଼ୀସମୂହ ସର୍ବଦେହବ୍ୟାପୀ ବୋଲି ବ୍ୟାନ ମଧ୍ୟ ସର୍ବଦେହ ବ୍ୟାପୀ । ସନ୍ଧିଦେଶ, ସ୍କନ୍ଧ ଓ ମର୍ମସ୍ଥାନସମୂହରେ ଏବଂ ବିଶେଷତଃ ପ୍ରାଣ ଓ ଅପାନ-ବୃତ୍ତିର ମଧ୍ୟସ୍ଥଳରେ ଏହି ବ୍ୟାନବୃତ୍ତିର ପ୍ରକାଶ । ଶ୍ରମଯୁକ୍ତ କର୍ମରେ ଲୋକମାନେ ବ୍ୟାନର ସାହାଯ୍ୟ ଗ୍ରହଣ କରନ୍ତି ।

3. ପାଦତଳଠାରୁ ମସ୍ତକ ପର୍ଯ୍ୟନ୍ତ ଏହାର ବୃତ୍ତି । ଏହା ଦ୍ୱାରା ଉତ୍କ୍ରମଣ ହୁଏ ।

4. ଏହା **"କେନ ଉତ୍କ୍ରମତେ"** ପ୍ରଶ୍ନର ଉତ୍ତର ।

(ଏହି ଆଧ୍ୟାତ୍ମିକ) **ଚାକ୍ଷୁଷମ୍** (ଚକ୍ଷୁରେ ଅଧିଷ୍ଠିତ) **ପ୍ରାଣମ୍** (ପ୍ରାଣକୁ) **ଅନୁଗୃହ୍ଣାନଃ** (ଅନୁଗୃହୀତ କରି, ରୂପ ପ୍ରକାଶନାର୍ଥ ଚକ୍ଷୁକୁ ଆଲୋକ ପ୍ରଦାନ କରି) **ଉଦୟତି** (ଉଦିତ ହୁଅନ୍ତି) । **ପୃଥିବ୍ୟାମ୍** (ପୃଥିବୀରେ ଅଭିମାନିନୀ) **ୟା** (ଯେଉଁ) **ଦେବତା** ([ଅଗ୍ନି] ଦେବତା) **ସା ଏଷା** (ସେହି ଏହି ଦେବତା) **ପୁରୁଷସ୍ୟ** (ପୁରୁଷଙ୍କର) **ଅପାନମ୍** (ଅପାନବୃତ୍ତିକୁ) **ଅବଷ୍ଟଭ୍ୟ** (ବଶୀକୃତ କରି, ଅର୍ଥାତ୍ ଅଧୋଦିଗକୁ ଆକର୍ଷଣରୂପକ ଅନୁଗ୍ରହ କରି) [ଶରୀରରେ ରହିଛନ୍ତି, ଅର୍ଥାତ୍ ସେହି ଆକର୍ଷଣ ନ ରହିଲେ ଶରୀର ଗୁରୁତ୍ୱ-ହେତୁ ପତିତ ହୋଇଥାଆନ୍ତା କିମ୍ବା ଊର୍ଦ୍ଧ୍ୱକୁ ଉଠି ଯାଇଥାଆନ୍ତା] । **ଅନ୍ତରା** (ଦ୍ୟୁଲୋକ ଏବଂ ପୃଥିବୀ ମଧ୍ୟରେ) **ୟତ୍** (=**ୟଃ**, ଯେଉଁ) **ଆକାଶଃ** (ଆକାଶସ୍ଥ ବାୟୁ) **ସଃ** (ସେ ହିଁ) **ସମାନଃ** ([ଦେହ ମଧ୍ୟସ୍ଥ] ସମାନ, ଅର୍ଥାତ୍ ସମାନବାୟୁକୁ ଅନୁଗୃହୀତ କରି ବିଦ୍ୟମାନ) । **ବାୟୁଃ** (ସାଧାରଣ ବାହ୍ୟବାୟୁ ହିଁ) **ବ୍ୟାନଃ** (ବ୍ୟାନ, ଅର୍ଥାତ୍ ବ୍ୟାନବାୟୁକୁ ଅନୁଗୃହୀତ କରି ରହିଛି; କାରଣ ଉଭୟ ହିଁ ବ୍ୟାପକ) । ୩/୮

ଲୋକପ୍ରସିଦ୍ଧ ସୂର୍ଯ୍ୟ ହିଁ ବାହ୍ୟପ୍ରାଣ, କାରଣ ଏହି ସୂର୍ଯ୍ୟ ହିଁ ଚକ୍ଷୁରେ ଅଧିଷ୍ଠିତ ପ୍ରାଣକୁ ଅନୁଗୃହୀତ କରି ଉଦିତ ହୁଅନ୍ତି । ଯିଏ ପୃଥିବୀରେ ଅଭିମାନିନୀ ଦେବତା, ସେ ହିଁ ପୁରୁଷଙ୍କର ଅପାନବୃତ୍ତିକୁ ସ୍ୱବଶରେ ରଖି ବିଦ୍ୟମାନ । ଦ୍ୟୁଲୋକ ଓ ପୃଥିବୀ ମଧ୍ୟରେ ଯେଉଁ ବାୟୁ ତାହା ହିଁ ସମାନ ।[1] ସାଧାରଣ ବାହ୍ୟ ବାୟୁ ହିଁ ବ୍ୟାନ ।[2] ୩/୮

ତେଜୋ ହ ବା ଉଦାନସ୍ତସ୍ମାଦୁପଶାନ୍ତତେଜାଃ ପୁନର୍ଭବମିନ୍ଦ୍ରିୟୈର୍ମନସି ସମ୍ପଦ୍ୟମାନୈଃ ॥୯॥

ତେଜଃ ହ ବୈ (ଯାହା ପ୍ରସିଦ୍ଧ ସାମାନ୍ୟାକାର ବାହ୍ୟ ତେଜ ତାହା ହିଁ) **ଉଦାନଃ** (ଉଦାନ, ଅର୍ଥାତ୍ ଉଦାନବାୟୁକୁ ଅନୁଗୃହୀତ କରି ରହିଛି) **ତସ୍ମାତ୍** ([ଯେହେତୁ ଉତ୍କ୍ରମଣର କର୍ତ୍ତା ଉଦାନବାୟୁ ସ୍ୱଭାବତଃ ହିଁ ତେଜଃସ୍ୱରୂପ ଏବଂ ବାହ୍ୟତେଜ ଦ୍ୱାରା ଅନୁଗୃହୀତ ଅର୍ଥାତ୍ ବାହ୍ୟତେଜର ଅନୁଗ୍ରହର ଅଭାବ ହେଲେ ଜୀବ ଉତ୍କ୍ରମଣ କରେ], ସୁତରାଂ) **ଉପଶାନ୍ତ ତେଜାଃ** (ସ୍ୱାଭାବିକ ତେଜ ଯାହାର ଉପଶାନ୍ତ ବା କ୍ଷୀଣ ହୋଇଅଛି ସେହି ମୁମୂର୍ଷୁ ବ୍ୟକ୍ତି) [ଶରୀର ତ୍ୟାଗ କରି]

1. ବାହ୍ୟ ସମାନବାୟୁ ଦ୍ୟୁଲୋକ ଓ ପୃଥିବୀ ମଧ୍ୟରେ ଏବଂ ଦେହସ୍ଥ ସମାନବାୟୁ ଶରୀରର ଅଭ୍ୟନ୍ତରରେ ଅବସ୍ଥିତ—ଏହି ମଝିରେ ରହିବାରୂପକ ସାଦୃଶ୍ୟ ହିଁ ସମାନର ଅନୁଗ୍ରହ ।

2. ଦେହରେ ଓ ବାହାରେ ବ୍ୟାପ୍ତିରୂପକ ସାଦୃଶ୍ୟ ହିଁ ବ୍ୟାନର ଅନୁଗ୍ରହ ।

ମନସି (ମନରେ) **ସମ୍ପଦ୍ୟମାନୈଃ** (ପ୍ରବିଷ୍ଟ) **ଇନ୍ଦ୍ରିୟୈଃ** (ଇନ୍ଦ୍ରିୟଗଣଙ୍କ ସହିତ) **ପୁନଃ ଭବମ୍** (ଶରୀରାନ୍ତର) [ପ୍ରାପ୍ତ ହୁଏ] । ୩/୯

ଲୋକ ପ୍ରସିଦ୍ଧ ସାମାନ୍ୟାକାର ତେଜ ହିଁ[1] ଉଦାନ । ସେଥିପାଇଁ ଯାହାର ସ୍ୱାଭାବିକ ତେଜ ଶାନ୍ତ ହୋଇଛି, ସେ (ଶରୀର ତ୍ୟାଗ କରି) ମନ ମଧ୍ୟରେ ପ୍ରବିଷ୍ଟ ଇନ୍ଦ୍ରିୟଗଣଙ୍କ ସହିତ ଶରୀରାନ୍ତର ପ୍ରାପ୍ତ ହୁଏ[2] । ୩/୯

ୟଚ୍ଚିତ୍ତସ୍ତେନୈଷ ପ୍ରାଣମାୟାତି ପ୍ରାଣସ୍ତେଜସା ଯୁକ୍ତଃ ସହାତ୍ମନା ୟଥାସଙ୍କଲ୍ପିତଂ ଲୋକଂ ନୟତି ॥୧୦॥

[କର୍ମଜ୍ଞାନାଦି ସାଧନକାଳରେ] **ଏଷଃ** (ଏହି ଜୀବ) **ୟତ୍-ଚିତ୍ତଃ** (ଯେଉଁପ୍ରକାର ଶରୀର ଉତ୍ତମ ବୋଲି ଚିନ୍ତା କରିଅଛି) [ମରଣକାଳରେ] **ତେନ** (ସେହି ସଂକଳ୍ପ ଓ ସଂକଳ୍ପର ସାଧନ ଇନ୍ଦ୍ରିୟଗଣଙ୍କ ସହିତ) **ପ୍ରାଣମ୍** (ମୁଖ୍ୟପ୍ରାଣର ବୃତ୍ତକୁ) **ଆୟାତି** (ପ୍ରାପ୍ତ ହୁଏ) [ଅପର ଇନ୍ଦ୍ରିୟବୃତ୍ତି କ୍ଷୀଣ ହେବାରୁ ମୁଖ୍ୟ ପ୍ରାଣବୃତ୍ତି-ଅବଲମ୍ବନରେ ଅବସ୍ଥାନ କରିଥାଏ] । **ପ୍ରାଣଃ** (ସେହି ପ୍ରାଣ) **ତେଜସା ଯୁକ୍ତଃ** (ଉଦାନବାୟୁ-ବୃତ୍ତିର [ଉଷ୍ମା] ସହିତ) [ଏବଂ] **ଆତ୍ମନା ସହ** (ଜୀବାତ୍ମା ସହିତ ମିଳିତ ହୋଇ) [ଜୀବକୁ] **ୟଥାସଙ୍କଲ୍ପିତମ୍** (ପୂର୍ବରୁ କରାଯାଇଥିବା ସଂକଳ୍ପ ଅନୁସାରେ) **ଲୋକମ୍** (ଲୋକକୁ) **ନୟତି** (ପ୍ରାପ୍ତ କରାଏ) । ୩/୧୦

ଏହି ଜୀବ ଯେଉଁପ୍ରକାର ବାସନାଯୁକ୍ତ ଥିଲା, ମରଣକାଳରେ ସେହିପ୍ରକାର ସଂକଳ୍ପବିଶିଷ୍ଟ ହୋଇ ପ୍ରାଣବୃତ୍ତିକୁ ଅବଲମ୍ବନ କରିଥାଏ । ପ୍ରାଣ ଉଦାନବାୟୁ ଓ ଜୀବାତ୍ମା ସହିତ ମିଳିତ ହୋଇ ଭୋକ୍ତା ଜୀବକୁ ପୂର୍ବରୁ କରାଯାଇଥିବା ସଂକଳ୍ପ ଅନୁସାରେ ଲୋକକୁ ନେଇଯାଏ ।[3] ୩/୧୦

---

1. ଚକ୍ଷୁରେ ଅଧିଷ୍ଠିତ ସୂର୍ଯ୍ୟ ଏକ ବିଶେଷ ତେଜ, ଏହା କିନ୍ତୁ ସର୍ବସାଧାରଣ ତେଜ ।

2. ଏଠାରେ ଏହା ହିଁ କୁହାହେଲା ଯେ, ମୁଖ୍ୟ ପ୍ରାଣ—ଆଦିତ୍ୟ ଓ ଅଗ୍ନି, (ଆନନ୍ଦଗିରିଙ୍କ ଟୀକା ଅନୁଯାୟୀ) ଆକାଶ, ସାମାନ୍ୟବାୟୁ ଓ ତେଜୋରୂପୀ ହୋଇ—ଅଧିଦୈବ ଆଦିତ୍ୟ ଓ ପୃଥିବୀ ପ୍ରଭୃତିରେ ଧାରଣ କରନ୍ତି, ଅର୍ଥାତ୍ ସେପରି ଅବସ୍ଥାନ କରନ୍ତି ଏବଂ ପ୍ରାଣାପାନାଦିକୁ ଅନୁଗୃହୀତ କରନ୍ତି । ପ୍ରାଣାପାନାଦିଙ୍କୁ ଅନୁଗୃହୀତ କରି ଚକ୍ଷୁପ୍ରଭୃତିଙ୍କୁ ମଧ୍ୟ ଅନୁଗୃହୀତ କରନ୍ତି । ସୁତରାଂ ଅଧିଭୂତ ରୂପାଦି ରୂପରେ ମଧ୍ୟ ମୁଖ୍ୟପ୍ରାଣ ହିଁ ବିଦ୍ୟମାନ । ଏହିପ୍ରକାରରେ ପ୍ରାଣ ହିଁ ସର୍ବାତ୍ମକ । ପ୍ର., ୨/୫-୧୩

3. ଛା., ୬/୮/୬; ମୃତ୍ୟୁକାଳରେ ବାକ୍-ଇନ୍ଦ୍ରିୟ ମନରେ, ମନ ପ୍ରାଣରେ, ପ୍ରାଣ ଦୈହିକ ତେଜରେ, ତେଜ ପରମ ଦେବତାଙ୍କଠାରେ ଲୀନ ହୁଏ । ଏଠାରେ ଶରୀରାନ୍ତର-ପ୍ରାପ୍ତିର କ୍ରମ ପ୍ରଦର୍ଶିତ ହେଲା ।

ୟ ଏବଂ ବିଦ୍ୱାନ୍ ପ୍ରାଣଂ ବେଦ ନ ହାସ୍ୟ ପ୍ରଜା ହୀୟତେଽମୃତୋ ଭବତି ତଦେଷ ଶ୍ଲୋକଃ ॥୧୧॥

[ପ୍ରାଣର ସ୍ୱରୂପ ନିର୍ଣ୍ଣୟ କରି ଅଧୁନା ତାଙ୍କର ଉପାସନା ବିହିତ ହେଉଅଛି]—**ୟଃ** (ଯେକୌଣସି) **ବିଦ୍ୱାନ୍** (ବିଦ୍ୱାନ୍) **ଏବମ୍** (ଉକ୍ତ ପ୍ରକାରରେ)—**ପ୍ରାଣମ୍** (ପ୍ରାଣକୁ) **ବେଦ** (ଉପାସନା କରନ୍ତି) **ଅସ୍ୟ** (ସେହି ବିଦ୍ୱାନଙ୍କର) **ପ୍ରଜାଃ** (ପୁତ୍ରପୌତ୍ରାଦି) **ନ ହ ହୀୟତେ** (ଅବଶ୍ୟ ହିଁ ବିଚ୍ଛିନ୍ନ ହୁଅନ୍ତି ନାହିଁ); **ଅମୃତଃ ଭବତି** (ସେ ଅମର ଅର୍ଥାତ୍ ପ୍ରାଣ ସହିତ ସାଯୁଜ୍ୟପ୍ରାପ୍ତ ହୁଅନ୍ତି) । **ତତ୍** (ଉକ୍ତ ବିଷୟରେ) **ଏଷଃ** (ଏହି) **ଶ୍ଲୋକଃ** (ମନ୍ତ୍ର ଅଛି) । ୩/୧୧

ଯେକୌଣସି ବିଦ୍ୱାନ୍ ପ୍ରାଣକୁ ଏହିପରି ଉପାସନା କରନ୍ତି ତାଙ୍କର କେବେ ମଧ୍ୟ ପୁତ୍ରପୌତ୍ରାଦି ବିଚ୍ଛେଦ ହୁଏ ନାହିଁ; ସେ (ପ୍ରାଣ ସହିତ ସାଯୁଜ୍ୟଲାଭରୂପକ) ଅମରତ୍ୱ ପ୍ରାପ୍ତ ହୁଅନ୍ତି[1] । ଏହି ବିଷୟରେ ଏହି ଶ୍ଲୋକ ଅଛି—। ୩/୧୧

ଉତ୍ପତ୍ତିମାୟତିଂ ସ୍ଥାନଂ ବିଭୁତ୍ୱଂ ଚୈବ ପଞ୍ଚଧା ।
ଅଧ୍ୟାତ୍ମଂ ଚୈବ ପ୍ରାଣସ୍ୟ ବିଜ୍ଞାୟାମୃତମଶ୍ନୁତେ
ବିଜ୍ଞାୟାମୃତମଶ୍ନୁତ ଇତି ॥୧୨॥

ଇତି ପ୍ରଶ୍ନୋପନିଷଦି ତୃତୀୟଃ ପ୍ରଶ୍ନଃ ॥

ପ୍ରାଣସ୍ୟ (ପ୍ରାଣର) **ଉତ୍ପତ୍ତିମ୍** (ପରମାତ୍ମାଙ୍କଠାରୁ ଉତ୍ପତ୍ତି) **ଆୟତିମ୍** (=**ଆୟାତିମ୍**, ଧର୍ମାଧର୍ମାନୁସାରେ ଶରୀରରେ ଆଗମନ) **ସ୍ଥାନମ୍** (ପାୟୁ ଉପସ୍ଥ ପ୍ରଭୃତି ସ୍ଥାନରେ ଅବସ୍ଥାନ) **ପଞ୍ଚଧା ବିଭୁତ୍ୱମ୍ ଚ ଏବ** (ପ୍ରାଣବୃତ୍ତି-ସମୂହଙ୍କୁ ପ୍ରଭୁଙ୍କ ସଦୃଶ ପାଞ୍ଚପ୍ରକାରରେ ସ୍ଥାପନ) **ଅଧ୍ୟାତ୍ମମ୍** (ଶରୀରରେ ଚକ୍ଷୁରାଦିରୂପରେ ଅବସ୍ଥାନ) **ଚ ଏବ** (ଏବଂ ବାହାରେ ସୂର୍ଯ୍ୟାଦିରୂପରେ ଅବସ୍ଥାନ) **ବିଜ୍ଞାୟ** (ଜାଣି) **ଅମୃତମ୍** (ଅମରତ୍ୱ) **ଅଶ୍ନୁତେ** (ପ୍ରାପ୍ତ ହୁଅନ୍ତି) । [ପ୍ରଶ୍ନର ସମାପ୍ତି ବୁଝାଇବା ପାଇଁ ଦ୍ୱିରୁକ୍ତି ହୋଇଛି] । ୩/୧୨

---

1. ସକାମ ଉପାସକ ପକ୍ଷରେ ପୁତ୍ରପୌତ୍ରାଦି ଲୌକିକ ଫଳ ଓ ପ୍ରାଣସାଯୁଜ୍ୟରୂପକ ଅଲୌକିକ ଫଳ ଲାଭ ହୁଏ । ନିଷ୍କାମ ଉପାସକ କିନ୍ତୁ ଚିତ୍ତର ଏକାଗ୍ରତା ଲାଭ କରି ଶୁଦ୍ଧଚିତ୍ତ ହୁଅନ୍ତି ଏବଂ କ୍ରମଶଃ ମୁଖ୍ୟ ଅମରତ୍ୱ ଲାଭ କରନ୍ତି ।

ପ୍ରାଣର ଉତ୍ପତ୍ତି, ଆଗମନ, ଅବସ୍ଥିତି, ପଞ୍ଚପ୍ରକାରରେ ପ୍ରଭୁତ୍ୱ ଏବଂ ଆଧ୍ୟାତ୍ମିକ ଓ ଆଧିଦୈବିକ ରୂପ ଜାଣି (ଅର୍ଥାତ୍ ଉକ୍ତରୂପେ[1] ପ୍ରାଣର ଉପାସନା କରି ବିଦ୍ୱାନ୍) ଅମରତ୍ୱ ପ୍ରାପ୍ତ ହୁଅନ୍ତି । ୩/୧୨

॥ ପ୍ରଶ୍ନୋପନିଷଦ୍‌ର ତୃତୀୟ ପ୍ରଶ୍ନ ସମାପ୍ତ ॥

---

1. "ଆତ୍ମାଠାରୁ ପ୍ରାଣ ଜାତ ହୁଅନ୍ତି; ଧର୍ମାଧର୍ମ-ଫଳରେ ଶରୀର ଗ୍ରହଣ କରନ୍ତି; ନିଜକୁ ପାଞ୍ଚଭାଗରେ ବିଭକ୍ତ କରି ସ୍ୱକୀୟ ସ୍ୱରୂପଭୂତ ଅପାନକୁ ପାୟୁ ଓ ଉପସ୍ଥରେ, ପ୍ରାଣକୁ ଚକ୍ଷୁ ଓ କର୍ଣ୍ଣରେ, ସମାନକୁ ନାଭିପ୍ରଦେଶରେ, ବ୍ୟାନକୁ ନାଡ଼ୀ ସମୂହରେ ଓ ଉଦାନକୁ ସୁଷୁମ୍ନା ମଧ୍ୟରେ ସ୍ଥାପନ କରନ୍ତି । ଉଦାନ ଅବଲମ୍ବନରେ ଉତ୍‌କ୍ରମଣ କରନ୍ତି । ପ୍ରାଣ, ଅପାନ, ବ୍ୟାନ, ସମାନ ଓ ଉଦାନର ଅନୁଗ୍ରାହକ ଅଧିଦୈବତ ଆଦିତ୍ୟ, ପୃଥିବୀ, ଆକାଶ, ବାୟୁ ଓ ତେଜ—ଏହି ବାହ୍ୟ ରୂପ ଅବଲମ୍ବନରେ ପ୍ରାଣ ପଞ୍ଚପ୍ରାଣକୁ ଧାରଣ କରନ୍ତି । ଚକ୍ଷୁ ପ୍ରଭୃତି ପ୍ରାଣାଦିସ୍ୱରୂପ ବୋଲି ସେମାନଙ୍କ ଦ୍ୱାରା ଗ୍ରାହ୍ୟ ଅଧିଭୂତ ବିଷୟସକଳକୁ ମଧ୍ୟ ପ୍ରାଣ ହିଁ ଧାରଣ କରନ୍ତି ।"

ଚତୁର୍ଥ ପ୍ରଶ୍ନ

ଅଥ ହୈନଂ ସୌର୍ଯ୍ୟାୟଣୀ ଗାର୍ଗ୍ୟଃ ପପ୍ରଚ୍ଛ । ଭଗବନ୍ ଏତସ୍ମିନ୍ ପୁରୁଷେ କାନି ସ୍ୱପନ୍ତି କାନ୍ୟସ୍ମିଞ୍ଜାଗ୍ରତି କତର ଏଷ ଦେବଃ ସ୍ୱପ୍ନାନ୍ ପଶ୍ୟତି, କସ୍ୈୟତତ୍ ସୁଖଂ ଭବତି କସ୍ମିନ୍ନୁ ସର୍ବେ ସମ୍ପ୍ରତିଷ୍ଠିତା ଭବନ୍ତୀତି ॥ ୧ ॥

[ପୂର୍ବ ପ୍ରଶ୍ନତ୍ରୟରେ ଅପରାବିଦ୍ୟାର ଗୋଚରୀଭୂତ ବିଷୟସମୂହ, ଅର୍ଥାତ୍ ସାଧ୍ୟ ଓ ସାଧନାସହିତ ସଂଶ୍ଳିଷ୍ଟ ଅନିତ୍ୟ ସଂସାର ଆଲୋଚିତ ହୋଇଅଛି । ଅନନ୍ତର ପରାବିଦ୍ୟା ବିଷୟୀଭୂତ ଓ ସାଧନାଦିବିରହିତ ଅକ୍ଷର ପୁରୁଷଙ୍କ ଉପଦେଶ ପାଇଁ ପରବର୍ତ୍ତୀ ପ୍ରଶ୍ନତ୍ରୟର ଅବତାରଣା କରାହେଉଛି । ଏହି ପ୍ରଶ୍ନରେ ମୁଣ୍ଡକ ଉପ. ୨/୧/୧ ବିଷୟଟିର ବିସ୍ତାର କରାଯାଉଛି]—**ଅଥ ହ** (ଅତଃପର) **ଗାର୍ଗ୍ୟଃ** (ଗର୍ଗଗୋତ୍ରୀୟ) **ସୌର୍ଯ୍ୟାୟଣୀ** (ସୂର୍ଯ୍ୟଙ୍କ ପୌତ୍ର ସୌର୍ଯ୍ୟାୟଣି) **ଏନମ୍** (ଏହାଙ୍କୁ, ପିପ୍ପଲାଦଙ୍କୁ) **ପପ୍ରଚ୍ଛ** (ଜିଜ୍ଞାସା କଲେ, ପଚାରିଲେ)—**ଭଗବନ୍** (ହେ ଭଗବନ୍) **ଏତସ୍ମିନ୍** (ଏହି) **ପୁରୁଷେ** (ହସ୍ତପଦାଦିଯୁକ୍ତ ପୁରୁଷଶରୀରରେ) **କାନି** (କେଉଁମାନେ, ଅର୍ଥାତ୍ କେଉଁ କେଉଁ ଇନ୍ଦ୍ରିୟ) **ସ୍ୱପନ୍ତି** (ନିଦ୍ରା ଯାଆନ୍ତି, ନିଜ ବିଷୟରୁ ବିରତ ହୁଅନ୍ତି) ? **ଅସ୍ମିନ୍** (ଏଥିରେ) **କାନି** (କେଉଁମାନେ) **ଜାଗ୍ରତି** (ଜାଗ୍ରତ୍ ରହନ୍ତି, ନିଜ ନିଜ କାର୍ଯ୍ୟ କରୁଥାଆନ୍ତି) ? **କତର** (କାର୍ଯ୍ୟ ଓ କାରଣ ମଧ୍ୟରେ କେଉଁ) **ଏଷଃ ଦେବଃ** (ଏହି ଦେବତା) **ସ୍ୱପ୍ନାନ୍** (ସ୍ୱପ୍ନସମୂହ) **ପଶ୍ୟତି** (ଦର୍ଶନ କରନ୍ତି) ? **କସ୍ୟ** (କାହାର) **ଏତତ୍ ସୁଖମ୍** (ସୁଷୁପ୍ତିରେ ପ୍ରକାଶ ପାଉଥିବା ଏହି ଅବ୍ୟାହତ ସୁଖାନୁଭୂତି) **ଭବତି** (ହୁଏ) ? **କସ୍ମିନ୍ ନୁ** (କାହାଠାରେ ଅବା) **ସର୍ବେ** (ସମସ୍ତେ) **ସମ୍ପ୍ରତିଷ୍ଠିତାଃ** (ଏକୀଭୂତ, ତଦାତ୍ମଭୂତ) **ଭବନ୍ତି ଇତି** (ହୁଅନ୍ତି) । ୪/୧

ଅନନ୍ତର ଗର୍ଗଗୋତ୍ରୀୟ ସୌର୍ଯ୍ୟାୟଣି ପିପ୍ପଲାଦଙ୍କୁ ପ୍ରଶ୍ନ କଲେ—ହେ ଭଗବନ୍, ଏହି ପୁରୁଷଶରୀରରେ କେଉଁ କେଉଁ ଇନ୍ଦ୍ରିୟମାନେ ନିଦ୍ରା ଯାଆନ୍ତି ?[1]

---

1. ଜାଗ୍ରତ୍-ଅବସ୍ଥାରୂପକ ଧର୍ମର ଧର୍ମୀ କେଉଁମାନେ ? ଏହାର ଉତ୍ତର ୪/୨ରେ ଦ୍ରଷ୍ଟବ୍ୟ । ସ୍ୱପ୍ନାବସ୍ଥାରେ ଶରୀର ଓ ଇନ୍ଦ୍ରିୟାଦିର କାର୍ଯ୍ୟ ଶାନ୍ତ ହେଲେ ଜାଗ୍ରତ୍-ଅବସ୍ଥାର ଅବସାନ ହୁଏ, ଅତଏବ ଜାଗ୍ରତ୍-ଅବସ୍ଥାଟି ଶରୀରାଦିର ଧର୍ମ ହେବା ଯୁକ୍ତିସଙ୍ଗତ—ତାହା ପରମାତ୍ମାଙ୍କ ଧର୍ମ ନୁହେଁ । ଜାଗ୍ରତ୍-ଅବସ୍ଥାଦି ଧର୍ମୀ ଆତ୍ମା ନୁହନ୍ତି, ଏହା ନ ବୁଝାଇଲେ ଲୋକଙ୍କ ଭ୍ରମ ବିଦୂରିତ ହେବ ନାହିଁ ବୋଲି ଆତ୍ମାଙ୍କୁ ସେହି ଧର୍ମୀଠାରୁ ପୃଥକ୍ କରାହେଉଛି ।

କେଉଁମାନେ ଅବା ଏଥିରେ ଜାଗ୍ରତ୍ ରହନ୍ତି ?[1] (ଦେହ ଓ ଇନ୍ଦ୍ରିୟ ଏହି) ଉଭୟ ମଧ୍ୟରେ କେଉଁ ଦେବତା ସ୍ୱପ୍ନସମୂହ ଦର୍ଶନ କରନ୍ତି ?[2] ଏହି ସୁଖାନୁଭୂତି କାହାର ?[3] କାହାଠାରେ ସମସ୍ତେ ଏକୀଭୂତ ହୁଅନ୍ତି ?[4] ୪/୧

ତସ୍ମି ସ ହୋବାଚ । ୟଥା ଗାର୍ଗ୍ୟ ମରୀଚୟୋଽର୍କସ୍ୟାସ୍ତଂ ଗଚ୍ଛତଃ ସର୍ବା ଏତସ୍ମିଂସ୍ତେଜୋମଣ୍ଡଲ ଏକୀଭବନ୍ତି । ତାଃ ପୁନଃ ପୁନରୁଦୟତଃ ପ୍ରଚରନ୍ତ୍ୟେବଂ ହ ବୈ ତତ୍ ସର୍ବଂ ପରେ ଦେବେ ମନସ୍ୟେକୀଭବତି । ତେନ ତର୍ହ୍ୟେଷ ପୁରୁଷୋ ନ ଶୃଣୋତି ନ ପଶ୍ୟତି ନ ଜିଘ୍ରତି ନ ରସୟତେ ନ ସ୍ପୃଶତେ ନାଭିବଦତେ ନାଦତ୍ତେ ନାନନ୍ଦୟତେ ନ ବିସୃଜତେ ନେୟାୟତେ ସ୍ୱପିତୀତ୍ୟାଚକ୍ଷତେ ॥ ୨ ॥

ସଃ (ସେ, ଋଷି ପିପ୍ପଲାଦ) **ତସ୍ମି** (ତାହାଙ୍କୁ, ସୌର୍ଯ୍ୟାୟଣିଙ୍କୁ) **ଉବାଚ ହ** (କହିଲେ)—**ଗାର୍ଗ୍ୟ** (ହେ ଗାର୍ଗ୍ୟ) **ୟଥା** (ଯେପରି) **ଅର୍କସ୍ୟ ଅସ୍ତମ୍ ଗଚ୍ଛତଃ** (ସୂର୍ଯ୍ୟ ଅସ୍ତଗମନୋନ୍ମୁଖ ହେଲେ) **ସର୍ବାଃ** (ନିଖିଳ) **ମରୀଚୟଃ** (ରଶ୍ମିସମୂହ) **ଏତସ୍ମିନ୍** (ଏହି ପ୍ରତ୍ୟକ୍ଷ ସୂର୍ଯ୍ୟଙ୍କ) **ତେଜଃ-ମଣ୍ଡଲେ** (ଜ୍ୟୋତିର୍ମଣ୍ଡଳରେ) **ଏକୀ-ଭବନ୍ତି** (ଏକୀଭୂତ ହୁଏ, ଅବିଶେଷଭାବ ପ୍ରାପ୍ତ ହୁଏ) **ପୁନଃ** (ପୁନରାୟ) **ପ୍ରଚରନ୍ତି** (ଦଶଦିଗକୁ ବିକୀର୍ଣ୍ଣ ହୁଏ) **ଏବମ୍ ହ ବୈ** (ଏହିପ୍ରକାରରେ) [ସ୍ୱଳ୍ପକାଳରେ] **ତତ୍ସର୍ବମ୍** (ସେହି ସମସ୍ତ) [ବିଷୟ ଓ ଇନ୍ଦ୍ରିୟସକଳ] **ପରେ ଦେବେ** ([ଇନ୍ଦ୍ରିୟାଦି ଦେବତାଙ୍କ ତୁଳନାରେ] ଶ୍ରେଷ୍ଠ ଏବଂ ପ୍ରକାଶଧର୍ମୀ) **ମନସି** (ମନରେ) **ଏକୀ-ଭବତି** (ଏକୀଭୂତ ହୁଏ; ସ୍ୱ ସ୍ୱ ବ୍ୟାପାର ତ୍ୟାଗ କରି ମନର ଅଧୀନ ହୋଇ ଅବସ୍ଥାନ କରେ); **ତେନ** (ସେଥିପାଇଁ) **ତର୍ହି** (ସେହି ସ୍ୱପ୍ନକାଳରେ) **ଏଷଃ** (ଏହି) **ପୁରୁଷଃ** (ସ୍ଥୂଳ ଦେହ) **ନ ଶୃଣୋତି** (ଶୁଣେ ନାହିଁ) **ନ ପଶ୍ୟତି** (ଦେଖେ ନାହିଁ) **ନ ଜିଘ୍ରତି** (ଆଘ୍ରାଣ କରେ ନାହିଁ) **ନ ରସୟତେ** (ଆସ୍ୱାଦନ କରେ ନାହିଁ) **ନ ସ୍ପୃଶତେ** (ସ୍ପର୍ଶ କରେ ନାହିଁ) **ନ ଅଭିବଦତେ** (କଥା କହେ ନାହିଁ) **ନ ଆଦତ୍ତେ** (ଗ୍ରହଣ

1. ଜାଗ୍ରତ୍, ସ୍ୱପ୍ନ ଓ ସୁଷୁପ୍ତି—ଏହି ଅବସ୍ଥାତ୍ରୟରେ ଶରୀର ରକ୍ଷାରୂପକ ଧର୍ମଟି କାହାର ? ଏହାର ଉତ୍ତର—୪/୩-୪ ରେ ଦ୍ର. । ଏହା ପ୍ରାଣର ଧର୍ମ, ଆତ୍ମାର ନୁହେଁ ।

2. ସ୍ୱପ୍ନରୂପକ ଧର୍ମର ଧର୍ମୀ କିଏ ? ଉତ୍ତର—୪/୫

3. ସୁଷୁପ୍ତିରୂପକ ଧର୍ମର ଧର୍ମୀ କିଏ ? ଇତ୍ତର—୪/୬, ୩ୟ ଟୀକା ସୁନିଦ୍ରାରୁ ଜାଗି ଉଠି ସ୍ମରଣ ହୁଏ, "ମୁଁ ସୁଖରେ ନିଦ୍ରା ଯାଇଥିଲି"; ସୁତରାଂ ସୁଷୁପ୍ତି ସହିତ ଆନନ୍ଦର ସମ୍ବନ୍ଧ ଅଛି ।

4. ଯିଏ ଅବସ୍ଥାତ୍ରୟରୁ ବିନିର୍ମୁକ୍ତ ଏବଂ ଅବସ୍ଥାତ୍ରୟର ପର୍ଯ୍ୟବସାନସ୍ୱରୂପ ସେ କିଏ ? ଉତ୍ତର—୪/୭-୯

କରେ ନାହିଁ) **ନ ଆନନ୍ଦୟତେ** (ରମଣ କରେ ନାହିଁ) **ନ ବିସୃଜତେ** (ପୁରୀଷାଦି ତ୍ୟାଗ କରେ ନାହିଁ) **ନ ଇୟାୟତେ** (ଚାଲେ ନାହିଁ) **ଆଚକ୍ଷତେ** (ଲୋକେ କହନ୍ତି) **ସ୍ୱପିତି ଇତି** (ସେ ଶୋଇଛନ୍ତି) । ୪/୨

ଋଷି ପିପ୍ପଲାଦ ତାଙ୍କୁ କହିଲେ—ହେ ଗାର୍ଗ୍ୟ, ଅସ୍ତଗାମୀ ସୂର୍ଯ୍ୟର କିରଣରାଶି ଯେପରି ଏହି ସୂର୍ଯ୍ୟମଣ୍ଡଳରେ ଏକୀଭୂତ ହୁଏ ଓ ପୁନରାୟ ସୂର୍ଯ୍ୟ ଉଦୟୋନ୍ମୁଖ ହେଲେ ସେହି କିରଣସମୂହ ସର୍ବଦିଗକୁ ବିକୀର୍ଣ୍ଣ ହୁଏ, ସେହିପରି (ସ୍ୱପ୍ନକାଳରେ) ବିଷୟ-ଇନ୍ଦ୍ରିୟସମୂହ ମଧ୍ୟ ପରମଦେବ ମନରେ ଏକୀଭୂତ ହୁଏ । ସେଥିପାଇଁ ସ୍ୱପ୍ନକାଳରେ ଏହି ପୁରୁଷ ଶୁଣେ ନାହିଁ, ଦେଖେ ନାହିଁ, ସ୍ପର୍ଶ କରେ ନାହିଁ, କଥା କହେ ନାହିଁ, ଗ୍ରହଣ କରେ ନାହିଁ, ଆନନ୍ଦ କରେ ନାହିଁ, ତ୍ୟାଗ କରେ ନାହିଁ ଓ ଚାଲେ ନାହିଁ । ଲୋକେ କହନ୍ତି, "ସେ ଶୋଇଛନ୍ତି ।" ୪/୨

ପ୍ରାଣାଗ୍ନୟ ଏବୈତସ୍ମିନ୍ ପୁରେ ଜାଗ୍ରତି । ଗାର୍ହପତ୍ୟୋ ହ ବା ଏଷୋଽପାନୋ ବ୍ୟାନୋଽନ୍ୱାହାର୍ୟପଚନୋ ୟଦ୍‌ଗାର୍ହପତ୍ୟାତ୍ ପ୍ରଣୀୟତେ ପ୍ରଣୟନାଦାହବନୀୟଃ ପ୍ରାଣଃ ॥୩॥

ଏତସ୍ମିନ୍ (ଏହି) **ପୁରେ** (ନବଦ୍ୱାର ଦେହରେ) **ପ୍ରାଣାଗ୍ନୟଃ ଏବ** (ଅଗ୍ନିସ୍ଥାନୀୟ ପଞ୍ଚ ପ୍ରାଣବୃତ୍ତି ହିଁ) **ଜାଗ୍ରତି** ([ନିଦ୍ରାକାଳରେ] ଜାଗ୍ରତ୍ ଥାଏ) **ଏଷଃ** (ଏହି) **ଅପାନଃ ହ ବୈ** (ଅପାନବାୟୁ ହିଁ) **ଗାର୍ହପତ୍ୟଃ** (ଗାର୍ହପତ୍ୟ ନାମକ ଅଗ୍ନିସ୍ଥାନୀୟ) **ୟତ୍** (ଯେହେତୁ) **ପ୍ରଣୟନାତ୍** (ପ୍ରଣୟନପଦବାଚ୍ୟ, ଅଗ୍ନି-ଗ୍ରହଣାଧିକରଣ [ଗାର୍ହପତ୍ୟ-ଅଗ୍ନି]ଠାରୁ) **ପ୍ରଣୀୟତେ** (ପୃଥକ୍‌ଭାବରେ ଗୃହୀତ ହୁଏ) [ଅତଏବ] **ଆହବନୀୟଃ** (ଆହବନୀୟ-ଅଗ୍ନି) **ପ୍ରାଣଃ** (ପ୍ରାଣ) **ବ୍ୟାନଃ** (ବ୍ୟାନବାୟୁ) **ଅନ୍ୱାହାର୍ୟପଚନଃ** (ଦକ୍ଷିଣାଗ୍ନି) । ୪/୩

ଏହି ଦେହପୁରରେ ଅଗ୍ନିସ୍ଥାନୀୟ ପଞ୍ଚ ପ୍ରାଣବୃତ୍ତିସମୂହ ହିଁ ଜାଗ୍ରତ୍ ରହେ । ଏହି ଅପାନବାୟୁ ହିଁ ଗାର୍ହପତ୍ୟ-ଅଗ୍ନି । ପ୍ରଣୟନପଦବାଚ୍ୟ ଗାର୍ହପତ୍ୟ-ଅଗ୍ନିଠାରୁ ଆହବନୀୟ-ଅଗ୍ନି ପୃଥକ୍‌ରୂପରେ ପ୍ରଣୀତ ହୁଏ ବୋଲି ଆହବନୀୟ ହିଁ ପ୍ରାଣ । ବ୍ୟାନବାୟୁ ହିଁ ଦକ୍ଷିଣାଗ୍ନି[1] । ୪/୩

---

1. ଗୃହସ୍ଥଙ୍କ ପକ୍ଷରେ ଯାବଜ୍ଜୀବନ କର୍ତ୍ତବ୍ୟ ଅଗ୍ନିହୋତ୍ର ଯଜ୍ଞରେ ତିନୋଟି ଅଗ୍ନି ପ୍ରୟୋଜନ ହୁଏ — ଗାର୍ହପତ୍ୟ, ଆହବନୀୟ ଓ ଦକ୍ଷିଣାଗ୍ନି । ଗାର୍ହପତ୍ୟ-ଅଗ୍ନି କେବେ ବି ନିର୍ବାପିତ ହୁଏ ନାହିଁ । ଯଜ୍ଞବେଳେ ଏହି ଗାର୍ହପତ୍ୟଠାରୁ ହିଁ ଅଗ୍ନି ଗ୍ରହଣ କରି ଆହବନୀୟ-ଅଗ୍ନି ପ୍ରଜ୍ୱଳିତ କରାଯାଏ ଏବଂ

ୟଦୁଚ୍ଛ୍ୱାସନିଃଶ୍ୱାସାବେତାବାହୁତୀ ସମଂ ନୟତୀତି ସ ସମାନଃ । ମନୋ ହ ବାବ ୟଜମାନଃ । ଇଷ୍ଟଫଲମେବୋଦାନଃ । ସ ଏନଂ ୟଜମାନମହରହର୍ବ୍ରହ୍ମ ଗମୟତି ॥୪॥

[ହୋତା ଯେପରି ଆହୁତିଦ୍ୱୟକୁ ଆହବନୀୟସମୀପରେ ଆନୟନ କରନ୍ତି, ସେହିପରି ହୋତୃସ୍ଥାନୀୟ ସମାନବାୟୁ ମଧ୍ୟ ଅଗ୍ନିହୋତ୍ରର ଆହୁତି ପରି ଆହୁତିଦ୍ୱୟ ବିଧାନ କରନ୍ତି]—**ଉଚ୍ଛ୍ୱାସ-ନିଃଶ୍ୱାସୌ** (ଶ୍ୱାସ-ପ୍ରଶ୍ୱାସରୂପକ) **ଏତୌ** (ଏହି ଦୁଇଟି) **ଆହୁତୀ** (ଆହୁତିକୁ) [ମୁ., ୧/୨/୩ ଟୀକା] **ୟତ୍** (ଯେହେତୁ) [ଶରୀରର ରକ୍ଷା ପାଇଁ] **ସମମ୍ ନୟତି** (ସମତା ପ୍ରାପ୍ତ କରାଏ) **ଇତି** (ଅତଏବ) **ସଃ** (ସେହି) **ସମାନଃ** (ସମାନ ବାୟୁ ହିଁ) [ହୋତା]; **ମନଃ ହ ବାବ** (ମନ ହିଁ) **ୟଜମାନଃ** ([ଦେହସ୍ଥ ଅଗ୍ନିହୋତ୍ରର] ୟଜମାନ ଅର୍ଥାତ୍ ଯଜ୍ଞଫଳଲାଭକାରୀ) । **ଉଦାନଃ ଏବ** (ଉଦାନ ବାୟୁ ହିଁ) **ଇଷ୍ଟଫଲମ୍** (ଯଜ୍ଞଫଳ); [କାରଣ] **ସଃ** (ସେହି ଉଦାନବାୟୁ) **ଏନମ୍** (ଏହି ମନୋରୂପକ) **ୟଜମାନମ୍** (ଯଜମାନକୁ) **ଅହଃ ଅହଃ** (ପ୍ରତିଦିନ) [ସ୍ୱପ୍ନଦର୍ଶନର ବିରତି ହେଲେ ସୁଷୁପ୍ତିକାଳରେ] **ବ୍ରହ୍ମ** (ବ୍ରହ୍ମ) **ଗମୟତି** (ପ୍ରାପ୍ତ କରାଏ) । ୪/୪

ଯେହେତୁ ସମାନବାୟୁ ଶ୍ୱାସ-ପ୍ରଶ୍ୱାସରୂପକ ଏହି ଦୁଇଟି ଆହୁତିକୁ (ଶରୀର ରକ୍ଷା ନିମିତ୍ତ) ସମତା ପ୍ରାପ୍ତ କରାଏ, ସେଥିପାଇଁ ଉକ୍ତ ସମାନବାୟୁ ହିଁ

ସେହି ଆହବନୀୟରେ ପ୍ରଧାନ ପ୍ରଧାନ ହୋମ କରାଯାଏ । ଦକ୍ଷିଣାଗ୍ନି ମଧ୍ୟ ଗାର୍ହପତ୍ୟରୁ ପ୍ରଜ୍ୱଳିତ କରାଯାଏ ଏବଂ ତାହା ଯଜ୍ଞବେଦିର ଦକ୍ଷିଣଦିଗକୁ ଥାଏ । ଆହବନୀୟର ସ୍ଥାନ ବେଦିର ପୂର୍ବରେ ଓ ଗାର୍ହପତ୍ୟର ସ୍ଥାନ ପଶ୍ଚିମରେ । ଗାର୍ହପତ୍ୟ—ଗୃହପତିଙ୍କର ଅଗ୍ନି, ଆହବନୀୟ—ଦେବଗଣଙ୍କ ଅଗ୍ନି ଓ ଦକ୍ଷିଣାଗ୍ନି—ପିତୃଗଣଙ୍କ ପ୍ରତିନିଧି ଅଗ୍ନି । ଆହବନୀୟ ଅଗ୍ନିରେ ପ୍ରତିଦିନ ପ୍ରାତଃରେ ଓ ସନ୍ଧ୍ୟାରେ ଗୋଟିଏ ଲେଖାଏ ଆହୁତି ଦିଆଯାଏ । ଏହି ଆହୁତି ଦ୍ୱୟ ହିଁ ୪/୪ରେ ଉଲ୍ଲିଖିତ ହୋଇଅଛି । ଗାର୍ହପତ୍ୟ ଏବଂ ଦକ୍ଷିଣାଗ୍ନିରେ ଦେବଗଣ ଓ ପିତୃଗଣଙ୍କ ଉଦ୍ଦେଶ୍ୟରେ ପ୍ରତିଦିନ ଆହୁତି ଦେବାକୁ ହୁଏ ।

ବର୍ତ୍ତମାନ ସ୍ଥଳରେ—ବ୍ୟାନବାୟୁ ହୃଦୟରୁ ଦକ୍ଷିଣସ୍ଥ ନାଡ଼ୀରନ୍ଧ୍ରରେ ସଞ୍ଚରଣ କରେ, ଅତଏବ ତାହା ଦକ୍ଷିଣାଗ୍ନିସ୍ଥାନୀୟ । ସୁପ୍ତ ବ୍ୟକ୍ତିର ଅପାନବାୟୁଠାରୁ ଯେପରି ତାହାର ମୁଖ-ନାସିକାପଥରେ ପ୍ରାଣବାୟୁ ପ୍ରଣୀତ (ବା ପ୍ରକୃଷ୍ଟରୂପରେ ନୀତ) ହୁଏ, ଅନ୍ତର୍ଗାମୀ ଅପାନଠାରୁ ହିଁ ସେହିପରି ବହିର୍ଗାମୀ ପ୍ରାଣ ବହିର୍ଗତ ହୁଏ; ଅତଏବ ଅପାନ ଗାର୍ହପତ୍ୟସ୍ଥାନୀୟ ଓ ପ୍ରାଣ ଆହବନୀୟସ୍ଥାନୀୟ । ଅପରାପର ଇନ୍ଦ୍ରିୟ ନିଦ୍ରାକାଳରେ ସ୍ୱକର୍ମରେ ବିରତ ହେଲେ ମଧ୍ୟ ପ୍ରାଣାଦି ଜାଗ୍ରତ୍ ଥାଆନ୍ତି । ଅତଏବ ସେମାନେ ଅଗ୍ନିସଦୃଶ ।

—ମୁ., ୧/୨/୨-୩ ଓ 'ଯଜ୍ଞକଥା'—ତ୍ରିବେଦୀ ଦ୍ରଷ୍ଟବ୍ୟ ।

ହୋତା, ମନ ହିଁ ଯଜମାନ[1] ଏବଂ ଉଦାନବାୟୁ ହିଁ ଅଭୀଷ୍ଟ ଫଳ[2]—କାରଣ ସେହି ଉଦାନବାୟୁ ହିଁ ମନୋରୂପକ ଯଜମାନକୁ ପ୍ରତିଦିନ (ସୁଷୁପ୍ତିକାଳରେ) ବ୍ରହ୍ମ ପ୍ରାପ୍ତ କରାଏ । ୪/୪

ଅତ୍ରୈଷ ଦେବଃ ସ୍ୱପ୍ନେ ମହିମାନମନୁଭବତି । ୟଦ୍‌ଦୃଷ୍ଟଂ ଦୃଷ୍ଟମନୁପଶ୍ୟତି ଶ୍ରୁତଂ ଶ୍ରୁତମେବାର୍ଥମନୁଶୃଣୋତି । ଦେଶଦିଗନ୍ତରୈଶ୍ଚ ପ୍ରତ୍ୟନୁଭୂତଂ ପୁନଃ ପୁନଃ ପ୍ରତ୍ୟନୁଭବତି ଦୃଷ୍ଟଂ ଚାଦୃଷ୍ଟଂ ଚ ଶ୍ରୁତଂ ଚାଶ୍ରୁତଂ ଚାନୁଭୂତଂ ଚାନନୁଭୂତଂ ଚ ସଚ୍ଚାସଚ୍ଚ ସର୍ବଂ ପଶ୍ୟତି ସର୍ବଃ ପଶ୍ୟତି ॥୫॥

ଅତ୍ର (ଏହି) **ସ୍ୱପ୍ନେ** (ସ୍ୱପ୍ନାବସ୍ଥାରେ) **ଏଷଃ** (ଏହି) **ଦେବଃ** (ଯେଉଁ ମନରେ ଇନ୍ଦ୍ରିୟାଦି ଏକୀଭୂତ ହୁଅନ୍ତି ସେହି ମନ) **ମହିମାନମ୍** (ବିଭୂତି, ବିଷୟ-ବିଷୟୀରୂପରେ ଅନେକତ୍ୱ-ପ୍ରାପ୍ତିରୂପକ ମହିମା) **ଅନୁଭବତି** (ଅନୁଭବ କରନ୍ତି)—**ୟତ୍ ଦୃଷ୍ଟମ୍ ଦୃଷ୍ଟମ୍** (ଯାହା ଯାହା ଜାଗ୍ରତ୍-ଅବସ୍ଥାରେ ଦେଖିଥିଲେ) [ତାହା ହିଁ] **ଅନୁପଶ୍ୟତି** (ପରେ ସ୍ୱପ୍ନରେ [ଅବିଦ୍ୟାବଶତଃ] ଦର୍ଶନ କରୁଛନ୍ତି [ବୋଲି ମନେ କରନ୍ତି]) । **ଶ୍ରୁତମ୍ ଶ୍ରୁତମ୍ ଏବ ଅର୍ଥମ୍** (ଯାହା ଶୁଣିଥିଲେ) **ଅନୁଶୃଣୋତି** ([ଯେପରି] ସେହିପରି ହିଁ ସ୍ୱପ୍ନରେ ଶ୍ରବଣ କରନ୍ତି) **ଦେଶ-ଦିକ୍-ଅନ୍ତରୈଃ ଚ** (ଗୃହାଦି ଦେଶାନ୍ତରରେ ଏବଂ ଉତ୍ତରାଦି ଦିଗନ୍ତରରେ) **ପ୍ରତ୍ୟନୁଭୂତମ୍** (ଯାହା ପ୍ରକୃଷ୍ଟରୂପରେ ଅନୁଭବ କରିଥିଲେ ତାହା) **ପୁନଃ ପୁନଃ** (ବାରମ୍ବାର ସ୍ୱପ୍ନରେ) [ଯେପରି] **ପ୍ରତ୍ୟନୁଭବତି** (ଅନେକଥର ଦର୍ଶନ କରନ୍ତି); **ଦୃଷ୍ଟମ୍ ଚ** (ଏହି ଜନ୍ମରେ ଯାହା ଦେଖିଥିଲେ) **ଅଦୃଷ୍ଟମ୍ ଚ** (ଏବଂ ଜନ୍ମାନ୍ତରରେ ଯାହା ଦେଖିଥିଲେ) **ଶ୍ରୁତମ୍ ଚ ଅଶ୍ରୁତମ୍ ଚ** (ଏହି ଜନ୍ମରେ ଓ ପୂର୍ବଜନ୍ମରେ ଯାହା ଶୁଣିଥିଲେ) **ଅନୁଭୂତମ୍ ଚ ଅନନୁଭୂତମ୍ ଚ** (ଏହି ଜନ୍ମରେ ଓ ପୂର୍ବଜନ୍ମରେ କେବଳ ମନ ଦ୍ୱାରା ଯାହା

---

1. ମନ ଯଜମାନ, କାରଣ ଅଗ୍ନିହୋତ୍ରର ଯଜମାନ ପରି ମନ ମଧ୍ୟ ଇନ୍ଦ୍ରିୟାଦି ସକଳ ଅପେକ୍ଷା ପ୍ରଧାନ ବୋଲି ପ୍ରତୀତ ହୁଏ, ଏବଂ ଯଜମାନ ଯେପରି ସ୍ୱର୍ଗ କାମନା କରନ୍ତି ସେହିପରି ମନ ମଧ୍ୟ ସୁଷୁପ୍ତିରେ ବ୍ରହ୍ମରୂପକ ନିର୍ବିଷୟ ଆନନ୍ଦଲାଭ ପାଇଁ ଉତ୍ସୁକ ହୁଏ ।

2. କାରଣ ଉଦାନବାୟୁ ହିଁ ଉତ୍‌କ୍ରମଣର କାରଣ ଏବଂ ଉଦାନବାୟୁ-ଅବଲମ୍ବନରେ ହିଁ ଊର୍ଦ୍ଧ୍ୱକୁ ଗମନ କରି ଯଜମାନ ଯଜ୍ଞଫଳ ପ୍ରାପ୍ତ ହୁଅନ୍ତି; ଉଦାନବାୟୁ ଯଜମାନକୁ ଯେମିତି ସ୍ୱର୍ଗ ପ୍ରାପ୍ତ କରାଏ ସେହିପରି ତାହା ମନକୁ ମଧ୍ୟ ସ୍ୱପ୍ନବୃତ୍ତିରୁ ପ୍ରଚ୍ୟୁତ କରି ସୁଷୁପ୍ତିକାଳରେ ବ୍ରହ୍ମ ପ୍ରାପ୍ତ କରାଏ । ଯେଉଁମାନେ **ତତ୍ତ୍ୱମସି** ମହାବାକ୍ୟର **ତ୍ୱମ୍** (ତୁମେ) ପଦାର୍ଥର ଶୋଧନ କରିଛନ୍ତି ସେମାନଙ୍କ ନିଦ୍ରା ସାଧାରଣ ନିଦ୍ରା ପରି ନୁହେଁ । ସେଥିରେ ସେମାନେ ନିତ୍ୟ ବ୍ରହ୍ମାନନ୍ଦ ଉପଲବ୍ଧି କରନ୍ତି—ଏହା ହିଁ ମର୍ମାର୍ଥ; ଏହା ଉପାସନାବିଶେଷ ନୁହେଁ ।

ଅନୁଭବ କରିଥିଲେ) **ସତ୍ ଚ ଅସତ୍ ଚ** (ସତ୍ୟ ଜଳାଦି ଓ ଅସତ୍ୟ ମରୀଚିକାଦି)—[ଅର୍ଥାତ୍] **ସର୍ବମ୍** (ଯାହା କୁହାହେଲା ବା କୁହାହେଲା ନାହିଁ ସେହି ସମସ୍ତ ହିଁ) **ପଶ୍ୟତି** ([ଯେପରି] ଦର୍ଶନ କରନ୍ତି) **ସର୍ବଃ** [**ସନ୍**] (ସର୍ବପ୍ରକାର ମନୋବାସନାରେ ଉପହିତ ହୋଇ) **ପଶ୍ୟତି** (ଦର୍ଶନ କରନ୍ତି) । ୪/୫

ଏହି ସ୍ୱପ୍ନାବସ୍ଥାରେ ଏହି ମନୋରୂପକ[1] ଦେବତା ବିଭୂତି ଅନୁଭବ କରନ୍ତି—ଯାହା ଯାହା (ପୂର୍ବରୁ) ଦେଖିଥିଲେ ତାହା ହିଁ ଯେପରି ଦର୍ଶନ କରନ୍ତି, ଯାହା ଯାହା ଶୁଣିଥିଲେ ସ୍ୱପ୍ନରେ ତାହା ହିଁ ଯେପରି ଶ୍ରବଣ କରନ୍ତି, ଦେଶାନ୍ତର ଓ ଦିଗନ୍ତରରେ ଯାହା ଅନୁଭବ କରିଥିଲେ ବାରମ୍ବାର ତାହା ହିଁ ସ୍ୱପ୍ନରେ ଅନୁଭବ କରନ୍ତି । ଏହି ଜନ୍ମରେ ଓ ପୂର୍ବଜନ୍ମରେ ଯାହା ଯାହା ଦେଖିଥିଲେ, ଶୁଣିଥିଲେ, ମନ ଦ୍ୱାରା ଅନୁଭୂତ କରିଥିଲେ ଏବଂ ଯାହା କିଛି ସତ୍ୟ ଓ ଯାହା କିଛି ଭ୍ରମ ଅର୍ଥାତ୍ ଯାହା କିଛି କୁହାହେଲା ବା କୁହାହେଲା ନାହିଁ—ସେହି ସମସ୍ତ ହିଁ ସେହି ମନ ସର୍ବପ୍ରକାର ବାସନାରେ ଉପହିତ ହୋଇ ଦର୍ଶନ କରନ୍ତି । ୪/୫

ସ ଯଦା ତେଜସାଽଭିଭୂତୋ ଭବତି । ଅତ୍ରୈଷ ଦେବଃ ସ୍ୱପ୍ନାନ୍ନ ପଶ୍ୟତ୍ୟଥ ତଦୈତସ୍ମିଞ୍ଛରୀର ଏତତ୍ସୁଖଂ ଭବତି ॥୬॥

ସଃ (ସେହି ମନୋରୂପକ ଦେବତା) **ଯଦା** (ଯେତେବେଳେ) **ତେଜସା** (ପିତ୍ତାଖ୍ୟ ସୌରତେଜ ଦ୍ୱାରା, ଅଥବା ଚିଦ୍ରୂପ ବ୍ରହ୍ମଙ୍କ ଦ୍ୱାରା) **ଅଭିଭୂତଃ ଭବତି** (ଅଭିଭୂତ ହୁଅନ୍ତି, ଅର୍ଥାତ୍ ବାସନାର ଦ୍ୱାର ବା ସ୍ୱପ୍ନଭୋଗପ୍ରଦ କର୍ମ ଯେତେବେଳେ ନିରୁଦ୍ଧ ହୁଏ) [ସେତେବେଳେ ସୁଷୁପ୍ତ ହୁଅନ୍ତି] । **ଅତ୍ର** (ଏହି ସୁଷୁପ୍ତିକାଳରେ) **ଏଷଃ** (ଏହି) **ଦେବଃ** (ମନୋନାମକ ଦେବତା) **ସ୍ୱପ୍ନାନ୍** (ସ୍ୱପ୍ନସମୂହ) **ନ ପଶ୍ୟତି** (ଦେଖନ୍ତି ନାହିଁ) **ଅଥ** (ସେହି ସମୟରେ) **ଏତସ୍ମିନ୍** (ଏହି) **ଶରୀରେ** (ଦେହରେ) **ଯତ୍** (ଯାହା ବ୍ରହ୍ମାନନ୍ଦ) **ଏତତ୍ ସୁଖମ୍** (ସେହି ଏହି ବିଜ୍ଞାନରୂପକ ସ୍ୱରୂପସୁଖ) **ଭବତି** (ହୁଏ, ପ୍ରକାଶିତ ହୁଏ) । ୪/୬

ସେହି ମନ (ଅର୍ଥାତ୍ ମନୋଦେବତାଙ୍କର ସଂସ୍କାରସମୂହ ଉଦ୍‌ବୋଧିତ ହେବାର ଦ୍ୱାର) ଯେତେବେଳେ ତେଜଃ ଦ୍ୱାରା ନିରୁଦ୍ଧ ହୁଏ, ସେତେବେଳେ ଏହି

---

1. ମନଃଦେବତା ହିଁ ସ୍ୱପ୍ନଦର୍ଶନ କରନ୍ତି—ସ୍ୱପ୍ନ ମନର ଧର୍ମ, ଆତ୍ମାର ନୁହେଁ ।

ଦେବତା ସ୍ୱପ୍ନ ଦର୍ଶନ କରନ୍ତି ନାହିଁ[1]—ସେହି ସମୟରେ ଏହି ଶରୀରରେ[2] ଆତ୍ମାର ଏହି ସ୍ୱରୂପସୁଖ ହିଁ (ପ୍ରକାଶିତ) ହୁଏ[3] । ୪/୬

ସ ୟଥା ସୋମ୍ୟ ବୟାଂସି ବାସୋବୃକ୍ଷଂ ସମ୍ପ୍ରତିଷ୍ଠନ୍ତେ ଏବଂ ହ ବୈ ତତ୍ ସର୍ବଂ ପର ଆତ୍ମନି ସମ୍ପ୍ରତିଷ୍ଠତେ ॥୭॥

ସୋମ୍ୟ (ହେ ପ୍ରିୟଦର୍ଶନ) **ସଃ** (ଏହି ବିଷୟରେ, ଅର୍ଥାତ୍ ସମସ୍ତ ଜୀବଜଗତ୍ ଅକ୍ଷରରେ ସମ୍ପ୍ରତିଷ୍ଠିତ ହୁଏ—ଏହାର, ଦୃଷ୍ଟାନ୍ତ ଏହି)—**ୟଥା** (ଯେପରି) **ବୟାଂସି** (ପକ୍ଷୀଗଣ) **ବାସୋବୃକ୍ଷମ୍ [ପ୍ରତି]** (ବାସବୃକ୍ଷ ଆଡ଼କୁ) **ସମ୍ପ୍ରତିଷ୍ଠନ୍ତେ** (ସମ୍ୟକ୍ ପ୍ରକାରେ ଗମନ କରନ୍ତି) **ଏବମ୍ ହ ବୈ** (ଠିକ୍ ଏହିପରି) **ତତ୍ ସର୍ବମ୍** (ପର ମନ୍ତ୍ରରେ କୁହାଯାଇଥିବା (ପୃଥିବୀରୁ ପ୍ରାଣ ପର୍ଯ୍ୟନ୍ତ) ସବୁକିଛି) **ପରେ ଆତ୍ମନି** (ଅକ୍ଷର ପୁରୁଷରେ) **ସମ୍ପ୍ରତିଷ୍ଠତେ** (ପ୍ରତିଷ୍ଠିତ ହୁଅନ୍ତି) । ୪/୭

ହେ ପ୍ରିୟଦର୍ଶନ, ଏହି ବିଷୟରେ ଦୃଷ୍ଟାନ୍ତ ହେଉଛି—ପକ୍ଷୀଗଣ ଯେପରି ଆବାସବୃକ୍ଷ ପ୍ରତି ଧାବିତ ହୁଅନ୍ତି, ଠିକ୍ ସେହିପରି ପର ମନ୍ତ୍ରରେ କୁହାଯାଇଥିବା

---

1. ସଂସ୍କାର-ସହାୟରେ ମନ ସ୍ୱପ୍ନଦର୍ଶନ କରେ; କିନ୍ତୁ ସୁଷୁପ୍ତିରେ ନାଡ଼ୀସଞ୍ଚାରୀ ବ୍ରହ୍ମତେଜ ଓ ପିତ୍ତାଖ୍ୟ ସୌରତେଜ ଦ୍ୱାରା ଯେତେବେଳେ ସଂସ୍କାରସମୂହର ଉଦ୍‌ବୋଧକ ଭୋଗପ୍ରଦ କର୍ମର ପଥ ରୁଦ୍ଧ ହୁଏ, ସେତେବେଳେ ମନ ଆଉ ସଂସ୍କାରର ସାହାଯ୍ୟ ପାଏ ନାହିଁ । ସେତେବେଳେ ଇନ୍ଦ୍ରିୟ ସହିତ ମନୋବୃତ୍ତିସମୂହ ହୃଦୟରେ ଉପସଂହୃତ ହୁଏ । ସେହି ସମୟରେ ମନରେ କୌଣସି ବିଶେଷ ବିଜ୍ଞାନର ଉଦୟ ହୁଏ ନାହିଁ; ମନ ସେତେବେଳେ ଅବିଶେଷରୂପରେ ସର୍ବ-ଶରୀରରେ ବ୍ୟାପ୍ତ ହୋଇ ରହେ—ସେତେବେଳେ କେବଳ ଆତ୍ମାର ସ୍ୱରୂପାନନ୍ଦଟି ଅନୁଭୂତ ହୋଇଥାଏ—ଏହା ହିଁ ସୁଷୁପ୍ତି । —ବୃ., ୨/୧/୧୯

2. ସୁଷୁପ୍ତିକାଳରେ ଶରୀର ସହିତ ଆତ୍ମାର ପ୍ରତ୍ୟକ୍ଷ ସମ୍ବନ୍ଧ ନ ଥାଏ (ବୃ., ୪/୩/୨୨); ଆତ୍ମା ସେତେବେଳେ ସ୍ୱାଭାବିକ ସ୍ୱରୂପାନନ୍ଦରେ ଅବସ୍ଥିତ ରହନ୍ତି । ତଥାପି ବ୍ୟବହାରାନୁଗତ ବୁଦ୍ଧିର ଅନୁବୃତ୍ତିବଶତଃ 'ଶରୀରେ' ଶବ୍ଦର ପ୍ରୟୋଗ ହୋଇଅଛି ।

3. ସ୍ୱରୂପ-ସୁଖ ନିତ୍ୟ-ପ୍ରକାଶମାନ; ସୁତରାଂ 'ପ୍ରକାଶିତ ହୁଏ' ଏହିପରି କହିବା ଅଯୌକ୍ତିକ ମନେ ହେଲେ ମଧ୍ୟ, ଉପାଧିବଶତଃ ସ୍ୱପ୍ନ ଓ ଜାଗରଣରେ ଅନାତ୍ମରୂପରେ ବିଭାବିତ ଆତ୍ମା ସୁଷୁପ୍ତିରେ ତାହାର ଅଦ୍ୱୟ, ଶିବ ଓ ଶାନ୍ତସ୍ୱରୂପରେ ଅବସ୍ଥାନ କରନ୍ତି—ଏହା ବୁଝାଇବା ପାଇଁ 'ପ୍ରକାଶିତ' ଶବ୍ଦର ଉଲ୍ଲେଖ କରାହୋଇଛି । ନିଦ୍ରାକାଳରେ ବିଷୟପ୍ରତ୍ୟକ୍ଷଜନିତ ସାଧାରଣ ସୁଖ ଅସମ୍ଭବ । ପୁଣି ଆତ୍ମାର ସ୍ୱରୂପ-ସୁଖ ସର୍ବଦା ବିଦ୍ୟମାନ; ଅତଏବ ତାହା ମଧ୍ୟ 'ଜ୍ଞାତ' ହୋଇପାରେ ନାହିଁ । ତେବେ ନିଦ୍ରାକାଳରେ ମଧ୍ୟ ଆତ୍ମାର ଉପାଧି ଅଜ୍ଞାନ ଥାଏ; ସେଥିରେ ମନ ପ୍ରଭୃତି ବୀଜାକାରରେ ରହିଥିଲେ ମଧ୍ୟ ଅଜ୍ଞାନ ସେତେବେଳେ ବିକ୍ଷେପରହିତ ହୁଏ । ଏହିପ୍ରକାର ଅଜ୍ଞାନକୁ ହିଁ ଜୀବାତ୍ମାର 'ଆନନ୍ଦମୟ କୋଷ' କୁହାଯାଏ ଏବଂ ସେଥିରେ ହିଁ ନିଦ୍ରାସୁଖ ଅନୁଭୂତ ହୁଏ ।

(ପୃଥିବୀରୁ ପ୍ରାଣ ପର୍ଯ୍ୟନ୍ତ) ସବୁକିଛି ଅକ୍ଷର ପୁରୁଷରେ ସମ୍ୟକ୍ ପ୍ରତିଷ୍ଠିତ ହୁଏ । ୪/୭

ପୃଥିବୀ ଚ ପୃଥିବୀମାତ୍ରା ଚାଽଽପଶ୍ଚାଽଽପୋମାତ୍ରା ଚ ତେଜଶ୍ଚ ତେଜୋମାତ୍ରା ଚ ବାୟୁଶ୍ଚ ବାୟୁମାତ୍ରା ଚାଽଽକାଶଶ୍ଚାଽଽକାଶମାତ୍ରା ଚ ଚକ୍ଷୁଶ୍ଚ ଦ୍ରଷ୍ଟବ୍ୟଂ ଚ ଶ୍ରୋତ୍ରଂ ଚ ଶ୍ରୋତବ୍ୟଂ ଚ ଘ୍ରାଣଂ ଚ ଘ୍ରାତବ୍ୟଂ ଚ ରସଶ୍ଚ ରସୟିତବ୍ୟଂ ଚ ତ୍ୱକ୍ ଚ ସ୍ପର୍ଶୟିତବ୍ୟଂ ଚ ବାକ୍ ଚ ବକ୍ତବ୍ୟଂ ଚ ହସ୍ତୌ ଚାଽଽଦାତବ୍ୟଂ ଚୋପସ୍ଥଶ୍ଚାନନ୍ଦୟିତବ୍ୟଂ ଚ ପାୟୁଶ୍ଚ ବିସର୍ଜୟିତବ୍ୟଂ ଚ ପାଦୌ ଚ ଗନ୍ତବ୍ୟଂ ଚ ମନଶ୍ଚ ମନ୍ତବ୍ୟଂ ଚ ବୁଦ୍ଧିଶ୍ଚ ବୋଦ୍ଧବ୍ୟଂ ଚାହଙ୍କାରଶ୍ଚାହଂକର୍ତବ୍ୟଂ ଚ ଚିତ୍ତଂ ଚ ଚେତୟିତବ୍ୟଂ ଚ ତେଜଶ୍ଚ ବିଦ୍ୟୋତୟିତବ୍ୟଂ ଚ ପ୍ରାଣଶ୍ଚ ବିଧାରୟିତବ୍ୟଂ ଚ ॥୮॥

[ଅନ୍ୟମାନଙ୍କ ଉଦ୍ଦେଶ୍ୟରେ ସମଷ୍ଟୀଭୂତ କାର୍ଯ୍ୟକାରଣ ଓ ବ୍ୟଷ୍ଟି-ସମଷ୍ଟି ପ୍ରଭୃତି କେଉଁମାନେ ଅକ୍ଷରରେ ପ୍ରତିଷ୍ଠିତ ହୁଅନ୍ତି ତାହା କୁହାହେଉଛି]—**ପୃଥିବୀ ଚ** (ସ୍ଥୂଳ ପୃଥିବୀ) **ପୃଥିବୀ-ମାତ୍ରା ଚ** (ଓ ଗନ୍ଧତନ୍ମାତ୍ରା ବା ସୂକ୍ଷ୍ମ ପୃଥିବୀ) **ଆପଃ ଚ** (ସ୍ଥୂଳ ଜଳ) **ଆପଃ-ମାତ୍ରା ଚ** (ଓ ରସତନ୍ମାତ୍ରା) **ତେଜଃ ଚ ତେଜଃ-ମାତ୍ରା ଚ** (ସ୍ଥୂଳ ତେଜ ଓ ତେଜ ତନ୍ମାତ୍ରା) **ବାୟୁଃ ଚ ବାୟୁ-ମାତ୍ରା ଚ** (ସ୍ଥୂଳ ବାୟୁ ଓ ବାୟୁ ତନ୍ମାତ୍ରା) **ଆକାଶଃ ଚ ଆକାଶମାତ୍ରା ଚ** (ସ୍ଥୂଳ ଆକାଶ ଓ ଆକାଶ ତନ୍ମାତ୍ରା) **ଚକ୍ଷୁ ଚ** (ଚକ୍ଷୁ) **ଦ୍ରଷ୍ଟବ୍ୟଂ ଚ** (ଓ ଦ୍ରଷ୍ଟବ୍ୟରୂପ) **ଶ୍ରୋତ୍ରମ୍ ଚ** (କର୍ଣ୍ଣ) **ଶ୍ରୋତବ୍ୟମ୍ ଚ** (ଓ ଶବ୍ଦ) **ଘ୍ରାଣମ୍ ଚ** (ନାସିକା) **ଘ୍ରାତବ୍ୟମ୍ ଚ** (ଓ ଗନ୍ଧ) **ରସଃ ଚ** (ରସନେନ୍ଦ୍ରିୟ) **ରସୟିତବ୍ୟମ୍ ଚ** (ଓ ରସ) **ତ୍ୱକ୍ ଚ** (ସ୍ପର୍ଶେନ୍ଦ୍ରିୟ) **ସ୍ପର୍ଶୟିତବ୍ୟମ୍ ଚ** (ଓ ସ୍ପର୍ଶର ବିଷୟ) **ବାକ୍ ଚ** (ବାଗିନ୍ଦ୍ରିୟ) **ବକ୍ତବ୍ୟମ୍ ଚ** (ଓ ବକ୍ତବ୍ୟ) **ହସ୍ତୌ ଚ** (ଦୁଇ ହସ୍ତ) **ଆଦାତବ୍ୟମ୍ ଚ** (ଏବଂ ଗ୍ରହଣୀୟ ବସ୍ତୁ) **ଉପସ୍ଥଃ ଚ** (ଜନନେନ୍ଦ୍ରିୟ) **ଆନନ୍ଦୟିତବ୍ୟମ୍ ଚ** (ଏବଂ ତାହାର ବିଷୟ) **ପାୟୁଃ ଚ** (ଗୁହ୍ୟ) **ବିସର୍ଜୟିତବ୍ୟମ୍ ଚ** (ବିସର୍ଜ୍ଜନୀୟ ମଳମୂତ୍ରାଦି) **ପାଦୌ ଚ** (ଦୁଇ ଚରଣ) **ଗନ୍ତବ୍ୟମ୍ ଚ** (ଏବଂ ଗନ୍ତବ୍ୟ ସ୍ଥାନ) **ମନଃ ଚ ମନ୍ତବ୍ୟମ୍ ଚ** (ସଂକଳ୍ପ ବିକଳ୍ପାତ୍ମକ ମନ ଓ ମନନୀୟ ବିଷୟ) **ବୁଦ୍ଧିଃ ଚ ବୋଦ୍ଧବ୍ୟମ୍ ଚ** (ନିଶ୍ଚୟାତ୍ମିକା ବୁଦ୍ଧି ଓ ତାହାର ବିଷୟ) **ଅହଙ୍କାରଃ ଚ ଅହଙ୍କର୍ତବ୍ୟମ୍ ଚ** (ଅଭିମାନଲକ୍ଷଣ ଅନ୍ତଃକରଣ ଓ ତାହାର ବିଷୟ) **ଚିତ୍ତମ୍ ଚ ଚେତୟିତବ୍ୟମ୍ ଚ** (ଚେତନାଯୁକ୍ତ ବା ସଂସ୍କାରବିଶିଷ୍ଟ ଅନ୍ତଃକରଣ ଓ ତାହାର

ବିଷୟ) **ତେଜଃ ଚ** (ଅନ୍ତଃକରଣଚତୁଷ୍ଟୟରେ ଅନୁଗତ ସାମାନ୍ୟାକାର ଜ୍ଞାନଶକ୍ତି, [ଅଥବା 'ତ୍ୱଗିନ୍ଦ୍ରିୟର ଅଧିଷ୍ଠାନ ପ୍ରକାଶବିଶିଷ୍ଟ ତ୍ୱକ୍ ବା ଚର୍ମ'—ଆଚାର୍ଯ୍ୟ ଶଙ୍କର]) **ବିଦ୍ୟୋତୟିତବ୍ୟମ୍ ଚ** (ଓ ଅନ୍ତଃକରଣଚତୁଷ୍ଟୟର ସର୍ବସାଧାରଣ ବିଷୟ, [ଅଥବା 'ଉଜ୍ଜ୍ୱଳ ଚର୍ମର ପ୍ରକାଶ୍ୟ ସ୍ୱୟଂ ଚର୍ମ'—ଆଚାର୍ଯ୍ୟ ଶଙ୍କର]) **ପ୍ରାଣଃ ଚ** (ସୂତ୍ରାତ୍ମା ବା କ୍ରିୟାଶକ୍ତି) **ବିଧାରୟିତବ୍ୟମ୍ ଚ** (ସୂତ୍ରାତ୍ମାରେ ଓତପ୍ରୋତ ନିଖିଳ ବିଶ୍ୱ) [ଅକ୍ଷର ପୁରୁଷରେ ପ୍ରତିଷ୍ଠିତ ହୁଅନ୍ତି] । ୪/୮

ପୃଥିବୀ ଓ ଗନ୍ଧତନ୍ମାତ୍ରା, ଜଳ ଓ ରସତନ୍ମାତ୍ରା, ତେଜ ଓ ରୂପତନ୍ମାତ୍ରା, ବାୟୁ ଓ ସ୍ପର୍ଶତନ୍ମାତ୍ରା, ଆକାଶ ଓ ଶବ୍ଦତନ୍ମାତ୍ରା; ଚକ୍ଷୁ ଓ ରୂପ, କର୍ଣ୍ଣ ଓ ଶବ୍ଦ, ନାସିକା ଓ ଗନ୍ଧ, ରସନେନ୍ଦ୍ରିୟ ଓ ରସ, ସ୍ପର୍ଶେନ୍ଦ୍ରିୟ ଓ ତାହାର ବିଷୟ; ବାଗିନ୍ଦ୍ରିୟ ଓ ବାକ୍ୟ, ଦୁଇ ହସ୍ତ ଓ ଗ୍ରହଣୀୟ ବସ୍ତୁ, ଉପସ୍ଥ ଓ ତାହାର ବିଷୟ, ପାୟୁ ଓ ତାହାର ବିଷୟ, ଦୁଇ ଚରଣ ଓ ଗନ୍ତବ୍ୟସ୍ଥାନ; ମନ ଓ ମନ୍ତବ୍ୟ ବିଷୟ, ବୁଦ୍ଧି ଓ ବୋଦ୍ଧବ୍ୟ ବିଷୟ, ଅହଙ୍କାର ଓ ତାହାର ବିଷୟ, ଚିତ୍ତ ଓ ତାହାର ବିଷୟ[1]; ଜ୍ଞାନଶକ୍ତି ଓ ତାହାର ବିଷୟ[2], ସୂତ୍ରାତ୍ମା ବା ହିରଣ୍ୟଗର୍ଭ ଓ ତାଙ୍କଠାରେ ଓତପ୍ରୋତ ନିଖିଳବିଶ୍ୱ—ଏହି ସମସ୍ତ ହିଁ (ଅକ୍ଷର ପୁରୁଷରେ ପ୍ରତିଷ୍ଠିତ ହୁଅନ୍ତି) । ୪/୮

ଏଷ ହି ଦ୍ରଷ୍ଟା ସ୍ରଷ୍ଟା ଶ୍ରୋତା ଘ୍ରାତା ରସୟିତା ମନ୍ତା ବୋଦ୍ଧା କର୍ତା ବିଜ୍ଞାନାତ୍ମା ପୁରୁଷଃ । ସ ପରେଽକ୍ଷର ଆତ୍ମନି ସମ୍ପ୍ରତିଷ୍ଠତେ ॥୯॥

ହି (ଅଧିକନ୍ତୁ) **ଏଷଃ** ([ଭୋକ୍ତୃତ୍ୱ ଓ କର୍ତୃତ୍ୱାଦି ଉପାଧି-ଅବଲମ୍ବନରେ ଶରୀରରେ ପ୍ରବିଷ୍ଟ ହୋଇ ସର୍ବ-ଆଧାର] ଏହି ଆତ୍ମା ହିଁ) **ଦ୍ରଷ୍ଟା** (ଦର୍ଶନକର୍ତ୍ତା) **ସ୍ରଷ୍ଟା** (ସ୍ପର୍ଶନକର୍ତ୍ତା) **ଶ୍ରୋତା** (ଶ୍ରବଣକର୍ତ୍ତା) **ଘ୍ରାତା** (ଘ୍ରାଣକର୍ତ୍ତା) **ରସୟିତା** (ଆସ୍ୱାଦନକର୍ତ୍ତା) **ମନ୍ତା** (ମନନକାରୀ) **ବୋଦ୍ଧା** (ନିଶ୍ଚୟକର୍ତ୍ତା) **କର୍ତା** (କର୍ତ୍ତା) **ବିଜ୍ଞାନାତ୍ମା** (ବିଜ୍ଞାତୃସ୍ୱଭାବ) **ପୁରୁଷଃ** (କାର୍ଯ୍ୟକରଣକୁ ପୂର୍ଣ୍ଣ କରି ଅବସ୍ଥିତ) । **ସଃ**

---

1. ସୁଖଦୁଃଖାଦି ଉପଲବ୍ଧିର ସାଧନ ଅନ୍ତଃକରଣ ଏକ ହେଲେ ମଧ୍ୟ ତାହା ବୃତ୍ତିଭେଦରେ ଚାରି ପ୍ରକାର । **"ମନୋବୁଦ୍ଧିରହଙ୍କାରଶ୍ଚିତ୍ତଂ କରଣମାନ୍ତରମ୍ । ସଂଶୟୋ ନିଶ୍ଚୟୋ ଗର୍ବଃ ସ୍ମରଣଂ ବିଷୟା ଇମେ ॥"** ମନର କାର୍ଯ୍ୟ ସଂଶୟ, ବୁଦ୍ଧିର ନିଶ୍ଚୟ, ଅହଙ୍କାରର ଗର୍ବ ଓ ଚିତ୍ତର ସ୍ମୃତି । ଏହି ସ୍ଥୂଳସମୂହରେ ଇନ୍ଦ୍ରିୟାଦିର ଅଧିଷ୍ଠାତ୍ରୀ ଦେବତାଗଣଙ୍କୁ ମଧ୍ୟ ସେମାନଙ୍କ ସହିତ ଗ୍ରହଣ କରିବାକୁ ହେବ, ସେମାନେ ମଧ୍ୟ ଅକ୍ଷରରେ ପ୍ରତିଷ୍ଠିତ ହୁଅନ୍ତି ।

୨. ଏଠାରେ ଶଙ୍କରାନନ୍ଦଙ୍କ ବ୍ୟାଖ୍ୟା ଗୃହୀତ ହେଲା । ଆଚାର୍ଯ୍ୟ ଶଙ୍କରଙ୍କ ମତ ଅନ୍ୟତ୍ରରେ ଦ୍ରଷ୍ଟବ୍ୟ ।

(ସେହି ପୁରୁଷ) **ପରେ** (ସର୍ବୋତ୍ତମ) [**ଅକ୍ଷରେ**] **ଆତ୍ମନି** (ଆତ୍ମାରେ) **ସମ୍ପ୍ରତିଷ୍ଠତେ** (ଉପାଧିବିଲୟରେ ସମ୍ୟକ୍ ପ୍ରତିଷ୍ଠିତ ହୁଅନ୍ତି) । ୪/୯

ଅଧିକନ୍ତୁ ଏହି ସର୍ବ-ଆଧାର ଆତ୍ମା ହିଁ (ଜୀବଦେହରେ) ଦ୍ରଷ୍ଟା, ସ୍ପ୍ରଷ୍ଟା, ଶ୍ରୋତା, ଆଘ୍ରାତା, ଆସ୍ୱାଦନକର୍ତ୍ତା, ମନନକାରୀ, ନିଶ୍ଚୟକାରୀ, କର୍ତ୍ତା ଓ ବିଜ୍ଞାତୃସ୍ୱରୂପ ପୁରୁଷ । ସେହି ପୁରୁଷ ଅକ୍ଷର ପରମାତ୍ମାରେ ପ୍ରବେଶ କରନ୍ତି[1] । ୪/୯

ପରମେବାକ୍ଷରଂ ପ୍ରତିପଦ୍ୟତେ ସ ଯୋ ହ ବୈ ତଦଚ୍ଛାୟମଶରୀର-ମଲୋହିତଂ ଶୁଭ୍ରମକ୍ଷରମ୍ ବେଦୟତେ ୟସ୍ତୁ ସୋମ୍ୟ । ସ ସର୍ବଜ୍ଞଃ ସର୍ବୋ ଭବତି । ତଦେଷ ଶ୍ଲୋକଃ ॥୧୦॥

[ଉକ୍ତ ଏକତ୍ୱଜ୍ଞାନର ଫଳ କୁହାଯାଉଛି]—**ୟଃ** [**ତୁ**] **ହ ବୈ** (ବିରଳ ଯେକେହି କିନ୍ତୁ) **ତତ୍** (ଉକ୍ତ) **ଅଚ୍ଛାୟମ୍** (ଛାୟାହୀନ, ତମୋବର୍ଜ୍ଜିତ) **ଅଶରୀରମ୍** (ଶରୀରହୀନ, ନାମରୂପାତ୍ମକ ସର୍ବ-ଉପାଧିଶୂନ୍ୟ) **ଅଲୋହିତମ୍** (ଲୋହିତାଦି ସର୍ବଗୁଣବର୍ଜ୍ଜିତ) **ଶୁଭ୍ରମ୍** (ବିଶୁଦ୍ଧ) **ଅକ୍ଷରମ୍** (ଅକ୍ଷରଙ୍କୁ) **ବେଦୟତେ** (ଜାଣନ୍ତି) **ସଃ** (ସେ) **ପରମ୍** (ସର୍ବଶ୍ରେଷ୍ଠ) **ଅକ୍ଷରମ୍ ଏବ** (ଅକ୍ଷରଙ୍କୁ ହିଁ) **ପ୍ରତିପଦ୍ୟତେ** (ଲାଭ କରନ୍ତି); [ପୁନଶ୍ଚ] **ସୋମ୍ୟ** (ହେ ସୌମ୍ୟ) **ୟଃ ତୁ** ([ଅବିଦ୍ୱାନ୍‌ର ବିପରୀତ] ଯିଏ କିନ୍ତୁ) [ଏହାଙ୍କୁ] **ବେଦୟତେ** (ଜାଣନ୍ତି) **ସଃ** (ସେ) **ସର୍ବଜ୍ଞଃ** (ସର୍ବଜ୍ଞ) **ସର୍ବଃ** (ସର୍ବସ୍ୱରୂପ) **ଭବତି** (ହୁଅନ୍ତି) । **ତତ୍** (ସେହି ବିଷୟରେ) **ଏଷଃ ଶ୍ଲୋକଃ** (ଏହି ଗୋଟିଏ ମନ୍ତ୍ର ଅଛି) । ୪/୧୦

ଯେକେହି କିନ୍ତୁ ଉକ୍ତ ତମୋହୀନ, ଉପାଧିରହିତ, ଗୁଣବିବର୍ଜ୍ଜିତ[2], ବିଶୁଦ୍ଧ ଅକ୍ଷରଙ୍କୁ ଜାଣନ୍ତି[3] ସେ ସର୍ବୋତ୍ତମ ଅକ୍ଷରଙ୍କୁ ହିଁ ଲାଭ କରନ୍ତି । [ପୁନଶ୍ଚ] ହେ ସୌମ୍ୟ, ଯିଏ କିନ୍ତୁ ଏହାଙ୍କୁ ଜାଣନ୍ତି, ସେ ସର୍ବଜ୍ଞ[4] ଓ ସର୍ବସ୍ୱରୂପ ହୁଅନ୍ତି । ସେହି ବିଷୟରେ ଏହି ଗୋଟିଏ ମନ୍ତ୍ର ଅଛି । ୪/୧୦

---

1. ଉପାଧି-ବିଲୟରେ ଉପହିତ ରୂପର ଅଭାବ ହୁଏ; ଅର୍ଥାତ୍ ଜୀବର ପରମାତ୍ମରୂପରେ ସ୍ଥିତି ହୁଏ ।

2. ଏହି ତିନୋଟି ଶବ୍ଦରେ ଅକ୍ଷରବ୍ରହ୍ମ ଯେ କାରଣ ଶରୀର, ଲିଙ୍ଗ ଶରୀର ଓ ସ୍ଥୂଳ ଶରୀର ବିବର୍ଜ୍ଜିତ—ଏହା ହିଁ ବୁଝାଉଛି । ଶରୀରତ୍ରୟ-ବର୍ଜ୍ଜିତ ହେବାରୁ ସେ ଅବସ୍ଥାତ୍ରୟ ଅର୍ଥାତ୍ ଜାଗ୍ରତ୍, ସ୍ୱପ୍ନ ଓ ସୁଷୁପ୍ତି ବର୍ଜ୍ଜିତ ଶୁଭ୍ର ତୁରୀୟ । ୪/୧ର ପ୍ରଥମ ଟୀକା ଦ୍ରଷ୍ଟବ୍ୟ ।

୩. ଅର୍ଥାତ୍ ତୁରୀୟ ଆତ୍ମା ଓ ଅକ୍ଷରର ଐକ୍ୟ ଉପଲବ୍ଧି କରନ୍ତି । ମୁ., ୨/୨/୧ ।

4. ମୁ., ୧/୧/୩—ଏକ-ବିଜ୍ଞାନରେ ସର୍ବବିଜ୍ଞାନ ହୁଏ ।

ବିଜ୍ଞାନାତ୍ମା ସହ ଦେବୈଶ୍ଚ ସର୍ବୈଃ
ପ୍ରାଣା ଭୂତାନି ସମ୍ପ୍ରତିଷ୍ଠନ୍ତି ଯତ୍ର ।
ତଦକ୍ଷରଂ ବେଦୟତେ ଯସ୍ତୁ ସୋମ୍ୟ
ସ ସର୍ବଜ୍ଞଃ ସର୍ବମେବାବିବେଶେତି ॥୧୧॥

ଇତି ପ୍ରଶ୍ନୋପନିଷଦି ଚତୁର୍ଥଃ ପ୍ରଶ୍ନଃ ॥

ସୋମ୍ୟ (ହେ ସୌମ୍ୟ) **ସର୍ବୈଃ** (ସକଳ) **ଦେବୈଃ ସହ** (ଦେବଗଣଙ୍କ ସହିତ) **ବିଜ୍ଞାନାତ୍ମା** (ବିଜ୍ଞାତୃସ୍ୱରୂପ ଆତ୍ମା) **ଚ** (ଏବଂ) **ପ୍ରାଣାଃ** (ଚକ୍ଷୁରାଦି ପ୍ରାଣସମୂହ) [ଓ] **ଭୂତାନି** (ପୃଥିବ୍ୟାଦି ଭୂତସମୂହ) **ଯତ୍ର** (ଯେଉଁ ଅକ୍ଷରରେ) **ସମ୍ପ୍ରତିଷ୍ଠନ୍ତି** (ପ୍ରବେଶ କରନ୍ତି) **ତତ୍** (ସେହି) **ଅକ୍ଷରମ୍** (ଅକ୍ଷରଙ୍କୁ) **ତୁ ଯଃ** (କିନ୍ତୁ ଯିଏ) **ବେଦୟତେ** (ଜାଣନ୍ତି) **ସଃ** (ସେ) **ସର୍ବଜ୍ଞଃ** (ସର୍ବଜ୍ଞ ହୁଅନ୍ତି) **ସର୍ବମ୍ ଏବ** (ନିଖିଳ ବସ୍ତୁରେ ହିଁ) **ଆବିବେଶ** (ପ୍ରବେଶ କରନ୍ତି) **ଇତି** [ପ୍ରଶ୍ନର ସମାପ୍ତିସୂଚକ] । ୪/୧୧

ହେ ସୌମ୍ୟ, ନିଖିଳ ଦେବଗଣଙ୍କ ସହିତ ବିଜ୍ଞାନାତ୍ମା ଏବଂ ଚକ୍ଷୁରାଦି ପ୍ରାଣସମୂହ ଓ ଭୂତବର୍ଗ ଯେଉଁ ଅକ୍ଷରରେ ପ୍ରବେଶ କରନ୍ତି, ସେହି **ଅକ୍ଷରଙ୍କୁ** କିନ୍ତୁ ଯିଏ ଜାଣନ୍ତି, ସେ ସର୍ବଜ୍ଞ ହୁଅନ୍ତି ଏବଂ ନିଖିଳ ବସ୍ତୁରେ (ସେମାନଙ୍କର ଆତ୍ମାରୂପରେ) ପ୍ରବେଶ କରନ୍ତି । ୪/୧୧

॥ ପ୍ରଶ୍ନୋପନିଷଦ୍‌ର ଚତୁର୍ଥ ପ୍ରଶ୍ନ ସମାପ୍ତ ॥

ପଞ୍ଚମ ପ୍ରଶ୍ନ

ଅଥ ହୈନଂ ଶୈବ୍ୟଃ ସତ୍ୟକାମଃ ପପ୍ରଚ୍ଛ । ସ ଯୋ ହ ବୈ ତଦ୍ଭଗବନ୍ମନୁଷ୍ୟେଷୁ ପ୍ରାୟଣାନ୍ତମୋଙ୍କାରମଭିଧ୍ୟାୟୀତ । କତମଂ ବାବ ସ ତେନ ଲୋକଂ ଜୟତୀତି । ତସ୍ମୈ ସ ହୋବାଚ ॥ ୧ ॥

[ଓଁକାରୋପାସନା ଅପରା ବିଦ୍ୟା ଅନ୍ତର୍ଭୁକ୍ତ ହେଲେ ମଧ୍ୟ ତଦ୍ଦ୍ୱାରା କ୍ରମମୁକ୍ତି ଲାଭ ହୁଏ ବୋଲି ପରା ବିଦ୍ୟାର ପ୍ରକରଣରେ ତାହା ବିବୃତ ହେଉଅଛି—୪/୧ର ଉପକ୍ରମ ଦ୍ରଷ୍ଟବ୍ୟ]—**ଅଥ** (ଅନନ୍ତର) **ଏନମ୍ ହ** (ଏହି ପିପ୍ପଲାଦଙ୍କୁ) **ଶୈବ୍ୟଃ** (ଶିବିପୁତ୍ର) **ସତ୍ୟକାମଃ** (ସତ୍ୟକାମ) **ପପ୍ରଚ୍ଛ** (ପ୍ରଶ୍ନ କଲେ, ପଚାରିଲେ)—**ଭଗବନ୍** (ହେ ଭଗବନ୍) **ମନୁଷ୍ୟେଷୁ** (ମନୁଷ୍ୟଗଣଙ୍କ ମଧ୍ୟରେ) **ସଃ ଯଃ ହ ବୈ** (ଯିଏ ବି ହୁଅନ୍ତୁ ନା କାହିଁକି) **ପ୍ରାୟଣ-ଅନ୍ତମ୍** (ମରଣ ପର୍ଯ୍ୟନ୍ତ, ଯାବଜ୍ଜୀବନ) **ତତ୍** (ଅସାଧାରଣରୂପରେ, ଆଶ୍ଚର୍ଯ୍ୟଭାବରେ, ଦୁଷ୍କର ହେଲେ ମଧ୍ୟ) **ଓଙ୍କାରମ୍** (ପ୍ରଣବଙ୍କୁ) **ଅଭିଧ୍ୟାୟୀତ** (ଅଭିଧ୍ୟାନ କରନ୍ତି, ଅର୍ଥାତ୍ ଭିନ୍ନଜାତୀୟ ପ୍ରତ୍ୟୟ ଦ୍ୱାରା ଅବିଚ୍ଛିନ୍ନ ଓ ନିର୍ବାତଦୀପଶିଖା ସଦୃଶ ନିସ୍ପନ୍ଦ ପ୍ରଣବବିଷୟକ ଜ୍ଞାନପ୍ରବାହ ଅବଲମ୍ବନ କରନ୍ତି) **ସଃ** (ସେହି ବ୍ୟକ୍ତି) **ତେନ** (ଓଁକାରର ଅଭିଧ୍ୟାନ ଦ୍ୱାରା) **କତମମ୍ ବାବ ଲୋକମ୍** ([ଜ୍ଞାନ ଓ କର୍ମ ଦ୍ୱାରା ଜୟକରି ହେଉଥିବା ଲୋକସମୂହ ମଧ୍ୟରେ] କେଉଁ ଲୋକକୁ) **ଜୟତି ଇତି** (ଜୟ କରନ୍ତି) । **ତସ୍ମୈ** (ତାହାଙ୍କୁ) **ସଃ** (ସେ, ପିପ୍ପଲାଦ) **ଉବାଚ ହ** (କହିଲେ)— । ୫/୧

ଅନନ୍ତର ଏହି ପିପ୍ପଲାଦଙ୍କୁ ଶିବିପୁତ୍ର ସତ୍ୟକାମ ପ୍ରଶ୍ନ କଲେ—ହେ ଭଗବନ୍, ମନୁଷ୍ୟଗଣଙ୍କ ମଧ୍ୟରେ ଯେକେହି ଯାବଜ୍ଜୀବନ ଅସାଧାରଣରୂପରେ[1] ପ୍ରଣବଙ୍କ ଅଭିଧ୍ୟାନ କରନ୍ତି, ସେ ସେହି ଧ୍ୟାନସହାୟରେ କେଉଁ ଲୋକକୁ ଜୟ କରନ୍ତି ?[2] ପିପ୍ପଲାଦ ତାହାଙ୍କୁ କହିଲେ— । ୫/୧

---

1. ସତ୍ୟ, ବ୍ରହ୍ମଚର୍ଯ୍ୟ, ଅହିଂସା, ଅପରିଗ୍ରହ, ସନ୍ନ୍ୟାସ, ଶୌଚ, ସନ୍ତୋଷ, ଅକପଟତା ପ୍ରଭୃତି ଯମ ଓ ନିୟମ ଅବଲମ୍ବନ କରି । **"ଅହିଂସା-ସତ୍ୟ-ଅସ୍ତେୟ-ବ୍ରହ୍ମଚର୍ଯ୍ୟ-ଅପରିଗ୍ରହା ଯମାଃ । ଶୌଚ-ସନ୍ତୋଷ-ତପଃ-ସ୍ୱାଧ୍ୟାୟ-ଈଶ୍ୱରପ୍ରଣିଧାନାନି ନିୟମାଃ ॥"** ଯୋଗସୂତ୍ର, ୨/୩୦, ୨/୩୨

2. ମୁ., ୨/୨/୩-୪ର ବିସ୍ତାର ପାଇଁ ଏହି ପଞ୍ଚମ ପ୍ରଶ୍ନ ।

ଏତଦ୍ବୈ ସତ୍ୟକାମ ପରଂ ଚାପରଂ ଚ ବ୍ରହ୍ମ ଯଦୋଙ୍କାରଃ । ତସ୍ମାଦ୍ବିଦ୍ୱାନେତେନୈବାୟତନେନୈକତରମନ୍ୱେତି ॥୨॥

ସତ୍ୟକାମ (ହେ ସତ୍ୟକାମ) **ଯତ୍ ଏତତ୍ ବୈ** (ଏହି ଯେଉଁ ପ୍ରସିଦ୍ଧ) **ପରମ୍ ଚ** (ପର ଅର୍ଥାତ୍ ସତ୍ୟ, ଅକ୍ଷର ପୁରୁଷ) **ଅପରମ୍ ଚ** (ଏବଂ ଅପର, ଅର୍ଥାତ୍ ପ୍ରାଣାଖ୍ୟ ପ୍ରଥମଜାତ) **ବ୍ରହ୍ମ** (ବ୍ରହ୍ମ) [ଅଛନ୍ତି, ତଦୁଭୟ ହିଁ] **ଓଙ୍କାରଃ** (ଓଁକାରସ୍ୱରୂପ [ଯେହେତୁ ଓଁକାର ସେମାନଙ୍କ ପ୍ରତୀକ]) **ତସ୍ମାତ୍** (ଏହି ହେତୁ ହିଁ) **ବିଦ୍ୱାନ୍** (ଏହିପରି ଜ୍ଞାନବାନ୍ ବ୍ୟକ୍ତି) **ଏତେନ ଏବ ଆୟତନେନ** (ଏହି ପ୍ରତୀକ-ଅବଲମ୍ବନରେ ହିଁ) **ଏକତରମ୍** (ଉଭୟରୁ ଗୋଟିକୁ, ପରବ୍ରହ୍ମ କିମ୍ବା ଅପରବ୍ରହ୍ମଙ୍କୁ) **ଅନ୍ୱେତି** ([ଉପାସନା ଅନୁସାରେ] ଅନୁଗମନ କରନ୍ତି) । ୫/୨

ହେ ସତ୍ୟକାମ, ଏହି ଯେଉଁ ପ୍ରସିଦ୍ଧ ପରବ୍ରହ୍ମ ଓ ଅପରବ୍ରହ୍ମ ଅଛନ୍ତି, ସେହି ଉଭୟ ହିଁ ଓଁକାରସ୍ୱରୂପ । ଏହି ହେତୁ ହିଁ ଏହିପ୍ରକାର (ଅର୍ଥାତ୍ ଓଁକାର ବ୍ରହ୍ମର ପ୍ରତୀକ ଏହି) ଜ୍ଞାନବାନ୍ ବ୍ୟକ୍ତି ଏହି (ଓଁକାରରୂପକ) ପ୍ରତୀକ-ଅବଲମ୍ବନରେ ପରବ୍ରହ୍ମ କିମ୍ବା ଅପରବ୍ରହ୍ମଙ୍କୁ ଅନୁଗମନ କରନ୍ତି[1] । ୫/୨

ସ ଯଦ୍ୟେକମାତ୍ରମଭିଧ୍ୟାୟୀତ ସ ତେନୈବ ସଂବେଦିତସ୍ତୂର୍ଣ୍ଣମେବ ଜଗତ୍ୟାମଭିସମ୍ପଦ୍ୟତେ । ତମୃଚୋ ମନୁଷ୍ୟଲୋକମୁପନୟନ୍ତେ ସ ତତ୍ର ତପସା ବ୍ରହ୍ମଚର୍ଯ୍ୟେଣ ଶ୍ରଦ୍ଧୟା ସମ୍ପନ୍ନୋ ମହିମାନମନୁଭବତି ॥୩॥

ସଃ (ସେହି ଉପାସକ) **ଯଦି** (ଯଦି) **ଏକମାତ୍ରମ୍** ([ଓଁକାରର କେବଳ ଗୋଟିଏ ମାତ୍ରାକୁ ଜାଣି] ଏକମାତ୍ରାତ୍ମକ ଅର୍ଥାତ୍ ଅକାରମାତ୍ରାତ୍ମକ ପ୍ରଣବଙ୍କୁ) **ଅଭିଧ୍ୟାୟୀତ** (ସର୍ବଦା ଧ୍ୟାନ କରନ୍ତି) [ତଥାପି] **ସଃ** (ସେ) **ତେନ ଏବ** (ସେହି ଧ୍ୟାନସହାୟରେ ହିଁ) **ସଂବେଦିତଃ** (ସଂବୋଧିତ ହୋଇ ସେହି ମାତ୍ରାର ଧ୍ୟାନସହାୟରେ ସେହି ମାତ୍ରାକୁ ସାକ୍ଷାତ୍ କରି) **ତୂର୍ଣ୍ଣମ ଏବ** (ଶୀଘ୍ର ହିଁ) **ଜଗତ୍ୟାମ୍** (ପୃଥିବୀରେ) [ମନୁଷ୍ୟ-ଜନ୍ମ] **ଅଭିସମ୍ପଦ୍ୟତେ** (ପ୍ରାପ୍ତ ହୁଅନ୍ତି) [କାରଣ]— **ତମ୍** (ତାହାଙ୍କୁ) **ଋଚଃ** (ଋକ୍‌ମନ୍ତ୍ରସମୂହ, ଋଗ୍‌ବେଦାତ୍ମକ ପ୍ରଥମ ମାତ୍ରା ଅକାର) **ମନୁଷ୍ୟଲୋକମ୍** (ମନୁଷ୍ୟଲୋକ ଅର୍ଥାତ୍ ମଣିଷଦେହ) **ଉପନୟନ୍ତେ** (ପ୍ରାପ୍ତ କରାଏ); **ସଃ** (ସେ) **ତତ୍ର** (ସେହି ମନୁଷ୍ୟଲୋକରେ) **ତପସା ବ୍ରହ୍ମଚର୍ଯ୍ୟେଣ**

1. କ., ୧/୨/୧୫-୧୭ ଏବଂ ଟୀକା ଦ୍ରଷ୍ଟବ୍ୟ । ମନ ପ୍ରଭୃତି ପ୍ରତୀକ ଅପେକ୍ଷା ଓଁକାର ବ୍ରହ୍ମୋପାସନାର ପ୍ରକୃଷ୍ଟତମ ଅବଲମ୍ବନ ।

ଶ୍ରଦ୍ଧୟା ଚ (ତପସ୍ୟା, ବ୍ରହ୍ମଚର୍ଯ୍ୟ ଓ ଶ୍ରଦ୍ଧା) **ସମ୍ପନ୍ନଃ** (ଯୁକ୍ତ ହୋଇ) **ମହିମାନମ୍** (ମହିମା, ବିଭୂତି) **ଅନୁଭବତି** (ଅନୁଭବ କରନ୍ତି) । ୫/୩

ସେହି ଉପାସକ ଯଦି ଏକମାତ୍ରାତ୍ମକ ଅର୍ଥାତ୍ ଅକାରମାତ୍ରାତ୍ମକ ପ୍ରଣବଙ୍କର ହିଁ ଅଭିଧାନ କରନ୍ତି, ତଥାପି ସେ ଉକ୍ତ ଧ୍ୟାନସହାୟରେ ଅକାରମାତ୍ରାକୁ ସାକ୍ଷାତ୍ କରି ଶୀଘ୍ର ହିଁ ପୃଥିବୀରେ ଜାତ ହୁଅନ୍ତି[1], (କାରଣ) ତାହାଙ୍କୁ ଋଗ୍ବେଦାତ୍ମକ ପ୍ରଥମ ମାତ୍ରା ମନୁଷ୍ୟଦେହ ପ୍ରାପ୍ତ କରାଏ ।[2] ସେ ସେଠାରେ ତପସ୍ୟା, ବ୍ରହ୍ମଚର୍ଯ୍ୟ ଓ ଶ୍ରଦ୍ଧା-ସମନ୍ୱିତ ହୋଇ ମହିମା ଅନୁଭବ କରନ୍ତି । ୫/୩

ଅଥ ଯଦି ଦ୍ୱିମାତ୍ରେଣ ମନସି ସମ୍ପଦ୍ୟତେ ସୋଽନ୍ତରିକ୍ଷଂ ଯଜୁର୍ଭିରୁନ୍ନୀୟତେ ସୋମଲୋକମ୍ । ସ ସୋମଲୋକେ ବିଭୂତିମନୁଭୂୟ ପୁନରାବର୍ତତେ ॥୪॥

ଅଥ (ତଥା) **ଯଦି** (ଯଦି) **ଦ୍ୱିମାତ୍ରେଣ**(=**ଦ୍ୱିମାତ୍ରମ୍**, ଦ୍ୱିତୀୟ ମାତ୍ରାକୁ, ଅର୍ଥାତ୍ ଉକାର-ମାତ୍ରାତ୍ମକ ପ୍ରଣବଙ୍କୁ) [ତାଦାତ୍ମ୍ୟଲାଭ ପର୍ଯ୍ୟନ୍ତ ଧ୍ୟାନ କରନ୍ତି, ତେବେ ସେହି ଉପାସକ] **ମନସି** ([ସୋମଦେବତାକର୍ତ୍ତୃକ ଅଧିଷ୍ଠିତ ସ୍ୱପ୍ନାତ୍ମକ ଓ ଯଜୁର୍ବେଦାତ୍ମକ] ମନରେ) **ସମ୍ପଦ୍ୟତେ** (ଆତ୍ମଭାବ ପ୍ରାପ୍ତ ହୁଅନ୍ତି) । **ସଃ** (ସେ) [ଦେହାନ୍ତ ପରେ] **ଯଜୁର୍ଭିଃ** ([ଦ୍ୱିତୀୟ-ମାତ୍ରାରୂପକ] ଯଜୁର୍ମନ୍ତ୍ରସମୂହ ଦ୍ୱାରା) **ଅନ୍ତରିକ୍ଷମ୍** (ଅନ୍ତରିକ୍ଷସ୍ଥ ଦ୍ୱିତୀୟମାତ୍ରାରୂପକ) **ସୋମଲୋକମ୍** (ଚନ୍ଦ୍ରଲୋକକୁ) **ଉନ୍ନୀୟତେ** (ପ୍ରାପ୍ତ ହୁଅନ୍ତି, ଅର୍ଥାତ୍ ସେଠାରେ ଜନ୍ମ ଗ୍ରହଣ କରନ୍ତି) । **ସଃ** (ସେ) **ସୋମଲୋକେ** (ଚନ୍ଦ୍ରଲୋକରେ) **ବିଭୂତିମ୍** (ଐଶ୍ୱର୍ଯ୍ୟ) **ଅନୁଭୂୟ** (ଅନୁଭବ କରି) **ପୁନରାବର୍ତତେ** (ପୁନରାୟ ମନୁଷ୍ୟଲୋକକୁ ପ୍ରତ୍ୟାବୃତ୍ତ ହୁଅନ୍ତି) । ୫/୪

---

1. ଓଁକାର ଯେ ଶ୍ରେଷ୍ଠ ପ୍ରତୀକ ତାହା ହିଁ ପ୍ରମାଣ କରିବା ପାଇଁ କୁହାହେଲା ଯେ, ଅ, ଉ, ମ—ଏହି ତ୍ରିମାତ୍ରକ ପ୍ରଣବର ଗୋଟିଏ ମାତ୍ରା 'ଅ' କାରର ଜ୍ଞାନରେ ହିଁ ଏହିପରି ଫଳ ହୁଏ । ଅପର ମାତ୍ରାଦ୍ୱୟର ଅଜ୍ଞାନରୂପକ ଅପରିପୂର୍ଣ୍ଣତା ରହିଥିଲେ ମଧ୍ୟ ସାଧକ ବିଡ଼ମ୍ବନା ପ୍ରାପ୍ତ ହୁଅନ୍ତି ନାହିଁ । (ଗୀତା, ୬/୪୦) । ଶଙ୍କରାନନ୍ଦଙ୍କ ମତରେ **ଏକମାତ୍ରମ୍**='ଅ'କାରକୁ, ବା ଏକମାତ୍ରା କାଳ ବ୍ୟାପୀ । କେହି କେହି କହନ୍ତି ଯେ, ଏହା କେବଳ ପ୍ରଣବର ସ୍ତୁତି ନୁହେଁ, କିନ୍ତୁ ବିଶ୍ୱଠାରୁ ଅଭିନ୍ନ ବିରାଟ୍‌ଙ୍କ ଉପାସନା ହିଁ ଏଠାରେ ବିହିତ ହୋଇଛି । —ମା., ୩ ଓ ୯

2. ଶ୍ରୁତିରେ ଅଛି **"ପୃଥିବୀ ଅକାରଃ, ସଃ ଋଗ୍ବେଦଃ"** । ଅଭିଧାନକାରୀ ଋଗ୍ବେଦାତ୍ମକ ଅକାରରୂପକୁ ପ୍ରାପ୍ତ ହୁଅନ୍ତି, ଏବଂ ଋକ୍‌ସମୂହ ତାହାଙ୍କୁ ଅକାରାତ୍ମକ ପୃଥିବୀଲୋକ ପ୍ରାପ୍ତ କରାନ୍ତି ।

ତଥା ଯଦି ସେ ଦ୍ୱିତୀୟ (ବା ଉକାର-ମାତ୍ରାତ୍ମକ) ପ୍ରଣବଙ୍କୁ ନିରନ୍ତର ଧ୍ୟାନ କରନ୍ତି, ତେବେ ସେ ୟଜୁର୍ବେଦାତ୍ମକ ଅନ୍ତଃକରଣରେ ଆତ୍ମଭାବ ପ୍ରାପ୍ତ ହୁଅନ୍ତି[1] । ସେ (ଦେହାନ୍ତ ପରେ) ୟଜୁଃସମୂହ ଦ୍ୱାରା ଚନ୍ଦ୍ରଲୋକକୁ ନୀତ ହୁଅନ୍ତି ଏବଂ ଚନ୍ଦ୍ରଲୋକରେ ଐଶ୍ୱର୍ଯ୍ୟ ଭୋଗ କରି[2] ପୁନରାୟ ମନୁଷ୍ୟଲୋକକୁ ପ୍ରତ୍ୟାଗମନ କରନ୍ତି । ୫/୪

ୟଃ ପୁନରେତଂ ତ୍ରିମାତ୍ରେଣୋମିତ୍ୟେତେନୈବାକ୍ଷରେଣ ପରଂ ପୁରୁଷମଭିଧାୟୀତ ସ ତେଜସି ସୂର୍ଯ୍ୟେ ସମ୍ପନ୍ନଃ । ୟଥା ପାଦୋଦରସ୍ତ୍ୱଚା ବିନିର୍ମୁଚ୍ୟତ ଏବଂ ହ ବୈ ସ ପାପ୍ମନା ବିନିର୍ମୁକ୍ତଃ ସ ସାମଭିରୁନ୍ନୀୟତେ ବ୍ରହ୍ମଲୋକଂ ସ ଏତସ୍ମାଜ୍ଜୀବଘନାତ୍ ପରାତ୍ପରଂ ପୁରିଶୟଂ ପୁରୁଷମୀକ୍ଷତେ । ତଦେତୌ ଶ୍ଲୋକୌ ଭବତଃ ॥୫॥

ୟଃ ପୁନଃ (ଯେଉଁ ବ୍ୟକ୍ତି କିନ୍ତୁ) **ତ୍ରିମାତ୍ରେଣ**(=**ତ୍ରିମାତ୍ରମ୍**, ତ୍ରିମାତ୍ରାତ୍ମକ) **ଓମ୍ ଇତି ଏତେନ ଏବ ଅକ୍ଷରେଣ** (ଓମ୍ ଏହି ଅକ୍ଷର ରୂପକ ପ୍ରତୀକରେ, ଏହି ଅକ୍ଷରରୂପରେ [**ଇତ୍‌ଥନ୍ଭାବେ ତୃତୀୟା**]) **ଏତମ୍** (ଏହି) [ସୂର୍ଯ୍ୟମଣ୍ଡଳର ଅନ୍ତର୍ଗତ] **ପରମ୍** (ସର୍ବୋତ୍ତମ) **ପୁରୁଷମ୍** (ପୁରୁଷଙ୍କୁ) **ଅଭିଧାୟୀତ** (ଆତ୍ମାରୂପରେ ଧ୍ୟାନ କରନ୍ତି) **ସଃ** (ସେ) [ତୃତୀୟମାତ୍ରାର ସ୍ୱରୂପ ପ୍ରାପ୍ତ ହୋଇ] **ତେଜସି** (ଜ୍ୟୋତିର୍ମୟ) **ସୂର୍ଯ୍ୟେ** (ସୂର୍ଯ୍ୟରେ) **ସମ୍ପନ୍ନଃ** [**ଭବତି**] (ସମ୍ମିଳିତ ହୁଅନ୍ତି) । **ୟଥା** (ଯେପରି) **ପାଦ-ଉଦରଃ** (ସର୍ପ) **ତ୍ୱଚା ବିନିର୍ମୁଚ୍ୟତେ** (ଜୀର୍ଣ୍ଣ ତ୍ୱକ୍‌ଠାରୁ ମୁକ୍ତ ହୁଏ) **ଏବମ୍ ହ ବୈ** (ଠିକ୍ ଏହି ପ୍ରକାରେ ହିଁ) **ସଃ** (ସେ) **ପାପ୍ମନା ବିନିର୍ମୁକ୍ତଃ** (ପାପ [ଓ ପୁଣ୍ୟ] ଠାରୁ ବିନିର୍ମୁକ୍ତ ହୁଅନ୍ତି) **ସଃ** (ସେ) **ସାମଭିଃ** (ତୃତୀୟ ମାତ୍ରାରୂପକ ସାମସମୂହ ଦ୍ୱାରା) **ବ୍ରହ୍ମଲୋକମ୍ ଉନ୍ନୀୟତେ** (ଊର୍ଦ୍ଧ୍ୱକୁ, ହିରଣ୍ୟଗର୍ଭଲୋକକୁ, ସତ୍ୟଲୋକକୁ, ନୀତ ହୁଅନ୍ତି); **ସଃ** (ସେହି ତ୍ରିମାତ୍ର-ଓଁକାରାଭିଜ୍ଞ ବ୍ୟକ୍ତି) **ଏତସ୍ମାତ୍** (ଏହି)

---

1. ଶଙ୍କରାନନ୍ଦଙ୍କ ଦୀପିକାନୁସାରେ ଏହି ଅଂଶର ଅର୍ଥ ହେଉଛି—**ୟଦି (ଦୈବାତ୍)** [କେହି] **ଦ୍ୱିମାତ୍ରେଣ** (ଦୁଇମାତ୍ରା କାଳ ବ୍ୟାପୀ, ଅଥବା ଅକାର ଓ ଉକାର ଏହି ଉଭୟ ମାତ୍ରା ସହାୟରେ) **ମନସି ସମ୍ପଦ୍ୟତେ** (ଅନ୍ତଃକରଣରେ ସମ୍ପନ୍ନ ହୁଅନ୍ତି, ଅର୍ଥାତ୍ ଅଭିଧାନ କରନ୍ତି) [ତେବେ] **ସଃ** (ସେ) ଇତ୍ୟାଦି ।

2. କାହା କାହା ମତରେ ଏହା ଉକ୍ତ ଜ୍ଞାନର ପ୍ରଶଂସାମାତ୍ର ନୁହେଁ; କିନ୍ତୁ ଏଠାରେ ତେଜସଠାରୁ ଅଭିନ୍ନ ହିରଣ୍ୟଗର୍ଭଙ୍କ ଉପାସନା ହିଁ ବିହିତ ହେଉଅଛି । ସେମାନଙ୍କ ମତରେ 'ମନ' ଶବ୍ଦରେ ସ୍ୱପ୍ନ ସଦୃଶ ବ୍ରହ୍ମାଣ୍ଡରେ (ପ୍ର., ୬/୪ ଟୀକା) ଆତ୍ମାଭିମାନକାରୀ ହିରଣ୍ୟଗର୍ଭଙ୍କୁ ହିଁ ବୁଝାଉଛି । —ମା., ୪ ଓ ୧୦

ପରାତ୍ (ସ୍ଥାବର ଓ ଜଙ୍ଗମରୁ ଶ୍ରେଷ୍ଠ) **ଜୀବଘନାତ୍** (ଜୀବ-ସମଷ୍ଟୀଭୂତ, ଅର୍ଥାତ୍ ଲିଙ୍ଗଶରୀର-ସମଷ୍ଟିରେ ଅଭିମାନକାରୀ ହିରଣ୍ୟଗର୍ଭଠାରୁ) **ପରମ୍** (ଉତ୍ତମ) **ପୁରିଶୟମ୍** (ସକଳ ଶରୀରରେ ଅନୁପ୍ରବିଷ୍ଟ) **ପୁରୁଷମ୍** (ପୁରୁଷଙ୍କୁ, ପରମାତ୍ମାଙ୍କୁ) **ଈକ୍ଷତେ** (ସାକ୍ଷାତ୍‌ଭାବରେ ଦର୍ଶନ କରନ୍ତି) । **ତତ୍** (ସେହି ବିଷୟରେ) **ଏତୌ** (ଏହି ଦୁଇଟି) **ଶ୍ଲୋକୌ** (ଶ୍ଲୋକ) **ଭବତଃ** (ରହିଛି) । ୫/୫

ଯେଉଁ ବ୍ୟକ୍ତି କିନ୍ତୁ ଅ, ଉ, ମ ଏହି ତ୍ରିମାତ୍ରାତ୍ମକ ଓଁ ଏହି ଅକ୍ଷରରୂପକ ପ୍ରତୀକରେ (ସୂର୍ଯ୍ୟମଣ୍ଡଳସ୍ଥ) ପରମ ପୁରୁଷଙ୍କୁ[1] ନିରନ୍ତର ଧ୍ୟାନ କରନ୍ତି[2] ସେ ତୃତୀୟ ମାତ୍ରାର ସ୍ୱରୂପ ପ୍ରାପ୍ତ ହୋଇ[3] ଜ୍ୟୋତିର୍ମୟ ସୂର୍ଯ୍ୟରେ ସମ୍ମିଳିତ ହୁଅନ୍ତି । ସର୍ପ ଯେପରି ଜୀର୍ଣ୍ଣ ତ୍ୱକରୁ ମୁକ୍ତ ହୁଏ, ଠିକ୍ ସେପରି ହିଁ ସେହି ବ୍ୟକ୍ତି ପାପ ଓ ପୁଣ୍ୟରୁ ବିନିର୍ମୁକ୍ତ ହୋଇ ସାମସମୂହ ଦ୍ୱାରା ଊର୍ଦ୍ଧ୍ୱ ହିରଣ୍ୟଲୋକକୁ ନୀତ ହୁଅନ୍ତି । ସେ ଏହି ଜୀବସମଷ୍ଟିଭୂତ ହିରଣ୍ୟଗର୍ଭଠାରୁ ମଧ୍ୟ ଉତ୍ତମ ପୁରୁଷଙ୍କୁ ଦର୍ଶନ କରନ୍ତି । ଉକ୍ତ ବିଷୟରେ ଏହି ଦୁଇଟି ଶ୍ଲୋକ ଅଛି—। ୫/୫

ତିସ୍ରୋ ମାତ୍ରା ମୃତ୍ୟୁମତ୍ୟଃ ପ୍ରୟୁକ୍ତା
ଅନ୍ୟୋନ୍ୟସକ୍ତା ଅନବିପ୍ରୟୁକ୍ତାଃ ।
କ୍ରିୟାସୁ ବାହ୍ୟାଭ୍ୟନ୍ତରମଧ୍ୟମାସୁ
ସମ୍ୟକ୍‌ପ୍ରଯୁକ୍ତାସୁ ନ କମ୍ପତେ ଜ୍ଞଃ ॥୬॥

[ଓଁକାରର] **ତିସ୍ରଃ** (ତିନିଟି) **ମାତ୍ରାଃ** (ଅ-କାର, ଉ-କାର, ମ-କାର ନାମକ ମାତ୍ରା) **ମୃତ୍ୟୁମତ୍ୟଃ** (ମୃତ୍ୟୁର ବିଷୟୀଭୂତ; ବ୍ରହ୍ମଦୃଷ୍ଟିବିହୀନରୂପରେ ପୃଥକ୍ ପୃଥକ୍ ଗ୍ରହଣ କଲେ ସେମାନଙ୍କର ଧ୍ୟାନଫଳ ବିନାଶୀ ହୋଇଥାଏ); [କିନ୍ତୁ] **ଅନବିପ୍ରୟୁକ୍ତାଃ**[4](ଏକ ହିଁ ବ୍ରହ୍ମବିଷୟରେ ନିବିଷ୍ଟଭାବରେ) **ଅନ୍ୟୋନ୍ୟ-ସକ୍ତାଃ** (ପରସ୍ପର ସମ୍ବଦ୍ଧ ହୋଇ) **ସମ୍ୟକ୍ ପ୍ରଯୁକ୍ତାସୁ** (ପ୍ରକୃଷ୍ଟରୂପରେ ଆଚରିତ)

---

1. **"ତତ୍ ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ"** ଇତ୍ୟାଦି ଗାୟତ୍ରୀ-ମନ୍ତ୍ରରେ ଉଲ୍ଲିଖିତ ପୁରୁଷ ।

2. ମୁ., ୨/୨/୫-୬

3. ମାତ୍ରାତ୍ରୟର ଧ୍ୟାନରେ ସାଧକ ଅବଶ୍ୟ ମାତ୍ରାତ୍ରୟରୂପୀ ହିଁ ହୁଅନ୍ତି; ତଥାପି ତୃତୀୟମାତ୍ରାର ପ୍ରାଧାନ୍ୟ-ନିର୍ଦ୍ଦେଶ ପାଇଁ ଏହି ପ୍ରକାର କୁହାହେଲା ।

4. **ବିଶେଷେଣ ଏକୈକବିଷୟେ ପ୍ରଯୁକ୍ତା ବିପ୍ରୟୁକ୍ତାଃ, ନ ତଥା ବିପ୍ରୟୁକ୍ତା ଅବିପ୍ରୟୁକ୍ତାଃ ନ ଅବିପ୍ରୟୁକ୍ତା ଅନବିପ୍ରୟୁକ୍ତାଃ**—ଶାଙ୍କରଭାଷ୍ୟମ୍ ।

ବାହ୍ୟ-ଆଭ୍ୟନ୍ତର-ମଧମାସୁ (ଜାଗ୍ରତ୍, ସ୍ୱପ୍ନ ଓ ସୁଷୁପ୍ତି ଯାହାକି ଆତ୍ମାଙ୍କ ସ୍ଥାନ, ଅକାରାଦିରୂପରେ ତାହାଙ୍କର ଧାନ-ରୂପକ) **କ୍ରିୟାସୁ** (ଯୋଗକ୍ରିୟାସମୂହରେ) **ପ୍ରଯୁକ୍ତାଃ** (ବିନିଯୁକ୍ତ ହେଲେ) **ଜ୍ଞଃ** (ଓଁକାର-ବିଭାଗଜ୍ଞ ଯୋଗୀ) **ନ କମ୍ପତେ** (ବିଚଳିତ ହୁଅନ୍ତି ନାହିଁ) । ୫/୬

ଓଁକାରର ତିନୋଟି ମାତ୍ରା ମୃତ୍ୟୁର ଅଧୀନ । କିନ୍ତୁ ସେମାନେ ଯଦି ଏକ ହିଁ ବ୍ରହ୍ମରେ ନିବିଷ୍ଟଭାବରେ ପରସ୍ପର ସମ୍ବଦ୍ଧ ହୁଅନ୍ତି ଏବଂ ବାହ୍ୟ, ଆଭ୍ୟନ୍ତର ଓ ମଧମ ସ୍ଥାନର ଅଧୀଶ୍ୱରଙ୍କ ପ୍ରକୃଷ୍ଟ ଧାନରୂପକ ଯୋଗକ୍ରିୟାସମୂହରେ ବିନିଯୁକ୍ତ ହୁଅନ୍ତି[1], ତେବେ ଏହିପରି ବିଭାଗଜ୍ଞ ଯୋଗୀ ବିଚଳିତ ହୁଅନ୍ତି ନାହିଁ[2] । ୫/୬

ଋଗ୍ଭିରେତଂ ୟଜୁର୍ଭିରନ୍ତରିକ୍ଷଂ
ସାମଭିର୍ୟତ୍ ତତ୍ କବୟୋ ବେଦୟନ୍ତେ ।
ତମୋଙ୍କାରେଣୈବାୟତନେନାନ୍ୱେତି ବିଦ୍ୱାନ୍
ୟତ୍ତଚ୍ଛାନ୍ତମଜରମମୃତମଭୟଂ ପରଂ ଚେତି ॥୭॥

ଇତି ପ୍ରଶ୍ନୋପନିଷଦି ପଞ୍ଚମଃ ପ୍ରଶ୍ନଃ ॥

[ଏହି ମନ୍ତ୍ରରେ ପୂର୍ବୋକ୍ତ ସମସ୍ତ ବିଷୟ ସଂଗୃହୀତ ହେଉଅଛି]—**ଋଗ୍ଭିଃ** (ଋକ୍‌ସକଳ ଦ୍ୱାରା ପ୍ରାପ୍ୟ) **ଏତମ୍** (ଏହି ମନୁଷ୍ୟଲୋକକୁ) **ୟଜୁର୍ଭିଃ** (ୟଜୁଃସମୂହ ଦ୍ୱାରା ପ୍ରାପ୍ୟ) **ଅନ୍ତରିକ୍ଷମ୍** (ଚନ୍ଦ୍ରଲୋକକୁ) **ସାମଭିଃ** (ସାମସମୂହଦ୍ୱାରା ପ୍ରାପ୍ୟ) **ୟତ୍** (ଯେଉଁ ବ୍ରହ୍ମଲୋକ) **ତତ୍** (ତାହା) **କବୟଃ** (ମେଧାବୀମାନେ ହିଁ କେବଳ) **ବେଦୟନ୍ତେ** (ଅବଗତ ଅଛନ୍ତି)—**ତମ୍** (ଅପର-ବ୍ରହ୍ମାତ୍ମକ ଉକ୍ତ ତ୍ରିବିଧ ଲୋକକୁ) **ଓଙ୍କାରେଣ** (ଓଁକାରରୂପକ ପ୍ରତୀକାବଲମ୍ବନରେ) **ବିଦ୍ୱାନ୍** (ଜ୍ଞାନୀ ବ୍ୟକ୍ତି) **ଅନ୍ୱେତି**

---

1. ବିଶ୍ୱ, ତୈଜସ ଓ ପ୍ରାଜ୍ଞରୂପୀ ବିରାଟ୍, ହିରଣ୍ୟଗର୍ଭ ଓ ଈଶ୍ୱରଙ୍କର ଅକାରାଦିରୂପରେ ପୃଥକ୍ ଧାନ ନ କରି ଓଁକାର-ବ୍ରହ୍ମଙ୍କ ସହିତ ଅଭେଦରେ ଧାନ କଲେ । ଶଙ୍କରାନନ୍ଦଙ୍କ ମତରେ—"ଯାଗ ଆଦି ବାହ୍ୟକ୍ରିୟା, ପ୍ରାଣାୟାମାଦି ଆଭ୍ୟନ୍ତରକ୍ରିୟା ଓ ମାନସଜପାଦି ମଧମକ୍ରିୟାରେ ବିନିଯୁକ୍ତ ହେଲେ ।" ଜାଗ୍ରତ୍, ସ୍ୱପ୍ନ ଓ ସୁଷୁପ୍ତି ସମ୍ବନ୍ଧରେ ମା., ୩-୭ ଦ୍ରଷ୍ଟବ୍ୟ ।

2. ଏହାର ତାତ୍ପର୍ଯ୍ୟ ହେଉଛି, ଯଦିଓ ମାତ୍ରାତ୍ରୟର ପୃଥକ୍‌ଭାବରେ ଉପାସନାର ଫଳ ବିନାଶୀ ତଥାପି ପରସ୍ପର-ସମ୍ବଦ୍ଧରୂପେ ଉପାସିତ ହେଲେ ସେମାନେ ବ୍ରହ୍ମପ୍ରାପ୍ତିର କାରଣ ହୁଅନ୍ତି । ଏହି ପ୍ରଶ୍ନର ଶେଷରେ ଓଁକାର ସହିତ ଅଭେଦରେ ପରବ୍ରହ୍ମ ଈଶ୍ୱରଙ୍କ ଧାନ ଉଲ୍ଲଖିତ ହୋଇଅଛି । "ଓଁକାର-ବ୍ରହ୍ମ ମୁଁ, ଏବଂ ବିରାଟ୍ ପ୍ରଭୃତି ମଧ ବ୍ରହ୍ମଠାରୁ ଅଭିନ୍ନ"—ଏହି ପ୍ରକାର ଧାନ ଫଳରେ ଧାତା ସର୍ବସ୍ୱରୂପ ହୁଅନ୍ତି; ସୁତରାଂ ତାଙ୍କର ଚାଞ୍ଚଲ୍ୟର କୌଣସି କାରଣ ରହେ ନାହିଁ ।

(ପ୍ରାପ୍ତ ହୁଅନ୍ତି) **ଯତ୍** (ଯାହା) **ଶାନ୍ତମ୍** (ଶାନ୍ତ, ସର୍ବପ୍ରପଞ୍ଚ-ବିବର୍ଜିତ) **ଅଜରମ୍** (ଜରାହୀନ, ବିକ୍ରିୟାଶୂନ୍ୟ) **ଅମୃତମ୍** (ମୃତ୍ୟୁହୀନ, ଅମର) **ଅଭୟମ୍** (ଭୟହୀନ) **ପରମ୍** (ସର୍ବୋତ୍ତମ) **ତତ୍ ଚ** (ତାହା ମଧ୍ୟ) **ଆୟତନେନ ଏବ** (ଓଁକାରରୂପକ ପ୍ରତୀକାବଲମ୍ବନରେ ହିଁ) [ପ୍ରାପ୍ତ ହୁଅନ୍ତି] **ଇତି** (ସମାପ୍ତି ସୂଚକ) । ୫/୭

ଋକ୍‌ସମୂହ ଦ୍ୱାରା ପ୍ରାପ୍ୟ ମନୁଷ୍ୟଲୋକ, ୟଜୁଃସମୂହ ଦ୍ୱାରା ପ୍ରାପ୍ୟ ଚନ୍ଦ୍ରଲୋକ ଏବଂ ସାମସମୂହ ଦ୍ୱାରା ମେଧାବୀମାନଙ୍କର ଅବଗମ୍ୟ ବ୍ରହ୍ମଲୋକ— ଏହି (ଅପରବ୍ରହ୍ମାତ୍ମକ ତ୍ରିବିଧ) ଲୋକଙ୍କୁ ହିଁ ଉପାସକ ଓଁକାରାବଲମ୍ବନରେ ପ୍ରାପ୍ତ ହୁଅନ୍ତି ଏବଂ ଯାହା ଶାନ୍ତ, ଅଜର, ଅମୃତ, ଅଭୟ ଓ ସର୍ବୋତ୍ତମ ତାହା ମଧ୍ୟ ଏହି ଓଁକାରରୂପକ ପ୍ରତୀକାବଲମ୍ବନରେ ହିଁ ପ୍ରାପ୍ତ ହୁଅନ୍ତି[1] । ୫/୭

॥ ପ୍ରଶ୍ନୋପନିଷଦ୍‌ର ପଞ୍ଚମ ପ୍ରଶ୍ନ ସମାପ୍ତ ॥

---

1. ଯାହା ଦ୍ୱାରା ଅପରବ୍ରହ୍ମ ପ୍ରାପ୍ତ ହୁଅନ୍ତି, ସେହି ଓଁକାରାବଲମ୍ବନରେ ହିଁ ପରବ୍ରହ୍ମ ମଧ୍ୟ ପ୍ରାପ୍ତ ହୁଅନ୍ତି । ବ୍ରହ୍ମଲୋକରେ ନିର୍ବିଶେଷ ବ୍ରହ୍ମଜ୍ଞାନ ଉତ୍ପନ୍ନ ହୁଏ; ସୁତରାଂ ଓଁକାର-ଉପାସନା କ୍ରମମୁକ୍ତିର କାରଣ ହୋଇଥାଏ । —ପ୍ର., ୫/୨

ଷଷ୍ଠ ପ୍ରଶ୍ନ

ଅଥ ହୈନଂ ସୁକେଶା ଭାରଦ୍ୱାଜଃ ପପ୍ରଚ୍ଛ—ଭଗବନ୍ ହିରଣ୍ୟନାଭଃ କୌସଲ୍ୟୋ ରାଜପୁତ୍ରୋ ମାମୁପେତ୍ୟୈତଂ ପ୍ରଶ୍ନମପୃଚ୍ଛତ । ଷୋଡଶକଲଂ ଭାରଦ୍ୱାଜ ପୁରୁଷଂ ବେତ୍‌ଥ । ତମହଂ କୁମାରମବ୍ରୁବଂ ନାହମିମଂ ବେଦ ୟଦ୍ୟହମିମମବେଦିଷଂ କଥଂ ତେ ନାବକ୍ଷ୍ୟମିତି । ସମୂଲୋ ବା ଏଷ ପରିଶୁଷ୍ୟତି ୟୋଽନୃତମଭିବଦତି ତସ୍ମାନ୍ନାର୍ହାମ୍ୟନୃତଂ ବକ୍ତୁମ୍ । ସ ତୂଷ୍ଣୀଂ ରଥମାରୁହ୍ୟ ପ୍ରବବ୍ରାଜ । ତଂ ତ୍ୱା ପୃଚ୍ଛାମି କ୍ୱାସୌ ପୁରୁଷ ଇତି ॥୧॥

ଅଥ ହ (ଅନନ୍ତର) **ଏନମ୍** (ପିପ୍ପଲାଦଙ୍କୁ) **ଭାରଦ୍ୱାଜଃ** (ଭରଦ୍ୱାଜପୁତ୍ର) **ସୁକେଶା** (ସୁକେଶା) **ପପ୍ରଚ୍ଛ** (ପ୍ରଶ୍ନ କଲେ)—**ଭଗବନ୍** (ହେ ଭଗବନ୍) **ହିରଣ୍ୟନାଭଃ** (ହିରଣ୍ୟନାଭନାମକ) **କୌସଲ୍ୟଃ** (କୋସଲଦେଶୀୟ) **ରାଜପୁତ୍ରଃ** (ରାଜକୁମାର) **ମାମ୍ ଉପେତ୍ୟ** (ମୋ ନିକଟକୁ ଆଗମନ କରି) **ଏତମ୍** (ଏହି) **ପ୍ରଶ୍ନମ୍** (ପ୍ରଶ୍ନ) **ଅପୃଚ୍ଛତ** (ପଚାରିଥିଲେ)—**ଭାରଦ୍ୱାଜ** (ହେ ଭରଦ୍ୱାଜତନୟ) **ଷୋଡଶ-କଲମ୍** (ଷୋଡ଼ଶ ଅବୟବବିଶିଷ୍ଟ) **ପୁରୁଷମ୍** (ପୁରୁଷଙ୍କୁ) **ବେତ୍‌ଥ** (ଆପଣ ଜାଣନ୍ତି କି) ? **ଅହମ୍** (ମୁଁ) **ତମ୍** (ସେହି) **କୁମାରମ୍** (ରାଜପୁତ୍ରଙ୍କୁ) **ଅବ୍ରୁବମ୍** (କହିଥିଲି)—**ଅହମ୍** (ମୁଁ) **ଇମମ୍** (ଏହି ପୁରୁଷଙ୍କୁ) **ନ ବେଦ** (ଜାଣେ ନାହିଁ); **ୟଦି** (ଯଦି) **ଅହମ୍ ଇମମ୍** (ଏହାଙ୍କୁ) **ଅବେଦିଷମ୍** (ଜାଣିଥାଆନ୍ତି) [ତେବେ] **କଥମ୍** (କାହିଁକି) **ତେ ନ ଅବକ୍ଷ୍ୟମ୍ ଇତି** (ଆପଣଙ୍କୁ ନ କହିବି) **ୟଃ ବୈ** (ଯିଏ) **ଅନୃତମ୍** (ମିଥ୍ୟା) **ଅଭିବଦତି** (କହନ୍ତି) **ଏଷଃ** (ଏହିପ୍ରକାର ବ୍ୟକ୍ତି) **ସମୂଲଃ** (ସମୂଳେ) **ପରିଶୁଷ୍ୟତି** (ଶୁଖିଯାଏ, ଇହଲୋକ ଓ ପରଲୋକରୁ ଭ୍ରଷ୍ଟ ହୁଏ) **ତସ୍ମାତ୍** (ସୁତରାଂ) **ଅନୃତମ୍ ବକ୍ତୁମ୍** (ମିଥ୍ୟା କହି) **ନ ଅର୍ହାମି** (ପାରେ ନାହିଁ) । **ସଃ** (ସେହି ରାଜପୁତ୍ର) **ତୂଷ୍ଣୀମ୍** (ଚୁପ୍ କରି) **ରଥମ୍** (ରଥ) **ଆରୁହ୍ୟ** (ଆରୋହଣପୂର୍ବକ) **ପ୍ରବବ୍ରାଜ** (ଚାଲିଗଲେ) । **ତମ୍** (ତାହାଙ୍କୁ [ଜାଣିବା ପାଇଁ]) **ତ୍ୱା** (ଆପଣଙ୍କୁ) **ପୃଚ୍ଛାମି** (ପଚାରେ) **ଅସୌ** (ଉକ୍ତ) **ପୁରୁଷଃ** (ପୁରୁଷ) **କ୍ୱ ଇତି** (କେଉଁଠି) [ବିଜ୍ଞେୟ] ? । ୬/୧

ଅନନ୍ତର[1] ତାହାଙ୍କୁ ଭରଦ୍ୱାଜପୁତ୍ର ସୁକେଶା ପ୍ରଶ୍ନ କଲେ—ହେ ଭଗବନ୍, ହିରଣ୍ୟନାଭ ନାମକ କୋସଲଦେଶୀୟ ରାଜପୁତ୍ର ମୋ ନିକଟକୁ ଆସି ଏହି ପ୍ରଶ୍ନ ପଚାରିଥିଲେ, "ହେ ଭରଦ୍ୱାଜତନୟ, ଆପଣ ଷୋଡ଼ଶ-ଅବୟବବିଶିଷ୍ଟ ପୁରୁଷଙ୍କୁ ଜାଣନ୍ତି କି ?" ମୁଁ ସେହି କୁମାରଙ୍କୁ କହିଥିଲି, "ମୁଁ ଏହି ପୁରୁଷଙ୍କୁ ଜାଣେ ନାହିଁ । ଯଦି ଜାଣିଥାଆନ୍ତି ତେବେ ଆପଣଙ୍କୁ କାହିଁକି କହିବି ନାହିଁ ? ଯେଉଁ ବ୍ୟକ୍ତି ମିଥ୍ୟା କହେ, ସେ ସମୂଳେ ବିନଷ୍ଟ ହୁଏ[2], ସୁତରାଂ ମୁଁ ମିଥ୍ୟା କହିପାରେ ନାହିଁ ।" ସେହି ରାଜକୁମାର ଚୁପ୍ ହୋଇ (ଲଜ୍ଜିତଭାବରେ) ରଥ ଆରୋହଣପୂର୍ବକ ଚାଲିଗଲେ । ସେହି ପୁରୁଷଙ୍କୁ ଜାଣିବା ପାଇଁ ମୁଁ ଆପଣଙ୍କୁ ଏହି ପ୍ରଶ୍ନ କରୁଅଛି—ସେହି ପୁରୁଷ କେଉଁଠାରେ ଅବସ୍ଥିତ ?" ୬/୧

ତସ୍ମୈ ସ ହୋବାଚ । ଇହୈବାନ୍ତଃଶରୀରେ ସୋମ୍ୟ ସ ପୁରୁଷୋ ଯସ୍ମିନ୍ନେତାଃ ଷୋଡଶକଲାଃ ପ୍ରଭବନ୍ତୀତି ॥ ୨ ॥

ସଃ (ସେ, ପିପ୍ପଲାଦ) **ତସ୍ମୈ** (ତାହାଙ୍କୁ) **ଉବାଚ ହ** (କହିଲେ)—**ସୋମ୍ୟ** (ହେ ପ୍ରିୟଦର୍ଶନ) **ଇହ ଏବ** (ଏଠାରେ ହିଁ) **ଅନ୍ତଃ-ଶରୀରେ** (ହୃଦୟପଦ୍ମାକାଶରେ) **ସଃ** (ସେହି) **ପୁରୁଷଃ** (ପୁରୁଷ) **ଯସ୍ମିନ୍** (ଯାହାଙ୍କଠାରେ) **ଏତାଃ** (ଏହି ସକଳ) **ଷୋଡଶ କଲାଃ** (ପ୍ରାଣାଦି ଷୋଡ଼ଶ କଳା) **ପ୍ରଭବନ୍ତି ଇତି** (ଉତ୍ପନ୍ନ ହୁଅନ୍ତି) । ୬/୨

ପିପ୍ପଲାଦ ତାହାଙ୍କୁ କହିଲେ—ହେ ସୌମ୍ୟ, ଯାହାଙ୍କଠାରେ (ଅର୍ଥାତ୍ ଯେଉଁ ପୁରୁଷଙ୍କୁ ଆଶ୍ରୟ କରି) ଏହି ଷୋଡ଼ଶକଳା ଉତ୍ପନ୍ନ ହୁଅନ୍ତି[3], ସେହି ପୁରୁଷ ଏହି ହୃଦୟପଦ୍ମାକାଶରେ ଏଠାରେ ହିଁ ଅବସ୍ଥିତ[4] । ୬/୨

---

1. ମୁ., ୩/୨/୬-୮ ମନ୍ତ୍ରର ବିସ୍ତାରାର୍ଥେ ୬ଷ୍ଠ ପ୍ରଶ୍ନ ।

2. ପ୍ର., ୧/୨ ଟୀକା ।

3. ପ୍ର., ୬/୪; ପୁରୁଷ ସ୍ୱରୂପତଃ ନିଷ୍କଳ ହେଲେ ମଧ୍ୟ ଅବିଦ୍ୟାବଶତଃ ତାହାଙ୍କୁ କଳାବିଶିଷ୍ଟରୂପରେ ଲକ୍ଷ୍ୟ କରାହୁଏ । ଏହି କଳାସମୂହ ତାଙ୍କଠାରେ ଆରୋପିତ ଉପାଧିମାତ୍ର । ଆରୋପର ଅଧିଷ୍ଠାନଭୂତ ପୁରୁଷ ଅଛନ୍ତି ବୋଲି ତାଙ୍କଠାରେ ଆରୋପ ସମ୍ଭବ ହୁଏ, ନତୁବା ଆରୋପିତ ବସ୍ତୁର ଅନୁଭୂତି ହୁଏ ନାହିଁ । ଏଥିପାଇଁ କୁହାହେଲା ଯେ, ତାଙ୍କଠାରେ କଳାସମୂହ ଉତ୍ପନ୍ନ ହୁଏ ଅର୍ଥାତ୍ ମିଥ୍ୟା ଉପାଧିରୂପେ ଅବସ୍ଥାନ କରେ । ପୁରୁଷଙ୍କଠାରେ ଆରୋପିତ ଉପାଧିସମୂହକୁ ବିଦ୍ୟାଦ୍ୱାରା ଦୂର କରି ତାଙ୍କର ନିଷ୍କଳ ସ୍ୱରୂପ-ପ୍ରଦର୍ଶନ ଉଦ୍ଦେଶ୍ୟରେ ହିଁ ଏଠାରେ ଅଧ୍ୟାରୋପିତ କଳାସମୂହର ଉତ୍ପତ୍ତିର ଉଲ୍ଲେଖ କରାହେଲା ।

4. ଅର୍ଥାତ୍ ସେହି ପୁରୁଷ ହିଁ ଜୀବଙ୍କ ପ୍ରତ୍ୟଗାତ୍ମା ।

ସ ଈକ୍ଷାଂଚକ୍ରେ । କସ୍ମିନ୍ନହମୁତ୍କ୍ରାନ୍ତ ଉତ୍କ୍ରାନ୍ତୋ ଭବିଷ୍ୟାମି କସ୍ମିନ୍ ବା ପ୍ରତିଷ୍ଠିତେ ପ୍ରତିଷ୍ଠାସ୍ୟାମୀତି ॥୩॥

ସଃ (ସେହି ପୁରୁଷ) **ଈକ୍ଷାମ୍ ଚକ୍ରେ** (ଦର୍ଶନ କଲେ ଅର୍ଥାତ୍ ଚିନ୍ତା କଲେ)— **କସ୍ମିନ୍ ଉତ୍କ୍ରାନ୍ତେ** ([ଶରୀରୁ] କିଏ ଉତ୍କ୍ରମଣ କଲେ) **ଅହମ୍** (ମୁଁ) **ଉତ୍କ୍ରାନ୍ତଃ ଭବିଷ୍ୟାମି** (ହେବି) **କସ୍ମିନ୍ ବା ପ୍ରତିଷ୍ଠିତେ** (ପୁଣି କିଏ [ଶରୀରରେ] ପ୍ରତିଷ୍ଠିତ ରହିଲେ) **ପ୍ରତିଷ୍ଠାସ୍ୟାମି ଇତି** (ମୁଁ ପ୍ରତିଷ୍ଠିତ ରହିବି) । ୬/୩

ସେହି ପୁରୁଷ ଏହି ଚିନ୍ତା କଲେ—ଶରୀରକୁ କିଏ ଉତ୍କ୍ରମଣ କଲେ ମୁଁ ଉତ୍କ୍ରାନ୍ତ ହେବି ? ପୁଣି କିଏ ପ୍ରତିଷ୍ଠିତ ରହିଲେ ମୁଁ ମଧ୍ୟ ଶରୀରରେ ପ୍ରତିଷ୍ଠିତ ରହିବି ? ୬/୩

ସ ପ୍ରାଣମସୃଜତ ପ୍ରାଣାଚ୍ଛ୍ରଦ୍ଧାଂ ଖଂ ବାୟୁର୍ଜ୍ୟୋତିରାପଃ ପୃଥ୍ୱୀନ୍ଦ୍ରିୟଂ ମନଃ । ଅନ୍ନମନ୍ନାଦ୍ୱୀର୍ୟଂ ତପୋ ମନ୍ତ୍ରାଃ କର୍ମ ଲୋକା ଲୋକେଷୁ ଚ ନାମ ଚ ॥୪॥

ସଃ (ସେହି ପୁରୁଷ) **ପ୍ରାଣମ୍** ([ହିରଣ୍ୟଗର୍ଭାଖ୍ୟ] ପ୍ରାଣକୁ) **ଅସୃଜତ** (ସୃଷ୍ଟି କଲେ) **ପ୍ରାଣାତ୍** (ପ୍ରାଣଠାରୁ) **ଶ୍ରଦ୍ଧାମ୍** (ପ୍ରାଣୀବର୍ଗଙ୍କ ଶୁଭକର୍ମର ହେତୁଭୂତ ଶ୍ରଦ୍ଧାକୁ) [ସୃଷ୍ଟି କଲେ] [ସେଥିରୁ କ୍ରମେ କର୍ମଫଳ-ଉପଭୋଗର ସାଧନ ଭୂତବର୍ଗଙ୍କର ଯଥା] **ଖମ୍** (ଆକାଶ) **ବାୟୁଃ** (ବାୟୁ) **ଜ୍ୟୋତିଃ** (ଅଗ୍ନି) **ଆପଃ** (ଜଳ) **ପୃଥ୍ୱୀ** (ପୃଥ୍ୱୀ) । [ସେହିପରି ସେହି ଭୂତବର୍ଗଠାରୁ] **ଇନ୍ଦ୍ରିୟମ୍** (ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପଞ୍ଚ କର୍ମେନ୍ଦ୍ରିୟ) **ମନଃ** (ଇନ୍ଦ୍ରିୟଙ୍କ ନେତା ସଂକଳ୍ପ-ବିକଳ୍ପାତ୍ମକ ମନ) **ଅନ୍ନମ୍** (ଅନ୍ନ) **ଅନ୍ନାତ୍** (ଅନ୍ନଠାରୁ) **ବୀର୍ଯମ୍** (ସାମର୍ଥ୍ୟ) **ତପଃ** (ବିଶୁଦ୍ଧିର ସାଧନ) **ମନ୍ତ୍ରାଃ** (ଋକ୍, ୟଜୁଃ, ସାମ ଓ ଅଥର୍ବାଙ୍ଗିରସ ବେଦରୂପକ ମନ୍ତ୍ରସମୂହ) **କର୍ମ** (ଅଗ୍ନିହୋତ୍ରାଦି କର୍ମ) **ଲୋକାଃ** (କର୍ମଫଳଭୂତ ଲୋକସମୂହ) **ଲୋକେଷୁ ଚ** (ଏବଂ ସେହି ଲୋକସମୂହରେ) **ନାମ ଚ** ([ଦେବଦତ୍ତାଦି] ନାମ ମଧ୍ୟ) [ସୃଜନ କଲେ] । ୬/୪

ସେ ହିରଣ୍ୟଗର୍ଭାଖ୍ୟ ପ୍ରାଣକୁ[1] ସୃଷ୍ଟି କଲେ ଏବଂ ପ୍ରାଣଠାରୁ ଶ୍ରଦ୍ଧାକୁ ସୃଷ୍ଟି କଲେ । ଅତଃପର ଆକାଶ, ବାୟୁ, ତେଜ, ଜଳ, ପୃଥ୍ୱୀ, ଇନ୍ଦ୍ରିୟ, ମନ, ଅନ୍ନ,

1. ଏହାର ଅପର ସଂଜ୍ଞା ହେଉଛି—ସୂତ୍ରାତ୍ମା, ଭୂତସୂକ୍ଷ୍ମ, ବ୍ରହ୍ମା, ପ୍ରଥମଜ ଇତ୍ୟାଦି । ସେ ସର୍ବପ୍ରାଣୀଙ୍କର ତାଦାତ୍ମ୍ୟରୂପରେ କରଣ-ଆଧାର, ସମସ୍ତ ସ୍ଥୂଳଦେହର ଅନ୍ତରାତ୍ମା, ବୁଦ୍ଧିଠାରୁ

ଅନ୍ନସମ୍ଭୃତ ବୀର୍ଯ୍ୟ, ତପସ୍ୟା, ମନ୍ତ୍ରସମୂହ, ଅଗ୍ନିହୋତ୍ରାଦି କର୍ମ, ଲୋକସମୂହ ଏବଂ ଲୋକସମୂହରେ ଅବସ୍ଥିତ ନାମ ମଧ୍ୟ ସୃଜନ[1] କଲେ । ୬/୪

ସ ଯଥେମା ନଦ୍ୟଃ ସ୍ୟନ୍ଦମାନାଃ ସମୁଦ୍ରାୟଣାଃ ସମୁଦ୍ରଂ ପ୍ରାପ୍ୟାସ୍ତଂ ଗଚ୍ଛନ୍ତି ଭିଦ୍ୟେତେ ତାସାଂ ନାମରୂପେ ସମୁଦ୍ର ଇତ୍ୟେବଂ ପ୍ରୋଚ୍ୟତେ । ଏବମେବାସ୍ୟ ପରିଦ୍ରଷ୍ଟୁରିମାଃ ଷୋଡଶ କଲାଃ ପୁରୁଷାୟଣାଃ ପୁରୁଷଂ ପ୍ରାପ୍ୟାସ୍ତଂ ଗଚ୍ଛନ୍ତି ଭିଦ୍ୟେତେ ଚାସାଂ ନାମରୂପେ ପୁରୁଷ ଇତ୍ୟେବଂ ପ୍ରୋଚ୍ୟତେ ସ ଏଷୋଽକଲୋଽମୃତୋ ଭବତି ତଦେଷ ଶ୍ଲୋକଃ ॥୫॥

[ବ୍ରହ୍ମାତ୍ମବିଦ୍ୟା ଫଳରେ ଷୋଡ଼ଶକଳା ପୁରୁଷରେ ଲୀନ ହେବା ବିଷୟରେ] **ସଃ** (ଦୃଷ୍ଟାନ୍ତ ଏହି)—**ଯଥା** (ଯେପରି) **ଇମାଃ** (ଏହି) **ସମୁଦ୍ରାୟଣାଃ** (ସମୁଦ୍ରୈକଗତି, ସମୁଦ୍ର-ଅଭିମୁଖୀଗତି) **ସ୍ୟନ୍ଦମାନାଃ** (ପ୍ରବହମାନ) **ନଦ୍ୟଃ** (ନଦୀସମୂହ) **ସମୁଦ୍ରମ୍** (ସମୁଦ୍ରକୁ) **ପ୍ରାପ୍ୟ** (ପ୍ରାପ୍ତ ହୋଇ) **ଅସ୍ତମ୍ ଗଚ୍ଛନ୍ତି** (ଅଦୃଶ୍ୟ ହୋଇଯାଆନ୍ତି, ନାମରୂପବିହୀନ ହୁଅନ୍ତି)—**ତାସାମ୍** (ସେହି ନଦୀସମୂହର) **ନାମ-ରୂପେ** ([ଗଙ୍ଗା, ଯମୁନା ଇତ୍ୟାଦି] ନାମ ଓ ରୂପ) **ଭିଦ୍ୟେତେ** (ବିନଷ୍ଟ ହୁଏ) [ସେମାନେ] **ସମୁଦ୍ରଃ ଇତି ଏବମ୍** (ସମୁଦ୍ର ନାମରେ ହିଁ) **ପ୍ରୋଚ୍ୟତେ** (ନିର୍ଦ୍ଦିଷ୍ଟ ହୁଅନ୍ତି)—**ଏବମ୍ ଏବ** (ଠିକ୍ ଏହିପରି ହିଁ) **ଅସ୍ୟ** (ପୂର୍ବୋକ୍ତ) **ପରିଦ୍ରଷ୍ଟୁଃ** (ସର୍ବତ୍ର ସର୍ବବସ୍ତୁକୁ ଯିଏ ଆତ୍ମସ୍ୱରୂପରେ ଦର୍ଶନ କରନ୍ତି—ଯେଉଁ ଦର୍ଶନ ବା ବିଜ୍ଞାନ ନିଜଠାରୁ ଭିନ୍ନ ନୁହେଁ, ସେହିପ୍ରକାର ସ୍ୱରୂପଭୂତ ଦର୍ଶନ ହିଁ ଯାହାଙ୍କର ସର୍ବତ୍ର ସର୍ବପ୍ରକାରରେ ହୋଇଥାଏ—ସେହି ପରିଦ୍ରଷ୍ଟା ପୁରୁଷଙ୍କର) **ଇମାଃ** (ଏହି ସକଳ) **ପୁରୁଷାୟଣାଃ** (ପୁରୁଷୈକଗତି) **ଷୋଡଶ କଲାଃ** (ଷୋଡ଼ଶ କଳା) **ପୁରୁଷମ୍** (ପୁରୁଷଙ୍କୁ) **ପ୍ରାପ୍ୟ** (ପ୍ରାପ୍ତ ହୋଇ ଅର୍ଥାତ୍ ତାଙ୍କ ସହିତ ଆତ୍ମଭୂତ ହୋଇ) **ଅସ୍ତମ୍ ଗଚ୍ଛନ୍ତି** (ବିଲୀନ ହୁଅନ୍ତି) **ଚ** (ଏବଂ) **ଆସାମ୍** (ଏମାନଙ୍କର) **ନାମ-ରୂପେ** ([ପ୍ରାଣାଦି] ନାମ ଓ ରୂପ) **ଭିଦ୍ୟେତେ** (ବିନଷ୍ଟ ହୁଏ) [ସେତେବେଳେ ସେମାନଙ୍କର ଅଧିଷ୍ଠାନଭୂତ

ଅଭିନ୍ନ ଓ ସର୍ବପ୍ରାଣସ୍ୱରୂପ । "ହିରଣ୍ୟଗର୍ଭାଖ୍ୟ ପ୍ରାଣ" କହିବାରୁ ଏହା ହିଁ ବୁଝାଉଛି ଯେ, ପ୍ରାଣରୂପକ ଉପାଧିବଶତଃ ହିଁ ଆତ୍ମାର ହିରଣ୍ୟଗର୍ଭାଦି ସଂସାରୀ ଭାବ ହୋଇଥାଏ ଏବଂ ପ୍ରାଣର ଉତ୍କ୍ରମଣରେ ଦେହତ୍ୟାଗ ହୁଏ ।

1. ଏହି ସବୁ ସୃଷ୍ଟି ସ୍ୱପ୍ନଦ୍ରଷ୍ଟାଙ୍କର ସ୍ୱାପ୍ନିକ ସୃଷ୍ଟି ତୁଲ୍ୟ, ଅର୍ଥାତ୍ ମିଥ୍ୟା । ପ୍ରାଣୀଗଣଙ୍କର ଅବିଦ୍ୟାଦି ଦୋଷବୀଜ ଅନୁଯାୟୀ ଏହି ସକଳ ସୃଷ୍ଟ ହୁଏ ଏବଂ ବିଦ୍ୟାର ଉଦୟରେ ପୁନରାୟ ପୁରୁଷରେ ହିଁ ଲୀନ ହୁଏ । ଏମାନେ ବିକାରୀ, ଅତଏବ ମିଥ୍ୟା । —ଛା., ୬/୧/୪

ଅବଶିଷ୍ଟ ତତ୍ତ୍ୱଟି] **ପୁରୁଷଃ ଇତି ଏବମ୍** (ପୁରୁଷ ଏହି ନାମରେ) [ବ୍ରହ୍ମଜ୍ଞମାନଙ୍କ ଦ୍ୱାରା] **ପ୍ରୋଚ୍ୟତେ** (ଅଭିହିତ ହୁଅନ୍ତି) । **ଏଷଃ ସଃ** (ଯିଏ ଏହିପ୍ରକାର ଜ୍ଞାନଲାଭ କରିଛନ୍ତି ସେ) **ଅକଲଃ** (କଳାଶୂନ୍ୟ, କଳାରେ ଅଭିମାନରହିତ) [ଓ] **ଅମୃତଃ** (ଅମର) **ଭବତି** (ହୁଅନ୍ତି) । **ତତ୍** (ଉକ୍ତ ବିଷୟରେ) **ଏଷଃ** (ଏହି) **ଶ୍ଲୋକଃ** (ମନ୍ତ୍ର ଅଛି) । ୬/୫

ଏହି ବିଷୟରେ ଦୃଷ୍ଟାନ୍ତ ହେଉଛି—ଯେପରି ଏହି ପ୍ରବହମାନ ସମୁଦ୍ରୈକଗତି[1] (ସମୁଦ୍ରାଭିମୁଖୀଗତି) ନଦୀସମୂହ ସମୁଦ୍ରରେ ଉପସ୍ଥିତ ହେଲେ ଅଦୃଶ୍ୟ ହୋଇଯାଆନ୍ତି—ସେମାନଙ୍କର ନାମ ଓ ରୂପ ବିନଷ୍ଟ ହୁଏ ଏବଂ ସେମାନେ ସମୁଦ୍ର ନାମରେ ହିଁ ନିର୍ଦ୍ଦିଷ୍ଟ ହୋଇଥାଆନ୍ତି, ଠିକ୍ ସେହିପରି ପୂର୍ବୋକ୍ତ ପରିଦ୍ରଷ୍ଟା[2] ପୁରୁଷଙ୍କର ଏହି ପୁରୁଷୈକଗତି (ପୁରୁଷାଭିମୁଖୀଗତି) ଷୋଡ଼ଶ କଳା ମଧ୍ୟ ପୁରୁଷଙ୍କୁ ପ୍ରାପ୍ତ ହୋଇ ବିଲୀନ ହୁଅନ୍ତି ଏବଂ ସେମାନଙ୍କର ନାମ ଓ ରୂପ ବିନଷ୍ଟ ହୁଏ । ସେତେବେଳେ (ସେମାନଙ୍କର ଅଧିଷ୍ଠାନଭୂତ ଅବଶିଷ୍ଟ ତତ୍ତ୍ୱଟି) ପୁରୁଷ ଏହି ନାମରେ ହିଁ (ବ୍ରହ୍ମଜ୍ଞମାନଙ୍କ ଦ୍ୱାରା) ଅଭିହିତ ହୁଅନ୍ତି । ଏହି ପ୍ରକାର ବିଦ୍ୱାନ୍ କଳାତୀତ ଓ ଅମର ହୁଅନ୍ତି ।[3] ଏହି ବିଷୟରେ ଏହି ଶ୍ଲୋକ ଅଛି—। ୬/୫

ଅରା ଇବ ରଥନାଭୌ କଲା ଯସ୍ମିନ୍ ପ୍ରତିଷ୍ଠିତାଃ ।
ତଂ ବେଦ୍ୟଂ ପୁରୁଷଂ ବେଦ
ଯଥା ମା ବୋ ମୃତ୍ୟୁଃ ପରିବ୍ୟଥା ଇତି ॥୬॥

ରଥନାଭୌ (ରଥଚକ୍ରର ନାଭିରେ) **ଅରାଃ ଇବ** (ଅରସମୂହ ସଦୃଶ) **ଯସ୍ମିନ୍** (ଯାହାଙ୍କଠାରେ, ଯେଉଁ ପୁରୁଷଙ୍କଠାରେ) **କଲାଃ** (କଳାସମୂହ) **ପ୍ରତିଷ୍ଠିତାଃ** ([ଉତ୍ପତ୍ତି, ସ୍ଥିତି ଓ ଲୟକାଳରେ] ଅବସ୍ଥିତ ରହିଛି) **ତମ୍** (ସେହି) **ବେଦ୍ୟମ୍** (ସାକ୍ଷାତ୍କରଣୀୟ) **ପୁରୁଷମ୍** (ପୁରୁଷଙ୍କୁ, ପୂର୍ଣ୍ଣସ୍ୱରୂପଙ୍କୁ) **ବେଦ** (ଜାଣିବା

---

1. ମୂଳର **ସମୁଦ୍ରାୟଣ**=ସମୁଦ୍ର ଅୟନ, ଗତି ବା ଆତ୍ମଭାବ ଯେଉଁମାନଙ୍କର ସେମାନେ । **ପୁରୁଷାୟଣ** ଶବ୍ଦର ଅର୍ଥ—ପୁରୁଷ ଅୟନ ବା ଆତ୍ମସ୍ୱରୂପ ଯେଉଁମାନଙ୍କର । ମୁ., ୩/୨/୮

2. ସର୍ବତଃ ସର୍ବସାକ୍ଷୀ ପୁରୁଷଙ୍କର । ଅକର୍ତ୍ତା ହୋଇ ମଧ୍ୟ ସୂର୍ଯ୍ୟ ଯେପରି ନିଜ ସ୍ୱରୂପଭୂତ ପ୍ରକାଶର କର୍ତ୍ତା ବୋଲି ପ୍ରତୀତ ହୁଅନ୍ତି, ସେହିପରି ଅକର୍ତ୍ତା ହୋଇ ମଧ୍ୟ ଜ୍ଞାନସ୍ୱରୂପ ଆତ୍ମା ନିଜର ସ୍ୱରୂପଭୂତ ବିଜ୍ଞାନର କର୍ତ୍ତା ବୋଲି ଅଭିହିତ ହୁଅନ୍ତି ।

3. କାରଣ ଅବିଦ୍ୟାକୃତ କଳାସମୂହ ହିଁ ମରଣଶୀଳତାର କାରଣ ।

ଉଚିତ୍)—**ୟଥା** (ଯାହା ଫଳରେ) **ବଃ** (ତୁମମାନଙ୍କୁ) **ମୃତ୍ୟୁଃ** (ମୃତ୍ୟୁ) **ମା ପରିବ୍ୟଥା ଇତି** (ଯେପରି ବ୍ୟଥିତ କରି ନ ପାରେ) । ୬/୬

ରଥଚକ୍ରସ୍ଥିତ ନାଭିରେ ଅରସମୂହ ସଦୃଶ ଯାହାଙ୍କଠାରେ କଳାସମୂହ ପ୍ରତିଷ୍ଠିତ ରହିଛି, ସେହି ଜ୍ଞେୟ ପୁରୁଷଙ୍କୁ (ତୁମେ) ଜାଣିବା ଉଚିତ୍—ଯେପରି ମୃତ୍ୟୁ ତୁମମାନଙ୍କୁ ବ୍ୟଥିତ କରି ନ ପାରେ । ୬/୬

ତାନ୍ ହୋବାଚୈତାବଦେବାହମେତତ୍ ପରଂ ବ୍ରହ୍ମ ବେଦ । ନାତଃ ପରମସ୍ତୀତି ॥୭॥

[ଋଷି ପିପ୍ପଲାଦ] **ତାନ୍** (ସେହି ଶିଷ୍ୟମାନଙ୍କୁ) **ଉବାଚ ହ** (କହିଲେ)—**ଅହମ୍** (ମୁଁ) **ଏତାବତ୍ ଏବ** (ଏହି ପର୍ଯ୍ୟନ୍ତ ହିଁ) **ଏତତ୍** (ଏହି) **ପରମ୍ ବ୍ରହ୍ମ** (ପରବ୍ରହ୍ମଙ୍କୁ) **ବେଦ** (ଜାଣେ) । **ଅତଃ ପରମ୍** (ଏହାପରେ) **ନ ଅସ୍ତି ଇତି** (ଆଉ [ଜାଣିବାର ଯୋଗ୍ୟ କିଛି] ନାହିଁ) । ୬/୭

(ଋଷି ପିପ୍ପଲାଦ) ସେହି ଶିଷ୍ୟଙ୍କୁ କହିଲେ—ମୁଁ ଏହି ପର୍ଯ୍ୟନ୍ତ ହିଁ ଏହି ପରବ୍ରହ୍ମଙ୍କୁ ଜାଣେ । ଏହାପରେ ଆଉ ଜାଣିବାର ଯୋଗ୍ୟ କିଛି ନାହିଁ[1] । ୬/୭

ତେ ତମର୍ଚୟନ୍ତସ୍ତ୍ୱଂ ହି ନଃ ପିତା ୟୋଽସ୍ମାକମବିଦ୍ୟାୟାଃ ପରଂ ପାରଂ ତାରୟସୀତି । ନମଃ ପରମଋଷିଭ୍ୟୋ ନମଃ ପରମଋଷିଭ୍ୟଃ ॥୮॥

ଇତି ପ୍ରଶ୍ନୋପନିଷଦି ଷଷ୍ଠଃ ପ୍ରଶ୍ନଃ ॥

ଇତି ପ୍ରଶ୍ନୋପନିଷଦ୍ ସମାପ୍ତା ॥

[ଅନନ୍ତର] **ତେ** (ସେହି ଶିଷ୍ୟଗଣ) **ତମ୍** (ତାହାଙ୍କୁ) **ଅର୍ଚୟନ୍ତଃ** (ପୂଜା କରୁ କରୁ) [କହିଲେ]—**ତ୍ୱମ୍ ହି** (ଆପଣ ହିଁ) **ନଃ** (ଆମମାନଙ୍କର) **ପିତା** (ବ୍ରହ୍ମଜ୍ଞାନର ଜନକ) **ୟଃ** (ଯିଏ) **ଅସ୍ମାକମ୍** (ଆମମାନଙ୍କୁ) **ଅବିଦ୍ୟାୟାଃ** (ଅବିଦ୍ୟାର) **ପରମ୍** (ଅପର) **ପାରମ୍ ତାରୟସି ଇତି** (ତୀରରେ ତ୍ରାଣ କଲେ) । **ପରମ-ଋଷିଭ୍ୟଃ** (ବ୍ରହ୍ମବିଦ୍ୟା-ସମ୍ପ୍ରଦାୟ-କର୍ତ୍ତା ପରମ ଋଷିଗଣଙ୍କୁ) **ନମଃ** (ନମସ୍କାର) । **ପରମ-**

---

1. 'ହୁଏତ ଆହୁରି ଜ୍ଞାତବ୍ୟ ଅଛି'—ଶିଷ୍ୟଙ୍କର ଏହିପ୍ରକାର ବୁଦ୍ଧି ଦୂର କରିବା ପାଇଁ ଏବଂ 'ଆମେ କୃତାର୍ଥ ହୋଇଛୁ'—ଏପ୍ରକାର ବୁଦ୍ଧି ଉତ୍ପନ୍ନ କରିବାକୁ ଏହା କୁହାହେଲା ।

—କ., ୨/୩/୧୫

ଋଷିଭ୍ୟଃ ନମଃ (ପରମ ଋଷିଗଣଙ୍କୁ ନମସ୍କାର) [ନମସ୍କାରରେ ଆଗ୍ରହ ବୁଝାଇବା ପାଇଁ ପୁନରୁଲ୍ଲେଖ ହୋଇଅଛି] । ୬/୮

(ଅନନ୍ତର) ଶିଷ୍ୟଗଣ ତାଙ୍କୁ ପୂଜା କରୁ କରୁ କହିଲେ, "ଆପଣ ହିଁ ଆମମାନଙ୍କର ପିତା, କାରଣ ଆପଣ ଆମମାନଙ୍କୁ ଅବିଦ୍ୟାର ପରପାରକୁ ନେଇଗଲେ । ପରମ ଋଷିଗଣଙ୍କୁ ନମସ୍କାର, ପରମ ଋଷିଗଣଙ୍କୁ ନମସ୍କାର ।" ୬/୮

॥ ପ୍ରଶ୍ନୋପନିଷଦ୍‌ର ଷଷ୍ଠ ପ୍ରଶ୍ନ ସମାପ୍ତ ॥

॥ ପ୍ରଶ୍ନୋପନିଷଦ୍ ସମାପ୍ତ ॥

ଶାନ୍ତିପାଠ

ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିର୍ବ୍ୟଶେମ ଦେବହିତଂ ୟଦାୟୁଃ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ଅଥର୍ବବେଦୀୟ

ମୁଣ୍ଡକୋପନିଷଦ୍

ଶାନ୍ତିପାଠ

ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିର୍ବ୍ୟଶେମ ଦେବହିତଂ ୟଦାୟୁଃ ॥
ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

[ହେ] **ଦେବାଃ** (ଦେବଗଣ) **କର୍ଣ୍ଣେଭିଃ**, (=**କର୍ଣ୍ଣୈଃ**, ଶ୍ରୋତ୍ରସମୂହ ଦ୍ୱାରା) **ଭଦ୍ରମ୍** (କଲ୍ୟାଣବଚନ) **ଶୃଣୁୟାମ** (ଶୁଣିବାକୁ ଯେପରି ସମର୍ଥ ହେଉ); [ହେ] **ୟଜତ୍ରାଃ** (ଯଜ୍ଞନୀୟ ଦେବଗଣ) **ଅକ୍ଷଭଃ** (=**ଅକ୍ଷିଭିଃ**, ଚକ୍ଷୁଦ୍ୱାରା) **ଭଦ୍ରମ୍** (ସୁଶୋଭନ ଦ୍ରବ୍ୟ, ପୁଷ୍ଟାଦି) **ପଶ୍ୟେମ** (ଦର୍ଶନ କରିବାକୁ ଯେପରି ସମର୍ଥ ହେଉ); **ସ୍ଥିରୈଃ** (ଦୃଢ଼, ଅଚଞ୍ଚଳ) **ଅଙ୍ଗୈଃ** (ହସ୍ତପଦାଦି ଅଙ୍ଗପ୍ରତ୍ୟଙ୍ଗ) [ଏବଂ] **ତନୂଭିଃ** (ଶରୀର ସହିତ [ଯୁକ୍ତ ହୋଇ ଆମେ]) **ତୁଷ୍ଟୁବାଂସଃ** (ଆପଣମାନଙ୍କର ସ୍ତବ କରି) **ଦେବହିତମ୍** (ପ୍ରଜାପତିଙ୍କ ଦ୍ୱାରା ବିହିତ, ଅଥବା ଦେବକର୍ମରତ) **ୟତ୍** (ଯେଉଁ) **ଆୟୁଃ** (ଜୀବନକାଳ) [ତାହା] **ବ୍ୟଶେମ** (ଯେପରି ପ୍ରାପ୍ତ ହେଉ) ।

ବୃଦ୍ଧଶ୍ରବା (ମହାନ୍ ଯଶସ୍ୱୀ) **ଇନ୍ଦ୍ରଃ (ଇନ୍ଦ୍ରଦେବ) ନଃ (**ଆମମାନଙ୍କର) **ସ୍ୱସ୍ତି ଦଧାତୁ** (ମଙ୍ଗଳ କରନ୍ତୁ); **ବିଶ୍ୱବେଦାଃ** (ସମସ୍ତ ଜ୍ଞାନର ଆଧାର) **ପୂଷା** (ଜଗତ୍‌ର ପୋଷଣକାରୀ ଦେବତା, ପୂଷାଦେବ) **ନଃ** (ଆମମାନଙ୍କର) **ସ୍ୱସ୍ତି [ଦଧାତୁ]** (କଲ୍ୟାଣ କରନ୍ତୁ) **ଅରିଷ୍ଟନେମିଃ** (ଅରିଷ୍ଟ-ନିବାରଣକାରୀ) **ତାର୍କ୍ଷ୍ୟ** (ଗରୁଡ଼ଦେବ) **ନଃ** (ଆମମାନଙ୍କର) **ସ୍ୱସ୍ତି [ଦଧାତୁ]** (ମଙ୍ଗଳ କରନ୍ତୁ) **ବୃହସ୍ପତି** (ଦେବଗୁରୁ ବୃହସ୍ପତି) **ନଃ** (ଆମମାନଙ୍କର) **ସ୍ୱସ୍ତି [ଦଧାତୁ]**(ମଙ୍ଗଳ ବିଧାନ କରନ୍ତୁ) **ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ** (ତ୍ରିବିଧ ବିଘ୍ନ ଶାନ୍ତି ହେଉ) ।

ହେ ଦେବଗଣ, ଆମେ କର୍ଣ୍ଣସମୂହ ଦ୍ୱାରା ଯେପରି କଲ୍ୟାଣ-ବଚନ ଶ୍ରବଣ କରୁ; ହେ ଯଜ୍ଞନୀୟ ଦେବଗଣ, ଆମେ ଚକ୍ଷୁସମୂହ ଦ୍ୱାରା ଯେପରି ଶୋଭନ

ବସ୍ତୁ ଦର୍ଶନ କରୁ; ଦୃଢ଼ ଅବୟବ ଏବଂ ଶରୀର-ବିଶିଷ୍ଟ ହୋଇ ଆମେ ଯେପରି ଆପଣମାନଙ୍କର ସ୍ତବ କରି ଦେବକର୍ମରେ ନିରତ ଆୟୁଷ ପ୍ରାପ୍ତ ହେଉ ।

ମହାନ୍ ଯଶସ୍ୱୀ ଇନ୍ଦ୍ରଦେବ ଆମମାନଙ୍କର ମଙ୍ଗଳ କରନ୍ତୁ, ସମସ୍ତ ଜ୍ଞାନର ଆଧାର ଜଗତ୍‌ର ପୋଷଣକାରୀ ପୂଷାଦେବ ଆମମାନଙ୍କର କଲ୍ୟାଣ କରନ୍ତୁ, ଅରିଷ୍ଟନିବାରଣକାରୀ ଗରୁଡ଼ଦେବ ଆମମାନଙ୍କର ମଙ୍ଗଳ କରନ୍ତୁ ଓ ଦେବଗୁରୁ ବୃହସ୍ପତି ଆମମାନଙ୍କର ମଙ୍ଗଳ ବିଧାନ କରନ୍ତୁ । ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

ପ୍ରଥମ ମୁଣ୍ଡକ

ପ୍ରଥମ ଖଣ୍ଡ

ଓଁ ବ୍ରହ୍ମା ଦେବାନାଂ ପ୍ରଥମଃ ସଂବଭୂବ
ବିଶ୍ୱସ୍ୟ କର୍ତା ଭୁବନସ୍ୟ ଗୋପ୍ତା ।
ସ ବ୍ରହ୍ମବିଦ୍ୟାଂ ସର୍ବବିଦ୍ୟାପ୍ରତିଷ୍ଠା-
ମଥର୍ବାୟ ଜ୍ୟେଷ୍ଠପୁତ୍ରାୟ ପ୍ରାହ ॥ ୧ ॥

ବିଶ୍ୱସ୍ୟ (ନିଖିଳ ବିଶ୍ୱର) **କର୍ତ୍ତା** (ସ୍ରଷ୍ଟା) **ଭୁବନସ୍ୟ** (ଉତ୍ପନ୍ନ ବିଶ୍ୱର) **ଗୋପ୍ତା** (ପାଳୟିତା) **ବ୍ରହ୍ମା** (ପିତାମହ ବ୍ରହ୍ମା, ହିରଣ୍ୟଗର୍ଭ) **ଦେବାନାମ୍** (ଦେବଗଣଙ୍କର) **ପ୍ରଥମଃ** (ପ୍ରଧାନ ହୋଇ, କିମ୍ବା ସର୍ବାଗ୍ରେ) **ସଂବଭୂବ** (ସମ୍ୟକ୍‌ପ୍ରକାରେ ଅର୍ଥାତ୍ ସ୍ୱତନ୍ତ୍ରଭାବରେ, ଅଭିବ୍ୟକ୍ତ ହେଲେ) । **ସଃ** (ସେ) **ସର୍ବ-ବିଦ୍ୟା-ପ୍ରତିଷ୍ଠାମ୍** (ସକଳ ବିଦ୍ୟାର ଆଶ୍ରୟ) **ବ୍ରହ୍ମ-ବିଦ୍ୟାମ୍** (ପରମାତ୍ମବିଷୟିଣୀ ବିଦ୍ୟା ବା ବ୍ରହ୍ମାଙ୍କ ଦ୍ୱାରା ପ୍ରୋକ୍ତ ବିଦ୍ୟା) **ଜ୍ୟେଷ୍ଠପୁତ୍ରାୟ** (ଜ୍ୟେଷ୍ଠ-ପୁତ୍ର) **ଅଥର୍ବାୟ** (ଅଥର୍ବାଙ୍କୁ) **ପ୍ରାହ** (କହିଥିଲେ) । ୧/୧/୧

ନିଖିଳ ବିଶ୍ୱର ସ୍ରଷ୍ଟା ଓ ଉତ୍ପନ୍ନ ବିଶ୍ୱର ପାଳୟିତା ପିତାମହ[1] ବ୍ରହ୍ମା ଦେବଗଣଙ୍କର ଅଗ୍ରଣୀ ଓ ସ୍ୱୟମ୍ଭୂ[2] ରୂପରେ ଅଭିବ୍ୟକ୍ତ ହେଲେ । ସେ ଅଥର୍ବା ନାମକ ଜ୍ୟେଷ୍ଠପୁତ୍ରଙ୍କୁ ସର୍ବବିଦ୍ୟାର ଆଶ୍ରୟ[3] ବ୍ରହ୍ମବିଦ୍ୟା ଉପଦେଶ କରିଥିଲେ । ୧/୧/୧

---

1. **ଜ୍ଞାନମପ୍ରତିମଂ ଯସ୍ୟ ବୈରାଗ୍ୟଂ ଚ ଜଗତ୍ପତେଃ ।**
ଐଶ୍ୱର୍ୟଞ୍ଚୈବ ଧର୍ମଶ୍ଚ ସହସିଦ୍ଧଂ ଚତୁଷ୍ଟୟମ୍ ॥

—ଅର୍ଥାତ୍ ଯେଉଁ ଜଗତ୍‌ପତିଙ୍କର ଅତୁଳନୀୟ ଜ୍ଞାନ, ବୈରାଗ୍ୟ, ଐଶ୍ୱର୍ଯ୍ୟ ଓ ଧର୍ମ ସ୍ୱଭାବସିଦ୍ଧ ।

2. **ଯୋ ଅସାବତୀନ୍ଦ୍ରିୟୋଽଗ୍ରାହ୍ୟଃ ସୂକ୍ଷ୍ମୋଽବ୍ୟକ୍ତଃ ସନାତନଃ ।**
ସର୍ବଭୂତମୟୋଽଚିନ୍ତ୍ୟଃ ସ ଏଷ ସ୍ୱୟମୁଭବୌ ॥

—ଯିଏ ଅତୀନ୍ଦ୍ରିୟ, ଅଗ୍ରାହ୍ୟ, ସୂକ୍ଷ୍ମ, ଅବ୍ୟକ୍ତ, ସନାତନ, ସର୍ବଭୂତମୟ ଓ ଅଚିନ୍ତ୍ୟ, ସେ ସ୍ୱୟଂ ହିଁ ଉଦ୍ଭୂତ ହୋଇଥିଲେ ।

3. ସର୍ବବିଦ୍ୟାର ଅଭିବ୍ୟକ୍ତିର କାରଣ (ଛା., ୬/୧/୩) । ଅଥବା ସ୍ୱର୍ଣ୍ଣର ବିଜ୍ଞାନରେ ଯେପରି ସ୍ୱର୍ଣ୍ଣନିର୍ମିତ ସକଳ ବସ୍ତୁର ଜ୍ଞାନ ହୁଏ, ସେହିପରି ଯେଉଁ ବିଦ୍ୟା ଉଦୟରେ ଜ୍ଞାତବ୍ୟ

ଅଥର୍ବଣେ ୟାଂ ପ୍ରବଦେତ ବ୍ରହ୍ମାଽ-
ଥର୍ବା ତାଂ ପୁରୋବାଚାଙ୍ଗିରେ ବ୍ରହ୍ମବିଦ୍ୟାମ୍ ।
ସ ଭାରଦ୍ୱାଜାୟ ସତ୍ୟବହାୟ ପ୍ରାହ
ଭାରଦ୍ୱାଜୋଽଙ୍ଗିରସେ ପରାବରାମ୍ ॥୨॥

ବ୍ରହ୍ମା (ବ୍ରହ୍ମା) **ୟାମ୍** (ଯେଉଁ ବ୍ରହ୍ମବିଦ୍ୟା) **ଅଥର୍ବଣେ** (ଅଥର୍ବଙ୍କୁ) **ପ୍ରବଦେତ** (=**ପ୍ରାବଦତ୍**, ଉପଦେଶ କରିଥିଲେ) **ଅଥର୍ବା** (ଅଥର୍ବା) **ତାମ୍** (ସେହି) **ବ୍ରହ୍ମବିଦ୍ୟାମ୍** (ବ୍ରହ୍ମବିଦ୍ୟାକୁ) **ପୁରା** (ପୂର୍ବକାଳରେ) **ଅଙ୍ଗିରେ** (ଅଙ୍ଗିର ନାମକ ଋଷିଙ୍କୁ) **ଉବାଚ** (କହିଲେ) । **ସଃ** (ସେ, ଅଙ୍ଗିର) **ଭାରଦ୍ୱାଜାୟ** (ଭରଦ୍ୱାଜ-ଗୋତ୍ରୀୟ) **ସତ୍ୟବହାୟ** (ସତ୍ୟବହଙ୍କୁ) **ପ୍ରାହ** (କହିଲେ) । **ଭାରଦ୍ୱାଜଃ** (ଭରଦ୍ୱାଜ-ଗୋତ୍ରୀୟ ସତ୍ୟବହ) **ପର-ଅବରାମ୍** (ପର, ଅର୍ଥାତ୍ ଉତ୍ତମ ଗୁରୁଙ୍କଠାରୁ କ୍ରମେ ଅବର ବା ଅନୁତ୍ତମ ଶିଷ୍ୟକର୍ତ୍ତୃକ ପ୍ରାପ୍ତ ବିଦ୍ୟାଟି; ଅଥବା ପରାବିଦ୍ୟା ଓ ଅପରାବିଦ୍ୟାର ବିଷୟସମୂହ [୧/୧/୪-୫] ଯେଉଁ ବିଦ୍ୟାର ଅନ୍ତର୍ଭୁକ୍ତ ହୁଏ, ସେହି ବିଦ୍ୟା) **ଅଙ୍ଗିରସେ** (ଅଙ୍ଗିରାଙ୍କୁ) [କହିଲେ] । ୧/୧/୨

ବ୍ରହ୍ମା ଯେଉଁ ବ୍ରହ୍ମବିଦ୍ୟା ଅଥର୍ବାଙ୍କ ପ୍ରତି ଉପଦେଶ କରିଥିଲେ, ଅଥର୍ବା ସେହି ବ୍ରହ୍ମବିଦ୍ୟାକୁ ହିଁ ପୂର୍ବକାଳରେ ଅଙ୍ଗିରନାମକ ଋଷିଙ୍କୁ କହିଲେ । ସେ ଭରଦ୍ୱାଜଗୋତ୍ରୀୟ ସତ୍ୟବହଙ୍କୁ କହିଲେ । ଗୁରୁଶିଷ୍ୟ-ପରମ୍ପରାକ୍ରମେ ପ୍ରାପ୍ତ ଉକ୍ତ ବିଦ୍ୟା ଭାରଦ୍ୱାଜ ଅଙ୍ଗିରାଙ୍କୁ କହିଲେ । ୧/୧/୨

ଶୌନକୋ ହ ବୈ ମହାଶାଲୋଽଙ୍ଗିରସଂ ବିଧିବଦୁପସନ୍ନଃ ପପ୍ରଚ୍ଛ ।
କସ୍ମିନ୍ନୁ ଭଗବୋ ବିଜ୍ଞାତେ ସର୍ବମିଦଂ ବିଜ୍ଞାତଂ ଭବତୀତି ॥୩॥

ମହାଶାଲଃ (ଗୃହସ୍ଥଶ୍ରେଷ୍ଠ) **ଶୌନକଃ** (ଶୁନକ-ପୁତ୍ର) **ହ ବୈ** [ପ୍ରସିଦ୍ଧାର୍ଥେ] **ବିଧିବତ୍** (ଯଥାଶାସ୍ତ୍ର) **ଅଙ୍ଗିରସମ୍ ଉପସନ୍ନଃ** (ଅଙ୍ଗିରାଙ୍କ ସମୀପରେ ଉପସ୍ଥିତ ହୋଇ) **ପପ୍ରଚ୍ଛ** (ପଚାରିଲେ)—**ଭଗବଃ** (ହେ ଭଗବନ୍) **କସ୍ମିନ୍ ନୁ** (କେଉଁ ବସ୍ତୁଟି, ଅଥବା ଏପରି କେଉଁ ଉପାଦାନ-କାରଣ ଅଛି ଯାହା) **ବିଜ୍ଞାତେ** (ବିଶେଷଭାବରେ ଅବଗତ ହେଲେ) **ଇଦମ୍** (ଏହି) [କାର୍ଯ୍ୟସ୍ଥାନୀୟ] **ସର୍ବମ୍** (ଅଖିଳବସ୍ତୁ) **ବିଜ୍ଞାତମ୍** (ସୁବିଦିତ) **ଭବତି ଇତି** (ହୁଏ) । ୧/୧/୩

ଅବଶିଷ୍ଟ ନ ରହି ସମସ୍ତ ଜିଜ୍ଞାସାର ଅବସାନ ହୁଏ, ତାହା ହିଁ "ସର୍ବବିଦ୍ୟା-ପ୍ରତିଷ୍ଠା" । —ମୁ., ୧/୧/୩; ଗୀତା, ୨/୪୬ ।

ଗୃହସ୍ଥଶ୍ରେଷ୍ଠ ଶୌନକ ଯଥାଶାସ୍ତ୍ର ଅଙ୍ଗିରାଙ୍କ ସମୀପରେ ଉପସ୍ଥିତ ହୋଇ ଏହି କଥା ପଚାରିଲେ—ହେ ଭଗବନ୍, କେଉଁ ବସ୍ତୁଟି ବିଶେଷଭାବରେ ଅବଗତ ହେଲେ ଏହି ଅଖିଳ ବସ୍ତୁ ସୁବିଦିତ ହୁଏ ? ୧/୧/୩

ତସ୍ମୈ ସ ହୋବାଚ । ଦ୍ୱେ ବିଦ୍ୟେ ବେଦିତବ୍ୟେ ଇତି ହ ସ୍ମ ଯଦ୍-ବ୍ରହ୍ମବିଦୋ ବଦନ୍ତି ପରା ଚୈବାପରା ଚ ॥୪॥

ସଃ (ସେ, ଅଙ୍ଗିରା) **ତସ୍ମୈ** (ଶୌନକଙ୍କୁ) **ଉବାଚ ହ** (କହିଲେ)—**ଦ୍ୱେ** (ଦୁଇଟି) **ବିଦ୍ୟେ** (ବିଦ୍ୟା) **ବେଦିତବ୍ୟେ** (ଜାଣିବାର ଅଛି) **ଇତି ହ ସ୍ମ ଯତ୍** (ଏହି ଯେଉଁ କଥାଟି, [ତାହା ହିଁ]) **ବ୍ରହ୍ମବିଦଃ** (ବେଦାର୍ଥ-ଅଭିଜ୍ଞମାନେ, ଅର୍ଥାତ୍ ପରମାର୍ଥଦର୍ଶୀଗଣ) **ବଦନ୍ତି** (କହିଥାଆନ୍ତି)—[ଉକ୍ତ ବିଦ୍ୟାଦ୍ୱୟ] **ପରା ଚ ଏବ ଅପରା ଚ** (ପରା ଓ ଅପରା ନାମରେ ପ୍ରସିଦ୍ଧ) । ୧/୧/୪

ଅଙ୍ଗିରା ଶୌନକଙ୍କୁ କହିଲେ—"ଦୁଇଟି ବିଦ୍ୟା ଜାଣିବାର ଅଛି"—ବେଦାର୍ଥ-ଅଭିଜ୍ଞମାନେ ଏହା ହିଁ କହିଥାଆନ୍ତି । ଉକ୍ତ ବିଦ୍ୟାଦ୍ୱୟ ପରା ଓ ଅପରା ନାମରେ ପ୍ରସିଦ୍ଧ । ୧/୧/୪

ତତ୍ରାପରା ଋଗ୍ବେଦୋ ଯଜୁର୍ବେଦଃ ସାମବେଦୋଽଥର୍ବବେଦଃ ଶିକ୍ଷା କଲ୍ପୋ ବ୍ୟାକରଣଂ ନିରୁକ୍ତଂ ଛନ୍ଦୋ ଜ୍ୟୋତିଷମିତି । ଅଥ ପରା ଯୟା ତଦକ୍ଷରମଧିଗମ୍ୟତେ ॥୫॥

ତତ୍ର (ସେହି ଦୁଇ ବିଦ୍ୟା ମଧ୍ୟରେ)—**ଋକ୍-ବେଦଃ** (ଋଗ୍ବେଦ) **ଯଜୁଃ-ବେଦଃ** (ଯଜୁର୍ବେଦ) **ସାମବେଦଃ** (ସାମବେଦ) **ଅଥର୍ବ-ବେଦଃ** (ଅଥର୍ବବେଦ) **ଶିକ୍ଷା** (ଶିକ୍ଷା) **କଲ୍ପଃ** (କଳ୍ପ) **ବ୍ୟାକରଣମ୍** (ବ୍ୟାକରଣ) **ନିରୁକ୍ତମ୍** (ନିରୁକ୍ତ) **ଛନ୍ଦଃ** (ଛନ୍ଦ) **ଜ୍ୟୋତିଷମ୍** (ଜ୍ୟୋତିଷ) **ଇତି** (ଏହି ସକଳ) **ଅପରା** (ଅପରାବିଦ୍ୟା) । **ଅଥ** (ତଥା) **ପରା** (ପରାବିଦ୍ୟା) [ହେଉଛି]—**ଯୟା** [ଯେଉଁ ବିଦ୍ୟାଦ୍ୱାରା] **ତତ୍** ([ପରେ କୁହାଯାଇଥିବା] ସେହି) **ଅକ୍ଷରମ୍** (ଅକ୍ଷର ବ୍ରହ୍ମଙ୍କୁ) **ଅଧିଗମ୍ୟତେ** (ପ୍ରାପ୍ତ କରାଯାଏ, ଜଣାଯାଏ) । ୧/୧/୫

ସେହି ଦୁଇ ବିଦ୍ୟା ମଧ୍ୟରେ ଋଗ୍‌ବେଦ, ଯଜୁର୍ବେଦ, ସାମବେଦ, ଅଥର୍ବବେଦ, ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ[1]—ଏହି ସକଳ ହିଁ ଅପରାବିଦ୍ୟା[2] । ତଥା ପରାବିଦ୍ୟା ହେଉଛି—ଯେଉଁ ବିଦ୍ୟାଦ୍ୱାରା ପରେ କୁହାଯାଇଥିବା ସେହି ଅକ୍ଷର ବ୍ରହ୍ମଙ୍କୁ ପ୍ରାପ୍ତ କରାଯାଏ । ୧/୧/୫

ଯତ୍ତଦଦ୍ରେଶ୍ୟମଗ୍ରାହ୍ୟମଗୋତ୍ରମବର୍ଣ୍ଣମ-
ଚକ୍ଷୁଃଶ୍ରୋତ୍ରଂ ତଦପାଣିପାଦମ୍ ।
ନିତ୍ୟଂ ବିଭୁଂ ସର୍ବଗତଂ ସୁସୂକ୍ଷ୍ମଂ
ତଦବ୍ୟୟଂ ଯଦ୍ଭୂତଯୋନିଂ ପରିପଶ୍ୟନ୍ତି ଧୀରାଃ ॥୬॥

ତତ୍ ଯତ୍ (ସେହି ଯେଉଁ) **ଅଦ୍ରେଶ୍ୟମ୍** (=**ଅଦୃଶ୍ୟମ୍**, ଅଦୃଶ୍ୟ, ଜ୍ଞାନେନ୍ଦ୍ରିୟର ଅଗମ୍ୟ) **ଅଗ୍ରାହ୍ୟମ୍** (ଅଗ୍ରାହ୍ୟ, କର୍ମେନ୍ଦ୍ରିୟର ଅବିଷୟ) **ଅଗୋତ୍ରମ୍** (ମୂଳରହିତ, ଅନନ୍ୱିତ) **ଅବର୍ଣ୍ଣମ୍** (ରୂପହୀନ, ଆକାରହୀନ) **ଅଚକ୍ଷୁଃ-ଶ୍ରୋତ୍ରମ୍** (ଚକ୍ଷୁକର୍ଣ୍ଣାଦିରହିତଙ୍କୁ, ଜ୍ଞାନେନ୍ଦ୍ରିୟ-ବର୍ଜିତଙ୍କୁ); **ତତ୍** (ସେହି) **ଅପାଣି-ପାଦମ୍** (ହସ୍ତପାଦାଦିରହିତଙ୍କୁ, କର୍ମେନ୍ଦ୍ରିୟଶୂନ୍ୟ) **ନିତ୍ୟମ୍** (ଅବିନାଶୀ) **ବିଭୁମ୍** (ପ୍ରାଣୀଭେଦରେ ବିବିଧାକାର) **ସର୍ବଗତମ୍** (ସର୍ବବ୍ୟାପୀ) **ସୁସୂକ୍ଷ୍ମମ୍** (ସୂକ୍ଷ୍ମାତି-ସୂକ୍ଷ୍ମଙ୍କୁ, ସ୍ଥୂଳତ୍ୱର କାରଣ ଶବ୍ଦାଦିଗୁଣ-ରହିତଙ୍କୁ); **ତତ୍** (ସେହି) **ଅବ୍ୟୟମ୍** (କ୍ଷୟଶୂନ୍ୟଙ୍କୁ)—**ଯତ୍** (ଏହିପରି ଲକ୍ଷଣଯୁକ୍ତ) **ଭୂତଯୋନିମ୍** (ଭୂତ-ସମଷ୍ଟିର କାରଣକୁ) [ଯେଉଁ ବିଦ୍ୟା ସହାୟରେ] **ଧୀରାଃ** (ବିବେକୀମାନେ) **ପରିପଶ୍ୟନ୍ତି** (ସର୍ବତୋଭାବରେ, ଅର୍ଥାତ୍ ସମସ୍ତଙ୍କର ଆତ୍ମସ୍ୱରୂପରେ ଦର୍ଶନ କରନ୍ତି) [ତାହା ହିଁ ପରା ବିଦ୍ୟା] । ୧/୧/୬

---

1. ଶିକ୍ଷାଠାରୁ ଜ୍ୟୋତିଷ ପର୍ଯ୍ୟନ୍ତ ଏଗୁଡ଼ିକ ଛଅ ବେଦାଙ୍ଗ ନାମରେ ପ୍ରସିଦ୍ଧ । ଶିକ୍ଷା=ବର୍ଣ୍ଣୋଚ୍ଚାରଣାଦି-ବିଷୟକ ଗ୍ରନ୍ଥ; କଳ୍ପଃ=ଶ୍ରୌତ କର୍ମାନୁଷ୍ଠାନର ଜ୍ଞାପକ ସୂତ୍ରଗ୍ରନ୍ଥ; ନିରୁକ୍ତ=ବୈଦିକ ଶବ୍ଦ ସମୂହର ଅର୍ଥପ୍ରକାଶକ ଗ୍ରନ୍ଥ; ଛନ୍ଦଃ=ଗାୟତ୍ରୀ ଆଦି ଛନ୍ଦର ପ୍ରକାଶକ ଗ୍ରନ୍ଥ ।

2. ସ୍ମୃତିରେ ଅଛି—**"ଯା ବେଦବାହ୍ୟାଃ ସ୍ମୃତୟୋ ଯାଶ୍ଚ କାଶ୍ଚ କୁଦୃଷ୍ଟୟଃ ।**
ସର୍ବାସ୍ତା ନିଷ୍ଫଲାଃ ପ୍ରେତ୍ୟ ତମୋନିଷ୍ଠା ହି ତାଃ ସ୍ମୃତାଃ ॥"

ଅର୍ଥାତ୍ ବେଦବାହ୍ୟ ସ୍ମୃତିସମୂହର କୌଣସି ପ୍ରାମାଣ୍ୟ ନାହିଁ । ଅତଏବ ବେଦସମୂହକୁ ଅପରା ବିଦ୍ୟାରେ ଅନ୍ତର୍ଭୁକ୍ତ କରିବାରେ ସନ୍ଦେହ ହୋଇପାରେ ଯେ, ଉପନିଷଦ୍‌ସମୂହ ବେଦବାହ୍ୟ ଓ ଅଗ୍ରାହ୍ୟ; ଅଥବା ବେଦ ଅନ୍ତର୍ଭୁକ୍ତ ହେଲେ ମଧ୍ୟ ସେମାନେ ପରାବିଦ୍ୟାର ବହିର୍ଭୂତ । ବସ୍ତୁତଃ ବେଦଶବ୍ଦରେ ଏଠାରେ ଶବ୍ଦରାଶିକୁ ବୁଝାଉଛି, ଜ୍ଞାନକୁ ନୁହେଁ; ସୁତରାଂ ବେଦର ଅଂଶବିଶେଷ ଉପନିଷଦ୍‌ରୁ ଉତ୍ପନ୍ନ ଜ୍ଞାନକୁ ପରାବିଦ୍ୟା କହିବାରେ କୌଣସି ଅସାମଞ୍ଜସ୍ୟ ନାହିଁ ।

ସେହି ଅଦୃଶ୍ୟ, ଅଗ୍ରାହ୍ୟ, ମୂଳରହିତ, ଅରୂପ ଓ ଚକ୍ଷୁକର୍ଣ୍ଣାଦି-ରହିତଙ୍କୁ—ସେହି ହସ୍ତପାଦାଦିରହିତ, ଅବିନାଶୀ, ବିବିଧାକାର, ସର୍ବବ୍ୟାପୀ ଓ ସୂକ୍ଷ୍ମାତିସୂକ୍ଷ୍ମଙ୍କୁ—ସେହି କ୍ଷୟଶୂନ୍ୟଙ୍କୁ ଅର୍ଥାତ୍ ଏପରି ଲକ୍ଷଣଯୁକ୍ତ ଭୂତ-ସମଷ୍ଟିର କାରଣ ବ୍ରହ୍ମଙ୍କୁ (ଯେଉଁ ବିଦ୍ୟାସହାୟରେ) ବିବେକୀମାନେ ସର୍ବତୋଭାବରେ ଦର୍ଶନ କରନ୍ତି (ତାହା ହିଁ ପରାବିଦ୍ୟା) । ୧/୧/୬

ୟଥୋର୍ଣ୍ଣନାଭିଃ ସୃଜତେ ଗୃହ୍ଣତେ ଚ
ୟଥା ପୃଥିବ୍ୟାମୋଷଧୟଃ ସମ୍ଭବନ୍ତି ।
ୟଥା ସତଃ ପୁରୁଷାତ୍ କେଶଲୋମାନି
ତଥାକ୍ଷରାତ୍ସମ୍ଭବତୀହ ବିଶ୍ୱମ୍ ॥୭॥

[ବ୍ରହ୍ମ କିପରି ଭୂତଯୋନି ତାହା ହିଁ କୁହାହେଉଛି]—**ଉର୍ଣ୍ଣନାଭିଃ** (ମାଙ୍କଡ଼ଶା, ବୁଢ଼ିଆଣୀ) **ୟଥା** (ଯେପରି) [କାରଣାନ୍ତରନିରପେକ୍ଷ ହୋଇ] **ସୃଜତେ** ([ନିଜ ଶରୀରରୁ ଅନତିରିକ୍ତ ସୂତ୍ର] ଉତ୍ପାଦନ କରିଥାଏ) **ଗୃହ୍ଣତେ ଚ** (=**ଗୃହ୍ଣାତି ଚ**, ଓ ଆତ୍ମସାତ୍ କରେ) **ପୃଥିବ୍ୟାମ୍** (ପୃଥିବୀରେ) **ୟଥା** (ଯେପରି) [ତାହାଠାରୁ ଅଭିନ୍ନ] **ଓଷଧୟ** (ବ୍ରୀହିଯବାଦି ଔଷଧିସମୂହ) **ସମ୍ଭବନ୍ତି** (ଉତ୍ପନ୍ନ ହୁଏ) **ସତଃ** (ସଜୀବ) **ପୁରୁଷାତ୍** (ପୁରୁଷଦେହରୁ) **ୟଥା** (ଯେପରି) [ବିଜାତୀୟ ଅର୍ଥାତ୍ ଜଡ଼] **କେଶଲୋମାନି** (କେଶ ଓ ଲୋମସମୂହ) [ନିର୍ଗତ ହୁଏ]—**ତଥା** (ସେପରି) **ଅକ୍ଷରାତ୍** (ଅକ୍ଷର ବ୍ରହ୍ମଙ୍କଠାରୁ) **ଇହ** (ଏହି ସଂସାରମଣ୍ଡଳରେ) **ବିଶ୍ୱମ୍** (ନିଖିଳ ବସ୍ତୁ) **ସମ୍ଭବତି** (ଉତ୍ପନ୍ନ ହୁଏ) । ୧/୧/୭

ବୁଢ଼ିଆଣୀ ଯେପରି ନିଜ ଶରୀରରୁ ସୂତା ଉତ୍ପାଦନ କରେ ଓ ଆତ୍ମସାତ୍ କରେ, ପୃଥିବୀରେ ଯେପରି (ତାହାଠାରୁ ଅଭିନ୍ନ) ବ୍ରୀହିଯବାଦି ଔଷଧିସମୂହ ଉତ୍ପନ୍ନ ହୁଏ, ସଜୀବ ପୁରୁଷଶରୀରରୁ ଯେପରି (ବିଜାତୀୟ) କେଶ ଓ ଲୋମସମୂହ ନିର୍ଗତ ହୁଏ, ସେପରି ଅକ୍ଷର ବ୍ରହ୍ମଙ୍କଠାରୁ ଏହି ସଂସାରମଣ୍ଡଳରେ ନିଖିଳ ବସ୍ତୁ ଉତ୍ପନ୍ନ ହୁଏ । ୧/୧/୭

ତପସା ଚୀୟତେ ବ୍ରହ୍ମ ତତୋଽନ୍ନମଭିଜାୟତେ ।
ଅନ୍ନାତ୍ପ୍ରାଣୋ ମନଃ ସତ୍ୟଂ ଲୋକାଃ କର୍ମସୁ ଚାମୃତମ୍ ॥୮॥

[ସୃଷ୍ଟିର କ୍ରମ କୁହାହେଉଛି]—**ବ୍ରହ୍ମ** (ଅକ୍ଷର) **ତପସା** (ସୃଷ୍ଟି-ବିଷୟକ ଜ୍ଞାନ ଦ୍ୱାରା) **ଚୀୟତେ** ([ଅଙ୍କୁରୋତ୍ପାଦକ ବୀଜ ସଦୃଶ] ସ୍ଥୀତ ହୁଅନ୍ତି; 'ଅନେକ ହେବି'—ଏହିପ୍ରକାର ଈକ୍ଷଣବିଶିଷ୍ଟ ହୁଅନ୍ତି [ଛା., ୬/୨/୩]) **ତତଃ** (ତାହାଙ୍କଠାରୁ) **ଅନ୍ନମ୍** (ସର୍ବଜୀବର ଭୋଗ୍ୟସ୍ୱରୂପ ଅବ୍ୟାକୃତ ପ୍ରକୃତି, ମାୟା) **ଅଭିଜାୟତେ** (ଉତ୍ପନ୍ନ ହୁଏ) । **ଅନ୍ନାତ୍** (ପ୍ରକୃତିଠାରୁ, ମୟାଠାରୁ) **ପ୍ରାଣଃ** (ହିରଣ୍ୟଗର୍ଭ, ବ୍ୟଷ୍ଟିଜଗତ୍‌ର ସମଷ୍ଟିରୂପକ ଜ୍ଞାନଶକ୍ତି ଓ କ୍ରିୟାଶକ୍ତି-ବିଶିଷ୍ଟ ଜଗଦାତ୍ମା) [ଜାତ ହୁଅନ୍ତି; ତାଙ୍କଠାରୁ] **ମନଃ** (ସମଷ୍ଟି ଅନ୍ତଃକରଣ) [ମନଠାରୁ] **ସତ୍ୟମ୍** (ଆକାଶାଦି ପଞ୍ଚଭୂତ) [ତାହାଠାରୁ ଅଣ୍ଡୋତ୍ପତ୍ତି-କ୍ରମରେ] **ଲୋକାଃ** (ଭୂଃ-ଆଦି ଲୋକସମୂହ) [ସେଥିରୁ ମନୁଷ୍ୟାଦିର ସୃଷ୍ଟିକ୍ରମରେ କର୍ମ], **କର୍ମସୁ** (କର୍ମରୁ) **ଅମୃତମ୍ ଚ** (କର୍ମଫଳ ମଧ୍ୟ) [ଉତ୍ପନ୍ନ ହୁଏ] । ୧/୧/୮

ସୃଷ୍ଟି-ବିଷୟକ ଜ୍ଞାନ ଦ୍ୱାରା ବ୍ରହ୍ମ ସ୍ଥୀତ ହୁଅନ୍ତି; ତାଙ୍କଠାରୁ ଅବ୍ୟାକୃତ ପ୍ରକୃତି ଜାତ[1] ହୁଏ; ପ୍ରକୃତିଠାରୁ ହିରଣ୍ୟଗର୍ଭ, ହିରଣ୍ୟଗର୍ଭରୁ ମନ, ମନରୁ ପଞ୍ଚଭୂତ, ସେଥିରୁ କ୍ରମେ ଲୋକସମୂହ, (ସେଥିରୁ କର୍ମ) ଓ କର୍ମରୁ କର୍ମଫଳ[2] ଉତ୍ପନ୍ନ ହୁଏ । ୧/୧/୮

ୟଃ ସର୍ବଜ୍ଞଃ ସର୍ବବିଦ୍ୟସ୍ୟ ଜ୍ଞାନମୟଂ ତପଃ ।
ତସ୍ମାଦେତଦ୍ବ୍ରହ୍ମ ନାମ ରୂପମନ୍ନଂ ଚ ଜାୟତେ ॥୯॥

ଇତି ପ୍ରଥମମୁଣ୍ଡକେ ପ୍ରଥମଃ ଖଣ୍ଡଃ ॥

ୟଃ (ଯିଏ) **ସର୍ବଜ୍ଞଃ** (ମାୟା-ଉପାଧି ସହାୟରେ ସମଷ୍ଟିରୂପେ ସମସ୍ତ ବିଷୟରେ ଜ୍ଞାନବାନ୍ ଅର୍ଥାତ୍ ସାମାନ୍ୟରୂପେ ସମସ୍ତ ବିଷୟ ଜାଣନ୍ତି) **ସର୍ବବିତ୍**

---

1. ଅବ୍ୟାକୃତ ପ୍ରକୃତି ବା ଅନାଦି ମାୟା ହିଁ ମୂଳରେ **ଅନ୍ନ** ଶବ୍ଦ ଦ୍ୱାରା ଉକ୍ତ ହୋଇଛନ୍ତି କାରଣ ସର୍ବଜୀବ ତାହାଙ୍କୁ ଭୋଗ୍ୟରୂପରେ ଦର୍ଶନ କରନ୍ତି । ବ୍ୟାକୃତ ଅବସ୍ଥା-ଗ୍ରହଣ ପାଇଁ ଉନ୍ମୁଖ ହେବା ହିଁ ତାଙ୍କର ଜାତ ହେବା । କାରଣ ପ୍ରକୃତି ଅନାଦି ତେଣୁ ଜାତ ଶବ୍ଦର ମୁଖ୍ୟ ଅର୍ଥ ଗୃହୀତ ହୋଇପାରେ ନାହିଁ ।

2. ମୂଳରେ **'ଅମୃତ'** ଅଛି; କାରଣ ଜ୍ଞାନୋଦୟ ନ ହେବା ପର୍ଯ୍ୟନ୍ତ କର୍ମଫଳ ନଷ୍ଟ ହୁଏ ନାହିଁ ।

(ଅବିଦ୍ୟା-ଉପାଧି ସହାୟରେ ବ୍ୟଷ୍ଟିରୂପରେ ସମସ୍ତ ବିଷୟରେ ଜ୍ଞାନବାନ୍ ଅର୍ଥାତ୍ ବିଶେଷରୂପେ ସମସ୍ତ ବିଷୟ ଜାଣନ୍ତି) **ୟସ୍ୟ** (ଯାହାଙ୍କର) **ଜ୍ଞାନମୟମ୍ ତପଃ** ([ସତ୍ତ୍ୱପ୍ରଧାନ ମାୟାର ଜ୍ଞାନାଖ୍ୟ ବିକାରରେ ଉପହିତ ହେବା ରୂପକ] ସର୍ବଜ୍ଞତ୍ୱ ହିଁ ତପସ୍ୟା) **ତସ୍ମାତ୍** (ତାହାଙ୍କଠାରୁ) **ଏତତ୍ ବ୍ରହ୍ମ** (ଏହି ହିରଣ୍ୟଗର୍ଭ) **ନାମ** (ନାମ) **ରୂପମ୍** (ରୂପ) **ଅନ୍ନମ୍ ଚ** (ଓ ବ୍ରୀହିଯବାଦି ଅନ୍ନ) **ଜାୟତେ** (ଜାତ ହୁଏ) । ୧/୧/୯

ଯିଏ ସର୍ବଜ୍ଞ ଓ ସର୍ବବିଦ୍[1] ଏବଂ ସର୍ବଜ୍ଞତ୍ୱ ହିଁ ଯାହାଙ୍କର ତପସ୍ୟା, ସେହି ବ୍ରହ୍ମଙ୍କଠାରୁ ଏହି ହିରଣ୍ୟଗର୍ଭ, ନାମ, ରୂପ ଓ ଅନ୍ନ ଜାତ ହୁଏ । ୧/୧/୯

॥ ପ୍ରଥମ ମୁଣ୍ଡକର ପ୍ରଥମ ଖଣ୍ଡ ସମାପ୍ତ ॥

---

1. ମୁ., ୨/୨/୭ ।
ସମଷ୍ଟିର ଉପାଧି ମାୟା ଓ ବ୍ୟଷ୍ଟିର ଉପାଧି ଅବିଦ୍ୟା ସମ୍ବନ୍ଧରେ ଭୂମିକା ଦ୍ରଷ୍ଟବ୍ୟ ।

ପ୍ରଥମ ମୁଣ୍ଡକ

ଦ୍ୱିତୀୟ ଖଣ୍ଡ

ତଦେତତ୍ ସତ୍ୟଂ
ମନ୍ତ୍ରେଷୁ କର୍ମାଣି କବୟୋ ୟାନ୍ୟପଶ୍ୟଂ-
ସ୍ତାନି ତ୍ରେତାୟାଂ ବହୁଧା ସନ୍ତତାନି ।
ତାନ୍ୟାଚରଥ ନିୟତଂ ସତ୍ୟକାମା।
ଏଷ ବଃ ପନ୍ଥାଃ ସୁକୃତସ୍ୟ ଲୋକେ ॥ ୧ ॥

କବୟଃ (ବଶିଷ୍ଠ ପ୍ରଭୃତି ମେଧାବୀଗଣ) **ମନ୍ତ୍ରେଷୁ** (ଋଗ୍‌ବେଦାଦିରେ ପ୍ରକଟିତ) **ୟାନି** (ଯେଉଁ ସକଳ) **କର୍ମାଣି** (ଅଗ୍ନିହୋତ୍ରାଦି କର୍ମ) **ଅପଶ୍ୟନ୍** (ଦେଖିଛନ୍ତି) **ତତ୍ ଏତତ୍** ([ଅପରା ବିଦ୍ୟାର ବିଷୟୀଭୂତ] ସେହି ଏହା ହିଁ) **ସତ୍ୟମ୍** (ନିଶ୍ଚିତରୂପରେ ପୁରୁଷାର୍ଥର ହେତୁ); **ତାନି** (ସେହି କର୍ମସମୂହ) **ତ୍ରେତାୟାମ୍** (ଋକ୍, ୟଜୁଃ ଓ ସାମସମୂହରେ; କିମ୍ବା ତ୍ରେତାଯୁଗରେ) **ବହୁଧା ସନ୍ତତାନି** (ବହୁପ୍ରକାରରେ ପ୍ରବୃତ୍ତ ଅଛି, ପ୍ରାୟଶଃ ଆଚରିତ ହୁଏ); [ତୁମେମାନେ] **ସତ୍ୟକାମାଃ** (ଯଥାଭୂତ କର୍ମଫଳ କାମନା କରି) **ତାନି** (ସେହି କର୍ମସମୂହ) **ନିୟତମ୍** (ନିତ୍ୟ) **ଆଚରଥ** (ଆଚରଣ କର); **ବଃ** (ତୁମମାନଙ୍କର) **ସୁକୃତସ୍ୟ** (ସ୍ୱୟଂକୃତ କର୍ମର) **ଲୋକେ** (ଫଳଲାଭ ପାଇଁ) **ଏଷଃ** (ଏହା ହିଁ) **ପନ୍ଥାଃ** (ଉପାୟ) । ୧/୨/୧

ବଶିଷ୍ଠାଦି ମେଧାବୀଗଣ ଋଗ୍‌ବେଦାଦିରେ ଯେଉଁ ସକଳ କର୍ମ (ବିହିତ) ଦେଖିଛନ୍ତି—ଅପରାବିଦ୍ୟାର ବିଷୟୀଭୂତ ସେହି କର୍ମ ହିଁ ସତ୍ୟ (ଅର୍ଥାତ୍ ନିଶ୍ଚିତରୂପରେ ପୁରୁଷାର୍ଥର ସାଧନ) । ସେହି କର୍ମସମୂହ ଋକ୍, ୟଜୁଃ ଓ ସାମବେଦରେ ବହୁପ୍ରକାର ବିହିତ ରହିଛି । ତୁମେମାନେ ଯଥାଭୂତ କର୍ମଫଳକାମୀ ହୋଇ ନିତ୍ୟ ସେହି ସମୁଦାୟର ଆଚରଣ କର । ତୁମମାନଙ୍କର ସ୍ୱୟଂକୃତ କର୍ମର ଫଳଲାଭ ପାଇଁ ଏହା ହିଁ ଉପାୟ[1] । ୧/୨/୧

---

1. ଏହି ଖଣ୍ଡରେ କୁହାହେବ ଯେ, ସଂସାର ଅନାଦି ଓ ଦୁଃଖମୟ; କର୍ତ୍ତା, କରଣ ପ୍ରଭୃତି ସାଧନ ଓ କ୍ରିୟାଫଳରୂପରେ ଏହା ବିଭକ୍ତ ଏବଂ ଏହା ଅପରାବିଦ୍ୟାର ବିଷୟ । ଉଦ୍ଦେଶ୍ୟ ହେଉଛି

ଯଦା ଲେଲାୟତେ ହ୍ୟର୍ଚିଃ ସମିଦ୍ଧେ ହବ୍ୟବାହନେ ।
ତଦାଜ୍ୟଭାଗାବନ୍ତରେଣାହୁତୀଃ ପ୍ରତିପାଦୟେତ୍ ॥୨॥

[ଅଗ୍ନିହୋତ୍ରର ଅନୁଷ୍ଠାତା (ପ୍ର., ୪/୩)]—**ସମିଦ୍ଧେ ହବ୍ୟବାହନେ** (ସମ୍ୟକ୍ ପ୍ରଜ୍ୱଳିତ ଅଗ୍ନିରେ) **ଯଦା ହି** (ଯେତେବେଳେ ହିଁ) **ଅର୍ଚିଃ** (ଅଗ୍ନିଶିଖା) **ଲେଲାୟତେ** (ଲେଲୀହାନ ହୁଏ) **ତଦା** (ସେତେବେଳେ) **ଆଜ୍ୟଭାଗୌ**(=**ଆଜ୍ୟଭାଗୟୋଃ**, ଆଜ୍ୟଭାଗଦ୍ୱୟର) **ଅନ୍ତରେଣ** (ମଧ୍ୟରେ, ଆବାପସ୍ଥାନରେ) **ଆହୁତୀଃ** (ଆହୁତିସମୂହ) **ପ୍ରତିପାଦୟେତ୍** (ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରକ୍ଷେପ କରିବ) [ପରଶ୍ଲୋକର ଟୀକା ଦ୍ରଷ୍ଟବ୍ୟ] । ୧/୨/୨

ସମ୍ୟକ୍ ପ୍ରଜ୍ୱଳିତ ଅଗ୍ନି ମଧ୍ୟରେ ଯେତେବେଳେ ହିଁ ଶିଖାସମୂହ ଲେଲୀହାନ ହୁଏ, ସେତେବେଳ ଆଜ୍ୟଭାଗଦ୍ୱୟ ମଧ୍ୟରେ ଆହୁତିସମୂହ ଅର୍ପଣ କରିବ । ୧/୨/୨

ଯସ୍ୟାଗ୍ନିହୋତ୍ରମଦର୍ଶମପୌର୍ଣ୍ଣମାସ-
ମଚାତୁର୍ମାସ୍ୟମନାଗ୍ରୟଣମତିଥିବର୍ଜିତଂ ଚ ।
ଅହୁତମବୈଶ୍ୱଦେବମବିଧିନା ହୁତ-
ମାସପ୍ତମାଂସ୍ତସ୍ୟ ଲୋକାନ୍ ହିନସ୍ତି ॥୩॥

[ଉକ୍ତ ଅଗ୍ନିହୋତ୍ରର ସମ୍ୟକ୍ ସମ୍ପାଦନ ଦୁଷ୍କର; ତାହା ପ୍ରଦର୍ଶିତ ହେଉଅଛି]—**ଯସ୍ୟ** (ଯେଉଁ ଅଗ୍ନିହୋତ୍ରୀୟର) **ଅଗ୍ନିହୋତ୍ରମ୍** (ଅଗ୍ନିହୋତ୍ରଯାଗ) **ଅଦର୍ଶମ୍** (ଦର୍ଶଯାଗ-ରହିତ) **ଅପୌର୍ଣ୍ଣମାସମ୍** (ପୂର୍ଣ୍ଣମାସଯାଗ-ରହିତ) **ଅଚାତୁର୍ମାସ୍ୟମ୍** (ଚାତୁର୍ମାସ୍ୟ-କର୍ମ-ବର୍ଜ୍ଜିତ) **ଅନାଗ୍ରୟଣମ୍** (ଶରଦାଦିରେ ନବାନ୍ନଦ୍ୱାରା କରଣୀୟ କ୍ରିୟାରହିତ) **ଅତିଥିବର୍ଜ୍ଜିତମ୍ ଚ** (ଏବଂ ପ୍ରତ୍ୟହ ଅତିଥି-ପୂଜା-ଶୂନ୍ୟ) **ଅହୁତମ୍** (ଯଥାସମୟରେ ଆହୁତି-ପ୍ରଦାନ-ରହିତ) **ଅବୈଶ୍ୱଦେବମ୍** (ବୈଶ୍ୱଦେବ-କର୍ମ-ଶୂନ୍ୟ) **ଅବିଧିନା ହୁତମ୍** (ଅଶାସ୍ତ୍ରୀୟରୂପରେ ଆହୁତ) [ହୁଏ], [ସେହି ଅଗ୍ନିହୋତ୍ରାଦିକର୍ମ] **ତସ୍ୟ** (ସେହି ଯଜମାନଙ୍କର) **ଆସପ୍ତମାନ୍ ଲୋକାନ୍** (ଭୂଃଠାରୁ ସତ୍ୟ ପର୍ଯ୍ୟନ୍ତ ସପ୍ତଲୋକ, ଅଥବା ପିତା, ପିତାମହ, ପ୍ରପିତାମହ, ଯଜମାନ, ପୁତ୍ର, ପୌତ୍ର ଓ ପ୍ରପ୍ରୌତ୍ର) **ହିନସ୍ତି** (ବିନଷ୍ଟ କରେ) । ୧/୨/୩

ଯେ, ଏହିପ୍ରକାରରେ ସଂସାରର ସ୍ୱରୂପ ବର୍ଣ୍ଣନା କଲେ ବୈରାଗ୍ୟ ଉତ୍ପନ୍ନ ହେବ । ଏହି ବିଦ୍ୟା ଦ୍ୱାରା କିନ୍ତୁ ମୁକ୍ତିଲାଭ ହୁଏ ନାହିଁ ।

ଯାହାଙ୍କର ଅଗ୍ନିହୋତ୍ର ଯାଗ ଦର୍ଶ ଓ ପୂର୍ଣ୍ଣମାସ ଯାଗ[1]-ବିରହିତ, ଚାତୁର୍ମାସ୍ୟ କର୍ମ[2]-ଶୂନ୍ୟ, ଆଗ୍ରୟଣ କର୍ମ[3]-ବର୍ଜିତ, ଅତିଥିସେବାଶୂନ୍ୟ, ଯଥାକାଳରେ ଆହୁତି-ବର୍ଜିତ, ବୈଶ୍ୱଦେବ କର୍ମ[4]-ଶୂନ୍ୟ, ଅବିଧିପୂର୍ବକ ହୁତ—ସେହି ଅଗ୍ନିହୋତ୍ରାଦିକର୍ମ ସେହି ଯଜମାନଙ୍କର ସପ୍ତଲୋକ ବିନଷ୍ଟ କରିଥାଏ । ୧/୨/୩

କାଲୀ କରାଲୀ ଚ ମନୋଜବା ଚ
ସୁଲୋହିତା ଯା ଚ ସୁଧୂମ୍ରବର୍ଣ୍ଣା ।
ସ୍ଫୁଲିଙ୍ଗିନୀ ବିଶ୍ୱରୁଚୀ ଚ ଦେବୀ
ଲେଲାୟମାନା ଇତି ସପ୍ତ ଜିହ୍ୱାଃ ॥୪॥

ଯା (ଯିଏ) **କାଲୀ** (କାଳୀ) **କରାଲୀ** (କରାଳୀ) **ଚ** (ତଥା) **ମନୋଜବା** (ମନୋଜବା) **ଚ** (ଏବଂ) **ସୁଲୋହିତା** (ସୁଲୋହିତା) **ଚ** (ତଥା) **ସୁଧୂମ୍ରବର୍ଣ୍ଣା** (ସୁଧୂମ୍ରବର୍ଣ୍ଣା) **ସ୍ଫୁଲିଙ୍ଗିନୀ** (ସ୍ଫୁଲିଙ୍ଗିନୀ) **ଚ** (ତଥା) **ଦେବୀ ବିଶ୍ୱରୁଚୀ** (ଦେବୀ

---

1. ଅମାବାସ୍ୟାରେ କରାଯାଉଥିବା ଇଷ୍ଟିଯାଗର ନାମ ଦର୍ଶ ଏବଂ ପୂର୍ଣ୍ଣମାର ଇଷ୍ଟିଯାଗର ନାମ ପୂର୍ଣ୍ଣମାସ । ଉଭୟ ଯାଗ ଯାବଜ୍ଜୀବନ କରିବା ବିଧେୟ—ନ୍ୟୂନପକ୍ଷେ ତିରିଶ ବର୍ଷ କରିବାକୁ ପଡ଼େ । ଦର୍ଶପୂର୍ଣ୍ଣମାସଯାଗରେ ଆହବନୀୟ-ଅଗ୍ନିରେ ଦକ୍ଷିଣ ଓ ଉତ୍ତର ପାର୍ଶ୍ୱରେ **"ଅଗ୍ନୟେ ସ୍ୱାହା"** ଓ **"ସୋମାୟ ସ୍ୱାହା"**—ଏହି ମନ୍ତ୍ରଦ୍ୱୟ-ସହକାରେ ଦୁଇଟି ଆହୁତି ଦେଇ ମଧ୍ୟସ୍ଥଳରେ ଅନ୍ୟାନ୍ୟ ଯାଗ ଅନୁଷ୍ଠିତ ହୁଏ । ଏହା ହିଁ ଆବାପସ୍ଥଳ । ପୂର୍ବମନ୍ତ୍ରରେ **ଆହୁତୀଃ** ପଦରେ ବହୁବଚନ ଅଛି । ଅଗ୍ନିହୋତ୍ରରେ ପ୍ରତ୍ୟହ ଦୁଇଟି ଆହୁତି ହିଁ ପ୍ରସିଦ୍ଧ, ଯଥା ପ୍ରାତଃକାଳରେ **"ସୂର୍ଯ୍ୟାୟ ସ୍ୱାହା, ପ୍ରଜାପତୟେ ସ୍ୱାହା"** ଏବଂ ସାୟଂକାଳରେ **"ଅଗ୍ନୟେ ସ୍ୱାହା, ପ୍ରଜାପତୟେ ସ୍ୱାହା"**—ତଥାପି ପ୍ରତିଦିନ ଅନୁଷ୍ଠିତ ହୁଏ ବୋଲି ଆହୁତିସଂଖ୍ୟା ମଧ୍ୟ ବହୁ । ଦର୍ଶପୂର୍ଣ୍ଣମାସାଦି ଅଗ୍ନିହୋତ୍ରର ଅଙ୍ଗ ନୁହେଁ, ତଥାପି ଅଗ୍ନିହୋତ୍ରୀ ପକ୍ଷରେ ଅବଶ୍ୟ କର୍ତ୍ତବ୍ୟ । —ଶତପଥ ବ୍ରା. ପ୍ରଥମ କାଣ୍ଡ ।

2. ଗୋଟିଏ ବର୍ଷକୁ ତିନୋଟି ଚତୁର୍ମାସରେ ବିଭକ୍ତ କରି ପ୍ରତି ବିଭାଗ ପ୍ରାରମ୍ଭରେ ପୂର୍ଣ୍ଣମାରେ (ଫାଲ୍‌ଗୁନ ବା ଚୈତ୍ରରେ, ଆଷାଢ଼ ବା ଶ୍ରାବଣରେ ଓ କାର୍ତ୍ତିକ ବା ମାର୍ଗଶୀରରେ ଯଥାକ୍ରମେ) କରାଯାଉଥିବା ଯାଗ; ଯଥା—**ବୈଶ୍ୱଦେବମ୍, ବରୁଣପ୍ରଘାସାଃ, ସାକମେଧାଃ ।** ସାକମେଧର ଅବ୍ୟବହିତ ପରେ ଯେଉଁ ଦିନ ଇଚ୍ଛା ଶୁନାସୀରୀୟ ଯାଗ କରାଯାଏ ।

—ଶତପଥ ବ୍ରା., ୨/୩/୫

3. ବର୍ଷାରେ ଶ୍ୟାମାକାଗ୍ରୟଣ, ଶରତରେ ବ୍ରୀହ୍ୟାଗ୍ରୟଣ, ବସନ୍ତରେ ଯବାଗ୍ରୟଣ (ଶତପଥ ବ୍ରା, ୨/୩/୫)

4. ଦକ୍ଷକନ୍ୟା ବିଶ୍ୱାଙ୍କ ସନ୍ତାନ—ବସୁ, ସତ୍ୟ, କ୍ରତୁ, ଦକ୍ଷ, କାଳ, କାମ, ଧୃତି, କୁରୁ, ପୁରୂରବା ଓ ଆଦ୍ରବାଙ୍କୁ 'ବିଶ୍ୱଦେବାଃ' କୁହାଯାଏ । ଏମାନଙ୍କ ଉଦ୍ଦେଶ୍ୟରେ କୃତ ଶ୍ରାଦ୍ଧାଦି କର୍ମ—ବୈଶ୍ୱଦେବ କର୍ମ ।

ବିଶ୍ୱରୁଚୀ)—[ଅଗ୍ନିଙ୍କର] **ଇତି** (ଏହି) **ସପ୍ତ** (ସାତୋଟି) **ଲେଲାୟମାନାଃ** (ଲେଲାୟମାନ) **ଜିହ୍ୱାଃ** (ଜିହ୍ୱା) । ୧/୨/୪

କାଳୀ, କରାଲୀ, ମନୋଜବା, ସୁଲୋହିତା, ସୁଧୂମ୍ରବର୍ଣ୍ଣା, ସ୍ଫୁଲିଙ୍ଗିନୀ ଓ ଦେବୀ ବିଶ୍ୱରୁଚୀ—ଅଗ୍ନିଙ୍କ ଏହି ସାତୋଟି ଲେଲାୟମାନ ଜିହ୍ୱା । ୧/୨/୪

ଏତେଷୁ ଯଶ୍ଚରତେ ଭ୍ରାଜମାନେଷୁ
ଯଥାକାଲଂ ଚାହୁତୟୋ ହ୍ୟାଦଦାୟନ୍ ।
ତଂ ନୟନ୍ତ୍ୟେତାଃ ସୂର୍ଯସ୍ୟ ରଶ୍ମୟୋ
ଯତ୍ର ଦେବାନାଂ ପତିରେକୋଽଧ୍ୱାସଃ ॥୫॥

ଭ୍ରାଜମାନେଷୁ (ଦେଦୀପ୍ୟମାନ) **ଏତେଷୁ** (ଏହି ଅଗ୍ନିଜିହ୍ୱାସମୂହରେ) **ୟଃ** (ଯେଉଁ ଅଗ୍ନିହୋତ୍ରୀ) **ଚରତେ** (କର୍ମାନୁଷ୍ଠାନ କରନ୍ତି) **ଏତାଃ** (ଏହି) **ଆହୁତୟଃ ଚ** (ଆହୁତିସମୂହ ମଧ୍ୟ) **ସୂର୍ଯସ୍ୟ ରଶ୍ମୟଃ** (ସୂର୍ଯ୍ୟରଶ୍ମି ହୋଇ ଏବଂ ସୂର୍ଯ୍ୟକିରଣ-ଅବଲମ୍ବନରେ) **ୟଥାକାଲମ୍ ହି** (ଯଥାକାଳରେ ହିଁ) **ତମ୍** (ସେହି ଯଜମାନଙ୍କୁ) **ଆଦଦାୟନ୍**(=**ଆଦଦାନାଃ**, ଗ୍ରହଣପୂର୍ବକ) [ସେଠାକୁ] **ନୟନ୍ତି** (ନେଇଯାଆନ୍ତି) **ୟତ୍ର** (ଯେଉଁ ସ୍ୱର୍ଗରେ) **ଦେବାନାମ୍** (ଦେବଗଣଙ୍କ) **ଏକଃ ପତିଃ** (ସର୍ବାଗ୍ରଣୀ ଅଧିପତି ଇନ୍ଦ୍ର କିମ୍ବା ପ୍ରଜାପତି) **ଅଧ୍ୱାସଃ** (ଅଧିଷ୍ଠିତ ଅଛନ୍ତି [**ଅଧ୍ୱସତି ଇତି ଅଧ୍ୱାସଃ**]) । ୧/୨/୫

ଦେଦୀପ୍ୟମାନ ଉକ୍ତ ଅଗ୍ନିଜିହ୍ୱାସମୂହରେ ଯେଉଁ ଅଗ୍ନିହୋତ୍ରୀ କର୍ମାନୁଷ୍ଠାନ କରନ୍ତି, ଏହି ଆହୁତିସମୂହ ତାହାଙ୍କୁ ଯଥାକାଳରେ ଗ୍ରହଣ କରି ସୂର୍ଯ୍ୟରଶ୍ମିଦ୍ୱାରରେ ଅବଶ୍ୟ ହିଁ ସେଠାକୁ ନେଇଯାଆନ୍ତି, ଯେଉଁଠାରେ ଦେବଗଣଙ୍କର ସର୍ବାଗ୍ରଣୀ ଅଧିପତି ଅଧିଷ୍ଠିତ ଅଛନ୍ତି । ୧/୨/୫

ଏହ୍ୟେହୀତି ତମାହୁତୟଃ ସୁବର୍ଚସଃ
ସୂର୍ଯସ୍ୟ ରଶ୍ମିଭିର୍ୟଜମାନଂ ବହନ୍ତି ।
ପ୍ରିୟାଂ ବାଚମଭିବଦନ୍ତ୍ୟୋଽର୍ଚୟନ୍ତ୍ୟ
ଏଷ ବଃ ପୁଣ୍ୟଃ ସୁକୃତୋ ବ୍ରହ୍ମଲୋକଃ ॥୬॥

ଏହି ଏହି ଇତି (ଆସ ଆସ ଏହି ପ୍ରକାର ଆହ୍ୱାନ କରୁ କରୁ) [ଏବଂ] **ଏଷଃ** (ଏହା ହିଁ) **ବଃ** (ତୁମମାନଙ୍କର) **ପୁଣ୍ୟଃ** (ପୁଣ୍ୟଃ) **ସୁକୃତଃ** (ସ୍ୱରଚିତ ମାର୍ଗ) [ଓ]

ବ୍ରହ୍ମଲୋକଃ (କର୍ମଫଳ-ସ୍ୱରୂପ ମାର୍ଗ ବା ହିରଣ୍ୟଗର୍ଭଲୋକ) [ଏହିପରି] **ପ୍ରିୟାମ୍** (ଅଭୀଷ୍ଟ) **ବାଚମ୍** (ସ୍ତୁତିବାକ୍ୟ) **ଅଭିବଦନ୍ତ୍ୟଃ** (ଉଚ୍ଚାରଣ କରୁ କରୁ) [ଏବଂ] **ଅର୍ଚୟନ୍ତଃ** (ପୂଜା କରୁ କରୁ) **ସୁବର୍ଚସଃ** (ଦୀପ୍ତିମାନ୍) **ଆହୁତୟଃ** (ଆହୁତିସକଳ) **ସୂର୍ଯସ୍ୟ** (ସୂର୍ଯ୍ୟଙ୍କର) **ରଶ୍ମିଭିଃ** (ରଶ୍ମି-ଅବଲମ୍ବନରେ) **ତମ୍ ୟଜମାନମ୍** (ସେହି ଯଜମାନଙ୍କୁ) **ବହନ୍ତି** (ବହନ କରିଥାଆନ୍ତି) । ୧/୨/୬

"ଆସ ଆସ" ଏହି ପ୍ରକାର ଆହ୍ୱାନ କରୁ କରୁ ଏବଂ "ଏହା ହିଁ ତୁମମାନଙ୍କର ପୁଣ୍ୟ, ଏହା ହିଁ ସ୍ୱକର୍ମରଚିତ ମାର୍ଗ ଓ ଏହା ହିଁ କର୍ମର ଫଳସ୍ୱରୂପ ସ୍ୱର୍ଗ" ଏହିପ୍ରକାର ସ୍ତୁତିବାକ୍ୟ ଉଚ୍ଚାରଣ କରୁ କରୁ ଓ ପୂଜା କରୁ କରୁ (ଉକ୍ତ) ଦୀପ୍ତିମାନ୍ ଆହୁତିସକଳ ସୂର୍ଯ୍ୟରଶ୍ମି-ଅବଲମ୍ବନରେ ସେହି ଯଜମାନଙ୍କୁ ବହନ କରିଥାଆନ୍ତି । ୧/୨/୬

ପ୍ଲବା ହ୍ୟେତେ ଅଦୃଢା ୟଜ୍ଞରୂପା
ଅଷ୍ଟାଦଶୋକ୍ତମବରଂ ୟେଷୁ କର୍ମ ।
ଏତଚ୍ଛ୍ରେୟୋ ୟେଽଭିନନ୍ଦନ୍ତି ମୂଢା
ଜରାମୃତ୍ୟୁଂ ତେ ପୁନରେବାପି ୟନ୍ତି ॥୭॥

[ଅବିଦ୍ୟା, କାମ ଓ କର୍ମ ଅସାର ଏବଂ ଦୁଃଖର ମୂଳ ବୋଲି ୭ରୁ ୧୦ ମନ୍ତ୍ରରେ ଏମାନଙ୍କର ନିନ୍ଦା ହେଉଛି]—**ୟେଷୁ** (ଯେଉଁ ଅଠର ଜଣ ବ୍ୟକ୍ତିଙ୍କୁ ଆଶ୍ରୟ କରି) **ଅବରମ୍** (ନିକୃଷ୍ଟ, ଅର୍ଥାତ୍ ଜ୍ଞାନରହିତ) **କର୍ମ** (କର୍ମ) **ଉକ୍ତମ୍** ([ଶାସ୍ତ୍ରରେ] ବିହିତ ହୋଇଛି) **ୟଜ୍ଞରୂପାଃ** (ଯଜ୍ଞସମ୍ପାଦକ) [ଏହି] **ଅଷ୍ଟାଦଶ** (ଷୋହଳ ଜଣ ରତ୍ୱିକ୍, ଯଜମାନ ଓ ପତ୍ନୀ ଏହି ଅଠର ଜଣ) **ପ୍ଲବାଃ** (ବିନାଶୀ) **ହି** (କାରଣ) **ଏତେ** (ଏମାନେ) **ଅଦୃଢାଃ** (ଅସ୍ଥିର, ଅନିତ୍ୟ) । [ଅତଏବ] **ଏତତ୍** (ଏହି କର୍ମକୁ) **ୟେ** (ଯେଉଁ ସକଳ) **ମୂଢାଃ** (ଅବିବେକୀଗଣ) **ଶ୍ରେୟଃ** (ଶ୍ରେୟୋଲାଭର ଉପାୟ) [ମନେକରି] **ଅଭିନନ୍ଦନ୍ତି** (ସମାଦର କରନ୍ତି) **ତେ** (ସେମାନେ) **ପୁନଃ ଏବ ଅପି** (କିଛିକାଳ ସ୍ୱର୍ଗଭୋଗ ପରେ ପୁନର୍ବାର) **ଜରା-ମୃତ୍ୟୁମ୍** (ଜରାମୃତ୍ୟୁରୂପକ ସଂସାରଦଶାକୁ) **ୟନ୍ତି** (ପ୍ରାପ୍ତ ହୁଅନ୍ତି) । ୧/୨/୭

ଯେଉଁ ଅଠର ଜଣ ବ୍ୟକ୍ତିଙ୍କୁ ଆଶ୍ରୟ କରି ଜ୍ଞାନରହିତ କର୍ମ ଶାସ୍ତ୍ରରେ ବିହିତ ହୋଇଅଛି, ଯଜ୍ଞ-ନିର୍ବାହକ ଏହି ଷୋହଳ ଜଣ ରତ୍ୱିକ୍, ଯଜମାନ ଓ ଯଜମାନପତ୍ନୀ—ଏହି ଅଠର ଜଣ ହିଁ ବିନାଶୀ, କାରଣ ଏମାନେ ଅନିତ୍ୟ । ଅତଏବ ଏହି କର୍ମକୁ ଯେଉଁ ଅବିବେକୀଗଣ ଶ୍ରେୟୋଲାଭର ଉପାୟ ମନେକରି

ସମାଦର କରନ୍ତି, ସେମାନେ (କିଛିକାଳ ସ୍ୱର୍ଗଭୋଗ ପରେ) ପୁନର୍ବାର ଜରାମୃତ୍ୟୁରୂପକ ସଂସାରଦଶାକୁ ପ୍ରାପ୍ତ ହୁଅନ୍ତି । ୧/୨/୭

ଅବିଦ୍ୟାୟାମନ୍ତରେ ବର୍ତମାନାଃ
ସ୍ୱୟଂ ଧୀରାଃ ପଣ୍ଡିତଂ ମନ୍ୟମାନାଃ ।
ଜଙ୍ଘନ୍ୟମାନାଃ ପରିୟନ୍ତି ମୂଢା
ଅନ୍ଧେନୈବ ନୀୟମାନା ୟଥାନ୍ଧାଃ ॥୮॥

ଅବିଦ୍ୟାୟାମ୍ (ଅଜ୍ଞାନର) **ଅନ୍ତରେ** (ମଧ୍ୟରେ) **ବର୍ତମାନାଃ** (ଅବସ୍ଥିତ) **ମୂଢାଃ** (ମୁଗ୍ଧ ବ୍ୟକ୍ତିଗଣ)—**ସ୍ୱୟମ୍** (ନିଜେ ଆମେମାନେ) **ଧୀରାଃ** (ଧୀମାନ୍) [ଏବଂ] **ପଣ୍ଡିତଂ ମନ୍ୟମାନାଃ** (ସର୍ବବିଷୟ ଜାଣିଛୁ—ଏହିପରି ନିଜକୁ ପଣ୍ଡିତ ମନେ କରି) **ଜଙ୍ଘନ୍ୟମାନାଃ** ([ବହୁ ଅନର୍ଥରେ] ବାରମ୍ବାର ପୀଡ଼ିତ ହେଉ ହେଉ) **ଅନ୍ଧେନ ଏବ** (ଅନ୍ଧଙ୍କ ଦ୍ୱାରା) **ନୀୟମାନାଃ** (ପରିଚାଳିତ) **ଅନ୍ଧାଃ ୟଥା** (ଅନ୍ଧଙ୍କ ପରି) **ପରିୟନ୍ତି** (ପରିଭ୍ରମଣ କରିଥାଆନ୍ତି) । ୧/୨/୮

ଅଜ୍ଞାନ ମଧ୍ୟରେ ଅବସ୍ଥିତ ମୁଗ୍ଧ ବ୍ୟକ୍ତିଗଣ "ଆମେ ଧୀମାନ୍ ଓ ଆମେ ସବୁ ବିଷୟ ଜାଣିଛୁ" ଏହିପରି ନିଜକୁ ପଣ୍ଡିତ ମନେ କରି ବହୁ ଅନର୍ଥରେ ବାରମ୍ବାର ପୀଡ଼ିତ ହେଉ ହେଉ ଅନ୍ଧଙ୍କ ଦ୍ୱାରା ପରିଚାଳିତ ଅନ୍ଧ ପରି ପରିଭ୍ରମଣ କରୁଥାଆନ୍ତି । ୧/୨/୮

ଅବିଦ୍ୟାୟାଂ ବହୁଧା ବର୍ତମାନା
ବୟଂ କୃତାର୍ଥା ଇତ୍ୟଭିମନ୍ୟନ୍ତି ବାଲାଃ ।
ୟତ୍କର୍ମିଣୋ ନ ପ୍ରବେଦୟନ୍ତି ରାଗାତ୍
ତେନାତୁରାଃ କ୍ଷୀଣଲୋକାଶ୍ଚ୍ୟବନ୍ତେ ॥୯॥

ଅବିଦ୍ୟାୟାମ୍ (ଅଜ୍ଞାନମଧ୍ୟରେ) **ବହୁଧା** (ବହୁପ୍ରକାରରେ) **ବର୍ତମାନାଃ** (ଅବସ୍ଥିତ) **ବାଲାଃ** (ଶିଶୁସଦୃଶ ଅଜ୍ଞାନୀମାନେ) **ବୟମ୍** (ଆମେ) **କୃତାର୍ଥାଃ** (କୃତାର୍ଥ) **ଇତି** (ଏହିପ୍ରକାର) **ଅଭିମନ୍ୟନ୍ତି**(=**ଅଭିମନ୍ୟନ୍ତେ**, ଅଭିମାନ କରନ୍ତି) । **ୟତ୍** (ଯେହେତୁ) **ରାଗାତ୍** (କର୍ମଫଳରେ ଆସକ୍ତିବଶତଃ) **କର୍ମିଣଃ** (କର୍ମୀଗଣ) **ନ ପ୍ରବେଦୟନ୍ତି** (ପ୍ରକୃତ ତତ୍ତ୍ୱ ଜାଣନ୍ତି ନାହିଁ) **ତେନ** (ସେହି କାରଣରୁ) [ସେମାନେ]

କ୍ଷୀଣଲୋକାଃ (କର୍ମଫଳ-ଭୋଗାବସାନରେ) **ଆତୁରାଃ** (ଦୁଃଖାର୍ତ୍ତ ହୋଇ) **ଚ୍ୟବନ୍ତେ** (ସ୍ୱର୍ଗରୁ ବିଚ୍ୟୁତ ହୁଅନ୍ତି) । ୧/୨/୯

ଅଜ୍ଞାନ ମଧ୍ୟରେ ବହୁପ୍ରକାରରେ ଅବସ୍ଥିତ ଶିଶୁସଦୃଶ ଅଜ୍ଞାନୀମାନେ "ଆମେ ହିଁ କୃତାର୍ଥ" ଏହି ପ୍ରକାର ଅଭିମାନ କରିଥାଆନ୍ତି । ଯେହେତୁ କର୍ମଫଳରେ ଆସକ୍ତିବଶତଃ କର୍ମୀଗଣ ପ୍ରକୃତ ତତ୍ତ୍ୱ ଜାଣନ୍ତି ନାହିଁ, ସେହି କାରଣରରୁ ସେମାନେ କର୍ମଫଳ-ଭୋଗାବସାନରେ ଦୁଃଖାର୍ତ୍ତ ହୋଇ ସ୍ୱର୍ଗରୁ ବିଚ୍ୟୁତ ହୁଅନ୍ତି । ୧/୨/୯

ଇଷ୍ଟାପୂର୍ତଂ ମନ୍ୟମାନା ବରିଷ୍ଠଂ
ନାନ୍ୟଚ୍ଛ୍ରେୟୋ ବେଦୟନ୍ତେ ପ୍ରମୂଢାଃ ।
ନାକସ୍ୟ ପୃଷ୍ଠେ ତେ ସୁକୃତେଽନୁଭୂତ୍ୱେମଂ
ଲୋକଂ ହୀନତରଂ ବା ବିଶନ୍ତି ॥୧୦॥

ପ୍ରମୂଢାଃ (ସଂସାରରେ ପ୍ରମତ୍ତ ମୂର୍ଖଗଣ) **ଇଷ୍ଟା-ପୂର୍ତମ୍** (ଇଷ୍ଟ ଅର୍ଥାତ୍ ଶ୍ରୌତ ଯାଗାଦି, ଓ ପୂର୍ତ୍ତ ଅର୍ଥାତ୍ ବାପୀକୂପାଦି ପ୍ରତିଷ୍ଠାରୂପକ ସ୍ମାର୍ତ୍ତ କର୍ମକୁ [ପ୍ର., ୧/୯]) **ବରିଷ୍ଠମ୍** (ପ୍ରଧାନ) **ମନ୍ୟମାନାଃ** (ମନେକରି) **ଅନ୍ୟତ୍** (ଅନ୍ୟ କୌଣସି, ଆତ୍ମଜ୍ଞାନରୂପକ) **ଶ୍ରେୟଃ** (ଶ୍ରେୟୋମାର୍ଗ) **ନ ବେଦୟନ୍ତେ** (ଜାଣନ୍ତି ନାହିଁ) । **ତେ** (ସେମାନେ) **ସୁକୃତେ** (ଭୋଗାୟତନ) **ନାକସ୍ୟ ପୃଷ୍ଠେ** (ସ୍ୱର୍ଗର ଉପରିଭାଗରେ, ସ୍ୱର୍ଗଲୋକରେ) **ଅନୁଭୂତ୍ୱା**(=**ଅନୁଭୂୟ**, [କର୍ମଫଳ] ଅନୁଭବ କରି, ଭୋଗ କରି) **ଇମମ୍ ଲୋକମ୍** (ଏହି ମନୁଷ୍ୟଲୋକକୁ) **ବା** (ଅଥବା) **ହୀନତରମ୍** ([ତିର୍ଯ୍ୟଙ୍ନରକାଦି] ହୀନତରଲୋକକୁ) **ବିଶନ୍ତି** (ପ୍ରବେଶ କରନ୍ତି) । ୧/୨/୧୦

ସଂସାରରେ ପ୍ରମତ୍ତ ମୂର୍ଖଗଣ ଇଷ୍ଟାପୂର୍ତ୍ତକୁ ପ୍ରଧାନ ମନେ କରି ଅନ୍ୟ କୌଣସି ଶ୍ରେୟୋମାର୍ଗ ଜାଣିପାରନ୍ତି ନାହିଁ । ସେମାନେ ଭୋଗାୟତନ ସ୍ୱର୍ଗପୃଷ୍ଠରେ କର୍ମଫଳ ଭୋଗ କରି ଏହି ମନୁଷ୍ୟଲୋକ ବା ତିର୍ଯ୍ୟଙ୍ନରକାଦି ହୀନତରଲୋକକୁ ପ୍ରବେଶ କରନ୍ତି । ୧/୨/୧୦

ତପଃଶ୍ରଦ୍ଧେ ଯେ ହ୍ୟୁପବସନ୍ତ୍ୟରଣ୍ୟେ
ଶାନ୍ତା ବିଦ୍ୱାଂସୋ ଭୈକ୍ଷ୍ୟଚର୍ୟାଂ ଚରନ୍ତଃ ।
ସୂର୍ୟଦ୍ୱାରେଣ ତେ ବିରଜାଃ ପ୍ରୟାନ୍ତି
ଯତ୍ରାମୃତଃ ସ ପୁରୁଷୋ ହ୍ୟବ୍ୟୟାତ୍ମା ॥୧୧॥

ଶାନ୍ତାଃ (ସଂଯତେନ୍ଦ୍ରିୟ) **ବିଦ୍ୱାଂସଃ** (ଜ୍ଞାନୀ ଗୃହସ୍ଥଗଣ) [ଏବଂ] **ଯେ** (ଯେଉଁମାନେ, ଯେଉଁ ସକଳ ବାନପ୍ରସ୍ଥ ଓ କୁଟୀଚକାଦି ସନ୍ନ୍ୟାସୀ) **ଭୈକ୍ଷ୍ୟଚର୍ୟାମ୍** (ଭିକ୍ଷାବୃତ୍ତି) **ଚରନ୍ତଃ** (ଅବଲମ୍ବନପୂର୍ବକ) **ଅରଣ୍ୟେ ହି** (ଅରଣ୍ୟରେ ହିଁ [ଅବସ୍ଥାନ କରି]) **ତପଃ-ଶ୍ରଦ୍ଧେ** (ତପଃ ଅର୍ଥାତ୍ ସ୍ୱ-ଆଶ୍ରମବିହିତ କର୍ମ ଏବଂ ଶ୍ରଦ୍ଧା ଅର୍ଥାତ୍ ହିରଣ୍ୟଗର୍ଭାଦି ଉପାସନା) **ଉପବସନ୍ତି** (ସେବା ଅର୍ଥାତ୍ ଅନୁଷ୍ଠାନ କରନ୍ତି) **ତେ** (ସେମାନେ) **ବିରଜାଃ** (ରଜଃଶୂନ୍ୟ ଅର୍ଥାତ୍ କ୍ଷୀଣ-ପାପପୁଣ୍ୟ ହୋଇ) **ସୂର୍ୟଦ୍ୱାରେଣ** (ଉତ୍ତରାୟଣ ମାର୍ଗରେ) [ତତ୍ର (ସେଠାକୁ, ସେହି ଲୋକକୁ)] **ପ୍ରୟାନ୍ତି** (ପ୍ରକୃଷ୍ଟରୂପରେ ଗମନ କରନ୍ତି) **ଯତ୍ର** (ଯେଉଁଠାରେ, ଯେଉଁ ଲୋକରେ) **ସଃ ହି** (ସେହି ପ୍ରସିଦ୍ଧ) **ଅମୃତଃ** (ଅମର) **ଅବ୍ୟୟ-ଆତ୍ମା** ([ସଂସାର ଥିବା ପର୍ଯ୍ୟନ୍ତ] ଅବ୍ୟୟସ୍ୱଭାବ) **ପୁରୁଷଃ** (ହିରଣ୍ୟଗର୍ଭ) [ଅବସ୍ଥିତ ଅଛନ୍ତି] । ୧/୨/୧୧

ସଂଯତେନ୍ଦ୍ରିୟ (ସଗୁଣବ୍ରହ୍ମ-ବିଷୟକ) ଜ୍ଞାନୀ ଗୃହସ୍ଥଗଣ ଏବଂ ଯେଉଁସକଳ ବାନପ୍ରସ୍ଥ ଓ ସନ୍ନ୍ୟାସୀ[1] ଭିକ୍ଷାବୃତ୍ତି ଗ୍ରହଣ କରି ଅରଣ୍ୟରେ ଅବସ୍ଥାନପୂର୍ବକ ସ୍ୱ-ଆଶ୍ରମବିହିତ କର୍ମ ଓ ହିରଣ୍ୟଗର୍ଭାଦିଙ୍କ ଉପାସନାର ଅନୁଷ୍ଠାନ କରନ୍ତି, ସେମାନେ କ୍ଷୀଣପାପପୁଣ୍ୟ ହୋଇ ଉତ୍ତରାୟଣ ମାର୍ଗରେ ସେହି ଲୋକକୁ ଗମନ କରନ୍ତି, ଯେଉଁ ଲୋକରେ ସେହି ପ୍ରସିଦ୍ଧ ଅମର ଓ ଅବ୍ୟୟସ୍ୱଭାବ ହିରଣ୍ୟଗର୍ଭ ଅବସ୍ଥିତ ଅଛନ୍ତି । ୧/୨/୧୧

---

1. ଏମାନେ କୁଟୀଚକାଦି ସନ୍ନ୍ୟାସୀ; ବିବିଦିଷୁ ବା ବିଦ୍ୱତ୍‌ସନ୍ନ୍ୟାସୀ ନୁହନ୍ତି ।
—ଛା., ୫/୧୦/୧

ପରୀକ୍ଷ୍ୟ ଲୋକାନ୍ କର୍ମଚିତାନ୍ ବ୍ରାହ୍ମଣୋ
ନିର୍ବେଦମାୟାନ୍ନାସ୍ତ୍ୟକୃତଃ କୃତେନ ।
ତଦ୍ବିଜ୍ଞାନାର୍ଥଂ ସ ଗୁରୁମେବାଭିଗଚ୍ଛେତ୍
ସମିତପାଣିଃ ଶ୍ରୋତ୍ରିୟଂ ବ୍ରହ୍ମନିଷ୍ଠମ୍ ॥୧୨॥

[ବୈରାଗ୍ୟବାନ୍‌ଙ୍କର ହିଁ ପରାବିଦ୍ୟାରେ ଅଧିକାର, ଏହା ଦେଖାଇବା ପାଇଁ କୁହାହେଉଛି]—**ଅକୃତଃ** (କର୍ମଦ୍ୱାରା ଅନିଷ୍ପନ୍ନ ନିତ୍ୟବସ୍ତୁ) **କୃତେନ** (କର୍ମ ଦ୍ୱାରା) **ନ ଅସ୍ତି** ([ଉତ୍ପନ୍ନ] ହୁଏ ନାହିଁ) [ଏହି ପ୍ରକାରରେ] **କର୍ମଚିତାନ୍** (କର୍ମ ଦ୍ୱାରା ଲଭ୍ୟ) **ଲୋକାନ୍** (ଲୋକକୁ, କର୍ମଫଳସମୂହକୁ) **ପରୀକ୍ଷ୍ୟ** (ପରୀକ୍ଷା କରି ଅର୍ଥାତ୍ ଅନିତ୍ୟରୂପେ ନିଶ୍ଚୟ କରି) **ବ୍ରାହ୍ମଣଃ** (ବ୍ରାହ୍ମଣ) **ନିର୍ବେଦମ୍** (ବୈରାଗ୍ୟ) **ଆୟାତ୍** (ଲାଭ କରିବେ) । **ତତ୍** (ସେହି ନିତ୍ୟପଦ) **ବିଜ୍ଞାନାର୍ଥମ୍** (ଜାଣିବା ପାଇଁ) **ସଃ** (ସେହି ନିର୍ବେଦପ୍ରାପ୍ତ ବ୍ରାହ୍ମଣ) **ସମିତ୍-ପାଣିଃ** (ସମିଦ୍‌ଭାର ହସ୍ତରେ ନେଇ) **ଶ୍ରୋତ୍ରିୟମ୍** (ବେଦଜ୍ଞାନ-ସମ୍ପନ୍ନ) **ବ୍ରହ୍ମନିଷ୍ଠମ୍** (ବ୍ରହ୍ମୈକପରାୟଣ) **ଗୁରୁମ୍ ଏବ**[1] (ଗୁରୁଙ୍କ ନିକଟକୁ ହିଁ) **ଅଭିଗଚ୍ଛେତ୍** (ଗମନ କରିବେ) । ୧/୨/୧୨

"ନିତ୍ୟବସ୍ତୁ (ମୋକ୍ଷ) କର୍ମ ଦ୍ୱାରା ଉତ୍ପନ୍ନ ହୁଏ ନାହିଁ"—ଏହି ପ୍ରକାରରେ କର୍ମ ଦ୍ୱାରା ଲଭ୍ୟ କର୍ମଫଳସମୂହକୁ ପରୀକ୍ଷା କରି ବ୍ରାହ୍ମଣ ବୈରାଗ୍ୟ ଅବଲମ୍ବନ କରିବେ ।[2] ସେହି ନିତ୍ୟପଦ ଜାଣିବା ପାଇଁ ସେ ଯଜ୍ଞକାଷ୍ଠ ହସ୍ତରେ ନେଇ ବେଦଜ୍ଞ ବ୍ରହ୍ମନିଷ୍ଠ ଗୁରୁଙ୍କ ନିକଟକୁ ହିଁ ଗମନ କରିବେ । ୧/୨/୧୨

ତସ୍ମୈ ସ ବିଦ୍ୱାନୁପସନ୍ନାୟ ସମ୍ୟକ୍
ପ୍ରଶାନ୍ତଚିତ୍ତାୟ ଶମାନ୍ୱିତାୟ ।
ୟେନାକ୍ଷରଂ ପୁରୁଷଂ ବେଦ ସତ୍ୟଂ
ପ୍ରୋବାଚ ତାଂ ତତ୍ତ୍ୱତୋ ବ୍ରହ୍ମବିଦ୍ୟାମ୍ ॥୧୩॥

ଇତି ପ୍ରଥମମୁଣ୍ଡକେ ଦ୍ୱିତୀୟଃ ଖଣ୍ଡଃ ।

---

1. ମୂଳର 'ଏବ'(=ହିଁ) ଶବ୍ଦରେ ବୁଝାଉଅଛି ଯେ, ଗୁରୁଙ୍କ ସମୀପକୁ ଅବଶ୍ୟ ଯିବାକୁ ହେବ । ପର ମନ୍ତ୍ରରେ କୁହାହେବ ଯେ, ଗୁରୁ ମଧ୍ୟ ସୁଶିଷ୍ୟଙ୍କୁ ଅବଶ୍ୟ ଉପଦେଶ ଦେବେ ।

2. ଏହି ଅର୍ଥ ନାରାୟଣଙ୍କର ଦୀପିକା ଅନୁଯାୟୀ । ଆଚାର୍ଯ୍ୟ ଶଙ୍କରଙ୍କ ମତରେ ଅର୍ଥ ହେଉଛି—କର୍ମଲଭ୍ୟ ଫଳସମୂହକୁ ପରୀକ୍ଷା କରି ବ୍ରାହ୍ମଣ 'ଏହି ସଂସାରରେ କର୍ମ ଦ୍ୱାରା ଲଭ୍ୟ କୌଣସି ନିତ୍ୟ ପଦାର୍ଥ ନାହିଁ । ମୁଁ ନିତ୍ୟ ପଦାର୍ଥର ପ୍ରାର୍ଥୀ, ସୁତରାଂ କର୍ମରେ ମୋର କ'ଣ ପ୍ରୟୋଜନ ?' ଏହି ପ୍ରକାରରେ ବୈରାଗ୍ୟ ଅବଲମ୍ବନ କରିବେ ।

ସଃ (ସେହି) **ବିଦ୍ୱାନ୍** (ବ୍ରହ୍ମଜ୍ଞ ଗୁରୁ) **ସମ୍ୟକ୍** (ଯଥାଶାସ୍ତ୍ର) **ଉପସନ୍ନାୟ** (ସମୀପାଗତ) **ପ୍ରଶାନ୍ତ-ଚିତ୍ତାୟ** (ପ୍ରଶାନ୍ତମନା, ସଂଯତାନ୍ତଃକରଣ) **ଶମାନ୍ୱିତାୟ** (ସଂଯତେନ୍ଦ୍ରିୟ) **ତସ୍ମୈ** (ସେହି ଶିଷ୍ୟଙ୍କୁ) **ତାମ୍** (ସେହି) **ବ୍ରହ୍ମବିଦ୍ୟାମ୍** (ବ୍ରହ୍ମବିଦ୍ୟା) **ତତ୍ତ୍ୱତଃ** (ଯଥାଯଥରୂପେ) **ପ୍ରୋବାଚ** (=**ପ୍ରବ୍ରୂୟାତ୍**, [ଅବଶ୍ୟ ହିଁ] ଉପଦେଶ କରିବେ) **ୟେନ** (=**ୟୟା ବିଦ୍ୟୟା**, ଯେଉଁ ବିଦ୍ୟା ସହାୟରେ) **ସତ୍ୟମ୍** (ପରମାର୍ଥସ୍ୱରୂପ) **ଅକ୍ଷରମ୍** (ଅକ୍ଷର, କ୍ଷୟରହିତ) **ପୁରୁଷମ୍** (ପୁରୁଷଙ୍କୁ, ସର୍ବବ୍ୟାପୀଙ୍କୁ, ଅନ୍ତର୍ଯ୍ୟାମୀଙ୍କୁ) **ବେଦ** (ଜାଣି ହୁଏ) । ୧/୨/୧୩

ସେହି ବ୍ରହ୍ମଜ୍ଞ ଗୁରୁ ଯଥାଶାସ୍ତ୍ର ସମୀପାଗତ, ପ୍ରଶାନ୍ତମନା ଓ ସଂଯତେନ୍ଦ୍ରିୟ ସେହି ଶିଷ୍ୟଙ୍କୁ ସେହି ବ୍ରହ୍ମବିଦ୍ୟା ଯଥାଯଥରୂପେ ଅବଶ୍ୟ ହିଁ ଉପଦେଶ କରିବେ, ଯେଉଁ ବିଦ୍ୟା ସହାୟରେ ପରମାର୍ଥସ୍ୱରୂପ ଅକ୍ଷର ପୁରୁଷଙ୍କୁ ଜାଣି ହୁଏ । ୧/୨/୧୩

॥ ପ୍ରଥମ ମୁଣ୍ଡକର ଦ୍ୱିତୀୟ ଖଣ୍ଡ ସମାପ୍ତ ॥

ଦ୍ୱିତୀୟ ମୁଣ୍ଡକ

ପ୍ରଥମ ଖଣ୍ଡ

ତଦେତତ୍ ସତ୍ୟଂ
ୟଥା ସୁଦୀପ୍ତାତ୍ପାବକାଦ୍ବିସ୍ଫୁଲିଙ୍ଗାଃ
ସହସ୍ରଶଃ ପ୍ରଭବନ୍ତେ ସରୂପାଃ ।
ତଥାଽକ୍ଷରାଦ୍ ବିବିଧାଃ ସୋମ୍ୟ ଭାବାଃ
ପ୍ରଜାୟନ୍ତେ ତତ୍ର ଚୈବାପିୟନ୍ତି ॥ ୧ ॥

[ଏବେ ପରା ବିଦ୍ୟା ବିଷୟର ବିସ୍ତାର ଆରମ୍ଭ ହେଉଅଛି]—**ତତ୍ ଏତତ୍** (ପରାବିଦ୍ୟା ବିଷୟୀଭୂତ ସେହି ଏହି ଅକ୍ଷର ହିଁ) **ସତ୍ୟମ୍** (ପାରମାର୍ଥିକ ସତ୍ୟ [ଆପେକ୍ଷିକ ବା ବ୍ୟାବହାରିକ ନୁହେଁ]) । **ୟଥା** (ଯେପରି) **ସୁଦୀପ୍ତାତ୍** (ସମ୍ୟକ୍ ପ୍ରଜ୍ୱଳିତ) **ପାବକାତ୍** (ଅଗ୍ନିରୁ) **ସରୂପାଃ** (ସଜାତୀୟ) **ସହସ୍ରଶଃ** (ସହସ୍ର ସହସ୍ର) **ବିସ୍ଫୁଲିଙ୍ଗାଃ** (ଅଗ୍ନିକଣିକାସମୂହ) **ପ୍ରଭବନ୍ତେ** (ନିର୍ଗତ ହୁଏ) **ତଥା** (ସେପରି) **ସୋମ୍ୟ** (ହେ ସୌମ୍ୟ) **ଅକ୍ଷରାତ୍** (ଅକ୍ଷରଠାରୁ) **ବିବିଧାଃ** (ନାନାପ୍ରକାର) **ଭାବାଃ** (ଜୀବସମୂହ) **ପ୍ରଜାୟନ୍ତେ** ([ଘଟାକାଶବତ୍] ଉଦ୍ଭୂତ ହୁଅନ୍ତି) **ଚ** (ଏବଂ) **ତତ୍ର ଏବ** (ସେଠାରେ ହିଁ, ତାଙ୍କଠାରେ ହିଁ) **ଅପିୟନ୍ତି** (ବିଲୀନ ହୁଅନ୍ତି) । ୨/୧/୧

(ପରା ବିଦ୍ୟାର ବିଷୟୀଭୂତ) ସେହି ଏହି ଅକ୍ଷର ହିଁ ପାରମାର୍ଥିକ ସତ୍ୟ । ଯେପରି ସମ୍ୟକ୍ ପ୍ରଜ୍ୱଳିତ ଅଗ୍ନିରୁ ସଜାତୀୟ ସହସ୍ର ସହସ୍ର ଅଗ୍ନିକଣିକା ନିର୍ଗତ ହୁଏ, ସେପରି ହେ ସୌମ୍ୟ, ଅକ୍ଷରଠାରୁ ନାନାପ୍ରକାର ଜୀବସମୂହ ଉଦ୍ଭୂତ ହୁଅନ୍ତି ଏବଂ ତାଙ୍କଠାରେ ହିଁ ବିଲୀନ ହୁଅନ୍ତି । ୨/୧/୧

ଦିବ୍ୟୋ ହ୍ୟମୂର୍ତଃ ପୁରୁଷଃ ସବାହ୍ୟାଭ୍ୟନ୍ତରୋ ହ୍ୟଜଃ ।
ଅପ୍ରାଣୋ ହ୍ୟମନାଃ ଶୁଭ୍ରୋ ହ୍ୟକ୍ଷରାତ୍ ପରତଃ ପରଃ ॥ ୨ ॥

ହି (ଯେହେତୁ) **ଅମୂର୍ତଃ** (ମୂର୍ତ୍ତିଶୂନ୍ୟ, ଆକାରରହିତ) **ଦିବ୍ୟଃ** (ଜ୍ୟୋତିର୍ମୟ, ସ୍ୱୟଂଜ୍ୟୋତିଃ, ଚୈତନ୍ୟ) **ପୁରୁଷଃ** (ପରିପୂର୍ଣ୍ଣସ୍ୱରୂପ ପୁରୁଷ) **ସ-ବାହ୍ୟ-ଅଭ୍ୟନ୍ତରଃ** (ଅନ୍ତରରେ ଓ ବାହାରେ, ଦେହ ଓ ତଦତିରିକ୍ତ ସମସ୍ତର [ଗୀତା, ୧୩/୧୫]

ଅଧିଷ୍ଠାନରୂପରେ, ବିଦ୍ୟମାନ) **ହି** (ସେଥିପାଇଁ ହିଁ) **ଅଜଃ** (ଜନ୍ମରହିତ) **ଅପ୍ରାଣଃ** (ପ୍ରାଣଶୂନ୍ୟ, କ୍ରିୟାଶକ୍ତିବିଶିଷ୍ଟ-ସଚଳ-ବାୟୁବିହୀନ) [ଏବଂ] **ଅମନାଃ** (ମନରହିତ, ଜ୍ଞାନଶକ୍ତି-ବିଶିଷ୍ଟ ମନରହିତ) **ହି** (ବୋଲି ହିଁ) **ଶୁଭ୍ରଃ** (ଶୁଦ୍ଧ) **ହି** (ଅତଏବ) **ପରତଃ ଅକ୍ଷରାତ୍** ([ସ୍ୱୀୟ ବିକାର-ପ୍ରପଞ୍ଚ ଅପେକ୍ଷା ଯେଉଁ ଅକ୍ଷର] ଶ୍ରେଷ୍ଠ, କାରଣସ୍ୱରୂପ, ସୂକ୍ଷ୍ମ ବା ବ୍ୟାପୀ, ନାମରୂପର ବୀଜସ୍ୱରୂପ ସେହି ଅବ୍ୟାକୃତାଖ୍ୟ ଅକ୍ଷରଠାରୁ) **ପରଃ** ([ନିରୂପାଧିକରୂପେ] ଶ୍ରେଷ୍ଠ) । ୨/୧/୨

ଯେହେତୁ ଆକାରରହିତ ଜ୍ୟୋତିର୍ମୟ ପୁରୁଷ ଅନ୍ତର ଓ ବାହାରେ ବିଦ୍ୟମାନ, ସେଥିପାଇଁ ହିଁ ସେ ଜନ୍ମରହିତ । ପ୍ରାଣଶୂନ୍ୟ ଓ ମନରହିତ ବୋଲି ସେ ଶୁଦ୍ଧ ଏବଂ ସେଥିପାଇଁ ହିଁ ସେ (ସ୍ୱୀୟ ନିରୁପାଧିକ ସ୍ୱରୂପରେ) ଶ୍ରେଷ୍ଠ ଅବ୍ୟାକୃତାଖ୍ୟ ଅକ୍ଷରଠାରୁ ମଧ୍ୟ ଶ୍ରେଷ୍ଠ[1] । ୨/୧/୨

ଏତସ୍ମାଜ୍ଜାୟତେ ପ୍ରାଣୋ ମନଃ ସର୍ବେନ୍ଦ୍ରିୟାଣି ଚ ।
ଖଂ ବାୟୁର୍ଜ୍ୟୋତିରାପଃ ପୃଥ୍ୱୀ ବିଶ୍ୱସ୍ୟ ଧାରିଣୀ ॥୩॥

ଏତସ୍ମାତ୍ (ଏହି ପୁରୁଷଙ୍କଠାରୁ) [ମାୟାରୂପକ ଉପାଧିବଶତଃ] **ପ୍ରାଣଃ** (ପ୍ରାଣ) **ଜାୟତେ** (ଜାତ ହୁଏ) **ଚ** (ଏବଂ) **ମନଃ** (ମନ) **ସର୍ବେନ୍ଦ୍ରିୟାଣି** (ଇନ୍ଦ୍ରିୟସମୂହ) **ଖମ୍** (ଆକାଶ) **ବାୟୁଃ** (ବାୟୁ) **ଜ୍ୟୋତିଃ** (ଅଗ୍ନି) **ଆପଃ** (ଜଳ) **ବିଶ୍ୱସ୍ୟ** (ସମସ୍ତଙ୍କର) **ଧାରିଣୀ** (ଆଧାରଭୂତା) **ପୃଥ୍ୱୀ** (ପୃଥିବୀ) [ମଧ୍ୟ ଜାତ ହୁଏ] । ୨/୧/୩

ଏହି ପୁରୁଷଙ୍କଠାରୁ ପ୍ରାଣ ଜାତ ହୁଏ ଏବଂ ମନ, ଇନ୍ଦ୍ରିୟସମୂହ, ଆକାଶ, ବାୟୁ, ଅଗ୍ନି, ଜଳ ଓ ସମସ୍ତଙ୍କର ଆଧାରଭୂତା ପୃଥିବୀ ମଧ୍ୟ ଜାତ ହୁଏ[2] । ୨/୧/୩

---

1. ଗୀତା, ୧୫/୧୬-୧୮; କ., ୧/୩/୧୦-୧୧ । ପ୍ରାଣ ଓ ମନ ନିଷିଦ୍ଧ ହେବାରୁ ସକଳ କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ଏବଂ ସେମାନଙ୍କ ବିଷୟସମୂହ ମଧ୍ୟ ନିଷିଦ୍ଧ ହେଲା ବୁଝିବାକୁ ହେବ ।

2. ୨/୧/୨ ମନ୍ତ୍ରରେ କୁହାଯାଇଥିଲା ଯେ, ସୃଷ୍ଟି ପୂର୍ବରୁ ବ୍ରହ୍ମ ପ୍ରାଣାଦିଯୁକ୍ତ ନ ଥିଲେ, ସୃଷ୍ଟିପରେ ମଧ୍ୟ ସେ ପ୍ରାଣାଦିଯୁକ୍ତ ନୁହନ୍ତି, ତାହା ହିଁ ଏହି ମନ୍ତ୍ରରେ କୁହାଯାଇଛି । ସ୍ୱପ୍ନଦୃଷ୍ଟ ସନ୍ତାନାଦି ଦ୍ୱାରା ଯେପରି କେହି ପୁତ୍ରବାନ୍ ହୁଅନ୍ତି ନାହିଁ, ସେହିପରି ମିଥ୍ୟା ପ୍ରାଣାଦି ମଧ୍ୟ ବ୍ରହ୍ମଙ୍କଠାରେ ନାହିଁ । ପ୍ରାଣାଦି ମିଥ୍ୟା, କାରଣ ତାହା ବିକାରୀ । —ଛା, ୬/୧/୪

ଅଗ୍ନିର୍ମୂର୍ଧା ଚକ୍ଷୁଷୀ ଚନ୍ଦ୍ରସୂର୍ଯ୍ୟୌ
ଦିଶଃ ଶ୍ରୋତ୍ରେ ବାଗ୍ ବିବୃତାଶ୍ଚ ବେଦାଃ ।
ବାୟୁଃ ପ୍ରାଣୋ ହୃଦୟଂ ବିଶ୍ୱମସ୍ୟ
ପଦ୍ଭ୍ୟାଂ ପୃଥ୍ୱୀ ହ୍ୟେଷ ସର୍ବଭୂତାନ୍ତରାତ୍ମା ॥୪॥

ଅସ୍ୟ (=**ଯସ୍ୟ**, ଯାହାଙ୍କର, [ହିରଣ୍ୟଗର୍ଭଠାରୁ ବ୍ରହ୍ମାଣ୍ଡର ଅନ୍ତର୍ବର୍ତ୍ତିରୂପେ ଜାତ] ଯେଉଁ ବିରାଟ୍ ପୁରୁଷଙ୍କର) **ଅଗ୍ନି** (ଦ୍ୟୁଲୋକ) **ମୂର୍ଧା** (ମସ୍ତକ) **ଚନ୍ଦ୍ରସୂର୍ଯ୍ୟୌ** (ଚନ୍ଦ୍ର ଓ ସୂର୍ଯ୍ୟ) **ଚକ୍ଷୁଷୀ** (ଚକ୍ଷୁର୍ଦ୍ୱୟ) **ଦିଶଃ** (ଦିଗସମୂହ) **ଶ୍ରୋତ୍ରେ** (କର୍ଣ୍ଣଦ୍ୱୟ) **ଚ** (ଏବଂ) **ବିବୃତାଃ** (ପ୍ରକଟିତ) **ବେଦାଃ** (ବେଦସମୂହ) **ବାକ୍** (ବାକ୍ୟ) **ବାୟୁଃ** (ବାୟୁ) **ପ୍ରାଣଃ** (ପ୍ରାଣ) **ବିଶ୍ୱମ୍** (ନିଖିଳ ଜଗତ୍) **ହୃଦୟମ୍** (ଅନ୍ତଃକରଣ) [ଏବଂ ଯାହାଙ୍କର] **ପଦ୍ଭ୍ୟାମ୍** (ପାଦଦ୍ୱୟରୁ) **ପୃଥ୍ୱୀ** (ପୃଥ୍ୱୀ [ଜାତ ହୁଏ]) **ଏଷଃ ହି** (ଏହା ହିଁ) **ସର୍ବଭୂତ-ଅନ୍ତଃ-ଆତ୍ମା** (ସମୁଦାୟ ସ୍ଥୂଳପଞ୍ଚମହାଭୂତଙ୍କ ଅନ୍ତରାତ୍ମା) । ୨/୧/୪

ଦ୍ୟୁଲୋକ ଯାହାଙ୍କର ମସ୍ତକ, ଚନ୍ଦ୍ର ଓ ସୂର୍ଯ୍ୟ ଯାହାଙ୍କର ଚକ୍ଷୁ, ଦିଗସମୂହ କର୍ଣ୍ଣଦ୍ୱୟ, ପ୍ରକଟିତ ବେଦସମୂହ ଯାହାଙ୍କର ବାକ୍ୟ, ବାୟୁ ଯାହାଙ୍କର ପ୍ରାଣ, ନିଖିଳ ଜଗତ୍ ଯାହାଙ୍କର ଅନ୍ତଃକରଣ[1] ଏବଂ ଯାହାଙ୍କ ପାଦଦ୍ୱୟରୁ ପୃଥବୀ ଜାତ ହୁଏ, ସେ ହିଁ ସମୁଦାୟ ସ୍ଥୂଳପଞ୍ଚମହାଭୂତଙ୍କ ଅନ୍ତରାତ୍ମା । ୨/୧/୪

ତସ୍ମାଦଗ୍ନିଃ ସମିଧୋ ଯସ୍ୟ ସୂର୍ଯ୍ୟଃ
ସୋମାତ୍ପର୍ଜନ୍ୟ ଓଷଧୟଃ ପୃଥିବ୍ୟାମ୍ ।
ପୁମାନ୍ ରେତଃ ସିଞ୍ଚତି ଯୋଷିତାୟାଂ
ବହ୍ୱୀଃ ପ୍ରଜାଃ ପୁରୁଷାତ୍ ସମ୍ପ୍ରସୂତାଃ ॥୫॥

ତସ୍ମାତ୍ (ତାଙ୍କଠାରୁ, ପରମ ପୁରୁଷଙ୍କଠାରୁ) [ସେହି] **ଅଗ୍ନିଃ** (ଦ୍ୟୁଲୋକ) [ଜାତ ହୁଏ] **ସୂର୍ଯ୍ୟଃ** (ସୂର୍ଯ୍ୟ) **ଯସ୍ୟ** (ଯାହାଙ୍କର) **ସମିଧଃ** (ସମିତ୍ସ୍ଥାନୀୟ ଇନ୍ଧନ) **ସୋମାତ୍** ([ଦ୍ୟୁଲୋକସମ୍ଭୂତ] ଚନ୍ଦ୍ରଠାରୁ) **ପର୍ଜନ୍ୟଃ** (ମେଘ) [ତାହାଠାରୁ] **ପୃଥିବ୍ୟାମ୍** (ପୃଥିବୀରେ) **ଓଷଧୟଃ** (ଔଷଧିସମୂହ) [ଜାତ ହୁଏ] । **ପୁମାନ୍** (ପୁରୁଷ) **ଯୋଷିତାୟାମ୍** (ସ୍ତ୍ରୀଙ୍କଠାରେ) **ରେତଃ** ([ଭୁକ୍ତ ଔଷଧିରୁ ଜାତ] ଶୁକ୍ର) **ସିଞ୍ଚତି** (ସିଞ୍ଚନ କରନ୍ତି) । [ଏହିପରି] **ପୁରୁଷାତ୍** (ପରମ ପୁରୁଷଙ୍କଠାରୁ)

1. ସମସ୍ତ ଜଗତ୍ ତାଙ୍କର ଅନ୍ତଃକରଣର ବିକାର, କାରଣ ତାଙ୍କର ସୁଷୁପ୍ତିରେ ତାହା ତାଙ୍କ ମନରେ ଲୀନ ହୁଏ ଏବଂ ଜାଗ୍ରତ୍‌ରେ ଅଗ୍ନିଷ୍ଟୁଲିଙ୍ଗ ସଦୃଶ ମନରୁ ନିର୍ଗତ ହୁଏ ।

ବହ୍ୱୀଃ (=**ବହ୍ୱ୍ୟଃ**, ଅନେକ) **ପ୍ରଜାଃ** (ପ୍ରାଣୀସମୂହ) **ସମ୍ପ୍ରସୂତାଃ** (ସମୁତ୍ପନ୍ନ ହୁଅନ୍ତି) । ୨/୧/୫

ପରମ ପୁରୁଷଙ୍କଠାରୁ ସେହି ଦ୍ୟୁଲୋକ ଜାତ ହୁଏ ସୂର୍ଯ୍ୟ ଯାହାର ଇନ୍ଧନ; (ଦ୍ୟୁଲୋକସମ୍ଭୂତ) ଚନ୍ଦ୍ରଠାରୁ ମେଘ, (ମେଘରୁ) ପୃଥିବୀରେ (ବ୍ରୀହିଯବାଦି) ଔଷଧିସମୂହ ଜାତ ହୁଏ । ପୁରୁଷ ସ୍ତ୍ରୀଙ୍କଠାରେ ରେତଃ ସିଞ୍ଚନ କରନ୍ତି । ଏହିପରି ପରମ ପୁରୁଷଙ୍କଠାରୁ ଅନେକ ପ୍ରାଣୀ ସମୁତ୍ପନ୍ନ ହୁଅନ୍ତି[1] । ୨/୧/୫

ତସ୍ମାଦୃଚଃ ସାମ ୟଜୂଂଷି ଦୀକ୍ଷା
ୟଜ୍ଞାଶ୍ଚ ସର୍ବେ କ୍ରତବୋ ଦକ୍ଷିଣାଶ୍ଚ ।
ସଂବତ୍ସରଶ୍ଚ ୟଜମାନଶ୍ଚ ଲୋକାଃ
ସୋମୋ ୟତ୍ର ପବତେ ୟତ୍ର ସୂର୍ୟଃ ॥୬॥

ତସ୍ମାତ୍ (ସେହି ପରମ ପୁରୁଷଙ୍କଠାରୁ) **ଋଚଃ** (ନିୟତାକ୍ଷରପାଦ ଛନ୍ଦୋବଦ୍ଧ ଋକ୍-ମନ୍ତ୍ରସମୂହ) **ସାମ** (ଗୀତିବିଶିଷ୍ଟ ସାମମନ୍ତ୍ରସମୂହ) **ୟଜୂଂଷି** (ଅନିୟତାକ୍ଷରପାଦ ବାକ୍ୟାତ୍ମକ ୟଜୁର୍ମନ୍ତ୍ରସମୂହ) **ଦୀକ୍ଷା** (ଉପବୀତ ଧାରଣ ପ୍ରଭୃତି ନିୟମ) **ସର୍ବେ** (ସକଳ) **ୟଜ୍ଞାଃ** (ଅଗ୍ନିହୋତ୍ରାଦି ଯଜ୍ଞ) **ଚ** (ଓ) **କ୍ରତବଃ** (**ସୟୂପ** [ଅତଏବ ପଶୁବଧବିଶିଷ୍ଟ] କ୍ରତୁସମୂହ) **ଚ** (ଏବଂ) **ଦକ୍ଷିଣାଃ** ([ଏକସଂଖ୍ୟକ ଗାଭୀଠାରୁ ଆରମ୍ଭ କରି ସର୍ବସ୍ୱ-ଅର୍ପଣ ପର୍ଯ୍ୟନ୍ତ] ଦକ୍ଷିଣାସମୂହ) **ସଂବତ୍ସରଃ ଚ** ([ଯଜ୍ଞର କାଳ] ସଂବତ୍ସର ଓ) **ୟଜମାନଃ** (ଯଜମାନ) [ଜାତ ହୁଅନ୍ତି] **ଚ** (ତଥା) [ସେହି ସମସ୍ତ] **ଲୋକାଃ** (କର୍ମଫଳଭୂତ ଲୋକସମୂହ) **ୟତ୍ର** (ଯେଉଁଠାରେ) **ସୋମଃ** (ଚନ୍ଦ୍ର) **ପବତେ** (ପବିତ୍ରତା ସମ୍ପାଦନ କରନ୍ତି) **ୟତ୍ର ସୂର୍ୟଃ** (ଯେଉଁଠାରେ ସୂର୍ଯ୍ୟ [ଉତ୍ତାପ ପ୍ରଦାନ କରନ୍ତି]) [ସେମାନେ ମଧ୍ୟ ଜାତ ହୁଅନ୍ତି] । ୨/୧/୬

ସେହି ପରମ ପୁରୁଷଙ୍କଠାରୁ ଋକ୍‌ମନ୍ତ୍ର, ସାମମନ୍ତ୍ର ଓ ୟଜୁମନ୍ତ୍ରସମୂହ, ଦୀକ୍ଷା, ଯଜ୍ଞସମୂହ ଓ କ୍ରତୁସମୂହ ଏବଂ ଦକ୍ଷିଣାସମୂହ, ସଂବତ୍ସର ଓ ଯଜମାନ ଜାତ ହୁଅନ୍ତି; ତଥା ସେହି ସମସ୍ତ ଲୋକସମୂହ, ଯେଉଁଠାରେ ଚନ୍ଦ୍ର ପବିତ୍ରତା

---

1. ଛା., ୫/୪-୮ରେ ରହିଛି ଯେ, ଦ୍ୟୁଲୋକ, ମେଘ, ପୃଥିବୀ, ପୁରୁଷ ଓ ସ୍ତ୍ରୀଙ୍କଠାରେ ଅଗ୍ନିଦୃଷ୍ଟି କରିବାକୁ ହୁଏ । କ୍ରମାନ୍ୱୟରେ ଏହି ଅଗ୍ନିଗୁଡ଼ିକରେ ହୁତ ହୋଇ ଜୀବ ସଂସାରରେ ଜନ୍ମଲାଭ କରିଥାଏ । ଏହି ପଞ୍ଚାଗ୍ନିକ୍ରମରେ ଯେଉଁମାନେ ଜାତ ହୁଅନ୍ତି, ସେମାନେ ମଧ୍ୟ ବସ୍ତୁତଃ ପରମ ପୁରୁଷଙ୍କଠାରୁ ହିଁ ଜାତ ହୋଇଥାଆନ୍ତି—ଏହା ହିଁ ମର୍ମାର୍ଥ । —ଛା., ୬/୨/୯-୧୪

ସମ୍ପାଦନ କରନ୍ତି ଏବଂ ଯେଉଁଠାରେ ସୂର୍ଯ୍ୟ କିରଣ ବିତରଣ କରନ୍ତି[1]—ସେମାନେ ମଧ୍ୟ ଜାତ ହୁଅନ୍ତି । ୨/୧/୬

ତସ୍ମାଚ୍ଚ ଦେବା ବହୁଧା ସମ୍ପ୍ରସୂତାଃ
ସାଧ୍ୟା ମନୁଷ୍ୟାଃ ପଶବୋ ବୟାଂସି ।
ପ୍ରାଣାପାନୌ ବ୍ରୀହିୟବୌ ତପଶ୍ଚ
ଶ୍ରଦ୍ଧା ସତ୍ୟଂ ବ୍ରହ୍ମଚର୍ୟଂ ବିଧିଶ୍ଚ ॥୭॥

ଚ (ଅଧିକନ୍ତୁ) **ତସ୍ମାତ୍** (ସେହି ପରମ ପୁରୁଷଙ୍କଠାରୁ) **ଦେବାଃ** (ଦେବଗଣ) **ବହୁଧା** (ବସୁ ପ୍ରଭୃତି ବିଶେଷ ବିଶେଷ ଗଣଭେଦରେ) **ସମ୍ପ୍ରସୂତାଃ** (ସମୁତ୍ପନ୍ନ ହୁଅନ୍ତି) **ସାଧ୍ୟାଃ** (ସାଧନାମକ ଦେବଗଣ) **ମନୁଷ୍ୟାଃ** (ମନୁଷ୍ୟଗଣ) **ପଶବଃ** (ପଶୁସମୂହ) **ବୟାଂସି** (ପକ୍ଷୀସମୂହ) **ପ୍ରାଣ-ଅପାନୌ** (ପ୍ରାଣ ଓ ଅପାନ, ଅର୍ଥାତ୍ ଜୀବନ) **ବ୍ରୀହି-ୟବୌ** ([ହୋମାର୍ଥକ] ବ୍ରୀହି ଓ ଯବ) **ତପଃ ଚ** (ଏବଂ ତପସ୍ୟା) **ଶ୍ରଦ୍ଧା** (ଶ୍ରଦ୍ଧା, ଆସ୍ତିକ୍ୟ-ବୁଦ୍ଧି) **ସତ୍ୟମ୍** (ସତ୍ୟ) **ବ୍ରହ୍ମଚର୍ୟମ୍** (ବ୍ରହ୍ମଚର୍ଯ୍ୟ) **ବିଧିଃ ଚ** (ଏବଂ କର୍ତ୍ତବ୍ୟ-ବୁଦ୍ଧି) [ମଧ୍ୟ ସମୁତ୍ପନ୍ନ ହୁଅନ୍ତି] । ୨/୧/୭

ଅଧିକନ୍ତୁ ସେହି ପରମ ପୁରୁଷଙ୍କଠାରୁ ଦେବଗଣ ବିଭିନ୍ନ ଗଣଭେଦରେ ସମୁତ୍ପନ୍ନ ହୁଅନ୍ତି; ସାଧନାମକ ଦେବଗଣ, ମନୁଷ୍ୟଗଣ, ପଶୁସମୂହ, ପକ୍ଷୀସମୂହ, ଜୀବନ, ବ୍ରୀହି ଓ ଯବ, ତପସ୍ୟା, ଶ୍ରଦ୍ଧା, ସତ୍ୟ, ବ୍ରହ୍ମଚର୍ଯ୍ୟ ଓ କର୍ତ୍ତବ୍ୟ-ବୁଦ୍ଧି ମଧ୍ୟ ସମୁତ୍ପନ୍ନ ହୁଅନ୍ତି ।୨/୧/୭

ସପ୍ତ ପ୍ରାଣାଃ ପ୍ରଭବନ୍ତି ତସ୍ମାତ୍
ସପ୍ତାର୍ଚିଷଃ ସମିଧଃ ସପ୍ତ ହୋମାଃ ।
ସପ୍ତ ଇମେ ଲୋକା ୟେଷୁ ଚରନ୍ତି ପ୍ରାଣା
ଗୁହାଶୟା ନିହିତାଃ ସପ୍ତ ସପ୍ତ ॥୮॥

ତସ୍ମାତ୍ (ତାଙ୍କଠାରୁ ଅର୍ଥାତ୍ ସେହି ପରମ ପୁରୁଷଙ୍କଠାରୁ) **ସପ୍ତ ପ୍ରାଣାଃ** (ମସ୍ତକସ୍ଥ ସାତଟି ଇନ୍ଦ୍ରିୟ, ଅର୍ଥାତ୍ ଚକ୍ଷୁର୍ଦ୍ୱୟ, କର୍ଣ୍ଣଦ୍ୱୟ, ନାସିକାଦ୍ୱୟ ଓ ଜିହ୍ୱା) **ପ୍ରଭବନ୍ତି** (ଉଦ୍ଭୂତ ହୁଅନ୍ତି) [ସେମାନଙ୍କର ପୁଣି ଯେଉଁସବୁ] **ସପ୍ତ ଅର୍ଚିଷଃ**

---

1. ଅର୍ଥାତ୍ ଦକ୍ଷିଣାୟନ ଓ ଉତ୍ତରାୟଣ ମାର୍ଗରେ ଯଥାକ୍ରମେ ଅବିଦ୍ୱାନ୍ ଓ ବିଦ୍ୱାନ୍‌ଙ୍କ କର୍ମଫଳରୂପେ ଲଭ୍ୟ ଚନ୍ଦ୍ରଲୋକ ଓ ସୂର୍ଯ୍ୟଲୋକ ।

(ସ୍ୱବିଷୟର ପ୍ରକାଶକ ସାତଟି କିରଣ) [**ସପ୍ତ**] **ସମିଧଃ** (ସାତଟି ସମିଧ, ଅର୍ଥାତ୍ ସାତଟି ବିଷୟ) **ସପ୍ତ ହୋମାଃ** (ସାତଟି ହୋମ, ଅର୍ଥାତ୍ ବିଷୟସମ୍ବନ୍ଧରେ ବିଜ୍ଞାନ) **ଇମେ** (ଏହି ସକଳ) **ସପ୍ତ** (ସାତଟି) **ଲୋକାଃ** (ଇନ୍ଦ୍ରିୟଙ୍କର ଅବସ୍ଥାନ କ୍ଷେତ୍ର, ଇନ୍ଦ୍ରିୟଗୋଲକ)—**ୟେଷୁ** (ଯେଉଁ କ୍ଷେତ୍ରସକଳରେ) **ସପ୍ତ ସପ୍ତ ନିହିତାଃ** ([ବିଧାତା କର୍ତ୍ତୃକ] ପ୍ରତି ପ୍ରାଣୀଙ୍କଠାରେ ସାତଟି ସାତଟି ଲେଖାଏଁ ସଂସ୍ଥାପିତ) **ଗୁହାଶୟାଃ** (ଶରୀରରେ ଆଶ୍ରିତ ବା ନିଦ୍ରାକାଳରେ ହୃଦୟରେ ଆଶ୍ରିତ) **ପ୍ରାଣାଃ** (ଇନ୍ଦ୍ରିୟସମୂହ) **ଚରନ୍ତି** (ସଞ୍ଚରଣ କରନ୍ତି) [ସେମାନେ ମଧ୍ୟ ଉତ୍ପନ୍ନ ହୁଅନ୍ତି] । ୨/୧/୮

ତାଙ୍କଠାରୁ (ମସ୍ତକସ୍ଥ) ସାତଟି ଇନ୍ଦ୍ରିୟ ଉଦ୍ଭୂତ ହୁଅନ୍ତି । (ସେମାନଙ୍କର) ସାତଟି ଦୀପ୍ତି, ସାତଟି ସମିଧ (ଅର୍ଥାତ୍ ବିଷୟ), ସାତଟି ହୋମ (ଅର୍ଥାତ୍ ବିଷୟ-ବିଜ୍ଞାନ)[1] ଓ ଏହି ଯେଉଁ ସାତଟି ଇନ୍ଦ୍ରିୟଗୋଲକ—ଯାହାଙ୍କଠାରେ ପ୍ରତି ପ୍ରାଣୀଭେଦରେ ଏହି ସାତ ସାତଟି ଶରୀରାଶ୍ରିତ ଇନ୍ଦ୍ରିୟ (ବିଧାତା କର୍ତ୍ତୃକ) ସଂସ୍ଥାପିତ ହୋଇ ବିଚରଣ କରନ୍ତି—ସେମାନେ ମଧ୍ୟ ଉତ୍ପନ୍ନ ହୁଅନ୍ତି[2] । ୨/୧/୮

ଅତଃ ସମୁଦ୍ରା ଗିରୟଶ୍ଚ ସର୍ବେ-
ଽସ୍ମାତ୍ସ୍ୟନ୍ଦନ୍ତେ ସିନ୍ଧବଃ ସର୍ବରୂପାଃ ।
ଅତଶ୍ଚ ସର୍ବା ଓଷଧୟୋ ରସଶ୍ଚ
ୟେନୈଷ ଭୂତୈସ୍ତିଷ୍ଠତେ ହ୍ୟନ୍ତରାତ୍ମା ॥୯॥

ଅତଃ (ଏହି ପୁରୁଷଙ୍କଠାରୁ) **ସର୍ବେ** (ସକଳ) **ସମୁଦ୍ରାଃ** (ସମୁଦ୍ରସମୂହ) (ଓ) **ଗିରୟଃ** (ପର୍ବତସମୂହ); **ଅସ୍ମାତ୍** (ଏହି ପୁରୁଷଙ୍କଠାରୁ) **ସର୍ବରୂପାଃ** (ବିଭିନ୍ନ ରୂପ) **ସିନ୍ଧବଃ** (ନଦୀସମୂହ) **ସ୍ୟନ୍ଦନ୍ତେ** (ପ୍ରବାହିତ ହୁଏ); **ଚ** (ଏବଂ) **ଅତଃ** (ଏହି ପୁରୁଷଙ୍କଠାରୁ) **ସର୍ବାଃ** (ସକଳ) **ଓଷଧୟଃ** (ଔଷଧିସମୂହ) **ରସଃ ଚ**

1. ଗୀତା, ୪/୨୪-୩୨; ଜୀବନର ସମସ୍ତ କର୍ମ ହିଁ ହୋମରୂପରେ, ଅର୍ଥାତ୍ ଯାହା କିଛି କରାହେଉଛି ସବୁ ଦେବତାଙ୍କ ଉଦ୍ଦେଶ୍ୟରେ—ଏହିପ୍ରକାର କଳ୍ପିତ ହୋଇପାରେ । ବିଷୟର ଜ୍ଞାନ ମଧ୍ୟ ଗୋଟିଏ ହୋମ; ସେଥିରେ ବିଷୟସମୂହକୁ ଇନ୍ଦ୍ରିୟାଗ୍ନିରେ ଆହୁତି ଦେବା ହୁଏ । ଆତ୍ମଯାଜ୍ଞୀ ମନେ କରନ୍ତି—"ଏହି ସବୁ ଏବଂ ମୁଁ ବ୍ରହ୍ମ"; ସେ ପରମାତ୍ମାଙ୍କ ଆରାଧନାବୁଦ୍ଧିରେ ସମସ୍ତ କର୍ମ କରନ୍ତି ।

2. ବର୍ତ୍ତମାନ ପ୍ରକରଣର ମର୍ମାର୍ଥ ହେଉଛି : ଆତ୍ମଯାଜ୍ଞୀ ବିଦ୍ୱାନ୍‌ମାନଙ୍କର (ପୂର୍ବଟୀକା ଦ୍ର.) ସର୍ବପ୍ରକାର କର୍ମ, ସାଧନା ଓ କର୍ମଫଳ ଏବଂ ଅବିଦ୍ୱାନ୍‌ମାନଙ୍କର ସର୍ବପ୍ରକାର କର୍ମ, କର୍ମର ସାଧନା ଓ କର୍ମଫଳ—ଏ ସମସ୍ତ ହିଁ ଏହି ସର୍ବଜ୍ଞ ପରମପୁରୁଷଙ୍କଠାରୁ ପ୍ରସୂତ ହୁଏ । ସୁତରାଂ କାରଣରୂପୀ ସେ ହିଁ ସତ୍ୟ, କାର୍ଯ୍ୟଭୂତ ସମସ୍ତ ହିଁ ମିଥ୍ୟା ।

(ଏବଂ) [ସେହି] ମଧୁରାଦି ରସ) [ଉଦ୍ଭୂତ ହୁଏ] **ଯେନ** (ଯାହା ବଳରେ) **ଭୂତୈଃ** (ପଞ୍ଚଭୂତ ଦ୍ୱାରା ପରିବେଷ୍ଟିତ ହୋଇ) **ଏଷଃ ଅନ୍ତରାତ୍ମା** (ଏହି ଲିଙ୍ଗଦେହ, ଅର୍ଥାତ୍ ସୂକ୍ଷ୍ମଶରୀର) **ତିଷ୍ଠତେ ହି** (=**ତିଷ୍ଠତି**, ଅବଶ୍ୟ ଅବସ୍ଥାନ କରେ) । ୨/୧/୯

ଏହି ପୁରୁଷଙ୍କଠାରୁ ସମୁଦାୟ ସମୁଦ୍ର ଓ ପର୍ବତ ସମ୍ଭୂତ ହୁଏ; ଏହାଙ୍କଠାରୁ ବହୁରୂପ ନଦୀସମୂହ ପ୍ରବାହିତ ହୁଏ; ଏହାଙ୍କଠାରୁ ସମୁଦାୟ ଔଷଧି ଜାତ ହୁଏ; ଏବଂ ଏହାଙ୍କଠାରୁ ହିଁ ସେହି ମଧୁରାଦି ରସ ଉଦ୍ଭୂତ ହୁଏ, ଯାହାର ବଳରେ[1] ସୂକ୍ଷ୍ମ ଶରୀର[2] ସ୍ଥୂଳ ପଞ୍ଚଭୂତ ଦ୍ୱାରା ପରିବେଷ୍ଟିତ ହୋଇ ଅବସ୍ଥାନ କରେ । ୨/୧/୯

ପୁରୁଷ ଏବେଦଂ ବିଶ୍ୱଂ କର୍ମ
ତପୋ ବ୍ରହ୍ମ ପରାମୃତମ୍ ।
ଏତଦ୍ୟୋ ବେଦ ନିହିତଂ ଗୁହାୟାଂ
ସୋଽବିଦ୍ୟାଗ୍ରନ୍ଥିଂ ବିକିରତୀହ ସୋମ୍ୟ ॥୧୦॥

ଇତି ଦ୍ୱିତୀୟମୁଣ୍ଡକେ ପ୍ରଥମଃ ଖଣ୍ଡଃ ॥

[ପୂର୍ବୋକ୍ତ ସମସ୍ତ ହିଁ ପୁରୁଷଙ୍କଠାରୁ ନିର୍ଗତ, ସୁତରାଂ ବିକାରୀ ବୋଲି ମିଥ୍ୟା । ପୁରୁଷ ହିଁ ଏକମାତ୍ର ସତ୍ୟ । ଏହା ହିଁ କୁହାହେଉଛି]—**ପୁରୁଷଃ ଏବ** (ଉକ୍ତ ପୁରୁଷ ହିଁ) **କର୍ମ** (ଯଜ୍ଞାଦି କର୍ମ) **ତପଃ** (ଜ୍ଞାନ) [ଏବଂ କର୍ମ ଓ ଉପାସନାର ଫଳସ୍ୱରୂପ] **ଇଦମ୍** (ଏହି) **ବିଶ୍ୱମ୍** (ଜଗତ୍) । **ପର-ଅମୃତମ୍** (ପରମ ଓ ଅମୃତ) **ଏତତ୍** (ଏହି ସର୍ବାତ୍ମକ) **ବ୍ରହ୍ମ** (ବ୍ରହ୍ମଙ୍କୁ) **ୟଃ** (ଯିଏ) **ଗୁହାୟାମ୍** (ସକଳ ପ୍ରାଣୀଙ୍କ ହୃଦୟରେ) **ନିହିତମ୍** (ସ୍ଥିତ) **ବେଦ** (ଜାଣନ୍ତି) [ହେ] **ସୋମ୍ୟ** (ପ୍ରିୟଦର୍ଶନ) **ସଃ** (ସେ) **ଇହ** (ଜୀବିତାବସ୍ଥାରେ ହିଁ) **ଅବିଦ୍ୟାଗ୍ରନ୍ଥିମ୍** (ଅବିଦ୍ୟାବାସନାକୁ) **ବିକିରତି** (ବିନାଶ କରନ୍ତି) । ୨/୧/୧୦

---

1. ଅନ୍ନ ତ୍ୟାଗ କଲେ ଲିଙ୍ଗଶରୀର ସ୍ଥୂଳଶରୀରରେ ରହିପାରେ ନାହିଁ ।

2. ସୂକ୍ଷ୍ମଶରୀରକୁ ଅନ୍ତରାତ୍ମା କୁହାହୋଇଅଛି, କାରଣ ତାହା ସ୍ଥୂଳଦେହ ଓ ଆତ୍ମା ମଧ୍ୟରେ ଏବଂ ସ୍ଥୂଳଦେହର ଆତ୍ମରୂପରେ ବିଦ୍ୟମାନ ।

ଉକ୍ତ ପୁରୁଷ ହିଁ ଏହି କର୍ମାତ୍ମକ ଓ ଜ୍ଞାନାତ୍ମକ[1] ବିଶ୍ୱ ।[2] ହେ ସୌମ୍ୟ, ଏହି ପରମ, ଅମୃତ ଓ ସର୍ବାତ୍ମକ ବ୍ରହ୍ମଙ୍କୁ ଯିଏ ସକଳ ପ୍ରାଣୀଙ୍କ ହୃଦୟରେ ଅବସ୍ଥିତ ବୋଲି ଜାଣନ୍ତି ସେ ଜୀବିତାବସ୍ଥାରେ ହିଁ ଅବିଦ୍ୟାଗ୍ରନ୍ଥି ଛେଦନ[3] କରନ୍ତି । ୨/୧/୧୦

॥ ଦ୍ୱିତୀୟ ମୁଣ୍ଡକର ପ୍ରଥମ ଖଣ୍ଡ ସମାପ୍ତ ॥

---

1. ଅର୍ଥାତ୍ 'ଜଡ଼ ଓ ଅଜଡ଼'—ନାରାୟଣକୃତ ଟୀକା ।

2. ଅର୍ଥାତ୍ ବ୍ରହ୍ମଙ୍କଠାରୁ ଭିନ୍ନ ଜଗତ୍ ନାମକ କିଛି ହିଁ ନାହିଁ । ଏକବିଜ୍ଞାନରେ କିପରି ସର୍ବବିଜ୍ଞାନ ହୁଏ (୧/୧/୩) ତାହା ଏଠାରେ ଦର୍ଶାଗଲା । ବ୍ରହ୍ମ ଜ୍ଞାତ ହେଲେ ହିଁ ସବୁକିଛି ଜ୍ଞାତ ହେଲା, କାରଣ ବସ୍ତୁତଃ. ସବୁକିଛି ହିଁ ବ୍ରହ୍ମସ୍ୱରୂପ ।

3. ମୁ., ୨/୨/୮

ଦ୍ୱିତୀୟ ମୁଣ୍ଡକ

ଦ୍ୱିତୀୟ ଖଣ୍ଡ

ଆବିଃ ସନ୍ନିହିତଂ ଗୁହାଚରଂ ନାମ
ମହତ୍ପଦମତ୍ରୈତତ୍ ସମର୍ପିତମ୍ ।
ଏଜତ୍ପ୍ରାଣନ୍ନିମିଷଚ୍ଚ ୟଦେତଜ୍ଜାନଥ ସଦସଦ୍ବରେଣ୍ୟଂ
ପରଂ ବିଜ୍ଞାନାଦ୍ୟଦ୍ବରିଷ୍ଠଂ ପ୍ରଜାନାମ୍ ॥୧॥

[ଅରୂପ ବ୍ରହ୍ମ କିପରି ଜ୍ଞାତ ହୁଅନ୍ତି ତାହା କୁହାହେଉଛି]—[ଯେଉଁ ବ୍ରହ୍ମ] **ଆବିଃ** (ପ୍ରକାଶସ୍ୱଭାବ) **ସନ୍ନିହିତମ୍** (ସର୍ବପ୍ରାଣୀଙ୍କ ହୃଦୟରେ ସମ୍ୟକ୍ ନିବିଷ୍ଟ) [ସେ] **ଗୁହାଚରମ୍ ନାମ** (ହୃଦୟସଞ୍ଚାରୀ ନାମରେ ପ୍ରଖ୍ୟାତ) [ସେ] **ମହତ୍ ପଦମ୍** (ମହାନ୍ ଆଶ୍ରୟ, ସର୍ବାସ୍ପଦ) [କାରଣ] **ଅତ୍ର** (ଏହି ବ୍ରହ୍ମରେ) **ଏଜତ୍** (ସଚଳ ପକ୍ଷୀ ପ୍ରଭୃତି) **ପ୍ରାଣତ୍** (ପ୍ରାଣାପାନାଦିମାନ୍ ପଶୁ ଓ ମନୁଷ୍ୟାଦି) **ନିମିଷତ୍ ଚ** (ନିମେଷବାନ୍ ଓ [ନିମେଷରହିତ]) **ୟତ୍ ଏତତ୍** (ଏହି ଯାହା କିଛି ସମସ୍ତ ହିଁ) **ସମର୍ପିତମ୍** (ପ୍ରବେଶିତ ହୋଇ ରହିଛି); [ହେ ଶିଷ୍ୟଗଣ], **ଏତତ୍** (ଏହି ବ୍ରହ୍ମ)—**ୟତ** (ଯିଏ) **ସତ୍-ଅସତ୍** (ସ୍ଥୂଳ ଓ ସୂକ୍ଷ୍ମ ଉଭୟର ସ୍ୱରୂପ) **ବରେଣ୍ୟମ୍** (ବରଣୀୟ [କେ., ୪/୬]) **ବରିଷ୍ଠମ୍** (ବରତମ, ଶ୍ରେଷ୍ଠତମ) [ଏବଂ] **ପ୍ରଜାନାମ୍** (ପ୍ରାଣୀବର୍ଗଙ୍କ) **ବିଜ୍ଞାନାତ୍ ପରମ୍** (ଲୌକିକ ଜ୍ଞାନର ଅଗୋଚର) [**ତତ୍** (ସେହି ବ୍ରହ୍ମଙ୍କୁ)] **ଜାନଥ** (ତୁମେମାନେ [ଆତ୍ମଭୂତ ବୋଲି] ଜାଣିବ) । ୨/୨/୧

ପ୍ରକାଶମାନରୂପରେ ସର୍ବପ୍ରାଣୀଙ୍କ ହୃଦୟରେ ସନ୍ନିବିଷ୍ଟ[1] ବ୍ରହ୍ମ ହୃଦୟସଞ୍ଚାରୀ ନାମରେ ପ୍ରଖ୍ୟାତ; ସେ ସର୍ବାସ୍ପଦ—କାରଣ ସଚଳ ବିହଙ୍ଗମାଦି ପ୍ରାଣାପାନାଦିଯୁକ୍ତ ମନୁଷ୍ୟାଦି, ନିମେଷବାନ୍ ଓ ନିମେଷରହିତ ଏହି ଯାହା କିଛି, ସମସ୍ତ ହିଁ ଏହାଙ୍କଠାରେ ସମର୍ପିତ ରହିଛନ୍ତି । ହେ ଶିଷ୍ୟଗଣ, ଏହି ଯିଏ ସ୍ଥୂଳ ଓ ସୂକ୍ଷ୍ମରୂପେ ଅବସ୍ଥିତ, ଯିଏ ସମସ୍ତଙ୍କର ପ୍ରାର୍ଥନୀୟ, ସର୍ବଶ୍ରେଷ୍ଠ (ଅର୍ଥାତ୍ ସର୍ବଦୋଷଶୂନ୍ୟ)

1. ଉପାଧିର ଧର୍ମ (ଦର୍ଶନ, ଶ୍ରବଣ, ମନନ, ବିଜ୍ଞାନ ପ୍ରଭୃତି) ରୂପରେ ବ୍ରହ୍ମ ହିଁ ଆବିର୍ଭୂତ ହୋଇ ଜୀବରୂପରେ ହୃଦୟରେ ଉପଲବ୍ଧ ହେଉଛନ୍ତି । ଅର୍ଥାତ୍ ନିଖିଳ ଉପଲବ୍ଧିରୂପରେ ବ୍ରହ୍ମ ହିଁ ବିଭାବିତ ହେଉଅଛନ୍ତି—ଏହିପ୍ରକାର ଭାବନା କରିବ; ଏହା ବ୍ରହ୍ମୋପଲବ୍ଧିର ସହାୟକ ।
—କେ., ୨/୪

ଏବଂ ପ୍ରାଣୀବର୍ଗଙ୍କ ଜ୍ଞାନର ଅତୀତ, ସେହି ବ୍ରହ୍ମଙ୍କୁ (ତୁମମାନଙ୍କର ଆତ୍ମଭୂତ ବୋଲି) ଜାଣିବ[1] । ୨/୨/୧

ଯଦର୍ଚିମଦ୍ୟଦଣୁଭ୍ୟୋଽଣୁ ଚ
ଯସ୍ମିଁଲ୍ଲୋକା ନିହିତା ଲୋକିନଶ୍ଚ
ତଦେତଦକ୍ଷରଂ ବ୍ରହ୍ମ ସ ପ୍ରାଣସ୍ତଦୁ ବାଙ୍ମନଃ ।
ତଦେତତ୍ସତ୍ୟଂ ତଦମୃତଂ ତଦ୍ବେଦ୍ଧବ୍ୟଂ ସୋମ୍ୟ ବିଦ୍ଧି ॥୨॥

ଯତ୍ (ଯାହା) **ଅର୍ଚିମତ୍** (ଦୀପ୍ତିମାନ) **ଯତ୍** (ଯାହା) **ଅଣୁଭ୍ୟଃ** (ସୂକ୍ଷ୍ମ ଏମୂହରୁ) **ଅଣୁ** (ସୂକ୍ଷ୍ମ) **ଚ** (ଏବଂ [ଯାହା ସ୍ଥୂଳଠାରୁ ମଧ୍ୟ ସ୍ଥୂଳ]) **ଯସ୍ମିନ୍** ାହାଙ୍କଠାରେ) **ଲୋକାଃ** (ଭୂରାଦି ଲୋକସମୂହ) **ଲୋକିନଃ ଚ** (ଏବଂ ଲୋକନିବାସୀଗଣ) **ନିହିତାଃ** (ଅବସ୍ଥିତ) **ତତ୍** (ସେ ହିଁ) **ଏତତ୍** (ସର୍ବାସ୍ପଦ) **ଅକ୍ଷରମ୍ ବ୍ରହ୍ମ** (ଅକ୍ଷର ବ୍ରହ୍ମ); **ସଃ** (ସେ) **ପ୍ରାଣଃ** (ପ୍ରାଣ) **ତତ୍ ଉ** (ସେ ହିଁ ପୁଣି) **ବାକ୍-ମନଃ** (ବାଗିନ୍ଦ୍ରିୟ ଓ ମନ, ଅର୍ଥାତ୍ ସର୍ବେନ୍ଦ୍ରିୟ)—**ତତ୍ ଏତତ୍** (ସେହି ବ୍ରହ୍ମ ହିଁ) **ସତ୍ୟମ୍** (ସତ୍ୟ) **ତତ୍** (ସେ) **ଅମୃତମ୍** (ଅବିନାଶୀ); **ସୋମ୍ୟ** (ହେ ସୌମ୍ୟ) **ତତ୍** (ସେ ହିଁ) **ବେଦ୍ଧବ୍ୟମ୍** (ଭେଦ କରିବା ଯୋଗ୍ୟ, ଅର୍ଥାତ୍ ମନ ଦ୍ୱାରା ଭାବନୀୟ) [ତାହାଙ୍କୁ ହିଁ] **ବିଦ୍ଧି** (ଭେଦ କର, ତାଙ୍କଠାରେ ମନ ସମାହିତ କର) । ୨/୨/୨

ଯିଏ ଦୀପ୍ତିମାନ୍, ଯିଏ ସୂକ୍ଷ୍ମ ବସ୍ତୁସମୂହଠାରୁ ମଧ୍ୟ ସୂକ୍ଷ୍ମ, ଏବଂ ସ୍ଥୂଳଠାରୁ ଵ, ଯାହାଙ୍କଠାରେ ଲୋକସମୂହ ଏବଂ ଲୋକବାସୀଗଣ ଅବସ୍ଥିତ, ସେ ହିଁ [2] ଅକ୍ଷର ବ୍ରହ୍ମ । ସେ ହିଁ ପ୍ରାଣ, ସେ ହିଁ ପୁଣି ବାକ୍ ଓ ମନ ।[3] ସେହି ବ୍ରହ୍ମ ., ସେହି ବ୍ରହ୍ମ ହିଁ ଅମୃତ । ହେ ସୌମ୍ୟ, ସେ ହିଁ ଭେଦ କରିବାର ଯୋଗ୍ୟ, ତାହାଙ୍କୁ ହିଁ ଭେଦ କର । ୨/୨/୨

---

1. ବ୍ରହ୍ମ ସମ୍ବନ୍ଧରେ ଏହିପ୍ରକାର ମନନ କରିବ—"ଏହା ଯାହା କିଛି ସମସ୍ତ ହିଁ ଉତ୍ପନ୍ନ ଓ ପରିଚ୍ଛିନ୍ନ; ଅତଏବ ଉତ୍ପନ୍ନ ଓ ପରିଚ୍ଛିନ୍ନ ଘଟ ଆଦି ସଦୃଶ ସେସବୁ ଅନ୍ୟ ଉପରେ ଆଶ୍ରିତ । ଯିଏ ସମସ୍ତଙ୍କର ଆଶ୍ରୟ, ସେ ହିଁ ମାୟାର ମଧ୍ୟ ଆଧାର ଏବଂ ସେ ହିଁ ସମସ୍ତଙ୍କର ଆତ୍ମା ।"

2. "ଚେତନ ଅଧିଷ୍ଠାତା ବହିଲେ ହିଁ ଉଥାଦି ସଦୃଶ ପ୍ରାଣାଦିର ପ୍ରବୃତ୍ତି ହୁଏ । ଉକ୍ତ ଚୈତନ୍ୟର ବିଭିନ୍ନତା-ବିଷୟରେ ପ୍ରମାଣ ନାହିଁ; ଅତଏବ ଚୈତନ୍ୟସ୍ୱରୂପ ମୁଁ ଅଦ୍ୱିତୀୟ ଆତ୍ମା ।" —ଏହି ପ୍ରକାର ବିଚାର କରିବ ।

3. ପ୍ରାଣାଦିର ଅଧିଷ୍ଠାନ ବୋଲି ପ୍ରାଣାଦିଦ୍ୱାରା ଆତ୍ମା ଲକ୍ଷିତ ହୁଅନ୍ତି, ଏହା ହିଁ ଦୃଷ୍ଟାନ୍ତ ହେବ । —କେ., ୧/୨

ଧନୁର୍ଗୃହୀତ୍ୱୌପନିଷଦଂ ମହାସ୍ତ୍ରଂ
ଶରଂ ହ୍ୟୁପାସାନିଶିତଂ ସନ୍ଧୟୀତ ।
ଆୟମ୍ୟ ତଦ୍ ଭାବଗତେନ ଚେତସା
ଲକ୍ଷ୍ୟଂ ତଦେବାକ୍ଷରଂ ସୋମ୍ୟ ବିଦ୍ଧି ॥୩॥

[ପ୍ରଣବ-ଅବଲମ୍ବନରେ ବ୍ରହ୍ମ ଓ ଆତ୍ମାଙ୍କର ଐକ୍ୟ ବିଷୟରେ ଚିତ୍ତ ସମାହିତ କରିବାକୁ ହୁଏ; ଏହି ଚିନ୍ତା ଫଳରେ କ୍ରମମୁକ୍ତି ହୁଏ]—**ସୌମ୍ୟ** (ହେ ସୌମ୍ୟ) **ଔପନିଷଦମ୍** (ଉପନିଷଦ୍‌ରେ ପ୍ରସିଦ୍ଧ) **ମହା-ଅସ୍ତ୍ରମ୍** (ମହାନ୍ ଅସ୍ତ୍ର) **ଧନୁଃ** (ଧନୁ ଅର୍ଥାତ୍ ପ୍ରଣବ) **ଗୃହୀତ୍ୱା** (ଗ୍ରହଣ କରି) **ଉପାସାନିଶିତମ୍** (ଉପାସନା ଅର୍ଥାତ୍ ନିରବଚ୍ଛିନ୍ନ ଧ୍ୟାନ ଦ୍ୱାରା ତୀକ୍ଷ୍ଣୀକୃତ) **ଶରମ୍** (ଶର [ଅର୍ଥାତ୍ ଜୀବାତ୍ମାଙ୍କୁ]) **ହି ସନ୍ଧୟୀତ** (ସନ୍ଧାନ କରିବ); **ଆୟମ୍ୟ** (ଧନୁର ଗୁଣ ଆକର୍ଷଣ କରି [ମନ ଓ ଇନ୍ଦ୍ରିୟକୁ ବିଷୟରୁ ନିବୃତ୍ତ କରି]) **ତତ୍-ଭାବ-ଗତେନ** (ଲକ୍ଷ୍ୟନିବିଷ୍ଟ [ବ୍ରହ୍ମଗତ]) **ଚେତସା** (ଚିତ୍ତରେ) [ବେଦ୍ଧବ୍ୟ, ଜ୍ଞାତବ୍ୟ] **ତତ୍** (ସେହି) **ଅକ୍ଷରମ୍ ଲକ୍ଷ୍ୟମ୍ ଏବ** (ଅକ୍ଷରରୂପକ ଲକ୍ଷ୍ୟକୁ ହିଁ) **ବିଦ୍ଧି** (ବିଦ୍ଧ କର [ଅର୍ଥାତ୍ ତାଙ୍କଠାରେ ମନ ସମାହିତ କର]) । ୨/୨/୩

ହେ ସୌମ୍ୟ, ଉପନିଷଦ୍‌ରେ ପ୍ରସିଦ୍ଧ ମହାନ୍ ଅସ୍ତ୍ର ଧନୁ ଗ୍ରହଣ କରି ସେଥିରେ ନିରବଚ୍ଛିନ୍ନ ଧ୍ୟାନ ଦ୍ୱାରା ତୀକ୍ଷ୍ଣୀକୃତ ଶରସନ୍ଧାନ[1] କରିବ; ଧନୁର ଗୁଣ ଆକର୍ଷଣ କରି ଲକ୍ଷ୍ୟନିବିଷ୍ଟ ଚିତ୍ତରେ ସେହି ଅକ୍ଷରରୂପକ ଲକ୍ଷ୍ୟକୁ ହିଁ ଭେଦ କର । ୨/୨/୩

ପ୍ରଣବୋ ଧନୁଃ ଶରୋ ହ୍ୟାତ୍ମା ବ୍ରହ୍ମ ତଲ୍ଲକ୍ଷ୍ୟମୁଚ୍ୟତେ ।
ଅପ୍ରମତ୍ତେନ ବେଦ୍ଧବ୍ୟଂ ଶରବତ୍ତନ୍ମୟୋ ଭବେତ୍ ॥୪॥

ପ୍ରଣବଃ (ଓଁକାର) **ଧନୁଃ** (ଧନୁ) **ଆତ୍ମା ହି** (ଜୀବାତ୍ମା ହିଁ) **ଶରଃ** (ଶର) **ବ୍ରହ୍ମ** (ବ୍ରହ୍ମ) **ତତ୍-ଲକ୍ଷ୍ୟମ୍** (ଉକ୍ତ ଶରର ଲକ୍ଷ୍ୟ) **ଉଚ୍ୟତେ** (କଥିତ ହୁଅନ୍ତି); **ଅପ୍ରମତ୍ତେନ** (ପ୍ରମାଦହୀନ ହୋଇ) **ବେଦ୍ଧବ୍ୟମ୍** (ଭେଦ କରିବାକୁ ହେବ)

---

1. "ପ୍ରଣବସହାୟରେ ଯେଉଁ ଚୈତନ୍ୟ-ପ୍ରତିବିମ୍ବ ଜଡ଼ିତ ହୁଅନ୍ତି, ସେ ହିଁ ଆତ୍ମା"—ଏହିପ୍ରକାର ଚିନ୍ତାର ନାମ ପ୍ରଣବରେ ଶରସନ୍ଧାନ । ଏହି ଚିତ୍‌ପ୍ରତିବିମ୍ବ ସହିତ ବିମ୍ବଭୂତ ବ୍ରହ୍ମଙ୍କର ଐକ୍ୟସନ୍ଧାନ ହିଁ ଲକ୍ଷ୍ୟଭେଦ । ଏହିପରି ଚିନ୍ତାରେ ଅସମର୍ଥ ହେଲେ ଓଁ-ପ୍ରତୀକରେ ବ୍ରହ୍ମଦୃଷ୍ଟି କରିବ ।

[ଅତଃପର] **ଶରବତ୍** (ଶର ସଦୃଶ) **ତନ୍ମୟଃ** (ଲକ୍ଷ୍ୟ ସହିତ ଅଭିନ୍ନ) **ଭବେତ୍** (ହେବ) । ୨/୨/୪

ଓଁକାର ହିଁ ଧନୁ, ଜୀବାତ୍ମା ହିଁ ଶର, ବ୍ରହ୍ମ ଉକ୍ତ ଶରର ଲକ୍ଷ୍ୟ ବୋଲି କଥିତ ହୁଅନ୍ତି । ପ୍ରମାଦହୀନ ହୋଇ ଲକ୍ଷ୍ୟ ଭେଦ କରିବାକୁ ହେବ । ଅତଃପର ଶର ସଦୃଶ ତନ୍ମୟ (ଅର୍ଥାତ୍ ଲକ୍ଷ୍ୟ ସହିତ ଅଭିନ୍ନ) ହେବ । ୨/୨/୪

ୟସ୍ମିନ୍ ଦ୍ୟୌଃ ପୃଥିବୀ ଚାନ୍ତରିକ୍ଷ-
ମୋତଂ ମନଃ ସହ ପ୍ରାଣୈଶ୍ଚ ସର୍ବୈଃ ।
ତମେବୈକଂ ଜାନଥ ଆତ୍ମାନମନ୍ୟା
ବାଚୋ ବିମୁଞ୍ଚଥାମୃତସ୍ୟୈଷ ସେତୁଃ ॥୫॥

ୟସ୍ମିନ୍ (ଯାହାଙ୍କଠାରେ, ଯେଉଁ ଅକ୍ଷର ପୁରୁଷଙ୍କଠାରେ) **ଦ୍ୟୌଃ** (ଦ୍ୟୁଲୋକ) **ପୃଥିବୀ** (ପୃଥିବୀ) **ଅନ୍ତରିକ୍ଷମ୍ ଚ** (ଓ ଅନ୍ତରିକ୍ଷ) **ଚ** (ଏବଂ) **ସର୍ବୈଃ** (ସକଳ) **ପ୍ରାଣୈଃ ସହ** (ଇନ୍ଦ୍ରିୟବର୍ଗଙ୍କ ସହିତ) **ମନଃ** (ଅନ୍ତଃକରଣ) **ଓତମ୍** (ସମର୍ପିତ) [ରହିଛି] **ତମ୍** (ସେହି) **ଏକମ୍** (ଅଦ୍ୱିତୀୟ) **ଆତ୍ମାନାମ୍ ଏବ** (ଆତ୍ମାଙ୍କୁ ହିଁ) **ଜାନଥ** (ଅବଗତ ହୁଅ) [ଏବଂ ଜାଣି] **ଅନ୍ୟାଃ** (ଅନ୍ୟ [ଅପର ବିଦ୍ୟାର ବିଷୟ ସମ୍ବନ୍ଧରେ]) **ବାଚଃ** (ସମସ୍ତ ବାକ୍) **ବିମୁଞ୍ଚଥ** (ପରିତ୍ୟାଗ କର)—**ଏଷଃ** (ଏହି ଆତ୍ମଜ୍ଞାନ) **ଅମୃତସ୍ୟ** (ମୋକ୍ଷପ୍ରାପ୍ତିର) **ସେତୁଃ** (ଉପାୟ) [ଶ୍ୱେ., ୬/୧୧-୧୫] । ୨/୨/୫

ଯାହାଙ୍କଠାରେ ଦ୍ୟୁଲୋକ, ପୃଥିବୀ ଓ ଅନ୍ତରିକ୍ଷ ଏବଂ ସକଳ ଇନ୍ଦ୍ରିୟବର୍ଗଙ୍କ ସହିତ ଅନ୍ତଃକରଣ ସମର୍ପିତ ରହିଛି (ତୁମମାନଙ୍କର ଓ ସର୍ବପ୍ରାଣୀଙ୍କର) ସେହି ଅଦ୍ୱିତୀୟ ଆତ୍ମାଙ୍କୁ ହିଁ ଅବଗତ ହୁଅ; ଏବଂ ଅନ୍ୟ ସକଳ ବାକ୍ୟ ପରିତ୍ୟାଗ କର । ଏହି ଆତ୍ମଜ୍ଞାନ ହିଁ ମୋକ୍ଷପ୍ରାପ୍ତିର ଉପାୟ । ୨/୨/୫

ଅରା ଇବ ରଥନାଭୌ ସଂହତା ଯତ୍ର ନାଡ୍ୟଃ
ସ ଏଷୋଽନ୍ତଶ୍ଚରତେ ବହୁଧା ଜାୟମାନଃ ।
ଓମିତ୍ୟେବଂ ଧ୍ୟାୟଥ ଆତ୍ମାନଂ
ସ୍ୱସ୍ତି ବଃ ପାରାୟ ତମସଃ ପରସ୍ତାତ୍ ॥୬॥

ଅରାଃ (ଅରଗୁଡ଼ିକ) **ରଥନାଭୌ** (ରଥଚକ୍ରର ନାଭିରେ) **ଇବ** (ଯେପରି ସମର୍ପିତ ସେପରି) **ନାଡ୍ୟଃ** (ନାଡ଼ୀସମୂହ) **ଯତ୍ର** (ଯେଉଁ ହୃଦୟରେ) **ସଂହତାଃ** (ସମ୍ପ୍ରବିଷ୍ଟ) [ସେଠାରେ] **ଏଷଃ ସଃ** (ଏହିପରି ଉକ୍ତ ସେ) **ବହୁଧା** (ନାନାରୂପରେ) **ଜାୟମାନଃ** (କ୍ରୋଧହର୍ଷାଦିରୂପରେ ପ୍ରତୀତ ହୋଇ) **ଅନ୍ତଃ** (ଅନ୍ତର୍ଭାଗରେ) **ଚରତେ** (=ଚରତି, ସଞ୍ଚରଣ କରନ୍ତି, ଉପସ୍ଥିତ ଅଛନ୍ତି); **ଆତ୍ମାନମ୍** (ଉକ୍ତ ଆତ୍ମାଙ୍କୁ) **ଓମ୍ ଇତି ଏବମ୍** (['ଓଁକାର ମୁଁ'] ଏହିପ୍ରକାର ଓଁକାର ଅବଲମ୍ବନପୂର୍ବକ ଯଥୋକ୍ତ କଳ୍ପନାସହାୟରେ) **ଧ୍ୟାୟଥ** (ଧ୍ୟାନ କର); **ତମସଃ** (ଅଜ୍ଞାନ-ଅନ୍ଧକାରର) **ପରସ୍ତାତ୍** (ଅତୀତ) **ପାରାୟ** (ପରପାରକୁ ଗମନ ପାଇଁ [ପାଠାନ୍ତର—**ପରାୟ**]) **ବଃ** (ତୁମମାନଙ୍କର) **ସ୍ୱସ୍ତି** (ମଙ୍ଗଳ ହେଉ) । ୨/୨/୬

ଚକ୍ରଶଳାକା ଯେପରି ରଥଚକ୍ରର ନାଭିରେ ସମର୍ପିତ ଥାଏ, ସେହିପରି ନାଡ଼ୀସମୂହ ଯେଉଁ ହୃଦୟରେ ସମ୍ପ୍ରବିଷ୍ଟ ରହିଛି, ସେହି ହୃଦୟ ମଧ୍ୟରେ ଉକ୍ତ ପୁରୁଷ ନାନାରୂପରେ[1] ପ୍ରତୀତ ହୋଇ ରହିଛନ୍ତି । ଉକ୍ତ ଆତ୍ମାଙ୍କୁ ଓଁକାର ଅବଲମ୍ବନପୂର୍ବକ ଧ୍ୟାନ କର । ଅଜ୍ଞାନ-ଅନ୍ଧକାରର ଅତୀତ ପରପାରକୁ ଗମନ ପାଇଁ ତୁମମାନଙ୍କର ମଙ୍ଗଳ ହେଉ । ୨/୨/୬

1. ଏହା ଲୋକବୁଦ୍ଧି ଅନୁସାରେ କୁହାହେଲା । ଲୋକେ କୁହନ୍ତି "ମୁଁ ଦେଖେ, ଶୁଣେ, କ୍ରୁଦ୍ଧ ହୁଏ, ସୁଖୀ ହୁଏ" ଇତ୍ୟାଦି—ଏକ ହିଁ ଚୈତନ୍ୟ ଯେପରି ବିଭିନ୍ନ ରୂପ ଧାରଣ କରନ୍ତି । ବସ୍ତୁତଃ ଉପାଧିବଶତଃ ଏପ୍ରକାର ହୁଏ; କିନ୍ତୁ ଆତ୍ମା ଅବିକାରୀ ଏବଂ ଅଦ୍ୱିତୀୟ ।

ୟଃ ସର୍ବଜ୍ଞଃ ସର୍ବବିଦ୍ୟସ୍ୟୈଷ ମହିମା ଭୁବି ।
ଦିବ୍ୟେ ବ୍ରହ୍ମପୁରେ ହ୍ୟେଷ ବ୍ୟୋମ୍ନ୍ୟାତ୍ମା ପ୍ରତିଷ୍ଠିତଃ ॥
ମନୋମୟଃ ପ୍ରାଣଶରୀରନେତା
ପ୍ରତିଷ୍ଠିତୋଽନ୍ନେ ହୃଦୟଂ ସନ୍ନିଧାୟ ।
ତଦ୍ବିଜ୍ଞାନେନ ପରିପଶ୍ୟନ୍ତି ଧୀରା
ଆନନ୍ଦରୂପମମୃତଂ ୟଦ୍ ବିଭାତି ॥୭॥

ୟଃ (ଯିଏ, ଯେଉଁ ଅକ୍ଷର ପୁରୁଷ) **ସର୍ବଜ୍ଞଃ** (ସାମାନ୍ୟରୂପେ ସମସ୍ତ ବିଷୟ ଜାଣନ୍ତି) **ସର୍ବବିତ୍** (ବିଶେଷରୂପେ ସମସ୍ତ ବିଷୟ ଜାଣନ୍ତି) [ମୁ., ୧/୧/୯] **ଭୁବି** (ଜଗତ୍‌ରେ) **ୟସ୍ୟ** (ଯାହାଙ୍କର) **ଏଷଃ** (ଏହି ପ୍ରସିଦ୍ଧ) **ମହିମା** (ବିଭୂତି) **ଏଷଃ** (ଏହି) **ଆତ୍ମା ହି** (ଆତ୍ମା ହିଁ) **ଦିବ୍ୟେ** (ଜ୍ୟୋତିର୍ମୟ) **ବ୍ରହ୍ମପୁରେ** (ବ୍ରହ୍ମଙ୍କ ଅଭିବ୍ୟକ୍ତିସ୍ଥଳ ହୃଦୟପଦ୍ମସ୍ଥ) **ବ୍ୟୋମ୍ନି** (ଆକାଶରେ) [ବୁଦ୍ଧିଦ୍ୱାରା ଉପଲବ୍ଧ ହୋଇ] **ପ୍ରତିଷ୍ଠିତଃ** (ଅବସ୍ଥିତ ଅଛନ୍ତି) ।

ମନୋମୟଃ (ମନ-ଉପାଧିକ ବୋଲି—ମନବୃତ୍ତିଦ୍ୱାରା ପ୍ରକାଶିତ) **ପ୍ରାଣ-ଶରୀର-ନେତା** (ପ୍ରାଣ ଓ ସୂକ୍ଷ୍ମଶରୀରକୁ ଅନ୍ୟ ସ୍ଥୂଳ-ଶରୀରକୁ ନେଇ ଯିବାର କର୍ତ୍ତା, ବାହକ) **ହୃଦୟମ୍** (ବୁଦ୍ଧିକୁ) **ସନ୍ନିଧାୟ** ([ହୃଦୟପଦ୍ମାକାଶରେ] ସ୍ଥାପନପୂର୍ବକ) **ଅନ୍ନେ** (ଅନ୍ନପୁଷ୍ଟ ଶରୀରରେ) **ପ୍ରତିଷ୍ଠିତଃ** (ଅବସ୍ଥିତ ଅଛନ୍ତି) । **ଆନନ୍ଦରୂପମ୍** (ସର୍ବଦୁଃଖାତୀତ) **ଅମୃତମ୍** (ଅମୃତସ୍ୱରୂପ) **ୟତ୍** (ଯେଉଁ ଆତ୍ମତତ୍ତ୍ୱ) **ବିଭାତି** (ବିଶେଷ ରୂପେ [ନିଜଠାରେ ହିଁ] ପ୍ରକାଶ ପାଆନ୍ତି) **ତତ୍** (ସେହି ଆତ୍ମତତ୍ତ୍ୱକୁ) **ଧୀରାଃ** (ବିବେକୀଗଣ) **ବିଜ୍ଞାନେନ** (ଶାସ୍ତ୍ର ଓ ଆଚାର୍ଯ୍ୟଙ୍କ ଉପଦେଶଜନିତ ବିଶିଷ୍ଟ ଜ୍ଞାନ ଦ୍ୱାରା) **ପରିପଶ୍ୟନ୍ତି** (ପରିପୂର୍ଣ୍ଣଭାବରେ ଦର୍ଶନ କରନ୍ତି) । ୨/୨/୭

ଯିଏ ସର୍ବଜ୍ଞ ଓ ସର୍ବବିତ୍, ଯାହାଙ୍କର ଜଗତ୍‌ବ୍ୟାପୀ ମହିମା[1], ସେହି ଆତ୍ମା ହିଁ ଜ୍ୟୋତିର୍ମୟ ହୃଦୟପଦ୍ମ-ମଧ୍ୟସ୍ଥ ଆକାଶରେ ଅବସ୍ଥିତ ଅଛନ୍ତି[2] ।

(ହୃଦୟାକାଶରେ ସଂସ୍ଥାପିତ ଅଛନ୍ତି ବୋଲି ହିଁ) ମନ-ଉପାଧିକ, ପ୍ରାଣ ଓ ସୂକ୍ଷ୍ମଶରୀରର ବାହକ ଏବଂ ବୁଦ୍ଧିକୁ ହୃଦୟପଦ୍ମରେ ସ୍ଥାପନକାରୀ ଆତ୍ମା ଶରୀରରେ

---

1. ବୃ., ୩/୮/୯ ଦ୍ରଷ୍ଟବ୍ୟ ।

2. ଅର୍ଥାତ୍ ବ୍ରହ୍ମଙ୍କୁ ସର୍ବେଶ୍ୱର ଓ ମନୋମୟତ୍ୱାଦି ଗୁଣବିଶିଷ୍ଟରୂପେ ହୃଦୟପଦ୍ମରେ ଧ୍ୟାନ କରିବ । ଏହା ଫଳରେ କ୍ରମମୁକ୍ତି ହୁଏ ।

ଅବସ୍ଥିତ ଅଛନ୍ତି । ଆନନ୍ଦସ୍ୱରୂପ ଓ ଅମୃତସ୍ୱରୂପ ଯେଉଁ ଆତ୍ମତତ୍ତ୍ୱ ନିଜ ଆତ୍ମାରେ ହିଁ ବିଶେଷତଃ ସ୍ଫୁରିତ ହୁଅନ୍ତି, ତାହାଙ୍କୁ ବିବେକୀମାନେ ବିଶିଷ୍ଟ ଜ୍ଞାନସହାୟରେ ସର୍ବତୋଭାବରେ ଦର୍ଶନ କରନ୍ତି । ୨/୨/୭

ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ ।
କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାବରେ ॥୮॥

ପର-ଅବରେ (କାରଣରୂପେ ଶ୍ରେଷ୍ଠ ଓ କାର୍ଯ୍ୟରୂପେ ନିକୃଷ୍ଟ) **ତସ୍ମିନ୍** (ସେହି ବ୍ରହ୍ମ) **ଦୃଷ୍ଟେ** ([ଆତ୍ମରୂପରେ] ଦୃଷ୍ଟ ହେଲେ) **ଅସ୍ୟ** (ସେହି ଦ୍ରଷ୍ଟାଙ୍କର) ହୃଦୟଗ୍ରନ୍ଥି (ହୃଦୟର ଗ୍ରନ୍ଥି, ବୁଦ୍ଧିରେ ଆଶ୍ରିତ କାମନା) **ଭିଦ୍ୟତେ** (ବିନଷ୍ଟ ହୁଏ) **ସର୍ବ-ସଂଶୟାଃ** (ସକଳ ସଂଶୟ) **ଛିଦ୍ୟନ୍ତେ** (ଛିନ୍ନ ହୁଏ) **କର୍ମାଣି ଚ** (ଏବଂ [ପ୍ରାରବ୍ଧ କର୍ମ ବ୍ୟତୀତ ଅନ୍ୟ] କର୍ମସମୂହ) **କ୍ଷୀୟନ୍ତେ** (କ୍ଷୟପ୍ରାପ୍ତ ହୁଏ) । ୨/୨/୮

କାର୍ଯ୍ୟ ଓ କାରଣରୂପୀ ସେହି ପରମାତ୍ମା ଦୃଷ୍ଟ ହେଲେ ଉକ୍ତ ସାକ୍ଷାତ୍‌କାରୀଙ୍କର ହୃଦୟଗ୍ରନ୍ଥି ବିନଷ୍ଟ ହୁଏ, ସକଳ ସଂଶୟ ଛିନ୍ନ ହୁଏ ଏବଂ କର୍ମସମୂହ କ୍ଷୟପ୍ରାପ୍ତ ହୁଏ । ୨/୨/୮

ହିରଣ୍ମୟେ ପରେ କୋଶେ ବିରଜଂ ବ୍ରହ୍ମ ନିଷ୍କଲମ୍ ।
ତଚ୍ଛୁଭ୍ରଂ ଜ୍ୟୋତିଷାଂ ଜ୍ୟୋତିସ୍ତଦ୍ୟଦାତ୍ମବିଦୋ ବିଦୁଃ ॥୯॥

ହିରଣ୍ମୟେ (ଜ୍ୟୋତିର୍ମୟ ଅର୍ଥାତ୍ ବୁଦ୍ଧିବିଜ୍ଞାନ ଦ୍ୱାରା ପ୍ରକାଶିତ) **ପରେ** (ଶ୍ରେଷ୍ଠ) **କୋଶେ** (କୋଷରେ, କୋଷତୁଲ୍ୟ ହୃଦୟପଦ୍ମ-ମଧ୍ୟରେ) **ବିରଜମ୍** (ଅବିଦ୍ୟାଦି-ଦୋଷଶୂନ୍ୟ) **ନିଷ୍କଲମ୍** (ନିରବୟବ) **ୟତ୍ ବ୍ରହ୍ମ** (ଯେଉଁ ବ୍ରହ୍ମ) [ଅବସ୍ଥିତ], **ତତ୍** (ସେହି ବ୍ରହ୍ମ) **ଶୁଭ୍ରମ୍** (ଶୁଦ୍ଧ) **ଜ୍ୟୋତିଷାମ୍** (ତେଜୋମୟ ପଦାର୍ଥସମୂହର, ଅଗ୍ନି ପ୍ରଭୃତିର) **ଜ୍ୟୋତିଃ** (ଅବଭାସକ); **ଆତ୍ମବିଦଃ** (ଆତ୍ମଜ୍ଞାନୀମାନେ) **ତତ୍** (ସେହି ବ୍ରହ୍ମଙ୍କୁ) **ବିଦୁଃ** (ଜାଣନ୍ତି) । ୨/୨/୯

ଜ୍ୟୋତିର୍ମୟ ଶ୍ରେଷ୍ଠ କୋଷ ମଧ୍ୟରେ[1] ଅବିଦ୍ୟାଦି-ଦୋଷଶୂନ୍ୟ ନିରବୟବ ଯେଉଁ ବ୍ରହ୍ମ ଅବସ୍ଥିତ; ସେହି ବ୍ରହ୍ମ ଶୁଦ୍ଧ ଏବଂ ତେଜୋମୟ ପଦାର୍ଥସମୂହର ମଧ୍ୟ ଅବଭାସକ । ଆତ୍ମଜ୍ଞାନୀମାନେ[2] ହିଁ କେବଳ ସେହି ବ୍ରହ୍ମଙ୍କୁ ଜାଣନ୍ତି । ୨/୨/୯

ନ ତତ୍ର ସୂର୍ଯ୍ୟୋ ଭାତି ନ ଚନ୍ଦ୍ରତାରକଂ
ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମଗ୍ନିଃ ।
ତମେବ ଭାନ୍ତମନୁଭାତି ସର୍ବଂ
ତସ୍ୟ ଭାସା ସର୍ବମିଦଂ ବିଭାତି ॥୧୦॥

[ଜ୍ୟୋତିଃର ଜ୍ୟୋତିଃ କିପରି ତାହା କୁହାଯାଉଛି]—**ସୂର୍ଯ୍ୟଃ** (ସୂର୍ଯ୍ୟ) **ତତ୍ର** (ସେହି ବ୍ରହ୍ମରେ) **ନ ଭାତି** (ପ୍ରକାଶ ପାଏ ନାହିଁ, ଅର୍ଥାତ୍ ବ୍ରହ୍ମଙ୍କୁ ପ୍ରକାଶ କରନ୍ତି ନାହିଁ) **ଚନ୍ଦ୍ରତାରକମ୍** (ଚନ୍ଦ୍ର ଓ ତାରକା) **ନ** ([ବ୍ରହ୍ମଙ୍କୁ ପ୍ରକାଶ କରନ୍ତି] ନାହିଁ) **ଇମାଃ** (ଏହି ସକଳ) **ବିଦ୍ୟୁତଃ** (ବିଦ୍ୟୁତବର୍ଗମଧ୍ୟ) **ନ ଭାନ୍ତି** (ପ୍ରକାଶ କରନ୍ତି ନାହିଁ); **ଅୟମ୍** (ଏହି) **ଅଗ୍ନିଃ** (ଅଗ୍ନି) **କୁତଃ** (କିପରି) [ପ୍ରକାଶ କରିବ]) ? **ସର୍ବମ୍** (ସମସ୍ତ ଜଗତ୍) **ତମ୍ ଏବ ଭାନ୍ତମ୍ ଅନୁଭାତି** (ସେ ଦେଦୀପ୍ୟମାନ୍ ବୋଲି ହିଁ ତଦନୁଯାୟୀ ଦୀପ୍ତିମାନ୍ ହୁଏ) **ଇଦମ୍** (ଏହି) **ସର୍ବମ୍** (ସବୁକିଛି) **ତସ୍ୟ** (ତାଙ୍କର) **ଭାସା** (ଦୀପ୍ତି ଦ୍ୱାରା) **ବିଭାତି** (ବିବିଧରୂପରେ ପ୍ରକାଶଶୀଳ ହୁଏ) । ୨/୨/୧୦

ସୂର୍ଯ୍ୟ ସେହି ବ୍ରହ୍ମଙ୍କୁ ପ୍ରକାଶ କରିପାରେ ନାହିଁ, ଚନ୍ଦ୍ର ଓ ତାରକାଗଣ ମଧ୍ୟ ନୁହେଁ, ଏହି ସକଳ ବିଦ୍ୟୁତ୍ ମଧ୍ୟ ତାଙ୍କୁ ପ୍ରକାଶ କରିବାକୁ ଅସମର୍ଥ—ଏହି ଅଗ୍ନି କିପରି ତାହା କରିବ ? ସେ ଦେଦୀପ୍ୟମାନ୍ ବୋଲି ହିଁ ତଦନୁଯାୟୀ ନିଖିଳ ଜଗତ୍ ଦୀପ୍ତିମାନ୍ ହୁଏ; ତାଙ୍କରି ଦୀପ୍ତିରେ ଏହି ସବୁକିଛି ବିବିଧରୂପରେ ପ୍ରକାଶ ପାଇଥାଏ[3] । ୨/୨/୧୦

---

1. କୋଷ ବା ଖାପ (ଖୋଳ) ଭିତରେ ଯେପରି ଖଣ୍ଡା ଥାଏ, ସେହିପରି ହୃଦୟମଧ୍ୟରେ ବ୍ରହ୍ମ ଉପଲବ୍ଧ ହୁଅନ୍ତି । ବ୍ରହ୍ମୋପଲବ୍ଧିର ସ୍ଥାନ ବୋଲି ଏହା ଶ୍ରେଷ୍ଠ ।

2. ଶ୍ରଦ୍ଧାଦିବିଷୟକ ବୁଦ୍ଧି ପ୍ରତ୍ୟୟର ସାକ୍ଷୀବୋଲି ଯେଉଁମାନେ ନିଜକୁ ଜାଣନ୍ତି ।

3. ପ୍ରକୃତପକ୍ଷରେ ଅଗ୍ନି ଦଗ୍ଧ କରେ, କାଠ ବା ମଶାଲ ପ୍ରଭୃତି ନୁହେଁ; ଅଥଚ ଅଗ୍ନି ସହିତ ଯୁକ୍ତ ସେଗୁଡ଼ିକ ସମ୍ବନ୍ଧରେ ଆମେ କହୁ, "କାଠ ବା ମଶାଲ ଦଗ୍ଧ କରୁଛି ।" ସେହିପରି ବ୍ରହ୍ମଚୈତନ୍ୟଙ୍କ ଦ୍ୱାରା ସମସ୍ତେ ଜ୍ୟୋତିଷ୍ମାନ୍ ହୁଅନ୍ତି । —ବୃ., ୪/୪/୧୬

ବ୍ରହ୍ମୈବେଦମମୃତଂ ପୁରସ୍ତାଦ୍ବ୍ରହ୍ମ ପଶ୍ଚାଦ୍ବ୍ରହ୍ମ ଦକ୍ଷିଣତଶ୍ଚୋତ୍ତରେଣ ।
ଅଧଶ୍ଚୋର୍ଧ୍ୱଂ ଚ ପ୍ରସୃତଂ ବ୍ରହ୍ମୈବେଦଂ ବିଶ୍ୱମିଦଂ ବରିଷ୍ଠମ୍ ॥୧୧॥

ଇତି ଦ୍ୱିତୀୟମୁଣ୍ଡକେ ଦ୍ୱିତୀୟଃ ଖଣ୍ଡଃ ॥

ପୁରସ୍ତାତ୍ (ପୁରୋଭାଗରେ ସ୍ଥିତ) **ଇଦମ୍** (ଏହା, ଏହି ଯାହା କିଛି ପ୍ରତିଭାତ ହେଉଛି, ତାହା) **ଅମୃତମ୍ ବ୍ରହ୍ମ ଏବ** (ଅମୃତସ୍ୱରୂପ ବ୍ରହ୍ମ ହିଁ) **ପଶ୍ଚାତ୍** (ପଶ୍ଚାଦ୍ଭାଗରେ) **ଦକ୍ଷିଣତଃ** (ଦକ୍ଷିଣଦିଗରେ) **ଉତ୍ତରେଣ ଚ** (ଏବଂ ଉତ୍ତର ଦିଗରେ ମଧ୍ୟ) **ବ୍ରହ୍ମ** (ବ୍ରହ୍ମ) **ଅଧଃ** (ନିମ୍ନଦିଗରେ) **ଊର୍ଧ୍ୱମ୍ ଚ** (ଏବଂ ଊର୍ଦ୍ଧ୍ୱଦିଗରେ ମଧ୍ୟ) **ବ୍ରହ୍ମ** (ବ୍ରହ୍ମ) **ପ୍ରସୃତମ୍** (ବ୍ୟାପ୍ତ ଅଛନ୍ତି); **ଇଦମ୍** (ଏହି) **ବିଶ୍ୱମ୍** (ଜଗତ୍) **ଇଦମ୍ ବରିଷ୍ଠମ୍** (ଏହି ପ୍ରତ୍ୟକ୍ଷ ଶ୍ରେଷ୍ଠତମ) **ବ୍ରହ୍ମ ଏବ** (ବ୍ରହ୍ମ ହିଁ) । ୨/୨/୧୧

ପୁରୋଭାଗରେ ଅବସ୍ଥିତ ଏହି ସମସ୍ତ ଅମୃତସ୍ୱରୂପ ବ୍ରହ୍ମ, ପଶ୍ଚାତ୍ଭାଗରେ ବ୍ରହ୍ମ, ଦକ୍ଷିଣରେ ଏବଂ ଉତ୍ତରରେ ମଧ୍ୟ ବ୍ରହ୍ମ, ଅଧଃ ଓ ଊର୍ଦ୍ଧ୍ୱଦିଗରେ ମଧ୍ୟ ବ୍ରହ୍ମ ହିଁ ବ୍ୟାପ୍ତ[1], ଏହି ଜଗତ୍ ଏହି ପ୍ରତ୍ୟକ୍ଷ ଶ୍ରେଷ୍ଠତମ ବ୍ରହ୍ମ ହିଁ[2] ଅଟନ୍ତି । ୨/୨/୧୧

॥ ଦ୍ୱିତୀୟ ମୁଣ୍ଡକର ଦ୍ୱିତୀୟ ଖଣ୍ଡ ସମାପ୍ତ ॥

---

1. ନାମରୂପବିଶିଷ୍ଟ ହୋଇ ନାନାବିଧ କାର୍ଯ୍ୟ ଆକାରରେ ଅବ୍ରହ୍ମରୂପରେ ମଧ୍ୟ ଅବଭାସିତ ।

2. କ., ୨/୩/୧; ଗୀତା, ୧୫/୧

ତୃତୀୟ ମୁଣ୍ଡକ

ପ୍ରଥମ ଖଣ୍ଡ

ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା
ସମାନଂ ବୃକ୍ଷଂ ପରିଷସ୍ୱଜାତେ ।
ତୟୋରନ୍ୟଃ ପିପ୍ପଲଂ ସ୍ୱାଦ୍ୱତ୍ୟ-
ନଶ୍ନନ୍ନନ୍ୟୋ ଅଭିଚାକଶୀତି ॥ ୧ ॥

ସଯୁଜା (=**ସଯୁଜୌ**, ସର୍ବଦା ସମ୍ମିଳିତ) **ସଖାୟା** (=**ସଖାୟୌ**, 'ଆତ୍ମା' ଏହି ସମାନ ନାମଧାରୀ) **ଦ୍ୱା** (=**ଦ୍ୱୌ**, ଦୁଇଟି) **ସୁପର୍ଣ୍ଣା**(=**ସୁପର୍ଣ୍ଣୌ**, ପକ୍ଷୀ, [ଅର୍ଥାତ୍ ଜୀବାତ୍ମା ଓ ପରମାତ୍ମା]) **ସମାନମ୍** (ଏକ ହିଁ) **ବୃକ୍ଷମ୍** (ବୃକ୍ଷକୁ, ଶରୀରକୁ) **ପରିଷସ୍ୱଜାତେ** (ଆଲିଙ୍ଗନ କରି ରହିଛନ୍ତି); **ତୟୋଃ** (ସେମାନଙ୍କ ମଧ୍ୟରେ) **ଅନ୍ୟଃ** (ଗୋଟିଏ, ଜୀବ) **ସ୍ୱାଦୁ** ([ବିଚିତ୍ର] ଆସ୍ୱାଦଯୁକ୍ତ) **ପିପ୍ପଲଂ** (ଫଳ, କର୍ମଫଳ) **ଅତ୍ତି** (ଭୋଗ କରୁଅଛି) **ଅନ୍ୟଃ** (ଅନ୍ୟଟି, ଈଶ୍ୱର) **ଅନଶ୍ନନ୍** (ଭୋଗ ନ କରି) **ଅଭିଚାକଶୀତି** (ଦର୍ଶନ କରୁଅଛି)—[କ., ୧/୩/୧; ଶ୍ୱେ., ୪/୬-୭] । ୩/୧/୧

ସର୍ବଦା ସମ୍ମିଳିତ ଓ ସମାନ ନାମଧାରୀ ଦୁଇଟି ପକ୍ଷୀ ଏକ ହିଁ ବୃକ୍ଷକୁ ଆଶ୍ରୟ କରି ରହିଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ସ୍ୱାଦୁ ଫଳ ଭକ୍ଷଣ କରେ, ଅନ୍ୟଜଣକ ଭକ୍ଷଣ ନ କରି ଦର୍ଶନ କରେ । ୩/୧/୧

ସମାନେ ବୃକ୍ଷେ ପୁରୁଷୋ ନିମଗ୍ନୋ-
ଽନୀଶୟା ଶୋଚତି ମୁହ୍ୟମାନଃ ।
ଜୁଷ୍ଟଂ ଯଦା ପଶ୍ୟତ୍ୟନ୍ୟମୀଶ-
ମସ୍ୟ ମହିମାନମିତି ବୀତଶୋକଃ ॥ ୨ ॥

ପୁରୁଷଃ (ଭୋକ୍ତା ଜୀବ) **ସମାନେ** (ଏକ ହିଁ) **ବୃକ୍ଷେ** (ବୃକ୍ଷରେ, ଅର୍ଥାତ୍ ଦେହରେ) **ନିମଗ୍ନଃ** (ଆସକ୍ତ ହୋଇ) **ଅନୀଶୟା** (ଦୀନଭାବ ପ୍ରାପ୍ତ ହୋଇ) **ମୁହ୍ୟମାନଃ** (ଦୁଶ୍ଚିନ୍ତାସହକାରେ) **ଶୋଚତି** (ସନ୍ତାପ କରିଥାଏ); **ଯଦା**

(ଯେତେବେଳେ) **ଜୁଷ୍ଟମ୍** ([ଧାର୍ମିକଗଣଙ୍କ] ସେବିତ) **ଅନ୍ୟମ୍** ([ଶରୀରଠାରୁ] ବିଲକ୍ଷଣ) **ଈଶମ୍** (ଈଶ୍ୱରଙ୍କୁ) [ଏବଂ] **ଅସ୍ୟ** (ଏହାଙ୍କର) **ଇତି** (ଏହି ବିଶ୍ୱବ୍ୟାପୀ) **ମହିମାନମ୍** (ବିଭୂତିକୁ) **ପଶ୍ୟତି** (ଦର୍ଶନ କରେ) [ସେତେବେଳେ] **ବୀତଶୋକଃ** (ଶୋକମୁକ୍ତ ହୁଏ, ସଂସାର ଅତିକ୍ରମ କରେ) । ୩/୧/୨

ଜୀବ ସେହି ଗୋଟିଏ ବୃକ୍ଷରେ ଆସକ୍ତ ହୋଇ ଦୀନଭାବ ପ୍ରାପ୍ତ ହୁଏ ଏବଂ ସେଥିପାଇଁ ଦୁଶ୍ଚିନ୍ତାସହକାରେ ସନ୍ତାପ କରୁଥାଏ ।[1] ଯେତେବେଳେ ସେ ବହୁଜନସେବିତ ଓ ଦେହବିଲକ୍ଷଣ ଈଶ୍ୱରଙ୍କୁ ଏବଂ ତାଙ୍କର ଏହିପ୍ରକାର ମହିମାକୁ (ନିଜଠାରୁ ଅଭିନ୍ନରୂପରେ) ଦର୍ଶନ କରେ, ସେତେବେଳେ ଶୋକମୁକ୍ତ ହୁଏ । ୩/୧/୨

ଯଦା ପଶ୍ୟଃ ପଶ୍ୟତେ ରୁକ୍ମବର୍ଣ୍ଣଂ
କର୍ତାରମୀଶଂ ପୁରୁଷଂ ବ୍ରହ୍ମଯୋନିମ୍ ।
ତଦା ବିଦ୍ୱାନ୍ ପୁଣ୍ୟପାପେ ବିଧୂୟ
ନିରଞ୍ଜନଃ ପରମଂ ସାମ୍ୟମୁପୈତି ॥୩॥

ଯଦା (ଯେତେବେଳେ) **ପଶ୍ୟଃ** (ଦ୍ରଷ୍ଟା, ଅର୍ଥାତ୍ ସାକ୍ଷାତ୍କାମୀ ବିଦ୍ୱାନ୍ ସାଧକ) **ରୁକ୍ମବର୍ଣ୍ଣମ୍** (ସୁବର୍ଣ୍ଣ ସଦୃଶ ସ୍ୱୟଂ-ଜ୍ୟୋତିଃ) **କର୍ତାରମ୍** ([ସର୍ବଜଗତ୍ର ଅବିନାଶୀ] କର୍ତ୍ତା) **ଈଶମ୍** (ପରମେଶ୍ୱର) **ପୁରୁଷମ୍** (ପରିପୂର୍ଣ୍ଣସ୍ୱରୂପ) **ବ୍ରହ୍ମଯୋନିମ୍** (ଜଗତ୍କାରଣ ବ୍ରହ୍ମଙ୍କୁ) **ପଶ୍ୟତେ** (=**ପଶ୍ୟତି**, ଦର୍ଶନ କରନ୍ତି) **ତଦା** (ସେହି କାଳରେ) **ବିଦ୍ୱାନ୍** (ସେହି ସାକ୍ଷାତ୍କାରୀ) **ପୁଣ୍ୟ-ପାପେ** (ପୁଣ୍ୟ ଓ ପାପ) **ବିଧୂୟ** (ସମୂଳେ ନାଶ କରି) **ନିରଞ୍ଜନଃ** (ନିର୍ଲେପ, ବିଗତକ୍ଲେଶ ହୋଇ) **ପରମମ୍** (ନିରତିଶୟ, ଅଦ୍ୱୈତରୂପକ) **ସାମ୍ୟମ୍** (ସମତା, ଅଭେଦ) **ଉପୈତି** (ପ୍ରାପ୍ତ ହୁଅନ୍ତି) । ୩/୧/୩

ସାକ୍ଷାତ୍କାମୀ ସାଧକ ଯେତେବେଳେ ହିରଣ୍ୟବର୍ଣ୍ଣ, ଜଗତ୍କର୍ତ୍ତା, ପରମେଶ୍ୱର, ପରିପୂର୍ଣ୍ଣସ୍ୱରୂପ ଓ ଜଗତ୍କାରଣ ବ୍ରହ୍ମଙ୍କୁ ଦର୍ଶନ କରନ୍ତି, ସେତେବେଳେ ସେହି ବିଦ୍ୱାନ୍ ପୁଣ୍ୟ ଓ ପାପ ସମୂଳେ ନାଶ କରି ବିଗତକ୍ଲେଶ ହୁଅନ୍ତି ଏବଂ ପରମ ସାମ୍ୟ ପ୍ରାପ୍ତ ହୁଅନ୍ତି । ୩/୧/୩

---

1. ଅବିଦ୍ୟାର ଆବରଣ ଶକ୍ତି ଫଳରେ ମନୁଷ୍ୟ ନିଜକୁ ହୀନ ମନେ କରେ ଏବଂ ବିକ୍ଷେପଶକ୍ତି ଫଳରେ ଦୁଃଖଗ୍ରସ୍ତ ହୁଏ ।

ପ୍ରାଣୋ ହ୍ୟେଷ ୟଃ ସର୍ବଭୂତୈର୍ବିଭାତି
ବିଜାନନ୍ ବିଦ୍ୱାନ୍ ଭବତେ ନାତିବାଦୀ ।
ଆତ୍ମକ୍ରୀଡ ଆତ୍ମରତିଃ କ୍ରିୟାବା-
ନେଷ ବ୍ରହ୍ମବିଦାଂ ବରିଷ୍ଠଃ ॥୪॥

ୟଃ ହି (ଯିଏ ହିଁ) **ପ୍ରାଣଃ** (ପ୍ରାଣର ପ୍ରାଣ [ମୁ. ୨/୨/୨]) **ଏଷଃ** (ସେ ହିଁ) **ସର୍ବଭୂତୈଃ** (ବ୍ରହ୍ମାଦିସ୍ତମ୍ବ ପର୍ଯ୍ୟନ୍ତ ସର୍ବଭୂତରୂପରେ [**ଇତ୍ଥଂଭୂତଲକ୍ଷଣେ ତୃତୀୟା**]) **ବିଭାତି** (ବିବିଧ ପ୍ରକାରରେ ପ୍ରକାଶିତ ହୁଅନ୍ତି); [ଏହାଙ୍କୁ] **ବିଜାନନ୍** (ଜ୍ଞାଣି) **ବିଦ୍ୱାନ୍** (ବିଦ୍ୱାନ୍) **ଅତିବାଦୀ** (ଅତିବାଦୀ) **ନ ଭବତେ** (=**ନ ଭବତି**, ହୁଅନ୍ତି ନାହିଁ); [ସେ] **ଆତ୍ମକ୍ରୀଡଃ** (ଆତ୍ମକ୍ରୀଡ଼, ଆତ୍ମାରେ କ୍ରୀଡ଼ାଶୀଳ) **ଆତ୍ମରତିଃ** (ନିଜଠାରେ ହିଁ ପ୍ରୀତିଯୁକ୍ତ) **କ୍ରିୟାବାନ୍** (ଧ୍ୟାନ-ବୈରାଗ୍ୟାଦି କ୍ରିୟାବାନ୍)— **ଏଷଃ** (ଏହିପ୍ରକାର ବିଦ୍ୱାନ୍ ହିଁ) **ବ୍ରହ୍ମବିଦାଂ** (ବ୍ରହ୍ମବିଦ୍‌ମାନଙ୍କ ମଧ୍ୟରେ) **ବରିଷ୍ଠଃ** (ଶ୍ରେଷ୍ଠ) । ୩/୧/୪

ଯିଏ ପ୍ରାଣର ପ୍ରାଣ ପରମେଶ୍ୱର, ସେ ହିଁ ସର୍ବଭୂତରୂପରେ ବହୁଭାବରେ ପ୍ରକାଶିତ ହୁଅନ୍ତି । ଏହାଙ୍କୁ ଜ୍ଞାଣି ବିଦ୍ୱାନ୍ ଅତିବାଦୀ[1] ହୁଅନ୍ତି ନାହିଁ । ସେ ଆତ୍ମକ୍ରୀଡ଼, ଆତ୍ମରତି[2], ଓ କ୍ରିୟାବାନ୍ ହୁଅନ୍ତି । ଏହିପ୍ରକାର ବିଦ୍ୱାନ୍ ହିଁ ବ୍ରହ୍ମବିଦ୍‌ମାନଙ୍କ ଭିତରେ ସର୍ବୋତ୍ତମ । ୩/୧/୪

ସତ୍ୟେନ ଲଭ୍ୟସ୍ତପସା ହ୍ୟେଷ ଆତ୍ମା
ସମ୍ୟଗ୍‌ଜ୍ଞାନେନ ବ୍ରହ୍ମଚର୍ଯ୍ୟେଣ ନିତ୍ୟମ୍ ।
ଅନ୍ତଃଶରୀରେ ଜ୍ୟୋତିର୍ମୟୋ ହି ଶୁଭ୍ରୋ
ୟଂ ପଶ୍ୟନ୍ତି ୟତୟଃ କ୍ଷୀଣଦୋଷାଃ ॥୫॥

[ସନ୍ନ୍ୟାସୀଙ୍କର ସମ୍ୟକ୍ ଜ୍ଞାନର ସହାୟକ ସତ୍ୟାଦି ସାଧନା ବିହିତ ହେଉଅଛି]—**ୟମ୍** (ଯାହାଙ୍କୁ) **କ୍ଷୀଣଦୋଷାଃ** (ଚିତ୍ତମଳଶୂନ୍ୟ) **ୟତୟଃ** (ଯତ୍ନଶୀଳ

1. ଯାହାଙ୍କ ନିକଟରେ ସ୍ୱ-ଭିନ୍ନ ଦ୍ୱିତୀୟ ବସ୍ତୁ ଅଛି, ସେ ଉକ୍ତ ସ୍ୱ-ଭିନ୍ନ ନାମାଦିକୁ ଅତିକ୍ରମ କରି କହିପାରିବେ । କିନ୍ତୁ ଯିଏ ଦର୍ଶନ କରନ୍ତି ଯେ, ସର୍ବ ବସ୍ତୁ ହିଁ ଆତ୍ମା, ଅନ୍ୟ କିଛି ହିଁ ନାହିଁ—ସେ କାହାକୁ ଅତିକ୍ରମ କରି କହିବେ ? ଅତଏବ ସେ ଅତିବାଦୀ ହୁଅନ୍ତି ନାହିଁ । —ଛା., ୭/୧୬/୧ରେ ଏହି ଅର୍ଥରେ ଅତିବାଦୀ କୁହାଯାଇଛି ।

2. ସାଧାରଣତଃ କ୍ରୀଡ଼ା ବାହ୍ୟବିଷୟ-ସାପେକ୍ଷ ଓ ରତି ବାହ୍ୟ-ସାଧନ-ନିରପେକ୍ଷ କିନ୍ତୁ ଆତ୍ମଜ୍ଞାନୀ ପାଇଁ ଆତ୍ମା ହିଁ ସବୁକିଛି ହୋଇଥିବାରୁ ସେ ଆତ୍ମକ୍ରୀଡ଼ ଓ ଆତ୍ମରତି ହୋଇପାରେ ।

ସନ୍ନ୍ୟାସୀଗଣ) **ପଶ୍ୟନ୍ତି** (ଉପଲବ୍ଧି କରନ୍ତି) **ଏଷଃ** (ସେହି ଏହି) **ଜ୍ୟୋତିର୍ମୟଃ** (ହିରଣ୍ମୟ) **ଶୁଭ୍ରଃ** (ଶୁଦ୍ଧ) **ଆତ୍ମା ହି** (ଆତ୍ମା ହିଁ) **ଅନ୍ତଃଶରୀରେ** (ହୃଦୟାକାଶେ) **ନିତ୍ୟମ୍** (ଅବିରାମ) **ସତ୍ୟେନ** (ଅସତ୍ୟ ତ୍ୟାଗ କରିବା ଦ୍ୱାରା) **ତପସା** (ଇନ୍ଦ୍ରିୟ ଓ ମନର ଏକାଗ୍ରତା ଦ୍ୱାରା) **ସମ୍ୟକ୍ ଜ୍ଞାନେନ** (ଯଥାଯଥ ଆତ୍ମଦର୍ଶନ ଦ୍ୱାରା) [ଏବଂ] **ବ୍ରହ୍ମଚର୍ଯ୍ୟେଣ ହି** (ବ୍ରହ୍ମଚର୍ଯ୍ୟ ଦ୍ୱାରା ହିଁ) **ଲଭ୍ୟଃ** (ପ୍ରାପ୍ତବ୍ୟ) । ୩/୧/୫

ଯାହାଙ୍କୁ ଚିତ୍ତମଳଶୂନ୍ୟ ଯତିଗଣ ଉପଲବ୍ଧି କରନ୍ତି, ସେହି ଜ୍ୟୋତିର୍ମୟ ଶୁଦ୍ଧ ଆତ୍ମାକୁ ଅବିଚଳ[1] ସତ୍ୟ, ଅବିରାମ ଏକାଗ୍ରତା[2], ନିତ୍ୟ ସମ୍ୟକ୍ ଆତ୍ମଦର୍ଶନ ଓ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଦ୍ୱାରା ହିଁ ହୃଦୟାକାଶରେ ଉପଲବ୍ଧି କରାଯାଏ[3] । ୩/୧/୫

ସତ୍ୟମେବ ଜୟତେ ନାନୃତଂ
ସତ୍ୟେନ ପନ୍ଥା ବିତତୋ ଦେବୟାନଃ ।
ୟେନାକ୍ରମନ୍ତ୍ୟୃଷୟୋ ହ୍ୟାପ୍ତକାମା
ୟତ୍ର ତତ୍ ସତ୍ୟସ୍ୟ ପରମଂ ନିଧାନମ୍ ॥୬॥

ସତ୍ୟମ୍ ଏବ (ସତ୍ୟ ହିଁ, ଅର୍ଥାତ୍ ସତ୍ୟବାଦୀ ହିଁ) **ଜୟତେ** ([ପାଠାନ୍ତର **ଜୟତି**] ଜୟଯୁକ୍ତ ହୁଅନ୍ତି) ନ **ଅନୃତମ୍** (ମିଥ୍ୟା, ଅର୍ଥାତ୍ ମିଥ୍ୟାବାଦୀ, ନୁହେଁ); **ୟତ୍ର** (ଯେଉଁଠାରେ) **ସତ୍ୟସ୍ୟ** (ଉତ୍ତମ ସାଧନ ସତ୍ୟର ସମ୍ବନ୍ଧୀ) **ତତ୍** (ସେହି) **ପରମମ୍** (ସର୍ବୋତ୍ତମ) **ନିଧାନମ୍** ([ପୁରୁଷାର୍ଥସ୍ୱରୂପ] ନିଧି) [ଅଛି, ସେଠାରେ] **ଆପ୍ତକାମାଃ** (ବିଗତସ୍ପୃହ) **ଋଷୟଃ** (ତତ୍ତ୍ୱଦର୍ଶୀଗଣ) **ୟେନ ହିଁ** (ଯେଉଁ ପଥରେ) **ଆକ୍ରମନ୍ତି**(=**ଆକ୍ରମନ୍ତେ**, ଗମନ କରନ୍ତି) [ସେହି] **ଦେବୟାନଃ** (ଉତ୍ତରମାର୍ଗ ନାମକ) **ପନ୍ଥାଃ** (ପଥ) **ସତ୍ୟେନ** (ସତ୍ୟଦ୍ୱାରା) **ବିତତଃ** (ବିସ୍ତୃତ, ଆସ୍ତୀର୍ଣ୍ଣ) । ୩/୧/୬

ସତ୍ୟର ହିଁ ଜୟ ହୁଏ, ମିଥ୍ୟାର ନୁହେଁ, ସତ୍ୟରୂପକ ସାଧନା ଦ୍ୱାରା ଲଭ୍ୟ ସେହି ସର୍ବୋତ୍ତମ ପୁରୁଷାର୍ଥ ଯେଉଁଠାରେ ନିହିତ ଅଛି, ସେଠାରେ ଆପ୍ତକାମ

1. ମୂଳର **'ନିତ୍ୟମ୍'** ଶବ୍ଦଟି ସତ୍ୟ, ତପସ୍ୟା ଓ ଜ୍ଞାନ ପ୍ରତ୍ୟେକ ସହିତ ଅନ୍ୱିତ ହେବ ।

2. **"ମନସଶ୍ଚେନ୍ଦ୍ରିୟାଣାଂ ଚୈକାଗ୍ର୍ୟଂ ପରମଂ ତପଃ"**—ମନ ଓ ଇନ୍ଦ୍ରିୟର ଏକାଗ୍ରତା ହିଁ ପରମ ତପସ୍ୟା । ଏହି ତପସ୍ୟା ହିଁ ଆତ୍ମଜ୍ଞାନର ପରମ ସହାୟକ, ଚାନ୍ଦ୍ରାୟଣାଦି ନାମକ ଦୈହିକ ତପସ୍ୟାର ସେହି ବିଷୟରେ ସାକ୍ଷାତ୍ ଉପଯୋଗିତା ନାହିଁ ।

3. ଯାହାଙ୍କର ଜ୍ଞାନ ପରିପକ୍ୱ ହୋଇ ନାହିଁ, ତାଙ୍କ ପାଇଁ ସତ୍ୟାଦି ସାଧନାର ପ୍ରୟୋଜନ ଅଛି । କିନ୍ତୁ ପୂର୍ଣ୍ଣଜ୍ଞାନ ସହିତ କୌଣସି ସାଧନାର ସମୁଚ୍ଚୟ ହୋଇପାରେ ନାହିଁ—ପୂର୍ଣ୍ଣଜ୍ଞାନୀ ସମସ୍ତ ସାଧନାର ଅତୀତ । —କେ., ୪/୭-୮ ଟୀକା ।

ଋଷିଗଣ ଯେଉଁ ପଥରେ ଗମନ କରନ୍ତି, ସେହି ଦେବଯାନ[1] ମାର୍ଗ ମଧ୍ୟ ସତ୍ୟଦ୍ୱାରା ଅବିଚ୍ଛିନ୍ନ ଭାବରେ ବିସ୍ତୃତ (ଅର୍ଥାତ୍ ସତତ ସତ୍ୟାବଲମ୍ବନରେ ପ୍ରବୃତ୍ତ) । ୩/୧/୬

ବୃହଚ୍ଚ ତଦ୍ ଦିବ୍ୟମଚିନ୍ତ୍ୟରୂପଂ
ସୂକ୍ଷ୍ମାଚ୍ଚ ତତ୍ ସୂକ୍ଷ୍ମତରଂ ବିଭାତି ।
ଦୂରାତ୍ ସୁଦୂରେ ତଦିହାନ୍ତିକେ ଚ
ପଶ୍ୟତ୍ସ୍ୱିହୈବ ନିହିତଂ ଗୁହାୟାମ୍ ॥୭॥

[ଉକ୍ତ ସତ୍ୟର ନିଧାନ କିପରି, ତାହା ବର୍ଣ୍ଣନା କରାଯାଉଛି]—**ବୃହତ୍** (ମହାନ୍) **ଚ** (ଏବଂ) **ଦିବ୍ୟମ୍** (ସ୍ୱୟଂପ୍ରକାଶ) **ଅଚିନ୍ତ୍ୟ-ରୂପମ୍** (ଅଚିନ୍ତ୍ୟସ୍ୱରୂପ) **ଚ** (ଏବଂ) **ସୂକ୍ଷ୍ମାତ୍** (ସୂକ୍ଷ୍ମଠାରୁ ମଧ୍ୟ) **ସୂକ୍ଷ୍ମତରମ୍** (ଅତିଶୟ ସୂକ୍ଷ୍ମ) **ତତ୍** (ଉକ୍ତ ବ୍ରହ୍ମ) **ବିଭାତି** (ବିବିଧରୂପରେ ପ୍ରକାଶ ପାଆନ୍ତି) । **ତତ୍** (ତାହା) [ଅଜ୍ଞାନୀ ନିକଟରେ] **ଦୂରାତ୍** (ଦୂରରୁ) **ସୁଦୂରେ** (ଅତି ଦୂରକୁ) **ଚ** (ଅଥଚ) [ଜ୍ଞାନୀ ନିକଟରେ] **ଅନ୍ତିକେ** (ସମୀପରେ) **ଇହ** (ଏହି ଦେହରେ ପ୍ରକାଶିତ) **ଇହ** (ଏହି ଜଗତ୍‌ରେ) **ପଶ୍ୟତ୍ସୁ** (ଚେତନ ଜୀବଗଣଙ୍କ ମଧ୍ୟରେ) **ତତ୍** (ତାହା) **ଗୁହାୟାମ୍ ଏବ** (ବୁଦ୍ଧିରେ ହିଁ) **ନିହିତମ୍** (ସ୍ଥିତ)—[ଇ., ୫] । ୩/୧/୭

ବୃହତ୍ ଏବଂ ଦିବ୍ୟ, ଅଚିନ୍ତ୍ୟସ୍ୱରୂପ ଏବଂ ସୂକ୍ଷ୍ମଠାରୁ ମଧ୍ୟ ସୂକ୍ଷ୍ମତର ଉକ୍ତ ବ୍ରହ୍ମ ବହୁରୂପରେ ପ୍ରକାଶ ପାଆନ୍ତି । ସେ ଦୂରରୁ ସୁଦୂରରେ ଅଥଚ ଏହି ଦେହରେ ହିଁ ଅତି ନିକଟରେ—ଏହି ଜଗତ୍‌ରେ ଚେତନ ଜୀବଗଣଙ୍କ ହୃଦୟଗୁହାରେ ହିଁ—ସେ ଅବସ୍ଥିତ । ୩/୧/୭

ନ ଚକ୍ଷୁଷା ଗୃହ୍ୟତେ ନାପି ବାଚା
ନାନ୍ୟୈର୍ଦେବୈସ୍ତପସା କର୍ମଣା ବା ।
ଜ୍ଞାନପ୍ରସାଦେନ ବିଶୁଦ୍ଧସତ୍ତ୍ୱ—
ସ୍ତତସ୍ତୁ ତଂ ପଶ୍ୟତେ ନିଷ୍କଲଂ ଧ୍ୟାୟମାନଃ ॥୮॥

[ପୁନର୍ବାର ବହ୍ମୋପଲବ୍ଧିର ଅସାଧାରଣ ସାଧନ କୁହାହେଉଛି]—[ବ୍ରହ୍ମ] **ଚକ୍ଷୁଷା** (ଚକ୍ଷୁ ଦ୍ୱାରା) **ନ ଗୃହ୍ୟତେ** (ଗୃହୀତ ହୁଅନ୍ତି ନାହିଁ) **ବାଚା ଅପି** (ବାକ୍ୟ ଦ୍ୱାରା

1. ଏହି ମାର୍ଗରେ ମୁଖ୍ୟତଃ ବ୍ରହ୍ମଲୋକକୁ ଗତି ହେଲେ ମଧ୍ୟ ଏହା କ୍ରମମୁକ୍ତିର ମଧ୍ୟ ମାର୍ଗ; ଅର୍ଥାତ୍ ଏହି ମାର୍ଗରେ ଉପାସକ ବ୍ରହ୍ମଲୋକ ଯାଇ ଅବଶେଷରେ ବ୍ରହ୍ମରୂପରେ ହିଁ ଅବସ୍ଥାନ କରନ୍ତି ।

ମଧ୍ୟ) **ନ** (ନୁହେଁ) **ଅନ୍ୟୈଃ** (ଅନ୍ୟ) **ଦେବୈଃ** (ଇନ୍ଦ୍ରିୟ ଦ୍ୱାରା) **ତପସା** (ତପସ୍ୟା ଦ୍ୱାରା) **ବା** (ଅଥବା) **କର୍ମଣା** (ଅଗ୍ନିହୋତ୍ରାଦି କର୍ମ ଦ୍ୱାରା) **ନ** (ନୁହେଁ); [ଯେହେତୁ ଲୋକେ] **ଜ୍ଞାନ-ପ୍ରସାଦେନ** (ବୁଦ୍ଧିର ସ୍ଥିରତା ବା ନିର୍ମଳତା ଦ୍ୱାରା) **ବିଶୁଦ୍ଧ-ସତ୍ତ୍ୱଃ** (ଶୁଦ୍ଧଚିତ୍ତ, ବ୍ରହ୍ମଜ୍ଞାନଯୋଗ୍ୟ ହୁଏ) **ତତଃ ତୁ** (ସେଥିପାଇଁ ହିଁ) **ଧାୟମାନଃ** (ସତତ ବ୍ରହ୍ମଚିନ୍ତାପରାୟଣ ବ୍ୟକ୍ତି) **ତମ୍** (ସେହି) **ନିଷ୍କଲମ୍** (ନିରବୟବ ବ୍ରହ୍ମଙ୍କୁ) **ପଶ୍ୟତେ** (=**ପଶ୍ୟତି**, ଦର୍ଶନ କରନ୍ତି) । ୩/୧/୮

ବ୍ରହ୍ମ ଚକ୍ଷୁ ଦ୍ୱାରା ଗୃହୀତ ହୁଅନ୍ତି ନାହିଁ, ବାକ୍ୟ ଦ୍ୱାରା ମଧ୍ୟ ନୁହେଁ । ଅନ୍ୟାନ୍ୟ ଇନ୍ଦ୍ରିୟ ଦ୍ୱାରା, ତପସ୍ୟା ଦ୍ୱାରା ଅଥବା ଅଗ୍ନିହୋତ୍ରାଦି କର୍ମ ଦ୍ୱାରା ମଧ୍ୟ ଗୃହୀତ ହୁଅନ୍ତି ନାହିଁ । ବୁଦ୍ଧି ନିର୍ମଳ ହେଲେ ହିଁ ଲୋକେ ବ୍ରହ୍ମଜ୍ଞାନର ଯୋଗ୍ୟ ହୁଅନ୍ତି, ଅତଏବ ଧ୍ୟାନପରାୟଣ ବ୍ୟକ୍ତି ହିଁ ସେହି ନିରବୟବ ବ୍ରହ୍ମଙ୍କୁ ଦର୍ଶନ କରନ୍ତି[1] । ୩/୧/୮

ଏଷୋଽଣୁରାତ୍ମା ଚେତସା ବେଦିତବ୍ୟୋ
ଯସ୍ମିନ୍ ପ୍ରାଣଃ ପଞ୍ଚଧା ସଂବିବେଶ ।
ପ୍ରାଣୈଶ୍ଚିତ୍ତଂ ସର୍ବମୋତଂ ପ୍ରଜାନାଂ
ଯସ୍ମିନ୍ ବିଶୁଦ୍ଧେ ବିଭବତ୍ୟେଷ ଆତ୍ମା ॥୯॥

ଯସ୍ମିନ୍ (ଯେଉଁ ଚିତ୍ତ) **ବିଶୁଦ୍ଧେ** (ନିର୍ମଳ ହେଲେ) **ଏଷଃ** (ଏହି) **ଆତ୍ମା** (ଆତ୍ମା) **ବିଭବତି** (ବିଶେଷରୂପରେ ନିଜକୁ ପ୍ରକାଶ କରନ୍ତି) [ସେହି] **ଚେତସା** (ଚିତ୍ତ ଦ୍ୱାରା)—**ଯସ୍ମିନ୍** (ଯେଉଁ ଦେହରେ) **ପ୍ରାଣଃ** (ପ୍ରାଣ) **ପଞ୍ଚଧା** (ପାଞ୍ଚପ୍ରକାରେ) **ସଂବିବେଶ** (ପ୍ରବେଶ କରିଛି) [ସେହି ଦେହ ମଧ୍ୟରେ ହିଁ]—**ଏଷଃ** (ଏହି) **ଅଣୁଃ** (ସୂକ୍ଷ୍ମ) **ଆତ୍ମା** (ଆତ୍ମା) **ବେଦିତବ୍ୟଃ** (ଜ୍ଞେୟ)—[ଯେଉଁ ଆତ୍ମା ଦ୍ୱାରା] **ପ୍ରଜାନାମ୍** (ପ୍ରାଣୀବର୍ଗଙ୍କ) **ପ୍ରାଣୈଃ** (ଇନ୍ଦ୍ରିୟବର୍ଗସହ) **ସର୍ବମ୍ ଚିତ୍ତମ୍** (ସମସ୍ତ ଚିତ୍ତ) **ଓତମ୍** (ଓତପ୍ରୋତ) । ୩/୧/୯

ଆତ୍ମା ଦ୍ୱାରା ଜୀବଗଣଙ୍କର ଇନ୍ଦ୍ରିୟ ସହିତ ସମସ୍ତ ଚିତ୍ତ ଓତପ୍ରୋତ ରହିଅଛି । ଚିତ୍ତ ପ୍ରସନ୍ନ ହେଲେ ହିଁ ଏହି ଆତ୍ମା ନିଜକୁ ବିଶେଷରୂପରେ ପ୍ରକଟିତ କରନ୍ତି । ସୁତରାଂ ଯେଉଁ ଦେହରେ ପ୍ରାଣ ପାଞ୍ଚପ୍ରକାରରେ ସମ୍ପ୍ରବିଷ୍ଟ ହୋଇ

---

1. ଯଦ୍ଦ୍ୱାରା ଜଣାଯାଏ ତାହା ହିଁ ଜ୍ଞାନ—ଏହି ବ୍ୟୁତ୍ପତ୍ତିକ୍ରମରେ ଜ୍ଞାନ=ବୁଦ୍ଧି । ଜ୍ଞାନ-ପ୍ରସାଦ=ଚିତ୍ତର ନିର୍ମଳତା । ପ୍ରଥମେ ଧ୍ୟାନ, ତା'ପରେ ଚିତ୍ତଶୁଦ୍ଧି, ଅବଶେଷରେ ବ୍ରହ୍ମଜ୍ଞାନ । ଧ୍ୟାନକ୍ରିୟା ସାକ୍ଷାତ୍ ତତ୍ତ୍ୱଜ୍ଞାନର କାରଣ ନୁହେଁ ।

ରହିଛି, ସେହି ଦେହ ମଧ୍ୟରେ ହିଁ ବିଶୁଦ୍ଧ ଚିତ୍ତ ଦ୍ୱାରା ଏହି ସୂକ୍ଷ୍ମ ଆତ୍ମାଙ୍କୁ ଜାଣିବାକୁ ହେବ[1] । ୩/୧/୯

ୟଂ ୟଂ ଲୋକଂ ମନସା ସଂବିଭାତି
ବିଶୁଦ୍ଧସତ୍ତ୍ୱଃ କାମୟତେ ୟାଂଶ୍ଚ କାମାନ୍ ।
ତଂ ତଂ ଲୋକଂ ଜୟତେ ତାଂଶ୍ଚ କାମାଂ-
ସ୍ତସ୍ମାଦାତ୍ମଜ୍ଞଂ ହ୍ୟର୍ଚୟେଦ୍ ଭୂତିକାମଃ ॥୧୦॥

ଇତି ତୃତୀୟମୁଣ୍ଡକେ ପ୍ରଥମଃ ଖଣ୍ଡଃ ॥

ବିଶୁଦ୍ଧସତ୍ତ୍ୱ (ନିର୍ମଳ ଅନ୍ତଃକରଣ ବ୍ୟକ୍ତି) **ୟମ୍ ୟମ୍** (ଯେଉଁ ଯେଉଁ) **ଲୋକମ୍** (ଲୋକକୁ) **ମନସା** (ମନ ଦ୍ୱାରା) **ସଂବିଭାତି** (ସଂକଳ୍ପ କରନ୍ତି) **ୟାନ୍ ଚ କାମାନ୍** (ଏବଂ ଯେଉଁ ସକଳ ଭୋଗକୁ) **କାମୟତେ** (ପ୍ରାର୍ଥନା କରନ୍ତି) **ତମ୍ ତମ୍** (ସେହି ସେହି) **ଲୋକମ୍** (ଲୋକକୁ) **ଚ** (ଏବଂ) **ତାନ୍** (ସେହି ସକଳ) **କାମାନ୍** (ଭୋଗକୁ) **ଜୟତେ** (ପ୍ରାପ୍ତ ହୁଅନ୍ତି); **ତସ୍ମାତ୍** (ସୁତରାଂ) **ଭୂତିକାମଃ** (ବିଭୂତିକାମୀ ବ୍ୟକ୍ତି) **ଆତ୍ମଜ୍ଞମ୍ ହି** (ଆତ୍ମଜ୍ଞାନୀଙ୍କୁ ହିଁ) **ଅର୍ଚୟେତ୍** (ପୂଜା କରିବେ) । ୩/୧/୧୦

ନିର୍ମଳ-ଅନ୍ତଃକରଣ ଆତ୍ମବିତ୍ ପୁରୁଷ ଯେଉଁ ଯେଉଁ ଲୋକ ବିଷୟରେ ମନ ଦ୍ୱାରା ସଂକଳ୍ପ କରନ୍ତି ଏବଂ ଯେଉଁ ସକଳ ଭୋଗ ପ୍ରାର୍ଥନା କରନ୍ତି, ସେହି ସକଳ ଲୋକ ଏବଂ ସେହି ସକଳ ଭୋଗ ପ୍ରାପ୍ତ ହୁଅନ୍ତି ।[2] ସୁତରାଂ ଯିଏ ବିଭୂତି କାମନା କରନ୍ତି, ସେ ଆତ୍ମଜ୍ଞାନୀଙ୍କର ହିଁ ପୂଜା କରିବେ[3] । ୩/୧/୧୦

॥ ତୃତୀୟ ମୁଣ୍ଡକର ପ୍ରଥମ ଖଣ୍ଡ ସମାପ୍ତ ॥

---

1. ଦୁଗ୍ଧରେ ଘୃତ ସଦୃଶ ବା କାଷ୍ଠରେ ଅଗ୍ନିସଦୃଶ ବ୍ରହ୍ମ ଦେହେନ୍ଦ୍ରିୟାଦିରେ ସର୍ବତ୍ର ଅନୁସ୍ୟୂତ ଅଛନ୍ତି; ତଥାପି ଚିତ୍ତରେ ହିଁ ତାଙ୍କର ବିଶେଷ ପ୍ରକାଶ ଏବଂ ଚିତ୍ତବୃତ୍ତିଦ୍ୱାରା ହିଁ ଇନ୍ଦ୍ରିୟାଦିର ବିଷୟ ଅଭିବ୍ୟଞ୍ଜିତ ହୁଏ । ଏଥିପାଇଁ ହିଁ ଲୋକେ ଚିତ୍ତକୁ ଚେତନ ବୋଲି ଭ୍ରମ କରନ୍ତି । ଏହି ଚିତ୍ତ ନିର୍ମଳ ହେଲେ ଯୋଗିଗଣ ସେଥିରେ ବ୍ରହ୍ମଙ୍କ ପୂର୍ଣ୍ଣ ଉପଲବ୍ଧି ପ୍ରାପ୍ତ ହୁଅନ୍ତି ।

2. ତୈ., ୩/୫-୬; ଛା., ୮/୧୨/୩

3. ବ୍ରହ୍ମବିତ୍ ବ୍ରହ୍ମ ହିଁ ହୋଇଥାଆନ୍ତି । ସୁତରାଂ ବ୍ରହ୍ମଙ୍କ ନିକଟରେ ପ୍ରାର୍ଥନା ଓ ବ୍ରହ୍ମଜ୍ଞଙ୍କ ନିକଟରେ ପ୍ରାର୍ଥନା ସମାନ । ମୁ., ୩/୨/୧

ତୃତୀୟ ମୁଣ୍ଡକ

ଦ୍ୱିତୀୟ ଖଣ୍ଡ

ସ ବେଦୈତତ୍ ପରମଂ ବ୍ରହ୍ମ ଧାମ
ୟତ୍ର ବିଶ୍ୱଂ ନିହିତଂ ଭାତି ଶୁଭ୍ରମ୍ ।
ଉପାସତେ ପୁରୁଷଂ ୟେ ହ୍ୟକାମା-
ସ୍ତେ ଶୁକ୍ରମେତଦତିବର୍ତନ୍ତି ଧୀରାଃ ॥ ୧ ॥

[ସେହି ଆତ୍ମଜ୍ଞ ପୁରୁଷ ପୂଜାର ଯୋଗ୍ୟ, କାରଣ] **ସଃ** (ସେ, ଆତ୍ମଜ୍ଞ ପୁରୁଷ) **ପରମମ୍** (ପରମ, ଉତ୍କୃଷ୍ଟ) **ଧାମ** (ପରମ ଆଶ୍ରୟ, ସର୍ବକାମନାର ଆଶ୍ରୟ) **ଏତତ୍** (ଏହି) **ବ୍ରହ୍ମ** (ବ୍ରହ୍ମଙ୍କୁ) **ବେଦ** (ଜାଣନ୍ତି)—**ୟତ୍ର** (ଯେଉଁ ବ୍ରହ୍ମରେ) **ବିଶ୍ୱମ୍** (ସମସ୍ତ ଜଗତ୍) **ନିହିତମ୍** (ସମର୍ପିତ ରହିଛି) [ଏବଂ ଯିଏ] **ଶୁଭ୍ରମ୍ ଭାତି** ([ସ୍ୱଜ୍ୟୋତିଃରେ] ନିର୍ମଳ ଜ୍ୟୋତିଃରେ ପ୍ରକାଶିତ ହୁଅନ୍ତି) । [ସେଥିପାଇଁ] **ଅକାମାଃ** (ନିଷ୍କାମ, ବିଭୂତିତୃଷ୍ଣା-ବର୍ଜିତ) **ୟେ ଧୀରାଃ ହି** (ଯେଉଁ ସକଳ ଧୀମାନ୍) **ପୁରୁଷମ୍** (ଆତ୍ମଜ୍ଞ ପୁରୁଷଙ୍କୁ) **ଉପାସତେ** (ସେବା କରନ୍ତି) **ତେ** (ସେମାନେ) **ଏତତ୍** (ଏହି) **ଶୁକ୍ରମ୍** (ଜନ୍ମକାରଣକୁ) **ଅତିବର୍ତନ୍ତି** (=**ଅତିବର୍ତନ୍ତେ**, ଅତିକ୍ରମ କରନ୍ତି) । ୩/୨/୧

ଆତ୍ମଜ୍ଞ ପୁରୁଷ ପରମ ଆଶ୍ରୟ ଏହି ବ୍ରହ୍ମଙ୍କୁ ଜାଣନ୍ତି ଯେଉଁ ବ୍ରହ୍ମରେ ସମସ୍ତ ଜଗତ୍ ସମର୍ପିତ ରହିଛି ଏବଂ ଯିଏ ନିର୍ମଳ ଜ୍ୟୋତିଃରେ ପ୍ରକାଶ ପାଆନ୍ତି । ସେଥିପାଇଁ ବିଭୂତିତୃଷ୍ଣା-ବର୍ଜିତ ଯେଉଁ ସକଳ ଧୀମାନ୍ ବ୍ୟକ୍ତି ଆତ୍ମଜ୍ଞ ପୁରୁଷଙ୍କ ସେବା କରନ୍ତି, ସେମାନେ ଏହି ଜନ୍ମକାରଣକୁ ଅତିକ୍ରମ କରନ୍ତି ଅର୍ଥାତ୍ ପୁଣି ଶରୀର ଗ୍ରହଣ କରନ୍ତି ନାହିଁ । ୩/୨/୧

କାମାନ୍ୟଃ କାମୟତେ ମନ୍ୟମାନଃ
ସ କାମଭିର୍ଜାୟତେ ତତ୍ର ତତ୍ର ।
ପର୍ୟାପ୍ତକାମସ୍ୟ କୃତାତ୍ମନସ୍ତୁ
ଇହୈବ ସର୍ବେ ପ୍ରବିଲୀୟନ୍ତି କାମାଃ ॥୨॥

[କାମନାତ୍ୟାଗ ମୁମୁକ୍ଷୁ ପକ୍ଷରେ ପ୍ରଧାନ ସାଧନା ତାହା ପ୍ରଦର୍ଶିତ ହେଉଛି]—**ୟଃ** (ଯେଉଁ ବ୍ୟକ୍ତି) **କାମାନ୍** (ଭୋଗ୍ୟବିଷୟସମୂହକୁ) **ମନ୍ୟମାନଃ** (ତଦ୍‌ଗୁଣର ଚିନ୍ତା ସହକାରେ) **କାମୟତେ** (କାମନା କରନ୍ତି) **ସଃ** (ସେ) **କାମଭିଃ** (=**କାମୈଃ** ବିଷୟବାସନା ସହ) **ତତ୍ର ତତ୍ର** (କାମ୍ୟ ସେହି ସେହି ବିଷୟ ମଧ୍ୟରେ) **ଜାୟତେ** ([ଜନ୍ମଲାଭ] କରନ୍ତି); **ତୁ** (କିନ୍ତୁ) **ପର୍ୟାପ୍ତ-କାମସ୍ୟ** (ପୂର୍ଣ୍ଣକାମ) **କୃତାତ୍ମନଃ** (ଲବ୍‌ଧାତ୍ମ ବ୍ୟକ୍ତିଙ୍କ) **ସର୍ବେ** (ସକଳ) **କାମାଃ** ([ପ୍ରବୃତ୍ତିର ହେତୁ] କାମନାସମୂହ) **ଇହ ଏବ** (ଜୀବିତାବସ୍ଥାରେ ହିଁ) **ପ୍ରବିଲୀୟନ୍ତି** (ବିଲୟ ପ୍ରାପ୍ତ ହୁଏ)—[ବୃ., ୪/୪/୬-୧୪] । ୩/୨/୨

ଯେଉଁ ବ୍ୟକ୍ତି ବିଷୟର ଗୁଣାବଳୀ ଅନୁଧ୍ୟାନପୂର୍ବକ ଭୋଗ୍ୟବିଷୟସମୂହ କାମନା କରନ୍ତି, ସେ କାମନା-ପରିବେଷ୍ଟିତ ହୋଇ ସେହି ସେହି କାମ୍ୟ ବିଷୟ ମଧ୍ୟରେ ହିଁ ଜନ୍ମଗ୍ରହଣ କରନ୍ତି । କିନ୍ତୁ ଯିଏ ପୂର୍ଣ୍ଣକାମ ଏବଂ ଯାହାଙ୍କ ଆତ୍ମା ସ୍ୱରୂପରେ ପ୍ରତିଷ୍ଠିତ ହୋଇଛି, ଜୀବିତାବସ୍ଥାରେ ହିଁ ତାଙ୍କର ସକଳ କାମନା ବିଲୀନ ହୁଏ । ୩/୨/୨

ନାୟମାତ୍ମା ପ୍ରବଚନେନ ଲଭ୍ୟୋ
ନ ମେଧୟା ନ ବହୁନା ଶ୍ରୁତେନ ।
ୟମେବୈଷ ବୃଣୁତେ ତେନ ଲଭ୍ୟ—
ସ୍ତସ୍ୟୈଷ ଆତ୍ମା ବିବୃଣୁତେ ତନୁଂ ସ୍ୱାମ୍ ॥୩॥

[ଆତ୍ମଲାଭ-ପ୍ରାର୍ଥନା ହିଁ ଆତ୍ମଲାଭର ସର୍ବୋତ୍ତମ ଉପାୟ, ଏହା ପ୍ରଦର୍ଶିତ ହେଉଅଛି]—**ଅୟମ୍** (ଉକ୍ତ) **ଆତ୍ମା** (ଆତ୍ମା) **ପ୍ରବଚନେନ** (ବହୁ ଶାସ୍ତ୍ରାଭ୍ୟାସ ଦ୍ୱାରା) **ନ ଲଭ୍ୟଃ** (ପ୍ରାପ୍ତବ୍ୟ ନୁହନ୍ତି) **ମେଧୟା** (ଗ୍ରନ୍ଥାର୍ଥଧାରଣ ଶକ୍ତି ଦ୍ୱାରା) **ନ** (ନୁହନ୍ତି) **ବହୁନା** (ବହୁ) **ଶ୍ରୁତେନ** (ଶ୍ରବଣ ଦ୍ୱାରା) **ନ** (ନୁହନ୍ତି); **ଏଷଃ** (ଏହି ବିଦ୍ୱାନ୍, ସାଧକ) **ୟମ ଏବ** (ଯେଉଁ ପରମାତ୍ମାଙ୍କୁ ହିଁ) **ବୃଣୁତେ** (ପାଇବାକୁ ଇଚ୍ଛା କରନ୍ତି) **ତେନ** (ସେହି ବରଣ ଦ୍ୱାରା) **ଲଭ୍ୟଃ** (ପ୍ରାପ୍ତବ୍ୟ); **ତସ୍ୟ** (ସେହି

ମୁମୁକ୍ଷୁଙ୍କର) **ଏଷଃ** (ଏହି) **ଆତ୍ମା** (ଆତ୍ମା) **ସ୍ୱାମ୍** (ସ୍ୱୀୟ) **ତନୁମ୍** ([ପାଠାନ୍ତର—**ତନୂମ୍**] ପାରମାର୍ଥିକ ସ୍ୱରୂପ) **ବିବୃଣୁତେ** (ପ୍ରକାଶ କରନ୍ତି) । ୩/୨/୩

ବହୁ ଶାସ୍ତ୍ରାଭ୍ୟାସ ଦ୍ୱାରା ଉକ୍ତ ଆତ୍ମାଙ୍କୁ ପାଇ ହୁଏ ନାହିଁ, ମେଧା ଦ୍ୱାରା ମଧ୍ୟ ନୁହେଁ, ବହୁ ଶ୍ରବଣ ଦ୍ୱାରା ମଧ୍ୟ[1] ନୁହେଁ; ସାଧକ ଯେଉଁ ପରମାତ୍ମାଙ୍କୁ ବରଣ କରନ୍ତି, ସେହି ଆତ୍ମବରଣ[2] ଦ୍ୱାରା ହିଁ ସେ ଲଭ୍ୟ; ସେହି ମୁମୁକ୍ଷୁଙ୍କର ଏହି ଆତ୍ମା ହିଁ ସ୍ୱୀୟ ପାରମାର୍ଥିକ ସ୍ୱରୂପ ପ୍ରକାଶ କରନ୍ତି[3] । ୩/୨/୩

ନାୟମାତ୍ମା ବଲହୀନେନ ଲଭ୍ୟୋ
ନ ଚ ପ୍ରମାଦାତ୍ତପସୋ ବାପ୍ୟଲିଙ୍ଗାତ୍ ।
ଏତୈରୁପାୟୈର୍ଯତତେ ଯସ୍ତୁ ବିଦ୍ୱାଂ-
ସ୍ତସ୍ୟୈଷ ଆତ୍ମା ବିଶତେ ବ୍ରହ୍ମଧାମ ॥୪॥

ଅୟମ୍ (ଏହି) **ଆତ୍ମା** (ଆତ୍ମା) **ବଲହୀନେନ** (ମିଥ୍ୟାଜ୍ଞାନରେ ଅଭିଭୂତ ବ୍ୟକ୍ତିଙ୍କ ଦ୍ୱାରା, ଆତ୍ମନିଷ୍ଠା-ଜନିତ ବଳ ଯାହାର ନାହିଁ ତାହା ଦ୍ୱାରା) **ନ ଲଭ୍ୟଃ** (ପ୍ରାପ୍ତବ୍ୟ ନୁହନ୍ତି) **ପ୍ରମାଦାତ୍** (ଆତ୍ମନିଷ୍ଠାରେ ଅମନୋଯୋଗ, ଲୌକିକ ବସ୍ତୁରେ ଆସକ୍ତି) **ବା** (ଅଥବା) **ଅଲିଙ୍ଗାତ୍** (ସନ୍ନ୍ୟାସରହିତ) **ତପସଃ ଅପି ଚ** (ଜ୍ଞାନରୁ ମଧ୍ୟ) **ନ** ([ଲଭ୍ୟ] ନୁହନ୍ତି); **ତୁ** (କିନ୍ତୁ) **ଏତୈଃ ଉପାୟୈଃ** (ଏହି ସକଳ ସାଧନ—ଅର୍ଥାତ ବଳ, ଅପ୍ରମାଦ, ସନ୍ନ୍ୟାସ ଓ ଜ୍ଞାନ-ସହାୟରେ) **ୟଃ ବିଦ୍ୱାନ୍** (ଯେଉଁ ବିବେକୀ) **ୟତତେ** (ଯତ୍ନ କରନ୍ତି) **ତସ୍ୟ** (ତାଙ୍କର) **ଏଷଃ ଆତ୍ମା** (ଏହି ଆତ୍ମା) **ବ୍ରହ୍ମଧାମ** (ସର୍ବାଶ୍ରୟ ବ୍ରହ୍ମଙ୍କଠାରେ) **ବିଶତେ** (=**ବିଶତି**, ପ୍ରବେଶ କରନ୍ତି) । ୩/୨/୪

ଏହି ଆତ୍ମା ବଳହୀନ ଦ୍ୱାରା ଲଭ୍ୟ ନୁହନ୍ତି, ପ୍ରମାଦ ଦ୍ୱାରା ଅଥବା ସନ୍ନ୍ୟାସରହିତ ଜ୍ଞାନ ଦ୍ୱାରା ମଧ୍ୟ ଲଭ୍ୟ ନୁହନ୍ତି[4]; କିନ୍ତୁ ଯେଉଁ ବିବେକୀ ଏହି ସକଳ

---

1. ଉପନିଷଦ୍-ବିଚାର-ବ୍ୟତିରିକ୍ତ ଶ୍ରବଣ ଦ୍ୱାରା ।

2. "ମୁଁ ପରମାତ୍ମା"—ଏହିପ୍ରକାର ଅଭେଦାନୁସନ୍ଧାନ ହିଁ ବରଣ ।

3. କ., ୧/୨/୨୩; କଠୋପନିଷଦ୍‌ର ଉକ୍ତ ମନ୍ତ୍ରରେ ପରମାତ୍ମାଙ୍କ କୃପା ପ୍ରତି ଓ ବର୍ତ୍ତମାନ ଉଲ୍ଲିଖିତ ମନ୍ତ୍ରରେ ସାଧନଭୂତ ବରଣ ପ୍ରତି ଅଧିକ ଦୃଷ୍ଟି ରଖି ଏକ ହିଁ ମନ୍ତ୍ରର ଦୁଇଟି ଭିନ୍ନ ଅର୍ଥ କରାଯାଇଛି ।

4. "ଇନ୍ଦ୍ର, ଜନକ, ଗାର୍ଗୀ ପ୍ରଭୃତି ମଧ୍ୟ ଆତ୍ମଜ୍ଞାନ ଲାଭ କରିଛନ୍ତି; ସୁତରାଂ 'ସନ୍ନ୍ୟାସ-ରହିତ ଜ୍ଞାନ ଦ୍ୱାରା ଲଭ୍ୟ ନୁହନ୍ତି' ଏହା କିପରି ହୋଇପାରେ ? ଏହାର ଉତ୍ତର ହେଉଛି ସର୍ବତ୍ୟାଗର ନାମ ସନ୍ନ୍ୟାସ । ସେମାନଙ୍କର ମମତ୍ୱାଭିମାନ ନ ଥିବାରୁ ଅନ୍ତର-ସନ୍ନ୍ୟାସ ଅବଶ୍ୟ ଥିଲା । ବାହ୍ୟ

ଉପାୟ ଅବଲମ୍ବନରେ ଯତ୍ନ କରନ୍ତି, ତାଙ୍କରି ଆତ୍ମା ସର୍ବାଶ୍ରୟ ବ୍ରହ୍ମଙ୍କଠାରେ ପ୍ରବେଶ କରନ୍ତି । ୩/୨/୪

ସମ୍ପ୍ରାପ୍ୟୈନମୃଷୟୋ ଜ୍ଞାନତୃପ୍ତାଃ
କୃତାତ୍ମାନୋ ବୀତରାଗାଃ ପ୍ରଶାନ୍ତାଃ ।
ତେ ସର୍ବଗଂ ସର୍ବତଃ ପ୍ରାପ୍ୟ ଧୀରା
ଯୁକ୍ତାତ୍ମାନଃ ସର୍ବମେବାବିଶନ୍ତି ॥୫॥

ଏନମ୍ (ଏହି ଆତ୍ମାକୁ) **ସମ୍ପ୍ରାପ୍ୟ** (ସମ୍ୟକ୍ ଅବଗତ ହୋଇ) **ଋଷୟଃ** (ସତ୍ୟଦର୍ଶୀଗଣ) **ଜ୍ଞାନତୃପ୍ତାଃ** (ଜ୍ଞାନଦ୍ୱାରା ତୃପ୍ତ) **କୃତାତ୍ମାନଃ** (ପରମାତ୍ମାସ୍ୱରୂପରେ ପ୍ରତିଷ୍ଠିତ) **ବୀତରାଗାଃ** (ଆସକ୍ତିଶୂନ୍ୟ) **ପ୍ରଶାନ୍ତାଃ** (ସଂଯତ-ଇନ୍ଦ୍ରିୟ)—**ତେ** (ଏପରି ଗୁଣଯୁକ୍ତ ସେମାନେ) **ଧୀରାଃ** (ଅତ୍ୟନ୍ତ ବିବେକୀ) **ଯୁକ୍ତାତ୍ମାନଃ** (ନିତ୍ୟସମାହିତ-ସ୍ୱଭାବ ବ୍ୟକ୍ତିଗଣ) **ସର୍ବଗମ୍** (ସର୍ବବ୍ୟାପୀ ବ୍ରହ୍ମଙ୍କୁ) **ସର୍ବତଃ** (ସର୍ବତ୍ର) **ପ୍ରାପ୍ୟ** (ଆତ୍ମସ୍ୱରୂପରେ ପାଇ) [ଶରୀର ତ୍ୟାଗ କଳରେ ମଧ୍ୟ] **ସର୍ବମ୍ ଏବ** (ସର୍ବସ୍ୱରୂପରେ ହିଁ) **ଆବିଶନ୍ତି** (ପ୍ରବେଶ କରନ୍ତି) । ୩/୨/୫

ଏହି ଆତ୍ମାଙ୍କୁ ଅବଗତ ହେଲେ ସାକ୍ଷାତ୍କାରୀଗଣ ଜ୍ଞାନ ବ୍ୟତୀତ ଅନ୍ୟ କିଛିରେ ତୃପ୍ତ ହୁଅନ୍ତି ନାହିଁ । ସେମାନଙ୍କ ଆତ୍ମା ପରମାତ୍ମାରେ ପ୍ରତିଷ୍ଠିତ ହୁଏ । ସେମାନେ ଆସକ୍ତିଶୂନ୍ୟ ଓ ସଂଯତ-ଇନ୍ଦ୍ରିୟ ହୁଅନ୍ତି । ଏପରି ଗୁଣଯୁକ୍ତ ଧୀର ଓ ନିତ୍ୟସମାହିତ ବ୍ୟକ୍ତିଗଣ ଜୀବନକାଳରେ ସର୍ବବ୍ୟାପୀ ବ୍ରହ୍ମଙ୍କୁ ସର୍ବତ୍ର ପ୍ରାପ୍ତ ହୋଇ (ଶରୀର ତ୍ୟାଗ କାଳରେ ମଧ୍ୟ) ସର୍ବସ୍ୱରୂପରେ ହିଁ ପ୍ରବେଶ କରନ୍ତି । ୩/୨/୫

ବେଦାନ୍ତବିଜ୍ଞାନସୁନିଶ୍ଚିତାର୍ଥାଃ
ସନ୍ନ୍ୟାସଯୋଗାଦ୍ ଯତୟଃ ଶୁଦ୍ଧସତ୍ତ୍ୱାଃ ।
ତେ ବ୍ରହ୍ମଲୋକେଷୁ ପରାନ୍ତକାଲେ
ପରାମୃତାଃ ପରିମୁଚ୍ୟନ୍ତି ସର୍ବେ ॥୬॥

ବେଦାନ୍ତ-ବିଜ୍ଞାନ-ସୁନିଶ୍ଚିତ-ଅର୍ଥାଃ (ବେଦାନ୍ତଜନିତ ବିଜ୍ଞାନର ବିଷୟ ପରମାତ୍ମା ଯେଉଁମାନଙ୍କ ନିକଟରେ ଉତ୍ତମରୂପେ ନିଶ୍ଚିତ ହୋଇଛନ୍ତି) **ସନ୍ନ୍ୟାସ-**

ଚିହ୍ନ ବିବକ୍ଷିତ ନୁହେଁ, କାରଣ ସ୍ମୃତିରେ ଅଛି, '**ନ ଲିଙ୍ଗଂ ଧର୍ମକାରଣମ୍**' (ବାହ୍ୟ ଚିହ୍ନ ଧର୍ମର ଲକ୍ଷଣ ନୁହେଁ) । କିନ୍ତୁ ବିବକ୍ଷିତ ଅର୍ଥ ହେଉଛି, କର୍ମରହିତ ଜ୍ଞାନ ଦ୍ୱାରା ଲଭ୍ୟ" । —ଆନନ୍ଦଗିରି

ଯୋଗାତ୍ (ସର୍ବକର୍ମତ୍ୟାଗପୂର୍ବକ କେବଳ ବ୍ରହ୍ମନିଷ୍ଠ ହେବା ରୂପକ ଯୋଗର ଅବଲମ୍ବନରେ) **ଶୁଦ୍ଧସତ୍ତ୍ୱାଃ** (ଯେଉଁମାନେ ବିଶୁଦ୍ଧଚିତ୍ତ ହୋଇଛନ୍ତି) **ଯତୟଃ** (ଯେଉଁମାନେ ଯତ୍ନଶୀଳ) **ତେ ସର୍ବେ** (ସେମାନେ ସମସ୍ତେ) **ପର-ଅମୃତାଃ** ([ଜୀବିତ ଅବସ୍ଥାରେ ହିଁ] ବ୍ରହ୍ମଙ୍କ ସହିତ ଏକାତ୍ମଭୂତ ହୋଇ) [**'ପରମ୍ ଅମୃତମ୍ ଅମରଣଧର୍ମକଂ ବ୍ରହ୍ମ ଆତ୍ମଭୂତଂ ଯେଷାଂ ତେ ପରାମୃତାଃ ଜୀବନ୍ତ ଏବ ବ୍ରହ୍ମଭୂତା'**—ଶଙ୍କର ।] **ବ୍ରହ୍ମଲୋକେଷୁ** (ବ୍ରହ୍ମରୂପକ ଲୋକରେ) **ପର ଅନ୍ତକାଲେ** (ଉତ୍ତମ ବା ଚରମ ଦେହତ୍ୟାଗ ବେଳେ) **ପରିମୁଚ୍ୟନ୍ତି** ([ଦେଶାନ୍ତର ନ ଯାଇ ମଧ୍ୟ] ସର୍ବତ୍ର [ପ୍ରଦୀପ ନିର୍ବାଣବତ୍] ନିର୍ବାଣ ପ୍ରାପ୍ତ ହୁଅନ୍ତି, ପୂର୍ଣ୍ଣରୂପରେ ମୁକ୍ତ ହୁଅନ୍ତି) । ୩/୨/୬

ବେଦାନ୍ତଜନିତ ବିଜ୍ଞାନର ବିଷୟ ପରମାତ୍ମା ଯେଉଁମାନଙ୍କ ନିକଟରେ ସୁନିଶ୍ଚିତ ହୋଇଛନ୍ତି, ସନ୍ନ୍ୟାସ-ଯୋଗ-ଅବଲମ୍ବନରେ ଯେଉଁମାନେ ବିଶୁଦ୍ଧଚିତ୍ତ ହୋଇଛନ୍ତି ଏବଂ ଯେଉଁମାନେ ଯତ୍ନଶୀଳ, ସେମାନେ ସମସ୍ତେ (ଜୀବଦ୍ଦଶାରେ ହିଁ) ପରମାତ୍ମାଙ୍କ[1] ସହିତ ଏକୀଭୂତ ହୋଇ ଚରମ ଦେହତ୍ୟାଗ[2] କାଳରେ ପୂର୍ଣ୍ଣରୂପରେ ମୁକ୍ତ ହୁଅନ୍ତି । ୩/୨/୬

ଗତାଃ କଲାଃ ପଞ୍ଚଦଶ ପ୍ରତିଷ୍ଠା
ଦେବାଶ୍ଚ ସର୍ବେ ପ୍ରତିଦେବତାସୁ ।
କର୍ମାଣି ବିଜ୍ଞାନମୟଶ୍ଚ ଆତ୍ମା
ପରେଽବ୍ୟୟେ ସର୍ବ ଏକୀଭବନ୍ତି ॥୭॥

[ସେହି ମୋକ୍ଷକାଳରେ] **ପଞ୍ଚଦଶ କଲାଃ** (ଶରୀର ସୃଷ୍ଟିର କାରଣ ପ୍ରାଣାଦି ପଞ୍ଚଦଶ ଅବୟବ) **ପ୍ରତିଷ୍ଠାଃ** (ସ୍ୱ ସ୍ୱ କାରଣକୁ) **ଗତାଃ** (ଗତ ହୁଅନ୍ତି) **ସର୍ବେ** (ସକଳ) **ଦେବାଃ ଚ** (ଇନ୍ଦ୍ରିୟାଧିଷ୍ଠାତ୍ରୀ ଦେବତାଗଣ ମଧ୍ୟ) **ପ୍ରତି ଦେବତାସୁ** (ମୂଳ ଦେବତା ଆଦିତ୍ୟାଦିକୁ) [ଗମନ କରନ୍ତି]; **କର୍ମାଣି** (ଅପ୍ରବୃତ୍ତ-ଫଳ, ସଞ୍ଚିତ,

---

1. ମନ୍ତ୍ରର **ବ୍ରହ୍ମଲୋକେଷୁ** ଶବ୍ଦରେ ବହୁବଚନ; କାରଣ ଏକ ହିଁ ବ୍ରହ୍ମ ବହୁରୂପରେ ଦୃଷ୍ଟ ହୁଅନ୍ତି ।

2. ସାଧାରଣ ଲୋକର ଦେହତ୍ୟାଗ **ପର-ଅନ୍ତକାଲ** ବା ଚରମ ଦେହତ୍ୟାଗ ନୁହେଁ, କାରଣ ସେମାନେ ପୁନରାୟ ଜନ୍ମଗ୍ରହଣ କରନ୍ତି । ମୁକ୍ତ ପୁରୁଷ ଅନ୍ୟତ୍ର ଗମନ କରନ୍ତି ନାହିଁ । ଘଟ ଭଗ୍ନ ହେଲେ ଘଟାକାଶ ଯେପରି ମହାକାଶରେ ଏକୀଭୂତ ହୁଏ, ସେ ମଧ୍ୟ ସେହିପରି ସର୍ବବ୍ୟାପୀ ବ୍ରହ୍ମରେ ଲୀନ ହୁଅନ୍ତି ।

କର୍ମସମୂହ) **ଚ** (ଏବଂ) **ବିଜ୍ଞାନମୟଃ** (ବୁଦ୍ଧିରେ ଉପହିତ) **ଆତ୍ମା** (ଜୀବାତ୍ମା) **ସର୍ବେ** (ସର୍ବସ୍ୱରୂପ) **ପରେ** (ସର୍ବୋତ୍ତମ) **ଅବ୍ୟୟେ** (ଅକ୍ଷର ବ୍ରହ୍ମରେ) **ଏକୀଭବନ୍ତି** (ଏକତ୍ୱ ପ୍ରାପ୍ତ ହୁଅନ୍ତି) [ପ୍ର., ୬/୪-୫] । ୩/୨/୭

(ସେହି ମୋକ୍ଷକାଳରେ) ପ୍ରାଣାଦି ପଞ୍ଚଦଶ କଳା ସ୍ୱ ସ୍ୱ କାରଣକୁ ଗମନ କରନ୍ତି, ଇନ୍ଦ୍ରିୟାଧିଷ୍ଠାତ୍ରୀ ଦେବତାଗଣ ମଧ୍ୟ ମୂଳଦେବତା ଆଦିତ୍ୟାଦିକୁ ଗମନ କରନ୍ତି ଏବଂ (ଅପ୍ରବୃତ୍ତ-ଫଳ) କର୍ମସମୂହ ଓ ବୁଦ୍ଧିରେ ଉପହିତ ଜୀବାତ୍ମା ସର୍ବସ୍ୱରୂପ ସର୍ବୋତ୍ତମ ଅକ୍ଷର ବ୍ରହ୍ମରେ ଏକତ୍ୱ ପ୍ରାପ୍ତ ହୁଅନ୍ତି । ୩/୨/୭

ଯଥା ନଦ୍ୟଃ ସ୍ୟନ୍ଦମାନାଃ ସମୁଦ୍ରେ-
ଽସ୍ତଂ ଗଚ୍ଛନ୍ତି ନାମରୂପେ ବିହାୟ ।
ତଥା ବିଦ୍ୱାନ୍ନାମରୂପାଦ୍ୱିମୁକ୍ତଃ
ପରାତ୍ପରଂ ପୁରୁଷମୁପୈତି ଦିବ୍ୟମ୍ ॥୮॥

ସ୍ୟନ୍ଦମାନାଃ (ପ୍ରବହମାନ) **ନଦ୍ୟଃ** (ନଦୀସମୂହ) **ଯଥା** (ଯେପରି) **ନାମରୂପେ** (ନାମ ଓ ରୂପ) **ବିହାୟ** (ତ୍ୟାଗ କରି) **ସମୁଦ୍ରେ** (ସାଗରରେ) **ଅସ୍ତମ୍ ଗଚ୍ଛନ୍ତି** (ଏକତ୍ୱଭାବ ପ୍ରାପ୍ତ ହୁଅନ୍ତି) **ତଥା** (ସେପରି) **ବିଦ୍ୱାନ୍** (ବ୍ରହ୍ମବିତ୍) **ନାମରୂପାତ୍** (ନାମ ଓ ରୂପଠାରୁ) **ବିମୁକ୍ତଃ** (ବିମୁକ୍ତ ହୋଇ) **ପରାତ୍** (ଅବ୍ୟାକୃତରୁ) **ପରମ୍** (ଶ୍ରେଷ୍ଠ) **ଦିବ୍ୟମ୍** (ସ୍ୱପ୍ରକାଶ) **ପୁରୁଷମ୍** (ପୂର୍ଣ୍ଣଙ୍କୁ, ପରମାତ୍ମାଙ୍କୁ) **ଉପୈତି** (ପ୍ରାପ୍ତ ହୁଅନ୍ତି) । ୩/୨/୮

ପ୍ରବହମାନ ନଦୀସମୂହ ଯେପରି ନାମ ଓ ରୂପ ତ୍ୟାଗ କରି ସାଗର ସହିତ ଏକତ୍ୱ ପ୍ରାପ୍ତ ହୁଅନ୍ତି, ବ୍ରହ୍ମଜ୍ଞ ମଧ୍ୟ ସେହିପରି ନାମ ଓ ରୂପଠାରୁ ବିମୁକ୍ତ ହୋଇ ଅବ୍ୟାକୃତ ଅପେକ୍ଷା ଶ୍ରେଷ୍ଠ ସ୍ୱପ୍ରକାଶ ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି । ୩/୨/୮

ସ ଯୋ ହ ବୈ ତତ୍ପରମଂ ବ୍ରହ୍ମ ବେଦ ବ୍ରହ୍ମୈବ ଭବତି ନାସ୍ୟାବ୍ରହ୍ମବିତ୍କୁଲେ ଭବତି । ତରତି ଶୋକଂ ତରତି ପାପ୍ମାନଂ ଗୁହାଗ୍ରନ୍ଥିଭ୍ୟୋ ବିମୁକ୍ତୋଽମୃତୋ ଭବତି ॥୯॥

ଯଃ ହ ବୈ (ଯେ କେହି) **ତତ୍** (ସେହି) **ପରମମ୍ ବ୍ରହ୍ମ** (ପରବ୍ରହ୍ମଙ୍କୁ) **ବେଦ** (ଜାଣନ୍ତି) **ସଃ** (ସେ) **ବ୍ରହ୍ମ ଏବ** (ବ୍ରହ୍ମ ହିଁ) **ଭବତି** (ହୋଇଥାଆନ୍ତି); **ଅସ୍ୟ** (ଏହାଙ୍କ) **କୁଲେ** (ବଂଶରେ) **ଅବ୍ରହ୍ମବିତ୍** (ଅବ୍ରହ୍ମଜ୍ଞ) **ନ ଭବତି** (ହୁଅନ୍ତି ନାହିଁ);

[ସେ] **ଶୋକମ୍** (ମାନସ ସନ୍ତାପ) **ତରତି** (ଅତିକ୍ରମ କରନ୍ତି) **ପାପ୍ମାନମ୍** (ପାପକୁ, ଧର୍ମାଧର୍ମକୁ) **ତରତି** (ଅତିକ୍ରମ କରନ୍ତି) [ସେ] **ଗୁହାଗ୍ରନ୍ଥିଭ୍ୟଃ** (ହୃଦୟସ୍ଥିତ ଅବିଦ୍ୟାଗ୍ରନ୍ଥିସମୂହଠାରୁ) **ବିମୁକ୍ତଃ** (ନିର୍ମୁକ୍ତ ହୋଇ) **ଅମୃତଃ** (ଅମର) **ଭବତି** (ହୁଅନ୍ତି)—[କ., ୨/୩/୧୪] । ୩/୨/୯

ଯେକେହି ସେହି ପରବ୍ରହ୍ମଙ୍କୁ ଜାଣନ୍ତି, ସେ ବ୍ରହ୍ମ ହିଁ ହୋଇଥାଆନ୍ତି । ଏହାଙ୍କ କୁଳରେ କେହି ଅବ୍ରହ୍ମବିତ୍ ହୁଅନ୍ତି ନାହିଁ । ସେ ମାନସ ସନ୍ତାପ ଅତିକ୍ରମ କରନ୍ତି ଏବଂ ଧର୍ମାଧର୍ମ ଅତିକ୍ରମ କରନ୍ତି । ସେ ହୃଦୟସ୍ଥ ଅବିଦ୍ୟାଗ୍ରନ୍ଥିସମୂହଠାରୁ ନିର୍ମୁକ୍ତ ହୋଇ ଅମର ହୁଅନ୍ତି । ୩/୨/୯

ତଦେତଦୃଚାଽଭ୍ୟୁକ୍ତମ୍—

କ୍ରିୟାବନ୍ତଃ ଶ୍ରୋତ୍ରିୟା ବ୍ରହ୍ମନିଷ୍ଠାଃ
ସ୍ୱୟଂ ଜୁହ୍ୱତ ଏକର୍ଷିଂ ଶ୍ରଦ୍ଧୟନ୍ତଃ ।
ତେଷାମେବୈତାଂ ବ୍ରହ୍ମବିଦ୍ୟାଂ ବଦେତ
ଶିରୋବ୍ରତଂ ବିଧିବଦ୍ୟୈସ୍ତୁ ଚୀର୍ଣ୍ଣମ୍ ॥୧୦॥

ତତ୍ (ଉକ୍ତ ବ୍ରହ୍ମବିଦ୍ୟାବିଷୟକ) **ଏତତ୍** (ଏହି ସମ୍ପ୍ରଦାନ-ବିଧି) **ଋଚା** (ମନ୍ତ୍ରରେ) **ଅଭ୍ୟୁକ୍ତମ୍** (କୁହାହୋଇଛି)—[ଯେଉଁମାନେ] **କ୍ରିୟାବନ୍ତଃ** (ଯଥାବିଧି କର୍ମପରାୟଣ) **ଶ୍ରୋତ୍ରିୟାଃ** (ବେଦପରାୟଣ) **ବ୍ରହ୍ମନିଷ୍ଠାଃ** (ଅପର ବ୍ରହ୍ମୋପାସକ) **ଶ୍ରଦ୍ଧୟନ୍ତଃ** (ଶ୍ରଦ୍ଧାଶୀଳ ହୋଇ) **ସ୍ୱୟମ୍** (ସ୍ୱୟଂ) **ଏକର୍ଷିମ୍** (ଏକର୍ଷି ନାମକ ଅଗ୍ନିକୁ) **ଜୁହ୍ୱତେ**(=**ଜୁହ୍ୱତି**, ଆହୁତି ପ୍ରଦାନ କରନ୍ତି) **ଯୈଃ ତୁ** (ଏବଂ ଯେଉଁମାନଙ୍କ ଦ୍ୱାରା) **ବିଧିବତ୍** (ଯଥାବିଧି) **ଶିରୋବ୍ରତମ୍** (ମସ୍ତକରେ ଅଗ୍ନିଧାରଣରୂପକ ବ୍ରତ) **ଚୀର୍ଣ୍ଣମ୍** (ଆଚରିତ ହୋଇଅଛି) **ତେଷାମ୍ ଏବ** (ତାଙ୍କରି ନିକଟରେ) **ଏତାମ୍** (ଏହି) **ବ୍ରହ୍ମବିଦ୍ୟାମ୍** (ବ୍ରହ୍ମବିଦ୍ୟା) **ବଦେତ** (କହିବ) । ୩/୨/୧୦

ଉକ୍ତ ବ୍ରହ୍ମବିଦ୍ୟା କିପରି ଦାନ କରିବାକୁ ହେବ, ତାହା ଏହି ମନ୍ତ୍ରରେ ବର୍ଣ୍ଣିତ ହୋଇଛି—ଯେଉଁମାନେ ଯଥାଶାସ୍ତ୍ର କର୍ମପରାୟଣ, ବେଦନିଷ୍ଠ ଓ ଅପର ବ୍ରହ୍ମୋପାସକ, ଯେଉଁମାନେ ଶ୍ରଦ୍ଧାସହକାରେ ଏକର୍ଷି ନାମକ ଅଗ୍ନିରେ ସ୍ୱୟଂ ଆହୁତି ପ୍ରଦାନ କରନ୍ତି ଏବଂ ଯେଉଁମାନେ ମସ୍ତକରେ ଅଗ୍ନିଧାରଣରୂପକ ବ୍ରତ[1] ଯଥାବିଧି ଆଚରଣ କରିଛନ୍ତି, ତାଙ୍କରି ନିକଟରେ ଏହି ବ୍ରହ୍ମବିଦ୍ୟା କହିବ । ୩/୨/୧୦

1. ଆଥର୍ବଣମାନଙ୍କ ପାଇଁ ଏହି ବ୍ରତ, ଅନ୍ୟମାନଙ୍କ ପାଇଁ ନୁହେଁ ।

ତଦେତତ୍ ସତ୍ୟମୃଷିରଙ୍ଗିରାଃ ପୁରୋବାଚ ନୈତଦଚୀର୍ଣ୍ଣବ୍ରତୋଽଧୀତେ । ନମଃ ପରମରଷିଭ୍ୟୋ ନମଃ ପରମରଷିଭ୍ୟଃ ॥୧୧॥

ଇତି ତୃତୀୟମୁଣ୍ଡକେ ଦ୍ୱିତୀୟଃ ଖଣ୍ଡଃ ॥

ଇତି ମୁଣ୍ଡକୋପନିଷଦ୍ ସମାପ୍ତା ॥

ତତ୍ (ସେହି) **ସତ୍ୟମ୍** (ସତ୍ୟସ୍ୱରୂପ) **ଏତତ୍** (ଏହି ଅକ୍ଷର ପୁରୁଷଙ୍କୁ) **ପୁରା** (ପୂର୍ବକାଳରେ) **ଅଙ୍ଗିରାଃ** (ଅଙ୍ଗିରା) **ଋଷିଃ** (ଋଷି) [ଶୌନକଙ୍କ ନିକଟରେ] **ଉବାଚ** (କହିଥିଲେ) । **ଅଚୀର୍ଣ୍ଣବ୍ରତଃ** (ଯିଏ ବ୍ରତ ଆଚରଣ କରି ନାହିଁ ସେ) **ଏତତ୍** (ଏହି ଗ୍ରନ୍ଥ) **ନ ଅଧୀତେ** (ପାଠ କରିବେ ନାହିଁ [ପାଠ କରିବା ଉଚିତ ନୁହେଁ]) । **ପରମ-ଋଷିଭ୍ୟଃ** (ପରମ ଋଷିଗଣଙ୍କୁ) **ନମଃ** (ନମସ୍କାର) **ପରମଋଷିଭ୍ୟ ନମଃ** (ପରମ ଋଷିଗଣଙ୍କୁ ନମସ୍କାର)—ଶ୍ରଦ୍ଧା, ଅନୁରାଗ ଭାବ ଏବଂ ସମାପ୍ତି ବୁଝାଇବା ପାଇଁ ପୁନରୁକ୍ତି ହୋଇଅଛି । ୩/୨/୧୧

ପୂର୍ବକାଳରେ ଅଙ୍ଗିରା ଋଷି [ଶୌନକଙ୍କ ନିକଟରେ] ଏହି ସତ୍ୟସ୍ୱରୂପ ଅକ୍ଷର ପୁରୁଷଙ୍କ ଉପଦେଶ କହିଥିଲେ । ଯିଏ ବ୍ରତ ଆଚରଣ କରି ନାହାନ୍ତି, ସେ ଏହା ପାଠ କରିବେ ନାହିଁ ।[1] ପରମ ଋଷିଗଣଙ୍କୁ ନମସ୍କାର, ପରମ ଋଷିଗଣଙ୍କୁ ନମସ୍କାର । ୩/୨/୧୧

॥ ତୃତୀୟ ମୁଣ୍ଡକର ଦ୍ୱିତୀୟ ଖଣ୍ଡ ସମାପ୍ତ ॥

॥ ମୁଣ୍ଡକ ଉପନିଷଦ୍ ସମାପ୍ତ ॥

ଶାନ୍ତିପାଠ

ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିର୍ବ୍ୟଶେମ ଦେବହିତଂ ୟଦାୟୁଃ ॥
ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

---

1. କାରଣ ବ୍ରତ ଅନୁଷ୍ଠାନ ଦ୍ୱାରା ଶୁଦ୍ଧଚିତ୍ତ ସାଧକ ହିଁ କେବଳ ଏହାର ମର୍ମାର୍ଥ ବୁଝି ଫଳ ଲାଭ ପାଇଁ ସମର୍ଥ ହେବେ ଅନ୍ୟ କେହି ନୁହେଁ ।

ଅଥର୍ବବେଦୀୟ

ମାଣ୍ଡୂକ୍ୟୋପନିଷଦ୍

ଶାନ୍ତିପାଠ

ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିର୍ବ୍ୟଶେମ ଦେବହିତଂ ୟଦାୟୁଃ ॥
ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

[ହେ] **ଦେବାଃ** (ଦେବଗଣ) **କର୍ଣ୍ଣେଭିଃ**, (=**କର୍ଣ୍ଣୈଃ**, ଶ୍ରୋତ୍ରସମୂହ ଦ୍ୱାରା) **ଭଦ୍ରମ୍** (କଲ୍ୟାଣବଚନ) **ଶୃଣୁୟାମ** (ଶୁଣିବାକୁ ଯେପରି ସମର୍ଥ ହେଉ); [ହେ] **ୟଜତ୍ରାଃ** (ଯଜ୍ଞନୀୟ ଦେବଗଣ) **ଅକ୍ଷଭଃ** (=**ଅକ୍ଷିଭିଃ**, ଚକ୍ଷୁଦ୍ୱାରା) **ଭଦ୍ରମ୍** (ସୁଶୋଭନ ଦ୍ରବ୍ୟ, ପୁଷ୍ପାଦି) **ପଶ୍ୟେମ** (ଦର୍ଶନ କରିବାକୁ ଯେପରି ସମର୍ଥ ହେଉ); **ସ୍ଥିରୈଃ** (ଦୃଢ଼, ଅଚଞ୍ଚଳ) **ଅଙ୍ଗୈଃ** (ହସ୍ତପଦାଦି ଅଙ୍ଗପ୍ରତ୍ୟଙ୍ଗ) [ଏବଂ] **ତନୂଭିଃ** (ଶରୀର ସହିତ [ଯୁକ୍ତ ହୋଇ ଆମେ]) **ତୁଷ୍ଟୁବାଂସଃ** (ଆପଣମାନଙ୍କର ସ୍ତବ କରି) **ଦେବହିତମ୍** (ପ୍ରଜାପତିଙ୍କ ଦ୍ୱାରା ବିହିତ, ଅଥବା ଦେବକର୍ମରତ) **ୟତ୍** (ଯେଉଁ) **ଆୟୁଃ** (ଜୀବନକାଳ) [ତାହା] **ବ୍ୟଶେମ** (ଯେପରି ପ୍ରାପ୍ତ ହେଉ) ।

ବୃଦ୍ଧଶ୍ରବା (ମହାନ୍ ଯଶସ୍ୱୀ) **ଇନ୍ଦ୍ରଃ (ଇନ୍ଦ୍ରଦେବ) ନଃ** (ଆମମାନଙ୍କର) **ସ୍ୱସ୍ତି ଦଧାତୁ** (ମଙ୍ଗଳ କରନ୍ତୁ); **ବିଶ୍ୱବେଦାଃ** (ସମସ୍ତ ଜ୍ଞାନର ଧାର) **ପୂଷା** (ଜଗତ୍‌ର ପୋଷଣକାରୀ ଦେବତା, ପୂଷାଦେବ) **ନଃ** (ଆମମାନଙ୍କର) **ସ୍ୱସ୍ତି** [ଦଧାତୁ] (କଲ୍ୟାଣ କରନ୍ତୁ) **ଅରିଷ୍ଟନେମିଃ** (ଅରିଷ୍ଟ-ନିବାରଣକାରୀ) **ତାର୍କ୍ଷ୍ୟ** (ଗରୁଡ଼ଦେବ) **ନଃ** (ଆମମାନଙ୍କର) **ସ୍ୱସ୍ତି** [ଦଧାତୁ] (ମଙ୍ଗଳ କରନ୍ତୁ) **ବୃହସ୍ପତି** (ଦେବଗୁରୁ ବୃହସ୍ପତି) **ନଃ** (ଆମମାନଙ୍କର) **ସ୍ୱସ୍ତି** [ଦଧାତୁ](ମଙ୍ଗଳ ବିଧାନ କରନ୍ତୁ) **ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ** (ତ୍ରିବିଧ ବିଘ୍ନ ଶାନ୍ତି ହେଉ) ।

ହେ ଦେବଗଣ, ଆମେ କର୍ଣ୍ଣସମୂହ ଦ୍ୱାରା ଯେପରି କଲ୍ୟାଣ-ବଚନ ଶ୍ରବଣ କରୁ; ହେ ଯଜ୍ଞନୀୟ ଦେବଗଣ, ଆମେ ଚକ୍ଷୁସମୂହ ଦ୍ୱାରା ଯେପରି ଶୋଭନ ବସ୍ତୁ ଦର୍ଶନ କରୁ; ଦୃଢ଼ ଅବୟବ ଏବଂ ଶରୀର-ବିଶିଷ୍ଟ ହୋଇ ଆମେ ଯେପରି ଆପଣମାନଙ୍କର ସ୍ତବ କରି ଦେବକର୍ମରେ ନିରତ ଆୟୁଷ ପ୍ରାପ୍ତ ହେଉ ।

ମହାନ୍ ଯଶସ୍ୱୀ ଇନ୍ଦ୍ରଦେବ ଆମମାନଙ୍କର ମଙ୍ଗଳ କରନ୍ତୁ, ସମସ୍ତ ଜ୍ଞାନର ଆଧାର ଜଗତ୍‌ର ପୋଷଣକାରୀ ପୂଷାଦେବ ଆମମାନଙ୍କର କଲ୍ୟାଣ କରନ୍ତୁ, ଅରିଷ୍ଟନିବାରଣାକରୀ ଗରୁଡ଼ଦେବ ଆମମାନଙ୍କର ମଙ୍ଗଳ କରନ୍ତୁ ଓ ଦେବଗୁରୁ ବୃହସ୍ପତି ଆମମାନଙ୍କର ମଙ୍ଗଳ ବିଧାନ କରନ୍ତୁ । ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

ମାଣ୍ଡୂକ୍ୟୋପନିଷଦ୍

ଓମିତ୍ୟେତଦକ୍ଷରମିଦଂ ସର୍ବଂ ତସ୍ୟୋପବ୍ୟାଖ୍ୟାନଂ ଭୂତଂ ଭବଦ୍ଭବିଷ୍ୟଦିତି ସର୍ବମୋଙ୍କାର ଏବ । ୟଚ୍ଚାନ୍ୟତ୍ ତ୍ରିକାଲାତୀତଂ ତଦପ୍ୟୋଙ୍କାର ଏବ ॥ ୧ ॥

ଇଦମ୍ (ଏହି) **ସର୍ବମ୍** (ବାଚକ ଓ ବାଚ୍ୟ, ଅଭିଧାନ ଓ ଅଭିଧେୟ—ସମସ୍ତ ହିଁ) **ଓମ୍ ଇତି ଏତତ୍ ଅକ୍ଷରମ୍** (ଓମ୍ ଏହି ଅକ୍ଷରାତ୍ମକ) । **ତସ୍ୟ** (ସେହି ଓଁକାରର) **ଉପବ୍ୟାଖ୍ୟାନମ୍** ([ବ୍ରହ୍ମଙ୍କ] ନିକଟବର୍ତ୍ତୀରୂପେ ବିସ୍ପଷ୍ଟ ନିର୍ଦ୍ଦେଶ ଏହି)—**ଭୂତମ୍** (ଅତୀତ) **ଭବତ୍** (ବର୍ତ୍ତମାନ) **ଭବିଷ୍ୟତ୍** (ଭବିଷ୍ୟତ) **ଇତି** (ଏହି ତ୍ରିକାଳପରିଚ୍ଛିନ୍ନ) **ସର୍ବମ୍** (ସମସ୍ତ) **ଓଙ୍କାରଃ ଏବ** (ଓଁକାର ହିଁ); **ୟତ୍ ଚ** (ଆଉ ଯାହା) **ଅନ୍ୟତ୍** (ଅନ୍ୟ) **ତ୍ରିକାଲାତୀତମ୍** (ତ୍ରିକାଳ ଦ୍ୱାରା ଅପରିଚ୍ଛେଦ୍ୟ ଅବ୍ୟାକୃତାଦି) **ତତ୍ ଅପି** (ତାହା ମଧ୍ୟ) **ଓଙ୍କାରଃ ଏବ** (ଓଁକାର ହିଁ) । ୧

ଏହି ସମସ୍ତ ହିଁ—'ଓମ୍' ଏହି ଅକ୍ଷରାତ୍ମକ[1] । (ବ୍ରହ୍ମଙ୍କ) ସମୀପବର୍ତ୍ତୀରୂପରେ ସେହି ଓଁକାରର ସୁସ୍ପଷ୍ଟ ନିର୍ଦ୍ଦେଶ[2] କଥିତ ହେଉଅଛି—ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ଏହି ସମସ୍ତ ହିଁ ଓଁକାର; ଏବଂ ଅନ୍ୟ ଯାହା କିଛି ତ୍ରିକାଳର ଅତୀତ ତାହା ମଧ୍ୟ ଓଁକାର ହିଁ । ୧

---

1. **"ଅକାରୋ ବୈ ସର୍ବା ବାକ୍"** ଅର୍ଥାତ୍ ସମସ୍ତ ଶବ୍ଦ ହିଁ ଓଁକାରାବୟବ ଅକାରର ବିକାର; ଏବଂ **"ସର୍ବଂ ହି ଇଦଂ ନାମାନି"** ଅର୍ଥାତ୍ ଅର୍ଥ ବା ବାଚ୍ୟ ସମସ୍ତ ବିଷୟ ହିଁ ଶବ୍ଦାତ୍ମକ—ଏହି ଶ୍ରୁତିଦ୍ୱୟରୁ ଜଣାଯାଏ ଯେ, ଶବ୍ଦ ଓ ଅର୍ଥ ଉଭୟ ହିଁ ଓଁକାର । ବ୍ରହ୍ମ ଅଭିଧାନ ଓ ଅଭିଧେୟ ଅବଲମ୍ବନରେ ହିଁ ଜ୍ଞାତ ହୁଅନ୍ତି; ସୁତରାଂ ବ୍ରହ୍ମ ମଧ୍ୟ ଓଁକାର (ପ୍ର., ୫/୨) । କାହାକୁ ଜାଣିବାକୁ ହେଲେ ତାଙ୍କର ନାମ-ଅବଲମ୍ବନରେ ଜାଣିବାକୁ ପଡ଼େ; ଏହି ନାମ ଓ ନାମୀ ଅଭିନ୍ନ । ବୁଝିବାକୁ ହେବ ଯେ, ବ୍ରହ୍ମଙ୍କୁ ଯେତେବେଳେ କାର୍ଯ୍ୟବର୍ଗର କାରଣରୂପେ ଚିନ୍ତା କରାଯାଏ, ସେତେବେଳେ ହିଁ ସେ ବାଚ୍ୟ, ଅଭିଧେୟ ବା ନାମୀ ଭାବରେ ପ୍ରତିଭାତ ହୋଇପାରନ୍ତି । କିନ୍ତୁ କାର୍ଯ୍ୟକାରଣାତୀତ ଚିନ୍ମାତ୍ର ବ୍ରହ୍ମ ଓଁକାରର ମଧ୍ୟ ବାଚ୍ୟ ନୁହନ୍ତି ।

2. ଓଁକାର ବ୍ରହ୍ମପ୍ରାପ୍ତିର ଏକ ଉପାୟ, ଅତଏବ ତାହା ବ୍ରହ୍ମଙ୍କ ସମୀପବର୍ତ୍ତୀ; ସେହି ଭାବରେ ଯେଉଁ ନିର୍ଦ୍ଦେଶ, ତାହା ହିଁ ମୂଳୋକ୍ତ ଉପବ୍ୟାଖ୍ୟାନ ।

ସର୍ବଂହ୍ୟେତଦ୍ ବ୍ରହ୍ମାୟମାତ୍ମା ବ୍ରହ୍ମ ସୋଽୟମାତ୍ମା ଚତୁଷ୍ପାତ୍ ॥୨॥

ଏତତ୍ (ଏହି) **ସର୍ବମ୍ ହି** (ସମସ୍ତ ହିଁ) **ବ୍ରହ୍ମ** (ବ୍ରହ୍ମ) **ଅୟମ୍** (ଏହି) **ଆତ୍ମା** (ପ୍ରତ୍ୟଗାତ୍ମା) **ବ୍ରହ୍ମ** (ବ୍ରହ୍ମ) **ସଃ ଅୟମ୍** (ସେ ଏହି) **ଆତ୍ମା** (ଆତ୍ମା) **ଚତୁଷ୍ପାତ୍** (ଚାରି ପାଦବିଶିଷ୍ଟ) । ୨

ଏହି ସମସ୍ତ ହିଁ ବ୍ରହ୍ମ[1]; ଏହି ଆତ୍ମା ବ୍ରହ୍ମ[2]; ଉକ୍ତ ଏହି ଆତ୍ମା ଚାରି ପାଦବିଶିଷ୍ଟ[3] । ୨

ଜାଗରିତସ୍ଥାନୋ ବହିଷ୍ପ୍ରଜ୍ଞଃ ସପ୍ତାଙ୍ଗ ଏକୋନବିଂଶତିମୁଖଃ ସ୍ଥୂଲଭୁଗ୍ବୈଶ୍ୱାନରଃ ପ୍ରଥମଃ ପାଦଃ ॥୩॥

ଜାଗରିତ-ସ୍ଥାନଃ (ଜାଗ୍ରତ୍-ଅବସ୍ଥା ଯାହାଙ୍କର ଭୋଗସ୍ଥାନ) **ବହିଃପ୍ରଜ୍ଞଃ** (ବହିର୍ବିଷୟରେ ଯାହାଙ୍କର ଅନୁଭୂତି) **ସପ୍ତାଙ୍ଗଃ** (ଯାହାଙ୍କର ସାତଟି ଅଙ୍ଗ) **ଏକୋନବିଂଶତି-ମୁଖଃ** (ଯାହାଙ୍କର ଉଣେଇଶଟି ମୁହଁ ଅର୍ଥାତ୍ ଉପଲବ୍ଧି ଓ କର୍ମର ଦ୍ୱାର) [ସେହି] **ସ୍ଥୂଲଭୁକ୍** (ସ୍ଥୂଳ ଶବ୍ଦାଦି ବିଷୟର ଭୋଗକାରୀ) **ବୈଶ୍ୱାନରଃ** (ବୈଶ୍ୱାନର ଅର୍ଥାତ୍ ନିଖିଳ-ନରସ୍ୱରୂପ, ସର୍ବଜୀବାତ୍ମା ବିରାଟ୍) [ଆତ୍ମାର] **ପ୍ରଥମଃ ପାଦଃ** (ପ୍ରଥମ ପାଦ) । ୩

---

1. ପୂର୍ବରୁ ଯେଉଁ ସକଳ ବିଷୟକୁ ଓମ୍ କୁହାହୋଇଛି, ସେ ସମସ୍ତ ହିଁ ବ୍ରହ୍ମ । ପୂର୍ବେ ଓଁକାରକୁ ମୁଖ୍ୟତଃ ବାଚକରୂପରେ ଗ୍ରହଣ କରି ବାଚ୍ୟ ଅର୍ଥସମୂହର (ଅର୍ଥାତ୍ ବ୍ରହ୍ମଙ୍କ) ସହିତ ତାଙ୍କର ଐକ୍ୟ ଦର୍ଶାଯାଇଛି । ଏଠାରେ ପ୍ରଣବକୁ ପ୍ରଧାନତଃ ବାଚ୍ୟ ବ୍ରହ୍ମସ୍ୱରୂପରେ ଚିନ୍ତା କରି ସେହି ଐକ୍ୟ ଦର୍ଶାଗଲା । ଏଥିରେ ପୁନରୁକ୍ତି ହୋଇ ନାହିଁ । କାରଣ ବାଚ୍ୟ ବ୍ରହ୍ମଙ୍କ ସହିତ ବାଚକ ଓଁକାରର ଐକ୍ୟ ନ ଦେଖାଇ କେବଳ ବାଚକ ସହିତ ବାଚ୍ୟର ଐକ୍ୟ ଦେଖାଇଲେ ସନ୍ଦେହ ହୋଇପାରେ ଯେ, ଐକ୍ୟ ଗୌଣ ମାତ୍ର । ଏହିପରି ବାଚ୍ୟ ଓ ବାଚକର ଏକତ୍ୱବୋଧ ହେଲେ ସେହି ଏକା ପ୍ରଯତ୍ନ ଫଳରେ ବାଚ୍ୟ ଓ ବାଚକ ଉଭୟ ବିଲୀନ ହୋଇ ଉଭୟ-ବିଲକ୍ଷଣ ବ୍ରହ୍ମ ପ୍ରତିଭାତ ହୁଅନ୍ତି । ଏଥିପାଇଁ ଅଷ୍ଟମ ମନ୍ତ୍ରରେ କୁହାହେବ "ପାଦା ମାତ୍ରାଃ ମାତ୍ରାଶ୍ଚ ପାଦାଃ ।" ଦ୍ୱାଦଶ ମନ୍ତ୍ର ମଧ୍ୟ ଦ୍ରଷ୍ଟବ୍ୟ ।

2. ପରୋକ୍ଷତଃ ଯେଉଁ ବ୍ରହ୍ମ ସର୍ବସ୍ୱରୂପ, ପ୍ରତ୍ୟକ୍ଷତଃ ସେ ହିଁ ଆତ୍ମା ।

3. ପାଦ-ଶବ୍ଦର ଅର୍ଥ ଯାହା ସହାୟତାରେ ବ୍ରହ୍ମଙ୍କୁ ପାଇ ହୁଏ (**ପଦ୍ୟତେ ଅନେନ**)—ଏହି ଅର୍ଥରେ ପ୍ରଥମ ତିନି ପାଦ ବ୍ରହ୍ମାବଗତିର ଉପାୟ । ଯାହାଙ୍କୁ ପାଇ ହୁଏ ସେ ମଧ୍ୟ ପାଦଶବ୍ଦର ବାଚ୍ୟ (**ପଦ୍ୟତେ ଇତି ପାଦଃ**)—ଏହି ଅର୍ଥରେ ତୁରୀୟ ବ୍ରହ୍ମ ହିଁ ଚତୁର୍ଥ ପାଦ ।

ଜାଗ୍ରତ୍-ଅବସ୍ଥା ଯାହାଙ୍କର ଭୋଗସ୍ଥାନ, ଯିଏ ବହିର୍ବିଷୟରେ ଅନୁଭୂତିସମ୍ପନ୍ନ, ଯାହାଙ୍କର ସାତୋଟି ଅଙ୍ଗ[1], ଯାହାଙ୍କର ଉଣେଇଶଟି ମୁହଁ[2], ଯିଏ ସ୍ଥୂଳ ବିଷୟ ଭୋଗ କରନ୍ତି[3]—ସେହି ବୈଶ୍ୱାନର ହିଁ ଆତ୍ମାର ପ୍ରଥମ ପାଦ[4] । ୩

ସ୍ୱପ୍ନସ୍ଥାନୋଽନ୍ତଃପ୍ରଜ୍ଞଃ ସପ୍ତାଙ୍ଗ ଏକୋନବିଂଶତିମୁଖଃ ପ୍ରବିବିକ୍ତଭୁକ୍ ତୈଜସୋ ଦ୍ୱିତୀୟଃ ପାଦଃ ॥୪॥

ସ୍ୱପ୍ନ-ସ୍ଥାନଃ (ସ୍ୱପ୍ନାବସ୍ଥା ଯାହାଙ୍କର ଭୋଗସ୍ଥାନ) **ଅନ୍ତଃପ୍ରଜ୍ଞଃ** (ଯିଏ ଅନ୍ତସ୍ଥଃ ମନର ବାସନା ବା ସଂସ୍କାରରୂପକ ପ୍ରଜ୍ଞାକୁ ଜାଣନ୍ତି [ବୃ., ୪/୩/୯]) **ସପ୍ତ-ଅଙ୍ଗଃ** (ଯାହାଙ୍କର ସାତୋଟି ଅଙ୍ଗ) **ଏକୋନବିଂଶତିମୁଖଃ** (ଯାହାଙ୍କର ଉଣେଇଶଟି ମୁଖ) **ପ୍ରବିବିକ୍ତ-ଭୁକ୍** (ଯିଏ କେବଳ ବାସନାରୂପକ ପ୍ରଜ୍ଞାକୁ ଭୋଗ କରନ୍ତି) [ସେହି] **ତୈଜସଃ** (ତୈଜସ, ଅର୍ଥାତ୍ ବିଷୟଶୂନ୍ୟ କେବଳ ପ୍ରକାଶସ୍ୱରୂପ ପ୍ରଜ୍ଞାର ଯିଏ ଆଶ୍ରୟ, ସେ) **ଦ୍ୱିତୀୟଃ ପାଦଃ** (ଆତ୍ମାଙ୍କର ଦ୍ୱିତୀୟ ପାଦ) । ୪

ସ୍ୱପ୍ନାବସ୍ଥା ଯାହାଙ୍କର ଭୋଗସ୍ଥାନ, ଯିଏ ଅନ୍ତଃପ୍ରଜ୍ଞ, ଯାହାଙ୍କର ସାତୋଟି ଅଙ୍ଗ, ଯାହାଙ୍କର ଉଣେଇଶଟି ମୁଖ, ଯିଏ କେବଳ ବାସନା (ବା ସଂସ୍କାର) ଭୋଗ କରନ୍ତି, ସେହି ତୈଜସ ହିଁ[5] ଆତ୍ମାର ଦ୍ୱିତୀୟ ପାଦ । ୪

ୟତ୍ର ସୁପ୍ତୋ ନ କଞ୍ଚନ କାମଂ କାମୟତେ ନ କଞ୍ଚନ ସ୍ୱପ୍ନଂ ପଶ୍ୟତି ତତ୍ ସୁଷୁପ୍ତମ୍ । ସୁଷୁପ୍ତସ୍ଥାନ ଏକୀଭୂତଃ ପ୍ରଜ୍ଞାନଘନ ଏବାନନ୍ଦମୟୋ ହ୍ୟାନନ୍ଦଭୁକ୍ ଚେତୋମୁଖଃ ପ୍ରାଜ୍ଞସ୍ତୃତୀୟଃ ପାଦଃ ॥୫॥

ସୁପ୍ତଃ (ସୁଷୁପ୍ତ ବ୍ୟକ୍ତି) **ୟତ୍ର** (ଯେଉଁ [ଦୈନନ୍ଦିନ ନିଦ୍ରା] ଅବସ୍ଥାରେ ବା କାଳରେ) **କମ୍ ଚନ** (କୌଣସି) **କାମମ୍** (କାମ୍ୟ ବସ୍ତୁ) **ନ କାମୟତେ** (କାମନା କରେ ନାହିଁ) **କମ୍ ଚନ** (କୌଣସି) **ସ୍ୱପ୍ନମ୍** (ସ୍ୱପ୍ନ) **ନ ପଶ୍ୟତି** (ଦେଖେ ନାହିଁ)

---

1. ଦ୍ୟୁଲୋକ ତାଙ୍କର ମସ୍ତକ, ସୂର୍ଯ୍ୟ—ଚକ୍ଷୁ, ବାୟୁ—ପ୍ରାଣ, ଆକାଶ—ଶରୀର, ଜଳ—ମୂତ୍ରାଶୟ, ପୃଥିବୀ—ପାଦଦ୍ୱୟ ଓ ଆହବନୀୟ ଅଗ୍ନି—ମୁଖ । ଛା., ୫/୧୮/୨

2. ଦଶ ଇନ୍ଦ୍ରିୟ, ପଞ୍ଚ ପ୍ରାଣ, ମନ, ବୁଦ୍ଧି, ଅହଙ୍କାର ଓ ଚିତ୍ତ ।

3. ଏଠାରେ ଜାଗ୍ରତ୍-ଅବସ୍ଥାରେ ଅବସ୍ଥିତ ବିଶ୍ୱର (ବା ବ୍ୟଷ୍ଟି ପ୍ରାଣୀର) ଅବସ୍ଥାକୁ ବୈଶ୍ୱାନର (ବା ବିରାଟ୍) କହିବା ଦ୍ୱାରା ବୁଝିବାକୁ ହେବ ଯେ, ବସ୍ତୁତଃ ବିଶ୍ୱ ଓ ବୈଶ୍ୱାନର ଏକ ।

4. ପ୍ରପଞ୍ଚର ମିଥ୍ୟାତ୍ୱବୋଧକାଳରେ ଏହା ହିଁ ପ୍ରଥମେ ଲୀନ ହୁଏ, ସୁତରାଂ ଏହା ପ୍ରଥମ ।

5. ଏଠାରେ ମଧ୍ୟ ତୈଜସ (ବା ସ୍ୱପ୍ନାବସ୍ଥ ବ୍ୟଷ୍ଟି ପ୍ରାଣୀ) ଓ ହିରଣ୍ୟଗର୍ଭଙ୍କ ଐକ୍ୟ ଅଛି ।

ତତ୍ (ତାହା ହିଁ) **ସୁଷୁପ୍ତମ୍** (ସୁଷୁପ୍ତି) । **ସୁଷୁପ୍ତସ୍ଥାନଃ** (ସୁଷୁପ୍ତି ଯାହାଙ୍କର ସ୍ଥାନ) **ଏକୀଭୂତଃ** (ସର୍ବବିକ୍ଷେପ ନାଶ ହେବାରୁ ଏକତାପ୍ରାପ୍ତ) **ପ୍ରଜ୍ଞାନଘନଃ ଏବ** (କେବଳ ଅନୁଭୂତି ହିଁ ଯାହାଙ୍କ ସ୍ୱରୂପ) **ଆନନ୍ଦମୟଃ** (ଯିଏ ଅତ୍ୟନ୍ତ ଆନନ୍ଦପୂର୍ଣ୍ଣ [କିନ୍ତୁ ଆନନ୍ଦସ୍ୱରୂପ ନୁହନ୍ତି]) **ହି ଆନନ୍ଦଭୁକ୍** (ଯିଏ ଅନାୟାସରେ ଆନନ୍ଦ ଭୋଗ କରନ୍ତି [ବୃ., ୪/୩/୩୨]) **ଚେତୋମୁଖଃ** (ସ୍ୱପ୍ନଜାଗରଣରେ ଗମନାଗମନ ପାଇଁ ଚୈତନ୍ୟ ହିଁ ଯାହାଙ୍କର ଅବଲମ୍ବନ; ଅଥବା ସ୍ୱପ୍ନଜାଗରଣରୂପକ ଚିତ୍ତବୃତ୍ତି ପ୍ରତି ଯିଏ ଦ୍ୱାର ବା କାରଣ) [ସେହି ସୁଷୁପ୍ତାଭିମାନୀ] **ପ୍ରାଜ୍ଞଃ** (ଭୂତ, ଭବିଷ୍ୟତ୍ ଓ ବର୍ତ୍ତମାନ ସର୍ବବିଷୟରେ ଜ୍ଞାତା, ବା ବିଶେଷତଃ ପ୍ରଜ୍ଞାନସ୍ୱରୂପ ହିଁ) **ତୃତୀୟଃ ପାଦଃ** (ତୃତୀୟ ପାଦ) । ୫

ସୁପ୍ତବ୍ୟକ୍ତି ଯେଉଁ ଅବସ୍ଥାରେ[1] କୌଣସି କାମ୍ୟ ବସ୍ତୁ ପ୍ରାର୍ଥନା କରେ ନାହିଁ ଏବଂ କୌଣସି ସ୍ୱପ୍ନ ଦେଖେ ନାହିଁ, ତାହା ହିଁ ସୁଷୁପ୍ତି । ଯିଏ ସୁଷୁପ୍ତିରେ ସ୍ଥିତ, ସର୍ବବିକ୍ଷେପ-ରହିତ[2], କେବଳ ଅନୁଭୂତିସ୍ୱରୂପ, ଆନନ୍ଦମୟ, ଏବଂ ଅସନ୍ଦିଗ୍ଧସ୍ୱରୂପରେ ଅନାୟାସରେ ଆନନ୍ଦ-ଭୋଗକାରୀ, ଓ ସ୍ୱପ୍ନାଦିର ଦ୍ୱାର ସ୍ୱରୂପ[3], ସେହି ପ୍ରାଜ୍ଞ ହିଁ[4] (ଆତ୍ମାର) ତୃତୀୟ ପାଦ । ୫

ଏଷ ସର୍ବେଶ୍ୱର ଏଷ ସର୍ବଜ୍ଞ ଏଷୋଽନ୍ତର୍ଯ୍ୟାମ୍ୟେଷ ଯୋନିଃ ସର୍ବସ୍ୟ ପ୍ରଭବାପ୍ୟୟୌ ହି ଭୂତାନାମ୍ ॥୬॥

[ଆଧିଦୈବିକ ଅନ୍ତର୍ଯ୍ୟାମୀଙ୍କ ସହିତ ପ୍ରାଜ୍ଞର ଅଭେଦ ପ୍ରଦର୍ଶିତ ହେଉଅଛି] — **ଏଷଃ** (ଇଏ, ଏହି ପ୍ରାଜ୍ଞ ହିଁ) [ସ୍ୱରୂପାବସ୍ଥାରେ—ଅର୍ଥାତ୍ ଉପାଧିପ୍ରାଧାନ୍ୟରେ ନୁହନ୍ତି, ଚୈତନ୍ୟ ପ୍ରାଧାନ୍ୟରେ] **ସର୍ବେଶ୍ୱରଃ** (ସର୍ବେଶ୍ୱର, ସମସ୍ତଙ୍କ ଶାସକ)

---

1. ଜାଗ୍ରତ୍, ସ୍ୱପ୍ନ ଓ ସୁଷୁପ୍ତି—ଏହି ତିନି ଅବସ୍ଥାରେ ହିଁ ନିଦ୍ରା; ଜୀବ ତିନି ଅବସ୍ଥାରେ ହିଁ ନିଦ୍ରିତ । କାରଣ ସର୍ବତ୍ର ହିଁ ତତ୍ତ୍ୱର ଅନନୁଭୂତି ରହିଛି । ଜାଗ୍ରତ୍ ଓ ସ୍ୱପ୍ନାବସ୍ଥାରେ ଆହୁରି ଅଧିକ ଦୋଷ ଏହି ଯେ, ସେଥିରେ ତତ୍ତ୍ୱର ଅନ୍ୟଥାଗ୍ରହଣ ମଧ୍ୟ ରହିଛି । ଏହିପରି ଚିରସୁପ୍ତ ଜୀବର ମଧ୍ୟ ପ୍ରାତ୍ୟହିକ ସ୍ୱପ୍ନ ଓ ସୁଷୁପ୍ତିରେ ଗୋଟିଏ ବିଶେଷତ୍ୱ ଅଛି । ଐ., ୧/୩/୧୨

2. ଜାଗ୍ରତ୍ ଓ ସ୍ୱପ୍ନାବସ୍ଥାରେ ଅନୁଭୂତ ମନୋବିକ୍ଷେପ-ରୂପକ ଦ୍ୱୈତସମୂହ ସେଠାରେ କାରଣ ସହିତ ମିଳିତ ହେବାରୁ ପୃଥକ୍‌ଭାବରେ ଅନୁଭୂତ ହୁଏ ନାହିଁ । ଏଥିପାଇଁ ସେହି ଅବସ୍ଥାରେ ଉପହିତ ଆତ୍ମାଙ୍କୁ ମୂଳରେ ଏକୀଭୂତ କୁହାଯାଇଛି । କିନ୍ତୁ ସେହି ଅବସ୍ଥାରେ ସମ୍ପୂର୍ଣ୍ଣରୂପେ ଦ୍ୱୈତ ଲୀନ ହୁଏ ନାହିଁ, କାରଣ ପୁନରାୟ ନିଦ୍ରାବସାନରେ ଦ୍ୱୈତ ଜଗତ୍‌ର ଉତ୍ପତ୍ତି ହୁଏ ।

3. ସୁଷୁପ୍ତାଭିମାନୀ ପ୍ରାଜ୍ଞଙ୍କଠାରୁ ସ୍ୱପ୍ନ ଓ ଜାଗ୍ରତ୍ ଉତ୍ପନ୍ନ ହୁଏ ।

4. ପୂର୍ବପରି ଏଠାରେ ମଧ୍ୟ ପ୍ରାଜ୍ଞ (=ଜୀବ) ଓ ଈଶ୍ୱରଙ୍କ ଅଭେଦ ବୁଝିବାକୁ ହେବ ।

ଏଷଃ (ଇଏ) **ସର୍ବଜ୍ଞଃ** (ଇଏ ସର୍ବଜ୍ଞ) **ଏଷଃ ଅନ୍ତର୍ଯ୍ୟାମୀ** (ଇଏ ଅନ୍ତର୍ଯ୍ୟାମୀ) **ଏଷଃ ସର୍ବସ୍ୟ** (ଇଏ ସମସ୍ତଙ୍କର) **ଯୋନିଃ** (ପ୍ରସବିତା, କାରଣ) **ହି** (ଅତଏବ) [ଇଏ ହିଁ] **ଭୂତାନାମ୍** (ସ୍ଥୂଳ ଓ ସୂକ୍ଷ୍ମଭୂତଗଣଙ୍କ) **ପ୍ରଭବ-ଅପ୍ୟୟୌ** (ଉତ୍ପତ୍ତି ଓ ବିଲୟର ଅଧିଷ୍ଠାନ [ବା ଉପାଦାନ] । ୬

ଇଏ ସର୍ବେଶ୍ୱର, ଇଏ ସର୍ବଜ୍ଞ, ଇଏ ଅନ୍ତର୍ଯ୍ୟାମୀ, ଇଏ ସମସ୍ତଙ୍କର ଉପାଦାନକାରଣ; ଅତଏବ ଇଏ ହିଁ ସମସ୍ତ ଭୂତଙ୍କର ଉତ୍ପତ୍ତି ଓ ବିଲୟର ସ୍ଥାନ । ୬

ନାନ୍ତଃପ୍ରଜ୍ଞଂ ନ ବହିଷ୍ପ୍ରଜ୍ଞଂ ନୋଭୟତଃପ୍ରଜ୍ଞଂ ନ ପ୍ରଜ୍ଞାନଘନଂ ନ ପ୍ରଜ୍ଞଂ ନାପ୍ରଜ୍ଞମ୍ । ଅଦୃଷ୍ଟମବ୍ୟବହାର୍ଯ୍ୟମଗ୍ରାହ୍ୟମଲକ୍ଷଣମଚିନ୍ତ୍ୟମବ୍ୟପଦେଶ୍ୟ-ମେକାତ୍ମପ୍ରତ୍ୟୟସାରଂ ପ୍ରପଞ୍ଚୋପଶମଂ ଶାନ୍ତଂ ଶିବମଦ୍ୱୈତଂ ଚତୁର୍ଥଂ ମନ୍ୟନ୍ତେ ସ ଆତ୍ମା ସ ବିଜ୍ଞେୟଃ ॥୭॥

[ଯେହେତୁ ନିଖିଳ ଶବ୍ଦ ଆତ୍ମାରୁ ହିଁ ପ୍ରବୃତ୍ତ ହୁଏ, ଅତଏବ ସେ ସମସ୍ତ କାର୍ଯ୍ୟଭୂତ ଶବ୍ଦର ଅତୀତ । ଏଥିପାଇଁ ସମସ୍ତ ବିଶେଷର ନିଷେଧ କରି ନିର୍ବିଶେଷ ତୁରୀୟ ଆତ୍ମାଙ୍କ ବିଷୟ କୁହାହେଉଛି]— **ଅନ୍ତଃ-ପ୍ରଜ୍ଞମ୍ ନ** ([ଯିଏ] ଅନ୍ତରରେ ଅନୁଭୂତି କରନ୍ତି ନାହିଁ, ଅର୍ଥାତ୍ ତୈଜସ ନୁହନ୍ତି) **ବହିଃ-ପ୍ରଜ୍ଞମ୍ ନ** (ବାହ୍ୟ ବିଷୟର ଅନୁଭୂତି କରନ୍ତି ନାହିଁ, ଅର୍ଥାତ୍ ବିଶ୍ୱ ନୁହନ୍ତି) **ଉଭୟତଃ ପ୍ରଜ୍ଞମ୍ ନ** (ଜାଗ୍ରତ୍ ଓ ସ୍ୱପ୍ନର ମଧ୍ୟାବସ୍ଥାରେ ଅନୁଭୂତିସମ୍ପନ୍ନ ନୁହନ୍ତି) **ନ ପ୍ରଜ୍ଞାନ-ଘନମ୍** (ପ୍ରଜ୍ଞାନଘନ ନୁହନ୍ତି ଅର୍ଥାତ୍ ପ୍ରାଜ୍ଞ ନୁହନ୍ତି) **ନ ପ୍ରଜ୍ଞମ୍** (ଯୁଗପତ୍ ସର୍ବବିଷୟର ଜ୍ଞାତା ନୁହନ୍ତି) **ନ ଅପ୍ରଜ୍ଞମ୍** (ଅଚୈତନ୍ୟ ନୁହନ୍ତି) [ଯିଏ] **ଅଦୃଷ୍ଟମ୍** (ଅଦୃଷ୍ଟ) **ଅବ୍ୟବହାର୍ଯ୍ୟମ୍** ('ଏହା ଅମୁକ' ଏହିପ୍ରକାର ବ୍ୟବହାରର ଅଯୋଗ୍ୟ) **ଅଗ୍ରାହ୍ୟମ୍** (କର୍ମେନ୍ଦ୍ରିୟର ଅଗ୍ରାହ୍ୟ) **ଅଲକ୍ଷଣମ୍** (ଅନନୁମେୟ) **ଅଚିନ୍ତ୍ୟମ୍** (ଚିନ୍ତାର ଅତୀତ) **ଅବ୍ୟପଦେଶ୍ୟମ୍** (ଶବ୍ଦ ଦ୍ୱାରା ଅନିର୍ଦ୍ଦେଶ୍ୟ) **ଏକାତ୍ମ-ପ୍ରତ୍ୟୟସାରମ୍** (ସର୍ବାବସ୍ଥାରେ ଏକ ହିଁ ଆତ୍ମା ଅଛନ୍ତି ଏହିପରି ପ୍ରତ୍ୟୟ ଦ୍ୱାରା ଅନୁସନ୍ଧେୟ, ଅଥବା କେବଳ 'ଆତ୍ମା' ଏହିପରି ପ୍ରତୀତିର ଗମ୍ୟ) **ପ୍ରପଞ୍ଚୋପଶମମ୍** (ଜାଗ୍ରଦାଦି ପ୍ରପଞ୍ଚର ବିରାମ ସ୍ଥାନ) **ଶାନ୍ତମ୍** (ଅବିକ୍ରିୟ) **ଶିବମ୍** (ମଙ୍ଗଳମୟ) **ଅଦ୍ୱୈତମ୍** (ଭେଦ-ବିକଳ୍ପ-ରହିତ) [ତାଙ୍କୁ ବିବେକୀଗଣ] **ଚତୁର୍ଥମ୍** (ଚତୁର୍ଥ, ତୁରୀୟ) **ମନ୍ୟନ୍ତେ** (ମନେ କରିଥାଆନ୍ତି) । **ସଃ** (ସେ) **ଆତ୍ମା** (ଆତ୍ମା) **ସଃ ବିଜ୍ଞେୟଃ** (ସେ ହିଁ ଜାଣିବାର ଯୋଗ୍ୟ) । ୭

ଯିଏ ତୈଜସ ନୁହନ୍ତି, ବିଶ୍ୱ ନୁହନ୍ତି, ସ୍ୱପ୍ନ ଓ ଜାଗରଣର ମଧ୍ୟବର୍ତ୍ତୀ ନୁହନ୍ତି, ପ୍ରାଜ୍ଞ ନୁହନ୍ତି, ଯୁଗପତ୍ ସର୍ବବିଷୟର ଜ୍ଞାତା ନୁହନ୍ତି, ଜଡ଼ ନୁହନ୍ତି, ଯିଏ ଅଦୃଶ୍ୟ, ଅବ୍ୟବହାର୍ଯ୍ୟ, ଅଗ୍ରାହ୍ୟ, ଅନନୁମେୟ, ଅଚିନ୍ତ୍ୟ, ଅନିର୍ଦ୍ଦେଶ୍ୟ, ଯିଏ କେବଳ 'ଆତ୍ମା' ଏହି ପ୍ରତୀତିର ଗମ୍ୟ, ଯିଏ ପ୍ରପଞ୍ଚର ବିରାମସ୍ୱରୂପ, ଶାନ୍ତ, ଶିବ ଓ ଅଦ୍ୱିତୀୟ, ତାହାଙ୍କୁ ହିଁ ବିବେକୀଗଣ ଚତୁର୍ଥ[1] ମନେ କରିଥାଆନ୍ତି । ସେ ହିଁ ଆତ୍ମା, ସେ ହିଁ ଜାଣିବାର ଯୋଗ୍ୟ[2] । ୭

ସୋଽୟମାତ୍ମାଽଧ୍ୟକ୍ଷରମୋଙ୍କାରୋଽଧିମାତ୍ରଂ ପାଦା ମାତ୍ରା ମାତ୍ରାଶ୍ଚ ପାଦା ଅକାର ଉକାରୋ ମକାର ଇତି ॥୮॥

[ଇତିପୂର୍ବେ ପାଦତ୍ରୟର ଅଧ୍ୟାରୋପ ଓ ଅପବାଦ-ଅବଲମ୍ବନରେ ପାରମାର୍ଥିକ ତତ୍ତ୍ୱ ଉପଦିଷ୍ଟ ହୋଇଅଛି । ଏବେ ପ୍ରଣବର ଧ୍ୟାନ ବିହିତ ହେଉଅଛି]—[ପୂର୍ବରୁ କୁହାଯାଇଛି ଯେ, ଓଁକାରଙ୍କୁ ଯେତେବେଳେ ବାଚ୍ୟର ପ୍ରାଧାନ୍ୟ-ଅବଲମ୍ବନରେ ଚିନ୍ତା କରାହୁଏ ସେତେବେଳେ ତାହା ଚତୁଷ୍ପାତ୍ ଆତ୍ମାଠାରୁ ଅଭିନ୍ନ] **ଅଧି-ଅକ୍ଷରମ୍** (ଅକ୍ଷରବିଷୟରେ [ଯେତେବେଳେ ବାଚକର ପ୍ରାଧାନ୍ୟ-ଅବଲମ୍ବନରେ ବର୍ଣ୍ଣନା କରାହୁଏ ସେତେବେଳେ ମଧ୍ୟ]) **ଓଙ୍କାରର** (ପ୍ରଣବ) **ସଃ ଆତ୍ମା** (ସେହି ଆତ୍ମା) **ଅୟମ୍** (ଏହି ଓଁକାର) **ଅଧିମାତ୍ରମ୍** (ମାତ୍ରାରୂପେ ମଧ୍ୟ ବିଦ୍ୟମାନ) **ପାଦାଃ** ([ଆତ୍ମାର ଯାହା] ପାଦସକଳ) **ମାତ୍ରାଃ** ([ସେଗୁଡ଼ିକ ହିଁ ଓଁକାରର] ମାତ୍ରା) **ମାତ୍ରାଃ ଚ ପାଦାଃ** (ଏବଂ ପ୍ରଣବର ମାତ୍ରାଗୁଡ଼ିକ ମଧ୍ୟ ଆତ୍ମାର ପାଦ)—**ଅକାରଃ ଉକାରଃ ମକାରଃ ଇତି** ('ଅ'କାର, 'ଉ'କାର ଓ 'ମ'କାରଏମାନେ ହିଁ ମାତ୍ରା) । ୮

---

1. ଭ୍ରାନ୍ତିବଶତଃ ରଜ୍ଜୁରେ ସର୍ପ, ଦଣ୍ଡ ଓ ଜଳଧାରା କଳ୍ପିତ ହେଲେ, ସେହି ତିନିରେ ଅନୁସ୍ୟୂତ ରଜ୍ଜୁକୁ ଯେଉଁ ଅର୍ଥରେ ଚତୁର୍ଥ କୁହାଯାଇପାରେ ସେହି ଅର୍ଥରେ ହିଁ ଅବିଦ୍ୟା-କଳ୍ପିତ ପାଦତ୍ରୟରେ ଅନୁସ୍ୟୂତ ପରମାତ୍ମାଙ୍କୁ ତୁରୀୟ (ଚତୁର୍ଥ) କୁହାଯାଏ ।

2. ବିଦ୍ୟାବସ୍ଥାରେ ଜ୍ଞାତୃ-ଜ୍ଞାନ-ଜ୍ଞେୟ-ବିଭାଗ ନାହିଁ । ବିଦ୍ୟା-ଉତ୍ପତ୍ତି ପୂର୍ବରୁ ତାଙ୍କର ବିଜ୍ଞେୟତ୍ୱ (ଜାଣିପାରିବାର ଯୋଗ୍ୟତା) ଥିଲା ବୋଲି ବିଦ୍ୟାବସ୍ଥାରେ ଭୂତପୂର୍ବଗତି ଅନୁଯାୟୀ ତାଙ୍କୁ ବିଜ୍ଞେୟ କୁହାଯାଇଛି । ତୃତୀୟରୁ ଷଷ୍ଠ ମନ୍ତ୍ର ପର୍ଯ୍ୟନ୍ତ ବ୍ୟଷ୍ଟି ଓ ସମଷ୍ଟି-ଭେଦରେ ଅଧ୍ୟାରୋପିତ ପାଦତ୍ରୟ କୁହାହୋଇଛି । ଏଠାରେ ପାଦତ୍ରୟର ଅପବାଦ ଅର୍ଥାତ୍ ନିଷେଧ କରାହେଲା । (ଭୂମିକା ଦ୍ରଷ୍ଟବ୍ୟ—ଅଧ୍ୟାରୋପ ଓ ଅପବାଦ)

(ଅଭିଧେୟ ପ୍ରାଧାନ୍ୟରେ ବର୍ଣ୍ଣନାକାଳରେ ଯେଉଁ ଓଁକାର ଆତ୍ମା ସହିତ ଅଭିନ୍ନ) ଅଭିଧାନ ପ୍ରାଧାନ୍ୟରେ[1] ବର୍ଣ୍ଣନାକାଳରେ ମଧ୍ୟ ସେହି ପ୍ରଣବ ଆତ୍ମାଠାରୁ ଅଭିନ୍ନ । ଏହି ଓଁକାର ମାତ୍ରାରୂପରେ ମଧ୍ୟ ବିଦ୍ୟମାନ । ଆତ୍ମାଙ୍କ ପାଦସମୂହ ହିଁ ପ୍ରଣବର ମାତ୍ରା ଏବଂ ପ୍ରଣବର ମାତ୍ରାସମୂହ ହିଁ ଆତ୍ମାର ପାଦ[2]—'ଅ'କାର, 'ଉ'କାର ଓ 'ମ'କାର ଏମାନେ ହିଁ ପ୍ରଣବର ମାତ୍ରା । ୮

ଜାଗରିତସ୍ଥାନୋ ବୈଶ୍ୱାନରୋଽକାରଃ ପ୍ରଥମା ମାତ୍ରାଽଽପ୍ତେ-ରାଦିମତ୍ତ୍ୱାଦ୍ୱାଽଽପ୍ନୋତି ହ ବୈ ସର୍ବାନ୍ କାମାନାଦିଶ୍ଚ ଭବତି ୟ ଏବଂ ବେଦ ॥୯॥

ଆପ୍ତେଃ (ଉଭୟ ବ୍ୟାପକ ବୋଲି [ମା., ୧, ଟୀକା]) **ବା ଆଦିମତ୍ତ୍ୱାତ୍** (ଅଥବା ପ୍ରଥମ ବୋଲି) **ଜାଗରିତ-ସ୍ଥାନଃ** (ଜାଗ୍ରତ୍-ଅବସ୍ଥା ଯାହାଙ୍କର ଭୋଗସ୍ଥାନ, ସେହି) **ବୈଶ୍ୱାନରଃ** (ବିରାଟ୍ ହିଁ) **ପ୍ରଥମା ମାତ୍ରା** (ପ୍ରଥମ ମାତ୍ରା) **ଅକାରଃ** (ଅକାର) । **ୟଃ ହ ବୈ** (ଯିଏ ହିଁ) **ଏବମ୍** (ଏହି ପ୍ରକାର) **ବେଦ** (ଜାଣନ୍ତି, ଉପାସନା କରନ୍ତି) [ସେ] **ସର୍ବାନ୍** (ସମୁଦାୟ) **କାମାନ୍** (କାମ୍ୟ ବିଷୟ) **ଆପ୍ନୋତି** (ଲାଭ କରନ୍ତି) **ଆଦିଃ ଚ** (ଓ ପ୍ରଥମ) **ଭବତି** (ହୁଅନ୍ତି) । ୯

ବୈଶ୍ୱାନର ଓ ଅକାର ଉଭୟ ହିଁ ବ୍ୟାପକ ଅଥବା ଉଭୟ ହିଁ ପ୍ରଥମ ହୋଇଥିବାରୁ ଜାଗ୍ରତ୍-ଅବସ୍ଥା ବୈଶ୍ୱାନର ହିଁ ପ୍ରଣବର ପ୍ରଥମ ମାତ୍ରା ଅକାର । ଯେଉଁ ଉପାସକ ଏହି ପ୍ରକାର ଜାଣନ୍ତି, ସେ ସମୁଦାୟ କାମ୍ୟ ବିଷୟ ଲାଭ କରନ୍ତି ଏବଂ ସର୍ବାଗ୍ରଣୀ ହୋଇଥାଆନ୍ତି । ୯

ସ୍ୱପ୍ନସ୍ଥାନସ୍ତୈଜସ ଉକାରୋ ଦ୍ୱିତୀୟା ମାତ୍ରୋତ୍କର୍ଷାଦୁଭୟତ୍ୱାଦ୍ୱୋ-ତ୍କର୍ଷତି ହ ବୈ ଜ୍ଞାନସନ୍ତତିଂ ସମାନଞ୍ଚ ଭବତି ନାସ୍ୟାବ୍ରହ୍ମବିତ୍ କୁଲେ ଭବତି ୟ ଏବଂ ବେଦ ॥୧୦॥

ଉତ୍କର୍ଷାତ୍ (ବିଶ୍ୱ ଅପେକ୍ଷା ତୈଜସର ଏବଂ ଅକାର ଅପେକ୍ଷା ଉକାରର ଉତ୍କର୍ଷ ରହିଛି ବୋଲି) **ବା** (ଅଥବା) **ଉଭୟତ୍ୱାତ୍** (ବିଶ୍ୱ ଓ ପ୍ରାଜ୍ଞର ଏବଂ ଅକାର ଓ ମକାରର ମଧ୍ୟବର୍ତ୍ତୀ ବୋଲି) **ସ୍ୱପ୍ନ-ସ୍ଥାନଃ** (ସ୍ୱପ୍ନାବସ୍ଥା ଯାହାଙ୍କର ଭୋଗସ୍ଥାନ

---

1. ଦ୍ୱିତୀୟ ମନ୍ତ୍ରର ପ୍ରଥମ ଟୀକା ଦ୍ରଷ୍ଟବ୍ୟ ।
2. ଅର୍ଥାତ୍ ସେହିପ୍ରକାର ଦୃଷ୍ଟି-ଅବଲମ୍ବନରେ ଉପାସନା କରିବାକୁ ହେବ ।

ସେହି) **ତୈଜସଃ** (ତୈଜସ ହିଁ) **ଦ୍ୱିତୀୟା ମାତ୍ରା** (ଦ୍ୱିତୀୟ ମାତ୍ରା) **ଉକାରଃ** (ଉକାର) । **ୟଃ** (ଯେ) **ଏବମ୍** (ଏହି ପ୍ରକାର) **ବେଦ** (ଜାଣନ୍ତି, ଉପାସନା କରନ୍ତି) [ସେ] **ଜ୍ଞାନସନ୍ତତିମ୍** (ବିଜ୍ଞାନପ୍ରବାହକୁ) **ଉତ୍କର୍ଷତି ହ ବୈ** (ଉତ୍କୃଷ୍ଟ ବା ବର୍ଦ୍ଧିତ କରିଥାଆନ୍ତି) **ସମାନଃ ଚ** (ଏବଂ ଶତ୍ରୁମିତ୍ରଙ୍କ ନିକଟରେ ତୁଲ୍ୟ) **ଭବତି** (ହୁଅନ୍ତି) । **ଅସ୍ୟ** (ଏହାଙ୍କ) **କୁଲେ** (ବଂଶରେ) **ଅବ୍ରହ୍ମବିତ୍** (ଅବ୍ରହ୍ମଜ୍ଞ) **ନ ଭବତି** (ହୁଅନ୍ତି ନାହିଁ) । ୧୦

ତୈଜସ ଏବଂ ଉକାର ଉଭୟ ଉତ୍କୃଷ୍ଟ ବୋଲି ଅଥବା ଉଭୟ ହିଁ ମଧ୍ୟବର୍ତ୍ତୀ ବୋଲି ସ୍ୱପ୍ନ-ସ୍ଥାନ ତୈଜସ ହିଁ ପ୍ରଣବର ଦ୍ୱିତୀୟ ମାତ୍ରା ଉକାର । ଯିଏ ଏହିପରି ଜାଣନ୍ତି, ସେ ବିଜ୍ଞାନ-ପ୍ରବାହକୁ ବର୍ଦ୍ଧିତ କରନ୍ତି, ସେ ଶତ୍ରୁ ଓ ମିତ୍ର ନିକଟରେ ତୁଲ୍ୟରୂପ ହୁଅନ୍ତି । ଏହାଙ୍କ କୂଳରେ ଅବ୍ରହ୍ମଜ୍ଞ ଜାତ ହୁଅନ୍ତି ନାହିଁ । ୧୦

ସୁଷୁପ୍ତସ୍ଥାନଃ ପ୍ରାଜ୍ଞୋ ମକାରସ୍ତୃତୀୟା ମାତ୍ରା ମିତେରପୀତେର୍ବା । ମିନୋତି ହ ବା ଇଦଂ ସର୍ବମପୀତିଶ୍ଚ ଭବତି ୟ ଏବଂ ବେଦ ॥୧୧॥

ମିତେଃ ([ପ୍ରଳୟକାଳରେ ପ୍ରାଜ୍ଞରେ ପ୍ରବିଷ୍ଟ ଓ ଉତ୍ପତ୍ତିକାଳରେ ସେଥିରୁ ବହିର୍ଗତ ହେବାରୁ ବିଶ୍ୱ ଓ ତୈଜସ ତାହା ଦ୍ୱାରା ପରିମିତ ହୁଏ ଏବଂ ଓଁକାରର ସମାପ୍ତିକାଳରେ ମକାରରେ ପ୍ରବିଷ୍ଟ ହୋଇ ପୁନରୁଚ୍ଚାରଣକାଳେ ପୁନରାୟ ଉତ୍ପନ୍ନ ହେବାରୁ ମକାରଦ୍ୱାରା ଅକାର ଓ ଉକାର ଆବରଣ ଦ୍ୱାରା ଶସ୍ୟାଦି ସଦୃଶ] ପରିମିତ ହୁଏ ବୋଲି) **ବା** (ଅଥବା) **ଅପୀତେଃ** ([ସୁଷୁପ୍ତିକାଳରେ ବିଶ୍ୱତୈଜସ ପ୍ରାଜ୍ଞରେ ଲୀନ ହୁଏ ବୋଲି ଏବଂ ଓଁକାର ଉଚ୍ଚାରଣ କାଳରେ ଅକାର ଓ ଉକାର ମକାରରେ] ଲୀନ ହୁଏ ବୋଲି) **ସୁଷୁପ୍ତି-ସ୍ଥାନଃ** (ସୁଷୁପ୍ତି ଯାହାର ଭୋଗସ୍ଥାନ ସେହି) **ପ୍ରାଜ୍ଞଃ** (ପ୍ରାଜ୍ଞ) **ତୃତୀୟା ମାତ୍ରା ମକାରଃ** (ତୃତୀୟ ମାତ୍ରା ମକାର) **ୟଃ** (ଯିଏ) **ଏବମ୍** (ଏହିପ୍ରକାର) **ବେଦ** (ଜାଣନ୍ତି) [ସେ] **ଇଦମ୍** (ଏହି) **ସର୍ବମ୍** (ସମସ୍ତ) **ମିନୋତି ହ ବୈ** (ପରିମାପ କରନ୍ତି, ଜଗତ୍‌ର ଯଥାର୍ଥତା ବା ଅସାରତା ଜାଣନ୍ତି) **ଅପୀତିଃ ଚ** (ଜଗତ୍‌ର ଲୟର ଆଧାର, ଅର୍ଥାତ୍ କାରଣସ୍ୱରୂପମଧ୍ୟ) **ଭବତି** (ହୋଇଥାଆନ୍ତି) । ୧୧

ପ୍ରାଜ୍ଞ ଓ ମକାର ଉଭୟ ହିଁ ପରିମାପକ ଅଥବା ବିଲୟର ଆଧାର ବୋଲି ସୁଷୁପ୍ତସ୍ଥାନ ପ୍ରାଜ୍ଞ ହିଁ ପ୍ରଣବର ତୃତୀୟ ମାତ୍ରା ମକାର । ଯେଉଁ ଉପାସକ ଏହିପ୍ରକାର ଉପାସନା କରନ୍ତି, ସେ ସମସ୍ତ ଜଗତ୍‌ର ପରିମାପକ ହୁଅନ୍ତି (ଅର୍ଥାତ୍

ଜଗତ୍‌ର ଯଥାର୍ଥତା ଜାଣନ୍ତି) ଏବଂ ଆଶ୍ରୟସ୍ୱରୂପ (ଅର୍ଥାତ୍ ଜଗତ୍‌ର କାରଣସ୍ୱରୂପ ମଧ୍ୟ) ହୋଇଥାଆନ୍ତି[1] । ୧୧

ଅମାତ୍ରଶ୍ଚତୁର୍ଥୋଽବ୍ୟବହାର୍ଯ୍ୟଃ ପ୍ରପଞ୍ଚୋପଶମଃ ଶିବୋଽଦ୍ୱୈତ ଏବମୋଙ୍କାର ଆତ୍ମୈବ ସଂବିଶତ୍ୟାତ୍ମନାଽଽତ୍ମାନଂ ୟ ଏବଂ ବେଦ ୟ ଏବଂ ବେଦ ॥୧୨॥

ଇତି ମାଣ୍ଡୂକ୍ୟୋପନିଷଦ୍ ସମାପ୍ତା ॥

ଏବମ୍ (ପାଦ ଓ ମାତ୍ରାର ଏକତ୍ୱ ଯିଏ ଜାଣନ୍ତି ତାହାଙ୍କ ଦ୍ୱାରା ପ୍ରଯୁକ୍ତ) **ଅମାତ୍ରଃ** (ମାତ୍ରାହୀନ) **ଓଙ୍କାରଃ** (ଓଁକାର) **ଚତୁର୍ଥ** (ତୁରୀୟ) **ଅବ୍ୟବହାର୍ଯ୍ୟଃ** (ବ୍ୟବହାରାତୀତ) **ପ୍ରପଞ୍ଚ-ଉପଶମଃ** (ଜଗତ୍ ପ୍ରପଞ୍ଚର ନିବୃତ୍ତି ସ୍ଥାନ) **ଶିବଃ** (ମଙ୍ଗଳମୟ) **ଅଦ୍ୱୈତଃ** (ଅଦ୍ୱିତୀୟ) **ଆତ୍ମା ଏବ** (ଆତ୍ମା ହିଁ) । **ୟଃ** (ଯିଏ) **ଏବମ୍ ବେଦ** (ଏହିପ୍ରକାର ଜାଣନ୍ତି) [ସେ] **ଆତ୍ମନା** (ସ୍ୱୟଂ ହିଁ) **ଆତ୍ମାନମ୍** (ପରମାତ୍ମାରେ) **ସଂବିଶତି** (ପ୍ରବେଶ କରନ୍ତି) । **ୟଃ ଏବମ୍ ବେଦ** [ପୁନରୁକ୍ତି ସମାପ୍ତିସୂଚକ] । ୧୨

ଏହିପରି ଯଥୋକ୍ତ ଜ୍ଞାନବାନ୍‌ଙ୍କ ଦ୍ୱାରା ପ୍ରଯୁକ୍ତ ହୋଇ (ଅବଶେଷରେ) ମାତ୍ରାହୀନ ଓଁକାର ତୁରୀୟ, ବ୍ୟବହାରାତୀତ[2], ଜଗତ୍‌ର ନିବୃତ୍ତିସ୍ଥଳ[3], ମଙ୍ଗଳମୟ (ଅର୍ଥାତ୍ ପରମାନନ୍ଦ), ଅଦ୍ୱିତୀୟ ଆତ୍ମାରୂପରେ ହିଁ (ପର୍ଯ୍ୟବସିତ) ହୁଏ[4] । ଯିଏ ଏହିପରି ଜାଣନ୍ତି, ସେ ସ୍ୱୟଂ ପରମାତ୍ମାରେ ପ୍ରବେଶ କରନ୍ତି[5] । ୧୨

॥ ମାଣ୍ଡୁକ୍ୟ ଉପନିଷଦ୍ ସମାପ୍ତ ॥

---

1. ନବମ, ଦଶମ ଓ ଏକାଦଶ ମନ୍ତ୍ରରେ ଯେଉଁ ଫଳ କଥା କୁହାହୋଇଛି, ତାହାର ଉଦ୍ଦେଶ୍ୟ—ପ୍ରଣବରୂପକ ବ୍ରହ୍ମଙ୍କ ଧ୍ୟାନର, ଅର୍ଥାତ୍ ଗ୍ରନ୍ଥର ମୂଳ ଉପାସନାର ସ୍ତୁତି କରିବା ।

2. ବାଚ୍ୟ ଓ ବାଚକ କ୍ରମେ ଲୀନ ହେବାରୁ, ବାକ୍ୟ ଓ ମନର ଅତୀତ ।

3. ରଜ୍ଜୁ ଯେପରି ରଜ୍ଜୁ-ସର୍ପର ନିବୃତ୍ତିସ୍ଥଳ ।

4. ତୁରୀୟ-ସ୍ୱରୂପ ଓଁକାରରେ ପାଦ ଓ ମାତ୍ରା ନାହିଁ । ସୁତରାଂ ଯଥୋକ୍ତ ଜ୍ଞାନବାନ୍‌ଙ୍କ ଦ୍ୱାରା ପ୍ରଯୁକ୍ତ ଓଁକାରର ପୂର୍ବ ପୂର୍ବ ବିଭାଗ ଉତ୍ତରୋତ୍ତର ବିଭାଗରେ ଲୀନ ହୋଇ କ୍ରମେ ପରମାତ୍ମାରେ ହିଁ ପର୍ଯ୍ୟବସିତ ହୁଏ ।

5. ଆଉ ପୁନର୍ଜନ୍ମ ହୁଏ ନାହିଁ । ଓଁକାର-ଅବଲମ୍ବନରେ ପରବ୍ରହ୍ମ ଓ ଆତ୍ମାଙ୍କର ଐକ୍ୟ ଧ୍ୟାନ କଲେ ତାହା ଫଳରେ କ୍ରମମୁକ୍ତି ହୁଏ ।

ଶାନ୍ତିପାଠ

ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିର୍ବ୍ୟଶେମ ଦେବହିତଂ ୟଦାୟୁଃ ॥
ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

କୃଷ୍ଣଯଜୁର୍ବେଦୀୟ

ତୈତ୍ତିରୀୟୋପନିଷଦ୍

ପ୍ରଥମ ଅଧ୍ୟାୟ

ଶୀକ୍ଷା ବଲ୍ଲୀ

ଶାନ୍ତିପାଠ

ଓଁ ଶଂ ନୋ ମିତ୍ରଃ ଶଂ ବରୁଣଃ । ଶଂ ନୋ ଭବତ୍ୟର୍ୟମା । ଶଂ ନ ଇନ୍ଦ୍ରୋ ବୃହସ୍ପତିଃ । ଶଂ ନୋ ବିଷ୍ଣୁରୁରୁକ୍ରମଃ । ନମୋ ବ୍ରହ୍ମଣେ । ନମସ୍ତେ ବାୟୋ । ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି । ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି । ଋତଂ ବଦିଷ୍ୟାମି । ସତ୍ୟଂ ବଦିଷ୍ୟାମି । ତନ୍ମାମବତୁ । ତଦ୍ୱକ୍ତାରମବତୁ । ଅବତୁ ମାମ୍ । ଅବତୁ ବକ୍ତାରମ୍ ॥ ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈଃ ।
ତେଜସ୍ୱି ନାବଧୀତମସ୍ତୁ ମା ବିଦ୍ୱିଷାବହୈ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

(ଅନ୍ୱୟ ଓ ଅର୍ଥ ପାଇଁ ତୈ., ୧/୧ ଏବଂ କଠ. ଶାନ୍ତିପାଠ ଦ୍ରଷ୍ଟବ୍ୟ)

ପ୍ରଥମ ଅନୁବାକ

ଓଁ ଶଂ ନୋ ମିତ୍ରଃ ଶଂ ବରୁଣଃ । ଶଂ ନୋ ଭବତ୍ୟର୍ୟମା । ଶଂ ନ ଇନ୍ଦ୍ରୋ ବୃହସ୍ପତିଃ । ଶଂ ନୋ ବିଷ୍ଣୁରୁରୁକ୍ରମଃ । ନମୋ ବ୍ରହ୍ମଣେ । ନମସ୍ତେ ବାୟୋ । ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି । ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି । ଋତଂ ବଦିଷ୍ୟାମି । ସତ୍ୟଂ ବଦିଷ୍ୟାମି । ତନ୍ମାମବତୁ । ତଦ୍ୱକ୍ତାରମବତୁ । ଅବତୁ ମାମ୍ । ଅବତୁ ବକ୍ତାରମ୍ ॥ ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥ ୧ ॥

ଇତି ପ୍ରଥମୋଽନୁବାକଃ ॥

[ଯେଉଁଥିରେ ବିଦ୍ୟାର ଶ୍ରବଣ, ଧାରଣା ଓ ପ୍ରଦାନ ପ୍ରତିବନ୍ଧକଶୂନ୍ୟ ହୋଇପାରିବ ସେଥିପାଇଁ ମିତ୍ରାଦି ଦେବତାଙ୍କ ଆନୁକୂଲ୍ୟ ପ୍ରାର୍ଥନା କରାଯାଉଛି]— **ମିତ୍ରଃ** ([ପ୍ରାଣ ଓ ଦିବସର ଅଭିମାନୀ ଦେବତା] ସୂର୍ଯ୍ୟ) **ନଃ** (ଆମ ନିକଟରେ) **ଶମ୍ [ଭବତୁ]** (ସୁଖଦାୟକ ହୁଅନ୍ତୁ) **ବରୁଣଃ** ([ଅପାନ ଓ ରାତ୍ରିର ଅଭିମାନୀ ଦେବତା] ବରୁଣ) **ନଃ** (ଆମ ନିକଟରେ) **ଶମ୍ [ଭବତୁ]** (ସୁଖପ୍ରଦ ହୁଅନ୍ତୁ) । **ଅର୍ୟମା** ([ଚକ୍ଷୁ ଓ ଆଦିତ୍ୟମଣ୍ଡଳର ଅଭିମାନୀ ଦେବତା] ଅର୍ଯ୍ୟମା) **ନଃ** (ଆମ ନିକଟରେ) **ଶମ୍ ଭବତୁ** (ସୁଖବିଧାୟକ ହୁଅନ୍ତୁ) । **ଇନ୍ଦ୍ରଃ** ([ବଳର ଅଭିମାନୀ ଦେବତା] ଇନ୍ଦ୍ର) **ନଃ** (ଆମ ନିକଟରେ) **ଶମ୍ [ଭବତୁ]** (ଆନନ୍ଦପ୍ରଦ ହୁଅନ୍ତୁ) । **ବୃହସ୍ପତିଃ** ([ବାଗିନ୍ଦ୍ରିୟ ଓ ବୁଦ୍ଧିର ଅଭିମାନୀ ଦେବତା] ବୃହସ୍ପତି) **[ନଃ ଶମ୍ ଭବତୁ]** (ଆମମାନଙ୍କ ନିକଟରେ ଆନନ୍ଦପ୍ରଦ ହୁଅନ୍ତୁ) । **ଉରୁକ୍ରମଃ** (ବିସ୍ତୀର୍ଣ୍ଣ-ପାଦବିକ୍ଷେପକାରୀ ଅର୍ଥାତ୍ ଜଗତ୍-ବ୍ୟାପକ [ପାଦଦ୍ୱୟର ଅଭିମାନୀ]) **ବିଷ୍ଣୁଃ** (ବିଷ୍ଣୁ) **ନଃ** (ଆମ ନିକଟରେ) **ଶମ୍ [ଭବତୁ]** (ସୁଖପ୍ରଦାୟକ ହୁଅନ୍ତୁ) **ବ୍ରହ୍ମଣେ** ([ପରୋକ୍ଷରୂପୀ ସୂତ୍ରାତ୍ମା] ବାୟୁଦେବଙ୍କୁ) **ନମଃ** (ନମସ୍କାର); **ବାୟୋ** (ହେ [ପ୍ରତ୍ୟକ୍ଷ ଆଧ୍ୟାତ୍ମିକ ମୁଖ୍ୟପ୍ରାଣରୂପୀ] ବାୟୁଦେବ) **ତେ** (ତୁମକୁ) **ନମଃ** (ନମସ୍କାର); **ତ୍ୱମ୍ ଏବ** (ତୁମେ ହିଁ) **ପ୍ରତ୍ୟକ୍ଷମ୍** (ସନ୍ନିହିତ ଓ ଅପରୋକ୍ଷ) **ବ୍ରହ୍ମ ଅସି** (ବ୍ରହ୍ମ ହୁଅ); **ତ୍ୱାମ୍ ଏବ** (ତୁମକୁ ହିଁ) **ପ୍ରତ୍ୟକ୍ଷମ୍** (ପ୍ରତ୍ୟକ୍ଷ) **ବ୍ରହ୍ମ** (ବ୍ରହ୍ମ) **ବଦିଷ୍ୟାମି**

(କହିବି); **ଋତମ୍** (ଶାସ୍ତ୍ରୋପଦିଷ୍ଟ ଓ ବୁଦ୍ଧିରେ ସୁନିଶ୍ଚିତ ଯଥାର୍ଥ ବସ୍ତୁରୂପରେ) **ବଦିଷ୍ୟାମି** (କହିବି) **ସତ୍ୟମ୍** ([ବାକ୍ୟ ଓ ଶରୀର ଦ୍ୱାରା ନିଷ୍ପାଦ୍ୟ] ସତ୍ୟବଚନ ଓ ସତ୍ୟ-ଆଚରଣ ରୂପେ) **ବଦିଷ୍ୟାମି** (କହିବି) । **ତତ୍** (ସେହି ସର୍ବାତ୍ମା ବାୟୁରୂପକ ବ୍ରହ୍ମ) **ମାମ୍** (ମୋତେ, ଅର୍ଥାତ୍ ଶିଷ୍ୟକୁ) **ଅବତୁ** (ରକ୍ଷା କରନ୍ତୁ [ବିଦ୍ୟାଗ୍ରହଣରେ ସାମର୍ଥ୍ୟ ଦାନ କରନ୍ତୁ]) **ତତ୍** (ସେହି ସର୍ବାତ୍ମା ବାୟୁରୂପକ ବ୍ରହ୍ମ) **ବକ୍ତାରମ୍** (ଆଚାର୍ଯ୍ୟଙ୍କୁ) **ଅବତୁ** (ରକ୍ଷା କରନ୍ତୁ [ବିଦ୍ୟାପ୍ରଦାନ ପାଇଁ ବକ୍ତୃତ୍ୱସାମର୍ଥ୍ୟ ଦାନ କରନ୍ତୁ]) । **ମାମ୍ ଅବତୁ** (ମୋତେ ସାମର୍ଥ୍ୟ ପ୍ରଦାନ କରନ୍ତୁ) **ବକ୍ତାରମ୍ ଅବତୁ** (ଆଚାର୍ଯ୍ୟଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ) [ଆଦରାର୍ଥେ ପୁନର୍ବଚନ] । **ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ** (ଏହି ଶାନ୍ତିପାଠରେ ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ବିଘ୍ନର ବିନାଶ ହେଉ) । ୧/୧/୧

ମିତ୍ରଦେବ ଆମମାନଙ୍କ ପ୍ରତି ସୁଖଦାୟକ ହୁଅନ୍ତୁ, ବରୁଣଦେବ ସୁଖପ୍ରଦ ହୁଅନ୍ତୁ, ଅର୍ଯ୍ୟମା ସୁଖବିଧାୟକ ହୁଅନ୍ତୁ, ଇନ୍ଦ୍ର ଓ ବୃହସ୍ପତି ଆନନ୍ଦପ୍ରଦ ହୁଅନ୍ତୁ, ବିସ୍ତୀର୍ଣ୍ଣ-ପାଦକ୍ଷେପଣକାରୀ ବିଷ୍ଣୁ ଆମମାନଙ୍କର ସୁଖପ୍ରଦାୟକ ହୁଅନ୍ତୁ ।[1] ବ୍ରହ୍ମରୂପୀ (ପରୋକ୍ଷ) ବାୟୁଙ୍କୁ ନମସ୍କାର, ହେ (ପ୍ରତ୍ୟକ୍ଷ) ବାୟୁ, ତୁମକୁ ନମସ୍କାର; ତୁମେ ହିଁ ପ୍ରତ୍ୟକ୍ଷ ବ୍ରହ୍ମ[2], ତୁମକୁ ହିଁ ପ୍ରତ୍ୟକ୍ଷ ବ୍ରହ୍ମ କହିବି, ତୁମକୁ ଋତସ୍ୱରୂପ କହିବି, ତୁମକୁ ସତ୍ୟସ୍ୱରୂପ କହିବି । ସେହି ବ୍ରହ୍ମ ମୋତେ ରକ୍ଷା କରନ୍ତୁ, ସେହି ବ୍ରହ୍ମ ଆଚାର୍ଯ୍ୟଙ୍କୁ ରକ୍ଷା କରନ୍ତୁ; ମୋତେ ରକ୍ଷା କରନ୍ତୁ, ଆଚାର୍ଯ୍ୟଙ୍କୁ ରକ୍ଷା କରନ୍ତୁ । ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ । ୧/୧/୧

॥ ପ୍ରଥମ ଅନୁବାକ ସମାପ୍ତ ॥

---

1. ସାୟନାଚାର୍ଯ୍ୟ ମିତ୍ର ପ୍ରଭୃତି ପଦର ଏହିପ୍ରକାର ଅର୍ଥ କରିଛନ୍ତି—**ମିତ୍ରଃ**=ଭକ୍ତଙ୍କ ପ୍ରତି ସ୍ନେହଶୀଳ ମିତ୍ରଦେବ, **ବରୁଣଃ**=ଭକ୍ତମାନଙ୍କୁ ବରଣକାରୀ ବରୁଣଦେବ, **ଅର୍ୟମା**=ଭକ୍ତଙ୍କ ପ୍ରତି ଗମନଶୀଳ ଅର୍ଯ୍ୟମା ।

2. ରାଜ୍ଞଦର୍ଶନାଭିଳାଷୀ କେହି ଯେପରି ରାଜାଙ୍କ ପରିଚାରକଙ୍କୁ "ତୁମେ ରାଜା" ଏପ୍ରକାର କହିପାରନ୍ତି, ସେପରି ହୃଦୟାକାଶରେ ଅବସ୍ଥିତ ବ୍ରହ୍ମଙ୍କ ଦର୍ଶନାଭିଳାଷୀ ମୁମୁକ୍ଷୁ ମଧ୍ୟ ପରିଚାରକ ପ୍ରାଣକୁ ବ୍ରହ୍ମ ବୋଲି ସମ୍ବୋଧନ କରୁଛନ୍ତି । ଛା., ୩/୧୩/୬ ଦ୍ୱାରପାଳ-ଉପାସନା ଦ୍ରଷ୍ଟବ୍ୟ । ଏକ ହିଁ ବାୟୁ ହିରଣ୍ୟଗର୍ଭ ଓ ପ୍ରାଣବାୟୁରୂପରେ ଅବସ୍ଥିତ ଅଛନ୍ତି । —ବୃ., ୩/୭/୨

ଦ୍ୱିତୀୟ ଅନୁବାକ

ଓଁ ଶୀକ୍ଷାଂ ବ୍ୟାଖ୍ୟାସ୍ୟାମଃ । ବର୍ଣ୍ଣଃ ସ୍ୱରଃ । ମାତ୍ରା ବଲମ୍ । ସାମ ସନ୍ତାନଃ । ଇତ୍ୟୁକ୍ତଃ ଶୀକ୍ଷାଧ୍ୟାୟଃ ॥ ୧ ॥

ଇତି ଦ୍ୱିତୀୟୋଽନୁବାକଃ ॥

[ବ୍ରହ୍ମବିଦ୍ୟାସ୍ୱରୂପ ଉପନିଷଦ୍‌ରେ ଅର୍ଥର ପ୍ରାଧାନ୍ୟ ଏବଂ ଶବ୍ଦାଂଶର ଅପ୍ରାଧାନ୍ୟ ଥିଲେ ମଧ୍ୟ ଶବ୍ଦ ଯଥାଯଥ ଉଚ୍ଚାରିତ ନ ହେଲେ ବିପରୀତ ଅର୍ଥ ପ୍ରତିଭାତ ହୋଇ ବିଘ୍ନ ଉପସ୍ଥିତ ହୋଇପାରେ । ଅତଏବ ଉପନିଷଦ୍-ପାଠରେ ମଧ୍ୟ ଉଦାତ୍ତାଦି ସ୍ୱରଭେଦ-ବିଷୟରେ ସାବଧାନତା ଆବଶ୍ୟକ । ଏଥିପାଇଁ ଶିକ୍ଷା ଆରମ୍ଭ ହେଉଅଛି] — ଓଁ (ପରମାତ୍ମାଙ୍କ ସ୍ମରଣପୂର୍ବକ) **ଶୀକ୍ଷାମ୍** (=**ଶିକ୍ଷାମ୍**, ଯାହା ଦ୍ୱାରା ବର୍ଣ୍ଣାଦିର ଉଚ୍ଚାରଣ ଶିକ୍ଷା କରାହୁଏ; ଅଥବା ଶିକ୍ଷଣୀୟ ଅକାରାଦି ବର୍ଣ୍ଣସମୂହ ହିଁ ଶିକ୍ଷା) **ବ୍ୟାଖ୍ୟାସ୍ୟାମଃ** (ବ୍ୟାଖ୍ୟା କରିବୁ) । [ଶିକ୍ଷଣୀୟ ବିଷୟ ହେଉଛି]—**ବର୍ଣ୍ଣଃ** (ଅକାରାଦି ବର୍ଣ୍ଣ) **ସ୍ୱରଃ** (ଉଦାତ୍ତାଦି ସ୍ୱର) **ମାତ୍ରା** (ହ୍ରସ୍ୱାଦି ମାତ୍ରା) **ବଲମ୍** (ଶବ୍ଦୋଚ୍ଚାରଣରେ ପ୍ରଯତ୍ନ) **ସାମ** (ସମତା, ଅର୍ଥାତ୍ ମଧ୍ୟମବୃତ୍ତି [ଦ୍ରୁତ, ବିଳମ୍ବିତ, ଅତ୍ୟଧିକ, ଅତିନ୍ୟୂନ ପ୍ରଭୃତି ତ୍ୟାଗପୂର୍ବକ ଏକରୂପତା] ଅବଲମ୍ବନରେ ଉଚ୍ଚାରଣ) **ସନ୍ତାନଃ** (ସଂହିତା, ଅଥବା ନିୟମିତ କ୍ରମବଦ୍ଧ ପଦ ବା ବାକ୍ୟ) । **ଇତି** (ଏହି ପ୍ରକାରରେ) **ଶୀକ୍ଷାଧ୍ୟାୟଃ** (ଶିକ୍ଷାବିଷୟକ ଅଧ୍ୟାୟ) **ଉକ୍ତଃ** (କଥିତ ହେଲା) । ୧/୨/୧

ଓଁ ! ଶିକ୍ଷାବିଷୟରେ ବ୍ୟାଖ୍ୟା କରିବୁ । (ଶିକ୍ଷଣୀୟ ବିଷୟ ହେଉଛି)—ବର୍ଣ୍ଣ, ସ୍ୱର[1], ମାତ୍ରା[2], ଶବ୍ଦୋଚ୍ଚାରଣ-ପ୍ରଯତ୍ନ, ସମରୂପେ ଉଚ୍ଚାରଣ ଏବଂ ନିୟମିତ-କ୍ରମବଦ୍ଧ ପଦ ବା ବାକ୍ୟ—ଏହିପରି ଶିକ୍ଷାବିଷୟକ ଅଧ୍ୟାୟ କଥିତ ହେଲା । ୧/୨/୧

॥ ଦ୍ୱିତୀୟ ଅନୁବାକ ସମାପ୍ତ ॥

---

1. ଉଦାତ୍ତ, ଅନୁଦାତ୍ତ, ସ୍ୱରିତ; ଅର୍ଥାତ୍ ଉଚ୍ଚସ୍ୱର, ମୃଦୁସ୍ୱର ଓ ମଧ୍ୟସ୍ୱର ।

2. ହ୍ରସ୍ୱସ୍ୱର=ଏକମାତ୍ରା, ଦୀର୍ଘସ୍ୱର=ଦ୍ୱିମାତ୍ରା, ପ୍ଲୁତସ୍ୱର=ତ୍ରିମାତ୍ରା, ବ୍ୟଞ୍ଜନବର୍ଣ୍ଣ=ଅର୍ଦ୍ଧମାତ୍ରାବିଶିଷ୍ଟ । —ଚଣ୍ଡୀ, ୧/୭୩-୭୪

ତୃତୀୟ ଅନୁବାକ

ସହ ନୌ ୟଶଃ । ସହ ନୌ ବ୍ରହ୍ମବର୍ଚସମ୍ । ଅଥାତଃ ସଂହିତାୟା ଉପନିଷଦଂ ବ୍ୟାଖ୍ୟାସ୍ୟାମଃ । ପଞ୍ଚସ୍ୱଧିକରଣେଷୁ । ଅଧିଲୋକମଧିଜ୍ୟୌତିଷମଧିବିଦ୍ୟମଧିପ୍ରଜମଧ୍ୟାତ୍ମମ୍ । ତା ମହାସଂହିତା ଇତ୍ୟାଚକ୍ଷତେ । ଅଥାଧିଲୋକମ୍ । ପୃଥିବୀ ପୂର୍ବରୂପମ୍ । ଦ୍ୟୌରୁତ୍ତରରୂପମ୍ । ଆକାଶଃ ସନ୍ଧିଃ । ବାୟୁ ସନ୍ଧାନମ୍ । ଇତ୍ୟଧିଲୋକମ୍ ॥୧॥

ନୌ ([ଶିଷ୍ୟ ଓ ଆଚାର୍ଯ୍ୟ] ଆମ ଉଭୟଙ୍କର) **ସହ** (ସମାନ ଭାବରେ) **ୟଶଃ** [ସଂହିତାଦିର ଉପନିଷଦ୍-ଜ୍ଞାନ-ଜନିତ] ଯଶ [ହେଉ]); **ସହ ନୌ ବ୍ରହ୍ମବର୍ଚସମ୍** (ବ୍ରହ୍ମତେଜ) [ହେଉ] । **ଅତଃ**([ଯେହେତୁ ପରମାର୍ଥତତ୍ତ୍ୱର ଅବଧାରଣ ଦୁରୂହ] ଅତଏବ) **ଅଥ** (ଅନନ୍ତର) **ଅଧିଲୋକମ୍** (ପୃଥିବ୍ୟାଦି ଲୋକବିଷୟକ ଦର୍ଶନ ବା ଉପାସନା) **ଅଧିଜ୍ୟୋତିଷମ୍** (ଅଗ୍ନ୍ୟାଦି ଜ୍ୟୋତିର୍ବିଷୟକ ଦର୍ଶନ) **ଅଧିବିଦ୍ୟମ୍** (ବିଦ୍ୟା, ଅର୍ଥାତ୍ ବିଦ୍ୟାସମ୍ବନ୍ଧ, ଆଚାର୍ଯ୍ୟାଦିବିଷୟକ ଦର୍ଶନ) **ଅଧିପ୍ରଜମ୍** (ସନ୍ତାନ, ଅର୍ଥାତ୍ ସନ୍ତାନ ସହିତ ସମ୍ବନ୍ଧ, ପିତ୍ରାଦିବିଷୟକ ଦର୍ଶନ) **ଅଧ୍ୟାତ୍ମମ୍** (ଶରୀରସମ୍ବନ୍ଧୀ ଜିହ୍ୱାଦିବିଷୟକ ଦର୍ଶନ)=[ଏହି] **ପଞ୍ଚସୁ ଅଧିକରଣେଷୁ** (=**ପଞ୍ଚଭିଃ ଅଧିକରଣୈଃ**, ପାଞ୍ଚ ଅଧିକରଣ, ଅର୍ଥାତ୍ ବିଷୟ ଅବଲମ୍ବନରେ) **ସଂହିତାୟାଃ** ([ସହୋଚ୍ଚାରିତ] ବର୍ଣ୍ଣ ସମୂହର ସନ୍ନିକର୍ଷବିଷୟକ) **ଉପନିଷଦମ୍** (ଦର୍ଶନ ବା ଉପାସନା) **ବ୍ୟାଖ୍ୟାସ୍ୟାମଃ** (ବ୍ୟାଖ୍ୟା କରିବୁ) । **ତାଃ** (ଏହି ପଞ୍ଚବିଷୟକ ସମ୍ମିଳିତ ଦର୍ଶନକୁ) **ମହାସଂହିତା ଇତି** (ମହାସଂହିତା) **ଆଚକ୍ଷତେ** (କହିଥାଆନ୍ତି) । **ଅଥ ଅଧିଲୋକମ୍** (ଲୋକବିଷୟରେ) [ଦର୍ଶନ କୁହା ହେଉଅଛି]—**ପୃଥିବୀ** (ପୃଥିବୀ [ଦେବତା]) **ପୂର୍ବରୂପମ୍** ([ସହୋଚ୍ଚାରିତ ବର୍ଣ୍ଣଦ୍ୱୟର] ପୂର୍ବବର୍ଣ୍ଣର ସ୍ୱରୂପ) [ଅର୍ଥାତ୍ ସେହି ବର୍ଣ୍ଣରେ ପୃଥିବୀ ଦେବତାଙ୍କ ଦୃଷ୍ଟି କରିବାକୁ ହେବ] **ଦ୍ୟୌଃ** (ଦ୍ୟୁଲୋକ) **ଉତ୍ତରରୂପମ୍** (ପରବର୍ଣ୍ଣର ସ୍ୱରୂପ) [ଅର୍ଥାତ୍ ସେଥିରେ ସ୍ୱର୍ଗଲୋକାଭିମାନୀ ଦେବତାଙ୍କର ଦୃଷ୍ଟି କରିବାକୁ ହେବ], **ଆକାଶଃ** (ଆକାଶ) **ସନ୍ଧିଃ** (ଉଭୟ ବର୍ଣ୍ଣର ମିଳନ ସ୍ଥଳ, ମଧ୍ୟବର୍ତ୍ତୀ ଆକାଶ) [ଅର୍ଥାତ୍ ସେଥିରେ ଅନ୍ତରିକ୍ଷଦେବତାଙ୍କ ଦୃଷ୍ଟି କରିବାକୁ ହେବ], **ବାୟୁଃ** (ବାୟୁ) **ସନ୍ଧାନମ୍** (ସମ୍ବନ୍ଧ, ସନ୍ନିକର୍ଷ) [ଅର୍ଥାତ୍ ଯାହା ସହାୟରେ ଉଭୟବର୍ଣ୍ଣ ସମ୍ମିଳିତ ହୁଏ ସେଥିରେ ବାୟୁଦେବତାଙ୍କ ଦୃଷ୍ଟି

କରିବାକୁ ହେବ]—**ଇତି ଅଧିଲୋକମ୍** (ଏହି ପ୍ରକାରେ ଲୋକବିଷୟକ ଦର୍ଶନ କୁହାହେଲା) । ୧/୩/୧

ଆମ ଉଭୟଙ୍କର (ଅର୍ଥାତ୍ ଶିଷ୍ୟ ଓ ଆଚାର୍ଯ୍ୟଙ୍କର) ଯଶ ସମାନ ଭାବରେ ବିସ୍ତାରିତ ହେଉ, ଆମ ଉଭୟଙ୍କର ବ୍ରହ୍ମତେଜ ସମଭାବେ ପ୍ରକାଶିତ ହେଉ[1] । ଅଧିଲୋକ, ଅଧିଜ୍ୟୋତିଷ, ଅଧିବିଦ୍ୟ, ଅଧିପ୍ରଜ ଓ ଅଧାତ୍ମ—ଏହି ପାଞ୍ଚଟି ବିଷୟ-ଅବଲମ୍ବନରେ ସଂହିତା (ଅର୍ଥାତ୍ ବର୍ଣ୍ଣସମୂହର ସନ୍ନିକର୍ଷ)-ବିଷୟକ ଉପାସନା ବ୍ୟାଖ୍ୟା କରିବୁ[2] । (ମେଧାବୀଗଣ) ଏହି ପାଞ୍ଚଟି ବିଷୟର ସମ୍ମିଳିତ ଦର୍ଶନକୁ ମହାସଂହିତା କହିଥାଆନ୍ତି । ଅନନ୍ତର ଲୋକାଧିକାର ଅନୁସାରେ ଦର୍ଶନ କୁହା ହେଉଅଛି—ପୃଥିବୀ (ସହୋଚ୍ଚାରିତ ବର୍ଣ୍ଣଦ୍ୱୟ ମଧ୍ୟରେ) ପୂର୍ବବର୍ଣ୍ଣର ସ୍ୱରୂପ, ସ୍ୱର୍ଗଲୋକ ପରବର୍ଣ୍ଣର ସ୍ୱରୂପ, ଅନ୍ତରିକ୍ଷଲୋକ ଉଭୟ ବର୍ଣ୍ଣର ମଧ୍ୟସ୍ଥଳ ଏବଂ ବାୟୁ ଉଭୟ ବର୍ଣ୍ଣ ସମ୍ବନ୍ଧସ୍ୱରୂପ[3]—ଏହିପରି ଲୋକବିଷୟକ ଦର୍ଶନ କୁହାହେଲା । ୧/୩/୧

---

1. **'ଶଂ ନୋ'** ଶାନ୍ତିମନ୍ତ୍ରରେ ଯେଉଁ ପ୍ରାର୍ଥନା କରାଯାଇଛି ତାହା ସମଗ୍ର ଉପନିଷଦ୍-ପାଠର ଅଙ୍ଗରୂପେ କରାଯାଇଛି । କିନ୍ତୁ **'ସହ ନୌ'** ଶାନ୍ତିମନ୍ତ୍ରରେ ପ୍ରାର୍ଥନାଟି କେବଳ ସଂହିତା-ବିଷୟକ ଉପାସନାର ଅନ୍ତର୍ଭୁକ୍ତ ।

2. ଶିଷ୍ୟଙ୍କ ମନରେ ପୂର୍ବର ଅଭ୍ୟସ୍ତ ବେଦପାଠର ହିଁ ସଂସ୍କାର ରହିଅଛି, ଉପାସନା ପ୍ରତି ଅକସ୍ମାତ୍ ତାଙ୍କର ଦୃଷ୍ଟି ଆକୃଷ୍ଟ ହୋଇପାରେ ନାହିଁ । ଅଥଚ ଉପନିଷଦ୍‌ରେ କୁହାଯାଇଥିବା ବିଦ୍ୟାର ଅଧିକାରୀ ହେବାକୁ ହେଲେ ପ୍ରଥମେ ଉପାସନା-ଅବଲମ୍ବନରେ ଚିତ୍ତର ଶୁଦ୍ଧି ଓ ଏକାଗ୍ରତା ଲାଭ ଆବଶ୍ୟକ । ପାଠଲବ୍ଧ ସଂସ୍କାରବଶତଃ ଶିଷ୍ୟଙ୍କ ଦୃଷ୍ଟି ଆପାତତଃ ବର୍ଣ୍ଣସମୂହ ଉପରେ ହିଁ ନିବଦ୍ଧ ରହିଛି । ସୁତରାଂ ପରିଚିତ ବର୍ଣ୍ଣସହାୟରେ ଗୋଟିଏ ଉପାସନା ବିହିତ ହେଉଅଛି । ଏଥିରେ ସିଦ୍ଧିଲାଭ ହେଲେ ମନ ସ୍ଥୂଳ ବର୍ଣ୍ଣ ସମୂହକୁ ଛାଡ଼ି କ୍ରମେ ତାହା ଅପେକ୍ଷା ସୂକ୍ଷ୍ମବିଷୟସମୂହର ଧାରଣା କରିପାରିବ । **ଉପ**=ସମୀପରେ, **ନିଷଣ୍ଣ**=ସମୁପସ୍ଥିତ ଅଛି (ପୁତ୍ର ପଶୁ ପ୍ରଭୃତି ଫଳ ଯେଉଁ ବିଦ୍ୟାରେ)—ଏହି ବ୍ୟୁତ୍ପତ୍ତି ଅନୁସାରେ (ଏଠାରେ) **ଉପନିଷଦ୍**=ଉପାସନା । ଏଠାରେ ପାଞ୍ଚଟି ଉପାସନା ବିହିତ ହୋଇ ନାହିଁ, ପଞ୍ଚଟି ବିଷୟ-ଅବଲମ୍ବନରେ ଗୋଟିଏ ମାତ୍ର ଉପାସନା ହିଁ ବର୍ଣ୍ଣିତ ହୋଇଛି । ଶାଳଗ୍ରାମରେ ଯେପରି ବିଷ୍ଣୁବୁଦ୍ଧି କରାଯାଏ, ଅର୍ଥାତ୍ ଶାଳଗ୍ରାମଙ୍କୁ ପ୍ରତୀକସ୍ୱରୂପ ଗ୍ରହଣ କରି ଯେପରି ବିଷ୍ଣୁଙ୍କର ପୂଜା କରାଯାଏ, ସେହିପରି ଏହି ଉପାସନାରେ ମଧ୍ୟ 'ସଂହିତା'ର ବିଭିନ୍ନ ଅଙ୍ଗରେ କ୍ରମେ ବିଭିନ୍ନ ଦେବତାଙ୍କର ଚିନ୍ତା କରିବାକୁ ହେବ ।

3. ଏହି ଉପାସନାର ମୂଳରେ ଅଛି ସାଦୃଶ୍ୟ । ଗୋଟିଏ ପଟେ ପୃଥିବୀ, ଅନ୍ୟଦିଗରେ ଦ୍ୟୁଲୋକ ବା ସ୍ୱର୍ଗ, ମଝିରେ ଆକାଶ; ବାୟୁ ବା ସୂତ୍ରାତ୍ମା ଏହି ପୃଥିବୀ ଓ ସ୍ୱର୍ଗର ମିଳନର ସହାୟକ । ସଂହିତାର ପୂର୍ବବର୍ଣ୍ଣ ଓ ଉତ୍ତରବର୍ଣ୍ଣ ଏବଂ ସେମାନଙ୍କର ମଧ୍ୟସ୍ଥଳ ଓ ମିଳନ—ଏହି କେତୋଟି ଜିନିଷ ସହିତ ପୃଥିବ୍ୟାଦିର ସାଦୃଶ୍ୟ ଅଛି । ଗୋଟିଏ ଦୃଷ୍ଟାନ୍ତ ଗ୍ରହଣ କରାଯାଉ । **"ଇଷେ ତ୍ୱା"**—ଏହି ଯଜୁର୍ବେଦୀୟ ମନ୍ତ୍ରର ପାଠବେଳେ **'ଇଷେ'**ର **'ଏ'**କାର ସହିତ **'ତ୍ୱା'**ର **'ତ'** ସମ୍ମିଳିତ ହେବ ।

ଅଥାଧ୍ୱଜ୍ୟୌତିଷମ୍ । ଅଗ୍ନିଃ ପୂର୍ବରୂପମ୍ । ଆଦିତ୍ୟ ଉତ୍ତରରୂପମ୍ । ଆପଃ ସନ୍ଧିଃ । ବୈଦ୍ୟୁତଃ ସନ୍ଧାନମ୍ । ଇତ୍ୟଧ୍ୱଜ୍ୟୌତିଷମ୍ ॥୨॥

ଅଥ (ଅନନ୍ତର) **ଅଧ୍ୱଜ୍ୟୌତିଷମ୍** (ଜ୍ୟୋତିର୍ବିଷୟକ ଦର୍ଶନ କୁହାହେଉଛି)— **ଅଗ୍ନିଃ** (ଅଗ୍ନି) **ପୂର୍ବରୂପମ୍** (ପୂର୍ବବର୍ଣ୍ଣର ସ୍ୱରୂପ) **ଆଦିତ୍ୟଃ** (ସୂର୍ଯ୍ୟ) **ଉତ୍ତରରୂପମ୍** (ପରବର୍ଣ୍ଣର ସ୍ୱରୂପ) **ଆପଃ** (ଜଳ ଅର୍ଥାତ୍ ଜଳମୟ ଚନ୍ଦ୍ର) **ସନ୍ଧିଃ** (ଉଭୟ ବର୍ଣ୍ଣର ମିଳନସ୍ଥଳ) **ବୈଦ୍ୟୁତଃ** (=**ବିଦ୍ୟୁତଃ**, ବିଦ୍ୟୁତ୍) **ସନ୍ଧାନମ୍** (ସମ୍ବନ୍ଧ, ସନ୍ନିକର୍ଷ) **ଇତି ଅଧ୍ୱଜ୍ୟୌତିଷମ୍** (ଏହି ପ୍ରକାର ଜ୍ୟୋତିର୍ବିଷୟକ ଦର୍ଶନ କୁହାହେଲା) । ୧/୩/୨

ଅନନ୍ତର ଜ୍ୟୋତିର୍ବିଷୟକ ଦର୍ଶନ କୁହାହେଉଛି—ଅଗ୍ନି ପୂର୍ବବର୍ଣ୍ଣର ସ୍ୱରୂପ, ସୂର୍ଯ୍ୟ ପରବର୍ଣ୍ଣର ସ୍ୱରୂପ, ଜଳ ଉଭୟ ବର୍ଣ୍ଣର ମିଳନସ୍ଥଳ ଏବଂ ବିଦ୍ୟୁତ୍ ସେମାନଙ୍କର ସମ୍ବନ୍ଧ—ଏହି ପ୍ରକାର ଜ୍ୟୋତିର୍ବିଷୟକ ଦର୍ଶନ କୁହାହେଲା । ୧/୩/୨

ଅଥାଧ୍ୱବିଦ୍ୟମ୍ । ଆଚାର୍ୟଃ ପୂର୍ବରୂପମ୍ । ଅନ୍ତେବାସ୍ୟୁତ୍ତରରୂପମ । ବିଦ୍ୟା ସନ୍ଧିଃ । ପ୍ରବଚନଂ ସନ୍ଧାନମ୍ । ଇତ୍ୟଧ୍ୱବିଦ୍ୟମ୍ ॥୩॥

ଅଥ (ଅନନ୍ତର) **ଅଧ୍ୱବିଦ୍ୟମ୍** (ବିଦ୍ୟାଧିକାରରେ ଦର୍ଶନ କୁହାହେଉଛି)— **ଆଚାର୍ୟଃ** (ଗୁରୁ) **ପୂର୍ବରୂପମ୍** (ପୂର୍ବବର୍ଣ୍ଣର ସ୍ୱରୂପ) **ଅନ୍ତେବାସୀ** (ଶିଷ୍ୟ) **ଉତ୍ତରରୂପମ୍** (ପରବର୍ଣ୍ଣର ସ୍ୱରୂପ) **ବିଦ୍ୟା** (ବିଦ୍ୟା, ଆଚାର୍ଯ୍ୟଙ୍କ ଦ୍ୱାରା ଉଚ୍ଚାରିତ ଶବ୍ଦରାଶି) **ସନ୍ଧିଃ** (ଉଭୟ ବର୍ଣ୍ଣର ମିଳନସ୍ଥଳ) **ପ୍ରବଚନମ୍** (ଗୁରୁ ଓ ଶିଷ୍ୟଙ୍କ ବେଦୋଚ୍ଚାରଣ) **ସନ୍ଧାନମ୍** (ସମ୍ବନ୍ଧ) **ଇତି ଅଧ୍ୱବିଦ୍ୟମ୍** (ଏହି ପ୍ରକାର ବିଦ୍ୟାଧିକାରରେ ଦର୍ଶନ କୁହାହେଲା) । ୧/୩/୩

ଏହିପ୍ରକାର ସମ୍ମିଳନବିଷୟକ ଉପାସନା ହିଁ ଏଠାରେ କୁହାଯାଉଛି । ପୂର୍ବୋକ୍ତ **'ଏ'** କାର ହିଁ ପୂର୍ବବର୍ଣ୍ଣ ପୃଥିବୀ, **'ତ'**କାର ପରବର୍ଣ୍ଣ ଦ୍ୟୁଲୋକ । **'ଏ'** ଓ **'ତ'**ର ମଧ୍ୟସ୍ଥଳ ଅନ୍ତରିକ୍ଷ । **'ଇଷେ ତ୍ୱା'** ଉଚ୍ଚାରଣକାଳରେ **'ଇଷେତ୍ତ୍ୱା'** ଏହିପରି ଶୁଣାଯାଏ । ଏହି 'ଖଣ୍ଡ ତ' ଦ୍ୱାରା ହିଁ ଉଭୟ ବର୍ଣ୍ଣ ମିଳିତ ହେଉଅଛି—ସୁତରାଂ ତାହା ହିଁ ସନ୍ଧାନ ଏବଂ ସେଥିରେ ହିଁ ବାୟୁଦୃଷ୍ଟି କରିବାକୁ ହେବ । ଏଠାରେ ଦ୍ରଷ୍ଟବ୍ୟ ଏହି ଯେ, ସ୍ଥୂଳ ପୃଥିବ୍ୟାଦି ଲୋକର ଦୃଷ୍ଟି ଆରୋପିତ ହେଉ ନାହିଁ, ବର୍ଣ୍ଣାଦି-ଅବଲମ୍ବନରେ ପୃଥିବ୍ୟାଦିର ଅଭିମାନୀ ଦେବତାଙ୍କ ଚିନ୍ତା ହିଁ ଏଠାରେ ବିଧେୟ । **ସନ୍ଧିଃ=ସନ୍ଧୀୟେତେ ଅସ୍ମିନ୍ ଇତି** ଅର୍ଥାତ୍ ଯେଉଁଥିରେ ଉଭୟ ବର୍ଣ୍ଣ ମିଳିତ ହୁଏ । **ସନ୍ଧାନମ୍=ସନ୍ଧୀୟେତେ ଅନେନ ଇତି**, ଅର୍ଥାତ୍ ଯାହା ସହାୟରେ ଉଭୟ ମିଳିତ ହୁଅନ୍ତି । ଅନ୍ୟାନ୍ୟ ସ୍ଥଳରେ ମଧ୍ୟ ଏହି ଟୀକାଦ୍ୱୟ ସ୍ମରଣୀୟ । ଏହି ଉପାସନାର ଏକ ବିଶେଷ କ୍ରମ ଅଛି—ତାହା ହିଁ **ଅଧ୍ୱଲୋକମ୍, ଅଧ୍ୱଜ୍ୟୌତିଷମ୍** ଇତ୍ୟାଦି ଦ୍ୱାରା କୁହାହୋଇଛି । ଏହି କ୍ରମ ଅବଶ୍ୟ ଅବଲମ୍ବନୀୟ ।

ଅନନ୍ତର ବିଦ୍ୟାଧିକାରରେ ଦର୍ଶନ କୁହାହେଉଅଛି—ଆଚାର୍ଯ୍ୟ ପୂର୍ବବର୍ଣ୍ଣର ସ୍ୱରୂପ, ଶିଷ୍ୟ ପରବର୍ଣ୍ଣର ସ୍ୱରୂପ, ବିଦ୍ୟା ଉଭୟ ବର୍ଣ୍ଣର ମିଳନସ୍ଥଳ ଏବଂ ବେଦୋଚ୍ଚାରଣ ସେମାନଙ୍କର ସମ୍ବନ୍ଧ—ଏହିପରି ବିଦ୍ୟାଧିକାରରେ ଦର୍ଶନ କୁହାହେଲା । ୧/୩/୩

ଅଥାଧିପ୍ରଜମ୍ । ମାତା ପୂର୍ବରୂପମ୍ । ପିତୋତ୍ତରରୂପମ୍ । ପ୍ରଜ୍ଞା ସନ୍ଧିଃ । ପ୍ରଜନନଂ ସନ୍ଧାନମ୍ । ଇତ୍ୟଧିପ୍ରଜମ୍ ॥୪॥

ଅଥ (ଅନନ୍ତର) **ଅଧିପ୍ରଜମ୍** (ପ୍ରଜାଧିକାରରେ ବା ସନ୍ତାନାଧିକାରରେ ଦର୍ଶନ କୁହାହେଉଛି)—**ମାତା** (ମାତା) **ପୂର୍ବରୂପମ୍** (ପୂର୍ବବର୍ଣ୍ଣର ସ୍ୱରୂପ) **ପିତା** (ପିତା) **ଉତ୍ତରରୂପମ୍** (ପରବର୍ଣ୍ଣର ସ୍ୱରୂପ) **ପ୍ରଜ୍ଞା** (ସନ୍ତାନ) **ସନ୍ଧିଃ** (ଉଭୟ ବର୍ଣ୍ଣର ମିଳନସ୍ଥଳ) **ପ୍ରଜନନମ୍** (ସନ୍ତାନୋତ୍ପତ୍ତି) **ସନ୍ଧାନମ୍** (ସମ୍ବନ୍ଧ) **ଇତି ଅଧିପ୍ରଜମ୍** (ଏହିପରି ଅଧିପ୍ରଜ ଦର୍ଶନ କୁହାହେଲା) । ୧/୩/୪

ଅନନ୍ତର ସନ୍ତାନାଧିକାରରେ ଦର୍ଶନ କୁହାହେଉଛି—ମାତା ପୂର୍ବବର୍ଣ୍ଣର ସ୍ୱରୂପ, ପିତା ପରବର୍ଣ୍ଣ ସ୍ୱରୂପ, ସନ୍ତାନ ଉଭୟ ବର୍ଣ୍ଣର ମିଳନସ୍ଥଳ, ସନ୍ତାନୋତ୍ପତ୍ତି ଉଭୟଙ୍କ ସମ୍ବନ୍ଧ—ଏହିପରି ଅଧିପ୍ରଜ ଦର୍ଶନ କୁହାହେଲା । ୧/୩/୪

ଅଥାଧ୍ୟାତ୍ମମ୍ । ଅଧରା ହନୁଃ ପୂର୍ବରୂପମ୍ । ଉତ୍ତରା ହନୁରୁତ୍ତରରୂପମ୍ । ବାକ୍ ସନ୍ଧିଃ । ଜିହ୍ୱା ସନ୍ଧାନମ୍ । ଇତ୍ୟଧ୍ୟାତ୍ମମ୍ ॥୫॥

ଅଥ(ଅନନ୍ତର) **ଅଧ୍ୟାତ୍ମମ୍** (ଶରୀରାଧିକାରରେ ଦର୍ଶନ କୁହାହେଉଅଛି)—**ଅଧରାଃ ହନୁଃ** (ନିମ୍ନ ହନୁ, ନିମ୍ନ ଓଷ୍ଠରୁ ଚିବୁକ ପର୍ଯ୍ୟନ୍ତ ଅଙ୍ଗ) **ପୂର୍ବରୂପମ୍** (ପୂର୍ବବର୍ଣ୍ଣର ସ୍ୱରୂପ) **ଉତ୍ତରା ହନୁଃ** (ଊର୍ଦ୍ଧ୍ୱ ହନୁ ଅର୍ଥାତ୍ ଊର୍ଦ୍ଧ୍ୱ ଓଷ୍ଠରୁ ନାସିକାମୂଳ ପର୍ଯ୍ୟନ୍ତ ଅବୟବ) **ଉତ୍ତରରୂପମ୍** (ପରବର୍ଣ୍ଣର ସ୍ୱରୂପ) **ବାକ୍** (ବର୍ଣ୍ଣୋଚ୍ଚାରଣକ୍ଷମ ତାଲୁ ପ୍ରଭୃତି) **ସନ୍ଧିଃ** (ଉଭୟ ବର୍ଣ୍ଣର ମିଳନସ୍ଥଳ) **ଜିହ୍ୱା** (ଜିହ୍ୱା) **ସନ୍ଧାନମ୍** (ସମ୍ବନ୍ଧ)—**ଇତି ଅଧ୍ୟାତ୍ମମ୍** (ଏହିପରି ଅଧ୍ୟାତ୍ମଦର୍ଶନ କୁହାହେଲା) । ୧/୩/୫

ଅନନ୍ତର ଶରୀରାଧିକାରରେ ଦର୍ଶନ କୁହାହେଉଛି—ନିମ୍ନ ହନୁ ପୂର୍ବବର୍ଣ୍ଣର ସ୍ୱରୂପ, ଊର୍ଦ୍ଧ୍ୱ ହନୁ ପରବର୍ଣ୍ଣର ସ୍ୱରୂପ, ବର୍ଣ୍ଣୋଚ୍ଚାରଣକ୍ଷମ ତାଲୁ ପ୍ରଭୃତି ଉଭୟ ବର୍ଣ୍ଣର ମିଳନସ୍ଥଳ, ଜିହ୍ୱା ଉଭୟର ସମ୍ବନ୍ଧସ୍ୱରୂପ—ଏହିପରି ଅଧ୍ୟାତ୍ମଦର୍ଶନ କୁହାହେଲା । ୧/୩/୫

ଇତୀମା ମହାସଂହିତା ୟ ଏବମେତା ମହାସଂହିତା ବ୍ୟାଖ୍ୟାତା ବେଦ । ସନ୍ଧୀୟତେ ପ୍ରଜୟା ପଶୁଭିଃ । ବ୍ରହ୍ମବର୍ଚସେନାନ୍ନାଦ୍ୟେନ ସୁବର୍ଗ୍ୟେଣ ଲୋକେନ ॥୬॥

ଇତି ତୃତୀୟୋଽନୁବାକଃ ॥

ଇତି ଇମାଃ (ଉକ୍ତ [ପଞ୍ଚଧା ବିଭକ୍ତ] ଏହି) **ମହାସଂହିତାଃ** (ମହାସଂହିତା) [ବର୍ଣ୍ଣିତ ହେଲା] । **ୟଃ** (ଯେକେହି) **ଏତାଃ** (ଏହି ସକଳ) **ବ୍ୟାଖ୍ୟାତାଃ** (ବ୍ୟାଖ୍ୟାତ) **ମହାସଂହିତାଃ** (ମହାସଂହିତାସମୂହ) **ଏବମ୍** (ଏହି ପ୍ରକାରରେ) **ବେଦ** (ଉପାସନା କରନ୍ତି) [ସେ] **ପ୍ରଜୟା** (ସନ୍ତାନ ସହିତ) **ପଶୁଭିଃ** (ପଶୁଗଣଙ୍କ ସହିତ) **ବ୍ରହ୍ମବର୍ଚସେନ** (ବ୍ରହ୍ମତେଜ ସହିତ) **ଅନ୍ନାଦ୍ୟେନ** (ଭକ୍ଷଣୀୟ ଅନ୍ନ ସହିତ) **ସୁବର୍ଗ୍ୟେଣ ଲୋକେନ** ([କର୍ମଫଳଭୂତ] ସ୍ୱର୍ଗଲୋକ ସହିତ) **ସନ୍ଧୀୟତେ** (ସମ୍ମିଳିତ ହୁଅନ୍ତି) । ୧/୩/୬

ଉକ୍ତ ପଞ୍ଚଧା ବିଭକ୍ତ ମହାସଂହିତା ବର୍ଣ୍ଣିତ ହେଲା । ଯେକେହି ଏହି ସକଳ ପୂର୍ବ-ବ୍ୟାଖ୍ୟାତ ମହାସଂହିତା ବିଷୟରେ ଏହି ପ୍ରକାର ଉପାସନା କରନ୍ତି, ସେ ସନ୍ତାନ, ପଶୁ, ବ୍ରହ୍ମତେଜ, ଭକ୍ଷଣୀୟ ଅନ୍ନ ଓ ସ୍ୱର୍ଗଲୋକ ସହିତ ସମ୍ମିଳିତ[1] ହୁଅନ୍ତି । ୧/୩/୬

॥ ତୃତୀୟ ଅନୁବାକ ସମାପ୍ତ ॥

ଚତୁର୍ଥ ଅନୁବାକ

ୟଶ୍ଛନ୍ଦସାମୃଷଭୋ ବିଶ୍ୱରୂପଃ । ଛନ୍ଦୋଭ୍ୟୋଽଧମୃତାତ୍ ସମ୍ବଭୂବ । ସ ମେନ୍ଦ୍ରୋ ମେଧୟା ସ୍ପୃଣୋତୁ । ଅମୃତସ୍ୟ ଦେବ ଧାରଣୋ ଭୂୟାସମ୍ । ଶରୀରଂ ମେ ବିଚର୍ଷଣମ୍ । ଜିହ୍ୱା ମେ ମଧୁମତ୍ତମା । କର୍ଣ୍ଣାଭ୍ୟାଂ ଭୂରି

---

1. ଉକ୍ତ ପାଞ୍ଚୋଟି ଉପନିଷଦ୍ ସମୁଚ୍ଚିତରୂପେ ଉପାସିତ ହେଲେ ଫଳକାମୀ ପକ୍ଷରେ କଥିତ ଫଳଲାଭ ହୁଏ ଏବଂ ଯିଏ ଫଳକାମନାଶୂନ୍ୟ ହୋଇ ଉପାସନା କରନ୍ତି, ତାଙ୍କ ପକ୍ଷରେ ତାହା ଚିତ୍ତଶୁଦ୍ଧିକ୍ରମେ ବ୍ରହ୍ମବିଦ୍ୟାଲାଭର ସହାୟକ ହୁଏ ।

ବିଶ୍ରବମ୍ । ବ୍ରହ୍ମଣଃ କୋଶୋଽସି ମେଧୟା ପିହିତଃ । ଶ୍ରୁତଂ ମେ ଗୋପାୟ ॥୧॥

[ମେଧାହୀନ ବ୍ୟକ୍ତି ଶ୍ରୁତ ଗ୍ରନ୍ଥାର୍ଥ ବିସ୍ମୃତ ହୁଅନ୍ତି ବୋଲି ବ୍ରହ୍ମଙ୍କୁ ଜାଣିବାକୁ ସମର୍ଥ ନୁହନ୍ତି । ଅତଏବ ମେଧାକାମୀ ବ୍ୟକ୍ତିଙ୍କର ଜପ ପାଇଁ ଏବଂ ଶ୍ରୀକାମୀ ବ୍ୟକ୍ତିଙ୍କର ହୋମ ପାଇଁ ବର୍ତ୍ତମାନ ଅନୁବାକରେ ମନ୍ତ୍ର ବିହିତ ହେଉଅଛି । ସେହି ଜପ ବ୍ରହ୍ମବିଦ୍ୟାର ସହାୟକ । ସତ୍ତ୍ୱଶୁଦ୍ଧି ପାଇଁ ଯଜ୍ଞାଦିର ମଧ୍ୟ ପ୍ରୟୋଜନ ଅଛି । ଧନାଦି ବ୍ୟତିରେକେ ଯଜ୍ଞ ଅସମ୍ଭବ । ଅତଏବ ଶ୍ରୀକାମନା ମଧ୍ୟ ପରମ୍ପରାକ୍ରମେ ବ୍ରହ୍ମବିଦ୍ୟାର ସହାୟକ]—**ୟଃ** (ଯେଉଁ ଓଁକାର) **ଛନ୍ଦସାମ୍** (ବେଦସମୂହର) **ଋଷଭଃ** (ପ୍ରଧାନ) **ବିଶ୍ୱରୂପଃ** (**ସର୍ବରୂପଃ**, ସମସ୍ତ ଶବ୍ଦରେ ବ୍ୟାପ୍ତ) **ଅମୃତାତ୍** (ଅମୃତସ୍ୱରୂପ, ନିତ୍ୟ) **ଛନ୍ଦୋଭ୍ୟଃ** (ବେଦଠାରୁ) **ଅଧ୍ୟସମ୍ଭୂବ** (ସାରରୂପରେ ଉଦ୍ଭୂତ ହୋଇଛନ୍ତି) [ଛା., ୧/୧/୩], **ସଃ** (ସେହି ଓଁକାର-ସ୍ୱରୂପ) **ଇନ୍ଦ୍ରଃ** (ପରମେଶ୍ୱର) [ଛାଃ ୨/୨୩/୨-୩] **ମା** (ମୋତେ) **ମେଧୟା** (ପ୍ରଜ୍ଞାଦ୍ୱାରା) **ସ୍ପୃଣୋତୁ** (ତୃପ୍ତ କରନ୍ତୁ, ବଳବାନ୍ କରନ୍ତୁ) । **ଦେବ** (ହେ ଦେବ) **ଅମୃତସ୍ୟ** (ଅମୃତର, ବ୍ରହ୍ମଜ୍ଞାନର) **ଧାରଣଃ** (ଧାରୟିତା, ଆଧାର) **ଭୂୟାସମ୍** (ଯେପରି ହୋଇପାରେ) । **ମେ** (ମୋର) **ଶରୀରମ୍** (ଦେହ) **ବିଚର୍ଷଣମ୍** (ବିଚକ୍ଷଣ, ଯୋଗ୍ୟ) [**ଭୂୟାତ୍** (ଯେପରି ହୁଏ)]; **ମେ** (ମୋର) **ଜିହ୍ୱା** (ଜିହ୍ୱା) **ମଧୁମତ୍ତମା** (ଅତିଶୟ ମଧୁରଭାଷିଣୀ [ଯେପରି ହୁଏ]); **କର୍ଣ୍ଣାଭ୍ୟାମ୍** (ଉଭୟ କର୍ଣ୍ଣରେ) **ଭୂରି** (ବହୁ) **ବିଶ୍ରୁବମ୍** (=**ବ୍ୟଶ୍ରବମ୍**, ଯେପରି ଶୁଣିପାରେ) । **ବ୍ରହ୍ମଣଃ** (ବ୍ରହ୍ମଙ୍କର) **କୋଶଃ ଅସି** (ତୁମେ [ଅସିର କୋଷସଦୃଶ] କୋଷ ବା ଆବରଣସ୍ୱରୂପ ବ୍ରହ୍ମଙ୍କ ପ୍ରତୀକ) **ମେଧୟା** (ଲୌକିକ ପ୍ରଜ୍ଞା ଦ୍ୱାରା) **ପିହିତଃ** (ତୁମେ ଆଚ୍ଛାଦିତ) । **ମେ** (ମୋର) **ଶ୍ରୁତମ୍** (ଶ୍ରବଣପୂର୍ବକ ଲବ୍ଧ ଆତ୍ମଜ୍ଞାନାଦି) **ଗୋପାୟ** (ତୁମେ ରକ୍ଷା କର) । ୧/୪/୧

ଯେଉଁ ଓଁକାର ସର୍ବବେଦର ପ୍ରଧାନ, ସମସ୍ତ ଶବ୍ଦରେ ବ୍ୟାପ୍ତ ଏବଂ ଅମୃତସ୍ୱରୂପ ବେଦର ସାରରୂପରେ ଉଦ୍ଭୂତ ହୋଇଛନ୍ତି, ସେହି ଓଁକାରସ୍ୱରୂପ ପରମେଶ୍ୱର ମୋତେ ପ୍ରଜ୍ଞା ଦ୍ୱାରା ତୃପ୍ତ କରନ୍ତୁ । ହେ ଦେବ, ମୁଁ ଯେପରି ଅମରତ୍ୱର କାରଣ ବ୍ରହ୍ମଜ୍ଞାନର ଆଧାର ହୋଇପାରେ, ମୋ ଶରୀର ଯେପରି ଉପଯୁକ୍ତ ହୁଏ, ଜିହ୍ୱା ଯେପରି ଅତିଶୟ ମଧୁରଭାଷିଣୀ ହୁଏ, କର୍ଣ୍ଣଦ୍ୱୟରେ ଯେପରି ବହୁ (ବ୍ରହ୍ମ

କଥା) ଶୁଣିବାକୁ ପାଏ । ତୁମେ ବ୍ରହ୍ମଙ୍କ କୋଷସ୍ୱରୂପ, କିନ୍ତୁ ତୁମେ ଲୌକିକ ପ୍ରଜ୍ଞା ଦ୍ୱାରା ଆବୃତ ରହିଛ । ତୁମେ ମୋର ଶ୍ରବଣଲବ୍ଧ ଜ୍ଞାନ ରକ୍ଷା କର । ୧/୪/୧

ଆବହନ୍ତୀ ବିତନ୍ୱାନା । କୁର୍ବାଣାଽଚୀରମାତ୍ମନଃ । ବାସାଂସି ମମ ଗାବଶ୍ଚ । ଅନ୍ନପାନେ ଚ ସର୍ବଦା । ତତୋ ମେ ଶ୍ରିୟମାବହ । ଲୋମଶାଂ ପଶୁଭିଃ ସହ ସ୍ୱାହା । ଆ ମା ୟନ୍ତୁ ବ୍ରହ୍ମଚାରିଣଃ ସ୍ୱାହା । ବି ମାୟନ୍ତୁ ବ୍ରହ୍ମଚାରିଣଃ ସ୍ୱାହା । ପ୍ରମାୟନ୍ତୁ ବ୍ରହ୍ମଚାରିଣଃ ସ୍ୱାହା । ଦମାୟନ୍ତୁ ବ୍ରହ୍ମଚାରିଣଃ ସ୍ୱାହା । ଶମାୟନ୍ତୁ ବ୍ରହ୍ମଚାରିଣଃ ସ୍ୱାହା ॥୨॥

[ଧନ ଦ୍ୱାରା କର୍ମ, କର୍ମ ଦ୍ୱାରା ପାପକ୍ଷୟ, ପାପକ୍ଷୟରେ ବିଦ୍ୟାର ପ୍ରକାଶ ହୁଏ; ଏଥିପାଇଁ ଅନନ୍ତର ଶ୍ରୀକାମ ବ୍ୟକ୍ତିର ହୋମମନ୍ତ୍ର କୁହାହେଉଛି]—**ଆତ୍ମନଃ** (ଶ୍ରୀ ସହିତ ଆତ୍ମସାତ୍‌କୃତ) **ମମ** (ମୋ ସମ୍ବନ୍ଧରେ) **ସର୍ବଦା ବାସାଂସି** (ବହୁ ବସ୍ତ୍ର) **ଗାବଃ** (**ଗାଃ**, ଗୋରୁ) **ଚ ଅନ୍ନପାନେ ଚ** (ଏବଂ ଅନ୍ନ ଓ ପାନୀୟ ବସ୍ତୁ) **ଆବହନ୍ତୀ** (ଆନୟନକାରିଣୀ) **ବିତନ୍ୱାନା** (ବିସ୍ତାରକାରିଣୀ) **ଅଚୀରମ୍,** (=**ଅଚିରମ୍**, ଅବିଳମ୍ବେ) [ଅଥବା **ଚୀରମ୍**(=**ଚିରମ୍**, ଚିରକାଳ)] **କୁର୍ବାଣା** (ସମ୍ପାଦୟିତ୍ରୀ) [ଯେ ଶ୍ରୀ, ସେହି] **ଲୋମଶାମ୍** (ଲୋମବିଶିଷ୍ଟ ପଶୁସମନ୍ୱିତା) **ପଶୁଭିଃ ସହ** (ଏବଂ ଅନ୍ୟାନ୍ୟ ପଶୁ-ସମାବୃତା) **ଶ୍ରିୟମ୍** (ଶ୍ରୀକୁ) **ତତଃ** (ପ୍ରଜ୍ଞାସମ୍ପାଦନ ପରେ) **ମେ** (ମୋ ପାଇଁ) **ଆବହ** (ଆନୟନ କର) **ସ୍ୱାହା** (ସ୍ୱାହା)—[ଏହା ଯେ ହୋମମନ୍ତ୍ର, ତାହା ବୁଝାଇବା ପାଇଁ ହିଁ 'ସ୍ୱାହା' ପ୍ରଯୁକ୍ତ ହୋଇଅଛି] **ବ୍ରହ୍ମଚାରିଣଃ** (ବ୍ରହ୍ମଚାରୀଗଣ) **ମା ଆୟନ୍ତୁ** (ଚତୁର୍ଦ୍ଦିଗରୁ ମୋତେ ପ୍ରାପ୍ତ ହୁଅନ୍ତୁ, ଅଧ୍ୟୟନ ପାଇଁ ଆଗମନ କରନ୍ତୁ) **ସ୍ୱାହା** (ସ୍ୱାହା) । **ବ୍ରହ୍ମଚାରିଣଃ** (ବ୍ରହ୍ମଚାରୀଗଣ) **ମା ବି-ଆୟନ୍ତୁ** (ବିବିଧରୂପେ ଆସନ୍ତୁ ବା ବିଦ୍ୟାଲାଭାନ୍ତେ ପ୍ରତ୍ୟାବର୍ତ୍ତନ କରନ୍ତୁ) **ସ୍ୱାହା** (ସ୍ୱାହା) । **ବ୍ରହ୍ମଚାରିଣଃ** (ବ୍ରହ୍ମଚାରୀଗଣ) **ମା ପ୍ର-ଆୟନ୍ତୁ** (ପ୍ରକୃଷ୍ଟରୂପେ ବହୁ ସଂଖ୍ୟାରେ ଏବଂ ଯଥାଶାସ୍ତ୍ର ଆଗମନ କରନ୍ତୁ); **ସ୍ୱାହା** (ସ୍ୱାହା) । **ବ୍ରହ୍ମଚାରିଣଃ** (ବ୍ରହ୍ମଚାରୀଗଣ) **ଦମାୟନ୍ତୁ** ([ମୋ ନିକଟରେ ରହି] ଶାରୀରିକ ସଂଯମାଦି ଶିକ୍ଷା କରନ୍ତୁ) **ସ୍ୱାହା** (ସ୍ୱାହା) । **ବ୍ରହ୍ମଚାରିଣଃ** (ବ୍ରହ୍ମଚାରୀଗଣ) **ଶମାୟନ୍ତୁ** (ମାନସିକ ସଂଯମ ଆଦି ଶିକ୍ଷା କରନ୍ତୁ) **ସ୍ୱାହା** (ସ୍ୱାହା) । ୧/୪/୨

ହେ ଓଁକାର, ପ୍ରଜ୍ଞାସମ୍ପାଦନ ପରେ ମୋ ପାଇଁ ଲୋମଶପଶୁ-ସମନ୍ୱିତା ଏବଂ ଅପରାପର ପଶୁଗଣ ସମାବୃତା ସେହି ଲକ୍ଷ୍ମୀଙ୍କୁ ତୁମେ ଆନୟନ କର,

ଯିଏ ସର୍ବଦା ମୋ ପାଇଁ ବସ୍ତ୍ର, ଗୋରୁ, ଅନ୍ନ ଓ ପାନୀୟ ବସ୍ତୁ ଆହରଣ କରିବେ, ସେଗୁଡ଼ିକ ବର୍ଦ୍ଧିତ କରିବେ ଏବଂ ଦୀର୍ଘକାଳ ସେହି ସକଳର ସୁବ୍ୟବସ୍ଥା କରିବେ, ସ୍ୱାହା । ବ୍ରହ୍ମଚାରୀଗଣ ସବୁଦିଗରୁ (ବିଦ୍ୟାଲାଭ ପାଇଁ) ମୋ ନିକଟକୁ ଆଗମନ କରନ୍ତୁ, ସ୍ୱାହା । ବ୍ରହ୍ମଚାରୀଗଣ ମୋ ନିକଟକୁ ବିବିଧରୂପରେ ଆଗମନ କରନ୍ତୁ, ସ୍ୱାହା । ବ୍ରହ୍ମଚାରୀଗଣ ଯଥାଶାସ୍ତ୍ର ମୋ ନିକଟକୁ ଆଗମନ କରନ୍ତୁ, ସ୍ୱାହା । ବ୍ରହ୍ମଚାରୀଗଣ ଦମଯୁକ୍ତ ହୁଅନ୍ତୁ, ସ୍ୱାହା । ବ୍ରହ୍ମଚାରୀଗଣ ଶମଯୁକ୍ତ ହୁଅନ୍ତୁ, ସ୍ୱାହା । ୧/୪/୨

ୟଶୋ ଜନେଽସାନି ସ୍ୱାହା । ଶ୍ରେୟାନ୍ ବସ୍ୟସୋଽସାନି ସ୍ୱାହା । ତଂ ତ୍ୱା ଭଗ ପ୍ରବିଶାନି ସ୍ୱାହା । ସ ମା ଭଗ ପ୍ରବିଶ ସ୍ୱାହା । ତସ୍ମିନ୍ ସହସ୍ରଶାଖେ ନି ଭଗାହଂ ତ୍ୱୟି ମୃଜେ ସ୍ୱାହା । ୟଥାଽଽପଃ ପ୍ରବତା ୟନ୍ତି ୟଥା ମାସା ଅହର୍ଜରମ୍ । ଏବଂ ମାଂ ବ୍ରହ୍ମଚାରିଣଃ । ଧାତରାୟନ୍ତୁ ସର୍ବତଃ ସ୍ୱାହା । ପ୍ରତିବେଶୋଽସି ପ୍ର ମା ଭାହି ପ୍ର ମା ପଦ୍ୟସ୍ୱ ॥୩॥

ଇତି ଚତୁର୍ଥୋଽନୁବାକଃ ॥

[ବ୍ରହ୍ମଚାରୀଙ୍କ ଆଗମନ ଦ୍ୱାରା] **ଜନେ** (ଲୋକସମାଜରେ) **ୟଶଃ** (ଯଶସ୍ୱୀ) **ଅସାନି** (ଯେପରି ହୁଏ) **ସ୍ୱାହା** (ସ୍ୱାହା) । **ବସ୍ୟସଃ** (=**ବସୀୟସଃ**, ଧନୀମାନଙ୍କ ସମାଜରେ) **ଶ୍ରେୟାନ୍** (ଅଧିକତର ଧନୀ) **ଅସାନି** (ଯେପରି ହୁଏ) **ସ୍ୱାହା** (ସ୍ୱାହା) । **ଭଗ** (ହେ ପୂଜାର୍ହ, ହେ ଭଗବନ୍) **ତମ୍** (ଉକ୍ତ କୋଷସ୍ୱରୂପ) **ତ୍ୱା** (ତୁମଠାରେ) **ପ୍ରବିଶାନି** (ମୁଁ ଯେପରି ପ୍ରବେଶ କରେ) **ସ୍ୱାହା** (ସ୍ୱାହା) । **ଭଗ** (ହେ ଭଗବନ୍) **ସଃ** (ଉକ୍ତପ୍ରକାର ତୁମେ) **ମା** (ମୋଠାରେ) **ପ୍ରବିଶ** (ପ୍ରବେଶ କର) **ସ୍ୱାହା** (ସ୍ୱାହା) । **ଭଗ** (ହେ ଭଗବନ୍) **ତସ୍ମିନ୍** (ଉକ୍ତ) **ସହସ୍ରଶାଖେ** (ବହୁଶାଖାଯୁକ୍ତ ନଦୀରୂପୀ) **ତ୍ୱୟି** (ତୁମଠାରେ) **ଅହମ୍** (ମୁଁ) **ନିମୃଜେ** ([ପାପକର୍ମସମୂହ] ବିଶୋଧିତ କରୁଅଛି) **ସ୍ୱାହା** (ସ୍ୱାହା) । **ଧାତଃ** (ହେ ବିଧାତା) **ଆପଃ** (ଜଳରାଶି) **ୟଥା** (ଯେପରି) **ପ୍ରବତା** (କ୍ରମନିମ୍ନ, ଗଡ଼ାଣି ପଥ ଅବଲମ୍ବନରେ) **ୟନ୍ତି** (ଗମନ କରନ୍ତି) **ମାସାଃ** (ମାସସମୂହ) **ୟଥା** (ଯେପରି) **ଅହର୍ଜରମ୍** (ସମ୍ବତ୍ସର ମଧ୍ୟରେ ଅନ୍ତର୍ଭୁକ୍ତ ହୁଏ) **ଏବମ୍** (ଏହିପରି) **ବ୍ରହ୍ମଚାରିଣଃ** (ବ୍ରହ୍ମଚାରୀଗଣ) **ସର୍ବତଃ** (ସର୍ବଦିଗରୁ) **ମାମ୍ ଆୟନ୍ତୁ** (ମୋ ନିକଟକୁ ଆଗମନ କରନ୍ତୁ) **ସ୍ୱାହା** (ସ୍ୱାହା) । **ପ୍ରତିବେଶଃ ଅସି** (ତୁମେ ସମସ୍ତଙ୍କର ବିଶ୍ରାମାଳୟସ୍ୱରୂପ) [ଅତଏବ] **ମା ପ୍ରଭାହି**

(ମୋ ନିକଟରେ ପ୍ରତିଭାତ ହୁଅ) **ମା ପ୍ରପଦ୍ୟସ୍ୱ** (ମୋତେ ପୂର୍ଣ୍ଣରୂପେ ପ୍ରାପ୍ତ ହୁଅ, ଅର୍ଥାତ୍ ମୋତେ ତୁମ ସହିତ ଏକୀଭୂତ କରିନିଅ) । ୧/୪/୩

ଲୋକସମାଜରେ ମୁଁ ଯେପରି ଯଶସ୍ୱୀ ହୁଏ, ସ୍ୱାହା । ଧନୀସମାଜରେ ମୁଁ ଯେପରି ଅଧିକତର ଧନୀ ହୁଏ, ସ୍ୱାହା । ହେ ଭଗବନ୍, କୋଷସ୍ୱରୂପ ତୁମଠାରେ ମୁଁ ଯେପରି ପ୍ରବେଶ କରେ, ସ୍ୱାହା । ହେ ଭଗବନ୍, ଉକ୍ତରୂପ ତୁମେ ମଧ୍ୟ ମୋଠାରେ ପ୍ରବେଶ କର, ସ୍ୱାହା । ହେ ଭଗବନ୍, ବହୁଶାଖାଯୁକ୍ତ ନଦୀରୂପୀ ତୁମଠାରେ ମୁଁ ମୋର ପାପକର୍ମସମୂହ ବିଶୋଧିତ କରୁଅଛି, ସ୍ୱାହା । ହେ ବିଧାତା, ଜଳରାଶି ଯେପରି ଗଡ଼ାଣି ପଥ ଆଡ଼କୁ ଧାବିତ ହୁଏ, ଏବଂ ମାସସମୂହ ଯେପରି ସମ୍ବତ୍ସର ମଧ୍ୟରେ ଅନ୍ତର୍ଭୁକ୍ତ ହୁଏ, ସେହିପରି ବ୍ରହ୍ମଚାରୀଗଣ ମଧ୍ୟ ସର୍ବଦିଗରୁ ମୋ ନିକଟକୁ ଆଗମନ କରନ୍ତୁ, ସ୍ୱାହା । ତୁମେ ସମସ୍ତଙ୍କର ବିଶ୍ରାମାଳୟସ୍ୱରୂପ, ଅତଏବ ତୁମେ ମୋ ନିକଟରେ ସର୍ବତୋଭାବେ ପ୍ରତିଭାତ ହୁଅ, ତୁମେ ମୋତେ ତୁମ ସହିତ ଏକୀଭୂତ[1] କରି ନିଅ । ୧/୪/୩

॥ ଚତୁର୍ଥ ଅନୁବାକ ସମାପ୍ତ ॥

ପଞ୍ଚମ ଅନୁବାକ

ଭୂର୍ଭୁବଃ ସୁବରିତି ବା ଏତାସ୍ତିସ୍ରୋ ବ୍ୟାହୃତୟଃ । ତାସାମୁ ହ ସ୍ମୈତାଂ ଚତୁର୍ଥୀମ୍ । ମାହାଚମସ୍ୟଃ ପ୍ରବେଦୟତେ । ମହ ଇତି । ତଦ୍ବ୍ରହ୍ମ । ସ ଆତ୍ମା । ଅଙ୍ଗାନ୍ୟନ୍ୟା ଦେବତାଃ । ଭୂରିତି ବା ଅୟଂ ଲୋକଃ । ଭୁବ ଇତ୍ୟନ୍ତରିକ୍ଷମ୍ । ସୁବରିତ୍ୟସୌ ଲୋକଃ ॥୧॥

ଭୂଃ (ସପ୍ରପଞ୍ଚ ଭୂର୍ଲୋକ) **ଭୁବଃ** (ସପ୍ରପଞ୍ଚ ଅନ୍ତରିକ୍ଷଲୋକ) **ସୁବଃ** (ସ୍ୱଃ, ସପ୍ରପଞ୍ଚ ସ୍ୱର୍ଗଲୋକ) **ଇତି ଏତାଃ ବୈ ତିସ୍ରଃ** (ଏହି ତିନିଟି ପ୍ରସିଦ୍ଧ) **ବ୍ୟାହୃତୟଃ** (**ବି-ଆ-ହୃତି**=ଯାହା ବିବିଧ ଅଭୀଷ୍ଟବସ୍ତୁ ସର୍ବତୋଭାବରେ ପ୍ରଦାନ କରେ ବା ବିଶେଷରୂପରେ ଅନିଷ୍ଟ ହରଣ କରେ) । **ତାସାମ୍ ଉ ହ ସ୍ମ** (ଉକ୍ତ ବ୍ୟାହୃତି ତ୍ରୟର ପୁଣି) **ଚତୁର୍ଥୀମ୍** (ଚତୁର୍ଥ) **ମହଃ ଇତି** (ମହଃ-ନାମକ) **ଏତାମ୍** (ଏହି ବ୍ୟାହୃତିଟିକୁ)

1. ଓଁକାରର ଅହଂଗ୍ରହ ଉପାସନା, ଅର୍ଥାତ୍ ଓଁକାରବ୍ରହ୍ମଙ୍କ ସହିତ ନିଜକୁ ଅଭିନ୍ନ ଭାବନାରୂପକ ଉପାସନା, ବର୍ଣ୍ଣିତ ହେଲା ।

ମାହାଚମସ୍ୟଃ (ମହାଚମସଙ୍କ ପୁତ୍ର) **ପ୍ରବେଦୟତେ** (ଜାଣନ୍ତି) । **ତତ୍** (ଉକ୍ତ ମହ) **ବ୍ରହ୍ମ** (ମହତ୍, ଅସୀମ) [ଅର୍ଥାତ୍ ଅଭୀଷ୍ଟକାମୀ ବ୍ୟକ୍ତି ମହଃ ଏହି ବ୍ୟାହୃତିରେ ହିରଣ୍ୟଗର୍ଭଙ୍କ ଦୃଷ୍ଟି ଆରୋପ କରିବେ] । **ସଃ** (ଉକ୍ତ ମହଃ) **ଆତ୍ମା** (ବ୍ୟାପକ, ଦେହର ମଧ୍ୟଭାଗ)—[ଅର୍ଥାତ୍ ମହଃ ବ୍ୟାହୃତିଙ୍କୁ ହିରଣ୍ୟଗର୍ଭଙ୍କ ମଧ୍ୟ ଭାଗ ମନେ କରିବାକୁ ହେବ] । **ଅନ୍ୟାଃ ଦେବତାଃ** (ଅନ୍ୟ ଦେବଗଣ) **ଅଙ୍ଗାନି** (ବିଭିନ୍ନ ଅଙ୍ଗ) । **ଭୂଃ ଇତି ବୈ ଅୟମ୍ ଲୋକଃ** (ଏହି ପୃଥିବୀଲୋକ ହିଁ ଭୂଃ) **ଅନ୍ତରିକ୍ଷମ୍** (ଅନ୍ତରିକ୍ଷଲୋକ) **ଭୁବଃ ଇତି** (ଭୁବଃ) **ଅସୌ ଲୋକଃ** (ସେହି ଦ୍ୟୁଲୋକ) **ସୁବଃ ଇତି** (ସ୍ୱଃ) । ୧/୫/୧

ଭୂଃ, ଭୁବଃ, ସ୍ୱଃ—ଏହି ତିନୋଟି ସୁପ୍ରସିଦ୍ଧ ବ୍ୟାହୃତି ।[1] ଏମାନଙ୍କ ମଧ୍ୟରେ ମହଃ ଏହି ଚତୁର୍ଥ ବ୍ୟାହୃତିଟିକୁ (ଋଷି) ମହାଚମସଙ୍କ ପୁତ୍ର[2] ଅବଗତ ହୋଇଥିଲେ । ଉକ୍ତ ମହଃ ହିଁ ବ୍ରହ୍ମ ଏବଂ ତାହା ହିଁ ଆତ୍ମା (ଅର୍ଥାତ୍ ବ୍ୟାହୃତି-ଶରୀରର ମଧ୍ୟଭାଗ); ଅପର ଦେବଗଣ ଉକ୍ତ ମହଃ-ବ୍ୟାହୃତିର ଅବୟବ ।[3] ଏହି ପୃଥିବୀଲୋକ ହିଁ ଭୂଃ, ଅନ୍ତରିକ୍ଷ ଲୋକ ଭୁବଃ ଏବଂ ସେହି ଦ୍ୟୁଲୋକ ସ୍ୱଃ । ୧/୫/୧

ମହ ଇତ୍ୟାଦିତ୍ୟଃ । ଆଦିତ୍ୟେନ ବାବ ସର୍ବେ ଲୋକା ମହୀୟନ୍ତେ । ଭୂରିତି ବା ଅଗ୍ନିଃ । ଭୁବ ଇତି ବାୟୁଃ । ସୁବରିତ୍ୟାଦିତ୍ୟଃ । ମହ ଇତି ଚନ୍ଦ୍ରମାଃ । ଚନ୍ଦ୍ରମସା ବାବ ସର୍ବାଣି ଜ୍ୟୋତୀଂଷି ମହୀୟନ୍ତେ । ଭୂରିତି ବା ଋଚଃ । ଭୁବ ଇତି ସାମାନି । ସୁବରିତି ୟଜୂଂଷି ॥୨॥

ଆଦିତ୍ୟ (ଆଦିତ୍ୟ) **ମହଃ ଇତି** (ମହଃ-ବ୍ୟାହୃତି)—**ଆଦିତ୍ୟେନ ବାବ** (ଆଦିତ୍ୟଙ୍କ ଦ୍ୱାରା) **ସର୍ବେ ଲୋକାଃ** (ସକଳ ଲୋକ) **ମହୀୟନ୍ତେ** (ବୃଦ୍ଧିପ୍ରାପ୍ତ ହୁଏ, ସର୍ବ-ବ୍ୟବହାରକ୍ଷମ ହୁଏ) । **ଅଗ୍ନିଃ ବୈ** (ଅଗ୍ନି-ଦେବତା) **ଭୂଃ ଇତି** (ଭୂଃ-ବ୍ୟାହୃତି) **ବାୟୁଃ** (ବାୟୁ -ଦେବତା) **ଭୁବଃ ଇତି** (ଭୁବଃ-ବ୍ୟାହୃତି) **ଆଦିତ୍ୟଃ**

---

1. ଭୂଃ, ଭୁବଃ, ସ୍ୱଃ, ମହଃ, ଜନ, ତପଃ ଓ ସତ୍ୟ—ସପ୍ତଲୋକର ପରିଚାୟକ ବୀଜରୂପୀ ଏହି କେତୋଟି ମନ୍ତ୍ରକୁ ବ୍ୟାହୃତି କୁହାଯାଏ । ସେଥିମଧ୍ୟରୁ ପ୍ରଥମ ତିନିଟି ମହାବ୍ୟାହୃତି ।

2. ଋଷିଙ୍କ ସ୍ମରଣ ଉପାସନାର ହିଁ ଗୋଟିଏ ଅଙ୍ଗ ।

3. ଦେବଗଣ=ଲୋକ, ଦେବ, ବେଦ ଓ ପ୍ରାଣ । ମହଃ ଏହି ବ୍ୟାହୃତିରେ ବ୍ରହ୍ମଦୃଷ୍ଟି କରିବ; କାରଣ ଉଭୟଙ୍କର ସାଦୃଶ୍ୟ ଅଛି—ବ୍ୟାହୃତିଟି ମହଃ ଏବଂ ବ୍ରହ୍ମ ମଧ୍ୟ ମହତ୍-ପଦ-ବାଚ୍ୟ । ଆତ୍ମା ଶବ୍ଦର ଯୌଗିକ ଅର୍ଥ ବ୍ୟାପକ ଏବଂ ଆତ୍ମାଙ୍କ ଦ୍ୱାରା ହିଁ ହସ୍ତାଦି ଅଙ୍ଗସମୂହ ମହୀୟାନ ବା ବୃଦ୍ଧିପ୍ରାପ୍ତ ହୁଏ । ମହଃ ବ୍ୟାହୃତି ମଧ୍ୟ ପୂର୍ବୋକ୍ତ ବ୍ୟାହୃତିତ୍ରୟକୁ ବ୍ୟାପ୍ତ କରି ରହିଛି (୧/୫/୩, ଟୀକା ୨); ସୁତରାଂ ତାହା ବ୍ୟାହୃତିଶରୀର ବ୍ରହ୍ମଙ୍କର ଆତ୍ମା ବା ମଧ୍ୟଭାଗ ।

(ଆଦିତ୍ୟ-ଦେବତା) **ସ୍ୱଃ ଇତି** (ସ୍ୱଃ-ବ୍ୟାହୃତି) **ଚନ୍ଦ୍ରମାଃ** (ଚନ୍ଦ୍ର-ଦେବତା) **ମହଃ ଇତି** (ମହଃ-ବ୍ୟାହୃତି)—**ଚନ୍ଦ୍ରମସା ବାବ** (ଚନ୍ଦ୍ରଙ୍କ ଦ୍ୱାରା) **ସର୍ବାଣି ଜ୍ୟୋତୀଂଷି** (ସକଳ ଜ୍ୟୋତିର୍ମୟ ନକ୍ଷତ୍ରାଦି) **ମହୀୟନ୍ତେ** (ମହିମାନ୍ୱିତ ହୁଅନ୍ତି) । **ଋଚଃ ବା** (ଋକ୍‌ସକଳ ହିଁ) **ଭୂଃ ଇତି** (ଭୂଃ-ବ୍ୟାହୃତି) **ସାମାନି** (ସାମସମୂହ) **ଭୁବଃ ଇତି** (ଭୁବଃ-ବ୍ୟାହୃତି) **ୟଜୂଂଷି** (ୟଜୁଃସମୂହ) **ସ୍ୱଃ ଇତି** (ସ୍ୱଃ-ବ୍ୟାହୃତି) । ୧/୫/୨

ଆଦିତ୍ୟ ହିଁ ମହଃ—କାରଣ (ଆତ୍ମାଙ୍କ ଦ୍ୱାରା ଅଙ୍ଗସମୂହ ସଦୃଶ) ଆଦିତ୍ୟଙ୍କ ଦ୍ୱାରା ସମସ୍ତ ଲୋକ ବର୍ଦ୍ଧିତ ହୁଏ । ଅଗ୍ନି ହିଁ ଭୂଃ, ବାୟୁ ହିଁ ଭୁବଃ, ଆଦିତ୍ୟ ହିଁ ସ୍ୱଃ, ଓ ଚନ୍ଦ୍ର ମହଃ—କାରଣ ଚନ୍ଦ୍ର ଦ୍ୱାରା ଅନ୍ୟ ଜ୍ୟୋତିର୍ମୟ ବସ୍ତୁ ମହୀୟାନ୍ ହୁଏ । ଋକ୍‌ସମୂହ ହିଁ ଭୂଃ, ସାମସମୂହ ଭୁବଃ ଏବଂ ୟଜୁଃସମୂହ ସ୍ୱଃ । ୧/୫/୨

ମହ ଇତି ବ୍ରହ୍ମ । ବ୍ରହ୍ମଣା ବାବ ସର୍ବେ ବେଦା ମହୀୟନ୍ତେ । ଭୂରିତି ବୈ ପ୍ରାଣଃ । ଭୁବ ଇତ୍ୟପାନଃ । ସ୍ୱରିତି ବ୍ୟାନଃ । ମହ ଇତ୍ୟନ୍ନମ୍ । ଅନ୍ନେନ ବାବ ସର୍ବେ ପ୍ରାଣା ମହୀୟନ୍ତେ । ତା ବା ଏତାଶ୍ଚତସ୍ରଶ୍ଚତୁର୍ଧା । ଚତସ୍ରଶ୍ଚତସ୍ରୋ ବ୍ୟାହୃତୟଃ । ତା ୟୋ ବେଦ । ସ ବେଦ ବ୍ରହ୍ମ । ସର୍ବେଽସ୍ମୈ ଦେବା ବଲିମାବହନ୍ତି ॥୩॥

ଇତି ପଞ୍ଚମୋଽନୁବାକଃ ॥

ବ୍ରହ୍ମ (ଓଁକାର) **ମହଃ ଇତି** (ମହଃ-ବ୍ୟାହୃତି) । **ବ୍ରହ୍ମଣା ବାବ** (ଓଁକାର ଦ୍ୱାରା) **ସର୍ବେ ବେଦାଃ** (ବେଦସମୂହ) **ମହୀୟନ୍ତେ** (ମହୀୟାନ୍ ହୁଅନ୍ତି) । **ପ୍ରାଣଃ ବୈ** (ପ୍ରାଣ ହିଁ) **ଭୂଃ ଇତି** (ଭୂଃ-ବ୍ୟାହୃତି) **ଅପାନଃ** (ଅପାନ) **ଭୁବଃ ଇତିଃ** (ଭୁବଃ-ବ୍ୟାହୃତି) **ବ୍ୟାନଃ** (ବ୍ୟାନ) **ସ୍ୱଃ ଇତି** (ସ୍ୱଃ-ବ୍ୟାହୃତି) **ଅନ୍ନମ୍** (ଅନ୍ନ) **ମହଃ ଇତି** (ମହଃ-ବ୍ୟାହୃତି) **ଅନ୍ନେନ ବାବ** (ଅନ୍ନ ଦ୍ୱାରା ହିଁ) **ସର୍ବେ ପ୍ରାଣାଃ** (ସମସ୍ତ ପ୍ରାଣ) **ମହୀୟନ୍ତେ** (ପୁଷ୍ଟିଲାଭ କରେ) । **ତାଃ ଏତାଃ ବୈ** (ଉକ୍ତ ଏହି ସକଳ) **ଚତସ୍ରଃ ବ୍ୟାହୃତୟଃ** (ଚାରିଗୋଟି ବ୍ୟାହୃତି) **ଚତସ୍ରଃ ଚତସ୍ରଃ** (ପ୍ରତ୍ୟେକ ଚାରି ଚାରି ଭାଗରେ ବିଭକ୍ତ ହୋଇ) **ଚତୁର୍ଧା** (ଚାରିପ୍ରକାର ହୋଇଥାଏ) । **ତାଃ** (ଯଥୋକ୍ତ ବ୍ୟାହୃତିଗଣଙ୍କୁ) **ୟଃ** (ଯିଏ) **ବେଦ** (ଉପାସନା କରନ୍ତି) **ସଃ** (ସେ) **ବ୍ରହ୍ମ** (ବ୍ରହ୍ମଙ୍କୁ) **ବେଦ** (ଜାଣନ୍ତି); **ଅସ୍ମୈ** (ଏହି ଉପାସକଙ୍କ ନିକଟକୁ) **ସର୍ବେ ଦେବାଃ** (ଦେବଗଣ) **ବଲିମ୍** (ଉପହାର) **ଆବହନ୍ତି** (ଆନୟନ କରନ୍ତି) । ୧/୫/୩

ଓଁକାର ହିଁ ମହଃ—କାରଣ ଓଁକାର ଦ୍ୱାରା ବେଦସମୂହ ମହୀୟାନ୍ ହୁଅନ୍ତି । ପ୍ରାଣ ହିଁ ଭୂଃ, ଅପାନ ହିଁ ଭୁବଃ, ବ୍ୟାନ ସ୍ୱଃ ଏବଂ ଅନ୍ନ ହିଁ ମହଃ—କାରଣ ଅନ୍ନ ଦ୍ୱାରା ହିଁ ପ୍ରାଣସମୂହ ପୁଷ୍ଟ ହୁଏ । ଉକ୍ତ ଏହି ଚାରିଟି ବ୍ୟାହୃତିର ପ୍ରତ୍ୟେକଟି ଚାରି ଚାରି ଭାଗରେ ବିଭକ୍ତ ହୋଇ (ପୂର୍ବୋକ୍ତରୂପ) ଚାରି ପ୍ରକାର ହୁଏ ।[1] ଉକ୍ତ ବ୍ୟାହୃତିଗଣଙ୍କୁ ଯିଏ ଉପାସନା କରନ୍ତି ସେ ବ୍ରହ୍ମଙ୍କୁ ଅବଗତ ହୁଅନ୍ତି ।[2] ଉକ୍ତ ବ୍ରହ୍ମବିଦ୍‌ଙ୍କ ନିକଟକୁ ସକଳ ଦେବତା ଉପହାର ଆନୟନ କରନ୍ତି । ୧/୫/୩

॥ ପଞ୍ଚମ ଅନୁବାକ ସମାପ୍ତ ॥

ଷଷ୍ଠ ଅନୁବାକ

ସ ଯ ଏଷୋଽନ୍ତର୍ହୃଦୟ ଆକାଶଃ । ତସ୍ମିନ୍ନୟଂ ପୁରୁଷୋ ମନୋମୟଃ । ଅମୃତୋ ହିରଣ୍ମୟଃ । ଅନ୍ତରେଣ ତାଲୁକେ । ୟ ଏଷ ସ୍ତନ ଇବାବଲମ୍ବତେ । ସେନ୍ଦ୍ରୟୋନିଃ । ୟତ୍ରାସୌ କେଶାନ୍ତୋ ବିବର୍ତତେ । ବ୍ୟପୋହ୍ୟ ଶୀର୍ଷକପାଲେ । ଭୂରିତ୍ୟଗ୍ନୌ ପ୍ରତିତିଷ୍ଠତି । ଭୁବ ଇତି ବାୟୌ ॥ ୧ ॥

ଅନ୍ତଃ-ହୃଦୟେ (ହୃଦୟପଦ୍ମ ମଧ୍ୟରେ) **ୟଃ ଏଷଃ** (ଏହି ଯେଉଁ ପ୍ରସିଦ୍ଧ) **ଆକାଶଃ** (ଅବକାଶ) **ତସ୍ମିନ୍** (ସେହି ଆକାଶରେ) **ସଃ ଅୟମ୍** (ସେହି ପ୍ରସିଦ୍ଧ) **ମନୋମୟଃ** (ବିଜ୍ଞାନମୟ, ବିଜ୍ଞାନଦ୍ୱାରା ଉପଲବ୍ଧବ୍ୟ) **ଅମୃତ** (ମରଣଶୂନ୍ୟ) **ହିରଣ୍ମୟଃ** (ଜ୍ୟୋତିର୍ମୟ) **ପୁରୁଷଃ** (ହୃଦୟ ପୁରଶାୟୀ, ଅଥବା ଜଗତ୍-ପରିପୂରକ ପୁରୁଷ) [ଅବସ୍ଥିତ] । **ଅନ୍ତରେଣ ତାଲୁକେ** (ତାଲୁ ଦ୍ୱୟ ମଧ୍ୟରେ) **ଏଷଃ ୟଃ**

1. ପୂର୍ବରୁ ଚାରି ବ୍ୟାହୃତି କଥା କହି ପୁନରାୟ ଉପଦେଶ-ପ୍ରଦାନର ଉଦ୍ଦେଶ୍ୟ ଏହା ଦେଖାଇବା ଯେ, ବ୍ୟାହୃତି ଉପାସନା ଦ୍ୱାରା ଷୋଡ଼ଶକଳାବିଶିଷ୍ଟ ପୁରୁଷ ହିଁ ଉପାସିତ ହୁଅନ୍ତି । ଭୂଃ—ପୃଥିବୀ, ଅଗ୍ନି, ଋକ୍ ଓ ପ୍ରାଣ; ଭୁବଃ—ଅନ୍ତରିକ୍ଷ, ବାୟୁ, ସାମ ଓ ଅପାନ; ସ୍ୱଃ—ଦ୍ୟୁଲୋକ, ଆଦିତ୍ୟ, ୟଜୁଃ ଓ ବ୍ୟାନ; ମହଃ—ଆଦିତ୍ୟ, ଚନ୍ଦ୍ର, ବ୍ରହ୍ମ ଓ ଅନ୍ନ । (୪x୪=୧୬) ।

—ଛା., ୪/୫/-୮

2. ପୂର୍ବରୁ ମହଃ-ବ୍ୟାହୃତି ସମ୍ବନ୍ଧରେ କୁହାହୋଇଛି ଯେ, "ତାହା ହିଁ ବ୍ରହ୍ମ, ତାହା ହିଁ ଆତ୍ମା ।" ବିଦିତ ବିଷୟ ପୁନରାୟ ଜଣାଇବା ନିଷ୍ପ୍ରୟୋଜନ । ସୁତରାଂ ବୁଝିବାକୁ ହେବ ଯେ, ଭୂର୍ଭୁବଃସ୍ୱରାତ୍ମକ ଚତୁର୍ଥ ବ୍ୟାହୃତିରୂପକ ବ୍ରହ୍ମଙ୍କ ଜ୍ଞାନ ପୂର୍ବରୁ ସାଧାରଣ ଭାବରେ ହୋଇଅଛି, ବିଶେଷ ଭାବରେ ହୋଇ ନାହିଁ । ପରବର୍ତ୍ତୀ ଅନୁବାକରେ ସେହି ଉପାସନାର ବିଶେଷ ଗୁଣ, ସ୍ଥାନ ଇତ୍ୟାଦି କୁହାହେବ ।

(ଏହି ଯେଉଁ [ମାଂସ ଖଣ୍ଡ]) **ସ୍ତନଃ ଇବ** (ସ୍ତନ ସଦୃଶ) **ଅବଲମ୍ବତେ** (ଲମ୍ବମାନ ରହିଛି) [ତାହା ମଧ୍ୟ ଦେଇ, ଏବଂ] **ୟତ୍ର** (ଯେଉଁଠାରେ) **ଅସୌ** (ଏହି) **କେଶାନ୍ତଃ** (କେଶ-ସମୂହର ମୂଳ) **ବିବର୍ତତେ** (ବିଭକ୍ତ ହୋଇଅଛି) [ସେହି ବ୍ରହ୍ମରନ୍ଧ୍ରରେ ଉପସ୍ଥିତ ହୋଇ] [**ୟା** (ଯେଉଁ ସୁଷୁମ୍ନା ନାଡ଼ୀ)] **ଶୀର୍ଷକପାଲେ** (ମସ୍ତକର ଦୁଇଟି କପାଳ ଖଣ୍ଡକୁ) **ବ୍ୟପୋହ୍ୟ** (ବିଭକ୍ତ କରି) [ନିର୍ଗତ ହୋଇଅଛି] **ସା** (ସେହି ନାଡ଼ୀ ହିଁ) **ଇନ୍ଦ୍ରୟୋନିଃ** (ଇନ୍ଦ୍ରଙ୍କର, ଅର୍ଥାତ୍ ବ୍ରହ୍ମଙ୍କର, ସ୍ୱରୂପପ୍ରାପ୍ତିର ମାର୍ଗ) । [ଏହି ମାର୍ଗରେ ବିନିଷ୍କ୍ରାନ୍ତ ହୋଇ] **ଭୂଃ ଇତି ଅଗ୍ନୌ** ([ମହଃବ୍ରହ୍ମଙ୍କର ଅଙ୍ଗଭୂତ] ଭୂଃ ଏହି ବ୍ୟାହୃତିରୂପକ ଯେଉଁ ଅଗ୍ନିଦେବତା ତାଙ୍କଠାରେ) **ପ୍ରତିତିଷ୍ଠତି** (ପ୍ରତିଷ୍ଠିତ ହୁଅନ୍ତି) [ଅର୍ଥାତ୍ ଅଗ୍ନିସ୍ୱରୂପରେ ଏହି ଲୋକ ବ୍ୟାପ୍ତ କରନ୍ତି] **ଭୁବଃ ଇତି ବାୟୌ** (ଭୁବଃ ଏହି ବ୍ୟାହୃତିରୂପକ ବାୟୁରେ ପ୍ରତିଷ୍ଠିତ ହୁଅନ୍ତି) । ୧/୬/୧

ହୃଦୟ ପଦ୍ମ ମଧ୍ୟରେ ଏହି ଯେଉଁ ପ୍ରସିଦ୍ଧ ଆକାଶ, ସେଥିରେ ସେହି ବିଜ୍ଞାନମୟ ଅମୃତସ୍ୱରୂପ ଜ୍ୟୋତିର୍ମୟ ପୁରୁଷ ଅବସ୍ଥିତ ଅଛନ୍ତି । ତାଳୁଦ୍ୱୟ ମଧ୍ୟରେ ଏହି ଯେଉଁ ସ୍ତନ ସଦୃଶ ଲମ୍ବମାନ ମାଂସଖଣ୍ଡ, ତାହାର ମଧ୍ୟ ଦେଇ ଏବଂ ଯେଉଁଠାରେ କେଶମୂଳ ବିଭକ୍ତ ହୋଇଅଛି, ସେହି ସ୍ଥାନରେ ଉପସ୍ଥିତ ହୋଇ ଯେଉଁ (ସୁଷୁମ୍ନା) ନାଡ଼ୀ ମସ୍ତକସ୍ଥ କପାଳଦ୍ୱୟ ଭେଦ କରି ନିର୍ଗତ ହୋଇଅଛି, ସେହି ନାଡ଼ୀ ହିଁ ବ୍ରହ୍ମଲାଭର ପଥ । ସେହି ମାର୍ଗରେ ନିଷ୍କ୍ରାନ୍ତ ହୋଇ ଉପାସକ ଭୂଃ ଏହି ବ୍ୟାହୃତିରୂପୀ ଅଗ୍ନିରେ ପ୍ରତିଷ୍ଠିତ ହୁଅନ୍ତି; ଭୁବଃ ଏହି ବ୍ୟାହୃତିରୂପୀ ବାୟୁରେ ପ୍ରତିଷ୍ଠିତ ହୁଅନ୍ତି । ୧/୬/୧

ସୁବରିତ୍ୟାଦିତ୍ୟେ । ମହ ଇତି ବ୍ରହ୍ମଣି । ଆପ୍ନୋତି ସ୍ୱାରାଜ୍ୟମ୍ । ଆପ୍ନୋତି ମନସସ୍ପତିମ୍ । ବାକ୍‌ପତିଶ୍ଚକ୍ଷୁଷ୍ପତିଃ । ଶ୍ରୋତ୍ରପତିର୍ବିଜ୍ଞାନପତିଃ । ଏତଉତୋ ଭବତି । ଆକାଶଶରୀରଂ ବ୍ରହ୍ମ । ସତ୍ୟାତ୍ମ ପ୍ରାଣାରାମଂ ମନ-ଆନନ୍ଦମ୍ । ଶାନ୍ତିସମୃଦ୍ଧମମୃତମ୍ । ଇତି ପ୍ରାଚୀନୟୋଗ୍ୟୋପାସ୍ସ ॥ ୨ ॥

ଇତି ଷଷ୍ଠୋଽନୁବାକଃ ॥

ସୁବଃ ଇତି ଆଦିତ୍ୟେ (ସ୍ୱଃ ଏହି ବ୍ୟାହୃତିରୂପୀ ଆଦିତ୍ୟରେ) **ମହଃ ଇତି ବ୍ରହ୍ମଣି** (ମହଃ ଏହି ବ୍ୟାହୃତିରୂପୀ ହିରଣ୍ୟଗର୍ଭରେ) [ପ୍ରତିଷ୍ଠିତ ହୁଅନ୍ତି], [ଏହି ସମୂହରେ ଆତ୍ମଭାବ ପ୍ରାପ୍ତ ହୋଇ] **ସ୍ୱାରାଜ୍ୟମ୍** (ସ୍ୱାଙ୍ଗଭୂତ ଦେବଗଣଙ୍କ

ଆଧିପତ୍ୟ) **ଆପ୍ନୋତି** (ପ୍ରାପ୍ତ ହୁଅନ୍ତି) । **ମନସଃ ପତିମ୍** (ମନର ପତି [ଅଖିଳ ଚିନ୍ତା ବିଷୟ] ସର୍ବବ୍ୟାପୀ ବ୍ରହ୍ମଙ୍କୁ) **ଆପ୍ନୋତି** (ପ୍ରାପ୍ତ ହୁଅନ୍ତି); **ବାକ୍-ପତିଃ** (ବାଗିନ୍ଦ୍ରିୟସମୂହର ପତି) **ଚକ୍ଷୁଃ-ପତିଃ** (ଚକ୍ଷୁସମୂହର ପତି) **ଶ୍ରୋତ୍ର-ପତିଃ** (କର୍ଣ୍ଣସମୂହର ପତି) **ବିଜ୍ଞାନ-ପତିଃ** (ବିଜ୍ଞାନ-ସମୂହର ପତି) [ହୁଅନ୍ତି] । **ତତଃ** (ତାହାଠାରୁ ମଧ୍ୟ ଅଧିକତର) **ଏତତ୍** (ଏହା) **ଭବତି** (ହୁଅନ୍ତି)—**ଆକାଶ-ଶରୀରମ୍** (ଆକାଶ ହିଁ ଯାହାଙ୍କର ଶରୀର, ବା ଯାହାଙ୍କ ଶରୀର ଆକାଶ ପରି ସୂକ୍ଷ୍ମ) **ସତ୍ୟ-ଆତ୍ମ** (ମୂର୍ତ୍ତ ଓ ଅମୂର୍ତ୍ତାତ୍ମକ ସତ୍ୟାତ୍ମା) **ପ୍ରାଣାରାମମ୍** (ପ୍ରାଣରେ ଯାହାର କ୍ରୀଡ଼ା, ଅଥବା ଯିଏ ପ୍ରାଣସମୂହର ଆଶ୍ରୟ) **ମନ-ଆନନ୍ଦମ୍** (ଯାହାଙ୍କର ମନ କେବଳ ହିଁ ସୁଖ-ସମ୍ପାଦକ)] **ଶାନ୍ତି ସମୃଦ୍ଧମ୍** (ଶାନ୍ତ ଓ ସମୃଦ୍ଧ, ଅଥବା ଶାନ୍ତିଦ୍ୱାରା ସମୃଦ୍ଧ) **ଅମୃତମ୍** (ଅମର) **ବ୍ରହ୍ମ** (ବ୍ରହ୍ମ) [ହୋଇଥାଆନ୍ତି] । **ପ୍ରାଚୀନଯୋଗ୍ୟ** (ହେ ପ୍ରାଚୀନଯୋଗ୍ୟ) **ଇତି** (ଏହି ପ୍ରକାର) **ଉପାସ୍ସ୍ୱ** (ଉପାସନା କର) । ୧/୬/୨

(ସେ) ସ୍ୱଃ-ରୂପୀ ଆଦିତ୍ୟରେ, ମହଃ-ରୂପୀ ଅପର-ବ୍ରହ୍ମରେ[1] ପ୍ରତିଷ୍ଠିତ ହୁଅନ୍ତି । ସେ ସ୍ୱାରାଜ୍ୟ[2] ପ୍ରାପ୍ତ ହୁଅନ୍ତି ଏବଂ ମନସ୍ପତିଙ୍କୁ ପ୍ରାପ୍ତ ହୁଅନ୍ତି । ସେ ବାକ୍‌ପତି, ଚକ୍ଷୁପତି, ଶ୍ରୋତ୍ରପତି ଓ ବିଜ୍ଞାନପତି ହୁଅନ୍ତି । ସେ ଏହାଠାରୁ ମଧ୍ୟ ଅଧିକ ଏହିପ୍ରକାର ହୁଅନ୍ତି—ସେ ଆକାଶ-ଶରୀର, ସତ୍ୟାତ୍ମା, ପ୍ରାଣାରାମ, ମନ-ଆନନ୍ଦ, ଶାନ୍ତିସମୃଦ୍ଧ ଓ ଅମୃତବ୍ରହ୍ମ ହୁଅନ୍ତି । ହେ ପ୍ରାଚୀନଯୋଗ୍ୟ, ତୁମେ ଏହି ପ୍ରକାର (ଉକ୍ତ ଗୁଣବିଶିଷ୍ଟରୂପରେ ବ୍ରହ୍ମଙ୍କର) ଉପାସନା କର[3] । ୧/୬/୨

॥ ଷଷ୍ଠ ଅନୁବାକ ସମାପ୍ତ ॥

---

1. ଚିତ୍ତ ଶୁଦ୍ଧ ହେବା ଦ୍ୱାରା ଜ୍ଞାନୋତ୍ପତ୍ତିକ୍ରମେ ପରବ୍ରହ୍ମରେ ପ୍ରତିଷ୍ଠିତ ହୁଅନ୍ତି ।
—ଶଙ୍କରାନନ୍ଦ

2. ଏହା ନିରଙ୍କୁଶ ଐଶ୍ୱର୍ଯ୍ୟ ନୁହେଁ । ଜଗତ୍‌ସୃଷ୍ଟି ପ୍ରଭୃତି ଐଶ୍ୱର୍ଯ୍ୟ ତାଙ୍କର ହୁଏ ନାହିଁ ।

3. ପଞ୍ଚମ ଓ ଷଷ୍ଠ ଅନୁବାକଦ୍ୱୟର ସାରମର୍ମ ହେଉଛି : ବ୍ୟାହୃତି-ଶରୀରର ମଧ୍ୟଭାଗ (ଆତ୍ମା) ମହଃ; ପାଦଦ୍ୱୟ ଭୂଃ, ବାହୁଦ୍ୱୟ ଭୁବଃ ଓ ମସ୍ତକ ସ୍ୱଃ । ପଞ୍ଚମ ଅନୁବାକରେ ଯେଉଁ ଉପାସନା ବିହିତ ହୋଇଛି, ଷଷ୍ଠ ଅନୁବାକରେ ତାହାର ଫଳ ସ୍ୱରାଜ୍ୟ ଏବଂ ସ୍ଥାନ ହୃଦୟାକାଶ ସ୍ଥିରୀକୃତ ହେଲା । ବିଷ୍ଣୁପୂଜାର ପ୍ରତୀକ ଯେପରି ଶାଳଗ୍ରାମ, ଏହି ଉପାସନାର ସ୍ଥାନ ମଧ୍ୟ ସେହିପରି ହୃଦୟାକାଶ । ଉକ୍ତ ଉପାସକଙ୍କର ଉତ୍ତରମାର୍ଗରେ ଗତି ହୁଏ ।

ସପ୍ତମ ଅନୁବାକ

ପୃଥିବ୍ୟନ୍ତରିକ୍ଷଂ ଦ୍ୟୌର୍ଦିଶୋଽବାନ୍ତରଦିଶାଃ । ଅଗ୍ନିର୍ବାୟୁରାଦିତ୍ୟଶ୍ଚନ୍ଦ୍ରମା ନକ୍ଷତ୍ରାଣି । ଆପ ଓଷଧୟୋ ବନସ୍ପତୟ ଆକାଶ ଆତ୍ମା । ଇତ୍ୟଧିଭୂତମ୍ ।

[ପୂର୍ବ ଅନୁବାକରେ କଥିତ ବ୍ରହ୍ମଙ୍କର ହିଁ ଉପାସନା କୁହାହେଉଛି]—**ପୃଥିବୀ** (ପୃଥିବୀ) **ଅନ୍ତରିକ୍ଷମ୍** (ଅନ୍ତରିକ୍ଷ) **ଦ୍ୟୌଃ** (ଦ୍ୟୁଲୋକ) **ଦିଶଃ** (ପୂର୍ବାଦି ଦିଗସମୂହ) **ଅବାନ୍ତରଦିଶାଃ** (ଅବାନ୍ତର ଦିଗସମୂହ)—[ଏହି ପାଞ୍ଚଟି ଲୋକ-ପାଙ୍କ୍ତ], **ଅଗ୍ନିଃ** (ଅଗ୍ନି) **ବାୟୁଃ** (ବାୟୁ) **ଆଦିତ୍ୟଃ** (ଆଦିତ୍ୟ) **ଚନ୍ଦ୍ରମାଃ** (ଚନ୍ଦ୍ରମା) **ନକ୍ଷତ୍ରାଣି** (ନକ୍ଷତ୍ରସମୂହ)—[ଏହି ପାଞ୍ଚଟି ଦେବତା-ପାଙ୍କ୍ତ]; **ଆପଃ** (ଜଳ) **ଓଷଧୟଃ** (ଔଷଧିସମୂହ) **ବନସ୍ପତୟଃ** (ପୁଷ୍ପ ନ ଥାଇ ଫଳପ୍ରସୂ ବୃକ୍ଷସମୂହ) **ଆକାଶ** (ଆକାଶ) **ଆତ୍ମା** (ବିରାଟ୍ ପୁରୁଷ)—[ଏହି ପାଞ୍ଚଟି ଭୂତ-ପାଙ୍କ୍ତ] **ଇତି ଅଧିଭୂତମ୍** (ଏହି ତିନି ପ୍ରକାର—ଅଧିଭୂତ, ଅଧିଦୈବତ, ଅଧିଲୋକ—ପାଙ୍କ୍ତ ଉପାସନା) । (ମୂଳରେ କେବଳ ଅଧିଭୂତ ରହିଲେ ମଧ୍ୟ ତିନୋଟି ହିଁ ବୁଝିବାକୁ ହେବ) । ୧/୭/୧

ପୃଥିବୀ, ଅନ୍ତରିକ୍ଷ, ଦ୍ୟୁଲୋକ, ଦିଗସମୂହ ଓ ଅବାନ୍ତର ଦିଗସମୂହ—(ଏହି ପାଞ୍ଚୋଟି ଲୋକ-ପାଙ୍କ୍ତ); ଅଗ୍ନି, ବାୟୁ, ଆଦିତ୍ୟ, ଚନ୍ଦ୍ର ଓ ନକ୍ଷତ୍ରସମୂହ—(ଏହି ପାଞ୍ଚୋଟି ଦେବତା-ପାଙ୍କ୍ତ); ଜଳ, ଔଷଧିସମୂହ, ବନସ୍ପତିସମୂହ, ଆକାଶ ଓ ବିରାଟ୍ ପୁରୁଷ—ଏହି ପାଞ୍ଚୋଟି ଭୂତ-ପାଙ୍କ୍ତ ।[1]

ଅଥାଧ୍ୟାତ୍ମମ୍ । ପ୍ରାଣୋ ବ୍ୟାନୋଽପାନ ଉଦାନଃ ସମାନଃ । ଚକ୍ଷୁଃ ଶ୍ରୋତ୍ରଂ ମନୋ ବାକ୍ ତ୍ୱକ୍ । ଚର୍ମ ମାଂସଂ ସ୍ନାବାସ୍ଥି ମଜ୍ଜା । ଏତଦଧିବିଧାୟ

1. ପଙ୍କ୍ତିନାମକ ବୈଦିକ ଛନ୍ଦର ପ୍ରତ୍ୟେକ ଚରଣରେ ପାଞ୍ଚଟି ଅକ୍ଷର ଥାଏ । ଏହି ଅନୁବାକରେ ମଧ୍ୟ ପାଞ୍ଚଟି ଲେଖାଏଁ ପଦାର୍ଥ ଏକାଠି କରି ଲୋକପଞ୍ଚକ, ଦେବପଞ୍ଚକ, ଭୂତପଞ୍ଚକ, ପ୍ରାଣପଞ୍ଚକ, ଇନ୍ଦ୍ରିୟପଞ୍ଚକ ଓ ଧାତୁପଞ୍ଚକ—ଏହି ଛଅ ଭାଗ କରାହୋଇଅଛି । ପଙ୍କ୍ତି ଛନ୍ଦ ସହିତ ଏହି ପାଞ୍ଚ ସଂଖ୍ୟାର ସାମ୍ୟ ଅଛି । ପୁଣି ଯଜମାନ, ପତ୍ନୀ, ପୁତ୍ର, ଦୈବବିତ୍ତ ଓ ମନୁଷ୍ୟବିତ୍ତ—ଏହି ପାଞ୍ଚଟି ଦ୍ୱାରା ଯଜ୍ଞ ହୁଏ ବୋଲି ଯଜ୍ଞ ମଧ୍ୟ ପାଙ୍କ୍ତ । ଏହିପ୍ରକାରରେ ପୃଥିବ୍ୟାଦିରେ ପାଙ୍କ୍ତତ୍ୱ ବିଶିଷ୍ଟ ଯଜ୍ଞରୂପକ କଳ୍ପନା କରି ଉପାସନା ବିହିତ ହୋଇଅଛି । ସେଥିମଧ୍ୟରୁ ତିନୋଟି ବାହ୍ୟପଞ୍ଚକ ଓ ତିନୋଟି ଅଧ୍ୟାତ୍ମପଞ୍ଚକ । ବାହ୍ୟପଞ୍ଚକକୁ ଅଧ୍ୟାତ୍ମପଞ୍ଚକର ଦୃଷ୍ଟି କଲେ ସର୍ବାତ୍ମା ପ୍ରଜାପତିଙ୍କ ସହିତ ଏକତ୍ୱଲାଭ ହୁଏ ।

ଋଷିରବୋଚତ୍ । ପାଙ୍କ୍ତଂ ବା ଇଦଂ ସର୍ବମ୍ । ପାଙ୍କ୍ତେନୈବ ପାଙ୍କ୍ତଂ ସ୍ପୃଣୋତୀତି ॥୧॥

ଇତି ସପ୍ତମୋଽନୁବାକଃ ॥

ଅଥ (ଅନନ୍ତର) **ଅଧାତ୍ମମ୍** (ଅଧାତ୍ମ ପାଙ୍କ୍ତ ଉପାସନା କୁହାହେଉଅଛି ଅର୍ଥାତ୍ ଶରୀରାଧିକାର ଅନୁଯାୟୀ ପାଙ୍କ୍ତ ଉପାସନା)—**ପ୍ରାଣଃ** (ପ୍ରାଣ) **ବ୍ୟାନଃ** (ବ୍ୟାନ) **ଅପାନଃ** (ଅପାନ) **ଉଦାନଃ** (ଉଦାନ) **ସମାନଃ** (ସମାନ)—(ଏମାନେ ପ୍ରାଣାଦି-ବାୟୁପାଙ୍କ୍ତ); **ଚକ୍ଷୁଃ** (ଚକ୍ଷୁ) **ଶ୍ରୋତ୍ରମ୍** (କର୍ଣ୍ଣ) **ମନଃ** (ମନ) **ବାକ୍** (ବାକ୍) **ତ୍ୱକ୍** (ତ୍ୱକ୍)—[ଏମାନେ ଇନ୍ଦ୍ରିୟପାଙ୍କ୍ତ]; **ଚର୍ମ** (ଚର୍ମ) **ମାଂସମ୍** (ମାଂସ) **ସ୍ନାୟୁ** (ସ୍ନାୟୁ) **ଅସ୍ଥି** (ଅସ୍ଥି) **ମଜ୍ଜା** (ମଜ୍ଜା)—[ଏମାନେ ଧାତୁପାଙ୍କ୍ତ] । **ଏତତ୍** (ଏହିପରି ପାଙ୍କ୍ତ ଉପାସନା) **ଅଧିବିଧାୟ** (ପରିକଳ୍ପନା କରି) **ଋଷିଃ** (ଋଷି, ଅଥବା ବେଦ) **ଅବୋଚତ୍** (କହିଥିଲେ)—**ଇଦମ୍** (ଏହି) **ସର୍ବମ୍ ବୈ** (ସମସ୍ତ ହିଁ) **ପାଙ୍କ୍ତମ୍** (ପାଙ୍କ୍ତ, ପଞ୍ଚାତ୍ମକ); **ପାଙ୍କ୍ତେନ ଏବ** (ଆଧାତ୍ମିକ ପାଙ୍କ୍ତଙ୍କ ଦ୍ୱାରା ହିଁ) **ପାଙ୍କ୍ତମ୍** (ବାହ୍ୟ ପାଙ୍କ୍ତକୁ) **ସ୍ପୃଣୋତି ଇତି** (ପୂର୍ଣ୍ଣ କରେ ଅର୍ଥାତ୍ ଏକାତ୍ମରୂପରେ ଲାଭ କରେ) [ଏହିପରି ପ୍ରଜ୍ଞାପତିସ୍ୱରୂପ ହୁଏ] । ୧/୭/୧

ଅନନ୍ତର ଅଧାତ୍ମ ପାଙ୍କ୍ତ ଉପାସନା କୁହାହେଉଅଛି—ପ୍ରାଣ, ଅପାନ, ବ୍ୟାନ୍, ଉଦାନ ଓ ସମାନ—(ଏହା ପ୍ରାଣପଞ୍ଚକ); ଚକ୍ଷୁ, କର୍ଣ୍ଣ, ମନ, ବାକ୍ ଓ ତ୍ୱକ୍—(ଏହା ଇନ୍ଦ୍ରିୟପଞ୍ଚକ); ଚର୍ମ, ମାଂସ, ସ୍ନାୟୁ, ଅସ୍ଥି, ମଜ୍ଜା—(ଏହା ଧାତୁପଞ୍ଚକ) । ଏହି ପ୍ରକାର ପାଙ୍କ୍ତ ଉପାସନା ପରିକଳ୍ପନା କରି ଋଷି କହିଥିଲେ, "ଏହି ସମସ୍ତ ହିଁ ପଞ୍ଚାତ୍ମକ । ଆଧାତ୍ମିକ ପାଙ୍କ୍ତ ଦ୍ୱାରା ହିଁ ବାହ୍ୟ ପାଙ୍କ୍ତ ସହିତ ଐକ୍ୟଲାଭ ହୁଏ ।"୧/୭/୧

॥ ସପ୍ତମ ଅନୁବାକ ସମାପ୍ତ ॥

ଅଷ୍ଟମ ଅନୁବାକ

ଓମିତି ବ୍ରହ୍ମ । ଓମିତୀଦଂ ସର୍ବମ୍ । ଓମିତ୍ୟେତଦନୁକୃତିର୍ହ ସ୍ମ ବା ଅପ୍ୟୋ ଶ୍ରାବୟେତ୍ୟାଶ୍ରାବୟନ୍ତି । ଓମିତି ସାମାନି ଗାୟନ୍ତି । ଓଃଶୋମିତି

ଶସ୍ତ୍ରାଣି ଶଂସନ୍ତି । ଓମିତ୍ୟଧ୍ୱର୍ଯ୍ୟୁଃ ପ୍ରତିଗରଂ ପ୍ରତିଗୃଣାତି । ଓମିତି ବ୍ରହ୍ମା ପ୍ରସୌତି । ଓମିତ୍ୟଗ୍ନିହୋତ୍ରମନୁଜାନାତି । ଓମିତି ବ୍ରାହ୍ମଣଃ ପ୍ରବକ୍ଷ୍ୟନ୍ନାହ ବ୍ରହ୍ମୋପାପ୍ନବାନୀତି । ବ୍ରହ୍ମୈବୋପାପ୍ନୋତି ॥୧॥

ଇତି ଅଷ୍ଟମୋଽନୁବାକଃ ॥

ଓମ୍ ଇତି ([ସକଳ ଉପାସନାର ଅଙ୍ଗଭୂତ] ଓଁ ଏହି ଶବ୍ଦକୁ) **ବ୍ରହ୍ମ** (ବ୍ରହ୍ମରୂପରେ) [ଉପାସନା କରିବ; ପ୍ର., ୫/୨] । [ଶବ୍ଦରୂପକ ଓଁକାର ଦ୍ୱାରା ପରିବ୍ୟାପ୍ତ ବୋଲି] **ଇଦମ୍ ସର୍ବମ୍** (ଏହି ସମସ୍ତ ହିଁ) **ଓମ୍ ଇତି** (ଓଁକାର) [ଛା., ୨/୨୩/୩; ମା. ୧ ଟୀକା] । **ଓମ୍ ଇତି ଏତତ୍** (ଓଁ ଏହି ପଦଟି) **ଅନୁକୃତିଃ ହ ସ୍ମ ବୈ** (ଅନୁକୃତି, ସମ୍ମତି-ଜ୍ଞାପକ ବୋଲି ପ୍ରସିଦ୍ଧ, ଅର୍ଥାତ୍ କେହି କିଛି କହିଲେ ଅନ୍ୟଜଣ 'ଓଁ' ବୋଲି ସମ୍ମତି-ଜ୍ଞାପନ କରନ୍ତି) । **ଅପି** (ଆହୁରି) **ଓମ୍ ଶ୍ରାବୟ ଇତି** (ଯେତେବେଳେ ୟଜୁର୍ବେଦୀ ଅଧ୍ୱର୍ଯ୍ୟୁ ଅଗ୍ନୀଧ୍ରଙ୍କୁ କହନ୍ତି, "ଓଁ ଦେବଗଣଙ୍କୁ ଶ୍ରବଣ କରାଅ", ସେତେବେଳେ ସେମାନେ) **ଆଶ୍ରାବୟନ୍ତି** (ଶ୍ରବଣ କରାଇଥାଆନ୍ତି) । **ଓମ୍ ଇତି** (ଓଁ ଉଚ୍ଚାରଣପୂର୍ବକ) **ସାମାନି** (ସାମସମୂହ) **ଗାୟନ୍ତି** (ଗାନ କରନ୍ତି) । **ଓମ୍ ଶୋମ ଇତି** (ଓଁ ଶୋମ୍ ଏହା ଉଚ୍ଚାରଣପୂର୍ବକ) **ଶସ୍ତ୍ରାଣି** (ଶସ୍ତ୍ର, ଅର୍ଥାତ୍ ଗୀତରହିତ ଋକ୍‌ସମୂହ) **ଶଂସନ୍ତି** (ପାଠ କରନ୍ତି) । [ହୋତୃଗଣ ସ୍ତୋତ୍ରପାଠକାଳରେ **"ଶୋଂସାବୋମ୍"**—"ଓଁ ଆମେ ପ୍ରାର୍ଥନା କରୁ" ଏହି **'ଆହାବ'** ପାଠ କରି ଅଧ୍ୱର୍ଯ୍ୟୁଙ୍କ ଅନୁମତି ମାଗିଲେ] **ଓମ୍ ଇତି ଅଧ୍ୱର୍ଯ୍ୟୁଃ** (ୟଜୁର୍ବେଦୀ ଋତ୍ୱିକ୍) **ପ୍ରତିଗରମ୍** (**"ଶୋଂସାମୋ ଦୈବୋମ୍"**—"ଏଥିରେ ଆମର ଆନନ୍ଦ ହେବ" ଏପରି ଉତ୍ସାହ-ବାଣୀ, [ଶଙ୍କରାନନ୍ଦଙ୍କ ମତରେ **ପ୍ରତିଗରମ୍**=ପ୍ରତି କାର୍ଯ୍ୟରେ]) **ପ୍ରତିଗୃଣାତି** (ହୋତାଙ୍କ ଉଦ୍ଦେଶ୍ୟରେ ଉଚ୍ଚାରଣ କରନ୍ତି) । **ଓମ୍ ଇତି ବ୍ରହ୍ମା** (ସର୍ବବେଦଜ୍ଞ ଓ ଯଜ୍ଞ-ପରିଚାଳକ ଋତ୍ୱିକବିଶେଷ) **ପ୍ରସୌତି** (ଅନୁଜ୍ଞା ପ୍ରକାଶ କରନ୍ତି) । [ଏହିପରି ପ୍ରତିବେଦରେ ଓମ୍ ବ୍ୟବହୃତ ହୁଏ] । [ଯଜମାନ] **ଓମ୍ ଇତି** [ଅଧ୍ୱର୍ଯ୍ୟୁକୁ] **ଅଗ୍ନିହୋତ୍ରଂ ଅନୁଜାନାତି** (ଅଗ୍ନିହୋତ୍ର ହବନୀରେ [ଦୁଗ୍ଧ ଢାଳିବା ପାଇଁ] ଅନୁମତି ପ୍ରଦାନ କରନ୍ତି) । **ପ୍ରବକ୍ଷ୍ୟନ୍** (ବେଦପାଠ କରିବାକୁ ବା ବ୍ରହ୍ମ-ପ୍ରତିପାଦନରେ ଇଚ୍ଛୁକ) **ବ୍ରାହ୍ମଣଃ** (ବେଦପାଠକ ବା ଜିଜ୍ଞାସୁ) **ବ୍ରହ୍ମ** (ବେଦ ବା ପରମାତ୍ମା) **ଉପାପ୍ନବାନି ଇତି** (ଲାଭ କରିବାକୁ ସମର୍ଥ ହେବୁ ମନେ କରି) **ଓମ୍**

ଇତି ଆହ (ଓମ୍ ଉଚ୍ଚାରଣ କରନ୍ତି)—**ବ୍ରହ୍ମ** (ବେଦ ବା ବ୍ରହ୍ମଙ୍କୁ) **ଉପାପ୍ନୋତି ଏବ** (ଅବଶ୍ୟ ହିଁ ପ୍ରାପ୍ତ ହୁଅନ୍ତି)—[ଛା., ୧/୧/୧-୧୦] । ୧/୮/୧

ଓଁ ଏହି ଶବ୍ଦଟିକୁ ବ୍ରହ୍ମରୂପରେ ଉପାସନା କରିବ । ଶବ୍ଦରୂପରେ ଓଁକାର ଦ୍ୱାରା ପରିବ୍ୟାପ୍ତ ବୋଲି ଏହି ସମସ୍ତ ହିଁ ଓଁକାରସ୍ୱରୂପ । 'ଓଁ' ଏହି ଶବ୍ଦଟି ସମ୍ମତିଜ୍ଞାପକ ବୋଲି ପ୍ରସିଦ୍ଧ । ଅଧ୍ୱର୍ଯ୍ୟୁ "ଓଁ ଦେବଗଣଙ୍କୁ ମନ୍ତ୍ର ଶ୍ରବଣ କରାଅ"—ଏହି କଥା କହିଲେ ଋତ୍ୱିକ୍‌ଗଣ (ମନ୍ତ୍ର) ଶ୍ରବଣ କରାଇଥାଆନ୍ତି । ଓଁ ଉଚ୍ଚାରଣପୂର୍ବକ ସାମସମୂହ ଗାନ କରିଥାଆନ୍ତି । "ଓଁ ଶୋମ୍"—ଏହା କହି ଶସ୍ତ୍ରନାମକ ସ୍ତୋତ୍ରସମୂହ ପାଠ କରନ୍ତି । ଓଁ ଉଚ୍ଚାରଣ କରି ଅଧ୍ୱର୍ଯ୍ୟୁ ପ୍ରତିଗର ଉଚ୍ଚାରଣ କରନ୍ତି । ଓଁ ଉଚ୍ଚାରଣ କରି ବ୍ରହ୍ମା ଅନୁଜ୍ଞା ପ୍ରକାଶ କରନ୍ତି । ଓଁ କହି ଅଗ୍ନିହୋତ୍ରର ଅନୁମତି ପ୍ରଦାନ କରାହୁଏ । ବେଦ ବା ବ୍ରହ୍ମ ଲାଭ କରିବି ମନେକରି ବେଦପାଠକ ବା ବ୍ରହ୍ମଜିଜ୍ଞାସୁ ଓଁ ଉଚ୍ଚାରଣ କରନ୍ତି, ଏବଂ ସେଥିପାଇଁ ସେ ଅବଶ୍ୟ ବେଦ ବା ବ୍ରହ୍ମ ଲାଭ କରନ୍ତି । ୧/୮/୧

॥ ଅଷ୍ଟମ ଅନୁବାକ ସମାପ୍ତ ॥

ନବମ ଅନୁବାକ

ଋତଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ସତ୍ୟଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ତପଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଦମଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଶମଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଅଗ୍ନୟଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଅଗ୍ନିହୋତ୍ରଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ଅତିଥୟଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ମାନୁଷଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ପ୍ରଜା ଚ ସ୍ୱାଧ୍ୟାୟପ୍ରବଚନେ ଚ । ପ୍ରଜନଶ୍ଚ ସ୍ୱାଧ୍ୟାୟ-ପ୍ରବଚନେ ଚ । ପ୍ରଜାତିଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ସତ୍ୟମିତି ସତ୍ୟବଚା ରାଥୀତରଃ । ତପ ଇତି ତପୋନିତ୍ୟଃ ପୌରୁଶିଷ୍ଟିଃ । ସ୍ୱାଧ୍ୟାୟପ୍ରବଚନେ ଏବେତି ନାକୋ ମୌଦ୍‌ଗଲ୍ୟଃ । ତଦ୍ଧି ତପସ୍ତଦ୍ଧି ତପଃ ॥୧॥

ଇତି ନବମୋଽନୁବାକଃ ॥

[ଉପାସନା ଦ୍ୱାରା ସ୍ୱରାଜ୍ୟଲାଭ ହୁଏ, ଏହା ଶୁଣି ମନେ ହୋଇପାରେ ଯେ, ଶ୍ରୌତ ଓ ସ୍ମାର୍ତ୍ତ କର୍ମ ନିରର୍ଥକ । ଏହି ଆଶଙ୍କା ଦୂର କରିବା ପାଇଁ କୁହାହେଉଛି]—**ଋତମ୍ ଚ** (ଶାସ୍ତ୍ରପ୍ରଦର୍ଶିତ କର୍ମବିଧିର ଜ୍ଞାନ) **ସ୍ୱାଧ୍ୟାୟ-ପ୍ରବଚନେ ଚ** (ସ୍ୱାଧ୍ୟାୟ=ବେଦାଧ୍ୟୟନ ଓ ପ୍ରବଚନ=ଅଧ୍ୟାପନା ଅଥବା ନିତ୍ୟପାଠରୂପକ ବ୍ରହ୍ମଯଜ୍ଞ କରିବ) । **ସତ୍ୟମ୍ ଚ** (ଯଥାର୍ଥ କଥନ ଓ ଆଚରଣ) **ସ୍ୱାଧ୍ୟାୟ ପ୍ରବଚନେ ଚ** (ଅଧ୍ୟୟନ ଓ ଅଧ୍ୟାପନା କରିବ) । **ତପଃ ଚ** (କୃଚ୍ଛାଦି) **ସ୍ୱାଧ୍ୟାୟ ପ୍ରବଚନେ ଚ** (ଅଧ୍ୟୟନ ଓ ଅଧ୍ୟାପନା କରିବ) । **ଦମଃ ଚ** (ବାହ୍ୟକରଣୋପଶମ) **ସ୍ୱାଧ୍ୟାୟପ୍ରବଚନେ ଚ** (ଅଧ୍ୟୟନ ଓ ଅଧ୍ୟାପନା କରିବ) । **ଶମଃ ଚ** (ଅନ୍ତଃକରଣୋପଶମ) **ସ୍ୱାଧ୍ୟାୟପ୍ରବଚନେ ଚ** (ଅଧ୍ୟୟନ ଓ ଅଧ୍ୟାପନା କରିବ) । **ଅଗ୍ନୟଃ ଚ** (ଗାର୍ହପତ୍ୟ, ଆହବନୀୟ ଓ ଦକ୍ଷିଣାଗ୍ନି ନାମକ ଅଗ୍ନିସମୂହ [ଆଧାନ କରିବ]) **ସ୍ୱାଧ୍ୟାୟପ୍ରବଚନେ ଚ** (ଅଧ୍ୟୟନ ଓ ଅଧ୍ୟାପନା କରିବ) । **ଅଗ୍ନିହୋତ୍ରମ୍ ଚ** (ଅଗ୍ନିହୋତ୍ର ହବନ କରିବ) **ସ୍ୱାଧ୍ୟାୟପ୍ରବଚନେ ଚ** (ଅଧ୍ୟୟନ ଓ ଅଧ୍ୟାପନା କରିବ) । **ଅତିଥୟଃ ଚ** (ଅତିଥିସତ୍କାର କରିବ) **ସ୍ୱାଧ୍ୟାୟପ୍ରବଚନେ ଚ** (ଅଧ୍ୟୟନ ଓ ଅଧ୍ୟାପନା କରିବ) । **ମାନୁଷମ୍ ଚ** (ଲୌକିକ ଆଚାର [ପାଳନ କରିବ]) **ସ୍ୱାଧ୍ୟାୟପ୍ରବଚନେ ଚ** (ଅଧ୍ୟୟନ ଓ ଅଧ୍ୟାପନା କରିବ) । **ପ୍ରଜା ଚ** (ସନ୍ତାନୋତ୍ପାଦନ କରିବ) **ସ୍ୱାଧ୍ୟାୟପ୍ରବଚନେ ଚ** (ଅଧ୍ୟୟନ ଓ ଅଧ୍ୟାପନା କରିବ) । **ପ୍ରଜନଃ ଚ** (ଋତୁକାଳେ ଭାର୍ଯ୍ୟା-ଗମନ କରିବ) **ସ୍ୱାଧ୍ୟାୟପ୍ରବଚନେ ଚ** (ଅଧ୍ୟୟନ ଓ ଅଧ୍ୟାପନା କରିବ) । **ପ୍ରଜାତିଃ ଚ** (ପୌତ୍ରୋତ୍ପତ୍ତି, ଅର୍ଥାତ୍ ପୁତ୍ରକୁ ଗାର୍ହସ୍ଥ୍ୟରେ ନିବେଶିତ କରିବ) **ସ୍ୱାଧ୍ୟାୟପ୍ରବଚନେ ଚ** (ଅଧ୍ୟୟନ ଓ ଅଧ୍ୟାପନା କରିବ) । **ରାଥୀତରଃ** (ରଥୀତର-ଗୋତ୍ରୀୟ) **ସତ୍ୟବଚାଃ** (ସତ୍ୟବଚା ନାମକ ଋଷିଙ୍କ ମତରେ) **ସତ୍ୟମ୍ ଇତି** (ସତ୍ୟ ହିଁ ଅନୁଷ୍ଠେୟ) **ପୌରୁଶିଷ୍ଟିଃ** (ପୁରୁଶିଷ୍ଟିତନୟ) **ତପୋନିତ୍ୟଃ** (ତପୋନିତ୍ୟ ଋଷି [ମନେ କରନ୍ତି]) **ତପଃ ଇତି** (ତପସ୍ୟା ହିଁ ଅନୁଷ୍ଠେୟ) । **ମୌଦ୍‌ଗଲ୍ୟଃ** (ମୁଦ୍‌ଗଲଙ୍କ ପୁତ୍ର) **ନାକଃ** (ନାକ ନାମକ ଋଷି [ମନେ କରନ୍ତି]) **ସ୍ୱାଧ୍ୟାୟପ୍ରବଚନେ ଏବ ଇତି** (ସ୍ୱାଧ୍ୟାୟ ଓ ଅଧ୍ୟାପନା ହିଁ କେବଳ ଅନୁଷ୍ଠେୟ); [କାରଣ] **ତତ୍ ହି** (ତାହା ହିଁ) **ତପଃ** (ମୁଖ୍ୟ ତପସ୍ୟା) **ତତ୍ ହି ତପଃ** (ତାହା ହିଁ ତପସ୍ୟା) । ୧/୯/୧

ଶାସ୍ତ୍ରପ୍ରଦର୍ଶିତ କର୍ମବିଧି ଜାଣିବ ଏବଂ ବେଦାଧ୍ୟୟନ ଓ ଅଧ୍ୟାପନା କରିବ । ସତ୍ୟ କହିବ ଏବଂ ଅଧ୍ୟୟନ ଓ ଅଧ୍ୟାପନା କରିବ । ତପସ୍ୟା କରିବ ଏବଂ ଅଧ୍ୟୟନ

ଓ ଅଧ୍ୟାପନା କରିବ । ବାହ୍ୟେନ୍ଦ୍ରିୟ ସଂଯତ କରିବ ଏବଂ ଅଧ୍ୟୟନ ଓ ଅଧ୍ୟାପନା କରିବ । ଅନ୍ତରିନ୍ଦ୍ରିୟ ସଂଯତ କରିବ ଏବଂ ଅଧ୍ୟୟନ ଓ ଅଧ୍ୟାପନା କରିବ । ଅଗ୍ନିସମୂହ ଆଧାନ କରିବ ଏବଂ ଅଧ୍ୟୟନ ଓ ଅଧ୍ୟାପନା କରିବ । ଅଗ୍ନିହୋତ୍ର ଅନୁଷ୍ଠାନ କରିବ ଏବଂ ଅଧ୍ୟୟନ ଓ ଅଧ୍ୟାପନା କରିବ । ଅତିଥିସତ୍କାର କରିବ ଏବଂ ଅଧ୍ୟୟନ ଓ ଅଧ୍ୟାପନା କରିବ । ସନ୍ତାନୋତ୍ପାଦନ କରିବ ଏବଂ ଅଧ୍ୟୟନ ଓ ଅଧ୍ୟାପନା କରିବ । ଋତୁକାଳରେ ଭାର୍ଯ୍ୟାଗମନ କରିବ ଏବଂ ଅଧ୍ୟୟନ ଓ ଅଧ୍ୟାପନା କରିବ ।[1] ପୌତ୍ରୋତ୍ପତ୍ତି ସକାଶେ ପୁତ୍ରକୁ ଗାର୍ହସ୍ଥ୍ୟରେ ନିବେଶିତ କରିବ[2] ଏବଂ ଅଧ୍ୟୟନ ଓ ଅଧ୍ୟାପନା କରିବ । ରଥୀତରଗୋତ୍ରୀୟ ସତ୍ୟବଚାଙ୍କ ମତରେ ସତ୍ୟ ହିଁ ଅନୁଷ୍ଠେୟ । ପୁରୁଶିଷ୍ଟିପୁତ୍ର ତପୋନିତ୍ୟ କହନ୍ତି—ତପସ୍ୟା ହିଁ କର୍ତ୍ତବ୍ୟ । ମୁଦ୍‌ଗଲଙ୍କ ପୁତ୍ର ନାକଙ୍କ ମତରେ କେବଳ ସ୍ୱାଧ୍ୟାୟ ଓ ପ୍ରବଚନ ହିଁ କର୍ତ୍ତବ୍ୟ; କାରଣ ତାହା ହିଁ ଯଥାର୍ଥ ତପସ୍ୟା, ତାହା ହିଁ ତପସ୍ୟା[3] । ୧/୯/୧

॥ ନବମ ଅନୁବାକ ସମାପ୍ତ ॥

ଦଶମ ଅନୁବାକ

ଅହଂ ବୃକ୍ଷସ୍ୟ ରେରିବା । କୀର୍ତିଃ ପୃଷ୍ଠଂ ଗିରେରିବ । ଊର୍ଧ୍ୱପବିତ୍ରୋ ବାଜିନୀବ ସ୍ୱମୃତମସ୍ମି । ଦ୍ରବିଣଂ ସବର୍ଚସମ୍ । ସୁମେଧା ଅମୃତୋକ୍ଷିତଃ । ଇତି ତ୍ରିଶଙ୍କୋର୍ବେଦାନୁବଚନମ୍ ॥୧॥

ଇତି ଦଶମୋଽନୁବାକଃ ॥

[ବିଦ୍ୟାପ୍ରାପ୍ତି ଉଦ୍ଦେଶ୍ୟରେ ଜପ ପାଇଁ ଏହି ମନ୍ତ୍ର ବିହିତ ହେଉଅଛି]—**ଅହମ୍** (ମୁଁ) **ବୃକ୍ଷସ୍ୟ** (ଉଚ୍ଛେଦାତ୍ମକ ସଂସାର ବୃକ୍ଷର) **ରେରିବା** (ଅନ୍ତର୍ଯ୍ୟାମୀ ଆତ୍ମାରୂପେ ପ୍ରେରୟିତା) । [ମୋର] **କୀର୍ତିଃ** (କୀର୍ତ୍ତି) **ଗିରେଃ** (ପର୍ବତର) **ପୃଷ୍ଠମ୍ ଇବ** (ପୃଷ୍ଠ ସଦୃଶ ସମୁନ୍ନତ) । **ଊର୍ଧ୍ୱପବିତ୍ରଃ** ([ଊର୍ଧ୍ୱ=କାରଣ, **ପବିତ୍ର**=ଜ୍ଞାନପ୍ରକାଶ୍ୟ ପରମ

1. ତାତ୍ପର୍ଯ୍ୟ ଏହି ଯେ, ଶାସ୍ତ୍ରବିହିତ କର୍ମାଦି ଯେପରି କରିବା ଉଚିତ୍, ସ୍ୱାଧ୍ୟାୟ ଓ ପ୍ରବଚନ ମଧ୍ୟ ସେହିପରି ସର୍ବଦା କର୍ତ୍ତବ୍ୟ ।

2. ବୃ., ୧/୫/୧୭

3. ସତ୍ୟ, ତପଃ, ସ୍ୱାଧ୍ୟାୟ ଏବଂ ପ୍ରବଚନର ଆଦରାର୍ଥ ପୁନରୁକ୍ତି ହୋଇଅଛି ।

ବ୍ରହ୍ମ] ପରବ୍ରହ୍ମ ଯାହାଙ୍କର ଦେହାଦି ସଂଘାତର କାରଣ [ମୁଁ ସେହିପ୍ରକାର])। **ବାଜିନି** (ଅନ୍ନାଧାର ସୂର୍ଯ୍ୟରେ) **ସୁ-ଅମୃତମ୍ ଇବ** (ଯେପରି ଉତ୍ତମ ଆନନ୍ଦାମୃତ ରହିଛି) **ଅସ୍ମି** (ମୁଁ ମଧ୍ୟ ସେହିପରି [ବିଶୁଦ୍ଧ ଆତ୍ମତତ୍ତ୍ୱ])। [ମୁଁ] **ସବର୍ଚସମ୍** (ଦୀପ୍ତିମତ୍ ଆତ୍ମତତ୍ତ୍ୱରୂପକ) **ଦ୍ରବିଣମ୍** (ଧନ)। [ଅଥବା **ଦ୍ରବିଣମ୍ ଇବ** (ଧନ ସଦୃଶ) **ସବର୍ଚସମ୍** (ଦୀପ୍ତିମତ୍ ବ୍ରହ୍ମଜ୍ଞାନ) ମୁଁ ପ୍ରାପ୍ତ ହୋଇଅଛି]। **ସୁମେଧାଃ** (ମୁଁ ଉତ୍ତମ ମେଧାସମ୍ପନ୍ନ) **ଅମୃତ-ଉକ୍ଷିତଃ** (ଅମୃତରେ ବା ସଦାନନ୍ଦରସ ଦ୍ୱାରା ସିକ୍ତ) [ଅଥବା—ଅମୃତଃ **ଅକ୍ଷିତଃ** (ମୁଁ ଅମର ଏବଂ ଅକ୍ଷୟ)]—**ଇତି** (ଏହି ପ୍ରକାର) **ତ୍ରିଶଙ୍କୋଃ** (ତ୍ରିଶଙ୍କୁ ନାମକ ଋଷିଙ୍କର) **ବେଦାନୁବଚନମ୍** (ବେଦ ଅର୍ଥାତ୍ ଆତ୍ମତତ୍ତ୍ୱ, ପ୍ରାପ୍ତିର **ଅନୁ**=ପରେ, **ବଚନମ୍**=ଉକ୍ତି)। ୧/୧୦/୧

"ମୁଁ ସଂସାରବୃକ୍ଷର ପ୍ରେରୟିତା। ମୋର କୀର୍ତ୍ତି ପର୍ବତଶୃଙ୍ଗ ସଦୃଶ ସମୁନ୍ନତ। ପରବ୍ରହ୍ମ ହିଁ ମୋର କାରଣ। ସୂର୍ଯ୍ୟରେ ଯେପରି ଉତ୍ତମ ଅମୃତ ଅଛି, ମୁଁ ମଧ୍ୟ ସେହିପରି ଆନନ୍ଦାତ୍ମା। ମୁଁ ଦୀପ୍ତିମତ୍ ବ୍ରହ୍ମସ୍ୱରୂପ ଧନ। ମୁଁ ଉତ୍ତମ ମେଧାସମ୍ପନ୍ନ। ମୁଁ ଅମର ଓ ଅକ୍ଷୟ।"—ତ୍ରିଶଙ୍କୁ ନାମକ ଋଷି ଆତ୍ମତତ୍ତ୍ୱ ଲାଭ କରି ଏହି କଥା କହିଥିଲେ। ୧/୧୦/୧

॥ ଦଶମ ଅନୁବାକ ସମାପ୍ତ ॥

ଏକାଦଶ ଅନୁବାକ

ବେଦମନୂଚ୍ୟାଚାର୍ଯୋঽନ୍ତେବାସିନମନୁଶାସ୍ତି। ସତ୍ୟଂ ବଦ। ଧର୍ମଂ ଚର। ସ୍ୱାଧ୍ୟାୟାନ୍ମା ପ୍ରମଦଃ। ଆଚାର୍ଯାୟ ପ୍ରିୟଂ ଧନମାହୃତ୍ୟ ପ୍ରଜାତନ୍ତୁଂ ମା ବ୍ୟବଚ୍ଛେତ୍ସୀଃ। ସତ୍ୟାନ୍ନ ପ୍ରମଦିତବ୍ୟମ୍। ଧର୍ମାନ୍ନ ପ୍ରମଦିତବ୍ୟମ୍। କୁଶଲାନ୍ନ ପ୍ରମଦିତବ୍ୟମ୍। ଭୂତ୍ୟୈ ନ ପ୍ରମଦିତବ୍ୟମ୍। ସ୍ୱାଧ୍ୟାୟପ୍ରବଚନାଭ୍ୟାଂ ନ ପ୍ରମଦିତବ୍ୟମ୍ ॥୧॥

ବେଦମ୍ (ବେଦ) **ଅନୂଚ୍ୟ** (ଅଧ୍ୟାପନା କରି) **ଆଚାର୍ଯଃ** (ଆଚାର୍ଯ୍ୟ) **ଅନ୍ତେବାସିନମ୍** (ଶିଷ୍ୟଙ୍କୁ) **ଅନୁ-ଶାସ୍ତି** (ପରେ ତାହାର ଗ୍ରହଣ କରାଉଛନ୍ତି)— **ସତ୍ୟମ୍** (ଯଥାବଗତ ବିଷୟ) **ବଦ** (କହିବ)। **ଧର୍ମମ୍** (ଅନୁଷ୍ଠେୟ କର୍ମ) **ଚର**

(ଆଚରଣ କରିବ) । **ସ୍ୱାଧ୍ୟାୟାତ୍** (ଅଧ୍ୟୟନରୁ) **ମା ପ୍ରମଦଃ** (ଅନବହିତ ହେବ ନାହିଁ) । **ଆଚାର୍ଯ୍ୟାୟ** (ଆଚାର୍ଯ୍ୟଙ୍କ ପାଇଁ) **ପ୍ରିୟମ୍** (ଅଭୀଷ୍ଟ) **ଧନମ୍** (ଧନ) **ଆହୃତ୍ୟ** (ଆହରଣ କରି, ଦକ୍ଷିଣାସ୍ୱରୂପ ଦେଇ) [ଆଚାର୍ଯ୍ୟଙ୍କ ଆଦେଶରେ ଗୃହସ୍ଥାଶ୍ରମ ପ୍ରବେଶପୂର୍ବକ] **ପ୍ରଜାତନ୍ତୁମ୍** (ସନ୍ତାନଧାରା) **ମା ବ୍ୟବଚ୍ଛେତ୍ସୀଃ** (ବିଚ୍ଛିନ୍ନ କରିବ ନାହିଁ) । **ସତ୍ୟାତ୍** (ସତ୍ୟନିଷ୍ଠାରୁ) **ନ ପ୍ରମଦିତବ୍ୟମ୍** (ଭ୍ରାନ୍ତ ହେବ ନାହିଁ) **ଧର୍ମାତ୍** (ଧର୍ମରୁ) **ନ ପ୍ରମଦିତବ୍ୟମ୍** (ବିଚ୍ୟୁତ ହେବ ନାହିଁ) । **କୁଶଲାତ୍** (ଆତ୍ମରକ୍ଷାଠାରୁ) **ନ ପ୍ରମଦିତବ୍ୟମ୍** (ଅନବହିତ ହେବ ନାହିଁ) **ଭୂତ୍ୟୈ** (ବିଭୂତ୍ୟର୍ଥକ ମଙ୍ଗଳଯୁକ୍ତ କର୍ମବିଷୟରେ) **ନ ପ୍ରମଦିତବ୍ୟମ୍** (ପ୍ରମାଦଗ୍ରସ୍ତ ହେବ ନାହିଁ) । **ସ୍ୱାଧ୍ୟାୟ-ପ୍ରବଚନାଭ୍ୟାମ୍** (ସ୍ୱାଧ୍ୟାୟ ଓ ଅଧ୍ୟାପନା ବିଷୟରେ) **ନ ପ୍ରମଦିତବ୍ୟମ୍** (ପ୍ରମାଦଗ୍ରସ୍ତ ହେବ ନାହିଁ) । ୧/୧୧/୧

ବେଦ-ଅଧ୍ୟାପନାନ୍ତେ ଆଚାର୍ଯ୍ୟ ଶିଷ୍ୟକୁ ବେଦାର୍ଥ ଗ୍ରହଣ କରାଉଛନ୍ତି—"ସତ୍ୟ କହିବ, ଧର୍ମାନୁଷ୍ଠାନ କରିବ । ଅଧ୍ୟୟନରେ ପ୍ରମାଦ କରିବ ନାହିଁ । ଆଚାର୍ଯ୍ୟଙ୍କ ପାଇଁ ଅଭୀଷ୍ଟ ଧନ ଆହରଣାନ୍ତେ (ଗୃହସ୍ଥାଶ୍ରମ ଯାଇ) ସନ୍ତାନଧାରା ଅବିଚ୍ଛିନ୍ନ ରଖିବ । ସତ୍ୟରୁ ବିଚ୍ୟୁତ ହେବ ନାହିଁ । ଧର୍ମରୁ ବିଚ୍ୟୁତ ହେବ ନାହିଁ । ଆତ୍ମରକ୍ଷା ବିଷୟରେ ଅନବହିତ ହେବ ନାହିଁ । ବିଭବ ଲାଭାର୍ଥକ ମଙ୍ଗଳଜନକ କାର୍ଯ୍ୟରେ ପ୍ରମାଦଗ୍ରସ୍ତ ହେବ ନାହିଁ । ସ୍ୱାଧ୍ୟାୟ ଓ ଅଧ୍ୟାପନା ବିଷୟରେ ପ୍ରମାଦଗ୍ରସ୍ତ ହେବ ନାହିଁ । ୧/୧୧/୧

ଦେବପିତୃକାର୍ଯ୍ୟାଭ୍ୟାଂ ନ ପ୍ରମଦିତବ୍ୟମ୍ । ମାତୃଦେବୋ ଭବ ପିତୃଦେବୋ ଭବ । ଆଚାର୍ୟଦେବୋ ଭବ । ଅତିଥିଦେବୋ ଭବ । ଯାନ୍ୟନବଦ୍ୟାନି କର୍ମାଣି । ତାନି ସେବିତବ୍ୟାନି । ନୋ ଇତରାଣି । ଯାନ୍ୟସ୍ମାକଂ ସୁଚରିତାନି । ତାନି ତ୍ୱୟୋପାସ୍ୟାନି ॥ ୨ ॥

ଦେବପିତୃକାୟ୍ୟାଭ୍ୟାମ୍ (ଦେବକାର୍ଯ୍ୟ ଓ ପିତୃକାର୍ଯ୍ୟ-ବିଷୟରେ) **ନ ପ୍ରମଦିତବ୍ୟମ୍** (ଭ୍ରାନ୍ତ ହେବ ନାହିଁ) । **ମାତୃଦେବଃ** (ମାତା ଯାହାଙ୍କର ଦେବତା ସେହିପରି) **ଭବ** (ହୁଅ) । **ପିତୃଦେବଃ** (ପିତା ଦେବତା ଅଟନ୍ତି ଯାହାଙ୍କର ଏହିପରି) **ଭବ** । **ଆଚାର୍ୟ-ଦେବଃ** (ଆଚାର୍ଯ୍ୟ ଦେବତା ଯାହାଙ୍କର ସେହିପରି) **ଭବ** (ହୁଅ) । **ଅତିଥି-ଦେବଃ** (ଅତିଥି ଦେବତା ଯାହାଙ୍କର ସେହିପରି) **ଭବ** (ହୁଅ) । **ଯାନି** (ଯେଉଁ ସକଳ) **କର୍ମାଣି** (କର୍ମସମୂହ) **ଅନବଦ୍ୟାନି** (ଅନିନ୍ଦିତ) **ତାନି** (ସେହି

ସକଳ) **ସେବିତବ୍ୟାନି** (କରିବା ଉଚିତ୍) **ଇତରାଣି** (ଅନ୍ୟ କର୍ମସମୂହ) **ନୋ** (=ନ, କରଣୀୟ ନୁହେଁ) । **ଅସ୍ମାକମ୍** (ଆମମାନଙ୍କର) **ୟାନି** (ଯେଉଁ ସକଳ) **ସୁଚରିତାନି** (ଶାସ୍ତ୍ରସମ୍ମତ ଆଚରଣ) **ତାନି** (ସେହି ସକଳ) **ତ୍ୱୟା** (ତୁମ ଦ୍ୱାରା) **ଉପାସ୍ୟାନି** (ନିୟମିତଭାବରେ ଅନୁଷ୍ଠେୟ) । ୧/୧୧/୨

"ଦେବକାର୍ଯ୍ୟ ଓ ପିତୃକାର୍ଯ୍ୟରେ ଭ୍ରାନ୍ତ ହୁଅ ନାହିଁ । ମାତା ତୁମର ଦେବୀ ହୁଅନ୍ତୁ । ପିତା ତୁମର ଦେବତା ହୁଅନ୍ତୁ । ଆଚାର୍ଯ୍ୟ ତୁମର ଦେବତା ହୁଅନ୍ତୁ । ଅତିଥି ତୁମର ଦେବତା ହୁଅନ୍ତୁ । ଯେଉଁ ସକଳ କର୍ମ ଅନିନ୍ଦିତ ତାହାର ଅନୁଷ୍ଠାନ କର, ଅନ୍ୟଗୁଡ଼ିକ ନୁହେଁ । ଆମମାନଙ୍କର ଯାହା ସଦାଚାର ତାହା ହିଁ ତୁମର ଅନୁଷ୍ଠେୟ । ୧/୧୧/୨

ନୋ ଇତରାଣି । ୟେ କେ ଚାସ୍ମଚ୍ଛ୍ରେୟାଂସୋ ବ୍ରାହ୍ମଣାଃ । ତେଷାଂ ତ୍ୱୟାଽସନେନ ପ୍ରଶ୍ୱସିତବ୍ୟମ୍ । ଶ୍ରଦ୍ଧୟା ଦେୟମ୍ । ଅଶ୍ରଦ୍ଧୟାଽଦେୟମ୍ । ଶ୍ରିୟା ଦେୟମ୍ । ହ୍ରିୟା ଦେୟମ୍ । ଭିୟା ଦେୟମ୍ । ସଂବିଦା ଦେୟମ୍ । ଅଥ ୟଦି ତେ କର୍ମବିଚିକିତ୍ସା ବା ବୃତ୍ତବିଚିକିତ୍ସା ବା ସ୍ୟାତ୍ ॥୩॥

ଇତରାଣି (ଅନ୍ୟ ଆଚରଣସକଳ) **ନୋ** (=ନ, ଅନୁଷ୍ଠେୟ ନୁହେଁ) । **ୟେ କେ ଚ ବ୍ରାହ୍ମଣାଃ** (ଯେଉଁ ସକଳ ବ୍ରାହ୍ମଣ) **ଅସ୍ମତ୍-ଶ୍ରେୟାଂସଃ** (ଆମମାନଙ୍କଠାରୁ ଶ୍ରେଷ୍ଠତର) **ତ୍ୱୟା** (ତୁମ ଦ୍ୱାରା) **ତେଷାମ୍** (ସେମାନଙ୍କୁ) **ଆସନେନ** (ଆସନ-ଦାନ-ପୂର୍ବକ) **ପ୍ରଶ୍ୱସିତବ୍ୟମ୍** (ଶ୍ରମ ଅପନୋଦନ କରିବା କର୍ତ୍ତବ୍ୟ) । **ଶ୍ରଦ୍ଧୟା** (ଶ୍ରଦ୍ଧାସହକାରେ) **ଦେୟମ୍** (ଦାନ କରିବ) **ଅଶ୍ରଦ୍ଧୟା** (ଅଶ୍ରଦ୍ଧାପୂର୍ବକ) **ଅଦେୟମ୍** (ଦେବା ଅନୁଚିତ୍) । **ଶ୍ରିୟା** (ଐଶ୍ୱର୍ଯ୍ୟାନୁରୂପ) **ଦେୟମ୍** (ଦାନ କରିବ) । **ହ୍ରିୟା** (ସଲଜ୍ଜଭାବରେ, ଅର୍ଥାତ୍ ବିନୟସହକାରେ) **ଦେୟମ୍** (ଦାନ କରିବ) । **ଭିୟା** (ଭୟ ସହିତ, ଶାସ୍ତ୍ରଭୟରେ) **ଦେୟମ୍** (ଦାନ କରିବ) । **ସଂବିଦା** (ମିତ୍ରଭାବରେ) **ଦେୟମ୍** (ଦାନ କରିବ) । **ଅଥ** (ଆଉ) **ୟଦି** (ଯଦି) **ତେ** (ତୁମର) **କର୍ମବିଚିକିତ୍ସା ବା** (ଶ୍ରୌତ ବା ସ୍ମାର୍ତ୍ତ କର୍ମବିଷୟରେ ସଂଶୟ) **ବୃତ୍ତ-ବିଚିକିତ୍ସା ବା** (ଶ୍ରୌତ ବା ସ୍ମାର୍ତ୍ତ ଆଚାରବିଷୟରେ ସଂଶୟ) **ସ୍ୟାତ୍** (ଉପସ୍ଥିତ ହୁଏ)— । ୧/୧୧/୩

"ଅନ୍ୟଗୁଡ଼ିକ ଅନୁଷ୍ଠେୟ ନୁହେଁ । ଯେଉଁ ସକଳ ବ୍ରାହ୍ମଣ ଆମଠାରୁ ଶ୍ରେଷ୍ଠତର, ତୁମେ ସେମାନଙ୍କୁ ଆସନାଦି ପ୍ରଦାନ କରି ସେମାନଙ୍କର ଶ୍ରମ ଦୂର କରିବ । ଶ୍ରଦ୍ଧାସହକାରେ ଦାନ କରିବ, ଅଶ୍ରଦ୍ଧା ସହିତ କରିବ ନାହିଁ । ସାମର୍ଥ୍ୟ

ଅନୁସାରେ ଦାନ କରିବ । ବିନମ୍ରଭାବରେ ଦାନ କରିବ । ଭୟସହିତ ଦାନ କରିବ । ମିତ୍ର-ବ୍ୟବହାର-ସହକାରେ ଦାନ କରିବ । ଆଉ ଯଦି କର୍ମ ସମ୍ବନ୍ଧରେ ତୁମର ସଂଶୟ ହୁଏ, ଅଥବା ଆଚାର ସମ୍ବନ୍ଧରେ ସଂଶୟ ଉପସ୍ଥିତ ହୁଏ, ତେବେ— । ୧/୧୧/୩

ଯେ ତତ୍ର ବ୍ରାହ୍ମଣାଃ ସମ୍ମର୍ଶିନଃ । ଯୁକ୍ତା ଆୟୁକ୍ତାଃ । ଅଲୂକ୍ଷା ଧର୍ମକାମାଃ ସ୍ୟୁଃ । ଯଥା ତେ ତତ୍ର ବର୍ତେରନ୍ । ତଥା ତତ୍ର ବର୍ତେଥାଃ । ଅଥାଭ୍ୟାଖ୍ୟାତେଷୁ । ଯେ ତତ୍ର ବ୍ରାହ୍ମଣାଃ ସମ୍ମର୍ଶିନଃ । ଯୁକ୍ତା ଆୟୁକ୍ତାଃ । ଅଲୂକ୍ଷା ଧର୍ମକାମାଃ ସ୍ୟୁଃ । ଯଥା ତେ ତେଷୁ ବର୍ତେରନ୍ । ତଥା ତେଷୁ ବର୍ତେଥାଃ । ଏଷ ଆଦେଶଃ । ଏଷ ଉପଦେଶଃ । ଏଷା ବେଦୋପନିଷତ୍ । ଏତଦନୁଶାସନମ୍ । ଏବମୁପାସିତବ୍ୟମ୍ । ଏବମୁ ଚୈତଦୁପାସ୍ୟମ୍ ॥୪॥

ଇତି ଏକାଦଶୋଽନୁବାକଃ ॥

ତତ୍ର (ସେହି ଦେଶରେ ବା କାଳରେ) **ଯେ ବ୍ରାହ୍ମଣାଃ** (ଯେଉଁ ସକଳବ୍ରାହ୍ମଣ) **ସମ୍ମର୍ଶିନଃ** (ବିଚାରକ୍ଷମ) **ଯୁକ୍ତାଃ** (ନିତ୍ୟନୈମିତ୍ତିକ କର୍ମପରାୟଣ) **ଆୟୁକ୍ତାଃ** (କର୍ମ ଓ ଆଚାରରେ ସ୍ୱତଃପ୍ରବୃତ୍ତ) **ଅଲୂକ୍ଷାଃ** (ଅରୂକ୍ଷ, ଅନିଷ୍ଠୁର) **ଧର୍ମକାମାଃ** (ଅକାମହତ) **ସ୍ୟୁଃ** (ଥାଆନ୍ତି) **ତେ** (ସେମାନେ) **ତତ୍ର** (ସେହି କର୍ମରେ ବା ଆଚାରରେ) **ଯଥା** (ଯେଉଁ ପ୍ରକାର) **ବର୍ତେରନ୍** (ରତ ଥାଆନ୍ତି) [ତୁମେ ମଧ୍ୟ] **ତତ୍ର** (ସେହି କର୍ମ ବା ଆଚାରରେ) **ତଥା** (ଉକ୍ତ ପ୍ରକାର) **ବର୍ତେଥାଃ** (ରତ ରହିବ) । **ଅଥ** (ପୁଣି) **ଅଭ୍ୟାଖ୍ୟାତେଷୁ** (ପୂର୍ବୋକ୍ତ ବ୍ୟକ୍ତିମାନଙ୍କର [କାହାରି ଆଚରଣ ସମ୍ବନ୍ଧରେ କେହି ଅଭିଯୋଗ ବା ସଂଶୟ ଆଣିଲେ]) **ଯେ ତତ୍ର ବ୍ରାହ୍ମଣାଃ ସମ୍ମର୍ଶିନଃ** (ସେହି ଦେଶରେ ବା କାଳରେ ଯେଉଁ ସମସ୍ତ ବିଚାରକ୍ଷମ ବ୍ରାହ୍ମଣଗଣ) **ଯୁକ୍ତାଃ** (ନିତ୍ୟନୈମିତ୍ତିକ କର୍ମପରାୟଣ) **ଆୟୁକ୍ତାଃ** (କର୍ମ ଓ ଆଚାରରେ ସ୍ୱତଃପ୍ରବୃତ୍ତ) **ଅଲୂକ୍ଷାଃ** (ଅନିଷ୍ଠୁର) **ଧର୍ମକାମାଃ** (ଅକାମହତ) **ସ୍ୟୁଃ** (ଥାଆନ୍ତି) **ତେ ତେଷୁ** (ଉକ୍ତ ବିଷୟାଦିରେ) **ଯଥା** (ଯେଉଁ ପ୍ରକାର) **ବର୍ତ୍ତେରନ୍** (ରତ ଥାଆନ୍ତି) [ତୁମେ ମଧ୍ୟ] **ତେଷୁ** (ସେହି କର୍ମ ବା ଆଚାରରେ) **ତଥା** (ଉକ୍ତ ପ୍ରକାର) **ବର୍ତେଥାଃ** (ରତ ରହିବ) । **ଏଷଃ** (ଏହା ହିଁ) **ଆଦେଶଃ** (ବିଧି) **ଏଷଃ** (ଏହା ହିଁ) **ଉପଦେଶଃ** (ପୁତ୍ରାଦିଙ୍କ ପ୍ରତି ଉପଦେଶ); **ଏଷା** (ଏହା ହିଁ) **ବେଦ-ଉପନିଷତ୍** (ବେଦର ରହସ୍ୟ) **ଏତତ୍** (ଏହା ହିଁ) **ଅନୁଶାସନମ୍** (ଈଶ୍ୱରାଜ୍ଞା) [କାରଣ ବେଦର ଶାସନ ଈଶ୍ୱରଙ୍କଠାରୁ ଆଗତ] । **ଏବମ୍** (ଏହି

ପ୍ରକାରେ) **ଉପାସିତବ୍ୟମ୍** (ସମସ୍ତ ଅନୁଷ୍ଠାନ କରିବ) **ଏବମ୍ ଉ ଚ** (ଏହି ପ୍ରକାର ହିଁ) **ଏତତ୍ ଉପାସ୍ୟମ୍** (ଏହି ସମସ୍ତ ଅନୁଷ୍ଠେୟ) । ୧/୧୧/୪

"ସେହି ସମୟରେ ବା ସେହି ସ୍ଥାନରେ ଯେଉଁ ସକଳ ବିଚାରକ୍ଷମ, କର୍ତ୍ତବ୍ୟପରାୟଣ, କର୍ମାଦିରେ ସ୍ୱତଃପ୍ରବୃତ୍ତ, ଅନିଷ୍ଠୁରମତି ଓ ନିଷ୍କାମ ବ୍ରାହ୍ମଣ ଥିବେ, ସେମାନେ ସେହି କର୍ମ ବା ଆଚରଣରେ ଯେପରି ନିରତ ଥାଆନ୍ତି, ତୁମେ ମଧ୍ୟ ସେଥିରେ ସେପରି ରହିବ । ପୁଣି ପୂର୍ବୋକ୍ତ ବ୍ୟକ୍ତିଗଣଙ୍କ କାହାରି ଆଚରଣରେ ଯଦି କେହି ସଂଶୟ ଉପସ୍ଥିତ କରନ୍ତି, ତେବେ ସେହି କାଳ ବା ସ୍ଥାନରେ ଯେଉଁ ସକଳ ବିଚାରକ୍ଷମ, କର୍ମନିଷ୍ଠ, କର୍ମାଦିରେ ସ୍ୱତଃପ୍ରବୃତ୍ତ, ଅକ୍ରୂରମତି ଓ ନିଷ୍କାମ ବ୍ରାହ୍ମଣ ଥିବେ, ସେମାନେ ସେହି ସକଳ ବିଷୟରେ ଯେପରି ନିରତ ରହନ୍ତି, ତୁମେ ମଧ୍ୟ ସେହିପରି ହିଁ ରହିବ । ଏହା ହିଁ ବିଧି, ଏହା ହିଁ ଉପଦେଶ, ଏହା ହିଁ ବେଦର ରହସ୍ୟ, ଏହା ହିଁ ଈଶ୍ୱରଙ୍କ ଆଜ୍ଞା । ଏହି ପ୍ରକାର ସମସ୍ତ ଅନୁଷ୍ଠାନ କରିବ, ଏହି ପ୍ରକାରେ ହିଁ ସମସ୍ତ ଅନୁଷ୍ଠାନ କରିବ ।"[1] ୧/୧୧/୪

॥ ଏକାଦଶ ଅନୁବାକ ସମାପ୍ତ ॥

ଦ୍ୱାଦଶ ଅନୁବାକ

ଶଂ ନୋ ମିତ୍ରଃ ଶଂ ବରୁଣଃ । ଶଂ ନୋ ଭବତ୍ୟର୍ୟମା । ଶଂ ନ ଇନ୍ଦ୍ରୋ ବୃହସ୍ପତିଃ । ଶଂ ନୋ ବିଷ୍ଣୁରୁରୁକ୍ରମଃ । ନମୋ ବ୍ରହ୍ମଣେ । ନମସ୍ତେ ବାୟୋ । ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି । ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମାବାଦିଷମ୍ ।

---

1. ଶୀକ୍ଷାଧ୍ୟାୟର ମୂଳ ବକ୍ତବ୍ୟ ହେଉଛି—ପ୍ରଥମେ ଯାହା କର୍ମର ବିରୁଦ୍ଧ ନୁହେଁ ସେହିପରି ସଂହିତାଦିବିଷୟକ ଉପାସନା ବର୍ଣ୍ଣିତ ହୋଇଛି । ଅନନ୍ତର ବ୍ୟାହୃତି-ଅବଲମ୍ବନରେ ସ୍ୱରାଜ୍ୟ-ଲାଭଜନକ ସୋପାଧିକ ଆତ୍ମାର ଉପାସନା ମଧ୍ୟ କୁହାହୋଇଛି । ଏଥିରେ ସଂସାରବୀଜସ୍ୱରୂପ ଅବିଦ୍ୟାର ସମ୍ପୂର୍ଣ୍ଣ ବିନାଶ ହୁଏ ନାହିଁ ବୋଲି ପରବର୍ତ୍ତୀ ବଲ୍ଲୀରେ ନିର୍ବିଶେଷ ବ୍ରହ୍ମଙ୍କ ଉପଦେଶ ପ୍ରଦତ୍ତ ହେବ ।

ଏହି ଏକାଦଶ ଅନୁବାକର ମର୍ମାର୍ଥ ହେଉଛି—ପୁରୁଷର ସଂସ୍କାର ନିମିତ୍ତ ଶ୍ରୌତ ଓ ସ୍ମାର୍ତ୍ତ କର୍ମ ନିୟମପୂର୍ବକ ଅନୁଷ୍ଠେୟ । କାରଣ ସଂସ୍କାରଦ୍ୱାରା ବିଶୁଦ୍ଧଚିତ୍ତ ବ୍ୟକ୍ତିଙ୍କ ତତ୍ତ୍ୱଜ୍ଞାନଲାଭ ହୁଏ । ଅତଏବ ବିଦ୍ୟାର ଉପତ୍ତି ପାଇଁ କର୍ମ ଅବଶ୍ୟ ଅନୁଷ୍ଠେୟ । କର୍ମର ଅକରଣରେ ବା ଅନୁଶାସନ ଅତିକ୍ରମରେ ଦୋଷ ଅବଶ୍ୟମ୍ଭାବୀ ।

ଋତମବାଦିଷମ୍ । ସତ୍ୟମବାଦିଷମ୍ । ତନ୍ମାମାବୀତ୍ । ତଦ୍ବକ୍ତାରମାବୀତ୍ । ଆବୀନ୍ମାମ୍ । ଆବୀଦ୍ ବକ୍ତାରମ୍ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥୧॥

ଇତି ଦ୍ୱାଦଶୋଽନୁବାକଃ ॥

ଇତି ଶିକ୍ଷାବଲ୍ଲୀ ସମାପ୍ତା ॥

[ଅନ୍ୱୟାର୍ଥ ଓ ଅନୁବାଦାଦି ପାଇଁ ପ୍ରଥମ ଅନୁବାକ ଦ୍ରଷ୍ଟବ୍ୟ । ପାର୍ଥକ୍ୟ ଏହି ଯେ, ଏହି ସ୍ଥଳରେ କ୍ରିୟାଗୁଡ଼ିକର ଅତୀତକାଳ ପ୍ରୟୋଗ ହୋଇଅଛି । ଯଥା— **ଅବାଦିଷମ୍** (କହିଛି) **ଆବୀତ୍** (ରକ୍ଷା କରିଛନ୍ତି)] । ୧/୧୨/୧

॥ ଦ୍ୱାଦଶ ଅନୁବାକ ସମାପ୍ତ ॥

॥ ଶିକ୍ଷା ବଲ୍ଲୀ ସମାପ୍ତ ॥

ଦ୍ୱିତୀୟ ଅଧ୍ୟାୟ

ବ୍ରହ୍ମାନନ୍ଦ ବଲ୍ଲୀ

ଶାନ୍ତିପାଠ

ଓଁ ଶଂ ନୋ ମିତ୍ରଃ ଶଂ ବରୁଣଃ । ଶଂ ନୋ ଭବତ୍ୟର୍ୟମା । ଶଂ ନ ଇନ୍ଦ୍ରୋ ବୃହସ୍ପତିଃ । ଶଂ ନୋ ବିଷ୍ଣୁରୁରୁକ୍ରମଃ । ନମୋ ବ୍ରହ୍ମଣେ । ନମସ୍ତେ ବାୟୋ । ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି । ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି । ଋତଂ ବଦିଷ୍ୟାମି । ସତ୍ୟଂ ବଦିଷ୍ୟାମି । ତନ୍ମାମବତୁ । ତଦ୍ୱକ୍ତାରମବତୁ । ଅବତୁ ମାମ୍ । ଅବତୁ ବକ୍ତାରମ୍ ॥

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈଃ ।
ତେଜସ୍ୱି ନାବଧୀତମସ୍ତୁ ମା ବିଦ୍ୱିଷାବହୈ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

[**ଓଁ ଶଂ ନୋ** ଇତ୍ୟାଦିର ଅନ୍ୱୟାର୍ଥାଦି ପାଇଁ ଶୀକ୍ଷା ବଲ୍ଲୀ ପ୍ରଥମ ଅନୁବାକ ଦ୍ରଷ୍ଟବ୍ୟ । ଅତୀତ ବିଦ୍ୟାର ଗ୍ରହଣ ଓ ପ୍ରଦାନ-ବିଷୟରେ କୌଣସି ଦୋଷ ହୋଇଥିଲେ ତାହା ପ୍ରଶମନ ପାଇଁ ଅତୀତ ଅଧ୍ୟାୟ ଶେଷରେ ଏହି ଶାନ୍ତି ପଠିତ ହୋଇଅଛି; ଏବଂ ଅଜ୍ଞାନ-ବିଚ୍ଛେଦକ ଆଗାମୀ ବ୍ରହ୍ମାତ୍ମ-ବିଦ୍ୟାର ବିଘ୍ନନାଶ ପାଇଁ ଏହି ଅଧ୍ୟାୟର ପ୍ରାରମ୍ଭରେ ଏହା ପୁନରାୟ ପଠିତ ହେଲା । ଆନନ୍ଦାଶ୍ରମ-ସଂସ୍କରଣରେ ଏହି ଶାନ୍ତିମନ୍ତ୍ରଟି ମଧ୍ୟ ଶୀକ୍ଷା ବଲ୍ଲୀ ଶେଷରେ ଅର୍ଥାତ୍ ଦୁଇଥର ଛପାଯାଇଛି । କିନ୍ତୁ ଏହା ଆଚାର୍ଯ୍ୟ ଶଙ୍କରଙ୍କ ଅନୁମୋଦିତ ବୋଲି ମନେ ହୁଏ ନାହିଁ ।]

[**ଓଁ ସହ ନାବବତୁ** ଇତ୍ୟାଦିର ଅନ୍ୱୟ ଓ ଅର୍ଥାଦି କଠୋପନିଷଦ୍‌ର ଶାନ୍ତିପାଠରେ ଦ୍ରଷ୍ଟବ୍ୟ ।]

ପ୍ରଥମ ଅନୁବାକ

ଓଁ ବ୍ରହ୍ମବିଦାପ୍ନୋତି ପରମ୍ । ତଦେଷାଽଭ୍ୟୁକ୍ତା ।

ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ । ୟୋ ବେଦ ନିହିତଂ ଗୁହାୟାଂ ପରମେ ବ୍ୟୋମନ୍ । ସୋଽଶ୍ନୁତେ ସର୍ବାନ୍ କାମାନ୍ ସହ । ବ୍ରହ୍ମଣା ବିପଶ୍ଚିତେତି ।

ତସ୍ମାଦ୍ବା ଏତସ୍ମାଦାତ୍ମନ ଆକାଶଃ ସମ୍ଭୂତଃ । ଆକାଶାଦ୍ବାୟୁଃ । ବାୟୋରଗ୍ନିଃ । ଅଗ୍ନେରାପଃ । ଅଦ୍ଭ୍ୟଃ ପୃଥିବୀ । ପୃଥିବ୍ୟା ଓଷଧୟଃ । ଓଷଧୀଭ୍ୟୋଽନ୍ନମ୍ । ଅନ୍ନାତ୍ପୁରୁଷଃ । ସ ବା ଏଷ ପୁରୁଷୋଽନ୍ନରସମୟଃ । ତସ୍ୟେଦମେବ ଶିରଃ । ଅୟଂ ଦକ୍ଷିଣଃ ପକ୍ଷଃ । ଅୟମୁତ୍ତରଃ ପକ୍ଷଃ । ଅୟମାତ୍ମା । ଇଦଂ ପୁଚ୍ଛଂ ପ୍ରତିଷ୍ଠା । ତଦପ୍ୟେଷ ଶ୍ଲୋକୋ ଭବତି ॥୧॥

ଇତି ପ୍ରଥମୋଽନୁବାକଃ ॥

ଓଁ (ଓଁ) **ବ୍ରହ୍ମବିତ୍** (ଯିଏ ବ୍ରହ୍ମଙ୍କୁ, ଅର୍ଥାତ୍ ସର୍ବବୃହତ୍ତମଙ୍କୁ ଜାଣନ୍ତି, ସେ) **ପରମ୍** (ନିରତିଶୟ ଫଳସ୍ୱରୂପ ପରବ୍ରହ୍ମଙ୍କୁ) **ଆପ୍ନୋତି** (ପ୍ରାପ୍ତ ହୁଅନ୍ତି) । **ତତ୍** (ଉକ୍ତ ବିଷୟରେ) **ଏଷା** (ଏହି [ଋକ୍‌ମନ୍ତ୍ର]) **ଅଭ୍ୟୁକ୍ତା** (କଥିତ ହୋଇଛି)—**ସତ୍ୟମ୍** (ସତ୍ୟ, ସର୍ବଦା ଅବ୍ୟଭିଚାରୀ ବା ଏକପ୍ରକାର) **ଜ୍ଞାନମ୍** (ଅବବୋଧସ୍ୱରୂପ) **ଅନନ୍ତମ୍** (ଅପରିଚ୍ଛିନ୍ନ, ସର୍ବବ୍ୟାପୀ) **ବ୍ରହ୍ମ** (ବ୍ରହ୍ମଙ୍କୁ) **ୟଃ** (ଯିଏ) **ପରମେ ବ୍ୟୋମନ୍** (ହୃଦୟସ୍ଥ ପରମାକାଶରେ) [ଛା., ୩/୧୨/୭-୯]) **ଗୁହାୟାମ୍** (ବୁଦ୍ଧିରୂପକ ଗୁହା ମଧ୍ୟରେ) **ନିହିତମ୍** (ସ୍ଥିରସ୍ୱରୂପ) **ବେଦ** (ଜାଣନ୍ତି) **ସଃ** (ସେ) **ବିପଶ୍ଚିତା** (ସର୍ବଜ୍ଞ) **ବ୍ରହ୍ମଣା** (ବ୍ରହ୍ମସ୍ୱରୂପରେ) **ସର୍ବାନ୍** (ନିର୍ବିଶେଷରୂପରେ ସର୍ବପ୍ରକାର) **କାମାନ୍** (ଭୋଗ୍ୟବିଷୟ) **ସହ** (ଯୁଗପତ୍) **ଅଶ୍ନୁତେ** (ଉପଭୋଗ କରନ୍ତି) **ଇତି** [ମନ୍ତ୍ରର ପରିସମାପ୍ତିସୂଚକ] । **['ବ୍ରହ୍ମବିତ୍ ଆପ୍ନୋତି ପରମ୍'**—ସମସ୍ତ ବଲ୍ଲୀର ସୂତ୍ର-ସ୍ଥାନୀୟ ଏହି ବ୍ରାହ୍ମଣବାକ୍ୟରେ ସୂତ୍ରିତ ଓ ତତ୍‌ପରବର୍ତ୍ତୀ ମନ୍ତ୍ରରେ ସଂକ୍ଷେପରେ ଲକ୍ଷିତ ବିଷୟଟିର ବିସ୍ତାର କରା ହେଉଅଛି]—**ତସ୍ମାତ୍ ବୈ ଏତସ୍ମାତ୍** (ଉକ୍ତ ଏହି) **ଆତ୍ମନଃ** (ଆତ୍ମଶବ୍ଦ-ବାଚ୍ୟ ବ୍ରହ୍ମଠାରୁ [ଛା., ୬/୮/୭]) **ଆକାଶଃ** (ଆକାଶ) **ସମ୍ଭୂତଃ** (ଉତ୍ପନ୍ନ ହେଲା); **ଆକାଶାତ୍** (ଆକାଶଭାବାପନ୍ନ ବ୍ରହ୍ମଠାରୁ) **ବାୟୁଃ** (ବାୟୁ); **ବାୟୋଃ** (ବାୟୁଠାରୁ) **ଅଗ୍ନିଃ** (ଅଗ୍ନି) **ଅଗ୍ନେଃ** (ଅଗ୍ନିଠାରୁ) **ଆପଃ**

(ଜଳ) । **ଅଦ୍ଭ୍ୟଃ** (ଜଳଠାରୁ) **ପୃଥ୍ୱୀ** (ମୃତ୍ତିକା); **ପୃଥିବ୍ୟାଃ** (ପୃଥିବୀଠାରୁ) **ଓଷଧୟଃ** (ଓଷଧିସକଳ); **ଓଷଧୀଭ୍ୟଃ** (ଔଷଧିସକଳଠାରୁ) **ଅନ୍ନମ୍** (ଅନ୍ନ) **ଅନ୍ନାତ୍** (ଅନ୍ନରୁ) **ପୁରୁଷଃ** (ଦେହଧାରୀ ପୁରୁଷ) [ଉତ୍ପନ୍ନ ହେଲା] । **ସଃ ବୈ ଏଷଃ ପୁରୁଷଃ** (ଉକ୍ତ ଏହି ପୁରୁଷ) **ଅନ୍ନରସମୟଃ** (ଅନ୍ନରସର ବିକାରସ୍ୱରୂପ) । **ତସ୍ୟ** (ସେହି ପକ୍ଷୀସଦୃଶ ପୁରୁଷଙ୍କର) **ଇଦମ୍ ଏବ** ([ସ୍କନ୍ଧୋପରି ଅବସ୍ଥିତ] ଏହା ହିଁ) **ଶିରଃ** (ମସ୍ତକ); **ଅୟମ୍** (ଏହା, ଦକ୍ଷିଣ ହସ୍ତ) **ଦକ୍ଷିଣଃ ପକ୍ଷଃ** (ଡାହାଣ ଡେଣା); **ଅୟମ୍** (ବାମ ହସ୍ତ) **ଉତ୍ତରଃ ପକ୍ଷଃ** (ବାମ ଡେଣା); **ଅୟମ୍** (ଦେହସ୍କନ୍ଦ) **ଆତ୍ମା** (ଦେହମଧ୍ୟଭାଗ); **ଇଦମ୍** (ନାଭିର ଅଧୋଭାଗ) **ପୁଚ୍ଛମ୍ ପ୍ରତିଷ୍ଠା** (ଅବସ୍ଥିତିର ହେତୁଭୂତ ପୁଚ୍ଛ) । **ତତ୍ ଅପି** (ଉକ୍ତ ବିଷୟରେ ହିଁ) **ଏଷଃ ଶ୍ଲୋକଃ ଭବତି** (ଏହି ଶ୍ଲୋକ ଅଛି)—। ୨/୧/୧

ଓଁ ! ଯିଏ ବ୍ରହ୍ମଙ୍କୁ ଜାଣନ୍ତି ସେ ପରବ୍ରହ୍ମଙ୍କୁ ହିଁ ପ୍ରାପ୍ତ ହୁଅନ୍ତି । ଉକ୍ତ ବିଷୟରେ ଏହି ମନ୍ତ୍ର କଥିତ ହୋଇଅଛି—"ସତ୍ୟସ୍ୱରୂପ, ଜ୍ଞାନସ୍ୱରୂପ ଓ ଅନନ୍ତସ୍ୱରୂପ ବ୍ରହ୍ମଙ୍କୁ[1] ହୃଦୟସ୍ଥ ପରମାକାଶରେ ବୁଦ୍ଧିରୂପକ ଗୁହା[2] ମଧ୍ୟରେ ଅବସ୍ଥିତ ବୋଲି ଯିଏ ଦର୍ଶନ କରନ୍ତି, ସେ ସର୍ବଜ୍ଞ ବ୍ରହ୍ମରୂପେ ଯୁଗପତ୍ ସର୍ବପ୍ରକାର କାମ୍ୟ ବସ୍ତୁ ଉପଭୋଗ କରନ୍ତି ।" ଉକ୍ତ ଏହି ଆତ୍ମାରୁ ଆକାଶ ଉତ୍ପନ୍ନ ହେଲା, ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ, ଜଳରୁ ପୃଥିବୀ, ପୃଥିବୀଠାରୁ ଔଷଧିସମୂହ, ଔଷଧିସମୂହରୁ ଅନ୍ନ, ଏବଂ ଅନ୍ନରୁ ପୁରୁଷ (ଅର୍ଥାତ୍ ମନୁଷ୍ୟ) ଉତ୍ପନ୍ନ ହେଲା[3] । ଉକ୍ତ ଏହି ପୁରୁଷ ଅନ୍ନରସର ପରିଣାମ ବୋଲି ପ୍ରସିଦ୍ଧ । [ଏହି ପୁରୁଷଙ୍କୁ ପକ୍ଷୀ ଭାବରେ କଳ୍ପନା କଲେ] ଏହି ପୁରୁଷଙ୍କର ମସ୍ତକ ହିଁ ତାହାର ମସ୍ତକ, ଏହି ଦକ୍ଷିଣ ହସ୍ତ ହିଁ ଦକ୍ଷିଣ

---

1. ଏହି ବାକ୍ୟଟି ବ୍ରହ୍ମଙ୍କ ଲକ୍ଷଣ । ସତ୍ୟ—ଯାହା ଯେପରି ନିଶ୍ଚିତ ହୁଏ, ସେପରି ପରିତ୍ୟାଗ ନ କରିବା; ଜ୍ଞାନ—ଜ୍ଞପ୍ତି ବା ଅନୁଭବମାତ୍ର, ଜ୍ଞାନର କର୍ତ୍ତାଦି ନୁହେଁ; ଅନନ୍ତ—ଦେଶ, କାଳ ଓ ବସ୍ତୁ ଦ୍ୱାରା ଅପରିଚ୍ଛିନ୍ନ । ଏହି ତିନିଟି ବ୍ରହ୍ମଙ୍କର ବିଶେଷଣ ଏବଂ ତିନୋଟିଯାକ ପୃଥକ୍‌ଭାବରେ ବ୍ରହ୍ମଙ୍କଠାରେ ଅନ୍ୱିତ ହେବେ । ବିଶେଷଣ ବିଶେଷ୍ୟକୁ ଅନ୍ୟ ବସ୍ତୁଠାରୁ ପୃଥକ୍ କରେ । ସତ୍ୟ-ଶବ୍ଦ ବିକାରୀ ବସ୍ତୁଠାରୁ ପୃଥକ୍ କରି ବ୍ରହ୍ମଙ୍କୁ ସମସ୍ତଙ୍କର ଅବିକାରୀ କାରଣ ରୂପେ ନିର୍ଦ୍ଦେଶ କରୁଅଛି । ଜ୍ଞାନ-ଶବ୍ଦ କର୍ତ୍ତୃତ୍ୱାଦିର ଓ ଅନନ୍ତ-ଶବ୍ଦ ସସୀମତ୍ୱର ନିଷେଧ କରୁଅଛି । ବ୍ରହ୍ମ ଜ୍ଞାନବାନ୍ ନୁହନ୍ତି, ଜ୍ଞାନସ୍ୱରୂପ; ସତ୍ତାବାନ୍ ନୁହନ୍ତି, ସତ୍ତାସ୍ୱରୂପ ।

2. ଜ୍ଞାନ ଜ୍ଞେୟ ଓ ଜ୍ଞାତା-ରୂପକ ପଦାର୍ଥତ୍ରୟ ବୁଦ୍ଧିରେ ନିଗୂଢ଼ ଅଛି—ଅତଏବ ତାହା ଗୁହା । ଏହି ବୁଦ୍ଧିରେ ହିଁ ବ୍ରହ୍ମ ସୁସ୍ପଷ୍ଟ ଉପଲବ୍ଧି ହୁଅନ୍ତି ।

3. ସମସ୍ତେ ବ୍ରହ୍ମଠାରୁ ଉତ୍ପନ୍ନ ହୋଇଥିଲେ ମଧ୍ୟ କେବଳ ମନୁଷ୍ୟ କର୍ମ ଓ ଜ୍ଞାନର ଅଧିକାରୀ ହୁଏ ବୋଲି ବିଶେଷରୂପେ ଉଲ୍ଲିଖିତ ହେଲା । ଅପର ସମସ୍ତ ଶରୀର ଭୋଗଯୋନିମାତ୍ର ।

ଡେଣା, ଏହି ବାମ ହସ୍ତ ହିଁ ବାମ ଡେଣା, ଏହି ଦେହସ୍କନ୍ଧ ହିଁ ଦେହର ମଧ୍ୟଭାଗ, ଏହି ନାଭିର ଅଧୋଭାଗ ହିଁ ଅବସ୍ଥିତିର ହେତୁଭୂତ ପୁଚ୍ଛ[1] । ଉକ୍ତ ବିଷୟରେ ଏହି ଗୋଟିଏ ଶ୍ଲୋକ ଅଛି—୨/୧/୧

॥ ପ୍ରଥମ ଅନୁବାକ ସମାପ୍ତ ॥

ଦ୍ୱିତୀୟ ଅନୁବାକ

ଅନ୍ନାଦ୍ୱୈ ପ୍ରଜାଃ ପ୍ରଜାୟନ୍ତେ । ୟାଃ କାଶ୍ଚ ପୃଥିବୀꣳ ଶ୍ରିତାଃ । ଅଥୋ ଅନ୍ନେନୈବ ଜୀବନ୍ତି । ଅଥୈନଦପି ୟନ୍ତ୍ୟନ୍ତତଃ । ଅନ୍ନꣳ ହି ଭୂତାନାꣳ ଜ୍ୟେଷ୍ଠମ୍ । ତସ୍ମାତ୍ ସର୍ବୌଷଧମୁଚ୍ୟତେ । ସର୍ବꣳ ବୈ ତେଽନ୍ନମାପ୍ନୁବନ୍ତି । ୟେଽନ୍ନꣳ ବ୍ରହ୍ମୋପାସତେ । ଅନ୍ନꣳ ହି ଭୂତାନାꣳ ଜ୍ୟେଷ୍ଠମ୍ । ତସ୍ମାତ୍ ସର୍ବୌଷଧମୁଚ୍ୟତେ । ଅନ୍ନାଭୂତାନି ଜାୟନ୍ତେ । ଜାତାନ୍ୟନ୍ନେନ ବର୍ଧନ୍ତେ । ଅଦ୍ୟତେଽତ୍ତି ଚ ଭୂତାନି । ତସ୍ମାଦନ୍ନꣳ ତଦୁଚ୍ୟତ ଇତି ॥

ୟାଃ କାଃ ଚ (ନିର୍ବିଶେଷଭାବରେ ଯେତେସବୁ) **ପ୍ରଜାଃ** (ଜୀବସମୂହ) **ପୃଥିବୀମ୍ ଶ୍ରିତାଃ** (ପୃଥିବୀରେ ଅବସ୍ଥିତ ରହିଛି) [ସେମାନେ ସମସ୍ତେ ହିଁ] **ଅନ୍ନାତ୍ ବୈ** (ରସରୂପରେ ପରିଣତ ଅନ୍ନଠାରୁ ହିଁ) **ପ୍ରଜାୟନ୍ତେ** (ଜାତ ହୁଏ [ଛା., ୬/୫/୧]) **ଅଥୋ** (ତଥା) **ଅନ୍ନେନ ଏବ** (ଅନ୍ନ ଦ୍ୱାରା ହିଁ) **ଜୀବନ୍ତି** (ପ୍ରାଣଧାରଣ କରନ୍ତି ଓ ବର୍ଦ୍ଧିତ ହୁଅନ୍ତି) **ଅଥ** (ଅଧିକନ୍ତୁ) **ଅନ୍ତତଃ** (ଅବଶେଷରେ, ଜୀବନଶେଷରେ) **ଏନତ୍ ଅପିୟନ୍ତି** (ଏହି ଅନ୍ନରେ ହିଁ ଲୀନ ହୁଏ); —**ହି** (କାରଣ) **ଅନ୍ନମ୍** (ଅନ୍ନ) **ଭୂତାନାମ୍** (ପ୍ରାଣୀବର୍ଗଙ୍କ) **ଜ୍ୟେଷ୍ଠମ୍** (ଅଗ୍ରଜ) । **ତସ୍ମାତ୍** (ଏଥିପାଇଁ) **ସର୍ବ-ଔଷଧମ୍** (ଅନ୍ନକୁ ସକଳ ପ୍ରାଣୀଙ୍କ ଔଷଧ, ସକଳ ଦେହ-ଯନ୍ତ୍ରଣାର ନିବାରକ) **ଉଚ୍ୟତେ** (କୁହାଯାଏ) । **ୟେ** (ଯେଉଁମାନେ) **ଅନ୍ନମ୍** (ଅନ୍ନକୁ) **ବ୍ରହ୍ମ** (ବ୍ରହ୍ମରୂପରେ; ଜୀବର ଉତ୍ପତ୍ତି, ଜୀବନ ଓ ମରଣର କାରଣ ରୂପରେ) **ଉପାସତେ**(ଉପାସନା

---

1. ପୁରୁଷଙ୍କୁ ପକ୍ଷୀରୂପରେ କଳ୍ପନା କରି ବର୍ତ୍ତମାନ ଓ ପରବର୍ତ୍ତୀ ଚାରିଟି ଅନୁବାକରେ ଅନ୍ନମୟାଦି କୋଷର ବର୍ଣ୍ଣନା କରା ହେଉଅଛି । କୋଷ=ତରବାରି (ଖଣ୍ଡା)ର ଖୋଳ । ଅନ୍ନମୟାଦି କୋଷଗୁଡ଼ିକ ମଧ୍ୟରେ ପରେ ପରେ ସୂକ୍ଷ୍ମତର କୋଷଗୁଡ଼ିକ, ସ୍ଥୂଳତର କୋଷର ଅଭ୍ୟନ୍ତରରେ ତରବାରି ପରି ରହିଛି । ସମସ୍ତଙ୍କ ଅଭ୍ୟନ୍ତରରେ ପ୍ରତ୍ୟଗାତ୍ମା ରହିଛନ୍ତି ।

କରନ୍ତି) **ତେ** (ସେମାନେ) **ସର୍ବମ୍** (ସମସ୍ତ) **ଅନ୍ନମ୍ ବୈ** (ଅନ୍ନ ହିଁ) **ଆପ୍ନୁବନ୍ତି** (ପ୍ରାପ୍ତ ହୁଅନ୍ତି) । [ଅନ୍ନାତ୍ମାର ଉପାସନାରେ କାହିଁକି ସର୍ବାନ୍ନପ୍ରାପ୍ତି ହୁଏ, କୁହାହେଉଛି]— **ହି** (ଯେହେତୁ) **ଅନ୍ନମ୍** (ଅନ୍ନ) **ଭୂତାନାମ୍** (ପ୍ରାଣୀବର୍ଗଙ୍କ) **ଜ୍ୟେଷ୍ଠମ୍** (ଅଗ୍ରଜ) **ତସ୍ମାତ୍** (ଏଥିପାଇଁ) **ସର୍ବୌଷଧମ୍** (ଅନ୍ନକୁ ସକଳ ପ୍ରାଣୀଙ୍କ ଔଷଧ) **ଉଚ୍ୟତେ** (କୁହାଯାଏ) [ସୁତରାଂ ସର୍ବାନ୍ନପ୍ରାପ୍ତି ସମ୍ଭବପର] । **ଅନ୍ନାତ୍ ଭୂତାନି** (ଭୂତ-ସକଳ) **ଜାୟନ୍ତେ** (ସୃଷ୍ଟି ହୁଅନ୍ତି) । **ଜାତାନିଃ** (ଜାତ ହୋଇ) **ଅନ୍ନେନ** (ଅନ୍ନ ଦ୍ୱାରା) **ବର୍ଧନ୍ତେ** (ବର୍ଦ୍ଧିତ ହୁଅନ୍ତି) । [ଅନ୍ନ-ଶବ୍ଦର ବ୍ୟୁତ୍ପତ୍ତି ଏହି]—**ଅଦ୍ୟତେ** (ଭୂତବର୍ଗଙ୍କ ଦ୍ୱାରା ଭକ୍ଷିତ ହୁଏ) **ଚ ଅତ୍ତି ଭୂତାନି** (ଏବଂ ସ୍ୱୟଂ ଭୂତବର୍ଗଙ୍କୁ ଭକ୍ଷଣ କରେ) **ତସ୍ମାତ୍** (ସେଥିପାଇଁ) **ତତ୍** (ତାହା) **ଅନ୍ନମ୍ ଉଚ୍ୟତେ** (ଅନ୍ନ ନାମରେ କଥିତ ହୁଏ)] । **ଇତି** [ଅନ୍ନମୟ କୋଷର ପରିସମାପ୍ତିସୂଚକ] । ୨/୨/୧

"ଯେତେ ସବୁ ଜୀବ ଅଛନ୍ତି, ସେମାନେ ସମସ୍ତେ ଅନ୍ନରୁ ଜାତ ହୁଅନ୍ତି, ଅନ୍ନ ଦ୍ୱାରା ଜୀବନଧାରଣ କରନ୍ତି ଏବଂ ଜୀବନାନ୍ତେ ଏହି ଅନ୍ନରେ ହିଁ ଲୀନ ହୁଅନ୍ତି;— କାରଣ ଅନ୍ନ ହିଁ ପ୍ରାଣୀବର୍ଗଙ୍କ ଅଗ୍ରେ ଜାତ ହୋଇଥିଲା । ଏହି କାରଣ ଯୋଗୁଁ ଅନ୍ନକୁ ସକଳ ପ୍ରାଣୀଙ୍କ ଔଷଧ କୁହାଯାଏ । ଯେଉଁମାନେ ଅନ୍ନକୁ ବ୍ରହ୍ମ (ଅର୍ଥାତ୍ ଜୀବର ଉତ୍ପତ୍ତି, ସ୍ଥିତି ଓ ଲୟର କାରଣ)ସ୍ୱରୂପ ଉପାସନା କରନ୍ତି[1], ସେମାନେ ସମୁଦାୟ ଅନ୍ନ ପ୍ରାପ୍ତ ହୁଅନ୍ତି । ଅନ୍ନ ଭୂତଗଣଙ୍କ ଅଗ୍ରେ ଜାତ ବୋଲି ହିଁ ତାହାକୁ ସର୍ବପ୍ରାଣୀଙ୍କ ଔଷଧସ୍ୱରୂପ କୁହାଯାଏ । (ସୁତରାଂ ସର୍ବାନ୍ନ ପ୍ରାପ୍ତି ହୁଏ) । ଅନ୍ନରୁ ହିଁ ଭୂତଗଣ ଜାତ ହୁଅନ୍ତି ଏବଂ ଜାତ ହୋଇ ଅନ୍ନ ଦ୍ୱାରା ବର୍ଦ୍ଧିତ ହୁଅନ୍ତି । ତାହା ଭୂତଗଣଙ୍କ ଦ୍ୱାରା ଭକ୍ଷିତ ହୁଏ ଏବଂ ସ୍ୱୟଂ ଭୂତଗଣଙ୍କୁ ଭକ୍ଷଣ କରିଥାଏ ବୋଲି ତାହା ଅନ୍ନ ନାମରେ ପରିଚିତ ।"

ତସ୍ମାଦ୍ୱା ଏତସ୍ମାଦନ୍ନରସମୟାତ୍ । ଅନ୍ୟୋଽନ୍ତର ଆତ୍ମା ପ୍ରାଣମୟଃ । ତେନୈଷ ପୂର୍ଣ୍ଣଃ । ସ ବା ଏଷ ପୁରୁଷବିଧ ଏବ । ତସ୍ୟ ପୁରୁଷବିଧତାମ୍ । ଅନ୍ୱୟଂ ପୁରୁଷବିଧଃ । ତସ୍ୟ ପ୍ରାଣ ଏବ ଶିରଃ । ବ୍ୟାନୋ ଦକ୍ଷିଣଃ ପକ୍ଷଃ ।

---

1. ଏହି ସ୍ଥଳରେ ଓ ପରବର୍ତ୍ତୀ ତିନିଟି ଅନୁବାକରେ ଯେଉଁ ଉପାସନା ବର୍ଣ୍ଣିତ ହୋଇଛି, ତାହା ବସ୍ତୁତଃ ଉପାସନା ପାଇଁ ନୁହେଁ; କିନ୍ତୁ ଶରୀରାଦି ଅନାତ୍ମାରେ ଆତ୍ମବୁଦ୍ଧି ଦୂରୀକରଣପୂର୍ବକ ପ୍ରତ୍ୟଗାତ୍ମାଠାରେ ବୁଦ୍ଧି ସ୍ଥିର କରିବା ପାଇଁ । ଫଳରେ ଉଲ୍ଲେଖ ମଧ୍ୟ ସ୍ତୁତିବାଦ ମାତ୍ର ।

ଅପାନ ଉତ୍ତରଃ ପକ୍ଷଃ । ଆକାଶ ଆତ୍ମା । ପୃଥିବୀ ପୁଚ୍ଛଂ ପ୍ରତିଷ୍ଠା । ତଦପ୍ୟେଷ ଶ୍ଲୋକ ଭବତି ॥୧॥

ଇତି ଦ୍ୱିତୀୟୋଽନୁବାକଃ ॥

ତସ୍ମାତ୍ ବା ଏତସ୍ମାତ୍ (ମନ୍ତ୍ର ଓ ବ୍ରାହ୍ମଣରେ ଉକ୍ତ ଏହି) **ଅନ୍ନରସମୟାତ୍** (ଅନ୍ନରସମୟ ପିଣ୍ଡଠାରୁ) **ଅନ୍ୟଃ** (ଅତିରିକ୍ତ) [ଏବଂ] **ଅନ୍ତରଃ** (ତାହାର ଅଭ୍ୟନ୍ତରରେ) **ପ୍ରାଣମୟଃ** (ପ୍ରାଣର ଅର୍ଥାତ୍ ବାୟୁର ପରିଣାମଭୂତ) **ଆତ୍ମା** (ଆତ୍ମା, ଅର୍ଥାତ୍ ଆତ୍ମରୂପରେ ପରିକଳ୍ପିତ କୋଷ ଅଛନ୍ତି) । **ତେନ** (ସେହି ପ୍ରାଣମୟ ଆତ୍ମାଦ୍ୱାରା) **ଏଷଃ** (ଏହି ଅନ୍ନମୟ ଆତ୍ମା) **ପୂର୍ଣ୍ଣଃ** (ପରିପୂର୍ଣ୍ଣ) **ସଃ ବୈ ଏଷଃ** (ସେହି ଏହି ପ୍ରାଣମୟ ଆତ୍ମା ମଧ୍ୟ) **ପୁରୁଷବିଧଃ ଏବ** (ହସ୍ତପଦାଦିଯୁକ୍ତ ପୁରୁଷଙ୍କ ପରି) । **ତସ୍ୟ** (ଅନ୍ନରସ-ମୟର) **ପୁରୁଷବିଧତାମ୍ ଅନୁ** (ପୁରୁଷାକାର ଅନୁଯାୟୀ [ଛାଞ୍ଚରେ ପକାଯାଇଥିବା ପ୍ରତିମା ପରି]) **ଅୟମ୍** (ଏହି ପ୍ରାଣମୟ ମଧ୍ୟ) **ପୁରୁଷବିଧଃ** (ପୁରୁଷାକାର) । **ତସ୍ୟ** (ସେହି ପ୍ରାଣମୟର) **ପ୍ରାଣଃ ଏବ** (ପ୍ରାଣ ହିଁ, ମୁଖନାସିକାର ନିଃସାରୀ ବାୟୁ ବୃତ୍ତିବିଶେଷ ହିଁ) **ଶିରଃ** (ମସ୍ତକରୂପରେ କଳ୍ପିତ ହୁଏ) । **ବ୍ୟାନଃ** (ବ୍ୟାନ ବାୟୁ) **ଦକ୍ଷିଣଃ ପକ୍ଷଃ** (ଦକ୍ଷିଣ ଡେଣା); **ଅପାନଃ** (ଅପାନ ବାୟୁ) **ଉତ୍ତରଃ ପକ୍ଷଃ** (ବାମ ଡେଣା); **ଆକାଶଃ** (ସମାନ ବାୟୁ) **ଆତ୍ମା** (ଦେହର ମଧ୍ୟଭାଗ); **ପୃଥିବୀ** (ପୃଥିବୀ, ଅର୍ଥାତ୍ ଶରୀରସ୍ଥ ପ୍ରାଣର ଧାରୟିତ୍ରୀ, ଦେବତା) **ପୁଚ୍ଛମ୍ ପ୍ରତିଷ୍ଠା** (ସ୍ଥିତିସମ୍ପାଦକ ପୁଚ୍ଛସ୍ୱରୂପ [ନତୁବା ଉଦାନଦ୍ୱାରା ଶରୀର ଊର୍ଦ୍ଧ୍ୱକୁ ଉତ୍କ୍ଷିପ୍ତ ହୋଇଥାଆନ୍ତା]) । **ତତ୍ ଅପି** (ଉକ୍ତ ବିଷୟରେ ହିଁ) **ଏଷଃ** (ଏହି) **ଶ୍ଲୋକଃ ଭବତି** (ଶ୍ଲୋକ ଅଛି)— । ୨/୨/୧

ପୂର୍ବୋକ୍ତ ଏହି ଅନ୍ନରସମୟ ପିଣ୍ଡଠାରୁ ପୃଥକ୍, ଅଥଚ ତାହାର ହିଁ ଅଭ୍ୟନ୍ତରରେ, ବାୟୁର ପରିଣାମଭୂତ ପ୍ରାଣମୟ କୋଷ ନାମକ ଏକ ଆତ୍ମା[1] ଅଛନ୍ତି । ସେହି ପ୍ରାଣମୟ ଆତ୍ମା ଦ୍ୱାରା ଏହି ଅନ୍ନମୟ ଆତ୍ମା ପରିପୂର୍ଣ୍ଣ । ସେହି ପ୍ରାଣମୟ ଆତ୍ମା ମଧ୍ୟ ପୁରୁଷାକାର । ଅନ୍ନରସମୟର ପୁରୁଷାକାର ଅନୁଯାୟୀ ଏହି ପ୍ରାଣମୟ ମଧ୍ୟ ପୁରୁଷାକାର । ପ୍ରାଣ ବାୟୁ ହିଁ ସେହି ପ୍ରାଣମୟର ମସ୍ତକ; ବ୍ୟାନ

1. ପରବର୍ତ୍ତୀ କୋଷ ପୂର୍ବବର୍ତ୍ତୀ କୋଷର ବାସ୍ତବିକ ଆତ୍ମା ନୁହେଁ । ଅଜ୍ଞାନୀର ଅନୁଭୂତି ଅବଲମ୍ବନରେ ଏହି ପ୍ରକାର ବର୍ଣ୍ଣନା କରାହୋଇଛି । ବ୍ରହ୍ମଚୈତନ୍ୟ ଦ୍ୱାରା ହିଁ ଏହି ସକଳ କୋଷ ଆତ୍ମବାନ୍ ହୋଇଥାଆନ୍ତି । ଅଧସ୍ତ ପଞ୍ଚ କୋଷର ନିଷେଧପୂର୍ବକ ପ୍ରତ୍ୟଗାତ୍ମାର ପ୍ରତିପାଦନ କରିବା ଉଦ୍ଦେଶ୍ୟରେ ଏହି ଅଧ୍ୟାୟ ଆରମ୍ଭ ହୋଇଛି ।

ବାୟୁ ଦକ୍ଷିଣ ଡେଣା; ଅପାନବାୟୁ ବାମ ଡେଣା; ଆକାଶ ଅର୍ଥାତ୍ ସମାନବାୟୁ ଆତ୍ମା ବା ଦେହର ମଧ୍ୟଭାଗ; ପୃଥିବୀ ସ୍ଥିତି ସମ୍ପାଦକ ପୁଚ୍ଛସ୍ୱରୂପ । ଉକ୍ତ ବିଷୟରେ ଏହି ଶ୍ଲୋକ ଅଛି— । ୨/୨/୧

॥ ଦ୍ୱିତୀୟ ଅନୁବାକ ସମାପ୍ତ ॥

ତୃତୀୟ ଅନୁବାକ

ପ୍ରାଣଂ ଦେବା ଅନୁ ପ୍ରାଣନ୍ତି । ମନୁଷ୍ୟାଃ ପଶବଶ୍ଚ ଯେ । ପ୍ରାଣୋ ହି ଭୂତାନାମାୟୁଃ । ତସ୍ମାତ୍ ସର୍ବାୟୁଷମୁଚ୍ୟତେ । ସର୍ବମେବ ତ ଆୟୁର୍ୟନ୍ତି । ଯେ ପ୍ରାଣଂ ବ୍ରହ୍ମୋପାସତେ । ପ୍ରାଣୋ ହି ଭୂତାନାମାୟୁଃ । ତସ୍ମାତ୍ ସର୍ବାୟୁଷମୁଚ୍ୟତ ଇତି ॥

ଦେବାଃ (ଅଗ୍ନ୍ୟାଦି ଦେବଗଣ) **ପ୍ରାଣମ୍ ଅନୁ** (ପ୍ରାଣକ୍ରିୟାଶକ୍ତିମାନ୍ ବାୟୁରୂପରେ, ପ୍ରାଣର ଆତ୍ମଭୂତ ହୋଇ) **ପ୍ରାଣନ୍ତି** (ପ୍ରାଣକ୍ରିୟାଯୁକ୍ତ ହୁଅନ୍ତି) [ଅଥବା—**ଦେବାଃ** (ଇନ୍ଦ୍ରିୟଗଣ) **ପ୍ରାଣମ୍ ଅନୁ** (ମୁଖ୍ୟପ୍ରାଣର ଅନୁଗତରୂପେ) **ପ୍ରାଣନ୍ତି** (ସ୍ୱକାର୍ଯ୍ୟ କରିଥାଆନ୍ତି)] **ଚ** (ଏବଂ) **ଯେ** (ଯେଉଁ ସକଳ) **ମନୁଷ୍ୟାଃ** (ମଣିଷଗଣ) [ଓ] **ପଶବଃ** (ପଶୁଗଣ) [ସେମାନେ ମଧ୍ୟ ପ୍ରାଣର ଅଧୀନରେ ହିଁ ସକ୍ରିୟ ହୁଅନ୍ତି] । **ହି** (ଯେହେତୁ) **ପ୍ରାଣଃ** (ପ୍ରାଣ) **ଭୂତାନାମ୍** (ପ୍ରାଣୀଗଣଙ୍କ) **ଆୟୁଃ** (ଜୀବନ) **ତସ୍ମାତ୍** (ସେହି କାରଣରୁ ହିଁ) **ସର୍ବ-ଆୟୁଷମ୍ ଉଚ୍ୟତେ** (ସମସ୍ତଙ୍କ ଆୟୁ ବୋଲି କଥିତ ହୁଏ) । **ଯେ** (ଯେଉଁମାନେ) **ପ୍ରାଣମ୍** (ପ୍ରାଣକୁ) **ବ୍ରହ୍ମ** (ବ୍ରହ୍ମରୂପରେ) **ଉପାସତେ** (ଉପାସନା କରନ୍ତି) **ତେ** (ସେମାନେ) **ସର୍ବମ୍ ଏବ ଆୟୁଃ** (ପୂର୍ଣ୍ଣଆୟୁ, ଅର୍ଥାତ୍ ଶତବର୍ଷ) **ୟନ୍ତି** (ପ୍ରାପ୍ତ ହୁଅନ୍ତି) । **ହି** (ଯେହେତୁ) **ପ୍ରାଣଃ** (ପ୍ରାଣ) **ଭୂତାନାମ୍** (ପ୍ରାଣୀଗଣଙ୍କ) **ଆୟୁଃ** (ଜୀବନ) **ତସ୍ମାତ୍** (ସେହି କାରଣରୁ ହିଁ) **ସର୍ବ-ଆୟୁଷମ୍ ଉଚ୍ୟତେ** (ସମସ୍ତଙ୍କ ଆୟୁ ବୋଲି କଥିତ ହୁଏ) । **ଇତି** [ପ୍ରାଣମୟ କୋଷର ପରିସମାପ୍ତିସୂଚକ] । ୨/୩/୧

"ମୁଖ୍ୟପ୍ରାଣର ଅଧୀନରୂପରେ ହିଁ ଇନ୍ଦ୍ରିୟଗଣ କ୍ରିୟାଶୀଳ ହୋଇଥାଆନ୍ତି; ଯେତେ ମନୁଷ୍ୟ ଓ ପଶୁ ଅଛନ୍ତି, ସେମାନେ ମଧ୍ୟ ପ୍ରାଣର ହିଁ ଅଧୀନରୂପରେ

କ୍ରିୟାଶୀଳ ହୁଅନ୍ତି । କାରଣ ପ୍ରାଣ ହିଁ ପ୍ରାଣୀଗଣଙ୍କର ଆୟୁ । ସେଥିପାଇଁ ପ୍ରାଣକୁ ସମସ୍ତଙ୍କର ଆୟୁ କୁହାଯାଏ । ଯେଉଁମାନେ ପ୍ରାଣକୁ ବ୍ରହ୍ମରୂପରେ ଉପାସନା କରନ୍ତି, ସେମାନେ ପୂର୍ଣ୍ଣ ଆୟୁ ପ୍ରାପ୍ତ ହୁଅନ୍ତି । କାରଣ ପ୍ରାଣ ସର୍ବଭୂତଙ୍କର ଆୟୁ ବୋଲି ତାହାକୁ ସର୍ବାୟୁଷ କୁହାଯାଏ ।"

ତସ୍ମୈଷ ଏବ ଶାରୀର ଆତ୍ମା । ୟଃ ପୂର୍ବସ୍ୟ । ତସ୍ମାଦ୍ବା ଏତସ୍ମାତ୍ ପ୍ରାଣମୟାତ୍ । ଅନ୍ୟୋଽନ୍ତର ଆତ୍ମା ମନୋମୟଃ । ତେନୈଷ ପୂର୍ଣ୍ଣଃ । ସ ବା ଏଷ ପୁରୁଷବିଧ ଏବ । ତସ୍ୟ ପୁରୁଷବିଧତାମ୍ । ଅନ୍ୱୟଂ ପୁରୁଷବିଧଃ । ତସ୍ୟ ୟଜୁରେବ ଶିରଃ । ଋଗ୍ ଦକ୍ଷିଣଃ ପକ୍ଷଃ । ସାମୋତ୍ତରଃ ପକ୍ଷଃ । ଆଦେଶ ଆତ୍ମା । ଅଥର୍ବାଙ୍ଗିରସଃ ପୁଚ୍ଛଂ ପ୍ରତିଷ୍ଠା । ତଦପ୍ୟେଷ ଶ୍ଲୋକୋ ଭବତି ॥୧॥

ଇତି ତୃତୀୟୋଽନୁବାକଃ ॥

ୟଃ (ଯେଉଁ [ପ୍ରାଣମୟ କୋଷ]) **ଏଷଃ ଏବ** ([ସାକ୍ଷୀ-ପ୍ରତ୍ୟକ୍ଷ] ଏହା ହିଁ) **ତସ୍ୟ** (ସେହି) **ପୂର୍ବସ୍ୟ** (ପୂର୍ବୋକ୍ତ ଅନ୍ନରସମୟର) **ଶାରୀରଃ** (ଦେହାଧିଷ୍ଠିତ) **ଆତ୍ମା** (ଆତ୍ମା) । **ତସ୍ମାତ୍ ବା ଏତସ୍ମାତ୍** (ମନ୍ତ୍ର ଓ ବ୍ରାହ୍ମଣରେ ଉକ୍ତ ଏହି) **ପ୍ରାଣମୟାତ୍** (ପ୍ରାଣମୟ ପିଣ୍ଡଠାରୁ) **ଅନ୍ୟଃ** (ଅତିରିକ୍ତ) [ଏବଂ] **ଅନ୍ତରଃ** (ତାହାର ଅଭ୍ୟନ୍ତରରେ) **ମନୋମୟଃ** (ମନର ପରିଣାମଭୂତ) **ଆତ୍ମା** (ଆତ୍ମା, ଅର୍ଥାତ୍ ଆତ୍ମରୂପରେ ପରିକଳ୍ପିତ କୋଷ ଅଛନ୍ତି) । **ତେନ** (ସେହି ମନୋମୟ ଆତ୍ମାଦ୍ୱାରା) **ଏଷଃ** (ଏହି ପ୍ରାଣମୟ ଆତ୍ମା) **ପୂର୍ଣ୍ଣଃ** (ପରିପୂର୍ଣ୍ଣ) **ସଃ ବୈ ଏଷଃ** (ସେହି ଏହି ମନୋମୟ ଆତ୍ମା ମଧ୍ୟ) **ପୁରୁଷବିଧଃ ଏବ** (ହସ୍ତପଦାଦିଯୁକ୍ତ ପୁରୁଷଙ୍କ ପରି) । **ତସ୍ୟ** (ପ୍ରାଣମୟର) **ପୁରୁଷବିଧତାମ୍ ଅନୁ** (ପୁରୁଷାକାର ଅନୁଯାୟୀ [ଛାଞ୍ଚରେ ପକାଯାଇଥିବା ପ୍ରତିମା ପରି]) **ଅୟମ୍** (ଏହି ମନୋମୟ ମଧ୍ୟ) **ପୁରୁଷବିଧଃ** (ପୁରୁଷାକାର) । **ତସ୍ୟ** (ସେହି ସଂକଳ୍ପବିକଳ୍ପାତ୍ମକ ଅନ୍ତଃକରଣମୟ ବା ମନୋମୟର) **ୟଜୁଃ ଏବ** (ୟଜୁର୍ମନ୍ତ୍ର ହିଁ) **ଶିରଃ** (ମସ୍ତକ) **ଋକ୍** (ଋକ୍‌ମନ୍ତ୍ର) **ଦକ୍ଷିଣଃ ପକ୍ଷଃ** (ଦକ୍ଷିଣ ଡେଣା); **ସାମ** (ସାମମନ୍ତ୍ର) **ଉତ୍ତରଃ ପକ୍ଷଃ** (ବାମ ଡେଣା) **ଆଦେଶଃ** (ବେଦର ବ୍ରାହ୍ମଣଭାଗ) **ଆତ୍ମା** (ଦେହର ମଧ୍ୟଭାଗ); **ଅଥର୍ବାଙ୍ଗିରସଃ** (ଅଥର୍ବା ଓ ଅଙ୍ଗିରାଙ୍କ ଦ୍ୱାରା ଦେଖାଯାଇଥିବା ଯେଉଁ ସକଳ ମନ୍ତ୍ରସହାୟରେ ଶାନ୍ତି ଓ ସ୍ୱସ୍ତ୍ୟୟନାଦି କରାହୁଏ ସେମାନେ, ଅଥର୍ବବେଦ) **ପୁଚ୍ଛମ୍ ପ୍ରତିଷ୍ଠା** (ସ୍ଥିତି

ସମ୍ପାଦକ ପୁଚ୍ଛ ସଦୃଶ) । **ତତ୍ ଅପି** (ସେହି ବିଷୟରେ) **ଏଷଃ ଶ୍ଲୋକଃ** (ଏହି ଶ୍ଲୋକ) **ଭବତି** (ଅଛି)—। ୨/୩/୧

ଏହି ଯେ ପ୍ରାଣମୟ, ସେହି ପୂର୍ବୋକ୍ତ ଅନ୍ନମୟର ଦେହାଧ୍ୟିତ ଆତ୍ମା । ଉକ୍ତ ଏହି ପ୍ରାଣମୟରୁ ଅତିରିକ୍ତ ଅଥଚ ତଦଭ୍ୟନ୍ତରରେ ମନୋମୟ ଆତ୍ମା ଅଛନ୍ତି । ସେହି ମନୋମୟଙ୍କ ଦ୍ୱାରା ପ୍ରାଣମୟ ପୂର୍ଣ୍ଣ । ଉକ୍ତ ମନୋମୟ ମଧ୍ୟ ପୁରୁଷାକାର । ଉକ୍ତ ପ୍ରାଣମୟର ପୁରୁଷାକୃତି ଅନୁଯାୟୀ ଏହାଙ୍କର ପୁରୁଷାକୃତି । ୟଜୁର୍ମନ୍ତ୍ର[1] ତାହାଙ୍କ ମସ୍ତକ, ଋକ୍‌ମନ୍ତ୍ର ଦକ୍ଷିଣ ଡେଣା, ସାମମନ୍ତ୍ର ଉତ୍ତର ଡେଣା, ବ୍ରାହ୍ମଣଭାଗ ଦେହର ମଧ୍ୟଭାଗ, ଏବଂ ଅଥର୍ବବେଦ ସ୍ଥିତି-ସମ୍ପାଦକ ପୁଚ୍ଛ । ସେହି ବିଷୟରେ ଏହି ଶ୍ଲୋକ ଅଛି— । ୨/୩/୧

॥ ତୃତୀୟ ଅନୁବାକ ସମାପ୍ତ ॥

ଚତୁର୍ଥ ଅନୁବାକ

ୟତୋ ବାଚୋ ନିବର୍ତନ୍ତେ । ଅପ୍ରାପ୍ୟ ମନସା ସହ । ଆନନ୍ଦଂ ବ୍ରହ୍ମଣୋ ବିଦ୍ୱାନ୍ । ନ ବିଭେତି କଦାଚନେତି ।

ତସ୍ୟୈଷ ଏବ ଶାରୀର ଆତ୍ମା । ୟଃ ପୂର୍ବସ୍ୟ । ତସ୍ମାଦ୍ୱା ଏତସ୍ମାନ୍ମନୋମୟାତ୍ । ଅନ୍ୟୋଽନ୍ତର ଆତ୍ମା ବିଜ୍ଞାନମୟଃ । ତେନୈଷ ପୂର୍ଣ୍ଣଃ । ସ ବା ଏଷ ପୁରୁଷବିଧ ଏବ । ତସ୍ୟ ପୁରୁଷବିଧତାମ୍ । ଅନ୍ୱୟଂ ପୁରୁଷବିଧଃ । ତସ୍ୟ ଶ୍ରଦ୍ଧୈବ ଶିରଃ । ଋତଂ ଦକ୍ଷିଣଃ ପକ୍ଷଃ । ସତ୍ୟମୁତ୍ତରଃ ପକ୍ଷଃ । ୟୋଗ ଆତ୍ମା । ମହଃ ପୁଚ୍ଛଂ ପ୍ରତିଷ୍ଠା । ତଦପ୍ୟେଷ ଶ୍ଲୋକୋ ଭବତି ॥୧॥

ଇତି ଚତୁର୍ଥୋଽନୁବାକଃ ॥

---

1. ୟଜୁର୍ମନ୍ତ୍ର-ବିଷୟକ ମନୋବୃତ୍ତି । ଋକ୍-ଆଦି ସମ୍ବନ୍ଧରେ ମଧ୍ୟ ସେ ପ୍ରକାର ବୁଝିବାକୁ ହେବ । ସେହି ସେହି ବିଷୟକ ବୃତ୍ତି ହିଁ ମନୋମୟର ଅଙ୍ଗ ହୋଇପାରେ । ୟଜୁର୍ବେଦାଦି ଅଙ୍ଗ ହୋଇପାରେ ନାହିଁ ।

[ଯେଉଁ ମନୋମୟ ଆତ୍ମାଙ୍କୁ] **ଅପ୍ରାପ୍ୟ** (ବିଷୟ କରି ନ ପାରି) **ମନସା ସହ** (ମନୋବୃତ୍ତି ସହିତ) **ବାଚଃ** (ବାକ୍ୟସକଳ) **ୟତଃ** (ଯାହାଙ୍କଠାରୁ) **ନିବର୍ତନ୍ତେ** (ନିବୃତ୍ତ ହୁଏ) [ସେହି] **ବ୍ରହ୍ମଣଃ ଆନନ୍ଦମ୍** (ବ୍ରହ୍ମଙ୍କ ଆନନ୍ଦକୁ, ଅର୍ଥାତ୍ ବ୍ରହ୍ମରୂପକ ଆନନ୍ଦକୁ) **ବିଦ୍ୱାନ୍** (ଜାଣି) **କଦାଚନ** (କଦାପି) **ନ ବିଭେତି** (ଭୟପ୍ରାପ୍ତ ହୁଅନ୍ତି ନାହିଁ) ।

ୟଃ (ଯେଉଁ [ମନୋମୟ କୋଷ]) **ଏଷଃ ଏବ** ([ସାକ୍ଷୀ-ପ୍ରତ୍ୟକ୍ଷ] ଏହା ହିଁ) **ତସ୍ୟ** (ସେହି) **ପୂର୍ବସ୍ୟ** (ପୂର୍ବୋକ୍ତ ପ୍ରାଣମୟଙ୍କର) **ଶାରୀରଃ** (ଦେହାଧିଷ୍ଠିତ) **ଆତ୍ମା** (ଆତ୍ମା) । **ତସ୍ମାତ୍ ବା ଏତସ୍ମାତ୍** (ମନ୍ତ୍ର ଓ ବ୍ରାହ୍ମଣରେ ଉକ୍ତ ଏହି) **ମନୋମୟାତ୍** (ପୂର୍ବୋକ୍ତ ମନୋମୟ ଆତ୍ମାଠାରୁ) **ଅନ୍ୟଃ** (ଅତିରିକ୍ତ) [ଏବଂ] **ଅନ୍ତରଃ** (ତାହାର ଅଭ୍ୟନ୍ତରରେ) **ବିଜ୍ଞାନମୟଃ** (ବୁଦ୍ଧି, ଅର୍ଥାତ୍ ବେଦାର୍ଥ-ବିଷୟକ ଏବଂ ଲୌକିକ-ବିଜ୍ଞାନ-ବିଷୟକ, ନିଶ୍ଚୟାତ୍ମକ ଅନ୍ତଃକରଣବୃତ୍ତିସକଳ ଦ୍ୱାରା ନିଷ୍ପାଦିତ ବିଜ୍ଞାନମୟ କୋଷ) **ଆତ୍ମା** (ଆତ୍ମା, ଅର୍ଥାତ୍ ଆତ୍ମରୂପରେ ପରିକଳ୍ପିତ କୋଷ ଅଛନ୍ତି) । **ତେନ** (ସେହି ବିଜ୍ଞାନମୟ ଆତ୍ମା ଦ୍ୱାରା) **ଏଷଃ** (ଏହି ମନୋମୟ ଆତ୍ମା) **ପୂର୍ଣଃ** (ପରିପୂର୍ଣ୍ଣ) । **ସଃ ବୈ ଏଷଃ** (ସେହି ଏହି ବିଜ୍ଞାନମୟ ଆତ୍ମା ମଧ୍ୟ) **ପୁରୁଷବିଧଃ ଏବ** (ହସ୍ତପଦାଦିଯୁକ୍ତ ପୁରୁଷଙ୍କ ପରି) । **ତସ୍ୟ** (ମନୋମୟର) **ପୁରୁଷବିଧତାମ୍ ଅନୁ** (ପୁରୁଷାକାର ଅନୁଯାୟୀ [ଛାଞ୍ଚରେ ପକାଯାଇଥିବା ପ୍ରତିମା ପରି]) **ଅୟମ୍** (ଏହି ବିଜ୍ଞାନମୟ ମଧ୍ୟ) **ପୁରୁଷବିଧଃ** (ପୁରୁଷାକାର) । **ତସ୍ୟ** (ଉକ୍ତ ବିଜ୍ଞାନମୟର) **ଶ୍ରଦ୍ଧା ଏବ** (ଆସ୍ତିକ୍ୟବୁଦ୍ଧି ହିଁ) **ଶିରଃ** (ମସ୍ତକ); **ଋତମ୍** (ଶାସ୍ତ୍ରାର୍ଥବିଷୟକ ଯଥାର୍ଥ ଜ୍ଞାନ) **ଦକ୍ଷିଣଃ-ପକ୍ଷଃ** (ଦକ୍ଷିଣ ଡେଣା) **ସତ୍ୟମ୍** (ଯଥାଯଥ ବାକ୍ୟ ଓ ଆଚାର) **ଉତ୍ତରଃ ପକ୍ଷଃ** (ବାମ ଡେଣା); **ୟୋଗଃ** (ସମାଧି) **ଆତ୍ମା** (ଦେହର ମଧ୍ୟଭାଗ); **ମହଃ** (ପ୍ରଥମୋତ୍ପନ୍ନ ମହତତ୍ତ୍ୱ) **ପୁଚ୍ଛମ୍ ପ୍ରତିଷ୍ଠା** (ସ୍ଥିତିସମ୍ପାଦକ ପୁଚ୍ଛ-ସ୍ଥାନୀୟ) । **ତତ୍ ଅପି** (ସେହି ବିଷୟରେ) **ଏଷଃ ଶ୍ଲୋକଃ** (ଏହି ଶ୍ଲୋକ) **ଭବତି** (ଅଛି)— । ୨/୪/୧

"ଯେଉଁ ମନୋମୟ ଆତ୍ମାଙ୍କୁ ବିଷୟ କରି ନ ପାରି ମନୋବୃତ୍ତି ସହିତ ବାକ୍ୟ ସକଳ ତାଙ୍କଠାରୁ ଫେରି ଆସେ[1], ସେହି ବ୍ରହ୍ମାନନ୍ଦଙ୍କୁ[2] ଜାଣିଲେ କଦାପି[3] ଭୟ ହୁଏ ନାହିଁ ।"

ଏହି ଯେଉଁ ମନୋମୟ ସେ ହିଁ ପୂର୍ବୋକ୍ତ ପ୍ରାଣମୟଙ୍କର ଦେହାଧିଷ୍ଠିତ ଆତ୍ମା । ଉକ୍ତ ଏହି ମନୋମୟଙ୍କଠାରୁ ଅତିରିକ୍ତ ଅଥଚ ତାଙ୍କର ଅଭ୍ୟନ୍ତରରେ ବିଜ୍ଞାନମୟ ଆତ୍ମା ଅଛନ୍ତି । ସେହି ବିଜ୍ଞାନମୟଙ୍କ ଦ୍ୱାରା ମନୋମୟ ପୂର୍ଣ୍ଣ । ଏହି ବିଜ୍ଞାନମୟ ମଧ୍ୟ ପୁରୁଷାକାର । ସେହି ମନୋମୟଙ୍କ ପୁରୁଷାକୃତି ଅନୁଯାୟୀ ଏହାଙ୍କର ମଧ୍ୟ ପୁରୁଷାକୃତି । ଶ୍ରଦ୍ଧା ହିଁ ତାଙ୍କର ମସ୍ତକ, ଶାସ୍ତ୍ରର ଯଥାର୍ଥ ଜ୍ଞାନ ଦକ୍ଷିଣ ଡେଣା, ଯଥାର୍ଥ କଥନ ଓ ଆଚରଣ ବାମ ଡେଣା, ସମାଧି ଦେହର ମଧ୍ୟଭାଗ, ଏବଂ ମହତ୍ତତ୍ତ୍ୱ ହିଁ ସ୍ଥିତିସମ୍ପାଦକ ପୁଚ୍ଛସ୍ୱରୂପ । ଉକ୍ତ ବିଷୟରେ ଏହି ଶ୍ଲୋକ ଅଛି— । ୨/୪/୧

॥ ଚତୁର୍ଥ ଅନୁବାକ ସମାପ୍ତ ॥

ପଞ୍ଚମ ଅନୁବାକ

ବିଜ୍ଞାନଂ ୟଜ୍ଞଂ ତନୁତେ । କର୍ମାଣି ତନୁତେଽପି ଚ । ବିଜ୍ଞାନଂ ଦେବାଃ ସର୍ବେ । ବ୍ରହ୍ମ ଜ୍ୟେଷ୍ଠମୁପାସତେ । ବିଜ୍ଞାନଂ ବ୍ରହ୍ମ ଚେଦ୍ବେଦ । ତସ୍ମାଚ୍ଚେନ୍ନ ପ୍ରମାଦ୍ୟତି । ଶରୀରେ ପାପ୍ମନୋ ହିତ୍ୱା । ସର୍ବାନ୍‌କାମାନ୍‌ସମଶ୍ନୁତ ଇତି ॥

ତସ୍ୟୈଷ ଏବ ଶାରୀର ଆତ୍ମା । ୟଃ ପୂର୍ବସ୍ୟ । ତସ୍ମାଦ୍ବା ଏତସ୍ମାଦ୍ବିଜ୍ଞାନମୟାତ୍ । ଅନ୍ୟୋଽନ୍ତର ଆତ୍ମାଽଽନନ୍ଦମୟଃ । ତେନୈଷ ପୂର୍ଣ୍ଣଃ । ସ ବା ଏଷ ପୁରୁଷବିଧ ଏବ । ତସ୍ୟ ପୁରୁଷବିଧତାମ୍ । ଅନ୍ୱୟଂ ପୁରୁଷବିଧଃ । ତସ୍ୟ ପ୍ରିୟମେବ ଶିରଃ । ମୋଦୋ ଦକ୍ଷିଣଃ ପକ୍ଷଃ ।

---

1. ମନ ଓ ବାକ୍ୟ ନିଜେ ନିଜକୁ ବିଷୟ କରିପାରନ୍ତି ନାହିଁ; କାରଣ ଏହା ଯୁକ୍ତିବିରୁଦ୍ଧ ।

2. ମନ ବ୍ରହ୍ମ-ବିଜ୍ଞାନର ସାଧନ; ସେଥିପାଇଁ ମନୋମୟ ଆତ୍ମାଙ୍କଠାରେ ବ୍ରହ୍ମତ୍ୱ ଅଧାରୋପ କରି ଏପରି କୁହାଯାଇଛି ।

3. **'କଦାଚନ'** ଶବ୍ଦଦ୍ୱାରା ଏଠାରେ କେବଳ ଭୟକୁ ନିଷେଧ କରାହୋଇଛି । କିନ୍ତୁ ପରେ ବ୍ରହ୍ମଙ୍କ ସ୍ୱରୂପ-ବିଷୟକ ଉକ୍ତ ମନ୍ତ୍ରରେ (୭/୯) **'କୁତଶ୍ଚନ'** ଶବ୍ଦ ପ୍ରୟୋଗ କରି ଭୟର ନିମିତ୍ତକୁ ମଧ୍ୟ ଦୂରେଇ ଦିଆଯାଇଛି ।

ପ୍ରମୋଦ ଉତ୍ତରଃ ପକ୍ଷଃ । ଆନନ୍ଦ ଆତ୍ମା । ବ୍ରହ୍ମ ପୁଚ୍ଛଂ ପ୍ରତିଷ୍ଠା । ତଦପ୍ୟେଷ ଶ୍ଲୋକୋ ଭବତି ॥ ୧ ॥

ଇତି ପଞ୍ଚମୋଽନୁବାକଃ ॥

ବିଜ୍ଞାନମ୍ (ବୁଦ୍ଧି) **ୟଜ୍ଞମ୍** (ଯଜ୍ଞ) **ତନୁତେ**(=**ତନୋତି**, ବିସ୍ତାର କରିଥାଏ, ପ୍ରୟୋଜକ ହୁଏ) [ଅର୍ଥାତ୍ ସଦ୍‌ବୁଦ୍ଧିଦ୍ୱାରା ଉଦ୍‌ବୋଧିତ ହୋଇ ଲୋକେ ଶ୍ରଦ୍ଧାପୂର୍ବକ ଯଜ୍ଞ କରନ୍ତି]; **ଅପି ଚ** (ଅଧିକନ୍ତୁ) **କର୍ମାଣି** (ବୈଦିକ, ସ୍ମାର୍ତ୍ତ ଓ ଲୌକିକ କର୍ମ) **ତନୁତେ** (ବିସ୍ତାର କରନ୍ତି) । **ସର୍ବେ ଦେବାଃ** (ବାକ୍-ଆଦି ଓ ଅଗ୍ନି-ଆଦି ସକଳ ଦେବତା) **ଜ୍ୟେଷ୍ଠମ୍** (ଅଗ୍ରଜ ଅଥବା ସର୍ବବୃତ୍ତିର ମୂଳୀଭୂତ) **ବିଜ୍ଞାନମ୍ ବ୍ରହ୍ମ** (ବୁଦ୍ଧିସ୍ୱରୂପ ବ୍ରହ୍ମଙ୍କୁ, ହିରଣ୍ୟଗର୍ଭଙ୍କୁ) **ଉପାସତେ** (ଉପାସନା କରିଥାଆନ୍ତି) । **ବିଜ୍ଞାନମ୍ ବ୍ରହ୍ମ** (ବିଜ୍ଞାନସ୍ୱରୂପକ ବ୍ରହ୍ମଙ୍କୁ) **ଚେତ୍** (ଯଦି) **ବେଦ** (ଜାଣନ୍ତି) [ଏବଂ] **ତସ୍ମାତ୍** (ସେହି ବିଜ୍ଞାନବ୍ରହ୍ମଙ୍କର ଉପାସନାରୁ) **ଚେତ୍** (ଯଦି) **ନ ପ୍ରମାଦ୍ୟତି** (ପ୍ରମାଦଯୁକ୍ତ ନ ହୁଅନ୍ତି, ଅନ୍ନମୟାଦିରେ ଆତ୍ମବୁଦ୍ଧି ନ କରନ୍ତି) [ତେବେ] **ଶରୀରେ** (ଦେହ ମଧ୍ୟରେ ହିଁ) **ପାପ୍ମନଃ** ([ଶରୀରାଭିମାନରୁ ଉତ୍ପନ୍ନ] ପାପସମୂହକୁ) **ହିତ୍ୱା** (ତ୍ୟାଗ କରି) [ବିଜ୍ଞାନମୟ ଆତ୍ମାରୂପେ, ହିରଣ୍ୟଗର୍ଭରୂପରେ] **ସର୍ବାନ୍** (ସମୁଦାୟ) **କାମାନ୍** (କାମ୍ୟ ବିଷୟ) **ସମଶ୍ନୁତେ ଇତି** (ସମ୍ୟକ୍ ଉପଭୋଗ କରନ୍ତି) । ୨/୫/୧

ୟଃ (ଯେଉଁ [ବିଜ୍ଞାନମୟ କୋଷ]) **ଏଷଃ ଏବ** ([ସାକ୍ଷୀ-ପ୍ରତ୍ୟକ୍ଷ] ଏହା ହିଁ) **ତସ୍ୟ** (ସେହି) **ପୂର୍ବସ୍ୟ** (ପୂର୍ବୋକ୍ତ ମନୋମୟଙ୍କର) **ଶାରୀରଃ** (ଦେହାଧିଷ୍ଠିତ) **ଆତ୍ମା** (ଆତ୍ମା) । **ତସ୍ମାତ୍ ବା ଏତସ୍ମାତ୍** (ମନ୍ତ୍ର ଓ ବ୍ରାହ୍ମଣରେ ଉକ୍ତ ଏହି) **ବିଜ୍ଞାନମୟାତ୍** (ବିଜ୍ଞାନମୟ ଆତ୍ମାଠାରୁ) **ଅନ୍ୟଃ** (ଅତିରିକ୍ତ) [ଏବଂ] **ଅନ୍ତରଃ** (ତାହାର ଅଭ୍ୟନ୍ତରରେ) **ଆନନ୍ଦମୟଃ** (ଆନନ୍ଦ ଅର୍ଥାତ୍ ବିଦ୍ୟା ଓ କର୍ମର ଫଳ, ତାହାର ବିକାର ଆନନ୍ଦମୟ) **ଆତ୍ମା** (ଆତ୍ମା, ଅର୍ଥାତ୍ ଆତ୍ମରୂପରେ ପରିକଳ୍ପିତ କୋଷ ଅଛନ୍ତି) । **ତେନ** (ସେହି ଆନନ୍ଦମୟ ଆତ୍ମା ଦ୍ୱାରା) **ଏଷଃ** (ଏହି ବିଜ୍ଞାନମୟ ଆତ୍ମା) **ପୂର୍ଣ୍ଣଃ** (ପରିପୂର୍ଣ୍ଣ) । **ସଃ ବୈ ଏଷଃ** (ସେହି ଏହି ଆନନ୍ଦମୟ ଆତ୍ମା ମଧ୍ୟ) **ପୁରୁଷବିଧଃ ଏବ** (ହସ୍ତପଦାଦିଯୁକ୍ତ ପୁରୁଷଙ୍କ ପରି) । **ତସ୍ୟ** (ବିଜ୍ଞାନମୟର) **ପୁରୁଷବିଧତାମ୍ ଅନୁ** (ପୁରୁଷାକାର ଅନୁଯାୟୀ [ଛାଞ୍ଚରେ ପକାଯାଇଥିବା ପ୍ରତିମା ପରି]) **ଅୟମ୍** (ଏହି ଆନନ୍ଦମୟ ମଧ୍ୟ) **ପୁରୁଷବିଧଃ** (ପୁରୁଷାକାର) । **ତସ୍ୟ**

(ସେହି ଆନନ୍ଦମୟଙ୍କର) **ପ୍ରିୟମ୍ ଏବ** (ପୁତ୍ରାଦି ଇଷ୍ଟ ବିଷୟର ଦର୍ଶନଜନିତ ହର୍ଷ) **ଶିରଃ** (ମସ୍ତକ); **ମୋଦଃ** (ଇଷ୍ଟଲାଭଜନିତ ହର୍ଷ) **ଦକ୍ଷିଣଃ ପକ୍ଷଃ** (ଦକ୍ଷିଣ ଡେଣା); **ପ୍ରମୋଦ** (ଇଷ୍ଟଲାଭଜନିତ ପ୍ରକୃଷ୍ଟ ହର୍ଷ) **ଉତ୍ତରଃ ପକ୍ଷଃ** (ବାମ ଡେଣା); **ଆନନ୍ଦଃ** (ସାଧାରଣ ସୁଖ) **ଆତ୍ମା** (ଦେହର ମଧ୍ୟଭାଗ) **ବ୍ରହ୍ମ** (ଅଦ୍ୱୈତ ପରମ ବ୍ରହ୍ମ ହିଁ) **ପୁଚ୍ଛମ୍ ପ୍ରତିଷ୍ଠା** (ସ୍ଥିତିସମ୍ପାଦକ ପୁଚ୍ଛ-ସ୍ଥାନୀୟ) । **ତତ୍ ଅପି** ([ଅବିଦ୍ୟାସମ୍ଭୂତ ଦ୍ୱୈତଙ୍କର ଅତୀତ ବ୍ରହ୍ମ ଯେ ସକଳର କାରଣରୂପରେ ବିଦ୍ୟମାନ ଅଛନ୍ତି] ସେହି ବିଷୟରେ) **ଏଷଃ ଶ୍ଲୋକଃ** (ଏହି ଶ୍ଲୋକ) **ଭବତି** (ଅଛି)— । ୨/୫/୧

ବିଜ୍ଞାନ ହିଁ ଯଜ୍ଞର ବିସ୍ତାର କରିଥାଏ (ଅର୍ଥାତ୍ ଯଜ୍ଞର ପ୍ରୟୋଜକ ହୁଏ) ଏବଂ କର୍ମସକଳର ମଧ୍ୟ ବିସ୍ତାର କରେ । ସକଳ ଦେବତା ସର୍ବବୃତ୍ତିର ମୂଳୀଭୂତ ବିଜ୍ଞାନସ୍ୱରୂପ ବ୍ରହ୍ମଙ୍କର ଉପାସନା କରନ୍ତି । ଯଦି କେହି ବିଜ୍ଞାନସ୍ୱରୂପ ବ୍ରହ୍ମଙ୍କୁ ଜାଣିଥାଆନ୍ତି ଏବଂ ଉକ୍ତ ଉପାସନା-ବିଷୟରେ ଅନବହିତ ନ ହୁଅନ୍ତି, ତେବେ ସେ ଦେହାଭିମାନଜନିତ ପାପସମୂହକୁ ଦେହ ମଧ୍ୟରେ ହିଁ ତ୍ୟାଗ କରି (ବିଜ୍ଞାନମୟ ଆତ୍ମାରୂପରେ) ସମୁଦାୟ କାମ୍ୟ ବସ୍ତୁ ଭୋଗ କରନ୍ତି ।

ଏହି ବିଜ୍ଞାନମୟ ପୂର୍ବୋକ୍ତ ମନୋମୟର ଦେହାଧିଷ୍ଠିତ ଆତ୍ମା । ଉକ୍ତ ଏହି ବିଜ୍ଞାନମୟରୁ ଅତିରିକ୍ତ ଅଥଚ ତାଙ୍କରି ଅଭ୍ୟନ୍ତରରେ ଆନନ୍ଦମୟ[1] ଆତ୍ମା ଅଛନ୍ତି । ଉକ୍ତ ଆନନ୍ଦମୟଙ୍କ ଦ୍ୱାରା ଏହି ବିଜ୍ଞାନମୟ ପୂର୍ଣ୍ଣ ରହିଛନ୍ତି । ଆନନ୍ଦମୟ ମଧ୍ୟ ପୁରୁଷାକାର । ବିଜ୍ଞାନମୟଙ୍କ ପୁରୁଷାକୃତି ଅନୁଯାୟୀ ହିଁ ଏହାଙ୍କର ପୁରୁଷାକୃତି । ପୁତ୍ରାଦି ଇଷ୍ଟ ବିଷୟର ଦର୍ଶନଜନିତ ହର୍ଷ ତାଙ୍କର ମସ୍ତକ, ଇଷ୍ଟଲାଭଜନିତ ହର୍ଷ ତାଙ୍କର ଦକ୍ଷିଣ ଡେଣା, ଇଷ୍ଟଲାଭଜନିତ ହର୍ଷର ଆତିଶଯ୍ୟ ତାଙ୍କର ଉତ୍ତର ଡେଣା, ସାଧାରଣ ସୁଖ[2] ତାଙ୍କର ଦେହର ମଧ୍ୟଭାଗ, ଅଦ୍ୱୈତ ବ୍ରହ୍ମ ତାଙ୍କର ସ୍ଥିତିସମ୍ପାଦକ ପୁଚ୍ଛ-ସ୍ଥାନୀୟ[3] । ସେହି ବିଷୟରେ ଏହି ଶ୍ଲୋକ ଅଛି— । ୨/୫/୧

॥ ପଞ୍ଚମ ଅନୁବାକ ସମାପ୍ତ ॥

---

1. ଅନ୍ନମୟାଦି-ଶବ୍ଦ ପରି ଆନନ୍ଦମୟ-ଶବ୍ଦରେ ମଧ୍ୟ ବିକାରାର୍ଥକ ମୟଟ୍-ପ୍ରତ୍ୟୟ ବ୍ୟବହୃତ ହୋଇଅଛି । ଆନନ୍ଦ=(ଏଠାରେ) ଉପାସନା ଓ କର୍ମର ଫଳ । ସେହି ଫଳର ପରିଣତି ହିଁ ଆନନ୍ଦମୟ । ଅତଏବ ଆନନ୍ଦମୟ ମୁଖ୍ୟ ଆତ୍ମା ନୁହନ୍ତି । ବ୍ର. ସୂ., ୧/୧/୧୨

2. ପ୍ରିୟ ମୋଦ ପ୍ରଭୃତିରେ ଅନୁସ୍ୟୂତ ସର୍ବସାଧାରଣ ସୁଖ ।

3. ପଞ୍ଚକୋଷ ପ୍ରକରଣରେ ଏହା ହିଁ ଦର୍ଶାଗଲା ଯେ, ବ୍ରହ୍ମ ହିଁ ସମସ୍ତଙ୍କର ଆତ୍ମା, ବ୍ୟାପକ, କାରଣ ଏବଂ ଅଧିଷ୍ଠାନ । ପ୍ରାଣମୟ ଅର୍ଥାତ୍ କ୍ରିୟାଶକ୍ତିବିଶିଷ୍ଟ କୋଷ ବ୍ୟତିରେକେ ସ୍ଥୂଳଦେହର

ଷଷ୍ଠ ଅନୁବାକ

ଅସନ୍ନେବ ସ ଭବତି । ଅସଦ୍ବ୍ରହ୍ମେତି ବେଦ ଚେତ୍ । ଅସ୍ତି ବ୍ରହ୍ମେତି ଚେଦ୍ବେଦ । ସନ୍ତମେନଂ ତତୋ ବିଦୁରିତି ।

ତସ୍ୟୈଷ ଏବ ଶାରୀର ଆତ୍ମା । ୟଃ ପୂର୍ବସ୍ୟ । ଅଥାତୋଽନୁପ୍ରଶ୍ନାଃ । ଉତାବିଦ୍ୱାନମୁଂ ଲୋକଂ ପ୍ରେତ୍ୟ କଶ୍ଚନ ଗଚ୍ଛତୀଂ୩ । ଆହୋ ବିଦ୍ୱାନମୁଂ ଲୋକଂ ପ୍ରେତ୍ୟ କଶ୍ଚିତ୍ ସମୁଶ୍ନୁତାଂ୩ ଉ ।

ସୋଽକାମୟତ ।ବହୁସ୍ୟାଂ ପ୍ରଜାୟେୟେତି ।ସ ତପୋଽତପ୍ୟତ ।ସ ତପସ୍ତପ୍ତ୍ୱା । ।ଇଦଂ ସର୍ବମସୃଜତ ।ୟଦିଦଂ କିଂଚ ।ତତ୍ସୃଷ୍ଟ୍ୱା । ତଦେବାନୁ-ପ୍ରାବିଶତ୍ । ତଦନୁପ୍ରବିଶ୍ୟ । ସଚ୍ଚ ତ୍ୟଚ୍ଚାଭବତ୍ । ନିରୁକ୍ତଂ ଚାନିରୁକ୍ତଂ ଚ । ନିଲୟନଂ ଚାନିଲୟନଂ ଚ । ବିଜ୍ଞାନଂ ଚାବିଜ୍ଞାନଂ ଚ । ସତ୍ୟଂ ଚାନୃତଂ ଚ ସତ୍ୟମଭବତ୍ । ୟଦିଦଂ କିଂଚ । ତତ୍ସତ୍ୟମିତ୍ୟାଚକ୍ଷତେ । ତଦପ୍ୟେଷ ଶ୍ଲୋକୋ ଭବତି ॥୧॥

ଇତି ଷଷ୍ଠୋଽନୁବାକଃ ॥

[କେହି] **ଚେତ୍** (ଯଦି) **ବ୍ରହ୍ମ** (ବ୍ରହ୍ମ) **ଅସତ୍** (ଅବିଦ୍ୟମାନ) **ଇତି** (ଏହିପରି) **ବେଦ** (ଜାଣନ୍ତି) [ତେବେ] **ସଃ** (ସେ) **ଅସନ୍ ଏବ** (ଅସତ୍ୟସମ, ଅର୍ଥାତ୍ ପୁରୁଷାର୍ଥ ସହିତ ସମ୍ବନ୍ଧଶୂନ୍ୟ ହିଁ) **ଭବତି** (ହୁଅନ୍ତି) । [କେହି] **ଚେତ୍** (ଯଦି) **ବ୍ରହ୍ମ** (ବ୍ରହ୍ମ) **ଅସ୍ତି** (ବିଦ୍ୟମାନ ଅଛନ୍ତି) **ଇତି** (ଏହା) **ବେଦ** (ଜାଣନ୍ତି) [ତେବେ] **ତତଃ** (ସେହି ଅସ୍ତିତ୍ୱ-ଜ୍ଞାନ-ହେତୁ) **ଏନମ୍** (ଏହାଙ୍କୁ) [ବ୍ରହ୍ମବିଦ୍‌ଗଣ] **ସନ୍ତମ୍** (ସଚ୍ଚ ଅର୍ଥାତ୍ ଅର୍ଥାତ୍ ପରବ୍ରହ୍ମଙ୍କ ସହିତ ଏକୀଭୂତ ବୋଲି) **ବିଦୁଃ ଇତି** (ଜାଣନ୍ତି) । ୨/୬/୧

ୟଃ (ଯିଏ ଆନନ୍ଦମୟ) **ଏଷଃ ଏବ** ([ସାକ୍ଷୀ-ପ୍ରତ୍ୟକ୍ଷ] ଏହା ହିଁ) **ତସ୍ୟ ପୂର୍ବସ୍ୟ** (ପୂର୍ବୋକ୍ତ ସେହି ବିଜ୍ଞାନମୟର) **ଶାରୀରଃ ଆତ୍ମା** (ଦେହାଧିଷ୍ଠିତ ଆତ୍ମା) । **ଅତଃ** ([ଯେହେତୁ ବ୍ରହ୍ମ ଇନ୍ଦ୍ରିୟାତୀତ ଏବଂ ସର୍ବସାଧାରଣ, ଅତଏବ ତାହାଙ୍କ ଅସ୍ତିତ୍ୱବିଷୟରେ ସଂଶୟ ହୋଇପାରେ] ସୁତରାଂ) **ଅଥ** (ଏହାପରେ) **ଅନୁପ୍ରଶ୍ନାଃ** (ଗୁରୁଙ୍କ ଉପଦେଶ ଅନୁସରଣ କରି ଶିଷ୍ୟଙ୍କ ଦ୍ୱାରା ପ୍ରଶ୍ନ କରାଯାଉଛି) **କଃ ଚନ**

କାର୍ଯ୍ୟ ଅସମ୍ଭବ । ମନୋମୟ କୋଷ ବା ଅନିଶ୍ଚୟାତ୍ମିକା ଜ୍ଞାନଶକ୍ତି ଦ୍ୱାରା ପ୍ରାଣ ଚାଳିତ ହୁଏ । ସେହି ମନ ମଧ୍ୟ ନିଶ୍ଚୟାତ୍ମିକା ଜ୍ଞାନଶକ୍ତି-ରୂପକ ବୁଦ୍ଧିର ଅଧୀନ । ବୁଦ୍ଧି ପୁଣି ସୁଖପରତନ୍ତ୍ର ।

(କୌଣସି) **ଅବିଦ୍ୱାନ୍** (ଅଜ୍ଞାନୀ) **ପ୍ରେତ୍ୟ** (ଦେହତ୍ୟାଗ ପରେ) **ଅମୁମ୍ ଲୋକମ୍** (ପରମାତ୍ମାଙ୍କ ନିକଟକୁ) **ଉତ ଗଚ୍ଛତି** (ଗମନ କରିଥାଏ କି) ? **ଆହୋ** (ଅଥବା) **କଃ ଚିତ୍** (କୌଣସି) **ବିଦ୍ୱାନ୍** (ବିଦ୍ୱାନ୍) **ପ୍ରେତ୍ୟ** (ଦେହାନ୍ତେ) **ଅମୁମ୍ ଲୋକମ୍** (ପରମାତ୍ମାଙ୍କୁ) **ଉ ସମଶ୍ନୁତେ** (ଲାଭ କରିଥାଆନ୍ତି କି) ? [ୀ ପ୍ଲୁତିର ସୂଚକ] ।

ସଃ (ସେହି ପରମାତ୍ମା) **ଅକାମୟତ** (କାମନା କଲେ)—**ବହୁ** (ଅନେକ ପ୍ରକାର) **ସ୍ୟାମ୍** (ହେବି) **ପ୍ରଜାୟେୟ** (ଉତ୍ପନ୍ନ ହେବି) **ଇତି** (ଏହି କଥା) । **ସଃ** (ସେ) **ତପଃ ଅତପ୍ୟତ** (ଜ୍ଞାନ ତପ କଲେ, ଅର୍ଥାତ୍ ସୃଜ୍ୟମାନ ଜଗତ୍‌ର ରଚନାବିଷୟରେ ବିଚାର କଲେ) । **ସଃ** (ସେ) **ତପଃ ତପ୍ତ୍ୱା** (ସୃଷ୍ଟିବିଷୟକ ବିଚାର କରି) **ଇଦମ୍** (ଏହି) **ସର୍ବମ୍** (ସମୁଦାୟ)—**ୟତ୍ ଇଦମ୍ କିମ୍ ଚ** (ଏହି ଯାହାକିଛି ଅଛି ସେହି ସବୁକିଛି ହିଁ)—**ଅସୃଜତ** (ସୃଷ୍ଟି କଲେ) । **ତତ୍** (ସେହି ସମସ୍ତ) **ସୃଷ୍ଟ୍ୱା** (ସୃଷ୍ଟି କରି) **ତତ୍ ଏବ** (ସେହି ସକଳ ମଧ୍ୟରେ) **ଅନୁପ୍ରାବିଶତ୍** (ଅନୁପ୍ରବେଶ କଲେ) ।

ସତ୍ୟମ୍ ([ପାରମାର୍ଥିକ] ସତ୍ୟସ୍ୱରୂପ ବ୍ରହ୍ମ) **ତତ୍** (ସେହି କାର୍ଯ୍ୟମଧ୍ୟରେ) **ଅନୁପ୍ରବିଶ୍ୟ** (ପ୍ରବେଶ କରି) **ସତ୍ ଚ** (ମୂର୍ତ୍ତ, ଅର୍ଥାତ୍ ସ୍ଥୂଳ ବା ପ୍ରତ୍ୟକ୍ଷ) **ତ୍ୟତ୍ ଚ** (ଏବଂ ଅମୂର୍ତ୍ତ ଅର୍ଥାତ୍ ସୂକ୍ଷ୍ମ ବା ଅପ୍ରତ୍ୟକ୍ଷ) **ନିରୁକ୍ତମ ଚ ଅନିରୁକ୍ତମ୍ ଚ** (ଦେଶକାଳାଦିଦ୍ୱାରା ପରିଚ୍ଛିନ୍ନ ଏବଂ ଅପରିଚ୍ଛିନ୍ନ) **ନିଲୟନମ୍ ଚ ଅନିଲୟନମ୍ ଚ** (ଆଶ୍ରୟ ସ୍ୱରୂପ ଏବଂ ଅନାଶ୍ରୟସ୍ୱରୂପ) **ବିଜ୍ଞାନମ୍** (ଚେତନ) **ଚ** (ଏବଂ) **ଅବିଜ୍ଞାନମ୍ ଚ** (ଅଚେତନ) **ସତ୍ୟମ୍ ଚ ଅନୃତମ୍ ଚ** ([ଜାଗତିକ ବା ବ୍ୟାବହାରିକ] ସତ୍ୟ ଓ ମିଥ୍ୟା) **ଅଭବତ୍** (ହେଲେ)—**ୟତ୍ ଇଦମ୍ କିମ୍ ଚ** (ଏହି ଯାହା କିଛି ସେସମସ୍ତ ହିଁ) **ଅଭବତ୍** (ହେଲେ) । **ତତ୍** (ସେଥିପାଇଁ; ବ୍ରହ୍ମ ହିଁ ସ୍ଥୂଳ ଓ ସୂକ୍ଷ୍ମ ରୂପରେ ପ୍ରକଟିତ ହୋଇଛନ୍ତି ଏବଂ ବ୍ରହ୍ମ ବ୍ୟତୀତ ଜଗତ୍‌ର ସତ୍ତା ନାହିଁ ବୋଲି) [ବ୍ରହ୍ମଙ୍କୁ] **ସତ୍ୟମ୍ ଇତି** (ସତ୍ୟସ୍ୱରୂପରେ) **ଆଚକ୍ଷତେ** ([ବ୍ରହ୍ମବିଦ୍‌ଗଣ] କହନ୍ତି) । **ତତ୍ ଅପି ଏଷଃ ଶ୍ଲୋକଃ ଭବତି** (ସେହି ବିଷୟରେ ଏହି ଶ୍ଲୋକ ଅଛି)— । ୨/୬/୧

ବ୍ରହ୍ମଙ୍କୁ ଯିଏ ଅସତ୍ ବୋଲି ମନେ କରନ୍ତି, ସେ ଅସତ୍ ସମାନ ଅର୍ଥାତ୍ ପୁରୁଷାର୍ଥବିହୀନ ହିଁ ହୁଅନ୍ତି; ଏବଂ ଯଦି କେହି ବ୍ରହ୍ମଙ୍କୁ ସତ୍‌ସ୍ୱରୂପ ଜାଣନ୍ତି, ତେବେ (ବ୍ରହ୍ମବିଦ୍‌ଗଣ) ତାହାଙ୍କୁ ସନ୍ତ ବୋଲି ଉଲ୍ଲେଖ କରନ୍ତି ।

ଏହି ଆନନ୍ଦମୟ ହିଁ ପୂର୍ବୋକ୍ତ ବିଜ୍ଞାନମୟଙ୍କର ଦେହାଧିଷ୍ଠିତ ଆତ୍ମା । ବ୍ରହ୍ମ ସମ୍ବନ୍ଧରେ ସଂଶୟ ଉପୁଜିବାରୁ[1], ଅନନ୍ତର ଗୁରୁଙ୍କ ଉପଦେଶ ଅନୁସରଣ କରି ପ୍ରଶ୍ନ କରାଯାଉଛି—ଅଜ୍ଞାନୀ ଦେହାବସାନରେ ପରମାତ୍ମାଙ୍କୁ ଲାଭ କରନ୍ତି[2] କିମ୍ବା କରନ୍ତି ନାହିଁ ?[3] ଅଥବା ବିଦ୍ୱାନ୍ ହିଁ କ'ଣ ଦେହାନ୍ତ ପରେ ପରମାତ୍ମାଙ୍କୁ ଲାଭ କରନ୍ତି କିମ୍ବା କରନ୍ତି ନାହିଁ ?[4]

ସେହି ପରମାତ୍ମା ଏହି କାମନା (ଅର୍ଥାତ୍ ଚିନ୍ତା) କଲେ, "ମୁଁ ଅନେକ ହେବି, ମୁଁ ଉତ୍ପନ୍ନ ହେବି ।" ସେ ସୃଷ୍ଟିବିଜ୍ଞାନ-ବିଷୟରେ ବିଚାର କଲେ । ସେ ଜ୍ଞାନ-ବିଚାର କରି ଏହି ଯାହା କିଛି ସେ ସମସ୍ତ ହିଁ ସୃଷ୍ଟି କଲେ । ତାହା ସୃଷ୍ଟି କରି ସେ ସେଥିରେ ପ୍ରବେଶ କଲେ । ସତ୍ୟସ୍ୱରୂପ ବ୍ରହ୍ମ ସେହି କାର୍ଯ୍ୟ ମଧ୍ୟରେ ପ୍ରବେଶ କରି ମୂର୍ତ୍ତ ଓ ଅମୂର୍ତ୍ତ, ପରିଚ୍ଛିନ୍ନ ଓ ଅପରିଚ୍ଛିନ୍ନ, ଆଶ୍ରୟସ୍ୱରୂପ ଓ ଅନାଶ୍ରୟସ୍ୱରୂପ, ଚେତନ ଓ ଜଡ଼ ଏବଂ ସତ୍ୟ ଓ ମିଥ୍ୟା—ଏହି ଯାହା କିଛି ସେସମସ୍ତ ହେଲେ । ସେଥିପାଇଁ ହିଁ ବ୍ରହ୍ମବିଦ୍‌ଗଣ ତାହାଙ୍କୁ ସତ୍ୟ କହିଥାଆନ୍ତି । ସେହି ବିଷୟରେ ଏହି ଶ୍ଲୋକ ଅଛି— । ୨/୬/୧

॥ ଷଷ୍ଠ ଅନୁବାକ ସମାପ୍ତ ॥

---

1. ବ୍ରହ୍ମ ନିର୍ବିଶେଷ; ସୁତରାଂ ଅଛନ୍ତି କି ନାହିଁ, ତାହା ନିର୍ଣ୍ଣୟ କରିବା କଠିନ । ଅଧିକନ୍ତୁ ସେ ସର୍ବବ୍ୟାପୀ ବୋଲି ସର୍ବବ୍ୟବହାରର ବିଷୟ ହେବା ଉଚିତ୍ । ଅଥଚ ତାହା ଉପଲବ୍ଧ ହୁଏ ନାହିଁ । ସୁତରାଂ ସନ୍ଦେହର ଅବକାଶ ରହିଛି ।

2. ବ୍ରହ୍ମ ସର୍ବତ୍ର ବିଦ୍ୟମାନ ଏବଂ ସମସ୍ତଙ୍କ ପକ୍ଷରେ ସମାନ; ସୁତରାଂ ଅବିଦ୍ୱାନ୍ ମଧ୍ୟ ତାହାଙ୍କୁ ପାଇପାରେ, ଏହା ମନେ କରି ଏହି ପ୍ରଶ୍ନ ।

3. ମୂଳ (ଶ୍ଲୋକ)ରେ ଏହି ଅଂଶ ନାହିଁ, କିନ୍ତୁ **'ଅନୁପ୍ରଶ୍ନାଃ'** ଶବ୍ଦରେ ବହୁବଚନ ଥିବାରୁ ଗୃହୀତ ହେଲା । ଅଥବା ପ୍ରସଙ୍ଗକ୍ରମରେ ପ୍ରଶ୍ନଗୁଡ଼ିକ ଅନ୍ୟଭାବରେ ମଧ୍ୟ ଉତ୍‌ଥାପିତ ହୋଇପାରେ ବୋଲି ବହୁବଚନ:—ପୂର୍ବଶ୍ଲୋକରେ ସତ୍ ଓ ଅସତ୍ କଥା କୁହାହୋଇଛି—"ବ୍ରହ୍ମ ସତ୍ ନା ଅସତ୍ ?"—ଏହା ହିଁ ପ୍ରଥମ ପ୍ରଶ୍ନ । "ବିଦ୍ୱାନ୍‌ଙ୍କ ପରି ଅବିଦ୍ୱାନ୍ ମଧ୍ୟ କ'ଣ ତାଙ୍କୁ ପାଆନ୍ତି ?"—ଏହା ଦ୍ୱିତୀୟ ପ୍ରଶ୍ନ । ଅଥବା "ପାଆନ୍ତି ନାହିଁ ?"—ଏହା ତୃତୀୟ ପ୍ରଶ୍ନ ।

4. ବ୍ରହ୍ମ ପକ୍ଷପାତଶୂନ୍ୟ । ସୁତରାଂ ଅବିଦ୍ୱାନ୍ ତାହାଙ୍କୁ ନ ପାଇଲେ ବିଦ୍ୱାନ୍ ମଧ୍ୟ ପାଇବା ଅନୁଚିତ୍—ଏହା ମନେ କରି ଏହି ପ୍ରଶ୍ନ ଦୁଇଟି ଉଠାଯାଇଛି ।

ସପ୍ତମ ଅନୁବାକ

ଅସଦ୍ବା ଇଦମଗ୍ର ଆସୀତ୍ । ତତୋ ବୈ ସଦଜାୟତ । ତଦାତ୍ମାନଂ ସ୍ୱୟମକୁରୁତ । ତସ୍ମାତ୍ତତ୍ସୁକୃତମୁଚ୍ୟତ ଇତି ॥

ୟଦ୍ୱୈ ତତ୍ ସୁକୃତମ୍ । ରସୋ ବୈ ସଃ । ରସଂ ହ୍ୟେବାୟଂ ଲବ୍ଧ୍ୱାଽଽନନ୍ଦୀ ଭବତି । କୋ ହ୍ୟେବାନ୍ୟାତ୍କଃ ପ୍ରାଣ୍ୟାତ୍ । ୟଦେଷ ଆକାଶ ଆନନ୍ଦୋ ନ ସ୍ୟାତ୍ । ଏଷ ହ୍ୟେବାଽଽନନ୍ଦୟାତି । ୟଦା ହ୍ୟେବୈଷ ଏତସ୍ମିନ୍ନଦୃଶ୍ୟେଽନାତ୍ମ୍ୟେଽନିରୁକ୍ତେଽନିଲୟନେଽଭୟଂ ପ୍ରତିଷ୍ଠାଂ ବିନ୍ଦତେ । ଅଥ ସୋଽଭୟଂ ଗତୋ ଭବତି । ୟଦା ହ୍ୟେବୈଷ ଏତସ୍ମିନ୍ନୁଦରମନ୍ତରଂ କୁରୁତେ । ଅଥ ତସ୍ୟ ଭୟଂ ଭବତି । ତତ୍ତ୍ୱେବ ଭୟଂ ବିଦୁଷୋଽମନ୍ୱାନସ୍ୟ । ତଦପ୍ୟେଷ ଶ୍ଲୋକୋ ଭବତି ॥୧॥

ଇତି ସପ୍ତମୋଽନୁବାକଃ ॥

ଇଦମ୍ (ଏହି ନାମରୂପ-ଆକାରରେ ବ୍ୟାକୃତ ଅର୍ଥାତ ଅଭିବ୍ୟକ୍ତ ଜଗତ୍) **ଅଗ୍ରେ** (ସୃଷ୍ଟି ପୂର୍ବେ) **ଅସତ୍ ବୈ** (ଅବ୍ୟାକୃତ ବ୍ରହ୍ମରୂପେ ହିଁ) **ଆସୀତ୍** (ଥିଲା); **ତତଃ ବୈ** (ସେହି ଅବ୍ୟାକୃତନାମରୂପ ବ୍ରହ୍ମଙ୍କଠାରୁ ହିଁ) **ସତ୍** (ନାମରୂପରେ ଅଭିବ୍ୟକ୍ତ ଜଗତ୍) **ଅଜାୟତ** (ଜାତ ହେଲା) । **ତତ୍** (ସେହି ଅସତ୍ଶବ୍ଦବାଚ୍ୟ ବ୍ରହ୍ମ) **ସ୍ୱୟମ୍** (ନିଜେ ହିଁ) **ଆତ୍ମାନମ୍** (ନିଜକୁ) **ଅକୁରୁତ** ([ଏହିପରି] କରିଥିଲେ); **ତସ୍ମାତ୍** (ସେଥିପାଇଁ) **ତତ୍** (ସେହି ବ୍ରହ୍ମ ହିଁ) **ସୁକୃତମ୍** (ସ୍ୱୟଂକର୍ତ୍ତା) **ଉଚ୍ୟତେ ଇତି** (କଥିତ ହୁଅନ୍ତି) [ଅଥବା—ବ୍ରହ୍ମ ହିଁ ଯେହେତୁ ସବୁ କିଛିର କାରଣ ଅତଏବ ସେ ହିଁ **ସୁକୃତମ୍** (ପୁଣ୍ୟସ୍ୱରୂପ)] । ୨/୭/୧

ୟତ୍ ବୈ (ଯାହା ହିଁ) **ତତ୍ ସୁକୃତମ୍** (ସେହି ସ୍ୱୟଂକର୍ତ୍ତା ବ୍ରହ୍ମ) **ସଃ ବୈ** (ସେ ହିଁ) **ରସଃ** (ଅର୍ଥାତ୍ ଆନନ୍ଦପ୍ରଦ ବସ୍ତୁସ୍ୱରୂପ) । **ଅୟମ୍** (ଏହି ଜୀବ) **ରସମ୍ ହି ଏବ** (ରସକୁ ହିଁ) **ଲବ୍ଧ୍ୱା** (ଲାଭ କରି) **ଆନନ୍ଦୀ** (ସୁଖୀ) **ଭବତି** (ହୁଏ) । [ବ୍ରହ୍ମ ଅଛନ୍ତି, କାରଣ] **ୟତ୍** (ଯଦି) **ଆକାଶେ** (ପରବ୍ୟୋମରୂପକ ହୃଦୟଗୁହାରେ) **ଏଷଃ** (ଏହି ନିତ୍ୟ ଉପଲବ୍ଧ) **ଆନନ୍ଦଃ** (ଆନନ୍ଦ) **ନ ସ୍ୟାତ୍** (ନ ଥାଆନ୍ତେ) [ତେବେ] **କଃ ହି ଏବ** ([ଏହି ଲୋକରେ] କିଏ ଅବା) **ଅନ୍ୟାତ୍** (ଅପାନବ୍ୟାପାର କରିବ) **କଃ ପ୍ରାଣ୍ୟାତ୍** (କିଏ ପ୍ରାଣକ୍ରିୟା କରିବ) ? [ବ୍ରହ୍ମ ଅଛନ୍ତି] **ହି** (କାରଣ) **ଏଷଃ ଏବ**

(ଏହି ପରମାତ୍ମା ହିଁ) **ଆନନ୍ଦୟାତି** (=**ଆନନ୍ଦୟତି**, ଆନନ୍ଦିତ କରିଥାଆନ୍ତି) । [ବ୍ରହ୍ମ ଅଛନ୍ତି=ଭୟ ଓ ଅଭୟ ରୂପରେ] **ହି** (କାରଣ) **ୟଦା ଏବ** (ଯେବେ ହିଁ) **ଏଷଃ** (ଏହି ସାଧକ) **ଏତସ୍ମିନ୍** (ଏହି) **ଅଦୃଶ୍ୟେ** (ଦର୍ଶନାତୀତ, ଅର୍ଥାତ୍ ଦ୍ରଷ୍ଟବ୍ୟ ଏବଂ ବିକାରୀ ବସ୍ତୁଠାରୁ ପୃଥକ୍) **ଅନାତ୍ମ୍ୟେ** (ଅଶରୀର) **ଅନିରୁକ୍ତେ** (ଅନିର୍ବାଚ୍ୟ) **ଅନିଲୟନେ** (ନିରାଧାର) [ବ୍ରହ୍ମରେ] **ଅଭୟମ୍** (ନିର୍ଭୀକରୂପେ, ଅଥବା **ଅଭୟାମ୍**=ଭୟଶୂନ୍ୟ) **ପ୍ରତିଷ୍ଠାମ୍** (ସ୍ଥିତି, ଅର୍ଥାତ୍ ଆତ୍ମଭାବ) **ବିନ୍ଦତେ** (ଲାଭ କରେ) **ଅଥ** (ସେହି ସମୟରେ) **ସଃ** (ସେହି ସାଧକ) **ଅଭୟମ୍ ଗତଃ** (ଅଭୟପ୍ରାପ୍ତ, ସ୍ୱରୂପରେ ପ୍ରତିଷ୍ଠିତ) **ଭବତି** (ହୁଅନ୍ତି) । [ବ୍ରହ୍ମ ଅଛନ୍ତି] **ହି** (କାରଣ) **ୟଦା ଏବ** (ଯେବେ ହିଁ) **ଏଷଃ** (ଏହି ଅବିଦ୍ୱାନ୍) **ଏତସ୍ମିନ୍** (ଏହି ବ୍ରହ୍ମରେ) **ଉତ୍ ଅରମ୍** (ଅଳ୍ପମାତ୍ର ମଧ୍ୟ) **ଅନ୍ତରମ୍** (ଛିଦ୍ର, ଭେଦ ଦର୍ଶନ) **କୁରୁତେ** (କରିଥାଆନ୍ତି) **ଅଥ** (ସେତେବେଳେ, ସେହି ଭେଦଦର୍ଶନ ହେତୁ) **ତସ୍ୟ** (ତାଙ୍କର) **ଭୟମ୍** (ଭୟ) **ଭବତି** (ହୁଏ) । **ତୁ** (କିନ୍ତୁ ପ୍ରକୃତପକ୍ଷେ) **ଅମନ୍ୱାନସ୍ୟ** (ଅବିବେକୀ, ଅଦ୍ୱୈତଜ୍ଞାନହୀନ) **ବିଦୁଷଃ** (ପ୍ରାକୃତ ଭେଦଜ୍ଞାନୀ ବିଦ୍ୱାନ୍‌ଙ୍କ ପକ୍ଷରେ) **ତତ୍ ଏବ** (ସେହି ବ୍ରହ୍ମ ହିଁ) **ଭୟମ୍** (ଭୟର କାରଣ ହୁଅନ୍ତି) । **ତତ୍ ଅପି ଏଷଃ ଶ୍ଲୋକଃ ଭବତି** (ସେହି ବିଷୟରେ ଏହି ଶ୍ଲୋକ ଅଛି)— । ୨/୭/୧

"ଏହି ଅଭିବ୍ୟକ୍ତ ଜଗତ୍ ସୃଷ୍ଟି ପୂର୍ବେ ଅବ୍ୟାକୃତନାମରୂପ ବ୍ରହ୍ମ ହିଁ ଥିଲେ । ସେହି ଅସତ୍‌ଶବ୍ଦବାଚ୍ୟ ବ୍ରହ୍ମଠାରୁ ହିଁ ବ୍ୟାକୃତ ଜଗତ୍ ଉତ୍ପନ୍ନ ହେଲା । ସେ ନିଜେ ହିଁ ନିଜକୁ ଏହିପ୍ରକାର କରିଥିଲେ; ସେଥିପାଇଁ ତାହାଙ୍କୁ ସୁକୃତ୍ ବା ସ୍ୱୟଂକର୍ତ୍ତା କୁହାଯାଏ ।"[1]

ଯିଏ ସ୍ୱୟଂକର୍ତ୍ତା ସେ ହିଁ ରସସ୍ୱରୂପ । ଏହି ଜୀବ ସେହି ରସକୁ ଲାଭ କରି ହିଁ ଆନନ୍ଦିତ ହୁଅନ୍ତି ।[2] ହୃଦୟଗୁହାରେ ଯଦି ଏହି ଅପରୋକ୍ଷ ଆନନ୍ଦ ରହି ନ ଥାଆନ୍ତେ, ତେବେ କିଏ ଅବା ଅପାନକ୍ରିୟା କରିଥାଆନ୍ତା ଏବଂ କିଏ ଅବା ପ୍ରାଣକ୍ରିୟା କରିଥାଆନ୍ତା ?[3] (ବ୍ରହ୍ମ ଅଛନ୍ତି), କାରଣ ଯେଉଁ ମୁହୂର୍ତ୍ତରେ ହିଁ ସାଧକ ଏହି ଦର୍ଶନାତୀତ, ଅଶରୀର, ଅନିର୍ବାଚ୍ୟ, ନିରାଧାର ବସ୍ତୁରେ ନିର୍ଭୀକରୂପରେ ସ୍ଥିତିଲାଭ କରନ୍ତି ସେହି ମୁହୂର୍ତ୍ତରେ ହିଁ ସେ ଅଭୟ ପ୍ରାପ୍ତ ହୁଅନ୍ତି । (ବ୍ରହ୍ମ ଅଛନ୍ତି),

---

1. ଚେତନ କାରଣ ବ୍ୟତୀତ ଜଗତ୍‌ର ଉତ୍ପତ୍ତି ଅସମ୍ଭବ ଏବଂ ପୁଣ୍ୟଫଳଦାତା (ରସସ୍ୱରୂପ) ବ୍ୟତୀତ ପୁଣ୍ୟଫଳ ଅସମ୍ଭବ; ଅତଏବ ସ୍ଥିର ହେଲା ଯେ, ସତ୍‌ସ୍ୱରୂପ ବ୍ରହ୍ମ ଅଛନ୍ତି ।
2. ଜୀବର ଆନନ୍ଦ ଅଛି; ଅତଏବ ଆନନ୍ଦର କାରଣ ବ୍ରହ୍ମ ଅଛନ୍ତି ।
3. ସଂହତ ଶରୀର ଓ ଇନ୍ଦ୍ରିୟ ପରାର୍ଥ ହିଁ ଚେଷ୍ଟା କରେ । ଅତଏବ ବ୍ରହ୍ମ ଅଛନ୍ତି ।

କାରଣ ଯେତେବେଳେ ହିଁ ଅବିଦ୍ୱାନ୍ ସାଧକ ଏହି ବ୍ରହ୍ମରେ କିଞ୍ଚିତ୍ ମାତ୍ର ଭେଦଦର୍ଶନ କରନ୍ତି, ସେତେବେଳେ ହିଁ ତାଙ୍କର ଭୟ ହୁଏ । ପ୍ରକୃତପକ୍ଷରେ ଏହି ଅଭୟ ବ୍ରହ୍ମ ହିଁ ଅଦ୍ୱୈତ ଜ୍ଞାନହୀନ ଭେଦଜ୍ଞାନୀଙ୍କ ପକ୍ଷରେ ଭୟର କାରଣ ହୁଅନ୍ତି ।[1] ସେହି ବିଷୟରେ ଏହି ଶ୍ଲୋକ ଅଛି—। ୨/୭/୧

॥ ସପ୍ତମ ଅନୁବାକ ସମାପ୍ତ ॥

ଅଷ୍ଟମ ଅନୁବାକ

ଭୀଷାଽସ୍ମାଦ୍ବାତଃ ପବତେ । ଭୀଷୋଦେତି ସୂର୍ୟଃ । ଭୀଷାଽସ୍ମାଦଗ୍ନିଶ୍ଚେନ୍ଦ୍ରଶ୍ଚ । ମୃତ୍ୟୁର୍ଧାବତି ପଞ୍ଚମ ଇତି ।

ସୈଷାଽଽନନ୍ଦସ୍ୟ ମୀମାଂସା ଭବତି । ଯୁବା ସ୍ୟାତ୍ ସାଧୁ-ଯୁବାଽଧ୍ୟାୟକଃ । ଆଶିଷ୍ଠୋ ଦ୍ରଢିଷ୍ଠୋ ବଲିଷ୍ଠଃ । ତସ୍ୟେୟଂ ପୃଥିବୀ ସର୍ବା ବିତ୍ତସ୍ୟ ପୂର୍ଣ୍ଣା ସ୍ୟାତ୍ । ସ ଏକୋ ମାନୁଷ ଆନନ୍ଦଃ । ତେ ଯେ ଶତଂ ମାନୁଷା ଆନନ୍ଦାଃ— ॥୧॥

ଅସ୍ମାତ୍ (ଏହି ବ୍ରହ୍ମଠାରୁ) **ଭୀଷା** (ଭୟ ଉତ୍ପନ୍ନ ହେବାରୁ) **ବାତଃ** (ବାୟୁ) **ପବତେ** (ପ୍ରବାହିତ ହୁଅନ୍ତି); **ଭୀଷା** (ଭୟ କାରଣରୁ) **ସୂର୍ୟଃ** (ସୂର୍ଯ୍ୟ) **ଉଦେତି** (ଉଦିତ ହୁଅନ୍ତି); **ଅସ୍ମାତ୍ ଭୀଷା** (ଏହାଙ୍କ ଭୟରେ ଭୀତ ହୋଇ) **ଅଗ୍ନିଃ ଚ ଇନ୍ଦ୍ରଃ ଚ** (ଅଗ୍ନି ଓ ଇନ୍ଦ୍ର) **ପଞ୍ଚମଃ ମୃତ୍ୟୁଃ** (ପଞ୍ଚମସ୍ଥାନୀୟ ଯମ) **ଧାବତି ଇତି** (ଧାବିତ ହୁଅନ୍ତି ଅର୍ଥାତ୍ ସ୍ୱକାର୍ଯ୍ୟରେ ପ୍ରବୃତ୍ତ ହୁଅନ୍ତି) । ୨/୮/୧

ଆନନ୍ଦସ୍ୟ (ବ୍ରହ୍ମାନନ୍ଦର) **ସା ଏଷା** (ଏହି ସୁବିଦିତ) **ମୀମାଂସା** (ବିଚାର, ସ୍ୱରୂପନିର୍ଣ୍ଣୟ) **ଭବତି** (ହେଉଛି)—**ଯୁବା ସ୍ୟାତ୍** (ଯଦି କେହି ନବଯୁବକ ହୁଅନ୍ତି) **ସାଧୁ ଯୁବା** ([ସେ ଯଦି] ସଚ୍ଚରିତ୍ର ଯୁବକ ବା ଅକାମହତ ହୁଅନ୍ତି) **ଅଧ୍ୟାୟକଃ** (ଶ୍ରୋତ୍ରିୟ, ଅଧୀତବେଦ) **ଆଶିଷ୍ଠଃ** (ସର୍ବୋତ୍ତମ ଶାସକ, ସମ୍ରାଟ୍) **ଦ୍ରଢିଷ୍ଠଃ**

---

1. ବିଦ୍ୱାନ୍‌ଙ୍କ ପାଇଁ ଯିଏ ଅଭୟର କାରଣ, ସେ ହିଁ ପୁଣି ଅବିଦ୍ୱାନ୍‌ଙ୍କ ପକ୍ଷରେ ଭୟର କାରଣ । ଯିଏ ଏହି ଭୟ ଓ ଅଭୟର କାରଣ, ସେ ଅବଶ୍ୟ ହିଁ ଅଛନ୍ତି । ଯଦିଓ ବ୍ରହ୍ମ ଏକମାତ୍ର ଶ୍ରୁତିରୁ ହିଁ ଅବଗମ୍ୟ, ତଥାପି ଶ୍ରୁତିର ପରିପୋଷକ ଯୁକ୍ତି ମଧ୍ୟ ଅଛି । ଏହା ବୁଝାଇବା ପାଇଁ ଗୋଟିଏ ପରେ ଗୋଟିଏ ଏପରି କେତେଗୋଟି ଅନୁମାନ ପ୍ରଦତ୍ତ ହେଲା ।

(ଦୃଢ଼ତମ କାୟାଯୁକ୍ତ) **ବଲିଷ୍ଠଃ** (ବଳଶାଳୀ) [ହୁଅନ୍ତି ଏବଂ ଯଦି] **ବିତ୍ତସ୍ୟ** (=**ବିତ୍ତେନ**, ଉପଭୋଗ୍ୟ ବସ୍ତୁସକଳ ଦ୍ୱାରା) **ପୂର୍ଣ୍ଣା** (ପରିପୂର୍ଣ୍ଣ) **ଇୟମ୍** (ଏହି) **ସର୍ବା** (ସମଗ୍ର) **ପୃଥିବୀ** (ପୃଥିବୀ) **ତସ୍ୟ** (ତାଙ୍କର) **ସ୍ୟାତ୍** (ହୁଏ)—[ତେବେ ତାଙ୍କର ଯେଉଁ ଆନନ୍ଦ] **ସଃ** (ସେହି ଆନନ୍ଦ) **ମାନୁଷଃ ଏକଃ ଆନନ୍ଦଃ** (ମନୁଷ୍ୟ ପକ୍ଷରେ ସମ୍ଭାବ୍ୟ ପ୍ରକୃଷ୍ଟତମ ଏକ ଆନନ୍ଦ) । **ତେ ଯେ** (ସେହି ଯେଉଁ) **ମାନୁଷାଃ ଆନନ୍ଦାଃ** (ମନୁଷ୍ୟ ଆନନ୍ଦ) **ଶତମ୍** (ଶତଗୁଣିତ) [ହେଲେ]— । ୨/୮/୧

ସେହି ବ୍ରହ୍ମଙ୍କ ଭୟରେ ବାୟୁ ପ୍ରବାହିତ ହୁଅନ୍ତି; ତାଙ୍କ ଭୟରେ ସୂର୍ଯ୍ୟ ଉଦିତ ହୁଅନ୍ତି; ତାହାଙ୍କର ହିଁ ଭୟରେ ଅଗ୍ନି ଓ ଇନ୍ଦ୍ର ଏବଂ ପଞ୍ଚମସ୍ଥାନୀୟ ଯମ ସ୍ୱ ସ୍ୱ କାର୍ଯ୍ୟରେ ପ୍ରବୃତ୍ତ ହୁଅନ୍ତି ।[1]

ଉକ୍ତ ବ୍ରହ୍ମାନନ୍ଦର ଏହି ସୁପ୍ରସିଦ୍ଧ ମୀମାଂସା[2] ହେଉଛି—କେହି ଯଦି ବୟସରେ ଯୁବକ ହୋଇଥାଆନ୍ତି ଏବଂ କେବଳ ଯୁବକ ନୁହେଁ, ସେ ଯଦି ସାଧୁ-ଯୁବକ, ଅଧୀତବେଦ, ସର୍ବୋତ୍ତମ ଶାସକ, ସୁଦୃଢ଼ ଶରୀରଯୁକ୍ତ ଓ ବଳଶାଳୀ ହୁଅନ୍ତି ଏବଂ ଯଦି ବିତ୍ତରେ ପରିପୂର୍ଣ୍ଣ ସମଗ୍ର ପୃଥିବୀ ତାହାଙ୍କର ହୁଏ, ତେବେ ତାଙ୍କର ଯେଉଁ ଆନନ୍ଦ ତାହା ହିଁ ମନୁଷ୍ୟ ପକ୍ଷରେ ସମ୍ଭାବ୍ୟ ପ୍ରକୃଷ୍ଟତମ ଏକ ଆନନ୍ଦ । ମନୁଷ୍ୟର ସେହି ଆନନ୍ଦ ଶତଗୁଣିତ ହେଲେ— । ୨/୮/୧

ସ ଏକୋ ମନୁଷ୍ୟଗନ୍ଧର୍ବାଣାମାନନ୍ଦଃ । ଶ୍ରୋତ୍ରିୟସ୍ୟ ଚାକାମହତସ୍ୟ । ତେ ଯେ ଶତଂ ମନୁଷ୍ୟଗନ୍ଧର୍ବାଣାମାନନ୍ଦାଃ । ସ ଏକୋ ଦେବଗନ୍ଧର୍ବାଣାମାନନ୍ଦଃ । ଶ୍ରୋତ୍ରିୟସ୍ୟ ଚାକାମହତସ୍ୟ । ତେ ଯେ ଶତଂ ଦେବଗନ୍ଧର୍ବାଣାମାନନ୍ଦାଃ । ସ ଏକଃ ପିତୃଣାଂ ଚିରଲୋକଲୋକାନାମାନନ୍ଦଃ । ଶ୍ରୋତ୍ରିୟସ୍ୟ ଚାକାମହତସ୍ୟ । ତେ ଯେ ଶତଂ ପିତୃଣାଂ ଚିରଲୋକଲୋକାନାମାନନ୍ଦାଃ । ସ ଏକ ଆଜାନଜାନାଂ ଦେବାନାମାନନ୍ଦଃ ॥ ୨ ॥

ସଃ (ତାହା, ମନୁଷ୍ୟର ଆନନ୍ଦ ଶତଗୁଣିତ ହେଲେ ତାହା) **ମନୁଷ୍ୟଗନ୍ଧର୍ବାଣାମ୍** (ମନୁଷ୍ୟଗନ୍ଧର୍ବମାନଙ୍କର ଅର୍ଥାତ୍ ଯେଉଁ ସକଳ ମନୁଷ୍ୟ

1. ମରଣଶୀଳ ସକଳ ଜୀବଙ୍କ ଅନ୍ତରରେ ହିଁ ଭୟ ଅଛି ଏବଂ ସମସ୍ତେ ହିଁ ଅଭୟର ଭିକାରୀ । ଅତଏବ ସକଳ ଭୟର ନିଦାନ ଭୟାତୀତ ବ୍ରହ୍ମ ଅଛନ୍ତି । କ., ୨/୩/୩

2. ବ୍ରହ୍ମାନନ୍ଦ ଲୌକିକ ଆନନ୍ଦ ସଦୃଶ ଅଥବା ନିର୍ବିଶେଷ ଆନନ୍ଦ—ଏହା ହିଁ ବିଚାର୍ଯ୍ୟ ।

କର୍ମ ଓ ଉପାସନା ଦ୍ୱାରା ଗନ୍ଧର୍ବ ହୋଇଛନ୍ତି ସେମାନଙ୍କର) **ଏକଃ ଆନନ୍ଦଃ** (ଏକ ଆନନ୍ଦ); **ଅକାମହତସ୍ୟ** ([ମାନବୀୟ ବିଷୟଭୋଗର] ବାସନା-ରହିତ) **ଶ୍ରୋତ୍ରିୟସ୍ୟ ଚ** (ବେଦଜ୍ଞଙ୍କର ମଧ୍ୟ) [ତାହା ଏକ ଆନନ୍ଦ] । **ତେ ଯେ** (ସେହି ଯେଉଁ) **ମାନୁଷ୍ୟଗନ୍ଧର୍ବାଣାମ୍ ଆନନ୍ଦାଃ** (ମନୁଷ୍ୟଗନ୍ଧର୍ବଙ୍କର ଆନନ୍ଦ) **ଶତମ୍** (ଶତଗୁଣିତ) [ହେଲେ] । **ସଃ** (ସେହି ଆନନ୍ଦ) **ଦେବଗନ୍ଧର୍ବାଣାମ୍ ଏକଃ ଆନନ୍ଦଃ** (ଦେବଗନ୍ଧର୍ବଙ୍କର ଅର୍ଥାତ୍ ଯେଉଁମାନେ ଜାତିରେ ଗନ୍ଧର୍ବ ସେମାନଙ୍କର ଏକ ଆନନ୍ଦ) । **ଅକାମହତସ୍ୟ** (ବାସନା-ରହିତ) **ଶ୍ରୋତ୍ରିୟସ୍ୟ ଚ** (ବେଦଜ୍ଞଙ୍କର ମଧ୍ୟ) [ତାହା ଏକ ଆନନ୍ଦ] । **ତେ ଯେ** (ସେହି ଯେଉଁ) **ଦେବଗନ୍ଧର୍ବାଣାମ୍ ଆନନ୍ଦାଃ** (ଦେବଗନ୍ଧର୍ବଙ୍କର ଆନନ୍ଦ) **ଶତମ୍** (ଶତଗୁଣିତ) [ହେଲେ] । **ସଃ** (ସେହି ଆନନ୍ଦ) **ଚିରଲୋକଲୋକାନାମ୍** (ଚିରସ୍ଥାୟୀ ଲୋକାଧିଷ୍ଠିତ) **ପିତୃଣାମ୍** (ପିତୃଗଣଙ୍କର) **ଏକଃ ଆନନ୍ଦଃ** (ଏକ ଆନନ୍ଦ) । **ଅକାମହତସ୍ୟ** (ବାସନା-ରହିତ) **ଶ୍ରୋତ୍ରିୟସ୍ୟ ଚ** (ବେଦଜ୍ଞଙ୍କର ମଧ୍ୟ) [ତାହା ଏକ ଆନନ୍ଦ] । **ତେ ଯେ** (ସେହି ଯେଉଁ) **ପିତୃଣାମ୍ ଚିରଲୋକଲୋକାନାମ୍ ଆନନ୍ଦାଃ** (ଚିରସ୍ଥାୟୀ ଲୋକାଧିଷ୍ଠିତ ପିତୃଗଣଙ୍କର ଆନନ୍ଦ) **ଶତମ୍** (ଶତଗୁଣିତ) [ହେଲେ] । **ସଃ** (ସେହି ଆନନ୍ଦ) **ଆଜାନଜାନାମ୍**[1] **ଦେବାନାମ୍** (ଆଜାନଜ ଦେବଗଣଙ୍କର ଅର୍ଥାତ୍ ସ୍ମାର୍ତ୍ତକର୍ମର ଉତ୍କର୍ଷହେତୁ ଯେଉଁମାନେ ଦେବରୂପେ ଜନ୍ମିଛନ୍ତି ସେମାନଙ୍କର) **ଏକଃ ଆନନ୍ଦଃ** (ଏକ ଆନନ୍ଦ) । ୨/୮/୨

ମନୁଷ୍ୟର ଆନନ୍ଦ ଶତଗୁଣିତ ହେଲେ ତାହା ମନୁଷ୍ୟଗନ୍ଧର୍ବମାନଙ୍କର ଏବଂ ଅକାମହତ ଶ୍ରୋତ୍ରିୟଙ୍କର ଏକ ଆନନ୍ଦ ହୁଏ । ମନୁଷ୍ୟଗନ୍ଧର୍ବମାନଙ୍କର ଉକ୍ତ ଆନନ୍ଦ ଶତଗୁଣିତ ହେଲେ ଦେବଗନ୍ଧର୍ବଗଣଙ୍କର ଏବଂ ଅକାମହତ ଶ୍ରୋତ୍ରିୟଙ୍କର ଏକ ଆନନ୍ଦ ହୁଏ । ଦେବଗନ୍ଧର୍ବଗଣଙ୍କର ସେହି ଆନନ୍ଦ ଶତଗୁଣିତ ହେଲେ ଚିରଲୋକବାସୀ ପିତୃଗଣଙ୍କର ଏବଂ ଅକାମହତ ଶ୍ରୋତ୍ରିୟଙ୍କର ଏକ ଆନନ୍ଦ ହୁଏ । ଚିରଲୋକବାସୀ ପିତୃଗଣଙ୍କର ସେହି ଆନନ୍ଦ ଶତଗୁଣିତ ହେଲେ ଆଜାନଜ ଦେବଗଣଙ୍କର ଏକ ଆନନ୍ଦ ହୁଏ— । ୨/୮/୨

ଶ୍ରୋତ୍ରିୟସ୍ୟ ଚାକାମହତସ୍ୟ । ତେ ଯେ ଶତମାଜାନଜାନାଂ ଦେବାନାମାନନ୍ଦାଃ । ସ ଏକଃ କର୍ମଦେବାନାଂ ଦେବାନାମାନନ୍ଦଃ । ଯେ କର୍ମଣା ଦେବାନପିୟନ୍ତି । ଶ୍ରୋତ୍ରିୟସ୍ୟ ଚାକାମହତସ୍ୟ । ତେ ଯେ ଶତଂ

1. **ଆଜାନ**=ଦେବଲୋକ, **ଆଜାନଜ**=ଦେବଲୋକରେ ଯେଉଁମାନଙ୍କର ଜନ୍ମ ।

କର୍ମଦେବାନାଂ ଦେବାନାମାନନ୍ଦାଃ । ସ ଏକୋ ଦେବାନାମାନନ୍ଦଃ । ଶ୍ରୋତ୍ରିୟସ୍ୟ ଚାକାମହତସ୍ୟ । ତେ ଯେ ଶତଂ ଦେବାନାମାନନ୍ଦାଃ । ସ ଏକ ଇନ୍ଦ୍ରସ୍ୟାଽଽନନ୍ଦଃ ॥୩॥

ଅକାମହତସ୍ୟ (ବାସନା-ରହିତ) **ଶ୍ରୋତ୍ରିୟସ୍ୟ ଚ** (ବେଦଜ୍ଞଙ୍କର ମଧ୍ୟ) [ତାହା ଏକ ଆନନ୍ଦ] । **ତେ ଯେ** (ସେହି ଯେଉଁ) **ଆଜାନଜାନାମ୍ ଦେବାନାମ୍ ଆନନ୍ଦାଃ** (ଆଜାନଜ ଦେବଗଣଙ୍କର ଆନନ୍ଦ) **ଶତମ୍** (ଶତଗୁଣିତ) [ହେଲେ] । **ସଃ** (ସେହି ଆନନ୍ଦ) **କର୍ମଦେବାନାଂ ଦେବାନାମ୍** (କର୍ମଦେବ ଦେବଗଣଙ୍କର) [ଅର୍ଥାତ୍] **ଯେ** (ଯେଉଁମାନେ) **କର୍ମଣା** (ବୈଦିକ କର୍ମ ଦ୍ୱାରା) **ଦେବାନ୍ ଅପିୟନ୍ତି** (ଦେବତ୍ୱ ପ୍ରାପ୍ତ ହୁଅନ୍ତି) **ଏକଃ ଆନନ୍ଦଃ** (ଏକ ଆନନ୍ଦ) । **ଅକାମହତସ୍ୟ** (ବାସନା-ରହିତ) **ଶ୍ରୋତ୍ରିୟସ୍ୟ ଚ** (ବେଦଜ୍ଞଙ୍କର ମଧ୍ୟ) [ତାହା ଏକ ଆନନ୍ଦ] । **ତେ ଯେ** (ସେହି ଯେଉଁ) **କର୍ମଦେବାନାଂ ଦେବାନାମ୍ ଆନନ୍ଦାଃ** (କର୍ମଦେବ ଦେବଗଣଙ୍କର ଆନନ୍ଦ) **ଶତମ୍** (ଶତଗୁଣିତ) [ହେଲେ] । **ସଃ** (ସେହି ଆନନ୍ଦ) **ଦେବାନାମ୍** (ଯଜ୍ଞାହୁତିଭୋଜୀ ତେତିଶି ଜଣ ଦେବତାଙ୍କର[1]) **ଏକଃ ଆନନ୍ଦଃ** (ଏକ ଆନନ୍ଦ) । **ଅକାମହତସ୍ୟ** (ବାସନା-ରହିତ) **ଶ୍ରୋତ୍ରିୟସ୍ୟ ଚ** (ବେଦଜ୍ଞଙ୍କର ମଧ୍ୟ) [ତାହା ଏକ ଆନନ୍ଦ] । **ତେ ଯେ** (ସେହି ଯେଉଁ) **ଦେବାନାମ୍ ଆନନ୍ଦାଃ** (ଦେବଗଣଙ୍କର ଆନନ୍ଦ) **ଶତମ୍** (ଶତଗୁଣିତ) [ହେଲେ] । **ସଃ** (ସେହି ଆନନ୍ଦ) **ଇନ୍ଦ୍ରସ୍ୟ** (ଦେବରାଜ ଇନ୍ଦ୍ରଙ୍କର) **ଏକଃ ଆନନ୍ଦଃ** (ଏକ ଆନନ୍ଦ) । ୨/୮/୩

—ଅକାମହତ ଶ୍ରୋତ୍ରିୟଙ୍କର ମଧ୍ୟ[2] (ଅଜ୍ଞାନଜ ଦେବଗଣଙ୍କ) ଅନୁରୂପ ଆନନ୍ଦ ହୁଏ । ଆଜାନଜ ଦେବଗଣଙ୍କର ସେହି ଆନନ୍ଦ ଶତଗୁଣ ବର୍ଦ୍ଧିତ ହେଲେ କର୍ମଦେବ ଦେବଗଣଙ୍କର ଅର୍ଥାତ୍ ଯେଉଁମାନେ ବୈଦିକ କର୍ମ ଦ୍ୱାରା ଦେବତ୍ୱ

---

1. ଏଠାରେ ତିନିପ୍ରକାର ଦେବତାଙ୍କ କଥା କୁହାଯାଇଛି—କର୍ମ ଦେବ, ଆଜାନଜ ଦେବ ଓ ଦେବ । ଶେଷୋକ୍ତ ଦେବତାଙ୍କ ସଂଖ୍ୟା ତେତିଶି । ବସୁଗଣ ଆଠ; ରୁଦ୍ର ଏଗାର; ଆଦିତ୍ୟ ଦ୍ୱାଦଶ; ଇନ୍ଦ୍ର ଓ ପ୍ରଜାପତି=ତେତିଶି ।

2. ପୁନଃପୁନଃ ଏହି ଦୁଇଟି ଶବ୍ଦର ପ୍ରୟୋଗ ଏହା ହିଁ ବୁଝାଉଅଛି ଯେ, ବିଭିନ୍ନ ଯୋନିରେ ଭୋଗବାସନା ଯେତେ ହ୍ରାସ ହେବ, ଆନନ୍ଦ ସେତେ ହିଁ ବର୍ଦ୍ଧିତ ହେବ । ଏପରିକି, ଯେତେପ୍ରକାର ଆନନ୍ଦ ଅଛି ତାହା ଅକାମହତ ବ୍ୟକ୍ତି କେବଳ ବାସନାତ୍ୟାଗ ଦ୍ୱାରା ପାଇପାରନ୍ତି—ତାଙ୍କ ପକ୍ଷରେ ଅନ୍ୟ ଲୋକକୁ ଯିବା ନିଷ୍ପ୍ରୟୋଜନ । ଯିଏ ଶ୍ରୋତ୍ରିୟ, ସେ ଧର୍ମାଚରଣ କରି ଉଚ୍ଚ ଗତି ପାଆନ୍ତି, ସେ ହିଁ ପୁଣି ଅକାମହତ ହେଲେ ନିରତିଶୟ ସୁଖର ଅଧିକାରୀ ହୁଅନ୍ତି; "ଯିଏ ବେଦର ଶାଖାବିଶେଷ କଳ୍ପସୂତ୍ର ସହିତ କିମ୍ବା ଷଡ଼ଙ୍ଗ ସହିତ ଅଧ୍ୟୟନ କରି ଷଟ୍‌କର୍ମରେ ନିରତ ଅଛନ୍ତି, ସେହି ଧର୍ମଜ୍ଞ ବ୍ରାହ୍ମଣ ହିଁ ଶ୍ରୋତ୍ରିୟ ।"

ପ୍ରାପ୍ତ ହୁଅନ୍ତି ସେମାନଙ୍କର ଏବଂ ଅକାମହତ ଶ୍ରୋତ୍ରିୟଙ୍କର ଏକ ଆନନ୍ଦ ହୁଏ । କର୍ମଦେବ ଦେବଗଣଙ୍କର ସେହି ଆନନ୍ଦ ଶତଗୁଣିତ ହେଲେ ଦେବଗଣଙ୍କର ଏବଂ ଅକାମହତ ଶ୍ରୋତ୍ରିୟଙ୍କର ଏକ ଆନନ୍ଦ ହୁଏ । ଦେବଗଣଙ୍କର ସେହି ଆନନ୍ଦ ଶତଗୁଣିତ ହେଲେ ଇନ୍ଦ୍ରଙ୍କର ଏକ ଆନନ୍ଦ ହୁଏ— । ୨/୮/୩।

ଶ୍ରୋତ୍ରିୟସ୍ୟ ଚାକାମହତସ୍ୟ । ତେ ଯେ ଶତମିନ୍ଦ୍ରସ୍ୟାଽଽନନ୍ଦାଃ । ସ ଏକୋ ବୃହସ୍ପତେରାନନ୍ଦଃ । ଶ୍ରୋତ୍ରିୟସ୍ୟ ଚାକାମହତସ୍ୟ । ତେ ଯେ ଶତଂ ବୃହସ୍ପତେରାନନ୍ଦାଃ । ସ ଏକଃ ପ୍ରଜାପତେରାନନ୍ଦଃ । ଶ୍ରୋତ୍ରିୟସ୍ୟ ଚାକାମହତସ୍ୟ । ତେ ଯେ ଶତଂ ପ୍ରଜାପତେରାନନ୍ଦାଃ । ସ ଏକୋ ବ୍ରହ୍ମଣ ଆନନ୍ଦଃ । ଶ୍ରୋତ୍ରିୟସ୍ୟ ଚାକାମହତସ୍ୟ ॥୪॥

ଅକାମହତସ୍ୟ (ବାସନା-ରହିତ) **ଶ୍ରୋତ୍ରିୟସ୍ୟ ଚ** (ବେଦଜ୍ଞଙ୍କର ମଧ୍ୟ) [ତାହା ଏକ ଆନନ୍ଦ] । **ତେ ଯେ** (ସେହି ଯେଉଁ) **ଇନ୍ଦ୍ରସ୍ୟ ଆନନ୍ଦାଃ (**ଇନ୍ଦ୍ରଙ୍କର ଆନନ୍ଦ) **ଶତମ୍** (ଶତଗୁଣିତ) [ହେଲେ] । **ସଃ** (ସେହି ଆନନ୍ଦ) **ବୃହସ୍ପତେଃ** (ଦେବଗୁରୁ ବୃହସ୍ପତିଙ୍କର) **ଏକଃ ଆନନ୍ଦଃ** (ଏକ ଆନନ୍ଦ) । **ଅକାମହତସ୍ୟ** (ବାସନା-ରହିତ) **ଶ୍ରୋତ୍ରିୟସ୍ୟ ଚ** (ବେଦଜ୍ଞଙ୍କର ମଧ୍ୟ) [ତାହା ଏକ ଆନନ୍ଦ] । **ତେ ଯେ** (ସେହି ଯେଉଁ) **ବୃହସ୍ପତେଃ ଆନନ୍ଦାଃ** (ବୃହସ୍ପତିଙ୍କର ଆନନ୍ଦ) **ଶତମ୍** (ଶତଗୁଣିତ) [ହେଲେ] । **ସଃ** (ସେହି ଆନନ୍ଦ) **ପ୍ରଜାପତେଃ** (ତ୍ରୈଲୋକ୍ୟଶରୀରୀ ବିରାଟ୍‌ଙ୍କର) **ଏକଃ ଆନନ୍ଦଃ** (ଏକ ଆନନ୍ଦ) । **ଅକାମହତସ୍ୟ** (ବାସନା-ରହିତ) **ଶ୍ରୋତ୍ରିୟସ୍ୟ ଚ** (ବେଦଜ୍ଞଙ୍କର ମଧ୍ୟ) [ତାହା ଏକ ଆନନ୍ଦ] । **ତେ ଯେ** (ସେହି ଯେଉଁ) **ପ୍ରଜାପତେଃ ଆନନ୍ଦାଃ** (ବିରାଟ୍‌ଙ୍କର ଆନନ୍ଦ) **ଶତମ୍** (ଶତଗୁଣିତ) [ହେଲେ] । **ସଃ** (ସେହି ଆନନ୍ଦ) **ବ୍ରହ୍ମଣଃ** (ବ୍ରହ୍ମାଙ୍କର, ସମଷ୍ଟି-ବ୍ୟଷ୍ଟିରୂପକ ସଂସାର-ମଣ୍ଡଳ-ବ୍ୟାପୀ ହିରଣ୍ୟଗର୍ଭଙ୍କର) **ଏକଃ ଆନନ୍ଦଃ** (ଏକ ଆନନ୍ଦ) । **ଅକାମହତସ୍ୟ** (ବାସନା-ରହିତ) **ଶ୍ରୋତ୍ରିୟସ୍ୟ ଚ** (ବେଦଜ୍ଞଙ୍କର ମଧ୍ୟ) [ତାହା ଏକ ଆନନ୍ଦ] । ୨/୮/୪

ଅକାମହତ ଶ୍ରୋତ୍ରିୟଙ୍କ ମଧ୍ୟ (ଇନ୍ଦ୍ରଙ୍କ) ଅନୁରୂପ ଆନନ୍ଦ ହୁଏ । ଇନ୍ଦ୍ରଙ୍କ ସେହି ଆନନ୍ଦ ଶତଗୁଣିତ ହେଲେ ବୃହସ୍ପତି ଓ ଅକାମହତ ଶ୍ରୋତ୍ରିୟଙ୍କର ଏକ ଆନନ୍ଦ ହୁଏ । ବୃହସ୍ପତିଙ୍କର ସେହି ଆନନ୍ଦ ଶତଗୁଣିତ ହେଲେ ବିରାଟ୍ ଓ ଅକାମହତ ଶ୍ରୋତ୍ରିୟଙ୍କର ଏକ ଆନନ୍ଦ ହୁଏ । ବିରାଟ୍‌ଙ୍କର ସେହି ଆନନ୍ଦ ଶତଗୁଣିତ ହେଲେ

ବ୍ରହ୍ମାଙ୍କର (ଅର୍ଥାତ୍ ହିରଣ୍ୟଗର୍ଭଙ୍କର) ଓ ଅକାମହତ ଶ୍ରୋତ୍ରିୟଙ୍କର ଏକ ଆନନ୍ଦ ହୁଏ[1] । ୨/୮/୪

ସ ୟଶ୍ଚାୟଂ ପୁରୁଷେ । ୟଶ୍ଚାସାବାଦିତ୍ୟେ । ସ ଏକଃ । ସ ୟ ଏବଂ-ବିତ୍ । ଅସ୍ମାଲ୍ଲୋକାତ୍ପ୍ରେତ୍ୟ । ଏତମନ୍ନମୟମାତ୍ମାନମୁପସଂକ୍ରାମତି । ଏତଂ ପ୍ରାଣମୟମାତ୍ମାନମୁପସଂକ୍ରାମତି ।ଏତଂମନୋମୟମାତ୍ମାନମୁପସଂକ୍ରାମତି । ଏତଂ ବିଜ୍ଞାନମୟମାତ୍ମାନମୁପସଂକ୍ରାମତି । ଏତମାନନ୍ଦମୟମାତ୍ମାନ-ମୁପସଂକ୍ରାମତି । ତଦପ୍ୟେଷ ଶ୍ଲୋକୋ ଭବତି ॥୫॥

ଇତି ଅଷ୍ଟମୋଽନୁବାକଃ ॥

[ପୂର୍ବୋକ୍ତ ମୀମାଂସାର ଫଳର ଉପସଂହାର ହେଉଅଛି]—**ସଃ** (ପୂର୍ବୋକ୍ତ ଅନୁପ୍ରବିଷ୍ଟ) **ୟଃ ଚ ଅୟମ୍** (ଏହି ଯିଏ ପ୍ରତ୍ୟକ୍ଷରୂପେ) **ପୁରୁଷେ** (ପଞ୍ଚକୋଷାତ୍ମକ ପୁରୁଷଙ୍କର ହୃଦୟଗୁମ୍ଫା ମଧ୍ୟରେ) **ୟଃ ଚ ଅସୌ** (ତଥା [ଅକାମହତ ଶ୍ରୋତ୍ରିୟଙ୍କ ପ୍ରତ୍ୟକ୍ଷ] ଏହି ଯେଉଁ ପରମାନନ୍ଦ) **ଆଦିତ୍ୟେ** (ସୂର୍ଯ୍ୟମଣ୍ଡଳ ମଧ୍ୟରେ ଅବସ୍ଥିତ) **ସଃ** (ସେ) **ଏକଃ** (ଅଭିନ୍ନ) [ତୈ., ୨/୧/୧] । **ୟଃ** (ଯେକେହି) **ଏବଂବିତ୍** (ଏହି ପ୍ରକାର ସତ୍ୟ, ଜ୍ଞାନ, ଅନନ୍ତ ବ୍ରହ୍ମଙ୍କୁ ଜାଣନ୍ତି) **ସଃ** (ସେ) **ଅସ୍ମାତ୍ ଲୋକାତ୍** (ଏହି ଲୋକରୁ ଅର୍ଥାତ୍ ଦୃଷ୍ଟାଦୃଷ୍ଟ ଭୋଗରାଜ୍ୟରୁ) **ପ୍ରେତ୍ୟ** (ପ୍ରତ୍ୟାବୃତ୍ତ, ନିରପେକ୍ଷ ହୋଇ) **ଏତମ୍** (ଏହି) **ଅନ୍ନମୟମ୍** (ଅନ୍ନମୟ) **ଆତ୍ମାନମ୍** (ଆତ୍ମାଙ୍କୁ) **ଉପସଂକ୍ରାମତି** (ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ଦୃଶ୍ୟମାନ ବିଷୟ ସମୂହକୁ ଅନ୍ନମୟ ଦେହ-ପିଣ୍ଡଠାରୁ ଅଲଗା ବୋଲି ମନେ କରନ୍ତି ନାହିଁ ଏବଂ ସମସ୍ତ ସ୍ଥୂଳ ଭୂତକୁ ଅନ୍ନମୟ ଆତ୍ମାରୂପରେ ଦର୍ଶନ କରନ୍ତି) [ଏବଂ କ୍ରମାନୁସାରେ] **ଏତମ୍** (ଏହି) **ପ୍ରାଣମୟମ୍** (ପ୍ରାଣମୟ) **ଆତ୍ମାନମ୍** (ଆତ୍ମାଙ୍କୁ) **ଉପସଂକ୍ରାମତି** (ପ୍ରାପ୍ତ ହୁଅନ୍ତି, ସମସ୍ତ ପ୍ରାଣକୁ ଅଭିନ୍ନ ରୂପେ ଦର୍ଶନ କରନ୍ତି) **ଏତମ୍** (ଏହି) **ମନୋମୟମ୍** (ମନୋମୟ) **ଆତ୍ମାନମ୍** (ଆତ୍ମାଙ୍କୁ) **ଉପସଂକ୍ରାମତି** (ପ୍ରାପ୍ତ ହୁଅନ୍ତି) **ଏତମ୍** (ଏହି) **ବିଜ୍ଞାନମୟମ୍** (ବିଜ୍ଞାନମୟ) **ଆତ୍ମାନମ୍** (ଆତ୍ମାଙ୍କୁ) **ଉପସଂକ୍ରାମତି** (ପ୍ରାପ୍ତ ହୁଅନ୍ତି) **ଏତମ୍** (ଏହି) **ଆନନ୍ଦମୟମ୍** (ଆନନ୍ଦମୟ) **ଆତ୍ମାନମ୍** (ଆତ୍ମାଙ୍କୁ) **ଉପସଂକ୍ରାମତି**

---

1. ହିରଣ୍ୟଗର୍ଭ ଓ ତାଙ୍କର ଉପାସକଙ୍କର ଆନନ୍ଦ ହିଁ ସଂସାରମଣ୍ଡଳରେ ସର୍ବୋତ୍କୃଷ୍ଟ । ତାହା ମଧ୍ୟ ବିଷୟ-ବିଷୟୀ-ବିଭାଗଶୂନ୍ୟ ପରମାନନ୍ଦରେ ଏକୀଭୂତ ହୁଏ; ଏହା ହିଁ ଆନନ୍ଦର ମୀମାଂସା । —ବୃ., ୪/୩/୩୨-୩୩

(ପ୍ରାପ୍ତ ହୁଅନ୍ତି) **ତତ୍ ଅପି** (ସେହି ବିଷୟରେ; ନିର୍ବିକଳ୍ପ ଆତ୍ମାଙ୍କୁ ଜାଣିଲେ ଯେଉଁ ଅଭୟ-ପ୍ରତିଷ୍ଠା ଲାଭ ହୁଏ ସେହି ବିଷୟରେ) **ଏଷଃ ଶ୍ଲୋକଃ ଭବତି** (ଏହି ଶ୍ଲୋକ ଅଛି) — । ୨/୮/୫

(ସୃଷ୍ଟି ମଧ୍ୟରେ ଅନୁପ୍ରବିଷ୍ଟ) ପୂର୍ବୋକ୍ତ ଯିଏ ପୁରୁଷଙ୍କ ହୃଦୟଗୁହାରେ (ପ୍ରତ୍ୟକ୍ଷରୂପେ) ଅବସ୍ଥିତ ଏବଂ ସୂର୍ଯ୍ୟମଣ୍ଡଳର ଅଭ୍ୟନ୍ତରରେ (ଅକାମହତ ଶ୍ରୋତ୍ରିୟଙ୍କ ପ୍ରତ୍ୟକ୍ଷରୂପେ) ଅବସ୍ଥିତ—ସେ ଉଭୟ ସ୍ଥଳରେ ହିଁ ଅଭିନ୍ନ ।[1] ଯେକେହି ଏହି ପ୍ରକାର ବ୍ରହ୍ମଙ୍କୁ ଜାଣନ୍ତି, ସେ ଏହି ଭୋଗବାସନାମୟ ଜଗତ୍‌ରୁ ନିବୃତ୍ତ ହୋଇ ଏହି ଅନ୍ନମୟ ଆତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି (ଅର୍ଥାତ୍ ଦୃଶ୍ୟମାନ ବିଷୟ ସମୂହକୁ ଅନ୍ନମୟ ଦେହ-ପିଣ୍ଡଠାରୁ ଅଲଗା ବୋଲି ମନେ କରନ୍ତି ନାହିଁ ଏବଂ ସମସ୍ତ ସ୍ଥୂଳ ଭୂତକୁ ଅନ୍ନମୟ ଆତ୍ମାରୂପରେ ଦର୍ଶନ କରନ୍ତି) (ଏବଂ କ୍ରମାନୁସାରେ) ଏହି ପ୍ରାଣମୟ ଆତ୍ମାକୁ ପ୍ରାପ୍ତ ହୁଅନ୍ତି, ଏହି ମନୋମୟ ଆତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି, ଏହି ବିଜ୍ଞାନମୟ ଆତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି ଏବଂ ଏହି ଆନନ୍ଦମୟ ଆତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି । ସେହି ବିଷୟରେ ଏହି ଶ୍ଲୋକ ଅଛି ।— ୨/୮/୫

॥ ଅଷ୍ଟମ ଅନୁବାକ ସମାପ୍ତ ॥

ନବମ ଅନୁବାକ

ୟତୋ ବାଚୋ ନିବର୍ତନ୍ତେ । ଅପ୍ରାପ୍ୟ ମନସା ସହ । ଆନନ୍ଦଂ ବ୍ରହ୍ମଣୋ ବିଦ୍ୱାନ୍ । ନ ବିଭେତି କୁତଶ୍ଚନେତି ।

ଏତଂ ହ ବାବ ନ ତପତି । କିମହଂ ସାଧୁ ନାକରବମ୍ । କିମହଂ ପାପମକରବମିତି । ସ ୟ ଏବଂ ବିଦ୍ୱାନେତେ ଆତ୍ମାନଂ ସ୍ପୃଣୁତେ । ଉଭେ ହ୍ୟେବୈଷ ଏତେ ଆତ୍ମାନଂ ସ୍ପୃଣୁତେ । ୟ ଏବଂ ବେଦ । ଇତ୍ୟୁପନିଷତ୍ ॥୧॥

ଇତି ନବମୋଽନୁବାକଃ ॥

ଇତି ବ୍ରହ୍ମାନନ୍ଦବଲ୍ଲୀ ସମାପ୍ତା ॥

---

1. ଭିନ୍ନ ଭିନ୍ନ ପ୍ରଦେଶସ୍ଥ ଘଟାକାଶ ଯେପରି ମହାକାଶଠାରୁ ଅଭିନ୍ନ ।

ୟତଃ (ଯେଉଁ ବ୍ରହ୍ମଙ୍କଠାରୁ) **ଅପ୍ରାପ୍ୟ** (ତାହାଙ୍କୁ ନ ପାଇ, ଅର୍ଥାତ୍ ପ୍ରକାଶ କରିବାକୁ ଅସମର୍ଥ ହୋଇ) **ବାଚଃ** (ଦ୍ରବ୍ୟାଦି-ବିଷୟକ ନାମସମୂହ) **ମନସା ସହ** (ମନର, ଅର୍ଥାତ୍ ବିଷୟ-ବିଜ୍ଞାନ ସହ) **ନିବର୍ତନ୍ତେ** (ନିବୃତ୍ତ ହୁଏ) [ସେହି] **ବ୍ରହ୍ମଣଃ** (ବ୍ରହ୍ମସମ୍ବନ୍ଧୀ, ଅର୍ଥାତ୍ ବ୍ରହ୍ମଠାରୁ ଅଭିନ୍ନ) **ଆନନ୍ଦମ୍** (ଆନନ୍ଦକୁ) **ବିଦ୍ୱାନ୍** (ଯିଏ ଜାଣନ୍ତି, ସେ) **କୁତଃଚନ** (କେଉଁଥିରୁ) **ନ ବିଭେତି ଇତି** (ଭୀତ ହୁଅନ୍ତି ନାହିଁ) ।

କିମ୍ (କାହିଁକି) **ଅହମ୍** (ମୁଁ) **ସାଧୁ** (ବିହିତ, ଉତ୍ତମ କର୍ମ) **ନ ଅକରବମ୍** (କଲି ନାହିଁ) **କିମ୍ ଅହମ୍ ପାପମ୍** (ପ୍ରତିଷିଦ୍ଧ, କୁକର୍ମ) **ଅକରବମ୍** (କରିଥିଲି)—**ଇତି** (ଏହିପ୍ରକାର ଅନୁତାପ) **ଏତମ୍ ହ ବାବ** (କେବଳ ଏହିପ୍ରକାର ଜ୍ଞାନୀକୁ) **ନ ତପତି** (ଉଦ୍ୱିଗ୍ନ କରେ ନାହିଁ) [କାହିଁକି ନା] **ୟଃ** (ଯିଏ) **ଏବମ୍ ବିଦ୍ୱାନ୍** (ଏହି ପ୍ରକାର ଜ୍ଞାନବାନ୍) **ସଃ** (ସେ) **ଏତେ** (ଏହି ପାପପୁଣ୍ୟ) [ରୂପୀ] **ଆତ୍ମାନମ୍** (ନିଜକୁ, ବ୍ରହ୍ମାନନ୍ଦକୁ) **ସ୍ପୃଣୁତେ** (ଆନନ୍ଦିତ କରନ୍ତି, ବଳବାନ୍ କରନ୍ତି) [ପାପପୁଣ୍ୟକୁ ଆତ୍ମା ସହିତ ଅଭିନ୍ନ ଜାଣି ସର୍ବାବସ୍ଥାରେ ଆନନ୍ଦ ଉପଭୋଗ କରନ୍ତି]; **ହି** (କାରଣ) **ୟଃ** (ଯିଏ) **ଏବମ୍ ବେଦ** (ଅଦ୍ୱୈତାନନ୍ଦ ବ୍ରହ୍ମଙ୍କୁ ଏହିପରି ଜାଣିଛନ୍ତି) **ଏଷଃ ଏବ** ([ସେହି] ଇଏ ହିଁ) **ଏତେ ଉଭେ** (ଏହି ଉଭୟାତ୍ମକ, ପାପପୁଣ୍ୟର ସ୍ୱରୂପଭୂତ) **ଆତ୍ମାନମ୍** (ନିଜକୁ, ବ୍ରହ୍ମାନନ୍ଦକୁ) **ସ୍ପୃଣୁତେ** (ଆନନ୍ଦିତ କରନ୍ତି) । **ଇତି ଉପନିଷତ୍** (ଏହା ହିଁ ପରମରହସ୍ୟ ବ୍ରହ୍ମବିଦ୍ୟା) । ୨/୯/୧

ଯେଉଁ ବ୍ରହ୍ମଙ୍କୁ ପ୍ରକାଶ କରିବାକୁ ଅକ୍ଷମ ହୋଇ ବିଷୟବିଜ୍ଞାନ-ସହ ନାମସକଳ ତାଙ୍କଠାରୁ ପ୍ରତିନିବୃତ୍ତ ହୁଏ, ସେହି ବ୍ରହ୍ମସମ୍ବନ୍ଧୀ ଆନନ୍ଦକୁ ଯିଏ ଜାଣନ୍ତି, ସେ ସର୍ବଭୟର କାରଣରୁ ମୁକ୍ତ ହୁଅନ୍ତି ।

"ମୁଁ କାହିଁକି ସତ୍‌କର୍ମ କଲି ନାହିଁ, କାହିଁକି ଅସତ୍‌କର୍ମ କରିଥିଲି"—ଏହି ପ୍ରକାର ଅନୁତାପ କେବଳ ଏପରି ଜ୍ଞାନୀଙ୍କୁ ହିଁ ଉଦ୍‌ବିଗ୍ନ କରନ୍ତି ନାହିଁ । ଯିଏ ଏହି ପ୍ରକାର ବ୍ରହ୍ମଜ୍ଞ ସେ ଏହି ପାପପୁଣ୍ୟର ସ୍ୱରୂପଭୂତ ଆତ୍ମାଙ୍କୁ ଆନନ୍ଦିତ କରନ୍ତି;

କାରଣ ଯିଏ ଏହିପରି ଜ୍ଞାନବାନ୍ ସେ ହିଁ ଉକ୍ତ ପୁଣ୍ୟ ଓ ପାପ ଉଭୟରୁ ଅଭିନ୍ନ ଆତ୍ମାଙ୍କୁ ଆନନ୍ଦିତ କରନ୍ତି ।[1] ଏହା ହିଁ ପରମରହସ୍ୟ ବ୍ରହ୍ମବିଦ୍ୟା । ୨/୯/୧

॥ ନବମ ଅନୁବାକ ସମାପ୍ତ ॥

॥ ବ୍ରହ୍ମାନନ୍ଦ ବଲ୍ଲୀ ସମାପ୍ତ ॥

ଶାନ୍ତିପାଠ

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈଃ ।
ତେଜସ୍ୱି ନାବଧୀତମସ୍ତୁ ମା ବିଦ୍ୱିଷାବହୈ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

---

1. ତାଙ୍କ ଦୃଷ୍ଟିରେ ଆତ୍ମାଠାରୁ ପୃଥକ୍ କୌଣସି ବସ୍ତୁର ସତ୍ତା ନାହିଁ । —ବୃ., ୪/୪/୨୨-୨୩ । **ଉଭେ ଏତେ ଆତ୍ମାନମ୍**=ଉଭୟ ହିଁ ସ୍ୱରୂପତଃ ଆତ୍ମା; ଉଭୟତ୍ୱ ମିଥ୍ୟା, ଆତ୍ମା ହିଁ ସତ୍ୟ । ପୁଣ୍ୟ ଓ ପାପ ରହିଛି ଏବଂ ପ୍ରକାଶ ପାଏ; ଏହି ସତ୍ତା ଓ ପ୍ରକାଶ ହିଁ ସେମାନଙ୍କ ସ୍ୱରୂପ । ତାହା ବ୍ୟତୀତ ଯାହାକିଛି ଲୋକଦୃଷ୍ଟିରେ ଅର୍ଥ-ଅନର୍ଥର ହେତୁଭୂତ ପାପପୁଣ୍ୟରୂପରେ ପ୍ରତିଭାତ ହୁଏ, ତାହା ମିଥ୍ୟା । ଅବିଦ୍ୟାଦଶାରେ ଯେଉଁ ଆତ୍ମା ପାପପୁଣ୍ୟରୂପେ ଅନୁଭୂତ ହୁଅନ୍ତି, ସେ ହିଁ ବିଦ୍ୟାବସ୍ଥାରେ ବ୍ରହ୍ମାନନ୍ଦରୂପେ ଉପଲବ୍ଧ ହୁଅନ୍ତି ।

ତୃତୀୟ ଅଧ୍ୟାୟ

ଭୃଗୁ ବଲ୍ଲୀ

ଶାନ୍ତିପାଠ

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈଃ ।
ତେଜସ୍ୱି ନାବଧୀତମସ୍ତୁ ମା ବିଦ୍ୱିଷାବହୈ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

[ବ୍ରହ୍ମ] **ନୌ** (ଆମମାନଙ୍କୁ [ଗୁରୁ-ଶିଷ୍ୟ] ଉଭୟଙ୍କୁ) **ସହ** (ତୁଲ୍ୟରୂପରେ) **ଅବତୁ** (ରକ୍ଷା କରନ୍ତୁ) **ନୌ** (ଉଭୟଙ୍କୁ) **ସହ** (ତୁଲ୍ୟରୂପରେ) **ଭୁନକ୍ତୁ** ([ବିଦ୍ୟାଫଳ] ଭୋଗ କରାନ୍ତୁ); **ସହ** (ତୁଲ୍ୟଭାବରେ) [ଆମେ ଯେପରି] **ବୀର୍ୟଂ** ([ବିଦ୍ୟା ନିମିତ୍ତ] ସାମର୍ଥ୍ୟ) **କରବାବହୈ** (ଲାଭ କରିପାରୁ); **ନୌ** (ଆମ ଉଭୟଙ୍କର) **ଅଧୀତମ୍** (ଲବ୍ଧବିଦ୍ୟା) **ତେଜସ୍ୱି** (ବୀର୍ଯ୍ୟଶାଳୀ, ତାତ୍ପର୍ଯ୍ୟର ପ୍ରକାଶକ) **ଅସ୍ତୁ** (ହେଉ); [ଆମେ ଯେପରି] **ମା ବିଦ୍ୱିଷାବହୈ** ([ପରସ୍ପରର ଅନ୍ୟାୟ ବା ପ୍ରମାଦ ହେତୁ] ପରସ୍ପର ପ୍ରତି ବିଦ୍ୱେଷଯୁକ୍ତ ନ ହେଉ) । **ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ** (ତ୍ରିବିଧ ବିଘ୍ନର[1] ବିନାଶ ହେଉ) ।

(ପରମାତ୍ମା) ଆମ ଉଭୟଙ୍କୁ ସମଭାବରେ ରକ୍ଷା କରନ୍ତୁ ଓ ଉଭୟଙ୍କୁ ତୁଲ୍ୟଭାବରେ ବିଦ୍ୟାଫଳ ଦାନ କରନ୍ତୁ । ଆମେ ଉଭୟ ଯେପରି ସମଭାବରେ (ବିଦ୍ୟାଲାଭର) ସାମର୍ଥ୍ୟ ଅର୍ଜନ କରିପାରୁ । ଆମ ଉଭୟଙ୍କ ଲବ୍ଧ ବିଦ୍ୟା ସଫଳ ହେଉ । ଆମେ ଯେପରି ପରସ୍ପରଙ୍କୁ ବିଦ୍ୱେଷ ନ କରୁ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

---

1. ତ୍ରିବିଧ ବିଘ୍ନର—ଅର୍ଥାତ୍ ଆଧ୍ୟାତ୍ମିକ (ଶାରୀରିକ ଓ ମାନସିକ ରୋଗ ଆଦି), ଆଧିଦୈବିକ (ଦୈବ ଓ ଝଞ୍ଝାବାତ୍ୟାଦି ପ୍ରାକୃତିକ ଦୁର୍ଘଟଣା) ଓ ଆଧିଭୌତିକ (ହିଂସ୍ର ପ୍ରାଣୀ ପ୍ରଭୃତିକୃତ ହିଂସାଦି) ବିଘ୍ନର ବିନାଶ ହେଉ ।

ପ୍ରଥମ ଅନୁବାକ

ଭୃଗୁର୍ବୈ ବାରୁଣିଃ । ବରୁଣଂ ପିତରମୁପସସାର । ଅଧୀହି ଭଗବୋ ବ୍ରହ୍ମେତି । ତସ୍ମା ଏତତ୍ପ୍ରୋବାଚ । ଅନ୍ନଂ ପ୍ରାଣଂ ଚକ୍ଷୁଃ ଶ୍ରୋତ୍ରଂ ମନୋ ବାଚମିତି । ତଂ ହୋବାଚ । ୟତୋ ବା ଇମାନି ଭୂତାନି ଜାୟନ୍ତେ । ୟେନ ଜାତାନି ଜୀବନ୍ତି । ୟତ୍ ପ୍ରୟନ୍ତ୍ୟଭିସଂବିଶନ୍ତି । ତଦ୍ବିଜିଜ୍ଞାସସ୍ୱ । ତଦ୍ବ୍ରହ୍ମେତି । ସ ତପୋଽତପ୍ୟତ । ସ ତପସ୍ତପ୍ତ୍ୱା ॥୧॥

ଇତି ପ୍ରଥମୋଽନୁବାକଃ ॥

[ଅତଃପର ବ୍ରହ୍ମବିଦ୍ୟାର ସାଧନ ତପସ୍ୟା ଏବଂ ଅନ୍ନାଦି-ବିଷୟକ ଉପାସନା ବର୍ଣ୍ଣିତ ହେଉଅଛି]—**ଭୃଗୁଃ ବୈ** (ଭୃଗୁ ନାମରେ ପ୍ରସିଦ୍ଧ) **ବାରୁଣିଃ** (ବରୁଣଙ୍କ ପୁତ୍ର)—**ଭଗବ** (ହେ ଭଗବନ୍) **ବ୍ରହ୍ମ** (ବ୍ରହ୍ମ) **ଅଧୀହି** (=**ଅଧାପୟ**; ଅଧ୍ୟାପନା କରନ୍ତୁ, ବ୍ୟାଖ୍ୟା କରନ୍ତୁ)—**ଇତି** (ଏହି ମନ୍ତ୍ର ଉଚ୍ଚାରଣ କରି) **ପିତରମ୍** (ପିତା) **ବରୁଣମ୍ ଉପସସାର** (ବରୁଣଙ୍କ ସମୀପରେ ଉପସ୍ଥିତ ହେଲେ) । [ପିତା] **ତସ୍ମୈ** (ପୁତ୍ରଙ୍କ ପ୍ରତି) **ଏତତ୍** (ଏହି କଥା) **ପ୍ରୋବାଚ** (ଉପଦେଶ କଲେ)—**ଅନ୍ନମ୍** (ଅନ୍ନମୟ ଶରୀର) **ପ୍ରାଣମ୍** (ପ୍ରାଣ) **ଚକ୍ଷୁଃ** (ନୟନ) **ଶ୍ରୋତ୍ରମ୍** (କର୍ଣ୍ଣ) **ମନଃ** (ଅନ୍ତଃକରଣ) **ବାଚମ୍** (ବାଗିନ୍ଦ୍ରିୟ) **ଇତି** (ଏହି ସକଳ [ବ୍ରହ୍ମୋପଲବ୍ଧିର ଦ୍ୱାରସମୂହ କହିଲେ]) । **ତମ୍** (ସେହି ଭୃଗୁଙ୍କୁ) **ଉବାଚ ହ** (ଆହୁରି କହିଲେ)—**ୟତଃ ବୈ** (ଯାହାଙ୍କଠାରୁ) **ଇମାନି** (ଏହି ସମୁଦାୟ) **ଭୂତାନି** (ସ୍ତମ୍ବଠାରୁ ବ୍ରହ୍ମ ପର୍ଯ୍ୟନ୍ତ ସର୍ବଭୂତ) **ଜାୟନ୍ତେ** (ଜାତ ହୁଅନ୍ତି) **ଜାତାନି** (ଜାତ ହୋଇ) **ୟେନ** (ଯାହାଙ୍କ ଦ୍ୱାରା) **ଜୀବନ୍ତି** (ଜୀବନ ଧାରଣ କରନ୍ତି, ବର୍ଦ୍ଧିତ ହୁଅନ୍ତି) **ୟତ୍ ପ୍ରୟନ୍ତି** ([ବିନାଶ କାଳେ] ଯେଉଁଥିରେ ଗମନ କରନ୍ତି) **ଅଭିସଂବିଶନ୍ତି** (ପ୍ରବେଶ କରିଥାଆନ୍ତି ଅର୍ଥାତ୍ ବିଲୀନ ହୁଅନ୍ତି ବା ତାଦାତ୍ମ୍ୟ ପ୍ରାପ୍ତ ହୁଅନ୍ତି) **ତତ୍** (ତାହାଙ୍କୁ ହିଁ) **ବିଜିଜ୍ଞାସସ୍ୱ** (ବିଶେଷରୂପେ ଜାଣିବାକୁ ଇଚ୍ଛୁକ ହୁଅ) **ତତ୍** (ସେ) **ବ୍ରହ୍ମ ଇତି** (ବ୍ରହ୍ମ) [ଏହା ବ୍ରହ୍ମର ଲକ୍ଷଣ] । **ସଃ** (ସେ, ଭୃଗୁ) **ତପଃ ଅତପ୍ୟତ** ([ତପସ୍ୟା ହିଁ ଶ୍ରେଷ୍ଠସାଧନ ଜାଣି] ତପସ୍ୟାନୁଷ୍ଠାନ କଲେ) । **ସଃ** (ସେ) **ତପଃ ତପ୍ତ୍ୱା** (ତପଶ୍ଚର୍ଯ୍ୟା କରି)— । ୩/୧/୧

"ହେ ଭଗବନ୍, ମୋତେ ବ୍ରହ୍ମୋପଦେଶ କରନ୍ତୁ"—ଏହି କଥା କହି ଭୃଗୁନାମରେ ପ୍ରସିଦ୍ଧ ବରୁଣପୁତ୍ର ପିତା ବରୁଣଙ୍କ ସମୀପରେ ଉପସ୍ଥିତ ହେଲେ । ପିତା ତାହାଙ୍କୁ କହିଲେ—"ଶରୀର, ପ୍ରାଣ, ଚକ୍ଷୁ, କର୍ଣ୍ଣ, ମନ, ବାକ୍—ଏମାନେ ହିଁ (ବ୍ରହ୍ମୋପଲବ୍ଧିର ଦ୍ୱାର)[1] ।" (ଅନନ୍ତର) ଆହୁରି କହିଲେ—ଯାହାଙ୍କଠାରୁ ଏହି ଅଖିଳ ଭୂତଗଣ ଉତ୍ପନ୍ନ ହୁଅନ୍ତି, ଉତ୍ପନ୍ନ ହୋଇ ଯଦ୍ଦ୍ୱାରା ବର୍ଦ୍ଧିତ ହୁଅନ୍ତି ଏବଂ ବିନାଶକାଳରେ ଯାହାଙ୍କଠାରେ ଗମନ କରନ୍ତି ଓ ଯାହାଙ୍କଠାରେ ବିଲୀନ ହୁଅନ୍ତି[2], ତାହାଙ୍କୁ ହିଁ ଜାଣିବାକୁ ଇଚ୍ଛୁକ ହୁଅ; ସେ ହିଁ ବ୍ରହ୍ମ ।" ଭୃଗୁ ତପସ୍ୟାନୁଷ୍ଠାନ[3] କଲେ ଏବଂ ତପଶ୍ଚର୍ଯ୍ୟା କରି— ୩/୧/୧

॥ ପ୍ରଥମ ଅନୁବାକ ସମାପ୍ତ ॥

ଦ୍ୱିତୀୟ ଅନୁବାକ

ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍ । ଅନ୍ନାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ । ଅନ୍ନେନ ଜାତାନି ଜୀବନ୍ତି । ଅନ୍ନଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି । ତଦ୍ୱିଜ୍ଞାୟ । ପୁନରେବ ବରୁଣଂ ପିତରମୁପସସାର । ଅଧୀହି ଭଗବୋ ବ୍ରହ୍ମେତି । ତଂ ହୋବାଚ । ତପସା ବ୍ରହ୍ମ ବିଜିଜ୍ଞାସସ୍ୱ । ତପୋ ବ୍ରହ୍ମେତି । ସ ତପୋଽତପ୍ୟତ । ସ ତପସ୍ତପ୍ତ୍ୱା— ॥୧॥

ଇତି ଦ୍ୱିତୀୟୋଽନୁବାକଃ ॥

---

1. ବ୍ରହ୍ମାତ୍ମୈକ୍ୟ-ଉପଲବ୍ଧି ପାଇଁ ତତ୍ ତ୍ୱମ୍ ଅସି=ତୁମେ ହିଁ ସେହି—ଏହି ମହାବାକ୍ୟର ଅର୍ଥ ଅନୁଧାବନ କରିବାକୁ ହେବ । ତ୍ୱମ୍ ପଦାର୍ଥ ବିବେକର (ଅର୍ଥାତ୍ ଶରୀରାଦିରୁ ପୃଥକ୍‌ରୂପେ ଉପଲବ୍ଧି କରିବାର) ଉପାୟଭୂତ ଶରୀରାଦିକୁ ହିଁ ଏଠାରେ ଦ୍ୱାର କୁହାହେଲା । ସାକ୍ଷୀଚୈତନ୍ୟ ବ୍ୟତୀତ ଶରୀରାଦିର ଚେଷ୍ଟା ଅସମ୍ଭବ, ଅତଏବ ଶରୀରାଦିର ଅଧିଷ୍ଠାତା ଚୈତନ୍ୟ ସେମାନଙ୍କଠାରୁ ପୃଥକ୍—ଏହିପରି ସାକ୍ଷୀସ୍ୱରୂପ ଚୈତନ୍ୟର ବିବେକ କରିବାକୁ ହୁଏ ।

2. ତତ୍-ପଦାର୍ଥର ଲକ୍ଷଣ କୁହାହେଲା । ବ୍ର. ସୂ., ୧/୧/୨

3. ତପସ୍ୟା=ତତ୍ତ୍ୱମସି ବାକ୍ୟର ଅର୍ଥ ଅନୁଭୂତ ନ ହେବା ପର୍ଯ୍ୟନ୍ତ ଉଭୟ ପଦର ଲକ୍ଷିତ ଅର୍ଥର ବିଚାରର ପୁନଃପୁନଃ ଆବୃତ୍ତି ।

ମନସଶ୍ଚେନ୍ଦ୍ରିୟାଣାଞ୍ଚୈକାଗ୍ର୍ୟଂ ପରମଂ ତପଃ ।
ତଜ୍ଜ୍ୟାୟଃ ସର୍ବଧର୍ମେଭ୍ୟଃ ସ ଧର୍ମଃ ପର ଉଚ୍ୟତେ ॥ —ମହା. ଶାନ୍ତି ପର୍ବ ୨୫୦/୪

ଅନ୍ନମ୍ (ସ୍ଥୂଳଦେହର କାରଣ ବିରାଟ୍-ନାମକ ଭୂତପଞ୍ଚକ) **ବ୍ରହ୍ମ** (ବ୍ରହ୍ମ) **ଇତି** (ଏହା) **ବ୍ୟଜ୍ଞାନାତ୍** (ବିଦିତ ହେଲେ—[ପ୍ର., ୧/୫]); **ହି** (କାରଣ) **ଅନ୍ନାତ୍ ଏବ ଖଲୁ** (ଅନ୍ନରୁ ହିଁ) **ଇମାନି** (ଏହି ସମୁଦାୟ) **ଭୂତାନି** (ଭୂତଗଣ) **ଜାୟନ୍ତେ** (ଜାତ ହୁଅନ୍ତି) **ଜାତାନି** (ଜାତ ହୋଇ) **ଅନ୍ନେନ** (ଅନ୍ନ ଦ୍ୱାରା) **ଜୀବନ୍ତି** (ଜୀବନ ଧାରଣ କରନ୍ତି); [ବିନାଶକାଳେ] **ଅନ୍ନମ୍** (ଅନ୍ନକୁ) **ପ୍ରୟନ୍ତି** (ଗମନ କରନ୍ତି) **ଅଭିସଂବିଶନ୍ତି ଇତି** (ବିଲୀନ ହୁଅନ୍ତି) । **ତତ୍** (ତାହାକୁ, ଅନ୍ନବ୍ରହ୍ମକୁ) **ବିଜ୍ଞାୟ** (ବିଶେଷରୂପରେ ଜାଣି) **ପୁନଃ ଏବ** (ପୁନର୍ବାର) [ଭୃଗୁ] **ଭଗବ** (ହେ ଭଗବନ୍) **ବ୍ରହ୍ମ** (ବ୍ରହ୍ମ) **ଅଧୀହି** (ବ୍ୟାଖ୍ୟା କରନ୍ତୁ)—**ଇତି** (ଏହି ମନ୍ତ୍ର ଉଚ୍ଚାରଣ କରି) **ପିତରମ୍** (ପିତା) **ବରୁଣମ୍ ଉପସସାର** (ବରୁଣଙ୍କ ସମୀପରେ ଉପସ୍ଥିତ ହେଲେ) । [ପିତା] **ତମ୍** (ସେହି ଭୃଗୁଙ୍କୁ) **ଉବାଚ ହ** (ପୁଣି କହିଲେ) **ତପସା** (ତପସ୍ୟା ଦ୍ୱାରା) **ବ୍ରହ୍ମ ବିଜିଜ୍ଞାସସ୍ୱ** (ବ୍ରହ୍ମଙ୍କୁ ଜାଣିବାକୁ ଇଚ୍ଛୁକ ହୁଅ) [ପ୍ର., ୧/୨], **ତପଃ ବ୍ରହ୍ମ ଇତି** (ତପସ୍ୟା ହିଁ ବ୍ରହ୍ମ) **ସଃ** (ସେ) **ତପଃ ଅତପ୍ୟତ** (ତପସ୍ୟାନୁଷ୍ଠାନ କଲେ) । **ସଃ** (ସେ) **ତପଃ ତପ୍ତ୍ୱା** (ତପଶ୍ଚର୍ଯ୍ୟା କରି)— । ୩/୨/୧

—ଅନ୍ନ ହିଁ ବ୍ରହ୍ମ ଏହା ଜାଣିଲେ । କାରଣ ଏହା ପ୍ରସିଦ୍ଧ ଯେ, ଅନ୍ନରୁ ହିଁ ଅଖିଳ ଭୂତଗଣ ଜାତ ହୁଅନ୍ତି, ଜାତ ହୋଇ ଅନ୍ନ ଦ୍ୱାରା ହିଁ ଜୀବନ ଧାରଣ କରନ୍ତି ଏବଂ (ବିନାଶକାଳେ) ଅନ୍ନାଭିମୁଖେ ପ୍ରତିଗମନ କରନ୍ତି ଓ ଅନ୍ନରେ ବିଲୀନ ହୁଅନ୍ତି । ତାହାକୁ ବିଶେଷରୂପରେ ଜାଣି[1] ସେ ପୁନର୍ବାର ପିତା ବରୁଣଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ—"ହେ ଭଗବନ୍, ମୋତେ ବ୍ରହ୍ମୋପଦେଶ କରନ୍ତୁ ।" ବରୁଣ ତାହାଙ୍କୁ କହିଲେ— "ତପସ୍ୟା ସହାୟରେ ବ୍ରହ୍ମଙ୍କୁ ବିଶେଷରୂପେ ଜାଣିବାକୁ ଇଚ୍ଛା କର, ତପସ୍ୟା ହିଁ ବ୍ରହ୍ମ ।" ଭୃଗୁ ତପସ୍ୟା ଅନୁଷ୍ଠାନ କଲେ । ସେ ତପଶ୍ଚର୍ଯ୍ୟା କରି— ॥ ୩/୨/୧

॥ ଦ୍ୱିତୀୟ ଅନୁବାକ ସମାପ୍ତ ॥

---

1. ଭୃଗୁ ଦେଖିଲେ ଯେ, ଅନ୍ନର ଉତ୍ପତ୍ତି-ବିନାଶାଦି ଅଛି, ଅତଏବ ତାହା ବ୍ରହ୍ମ ନୁହେଁ ।

ତୃତୀୟ ଅନୁବାକ

ପ୍ରାଣୋ ବ୍ରହ୍ମେତି ବ୍ୟଜାନାତ୍ । ପ୍ରାଣାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ । ପ୍ରାଣେନ ଜାତାନି ଜୀବନ୍ତି । ପ୍ରାଣଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି । ତଦ୍ୱିଜ୍ଞାୟ । ପୁନରେବ ବରୁଣଂ ପିତରମୁପସସାର । ଅଧୀହି ଭଗବୋ ବ୍ରହ୍ମେତି । ତଂ ହୋବାଚ । ତପସା ବ୍ରହ୍ମ ବିଜିଜ୍ଞାସସ୍ୱ । ତପୋ ବ୍ରହ୍ମେତି । ସ ତପୋଽତପ୍ୟତ । ସ ତପସ୍ତପ୍ତ୍ୱା ॥୧॥

ଇତି ତୃତୀୟୋଽନୁବାକଃ ॥

ପ୍ରାଣଃ (ପ୍ରାଣ, ବିରାଟ୍‌ର କାରଣ କ୍ରିୟାଶକ୍ତିବିଶିଷ୍ଟ ହିରଣ୍ୟଗର୍ଭ) **ବ୍ରହ୍ମ** (ବ୍ରହ୍ମ) **ଇତି** (ଏହା) **ବ୍ୟଜାନାତ୍** (ଜାଣିଲେ) [ପ୍ର., ୩/୧୨], **ହି** (କାରଣ) **ପ୍ରାଣାତ୍ ଏବ ଖଲୁ** (ପ୍ରାଣରୁ ହିଁ) **ଇମାନି** (ଏହି ସମୁଦାୟ) **ଭୂତାନି** (ଭୂତଗଣ) **ଜାୟନ୍ତେ** (ଜାତ ହୁଅନ୍ତି) **ଜାତାନି** (ଜାତ ହୋଇ) **ପ୍ରାଣେନ** (ପ୍ରାଣ ଦ୍ୱାରା) **ଜୀବନ୍ତି** (ଜୀବନ ଧାରଣ କରନ୍ତି); [ବିନାଶକାଳେ] **ପ୍ରାଣମ୍** (ପ୍ରାଣକୁ) **ପ୍ରୟନ୍ତି** (ଗମନ କରନ୍ତି) **ଅଭିସଂବିଶନ୍ତି ଇତି** (ବିଲୀନ ହୁଅନ୍ତି) । **ତତ୍** (ତାହାକୁ, ପ୍ରାଣବ୍ରହ୍ମକୁ) **ବିଜ୍ଞାୟ** (ବିଶେଷରୂପରେ ଜାଣି) **ପୁନଃ ଏବ** (ପୁନର୍ବାର) [ଭୃଗୁ] **ଭଗବ** (ହେ ଭଗବନ୍) **ବ୍ରହ୍ମ** (ବ୍ରହ୍ମ) **ଅଧୀହି** (ବ୍ୟାଖ୍ୟା କରନ୍ତୁ)—**ଇତି** (ଏହି ମନ୍ତ୍ର ଉଚ୍ଚାରଣ କରି) **ପିତରମ୍** (ପିତା) **ବରୁଣମ୍ ଉପସସାର** (ବରୁଣଙ୍କ ସମୀପରେ ଉପସ୍ଥିତ ହେଲେ) । [ପିତା] **ତମ୍** (ସେହି ଭୃଗୁଙ୍କୁ) **ଉବାଚ ହ** (ପୁଣି କହିଲେ) **ତପସା** (ତପସ୍ୟା ଦ୍ୱାରା) **ବ୍ରହ୍ମ ବିଜିଜ୍ଞାସସ୍ୱ** (ବ୍ରହ୍ମଙ୍କୁ ଜାଣିବାକୁ ଇଚ୍ଛୁକ ହୁଅ) **ତପଃ ବ୍ରହ୍ମ ଇତି** (ତପସ୍ୟା ହିଁ ବ୍ରହ୍ମ) **ସଃ** (ସେ) **ତପଃ ଅତପ୍ୟତ** (ତପସ୍ୟାନୁଷ୍ଠାନ କଲେ) । **ସଃ** (ସେ) **ତପଃ ତପ୍ତ୍ୱା** (ତପଶ୍ଚର୍ଯ୍ୟା କରି)— । ୩/୩/୧

—ପ୍ରାଣ ହିଁ ବ୍ରହ୍ମ ଏହା ଜାଣିଲେ । କାରଣ ପ୍ରାଣରୁ ହିଁ ଏହି ଭୂତଗଣ ଉତ୍ପନ୍ନ ହୁଅନ୍ତି, ଉତ୍ପନ୍ନ ହୋଇ ପ୍ରାଣ ଦ୍ୱାରା ବର୍ଦ୍ଧିତ ହୁଅନ୍ତି ଏବଂ ଅବଶେଷରେ ପ୍ରାଣାଭିମୁଖେ ଗମନ କରି ପ୍ରାଣରେ ବିଲୀନ ହୁଅନ୍ତି । ତାହାକୁ ବିଶେଷରୂପରେ ଜାଣି[1] ସେ ପୁନର୍ବାର ପିତା ବରୁଣଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ—"ହେ ଭଗବନ୍, ମୋତେ ବ୍ରହ୍ମୋପଦେଶ ଦିଅନ୍ତୁ ।" ବରୁଣ ତାହାଙ୍କୁ କହିଲେ—"ତପସ୍ୟା

1. ଭୃଗୁ ଦେଖିଲେ, ପ୍ରାଣ କ୍ରିୟାତ୍ମକ ଓ ପରିଣାମୀ; ଅତଏବ ତାହା ବ୍ରହ୍ମ ନୁହେଁ ।

ସହାୟରେ ବ୍ରହ୍ମଙ୍କୁ ବିଶେଷ ରୂପେ ଜାଣିବାକୁ ଇଚ୍ଛା କର । ତପସ୍ୟା ହିଁ ବ୍ରହ୍ମ ।" ଭୃଗୁ ତପସ୍ୟାନୁଷ୍ଠାନ କଲେ । ସେ ତପଶ୍ଚର୍ଯ୍ୟା କରି— । ୩/୩/୧

॥ ତୃତୀୟ ଅନୁବାକ ସମାପ୍ତ ॥

ଚତୁର୍ଥ ଅନୁବାକ

ମନୋ ବ୍ରହ୍ମେତି ବ୍ୟଜାନାତ୍ । ମନସୋ ହ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ । ମନସା ଜାତାନି ଜୀବନ୍ତି । ମନଃ ପ୍ରୟନ୍ତ୍ୟଭିସଂବିଶନ୍ତୀତି । ତଦ୍ୱିଜ୍ଞାୟ । ପୁନରେବ ବରୁଣଂ ପିତରମୁପସସାର । ଅଧୀହି ଭଗବୋ ବ୍ରହ୍ମେତି । ତଂ ହୋବାଚ । ତପସା ବ୍ରହ୍ମ ବିଜିଜ୍ଞାସସ୍ୱ । ତପୋ ବ୍ରହ୍ମେତି । ସ ତପୋଽତପ୍ୟତ । ସ ତପସ୍ତପ୍ତ୍ୱା ॥୧॥

ଇତି ଚତୁର୍ଥୋଽନୁବାକଃ ॥

ମନଃ (ମନ, ସଂକଳ୍ପଶକ୍ତିବିଶିଷ୍ଟ ହିରଣ୍ୟଗର୍ଭ) **ବ୍ରହ୍ମ** (ବ୍ରହ୍ମ) **ଇତି** (ଏହା) **ବ୍ୟଜାନାତ୍** (ଜାଣିଲେ) **ହି** (କାରଣ) **ମନସଃ ଏବ ଖଲୁ** (ମନରୁ ହିଁ) **ଇମାନି** (ଏହି ସମୁଦାୟ) **ଭୂତାନି** (ଭୂତଗଣ) **ଜାୟନ୍ତେ** (ଜାତ ହୁଅନ୍ତି) **ଜାତାନି** (ଜାତ ହୋଇ) **ମନସା** (ମନ ଦ୍ୱାରା) **ଜୀବନ୍ତି** (ଜୀବନ ଧାରଣ କରନ୍ତି); [ବିନାଶକାଳେ] **ମନଃ** (ମନକୁ) **ପ୍ରୟନ୍ତି** (ପ୍ରତିଗମନ କରନ୍ତି) **ଅଭିସଂବିଶନ୍ତି ଇତି** (ବିଲୀନ ହୁଅନ୍ତି) । **ତତ୍** (ତାହାକୁ, ମନୋବ୍ରହ୍ମକୁ) **ବିଜ୍ଞାୟ** (ବିଶେଷରୂପରେ ଜାଣି) **ପୁନଃ ଏବ** (ପୁନର୍ବାର)[ଭୃଗୁ] **ଭଗବ** (ହେ ଭଗବନ୍) **ବ୍ରହ୍ମ** (ବ୍ରହ୍ମ) **ଅଧୀହି** (ବ୍ୟାଖ୍ୟା କରନ୍ତୁ)—**ଇତି** (ଏହି ମନ୍ତ୍ର ଉଚ୍ଚାରଣ କରି) **ପିତରମ୍** (ପିତା) **ବରୁଣମ୍ ଉପସସାର** (ବରୁଣଙ୍କ ସମୀପରେ ଉପସ୍ଥିତ ହେଲେ) । [ପିତା] **ତମ୍** (ସେହି ଭୃଗୁଙ୍କୁ) **ଉବାଚ ହ** (ପୁଣି କହିଲେ) **ତପସା** (ତପସ୍ୟା ଦ୍ୱାରା) **ବ୍ରହ୍ମ ବିଜିଜ୍ଞାସସ୍ୱ** (ବ୍ରହ୍ମଙ୍କୁ ଜାଣିବାକୁ ଇଚ୍ଛୁକ ହୁଅ) **ତପଃ ବ୍ରହ୍ମ ଇତି** (ତପସ୍ୟା ହିଁ ବ୍ରହ୍ମ) **ସଃ** (ସେ) **ତପଃ ଅତପ୍ୟତ** (ତପସ୍ୟାନୁଷ୍ଠାନ କଲେ) । **ସଃ** (ସେ) **ତପଃ ତପ୍ତ୍ୱା** (ତପଶ୍ଚର୍ଯ୍ୟା କରି)— । ୩/୪/୧

ମନ ହିଁ ବ୍ରହ୍ମ ଏହା ଜାଣିଲେ । କାରଣ ମନରୁ ହିଁ ଏହି ସମୁଦାୟ ଭୂତଗଣ ଜାତ ହୁଅନ୍ତି, ଜାତ ହୋଇ ମନ ଦ୍ୱାରା ହିଁ ବର୍ଦ୍ଧିତ ହୁଅନ୍ତି ଏବଂ ବିନାଶକାଳେ ମନ ଅଭିମୁଖେ ପ୍ରତିଗମନ କରନ୍ତି ଓ ମନରେ ହିଁ ବିଲୀନ ହୁଅନ୍ତି । ତାହାକୁ ବିଶେଷରୂପରେ ଜାଣି[1] ଭୃଗୁ ପୁନର୍ବାର ପିତା ବରୁଣଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ—"ହେ ଭଗବନ୍, ମୋତେ ବ୍ରହ୍ମ ସମ୍ବନ୍ଧରେ ଉପଦେଶ କରନ୍ତୁ ।" ବରୁଣ ତାହାଙ୍କୁ କହିଲେ—"ତପସ୍ୟା ସହାୟରେ ବ୍ରହ୍ମଙ୍କୁ ଜାଣିବାକୁ ଇଚ୍ଛା କର । ତପସ୍ୟା ହିଁ ବ୍ରହ୍ମ ।" ସେ ତପସ୍ୟାନୁଷ୍ଠାନ କଲେ । ସେ ତପଶ୍ଚର୍ଯ୍ୟା କରି— । ୩/୪/୧

॥ ଚତୁର୍ଥ ଅନୁବାକ ସମାପ୍ତ ॥

ପଞ୍ଚମ ଅନୁବାକ

ବିଜ୍ଞାନଂ ବ୍ରହ୍ମେତି ବ୍ୟଜାନାତ୍ । ବିଜ୍ଞାନାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ । ବିଜ୍ଞାନେନ ଜାତାନି ଜୀବନ୍ତି । ବିଜ୍ଞାନଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି । ତଦ୍‌ବିଜ୍ଞାୟ । ପୁନରେବ ବରୁଣଂ ପିତରମୁପସସାର । ଅଧୀହି ଭଗବୋ ବ୍ରହ୍ମେତି । ତଂ ହୋବାଚ । ତପସା ବ୍ରହ୍ମ ବିଜିଜ୍ଞାସସ୍ୱ । ତପୋ ବ୍ରହ୍ମେତି । ସ ତପୋଽତପ୍ୟତ । ସ ତପସ୍ତପ୍ତ୍ୱା ॥୧॥

ଇତି ପଞ୍ଚମୋଽନୁବାକଃ ॥

ବିଜ୍ଞାନମ୍ (ବିଜ୍ଞାନ, ଅଧ୍ୟବସାୟ-ଶକ୍ତିବିଶିଷ୍ଟ ହିରଣ୍ୟଗର୍ଭ) **ବ୍ରହ୍ମ** (ବ୍ରହ୍ମ) **ଇତି** (ଏହା) **ବ୍ୟଜାନାତ୍** (ଜାଣିଲେ) **ହି** (କାରଣ) **ବିଜ୍ଞାନାତ୍ ଏବ ଖଲୁ** (ବିଜ୍ଞାନରୁ ହିଁ) **ଇମାନି** (ଏହି ସମୁଦାୟ) **ଭୂତାନି** (ଭୂତଗଣ) **ଜାୟନ୍ତେ** (ଜାତ ହୁଅନ୍ତି) **ଜାତାନି** (ଜାତ ହୋଇ) **ବିଜ୍ଞାନେନ** (ବିଜ୍ଞାନ ଦ୍ୱାରା) **ଜୀବନ୍ତି** (ଜୀବନ ଧାରଣ କରନ୍ତି); [ବିନାଶକାଳେ] **ବିଜ୍ଞାନମ୍** (ବିଜ୍ଞାନକୁ) **ପ୍ରୟନ୍ତି** (ପ୍ରତିଗମନ କରନ୍ତି) **ଅଭିସଂବିଶନ୍ତି ଇତି** (ବିଲୀନ ହୁଅନ୍ତି) । **ତତ୍** (ତାହାକୁ, ବିଜ୍ଞାନବ୍ରହ୍ମକୁ) **ବିଜ୍ଞାୟ** (ବିଶେଷରୂପରେ ଜାଣି) **ପୁନଃ ଏବ** (ପୁନର୍ବାର) [ଭୃଗୁ] **ଭଗବ** (ହେ ଭଗବନ୍) **ବ୍ରହ୍ମ** (ବ୍ରହ୍ମ) **ଅଧୀହି** (ବ୍ୟାଖ୍ୟା କରନ୍ତୁ)—**ଇତି** (ଏହି ମନ୍ତ୍ର ଉଚ୍ଚାରଣ କରି) **ପିତରମ୍** (ପିତା) **ବରୁଣମ୍**

---

1. ଭୃଗୁ ଦେଖିଲେ, ମନ ଅନିଷ୍ଟୟାତ୍ମକ; ଅତଏବ ତାହା ବ୍ରହ୍ମ ନୁହେଁ ।

ଉପସସାର (ବରୁଣଙ୍କ ସମୀପରେ ଉପସ୍ଥିତ ହେଲେ) । [ପିତା] **ତମ୍** (ସେହି ଭୃଗୁଙ୍କୁ) **ଉବାଚ ହ** (ପୁଣି କହିଲେ) **ତପସା** (ତପସ୍ୟା ଦ୍ୱାରା) **ବ୍ରହ୍ମ ବିଜିଜ୍ଞାସସ୍ୱ** (ବ୍ରହ୍ମଙ୍କୁ ଜାଣିବାକୁ ଇଚ୍ଛୁକ ହୁଅ) **ତପଃ ବ୍ରହ୍ମ ଇତି** (ତପସ୍ୟା ହିଁ ବ୍ରହ୍ମ) **ସଃ** (ସେ) **ତପଃ ଅତପ୍ୟତ** (ତପସ୍ୟାନୁଷ୍ଠାନ କଲେ) । **ସଃ** (ସେ) **ତପଃ ତପ୍ତ୍ୱା** (ତପଶ୍ଚର୍ଯ୍ୟା କରି)— । ୩/୫/୧

—ବିଜ୍ଞାନ ହିଁ ବ୍ରହ୍ମ ଏହା ଜାଣିଲେ । କାରଣ ବିଜ୍ଞାନରୁ ହିଁ ଏହି ଭୂତବର୍ଗ ଉତ୍ପନ୍ନ ହୁଅନ୍ତି, ଉତ୍ପନ୍ନ ହୋଇ ବିଜ୍ଞାନ ଦ୍ୱାରା ହିଁ ବର୍ଦ୍ଧିତ ହୁଅନ୍ତି, ଏବଂ ବିନାଶକାଳେ ବିଜ୍ଞାନ ଅଭିମୁଖରେ ପ୍ରତିଗମନ କରନ୍ତି ଓ ବିଜ୍ଞାନରେ ହିଁ ବିଲୀନ ହୁଅନ୍ତି । ତାହାକୁ ବିଶେଷରୂପରେ ଜାଣି[1] ଭୃଗୁ ପୁନର୍ବାର ପିତା ବରୁଣଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ—"ହେ ଭଗବନ୍, ମୋତେ ବ୍ରହ୍ମ ସମ୍ବନ୍ଧରେ ଉପଦେଶ ଦିଅନ୍ତୁ ।" ବରୁଣ ତାହାଙ୍କୁ କହିଲେ, "ତପସ୍ୟା ସହାୟରେ ବ୍ରହ୍ମଙ୍କୁ ଜାଣିବାକୁ ଇଚ୍ଛା କର । ତପସ୍ୟା ହିଁ ବ୍ରହ୍ମ ।" ସେ ତପସ୍ୟାନୁଷ୍ଠାନ କଲେ[2] । ସେ ତପଶ୍ଚର୍ଯ୍ୟା କରି—। ୩/୫/୧

॥ ପଞ୍ଚମ ଅନୁବାକ ସମାପ୍ତ ॥

ଷଷ୍ଠ ଅନୁବାକ

ଆନନ୍ଦୋ ବ୍ରହ୍ମେତି ବ୍ୟଜାନାତ୍ । ଆନନ୍ଦାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ । ଆନନ୍ଦେନ ଜାତାନି ଜୀବନ୍ତି । ଆନନ୍ଦଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି । ସୈଷା ଭାର୍ଗବୀ ବାରୁଣୀ ବିଦ୍ୟା । ପରମେ ବ୍ୟୋମନ୍‌ପ୍ରତିଷ୍ଠିତା । ସ ୟ ଏବଂ ବେଦ ପ୍ରତିତିଷ୍ଠତି । ଅନ୍ନବାନନ୍ନାଦୋ ଭବତି । ମହାନ୍ ଭବତି ପ୍ରଜୟା ପଶୁଭିର୍ବ୍ରହ୍ମବର୍ଚସେନ । ମହାନ୍ କୀର୍ତ୍ୟା ॥୧॥

ଇତି ଷଷ୍ଠୋଽନୁବାକଃ ॥

ଆନନ୍ଦଃ (ଆନନ୍ଦ, ଯିଏ ସତ୍ୟ, ଜ୍ଞାନ, ଅନନ୍ତ ବୋଲି ବ୍ୟାଖ୍ୟାତ ହୋଇଛନ୍ତି [୨/୧/୧]) **ବ୍ରହ୍ମ** (ବ୍ରହ୍ମ) **ଇତି** (ଏହା) **ବ୍ୟଜାନାତ୍** (ଜାଣିଲେ) **ହି** (କାରଣ)

1. ସୁଖଦୁଃଖର ଅନୁଭୂତି ମଧ୍ୟ ବିଜ୍ଞାନର ଅନ୍ତର୍ଭୁକ୍ତ, ଅତଏବ ତାହା ବ୍ରହ୍ମ ନୁହେଁ ।

2. ଜିଜ୍ଞାସୁ ପକ୍ଷରେ ଭୃଗୁଙ୍କ ସଦୃଶ ତପସ୍ୟା କରିବା ଉଚିତ୍; କାରଣ ତାହା ବ୍ରହ୍ମଲାଭର ଉପାୟ, ଏହା ହିଁ ଆଖ୍ୟାୟିକାର ମର୍ମାର୍ଥ ।

ଆନନ୍ଦାତ୍ ଏବ ଖଲୁ (ଆନନ୍ଦରୁ ହିଁ) **ଇମାନି** (ଏହି ସମୁଦାୟ) **ଭୂତାନି** (ଭୂତଗଣ) **ଜାୟନ୍ତେ** (ଜାତ ହୁଅନ୍ତି) **ଜାତାନି** (ଜାତ ହୋଇ) **ଆନନ୍ଦେନ** (ଆନନ୍ଦ ଦ୍ୱାରା) **ଜୀବନ୍ତି** (ଜୀବନ ଧାରଣ କରନ୍ତି); [ବିନାଶକାଳେ] **ଆନନ୍ଦମ୍** (ଆନନ୍ଦକୁ) **ପ୍ରୟନ୍ତି** (ପ୍ରତିଗମନ କରନ୍ତି) **ଅଭିସଂବିଶନ୍ତି ଇତି** (ବିଲୀନ ହୁଅନ୍ତି) । **ସା ଏଷା** (ଏହି ସେହି) **ଭାର୍ଗବୀ** (ଭୃଗୁଙ୍କ ଦ୍ୱାରା ସୁବିଦିତ) **ବାରୁଣୀ** (ବରୁଣଙ୍କ ଦ୍ୱାରା ପ୍ରୋକ୍ତ) **ବିଦ୍ୟା** (ବିଦ୍ୟା) [ଅନ୍ନମୟରୁ ଆରମ୍ଭ କରି] **ପରମେ ବ୍ୟୋମନ୍** ([ହୃଦୟାକାଶଗୁହାରେ ଅବସ୍ଥିତ] ପରମାନନ୍ଦରେ) **ପ୍ରତିଷ୍ଠିତା** (ପରିସମାପ୍ତ) । **ୟଃ** (ଯେକେହି) **ଏବମ୍ ବେଦ** ([ତପସ୍ୟା ସହାୟରେ ଅନ୍ନମୟଠାରୁ ଆନନ୍ଦମୟ ପର୍ଯ୍ୟନ୍ତ କ୍ରମେ ଅନୁପ୍ରବେଶ କରି ଆନନ୍ଦସ୍ୱରୂପ ବ୍ରହ୍ମଙ୍କୁ] ଏହିପରି ଜାଣନ୍ତି) **ସଃ** (ସେ) **ପ୍ରତିତିଷ୍ଠତି** (ଆନନ୍ଦସ୍ୱରୂପ ବ୍ରହ୍ମରେ ପ୍ରତିଷ୍ଠିତ ହୁଅନ୍ତି) **ଅନ୍ନବାନ୍** (ପ୍ରଭୂତ ଅନ୍ନଶାଳୀ) **ଅନ୍ନାଦଃ** (ଅନ୍ନଭୋକ୍ତା, ଦୀପ୍ତାଗ୍ନି) **ଭବତି** (ହୁଅନ୍ତି); **ପ୍ରଜୟା** (ପୁତ୍ରାଦିଯୁକ୍ତ ହୋଇ) **ପଶୁଭିଃ** (ଅନେକ ଗୋ-ଅଶ୍ୱାଦିଯୁକ୍ତ ହୋଇ) **ବ୍ରହ୍ମବର୍ଚସେନ** (ବ୍ରହ୍ମତେଜରେ ଅର୍ଥାତ୍ ଶମଦମଜ୍ଞାନାଦି ତେଜରେ) **ମହାନ୍ ଭବତି** (ମହାନ୍ ହୁଅନ୍ତି) **କୀର୍ତ୍ୟା ମହାନ୍** (କୀର୍ତ୍ତିରେ ମଧ୍ୟ ମହାନ୍ ହୁଅନ୍ତି) । ୩/୬/୧

—ଆନନ୍ଦ ହିଁ ବ୍ରହ୍ମ ଏହା ଜାଣିଲେ । କାରଣ ଆନନ୍ଦରୁ ହିଁ ଏହି ସମୁଦାୟ ଭୂତଗଣ ଜାତ ହୁଅନ୍ତି, ଜାତ ହୋଇ ଆନନ୍ଦ ଦ୍ୱାରା ବର୍ଦ୍ଧିତ ହୁଅନ୍ତି ଏବଂ ଅବଶେଷରେ ଆନନ୍ଦାଭିମୁଖରେ ପ୍ରତିଗମନ କରନ୍ତି ଓ ଆନନ୍ଦରେ ବିଲୀନ ହୁଅନ୍ତି । ଭୃଗୁଙ୍କ ଦ୍ୱାରା ସୁବିଦିତ ଓ ବରୁଣଙ୍କ ଦ୍ୱାରା ପ୍ରୋକ୍ତ ଏହି ବିଦ୍ୟା ଅନ୍ନମୟ କୋଷରୁ ଆରମ୍ଭ ହୋଇ ହୃଦୟାକାଶରେ ଅବସ୍ଥିତ ପରମାନନ୍ଦରେ ଆସି ପରିସମାପ୍ତ ହୋଇଛି । ଯେକେହି ଏହି ପ୍ରକାର ଜାଣନ୍ତି, ସେ ଆନନ୍ଦସ୍ୱରୂପ ବ୍ରହ୍ମରେ ପ୍ରତିଷ୍ଠିତ ହୁଅନ୍ତି, ପ୍ରଭୂତ ଅନ୍ନଶାଳୀ ହୁଅନ୍ତି ଓ ଅନ୍ନଭୋକ୍ତା ହୁଅନ୍ତି । ସେ ସନ୍ତାନ, ପଶୁ ଓ ବ୍ରହ୍ମତେଜରେ ମହାନ୍ ହୁଅନ୍ତି ଏବଂ ଖ୍ୟାତିରେ ମଧ୍ୟ ମହାନ୍ ହୁଅନ୍ତି[1] । ୩/୬/୧

॥ ଷଷ୍ଠ ଅନୁବାକ ସମାପ୍ତ ॥

---

1. ଲୋକଦୃଷ୍ଟିରେ ଏହି ଫଳ ଉଲ୍ଲିଖିତ ହେଲେ ମଧ୍ୟ ବ୍ରହ୍ମଯଜ୍ଞ ଦୃଷ୍ଟିରେ ଲାଭାଲାଭ ନାହିଁ । ମରୀଚିକା ମିଥ୍ୟା ବୋଲି ଜ୍ଞାତ ହେବା ପରେ ମଧ୍ୟ ଯେପରି ଉପଲବ୍ଧ ହୁଏ, ମିଥ୍ୟା ଜଗତ୍ ମଧ୍ୟ ସେପରି ଜୀବନ୍ମୁକ୍ତଙ୍କ ନିକଟରେ (ବାଧିତର ପୁନରାବୃତ୍ତିରୂପକ ଦ୍ୱୈତାଭାସରୂପରେ) ପ୍ରତିଭାତ ହୋଇପାରେ । କିନ୍ତୁ ସେ ସେଥିରେ ଲିପ୍ତ ହୁଅନ୍ତି ନାହିଁ ।

ସପ୍ତମ ଅନୁବାକ

ଅନ୍ନଂ ନ ନିନ୍ଦ୍ୟାତ୍ । ତଦ୍ବ୍ରତମ୍ । ପ୍ରାଣୋ ବା ଅନ୍ନମ୍ । ଶରୀରମନ୍ନାଦମ୍ । ପ୍ରାଣେ ଶରୀରଂ ପ୍ରତିଷ୍ଠିତମ୍ । ଶରୀରେ ପ୍ରାଣଃ ପ୍ରତିଷ୍ଠିତଃ । ତଦେତଦନ୍ନମନ୍ନେ ପ୍ରତିଷ୍ଠିତମ୍ । ସ ଯ ଏତଦନ୍ନମନ୍ନେ ପ୍ରତିଷ୍ଠିତଂ ବେଦ ପ୍ରତିତିଷ୍ଠତି । ଅନ୍ନବାନନ୍ନାଦୋ ଭବତି । ମହାନ୍ ଭବତି ପ୍ରଜୟା ପଶୁଭିର୍ବ୍ରହ୍ମବର୍ଚସେନ । ମହାନ୍ କୀର୍ତ୍ୟା ॥ ୧ ॥

ଇତି ସପ୍ତମୋଽନୁବାକଃ ।

ତତ୍-ବ୍ରତମ୍ ([ବ୍ରହ୍ମଜ୍ଞାନର ଦ୍ୱାରଭୂତ ଅନ୍ନର ସ୍ତୁତି ପାଇଁ] ଉକ୍ତ ବ୍ରହ୍ମବିଦ୍‌ଙ୍କର ଏହା ବ୍ରତ ବା ଅବଶ୍ୟପାଳନୀୟ ନିୟମ) [କଥିତ ହେଉଅଛି]—**ଅନ୍ନମ୍** (ଅନ୍ନ) [ଅପକୃଷ୍ଟ ହେଲେ ମଧ୍ୟ ତାହାକୁ ସେ] **ନ ନିନ୍ଦ୍ୟାତ୍** (ନିନ୍ଦା କରିବେ ନାହିଁ) । **ପ୍ରାଣଃ ବୈ** ([ଶରୀରର ଅନ୍ତର୍ଭୁକ୍ତ ବୋଲି] ପ୍ରାଣ ହିଁ) **ଅନ୍ନମ୍** (ଅନ୍ନ); **ଶରୀରମ୍** (ଶରୀର) **ଅନ୍ନାଦମ୍** (ଅନ୍ନର ଅତ୍ତା ବା ଭୋକ୍ତା); [ପୁଣି ଶରୀର ଅନ୍ନ ଏବଂ ପ୍ରାଣ ଅନ୍ନାଦ—କାରଣ ପ୍ରାଣ ରହିଛି ବୋଲି ହିଁ ଶରୀର ଅଛି]—**ଶରୀରେ** (ଶରୀର ମଧ୍ୟରେ) **ପ୍ରାଣଃ** (ପ୍ରାଣ) **ପ୍ରତିଷ୍ଠିତଃ** (ପ୍ରତିଷ୍ଠିତ) [ଏବଂ] **ପ୍ରାଣେ** (ପ୍ରାଣାବଲମ୍ବନରେ) **ଶରୀରମ୍** (ଶରୀର) **ପ୍ରତିଷ୍ଠିତମ୍** (ପ୍ରତିଷ୍ଠିତ) । **ତତ୍** (ସୁତରାଂ) **ଏତତ୍** (ଏହିପରି) **ଅନ୍ନେ** ([ଶରୀର ଓ ପ୍ରାଣରୂପକ] ଅନ୍ନରେ) [ଯଥାକ୍ରମେ] **ଅନ୍ନମ୍** ([ପ୍ରାଣ ଓ ଶରୀର ରୂପକ] ଅନ୍ନ) **ପ୍ରତିଷ୍ଠିତମ୍** (ଅବସ୍ଥିତ ଅଛି) । **ୟଃ** (ଯେକେହି) **ଏତତ୍** (ଶରୀର ଓ ପ୍ରାଣ ଏହି ଉଭୟାତ୍ମକ) **ଅନ୍ନମ୍** (ଅନ୍ନକୁ) **ଅନ୍ନେ** (ଶରୀର ଓ ପ୍ରାଣ ଏହି ଉଭୟାତ୍ମକ ଅନ୍ନରେ) **ପ୍ରତିଷ୍ଠିତମ୍** (ପ୍ରତିଷ୍ଠିତ) **ବେଦ** (ଜାଣନ୍ତି) **ସଃ** (ସେ) **ପ୍ରତିତିଷ୍ଠତି** (ଅନ୍ନ ଓ ଅନ୍ନାଦରୂପରେ ସ୍ଥିତିଲାଭ କରନ୍ତି) । **ଅନ୍ନବାନ୍** (ପ୍ରଭୂତ ଅନ୍ନଶାଳୀ) **ଅନ୍ନାଦଃ** (ଅନ୍ନଭୋକ୍ତା, ଦୀପ୍ତାଗ୍ନି) **ଭବତି** (ହୁଅନ୍ତି); **ପ୍ରଜୟା** (ପୁତ୍ରାଦିଯୁକ୍ତ ହୋଇ) **ପଶୁଭିଃ** (ଅନେକ ଗୋ-ଅଶ୍ୱାଦିଯୁକ୍ତ ହୋଇ) **ବ୍ରହ୍ମବର୍ଚସେନ** (ବ୍ରହ୍ମଣ୍ୟତେଜରେ ଅର୍ଥାତ୍ ଶମଦମଜ୍ଞାନାଦି ତେଜୋବିଶିଷ୍ଟ ହୋଇ) **ମହାନ୍ ଭବତି** (ମହାନ୍ ହୁଅନ୍ତି) **କୀର୍ତ୍ୟା ମହାନ୍** (କୀର୍ତ୍ତିରେ ମଧ୍ୟ ମହାନ୍ ହୁଅନ୍ତି) । ୩/୭/୧

ଉକ୍ତ ବ୍ରହ୍ମବିଦ୍‌ଙ୍କ ପକ୍ଷରେ ଏହି ବ୍ରତ ଯେ, ସେ ଅନ୍ନକୁ ନିନ୍ଦା କରିବେ ନାହିଁ । ପ୍ରାଣ ହିଁ ଅନ୍ନ ଓ ଶରୀର ଅନ୍ନାଦ, କାରଣ ଶରୀର ଭିତରେ ପ୍ରାଣ ପ୍ରତିଷ୍ଠିତ ।[1] (ପୁଣି ଶରୀର ହିଁ ଅନ୍ନ ଓ ପ୍ରାଣ ଅନ୍ନାଦ, କାରଣ) ପ୍ରାଣାବଲମ୍ବନରେ ହିଁ ଶରୀର ସ୍ଥିତିଲାଭ କରିଥାଏ ।[2] ସୁତରାଂ ଏହି (ପରସ୍ପରସାପେକ୍ଷ ଶରୀର ଓ ପ୍ରାଣରୂପକ) ଅନ୍ନ ହିଁ ଅନ୍ନରେ ପ୍ରତିଷ୍ଠିତ । ଯେକେହି ଏହି ଅନ୍ନରେ ପ୍ରତିଷ୍ଠିତ ଅନ୍ନକୁ ଜାଣନ୍ତି[3], ସେ ଅନ୍ନ ଓ ଅନ୍ନାଦରୂପରେ ସ୍ଥିତିଲାଭ କରନ୍ତି; ସେ ପ୍ରଚୁର ଅନ୍ନଶାଳୀ ଓ ଅନ୍ନଭୋକ୍ତୀ ହୁଅନ୍ତି; ସେ ସନ୍ତାନ, ପଶୁ ଓ ବ୍ରହ୍ମଣ୍ୟତେଜରେ ମହୀୟାନ୍ ହୁଅନ୍ତି ଏବଂ କୀର୍ତ୍ତିରେ ମଧ୍ୟ ମହାନ୍ ହୁଅନ୍ତି । ୩/୭/୧

॥ ସପ୍ତମ ଅନୁବାକ ସମାପ୍ତ ॥

ଅଷ୍ଟମ ଅନୁବାକ

ଅନ୍ନଂ ନ ପରିଚକ୍ଷୀତ । ତଦ୍‌ବ୍ରତମ୍ । ଆପୋ ବା ଅନ୍ନମ୍ । ଜ୍ୟୋତିରନ୍ନାଦମ୍ । ଅପ୍ସୁ ଜ୍ୟୋତିଃ ପ୍ରତିଷ୍ଠିତମ୍ । ଜ୍ୟୋତିଷ୍ୟାପଃ ପ୍ରତିଷ୍ଠିତାଃ । ତଦେତଦନ୍ନମନ୍ନେ ପ୍ରତିଷ୍ଠିତମ୍ । ସ ଯ ଏତଦନ୍ନମନ୍ନେ ପ୍ରତିଷ୍ଠିତଂ ବେଦ ପ୍ରତିତିଷ୍ଠତି । ଅନ୍ନବାନନ୍ନାଦୋ ଭବତି । ମହାନ୍ ଭବତି ପ୍ରଜୟା ପଶୁଭିର୍ବ୍ରହ୍ମବର୍ଚସେନ । ମହାନ୍ କୀର୍ତ୍ୟା ॥୧॥

ଇତି ଅଷ୍ଟମୋଽନୁବାକଃ ॥

ତତ୍-ବ୍ରତମ୍ (ଉକ୍ତ ଉପାସକଙ୍କ ଏହି ବ୍ରତ)—**ଅନ୍ନମ୍** ([ପ୍ରାପ୍ତ] ଅନ୍ନକୁ) **ନ ପରିଚକ୍ଷୀତ** (ସେ ପରିହାସ, ଉପେକ୍ଷା, କରିବେ ନାହିଁ) । **ଆପଃ ବୈ** (ଜଳ ହିଁ) **ଅନ୍ନମ୍** (ଅନ୍ନ) **ଜ୍ୟୋତିଃ** (ତେଜ) **ଅନ୍ନାଦମ୍** (ଅନ୍ନଭକ୍ଷକ, ଶୋଷକ) [କାରଣ] **ଜ୍ୟୋତିଷି ଆପଃ** ([ଆକାଶବ୍ୟାପୀ] ତେଜ ମଧ୍ୟରେ [ମେଘରୂପକ] (ଜଳ)

---

1. ଯିଏ ଯାହାର ଅନ୍ତର୍ଭୁକ୍ତ ସେ ତାହାର ଅନ୍ନ; ଯଥା ପ୍ରାଣ ଶରୀରର ଅନ୍ନ ।

2. ଯାହାର ଅବଲମ୍ବନରେ ଅନ୍ୟ କିଛି ସ୍ଥିତି ଲାଭ କରେ, ସେ ଅନ୍ନାଦ; ଯଥା ପ୍ରାଣ ଶରୀର ରୂପକ ଅନ୍ନର ଅନ୍ନାଦ, କାରଣ ପ୍ରାଣ ନ ରହିଲେ ଶରୀର ବିନଷ୍ଟ ହୁଏ ।

3. ଅନ୍ନ ଓ ଅନ୍ନାଦରୂପେ ପ୍ରାଣାଦିର ଉପାସନା ବ୍ରହ୍ମଜ୍ଞାନର ଏକ ସାଧନ—ଏହା ହିଁ ପ୍ରକରଣର ମର୍ମାର୍ଥ ।

ପ୍ରତିଷ୍ଠିତାଃ (ଅବସ୍ଥିତ ରହିଛି); [ଏବଂ ତେଜ, ଅନ୍ନ ଓ ଜଳ ତାହାର ଭକ୍ଷକ; କାରଣ] **ଅପ୍ସୁ** ([ଶବ୍ଦ, ସ୍ପର୍ଶ, ରୂପ ଓ ରସ ଏହି ଚତୁର୍ଗୁଣଯୁକ୍ତ] ଜଳମଧ୍ୟରେ) **ଜ୍ୟୋତିଃ** (ଶବ୍ଦ, ସ୍ପର୍ଶ ଓ ରୂପ ଏହି ତ୍ରିଗୁଣ-ବିଶିଷ୍ଟ] ତେଜ) **ପ୍ରତିଷ୍ଠିତମ୍** (ଅବସ୍ଥିତ ରହିଛି) । **ତତ୍** (ସୁତରାଂ) **ଏତତ୍** (ଏହିପରି) **ଅନ୍ନେ** ([ଜଳ ଓ ତେଜରୂପକ] ଅନ୍ନରେ) [ଯଥାକ୍ରମେ] **ଅନ୍ନମ୍** ([ତେଜ ଓ ଜଳରୂପକ] ଅନ୍ନ) **ପ୍ରତିଷ୍ଠିତମ୍** (ଅବସ୍ଥିତ ଅଛି) । **ୟଃ** (ଯେକେହି) **ଏତତ୍** (ଜଳ ଓ ତେଜ ଏହି ଉଭୟାତ୍ମକ) **ଅନ୍ନମ୍** (ଅନ୍ନକୁ) **ଅନ୍ନେ** (ଜଳ ଓ ତେଜ ଏହି ଉଭୟାତ୍ମକ ଅନ୍ନରେ) **ପ୍ରତିଷ୍ଠିତମ୍** (ପ୍ରତିଷ୍ଠିତ) **ବେଦ** (ଜାଣନ୍ତି) **ସଃ** (ସେ) **ପ୍ରତିତିଷ୍ଠତି** (ଅନ୍ନ ଓ ଅନ୍ନାଦରୂପରେ ସ୍ଥିତିଲାଭ କରନ୍ତି) । **ଅନ୍ନବାନ୍** (ପ୍ରଭୂତ ଅନ୍ନଶାଳୀ) **ଅନ୍ନାଦଃ** (ଅନ୍ନଭୋକ୍ତା, ଦୀପ୍ତାଗ୍ନି) **ଭବତି** (ହୁଅନ୍ତି); **ପ୍ରଜୟା** (ପୁତ୍ରାଦିଯୁକ୍ତ ହୋଇ) **ପଶୁଭିଃ** (ଅନେକ ଗୋ-ଅଶ୍ୱାଦିଯୁକ୍ତ ହୋଇ) **ବ୍ରହ୍ମବର୍ଚସେନ** (ବ୍ରହ୍ମଣ୍ୟତେଜରେ ଅର୍ଥାତ୍ ଶମଦମଜ୍ଞାନାଦି ତେଜରେ) **ମହାନ୍ ଭବତି** (ମହାନ୍ ହୁଅନ୍ତି) **କୀର୍ତ୍ୟା ମହାନ୍** (କୀର୍ତ୍ତିରେ ମଧ୍ୟ ମହାନ୍ ହୁଅନ୍ତି) । ୩/୮/୧

ଉକ୍ତ ଉପାସକଙ୍କ ପକ୍ଷରେ ଏହି ବ୍ରତ ଯେ, ସେ ଅନ୍ନକୁ ଉପେକ୍ଷା କରିବେ ନାହିଁ । ଜଳ ହିଁ ଅନ୍ନ, ଏବଂ ତେଜ ଅନ୍ନଭୋକ୍ତା; କାରଣ ତେଜଃପୁଞ୍ଜ ମଧ୍ୟରେ ହିଁ ଜଳ ଅବସ୍ଥିତ ଥାଏ । (ପୁଣି ତେଜ ହିଁ ଅନ୍ନ ଏବଂ ଜଳ ଅନ୍ନଭୋକ୍ତା; କାରଣ) ଜଳ ମଧ୍ୟରେ ହିଁ ତେଜ ଅବସ୍ଥିତ । ସୁତରାଂ ଏହି (ପରସ୍ପରସାପେକ୍ଷ ଜଳ ଓ ତେଜୋରୂପକ) ଅନ୍ନ ହିଁ ଅନ୍ନରେ ପ୍ରତିଷ୍ଠିତ । ଯେକେହି ଏହି ଅନ୍ନରେ ପ୍ରତିଷ୍ଠିତ ଅନ୍ନକୁ ଜାଣନ୍ତି, ସେ ଅନ୍ନ ଓ ଅନ୍ନାଦରୂପରେ ସ୍ଥିତିଲାଭ କରନ୍ତି; ସେ ପ୍ରଚୁର-ଅନ୍ନଶାଳୀ ଓ ଅନ୍ନଭୋଜୀ ହୁଅନ୍ତି; ସେ ସନ୍ତାନ, ପଶୁ ଓ ବ୍ରହ୍ମଣ୍ୟତେଜରେ ମହୀୟାନ ହୁଅନ୍ତି ଏବଂ କୀର୍ତ୍ତିରେ ମଧ୍ୟ ମହାନ୍ ହୁଅନ୍ତି । ୩/୮/୧

॥ ଅଷ୍ଟମ ଅନୁବାକ ସମାପ୍ତ ॥

ନବମ ଅନୁବାକ

ଅନ୍ନଂ ବହୁ କୁର୍ବୀତ । ତଦ୍ବ୍ରତମ୍ । ପୃଥିବୀ ବା ଅନ୍ନମ୍ । ଆକାଶୋଽନ୍ନାଦଃ । ପୃଥିବ୍ୟାମାକାଶଃ ପ୍ରତିଷ୍ଠିତଃ । ଆକାଶେ ପୃଥିବୀ ପ୍ରତିଷ୍ଠିତା । ତଦେତଦନ୍ନମନ୍ନେ ପ୍ରତିଷ୍ଠିତମ୍ । ସ ୟ ଏତଦନ୍ନମନ୍ନେ ପ୍ରତିଷ୍ଠିତଂ

ବେଦ ପ୍ରତିତିଷ୍ଠତି । ଅନ୍ନବାନନ୍ନାଦୋ ଭବତି । ମହାନ୍ ଭବତି ପ୍ରଜୟା ପଶୁଭିର୍ବ୍ରହ୍ମବର୍ଚସେନ । ମହାନ୍ କୀର୍ତ୍ୟା ॥୧॥

ଇତି ନବମୋଽନୁବାକଃ ॥

ତତ୍-ବ୍ରତମ୍ (ଜଳ ଓ ତେଜକୁ ଯିଏ ଅନ୍ନ ଓ ଅନ୍ନାଦରୂପେ ଉପାସନା କରନ୍ତି, ତାଙ୍କର ବ୍ରତ ଏହି)—**ଅନ୍ନମ୍** (ଅନ୍ନକୁ) **ବହୁ** (ପ୍ରଚୁର) **କୁର୍ବୀତ** (ସେ କରିବେ) । **ପୃଥିବୀ ବୈ** (ପୃଥିବୀ ହିଁ) **ଅନ୍ନମ୍** (ଅନ୍ନ) **ଆକାଶଃ** (ଆକାଶ) **ଅନ୍ନାଦଃ** (ଅନ୍ନଭୋକ୍ତା) [କାରଣ] **ଆକାଶେ** (ଆକାଶରେ) **ପୃଥିବୀ** (ପୃଥିବୀ) **ପ୍ରତିଷ୍ଠିତା** (ପ୍ରତିଷ୍ଠିତ) [ଏବଂ ଆକାଶ ଅନ୍ନ ଓ ପୃଥିବୀ ହିଁ ଅନ୍ନଭୋକ୍ତା କାରଣ] **ପୃଥିବ୍ୟାମ୍** (ପୃଥିବୀରେ) **ଆକାଶଃ** (ଆକାଶ) **ପ୍ରତିଷ୍ଠିତଃ** (ପ୍ରତିଷ୍ଠିତ) । **ତତ୍** (ସୁତରାଂ) **ଏତତ୍** (ଏହିପରି) **ଅନ୍ନେ** ([ପୃଥିବୀ ଓ ଆକାଶରୂପକ] ଅନ୍ନରେ) [ଯଥାକ୍ରମେ] **ଅନ୍ନମ୍** ([ଆକାଶ ଓ ପୃଥିବୀରୂପକ] ଅନ୍ନ) **ପ୍ରତିଷ୍ଠିତମ୍** (ଅବସ୍ଥିତ ଅଛି) । **ୟଃ** (ଯେକେହି) **ଏତତ୍** (ପୃଥିବୀ ଓ ଆକାଶ ଏହି ଉଭୟାତ୍ମକ) **ଅନ୍ନମ୍** (ଅନ୍ନକୁ) **ଅନ୍ନେ** (ପୃଥିବୀ ଓ ଆକାଶ ଏହି ଉଭୟାତ୍ମକ ଅନ୍ନରେ) **ପ୍ରତିଷ୍ଠିତମ୍** (ପ୍ରତିଷ୍ଠିତ) **ବେଦ** (ଜାଣନ୍ତି) **ସଃ** (ସେ) **ପ୍ରତିତିଷ୍ଠତି** (ଅନ୍ନ ଓ ଅନ୍ନାଦରୂପରେ ସ୍ଥିତିଲାଭ କରନ୍ତି) । **ଅନ୍ନବାନ୍** (ପ୍ରଭୂତ ଅନ୍ନଶାଳୀ) **ଅନ୍ନାଦଃ** (ଅନ୍ନଭୋକ୍ତା, ଦୀପ୍ତାଗ୍ନି) **ଭବତି** (ହୁଅନ୍ତି); **ପ୍ରଜୟା** (ପୁତ୍ରାଦିଯୁକ୍ତ ହୋଇ) **ପଶୁଭିଃ** (ଅନେକ ଗୋ-ଅଶ୍ୱାଦିଯୁକ୍ତ ହୋଇ) **ବ୍ରହ୍ମବର୍ଚସେନ** (ବ୍ରହ୍ମଣ୍ୟତେଜରେ ଅର୍ଥାତ୍ ଶମଦମଜ୍ଞାନାଦି ତେଜରେ) **ମହାନ୍ ଭବତି** (ମହାନ୍ ହୁଅନ୍ତି) **କୀର୍ତ୍ୟା ମହାନ୍** (କୀର୍ତ୍ତିରେ ମଧ୍ୟ ମହାନ୍ ହୁଅନ୍ତି) । ୩/୯/୧

ଉକ୍ତ ଉପାସକ ପକ୍ଷରେ ଏହି ବ୍ରତ ଯେ, ସେ ଅନ୍ନକୁ ବର୍ଦ୍ଧିତ କରିବେ । ପୃଥିବୀ ହିଁ ଅନ୍ନ ଏବଂ ଆକାଶ ଅନ୍ନାଦ; କାରଣ ପୃଥିବୀ ଆକାଶରେ ପ୍ରତିଷ୍ଠିତ । (ପୁଣି ଆକାଶ ହିଁ ଅନ୍ନ ଏବଂ ପୃଥିବୀ ଅନ୍ନାଦ କାରଣ) ପୃଥିବୀରେ ଆକାଶ ପ୍ରତିଷ୍ଠିତ । ସୁତରାଂ ଏହି (ପୃଥିବୀ ଓ ଆକାଶରୂପକ ପରସ୍ପରସାପେକ୍ଷ) ଅନ୍ନ ହିଁ ଅନ୍ନରେ ପ୍ରତିଷ୍ଠିତ । ଯେକେହି ଏହି ଅନ୍ନରେ ପ୍ରତିଷ୍ଠିତ ଅନ୍ନକୁ ଜାଣନ୍ତି, ସେ ଅନ୍ନ ଓ ଅନ୍ନାଦରୂପରେ ସ୍ଥିତିଲାଭ କରନ୍ତି[1]; ସେ ପ୍ରଚୁର-ଅନ୍ନଶାଳୀ ଓ ଅନ୍ନଭୋଜୀ ହୁଅନ୍ତି;

---

1. **"ପ୍ରାଣଃ ବା ଅନ୍ନଂ ଶରୀରମନ୍ନାଦଃ"**ଠାରୁ ଆରମ୍ଭ କରି ଆକାଶ ପର୍ଯ୍ୟନ୍ତ ସମୁଦାୟ କାର୍ଯ୍ୟ-ବସ୍ତୁ ଅନ୍ନ ଓ ଅନ୍ନାଦରୂପରେ ବିଭକ୍ତ ହେଲା । ଏମାନେ ସମସ୍ତେ ହିଁ ସଂସାରର ଅନ୍ତର୍ଭୁକ୍ତ ଓ ବିନାଶୀ । କିନ୍ତୁ ବ୍ରହ୍ମ ସଂସାରର ଅତୀତ ।

ସେ ସନ୍ତାନ, ପଶୁ ଓ ବ୍ରହ୍ମଣ୍ୟତେଜରେ ମହୀୟାନ୍ ହୁଅନ୍ତି ଏବଂ କୀର୍ତ୍ତିରେ ମଧ୍ୟ ମହାନ୍ ହୁଅନ୍ତି । ୩/୯/୧

॥ ନବମ ଅନୁବାକ ସମାପ୍ତ ॥

ଦଶମ ଅନୁବାକ

ନ କଞ୍ଚନ ବସତୌ ପ୍ରତ୍ୟାଚକ୍ଷୀତ । ତଦ୍ବ୍ରତମ୍ । ତସ୍ମାଦ୍ୟୟା କୟା ଚ ବିଧୟା ବହ୍ୱନ୍ନଂ ପ୍ରାପ୍ନୁୟାତ୍ । ଅରାଧସ୍ମା ଅନ୍ନମିତ୍ୟାଚକ୍ଷତେ । ଏତଦ୍ବୈ ମୁଖତୋଽନ୍ନଂ ରାଦ୍ଧମ୍ । ମୁଖତୋଽସ୍ମା ଅନ୍ନଂ ରାଧତେ । ଏତଦ୍ବୈ ମଧ୍ୟତୋଽନ୍ନଂ ରାଦ୍ଧମ୍ । ମଧ୍ୟତୋଽସ୍ମା ଅନ୍ନଂ ରାଧତେ । ଏତଦ୍ବା ଅନ୍ତତୋଽନ୍ନଂ ରାଦ୍ଧମ୍ । ଅନ୍ତତୋଽସ୍ମା ଅନ୍ନଂ ରାଧତେ ॥୧॥

ତତ୍-ବ୍ରତମ୍ (ଉକ୍ତ ପୃଥିବୀ ଓ ଆକାଶର ଉପାସକଙ୍କର ଏହି ବ୍ରତ ଯେ) [ସେ] **ବସତୌ** (ବସବାସ ପାଇଁ ଆଗତ) **କମ୍ ଚନ** (କାହାକୁ ମଧ୍ୟ) **ନ ପ୍ରତ୍ୟାଚକ୍ଷୀତ** (ପ୍ରତ୍ୟାଖ୍ୟାନ କରିବେ ନାହିଁ) । [ବାସସ୍ଥାନ ଦେବାକୁ ହେଲେ ଭୋଜନ ମଧ୍ୟ ଦେବାକୁ ହୁଏ] **ତସ୍ମାତ୍** (ସୁତରାଂ) **ୟୟା କୟା ଚ** (ଯେକୌଣସି) [ଶାସ୍ତ୍ରୀୟ] **ବିଧୟା** (ପ୍ରକାରେ) **ବହୁ** (ପ୍ରଚୁର) **ଅନ୍ନମ୍** (ଅନ୍ନ) **ପ୍ରାପ୍ନୁୟାତ୍** (ସେ ସଂଗ୍ରହ କରିବେ) । [ସେହି ପ୍ରକାର ଉପାସକ ଅଭ୍ୟାଗତଙ୍କ ଉଦ୍ଦେଶ୍ୟରେ] **ଅସ୍ମୈ** (ଏହାଙ୍କ ପାଇଁ) **ଅନ୍ନମ୍** (ଅନ୍ନ) **ଅରାଧ୍** (ରନ୍ଧନ କରା ହୋଇଅଛି) **ଇତି** (ଏହି କଥା) **ଆଚକ୍ଷତେ** (କହନ୍ତି) । **ଏତତ୍ ବୈ** (ଏହି ଯେ) **ମୁଖ୍ୟତଃ** (ପ୍ରଥମ ବୟସରେ ବା ମୁଖ୍ୟବୃତ୍ତି ଅର୍ଥାତ୍ ଶ୍ରଦ୍ଧାଦିସହକାରେ) **ଅନ୍ନମ୍** (ଅନ୍ନ) **ରାଦ୍ଧମ୍** (ରନ୍ଧନ ହୋଇଅଛି, ପକ୍ୱ କରି ଦାନ କରା ହେଉଅଛି) [ତାହା ଫଳରେ] **ଅସ୍ମୈ** (ଏହି ଅନ୍ନଦାତାଙ୍କ ପାଇଁ) **ମୁଖତଃ** (ମୁଖ୍ୟ ପ୍ରକାରରେ ବା ପ୍ରଥମ ବୟସରେ ହିଁ) **ଅନ୍ନମ୍** (ଅନ୍ନ) **ରାଧତେ** (ସମୁପସ୍ଥିତ ହୁଏ) । **ଏତତ୍ ବୈ** (ଏହି ଯେ) **ମଧ୍ୟତଃ** (ମଧ୍ୟମ ବୟସରେ ବା ମଧ୍ୟମ ଶ୍ରଦ୍ଧାସହକାରେ) **ଅନ୍ନମ୍ ରାଦ୍ଧମ୍** (ଅନ୍ନ ରନ୍ଧନ କରି ଦାନ କରାହେଉଛି) [ତାହା ଫଳରେ] **ଅସ୍ମୈ** (ଏହି ଅନ୍ନଦାତାଙ୍କ ପାଇଁ) **ମଧ୍ୟତଃ ଅନ୍ନମ୍ ରାଧତେ** (ମଧ୍ୟମ ପ୍ରକାରେ ବା ମଧ୍ୟମ ବୟସରେ ଅନ୍ନ ସମୁପସ୍ଥିତ ହୁଏ) । **ଏତତ୍ ବୈ ଅନ୍ତତଃ ଅନ୍ନମ୍ ରାଦ୍ଧମ୍** (ଏହି ଯେ ଶେଷ ବୟସରେ ବା

ଅନାଦରପୂର୍ବକ ଅନ୍ନ ରନ୍ଧନ କରି ପ୍ରଦତ୍ତ ହେଉଅଛି) **ଅସ୍ମୈ ଅନ୍ତତଃ ଅନ୍ନମ୍ ରାଧ୍ୟତେ** (ତାହା ଫଳରେ ଏହାଙ୍କ ପାଇଁ ଅପକୃଷ୍ଟ ପ୍ରକାରେ ବା ଶେଷ ବୟସରେ ଅନ୍ନ-ସମାଗମ ହୁଏ) । ୩/୧୦/୧

ଉକ୍ତ ଉପାସକଙ୍କର ଏହି ବ୍ରତ ଯେ, ସେ ବାସ କରିବା ପାଇଁ ସମାଗତ କାହାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିବେ ନାହିଁ । ସୁତରାଂ ଯେକୌଣସି [ଶାସ୍ତ୍ରୀୟ] ଉପାୟରେ ସେ ପ୍ରଚୁର ଅନ୍ନ ସଂଗ୍ରହ କରିବେ । ଅଭ୍ୟାଗତଙ୍କ ସମ୍ବନ୍ଧରେ ସେ ଏହିପରି କହିବେ—"ଏହାଙ୍କ ପାଇଁ ଅନ୍ନ ରନ୍ଧନ କରାହୋଇଛି ।" ଅନ୍ନଦାତା ଏହି ଯେଉଁ ମୁଖ୍ୟବୃତ୍ତି-ଅବଲମ୍ବନରେ ଅନ୍ନ ପ୍ରସ୍ତୁତ କରି ଦାନ କରନ୍ତି, ଏହା ଫଳରେ ତାଙ୍କ ପାଇଁ ମୁଖ୍ୟ ପ୍ରକାରରେ ଅନ୍ନ ସମାଗମ ହୁଏ । ଏହି ଯେ ସେ ମଧ୍ୟମବୃତ୍ତି-ଅବଲମ୍ବନରେ ଅନ୍ନ ପ୍ରସ୍ତୁତ କରି ଦାନ କରନ୍ତି, ତାହା ଫଳରେ ମଧ୍ୟମ ପ୍ରକାରରେ ଏହାଙ୍କ ପାଇଁ ଅନ୍ନ ସମାଗମ ହୁଏ । ଏହି ଯେ ସେ ଅଧମବୃତ୍ତି-ଅବଲମ୍ବନରେ ଅନ୍ନ ପ୍ରସ୍ତୁତ କରି ଦାନ କରନ୍ତି, ତାହା ଫଳରେ ଅଧମ ପ୍ରକାରରେ ଏହାଙ୍କ ନିକଟକୁ ଅନ୍ନସମାଗମ ହୁଏ— । ୩/୧୦/୧

ୟ ଏବଂ ବେଦ । କ୍ଷେମ ଇତି ବାଚି । ୟୋଗକ୍ଷେମ ଇତି ପ୍ରାଣାପାନୟୋଃ । କର୍ମେତି ହସ୍ତୟୋଃ । ଗତିରିତି ପାଦୟୋଃ । ବିମୁକ୍ତିରିତି ପାୟୌ । ଇତି ମାନୁଷୀଃ ସମାଜ୍ଞାଃ । ଅଥ ଦୈବୀଃ । ତୃପ୍ତିରିତି ବୃଷ୍ଟୌ । ବଲମିତି ବିଦ୍ୟୁତି ॥ ୨ ॥

—**ୟଃ ଏବମ୍ ବେଦ** (ଯିଏ ଏହି ପ୍ରକାର ଅନ୍ନ ଓ ଅନ୍ନଦାନର ମାହାତ୍ମ୍ୟ ଜାଣନ୍ତି) [ସେ ପୂର୍ବୋକ୍ତ ଫଳ ଲାଭ କରନ୍ତି] । [ବର୍ତ୍ତମାନ ବ୍ରହ୍ମୋପାସନାର ପ୍ରକାରବିଶେଷ ବର୍ଣ୍ଣିତ ହେଉଛି] —**କ୍ଷେମଃ ଇତି** (ପ୍ରାପ୍ତ ବସ୍ତୁର ସଂରକ୍ଷଣରୂପରେ) **ବାଚି** (ବାକ୍ୟରେ) **ୟୋଗକ୍ଷେମଃ ଇତି** (ଯୋଗ, ଅର୍ଥାତ୍ ଅପ୍ରାପ୍ତ ବସ୍ତୁର ପ୍ରାପ୍ତି ଏବଂ କ୍ଷେମ ଅର୍ଥାତ୍ ପ୍ରାପ୍ତ ବସ୍ତୁର ସଂରକ୍ଷଣ, ରୂପରେ) **ପ୍ରାଣ-ଅପାନୟୋଃ** (ପ୍ରାଣ ଓ ଅପାନରେ) **କର୍ମ ଇତି** (କର୍ମରୂପରେ) **ହସ୍ତୟୋଃ** (ହସ୍ତଦ୍ୱୟରେ) **ଗତିଃ ଇତି** (ଗତିରୂପରେ) **ପାଦୟୋଃ** (ପାଦଦ୍ୱୟରେ) **ବିମୁକ୍ତିଃ ଇତି** (ପରିତ୍ୟାଗରୂପରେ) **ପାୟୌ** (ପାୟୁରେ) [ପ୍ରତିଷ୍ଠିତ ବୋଲି ବ୍ରହ୍ମଙ୍କୁ ଉପାସନା କରିବ]—**ଇତି** (ଏହି ସମୁଦାୟ) **ମାନୁଷୀଃ** (ମନୁଷ୍ୟସମ୍ପର୍କିତ) **ସମାଜ୍ଞାଃ** (ଉପାସନା) । **ଅଥ** (ଅନନ୍ତର) **ଦୈବୀଃ** (ଦେବତାସମ୍ପର୍କୀୟ ଉପାସନା ସମୂହ) [ବର୍ଣ୍ଣନା କରାଯାଉଛି]—**ତୃପ୍ତି**

ଇତି (ତୃପ୍ତିରୂପରେ) **ବୃଷ୍ଟ୍ୟୌ** (ବୃଷ୍ଟିରେ) **ବଲମ୍ ଇତି** (ବଳରୂପରେ) **ବିଦ୍ୟୁତି** (ବିଦ୍ୟୁତରେ)— । ୩/୧୦/୨

—ଯିଏ ଏପ୍ରକାର ଜାଣନ୍ତି (ତାଙ୍କର ସେହି ଫଳ ହୁଏ) । (ବ୍ରହ୍ମଙ୍କୁ) କ୍ଷେମରୂପରେ ବାକ୍ୟରେ, ଯୋଗକ୍ଷେମରୂପରେ ପ୍ରାଣ ଓ ଅପାନରେ[1], କର୍ମରୂପରେ ହସ୍ତଦ୍ୱୟରେ, ଗତିରୂପରେ ପାଦଦ୍ୱୟରେ, ପରିତ୍ୟାଗରୂପ୍‌ରେ ପାୟୁରେ ପ୍ରତିଷ୍ଠିତ ବୋଲି ଉପାସନା କରିବ । ଏ ସମସ୍ତ ହିଁ ମନୁଷ୍ୟ ସମ୍ପର୍କିତ ଉପାସନା । ଅନନ୍ତର ଦୈବୀ-ଉପାସନାସମୂହ ବର୍ଣ୍ଣିତ ହେଉଛି—ତୃପ୍ତିରୂପରେ ବୃଷ୍ଟିରେ[2], ବଳରୂପରେ ବିଦ୍ୟୁତରେ,— । ୩/୧୦/୨

ୟଶ ଇତି ପଶୁଷ୍ୱ । ଜ୍ୟୋତିରିତି ନକ୍ଷତ୍ରେଷୁ । ପ୍ରଜାତିରମୃତମାନନ୍ଦ ଇତ୍ୟୁପସ୍ଥେ । ସର୍ବମିତ୍ୟାକାଶେ । ତତ୍ ପ୍ରତିଷ୍ଠେତ୍ୟୁପାସୀତ । ପ୍ରତିଷ୍ଠାବାନ୍ ଭବତି । ତନ୍ମହ ଇତ୍ୟୁପାସୀତ । ମହାନ୍ ଭବତି । ତନ୍ମନ ଇତ୍ୟୁପାସୀତ । ମାନବାନ୍ ଭବତି ॥୩॥

ୟଶ ଇତି ([ପଶୁସମ୍ପଦ୍-ଲଭ୍ୟ] ଯଶୋରୂପରେ) **ପଶୁଷ୍ୱ** (ପଶୁ-ମଧ୍ୟରେ); **ଜ୍ୟୋତିଃ ଇତି** (ଜ୍ୟୋତିଃରୂପରେ) **ନକ୍ଷତ୍ରେଷୁ** (ତାରକାଗଣ-ମଧ୍ୟରେ); **ପ୍ରଜାତିଃ ଅମୃତମ୍** (ସନ୍ତାନୋତ୍ପତ୍ତିରୂପକ ଅମୃତତ୍ୱ, ଅର୍ଥାତ୍ ପୁତ୍ର ଦ୍ୱାରା ପିତୃଋଣ ପରିଶୋଧ ହେବାରୁ ଆପେକ୍ଷିକ ଅମରତ୍ୱ) [ଓ] **ଆନନ୍ଦଃ ଇତି** (ସୁଖ ରୂପରେ) **ଉପସ୍ଥେ** (ଜନନେନ୍ଦ୍ରିୟରେ); **ସର୍ବମ୍ ଇତି** (ସର୍ବରୂପରେ) [ସର୍ବାଧାର] **ଆକାଶେ** (ଆକାଶରେ) [ବ୍ରହ୍ମଙ୍କୁ ଉପାସନା କରିବ] । [ସେହି ଆକାଶ ବ୍ରହ୍ମ ହିଁ; ଅତଏବ] **ତତ୍** (ଆକାଶରୂପକ ବ୍ରହ୍ମଙ୍କୁ) **ପ୍ରତିଷ୍ଠା ଇତି** (ସର୍ବାଧାର-ରୂପରେ) **ଉପାସୀତ** (ଉପାସନା କରିବ) । [ସେହି ଉପାସନା ଫଳରେ ଉପାସକ] **ପ୍ରତିଷ୍ଠାବାନ୍** (ସମସ୍ତଙ୍କର ଆଶ୍ରୟ) **ଭବତି** (ହୁଅନ୍ତି) । **ତତ୍** (ଉକ୍ତ ଆକାଶବ୍ରହ୍ମଙ୍କୁ) **ମହଃ ଇତି** (ମହତ୍ତ୍ୱ-ଗୁଣ-ସମ୍ପନ୍ନରୂପରେ) **ଉପାସୀତ** (ଉପାସନା କରିବ) [ସେହି ଉପାସନା ଫଳରେ ଉପାସକ] **ମହାନ୍** (ମହାନ୍) **ଭବତି** (ହୁଅନ୍ତି) । **ତତ୍** (ତାହାଙ୍କୁ) **ମନଃ**

---

1. ଯାହାଙ୍କର ପ୍ରାଣ ଓ ଅପାନ ଅଛି ସେ ଯୋଗକ୍ଷେମବାନ୍ ହୋଇପାରନ୍ତି ବୋଲି ମନେ ହୋଇପାରେ ଯେ, ପ୍ରାଣ ଓ ଅପାନ ହିଁ ଯୋଗକ୍ଷେମର କାରଣ । କିନ୍ତୁ ବସ୍ତୁତଃ ବ୍ରହ୍ମ ହିଁ ଯୋଗକ୍ଷେମରୂପରେ ପ୍ରାଣ ଓ ଅପାନରେ ଅବସ୍ଥିତ । ଏହିପରି ଅନ୍ୟତ୍ର ମଧ୍ୟ ବୁଝିବାକୁ ହେବ ।

2. ବୃଷ୍ଟିରୁ ଅନ୍ନାଦିର ଉତ୍ପତ୍ତିକ୍ରମେ ମନୁଷ୍ୟର ଯେଉଁ ତୃପ୍ତି ହୁଏ, ସେହି ତୃପ୍ତିରୂପରେ ବ୍ରହ୍ମ ହିଁ ଅନ୍ନରେ ପ୍ରତିଷ୍ଠିତ । ଏହିପ୍ରକାର ଅନ୍ୟତ୍ର ମଧ୍ୟ ବୁଝିବାକୁ ହେବ । —ଗୀତା, ୩/୮-୧୫

ଇତି (ମନୋରୂପରେ) **ଉପାସୀତ** (ଉପାସନା କରିବ) [ସେହି ଉପାସନା ଫଳରେ ଉପାସକ] **ମାନବାନ୍** (ମନନଶୀଳ) **ଭବତି** (ହୁଅନ୍ତି) । ୩/୧୦/୩

ଯଶୋରୂପରେ ପଶୁଗଣ ମଧ୍ୟରେ, ଜ୍ୟୋତିଃରୂପରେ ତାରକାରାଜି ମଧ୍ୟରେ, ସନ୍ତାନୋତ୍ପତ୍ତିକ୍ରମେ ପିତୃଋଣ ପରିଶୋଧ-ଜନିତ ଅମୃତତ୍ୱ ଓ ସୁଖରୂପରେ ଜନନେନ୍ଦ୍ରିୟରେ, ଏବଂ ସର୍ବସ୍ୱରୂପରେ ଆକାଶରେ (ବ୍ରହ୍ମଙ୍କୁ ଉପାସନା କରିବ) । (ଏବଂ ଯେହେତୁ ଆକାଶ ବସ୍ତୁତଃ ବ୍ରହ୍ମ ହିଁ, ଅତଏବ) ଆକାଶରୂପୀ ବ୍ରହ୍ମଙ୍କୁ ସର୍ବ-ଆଧାରରୂପରେ ଉପାସନା କଲେ ସେ (ଅର୍ଥାତ୍ ସାଧକ) ସର୍ବାଧାର ହୁଅନ୍ତି । ତାହାଙ୍କୁ ମହତ୍ତ୍ୱଗୁଣସମ୍ପନ୍ନ ରୂପରେ ଉପାସନା କଲେ ସେ ମହାନ୍ ହୁଅନ୍ତି । ତାହାଙ୍କୁ ମନୋରୂପରେ ଉପାସନା କଲେ ସାଧକ ମନନଶୀଳ ହୁଅନ୍ତି । ୩/୧୦/୩

ତନ୍ନମ ଇତ୍ୟୁପାସୀତ । ନମ୍ୟନ୍ତେଽସ୍ମୈ କାମାଃ । ତଦ୍ବ୍ରହ୍ମେତ୍ୟୁପାସୀତ । ବ୍ରହ୍ମବାନ୍ ଭବତି । ତଦ୍ବ୍ରହ୍ମଣଃ ପରିମର ଇତ୍ୟୁପାସୀତ । ପର୍ୟେଣଂ ମ୍ରିୟନ୍ତେ ଦ୍ୱିଷନ୍ତଃ ସପତ୍ନାଃ । ପରି ଯେଽପ୍ରିୟା ଭ୍ରାତୃବ୍ୟାଃ । ସ ୟଶ୍ଚାୟଂ ପୁରୁଷେ । ୟଶ୍ଚାସାବାଦିତ୍ୟେ । ସ ଏକଃ ॥୪॥

ତତ୍ (ତାହାଙ୍କୁ) **ନମଃ ଇତି** (ନମ୍ରତା-ଗୁଣ-ବିଶିଷ୍ଟରୂପରେ) **ଉପାସୀତ** (ଉପାସନା କରିବ) [ସେହି ଉପାସନା ଫଳରେ]—**ଅସ୍ମୈ** (ଉକ୍ତ ଉପାସକ ପ୍ରତି) **କାମାଃ** (ଭୋଗ୍ୟବିଷୟସକଳ) **ନମ୍ୟନ୍ତେ** (ଅବନତ, ତାଙ୍କ ଅଧୀନ ହୁଏ) । **ତତ୍ ବ୍ରହ୍ମ ଇତି** (ତାହାଙ୍କୁ ପ୍ରଧାନତମ, ସର୍ବାଧୀଶ, ରୂପରେ) **ଉପାସୀତ** (ଉପାସନା କରିବ) [ସେହି ଉପାସନା ଫଳରେ] **ବ୍ରହ୍ମବାନ୍** (ସ୍ୱୟଂ ପ୍ରଭୁ, ସ୍ଥୂଳ-ଭୋଗସାଧନ-ସମ୍ପନ୍ନ ବିରାଟ୍ ସଦୃଶ) **ଭବତି** (ହୁଅନ୍ତି) । **ତତ୍** (ଆକାଶ-ବ୍ରହ୍ମଙ୍କୁ) **ବ୍ରହ୍ମଣଃ** (ବ୍ରହ୍ମଙ୍କ) **ପରିମରଃ ଇତି** (ସଂହାର କ୍ରିୟାର ଦ୍ୱାରରୂପେ) **ଉପାସୀତ** (ଉପାସନା କରିବ) [ଫଳରେ] । **ଏନମ୍ ଦ୍ୱିଷନ୍ତଃ ସପତ୍ନାଃ** (ଏହି ଉପାସକଙ୍କର ଦ୍ୱେଷକାରୀ ଶତ୍ରୁମାନେ) **ପରିମ୍ରିୟନ୍ତେ** (ପ୍ରାଣତ୍ୟାଗ କରନ୍ତି) **ଯେ** (ଯେଉଁମାନେ) **ଅପ୍ରିୟାଃ** (ବିଦ୍ୱେଷଯୁକ୍ତ ନ ହୋଇ ମଧ୍ୟ ଉପାସକଙ୍କର ଅପ୍ରିୟ) **ଭ୍ରାତୃବ୍ୟାଃ** (ଶତ୍ରୁ) [ସେମାନେ ମଧ୍ୟ] **ପରି [ମ୍ରିୟନ୍ତେ]** (ପ୍ରାଣତ୍ୟାଗ କରନ୍ତି) [ତୈଃ. ୩/୬ ଟୀକା] । **ୟଃ ଚ ଅୟମ୍** (ଏହି ଯିଏ) **ପୁରୁଷେ** (ପୁରୁଷମଧ୍ୟରେ ଅନୁପ୍ରବିଷ୍ଟ) **ସଃ** (ସେ) **ୟଃ ଚ ଅସୌ** (ଏବଂ ସେହି ଯିଏ) **ଆଦିତ୍ୟେ** (ସୂର୍ଯ୍ୟମଣ୍ଡଳରେ) **ସଃ ଏକଃ** (ସେ ଅଭିନ୍ନ) [୨/୮/୫] । ୩/୧୦/୪

ତାହାଙ୍କୁ ନମ୍ରତା-ଗୁଣବିଶିଷ୍ଟରୂପରେ ଉପାସନା କଲେ ସମୁଦାୟ ଭୋଗ୍ୟ ବସ୍ତୁ ସେହି ଉପାସକଙ୍କର ଅଧୀନ ହୁଏ । ତାହାଙ୍କୁ ପ୍ରଧାନତମରୂପରେ ଉପାସନା କଲେ ଉପାସକ ପ୍ରଧାନତମ ହୁଅନ୍ତି । ତାହାଙ୍କୁ ବ୍ରହ୍ମଙ୍କ ସଂହାରକ୍ରିୟାର ଦ୍ୱାରରୂପରେ[1] ଉପାସନା କଲେ ଉପାସକଙ୍କର ବିଦ୍ୱେଷକାରୀ ଓ ଅପ୍ରିୟ ଶତ୍ରୁଗଣ ପ୍ରାଣତ୍ୟାଗ କରନ୍ତି । ଯେଉଁ ପରମାତ୍ମା ଏହି ପୁରୁଷ ମଧ୍ୟରେ ଅନୁପ୍ରବିଷ୍ଟ ଏବଂ ଯିଏ ସୂର୍ଯ୍ୟମଣ୍ଡଳରେ ଅବସ୍ଥିତ, ସେ ଉଭୟତ୍ର ଅଭିନ୍ନ । ୩/୧୦/୪

ସ ୟ ଏବଂବିତ୍ । ଅସ୍ମାଲ୍ଲୋକାତ୍ ପ୍ରେତ୍ୟ । ଏତମନ୍ନମୟମାତ୍ମାନମୁପସଂକ୍ରମ୍ୟ । ଏତଂ ପ୍ରାଣମୟମାତ୍ମାନମୁପସଂକ୍ରମ୍ୟ । ଏତଂ ମନୋମୟମାତ୍ମାନମୁପସଂକ୍ରମ୍ୟ । ଏତଂ ବିଜ୍ଞାନମୟମାତ୍ମାନମୁପସଂକ୍ରମ୍ୟ । ଏତମାନନ୍ଦମୟମାତ୍ମାନମୁପସଂକ୍ରମ୍ୟ । ଇମାଁଲ୍ଲୋକାନ୍‌କାମାନ୍ନୀ କାମରୂପ୍ୟନୁସଞ୍ଚରନ୍ । ଏତତ୍ ସାମ ଗାୟନ୍ନାସ୍ତେ । ହାଗ୍ୱାବୁ ହାଗ୍ୱାବୁ ହାଗ୍ୱାବୁ ॥୫॥

[ତୈ. ୨/୧/୧ କୁହାହୋଇଛି, "ସେ ସର୍ବପ୍ରକାର କାମ୍ୟବସ୍ତୁ ଭୋଗ କରନ୍ତି ।" ସେହି ଭୋଗ କିପରି, ତାହା କୁହାଯାଉଛି] **ୟଃ** (ଯିଏ) **ଏବଂବିତ୍** (ଏପରି ଜ୍ଞାନବାନ୍ ଅର୍ଥାତ୍ ଏହି ପ୍ରକାର ସତ୍ୟ, ଜ୍ଞାନ, ଅନନ୍ତ ବ୍ରହ୍ମଙ୍କୁ ଜାଣନ୍ତି) **ସଃ** (ସେ) **ଅସ୍ମାତ୍ ଲୋକାତ୍** (ଏହି ଲୋକରୁ ଅର୍ଥାତ୍ ଦୃଷ୍ଟାଦୃଷ୍ଟ ଭୋଗରାଜ୍ୟରୁ) **ପ୍ରେତ୍ୟ** (ପ୍ରତ୍ୟାବୃତ୍ତ, ନିରପେକ୍ଷ ହୋଇ) **ଏତମ୍** (ଏହି) **ଅନ୍ନମୟମ୍** (ଅନ୍ନମୟ) **ଆତ୍ମାନମ୍** (ଆତ୍ମାଙ୍କୁ) **ଉପସଂକ୍ରମ୍ୟ** (ଆତ୍ମଭାବରେ ପ୍ରାପ୍ତ ହୋଇ) [ଏବଂ କ୍ରମାନୁସାରେ] **ଏତମ୍** (ଏହି) **ପ୍ରାଣମୟମ୍** (ପ୍ରାଣମୟ) **ଆତ୍ମାନମ୍** (ଆତ୍ମାଙ୍କୁ) **ଉପସଂକ୍ରମ୍ୟ** (ଆତ୍ମଭାବରେ ପ୍ରାପ୍ତ ହୋଇ) **ଏତମ୍** (ଏହି) **ମନୋମୟମ୍** (ମନୋମୟ) **ଆତ୍ମାନମ୍** (ଆତ୍ମାଙ୍କୁ) **ଉପସଂକ୍ରମ୍ୟ** (ଆତ୍ମଭାବରେ ପ୍ରାପ୍ତ ହୋଇ) **ଏତମ୍** (ଏହି) **ବିଜ୍ଞାନମୟମ୍** (ବିଜ୍ଞାନମୟ) **ଆତ୍ମାନମ୍** (ଆତ୍ମାଙ୍କୁ) **ଉପସଂକ୍ରମ୍ୟ** (ଆତ୍ମଭାବରେ ପ୍ରାପ୍ତ ହୋଇ) **ଏତମ୍** (ଏହି) **ଆନନ୍ଦମୟମ୍** (ଆନନ୍ଦମୟ) **ଆତ୍ମାନମ୍** (ଆତ୍ମାଙ୍କୁ) **ଉପସଂକ୍ରମ୍ୟ** (ଆତ୍ମଭାବରେ ପ୍ରାପ୍ତ ହୋଇ) **କାମାନ୍ନୀ** (ଯଥେଚ୍ଛ ଅନ୍ନଶାଳୀ) **କାମରୂପୀ** (ଯଥେଚ୍ଛ ରୂପଶାଳୀ) [ହୋଇ] [ଛା. ୮/୭/୧ ଓ ୮/୧୨/୩] **ଇମାନ୍**

---

1. ବିଦ୍ୟୁତ୍, ବୃଷ୍ଟି, ଚନ୍ଦ୍ରମା, ଆଦିତ୍ୟ ଓ ଅଗ୍ନି—ଏହି ପଞ୍ଚଦେବତା ବାୟୁରେ ଲୀନ ହୁଅନ୍ତି—ଛା., ୪/୩/୧-୨ । ସୁତରାଂ ବାୟୁ ବ୍ରହ୍ମଙ୍କର ସଂହାର-କ୍ରିୟାର ଦ୍ୱାର ବା "ପରିମର" । ବାୟୁ ପୁଣି ଆକାଶସମ୍ଭୂତ ବୋଲି ତାହା ସହିତ ଅଭିନ୍ନ, ଅତଏବ ଆକାଶ ମଧ୍ୟ "ପରିମର" ।

(ଏହି ପୃଥିବ୍ୟାଦି) **ଲୋକାନ୍** (ଲୋକସମୂହଙ୍କୁ) **ଅନୁସଞ୍ଚରନ୍** (ପର୍ଯ୍ୟଟନପୂର୍ବକ, ଆତ୍ମରୂପରେ ଅନୁଭବ କରି [ଗୀତା ୨/୭୧]) **ଏତତ୍** (ଏହି) **ସାମ** (ସାମ, ସମତା-ସ୍ୱରୂପ ବ୍ରହ୍ମଙ୍କୁ) **ଗାୟନ୍** (ଗାନ କରି, ତାଙ୍କର ବିଜ୍ଞାନ ପାଇଁ କୃତାର୍ଥତା ବର୍ଣ୍ଣନା କରି) **ଆସ୍ତେ** (ଅବସ୍ଥାନ କରନ୍ତି)—**ହାୱୁ ହାୱୁ ହାୱୁ** (ଅହୋ, ଅହୋ, ଅହୋ; ଆଶ୍ଚର୍ଯ୍ୟସୂଚକ ପ୍ଲୁତି)—୩/୧୦/୫

ଯିଏ ଏହି ପ୍ରକାର ଜ୍ଞାନବାନ୍, ସେ ଏହି ଲୋକରୁ ପ୍ରତ୍ୟାବୃତ୍ତ ହୋଇ ଏହି ଅନ୍ନମୟ ଆତ୍ମାକୁ ଆତ୍ମଭାବରେ ପ୍ରାପ୍ତ ହୁଅନ୍ତି ଏବଂ କ୍ରମାନୁସାରେ ଏହି ପ୍ରାଣମୟ ଆତ୍ମାକୁ ଆତ୍ମଭାବରେ ପ୍ରାପ୍ତ ହୁଅନ୍ତି, ପରେ ଏହି ମନୋମୟ ଆତ୍ମାକୁ ଆତ୍ମଭାବରେ ପ୍ରାପ୍ତ ହୁଅନ୍ତି, ପରେ ବିଜ୍ଞାନମୟ ଆତ୍ମାକୁ ଆତ୍ମଭାବରେ ପ୍ରାପ୍ତ ହୁଅନ୍ତି ଏବଂ ଅବଶେଷରେ ଏହି ଆନନ୍ଦମୟ ଆତ୍ମାକୁ ଆତ୍ମଭାବରେ ପ୍ରାପ୍ତ ହୁଅନ୍ତି । ପରିଶେଷରେ ଯଥେଚ୍ଛ ଅନ୍ନ ଓ ରୂପ ପ୍ରାପ୍ତ ହୋଇ ଏହି ପୃଥିବ୍ୟାଦି ଲୋକ ପର୍ଯ୍ୟଟନ କରୁ କରୁ ଏହି ବ୍ରହ୍ମସାମ୍ୟ ଗାନ କରିଥାଆନ୍ତି—"ଅହୋ, ଅହୋ, ଅହୋ"— ୩/୧୦/୫

ଅହମନ୍ନମହମନ୍ନମହମନ୍ନମ୍ । ଅହମନ୍ନାଦୋଽହମନ୍ନାଦୋଽହମନ୍ନାଦଃ । ଅହଂ ଶ୍ଲୋକକୃଦହଂ ଶ୍ଲୋକକୃଦହଂ ଶ୍ଲୋକକୃତ୍ । ଅହମସ୍ମି ପ୍ରଥମଜା ଋତାୱସ୍ୟ । ପୂର୍ବଂ ଦେବେଭ୍ୟୋଽମୃତସ୍ୟ ନାୱଭାୟି । ଯୋ ମା ଦଦାତି ସ ଇଦେବ ମାୱୋଽଽବାଃ । ଅହମନ୍ନମନ୍ନମଦନ୍ତମାଦ୍ମି । ଅହଂ ବିଶ୍ୱଂ ଭୁବନମଭ୍ୟଭବାୱମ୍ । ସୁବର୍ନ ଜ୍ୟୋତୀଃ । ୟ ଏବଂ ବେଦ । ଇତ୍ୟୁପନିଷତ୍ ॥୬॥

ଇତି ଦଶମୋଽନୁବାକଃ ॥

ଇତି ଭୃଗୁବଲ୍ଲୀ ସମାପ୍ତା ॥

ଇତି ତୈତ୍ତିରୀୟୋପନିଷଦ୍ ସମାପ୍ତା ॥

—**ଅହମ୍** (ମୁଁ) **ଅନ୍ନମ୍** (ଅନ୍ନ) **ଅହମ୍** (ମୁଁ) **ଅନ୍ନମ୍** (ଅନ୍ନ) **ଅହମ୍** (ମୁଁ) **ଅନ୍ନାଦଃ** (ଅନ୍ନଭୋକ୍ତା) **ଅହମ୍** (ମୁଁ) **ଅନ୍ନାଦଃ** (ଅନ୍ନଭୋକ୍ତା) **ଅହମ୍** (ମୁଁ) **ଅନ୍ନାଦଃ** (ଅନ୍ନଭୋକ୍ତା) । **ଅହମ୍** (ମୁଁ) **ଶ୍ଲୋକକୃତ୍** (ଅନ୍ନ ଓ ଅନ୍ନଭୋକ୍ତାର ସମ୍ମିଳନ-କର୍ତ୍ତା) **ଅହମ୍** (ମୁଁ) **ଶ୍ଲୋକକୃତ୍** (ଅନ୍ନ ଓ ଅନ୍ନଭୋକ୍ତାର

ସମ୍ମିଳନ-କର୍ତ୍ତା) **ଅହମ୍** (ମୁଁ) **ଶ୍ଲୋକକୃତ୍** (ଅନ୍ନ ଓ ଅନ୍ନଭୋକ୍ତାର ସମ୍ମିଳନ-କର୍ତ୍ତା); [ବିସ୍ମୟ ବୁଝାଇବା ପାଇଁ ପ୍ରତ୍ୟେକ କଥା ତିନିଥର କୁହାହୋଇଛି] । **ଅହମ୍ ଅସ୍ମି** (ହୁଏ) **ପ୍ରଥମଜାଃ** (ପ୍ରଥମଜଃ, ପ୍ରଥମୋତ୍ପନ୍ନ)—**ଋତସ୍ୟ** (ମୂର୍ତ୍ତ-ଅମୂର୍ତ୍ତ ଜଗତ୍‌ର) [ଏବଂ] **ଦେବେଭ୍ୟଃ** (ଦେବଗଣଙ୍କଠାରୁ) **ପୂର୍ବମ୍** (ପୂର୍ବବର୍ତ୍ତୀ) **ଅମୃତସ୍ୟ** (ଅମୃତତ୍ୱର, ମୁକ୍ତିର) **ନାଭାୟି** (=**ନାଭିଃ**, ମଧ୍ୟଦେଶ, ପ୍ରତିଷ୍ଠା) । [ଅନ୍ନାର୍ଥୀଙ୍କୁ] **ୟଃ** (ଯିଏ) **ମା** ([ଅନ୍ନସ୍ୱରୂପ] ମୋତେ) **ଦଦାତି** (ଦାନ କରନ୍ତି) **ସଃ** (ସେ) **ଇତ୍ ଏବ** (ଏହିପ୍ରକାରେ ହିଁ) **ମା** (ମୋତେ) **ଆବାଃ** (=**ଅବତି**, ରକ୍ଷା କରନ୍ତି) । **ଅନ୍ନମ୍ ଅଦନ୍ତମ୍** (ଯିଏ ଅନ୍ନଦାନ ନ କରନ୍ତି ତାଙ୍କୁ) **ଅହମ୍ ଅନ୍ନମ୍** (ଅନ୍ନରୂପୀ ମୁଁ ହିଁ) **ଅଦ୍ମି** (ଭକ୍ଷଣ କରେ) । **ଅହମ୍** (ମୁଁ) **ବିଶ୍ୱମ୍** (ସମସ୍ତ) **ଭୁବନମ୍** (ଜଗତ୍‌କୁ) **ଅଭ୍ୟଭବାମ୍** (=**ଅଭିଭବାମି**, ପରମେଶ୍ୱରରୂପରେ ଉପସଂହାର କରେ) । [ମୋର] **ଜ୍ୟୋତୀଃ** (=**ଜ୍ୟୋତିଃ**, ଜ୍ୟୋତିଃ) **ସୂବଃ ନ** (ଆଦିତ୍ୟଙ୍କ ସଦୃଶ [ନିତ୍ୟପ୍ରକାଶମାନ]) ।—**ଇତି ଉପନିଷତ୍** (ଏହା ହିଁ ପୂର୍ବୋକ୍ତ ବଲ୍ଲୀଦ୍ୱୟରେ ଉକ୍ତ ପରମାତ୍ମଜ୍ଞାନ) । **ୟଃ ଏବମ୍ ବେଦ** (ଯିଏ [ପୂର୍ବୋକ୍ତ ପ୍ରକାର ସାଧନସମ୍ପନ୍ନ ହୋଇ] ଏହି ପ୍ରକାର ଜାଣନ୍ତି) [ତାଙ୍କର ମୁକ୍ତି ଲାଭ ହୁଏ] । ୩/୧୦/୬

—"ମୁଁ ଅନ୍ନ, ମୁଁ ଅନ୍ନ, ମୁଁ ଅନ୍ନ । ମୁଁ ଅନ୍ନଭୋକ୍ତା, ମୁଁ ଅନ୍ନଭୋକ୍ତା, ମୁଁ ଅନ୍ନଭୋକ୍ତା । ମୁଁ ଅନ୍ନ ଓ ଅନ୍ନଭୋକ୍ତାର ମିଳନ-ଘଟକ, ମୁଁ ମିଳନ-ଘଟକ, ମୁଁ ମିଳନ-ଘଟକ । ମୁଁ ପ୍ରଥମଜ—ମୁଁ ମୂର୍ତ୍ତ ଓ ଅମୂର୍ତ୍ତ ଜଗତ୍‌ର ଏବଂ ଦେବଗଣଙ୍କର ମଧ୍ୟ ପୂର୍ବବର୍ତ୍ତୀ । ମୋଠାରେ ଅମୃତତ୍ୱ ପ୍ରତିଷ୍ଠିତ । ଯିଏ ଅନ୍ନପ୍ରାର୍ଥୀଙ୍କୁ ଅନ୍ନରୂପୀ ମୋତେ ଦାନ କରନ୍ତି, ସେ ଏହି ପ୍ରକାରରେ ହିଁ ମୋତେ ରକ୍ଷା କରନ୍ତି । ଯିଏ ଅନ୍ନଦାନ ନ କରନ୍ତି, ତାଙ୍କୁ ଅନ୍ନରୂପୀ ମୁଁ ହିଁ ଭକ୍ଷଣ କରେ । ମୁଁ ପରମେଶ୍ୱରରୂପରେ ସମସ୍ତ ଜଗତ୍‌କୁ ଶାସନ କରେ । ମୋର ଜ୍ୟୋତିଃସମୂହ ଆଦିତ୍ୟଙ୍କ ସଦୃଶ ନିତ୍ୟପ୍ରକାଶମାନ ।"—ଏହା ହିଁ ପରମାତ୍ମଜ୍ଞାନ । ଯିଏ ଏହି ପ୍ରକାର ଜାଣନ୍ତି ତାଙ୍କର ମୁକ୍ତିଲାଭ ହୁଏ । ୩/୧୦/୬

॥ ଦଶମ ଅନୁବାକ ସମାପ୍ତ ॥

॥ ଭୃଗୁ ବଲ୍ଲୀ ସମାପ୍ତ ॥

॥ ତୈତ୍ତିରୀୟୋପନିଷଦ୍ ସମାପ୍ତ ॥

ଶାନ୍ତିପାଠ

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈ ।
ତେଜସ୍ୱି ନାବଧୀତମସ୍ତୁ ମା ବିଦ୍ୱିଷାବହୈ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ଋଗ୍‌ବେଦୀୟ

ଐତରେୟୋପନିଷଦ୍

ଶାନ୍ତିପାଠ

ଓଁ ବାଙ୍ ମେ ମନସି ପ୍ରତିଷ୍ଠିତା ମନୋ ମେ ବାଚି ପ୍ରତିଷ୍ଠିତ-
ମାବିରାବୀର୍ମ ଏଧି୍ ବେଦସ୍ୟ ମ ଆଣୀସ୍ଥଃ ଶ୍ରୁତଂ ମେ ମା ପ୍ରହାସୀ-
ରନେନାଧୀତେନାହୋରାତ୍ରାନ୍ ସଂଦଧାମ୍ୟୃତଂ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି
ତନ୍ମାମବତୁ ତଦ୍ବକ୍ତାରମବତ୍ୱବତୁ ମାମବତୁ ବକ୍ତାରମବତୁ ବକ୍ତାରମ୍ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ମେ (ମୋର) **ବାକ୍** (ବାକ୍ୟ) **ମନସି** (ମନରେ) **ପ୍ରତିଷ୍ଠିତା** (ପ୍ରତିଷ୍ଠିତ ହେଉ) [ମନରେ ଯାହା ବିବକ୍ଷିତ, ବାକ୍ୟରେ ତାହା ହିଁ ଉଚ୍ଚାରିତ ହେଉ] **ମେ** (ମୋର) **ମନଃ** (ମନ) **ବାଚି** (ବାକ୍ୟରେ) **ପ୍ରତିଷ୍ଠିତମ୍** (ପ୍ରତିଷ୍ଠିତ ହେଉ) [ବ୍ରହ୍ମବିଦ୍ୟା-ପ୍ରତିପାଦକ ଶବ୍ଦରାଶି ହିଁ ମନର ବିବକ୍ଷିତ ହେଉ] । **ଆବିଃ** (ହେ ସ୍ୱପ୍ରକାଶ ବ୍ରହ୍ମ) **ମେ** (ମୋ ନିକଟରେ) **ଆବୀଃ ଏଧି୍** (ପ୍ରକଟିତ ହୁଅନ୍ତୁ); [ହେ ବାକ୍ୟ ଓ ମନ], **ମେ** (ମୋ ପାଇଁ) **ବେଦସ୍ୟ** (ବେଦାର୍ଥ) **ଆଣୀସ୍ଥଃ** (ଆନୟନରେ ସମର୍ଥ ହୁଅ); **ମେ** (ମୋ ଦ୍ୱାରା) **ଶ୍ରୁତମ୍** (ଶ୍ରୁତ ବେଦାର୍ଥ) [ମୋତେ] **ମା ପ୍ରହାସୀଃ** (ପରିତ୍ୟାଗ ନ କରନ୍ତୁ); **ଅନେନ** (ଏହି) **ଅଧୀତେନ** (ଅଧୀତ ଶାସ୍ତ୍ର ଦ୍ୱାରା) **ଅହୋରାତ୍ରାନ୍** (ଦିବା ଓ ରାତ୍ରିକୁ) **ସଂଦଧାମି** (ମୁଁ ସଂୟୋଜିତ କରିବି); **ଋତମ୍** (ମାନସିକ ସତ୍ୟ) **ବଦିଷ୍ୟାମି** (କହିବି) **ସତ୍ୟମ୍** (ବାଚନିକ ସତ୍ୟ) **ବଦିଷ୍ୟାମି** (କହିବି) [ମନରେ ପରମାର୍ଥ ବସ୍ତୁ ବିଚାର କରି ବାକ୍ୟରେ ତାହା ହିଁ ପ୍ରକାଶ କରିବି]; [ବ୍ରହ୍ମବିଦ୍ୟା ସାଧନକାଳରେ] **ତତ୍** ([କୁହାଯାଇଥିବା] ବ୍ରହ୍ମତତ୍ତ୍ୱ) **ମାମ୍** ([ଶିଷ୍ୟ] ମୋତେ) **ଅବତୁ** (ରକ୍ଷା କରନ୍ତୁ) **ତତ୍** (ସେହି ବ୍ରହ୍ମତତ୍ତ୍ୱ) **ବକ୍ତାରମ୍** (ଆଚାର୍ଯ୍ୟଙ୍କୁ) **ଅବତୁ** (ରକ୍ଷା କରନ୍ତୁ); **ଅବତୁ ମାମ୍** (ମୋତେ ରକ୍ଷା କରନ୍ତୁ) **ଅବତୁ ବକ୍ତାରମ୍** (ଆଚାର୍ଯ୍ୟଙ୍କୁ ରକ୍ଷା କରନ୍ତୁ) । **ଅବତୁ ବକ୍ତାରମ୍** (ଆଚାର୍ଯ୍ୟଙ୍କୁ ରକ୍ଷା କରନ୍ତୁ)[ଆଚାର୍ଯ୍ୟଙ୍କ ପ୍ରତି ସମ୍ମାନ ଓ ଶାନ୍ତିର ସମାପ୍ତି ବୁଝାଇବା ପାଇଁ ପୁନରୁକ୍ତି] **ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ** (ତ୍ରିବିଧ ବିଘ୍ନର ଶାନ୍ତି ହେଉ) ।

ମୋର ବାକ୍ୟ ମନରେ ପ୍ରତିଷ୍ଠିତ ହେଉ, ମୋର ମନ ବାକ୍ୟରେ ପ୍ରତିଷ୍ଠିତ ହେଉ । ହେ ସ୍ୱପ୍ରକାଶ ବ୍ରହ୍ମ, (ଆପଣ) ମୋ ନିକଟରେ ପ୍ରକାଶିତ ହୁଅନ୍ତୁ । (ହେ

ବାକ୍ୟ ଓ ମନ ତୁମେମାନେ) ମୋ ପାଇଁ ବେଦାର୍ଥ ଆନୟନରେ ସମର୍ଥ ହୁଅ । ମୋ ଦ୍ୱାରା ଶ୍ରୁତ ବେଦାର୍ଥ ଯେପରି ମୋତେ ପରିତ୍ୟାଗ ନ କରେ । ଏହି ଅଧ୍ୟୟନ ଅବଲମ୍ବନରେ ମୁଁ ଦିବାରାତ୍ରକୁ ସଂୟୋଜିତ କରିବି । ମୁଁ ମାନସିକ ସତ୍ୟ କହିବି, ମୁଁ ବାଚନିକ ସତ୍ୟ କହିବି । ବ୍ରହ୍ମ ମୋତେ ରକ୍ଷା କରନ୍ତୁ, ବ୍ରହ୍ମ ଆଚାର୍ଯ୍ୟଙ୍କୁ ରକ୍ଷା କରନ୍ତୁ; ମୋତେ ରକ୍ଷା କରନ୍ତୁ, ଆଚାର୍ଯ୍ୟଙ୍କୁ ରକ୍ଷା କରନ୍ତୁ । ଆଚାର୍ଯ୍ୟଙ୍କୁ ରକ୍ଷା କରନ୍ତୁ । ଓଁ ତ୍ରିବିଧ ବିଘ୍ନର ବିନାଶ ହେଉ ।

ପ୍ରଥମ ଅଧ୍ୟାୟ

ପ୍ରଥମ ଖଣ୍ଡ

ଓଁ ଆତ୍ମା ବା ଇଦମେକ ଏବାଗ୍ର ଆସୀତ୍ । ନାନ୍ୟତ୍ କିଞ୍ଚନ ମିଷତ୍ । ସ ଇକ୍ଷତ ଲୋକାନ୍ନୁ ସୃଜା ଇତି ॥୧॥

ଅଗ୍ରେ ବୈ (ଜଗତ୍‌ସୃଷ୍ଟି ପୂର୍ବରୁ) **ଇଦମ୍** (ନାମରୂପ ଓ କର୍ମଭେଦରେ ବିଭକ୍ତ ଏହି ଜଗତ୍) **ଏକଃ ଆତ୍ମା ଏବ** (ଅଦ୍ୱିତୀୟ ଆତ୍ମସ୍ୱରୂପ ହିଁ) **ଆସୀତ୍** (ଥିଲା) । **ଅନ୍ୟତ୍** (ଅନ୍ୟ) **କିମ୍ ଚନ** (କିଛି ହିଁ) **ନ ମିଷତ୍** (ନିମେଷାଦି କ୍ରିୟାଶୀଳ ନ ଥିଲା) । **ସଃ** (ସେହି ଆତ୍ମା) **ଇକ୍ଷତ** (ଦର୍ଶନ କଲେ, ବିଚାର କଲେ)— **ଲୋକାନ୍ ନୁ** (ପ୍ରାଣୀବର୍ଗଙ୍କ କର୍ମଫଳଭୂତ ଲୋକସମୂହ) **ସୃଜୈ ଇତି** (ମୁଁ ସୃଷ୍ଟି କରିବି) । ୧/୧/୧

ସୃଷ୍ଟି ପୂର୍ବରୁ ଏହି ଜଗତ୍ ଏକମାତ୍ର ଆତ୍ମସ୍ୱରୂପରେ ହିଁ ବିଦ୍ୟମାନ ଥିଲା; ନିମେଷାଦି କ୍ରିୟାଶୀଳ ଅନ୍ୟ କିଛି ନ ଥିଲା ।[1] ସେହି ଆତ୍ମା ଏହି ପ୍ରକାର ବିଚାର କଲେ—"ମୁଁ ଲୋକସମୂହ ସୃଜନ କରିବି ।" ୧/୧/୧

ସ ଇମାଁଲ୍ଲୋକାନସୃଜତ । ଅମ୍ଭୋ ମରୀଚୀର୍ମରମାପୋଽଦୋଽମ୍ଭଃ ପରେଣ ଦିବଂ ଦ୍ୟୌଃ ପ୍ରତିଷ୍ଠାନ୍ତରିକ୍ଷଂ ମରୀଚୟଃ ପୃଥିବୀ ମରୋ ୟା ଅଧସ୍ତାତ୍ତା ଆପଃ ॥୨॥

ସଃ (ସେହି ଈଶ୍ୱର) **ଇମାନ୍** (ଏହି ସକଳ) **ଲୋକାନ୍** (ଲୋକସମୂହ) **ଅସୃଜତ** (ସୃଜନ କଲେ) । **ଅମ୍ଭଃ** (ଅମ୍ଭୋଲୋକ, ମେଘାଧାର-ଲୋକ) **ମରୀଚୀଃ** (ମରୀଚି-ଲୋକସମୂହ) **ମରମ୍** (ମରଲୋକ) **ଆପଃ** (ଆପଲୋକ) [ସୃଜନ କଲେ] । **ଅଦଃ** (ତାହା ହିଁ [ଦ୍ୟୁଲୋକ, ମହଃ, ଜନ, ତପଃ ଓ ସତ୍ୟ]) **ଅମ୍ଭଃ** (ଅମ୍ଭୋଲୋକ) [ଯାହା] **ପରେଣ ଦିବମ୍** (ଦ୍ୟୁଲୋକ ଊର୍ଦ୍ଧ୍ୱରେ ଅବସ୍ଥିତ)

---

1. ଏହି ବାକ୍ୟଟି ଆତ୍ମତତ୍ତ୍ୱର ସୂତ୍ରସ୍ଥାନୀୟ । ଅନନ୍ତର ଅଧ୍ୟାରୋପ ଓ ଅପବାଦ-ଅବଲମ୍ବନରେ ପ୍ରପଞ୍ଚର ମିଥ୍ୟାତ୍ୱ ଦୃଢ଼ୀକୃତ କରି ଆତ୍ମାର ଅଖଣ୍ଡୈକରସତ୍ୱ ପ୍ରତିପାଦିତ ହେବ । ୧/୩/୧୩ର ପ୍ରଥମ ପଙ୍‌କ୍ତି ପର୍ଯ୍ୟନ୍ତ ଅଧ୍ୟାରୋପ, ଅବଶେଷ ଅପବାଦ (ଭୂମିକା ଦ୍ର.) ।

ଦ୍ୟୌଃ (ଦ୍ୟୁଲୋକ) [ତାହାର] **ପ୍ରତିଷ୍ଠା** (ଆଶ୍ରୟ) । [ଦ୍ୟୁଲୋକର ନିମ୍ନବର୍ତ୍ତୀ ଓ ମରୀଚି ବା ସୂର୍ଯ୍ୟକିରଣ ସହିତ ସମ୍ବନ୍ଧ] **ଅନ୍ତରିକ୍ଷମ୍** (ଅନ୍ତରିକ୍ଷ ହିଁ) **ମରୀଚୟଃ** (ମରୀଚିଲୋକସମୂହ) । **ପୃଥିବୀ** (ପୃଥିବୀ) **ମରଃ** (ମର୍ତ୍ତ୍ୟଲୋକ) । **ୟାଃ** (ଯେଉଁ ସକଳ ଲୋକ) **ଅଧସ୍ତାତ୍** (ପୃଥିବୀର ନିମ୍ନରେ) **ତାଃ** (ସେମାନେ ହିଁ) **ଆପଃ** ([ନିମ୍ନଲୋକବାସୀଙ୍କ ଦ୍ୱାରା ପ୍ରାପ୍ତବ୍ୟ] ଆପଲୋକ) । ୧/୧/୨

(ଅତଃପର) ସେ ଏହି ସକଳ ଲୋକ ସୃଜନ କଲେ—ଅମ୍ଭୋଲୋକ, ମରୀଚିଲୋକସମୂହ, ମରଲୋକ ଓ ଆପଲୋକ । ଦ୍ୟୁଲୋକ ଊର୍ଦ୍ଧ୍ୱରେ ଯାହା ଅବସ୍ଥିତ ତାହା ହିଁ ଅମ୍ଭୋଲୋକ[1]—ଦ୍ୟୁଲୋକ ତାହାର ଆଶ୍ରୟ । ଅନ୍ତରିକ୍ଷ ହିଁ ମରୀଚିଲୋକସମୂହ[2] । ପୃଥିବୀ ହିଁ ମରଲୋକ । ଯେଉଁ ସକଳ ଲୋକ ପୃଥିବୀର ଅଧୋଭାଗରେ ସେମାନେ ହିଁ ଆପଲୋକ । ୧/୧/୨

ସ ଈକ୍ଷତେମେ ନୁ ଲୋକା ଲୋକପାଲାନ୍ନୁ ସୃଜା ଇତି । ସୋଽଭ୍ୟ ଏବ ପୁରୁଷଂ ସମୁଦ୍ଧୃତ୍ୟାମୂର୍ଚ୍ଛୟତ୍ ॥୩॥

[ଲୋକସୃଷ୍ଟି ପରେ] **ସଃ** (ସେହି ଈଶ୍ୱର) **ଈକ୍ଷତ** (ବିଚାର କଲେ)—**ଇମେ ନୁ ଲୋକାଃ** (ଏହି ସକଳ ଲୋକ ତ' ହେଲେ) **ଲୋକପାଲାନ୍ ନୁ ସୃଜୈ** (ଏବେ ଲୋକପାଳସମୂହଙ୍କୁ ସୃଜନ କରିବି)—**ଇତି** (ଏହା) । **ସଃ** (ସେ) **ଅଭ୍ୟଃ ଏବ** (ଅପ୍, ଅର୍ଥାତ୍ ଜଳପ୍ରଧାନ ପଞ୍ଚଭୂତ, ଠାରୁ ହିଁ) **ପୁରୁଷମ୍** (ପୁରୁଷାକାର ପିଣ୍ଡକୁ) **ସମୁଦ୍ଧୃତ୍ୟ** (ଗ୍ରହଣ କରି) **ଅମୂର୍ଚ୍ଛୟତ୍** (ଅବୟବାଦିଯୁକ୍ତ କଲେ; ବିରାଟ୍‌ର ସୃଷ୍ଟି କଲେ) [ଲୋକସୃଷ୍ଟି ଏହାର ହିଁ ଅନ୍ତର୍ଗତ] । ୧/୧/୩

ସେହି ଈଶ୍ୱର ବିଚାର କଲେ, "ଏହି ସକଳ ଲୋକ ତ' ସୃଷ୍ଟ ହେଲା, ଏବେ ଲୋକପାଳସମୂହ ସୃଷ୍ଟି କରିବି ।" ସେ ପଞ୍ଚଭୂତରୁ ହିଁ ପୁରୁଷାକାର ପିଣ୍ଡକୁ ଗ୍ରହଣ କରି ତାଙ୍କଠାରେ ଅବୟବ ସଂଯୁକ୍ତ କଲେ । ୧/୧/୩

---

1. ଅମ୍ଭୋଲୋକ=ସ୍ୱର୍ଗର ଉଚ୍ଚବର୍ତ୍ତୀ ମହଃ, ଜନ, ତପଃ, ସତ୍ୟ ଏବଂ ସ୍ୱର୍ଗଲୋକ । ଏହି ସମସ୍ତ ଲୋକ ହିଁ ପାଞ୍ଚଭୌତିକ ହେଲେ ମଧ୍ୟ ତାହାର ଅନ୍ତର୍ବର୍ତ୍ତୀ ବୃଷ୍ଟି ଜଳ ହିଁ ଆମର ପ୍ରତ୍ୟକ୍ଷ ହୁଏ, ସେଥିପାଇଁ ସେମାନେ ଅପ୍ତଃ (=ଜଳ) ଶବ୍ଦର ବାଚ୍ୟ । —ବିଦ୍ୟାରଣ୍ୟ ।

2. ସୂର୍ଯ୍ୟକିରଣ ଅନେକ ଏବଂ ଅନ୍ତରିକ୍ଷ ମଧ୍ୟ ବହୁତ ପ୍ରଦେଶରେ ବିଭକ୍ତ, ଏଥିପାଇଁ ବହୁବଚନ ।

ତମଭ୍ୟତପତ୍ତସ୍ୟାଭିତପ୍ତସ୍ୟ ମୁଖଂ ନିରଭିଦ୍ୟତ ୟଥାଽଣ୍ଡମ୍ । ମୁଖାଦ୍ ବାକ୍ ବାଚୋଽଗ୍ନିର୍ନାସିକେ ନିରଭିଦ୍ୟେତାଂ ନାସିକାଭ୍ୟାଂ ପ୍ରାଣଃ ପ୍ରାଣାଦ୍ ବାୟୁରକ୍ଷିଣୀ ନିରଭିଦ୍ୟେତାମକ୍ଷିଭ୍ୟାଂ ଚକ୍ଷୁଶ୍ଚକ୍ଷୁଷ ଆଦିତ୍ୟଃ କର୍ଣ୍ଣୌ ନିରଭିଦ୍ୟେତାଂ କର୍ଣ୍ଣାଭ୍ୟାଂ ଶ୍ରୋତ୍ରଂ ଶ୍ରୋତ୍ରାଦ୍ଦିଶସ୍ତ୍ୱଙ୍ନିରଭିଦ୍ୟତ ତ୍ୱଚୋ ଲୋମାନି ଲୋମଭ୍ୟ ଓଷଧିବନସ୍ପତୟୋ ହୃଦୟଂ ନିରଭିଦ୍ୟତ ହୃଦୟାନ୍ମନୋ ମନସଶ୍ଚନ୍ଦ୍ରମା ନାଭିର୍ନିରଭିଦ୍ୟତ ନାଭ୍ୟା ଅପାନୋଽପାନାନ୍ମୃତ୍ୟୁଃ ଶିଶ୍ନଂ ନିରଭିଦ୍ୟତ ଶିଶ୍ନାଦ୍ରେତୋ ରେତସ ଆପଃ ॥୪॥

ଇତି ଐତରେୟୋପନିଷଦି ପ୍ରଥମାଧ୍ୟାୟେ ପ୍ରଥମଃ ଖଣ୍ଡଃ ॥

ତମ୍ (ସେହି ପୁରୁଷାକାର-ପିଣ୍ଡର ଉଦ୍ଦେଶ୍ୟରେ) **ଅଭ୍ୟତପତ୍** (ତପସ୍ୟା, ଅର୍ଥାତ୍ ସଂକଳ୍ପ, କଲେ) । **ଅଭିତପ୍ତସ୍ୟ** (ଈଶ୍ୱରସଂକଳ୍ପ ଦ୍ୱାରା ସଂକଳ୍ପିତ [ମୁ., ୧/୧/୮-୯] **ତସ୍ୟ** (ତାହାଙ୍କର, ସେହି ବିରାଟ୍ ପୁରୁଷଙ୍କର) **ମୁଖମ୍ ନିରଭିଦ୍ୟତ** (ମୁଖବିବର ଉତ୍ପନ୍ନ ହେଲା) **ୟଥା ଅଣ୍ଡମ୍** (ପକ୍ଷୀର ଅଣ୍ଡ ଯେପରି ଭିନ୍ନ ହୁଏ ସେହିପରି) । **ମୁଖାତ୍** (ମୁଖରୁ, ମୁଖାବଲମ୍ବନରେ) **ବାକ୍** (ବାଗିନ୍ଦ୍ରିୟ) **ବାଚଃ** (ବାଗିନ୍ଦ୍ରିୟରୁ, ବାଗିନ୍ଦ୍ରିୟାବଲମ୍ବନରେ) **ଅଗ୍ନିଃ** (ବାଗିନ୍ଦ୍ରିୟର ଅଧିଷ୍ଠାତା ଲୋକପାଳ ଅଗ୍ନି) [ଅଭିବ୍ୟକ୍ତ ହେଲେ] । **ନାସିକେ** (ଘ୍ରାଣେନ୍ଦ୍ରିୟର ଅଧିଷ୍ଠାନ ନାସିକା ଦ୍ୱୟ) **ନିରଭିଦ୍ୟେତାମ୍** (ଉତ୍ପନ୍ନ ହେଲା) **ନାସିକାଭ୍ୟାମ୍** (ନାସିକାଦ୍ୱୟ-ଅବଲମ୍ବନରେ) **ପ୍ରାଣଃ** (ଘ୍ରାଣେନ୍ଦ୍ରିୟ) **ପ୍ରାଣାତ୍** (ଘ୍ରାଣେନ୍ଦ୍ରିୟ-ଅବଲମ୍ବନରେ) **ବାୟୁଃ** (ଅଧିଷ୍ଠାତା ଲୋକପାଳ ବାୟୁ) [ଉତ୍ପନ୍ନ ହେଲେ] । **ଅକ୍ଷିଣୀ** (ଚକ୍ଷୁଗୋଲକଦ୍ୱୟ) **ନିରଭିଦ୍ୟେତାମ୍** (ଉତ୍ପନ୍ନ ହେଲା) **ଅକ୍ଷିଭ୍ୟାମ୍** (ଚକ୍ଷୁଗୋଲକଦ୍ୱୟ-ଅବଲମ୍ବନରେ) **ଚକ୍ଷୁଃ** (ଚକ୍ଷୁରିନ୍ଦ୍ରିୟ) **ଚକ୍ଷୁଷଃ ଆଦିତ୍ୟଃ** (ଚକ୍ଷୁ-ଅବଲମ୍ବନରେ ଆଦିତ୍ୟ) [ପ୍ରକାଶିତ ହେଲେ] । **କର୍ଣ୍ଣୌ** (କର୍ଣ୍ଣବିବର ଦ୍ୱୟ) **ନିରଭିଦ୍ୟେତାମ୍** (ଉତ୍ପନ୍ନ ହେଲା) **କର୍ଣ୍ଣାଭ୍ୟାମ୍** (କର୍ଣ୍ଣଦ୍ୱୟ-ଅବଲମ୍ବନରେ) **ଶ୍ରୋତ୍ରମ୍** (ଶ୍ରବଣେନ୍ଦ୍ରିୟ) **ଶ୍ରୋତ୍ରାତ୍** (ଶ୍ରବଣେନ୍ଦ୍ରିୟଠାରୁ) **ଦିଶଃ** (ଦିଗ୍‌ଦେବତାସମୂହ) [ପ୍ରକଟିତ ହେଲେ] । **ତ୍ୱକ୍** (ସ୍ପର୍ଶେନ୍ଦ୍ରିୟର ଅଧିଷ୍ଠାନ ତ୍ୱକ୍) **ନିରଭିଦ୍ୟତ** (ଉତ୍ପନ୍ନ ହେଲା) **ତ୍ୱଚଃ** (ତ୍ୱକ୍-ଅବଲମ୍ବନରେ) **ଲୋମାନି** (ଲୋମ-ସହଗାମୀ ସ୍ପର୍ଶେନ୍ଦ୍ରିୟ) **ଲୋମଭ୍ୟଃ** (ସ୍ପର୍ଶେନ୍ଦ୍ରିୟ-ଅବଲମ୍ବନରେ) **ଓଷଧିବନସ୍ପତୟଃ** (ଔଷଧି ଓ ବନସ୍ପତି ପ୍ରଭୃତିର ଏବଂ ତ୍ୱଗିନ୍ଦ୍ରିୟର ଦେବତା ଲୋକପାଳ ବାୟୁ) । **ହୃଦୟମ୍** (ଅନ୍ତଃକରଣାଧିଷ୍ଠାନ ହୃଦୟକମଳ) **ନିରଭିଦ୍ୟତ**

(ଉତ୍ପନ୍ନ ହେଲା) **ହୃଦୟାତ୍** (ହୃଦୟପଦ୍ମ-ଅବଲମ୍ବନରେ) **ମନଃ** (ଅନ୍ତଃକରଣ) **ମନସଃ** (ଅନ୍ତଃକରଣ-ଅବଲମ୍ବନରେ) **ଚନ୍ଦ୍ରମାଃ** (ଲୋକପାଳ ଚନ୍ଦ୍ର) [ପ୍ରକଟିତ ହେଲେ] । **ନାଭିଃ** (ସର୍ବପ୍ରାଣର ଆଶ୍ରୟଭୂମି ନାଭି) **ନିରଭିଦ୍ୟତ** (ଉତ୍ପନ୍ନ ହେଲା) **ନାଭ୍ୟାଃ** (ନାଭି-ଅବଲମ୍ବନରେ) **ଅପାନଃ** (ଅପାନ, ଅର୍ଥାତ୍ ଅପାନ ସଂଯୁକ୍ତ ପାୟୁ-ଇନ୍ଦ୍ରିୟ) **ଅପାନାତ୍** (ପାୟୁ-ଇନ୍ଦ୍ରିୟ, ମଳନିର୍ଗମନ ଇନ୍ଦ୍ରିୟ ଅବଲମ୍ବନରେ) **ମୃତ୍ୟୁଃ** (ମୃତ୍ୟୁଦେବତା) [ଆବିର୍ଭୂତ ହେଲେ] । **ଶିଶ୍ନମ୍** (ଜନନେନ୍ଦ୍ରିୟସ୍ଥାନ) **ନିରଭିଦ୍ୟତ** (ଉତ୍ପନ୍ନ ହେଲା) **ଶିଶ୍ନାତ୍** (ଶିଶ୍ନ-ଅବଲମ୍ବନରେ) **ରେତଃ** (ରେତଃ ସମନ୍ୱିତ ଜନନେନ୍ଦ୍ରିୟ) **ରେତସଃ** (ଜନନେନ୍ଦ୍ରିୟ-ଅବଲମ୍ବନରେ) **ଆପଃ** (ଜଳଦ୍ୱାରା ଉପଲକ୍ଷିତ ପଞ୍ଚଭୂତଠାରେ ଉପହିତ ପ୍ରଜାପତି) [ଅଭିବ୍ୟକ୍ତ ହେଲେ] । ୧/୧/୪

ସେହି ଈଶ୍ୱର ପିଣ୍ଡାକାର ପୁରୁଷଙ୍କୁ ଉଦ୍ଦେଶ୍ୟ କରି ସଂକଳ୍ପ କରିଥିଲେ । ଈଶ୍ୱରକୃତ ସଂକଳ୍ପ ଫଳରେ ପକ୍ଷୀ ଡିମ୍ବ ସଦୃଶ ସେହି ପୁରୁଷାକାର ପିଣ୍ଡର ମୁଖ ଉତ୍ପନ୍ନ ହେଲା । ମୁଖ ପରେ ବାଗିନ୍ଦ୍ରିୟ ଏବଂ ବାଗିନ୍ଦ୍ରିୟ ପରେ ତାହାର ଦେବତା ଅଗ୍ନି ଅଭିବ୍ୟକ୍ତ ହେଲେ । ନାସିକାଦ୍ୱୟ ପ୍ରକଟିତ ହେଲା; ନାସିକାଦ୍ୱୟ ପରେ ଘ୍ରାଣେନ୍ଦ୍ରିୟ ଓ ଘ୍ରାଣେନ୍ଦ୍ରିୟ ପରେ ତାହାର ଦେବତା ବାୟୁ ଅଭିବ୍ୟକ୍ତ ହେଲେ । ଅକ୍ଷିଗୋଲକଦ୍ୱୟ ଅଭିବ୍ୟକ୍ତ ହେଲା; ଅକ୍ଷିଦ୍ୱୟ ପରେ ଦର୍ଶନେନ୍ଦ୍ରିୟ, ଏବଂ ଦର୍ଶନେନ୍ଦ୍ରିୟ ପରେ ତାହାର ଦେବତା ସୂର୍ଯ୍ୟ ପ୍ରକାଶିତ ହେଲେ । କର୍ଣ୍ଣଦ୍ୱୟ ଅଭିବ୍ୟକ୍ତ ହେଲା; କର୍ଣ୍ଣବିବରଦ୍ୱୟ ପରେ ଶ୍ରବଣେନ୍ଦ୍ରିୟ, ଓ ଶ୍ରବଣେନ୍ଦ୍ରିୟ ପରେ ଦିଗ୍‌ଦେବତାସମୂହ ପ୍ରକଟିତ ହେଲେ । ତ୍ୱକ୍ ଅଭିବ୍ୟକ୍ତ ହେଲା; ତ୍ୱକ୍ ପରେ ଲୋମସମୂହ (ଅର୍ଥାତ୍ ସ୍ପର୍ଶେନ୍ଦ୍ରିୟ) ଏବଂ ସ୍ପର୍ଶେନ୍ଦ୍ରିୟ ପରେ ଔଷଧି ଓ ବନସ୍ପତି ସକଳ (ଅର୍ଥାତ୍ ବାୟୁଦେବତା) ପ୍ରକାଶିତ ହେଲେ । ହୃଦୟକମଳ ଅଭିବ୍ୟକ୍ତ ହେଲା; ହୃଦୟକମଳ ପରେ ଅନ୍ତଃକରଣ ଏବଂ ଅନ୍ତଃକରଣ ପରେ ଚନ୍ଦ୍ର ପ୍ରକଟିତ ହେଲେ । ନାଭି ଅଭିବ୍ୟକ୍ତ ହେଲା; ନାଭି ପରେ ଅପାନ (ଅର୍ଥାତ୍ ପାୟୁ) ଓ ପାୟୁ ପରେ ମୃତ୍ୟୁ ଆବିର୍ଭୂତ ହେଲେ । ଜନନେନ୍ଦ୍ରିୟସ୍ଥାନ ପ୍ରକଟିତ ହେଲା; ଜନନେନ୍ଦ୍ରିୟସ୍ଥାନ ପରେ ଶୁକ୍ରସମନ୍ୱିତ ଇନ୍ଦ୍ରିୟ ଓ ତାହାର ଦେବତା ପ୍ରଜାପତି ଅଭିବ୍ୟକ୍ତ ହେଲେ ।[1] ୧/୧/୪

॥ ଐତରେୟୋପନିଷଦ୍‌ର ପ୍ରଥମ ଅଧ୍ୟାୟର ପ୍ରଥମ ଖଣ୍ଡ ସମାପ୍ତ ॥

---

1. ଅର୍ଥାତ୍ କ୍ରମାନୁସାରେ ଇନ୍ଦ୍ରିୟଗୋଲକ, ଇନ୍ଦ୍ରିୟ ଓ ଇନ୍ଦ୍ରିୟର ଅଧିଷ୍ଠାତ୍ରୀ ଦେବତା ଆବିର୍ଭୂତ ହେଲେ । ପ୍ରତ୍ୟେକ ସ୍ଥଳରେ ଏହା ବୁଝିବାକୁ ହେବ । ବିରାଟ୍‌ର ଅବୟବସମୂହରୁ

ଦ୍ୱିତୀୟ ଖଣ୍ଡ

ତା ଏତା ଦେବତାଃ ସୃଷ୍ଟା ଅସ୍ମିନ୍ ମହତ୍ୟର୍ଣବେ ପ୍ରାପତନ୍ । ତମଶନାୟାପିପାସାଭ୍ୟାମନ୍ୱବାର୍ଜତ୍ । ତା ଏନମବ୍ରୁବନ୍ନାୟତନଂ ନଃ ପ୍ରଜାନୀହି ୟସ୍ମିନ୍ ପ୍ରତିଷ୍ଠିତା ଅନ୍ନମଦାମେତି ॥ ୧ ॥

ତାଃ ଏତାଃ ଦେବତାଃ (ଏହି ପୂର୍ବୋକ୍ତ ଦେବତାଗଣ ଲୋକପାଳରୂପରେ) **ସୃଷ୍ଟାଃ** (ସୃଷ୍ଟ ହୋଇ) **ଅସ୍ମିନ୍ ମହତି ଅର୍ଣବେ** (ଏହି ମହା ସଂସାର-ସାଗରରେ) **ପ୍ରାପତନ୍** (ନିପତିତ ହେଲେ) । **ତମ୍** (ସେହି ଦେବତାମାନଙ୍କର ଉତ୍ପତ୍ତିର ବୀଜଭୂତ ପ୍ରଥମୋତ୍ପନ୍ନ ପିଣ୍ଡସ୍ୱରୂପକୁ) [ପରମେଶ୍ୱର] **ଅଶନାୟାପିପାସାଭ୍ୟାମ୍** (କ୍ଷୁଧାତୃଷ୍ଣା ସହିତ) [ପାଠାନ୍ତର—**ଅଶନା**] **ଅନ୍ୱବାର୍ଜତ୍** (ସଂଯୋଜିତ କଲେ) । **ତାଃ** (ସେହି କ୍ଷୁଧାତୃଷ୍ଣା-ପୀଡ଼ିତ ଦେବଗଣ) **ଏନମ୍** (ଏହି ସ୍ରଷ୍ଟା ପିତାମହଙ୍କୁ) **ଅବ୍ରୁବନ୍** (କହିଲେ)—**ନଃ** (ଆମ ପାଇଁ) **ଆୟତନମ୍** (ଅଧିଷ୍ଠାନ) **ପ୍ରଜାନୀହି** (ବିଧାନ କରନ୍ତୁ) **ୟସ୍ମିନ୍** (ଯେଉଁ ଆୟତନରେ, ଯେଉଁଥିରେ) **ପ୍ରତିଷ୍ଠିତାଃ** (ଅବସ୍ଥିତ ରହି) **ଅନ୍ନମ୍** (ଅନ୍ନ) **ଅଦାମ ଇତି** (ଭକ୍ଷଣ କରିବୁ) । ୧/୨/୧

ସେହି ପୂର୍ବୋକ୍ତ ଦେବଗଣ ସୃଷ୍ଟ ହୋଇ ମହା ସଂସାରସାଗରରେ ନିପତିତ ହେଲେ । ଈଶ୍ୱର ସେହି ପିଣ୍ଡାକାର ପୁରୁଷଙ୍କୁ (ବିରାଟ୍‌ଙ୍କୁ) କ୍ଷୁଧାତୃଷ୍ଣା ସହିତ ସଂଯୁକ୍ତ କଲେ । (ଏହା ଫଳରେ ତାଙ୍କର କାର୍ଯ୍ୟଭୂତ) ସେହି ଦେବଗଣ (କ୍ଷୁଧାତୃଷ୍ଣାରେ ପୀଡ଼ିତ ହୋଇ) ପରମେଶ୍ୱରଙ୍କୁ ଏହିପରି କହିଲେ—"ଆମ ପାଇଁ ଏପରି ଅଧିଷ୍ଠାନର ବିଧାନ କରନ୍ତୁ ଯେଉଁଥିରେ ଅବସ୍ଥିତ ରହି ଆମେ ଅନ୍ନ ଭକ୍ଷଣ କରିପାରିବୁ ।" ୧/୨/୧

ତାଭ୍ୟୋ ଗାମାନୟତ୍ତା ଅବ୍ରୁବନ୍ନ ବୈ ନୋଽୟମଲମିତି । ତାଭ୍ୟୋଽଶ୍ୱମାନୟତ୍ତା ଅବ୍ରୁବନ୍ନ ବୈ ନୋଽୟମଲମିତି ॥ ୨ ॥

[ଦେବସୃଷ୍ଟି ପରେ ସେମାନଙ୍କ ଭୋଗାୟତନ ବ୍ୟଷ୍ଟି ଦେହର ସୃଷ୍ଟି ଓ ସେଥିରେ ଦେବତାଙ୍କ ପ୍ରବେଶ କୁହାଯାଉଛି] [ଏହିପ୍ରକାର ଅନୁରୁଦ୍ଧ ହୋଇ ପରମେଶ୍ୱର] **ତାଭ୍ୟଃ** (ସେହି ଦେବତାଗଣଙ୍କ ପାଇଁ) **ଗାମ୍** (ଗୋ-ଆକୃତିବିଶିଷ୍ଟ

ଲୋକପାଳସମୂହ ଉତ୍ପନ୍ନ ହେଲେ ।

ଏକ ପିଣ୍ଡ) **ଆନୟତ୍** (ଆଣିଲେ) । **ତାଃ** (ସେମାନେ, ଦେବଗଣ) **ଅବ୍ରୁବନ୍** (କହିଲେ) **ନଃ** (ଆମମାନଙ୍କ ପକ୍ଷରେ) **ଅୟମ୍ ବୈ** (ଏହା ତ) **ନ ଅଲମ୍ ଇତି** (ଯଥେଷ୍ଟ ନୁହେଁ) [ଅର୍ଥାତ୍ ଏହି ଗୋ-ଆକୃତି-ପିଣ୍ଡରେ ଅଧିଷ୍ଠିତ ହୋଇ ଆମେ ପ୍ରଚୁର ଅନ୍ନ ଭୋଗ କରିପାରିବୁ ନାହିଁ] । **ତାଭ୍ୟଃ** (ସେମାନଙ୍କ ପାଇଁ) **ଅଶ୍ୱମ୍** (ଅଶ୍ୱ) **ଆନୟତ୍** (ଆନୟନ କଲେ) । **ତାଃ** (ସେମାନେ) **ଅବ୍ରୁବନ୍** (କହିଲେ)—**ନଃ** (ଆମମାନଙ୍କ ପକ୍ଷରେ) **ଅୟମ୍ ବୈ** (ଏହା ତ) **ନ ଅଲମ୍ ଇତି** (ଯଥେଷ୍ଟ ନୁହେଁ) । ୧/୨/୨

(ପରମେଶ୍ୱର) ସେମାନଙ୍କ ପାଇଁ ଗୋରୁ ଆକୃତିବିଶିଷ୍ଟ ଏକ ପିଣ୍ଡ ଆଣିଲେ । ଦେବଗଣ କହିଲେ, "ଆମମାନଙ୍କ ପକ୍ଷରେ ଏହା ତ' ଯଥେଷ୍ଟ ନୁହେଁ ।" (ଅତଃପର ସେ) ସେମାନଙ୍କ ପାଇଁ ଆଶ୍ୱାକୃତିବିଶିଷ୍ଟ ପିଣ୍ଡ ଆନୟନ କଲେ । ସେମାନେ କହିଲେ, "ଆମମାନଙ୍କ ପକ୍ଷରେ ଏହା ମଧ୍ୟ ଯଥେଷ୍ଟ ନୁହେଁ ।" ୧/୨/୨

ତାଭ୍ୟଃ ପୁରୁଷମାନୟତ୍। ଅବ୍ରୁବନ୍ ସୁକୃତଂ ବତେତି ପୁରୁଷୋ ବାବ ସୁକୃତମ୍ । ତା ଅବ୍ରବୀଦ୍ୟଥାୟତନଂ ପ୍ରବିଶତେତି ॥୩॥

[ପରମେଶ୍ୱର] **ତାଭ୍ୟଃ** (ସେମାନଙ୍କ ପାଇଁ) **ପୁରୁଷମ୍** (ବିରାଟ୍ ଅନୁରୂପ ପୁରୁଷାକୃତିବିଶିଷ୍ଟ ପିଣ୍ଡ) **ଆନୟତ୍** (ଆଣିଲେ) । **ତାଃ** (ସେମାନେ) **ଅବ୍ରୁବନ୍** (କହିଲେ) **ସୁକୃତମ୍ ବତ ଇତି** (ଏହି ଅଧିଷ୍ଠାନଟି ଉତ୍ତମରୂପେ ନିର୍ମିତ ହୋଇଅଛି) । **ପୁରୁଷଃ ବାବ** (ପୁରୁଷ ହିଁ ଯଥାର୍ଥ) **ସୁକୃତମ୍** (ସ୍ୱୟଂ ପରମେଶ୍ୱରକୃତ, ଅଥବା ସର୍ବ ପୁଣ୍ୟକର୍ମ-ସାଧନର ନିଦାନ) । [ପରମେଶ୍ୱର] **ତାଃ** (ଉକ୍ତ ଦେବଗଣଙ୍କୁ) **ଅବ୍ରବୀତ୍** (କହିଲେ)—**ୟଥାୟତନମ୍** (ଯଥୋପଯୁକ୍ତ, ସ୍ୱାଭିମତ ଅଧିଷ୍ଠାନରେ) **ପ୍ରବିଶତ ଇତି** (ପ୍ରବେଶ କର) । ୧/୨/୩

ପରମେଶ୍ୱର ସେମାନଙ୍କ ପାଇଁ ପୁରୁଷାକୃତିବିଶିଷ୍ଟ ପିଣ୍ଡ ଆଣିଲେ । ଦେବଗଣ କହିଲେ, "ଏହି ଅଧିଷ୍ଠାନଟି ଉତ୍ତମରୂପେ ନିର୍ମିତ ହୋଇଅଛି ।" ପୁରୁଷ ଯଥାର୍ଥ ହିଁ ସର୍ବପୁଣ୍ୟକର୍ମର ନିଦାନ ।[1] ପରମେଶ୍ୱର ଦେବଗଣଙ୍କୁ କହିଲେ, "ଯଥୋପଯୁକ୍ତ ଅଧିଷ୍ଠାନରେ ପ୍ରବେଶ କର ।" ୧/୨/୩

---

1. ଅନ୍ୟ ସକଳ ଦେହ ଭୋଗାୟତନ, ଅର୍ଥାତ୍ କେବଳ ପାପପୁଣ୍ୟର ଫଳଭୋଗର ଉପାୟ; କିନ୍ତୁ ମାନବଦେହରେ ପୁଣ୍ୟାଦି ନୂତନ କର୍ମଫଳ ଅର୍ଜିତ ହୁଏ ।

ଅଗ୍ନିର୍ବାଗ୍ଭୂତ୍ୱା ମୁଖଂ ପ୍ରାବିଶତ୍ ବାୟୁଃ ପ୍ରାଣୋ ଭୂତ୍ୱା ନାସିକେ ପ୍ରାବିଶତ୍ ଆଦିତ୍ୟଶ୍ଚକ୍ଷୁର୍ଭୂତ୍ୱାଽକ୍ଷିଣୀ ପ୍ରାବିଶତ୍ ଦିଶଃ ଶ୍ରୋତ୍ରଂ ଭୂତ୍ୱା କର୍ଣ୍ଣୌ ପ୍ରାବିଶନ୍ ଓଷଧ୍ୱବନସ୍ପତୟୋ ଲୋମାନି ଭୂତ୍ୱା ତ୍ୱଚଂ ପ୍ରାବିଶନ୍ ଚନ୍ଦ୍ରମା ମନୋ ଭୂତ୍ୱା ହୃଦୟଂ ପ୍ରାବିଶତ୍ ମୃତ୍ୟୁରପାନୋ ଭୂତ୍ୱା ନାଭିଂ ପ୍ରାବିଶତ୍ ଆପୋ ରେତୋ ଭୂତ୍ୱା ଶିଶ୍ନଂ ପ୍ରାବିଶନ୍ ॥୪॥

ଅଗ୍ନିଃ (ବାକ୍-ଅଭିମାନୀ ଅଗ୍ନିଦେବ) **ବାକ୍ ଭୂତ୍ୱା** (ବାକ୍-ଇନ୍ଦ୍ରିୟ ହୋଇ) **ମୁଖମ୍** (ମୁଖରେ) **ପ୍ରାବିଶତ୍** (ପ୍ରବେଶ କଲେ) । **ବାୟୁଃ** (ବାୟୁ) **ପ୍ରାଣଃ** (ଘ୍ରାଣେନ୍ଦ୍ରିୟ) **ଭୂତ୍ୱା** (ହୋଇ) **ନାସିକେ** (ନାସିକାଦ୍ୱୟରେ) **ପ୍ରାବିଶତ୍** (ପ୍ରବେଶ କଲେ) । **ଆଦିତ୍ୟଃ** (ସୂର୍ଯ୍ୟ) **ଚକ୍ଷୁଃ ଭୂତ୍ୱା** (ଚକ୍ଷୁ ହୋଇ) **ଅକ୍ଷିଣୀ** (ଚକ୍ଷୁଗୋଲକଦ୍ୱୟରେ) **ପ୍ରାବିଶତ୍** (ପ୍ରବେଶ କଲେ) । **ଦିଶଃ** (ଦିଗସମୂହ) **ଶ୍ରୋତ୍ରମ୍ ଭୂତ୍ୱା** (ଶ୍ରବଣେନ୍ଦ୍ରିୟ ହୋଇ) **କର୍ଣ୍ଣୌ** (କର୍ଣ୍ଣବିବରରେ) **ପ୍ରାବିଶନ୍** (ପ୍ରବେଶ କଲେ) । **ଓଷଧ୍ୱବନସ୍ପତୟଃ** (ଔଷଧି ଓ ବନସ୍ପତିସକଳ) **ଲୋମାନି** (ଲୋମସମନ୍ୱିତ ତ୍ୱଗିନ୍ଦ୍ରିୟ) **ଭୂତ୍ୱା** (ହୋଇ) **ତ୍ୱଚମ୍** (ତ୍ୱକ୍ ମଧ୍ୟରେ) **ପ୍ରାବିଶନ୍** (ପ୍ରବେଶ କଲେ) । **ଚନ୍ଦ୍ରମାଃ** (ଚନ୍ଦ୍ର) **ମନଃ** (ଅନ୍ତଃକରଣ) **ଭୂତ୍ୱା** (ହୋଇ) **ହୃଦୟମ୍** (ହୃଦୟପଦ୍ମରେ) **ପ୍ରାବିଶତ୍** (ପ୍ରବେଶ କଲେ) । **ମୃତ୍ୟୁଃ** (ଯମ) **ଅପାନଃ** (ପାୟୁ-ଇନ୍ଦ୍ରିୟ) **ଭୂତ୍ୱା** (ହୋଇ) **ନାଭିମ୍** (ନାଭିମୂଳରେ) **ପ୍ରାବିଶତ୍** (ପ୍ରବେଶ କଲେ) । **ଆପଃ** (ପ୍ରଜାପତି) **ରେତଃ** (ରେତଃସହଗାମୀ ଜନନେନ୍ଦ୍ରିୟ) **ଭୂତ୍ୱା** (ହୋଇ) **ଶିଶ୍ନମ୍** (ଜନନେନ୍ଦ୍ରିୟରେ) **ପ୍ରାବିଶନ୍** (ପ୍ରବେଶ କଲେ) । ୧/୨/୪

ଅଗ୍ନି ବାକ୍ ହୋଇ ମୁଖରେ ପ୍ରବେଶ କଲେ । ବାୟୁ ଘ୍ରାଣେନ୍ଦ୍ରିୟରୂପରେ ନାସିକାଦ୍ୱୟରେ ପ୍ରବେଶ କଲେ । ସୂର୍ଯ୍ୟ ଦର୍ଶନେନ୍ଦ୍ରିୟରୂପରେ ଚକ୍ଷୁଗୋଲକଦ୍ୱୟରେ ପ୍ରବେଶ କଲେ । ଦିଗସମୂହ ଶ୍ରବଣେନ୍ଦ୍ରିୟରୂପରେ କର୍ଣ୍ଣବିବରରେ ପ୍ରବେଶ କଲେ । ଔଷଧି ଓ ବନସ୍ପତିସକଳ ସ୍ପର୍ଶେନ୍ଦ୍ରିୟ ହୋଇ ତ୍ୱକ୍ ମଧ୍ୟରେ ପ୍ରବେଶ କଲେ । ଚନ୍ଦ୍ର ଅନ୍ତଃକରଣ ହୋଇ ହୃଦୟପଦ୍ମରେ ପ୍ରବେଶ କଲେ । ମୃତ୍ୟୁ ଅପାନରୂପରେ ନାଭିମୂଳରେ ପ୍ରବେଶ କଲେ । ପ୍ରଜାପତି ଜନନେନ୍ଦ୍ରିୟରୂପରେ ଜନନେନ୍ଦ୍ରିୟସ୍ଥାନରେ ପ୍ରବେଶ କଲେ ।[1] ୧/୨/୪

---

1. ଏହି ସବୁ ସ୍ଥଳରେ ଇନ୍ଦ୍ରିୟ ଓ ତାହାର ଅଧିଷ୍ଠାତ୍ରୀ ଦେବତା ଉଭୟଙ୍କ ପ୍ରବେଶ ବୁଝିବାକୁ ହେବ ।

ତମଶନାୟାପିପାସେ ଅବ୍ରୁତାମାବାଭ୍ୟାମଭିପ୍ରଜାନୀହୀତି । ତେ ଅବ୍ରବୀଦେତାସ୍ବେବ ବାଂ ଦେବତାସ୍ବାଭଜାମ୍ୟେତାସୁ ଭାଗିନେୟୀ କରୋମୀତି । ତସ୍ମାଦ୍ୟସ୍ୟୈ କସ୍ୟୈ ଚ ଦେବତାୟୈ ହବିର୍ଗୃହ୍ୟତେ ଭାଗିନ୍ୟାବେବାସ୍ୟାମଶନାୟାପିପାସେ ଭବତଃ ॥୫॥

ଇତି ଐତରେୟୋପନିଷଦି ପ୍ରଥମାଧ୍ୟାୟେ ଦ୍ୱିତୀୟଃ ଖଣ୍ଡଃ ॥

ଅଶନାୟା-ପିପାସେ (କ୍ଷୁଧା ଓ ତୃଷ୍ଣା) **ତମ୍** (ତାଙ୍କୁ, ପରମେଶ୍ୱରଙ୍କୁ) **ଅବ୍ରୁତାମ୍** (କହିଲେ) **ଆବାଭ୍ୟାମ୍** (ଆମ ପାଇଁ) **ଅଭିପ୍ରଜାନୀହି ଇତି** (ଅଧିଷ୍ଠାନ ବିଧାନ କରନ୍ତୁ) । [ସେ] **ତେ** (ଉଭୟଙ୍କୁ) **ଅବ୍ରବୀତ୍** (କହିଲେ) **ବାମ୍** (ତୁମ ଦୁଇଜଣଙ୍କୁ) **ଏତାସୁ** (ଏହି ସକଳ) **ଦେବତାସୁ ଏବ** (ଅଗ୍ନ୍ୟାଦି ଦେବଗଣଙ୍କ ମଧ୍ୟରେ ହିଁ) **ଆଭଜାମି** (ବୃତ୍ତି ବିଭାଗ କରି ଅନୁଗୃହୀତ କରିବି) **ଏତାସୁ** (ଏମାନଙ୍କ ଭିତରେ) **ଭାଗିନେୟୀ** (ଭାଗଯୁକ୍ତ) **କରୋମି ଇତି** (କରିବି) । **ତସ୍ମାତ୍** (ସୁତରାଂ) **ୟସ୍ୟୈ କସ୍ୟୈ ଚ** (ଯେକୌଣସି) **ଦେବତାୟୈ** (ଦେବତାଙ୍କ ଉଦ୍ଦେଶ୍ୟରେ) **ହବିଃ** (ଆହୁତି ଦ୍ରବ୍ୟ) **ଗୃହ୍ୟତେ** (ଗୃହୀତ ହୁଏ) **ଅସ୍ୟାମ୍ ଏବ** (ସେହି ଦେବତାଙ୍କ ମଧ୍ୟରେ ହିଁ) **ଅଶନାୟା-ପିପାସେ** (କ୍ଷୁଧା ଓ ତୃଷ୍ଣା) **ଭାଗିନେୟୀ** (ଭାଗଯୁକ୍ତ) **ଭବତଃ** (ହୋଇଥାଆନ୍ତି) । ୧/୨/୫

କ୍ଷୁଧା-ତୃଷ୍ଣା ପରମେଶ୍ୱରଙ୍କୁ କହିଲେ, "ଆମ ପାଇଁ ଅଧିଷ୍ଠାନ ବିଧାନ କରନ୍ତୁ ।" ସେ ସେମାନଙ୍କୁ କହିଲେ, "ଏହି ସକଳ ଦେବଗଣଙ୍କ ମଧ୍ୟରେ ହିଁ ତୁମମାନଙ୍କର ଜୀବିକା ବିଭାଗ କରି ଦେଇ ତୁମମାନଙ୍କୁ ଅନୁଗୃହୀତ କରିବି; ଏମାନଙ୍କ ଭିତରେ ହିଁ ତୁମମାନଙ୍କୁ ଭାଗଯୁକ୍ତ କରିବି ।" ଏହି କାରଣରୁ ଯେକୌଣସି ଦେବତାଙ୍କ ପାଇଁ ହବି ଗୃହୀତ ହେଉ ନା କାହିଁକି, ସେହି ଦେବତାଙ୍କ ଭାଗରୁ ହିଁ କ୍ଷୁଧା ଓ ତୃଷ୍ଣା ଭାଗ ପାଇଥାଅନ୍ତି[1] । ୧/୨/୫

॥ ଐତରେୟୋପନିଷଦ୍‌ର ପ୍ରଥମ ଅଧ୍ୟାୟର ଦ୍ୱିତୀୟ ଖଣ୍ଡ ସମାପ୍ତ ॥

---

1. ଯଦିଓ ଭୋକ୍ତା ଜୀବ ସଂସାରରେ ପ୍ରବେଶ କରେ, ତଥାପି ତାହାର ପ୍ରବେଶ ଓ ଭୋଗାଦି ସ୍ୱରୂପତଃ ମିଥ୍ୟା । ଏହା ବୁଝାଇବା ପାଇଁ ଇନ୍ଦ୍ରିୟ ଓ ଦେବଗଣଙ୍କ ସମ୍ବନ୍ଧରେ କ୍ଷୁଧା-ତୃଷ୍ଣାଦିରୂପକ ସଂସାର ବର୍ଣ୍ଣିତ ହେଲା; ଜୀବ ସମ୍ବନ୍ଧରେ ତାହା କୁହାହେଲା ନାହିଁ ।

ତୃତୀୟ ଖଣ୍ଡ

ସ ଈକ୍ଷତେମେ ନୁ ଲୋକାଶ୍ଚ ଲୋକପାଲାଶ୍ଚାନ୍ନମେଭ୍ୟଃ ସୃଜା ଇତି ॥୧॥

ସଃ (ସେହି ପରମେଶ୍ୱର) **ଈକ୍ଷତ** (ଈକ୍ଷଣ କଲେ, ବିଚାର କଲେ)— **ଇମେ ନୁ** (ଏହି ସବୁ) **ଲୋକାଃ ଚ** (ଲୋକସକଳ) **ଲୋକପାଲାଃ ଚ** (ଏବଂ ଲୋକପାଳସକଳ) [ସୃଷ୍ଟ ହେଲେ]; **ଏଭ୍ୟଃ** (ଏମାନଙ୍କ ପାଇଁ) **ଅନ୍ନମ୍** (ଅନ୍ନ) **ସୃଜେ ଇତି** (ସୃଷ୍ଟି କରିବି) । ୧/୩/୧

ପରମେଶ୍ୱର ବିଚାର କଲେ—"ଏହି ଲୋକସମୂହ ଏବଂ ଲୋକପାଳସମୂହ ତ' ସୃଷ୍ଟ ହେଲେ; ଏବେ ଏମାନଙ୍କ ପାଇଁ ଅନ୍ନ ସୃଷ୍ଟି କରିବି ।" ୧/୩/୧

ସୋଽପୋଽଭ୍ୟତପତ୍ତାଭ୍ୟୋଽଭିତପ୍ତାଭ୍ୟଃ ମୂର୍ତ୍ତିରଜାୟତ । ୟା ବୈ ସା ମୂର୍ତ୍ତିରଜାୟତାନ୍ନଂ ବୈ ତତ୍ ॥୨॥

ସଃ (ସେ) **ଅପଃ** (ଜଳସମୂହକୁ, ଅର୍ଥାତ୍ ପଞ୍ଚଭୂତକୁ, ଉଦ୍ଦେଶ୍ୟ କରି) **ଅଭ୍ୟତପତ୍** ([ପ୍ରାଣୀଗଣଙ୍କର ଅନ୍ନ ସୃଷ୍ଟ ହେଉ, ଏହିପରି] ସଂକଳ୍ପ କଲେ); **ଅଭିତପ୍ତାଭ୍ୟଃ** (ସଂକଳ୍ପିତ) **ତାଭ୍ୟଃ** (ସେହି ଜଳରାଶିରୁ) **ମୂର୍ତ୍ତିଃ** (ଘନୀଭୂତ ରୂପ) **ଅଜାୟତ** (ଜାତ ହେଲା) । **ୟା ବୈ ସା** (ସେହି ଯେଉଁ) **ମୂର୍ତ୍ତିଃ** (ପିଣ୍ଡଶରୀର-ସଂରକ୍ଷଣରେ ସମର୍ଥ ଘନୀଭୂତ ରୂପ) **ଅଜାୟତ** (ଜାତ ହେଲା) **ତତ୍ ବୈ** (ତାହା ହିଁ) **ଅନ୍ନମ୍** (ଅନ୍ନ) । ୧/୩/୨

ସେ ପଞ୍ଚଭୂତକୁ ଉଦ୍ଦେଶ୍ୟ କରି ସଂକଳ୍ପ କଲେ; ସଂକଳ୍ପିତ ସେହି ପଞ୍ଚଭୂତଠାରୁ ଘନୀଭୂତ ରୂପ ଜାତ ହେଲା । ସେହି ଯେଉଁ ଘନୀଭୂତ ରୂପ ଜାତ ହେଲା ତାହା ହିଁ ଅନ୍ନ । ୧/୩/୨

ତଦେନତ୍ସୃଷ୍ଟଂ ପରାଡତ୍ୟଜିଘାଂସତ୍ତଦ୍ବାଚାଽଜିଘୃକ୍ଷତ୍ତନ୍ନାଶକ୍ନୋଦ୍ବାଚା ଗ୍ରହୀତୁଂ ସ ୟଦ୍ଧୈନଦ୍ବାଚାଽଗ୍ରହୈଷ୍ୟଦଭିବ୍ୟାହୃତ୍ୟ ହୈବାନ୍ନମତ୍ରପ୍ସ୍ୟତ୍ ॥୩॥

ସୃଷ୍ଟମ୍ ([ଲୋକ ଓ ଲୋକପାଳଗଣଙ୍କ] ଉଦ୍ଦେଶ୍ୟରେ ସୃଷ୍ଟ) **ତତ୍** (ଉକ୍ତ) **ଏନତ୍** (ଏହି ଅନ୍ନ) **ପରାଙ୍ ଅତ୍ୟଜିଘାଂସତ୍** (ପରାଙ୍ମୁଖୀ ହୋଇ ଖାଦକ ଲୋକ ଓ ଲୋକପାଳଗଣଙ୍କଠାରୁ ଦୂରକୁ ଯିବାକୁ ଚେଷ୍ଟିତ ହେଲେ) [ଅର୍ଥାତ୍ ବାହାରେ ରହିଗଲେ] । **ତତ୍** (ଉକ୍ତ ଅନ୍ନକୁ) [ଅନ୍ୟ ଖାଦକ ନ ଥିବାରୁ ଲୋକ ଓ ଲୋକପାଳ ସମଷ୍ଟିରୂପୀ ଆଦିଭୋକ୍ତା] **ବାଚା** (ବାକ୍ୟସହାୟରେ, ନାମୋଚ୍ଚାରଣ କରି) **ଅଜିଘୃକ୍ଷତ୍** (ଗ୍ରହଣ କରିବାକୁ ଚାହିଁଲେ); **ତତ୍** (ତାହାକୁ, ଉକ୍ତ ଅନ୍ନକୁ) **ବାଚା** (ବାକ୍ୟ ଦ୍ୱାରା) **ଗ୍ରହୀତୁମ୍** (ଗ୍ରହଣ କରିବାକୁ) **ନ ଅଶକ୍ନୋତ୍** (ପାରିଲେ ନାହିଁ); **ସଃ** (ସେହି ଆଦିଭୋକ୍ତା) **ୟତ୍ ହ** (ଯଦି) **ଏନତ୍** (ଏହି ଅନ୍ନକୁ) **ବାଚା** (ବାକ୍ୟ ଦ୍ୱାରା) **ଅଗ୍ରହୈଷ୍ୟତ୍** (ଗ୍ରହଣ କରିପାରିଥାଆନ୍ତେ) [ତେବେ ପରବର୍ତ୍ତୀ ଜୀବ ମଧ୍ୟ] **ଅନ୍ନମ୍ ଅଭିବ୍ୟାହୃତ୍ୟ ଏବ ହ** (ଅନ୍ନସମ୍ବନ୍ଧରେ କଥା କହି ହିଁ) **ଅତ୍ରପ୍ସ୍ୟତ୍** (ତୃପ୍ତ ହୋଇଥାଆନ୍ତେ) । ୧/୩/୩

ସେମାନଙ୍କ ଉଦ୍ଦେଶ୍ୟରେ ସୃଷ୍ଟ ଉକ୍ତ ଅନ୍ନ ସେମାନଙ୍କ ନିକଟରୁ ପରାଙ୍ମୁଖୀ ହୋଇ ପଳାଇବାକୁ ଲାଗିଲା । (ଭୋକ୍ତୃସମଷ୍ଟିରୂପୀ) ଆଦିଭୋକ୍ତା ଉକ୍ତ ଅନ୍ନକୁ ବାକ୍ୟ ଦ୍ୱାରା ଗ୍ରହଣ କରିବାକୁ ଚାହିଁଲେ; କିନ୍ତୁ ବାକ୍ୟ ଦ୍ୱାରା ତାହାକୁ ଗ୍ରହଣ କରିପାରିଲେ ନାହିଁ । ଯଦି ସେ ବାକ୍ୟ ଦ୍ୱାରା ତାହା ଗ୍ରହଣ କରି ପାରିଥାଆନ୍ତେ, ତେବେ ପରବର୍ତ୍ତୀ ଜୀବ ମଧ୍ୟ ଅନ୍ନର ଆଲୋଚନା କରି ହିଁ ତୃପ୍ତ ହୋଇଥାଆନ୍ତା । ୧/୩/୩

ତତ୍ ପ୍ରାଣେନାଜିଘୃକ୍ଷତ୍ ତନ୍ନାଶକ୍ନୋତ୍ପ୍ରାଣେନ ଗ୍ରହୀତୁଂ ସ ୟଦ୍ଧୈନତ୍ ପ୍ରାଣେନାଗ୍ରହୈଷ୍ୟଦଭିପ୍ରାଣ୍ୟ ହୈବାନ୍ନମତ୍ରପ୍ସ୍ୟତ୍ ॥୪॥

[ଆଦିଭୋକ୍ତା] **ତତ୍** (ଉକ୍ତ ଅନ୍ନକୁ) **ପ୍ରାଣେନ** (ଘ୍ରାଣେନ୍ଦ୍ରିୟଦ୍ୱାରା) **ଅଜିଘୃକ୍ଷତ୍** (ଗ୍ରହଣ କରିବାକୁ ଚାହିଁଲେ) । **ତତ୍** (ତାହାକୁ, ଉକ୍ତ ଅନ୍ନକୁ) **ପ୍ରାଣେନ** (ଘ୍ରାଣେନ୍ଦ୍ରିୟ ଦ୍ୱାରା) **ଗ୍ରହୀତୁମ୍** (ଗ୍ରହଣ କରିବାକୁ) **ନ ଅଶକ୍ନୋତ୍** (ପାରିଲେ ନାହିଁ); **ସଃ** (ସେହି ଆଦିଭୋକ୍ତା) **ୟତ୍ ହ** (ଯଦି) **ଏନତ୍** (ଏହି ଅନ୍ନକୁ) **ପ୍ରାଣେନ** (ଘ୍ରାଣେନ୍ଦ୍ରିୟ ଦ୍ୱାରା) **ଅଗ୍ରହୈଷ୍ୟତ୍** (ଗ୍ରହଣ କରିପାରିଥାଆନ୍ତେ) [ତେବେ

ପରବର୍ତ୍ତୀ ଜୀବ ମଧ୍ୟ] **ଅନ୍ନମ୍ ଅଭିପ୍ରାଣ୍ୟ ଏବ ହ** (ଅନ୍ନକୁ ଆଘ୍ରାଣ କରି ହିଁ) **ଅତ୍ରପ୍ସ୍ୟତ୍** (ତୃପ୍ତ ହୋଇଥାଆନ୍ତେ) । ୧/୩/୪

ଆଦିଭୋକ୍ତା ସେହି ଅନ୍ନକୁ ଘ୍ରାଣ ଦ୍ୱାରା ଗ୍ରହଣ କରିବାକୁ ଇଚ୍ଛା କଲେ; କିନ୍ତୁ ଘ୍ରାଣ ଦ୍ୱାରା ତାହା ଗ୍ରହଣ କରିପାରିଲେ ନାହିଁ । ସେ ଯଦି ଏହି ଅନ୍ନକୁ ଘ୍ରାଣ ଦ୍ୱାରା ଗ୍ରହଣ କରିପାରିଥାଆନ୍ତେ, ତେବେ ପରବର୍ତ୍ତୀ ଜୀବ ମଧ୍ୟ ଅନ୍ନକୁ ଆଘ୍ରାଣ କରି ହିଁ ତୃପ୍ତ ହୋଇଥାଆନ୍ତେ । ୧/୩/୪

ତଚ୍ଚକ୍ଷୁଷାଽଜିଘୃକ୍ଷତ୍ ତନ୍ନାଶକ୍ନୋଚ୍ଚକ୍ଷୁଷା ଗ୍ରହୀତୁଂ ସ ଯଦ୍ଧୈନଚ୍ଚକ୍ଷୁଷାଽଗ୍ରହୈଷ୍ୟଦ୍ ଦୃଷ୍ଟ୍ୱା ହୈବାନ୍ନମତ୍ରପ୍ସ୍ୟତ୍ ॥୫॥

[ଆଦିଭୋକ୍ତା] **ତତ୍** (ଉକ୍ତ ଅନ୍ନକୁ) **ଚକ୍ଷୁଷା** (ଚକ୍ଷୁଦ୍ୱାରା) **ଅଜିଘୃକ୍ଷତ୍** (ଗ୍ରହଣ କରିବାକୁ ଚାହିଁଲେ) । **ତତ୍** (ତାହାକୁ) **ଚକ୍ଷୁଷା** (ଚକ୍ଷୁ ଦ୍ୱାରା) **ଗ୍ରହୀତୁମ୍** (ଗ୍ରହଣ କରିବାକୁ) **ନ ଅଶକ୍ନୋତ୍** (ପାରିଲେ ନାହିଁ); **ସଃ** (ସେ) **ଯତ୍ ହ** (ଯଦି) **ଏନତ୍** (ଏହି ଅନ୍ନକୁ) **ଚକ୍ଷୁଷା** (ଚକ୍ଷୁ ଦ୍ୱାରା) **ଅଗ୍ରହୈଷ୍ୟତ୍** (ଗ୍ରହଣ କରିପାରିଥାଆନ୍ତେ) [ତେବେ ପରବର୍ତ୍ତୀ ଜୀବ ମଧ୍ୟ] **ଅନ୍ନମ୍ ଦୃଷ୍ଟ୍ୱା ଏବ ହ** (ଅନ୍ନକୁ ଦର୍ଶନ କରି ହିଁ) **ଅତ୍ରପ୍ସ୍ୟତ୍** (ତୃପ୍ତ ହୋଇଥାଆନ୍ତେ) । ୧/୩/୫

ଆଦିଭୋକ୍ତା ତାହାକୁ ଚକ୍ଷୁଦ୍ୱାରା ଗ୍ରହଣ କରିବାକୁ ଇଚ୍ଛା କଲେ । କିନ୍ତୁ ଚକ୍ଷୁଦ୍ୱାରା ତାହା ଗ୍ରହଣ କରିପାରିଲେ ନାହିଁ । ସେ ଯଦି ଏହି ଅନ୍ନକୁ ଚକ୍ଷୁଦ୍ୱାରା ଗ୍ରହଣ କରିପାରିଥାଆନ୍ତେ, ତେବେ ପରବର୍ତ୍ତୀ ଜୀବ ମଧ୍ୟ ଅନ୍ନକୁ କେବଳ ଦର୍ଶନ କରି ହିଁ ତୃପ୍ତ ହୋଇଥାଆନ୍ତେ । ୧/୩/୫

ତଚ୍ଛ୍ରୋତ୍ରେଣାଜିଘୃକ୍ଷତ୍ ତନ୍ନାଶକ୍ନୋଚ୍ଛ୍ରୋତ୍ରେଣ ଗ୍ରହୀତୁଂ ସ ଯଦ୍ଧୈନଚ୍ଛ୍ରୋତ୍ରେଣାଗ୍ରହୈଷ୍ୟଚ୍ଛ୍ରୁତ୍ୱା ହୈବାନ୍ନମତ୍ରପ୍ସ୍ୟତ୍ ॥୬॥

[ଆଦିଭୋକ୍ତା] **ତତ୍** (ଉକ୍ତ ଅନ୍ନକୁ) **ଶ୍ରୋତ୍ରେଣ** (କର୍ଣ୍ଣ ଦ୍ୱାରା) **ଅଜିଘୃକ୍ଷତ୍** (ଗ୍ରହଣ କରିବାକୁ ଚାହିଁଲେ) । **ତତ୍** (ତାହାକୁ) **ଶ୍ରୋତ୍ରେଣ** (କର୍ଣ୍ଣ ଦ୍ୱାରା) **ଗ୍ରହୀତୁମ୍** (ଗ୍ରହଣ କରିବାକୁ) **ନ ଅଶକ୍ନୋତ୍** (ପାରିଲେ ନାହିଁ); **ସଃ** (ସେହି ଆଦିଭୋକ୍ତା) **ଯତ୍ ହ** (ଯଦି) **ଏନତ୍** (ଏହି ଅନ୍ନକୁ) **ଶ୍ରୋତ୍ରେଣ** (କର୍ଣ୍ଣ ଦ୍ୱାରା) **ଅଗ୍ରହୈଷ୍ୟତ୍** (ଗ୍ରହଣ କରିପାରିଥାଆନ୍ତେ) [ତେବେ ପରବର୍ତ୍ତୀ ଜୀବ ମଧ୍ୟ] **ଅନ୍ନମ୍ ଶ୍ରୁତ୍ୱା ଏବ ହ** (ଅନ୍ନ ସମ୍ବନ୍ଧରେ ଶ୍ରବଣ କରି ହିଁ) **ଅତ୍ରପ୍ସ୍ୟତ୍** (ତୃପ୍ତ ହୋଇଥାଆନ୍ତେ) । ୧/୩/୬

ଆଦିଭୋକ୍ତା ଉକ୍ତ ଅନ୍ନକୁ କର୍ଣ୍ଣ ଦ୍ୱାରା ଗ୍ରହଣ କରିବାକୁ ଚାହିଁଲେ; କିନ୍ତୁ ତାହାକୁ କର୍ଣ୍ଣ ଦ୍ୱାରା ଗ୍ରହଣ କରିପାରିଲେ ନାହିଁ । ସେ ଯଦି ଏହି ଅନ୍ନକୁ କର୍ଣ୍ଣ ଦ୍ୱାରା ଗ୍ରହଣ କରିପାରିଥାଆନ୍ତେ, ତେବେ ପରବର୍ତ୍ତୀ ଜୀବ ମଧ୍ୟ ଅନ୍ନ ସମ୍ବନ୍ଧରେ କେବଳ ଶ୍ରବଣ କରି ହିଁ ତୃପ୍ତ ହୋଇଥାଆନ୍ତେ । ୧/୩/୬

ତତ୍ତ୍ୱଚାଽଜିଘୃକ୍ଷତ୍ ତନ୍ନାଶକ୍ନୋତ୍ତ୍ୱଚା ଗ୍ରହୀତୁଂ ସ ଯଦ୍ଧୈନତ୍ତ୍ୱଚାଽଗ୍ରହୈଷ୍ୟତ୍ ସ୍ପୃଷ୍ଟ୍ୱା ହୈବାନ୍ନମତ୍ରପ୍ସ୍ୟତ୍ ॥୭॥

[ଆଦିଭୋକ୍ତା] **ତତ୍** (ଉକ୍ତ ଅନ୍ନକୁ) **ତ୍ୱଚା** (ସ୍ପର୍ଶେନ୍ଦ୍ରିୟ ଦ୍ୱାରା) **ଅଜିଘୃକ୍ଷତ୍** (ଗ୍ରହଣ କରିବାକୁ ଚାହିଁଲେ) । **ତତ୍** (ତାହାକୁ) **ତ୍ୱଚା** (ସ୍ପର୍ଶେନ୍ଦ୍ରିୟ ଦ୍ୱାରା) **ଗ୍ରହୀତୁମ୍** (ଗ୍ରହଣ କରିବାକୁ) **ନ ଅଶକ୍ନୋତ୍** (ପାରିଲେ ନାହିଁ); **ସଃ** (ସେହି ଆଦିଭୋକ୍ତା) **ଯତ୍ ହ** (ଯଦି) **ଏନତ୍** (ଏହି ଅନ୍ନକୁ) **ତ୍ୱଚା** (ସ୍ପର୍ଶେନ୍ଦ୍ରିୟ ଦ୍ୱାରା) **ଅଗ୍ରହୈଷ୍ୟତ୍** (ଗ୍ରହଣ କରିପାରିଥାଆନ୍ତେ) [ତେବେ ପରବର୍ତ୍ତୀ ଜୀବ ମଧ୍ୟ] **ଅନ୍ନମ୍ ସ୍ପୃଷ୍ଟ୍ୱା ଏବ ହ** (ଅନ୍ନକୁ ସ୍ପର୍ଶକରି ହିଁ) **ଅତ୍ରପ୍ସ୍ୟତ୍** (ତୃପ୍ତ ହୋଇଥାଆନ୍ତେ) । ୧/୩/୬

ଆଦିଭୋକ୍ତା ଉକ୍ତ ଅନ୍ନକୁ ସ୍ପର୍ଶେନ୍ଦ୍ରିୟ ଦ୍ୱାରା ଗ୍ରହଣ କରିବାକୁ ଇଚ୍ଛା କଲେ; କିନ୍ତୁ ତାହାକୁ ସ୍ପର୍ଶେନ୍ଦ୍ରିୟ ଦ୍ୱାରା ଗ୍ରହଣ କରିପାରିଲେ ନାହିଁ । ସେ ଯଦି ଏହି ଅନ୍ନକୁ ସ୍ପର୍ଶେନ୍ଦ୍ରିୟ ଦ୍ୱାରା ଗ୍ରହଣ କରିପାରିଥାଆନ୍ତେ, ତେବେ ପରବର୍ତ୍ତୀ ଜୀବ ମଧ୍ୟ କେବଳ ଅନ୍ନକୁ ସ୍ପର୍ଶ କରି ହିଁ ତୃପ୍ତ ହୋଇଥାଆନ୍ତେ । ୧/୩/୭

ତନ୍ମନସାଽଜିଘୃକ୍ଷତ୍ ତନ୍ନାଶକ୍ନୋନ୍ମନସା ଗ୍ରହୀତୁଂ ସ ଯଦ୍ଧୈନନ୍ମନସାଽଗ୍ରହୈଷ୍ୟଦ୍ ଧାତ୍ୱା ହୈବାନ୍ନମତ୍ରପ୍ସ୍ୟତ୍ ॥୮॥

[ଆଦିଭୋକ୍ତା] **ତତ୍** (ଉକ୍ତ ଅନ୍ନକୁ) **ମନସା** (ମନ ଦ୍ୱାରା) **ଅଜିଘୃକ୍ଷତ୍** (ଗ୍ରହଣ କରିବାକୁ ଚାହିଁଲେ) । **ତତ୍** (ତାହାକୁ) **ମନସା** (ମନ ଦ୍ୱାରା) **ଗ୍ରହୀତୁମ୍** (ଗ୍ରହଣ କରିବାକୁ) **ନ ଅଶକ୍ନୋତ୍** (ପାରିଲେ ନାହିଁ); **ସଃ** (ସେହି ଆଦିଭୋକ୍ତା) **ଯତ୍ ହ** (ଯଦି) **ଏନତ୍** (ଏହି ଅନ୍ନକୁ) **ମନସା** (ମନ ଦ୍ୱାରା) **ଅଗ୍ରହୈଷ୍ୟତ୍** (ଗ୍ରହଣ କରିପାରିଥାଆନ୍ତେ) [ତେବେ ପରବର୍ତ୍ତୀ ଜୀବ ମଧ୍ୟ] **ଅନ୍ନମ୍ ଧାତ୍ୱା ଏବ ହ** (ଅନ୍ନକୁ ଚିନ୍ତା କରି ହିଁ) **ଅତ୍ରପ୍ସ୍ୟତ୍** (ତୃପ୍ତ ହୋଇଥାଆନ୍ତେ) । ୧/୩/୮

ଆଦିଭୋକ୍ତା ଉକ୍ତ ଅନ୍ନକୁ ମନ ଦ୍ୱାରା ଗ୍ରହଣ କରିବାକୁ ଚାହିଁଲେ; କିନ୍ତୁ ତାହାକୁ ମନଦ୍ୱାରା ଗ୍ରହଣ କରିପାରିଲେ ନାହିଁ । ସେ ଯଦି ଏହି ଅନ୍ନକୁ ମନ ଦ୍ୱାରା

ଗ୍ରହଣ କରିପାରିଥାଆନ୍ତେ, ତେବେ ପରବର୍ତ୍ତୀ ଜୀବ ମଧ୍ୟ ଅନ୍ନ ସମ୍ବନ୍ଧରେ କେବଳ ଚିନ୍ତା କରି ହିଁ ତୃପ୍ତ ହୋଇଥାଆନ୍ତେ । ୧/୩/୮

ତଚ୍ଛିଶ୍ନେନାଜିଘୃକ୍ଷତ୍ ତନ୍ନାଶକ୍ନୋଚ୍ଛିଶ୍ନେନ ଗ୍ରହୀତୁଂ ସ ୟଦ୍ଧୈନଚ୍ଛିଶ୍ନେନାଗ୍ରହୈଷ୍ୟଦ୍ ବିସୃଜ୍ୟ ହୈବାନ୍ନମତ୍ରପ୍ସ୍ୟତ୍ ॥୯॥

[ଆଦିଭୋକ୍ତା] **ତତ୍** (ଉକ୍ତ ଅନ୍ନକୁ) **ଶିଶ୍ନେନ** (ଜନନେନ୍ଦ୍ରିୟ ଦ୍ୱାରା) **ଅଜିଘୃକ୍ଷତ୍** (ଗ୍ରହଣ କରିବାକୁ ଚାହିଁଲେ) । **ତତ୍** (ତାହାକୁ) **ଶିଶ୍ନେନ** (ଜନନେନ୍ଦ୍ରିୟ ଦ୍ୱାରା) **ଗ୍ରହୀତୁମ୍** (ଗ୍ରହଣ କରିବାକୁ) **ନ ଅଶକ୍ନୋତ୍** (ପାରିଲେ ନାହିଁ); **ସଃ** (ସେହି ଆଦିଭୋକ୍ତା) **ୟତ୍ ହ** (ଯଦି) **ଏନତ୍** (ଏହି ଅନ୍ନକୁ) **ଶିଶ୍ନେନ** (ଜନନେନ୍ଦ୍ରିୟ ଦ୍ୱାରା) **ଅଗ୍ରହୈଷ୍ୟତ୍** (ଗ୍ରହଣ କରିପାରିଥାଆନ୍ତେ) [ତେବେ ପରବର୍ତ୍ତୀ ଜୀବ ମଧ୍ୟ] **ଅନ୍ନମ୍ ବିସୃଜ୍ୟ ଏବ ହ** (ଅନ୍ନକୁ ତ୍ୟାଗ କରି ହିଁ) **ଅତ୍ରପ୍ସ୍ୟତ୍** (ତୃପ୍ତ ହୋଇଥାଆନ୍ତେ) । ୧/୩/୯

ଆଦିଭୋକ୍ତା ପରିଶେଷରେ ଉକ୍ତ ଅନ୍ନକୁ ଜନନେନ୍ଦ୍ରିୟ ଦ୍ୱାରା ଗ୍ରହଣ କରିବାକୁ ଚହିଁଲେ; କିନ୍ତୁ ତାହାକୁ ଜନନେନ୍ଦ୍ରିୟ ଦ୍ୱାରା ଗ୍ରହଣ କରିପାରିଲେ ନାହିଁ । ସେ ଯଦି ଏହି ଅନ୍ନକୁ ଜନନେନ୍ଦ୍ରିୟ ଦ୍ୱାରା ଗ୍ରହଣ କରିପାରିଥାଆନ୍ତେ, ତେବେ ପରବର୍ତ୍ତୀ ଜୀବ ମଧ୍ୟ ଅନ୍ନକୁ (ଅର୍ଥାତ୍ ଅନ୍ନରସ ଶୁକ୍ରକୁ) କେବଳ ତ୍ୟାଗ କରି ହିଁ ତୃପ୍ତ ହୋଇଥାଆନ୍ତେ । ୧/୩/୯

ତଦପାନେନାଜିଘୃକ୍ଷତ୍ ତଦାବୟତ୍ ସୈଷୋଽନ୍ନସ୍ୟ ଗ୍ରହୋ ୟଦ୍ୱାୟୁରନ୍ନାୟୁର୍ବା ଏଷ ୟଦ୍ୱାୟୁଃ ॥୧୦॥

[ଆଦିଭୋକ୍ତା] **ତତ୍** (ଉକ୍ତ ଅନ୍ନକୁ) **ଅପାନେନ** (ଅପାନବାୟୁ-ସହାୟରେ) **ଅଜିଘୃକ୍ଷତ୍** (ଗ୍ରହଣ କରିବାକୁ ଚାହିଁଲେ) **ତତ୍** (ଉକ୍ତ ଅନ୍ନକୁ) **ଆବୟତ୍** (ଗ୍ରହଣ କଲେ) । **ଏଷଃ** (ଏହି) **ୟତ୍** (=**ୟଃ**, ଯେଉଁ) **ବାୟୁଃ** (ଅପାନବାୟୁ) **ସଃ** (ତାହା ହିଁ) **ଅନ୍ନସ୍ୟ** (ଅନ୍ନର) **ଗ୍ରହଃ** (ଗ୍ରାହକ) । **ଏଷଃ ୟତ୍** (ଏହି ଯେଉଁ) **ବାୟୁଃ** (ବାୟୁ) **ଅନ୍ନାୟୁଃ ବୈ** (ଅନ୍ନ ହିଁ ତାହାର ଜୀବନ) । ୧/୩/୧୦

ଆଦିଭୋକ୍ତା ଉକ୍ତ ଅନ୍ନକୁ ଅପାନବାୟୁ ଦ୍ୱାରା[1] ଗ୍ରହଣ କରିବାକୁ ଇଚ୍ଛା କଲେ ଏବଂ ତାହାକୁ ଗ୍ରହଣ କରିପାରିଲେ । ଏହି ଯେଉଁ ଅପାନବାୟୁ, ତାହା ହିଁ ଅନ୍ନର ଗ୍ରାହକ । ଏହି ଯେଉଁ ପ୍ରସିଦ୍ଧ ପ୍ରାଣବାୟୁ, ତାହା ଅନ୍ନରସ ସହାୟରେ ହିଁ ଶରୀରରେ ଅବସ୍ଥାନ କରିଥାଏ । ୧/୩/୧୦

ସ ଈକ୍ଷତ କଥଂ ନ୍ୱିଦଂ ମଦୃତେ ସ୍ୟାଦିତି ସ ଈକ୍ଷତ କତରେଣ ପ୍ରପଦ୍ୟା ଇତି । ସ ଈକ୍ଷତ ଯଦି ବାଚାଽଭିବ୍ୟାହୃତଂ ଯଦି ପ୍ରାଣେନାଭିପ୍ରାଣିତଂ ଯଦି ଚକ୍ଷୁଷା ଦୃଷ୍ଟଂ ଯଦି ଶ୍ରୋତ୍ରେଣ ଶ୍ରୁତଂ ଯଦି ତ୍ୱଚା ସ୍ପୃଷ୍ଟଂ ଯଦି ମନସା ଧ୍ୟାତଂ ଯଦ୍ୟପାନେନାଭ୍ୟପାନିତଂ ଯଦି ଶିଶ୍ନେନ ବିସୃଷ୍ଟମଥ କୋଽହମିତି ॥୧୧॥

ସଃ (ପରମେଶ୍ୱର) **ଈକ୍ଷତ** (ବିଚାର କଲେ)—**ଇଦମ୍** (ଏହି ଦେହେନ୍ଦ୍ରିୟସଂଘାତ) **ମତ୍-ଋତେ** (ମୋ ବ୍ୟତୀତ) **କଥମ୍ ନୁ** (କିପରି) **ସ୍ୟାତ୍ ଇତି** (ରହିପାରିବ) । **ସଃ** (ସେ) **ଈକ୍ଷତ** (ଆଲୋଚନା କଲେ) **କତରେଣ** (ପଦ ଓ ମସ୍ତକ ଏହି ଦୁଇଟି ମଧ୍ୟରୁ କେଉଁ ମାର୍ଗରେ) [ଏହି ଦେହେନ୍ଦ୍ରିୟସମଷ୍ଟିରେ] **ପ୍ରପଦ୍ୟୈ ଇତି** (=**ପ୍ରପଦ୍ୟେ**, ପ୍ରବେଶ କରିବି) । **ସଃ** (ସେ) **ଈକ୍ଷତ** (ବିଚାର କଲେ) [ମୁଁ ଭୋକ୍ତା ନ ହେଲେ ନିରର୍ଥକ] — **ଯଦି** (ଯଦି) **ବାଚା** (ବାକ୍-ଇନ୍ଦ୍ରିୟ ଦ୍ୱାରା) **ଅଭିବ୍ୟାହୃତମ୍** (ବାକ୍ ବ୍ୟବହାର ହୁଏ) **ଯଦି** (ଯଦି) **ପ୍ରାଣେନ** (ପ୍ରାଣ ଦ୍ୱାରା) **ଅଭିପ୍ରାଣିତମ୍** (ଆଘ୍ରାଣ ହୁଏ) **ଯଦି** (ଯଦି) **ଚକ୍ଷୁଷା** (ଚକ୍ଷୁ ଦ୍ୱାରା) **ଦୃଷ୍ଟମ୍** (ଦର୍ଶନ ହୁଏ) **ଯଦି** (ଯଦି) **ଶ୍ରୋତ୍ରେଣ** (କର୍ଣ୍ଣ ଦ୍ୱରା) **ଶ୍ରୁତମ୍** (ଶ୍ରବଣ ହୁଏ) **ଯଦି** (ଯଦି) **ତ୍ୱଚା** (ତ୍ୱକ୍ ଦ୍ୱାରା) **ସ୍ପୃଷ୍ଟମ୍** (ସ୍ପର୍ଶ ହୁଏ) **ଯଦି** (ଯଦି) **ମନସା** (ମନ ଦ୍ୱାରା) **ଧ୍ୟାତମ୍** (ଚିନ୍ତା ହୁଏ) **ଯଦି** (ଯଦି) **ଅପାନେନ** (ଅପାନ ଦ୍ୱାରା) **ଅଭ୍ୟପାନିତମ୍** (ଅଧଃକରଣ କରା ହୁଏ) **ଯଦି** (ଯଦି) **ଶିଶ୍ନେନ** (ଜନନେନ୍ଦ୍ରିୟ ଦ୍ୱାରା) **ବିସୃଷ୍ଟମ୍** (ଶୁକ୍ରତ୍ୟାଗ ହୁଏ) **ଅଥ** (ତାହା ହେଲେ) **କଃ ଅହମ୍ ଇତି** (ମୁଁ କିଏ ଅର୍ଥାତ୍ ମୋର ସ୍ୱରୂପ କିପରି ପ୍ରକଟିତ ହେବ) । ୧/୩/୧୧

ପରମେଶ୍ୱର ବିଚାର କଲେ, "ଏହି ଦେହେନ୍ଦ୍ରିୟ-ସଂଘାତ ମୋ ବ୍ୟତୀତ କିପରି ରହିପାରିବ ?" ସେ ଏହି କଥା ବିଚାର କଲେ, "କେଉଁ ମାର୍ଗରେ ଏହି ଦେହେନ୍ଦ୍ରିୟସମଷ୍ଟିରେ ପ୍ରବେଶ କରିବି ?" ସେ ଆହୁରି ବିଚାର କଲେ, "ଯଦି

1. ଅପାନ=ଯେଉଁ ବାୟୁ ସହାୟରେ ଅନ୍ନକୁ ଗଳାଧଃକରଣ କରାହୁଏ । ଏହି ପ୍ରକରଣରେ ଏହା ହିଁ ପ୍ରଦର୍ଶିତ ହେଲା ଯେ, ଅପାନବୃତ୍ତି-ଯୁକ୍ତ ପ୍ରାଣରୂପକ ଉପାଧିସହାୟରେ ଜୀବ ଅନ୍ନଭୋକ୍ତା ହୁଅନ୍ତି । କିନ୍ତୁ ସ୍ୱରୂପତଃ ସେ ବ୍ରହ୍ମ ଓ ଅଭୋକ୍ତା ।

ବାଗିନ୍ଦ୍ରିୟର ବାକ୍ୟ ବ୍ୟବହାର, ଘ୍ରାଣର ଆଘ୍ରାଣ, ଚକ୍ଷୁର ଦୃଷ୍ଟି, କର୍ଣ୍ଣର ଶ୍ରବଣ, ତ୍ୱକ୍‌ର ସ୍ପର୍ଶ, ମନର ଚିନ୍ତା, ଅପାନର ଅଧଃକରଣ, ଶିଶ୍ନର ବିସୃଷ୍ଟି ବିନା ପ୍ରୟୋଜନରେ ହୁଏ[1], ତେବେ ମୋର ସ୍ୱରୂପ କିପରି ପ୍ରକଟିତ ହେବ ?" ୧/୩/୧୧

ସ ଏତମେବ ସୀମାନଂ ବିଦାର୍ଯ୍ୟୈତୟା ଦ୍ୱାରା ପ୍ରାପଦ୍ୟତ । ସୈଷା ବିଦୃତିର୍ନାମ ଦ୍ୱାସ୍ତଦେତନ୍ନାନ୍ଦନମ୍ । ତସ୍ୟ ତ୍ରୟ ଆବସଥାସ୍ତ୍ରୟଃ ସ୍ୱପ୍ନା ଅୟମାବସଥୋଽୟମାବସଥୋଽୟମାବସଥ ଇତି ॥୧୨॥

ସଃ (ପରମେଶ୍ୱର) **ଏତମ୍ ଏବ** (ଏହି ମସ୍ତକସ୍ଥ) **ସୀମାନମ୍** (କେଶ ବିଭାଗର ଶେଷ ସୀମାକୁ) **ବିଦାର୍ଯ୍ୟ** (ବିଦାରଣ କରି) **ଏତୟା** (ଏହି ବ୍ରହ୍ମରନ୍ଧ୍ରରୂପକ) **ଦ୍ୱାରା** (ଦ୍ୱାରରେ) **ପ୍ରାପଦ୍ୟତ** (ପ୍ରବେଶ କଲେ) । **ସା ଏଷା** (ସେହି ଏହି) **ଦ୍ୱାଃ** (ଦ୍ୱାରଟି) **ବିଦୃତିଃ ନାମ** (ବିଦୃତି ନାମରେ ପ୍ରସିଦ୍ଧ) **ତତ୍** (ସେଥିପାଇଁ) **ଏତତ୍** (ଏହି ଦ୍ୱାରଟି) **ନାନ୍ଦନମ୍** (=ନନ୍ଦନମ୍, ବ୍ରହ୍ମାନନ୍ଦପ୍ରାପ୍ତିର, କ୍ରମମୁକ୍ତିର, ହେତୁ) । **ତସ୍ୟ** (ପ୍ରବିଷ୍ଟ ସେହି ପରମାତ୍ମାଙ୍କର) **ତ୍ରୟଃ** (ତିନୋଟି) **ଆବସଥାଃ** (ବାସସ୍ଥାନ; ଅର୍ଥାତ୍ ଜାଗ୍ରତ୍-କାଳରେ ଇନ୍ଦ୍ରିୟସ୍ଥାନ ଦକ୍ଷିଣ ଚକ୍ଷୁ, ସ୍ୱପ୍ନସମୟରେ ଅଭ୍ୟନ୍ତରସ୍ଥ ମନ ଏବଂ ସୁଷୁପ୍ତି-କାଳରେ ହୃଦୟାକାଶ । ଅଥବା ପିତୃଶରୀର, ମାତୃଗର୍ଭ ଏବଂ ନିଜ ଶରୀର) **ତ୍ରୟଃ** (ତିନୋଟି) **ସ୍ୱପ୍ନାଃ** (ସ୍ୱପ୍ନ [=ଜାଗ୍ରତ୍, ସ୍ୱପ୍ନ ଓ ସୁଷୁପ୍ତି]) [ମା., ୫ ଟୀକା]—**ଅୟମ୍** (ଏହି ଦକ୍ଷିଣ ଚକ୍ଷୁ) **ଆବସଥଃ** (ବାସସ୍ଥାନ) **ଅୟମ୍** (ଏହି ମନ) **ଆବସଥଃ** (ବାସସ୍ଥାନ) **ଅୟମ୍** (ଏହି ହୃଦୟାକାଶ) **ଆବସଥଃ ଇତି** (ବାସସ୍ଥାନ) । ୧/୩/୧୨

ସେ ଏହି ମସ୍ତକସ୍ଥ ସୀମାକୁ ବିଦୀର୍ଣ୍ଣ କରି ଏହି ବ୍ରହ୍ମରନ୍ଧ୍ରଦ୍ୱାରରେ ପ୍ରବେଶ କଲେ । ସେହି ଏହି ଦ୍ୱାରଟି ବିଦୃତି ନାମରେ ପ୍ରସିଦ୍ଧ । ସେଥିପାଇଁ ହିଁ ଏହି ଦ୍ୱାରଟି ବ୍ରହ୍ମାନନ୍ଦ-ଲାଭର ଉପାୟ । ସେହି ଜୀବଭୂତ ଆତ୍ମାର ତିନୋଟି ବାସସ୍ଥାନ ଏବଂ

---

1. ଦେହେନ୍ଦ୍ରିୟସମଷ୍ଟି ସଂହତ । ପରସ୍ପର-ଅସମ୍ବଦ୍ଧ ବସ୍ତୁ ଅନ୍ୟ ପାଇଁ ସଂହତ ହୋଇଥାଏ; ଯଥା ଗୃହାଦି ସଂହତ ବସ୍ତୁ ଗୃହସ୍ୱାମୀଙ୍କ ଭୋଗ ପାଇଁ ବିଦ୍ୟମାନ ଥାଏ । ଦେହେନ୍ଦ୍ରିୟର କାର୍ଯ୍ୟ ଯଦି କୌଣସି ସ୍ୱାମୀଙ୍କର, ଅର୍ଥାତ୍ ଭୋକ୍ତାଙ୍କ ଉଦ୍ଦେଶ୍ୟରେ ନ ହୁଏ ତେବେ ତାହା ନିରର୍ଥକ କହିବାକୁ ହେବ ଏବଂ ମନୁଷ୍ୟ ସେହି ସକଳ କାର୍ଯ୍ୟାବଲମ୍ବନରେ ଭୋଗକାରୀର ଆତ୍ମସ୍ୱରୂପ ଭଗବାନଙ୍କ ଅନୁଭୂତି ଲାଭ କରିବ ନାହିଁ । ଅତଏବ ଈଶ୍ୱର ବିଚାର କଲେ—"ମୁଁ ଯଦି ଏହି ଦେହେନ୍ଦ୍ରିୟସମଷ୍ଟିରେ ପ୍ରବେଶ କରି ଉପଲବ୍ଧିର ବିଷୟୀଭୂତ ହୁଏ ତେବେ ହିଁ ମୁଁ ସକଳ ଅନ୍ତଃକରଣବୃତ୍ତିର ସାକ୍ଷୀରୂପେ ଜ୍ଞାତ ହୋଇପାରିବି ।" —ଐ, ୩/୧/୨, ଓ ତୈ., ୨/୬ ଟୀକା ଦ୍ରଷ୍ଟବ୍ୟ ।

ତିନୋଟି ସ୍ୱପ୍ନ—ଏହି ଦକ୍ଷିଣ ଚକ୍ଷୁ ଗୋଟିଏ ଆବାସ, ଏହି ମନ ଗୋଟିଏ ଆବାସ, ଏବଂ ଏହି ହୃଦୟାକାଶ ଗୋଟିଏ ଆବାସ । ୧/୩/୧୨

ସ ଜାତୋ ଭୂତାନ୍ୟଭିବୈଖ୍ୟତ୍ କିମିହାନ୍ୟଂ ବାବଦିଷଦିତି । ସ ଏତମେବ ପୁରୁଷଂ ବ୍ରହ୍ମ ତତମମପଶ୍ୟତ୍ । ଇଦମଦର୍ଶମିତୀ ॥୧୩॥

ସଃ (ସେ) **ଜାତଃ** (ଦେହରେ ଜୀବାତ୍ମଭାବ ପ୍ରାପ୍ତ ହୋଇ) **ଭୂତାନି** (ଆକାଶାଦି ଭୂତବର୍ଗ) **ଅଭିବୈଖ୍ୟତ୍** (ବ୍ୟାକୃତ କଲେ; ଅର୍ଥାତ୍ ମୁଁ ମଣିଷ, ମୁଁ ଅନ୍ଧ ମୁଁ ସୁଖୀ ଇତ୍ୟାଦି ରୂପରେ ଶରୀରାଦି ସହିତ ଅଭେଦ ଅନୁଭବ କଲେ ଏବଂ ବାକ୍ୟ ଦ୍ୱାରା ତାହା ପ୍ରକାଶ କଲେ); **ଇତି** (କାହିଁକି ନା) [ଅବିଦ୍ୟାବଶତଃ] **ଇହ** (ଏହି ଶରୀରରେ) **ଅନ୍ୟମ୍** (ଶରୀରାଦି-ବ୍ୟତିରିକ୍ତ [ଆତ୍ମା ବୋଲି] କିଛି) **ବାବଦିଷତ୍ କିମ୍** (କହିଥିଲେ କିମ୍ବା ଜାଣିଥିଲେ କି ? ଅର୍ଥାତ୍ କହି ନାହାନ୍ତି ଏବଂ ଜାଣି ବି ନାହାନ୍ତି) । [ଗୁରୁଙ୍କ ଉପଦେଶ ଲାଭ କରି] **ସଃ** (ସେହି ଜୀବ) **ଏତମ୍** ([ସୃଷ୍ଟି ଆଦିର କର୍ତ୍ତୃରୂପେ ବର୍ଣ୍ଣିତ] ଏହି) **ପୁରୁଷମ୍ ଏବ** ([ସୁଷୁମ୍ନା ନାଡ଼ୀ-ଅବଲମ୍ବନରେ ପ୍ରବିଷ୍ଟ ଓ ହୃଦୟପୁରଶାୟୀ] ପୁରୁଷଙ୍କୁ ହିଁ) **ତତମମ୍** (=**ତତ-ତମମ୍**, ସର୍ବବ୍ୟାପୀ, ପରିପୂର୍ଣ୍ଣ) **ବ୍ରହ୍ମ** (ବୃହତ୍ତମ ରୂପେ) **ଅପଶ୍ୟତ୍** (ଦେଖିଥିଲେ)—**ଇଦମ୍** (ଏହି ଅପରୋକ୍ଷକୁ) **ଅଦର୍ଶମ୍** (ଦେଖିଲି) **ଇତି ୩** [ଅହୋ ଅର୍ଥରେ ପ୍ଲୁତି] । ୧/୩/୧୩

ସେ ଜୀବ ହୋଇ "ମୁଁ ମନୁଷ୍ୟ, ମୁଁ ଅନ୍ଧ, ମୁଁ ସୁଖୀ"—ଇତ୍ୟାଦି ରୂପରେ ଆକାଶାଦି ଭୂତବର୍ଗଙ୍କୁ ନିଜ ସହିତ ଅଭିନ୍ନ ରୂପରେ ଜାଣିଲେ ଏବଂ ବାକ୍ୟରେ ସେଗୁଡ଼ିକ ହିଁ ବ୍ୟକ୍ତ କଲେ । (ଅବିଦ୍ୟାଗ୍ରସ୍ତ ହେବାରୁ) ସେ ଏହି ଶରୀରରେ ଶରୀରାଦି-ବ୍ୟାତିରିକ୍ତ ଆତ୍ମାର କଥା କ'ଣ କହିପାରନ୍ତି ବା ଜାଣିପାରନ୍ତି ?[1] (ଗୁରୁଙ୍କ ଉପଦେଶ ଲାଭ କରି) ସେହି ଜୀବ ଏହି ହୃଦୟପୁରଶାୟୀ ପୁରୁଷଙ୍କୁ ହିଁ ସର୍ବବ୍ୟାପୀ ଓ ବୃହତ୍ତମରୂପରେ ଜ୍ଞାତ ହେଲେ—"ଅହୋ, ମୁଁ ମୋର ଆତ୍ମସ୍ୱରୂପକୁ ହିଁ ଦେଖିଲି ।" ୧/୩/୧୩

1. ଏହିଠାରେ ଅଧ୍ୟାରୋପ ଶେଷ ହୋଇ ଅପବାଦ ଆରମ୍ଭ ହେଲା । ୧/୧/୧ ଟୀକା ।

ତସ୍ମାଦିଦନ୍ଦ୍ରୋ ନାମେଦନ୍ଦ୍ରୋ ହ ବୈ ନାମ । ତମିଦନ୍ଦ୍ରଂ ସନ୍ତମିନ୍ଦ୍ର ଇତ୍ୟାଚକ୍ଷତେ ପରୋକ୍ଷେଣ । ପରୋକ୍ଷପ୍ରିୟା ଇବ ହି ଦେବାଃ । ପରୋକ୍ଷପ୍ରିୟା ଇବ ହି ଦେବାଃ ॥୧୪॥

ଇତି ଐତରେୟୋପନିଷଦି ପ୍ରଥମାଧ୍ୟାୟେ ତୃତୀୟଃ ଖଣ୍ଡଃ ॥

ତସ୍ମାତ୍ (ସେହି କାରଣରୁ, [ଯେହେତୁ '**ଇଦମ୍**=ଏହି—ଏହିପରି ପ୍ରତ୍ୟକ୍ଷ ଭାବରେ ହିଁ ପରମାତ୍ମାଙ୍କୁ ଦେଖିଥିଲେ, ଅତଏବ]) **ଇଦନ୍ଦ୍ର ନାମ** ('ଇଦନ୍ଦ୍ର' ନାମରେ ଖ୍ୟାତ—**ଇଦମ୍ ପଶ୍ୟତି**=ଅପରୋକ୍ଷଭାବରେ ଦେଖନ୍ତି, ଏହି ଅର୍ଥରେ [ପରମାତ୍ମା] ଇଦନ୍ଦ୍ର) [ବୃ., ୪/୨/୨] । **ଇଦନ୍ଦ୍ରଃ ହ ବୈ ନାମ** ('ଇଦନ୍ଦ୍ର' ହିଁ ତାଙ୍କର ପ୍ରକୃତ ନାମ) । **ଇଦନ୍ଦ୍ରମ୍ ସନ୍ତମ୍** ('ଇଦନ୍ଦ୍ର' ହେଲେ ମଧ୍ୟ) **ତମ୍** (ତାହାଙ୍କୁ) **ପରୋକ୍ଷେଣ** (ପରୋକ୍ଷଭାବରେ) **ଇନ୍ଦ୍ରଃ ଇତି** ('ଇନ୍ଦ୍ର' ଏହି ନାମରେ) **ଆଚକ୍ଷତେ** (କହିଥାଆନ୍ତି); **ହି** (କାରଣ) **ଦେବାଃ** (ଦେବଗଣ) **ପରୋକ୍ଷପ୍ରିୟାଃ ଇବ** (ଯେପରି ପରୋକ୍ଷ ନାମରେ ସନ୍ତୁଷ୍ଟ) । **ହି** (କାରଣ) **ଦେବାଃ** (ଦେବଗଣ) **ପରୋକ୍ଷପ୍ରିୟାଃ ଇବ** (ଯେପରି ପରୋକ୍ଷ ନାମରେ ସନ୍ତୁଷ୍ଟ) । [ଦ୍ୱିରୁକ୍ତି ଅଧ୍ୟାୟର ସମାପ୍ତିସୂଚକ] । ୧/୩/୧୪

[ଯେହେତୁ ଶରୀରରେ ଜୀବରୂପରେ ରହୁଥିବା ପରମାତ୍ମାଙ୍କୁ "ଇଦମ୍" ଏହିପରି ପ୍ରତ୍ୟକ୍ଷ ଭାବରେ ଦେଖିଥିଲେ] ସେଥିପାଇଁ ପରମାତ୍ମାଙ୍କ ନାମ 'ଇଦନ୍ଦ୍ର' । 'ଇଦନ୍ଦ୍ର' ହିଁ ତାଙ୍କର ପ୍ରକୃତ ନାମ; ତଥାପି ବ୍ରହ୍ମଜ୍ଞଗଣ ତାହାଙ୍କୁ ପରୋକ୍ଷଭାବରେ 'ଇନ୍ଦ୍ର' ନାମରେ ଅଭିହିତ କରିଥାଆନ୍ତି । କାରଣ ଦେବଗଣ ପରୋକ୍ଷ ନାମରେ ସନ୍ତୁଷ୍ଟ । ୧/୩/୧୪

॥ ଐତରେୟୋପନିଷଦ୍‌ର ପ୍ରଥମ ଅଧ୍ୟାୟର ତୃତୀୟ ଖଣ୍ଡ ସମାପ୍ତ ॥

ଦ୍ୱିତୀୟ ଅଧ୍ୟାୟ

ପ୍ରଥମ ଖଣ୍ଡ

ଓଁ ପୁରୁଷେ ହ ବା ଅୟମାଦିତୋ ଗର୍ଭୋ ଭବତି ୟଦେତଦ୍ରେତଃ । ତଦେତତ୍ ସର୍ବେଭ୍ୟୋଽଙ୍ଗେଭ୍ୟସ୍ତେଜଃ ସମ୍ଭୃତମାତ୍ମନ୍ୟେବାଽଽତ୍ମାନଂ ବିଭର୍ତି ତଦ୍ୟଦା ସ୍ତ୍ରିୟାଂ ସିଞ୍ଚତ୍ୟଥୈନଜ୍ଜନୟତି ତଦସ୍ୟ ପ୍ରଥମଂ ଜନ୍ମ ॥୧॥

[ମନରେ ବୈରାଗ୍ୟ-ଉତ୍ପାଦନ ପାଇଁ ଜୀବର ବିଭିନ୍ନ ସଂସାରାବସ୍ଥା ବର୍ଣ୍ଣିତ ହେଉଅଛି]—[କର୍ମଯୋଗୁଁ] **ଅୟମ୍** (ଏହି ସଂସାରୀ ଜୀବ) **ଆଦିତଃ** (ପ୍ରଥମତଃ) **ପୁରୁଷେ ହ ବୈ** (ପୁରୁଷ ଦେହରେ ହିଁ) **ୟତ୍ ଏତତ୍ ରେତଃ** (ଏହି ଯେ ଶୁକ୍ର, ସେହି ଶୁକ୍ରାତ୍ମକ) **ଗର୍ଭଃ** (ଗର୍ଭରୂପୀ) **ଭବତି** (ହୁଏ) । **ସର୍ବେଭ୍ୟଃ** (ସକଳ) **ଅଙ୍ଗେଭ୍ୟଃ** (ଅବୟବଠାରୁ) **ସମ୍ଭୃତମ୍** (ପରିନିଷ୍ପନ୍ନ) **ତେଜଃ** (ତେଜସ୍ୱରୂପ, ସାରସ୍ୱରୂପ) **ଆତ୍ମାନମ୍** (ଆତ୍ମଭୂତ) **ତତ୍** (ଉକ୍ତ) **ଏତତ୍** (ଏହି ଶୁକ୍ରକୁ) **ଆତ୍ମନି ଏବ** (ନିଜ ଶରୀରରେ) **ବିଭର୍ତି** (ଧାରଣ କରିଥାଏ) । **ୟଦା** (ଯେତେବେଳେ) **ତତ୍** (ଉକ୍ତ ରେତଃ) **ସ୍ତ୍ରିୟାମ୍** (ସ୍ତ୍ରୀଙ୍କଠାରେ) **ସିଞ୍ଚତି** (ସିଞ୍ଚନ କରେ) **ଅଥ** (ସେତେବେଳେ) **ଏନତ୍** (ଏହି ଶୁକ୍ରକୁ) **ଜନୟତି** (ଗର୍ଭରୂପରେ ଉତ୍ପାଦନ କରିଥାଏ) । **ଅସ୍ୟ** (ଏହି ଜୀବର) **ତତ୍** (ତାହା, ସେହି ରେତୋରୂପରେ ନିର୍ଗମନ) **ପ୍ରଥମମ୍** (ପ୍ରଥମ) **ଜନ୍ମ** (ଅବସ୍ଥାଭିବ୍ୟକ୍ତି) । ୨/୧/୧

ପୁରୁଷ ଦେହରେ ଏହି ଯେଉଁ ଶୁକ୍ର (ସଂସାରୀ ଜୀବ) ପ୍ରଥମତଃ ସେହି ଆକାରରେ ହିଁ ଗର୍ଭରୂପୀ ହୁଏ । ସକଳ ଅବୟବରୁ ପରିନିଷ୍ପନ୍ନ, ସାରସ୍ୱରୂପ ଏବଂ ସ୍ୱାତ୍ମଭୂତ ଉକ୍ତ ଶୁକ୍ରକୁ ପୁରୁଷ ନିଜ ଶରୀରରେ ହିଁ ଧାରଣ କରେ । ସେ ଯେତେବେଳେ ଉକ୍ତ ରେତଃ ସ୍ତ୍ରୀଠାରେ ସିଞ୍ଚନ କରେ, ସେତେବେଳେ ସେହି ରେତଃକୁ ଗର୍ଭରୂପରେ ଜନ୍ମ ଦିଏ । ଏହି ଜୀବର ତାହା ହିଁ (ଅର୍ଥାତ୍ ସେହି ରେତୋରୂପରେ ନିର୍ଗମନ ହିଁ) ପ୍ରଥମ ଜନ୍ମ । ୨/୧/୧

ତତ୍ସ୍ତ୍ରିୟା ଆତ୍ମଭୂୟଂ ଗଚ୍ଛତି ୟଥା ସ୍ୱମଙ୍ଗଂ ତଥା । ତସ୍ମାଦେନାଂ ନ ହିନସ୍ତି । ସାଽସ୍ୟୈତମାତ୍ମାନମତ୍ର ଗତଂ ଭାବୟତି ॥୨॥

ତତ୍ (ଉକ୍ତ ନିଷିକ୍ତ ରେତଃ) **ସ୍ତ୍ରିୟା** (ସ୍ତ୍ରୀ ସହିତ) **ଆତ୍ମଭୂୟମ୍** (ଆତ୍ମ-ଅଭିନ୍ନତା) **ଗଚ୍ଛତି** (ପ୍ରାପ୍ତ ହୁଏ)—**ୟଥା** (ଯେପରି) **ସ୍ୱମ୍** (ସ୍ତ୍ରୀଙ୍କର ନିଜର) **ଅଙ୍ଗମ୍** (ହସ୍ତାଦି ଅଙ୍ଗ) **ତଥା** (ସେପରି); **ତସ୍ମାତ୍** (ସେଥିପାଇଁ) **ଏନାମ୍** (ଏହି ଗର୍ଭବତୀ ମାତାକୁ) [ଉକ୍ତ ଗର୍ଭ] **ନ ହିନସ୍ତି** ([ଫୋଟକା ବା ବଥ ସଦୃଶ] ବ୍ୟଥିତ କରେ ନାହିଁ) । **ସା** (ସେହି ଗର୍ଭବତୀ) **ଅତ୍ର** (ଏହି ଉଦରରେ) **ଗତମ୍** (ପ୍ରବିଷ୍ଟ) **ଅସ୍ୟ** (ଏହି ପୁରୁଷଙ୍କର) **ଏତମ୍** (ଏହି) **ଆତ୍ମାନମ୍** (ରେତୋରୂପୀ ଆତ୍ମାକୁ) **ଭାବୟତି** (ପୋଷଣ କରିଥାଏ, ପରିପାଳନ କରେ) । ୨/୧/୨

ସେହି ସିଞ୍ଚିତ ରେତଃ ସ୍ତ୍ରୀଶରୀରରେ ତାହାର ନିଜର ହିଁ ଅଙ୍ଗ ସଦୃଶ ଅଭିନ୍ନତା ପ୍ରାପ୍ତ ହୁଏ । ସେଥିପାଇଁ ଗର୍ଭବତୀକୁ ଉକ୍ତ ଗର୍ଭ ପୀଡ଼ା ଦିଏ ନାହିଁ । ସେହି ସ୍ତ୍ରୀ ନିଜ ଉଦରରେ ପ୍ରବିଷ୍ଟ (ପତିଙ୍କ) ରେତୋରୂପୀ ଆତ୍ମାକୁ ପରିପୋଷଣ କରିଥାଏ । ୨/୧/୨

ସା ଭାବୟିତ୍ରୀ ଭାବୟିତବ୍ୟା ଭବତି । ତଂ ସ୍ତ୍ରୀ ଗର୍ଭଂ ବିଭର୍ତି । ସୋଽଗ୍ର ଏବ କୁମାରଂ ଜନ୍ମନୋଽଗ୍ରେଽଧିଭାବୟତି । ସ ୟତ୍କୁମାରଂ ଜନ୍ମନୋଽଗ୍ରେଽଧିଭାବୟତ୍ୟାତ୍ମାନମେବ ତଦ୍ଭାବୟତ୍ୟେଷାଂ ଲୋକାନାଂ ସନ୍ତତ୍ୟା । ଏବଂ ସନ୍ତତା ହ୍ୟେମେ ଲୋକାସ୍ତଦସ୍ୟ ଦ୍ୱିତୀୟଂ ଜନ୍ମ ॥୩॥

[ପୁରୁଷ ପକ୍ଷରେ ମଧ୍ୟ] **ସା** (ସେହି) **ଭାବୟିତ୍ରୀ** (ପାଳନକାରିଣୀ) **ଭାବୟିତବ୍ୟା** (ପ୍ରତିପାଳନୀୟା) **ଭବତି** (ହୁଏ) । **ତମ୍** (ସେହି) **ଗର୍ଭମ୍** (ଗର୍ଭକୁ) **ଅଗ୍ରେ** (ଜନ୍ମ ପୂର୍ବରୁ) **ସ୍ତ୍ରୀ** (ସ୍ତ୍ରୀ) **ବିଭର୍ତି** (ପୋଷଣ କରିଥାଏ) । **ସଃ** (ସେହି ପିତା) **ଅଗ୍ରେ ଏବ** (ପୂର୍ବରୁ ହିଁ, ଜନ୍ମହେବା ମାତ୍ର ହିଁ) **ଜନ୍ମନଃ ଅଧି** (ଜନ୍ମପରେ ହିଁ) **କୁମାରମ୍** (ସନ୍ତାନକୁ) **ଭାବୟତି** (ପାଳନ କରିଥାଏ) । **ସଃ** (ସେହି ପିତା) **କୁମାରମ୍** (ସନ୍ତାନକୁ) **ଜନ୍ମନଃ ଅଧି** (ଜନ୍ମ ପରେ) **ଅଗ୍ରେ** (ଜନ୍ମହେବା ମାତ୍ର ହିଁ) **ୟତ୍** (ଯେ) **ଭାବୟତି** (ଜାତକର୍ମାଦି ଦ୍ୱାରା ପରିପାଳନ କରେ) **ତତ୍** (ତଦ୍ଦ୍ୱାରା) **ଏଷାମ୍** (ଏହି) **ଲୋକାନାମ୍** (ଲୋକସମୂହର) **ସନ୍ତତ୍ୟୈ** (ଅବିଚ୍ଛେଦ ସକାଶେ) **ଆତ୍ମାନମ୍ ଏବ** (ନିଜକୁ ହିଁ) **ଭାବୟତି** (ପାଳନ କରେ) **ହି** (କାରଣ) **ଏବମ୍**

(ଏହିପ୍ରକାର ପୁତ୍ରୋତ୍ପାଦନ ଫଳରେ ହିଁ) **ଇମେ ଲୋକାଃ** (ଏହି ସକଳ ଲୋକ) **ସନ୍ତତାଃ** (ପ୍ରବାହାକାରରେ ଚାଲୁଅଛି) । **ତତ୍** (ତାହା, ମାତୃଗର୍ଭରୁ ନିର୍ଗମନ ହିଁ) **ଅସ୍ୟ** (ଏହି ଜୀବର) **ଦ୍ୱିତୀୟମ୍ ଜନ୍ମ** (ଦ୍ୱିତୀୟ ଜନ୍ମ) । ୨/୧/୩

ସେଥିପାଇଁ ସେହି ପାଳନକାରିଣୀ ପତ୍ନୀ ମଧ୍ୟ (ପତି ଦ୍ୱାରା) ପ୍ରତିପାଳନୀୟା । ସେହି ଜାୟମାନ ଗର୍ଭକୁ ପ୍ରଥମେ ସ୍ତ୍ରୀ ପରିପୁଷ୍ଟ କରେ । ଜନ୍ମ ପରେ ଜନ୍ମ ହେବା ମାତ୍ରେ ହିଁ ପିତା ସନ୍ତାନକୁ (ଜାତକର୍ମାଦି ଦ୍ୱାରା) ପାଳନ କରିଥାଏ । ପିତା ଯେହେତୁ ସନ୍ତାନକୁ ଜନ୍ମ ହେବା ମାତ୍ରେ ହିଁ ପାଳନ କରେ, ତଦ୍ଦ୍ୱାରା ସେ ଏହି ସକଳ ଲୋକର ଅବିଚ୍ଛେଦ ପାଇଁ (ବସ୍ତୁତଃ) ନିଜକୁ ହିଁ ପାଳନ କରେ; କାରଣ ଏହିପ୍ରକାର ପୁତ୍ରୋତ୍ପାଦନ ଫଳରେ ଏହି ସକଳ ଲୋକ ପ୍ରବାହାକାରରେ ଚାଲୁଅଛି । ସେହି ମାତୃଗର୍ଭରୁ ନିର୍ଗମନ ଏହି ଜୀବର ଦ୍ୱିତୀୟ ଜନ୍ମ । ୨/୧/୩

ସୋଽସ୍ୟାୟମାତ୍ମା ପୁଣ୍ୟେଭ୍ୟଃ କର୍ମଭ୍ୟଃ ପ୍ରତିଧୀୟତେ । ଅଥାସ୍ୟାୟମିତର ଆତ୍ମା କୃତକୃତ୍ୟୋ ବୟୋଗତଃ ପ୍ରେତି । ସ ଇତଃ ପ୍ରୟନ୍ନେବ ପୁନର୍ଜାୟତେ ତଦସ୍ୟ ତୃତୀୟଂ ଜନ୍ମ ॥୪॥

ଅସ୍ୟ (ଏହାର, ପିତାର) **ଅୟମ୍** (ଏହି) **ସଃ ଆତ୍ମା** (ପୁତ୍ରରୂପକ ଆତ୍ମା) **ପୁଣ୍ୟେଭ୍ୟଃ** (ଶାସ୍ତ୍ରବିହିତ ପୁଣ୍ୟ) **କର୍ମଭ୍ୟଃ** (କର୍ମନିଷ୍ପାଦନ ପାଇଁ) **ପ୍ରତିଧୀୟତେ** ([ପ୍ରତିନିଧିରୂପେ] ସ୍ଥାପିତ ହୁଏ) [ବୃ., ୧/୫/୧୭] । **ଅଥ** (ଅନନ୍ତର, ପୁତ୍ରକୁ କର୍ମଭାରଅର୍ପଣାନ୍ତେ) **ଅସ୍ୟ** (ପୁତ୍ରର) **ଇତରଃ** (ଅପର) **ଅୟମ୍ ଆତ୍ମା** (ପିତୃରୂପକ ଏହି ଆତ୍ମା) **କୃତକୃତ୍ୟଃ** (ଋଣତ୍ରୟରୁ ମୁକ୍ତ ହୋଇ) **ବୟୋଗତଃ** (ଜରାଜୀର୍ଣ୍ଣ ହୋଇ) **ପ୍ରେତି**(ପରଲୋକ ଗମନ କରେ) । **ସଃ** (ପିତା) **ଇତଃ** (ଏହି ଶରୀରରୁ) **ପ୍ରୟନ୍ ଏବ** (ଗମନ କରି ହିଁ) [ମରଣକାଳରେ ମାନସଦେହ ଓ ମରଣାନ୍ତେ ଦେହାନ୍ତର, ଗ୍ରହଣପୂର୍ବକ, ବୃ., ୪/୪/୩] **ପୁନଃ** (ପୁନରାୟ) **ଜାୟତେ** (ଜନ୍ମଲାଭ କରେ) । **ଅସ୍ୟ** (ଏହି ଜୀବର) **ତତ୍** (ମୃତ୍ୟୁପରେ ସେହି ପୁନର୍ଜନ୍ମ ହିଁ) **ତୃତୀୟମ୍ ଜନ୍ମ** (ତୃତୀୟ ଜନ୍ମ) । ୨/୧/୪

ପିତାର ପୁତ୍ରରୂପୀ ଆତ୍ମାଟି ପୁଣ୍ୟକର୍ମ-ଆଚରଣ ପାଇଁ ପ୍ରତିନିଧିସ୍ୱରୂପ ସ୍ଥାପିତ ହୁଏ । ପୁତ୍ରର ଏହି ପିତୃରୂପକ ଆତ୍ମାଟି ପୁତ୍ରକୁ କର୍ମଭାର ଅର୍ପଣାନ୍ତେ ବାର୍ଦ୍ଧକ୍ୟକାଳରେ ଋଣତ୍ରୟରୁ ମୁକ୍ତ ହୋଇ ପରଲୋକ ଗମନ କରିଥାଏ । ଏହି

ଦେହରୁ ଗମନ କରି ହିଁ ସେ ପୁନର୍ଜନ୍ମ ଲାଭ କରେ । ସେହି ପୁନର୍ଜନ୍ମ ଏହାଙ୍କର ତୃତୀୟ ଜନ୍ମ[1] । ୨/୧/୪

ତଦୁକ୍ତମୃଷିଣା—

ଗର୍ଭେ ନୁ ସନ୍ନନ୍ବେଷାମବେଦମହଂ ଦେବାନାଂ ଜନିମାନି ବିଶ୍ୱା ।
ଶତଂ ମା ପୁର ଆୟସୀରରକ୍ଷନ୍ନଧଃ ଶ୍ୟେନୋ ଜବସା ନିରଦୀୟମିତି । ଗର୍ଭ
ଏବୈତଚ୍ଛୟାନୋ ବାମଦେବ ଏବମୁବାଚ ॥୫॥

ଋଷିଣା (ଋଷିଙ୍କ ଦ୍ୱାରା) **ତତ୍** (ତାହା [ମନୁଷ୍ୟ ଯେ ଜନ୍ମମୃତ୍ୟୁରୂପକ ଅପାରସାଗରରେ ପତିତ ହୋଇଛି ଏବଂ ଜ୍ଞାନଲାଭ ମାତ୍ରେ ହିଁ ମୁକ୍ତ ହୁଏ] ସେହି ବିଷୟଟି) **ଉକ୍ତମ୍** (କୁହାହୋଇଛି)—**ଅହମ୍** (ମୁଁ) **ଗର୍ଭେ ନୁ ସନ୍** (ଗର୍ଭରେ ଅବସ୍ଥାନ କାଳରେ ହିଁ) **ଏଷାମ୍** (ଏହି ସକଳ) **ଦେବାନାମ୍** (ବାକ୍, ଅଗ୍ନି ପ୍ରଭୃତି ଦେବତାଙ୍କର) **ବିଶ୍ୱା** (ନିଖିଳ) **ଜନିମାନି** (=**ଜନ୍ମାନି**, ଜନ୍ମସମୂହ) **ଅନୁ-ଅବେଦମ୍** (ସମ୍ୟକ୍ ଅବଗତ ହୋଇଅଛି) । **ଶତମ୍** (ଶତସଂଖ୍ୟକ, ଅନେକ) **ଆୟସୀଃ** (=**ଆୟସ୍ୟଃ**, ଲୌହମୟ) **ପୁରଃ** (ପୁରସମୂହ, ଶରୀରସକଳ) **ମା** (ମୋତେ) **ଅଧଃ** (ଅଧଲୋକମାନଙ୍କରେ) **ଅରକ୍ଷନ୍** (ଅବରୁଦ୍ଧ କରି ରଖିଥିଲା) । [ଅନନ୍ତର] **ଶ୍ୟେନଃ** (ଶ୍ୟେନପକ୍ଷୀ ପରି) **ଜବସା** (ସବେଗ ଆତ୍ମଜ୍ଞାନକୃତ ସାମର୍ଥ୍ୟ ଦ୍ୱାରା) **ନିରଦୀୟମ୍** (ନିର୍ଗତ ହୋଇଅଛି)—**ଏବମ୍** (ଏହିପରି) **ଇତି ଏତତ୍** (ଏହି କଥା) **ବାମଦେବଃ** (ବାମଦେବ) **ଗର୍ଭେ ଏବ ଶୟାନଃ** (ଗର୍ଭରେ ଶାୟିତ-ଅବସ୍ଥାରେ ହିଁ) **ଉବାଚ** (କହିଥିଲେ) । ୨/୧/୫

ଋଷିଙ୍କ ଦ୍ୱାରା ତାହା କୁହାହୋଇଛି—"ମୁଁ ଗର୍ଭରେ ଅବସ୍ଥାନ-କାଳରେ ହିଁ ଏହି ସକଳ (ଅଗ୍ନ୍ୟାଦି) ଦେବତାଙ୍କର ଅସଂଖ୍ୟ ଜନ୍ମ ବିଷୟ ଅବଗତ ହୋଇଅଛି । ଅନେକ ଲୌହମୟ ଅଭେଦ୍ୟ ପୁର ମୋତେ ଅଧୋଲୋକରେ ରୁଦ୍ଧ କରି ରଖିଥିଲା । ଶ୍ୟେନ ପକ୍ଷୀ (ଜାଲ ଛିନ୍ନ କରି ବାହାରିବା) ପରି ମୁଁ ଦ୍ରୁତ (ଉକ୍ତ ବନ୍ଧନରୁ) ନିର୍ଗତ ହୋଇଅଛି ।" —ବାମଦେବ ଗର୍ଭରେ ଅବସ୍ଥାନ କାଳରେ ହିଁ ଏହି କଥା ଏହିପରି କହିଥିଲେ । ୨/୧/୫

---

1. ପିତା ଓ ପୁତ୍ରର ଏକାତ୍ମତାତ୍ପର୍ଯ୍ୟତଃ ପିତାଙ୍କ ଜନ୍ମରେ ପୁତ୍ରର ଜନ୍ମ କୁହାହେଲା ।

ସ ଏବଂ ବିଦ୍ୱାନସ୍ମାଚ୍ଛରୀରଭେଦାଦୂର୍ଧ୍ୱ ଉତ୍କ୍ରମ୍ୟାମୁଷ୍ମିନ୍ ସ୍ୱର୍ଗେ ଲୋକେ ସର୍ବାନ୍ କାମାନାପ୍ତ୍ୱାଽମୃତଃ ସମଭବତ୍ ସମଭବତ୍ ॥୬॥

ଇତି ଐତରେୟୋପନିଷଦି ଦ୍ୱିତୀୟୋଽଧ୍ୟାୟଃ ॥

ଏବମ୍ (ଏହି ପ୍ରକାର) **ବିଦ୍ୱାନ୍** (ଆତ୍ମଜ୍ଞାନଯୁକ୍ତ) **ସଃ** (ସେ, ବାମଦେବ) **ଅସ୍ମାତ୍ ଶରୀରଭେଦାତ୍** (ଏହି ଶରୀର ବିନଷ୍ଟ ହେବା ପରେ) **ଊର୍ଧ୍ୱଃ** (ପରମାତ୍ମାସ୍ୱରୂପ ହୋଇ) **ଉତ୍କ୍ରମ୍ୟ** (ସଂସାରରୂପକ ଅଧୋଭାବରୁ ବ୍ୟୁତ୍ଥିତ ହୋଇ) [ସ୍ୱସ୍ୱରୂପ ବ୍ରହ୍ମାନନ୍ଦରେ] **ସର୍ବାନ୍** (ସମସ୍ତ) **କାମାନ୍** (ଭୋଗ୍ୟବସ୍ତୁ) **ଆପ୍ତ୍ୱା** ([ଆପ୍ତକାମତା କାରଣରୁ ଜୀବନକାଳରେ ହିଁ] ପ୍ରାପ୍ତ ହୋଇ) [ତୈ., ୩/୬ ଟୀକା] **ଅମୁଷ୍ମିନ୍** (ଯଥୋକ୍ତ ସେହି) **ସ୍ୱର୍ଗେ ଲୋକେ** (ସ୍ୱର୍ଗଧାମରେ) **ଅମୃତଃ** (ଅମର) **ସମଭବତ୍** (ହୋଇଥିଲେ) । **ସମଭବତ୍** (ଦ୍ୱିରୁକ୍ତି ସମାପ୍ତିସୂଚକ) । ୨/୧/୬

ଏହି ପ୍ରକାର ଆତ୍ମଜ୍ଞାନଯୁକ୍ତ ସେହି ବାମଦେବ ଏହି ଶରୀର ବନ୍ଧନ ଛିନ୍ନ ହେବା ପରେ ପରମାତ୍ମସ୍ୱରୂପ ହୋଇ ଏବଂ ପୂର୍ଣ୍ଣକାମ ହୋଇ ସଂସାରରୂପକ ହୀନଭାବ ଅତିକ୍ରମପୂର୍ବକ ସ୍ୱର୍ଗଧାମରେ[1] ଅମରତ୍ୱ ଲାଭ କରିଥିଲେ । ୨/୧/୬

॥ ଐତରେୟୋପନିଷଦ୍‌ର ଦ୍ୱିତୀୟ ଅଧ୍ୟାୟ ସମାପ୍ତ ॥

1. ସୁଖସ୍ୱରୂପ ବ୍ରହ୍ମରେ । କେ., ୪/୯, ଐ., ୩/୧/୪

ତୃତୀୟ ଅଧ୍ୟାୟ

ପ୍ରଥମ ଖଣ୍ଡ

ଓଁ କୋଽୟମାତ୍ମେତି ବୟମୁପାସ୍ମହେ କତରଃ ସ ଆତ୍ମା । ୟେନ ବା ପଶ୍ୟତି ୟେନ ବା ଶୃଣୋତି ୟେନ ବା ଗନ୍ଧାନାଜିଘ୍ରତି ୟେନ ବା ବାଚଂ ବ୍ୟାକରୋତି ୟେନ ବା ସ୍ୱାଦୁ ଚାସ୍ୱାଦୁ ଚ ବିଜାନାତି ॥ ୧ ॥

[ବ୍ରହ୍ମଜିଜ୍ଞାସୁମାନେ ପରସ୍ପରକୁ ପଚାରୁଛନ୍ତି]—[ଯେଉଁ ଆତ୍ମାକୁ] **ବୟମ୍** (ଆମେ) **ଅୟମ୍ ଆତ୍ମା ଇତି** ('ଏହି ଆତ୍ମା' ଏହିପ୍ରକାର ପ୍ରତ୍ୟକ୍ଷ ଭାବରେ) **ଉପାସ୍ମହେ**—(ଉପାସନା କରିବାକୁ ପ୍ରବୃତ୍ତ) [ସେ] **କଃ** (କିଏ) ? [ଶ୍ରୁତ୍ୟୁକ୍ତ ଦୁଇଟି ଆତ୍ମାର, ଅର୍ଥାତ୍ ଅପରବ୍ରହ୍ମସ୍ୱରୂପ ପ୍ରାଣ ଓ ପରମାତ୍ମା ମଧ୍ୟରୁ] **ସଃ** (ସେହି) **ଆତ୍ମା** (ଆତ୍ମା) **କତରଃ** (କେଉଁଟି)—[ଚକ୍ଷୁରୂପେ ପରିଣତ] **ୟେନ ବା** (ଯାହାଙ୍କ ଦ୍ୱାରା, ଯେଉଁ ଅନ୍ତଃକରଣ ଦ୍ୱାରା) [ଲୋକେ] **ପଶ୍ୟତି** ([ରୂପ] ଦର୍ଶନ କରନ୍ତି) [କର୍ଣ୍ଣରୂପୀ] **ୟେନ ବା** (ଯାହାଙ୍କ ଦ୍ୱାରା) **ଶୃଣୋତି** ([ଶବ୍ଦ] ଶ୍ରବଣ କରନ୍ତି) [ନାସିକାରୂପୀ] **ୟେନ ବା** (ଯାହାଙ୍କ ଦ୍ୱାରା) **ଗନ୍ଧାନ୍ ଆଜିଘ୍ରତି** (ଗନ୍ଧ ଆଘ୍ରାଣ କରନ୍ତି) [ବାକ୍-ରୂପୀ] **ୟେନ ବା** (ଯାହାଙ୍କ ଦ୍ୱାରା) **ବାଚମ୍** (ବାକ୍ୟ) **ବ୍ୟାକରୋତି** (ବ୍ୟକ୍ତ କରନ୍ତି) [ଜିହ୍ୱାରୂପୀ] **ୟେନ ବା** (ଯାହାଙ୍କ ଦ୍ୱାରା) **ସ୍ୱାଦୁ ଚ ଅସ୍ୱାଦୁ ଚ** (ସ୍ୱାଦୁ ଓ ଅସ୍ୱାଦୁ) **ବିଜାନାତି** (ଜାଣନ୍ତି) ? [କ., ୨/୧/୩ ଦ୍ର.] ୩/୧/୧

ଓଁ ! (ବାମଦେବଦୃଷ୍ଟ) ଯାହାଙ୍କୁ ଆମେ 'ସେ ହିଁ ଆତ୍ମା' ଏହି ପ୍ରକାର ଉପାସନା କରିବାକୁ ପ୍ରବୃତ୍ତ ହୋଇଅଛୁ, ସେ କିଏ ? ଯଦ୍ଦ୍ୱାରା ଲୋକେ (ରୂପ) ଦର୍ଶନ କରନ୍ତି, ଯଦ୍ଦ୍ୱାରା (ଶବ୍ଦ) ଶ୍ରବଣ କରନ୍ତି, ଯଦ୍ଦ୍ୱାରା ଗନ୍ଧ ଆଘ୍ରାଣ କରନ୍ତି, ଯଦ୍ଦ୍ୱାରା ନାମାଦି ପ୍ରକାଶ କରନ୍ତି, ଯଦ୍ଦ୍ୱାରା ସ୍ୱାଦୁ ଓ ଅସ୍ୱାଦୁ ଆସ୍ୱାଦନ କରନ୍ତି—(ଯିଏ ସେହି ସେହି ବିଭିନ୍ନ ଉପଲବ୍ଧିର କର୍ତ୍ତୃସ୍ୱରୂପ) ସେ (ଶ୍ରୁତ୍ୟୁକ୍ତ) ଦୁଇଟି ଆତ୍ମା ମଧ୍ୟରୁ କେଉଁଟି[1] ? ୩/୧/୧

---

1. ଶ୍ରୁତିରେ ଦୁଇଜଣ ବ୍ରହ୍ମଙ୍କ ପ୍ରବେଶ ଉଲ୍ଲିଖିତ ଅଛି—ସେଥିମଧ୍ୟରୁ ଜଣେ, ଅପରବ୍ରହ୍ମରୂପୀ ପ୍ରାଣ ପାଦ-ଅଗ୍ରଭାଗହୃଦୟ-ଅବଲମ୍ବନରେ ଏବଂ (ଐ., ୧/୩/୧୨ ଅନୁଯାୟୀ) ଅନ୍ୟଜଣକ ମସ୍ତକ-ଅବଲମ୍ବନରେ ପ୍ରବେଶ କରିଛନ୍ତି । ଏମାନଙ୍କ ଭିତରୁ କିଏ ଉପାସ୍ୟ ? ଏହି

ୟଦେତଦ୍ହୃଦୟଂ ମନଶ୍ଚୈତତ୍ । ସଂଜ୍ଞାନମାଜ୍ଞାନଂ ବିଜ୍ଞାନଂ ପ୍ରଜ୍ଞାନଂ ମେଧା ଦୃଷ୍ଟିର୍ଧୃତିର୍ମତିର୍ମନୀଷା ଜୂତିଃ ସ୍ମୃତିଃ ସଙ୍କଲ୍ପଃ କ୍ରତୁରସୁଃ କାମୋ ବଶ ଇତି । ସର୍ବାଣ୍ୟେବୈତାନି ପ୍ରଜ୍ଞାନସ୍ୟ ନାମଧେୟାନି ଭବନ୍ତି ॥୨॥

[ଭିନ୍ନ ଭିନ୍ନ ଭାବରେ ବିଭକ୍ତ ଏହି କରଣଟି କ'ଣ ? ଉତ୍ତରରେ କୁହାହେଉଛି]—**ୟତ୍** (ଯାହା) [ଋକ୍-ବ୍ରାହ୍ମଣ ଓ ଆରଣ୍ୟକରେ ଉକ୍ତ] **ହୃଦୟମ୍ ମନଃ ଚ** (ହୃଦୟ ଓ ମନ ଶବ୍ଦର ବାଚ୍ୟ) [ତାହା ହିଁ] **ଏତତ୍** (ଏହି କରଣ) [ଏବଂ] **ଏତତ୍** (ଏହି ଅନ୍ତଃକରଣ ହିଁ) [ନିମ୍ନୋକ୍ତ ବିବିଧଭାବରେ ବିଭକ୍ତ]—**ସଂଜ୍ଞାନମ୍** (ସଂଜ୍ଞପ୍ତି, ଚେତନା) **ଆଜ୍ଞାନମ୍** (ଆଜ୍ଞା, ପ୍ରଭୁତ୍ୱ) **ବିଜ୍ଞାନମ୍** (ନୃତ୍ୟ-ଗୀତାଦି ଚତୁଃଷଷ୍ଟିକଳାବିଷୟକ ଜ୍ଞାନ) **ପ୍ରଜ୍ଞାନମ୍** (ଗ୍ରନ୍ଥ-ଅର୍ଥରେ ବୁଦ୍ଧିର ଉନ୍ମେଷ, ପ୍ରତିଭା) **ମେଧା** (ଗ୍ରନ୍ଥାର୍ଥଧାରଣ-ସାମର୍ଥ୍ୟ) **ଦୃଷ୍ଟିଃ**, (ଇନ୍ଦ୍ରିୟ ଦ୍ୱାରା ବିଷୟୋପଲବ୍ଧି) **ଧୃତିଃ** (ଧୈର୍ଯ୍ୟ, ଶରୀରର ଅବସାଦ-ନିବାରକ ବୃତ୍ତି) **ମତିଃ** (ମନନ, କର୍ତ୍ତବ୍ୟଚିନ୍ତା) **ମନୀଷା** (ମନନ-ବିଷୟରେ ସ୍ୱାତନ୍ତ୍ର୍ୟ) **ଜୂତିଃ** (ରୋଗାଦିଜନିତ ମାନସ ଦୁଃଖ) **ସ୍ମୃତିଃ** (ସ୍ମରଣ) **ସଙ୍କଲ୍ପଃ** (ନିଶ୍ଚୟ, ସାମାନ୍ୟାକାରରେ ପ୍ରତିଭାତ ରୂପାଦିର ଶ୍ୱେତପୀତାଦି ବିଶେଷରୂପେ କଳ୍ପନା) **କ୍ରତୁଃ** (ଅଧ୍ୟବସାୟ) **ଅସୁଃ** (ଜୀବନ କ୍ରିୟା-ସମ୍ପାଦକ ପ୍ରାଣାଦିବୃତ୍ତି) **କାମଃ** (ବିଷୟତୃଷ୍ଣା) **ବଶଃ** (ମନୋଜ୍ଞ ବସ୍ତୁର ସ୍ୱର୍ଶାଦି-କାମନା)—**ଇତି ଏତାନି** (ଏହି ସକଳ) **ସର୍ବାଣି ଏବ** (ସମୁଦାୟ ହିଁ) **ପ୍ରଜ୍ଞାନସ୍ୟ** (ପ୍ରଜ୍ଞାନସ୍ୱରୂପ ଆତ୍ମାର) **ନାମଧେୟାନି** (ଔପାଧିକ ନାମବିଶେଷମାତ୍ର) **ଭବନ୍ତି** (ହୁଏ) । [ବୃ., ୧/୪/୭]) ୩/୧/୨

ହୃଦୟ ଓ ମନ ଶବ୍ଦର ବାଚ୍ୟ ଏହି ଅନ୍ତଃକରଣ ଚକ୍ଷୁ ଆଦି ରୂପରେ ଭିନ୍ନ ଭିନ୍ନ ଭାଗରେ ବିଭକ୍ତ । ଚେତନଭାବ, ପ୍ରଭୁତ୍ୱଭାବ, କଳାବିଜ୍ଞାନ, ପ୍ରତିଭା, ଧାରଣାଶକ୍ତି, ବିଷୟୋପଲବ୍ଧି, ଧୈର୍ଯ୍ୟ, ଚିନ୍ତା, ଚିନ୍ତାବିଷୟରେ ସ୍ୱାତନ୍ତ୍ର୍ୟ, ରୋଗାଦିଜନିତ ଦୁଃଖ, ସ୍ମୃତି, ନିଶ୍ଚୟ, ଅଧ୍ୟବସାୟ, ପ୍ରାଣାଦିବୃତ୍ତି, ବିଷୟତୃଷ୍ଣା,

---

ବିଚାର ଫଳରେ ସ୍ଥିର ହେବ ଯେ, ଅପରବ୍ରହ୍ମ କରଣ ରୂପେ ବିଦ୍ୟମାନ ବୋଲି ଉପାସ୍ୟ ନୁହନ୍ତି; ପରବ୍ରହ୍ମ ହିଁ ପ୍ରକୃତ ଭୋକ୍ତା ଓ ଉପାସ୍ୟ । ଅନ୍ତଃକରଣ ବିଭିନ୍ନ ରୂପରେ ପରିଣତ ହୋଇ ବିଭିନ୍ନ ଉପଲବ୍ଧିର ସହାୟକ ହୁଏ । ଏହି ବିଭିନ୍ନ ଉପଲବ୍ଧିର ଅଧିକରଣ ଅଭିନ୍ନ ନ ହେଲେ ସେଗୁଡ଼ିକ ଏକ ହିଁ ବ୍ୟକ୍ତିଙ୍କର ଉପଲବ୍ଧି ବୋଲି ଅନୁଭୂତ ହୋଇ ନ ଥାଆନ୍ତା । ଅନ୍ତଃକରଣ ନିଜେ କର୍ତ୍ତା ନୁହେଁ; କାରଣ ତାହା ସହାୟରେ ଉପଲବ୍ଧି ହୁଏ । ପୁଣି ପ୍ରାଣ ସମସ୍ତ ଇନ୍ଦ୍ରିୟର ସମଷ୍ଟିମାତ୍ର (ପ୍ର., ୨/୬) । ସୁତରାଂ ଏହା ସ୍ଥିର ହେଲା ଯେ, ଅନ୍ତକରଣାତ୍ମକ ପ୍ରାଣ ବା ଅପରବ୍ରହ୍ମ ଉପାସ୍ୟ ନୁହନ୍ତି । କିନ୍ତୁ ଯାହାର ଅନୁଭୂତି ପାଇଁ ମନର ବିବିଧ ପରିଣାମ ହୁଏ, ସେ ହିଁ ଉପାସ୍ୟ ।

ମନୋଜ୍ଞବସ୍ତୁର ସ୍ପର୍ଶକାମନା—ଇତ୍ୟାଦି ସମସ୍ତ ହିଁ ପ୍ରଜ୍ଞାନସ୍ୱରୂପ ଆତ୍ମାର ଔପାଧିକ ନାମମାତ୍ର[1] । ୩/୧/୨

ଏଷ ବ୍ରହ୍ମୈଷ ଇନ୍ଦ୍ର ଏଷ ପ୍ରଜାପତିରେତେ ସର୍ବେ ଦେବା ଇମାନି ଚ ପଞ୍ଚ ମହାଭୂତାନି ପୃଥିବୀ ବାୟୁରାକାଶ ଆପୋ ଜ୍ୟୋତୀଂଷୀତ୍ୟେତାନୀମାନି ଚ କ୍ଷୁଦ୍ରମିଶ୍ରାଣୀବ । ବୀଜାନୀତରାଣି ଚେତରାଣି ଚାଣ୍ଡଜାନି ଚ ଜାରୁଜାନି ଚ ସ୍ୱେଦଜାନି ଚୋଦ୍ଭିଜ୍ଜାନି ଚାଶ୍ୱା ଗାବଃ ପୁରୁଷା ହସ୍ତିନୋ ୟତ୍କିଂଚେଦଂ ପ୍ରାଣି ଜଙ୍ଗମଂ ଚ ପତତ୍ରି ଚ ୟଚ୍ଚ ସ୍ଥାବରଂ ସର୍ବଂ ତତ୍ ପ୍ରଜ୍ଞାନେତ୍ରମ୍ ପ୍ରଜ୍ଞାନେ ପ୍ରତିଷ୍ଠିତଂ ପ୍ରଜ୍ଞାନେତ୍ରୋ ଲୋକଃ ପ୍ରଜ୍ଞା ପ୍ରତିଷ୍ଠା ପ୍ରଜ୍ଞାନଂ ବ୍ରହ୍ମ ॥୩॥

ଏଷଃ (ଏହି ପ୍ରଜ୍ଞାନ-ସ୍ୱରୂପ ଆତ୍ମା) **ବ୍ରହ୍ମ** (ଅପର ବ୍ରହ୍ମ, ହିରଣ୍ୟ ଗର୍ଭ) **ଏଷଃ** (ଇଏ ହିଁ) **ଇନ୍ଦ୍ରଃ** (ଦେବରାଜ) **ଏଷଃ** (ଇଏ) **ପ୍ରଜାପତିଃ** (ଆଦିପୁରୁଷ, ବିରାଟ୍) **ଏତେ ସର୍ବେ** (ଏହି ସମୁଦାୟ) **ଦେବାଃ** (ଅଗ୍ନ୍ୟାଦି ଦେବଗଣ) **ଚ** (ଏବଂ) **ଇମାନି** (ଏହି ସକଳ) **ପଞ୍ଚ ମହାଭୂତାନି** (ପଞ୍ଚ ମହାଭୂତ)—**ପୃଥିବୀ** (ପୃଥିବୀ) **ବାୟୁଃ** (ବାୟୁ) **ଆକାଶଃ** (ଆକାଶ) **ଆପଃ** (ଜଳ) **ଜ୍ୟୋତୀଂଷି** (ତେଜ) **ଇତି ଏତାନି** (ଏହି ସକଳ)—**ଚ** (ଏବଂ) **ଇମାନି** (ଏହି ସକଳ) **କ୍ଷୁଦ୍ର-ମିଶ୍ରାଣି ଇବ** (କ୍ଷୁଦ୍ର କ୍ଷୁଦ୍ର ପ୍ରାଣୀ ସହିତ ସର୍ପାଦି ଜୀବ) [ଯେଉଁମାନେ] **ବୀଜାନି** (ଅନ୍ୟାନ୍ୟ ଜୀବର ଜନକ) **ଇତରାଣି ଚ ଇତରାଣି ଚ** (ଏବଂ ସ୍ଥାବର ଓ ଜଙ୍ଗମ ଆଦି ସମୁଦାୟ)—**ଅଣ୍ଡଜାନି** (ବିହଙ୍ଗମାଦି) **ଜାରୁଜାନି** (ଜରାୟୁଜ ମନୁଷ୍ୟାଦି) **ସ୍ୱେଦଜାନି** (ମଶକାଦି) **ଉଦ୍ଭିଜ୍ଜାନି** (ବୃକ୍ଷାଦି)—**ଅଶ୍ୱାଃ** (ଅଶ୍ୱସମୂହ) **ଗାବଃ** (ଗୋସମୂହ) **ପୁରୁଷାଃ** (ମାନବସମୂହ) **ହସ୍ତିନଃ** (ହସ୍ତିସମୂହ)—**ୟତ୍ କିମ୍ ଚ ଇଦମ୍** (ଏବଂ ଆଉ ଯାହା କିଛି) **ପ୍ରାଣି** (ପ୍ରାଣୀବର୍ଗ)—**ଜଙ୍ଗମମ୍ ଚ ପତତ୍ରି ଚ** (ଯେଉଁମାନେ ପାଦରେ ଚାଲନ୍ତି ଏବଂ ଆକାଶରେ ଉଡ଼ନ୍ତି) **ୟତ୍ ଚ ସ୍ଥାବରମ୍** (ଏବଂ ଯାହା ଅଚଳ)—**ତତ୍ ସର୍ବମ୍** (ସେହି ସମୁଦାୟ) **ପ୍ରଜ୍ଞା-ନେତ୍ରମ୍** (ପ୍ରଜ୍ଞାରୂପକ ନେତ୍ର, ଅର୍ଥାତ୍ ନାୟକ ଦ୍ୱାରା ପରିଚାଳିତ; ପ୍ରଜ୍ଞା ହିଁ ସେମାନଙ୍କର ସତ୍ତା ବା ଅସ୍ତିତ୍ୱ ସମ୍ପାଦନ କରନ୍ତି) **ପ୍ରଜ୍ଞାନେ ପ୍ରତିଷ୍ଠିତମ୍** (ଉତ୍ପତ୍ତି, ସ୍ଥିତି ଓ ଲୟ-କାଳରେ ସେମାନେ ପ୍ରଜ୍ଞାନରେ ଆଶ୍ରିତ) **ପ୍ରଜ୍ଞାନେତ୍ରଃ ଲୋକଃ** (ସମସ୍ତ ଲୋକର ପ୍ରବୃତ୍ତି ପ୍ରଜ୍ଞାନର ହିଁ ଅଧୀନ)

---

1. ପ୍ରଜ୍ଞପ୍ତିସ୍ୱରୂପ ଆତ୍ମା ଏମାନଙ୍କର ସାକ୍ଷୀ ଓ ଅବିଷୟ; ଏଗୁଡ଼ିକ ତାହାଙ୍କର ଉପଲବ୍ଧିର ଦ୍ୱାର ।

ପ୍ରଜ୍ଞା ପ୍ରତିଷ୍ଠା (ପ୍ରଜ୍ଞା ହିଁ ଜଗତ୍‌ର ଆଶ୍ରୟ); [ଅତଏବ] **ପ୍ରଜ୍ଞାନମ୍ ବ୍ରହ୍ମ** (ପ୍ରଜ୍ଞାନ ହିଁ ବ୍ରହ୍ମ) । ୩/୧/୩

ଏହି ପ୍ରଜ୍ଞାନାତ୍ମା ହିଁ ହିରଣ୍ୟଗର୍ଭ; ଇଏ ଦେବରାଜ; ଇଏ ବିରାଟ୍; ଇଏ ହିଁ ଏହି ସକଳ ଦେବତା । ଇଏ ହିଁ ଏହି ସମସ୍ତ ପଞ୍ଚ ମହାଭୂତ—ଅର୍ଥାତ୍ ପୃଥିବୀ, ବାୟୁ, ଆକାଶ, ଜଳ ଓ ତେଜଃ ଏବଂ ଅପରାପର ଜୀବଗଣଙ୍କର ଉତ୍ପାଦକ କ୍ଷୁଦ୍ର ପ୍ରାଣୀଗଣ ସହିତ ସର୍ପାଦି ଜୀବ ମଧ୍ୟ ଇଏ; ତଥା ସଚଳ ଓ ଅଚଳ ସମସ୍ତ ହିଁ—ଅର୍ଥାତ୍ ଅଣ୍ଡଜ, ଜରାୟୁଜ, ସ୍ୱେଦଜ ଓ ବୃକ୍ଷାଦି ଜୀବ ଏବଂ ଅଶ୍ୱ, ଗୋରୁ, ମନୁଷ୍ୟ ଓ ହସ୍ତିସମୂହ ଏବଂ ଅପର ଯେଉଁ ସକଳ ପ୍ରାଣୀ ପାଦଦ୍ୱାରା ଚାଲନ୍ତି, ଆକାଶରେ ଉଡ଼ନ୍ତି, ଅଥବା ଯେଉଁମାନେ ଅଚଳ—(ସେହି ସମସ୍ତ ହିଁ ଏହି ପ୍ରଜ୍ଞାନସ୍ୱରୂପ ଆତ୍ମା) । ପ୍ରଜ୍ଞାନ ହିଁ ସେହି ସମୁଦାୟକୁ ସତ୍ତାଯୁକ୍ତ କରନ୍ତି, ପ୍ରଜ୍ଞାନରେ ସେମାନେ ପ୍ରତିଷ୍ଠିତ, ପ୍ରଜ୍ଞା ହିଁ ସମସ୍ତ ଜଗତ୍‌ର ପ୍ରବୃତ୍ତିର ନିୟାମକ ଏବଂ ପ୍ରଜ୍ଞା ହିଁ ସମସ୍ତ ଜଗତ୍‌ର ଆଶ୍ରୟ; (ଅତଏବ) ପ୍ରଜ୍ଞାନ ହିଁ ବ୍ରହ୍ମ[1] । ୩/୧/୩

ସ ଏତେନ ପ୍ରଜ୍ଞେନାଽଽତ୍ମନାଽସ୍ମାଲ୍ଲୋକାଦୁତ୍କ୍ରମ୍ୟାମୁଷ୍ମିନ୍ ସ୍ୱର୍ଗେ ଲୋକେ ସର୍ବାନ୍ କାମାନାପ୍ତ୍ୱାଽମୃତଃ ସମଭବତ୍ ସମଭବତ୍ ॥୪॥

ଇତି ଐତରେୟୋପନିଷଦି ତୃତୀୟୋଽଧ୍ୟାୟଃ ॥

ଇତି ଐତରେୟୋପନିଷଦ୍ ସମାପ୍ତା ॥

[ପୂର୍ବୋକ୍ତ ବିଚାର-ଦ୍ୱାରା ନିର୍ଦ୍ଧାରିତ] **ଏତେନ** ([ସର୍ବଭୂତସ୍ଥ] ଏହି) **ପ୍ରଜ୍ଞେନ ଆତ୍ମନା** (ପ୍ରଜ୍ଞାସ୍ୱରୂପେ, ପ୍ରଜ୍ଞାସହିତ ଆତ୍ମାର ଅଭେଦ ଅନୁଭବ କରି) **ଅସ୍ମାତ୍ ଲୋକାତ୍** (ଏହି ଲୋକରୁ) **ଉତ୍କ୍ରମ୍ୟ** (ଊର୍ଦ୍ଧ୍ୱକୁ ଗମନ କରି, ଅର୍ଥାତ୍ ଶରୀରରେ ଆତ୍ମବୁଦ୍ଧି ତ୍ୟାଗ କରି) **ସର୍ବାନ୍ କାମାନ୍ ଆପ୍ତ୍ୱା** ([ଜୀବନକାଳରେ ହିଁ] ସମସ୍ତ କାମନା ପ୍ରାପ୍ତକରି ଅର୍ଥାତ୍ ପୂର୍ଣ୍ଣକାମ ହୋଇ) **ଅମୁଷ୍ମିନ୍** (ଇନ୍ଦ୍ରିୟାତୀତ ସେହି) **ସ୍ୱର୍ଗେ ଲୋକେ** (ପରମାନନ୍ଦରୂପକ ଧାମରେ, ବ୍ରହ୍ମରେ) **ସଃ** (ଉକ୍ତ ବାମଦେବ ଅଥବା ଅନ୍ୟ ଯେକୌଣସି ବିଦ୍ୱାନ୍) **ଅମୃତଃ** (ଅମର) **ସମଭବତ୍**

---

1. ଯେଉଁ ବିଚାର ଆରମ୍ଭ ହୋଇଥିଲା ତାହା ଏଠାରେ ଶେଷ ହେଲା ଏବଂ ଆତ୍ମତତ୍ତ୍ୱ ନିର୍ଦ୍ଧାରିତ ହେଲା । ସର୍ବ ଉପାଧିବର୍ଜିତ ପ୍ରଜ୍ଞାନ ହିଁ ଉପାଧିଭେଦରେ ସର୍ବଜ୍ଞ ଈଶ୍ୱର, ଅନ୍ତର୍ଯ୍ୟାମୀ, ହିରଣ୍ୟଗର୍ଭ, ବିରାଟ୍ ଓ ଦେବତାଦିରୁ ସ୍ତମ୍ବ ପର୍ଯ୍ୟନ୍ତ ବିବିଧରୂପରେ ବିବର୍ତ୍ତିତ ହୋଇଛନ୍ତି ।

(ହୋଇଥିଲେ) । **ସମଭବତ୍** (ହୋଇଥିଲେ) [ଦ୍ୱିରୁକ୍ତି ସମାପ୍ତିସୂଚକ] । [ବିଚାର ଶେଷରେ ଏହା ଶ୍ରୁତିର ନିଜର ବଚନ] । ୩/୧/୪

ଏହି ସର୍ବଭୂତସ୍ଥ ପ୍ରଜ୍ଞା ସହିତ ଆତ୍ମାର ଏକତ୍ୱ ଅନୁଭବ କରି ଏହି ଲୋକରୁ ଊର୍ଦ୍ଧ୍ୱକୁ ଗମନ କରି ଏବଂ ପୂର୍ଣ୍ଣକାମ ହୋଇ (ବାମଦେବ ବା ଅନ୍ୟ ଯେକୌଣସି) ବିଦ୍ୱାନ୍ ଇନ୍ଦ୍ରିୟାତୀତ ପରମାନନ୍ଦଧାମରେ ଅମର ହୋଇଥିଲେ । ୩/୧/୪

॥ ଐତରେୟୋପନିଷଦ୍‌ର ତୃତୀୟ ଅଧ୍ୟାୟ ସମାପ୍ତ ॥

॥ ଐତରେୟୋପନିଷଦ୍ ସମାପ୍ତ ॥

ଶାନ୍ତିପାଠ

ଓଁ ବାଙ୍ ମେ ମନସି ପ୍ରତିଷ୍ଠିତା ମନୋ ମେ ବାଚି ପ୍ରତିଷ୍ଠିତ-ମାବିରାବୀର୍ମ ଏଧି ବେଦସ୍ୟ ମ ଆଣୀସ୍ଥଃ ଶ୍ରୁତଂ ମେ ମା ପ୍ରହାସୀ-ରନେନାଧୀତେନାହୋରାତ୍ରାନ୍ ସଂଦଧାମ୍ୟୃତଂ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି ତନ୍ମାମବତୁ ତଦ୍ବକ୍ତାରମବତ୍ୱବତୁ ମାମବତୁ ବକ୍ତାରମବତୁ ବକ୍ତାରମ୍ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

କୃଷ୍ଣଯଜୁର୍ବେଦୀୟ

ଶ୍ୱେତାଶ୍ୱତରୋପନିଷଦ୍

ଶାନ୍ତିପାଠ

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈଃ ।
ତେଜସ୍ୱି ନାବଧୀତମସ୍ତୁ ମା ବିଦ୍ୱିଷାବହୈ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

[ଅନ୍ୱୟାର୍ଥ ପାଇଁ ଈଶୋପନିଷଦ୍ ଓ କଠୋପନିଷଦ୍‌ର ଶାନ୍ତିପାଠ ଦ୍ରଷ୍ଟବ୍ୟ]

ପ୍ରଥମ ଅଧ୍ୟାୟ

ହରି ଓଁ ॥ ବ୍ରହ୍ମବାଦିନୋ ବଦନ୍ତି—
କିଂ କାରଣଂ ବ୍ରହ୍ମ କୁତଃ ସ୍ମ ଜାତା
ଜୀବାମ କେନ କ୍ୱ ଚ ସମ୍ପ୍ରତିଷ୍ଠାଃ ।
ଅଧିଷ୍ଠିତାଃ କେନ ସୁଖେତରେଷୁ
ବର୍ତାମହେ ବ୍ରହ୍ମବିଦୋ ବ୍ୟବସ୍ଥାମ୍ ॥ ୧ ॥

ହରି ଓଁ (ପରବ୍ରହ୍ମ ସ୍ମରଣପୂର୍ବକ ଉପନିଷଦ୍‌ର ପ୍ରାରମ୍ଭ ହେଉଛି) **ବ୍ରହ୍ମବାଦିନଃ** (ବ୍ରହ୍ମ-ଆଲୋଚନାରେ ତତ୍ପର ଋଷିଗଣ) **ବଦନ୍ତି** (ପରସ୍ପରକୁ କହୁଛନ୍ତି)— **ବ୍ରହ୍ମବିଦଃ** (ହେ ବ୍ରହ୍ମଜ୍ଞାନୀଗଣ) **ବ୍ରହ୍ମ କିଂ କାରଣମ୍** (ବ୍ରହ୍ମ ହିଁ କ'ଣ ଜଗତ୍‌କାରଣ ? କିମ୍ବା କାଳାଦି ଜଗତ୍‌କାରଣ ?) [ଅଥବା—**କାରଣମ୍ ବ୍ରହ୍ମ କିମ୍**=ଜଗତ୍‌କାରଣ ବ୍ରହ୍ମଙ୍କ ସ୍ୱରୂପ କିପରି ? କିମ୍ବା—**ବ୍ରହ୍ମ କିମ୍ କାରଣମ୍**=ବ୍ରହ୍ମ କେଉଁ କାରଣ ? — ଉପାଦାନ-କାରଣ ବା ନିମିତ୍ତ-କାରଣ ?] **କୁତଃ** (କେଉଁଠାରୁ) **ଜାତାଃ ସ୍ମ** (ଆମେ ଜାତ ହୋଇଛୁ) ? **କେନ** (କାହା ଦ୍ୱାରା) [ଆମେ] [ସ୍ଥିତିକାଳରେ] **ଜୀବାମ** (ଜୀବନ ଧାରଣ କରୁ) ? **ଚ** (ଏବଂ) [ପ୍ରଳୟକାଳରେ] **କ୍ୱ** (କେଉଁଠାରେ) **ସମ୍ପ୍ରତିଷ୍ଠାଃ** (ଅବସ୍ଥିତି [ହୁଏ] ?) [ତୈ., ୩/୧] । **କେନ** (କାହା ଦ୍ୱାରା) **ଅଧିଷ୍ଠିତାଃ** (ପରିଚାଳିତ ହୋଇ) **ସୁଖ-ଇତରେଷୁ** (ସୁଖ ଓ ଦୁଃଖ ଭୋଗବିଷୟରେ) **ବ୍ୟବସ୍ଥାମ୍** (ଯଥୋଚିତ ନିୟମ) **ବର୍ତାମହେ** (ଅନୁସରଣ କରିଥାଉ) ? ୧/୧

ବ୍ରହ୍ମବାଦୀଗଣ ପରସ୍ପରକୁ ପ୍ରଶ୍ନ ପଚାରୁଛନ୍ତି—ହେ ବ୍ରହ୍ମଜ୍ଞଗଣ, ବ୍ରହ୍ମ କ'ଣ ଜଗତ୍‌କାରଣ ?[1] ଆମେ କେଉଁଠାରୁ ଉତ୍ପନ୍ନ ହୋଇଅଛୁ, କାହା ଦ୍ୱାରା ଜୀବିତ ଅଛୁ ଏବଂ ଅବଶେଷରେ କେଉଁଠି ଅବସ୍ଥାନ କରୁ ? କାହାର ପରିଚାଳନା ଅଧୀନରେ ଆମମାନଙ୍କର ସୁଖ-ଦୁଃଖ-ଭୋଗର ବ୍ୟବସ୍ଥା ହୋଇଥାଏ ? ୧/୧

---

1. ଶୁଦ୍ଧ ବ୍ରହ୍ମ ଜଗତ୍‌କାରଣ ହୋଇପାରନ୍ତି ନାହିଁ । ସୁତରାଂ ତାଙ୍କୁ ଜଗତ୍‌କାରଣ ହେବାକୁ ହେଲେ ଜଣଙ୍କର ସହାୟତା ଗ୍ରହଣ କରିବାକୁ ହେବ । ଏହି ସହାୟକ କିଏ ?

କାଲଃ ସ୍ୱଭାବୋ ନିୟତିର୍ୟଦୃଚ୍ଛା
ଭୂତାନି ୟୋନିଃ ପୁରୁଷ ଇତି ଚିନ୍ତ୍ୟା ।
ସଂୟୋଗ ଏଷାଂ ନ ତ୍ୱାତ୍ମଭାବା-
ଦାତ୍ମାଽପ୍ୟନୀଶଃ ସୁଖଦୁଃଖହେତୋଃ ॥ ୨ ॥

କାଲଃ (ସର୍ବଭୂତର ପରିଣାମସମ୍ପାଦକ କାଳ) **ସ୍ୱଭାବଃ** (ପଦାର୍ଥର ନିଜ ଶକ୍ତି) **ନିୟତିଃ** (କର୍ମଫଳ) **ୟଦୃଚ୍ଛା** (ଆକସ୍ମିକ ଘଟଣା) **ଭୂତାନି** (ପଞ୍ଚଭୂତ) [ଅଥବା] **ପୁରୁଷଃ** (ବିଜ୍ଞାନାତ୍ମା ବା ବୁଦ୍ଧିପ୍ରଧାନ ଜୀବାତ୍ମା) **ଇତି ୟୋନିଃ** (ପୂର୍ବୋକ୍ତ ଭାବରେ ଜଗତ୍‌କାରଣ କି ନୁହେଁ ତାହା) **ଚିନ୍ତ୍ୟା** (ନିରୂପଣ କରିବା ଉଚିତ୍) । ଏଷାମ୍ (ଏଗୁଡ଼ିକର) **ସଂୟୋଗଃ ତୁ** (ସଂହତି ମଧ୍ୟ) **ନ** (କାରଣ ନୁହେଁ) **ଆତ୍ମଭାବାତ୍** (କାରଣ ଏମାନଙ୍କ ସଂହତିର କାରଣସ୍ୱରୂପ ଆତ୍ମାର ଅସ୍ତିତ୍ୱ ରହିଛି) [କ., ୨/୨/୩-୫ ଟୀକା] । **ସୁଖଦୁଃଖହେତୋଃ** (ଜୀବର ସୁଖ ଓ ଦୁଃଖର କାରଣଭୂତ ପାପ-ପୁଣ୍ୟ ରହିଛି ବୋଲି) **ଅନୀଶଃ** (ଅସ୍ୱତନ୍ତ୍ର) **ଆତ୍ମା ଅପି** (ଜୀବାତ୍ମା ମଧ୍ୟ) [କାରଣ ନୁହନ୍ତି] । [ଅଥବା—(ଜୀବାତ୍ମା ମଧ୍ୟ) **ସୁଖଦୁଃଖହେତୋଃ** (ନିଜ ସୁଖ ଦୁଃଖର କାରଣଭୂତ ଜଗତ୍‌ର) **ଅନୀଶଃ** (କାରଣ ହୋଇପାରନ୍ତି ନାହିଁ)] । ୧/୨

କାଳ, ସ୍ୱଭାବ, ନିୟତି, ଯଦୃଚ୍ଛା, ପଞ୍ଚଭୂତ, ଅଥବା ବିଜ୍ଞାନାତ୍ମା ଜଗତ୍‌କାରଣ ହୋଇପାରନ୍ତି କି ନାହିଁ, ଏହା ଚିନ୍ତନୀୟ । ଏମାନେ ସଂହତ ହୋଇ ମଧ୍ୟ[1] କାରଣ ହୋଇପାରନ୍ତି ନାହିଁ, କାହିଁକି ନା ସଂହତିର କାରଣ ଆତ୍ମା ରହିଛନ୍ତି । ଜୀବାତ୍ମା ମଧ୍ୟ କାରଣ ନୁହନ୍ତି, କାହିଁକି ନା ସେ ପାପପୁଣ୍ୟର ଅଧୀନ । ୧/୨

ତେ ଧ୍ୟାନୟୋଗାନୁଗତା ଅପଶ୍ୟନ୍
ଦେବାତ୍ମଶକ୍ତିଂ ସ୍ୱଗୁଣୈର୍ନିଗୂଢାମ୍ ।
ୟଃ କାରଣାନି ନିଖିଲାନି ତାନି
କାଲାତ୍ମୟୁକ୍ତାନ୍ୟଧିତିଷ୍ଠତ୍ୟେକଃ ॥୩॥

ୟଃ (ଯେଉଁ) **ଏକଃ** (ଅଦ୍ୱିତୀୟ ପରମାତ୍ମା) **କାଲ-ଆତ୍ମ-ୟୁକ୍ତାନି** (କାଳ ଓ ଜୀବ ସହିତ) **ତାନି** (ପୂର୍ବୋକ୍ତ) **ନିଖିଲାନି** (ସମୁଦାୟ) **କାରଣାନି** (କାରଣକୁ) **ଅଧିତିଷ୍ଠତି** (ପରିଚାଳିତ କରନ୍ତି) [ତାହାଙ୍କୁ ଅନ୍ୟରୂପେ ପାଇବା ଅସମ୍ଭବ ଜାଣି]

---

1. ପ୍ରମାଣ ବିରୁଦ୍ଧ ବୋଲି ସେମାନେ ପୃଥକ୍‌ଭାବରେ ମଧ୍ୟ କାରଣ ହୋଇପାରିବେ ନାହିଁ ।

ଧ୍ୟାନ-ଯୋଗ-ଅନୁଗତାଃ (ଚିତ୍ତର ଏକାଗ୍ରତାସ୍ୱରୂପ ଯୋଗ ସହାୟରେ ବ୍ରହ୍ମରେ ଅନୁପ୍ରବିଷ୍ଟ ହୋଇ) [ତାଙ୍କଠାରେ ହିଁ] **ସ୍ୱଗୁଣୈଃ ନିଗୂଢାମ୍** (ସତ୍ତ୍ୱାଦିଗୁଣବତୀ, ତ୍ରିଗୁଣାତ୍ମିକା) **ଦେବ-ଆତ୍ମ-ଶକ୍ତିମ୍** (ପ୍ରକାଶସ୍ୱରୂପ ପରମାତ୍ମାଙ୍କର ଆତ୍ମଭୂତ, ଅଭିନ୍ନରୂପେ ଅଧସ୍ତ ଓ ଅସ୍ୱତନ୍ତ୍ର ଶକ୍ତିଙ୍କୁ) **ତେ** (ସେମାନେ) [ବ୍ରହ୍ମଙ୍କ ସହାୟକ ରୂପରେ] **ଅପଶ୍ୟନ୍** (ଦର୍ଶନ କରିଥିଲେ) । ୧/୩

ଯେଉଁ ଅଦ୍ୱିତୀୟ ପରମାତ୍ମା କାଳ ଓ ଜୀବ ପ୍ରଭୃତି ପୂର୍ବୋକ୍ତ ନିଖିଳ କାରଣକୁ ଯଥାନିୟମରେ ପରିଚାଳିତ କରନ୍ତି, ସେହି ଦେବଙ୍କର ସ୍ୱାତ୍ମଭୂତ ତ୍ରିଗୁଣାତ୍ମିକା ଶକ୍ତିକୁ ହିଁ ଉକ୍ତ ବ୍ରହ୍ମବାଦୀଗଣ ସମାଧି-ସହାୟରେ ପରମାତ୍ମାଙ୍କ ଜଗତ୍‌କାରଣତ୍ୱର ସହାୟକରୂପେ ଦର୍ଶନ କରିଥିଲେ[1] । ୧/୩

ତମେକନେମିଂ ତ୍ରିବୃତଂ ଷୋଡଶାନ୍ତଂ
ଶତାର୍ଧାରଂ ବିଂଶତିପ୍ରତ୍ୟରାଭିଃ ।
ଅଷ୍ଟକୈଃ ଷଡ୍‌ଭିର୍ବିଶ୍ୱରୂପୈକପାଶଂ
ତ୍ରିମାର୍ଗଭେଦଂ ଦ୍ୱିନିମିତ୍ତୈକମୋହମ୍ ॥୪॥

[ଯେଉଁ ପରମାତ୍ମା ପୂର୍ବୋକ୍ତ କାରଣ-ସମୂହର ଅଧିଷ୍ଠାନ, ତାଙ୍କର ହିଁ ସର୍ବାତ୍ମକତ୍ୱ-ପ୍ରତିପାଦନ ପାଇଁ ବ୍ରହ୍ମଚକ୍ର ବର୍ଣ୍ଣିତ ହେଉଅଛି]—**ଏକ-ନେମିମ୍** (ଏକ, ଅର୍ଥାତ୍ ମାୟାଶକ୍ତି ଯାହାଙ୍କର ନେମି ବା ରଥଚକ୍ରର ପ୍ରାନ୍ତଭାଗ) **ତ୍ରିବୃତମ୍** (ଯିଏ ସତ୍ତ୍ୱ, ରଜଃ ଓ ତମଃ ଗୁଣ ଦ୍ୱାରା ଆବୃତ) **ଷୋଡଶ ଅନ୍ତମ୍** (ଷୋଡ଼ଶ କଳା [ପ୍ର., ୬/୪] ଯାହାଙ୍କର ବିସ୍ତାରର ପର୍ଯ୍ୟାପ୍ତି ବା ସୀମାସ୍ୱରୂପ) **ଶତ-ଅର୍ଧ-ଅରମ୍** (ପଞ୍ଚ ବିପର୍ଯ୍ୟୟ, ଅଷ୍ଟାବିଂଶତି ପ୍ରକାର ଅଶକ୍ତି, ନଅ ପ୍ରକାର ତୁଷ୍ଟି, ଏବଂ ଅଷ୍ଟସିଦ୍ଧି—ଏହି ପଚାଶ ପ୍ରକାର ପ୍ରତ୍ୟୟ ଯାହାଙ୍କର ପଚାଶଟି ଅର) **ବିଂଶତି-ପ୍ରତ୍ୟରାଭିଃ** (ଦଶଇନ୍ଦ୍ରିୟ ଓ ସେମାନଙ୍କର ଦଶଟି ବିଷୟରୂପକ ପ୍ରତ୍ୟୟ, ଅର୍ଥାତ୍ ଅରସମୂହର ଦୃଢତ୍ୱ-ସମ୍ପାଦକ କୀଳକ ସହିତ ଯୁକ୍ତ) **ଷଡ୍‌ଭିଃ ଅଷ୍ଟକୈଃ** (ଛଅଟି ଅଷ୍ଟକ ସହିତ ଯୁକ୍ତ) **ବିଶ୍ୱରୂପ-ଏକ-ପାଶମ୍** (ଯିଏ ନାନାରୂପ, ଅର୍ଥାତ୍ ପୁତ୍ର, ପଶୁ ଇତ୍ୟାଦି ବିଭିନ୍ନ-ବିଷୟକ, ଗୋଟିଏ କାମ ଦ୍ୱାରା ଆବଦ୍ଧ) **ତ୍ରିମାର୍ଗଭେଦମ୍** (ଧର୍ମ,

---

1. ଏହା ବ୍ରହ୍ମସୂତ୍ରର ଟୀକା ରତ୍ନପ୍ରଭା ଅନୁଯାୟୀ ଅନୁବାଦ । ଶ୍ଲୋକଟିର ତାତ୍ପର୍ଯ୍ୟ ହେଉଛି, ମାୟାଶକ୍ତି-ସହାୟରେ ବ୍ରହ୍ମ ଜଗତ୍‌ର ଅଭିନ୍ନ-ନିମିତ୍ତ-ବିବର୍ତ୍ତ-ଉପାଦାନ-କାରଣ ହୋଇଥାଆନ୍ତି । ଶ୍ୱେ., ୪/୧୦, ୪/୧୪ ଓ ୫/୧ ଦ୍ରଷ୍ଟବ୍ୟ । ମାୟା ତ୍ରିଗୁଣାତ୍ମିକା । ତାଙ୍କର ତିନିଟି ଗୁଣ ଅଛି—ଏହିପ୍ରକାର ଧାରଣା ଭୁଲ୍; ଶ୍ୱେ., ୫/୫ଟୀକା । ଏହି ମାୟା ହିଁ ସୃଷ୍ଟିର ପରିଣାମୀ କାରଣ ।

ଅଧର୍ମ ଓ ଜ୍ଞାନ ଯାହାଙ୍କର ବିଚରଣ-କ୍ଷେତ୍ର, ଅର୍ଥାତ୍ ରଥଚାଳନଭୂମି) **ଦ୍ୱି-ନିମିତ୍ତ-ଏକ-ମୋହମ୍** (ପୁଣ୍ୟ ଓ ପାପବଶତଃ ହିଁ ଯାହାଙ୍କର ମୋହ, ଅର୍ଥାତ୍ ଦେହାଦି ଅନାତ୍ମାରେ ଆତ୍ମବୁଦ୍ଧି) **ତମ୍** (ତାହାଙ୍କୁ, ନିଖିଳ କାରଣର ଅଧିଷ୍ଠାନ ବ୍ରହ୍ମଚକ୍ରକୁ) [ଦର୍ଶନ କଲେ] । ୧/୪

ମାୟାଶକ୍ତି ଯେଉଁ ରଥଚକ୍ରର ପ୍ରାନ୍ତଭାଗ, ଯିଏ ତିନିଗୁଣ ଦ୍ୱାରା ଆବୃତ, ଷୋଡ଼ଶ ପଦାର୍ଥ ଯାହାଙ୍କର ବିସ୍ତାରସ୍ୱରୂପ, ଯାହାଙ୍କର ପଚାଶଟି ଅର ଏବଂ କୋଡ଼ିଏଟି ପହି, ଯିଏ ଛଅଟି ଅଷ୍ଟକ[1] ସହିତ ସଂଯୁକ୍ତ, ଯିଏ ନାନା ବିଷୟକ ଏକ କାମପାଶ ଦ୍ୱାରା ଆବଦ୍ଧ, ଧର୍ମ, ଅଧର୍ମ ଓ ଜ୍ଞାନ ଯାହାଙ୍କର ବିଚରଣକ୍ଷେତ୍ର ଏବଂ ପୁଣ୍ୟ ଓ ପାପବଶତଃ ଯିଏ ମୋହଗ୍ରସ୍ତ, ସେହି ବ୍ରହ୍ମଚକ୍ରକୁ (ବ୍ରହ୍ମବାଦୀଗଣ ଦର୍ଶନ କରିଥିଲେ) । ୧/୪

ପଞ୍ଚସ୍ରୋତୋଽମ୍ବୁଂ ପଞ୍ଚଯୋନ୍ୟୁଗ୍ରବକ୍ରାଂ
ପଞ୍ଚପ୍ରାଣୋର୍ମିଂ ପଞ୍ଚବୁଦ୍ଧ୍ୟାଦିମୂଲାମ୍ ।
ପଞ୍ଚାବର୍ତାଂ ପଞ୍ଚଦୁଃଖୌଘବେଗାଂ
ପଞ୍ଚାଶଦ୍ଭେଦାଂ ପଞ୍ଚପର୍ବାମଧୀମଃ ॥୫॥

[ପୂର୍ବମନ୍ତ୍ରରେ ବର୍ଣ୍ଣିତ ଚକ୍ରରୂପୀ ଅବିଦ୍ୟା-ଉପହିତ ବ୍ରହ୍ମଙ୍କୁ ବର୍ତ୍ତମାନ ନଦୀରୂପରେ ବର୍ଣ୍ଣନା କରାଯାଉଛି]—**ପଞ୍ଚ-ସ୍ରୋତଃ-ଅମ୍ବୁମ୍** (ଯେଉଁ ନଦୀର [ପଞ୍ଚଜ୍ଞାନେନ୍ଦ୍ରିୟରୂପକ] ପାଞ୍ଚୋଟି ସ୍ରୋତ) **ପଞ୍ଚ-ଯୋନି-ଉଗ୍ର-ବକ୍ରାମ୍**

---

1. ଛଅଟି ଅଷ୍ଟକ ଯଥା :-

(୧) ପ୍ରକୃତି-ଅଷ୍ଟକ—ଭୂମି, ଜଳ, ଅନଳ, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଙ୍କାର ।

(୨) ଧାତୁ-ଅଷ୍ଟକ—ତ୍ୱକ୍, ଚର୍ମ, ମାଂସ, ରୁଧିର, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର ।

(୩) ଐଶ୍ୱର୍ଯ୍ୟ-ଅଷ୍ଟକ—ଅଣିମା, ମହିମା, ଲଘିମା, ବ୍ୟାପ୍ତି, ପ୍ରାକାମ୍ୟ, ଇଶିତ୍ୱ, ବଶିତ୍ୱ, ଓ କାମାବସାୟିତ୍ୱ ।

(୪) ଭାବ-ଅଷ୍ଟକ—ଧର୍ମ, ଜ୍ଞାନ, ବୈରାଗ୍ୟ, ଐଶ୍ୱର୍ଯ୍ୟ, ଅଧର୍ମ, ଅଜ୍ଞାନ, ଅବୈରାଗ୍ୟ ଓ ଅନୈଶ୍ୱର୍ଯ୍ୟ ।

(୫) ଦେବତା-ଅଷ୍ଟକ—ବ୍ରହ୍ମା, ପ୍ରଜାପତି, ଦେବ, ଗନ୍ଧର୍ବ, ଯକ୍ଷ, ରାକ୍ଷସ, ପିତୃଗଣ ଓ ପିଶାଚ ।

(୬) ଗୁଣ-ଅଷ୍ଟକ—ଦୟା, କ୍ଷମା, ଅନସୂୟା, ଶୌଚ, ଅନାୟାସ, ମଙ୍ଗଳ, ଅକାର୍ପଣ୍ୟ ଓ ଅସ୍ପୃହା ।

(କାରଣଭୂତ ପଞ୍ଚଭୂତ ଦ୍ୱାରା ଯିଏ ଭୀଷଣ ଓ ବକ୍ର) **ପଞ୍ଚ-ପ୍ରାଣ-ଉର୍ମିମ୍** (ପଞ୍ଚ କର୍ମେନ୍ଦ୍ରିୟ ଯାହାଙ୍କର ତରଙ୍ଗ) **ପଞ୍ଚ-ବୁଦ୍ଧି-ଆଦି-ମୂଲାମ୍** (ଚକ୍ଷୁରାଦିଦ୍ୱାରା ଲବ୍ଧ ପଞ୍ଚ ଜ୍ଞାନର ଆଦି, ଅର୍ଥାତ୍ କାରଣସ୍ୱରୂପ, ମନ ଯାହାଙ୍କର ଉତ୍ସ) **ପଞ୍ଚ-ଆବର୍ତାମ୍** (ଶବ୍ଦାଦି ପଞ୍ଚବିଷୟ ଯାହାଙ୍କର ଆବର୍ତ୍ତ) **ପଞ୍ଚ-ଦୁଃଖ-ଓଘ-ବେଗାମ୍** (ଗର୍ଭବାସ, ଜନ୍ମ, ଜରା, ବ୍ୟାଧି ଓ ମରଣରୂପକ ପାଞ୍ଚୋଟି ଦୁଃଖ ହିଁ ଯାହାଙ୍କର ସ୍ରୋତବେଗ) **ପଞ୍ଚପର୍ବାମ୍** (ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ ଏହି ପଞ୍ଚକ୍ଲେଶ ଯାହାଙ୍କର ପଞ୍ଚସୋପାନ) [ସେହି] **ପଞ୍ଚାଶତ୍ ଭେଦାମ୍** (ପଚାଶଟି ଭେଦଯୁକ୍ତ) [ଚିଦ୍-ରୂପିଣୀ ନଦୀକୁ] **ଅଧୀମଃ** (ଆମେ ସ୍ମରଣ କରୁ, ଜାଣୁ) । ୧/୫

ପଞ୍ଚ ଜ୍ଞାନେନ୍ଦ୍ରିୟ ଯେଉଁ (ଚିଦ୍‌ରୂପିଣୀ) ନଦୀର ପାଞ୍ଚୋଟି ସ୍ରୋତ, ପଞ୍ଚଭୂତ ଦ୍ୱାରା ଯିଏ ଦୁସ୍ତର ଓ ଅସରଳ, ପଞ୍ଚ କର୍ମେନ୍ଦ୍ରିୟ ଯାହାଙ୍କର ତରଙ୍ଗ, ଚକ୍ଷୁରାଦିସମ୍ଭୂତ ପଞ୍ଚ ଜ୍ଞାନର କାରଣ ମନ ଯାହାର ମୂଳ, ଶବ୍ଦାଦି ପଞ୍ଚ ବିଷୟ ଯାହାଙ୍କର ଆବର୍ତ୍ତ, ପଞ୍ଚ ଦୁଃଖ ଯାହାଙ୍କର ସ୍ରୋତବେଗ, ଏବଂ ପଞ୍ଚ କ୍ଲେଶ ଯାହାଙ୍କର ସୋପାନ, ସେହି ପଚାଶ ପ୍ରକାର ଭେଦଯୁକ୍ତ ନଦୀକୁ ଆମେ ସ୍ମରଣ କରୁ । ୧/୫

ସର୍ବାଜୀବେ ସର୍ବସଂସ୍ଥେ ବୃହନ୍ତେ
ଅସ୍ମିନ୍ ହଂସୋ ଭ୍ରାମ୍ୟତେ ବ୍ରହ୍ମଚକ୍ରେ ।
ପୃଥଗାତ୍ମାନଂ ପ୍ରେରିତାରଂ ଚ ମତ୍ୱା
ଜୁଷ୍ଟସ୍ତତସ୍ତେନାମୃତତ୍ୱମେତି ॥୬॥

[ସଂସାର ଓ ମୁକ୍ତିର କାରଣ କୁହାହେଉଅଛି]—**ହଂସଃ** (ସଂସାରପଥରେ ଓ ମୋକ୍ଷପଥରେ ଗମନକାରୀ ଜୀବ) **ଆତ୍ମାନମ୍** (ଜୀବାତ୍ମାକୁ) **ପ୍ରେରିତାରମ୍ ଚ** (ଏବଂ ସର୍ବନିୟନ୍ତା ପରମେଶ୍ୱରଙ୍କୁ) **ପୃଥକ୍** (ଭିନ୍ନ) **ମତ୍ୱା** (ମନେ କରି) **ସର୍ବ-ଆଜୀବେ** ([ସ୍ୱରୂପ-ସହାୟରେ ସତ୍ତା ଓ ସ୍ଫୂର୍ତ୍ତି ସମ୍ପାଦନପୂର୍ବକ] (ସର୍ବପ୍ରାଣୀଙ୍କ ଜୀବନର ହେତୁଭୂତ) [ଏବଂ] **ସର୍ବ-ସଂସ୍ଥେ** (ପ୍ରଳୟକାଳରେ ସମସ୍ତଙ୍କ ଆଧାରସ୍ୱରୂପ) **ଅସ୍ମିନ୍** (ଏହି) **ବୃହନ୍ତେ** (ବୃହତ୍) **ବ୍ରହ୍ମଚକ୍ରେ** (ମାୟାବିଶିଷ୍ଟ ବ୍ରହ୍ମରୂପକ ଚକ୍ରରେ) **ଭ୍ରାମ୍ୟତେ** ([ଦେହାଦି ଅନାତ୍ମବସ୍ତୁରେ ଆତ୍ମବୁଦ୍ଧି କରି ଶରୀରରୁ ଶରୀରାନ୍ତରକୁ] ଭ୍ରମଣ କରେ) । **ତେନ ଜୁଷ୍ଟଃ** (ବିଦ୍ୟାସହାୟରେ ପରମେଶ୍ୱରଙ୍କ ସହିତ ଅଭିନ୍ନ ରୂପେ ସେବିତ ହୋଇ, ଅର୍ଥାତ୍ ନିଜକୁ ପରମାତ୍ମାଙ୍କଠାରୁ ଅଭିନ୍ନ ଜାଣି) [ମୁ.,

୩/୧/୨] ତତଃ (ସେହି ଈଶ୍ୱରସେବା ଫଳରେ) **ଅମୃତତ୍ୱମ୍** (ଅମରତ୍ୱ, ଅର୍ଥାତ୍ ମୁକ୍ତି) **ଏତି** (ପ୍ରାପ୍ତ ହୁଏ) । ୧/୬

ଜୀବ ନିଜକୁ ଓ ସର୍ବନିୟନ୍ତା ପରମେଶ୍ୱରଙ୍କୁ ଭିନ୍ନ ମନେ କରି ସର୍ବପ୍ରାଣୀଙ୍କ ଜୀବନ-କାରଣ ଓ ଲୟସ୍ଥାନ ଏହି ବୃହତ୍ ବ୍ରହ୍ମଚକ୍ରରେ ଭ୍ରମିତ ହୋଇ ଯାତାୟାତ କରିଥାଏ । ସେହି ଜୀବ (ବିଦ୍ୟାସହାୟରେ) ନିଜକୁ ପରମାତ୍ମାଙ୍କଠାରୁ ଅଭିନ୍ନରୂପରେ ସେବା କଲେ, ସେହି ସେବା ଫଳରେ ଅମର ହୁଏ । ୧/୬

ଉଦ୍‌ଗୀତମେତତ୍ ପରମଂ ତୁ ବ୍ରହ୍ମ
ତସ୍ମିଂସ୍ତ୍ରୟଂ ସୁପ୍ରତିଷ୍ଠାଽକ୍ଷରଂ ଚ ।
ଅତ୍ରାନ୍ତରଂ ବ୍ରହ୍ମବିଦୋ ବିଦିତ୍ୱା
ଲୀନା ବ୍ରହ୍ମଣି ତପରା ଯୋନିମୁକ୍ତାଃ ॥୭॥

ଏତତ୍ (ପୂର୍ବୋକ୍ତ ଏହି) **ପରମମ୍** (ଉତ୍କୃଷ୍ଟ, ସଂସାରଧର୍ମ ଦ୍ୱାରା ଅସଂସୃଷ୍ଟ) **ବ୍ରହ୍ମ ତୁ** (ବ୍ରହ୍ମ ହିଁ) **ଉତ୍-ଗୀତମ୍** (ପ୍ରପଞ୍ଚଠାରୁ ଉଦ୍ଧୃତ ହୋଇ, ଅର୍ଥାତ୍ ପୃଥକ୍‌କୃତ ହୋଇ, ବେଦାନ୍ତରେ ଉପଦିଷ୍ଟ ହୋଇଛନ୍ତି) [କେ., ୧/୪]; [ସୁତରାଂ ବ୍ରହ୍ମବିଦ୍‌ଙ୍କ ପକ୍ଷରେ ମୁକ୍ତିକାଳରେ ପ୍ରପଞ୍ଚ ଓ ବ୍ରହ୍ମ ଉଭୟ ହିଁ ସମକାଳେ ପ୍ରାପ୍ତି ହୋଇ ମୋକ୍ଷ-ଅଭାବ ହେବାର ଭୟ ନାହିଁ] । [ଯଦ୍ୟପି ବ୍ରହ୍ମ ସଂସାର ଦ୍ୱାରା ଅସ୍ପୃଷ୍ଟ ତଥାପି] **ତସ୍ମିନ୍** (ତାଙ୍କଠାରେ) **ତ୍ରୟମ୍** (ଭୋକ୍ତା, ଭୋଗ୍ୟ ଓ ନିୟନ୍ତୃସ୍ୱରୂପ ପରମେଶ୍ୱର) [ପ୍ରତିଷ୍ଠିତ]; [ଉକ୍ତ ବ୍ରହ୍ମ ହିଁ] **ସୁପ୍ରତିଷ୍ଠା** (ସର୍ବବସ୍ତୁର ଅଚଳ ଆଶ୍ରୟ) **ଅକ୍ଷରମ୍ ଚ** (ଏବଂ ସ୍ୱୟଂ ଅବିକାରୀ) । **ଅତ୍ର** (ଏହି ପ୍ରପଞ୍ଚରେ) **ଆନ୍ତରମ୍** (ସର୍ବାନ୍ତର ବ୍ରହ୍ମଙ୍କୁ) **ବିଦିତ୍ୱା** (ଜାଣି) [ବୃ., ୩/୪/୧] **ବ୍ରହ୍ମବିଦଃ** (ବ୍ରହ୍ମଜ୍ଞଗଣ) **ତପରାଃ** (ସମାଧିନିଷ୍ଠ ହୋଇ) **ବ୍ରହ୍ମଣି** (ବ୍ରହ୍ମରେ) **ଲୀନାଃ** (ଲୀନ ହୁଅନ୍ତି) [ଏବଂ] **ଯୋନିମୁକ୍ତାଃ** (ଜନ୍ମ-ଜରାଦିରୁ ମୁକ୍ତ ହୁଅନ୍ତି) । ୧/୭

ଉକ୍ତ ପରମବ୍ରହ୍ମ ବେଦାନ୍ତରେ ପ୍ରପଞ୍ଚାତୀତରୂପେ କୀର୍ତ୍ତିତ ହୋଇଛନ୍ତି । ଭୋକ୍ତା, ଭୋଗ୍ୟ ଓ ଈଶ୍ୱର ତାଙ୍କଠାରେ ହିଁ ପ୍ରତିଷ୍ଠିତ । ସେ ହିଁ ସମସ୍ତଙ୍କର ଅଚଳ ପ୍ରତିଷ୍ଠା ଏବଂ ସେ ସ୍ୱୟଂ ଅବିକାରୀ । ଏହି ପ୍ରପଞ୍ଚରେ ସର୍ବାନ୍ତର ବ୍ରହ୍ମଙ୍କୁ ଜାଣି ବ୍ରହ୍ମଜ୍ଞଗଣ ସମାଧି-ଅବଲମ୍ବନରେ ବ୍ରହ୍ମରେ ହିଁ ଲୀନ ହୁଅନ୍ତି ଏବଂ ପୁନର୍ଜନ୍ମାଦିରୁ ମୁକ୍ତ ହୁଅନ୍ତି । ୧/୭

ସଂଯୁକ୍ତମେତତ୍ କ୍ଷରମକ୍ଷରଂ ଚ
ବ୍ୟକ୍ତାବ୍ୟକ୍ତଂ ଭରତେ ବିଶ୍ୱମୀଶଃ ।
ଅନୀଶଶ୍ଚାତ୍ମା ବଧ୍ୟତେ ଭୋକ୍ତୃଭାବା-
ଜ୍ଜ୍ଞାତ୍ୱା ଦେବଂ ମୁଚ୍ୟତେ ସର୍ବପାଶୈଃ ॥୮॥

ସଂଯୁକ୍ତମ୍ (ପରସ୍ପର ସଂଯୁକ୍ତ ଭାବରେ ଅବସ୍ଥିତ) **କ୍ଷରମ୍** (ବିନାଶୀ [ଜଗତ୍‌ର ବ୍ୟକ୍ତାବସ୍ଥା]) **ଅକ୍ଷରମ୍ ଚ** (ଓ [ଜଗତ୍‌ର ଅବ୍ୟକ୍ତାବସ୍ଥା, ଯାହା ଅବିଦ୍ୟାବସ୍ଥାରେ] ଅବିନାଶୀ) **ଚ ବ୍ୟକ୍ତ-ଅବ୍ୟକ୍ତମ୍** (କାର୍ଯ୍ୟ ଓ କାରଣାତ୍ମକ) **ଏତତ୍** (ଏହି) **ବିଶ୍ୱମ୍** (ବିଶ୍ୱକୁ) **ଈଶଃ** (ଈଶ୍ୱର) **ଭରତେ** (ଧାରଣ କରନ୍ତି ବା ପୋଷଣ କରନ୍ତି) [ଗୀତା, ୧୫/୧୬-୧୭] **ଚ ଆତ୍ମା** (ସେହି ପରମାତ୍ମା) **ଅନୀଶଃ** (ଅନୀଶ୍ୱର ଜୀବରୂପରେ) **ଭୋକ୍ତୃଭାବାତ୍** (ଭୋକ୍ତୃତ୍ୱ-ଅବଲମ୍ବନହେତୁ) **ବଧ୍ୟତେ** (ସଂସାରରେ ଆବଦ୍ଧ ହୁଅନ୍ତି); **ଦେବମ୍** (ପରମେଶ୍ୱରଙ୍କୁ) **ଜ୍ଞାତ୍ୱା** (ଜାଣି) **ସର୍ବପାଶୈଃ** (ଅବିଦ୍ୟା, କାମ ଓ କର୍ମ ପ୍ରଭୃତି ବନ୍ଧନରୁ) **ମୁଚ୍ୟତେ** (ବିମୁକ୍ତ ହୁଅନ୍ତି) । ୧/୮

ପରସ୍ପର ସଂଯୁକ୍ତଭାବରେ ଅବସ୍ଥିତ ଏହି ବିନାଶୀ ଓ ଅବିନାଶୀ କାର୍ଯ୍ୟ ଓ କାରଣାତ୍ମକ ବିଶ୍ୱକୁ ପରମେଶ୍ୱର ଧାରଣ କରିଅଛନ୍ତି; ସେହି ପରମାତ୍ମା ହିଁ ଅନୀଶ୍ୱର (ଜୀବ)ରୂପରେ ଭୋକ୍ତୃତ୍ୱ ଅବଲମ୍ବନ କରି ସଂସାରରେ ଆବଦ୍ଧ ହୁଅନ୍ତି ଏବଂ ସେ ହିଁ ପରମେଶ୍ୱରଙ୍କୁ ଜାଣି ସମସ୍ତ ବନ୍ଧନରୁ ବିମୁକ୍ତ ହୁଅନ୍ତି । ୧/୮

ଜ୍ଞାଜ୍ଞୌ ଦ୍ୱାବଜାବୀଶାନୀଶା-
ବଜା ହ୍ୟେକା ଭୋକ୍ତୃଭୋଗ୍ୟାର୍ଥଯୁକ୍ତା ।
ଅନନ୍ତଶ୍ଚାତ୍ମା ବିଶ୍ୱରୂପୋ ହ୍ୟକର୍ତା
ତ୍ରୟଂ ଯଦା ବିନ୍ଦତେ ବ୍ରହ୍ମମେତତ୍ ॥୯॥

[ସେହି ପରମେଶ୍ୱର ହିଁ, ପରମାତ୍ମା ହିଁ] **ଜ୍ଞ-ଅଜ୍ଞୌ** (ସର୍ବଜ୍ଞ ଓ ଅଳ୍ପଜ୍ଞ) **ଈଶାନୀଶୌ** (=**ଈଶ-ଅନୀଶୌ**, ସମସ୍ତଙ୍କର ପ୍ରଭୁ ଓ ପ୍ରଭୁତ୍ୱହୀନ) **ଦ୍ୱୌ ଅଜୌ** (ଜନ୍ମରହିତ ଏହି ଉଭୟ [ହୋଇଛନ୍ତି]); [ଏଥିରେ ପ୍ରପଞ୍ଚ ଅସିଦ୍ଧ ହୁଏ ନାହିଁ]— **ହି** (କାହିଁକି ନା) **ଏକା** (ଏକମାତ୍ର) **ଅଜା** (ଜନ୍ମରହିତ ଅନାଦି ପ୍ରଭୃତି) **ଭୋକ୍ତୃ-ଭୋଗ୍ୟ-ଅର୍ଥ-ଯୁକ୍ତା** (ନିଜର ପରିଣାମଭୂତ ଭୋକ୍ତା, ଭୋଗ ଓ ଭୋଗ୍ୟପଦାର୍ଥ-ନିଷ୍ପାଦନରେ ନିଯୁକ୍ତ ରହିଛନ୍ତି) । **ହି** (ଯେହେତୁ) **ଆତ୍ମା** (ପରମାତ୍ମା) **ଅନନ୍ତଃ ଚ**

(ଅନନ୍ତ ହିଁ) **ବିଶ୍ୱରୂପଃ** (ସେ ହିଁ ବ୍ରହ୍ମାଣ୍ଡରୂପେ ଅବସ୍ଥିତ) [ଅତଏବ ସେ] **ଅକର୍ତା** (କର୍ତ୍ତୃତ୍ୱହୀନ) । **ଯଦା** (ଯେତେବେଳେ) **ତ୍ରୟମ୍** (ଭୋକ୍ତା, ଭୋଗ ଓ ଭୋଗ୍ୟ ଏହି ତିନିଟି) **ଏତତ୍ ବ୍ରହ୍ମମ୍** (=**ଏତତ୍ ବ୍ରହ୍ମ**, "ଏହି ବ୍ରହ୍ମ ହିଁ; ଅର୍ଥାତ୍ ଅଧିଷ୍ଠାନସ୍ୱରୂପ ବ୍ରହ୍ମ ବ୍ୟତୀତ ଏମାନଙ୍କର ଅସ୍ତିତ୍ୱ ନାହିଁ" ଏହିପରି) **ବିନ୍ଦତେ** ([ସାଧକ] ଜାଣନ୍ତି) [ସେତେବେଳେ ସେ ସମସ୍ତ ବନ୍ଧନରୁ ମୁକ୍ତ ହୁଅନ୍ତି—୧/୮] । ୧/୯

ସେହି ପରମେଶ୍ୱର ସର୍ବଜ୍ଞ ଓ ଅଳ୍ପଜ୍ଞ ଏବଂ ସମସ୍ତଙ୍କର ପ୍ରଭୁ ଓ ଅପ୍ରଭୁ—ଏହି ଉଭୟ ରୂପ (ଅର୍ଥାତ୍ ଜୀବ ଓ ଈଶ୍ୱରଙ୍କ ରୂପ) ଧାରଣ କରିଛନ୍ତି । (କିନ୍ତୁ ଏଥିରେ ଜଗତ୍ ଅସିଦ୍ଧ ହୁଏ ନାହିଁ), କାରଣ ଯିଏ ଅନାଦି ପ୍ରକୃତି ସେ ହିଁ ଭୋକ୍ତା, ଭୋଗ ଓ ଭୋଗ୍ୟବସ୍ତୁ-ସମ୍ପାଦନରେ ନିଯୁକ୍ତ ରହିଛନ୍ତି[1] । ଯେହେତୁ ପରମାତ୍ମା ଅନନ୍ତ ଓ ସର୍ବସ୍ୱରୂପ, ଅତଏବ ସେ କର୍ତ୍ତୃତ୍ୱହୀନ । ସାଧକ ଯେତେବେଳେ ଏହି ତିନୋଟିକୁ (ଅର୍ଥାତ୍ ଭୋଗ୍ୟ, ଭୋକ୍ତା ଓ ଭୋଗକୁ) ଏହି ଅନନ୍ତ ବ୍ରହ୍ମସ୍ୱରୂପ ଜାଣନ୍ତି (ସେତେବେଳେ ସେ ସମସ୍ତ ବନ୍ଧନରୁ ମୁକ୍ତ ହୁଅନ୍ତି) । ୧/୯

କ୍ଷରଂ ପ୍ରଧାନମମୃତାକ୍ଷରଂ ହରଃ
କ୍ଷରାତ୍ମାନାବୀଶତେ ଦେବ ଏକଃ ।
ତସ୍ୟାଭିଧାନାଦ୍ ଯୋଜନାତ୍ ତତ୍ତ୍ୱଭାବାଦ୍
ଭୂୟଶ୍ଚାନ୍ତେ ବିଶ୍ୱମାୟାନିବୃତ୍ତିଃ ॥୧୦॥

ପ୍ରଧାନମ୍ (ପ୍ରକୃତି) [ବିଦ୍ୟାବସ୍ଥାରେ] **କ୍ଷରମ୍** (ବିନାଶୀ) **ହରଃ** (ଅବିଦ୍ୟାହାରୀ ପରମେଶ୍ୱର) **ଅମୃତ-ଅକ୍ଷରମ୍** (ମରଣାତୀତ ଓ ଅବିନାଶୀ) । **ଏକଃ ଦେବ** (ସେହି ଅଦ୍ୱିତୀୟ ପରମାତ୍ମା) **କ୍ଷର-ଆତ୍ମାନୌ** (ପ୍ରଧାନ ଓ ପୁରୁଷଙ୍କୁ) **ଈଶତେ** (ନିୟମିତ କରନ୍ତି) । **ତସ୍ୟ** (ସେହି ପରମାତ୍ମାଙ୍କର) **ଭୂୟଃ ଚ** (ପୁନଃ ପୁନଃ) **ଅଭିଧାନାତ୍** (ଏକାଗ୍ରଚିତ୍ତରେ ଧ୍ୟାନ ଫଳରେ) [ଅର୍ଥାତ୍] **ଯୋଜନାତ୍** (ପରମାତ୍ମାଙ୍କ ସହିତ ଜୀବାତ୍ମାର ଏକତ୍ୱରୂପକ ସଂଯୋଗ ହେଲେ) [ଏବଂ] **ତତ୍ତ୍ୱଭାବାତ୍** ('ମୁଁ ବ୍ରହ୍ମ' ଏହିପରି ତତ୍ତ୍ୱବୋଧ ହେଲେ) **ଅନ୍ତେ** (ପ୍ରାରବ୍ଧନାଶ ପରେ ବା ଜ୍ଞାନୋଦୟକାଳରେ) **ବିଶ୍ୱ-ମାୟା-ନିବୃତ୍ତିଃ** (ସୁଖଦୁଃଖ-ମୋହାତ୍ମକ ସଂସାରରୂପକ ମାୟାର ନିବୃତ୍ତି ହୁଏ) । ୧/୧୦

---

1. ମାୟା ରହିଛି ବୋଲି ହିଁ ଅଖଣ୍ଡ ବ୍ରହ୍ମ ମିଥ୍ୟା ଜଗତ୍‌ରୂପରେ ବିବର୍ତ୍ତିତ ହୁଅନ୍ତି ।

ପ୍ରକୃତି ବିନାଶୀ କିନ୍ତୁ ଅବିଦ୍ୟା-କାମ-କର୍ମର ନିବର୍ତ୍ତକ ପରମେଶ୍ୱର ଅମର ଓ ଅବିନାଶୀ । ସେହି ଅଦ୍ୱିତୀୟ ପରମାତ୍ମା ହିଁ ପ୍ରଧାନ ଓ ପୁରୁଷକୁ ନିୟମିତ କରନ୍ତି । ପୁନଃ ପୁନଃ ଏକାଗ୍ରଚିତ୍ତରେ ତାହାଙ୍କର ଧ୍ୟାନ କଲେ, ଅର୍ଥାତ୍ ଜୀବାତ୍ମା ସହିତ ପରମାତ୍ମାଙ୍କର ସଂଯୋଗ ହେଲେ ଏବଂ 'ମୁଁ ହିଁ ବ୍ରହ୍ମ' ଏହିପ୍ରକାର ତତ୍ତ୍ୱବୋଧ ଉପସ୍ଥିତ ହେଲେ, ତତ୍କ୍ଷଣାତ୍ ସଂସାରରୂପକ ମାୟାର ନିବୃତ୍ତି ହୁଏ । ୧/୧୦

ଜ୍ଞାତ୍ୱା ଦେବଂ ସର୍ବପାଶାପହାନିଃ
କ୍ଷୀଣୈଃ କ୍ଲେଶୈର୍ଜନ୍ମମୃତ୍ୟୁପ୍ରହାଣିଃ ।
ତସ୍ୟାଭିଧ୍ୟାନାତ୍ ତୃତୀୟଂ ଦେହଭେଦେ
ବିଶ୍ୱୈଶ୍ୱର୍ୟଂ କେବଲ ଆପ୍ତକାମଃ ॥୧୧॥

ଦେବମ୍ (ପରମେଶ୍ୱରଙ୍କୁ) **ଜ୍ଞାତ୍ୱା** (ଜାଣି) **ସର୍ବ-ପାଶ-ଅପହାନିଃ** (ଅବିଦ୍ୟାଦି ସମସ୍ତ ବନ୍ଧନ କ୍ଷୀଣ ହୁଏ); **କ୍ଷୀଣୈଃ କ୍ଲେଶୈଃ** (ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ—ଏହି ପଞ୍ଚକ୍ଲେଶ କ୍ଷୀଣ ହେଲେ) **ଜନ୍ମ-ମୃତ୍ୟୁ-ପ୍ରହାଣିଃ** (ଜନ୍ମ ମୃତ୍ୟୁ ପ୍ରଭୃତି ଦୁଃଖର କାରଣ ବିନଷ୍ଟ ହୁଏ)—[କ., ୨/୩/୧୪-୧୫] । **ତସ୍ୟ** (ସେହି ପରମେଶ୍ୱରଙ୍କର) **ଅଭିଧ୍ୟାନାତ୍** (ଏକାଗ୍ରଚିତ୍ତରେ ଆତ୍ମରୂପରେ ଧ୍ୟାନ ଫଳରେ) **ଦେହ-ଭେଦେ** (ଦେହପାତ ପରେ) **ତୃତୀୟମ୍** ([ଏହି ମନ୍ତ୍ରୋକ୍ତ ହାନିଦ୍ୱୟର, ଅର୍ଥାତ୍ ପାଶାପହାନି ଓ ଜନ୍ମ-ମୃତ୍ୟୁ-ପ୍ରହାଣିର ପରବର୍ତ୍ତୀ] ତୃତୀୟ) **ବିଶ୍ୱ-ଐଶ୍ୱର୍ୟମ୍** (ଅଣିମାଦି ସମୁଦାୟ ଐଶ୍ୱର୍ଯ୍ୟ) [ଲାଭ ହୁଏ], [ଅନନ୍ତର] **କେବଲଃ** (ସମସ୍ତ ଐଶ୍ୱର୍ଯ୍ୟର ଅତୀତ ହୋଇ) **ଆପ୍ତକାମଃ** (ପୂର୍ଣ୍ଣାନନ୍ଦ ବ୍ରହ୍ମସ୍ୱରୂପରେ ଅବସ୍ଥାନ ବା କ୍ରମମୁକ୍ତି ହୁଏ) । ୧/୧୧

ପରମେଶ୍ୱରଙ୍କୁ ଜାଣିଲେ ସମସ୍ତ ବନ୍ଧନ କ୍ଷୀଣ ହୁଏ ଏବଂ ଅବିଦ୍ୟାଦି ପଞ୍ଚକ୍ଲେଶ କ୍ଷୀଣ ହେଲେ ଜନ୍ମମୃତ୍ୟୁ ପ୍ରଭୃତି ବିନଷ୍ଟ ହୁଏ । ସେହି ପରମେଶ୍ୱରଙ୍କୁ ଏକାଗ୍ରଚିତ୍ତ ହୋଇ ଆତ୍ମସ୍ୱରୂପରେ ଧ୍ୟାନ କଲେ ଅଣିମାଦି ସର୍ବ ଐଶ୍ୱର୍ଯ୍ୟ ଲାଭ ହୁଏ ଏବଂ ଅବଶେଷରେ ଐଶ୍ୱର୍ଯ୍ୟାତୀତ ହୋଇ ପୂର୍ଣ୍ଣାନନ୍ଦରେ ଅବସ୍ଥିତି ହୁଏ । ୧/୧୧

ଏତଜ୍ଜ୍ଞେୟଂ ନିତ୍ୟମେବାତ୍ମସଂସ୍ଥଂ
ନାତଃ ପରଂ ବେଦିତବ୍ୟଂ ହି କିଞ୍ଚିତ୍ ।
ଭୋକ୍ତା ଭୋଗ୍ୟଂ ପ୍ରେରିତାରଂ ଚ ମତ୍ୱା
ସର୍ବଂ ପ୍ରୋକ୍ତଂ ତ୍ରିବିଧଂ ବ୍ରହ୍ମମେତତ୍ ॥ ୧୨ ॥

ଭୋକ୍ତା (=**ଭୋକ୍ତାରମ୍**, ଜୀବଙ୍କୁ) **ଭୋଗ୍ୟମ୍** (ଜୀବବ୍ୟତୀତ ସର୍ବପଦାର୍ଥକୁ) **ପ୍ରେରିତାରମ୍ ଚ** (ଏବଂ ଅନ୍ତର୍ଯ୍ୟାମୀ ପରମେଶ୍ୱରଙ୍କୁ)—**ପ୍ରୋକ୍ତମ୍** (ବ୍ରହ୍ମଗଣ ଦ୍ୱାରା କଥିତ) **ତ୍ରିବିଧମ୍** (ତିନି ପ୍ରକାର) **ଏତତ୍ ସର୍ବମ୍** (ଏହି ସମୁଦାୟଙ୍କୁ) **ବ୍ରହ୍ମମ୍** (=**ବ୍ରହ୍ମ**, ବ୍ରହ୍ମ) **ମତ୍ୱା** (ଜାଣି) **ଏତତ୍** (ଏହି ବ୍ରହ୍ମ ହିଁ) **ନିତ୍ୟମ୍ ଏବ** (ସର୍ବଦା ହିଁ) **ଆତ୍ମସଂସ୍ଥମ୍** (ସାଧକର ନିଜ ଆତ୍ମ ସ୍ୱରୂପରେ) **ଜ୍ଞେୟମ୍** (ଜାଣିବାର ଯୋଗ୍ୟ) । **ହି** (କାରଣ) **ଅତଃପରମ୍** (ଏହି ବ୍ରହ୍ମଜ୍ଞାନ ପରେ) **ବେଦିତବ୍ୟମ୍ କିମ୍ ଚିତ୍ ନ** (ଜାଣିବାର ଯୋଗ୍ୟ ଆଉ କିଛି ହିଁ ନାହିଁ) । [ପ୍ର. ୬/୭] । ୧/୧୨

ଭୋକ୍ତା ଜୀବ, ଭୋଗ୍ୟ ନିଖିଳ ପଦାର୍ଥ ଏବଂ ଅନ୍ତର୍ଯ୍ୟାମୀ ଈଶ୍ୱର—ଜ୍ଞାନୀଗଣଙ୍କ ଦ୍ୱାରା ପ୍ରୋକ୍ତ ଏହି ତ୍ରିବିଧ ବସ୍ତୁକୁ ହିଁ ବ୍ରହ୍ମସ୍ୱରୂପରେ ଜାଣି ସାଧକ ଉକ୍ତ ବ୍ରହ୍ମଙ୍କୁ ସର୍ବଦା ନିଜର ଆତ୍ମସ୍ୱରୂପ ଜାଣିବେ; କାରଣ ଏହି ବ୍ରହ୍ମଜ୍ଞାନଠାରୁ ଅଧିକ ଆଉ କିଛି ଜାଣିବାର ଯୋଗ୍ୟ ନାହିଁ । ୧/୧୨

ବହ୍ନେର୍ୟଥା ୟୋନିଗତସ୍ୟ ମୂର୍ତି-
ର୍ନ ଦୃଶ୍ୟତେ ନୈବ ଚ ଲିଙ୍ଗନାଶଃ ।
ସ ଭୂୟ ଏବେନ୍ଧନୟୋନିଗୃହ୍ୟ-
ସ୍ତଦ୍ୱୋଭୟଂ ବୈ ପ୍ରଣବେନ ଦେହେ ॥ ୧୩ ॥

ୟୋନିଗତସ୍ୟ (ସ୍ୱୀୟ ଉତ୍ପତ୍ତିସ୍ଥାନ କାଷ୍ଠରେ ଅବସ୍ଥିତ) **ବହ୍ନେଃ** (ଅଗ୍ନିର) **ମୂର୍ତିଃ** (ସ୍ୱରୂପ) **ୟଥା** (ଯେପରି) **ନ ଦୃଶ୍ୟତେ** (ଦେଖାଯାଏ ନାହିଁ) **ଚ** (ଅଥଚ) **ଲିଙ୍ଗନାଶଃ** (ଉକ୍ତ ବହ୍ନିର ସୂକ୍ଷ୍ମାବସ୍ଥାର ବିନାଶ) **ନ ଏବ** (ଅବଶ୍ୟ ହିଁ ହୁଏ ନାହିଁ)—**ସଃ ଏବ** (ସେହି ଅଗ୍ନି ହିଁ) **ଭୂୟଃ** (ପୁନରାୟ) **ଇନ୍ଧନ-ୟୋନି-ଗୃହ୍ୟଃ** (ଘର୍ଷଣ ଦ୍ୱାରା କାଷ୍ଠରୂପକ ସ୍ୱୀୟ କାରଣରୁ ଗୃହୀତ ହୁଏ) **ତତ୍-ବା ଉଭୟମ୍** (ସେହିପରି ସେହି ଉଭୟର, ଅର୍ଥାତ୍ ଅଗ୍ନିର ସ୍ଥୂଳ ଓ ସୂକ୍ଷ୍ମ ଅବସ୍ଥା ପରି) **ଦେହେ** ([ଅଧରାରଣିସ୍ଥାନୀୟ] ଏହି ଶରୀରରେ) **ପ୍ରଣବେନ ବୈ** ([ଉତ୍ତରାରଣିସ୍ଥାନୀୟ] ଓଁକାର ଦ୍ୱାରା ହିଁ) [ବହ୍ନିସ୍ଥାନୀୟ ଆତ୍ମା ଅନୁଭବଯୋଗ୍ୟ] । ୧/୧୩

କାଷ୍ଠସ୍ଥିତ ଅଗ୍ନିର ସ୍ୱରୂପ ଯେପରି ଦୃଶ୍ୟ ହୁଏ ନାହିଁ, ଅଥଚ ତାହାର ସୂକ୍ଷ୍ମାବସ୍ଥା ବିନଷ୍ଟ ହୁଏ ନାହିଁ, କାହିଁକି ନା ସେହି ଅଗ୍ନି ପୁଣି ଘର୍ଷଣ ଦ୍ୱାରା ସ୍ୱୀୟ କାରଣ କାଷ୍ଠରୁ ଗୃହୀତ ହୋଇପାରେ—ସେହିପରି ଅଗ୍ନିର ସେହି ଉଭୟାବସ୍ଥା ପରି ହିଁ ଆତ୍ମା ମଧ୍ୟ ଏହି ଦେହରେ ପ୍ରଣବ ଦ୍ୱାରା ଉପଲବ୍ଧ ହୋଇପାରନ୍ତି । ୧/୧୩

ସ୍ୱଦେହମରଣିଂ କୃତ୍ୱା ପ୍ରଣବଞ୍ଚୋତ୍ତରାରଣିମ୍ ।
ଧ୍ୟାନନିର୍ମଥନାଭ୍ୟାସାଦ୍ ଦେବଂ ପଶ୍ୟେନ୍ନିଗୂଢବତ୍ ॥୧୪॥

ସ୍ୱଦେହମ୍ (ନିଜ ଶରୀରକୁ) **ଅରଣିମ୍** (ଅଧର-ଅରଣି, ଅର୍ଥାତ୍ ନିମ୍ନସ୍ଥିତ କାଷ୍ଠଖଣ୍ଡସ୍ଥାନୀୟ) **ଚ** (ଏବଂ) **ପ୍ରଣବମ୍** (ଓଁକାରଙ୍କୁ) **ଉତ୍ତରାରଣିମ୍** (ଉତ୍ତର-ଅରଣି ଅର୍ଥାତ୍ ଉପରେ ଥିବା କାଷ୍ଠଖଣ୍ଡସ୍ଥାନୀୟ) **କୃତ୍ୱା** (କରି) **ଧ୍ୟାନ-ନିର୍ମଥନ-ଅଭ୍ୟାସାତ୍** (ପୁନଃ ପୁନଃ ଧ୍ୟାନରୂପକ ଘର୍ଷଣ ଦ୍ୱାରା) **ନିଗୂଢବତ୍** (ଲୁକ୍କାୟିତ ଅଗ୍ନି ସଦୃଶ) **ଦେବମ୍** (ସ୍ୱପ୍ରକାଶ ପରମାତ୍ମାଙ୍କୁ) **ପଶ୍ୟେତ୍** (ଦର୍ଶନ କରିବ)—[ମୁ., ୨/୨/୩-୪] । ୧/୧୪

ନିଜ ଶରୀରକୁ ଅଧର-ଅରଣି ଏବଂ ପ୍ରଣବଙ୍କୁ ଉତ୍ତର-ଅରଣି କଳ୍ପନା କରି ପୁନଃ ପୁନଃ ଧ୍ୟାନରୂପକ ମନ୍ଥନ ଦ୍ୱାରା (ଅଗ୍ନି ସଦୃଶ) ଲୁକ୍କାୟିତ ଜ୍ୟୋତିର୍ମୟ ପରମାତ୍ମାଙ୍କୁ ଦର୍ଶନ କରିବ । ୧/୧୪

ତିଲେଷୁ ତୈଲଂ ଦଧ୍ନୀବ ସର୍ପି-
ରାପଃ ସ୍ରୋତଃସ୍ୱରଣୀଷୁ ଚାଗ୍ନିଃ ।
ଏବମାତ୍ମାଽଽତ୍ମନି ଗୃହ୍ୟତେଽସୌ
ସତ୍ୟେନୈନଂ ତପସା ଯୋଽନୁପଶ୍ୟତି ॥୧୫॥
ସର୍ବବ୍ୟାପିନମାତ୍ମାନଂ କ୍ଷୀରେ ସର୍ପିରିବାର୍ପିତମ୍ ।
ଆତ୍ମବିଦ୍ୟାତପୋମୂଲଂ ତଦ୍ ବ୍ରହ୍ମୋପନିଷତ୍ ପରମ୍ ॥
ତଦ୍ ବ୍ରହ୍ମୋପନିଷତ୍ ପରମିତି ॥୧୬॥

ଇତି ଶ୍ୱେତାଶ୍ୱତରୋପନିଷଦି ପ୍ରଥମୋଽଧ୍ୟାୟଃ ।

ଯଃ (ଯିଏ) **ସତ୍ୟେନ** (ସତ୍ୟ ସହାୟରେ) [ଏବଂ] **ତପସା** (ଏକାଗ୍ରତା ସହାୟରେ) **କ୍ଷୀରେ** (କ୍ଷୀରରେ) **ସର୍ପିଃ ଇବ** (ଘୃତ ସଦୃଶ [ସାରସ୍ୱରୂପ ଏବଂ ନିରବଚ୍ଛିନ୍ନରୂପେ]) **ଅର୍ପିତମ୍** (ଅବସ୍ଥିତ) **ସର୍ବବ୍ୟାପିନମ୍** (ସର୍ବବ୍ୟାପୀ) **ଏନମ୍**

ଆତ୍ମାନମ୍ (ଏହି ଆତ୍ମାଙ୍କୁ) **ଆତ୍ମ-ବିଦ୍ୟା-ତପଃ-ମୂଲମ୍** (ଆତ୍ମଜ୍ଞାନ ଓ ତପସ୍ୟା ଦ୍ୱାରା ଲଭ୍ୟ) **ଉପନିଷତ୍-ପରମ୍** (ପରମ ଶ୍ରେୟଃ ମୋକ୍ଷ ଯେଉଁଥିରେ ନିଷଣ୍ଣ) **ତତ୍** (ସେହି) **ବ୍ରହ୍ମ** (ବ୍ରହ୍ମସ୍ୱରୂପରେ) **ଅନୁପଶ୍ୟତି** (ଶ୍ରବଣାଦି ପରେ ସାକ୍ଷାତ୍ କରନ୍ତି) [ତାଙ୍କ ଦ୍ୱାରା ହିଁ] **ତିଲେଷୁ ତୈଲମ୍** ([ନିଷ୍ପୀଡ଼ନ ଦ୍ୱାରା] ତିଳ ମଧ୍ୟଗତ ତୈଳ) **ଦଧ୍ନି ସର୍ପିଃ** ([ମନ୍ଥନ ଦ୍ୱାରା] ଦଧିମଧ୍ୟଗତ ଘୃତ) [ଖନନ ଦ୍ୱାରା] **ସ୍ରୋତଃସୁ** (ଭୂଗର୍ଭସ୍ଥ ସ୍ରୋତସ୍ୱିନୀର) **ଆପଃ** (ଜଳ) **ଚ** (ଏବଂ) [ଘର୍ଷଣ ଦ୍ୱାରା] **ଅରଣୀଷୁ** (କାଷ୍ଠରାଶି ମଧ୍ୟଗତ) **ଅଗ୍ନିଃ ଇବ** (ଅଗ୍ନି ଯେପରି) [ଗୃହୀତ ହୁଏ] **ଏବମ୍** (ଏହି ପ୍ରକାରେ ହିଁ) **ଆତ୍ମନି** (ନିଜ ଆତ୍ମା ମଧ୍ୟରେ) **ଅସୌ ଆତ୍ମା** (ସେହି ପରମାତ୍ମା) **ଗୃହ୍ୟତେ** (ଗୃହୀତ ହୁଅନ୍ତି) **ତତ୍ ବ୍ରହ୍ମ ଉପନିଷତ୍ ପରମ୍ ଇତି** [ଅଧ୍ୟାୟର ସମାପ୍ତିସୂଚକ ପୁନରୁକ୍ତି] । ୧/୧୫-୧୬

ଯିଏ ଶ୍ରବଣାଦି ପରେ ସତ୍ୟ[1] ଓ ତପସ୍ୟାସହାୟରେ[2], କ୍ଷୀରରେ ଅନୁସ୍ୟୂତ ଘୃତ ସଦୃଶ ସର୍ବବ୍ୟାପୀ ଏହି ଆତ୍ମାକୁ—ଆତ୍ମଜ୍ଞାନ ଓ ତପସ୍ୟା ଦ୍ୱାରା ଲଭ୍ୟ ଏବଂ ମୁକ୍ତିର ଆଶ୍ରୟୀଭୂତ ସୁପ୍ରସିଦ୍ଧ ବ୍ରହ୍ମରୂପରେ—ସାକ୍ଷାତ୍କାର କରନ୍ତି, ତାଙ୍କରି ଦ୍ୱାରା ସେହି ପରମାତ୍ମା ତିଳ ମଧ୍ୟସ୍ଥିତ ତୈଳ, ଦଧିମଧ୍ୟଗତ ଘୃତ, ଭୂଗର୍ଭସ୍ଥ ଜଳ ଏବଂ କାଷ୍ଠମଧ୍ୟଗତ ଅଗ୍ନି ସଦୃଶ ନିଜ ଆତ୍ମା ମଧ୍ୟରେ ଗୃହୀତ ହୁଅନ୍ତି । ୧/୧୫-୧୬

॥ ଶ୍ୱେତାଶ୍ୱତରୋପନିଷଦ୍‌ର ପ୍ରଥମ ଅଧ୍ୟାୟ ସମାପ୍ତ ॥

---

1. **"ସତ୍ୟଂ ଭୂତହିତଂ ପ୍ରୋକ୍ତମ୍"**—ସତ୍ୟ=ପ୍ରାଣୀଗଣଙ୍କର ହିତକର କଥା ।

2. ମନ ଓ ଇନ୍ଦ୍ରିୟଗଣର ଏକାଗ୍ରତା ହିଁ ପରମ ତପସ୍ୟା । ତାହା ସର୍ବଧର୍ମଠାରୁ ଶ୍ରେଷ୍ଠ । ତାହାକୁ ଶ୍ରେଷ୍ଠ ଧର୍ମ କୁହାଯାଏ । ତୈ. ୩/୧ ଟୀକା, ମୁ. ୩/୧/୫, ଓ ଟୀକା ।

ଦ୍ୱିତୀୟ ଅଧ୍ୟାୟ

ଯୁଞ୍ଜାନଃ ପ୍ରଥମଂ ମନସ୍ତତ୍ତ୍ୱାୟ ସବିତା ଧିୟଃ ।
ଅଗ୍ନେର୍ଜ୍ୟୋତିର୍ନିଚାୟ୍ୟ ପୃଥିବ୍ୟା ଅଧ୍ୟାଭରତ୍ ॥୧॥

[ପ୍ରଣବ-ଅବଲମ୍ବନରେ ସାଧନୀୟ ଧ୍ୟାନର ସହାୟକ ଯୋଗ କହିବା ପୂର୍ବରୁ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରାଯାଉଛି]—**ତତ୍ତ୍ୱାୟ** (ତତ୍ତ୍ୱଜ୍ଞାନ-ପ୍ରକାଶ ପାଇଁ) **ସବିତା** (ସୂର୍ଯ୍ୟ) **ପ୍ରଥମମ୍** (ଯୋଗର ପ୍ରାରମ୍ଭରେ) **ମନଃ** (ଆମ ମନକୁ) [ଏବଂ] **ଧିୟଃ** (ଅନ୍ୟାନ୍ୟ କରଣ-ସମୂହକୁ) **ଯୁଞ୍ଜାନଃ** (ପରମାତ୍ମାଙ୍କ ସହିତ ସଂଯୋଜିତ କରି) **ଅଗ୍ନେଃ** ([ଇନ୍ଦ୍ରିୟ-ଅଧିଷ୍ଠାତା] ଅଗ୍ନି ଆଦି ଦେବଗଣଙ୍କର) **ଜ୍ୟୋତିଃ** (ବସ୍ତୁ-ପ୍ରକାଶନ ସାମର୍ଥ୍ୟ) **ନିଚାୟ୍ୟ** (ଲକ୍ଷ୍ୟ କରି) [ସେମାନଙ୍କୁ] **ପୃଥିବ୍ୟାଃ ଅଧି** (ପୃଥିବୀର ଶ୍ରେଷ୍ଠ ପରିଣାମଭୂତ ଏହି ଶରୀରରେ) **ଆଭରତ୍** (ଆହରଣ କଲେ, ଅର୍ଥାତ୍ ଆହରଣ କରନ୍ତୁ) । ୨/୧

ତତ୍ତ୍ୱଜ୍ଞାନ-ପ୍ରକାଶ ପାଇଁ ସୂର୍ଯ୍ୟଦେବ ଯୋଗର ପ୍ରାରମ୍ଭରେ ଆମମାନଙ୍କ ମନ ଏବଂ ଇନ୍ଦ୍ରିୟସମୂହକୁ ପରମାତ୍ମାଙ୍କ ସହିତ ସଂଯୋଜିତ କରନ୍ତୁ ଏବଂ ଇନ୍ଦ୍ରିୟାଧିଷ୍ଠାତା ଦେବଗଣଙ୍କ ପ୍ରକାଶଶକ୍ତି ପ୍ରତି ଲକ୍ଷ୍ୟ ରଖି ସେମାନଙ୍କୁ ଶ୍ରେଷ୍ଠ ପାର୍ଥିବ ବସ୍ତୁ ଏହି ଶରୀରରେ ଧାରଣ କରନ୍ତୁ ।[1] ୨/୧

ଯୁକ୍ତେନ ମନସା ବୟଂ ଦେବସ୍ୟ ସବିତୁଃ ସବେ ।
ସୁବର୍ଗେୟାୟ ଶକ୍ତ୍ୟା ॥୨॥

ବୟମ୍ (ଆମେ) **ସବିତୁଃ ଦେବସ୍ୟ** (ସୂର୍ଯ୍ୟଦେବଙ୍କର) **ସବେ** (ଅନୁଗ୍ରହଲାଭ ପରେ) **ଯୁକ୍ତେନ** (ପରମାତ୍ମାଙ୍କଠାରେ ସଂଯୋଜିତ) **ମନସା** (ମନ ଦ୍ୱାରା) **ଶକ୍ତ୍ୟା** (ଯଥାଶକ୍ତି) **ସୁବର୍ଗେୟାୟ** (ସ୍ୱର୍ଗପ୍ରାପ୍ତି, ଅର୍ଥାତ୍ ସୁଖସ୍ୱରୂପ ପରମାତ୍ମାଲାଭର, ହେତୁଭୂତ ଧ୍ୟାନକର୍ମରେ) [ପ୍ରଯତ୍ନ କରୁଛୁ] । ୨/୨

---

1. ଇନ୍ଦ୍ରିୟଗଣ ବହିର୍ମୁଖ; ସେମାନେ ଆତ୍ମାଭିମୁଖୀ ହୁଅନ୍ତୁ ଏବଂ ବହିର୍ବିଷୟ ପ୍ରକାଶ ନ କରି ବ୍ରହ୍ମଙ୍କୁ ପ୍ରକାଶ କରିବା ପାଇଁ ଏକାଗ୍ର ହୁଅନ୍ତୁ ।

ଆମେମାନେ ସୂର୍ଯ୍ୟଦେବଙ୍କ ଅନୁଗ୍ରହ ଲାଭ କରି ପରମାତ୍ମାଙ୍କଠାରେ ସଂଯୋଜିତ ଅନ୍ତଃକରଣ-ଅବଲମ୍ବନରେ ପରମାନନ୍ଦ-ଲାଭର ହେତୁଭୂତ ଧ୍ୟାନରେ ଯଥାଶକ୍ତି ଯତ୍ନବାନ ହେଉଅଛୁ । ୨/୨

ଯୁକ୍ତ୍ୱାୟ ମନସା ଦେବାନ୍ ସୁବର୍ୟତୋ ଧିୟା ଦିବମ୍ ।
ବୃହଜ୍ଜ୍ୟୋତିଃ କରିଷ୍ୟତଃ ସବିତା ପ୍ରସୁବାତି ତାନ୍ ॥୩॥

ସୁବଃ (ସ୍ୱର୍ଗ, ଅର୍ଥାତ୍ ସୁଖସ୍ୱରୂପ ବ୍ରହ୍ମରେ) **ୟତଃ** (ଗମନକାରୀ) [ଏବଂ] **ଧିୟା** (ସମ୍ୟକ୍ ଦର୍ଶନ ଦ୍ୱାରା) **ଦିବମ୍** (ପ୍ରକାଶସ୍ୱରୂପ, ଚୈତନ୍ୟ-ଏକରସ) **ବୃହତ୍** (ମହତ୍) **ଜ୍ୟୋତିଃ** (ବ୍ରହ୍ମ-ଜ୍ୟୋତିଃ) **କରିଷ୍ୟତଃ** (ପ୍ରକାଶକାରୀ) **ଦେବାନ୍** (ଇନ୍ଦ୍ରିୟସମୂହଙ୍କୁ) **ମନସା** (ମନସହିତ) **ଯୁକ୍ତ୍ୱାୟ** (=**ଯୋଜୟିତ୍ୱା**, ପରମାତ୍ମାଙ୍କଠାରେ ସଂଯୋଜିତ କରି) **ସବିତା** (ସୂର୍ଯ୍ୟଦେବ) **ତାନ୍** (ସେମାନଙ୍କୁ) **ପ୍ରସୁବାତି** (ଅନୁଗ୍ରହ କରନ୍ତୁ, ବିଷୟରୁ ନିବୃତ୍ତ କରନ୍ତୁ) । ୨/୩

ସୁଖସ୍ୱରୂପ ବ୍ରହ୍ମ ଅଭିମୁଖେ ଗମନକାରୀ ଏବଂ ସମ୍ୟଗ୍‌ଦର୍ଶନ-ସହାୟରେ ଚୈତନ୍ୟ-ଏକରସ ବ୍ରହ୍ମଜ୍ୟୋତିଙ୍କୁ ପ୍ରକାଶକାରୀ ଇନ୍ଦ୍ରିୟସମୂହଙ୍କୁ ମନ ସହିତ ପରମାତ୍ମାରେ ସଂଯୁକ୍ତ କରି ସୂର୍ଯ୍ୟଦେବ ସେମାନଙ୍କ ପ୍ରତି ଅନୁଗ୍ରହ ପ୍ରକାଶ କରନ୍ତୁ । ୨/୩

ଯୁଞ୍ଜତେ ମନ ଉତ ଯୁଞ୍ଜତେ ଧିୟୋ
ବିପ୍ରା ବିପ୍ରସ୍ୟ ବୃହତୋ ବିପଶ୍ଚିତଃ ।
ବି ହୋତ୍ରା ଦଧେ ବୟୁନାବିଦେକ
ଇନ୍ମହୀ ଦେବସ୍ୟ ସବିତୁଃ ପରିଷ୍ଟୁତିଃ ॥୪॥

ବିପ୍ରାଃ (ଯେଉଁ ସକଳ ବିପ୍ର) **ମନଃ** (ମନକୁ) **ଯୁଞ୍ଜତେ** (ପରମାତ୍ମାଙ୍କଠାରେ ଯୁକ୍ତ କରନ୍ତି) **ଉତ ଧିୟଃ** (ଏବଂ ଅପର କରଣ ସକଳକୁ) **ଯୁଞ୍ଜତେ** (ପରମାତ୍ମାଙ୍କଠାରେ ଯୁକ୍ତ କରନ୍ତି) [ସେମାନଙ୍କ ଦ୍ୱାରା ସେହି] **ବିପ୍ରସ୍ୟ** (ବ୍ୟାପକ) **ବୃହତଃ** (ମହାନ୍) **ବିପଶ୍ଚିତଃ** (ସର୍ବଜ୍ଞ) **ସବିତୁଃ ଦେବସ୍ୟ** (ସୂର୍ଯ୍ୟଦେବଙ୍କର) **ଇତ୍** (ଏହି ପ୍ରକାରେ) **ମହୀ** (ମହତୀ) **ପରିଷ୍ଟୁତିଃ** (ବିଶେଷ ସ୍ତୁତି) [କର୍ତ୍ତବ୍ୟ], [କାରଣ ସବିତା ହିଁ] **ହୋତ୍ରାଃ** (ହୋତୃସାଧ୍ୟ କର୍ମସମୂହ) **ବି-ଦଧେ** (ପ୍ରବର୍ତ୍ତନ କରନ୍ତି) [ସେ] **ବୟୁନାବିତ୍** (ପ୍ରଜ୍ଞାବିତ୍, ସର୍ବସାକ୍ଷୀ) [ଏବଂ] **ଏକଃ** (ଅଦ୍ୱିତୀୟ) । ୨/୪

ଯେଉଁ ସମସ୍ତ ବିପ୍ର ମନ ଏବଂ ଅନ୍ୟାନ୍ୟ କରଣସମୂହକୁ ପରମାତ୍ମାଙ୍କଠାରେ ସଂଯୋଜିତ କରନ୍ତି, ସେମାନଙ୍କ ଦ୍ୱାରା ସେହି ବ୍ୟାପକ ମହାନ୍ ଏବଂ ସର୍ବଜ୍ଞ ସବିତୃଦେବଙ୍କର ଏହି ପ୍ରକାର ମହତୀ ସ୍ତୁତି କରିବା ଆବଶ୍ୟକ; କାରଣ ସେ ହିଁ ସମୁଦାୟ ଯଜ୍ଞାଦି କର୍ମର ପ୍ରବର୍ତ୍ତକ, ସର୍ବସାକ୍ଷୀ ଏବଂ ଅଦ୍ୱିତୀୟ । ୨/୪

ୟୁଞ୍ଜେ ବାଂ ବ୍ରହ୍ମ ପୂର୍ବ୍ୟଂ ନମୋଭି-
ର୍ବିଶ୍ଲୋକ ଏତୁ ପଥ୍ୟେବ ସୂରେଃ ।
ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରା
ଆ ଯେ ଧାମାନି ଦିବ୍ୟାନି ତସ୍ଥୁଃ ॥୫॥

[ହେ ଇନ୍ଦ୍ରିୟ ଓ ତାହାର ଅନୁଗ୍ରାହକ ଦେବଗଣ] **ବାମ୍** (ଆପଣମାନଙ୍କର ପ୍ରକାଶ୍ୟ ଅଥବା ଆପଣମାନଙ୍କ କାରଣଭୂତ) **ପୂର୍ବ୍ୟଂ** (ସନାତନ) **ବ୍ରହ୍ମ** (ବ୍ରହ୍ମଙ୍କୁ) **ନମୋଭିଃ** (ନମସ୍କାରାଦି ଅର୍ଥାତ୍ ଚିତ୍ତ ପ୍ରଣିଧାନାଦି ଦ୍ୱାରା) **ୟୁଞ୍ଜେ** (ମୁଁ ସମାଧିର ବିଷୟୀଭୂତ କରୁଅଛି) । **ସୂରେଃ** (ସବିତାଦେବଙ୍କର) **ପଥି ଏବ** (ସନ୍ମାର୍ଗରେ ଅବସ୍ଥିତ) [ମୋର] [ଅଥବା—**ପଥି ଏବ** (ସନ୍ମାର୍ଗରେ ସ୍ଥିତ) **ସୂରେଃ** (ଏହି ପ୍ରକାର ଯୋଗବିଦ୍ ବା ସମାଧିବାନ୍ ମୋର)] **ଶ୍ଲୋକଃ** (ସ୍ତୁତି) **ବି ଏତୁ** (ବିବିଧରୂପେ ବିସ୍ତୃତ ହେଉ) । **ଅମୃତସ୍ୟ** (ହିରଣଗର୍ଭଙ୍କର) **ବିଶ୍ୱେ ପୁତ୍ରାଃ** (ସନ୍ତାନଗଣ) **ଯେ** (ଯେଉଁମାନେ) **ଦିବ୍ୟାନି ଧାମାନି** (ସ୍ୱର୍ଗସ୍ଥ ଅମରାବତୀ ପ୍ରଭୃତି ସ୍ଥାନସବୁ) **ଆ-ତସ୍ଥୁଃ** (ଅଧିକାର କରି ରହିଛନ୍ତି) [ସେମାନେ ଏହି ସ୍ତୁତି] **ଶୃଣ୍ୱନ୍ତୁ** (ଶ୍ରବଣ କରନ୍ତୁ) । ୨/୫

(ହେ ଇନ୍ଦ୍ରିୟ ଓ ତାହାର ଅନୁଗ୍ରାହକ ଦେବଗଣ) ମୁଁ ଚିତ୍ତପ୍ରଣିଧାନାଦି ଦ୍ୱାରା ଆପଣମାନଙ୍କ ପ୍ରକାଶ୍ୟ ସନାତନ ବ୍ରହ୍ମରେ ସମାହିତ ହେଉଅଛି । ସବିତାଦେବଙ୍କର ସନ୍ମାର୍ଗରେ ସ୍ଥିତ ମୋର ଏହି ସ୍ତୁତି ବିସ୍ତୃତି ଲାଭ କରୁ ଏବଂ ହିରଣ୍ୟଗର୍ଭଙ୍କ ଯେଉଁ ସକଳ ସନ୍ତାନ ଦିବ୍ୟଧାମରେ ଅବସ୍ଥିତ ଅଛନ୍ତି, ସେମାନେ ଏହା ଶ୍ରବଣ କରନ୍ତୁ । ୨/୫

ଅଗ୍ନିର୍ଯତ୍ରାଭିମଥ୍ୟତେ ବାୟୁର୍ଯତ୍ରାଧିରୁଧ୍ୟତେ ।
ସୋମୋ ଯତ୍ରାତିରିଚ୍ୟତେ ତତ୍ର ସଞ୍ଜାୟତେ ମନଃ ॥୬॥

[ଯିଏ ସୂର୍ଯ୍ୟଙ୍କ ଅନୁମତି ବ୍ୟତୀତ କର୍ମରେ ଲିପ୍ତ ହୁଅନ୍ତି ତାଙ୍କର] **ମନଃ** (ମନ) **ତତ୍ର** (ସେହି ଯଜ୍ଞାଦିରେ) **ସଞ୍ଜାୟତେ** (ଆସକ୍ତ ହୁଏ) **ଯତ୍ର** (ଯେଉଁଥିରେ) **ଅଗ୍ନିଃ** ([ଆଧାନ ପୂର୍ବେ] ଅଗ୍ନି) **ଅଭିମଥ୍ୟତେ** (ମଥିତ ହୁଏ) **ଯତ୍ର** (ଯେଉଁ ଯଜ୍ଞରେ ପ୍ରବର୍ଗ୍ୟ କର୍ମ ପୂର୍ବରୁ) **ବାୟୁଃ** (ପ୍ରାଣ) **ଅଧିରୁଧ୍ୟତେ** (ଅବରୋଧିତ, ସଂସ୍ଥାପିତ ହୁଅନ୍ତି) **ଯତ୍ର** (ଯେଉଁଥିରେ) **ସୋମଃ** (ସୋମରସ) **ଅତିରିଚ୍ୟତେ** (ଦଶାପବିତ୍ର ନାମକ ସୋମପାତ୍ରକୁ ପୂର୍ଣ୍ଣ କରି ମଧ୍ୟ ଅତିରିକ୍ତ ହୁଏ) । ଅଥବା— **ଯତ୍ର** (ଯେଉଁ ହୃଦୟରେ) **ଅଗ୍ନିଃ** (ଅବିଦ୍ୟାଦିର ଦାହକ ପରମାତ୍ମା) **ଅଭିମଥ୍ୟତେ** (୧/୧୪ ଶ୍ଲୋକୋକ୍ତ ପ୍ରକାରେ ମଥିତ ହୁଅନ୍ତି) **ଯତ୍ର** (ଯେଉଁଥିରେ) **ବାୟୁଃ ଅଧିରୁଧ୍ୟତେ** (ପ୍ରାଣାୟାମକାଳେ ବାୟୁ ନିରୁଦ୍ଧ ହୁଏ) **ଯତ୍ର** (ଯେଉଁଥିରେ) **ସୋମଃ** (ଅନ୍ତକରଣାଧିଷ୍ଠାତା ଚନ୍ଦ୍ରଦେବ) **ଅତିରିଚ୍ୟତେ** (ଅଧିକ ପ୍ରକାଶ ପାଇଥାଆନ୍ତି) **ତତ୍ର** (ସେହି ବିଶୁଦ୍ଧାନ୍ତଃକରଣ) **ମନଃ** (ଅଦ୍ୱିତୀୟବ୍ରହ୍ମାକାରା ବୃତ୍ତି) **ସଞ୍ଜାୟତେ** (ସମୁତ୍ପନ୍ନ ହୁଏ) । [ପ୍ରଥମେ ଯଜ୍ଞାଦିର ଅନୁଷ୍ଠାନ, ପରେ ପ୍ରାଣାୟାମାଦି, ତତ୍‌ପରେ ମହାବାକ୍ୟର ଅର୍ଥବୋଧ ଏବଂ ସର୍ବଶେଷରେ କୃତକୃତ୍ୟତା ହୁଏ] । ୨/୬

(ସୂର୍ଯ୍ୟଙ୍କ ଅନୁମତି ବ୍ୟତୀତ କର୍ମରେ ଲିପ୍ତ ହେଲେ) ମନ ସେହି ସବୁ ଯଜ୍ଞରେ ହିଁ ଆସକ୍ତ ହୋଇଥାଏ, ଯେଉଁଥିରେ ଅଗ୍ନି-ମନ୍ଥନ କରାହୁଏ, ଯେଉଁଥିରେ ପ୍ରବର୍ଗ୍ୟ[1] ପୂର୍ବରୁ ପ୍ରାଣ ସଂସ୍ଥାପିତ ହୁଅନ୍ତି ଏବଂ ଯେଉଁଥିରେ ଅତିରିକ୍ତରୂପେ ସୋମରସ ନିଷ୍କାଷିତ ହୁଏ । (ଅର୍ଥାତ୍ ସେ ଭୋଗରେ ହିଁ ମତ୍ତ ରୁହନ୍ତି) । ୨/୬

---

1. ସୋମଯଜ୍ଞ ଆରମ୍ଭରେ ଏହି ପ୍ରବର୍ଗ୍ୟ-କର୍ମଟି କରିବାକୁ ହୁଏ । ଏଥିରେ 'ରୌହିଣ' ନାମକ ପୁରୋଡାଶ ଆହୁତି ଦେଇ 'ଘର୍ମ ବା ମହାବୀର' ନାମକ ଉଷ୍ଣ ପାତ୍ରରେ ଅଥବା ଉଉପ୍ତ ଘୃତରେ ତତ୍‌କା କ୍ଷୀର ଢାଳିବାକୁ ହୁଏ ଏବଂ ତାହା ଦ୍ୱାରା ଅଶ୍ୱିନୀକୁମାରଦ୍ୱୟଙ୍କ ଉଦ୍ଦେଶ୍ୟରେ ଗୋଟିଏ ଏବଂ ଅଗ୍ନି ଉଦ୍ଦେଶ୍ୟରେ ଗୋଟିଏ ଆହୁତି ଦେବାକୁ ପଡ଼େ । ଐତରେୟ ବ୍ରାହ୍ମଣରେ (୪/୧୫) ଅଛି ଯେ, ମହାବୀରଙ୍କୁ ଉଉପ୍ତ କରିବା ବେଳେ ହୋତା ଯେଉଁ ସକଳ ମନ୍ତ୍ର ପାଠ କରନ୍ତି ତନ୍ମଧ୍ୟେ **"ଆଭିତ୍ୟଂ ଦେବଂ ସବିତାରମୋଣ୍ୟୋଃ"**—ଏହି ମନ୍ତ୍ର ସବିତାଙ୍କର, ସବିତା ହିଁ ପ୍ରାଣ । ଏହି ମନ୍ତ୍ର ଦ୍ୱାରା ଏହି ଯଜ୍ଞରେ ପ୍ରାଣର ହିଁ ସ୍ଥାପନା ହୁଏ । ଗୋଦୋହନ, ଛାଗଦୋହନ ଓ ଦୁଗ୍ଧ ଗରମ କରିବା ବେଳେ ଯେଉଁ 'ଅଭିଷ୍ଟବମନ୍ତ୍ର' ପଠିତ ହୁଏ, ତଦ୍ଦ୍ୱାରା ମଧ୍ୟ ପ୍ରାଣକୁ ହିଁ ସ୍ଥାପନ କରାହୁଏ ।

ସବିତ୍ରା ପ୍ରସବେନ ଜୁଷେତ ବ୍ରହ୍ମ ପୂର୍ବ୍ୟମ୍ ।
ତତ୍ର ୟୋନିଂ କୃଣବସେ ନ ହି ତେ ପୂର୍ତମକ୍ଷିପତ୍ ॥୬॥

ପ୍ରସବେନ (ଶସ୍ୟସମୃଦ-ଉତ୍ପାଦନକାରୀ) **ସବିତ୍ରା** (ସବିତାଙ୍କର ଅନୁଜ୍ଞା ପାଇଁ) **ପୂର୍ବ୍ୟମ୍** (ସନାତନ) **ବ୍ରହ୍ମ** (ବ୍ରହ୍ମଙ୍କୁ) **ଜୁଷେତ** (ସେବା କରିବ) । **ତତ୍ର** (ସେହି ବ୍ରହ୍ମରେ) **ୟୋନିମ୍** (ସମାଧିରୂପକ ନିଷ୍ଠା) **କୃଣବସେ** (କର)—**ହି** (କାରଣ ଏହିପରି କଲେ ହିଁ) **ତେ** (ତୁମର) **ପୂର୍ତମ୍** (କୂପ ଓ ଆରାମାଦି ନିର୍ମାଣରୂପକ ପୂର୍ତ୍ତକର୍ମ ଓ ଯଜ୍ଞାଦି [ପ୍ର., ୧/୯]) **ନ ଅକ୍ଷିପତ୍** (ତୁମକୁ କ୍ଷେପଣ, ଅର୍ଥାତ୍ ବନ୍ଧନ କରିବ ନାହିଁ)—[ଗୀତା, ୯/୨୬-୨୮] । ୨/୬

(ଅତଏବ) ସୂର୍ଯ୍ୟଙ୍କର ଅନୁଜ୍ଞା ନେଇ ସନାତନ ବ୍ରହ୍ମଙ୍କ ସେବା କରିବ । ସେହି ବ୍ରହ୍ମରେ ସମାଧି ଲାଭ କର; କାରଣ ଏହିପରି କଲେ ହିଁ ପୂର୍ତ୍ତକର୍ମାଦି ତୁମକୁ (ସଂସାରରେ) ବଦ୍ଧ କରିପାରିବ ନାହିଁ । ୨/୬ ।

ତ୍ରିରୁନ୍ନତଂ ସ୍ଥାପ୍ୟ ସମଂ ଶରୀରଂ
ହୃଦୀନ୍ଦ୍ରିୟାଣି ମନସା ସନ୍ନିବେଶ୍ୟ ।
ବ୍ରହ୍ମୋଡୁପେନ ପ୍ରତରେତ ବିଦ୍ୱାନ୍
ସ୍ରୋତାଂସି ସର୍ବାଣି ଭୟାବହାନି ॥୮॥

ତ୍ରିଃ-ଉନ୍ନତଂ (ଯେଉଁ ଶରୀରରେ ମସ୍ତକ, ଗ୍ରୀବା ଓ ବକ୍ଷ ସମୁନ୍ନତ, ଅର୍ଥାତ୍ କୁଞ୍ଚିତ ନୁହେଁ, ସେହି) **ଶରୀରମ୍** (ଶରୀରକୁ) **ସମମ୍** (ସମଭାବରେ) **ସ୍ଥାପ୍ୟ** (ସ୍ଥାପନପୂର୍ବକ) [ୟୋ. ସୂ., ୨/୪୬, ଗୀତା ୬/୧୩-୧୪] **ଇନ୍ଦ୍ରିୟାଣି** (ଇନ୍ଦ୍ରିୟଗଣଙ୍କୁ) **ମନସା** (ମନ ସାହାଯ୍ୟରେ) **ହୃଦି** (ହୃଦୟରେ) **ସନ୍ନିବେଶ୍ୟ** (ସମ୍ୟକ୍ ନିୟମିତ କରି) **ବ୍ରହ୍ମ-ଉଡୁପେନ** (ଭେଳାସ୍ଥାନୀୟ ପ୍ରଣବ ସାହାଯ୍ୟରେ) [ୟୋ. ସୂ., ୧/୨୭] **ବିଦ୍ୱାନ୍** (ୟୋଗତତ୍ତ୍ୱବିତ୍) **ସର୍ବାଣି** (ସମୁଦାୟ) **ଭୟାବହାନି** (ଭୟାବହ ନିମ୍ନଯୋନିପ୍ରାପକ) **ସ୍ରୋତାଂସି** (ସଂସାରପ୍ରବାହ) **ପ୍ରତରେତ** (ଅତିକ୍ରମ କରିବେ) । ୨/୮

ଯୋଗତତ୍ତ୍ୱବିତ୍ ବ୍ୟକ୍ତି ମସ୍ତକ, ଗ୍ରୀବା ଓ ବକ୍ଷ ସମୁନ୍ନତ କରି ଶରୀରକୁ ସରଳଭାବରେ ସ୍ଥାପନପୂର୍ବକ ଇନ୍ଦ୍ରିୟଗଣଙ୍କୁ ମନ ସାହାଯ୍ୟରେ ହୃଦୟରେ

ସଂନିୟମିତ କରିବେ ଏବଂ ପ୍ରଣବରୂପକ ଭେଳା ସାହାଯ୍ୟରେ ସମୁଦାୟ ଭୟାବହ ସଂସାରସ୍ରୋତ ଅତିକ୍ରମ କରିବେ । ୨/୮

ପ୍ରାଣାନ୍ ପ୍ରପୀଡ୍ୟେହ ସଂଯୁକ୍ତଚେଷ୍ଟଃ
କ୍ଷୀଣେ ପ୍ରାଣେ ନାସିକୟୋଚ୍ଛ୍ୱସୀତ ।
ଦୁଷ୍ଟାଶ୍ୱଯୁକ୍ତମିବ ବାହମେନଂ
ବିଦ୍ୱାନ୍ ମନୋ ଧାରୟେତାପ୍ରମତ୍ତଃ ॥୯॥

ସଂଯୁକ୍ତ-ଚେଷ୍ଟଃ (ଶାସ୍ତ୍ରବିହିତ ଉପାୟରେ ନିୟମିତ ଆହାରାଦିଯୁକ୍ତ ହୋଇ) [ଗୀତା, ୬/୧୭] **ବିଦ୍ୱାନ୍** (ବିଦ୍ୱାନ୍ ସାଧକ) **ଇହ** (ଏହି ଯୋଗମାର୍ଗରେ) **ପ୍ରାଣାନ୍** (ପଞ୍ଚ ପ୍ରାଣବାୟୁକୁ) **ପ୍ରପୀଡ୍ୟ** (ପ୍ରପୀଡ଼ିତ କରି, ଅର୍ଥାତ୍ ପୂରକ ଓ କୁମ୍ଭକ-ଅବଲମ୍ବନରେ ପ୍ରାଣାୟାମ କରି) **ପ୍ରାଣେ କ୍ଷୀଣେ** (ପ୍ରାଣ କ୍ଷୀଣ ହେଲେ, ଅର୍ଥାତ୍ ସର୍ବ ଇନ୍ଦ୍ରିୟଦ୍ୱାରରୁ ଉପରତ ହୋଇ ପ୍ରାଣବାୟୁ ଦଣ୍ଡ ସଦୃଶ ସ୍ଥିର ହେଲେ) **ନାସିକୟା** (ନାସିକାରନ୍ଧ୍ର ମଧ୍ୟ ଦେଇ) **ଉଚ୍ଛ୍ୱସୀତ** (ଶ୍ୱାସତ୍ୟାଗ ଅର୍ଥାତ୍ ରେଚକ, କରିବେ) [ଯୋ. ସୂ., ୨/୪୯-୫୧] । **ଦୁଷ୍ଟ-ଅଶ୍ୱଯୁକ୍ତମ୍** (ଅଶିକ୍ଷିତ ଅଶ୍ୱ ସହିତ ସଂଯୁକ୍ତ) **ବାହମ୍ ଇବ** (ରଥ ନିୟନ୍ତା ପରି) **ଏନମ୍** (ଏହି) **ମନଃ** (ମନକୁ) **ଅପ୍ରମତ୍ତଃ** (ଅପ୍ରମତ୍ତଭାବରେ) **ଧାରୟେତ** (ଧେୟବସ୍ତୁରେ ଏକାଗ୍ର କରିବେ) [କ., ୧/୩/୬; ଯୋ. ସୂ., ୨/୫୨-୫୫ ଓ ୩/୧୨] । ୨/୯

ଶାସ୍ତ୍ରବିହିତ ଉପାୟରେ ନିୟମିତ ଚେଷ୍ଟାଦିଯୁକ୍ତ ହୋଇ ବିଦ୍ୱାନ୍ ସାଧକ ଏହି ଯୋଗମାର୍ଗରେ ପଞ୍ଚପ୍ରାଣକୁ ସଂଯତ କରିବେ । ପ୍ରାଣ ସକଳ ଇନ୍ଦ୍ରିୟଦ୍ୱାରରୁ ଉପରତ ହୋଇ ସ୍ଥିର ହେଲେ, ନାସିକା ମଧ୍ୟ ଦେଇ ଶ୍ୱାସ ତ୍ୟାଗ କରିବେ । ପରେ ଦୁଷ୍ଟ-ଅଶ୍ୱଯୁକ୍ତ ରଥରେ ଆରୂଢ଼ ସାରଥି ସଦୃଶ ଏହି ମନକୁ ଅପ୍ରମତ୍ତଭାବରେ ଧେୟ ବସ୍ତୁରେ ଏକାଗ୍ର କରିବେ । ୨/୯

ସମେ ଶୁଚୌ ଶର୍କରାବହ୍ନିବାଲୁକା-
ବିବର୍ଜିତେ ଶବ୍ଦଜଲାଶ୍ରୟାଦିଭିଃ ।
ମନୋଽନୁକୂଲେ ନ ତୁ ଚକ୍ଷୁଃପୀଡନେ
ଗୁହାନିବାତାଶ୍ରୟଣେ ପ୍ରୟୋଜୟେତ୍ ॥୧୦॥

ସମେ (ସମତଳ, ଯାହା ବନ୍ଧୁର ନୁହେଁ) **ଶୁଚୌ** (ଶୁଦ୍ଧ) **ଶର୍କରା-ବହ୍ନି-ବାଲୁକା-ବିବର୍ଜିତେ** (ପ୍ରସ୍ତର ଖଣ୍ଡ, ଅଗ୍ନି ଓ ବାଲୁକାରହିତ) [ଓ] **ଶବ୍ଦ-ଜଲ-ଆଶ୍ରୟ-ଆଦିଭିଃ [ବିବର୍ଜିତେ]** (କୋଳାହଳ, ସାଧାରଣ ବ୍ୟବହାର୍ଯ୍ୟ ଜଳାଶୟ ଓ ମଣ୍ଡପ ପ୍ରଭୃତି ବିହୀନ) **ମନଃ-ଅନୁକୂଲେ** (ମନର ପ୍ରସନ୍ନତା-ସମ୍ପାଦକ) **ନ ତୁ ଚକ୍ଷୁଃ ପୀଡନେ** (ଅଥଚ ଚକ୍ଷୁର ପୀଡ଼ାଦାୟକ ନୁହେଁ) [ଏହିପ୍ରକାର] **ଗୁହା-ନିବାତ-ଆଶ୍ରୟଣେ** (ପ୍ରବଳ ବାୟୁ ପ୍ରବାହଶୂନ୍ୟ ଗୁମ୍ଫା ପ୍ରଭୃତି ଆଶ୍ରୟରେ) **ପ୍ରୟୋଜୟେତ୍** ([ଚିତ୍ତକୁ ପରମାତ୍ମାରେ] ସମାହିତ କରିବ)—[ଗୀତା, ୬/୧୦-୧୨] । ୨/୧୦

ଯେଉଁ ସ୍ଥାନ ସମତଳ ଓ ପବିତ୍ର, ଯେଉଁଠାରେ ପ୍ରସ୍ତରଖଣ୍ଡ, ଅଗ୍ନି ଅଥବା ବାଲୁକା ନାହିଁ, ଯେଉଁ ସ୍ଥଳ କୋଳାହଳଶୂନ୍ୟ, ଏବଂ ଯାହା ସାଧାରଣ ବ୍ୟବହାର୍ଯ୍ୟ ଜଳାଶୟ ଅଥବା ମଣ୍ଡପ ସମୀପବର୍ତ୍ତୀ ନୁହେଁ, ଯାହା ମନର ପ୍ରସନ୍ନତା-ସମ୍ପାଦକ ଅଥଚ ଚକ୍ଷୁ ପାଇଁ ପୀଡ଼ାଦାୟକ ନୁହେଁ, ଏହିପ୍ରକାର ପ୍ରବଳବାୟୁପ୍ରବାହଶୂନ୍ୟ ଗୁମ୍ଫା ପ୍ରଭୃତି ଆଶ୍ରୟ କରି ଚିତ୍ତକୁ ପରମାତ୍ମାରେ ସମାହିତ କରିବ । ୨/୧୦

ନୀହାରଧୂମାର୍କାନିଲାନଲାନାଂ
ଖଦ୍ୟୋତବିଦ୍ୟୁତ୍ସ୍ଫଟିକଶଶିନାମ୍ ।
ଏତାନି ରୂପାଣି ପୁରଃସରାଣି
ବ୍ରହ୍ମଣ୍ୟଭିବ୍ୟକ୍ତିକରାଣି ଯୋଗେ ॥୧୧॥

[ସମ୍ପ୍ରତି ଯୋଗସିଦ୍ଧିର ଚିହ୍ନସମୂହ କୁହା ହେଉଅଛି]—**ଯୋଗେ** (ଯୋଗାଭ୍ୟାସକାଳରେ) **ବ୍ରହ୍ମଣି** (ବ୍ରହ୍ମବିଷୟରେ) **ଅଭିବ୍ୟକ୍ତିକରାଣି** (ଅଭିବ୍ୟକ୍ତିସୂଚକ) **ନୀହାର-ଧୂମ-ଅର୍କ-ଅନିଲ-ଅନଲାନାମ୍** (ତୁଷାର, ଧୂମ, ସୂର୍ଯ୍ୟ, ବାୟୁ ଓ ଅଗ୍ନିର ରୂପକ ସଦୃଶ) **ଖଦ୍ୟୋତ-ବିଦ୍ୟୁତ୍-ସ୍ଫଟିକ-ଶଶିନାମ୍** (ଜୁଳୁଜୁଳିଆ ପୋକ, ବିଦ୍ୟୁତ୍, ସ୍ଫଟିକ ଓ ଚନ୍ଦ୍ରର ରୂପସଦୃଶ) **ଏତାନି** (ଏହି) **ରୂପାଣି** (ରୂପସମୂହ, ଚିହ୍ନସମୂହ) **ପୁରଃସରାଣି** (ଅଗ୍ରଗାମୀ ହୋଇଥାଆନ୍ତି) । ୨/୧୧

ଯୋଗାଭ୍ୟାସକାଳରେ ବ୍ରହ୍ମଙ୍କ ଅଭିବ୍ୟକ୍ତିସୂଚକ ତୁଷାର, ଧୂମ, ସୂର୍ଯ୍ୟ, ବାୟୁ, ଅଗ୍ନି, ଖଦ୍ୟୋତ, ବିଦ୍ୟୁତ୍, ସ୍ଫଟିକ ଓ ଚନ୍ଦ୍ରଙ୍କ ରୂପସଦୃଶ ରୂପସମୂହ ଅଗ୍ରଗାମୀ ହୋଇଥାଆନ୍ତି[1] । ୨/୧୧

ପୃଥ୍ୟପ୍ତେଜୋଽନିଲଖେ ସମୁତ୍ଥିତେ
ପଞ୍ଚାତ୍ମକେ ୟୋଗଗୁଣେ ପ୍ରବୃତ୍ତେ ।
ନ ତସ୍ୟ ରୋଗୋ ନ ଜରା ନ ମୃତ୍ୟୁଃ
ପ୍ରାପ୍ତସ୍ୟ ୟୋଗାଗ୍ନିମୟଂ ଶରୀରମ୍ ॥୧୨॥

ପୃଥ୍ୱୀ-ଅପ୍-ତେଜଃ-ଅନିଲ-ଖେ (ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ) **ସମୁତ୍ଥିତେ** (ଅଭିବ୍ୟକ୍ତ ହେଲେ)—[ଅର୍ଥାତ୍] **ପଞ୍ଚ-ଆତ୍ମକୁ** (ପଞ୍ଚଭୂତର ଗନ୍ଧାଦିରୂପ) **ୟୋଗଗୁଣେ** (ଯୋଗଶାସ୍ତ୍ରୋକ୍ତଗୁଣ) **ପ୍ରବୃତ୍ତେ** (ଯୋଗୀ ନିକଟରେ ପ୍ରକାଶିତ ହେଲେ) **ତସ୍ୟ** (ସେହି) **ୟୋଗ-ଅଗ୍ନିମୟମ୍** (ଯୋଗରୂପକ ଅଗ୍ନିଦ୍ୱାରା ସଂଶୋଧିତ) **ଶରୀରମ୍** (ଶରୀର) **ପ୍ରାପ୍ତସ୍ୟ** (ପ୍ରାପ୍ତ ଯୋଗୀଙ୍କର) **ନ ରୋଗଃ** (ରୋଗ ରହେ ନାହିଁ) **ନ ଜରା** (ଜରା ରହେ ନାହିଁ) **ନ ମୃତ୍ୟୁଃ** (ଏବଂ ମୃତ୍ୟୁ ମଧ୍ୟ ରହେ ନାହିଁ) [ୟୋ. ସୂ., ୩/୪୫] । ୨/୧୨

ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ ଅଭିବ୍ୟକ୍ତ ହେଲେ, ଅର୍ଥାତ୍ ଯୋଗଶାସ୍ତ୍ରୋକ୍ତ ପଞ୍ଚଭୂତର ପଞ୍ଚଗୁଣ ଯୋଗୀଙ୍କ ନିକଟରେ ପ୍ରକଟିତ ହେଲେ[2],

---

1. ପ୍ରଥମେ ତୁଷାରପ୍ରଭାସଦୃଶ, ପରେ ଧୂମପ୍ରଭାସଦୃଶ, ତା'ପରେ ସୂର୍ଯ୍ୟପ୍ରଭାସଦୃଶ ଚିତ୍ତବୃତ୍ତି ହୁଏ, ପରେ ବାହ୍ୟବାୟୁସଦୃଶ ପ୍ରବଳ ଭାବରେ ସଂକ୍ଷୁଭିତ ହୁଏ ଏବଂ ତାହାପରେ ଅଗ୍ନିପରି ଅତ୍ୟୁଷ୍ଣ ହୁଏ । ବେଳେ ବେଳେ ଖଦ୍ୟୋତ-ଖଚିତ ଆକାଶମଣ୍ଡଳସଦୃଶ ମନେ ହୁଏ, କେବେ ଅବା ତାହା ବିଦ୍ୟୁତ୍ ପରି ଉଜ୍ଜ୍ୱଳ ଦୃଷ୍ଟ ହୁଏ, କେବେ ତାହା ସ୍ଫଟିକସଦୃଶ ଏବଂ କେବେ ପୁଣି ଚନ୍ଦ୍ର ପରି ସମୁଜ୍ଜ୍ୱଳ ହୁଏ । ଏହି ସକଳ କ୍ରମେ କ୍ରମେ ପ୍ରକାଶିତ ହେଲେ ବୁଝିବାକୁ ହେବ ଯେ, ଯୋଗସିଦ୍ଧି ହେଉଅଛି ।

2. ଯୋଗୀଙ୍କ ପ୍ରବୃତ୍ତି ପାଞ୍ଚ ପ୍ରକାର ହୁଏ—ନିର୍ବିଷୟା, ସ୍ୱର୍ଣବତୀ, ଜ୍ୟୋତିଷ୍ମତୀ, ତରଙ୍ଗାକାରା ଓ ସ୍ଥୂଳାକାରା । ଯୋଗର ଉନ୍ନତି ଅନୁଯାୟୀ ଚିତ୍ତବୃତ୍ତି ସୂକ୍ଷ୍ମତର ହୁଏ ।

ଅନ୍ୟ ବ୍ୟାଖ୍ୟା—ପାଦତଳରୁ ଜାନୁ ପର୍ଯ୍ୟନ୍ତ ଅଂଶକୁ ପୃଥିବୀ, ଜାନୁଠାରୁ ନାଭି ପର୍ଯ୍ୟନ୍ତ ଜଳ, ନାଭିଠାରୁ ଗ୍ରୀବା ପର୍ଯ୍ୟନ୍ତ ତେଜଃ, ଗ୍ରୀବାରୁ କର୍ଣ୍ଣମୂଳ ପର୍ଯ୍ୟନ୍ତ ବାୟୁ ଏବଂ ସେହି ସ୍ଥାନରୁ ମସ୍ତକ ଉପର ପର୍ଯ୍ୟନ୍ତ ଦେହାଂଶକୁ ଆକାଶରୂପେ ଚିନ୍ତା କରିବାକୁ ହୁଏ । ଏହି ଧାରଣା ଦୃଢ଼ ହୋଇ ପଞ୍ଚଭୂତ ବଶୀକୃତ ହେଲେ, ଅଣିମାଦି ଯୋଗଗୁଣର ଉଦ୍ଭବ ହୁଏ । ଏହାପରେ ଯୋଗର ଅଭିବ୍ୟକ୍ତିସ୍ୱରୂପ ତେଜୋମୟ ଦେହପ୍ରାପ୍ତି ହୁଏ । ଏହାପରେ ଜରାଦି ରହେ ନାହିଁ । —ରତ୍ନପ୍ରଭା ଓ ଆନନ୍ଦଗିରି । ବ୍ରହ୍ମସୂତ୍ର ୧/୩/୩୩

ସେହି ଯୋଗୀଙ୍କ ଦେହ ଯୋଗାଗ୍ନି ଦ୍ୱାରା ବିଶୋଧିତ ହୁଏ ଏବଂ ସେହି ବିମଳ ଶରୀରପ୍ରାପ୍ତ ଯୋଗୀଙ୍କର ରୋଗ, ଜରା ଓ ମୃତ୍ୟୁ ବିନଷ୍ଟ ହୁଏ । ୨/୧୨

ଲଘୁତ୍ୱମାରୋଗ୍ୟମଲୋଲୁପତ୍ୱଂ
ବର୍ଣ୍ଣପ୍ରସାଦଃ ସ୍ୱରସୌଷ୍ଠବଂ ଚ ।
ଗନ୍ଧଃ ଶୁଭୋ ମୂତ୍ରପୁରୀଷମଳ୍ପଂ
ଯୋଗପ୍ରବୃତ୍ତିଂ ପ୍ରଥମାଂ ବଦନ୍ତି ॥୧୩॥

ଲଘୁତ୍ୱମ୍ (ଶରୀରର ଲଘୁତା) **ଆରୋଗ୍ୟମ୍** (ଶରୀର ଓ ମନର ରୋଗହୀନତା) **ଅଲୋଲୁପତ୍ୱମ୍** (ବିଷୟରେ ଲୋଭରାହିତ୍ୟ) **ବର୍ଣ୍ଣପ୍ରସାଦଃ** (ଦେହର ଉଜ୍ଜ୍ୱଳ କାନ୍ତି) **ସ୍ୱରସୌଷ୍ଠବମ୍ ଚ** (ଏବଂ ସ୍ୱରର ମାଧୁର୍ଯ୍ୟ) **ଶୁଭଃ ଗନ୍ଧଃ** (ଦେହର ମଧୁର ଗନ୍ଧ) **ଅଳ୍ପମ୍ ମୂତ୍ର-ପୁରୀଷମ୍** (ମଳ ଓ ମୂତ୍ରର ସ୍ୱଳ୍ପତା) [ଏହି ସକଳକୁ] **ପ୍ରଥମାମ୍** (ପୂର୍ବଭାବୀ) **ଯୋଗପ୍ରବୃତ୍ତିମ୍** (ଯୋଗସିଦ୍ଧି ଅଭିମୁଖୀ ଚିହ୍ନ) **ବଦନ୍ତି** (କହିଥାଆନ୍ତି) [—ଯୋ. ସୂ., ୩/୪୬-୫୧] । ୨/୧୩

ଶରୀରର ଲଘୁତା, ଶରୀର ଓ ମନର ରୋଗହୀନତା, ଲୋଭହୀନତା, ଉଜ୍ଜ୍ୱଳ କାନ୍ତି, ସ୍ୱରମାଧୁର୍ଯ୍ୟ, ମଧୁର ଗନ୍ଧ, ମଳମୂତ୍ରର ସ୍ୱଳ୍ପତା—ଏହି ସକଳକୁ ଯୋଗୀଗଣ ଯୋଗସିଦ୍ଧିର ପୂର୍ବଭାବୀ ଚିହ୍ନ କହିଥାଆନ୍ତି । ୨/୧୩

ୟଥୈବ ବିମ୍ବଂ ମୃଦୟୋପଲିପ୍ତଂ
ତେଜୋମୟଂ ଭ୍ରାଜତେ ତତ୍ ସୁଧାନ୍ତମ୍ ।
ତଦ୍ୱାଽଽତ୍ମତତ୍ତ୍ୱଂ ପ୍ରସମୀକ୍ଷ୍ୟ ଦେହୀ
ଏକଃ କୃତାର୍ଥୋ ଭବତେ ବୀତଶୋକଃ ॥୧୪॥

ମୃଦୟା (ମୃତ୍ତିକା ଦ୍ୱାରା) **ବିମ୍ବମ୍** (ଯେଉଁ ସୁବର୍ଣ୍ଣାଦି ପିଣ୍ଡ) [ପୂର୍ବରୁ] **ଉପଲିପ୍ତମ୍** (ମଳିନୀକୃତ ହୋଇଛି) **ତତ୍** (ତାହା ହିଁ) **ସୁଧାନ୍ତମ୍** (=**ସୁଧୌତମ୍**, ଅଗ୍ନିପ୍ରଭୃତି ଦ୍ୱାରା ବିଶୋଧିତ ହୋଇ) **ୟଥା** (ଯେପରି) **ତେଜୋମୟମ୍** (ସମୁଜ୍ଜ୍ୱଳ ରୂପେ) **ଭ୍ରାଜତେ ଏବ** (ଅବଶ୍ୟ ହିଁ ଦୀପ୍ତି ଲାଭ କରେ [ଠିକ୍ ସେହିପରି] **ତତ୍-ବା ଆତ୍ମତତ୍ତ୍ୱମ୍** (ସେହି ଆତ୍ମତତ୍ତ୍ୱକୁ) **ପ୍ରସମୀକ୍ଷ୍ୟ** (ସାକ୍ଷାତ୍ କରି) **ଦେହୀ** (ଯୋଗୀ) **ଏକଃ** (ଅଦ୍ୱିତୀୟ ପରମାତ୍ମାଙ୍କ ସହିତ ଅଭିନ୍ନ) **କୃତାର୍ଥଃ** (କୃତ-କୃତ୍ୟ) [ଏବଂ]

ବୀତଶୋକଃ (ସକଳ ଦୁଃଖରୁ ମୁକ୍ତ) **ଭବତେ** (=**ଭବତି**, ହୁଅନ୍ତି) [ୟୋ. ସୂ., ୪/୨୯-୩୩] । ୨/୧୪

ଯେଉଁ ସୁବର୍ଣ୍ଣାଦି ପିଣ୍ଡ ପୂର୍ବରୁ ମୃତ୍ତିକା ଦ୍ୱାରା ମଳିନୀକୃତ ହୋଇଅଛି ତାହା ହିଁ ଅଗ୍ନ୍ୟାଦି ଦ୍ୱାରା ବିଶୋଧିତ ହେଲେ ଯେପରି ଉଜ୍ଜ୍ୱଳରୂପେ ଦୀପ୍ତିଲାଭ କରେ, ଠିକ୍ ସେହିପରି ସେହି ଆତ୍ମତତ୍ତ୍ୱର ସାକ୍ଷାତ୍କାର ହେଲେ ଯୋଗୀ ପରମାତ୍ମାଙ୍କ ସହିତ ଅଭିନ୍ନ, କୃତକୃତାର୍ଥ ଓ ସର୍ବ ଦୁଃଖରୁ ମୁକ୍ତ ହୁଅନ୍ତି । ୨/୧୪

ୟଦାଽଽତ୍ମତତ୍ତ୍ୱେନ ତୁ ବ୍ରହ୍ମତତ୍ତ୍ୱଂ
ଦୀପୋପମେନେହ ୟୁକ୍ତଃ ପ୍ରପଶ୍ୟେତ୍ ।
ଅଜଂ ଧ୍ରୁବଂ ସର୍ବତତ୍ତ୍ୱୈର୍ବିଶୁଦ୍ଧଂ
ଜ୍ଞାତ୍ୱା ଦେବଂ ମୁଚ୍ୟତେ ସର୍ବପାଶୈଃ ॥୧୫॥

ୟଦା (ଯେଉଁ ଅବସ୍ଥାରେ) **ୟୁକ୍ତଃ** (ଯୋଗରତ ଯୋଗୀ) **ଇହ** (ଏହି ହୃଦୟଗୁହାରେ) **ଦୀପ-ଉପମେନ** (ଦୀପସ୍ଥାନୀୟ, ପ୍ରକାଶସ୍ୱରୂପ, ସାକ୍ଷୀସ୍ୱରୂପ) **ଆତ୍ମତତ୍ତ୍ୱେନ** (ନିଜ ଆତ୍ମାରୂପରେ, ନିଜ ଆତ୍ମାରୁ ଅଭିନ୍ନରୂପରେ) [**ଉତ୍ଥମ୍ଭୂତଲକ୍ଷଣେ ତୃତୀୟା**] **ବ୍ରହ୍ମତତ୍ତ୍ୱମ୍ ତୁ** (ବ୍ରହ୍ମତତ୍ତ୍ୱକୁ ହିଁ) **ପ୍ରପଶ୍ୟେତ୍** (ଦର୍ଶନ କରନ୍ତି) [ସେହି ଅବସ୍ଥାରେ] **ଅଜମ୍** (ଜନ୍ମରହିତ) **ଧ୍ରୁବମ୍** (ଅପ୍ରଚ୍ୟୁତସ୍ୱଭାବ, ସର୍ବଦା ଏକରୂପ) **ସର୍ବତତ୍ତ୍ୱୈଃ ବିଶୁଦ୍ଧମ୍** (ଅବିଦ୍ୟା ଓ ତାହାର କାର୍ଯ୍ୟ ସମୂହ ଦ୍ୱାରା ଅସଂସ୍ପୃଷ୍ଟ) **ଦେବମ୍** (ପରମାତ୍ମାଙ୍କୁ) **ଜ୍ଞାତ୍ୱା** (ଜାଣି) **ସର୍ବପାଶୈଃ** (ଅବିଦ୍ୟାଦି ସମୁଦାୟ ବନ୍ଧନରୁ) **ମୁଚ୍ୟତେ** (ମୁକ୍ତ ହୁଅନ୍ତି) । ୨/୧୫

ଯେଉଁ ଅବସ୍ଥାରେ ଯୋଗଯୁକ୍ତ ଯୋଗୀ ଏହି ହୃଦୟଗୁହାରେ ଦୀପସ୍ଥାନୀୟ ସ୍ୱୀୟ ଆତ୍ମରୂପରେ ବ୍ରହ୍ମତତ୍ତ୍ୱଙ୍କୁ ସାକ୍ଷାତ୍ କରନ୍ତି, ସେହି ଅବସ୍ଥାରେ ହିଁ ସେ ଜନ୍ମରହିତ, ସର୍ବଦା ଏକସ୍ୱରୂପ, ଏବଂ ଅବିଦ୍ୟାଦି ସହିତ ସମ୍ବନ୍ଧଶୂନ୍ୟ ପରମାତ୍ମାଙ୍କୁ ଜାଣି ମୁକ୍ତ ହୁଅନ୍ତି । ୨/୧୫

ଏଷ ହ ଦେବଃ ପ୍ରଦିଶୋଽନୁ ସର୍ବାଃ
ପୂର୍ବୋ ହ ଜାତଃ ସ ଉ ଗର୍ଭେ ଅନ୍ତଃ ।
ସ ଏବ ଜାତଃ ସ ଜନିଷ୍ୟମାଣଃ
ପ୍ରତ୍ୟଙ୍ ଜନାଂସ୍ତିଷ୍ଠତି ସର୍ବତୋମୁଖଃ ॥୧୬॥

ସର୍ବାଃ (ସମୁଦାୟ) **ପ୍ରଦିଶଃ ଅନୁ** (ପୂର୍ବାଦି ଓ ଈଶାନାଦି ଦିଗ ବ୍ୟାପୀ ଅବସ୍ଥିତ) **ଏଷଃ ହ ଦେବଃ** (ଏହି ପ୍ରକାଶରୂପୀ ପରମାତ୍ମା) **ପୂର୍ବଃ ହ** (ସର୍ବାଗ୍ରେ ହିରଣ୍ୟଗର୍ଭରୂପରେ) **ଜାତଃ** (ଅଭିବ୍ୟକ୍ତ ହୁଅନ୍ତି) **ସଃ ଉ** (ସେ ହିଁ) **ଗର୍ଭେ ଅନ୍ତଃ** (ବ୍ରହ୍ମାଣ୍ଡ ମଧ୍ୟରେ) [ବିରାଟ୍ ରୂପରେ ପ୍ରକାଶ ପାଆନ୍ତି]; **ସଃ ଏବ** (ସେ ହିଁ ପୁଣି) **ଜାତଃ** (ଶିଶୁରୂପରେ ଜାତ ହୋଇଛନ୍ତି); **ସଃ** (ସେ ହିଁ) **ଜନିଷ୍ୟମାଣଃ** (ଜାତ ହେବେ); [ସେ ହିଁ] **ଜନାନ୍** (ସର୍ବଜୀବଙ୍କର) **ପ୍ରତ୍ୟକ୍** (ଅଭ୍ୟନ୍ତରରେ) **ତିଷ୍ଠତି** (ଅବସ୍ଥାନ କରନ୍ତି) [ଏବଂ ଏଥିପାଇଁ ହିଁ] **ସର୍ବତଃ-ମୁଖଃ** (ସକଳ ପ୍ରାଣୀଙ୍କ ମୁଖ ତାଙ୍କରି ମୁଖ) । ୨/୧୬

ସର୍ବଦିଗବ୍ୟାପୀ (ଚୈତନ୍ୟରୂପୀ) ଏହି ପରମାତ୍ମା ହିଁ ସମସ୍ତଙ୍କ ପୂର୍ବରୁ (ହିରଣ୍ୟଗର୍ଭ ରୂପରେ) ଜାତ ହୁଅନ୍ତି, ସେ ହିଁ ବ୍ରହ୍ମାଣ୍ଡ ମଧ୍ୟରେ (ବିରାଟ୍ ରୂପରେ) ଅବସ୍ଥାନ କରନ୍ତି; ସେ ହିଁ ପୁଣି (ମନୁଷ୍ୟାଦିର) ଶିଶୁରୂପେ ଜାତ ହୋଇଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ହେବେ । ସେ ହିଁ ସର୍ବଜୀବର ଅନ୍ତର୍ଯ୍ୟାମୀ ହୋଇ ସର୍ବତୋମୁଖ ହୋଇଛନ୍ତି । ୨/୧୬

ୟୋ ଦେବୋ ଅଗ୍ନୌ ୟୋ ଅପ୍ସୁ
ୟୋ ବିଶ୍ୱଂ ଭୁବନମାବିବେଶ ।
ୟ ଓଷଧୀଷୁ ୟୋ ବନସ୍ପତିଷୁ
ତସ୍ମୈ ଦେବାୟ ନମୋ ନମଃ ॥୧୭॥

ଇତି ଶ୍ୱେତାଶ୍ୱତରୋପନିଷଦି ଦ୍ୱିତୀୟୋଽଧ୍ୟାୟଃ ॥

ୟଃ (ଯେଉଁ) **ଦେବଃ** (ସ୍ୱୟଂ ପ୍ରକାଶ ପରମାତ୍ମା) **ଅଗ୍ନୌ** (ଅଗ୍ନିରେ ଅବସ୍ଥିତ) **ୟଃ** (ଯିଏ) **ଅପ୍ସୁ** (ଜଳରେ ପ୍ରତିଷ୍ଠିତ) **ୟଃ** (ଯିଏ) **ଓଷଧୀଷୁ** (ଯିଏ ଶସ୍ୟାଦି ଔଷଧିରେ ଅବସ୍ଥିତ) **ୟଃ** (ଯିଏ) **ବନସ୍ପତିଷୁ** (ଯିଏ ଅଶ୍ୱତ୍ଥାଦି ବୃକ୍ଷରେ ଅଧିଷ୍ଠିତ) **ୟଃ** (ଯିଏ) **ବିଶ୍ୱମ୍ ଭୁବନମ୍** (ନିଖିଳ ଜଗତ୍‌ରେ) **ଆବିବେଶ** (ପ୍ରବେଶ

କରିଛନ୍ତି) **ତସ୍ମୈ** (ସେହି) **ଦେବାୟ** (ସ୍ୱୟଂପ୍ରକାଶଙ୍କୁ) **ନମଃ ନମଃ** (ବାରମ୍ବାର ନମସ୍କାର) । ୨/୧୭

ଯେଉଁ ସ୍ୱୟଂପ୍ରକାଶ ଦେବ ଅଗ୍ନିରେ ଅବସ୍ଥିତ, ଯିଏ ଜଳରେ ଅଧିଷ୍ଠିତ, ଯିଏ ଔଷଧିସମୂହରେ ପ୍ରତିଷ୍ଠିତ, ଯିଏ ବନସ୍ପତି ସମୂହରେ ବିରାଜିତ ଏବଂ ଯିଏ ନିଖିଳ ଜଗତ୍‌ରେ ଅନୁପ୍ରବିଷ୍ଟ, ସେହି ସ୍ୱୟଂପ୍ରକାଶଙ୍କୁ ବାରମ୍ବାର ନମସ୍କାର । ୨/୧୭ ।

॥ ଶ୍ୱେତାଶ୍ୱତରୋପନିଷଦ୍‌ର ଦ୍ୱିତୀୟ ଅଧ୍ୟାୟ ସମାପ୍ତ ॥

ତୃତୀୟ ଅଧ୍ୟାୟ

ୟ ଏକୋ ଜାଲବାନୀଶତ ଈଶନୀଭିଃ
ସର୍ବାଂଲ୍ଲୋକାନୀଶତ ଈଶନୀଭିଃ ।
ୟ ଏବୈକ ଉଦ୍ଭବେ ସମ୍ଭବେ ଚ
ୟ ଏତଦ୍ବିଦୁରମୃତାସ୍ତେ ଭବନ୍ତି ॥୧॥

ୟଃ (ଯେଉଁ) **ଏକଃ** (ଅଦ୍ୱିତୀୟ)—**ଜାଲବାନ୍** (ମାୟାବୀ) [ଗୀତା, ୭/୧୪, ଶ୍ୱେ, ୪/୧୦] **ଈଶନୀଭିଃ** (ନିଜର ଶକ୍ତିସମୂହ ପ୍ରଭାବରେ) **ଈଶତେ** (ଶାସନ କରନ୍ତି)—**ୟଃ** (ଯିଏ) **ଏକଃ ଏବ** (ଏକ ହୋଇ ମଧ୍ୟ) **ଉଦ୍ଭବେ** (ଐଶ୍ୱର୍ଯ୍ୟଲାଭ କାଳରେ) **ସମ୍ଭବେ ଚ** (ଏବଂ ଉତ୍ପତ୍ତିକାଳରେ) **ସର୍ବାନ୍** (ସମୁଦାୟ) **ଲୋକାନ୍** (ଲୋକସମୂହଙ୍କୁ) **ଈଶନୀଭିଃ** (ନିଜର ଶକ୍ତିପ୍ରଭାବରେ) **ଈଶତେ** (ଶାସନ କରନ୍ତି)—**ଏତତ୍** (ଏହି ତତ୍ତ୍ୱ) **ୟେ** (ଯେଉଁମାନେ) **ବିଦୁଃ** (ଜାଣନ୍ତି) **ତେ** (ସେମାନେ) **ଅମୃତାଃ** (ଅମର) **ଭବନ୍ତି** (ହୁଅନ୍ତି) । ୩/୧

ଯେଉଁ ଅଦ୍ୱିତୀୟ ମାୟାବୀ ନିଜର ଶକ୍ତିସମୂହ ଦ୍ୱାରା ଶାସନ କରନ୍ତି—ଯିଏ ଏକ ହୋଇ ମଧ୍ୟ ସମଗ୍ର ଲୋକକୁ (ସେମାନଙ୍କର) ଐଶ୍ୱର୍ଯ୍ୟଲାଭ କାଳରେ ଓ ଉତ୍ପତ୍ତିକାଳରେ ନିଜର ଶକ୍ତି ପ୍ରଭାବରେ ନିୟନ୍ତ୍ରିତ କରନ୍ତି—(ତାହାଙ୍କ) ଏହି ତତ୍ତ୍ୱ ଯେଉଁମାନେ ଜାଣନ୍ତି, ସେମାନେ ଅମର ହୁଅନ୍ତି । ୩/୧

ଏକୋ ହି ରୁଦ୍ରୋ ନ ଦ୍ୱିତୀୟାୟ ତସ୍ଥୁ-
ର୍ୟ ଇମାଁଲ୍ଲୋକାନୀଶତ ଈଶନୀଭିଃ ।
ପ୍ରତ୍ୟଙ୍ ଜନାଂସ୍ତିଷ୍ଠତି ସଞ୍ଚୁକୋପାନ୍ତକାଲେ
ସଂସୃଜ୍ୟ ବିଶ୍ୱା ଭୁବନାନି ଗୋପାଃ ॥୨॥

[ସେ ମାୟାବୀ] **ହି** (କାରଣ) **ରୁଦ୍ରଃ** (ସର୍ବସଂହାରୀ ପରମେଶ୍ୱର) **ଏକଃ** (ଏକ ହିଁ) [ବ୍ରହ୍ମବିଦ୍‌ଗଣ] **ଦ୍ୱିତୀୟାୟ** (ଦ୍ୱିତୀୟ କାହାରି ଆକାଂକ୍ଷାରେ) **ନ ତସ୍ଥୁଃ** (ଅବସ୍ଥାନ କରନ୍ତି ନାହିଁ)—[ଅର୍ଥାତ୍ ଅଦ୍ୱିତୀୟ ରୁଦ୍ର ବ୍ୟତୀତ ଅନ୍ୟ କାହାକୁ ମଧ୍ୟ ଦର୍ଶନ କରି ନାହାନ୍ତି]—**ୟଃ** (ଯେଉଁ ରୁଦ୍ର) **ଇମାନ୍ ଲୋକାନ୍** (ଏହି ସମୁଦାୟ

ଲୋକଙ୍କୁ) **ଈଶନୀଭିଃ** (ସ୍ୱଶକ୍ତିପ୍ରଭାବରେ) **ଈଶତେ** (ନିୟମିତ କରନ୍ତି) [ଯିଏ] **ଜନାନ୍ ପ୍ରତ୍ୟକ୍** (ପ୍ରତ୍ୟେକ ଜୀବର ଅନ୍ତର୍ଯ୍ୟାମୀ ରୂପରେ) **ତିଷ୍ଠତି** (ଅବସ୍ଥିତ ଅଛନ୍ତି) [ଯିଏ] **ବିଶ୍ୱା ଭୁବନାନି** (ନିଖିଳ ଭୁବନ) **ସଂସୃଜ୍ୟ** (ସୃଜନ କରି) **ଗୋପାଃ** (ଗୋପ୍ତା, ପାଳକ, ହୁଅନ୍ତି) [ଏବଂ ତା'ପରେ] **ଅନ୍ତକାଲେ** (ପ୍ରଳୟକାଳରେ) **ସଞ୍ଚୁକୋପ** (କୋପ, ଅର୍ଥାତ୍ ସଂହାର, କରନ୍ତି) । [ପାଠାନ୍ତର=**ସଞ୍ଚୁକୋଚ**=ପ୍ରଳୟକାଳରେ ନିଜଠାରେ ସଙ୍କୁଚିତ କରନ୍ତି] । ୩/୨

(ରୁଦ୍ର ହିଁ ପରମ ମାୟାବୀ; କାରଣ) ସେ ଅଦ୍ୱିତୀୟ—ବ୍ରହ୍ମବିଦ୍‌ଗଣ ଦ୍ୱିତୀୟ କାହାରି ଆକାଂକ୍ଷାରେ ନ ଥିଲେ । ସେହି ରୁଦ୍ର ହିଁ ଏହି ସମୁଦାୟ ଲୋକଙ୍କୁ ନିଜ ଶକ୍ତି ଦ୍ୱାରା ନିୟମିତ କରନ୍ତି । ସେ ପ୍ରତ୍ୟେକ ଜୀବର ଅନ୍ତର୍ଯ୍ୟାମୀ ରୂପେ ଅବସ୍ଥିତ ଅଛନ୍ତି । ସେ ନିଖିଳ ବିଶ୍ୱ ସୃଷ୍ଟି କରି ତାହାର ପାଳକ ହୁଅନ୍ତି ଏବଂ ପ୍ରଳୟକାଳରେ ତାହାର ସଂହାର କରନ୍ତି । ୩/୨

ବିଶ୍ୱତଶ୍ଚକ୍ଷୁରୁତ ବିଶ୍ୱତୋମୁଖୋ
ବିଶ୍ୱତୋବାହୁରୁତ ବିଶ୍ୱତସ୍ପାତ୍ ।
ସଂ ବାହୁଭ୍ୟାଂ ଧମତି ସଂ ପତତ୍ରୈ-
ର୍ଦ୍ୟାବାଭୂମୀ ଜନୟନ୍ ଦେବ ଏକଃ ॥୩॥

ବିଶ୍ୱତଃ-ଚକ୍ଷୁ (ଯେତେ ଚକ୍ଷୁ, ସବୁ ତାଙ୍କର ହିଁ) **ଉତ** (ଏବଂ) **ବିଶ୍ୱତଃ-ମୁଖଃ, ବିଶ୍ୱତଃ-ବାହୁଃ, ଉତ ବିଶ୍ୱତଃ-ପାତ୍** (ଯେତେ ମୁଖ, ବାହୁ ଓ ପାଦ ଅଛି, ତାହା ତାଙ୍କର) । [ସେ] **ବାହୁଭ୍ୟାମ୍** (ବାହୁଦ୍ୱୟ ସହିତ) **ସଂଧମତି** (ମନୁଷ୍ୟ ଆଦିଙ୍କୁ ସଂଯୁକ୍ତ କରନ୍ତି) **ପତତ୍ରୈଃ** (ପତନରୁ ଯାହା ତ୍ରାଣ କରେ ସେହି ପକ୍ଷ ଓ ଚରଣ ସହିତ ପକ୍ଷୀ ଓ ମନୁଷ୍ୟାଦିଙ୍କୁ) **ସଂ** [ଧମତି] (ସଂଯୁକ୍ତ କରନ୍ତି) । **ଦ୍ୟାବାଭୂମୀ** (ଦ୍ୟୁଲୋକ ଓ ଭୂଲୋକ, ଅର୍ଥାତ୍ ବ୍ରହ୍ମାଣ୍ଡ) **ଜନୟନ୍** (ସୃଷ୍ଟି କରି) **ଦେବଃ ଏକଃ** (ସେ ତାହାର ଅଦ୍ୱିତୀୟ ପ୍ରକାଶକରୂପରେ ବିରାଜିତ) । ୩/୩

ଯେତେ ଚକ୍ଷୁ, ଯେତେ ମୁଖ, ଯେତେ ବାହୁ, ଯେତେ ଚରଣ ଅଛି, ତାହା ତାଙ୍କରି । ସେ ହିଁ ମନୁଷ୍ୟାଦିଙ୍କୁ ବାହୁସଂଯୁକ୍ତ କରନ୍ତି ଏବଂ ମନୁଷ୍ୟ ଓ ପକ୍ଷୀ ଆଦିଙ୍କୁ ଚରଣ ଓ ପକ୍ଷସଂଯୁକ୍ତ କରନ୍ତି । ଭୂଲୋକ ଓ ଦ୍ୟୁଲୋକ ସୃଷ୍ଟି କରି ସେ ହିଁ ତାହାର ଅଦ୍ୱିତୀୟ ପ୍ରକାଶକରୂପେ ବିରାଜିତ ରହିଛନ୍ତି । ୩/୩

ୟୋ ଦେବାନାଂ ପ୍ରଭବଶ୍ଚୋଦ୍ଭବଶ୍ଚ
ବିଶ୍ୱାଧିପୋ ରୁଦ୍ରୋ ମହର୍ଷିଃ ।
ହିରଣ୍ୟଗର୍ଭଂ ଜନୟାମାସ ପୂର୍ବମ୍
ସ ନୋ ବୁଦ୍ଧ୍ୟା ଶୁଭୟା ସଂଯୁନକ୍ତୁ ॥୪॥

ଦେବାନାମ୍ (ଦେବଗଣଙ୍କର) **ପ୍ରଭବଃ ଚ** (ଉତ୍ପତ୍ତିର ହେତୁ) **ଉଦ୍ଭବଃ ଚ** (ଏବଂ ବିଭୂତି ଲାଭର କାରଣ) **ବିଶ୍ୱ-ଅଧିପଃ** (ବିଶ୍ୱର ପାଳୟିତା) **ମହା-ଋଷିଃ** (ସର୍ବଜ୍ଞ) **ୟଃ** (ଯେଉଁ) **ରୁଦ୍ରଃ** (ରୁଦ୍ର) **ପୂର୍ବମ୍** (ସୃଷ୍ଟିର ଆଦିରେ) **ହିରଣ୍ୟଗର୍ଭମ୍** ([ହିତକର ଓ ରମଣୀୟ, ଅର୍ଥାତ୍ ଅତ୍ୟୁଜ୍ଜ୍ୱଳ, ଜ୍ଞାନ ହିଁ ଗର୍ଭ ବା ସାର ଯାହାଙ୍କର, ସେହି] ହିରଣ୍ୟଗର୍ଭଙ୍କୁ) **ଜନୟାମାସ** (ସୃଷ୍ଟି କରିଥିଲେ) **ସଃ** (ସେହି ରୁଦ୍ର) **ନଃ** (ଆମମାନଙ୍କୁ) **ଶୁଭୟା** (ମଙ୍ଗଳମୟ) **ବୁଦ୍ଧ୍ୟା** (ବୁଦ୍ଧି ସହିତ) **ସଂଯୁନକ୍ତୁ** (ସଂଯୁକ୍ତ କରନ୍ତୁ) । ୩/୪

ଦେବଗଣଙ୍କର ଉତ୍ପତ୍ତିସ୍ଥଳ ଓ ଐଶ୍ୱର୍ଯ୍ୟବିଧାତା ଏବଂ ବିଶ୍ୱପାଳକ ଯେଉଁ ସର୍ବଜ୍ଞ ରୁଦ୍ର ଜଗତ୍‌ର ସୃଷ୍ଟି ପୂର୍ବରୁ ହିରଣ୍ୟଗର୍ଭଙ୍କୁ ଜନ୍ମ ଦେଇଥିଲେ, ସେ ଆମମାନଙ୍କୁ ଶୁଭବୁଦ୍ଧିଯୁକ୍ତ କରନ୍ତୁ । ୩/୪

ୟା ତେ ରୁଦ୍ର ଶିବା ତନୂରଘୋରାଽପାପକାଶିନୀ ।
ତୟା ନସ୍ତନୁବା ଶନ୍ତମୟା ଗିରିଶନ୍ତାଭିଚାକଶୀହି ॥୫॥

[ହେ] **ରୁଦ୍ର** (ରୁଦ୍ର) **ଗିରିଶନ୍ତ** (ଗିରିରେ ଅର୍ଥାତ୍ ଦେହରେ ଅବସ୍ଥାନପୂର୍ବକ ସୁଖବିଧାନକାରୀ) **ତେ** (ତୁମର) **ୟା** (ଯାହା) **ଶିବା** (ମଙ୍ଗଳମୟ, ଅବିଦ୍ୟାତୀତ ଶୁଦ୍ଧ) **ଅଘୋର** (ଆନନ୍ଦପ୍ରଦ) **ଅପାପ-କାଶିନୀ** (ପୁଣ୍ୟାଭିବ୍ୟଞ୍ଜକ) **ତନୂଃ** (=**ତନୁଃ**, ଶରୀର) **ତୟା** (ସେହି) **ଶନ୍ତମୟା** (ପୂର୍ଣ୍ଣାନନ୍ଦରୂପ) **ତନୁବା** (=**ତନ୍ୱା**, ଶରୀର ଦ୍ୱାରା) **ନଃ** (ଆମମାନଙ୍କୁ) **ଅଭିଚାକଶୀହି** (ନିରୀକ୍ଷଣ କର, ଶ୍ରେୟୋଯୁକ୍ତ କର) । ୩/୫

ହେ ରୁଦ୍ର, ହେ ଗିରିଶନ୍ତ, ତୁମର ଯାହା ମଙ୍ଗଳମୟ, ଆନନ୍ଦପ୍ରଦ ଓ ପୁଣ୍ୟାଭିବ୍ୟଞ୍ଜକ ତନୁ, ସେହି ପୂର୍ଣ୍ଣାନନ୍ଦରୂପ ଶରୀର ଦ୍ୱାରା ଆମମାନଙ୍କର ମଙ୍ଗଳ କର । ୩/୫

ୟାମିଷୁଂ ଗିରିଶନ୍ତ ହସ୍ତେ ବିଭର୍ଷ୍ୟସ୍ତବେ ।
ଶିବାଂ ଗିରିତ୍ର ତାଂ କୁରୁ ମା ହିଂସୀଃ ପୁରୁଷଂ ଜଗତ୍ ॥୬॥

[ହେ] **ଗିରିଶନ୍ତ** (ଦେହରେ ଅବସ୍ଥାନପୂର୍ବକ ସୁଖବିଧାନକାରୀ) **ଗିରିତ୍ର** (ଦେହରେ ଅବସ୍ଥାନପୂର୍ବକ ସ୍ୱଭକ୍ତଙ୍କ ତ୍ରାତା) [ତୁମେ] **ଅସ୍ତବେ** (ନିକ୍ଷେପ କରିବା ପାଇଁ) **ୟାମ୍** (ଯେଉଁ) **ଇଷୁମ୍** (ତୀର) **ହସ୍ତେ** (ହାତରେ) **ବିଭର୍ଷି** (ଧାରଣ କରିଅଛ) **ତାମ୍** (ସେହି ତୀରକୁ) **ଶିବାମ୍** (ମଙ୍ଗଳମୟ) **କୁରୁ** (କର) । **ପୁରୁଷମ୍** (ଆମର କୌଣସି ଲୋକଙ୍କୁ) **ଜଗତ୍** (ଏବଂ ବିଶ୍ୱକୁ) **ମା ହିଂସୀଃ** (ହିଂସା କର ନାହିଁ) [ଅଥବା—ଜଗତ୍‌ରୂପୀ (ଶ୍ୱେ., ୩/୧୪) ଈଶ୍ୱରଙ୍କୁ ଆମ ନିକଟରେ ଆବୃତ କର ନାହିଁ] । ୩/୬

ହେ ଗିରିଶନ୍ତ, ହେ ଗିରିତ୍ର, ତୁମେ ନିକ୍ଷେପ କରିବା ପାଇଁ ଯେଉଁ ତୀର ହସ୍ତରେ ନେଇଛ, ତାହାକୁ ମଙ୍ଗଳମୟ କର । ଆମ ପରିବାରକୁ ଏବଂ ଏହି ଜଗତ୍‌କୁ ହିଂସା କର ନାହିଁ । ୩/୬

ତତଃ ପରଂ ବ୍ରହ୍ମପରଂ ବୃହନ୍ତଂ
ୟଥାନିକାୟଂ ସର୍ବଭୂତେଷୁ ଗୂଢମ୍ ।
ବିଶ୍ୱସୈ୍ୟକଂ ପରିବେଷ୍ଟିତାରମ୍
ଈଶଂ ତଂ ଜ୍ଞାତ୍ୱାଽମୃତା ଭବନ୍ତି ॥୭॥

ତତଃ (ଆତ୍ମାସହିତ ସମ୍ବନ୍ଧଯୁକ୍ତ ଜଗତ୍‌ଠାରୁ, ଅଥବା ଜଗତ୍‌ରୂପୀ ବିରାଟ୍‌ଠାରୁ) **ପରମ୍** (ଶ୍ରେଷ୍ଠ, ଅର୍ଥାତ୍ ବ୍ୟାପକ) **ବ୍ରହ୍ମପରମ୍** (ହିରଣ୍ୟଗର୍ଭଠାରୁ ମଧ୍ୟ ଶ୍ରେଷ୍ଠ) **ବୃହନ୍ତମ୍** (ମହତ୍, ବ୍ୟାପୀ) **ୟଥା-ନିକାୟମ୍** (ବିଭିନ୍ନ ଶରୀରାନୁସାରେ) **ସର୍ବଭୂତେଷୁ** (ସର୍ବଭୂତଙ୍କ ଅନ୍ତରରେ) **ଗୂଢମ୍** (ପ୍ରଚ୍ଛନ୍ନ ଭାବେ ଅବସ୍ଥିତ) **ବିଶ୍ୱସ୍ୟ** (ଜଗତ୍‌ର) **ଏକମ୍** (ଅଦ୍ୱିତୀୟ) **ପରିବେଷ୍ଟିତାରମ୍** (ପରିବେଷ୍ଟକ) **ତମ୍** (ସେହି ପ୍ରସିଦ୍ଧ) **ଈଶମ୍** (ପରମେଶ୍ୱରଙ୍କୁ) **ଜ୍ଞାତ୍ୱା** (ଅବଗତ ହୋଇ) [ଜୀବଗଣ] **ଅମୃତାଃ** (ଅମର) **ଭବନ୍ତି** (ହୋଇଥାଆନ୍ତି) । ୩/୭

ଜଗଦାତ୍ମକ ବିରାଟ୍‌ରୁ ଶ୍ରେଷ୍ଠ, ହିରଣ୍ୟଗର୍ଭାପେକ୍ଷା ମଧ୍ୟ ଉତ୍କୃଷ୍ଟ, ବୃହତ୍, ସର୍ବଭୂତର ବିଭିନ୍ନ ଶରୀରରେ ନିଗୂଢ଼ଭାବେ ଅବସ୍ଥିତ, ଏବଂ ଜଗତ୍‌ର ଅଦ୍ୱିତୀୟ

ପରିବେଷ୍ଟନକାରୀ ସେହି ପରମେଶ୍ୱରଙ୍କୁ ଅବଗତ ହେଲେ ଜୀବଗଣ ଅମର ହୋଇଥାଆନ୍ତି । ୩/୭

ବେଦାହମେତଂ ପୁରୁଷଂ ମହାନ୍ତ-
ମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ।
ତମେବ ବିଦିତ୍ୱାତି ମୃତ୍ୟୁମେତି
ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ॥୮॥

ଆଦିତ୍ୟ-ବର୍ଣ୍ଣମ୍ (ସୂର୍ଯ୍ୟ ସଦୃଶ ପ୍ରକାଶସ୍ୱରୂପ) **ତମସଃ** (ଅଜ୍ଞାନାନ୍ଧକାରର) **ପରସ୍ତାତ୍** (ପରବର୍ତ୍ତୀ, ଅତୀତ) **ଏତମ୍** (ଏହି) **ମହାନ୍ତମ୍** (ସର୍ବବ୍ୟାପୀ) **ପୁରୁଷମ୍** (ପରିପୂର୍ଣ୍ଣସ୍ୱରୂପଙ୍କୁ) **ଅହମ୍** (ମୁଁ) **ବେଦ** (ଜାଣେ) । **ତମ୍** (ତାହାଙ୍କୁ) **ବିଦିତ୍ୱା ଏବ** (ଜାଣି ହିଁ) [ମନୁଷ୍ୟ] **ମୃତ୍ୟୁମ୍** (ମୃତ୍ୟୁକୁ) **ଅତି-ଏତି** (ଅତିକ୍ରମ କରିପାରେ) [କାରଣ] **ଅୟନାୟ** (ପରମାର୍ଥ ଲାଭ ସକାଶେ) **ଅନ୍ୟଃ** (ଏତଦ୍‌ଭିନ୍ନ ଅନ୍ୟ) **ପନ୍ଥା** (ଉପାୟ) **ନ ବିଦ୍ୟତେ** (ନାହିଁ) । ୩/୮

ସ୍ୱପ୍ରକାଶ ଓ ଅଜ୍ଞାନର ଅତୀତ ଏହି ସର୍ବବ୍ୟାପୀ ପୁରୁଷଙ୍କୁ ମୁଁ ଜାଣେ । ତାହାଙ୍କୁ ଜାଣିଲେ ହିଁ (ମନୁଷ୍ୟ) ମୃତ୍ୟୁକୁ ଅତିକ୍ରମ କରିପାରେ; କାରଣ ପରମାର୍ଥଲାଭର ଆଉ କୌଣସି ଉପାୟ ନାହିଁ । ୩/୮

ୟସ୍ମାତ୍ ପରଂ ନାପରମସ୍ତି କିଞ୍ଚିଦ୍
ୟସ୍ମାନ୍ନାଣୀୟୋ ନ ଜ୍ୟାୟୋଽସ୍ତି କଶ୍ଚିତ୍ ।
ବୃକ୍ଷ ଇବ ସ୍ତବ୍ଧୋ ଦିବି ତିଷ୍ଠତ୍ୟେକ-
ସ୍ତେନେଦଂ ପୂର୍ଣ୍ଣଂ ପୁରୁଷେଣ ସର୍ବମ୍ ॥୯॥

ୟସ୍ମାତ୍ (ଯେଉଁ ପୁରୁଷଙ୍କଠାରୁ) **ପରମ୍** (ଉତ୍କୃଷ୍ଟ) **ଅପରମ୍** (ଅନ୍ୟ ବା ଅପକୃଷ୍ଟ) **କିମ୍-ଚିତ୍** (କିଛି ହିଁ) **ନ ଅସ୍ତି** (ନାହିଁ) **ୟସ୍ମାତ୍** (ଯାହାଙ୍କଠାରୁ) **ଅଣୀୟଃ** (ଅଣୁତର) **ନ** (ନାହିଁ) **ଜ୍ୟାୟଃ** (ମହତ୍ତର) **କଃ ଚିତ୍** (କେହି ହିଁ) **ନ ଅସ୍ତି** (ନାହିଁ) **ବୃକ୍ଷଃ ଇବ** (ବୃକ୍ଷ ସଦୃଶ) **ସ୍ତବ୍ଧଃ** (ନିଶ୍ଚଳରୂପେ) **ଏକଃ** (ଯେଉଁ ଅଦ୍ୱିତୀୟ ପରମାତ୍ମା) **ଦିବି** (ପ୍ରକାଶାତ୍ମକ ନିଜ ମହିମାରେ) **ତିଷ୍ଠତି** (ବିରାଜିତ ଅଛନ୍ତି) **ତେନ** (ସେହି) **ପୁରୁଷେଣ** (ପୁରୁଷଙ୍କ ଦ୍ୱାରା) **ଇଦମ୍** (ଏହି) **ସର୍ବମ୍** (ସମସ୍ତ ଜଗତ୍) **ପୂର୍ଣ୍ଣମ୍** (ପରିବ୍ୟାପ୍ତ) । ୩/୯

ଯାହାଙ୍କଠାରୁ ଉତ୍କୃଷ୍ଟ ବା ଅପକୃଷ୍ଟ ଅନ୍ୟ କିଛି ନାହିଁ, ଯାହାଙ୍କଠାରୁ ଅଣୁତର ବା ମହତ୍ତର କେହି ନାହାନ୍ତି, ଯେଉଁ ଅଦ୍ୱିତୀୟ ପରମାତ୍ମା ବୃକ୍ଷ ସଦୃଶ ନିଶ୍ଚଳଭାବରେ ନିଜ ପ୍ରକାଶାତ୍ମକ ମହିମାରେ ବିରାଜିତ, ସେହି ପୁରୁଷଙ୍କ ଦ୍ୱାରା ଏହି ସମସ୍ତ ଜଗତ୍ ପରିବ୍ୟାପ୍ତ । ୩/୯

ତତୋ ୟଦୁତ୍ତରତରଂ ତଦରୂପମନାମୟମ୍ ।
ୟ ଏତଦ୍ବିଦୁରମୃତାସ୍ତେ ଭବନ୍ତ୍ୟ-
ଥେତରେ ଦୁଃଖମେବାପିୟନ୍ତି ॥୧୦॥

ତତଃ (ଇଦଂ-ପଦବାଚ୍ୟ ଜଗତ୍‌ରୁ) **ୟତ୍** (ଯେଉଁ ବ୍ରହ୍ମ) **ଉତ୍ତରତରମ୍** (ଅଧିକତର ଉତ୍ତରବର୍ତ୍ତୀ) [ଅର୍ଥାତ୍ ଯିଏ ଜଗତ୍‌ର କାରଣରୁ ମଧ୍ୟ ଊର୍ଦ୍ଧ୍ୱରେ ବା କାର୍ଯ୍ୟକାରଣବିନିର୍ମୁକ୍ତ], **ତତ୍** (ସେ) **ଅରୂପମ୍** (ରୂପହୀନ) **ଅନାମୟମ୍** (ଆଧ୍ୟାତ୍ମିକାଦି-ତାପତ୍ରୟଶୂନ୍ୟ)—**ୟେ** (ଯେଉଁମାନେ) **ଏତତ୍** (ଏହା) **ବିଦୁଃ** (ଜାଣନ୍ତି) **ତେ** (ସେମାନେ) **ଅମୃତାଃ** (ଅମର) **ଭବନ୍ତି** (ହୁଅନ୍ତି); **ଅଥ** (ଅନ୍ୟ ପକ୍ଷରେ) **ଇତରେ** (ଅନ୍ୟମାନେ, ଅଜ୍ଞାନୀମାନେ) **ଦୁଃଖମ୍ ଏବ** (ଦୁଃଖକୁ ହିଁ) **ଅପିୟନ୍ତି** (ପ୍ରାପ୍ତ ହୁଅନ୍ତି) । ୩/୧୦

ଏହି ଜଗତ୍‌ର କାରଣଠାରୁ ଯିଏ ଊର୍ଦ୍ଧ୍ୱରେ, ସେ ଅରୂପ ଏବଂ ନିରାମୟ । ଯେଉଁମାନେ ଏହା ଜାଣନ୍ତି, ସେମାନେ ଅମର ହୁଅନ୍ତି; କିନ୍ତୁ ଯେଉଁମାନେ ଜାଣନ୍ତି ନାହିଁ, ସେମାନେ ଦୁଃଖରେ ହିଁ ଅଭିଭୂତ ହୋଇଥାଆନ୍ତି । ୩/୧୦

ସର୍ବାନନଶିରୋଗ୍ରୀବଃ ସର୍ବଭୂତଗୁହାଶୟଃ ।
ସର୍ବବ୍ୟାପୀ ସ ଭଗବାଂସ୍ତସ୍ମାତ୍ ସର୍ବଗତଃ ଶିବଃ ॥୧୧॥

ସର୍ବ-ଆନନ-ଶିରଃ-ଗ୍ରୀବଃ (ସର୍ବପ୍ରାଣୀଙ୍କର ମୁଖ, ମସ୍ତକ ଓ ଗ୍ରୀବା ତାଙ୍କର ହିଁ) **ସର୍ବ-ଭୂତ-ଗୁହା-ଶୟଃ** (ସେ ସର୍ବଜୀବଙ୍କ ବୁଦ୍ଧିରେ ଅବସ୍ଥିତ) **ସର୍ବବ୍ୟାପୀ** (ସେ ସର୍ବବ୍ୟାପୀ) **ସଃ** (ସେ) **ଭଗବାନ୍** (ଷଡ଼ୈଶ୍ୱର୍ଯ୍ୟଶାଳୀ)—**ତସ୍ମାତ୍** (ସେଥିପାଇଁ) **ସର୍ବଗତଃ** ([ସେ] ସର୍ବତ୍ର ବିଦ୍ୟମାନ) [ଏବଂ] **ଶିବଃ** (ମଙ୍ଗଳସ୍ୱରୂପ) । ୩/୧୧

ଯେହେତୁ ସମସ୍ତ ମୁଖ, ମସ୍ତକ ଓ ଗ୍ରୀବା ତାହାଙ୍କର ହିଁ ଏବଂ ସେ ହିଁ ସକଳ ପ୍ରାଣୀଙ୍କ ହୃଦୟରେ ଅବସ୍ଥିତ ସର୍ବବ୍ୟାପୀ ଓ ଷଡ଼ୈଶ୍ୱର୍ଯ୍ୟଶାଳୀ, ଅତଏବ ସେ ହିଁ ସର୍ବତ୍ର ବିଦ୍ୟମାନ ଓ ମଙ୍ଗଳସ୍ୱରୂପ । ୩/୧୧

ମହାନ୍ ପ୍ରଭୁର୍ବୈ ପୁରୁଷଃ ସତ୍ତ୍ୱସ୍ୟୈଷ ପ୍ରବର୍ତକଃ ।
ସୁନିର୍ମଲାମିମାଂ ପ୍ରାପ୍ତିମୀଶାନୋ ଜ୍ୟୋତିରବ୍ୟୟଃ ॥୧୨॥

ଏଷଃ (ଇଏ, ଏହି ପରମେଶ୍ୱର) **ମହାନ୍** (ମହାନ୍) **ପ୍ରଭୁଃ ବୈ** (ସୃଷ୍ଟି-ସ୍ଥିତି-ପ୍ରଳୟ କାର୍ଯ୍ୟରେ ଅବଶ୍ୟ ହିଁ ସମର୍ଥ) **ପୁରୁଷଃ** (ହୃଦୟଶାୟୀ) **ଇମାମ୍ ସୁନିର୍ମଲାମ୍** (ଏହି ବିଶୁଦ୍ଧ ପରମପଦ) **ପ୍ରାପ୍ତିମ୍** (ଲାଭ ପ୍ରତି) **ସତ୍ତ୍ୱସ୍ୟ** (ଅନ୍ତଃକରଣର) **ପ୍ରବର୍ତକଃ** (ପ୍ରେରୟିତା) **ଈଶାନଃ** (ଈଶ୍ୱର) **ଜ୍ୟୋତିଃ** (ବିଜ୍ଞାନସ୍ୱରୂପ) **ଅବ୍ୟୟଃ** (ଅବିନାଶୀ) । ୩/୧୨

ଏହି ପରମେଶ୍ୱର ଅବଶ୍ୟ ହିଁ ମହାନ୍, ସାମର୍ଥ୍ୟଶାଳୀ, ହୃଦୟଶାୟୀ, ପରମପଦପ୍ରାପ୍ତି ପାଇଁ ଅନ୍ତଃକରଣର ପ୍ରେରୟିତା, ସର୍ବାଧୀଶ, ବିଜ୍ଞାନପ୍ରକାଶ-ସ୍ୱରୂପ ଏବଂ ଅବିନାଶୀ । ୩/୧୨

ଅଙ୍ଗୁଷ୍ଠମାତ୍ରଃ ପୁରୁଷୋଽନ୍ତରାତ୍ମା
ସଦା ଜନାନାଂ ହୃଦୟେ ସନ୍ନିବିଷ୍ଟଃ
ହୃଦା ମନ୍ୱୀଶୋ ମନସାଭିକ୍ଲୃପ୍ତୋ
ୟ ଏତଦ୍ବିଦୁରମୃତାସ୍ତେ ଭବନ୍ତି ॥୧୩॥

[ଯିଏ] **ଅଙ୍ଗୁଷ୍ଠମାତ୍ରଃ** (ଅଙ୍ଗୁଷ୍ଠପରିମାଣ ହୃଦୟପଦ୍ମାକାଶରେ ଉପଲବ୍ଧ) **ପୁରୁଷଃ** (ହୃଦୟପୁରଶାୟୀ ବା ପରିପୂର୍ଣ୍ଣସ୍ୱରୂପ) **ଅନ୍ତଃ-ଆତ୍ମା** (ସମସ୍ତଙ୍କର ଅଭ୍ୟନ୍ତରରେ ଆତ୍ମରୂପରେ ଅବସ୍ଥିତ) **ସଦା** (ସର୍ବଦା) **ଜନାନାମ୍** (ପ୍ରାଣୀଗଣଙ୍କ) **ହୃଦୟରେ** (ହୃଦୟରେ) **ସନ୍ନିବିଷ୍ଟଃ** (ସମ୍ୟକ୍ ପ୍ରତିଷ୍ଠିତ) **ମନ୍ୱୀଶଃ** (ସେହି ଜ୍ଞାନାଧୀଶ) **ମନସା** (ମନନ ଦ୍ୱାରା; ଅର୍ଥାତ୍ ଏହି ଦେହେନ୍ଦ୍ରିୟ-ସଂଘାତମଧ୍ୟରେ ଯେଉଁ ଅଂଶ ଦୃଶ୍ୟ ତାହା ଆତ୍ମା ନୁହେ, କିନ୍ତୁ ଯେଉଁ ଅଂଶ ଦ୍ରଷ୍ଟା ସେହି ଆତ୍ମା—ଏହି ପ୍ରକାର ବିଚାର ଦ୍ୱାରା) **ଅଭିକ୍ଲୃପ୍ତଃ** (ସମର୍ଥୀତ, ପ୍ରକାଶିତ) [ହୋଇ] **ହୃଦା** (ମୁଁ ବ୍ରହ୍ମ—ଏହିପ୍ରକାର ବିଷୟଶୂନ୍ୟ ଯେଉଁ ବୁଦ୍ଧିବୃତ୍ତି ବ୍ରହ୍ମଙ୍କ ଅଭିବ୍ୟଞ୍ଜକ, ତଦ୍ଦ୍ୱାରା) [ଜ୍ଞାତ ହୁଅନ୍ତି] । **ୟେ** (ଯେଉଁମାନେ) **ଏତତ୍** (ଏହି ତତ୍ତ୍ୱ) **ବିଦୁଃ** (ଜାଣନ୍ତି) **ତେ** (ସେମାନେ) **ଅମୃତାଃ** (ଅମର) **ଭବନ୍ତି** (ହୁଅନ୍ତି)—[କ., ୨/୩/୯ ଓ ୨/୩/୧୭] । ୩/୧୩

ଯିଏ ଅଙ୍ଗୁଷ୍ଠପରିମାଣ ଅଥଚ ପରିପୂର୍ଣ୍ଣସ୍ୱରୂପ ଏବଂ ଯିଏ ଅନ୍ତରାତ୍ମାରୂପରେ ସର୍ବଦା ପ୍ରାଣୀଗଣଙ୍କ ହୃଦୟରେ ପ୍ରତିଷ୍ଠିତ ଅଛନ୍ତି, ସେହି ଜ୍ଞାନାଧୀଶ ମନନ ଦ୍ୱାରା ସମର୍ଥିତ ହୋଇ ପରେ ଅଖଣ୍ଡାକାରା ବୁଦ୍ଧିବୃତ୍ତି ଦ୍ୱାରା ପ୍ରକାଶିତ ହୁଅନ୍ତି[1] । ଯେଉଁମାନେ ଏହି ତତ୍ତ୍ୱ ଜାଣନ୍ତି, ସେମାନେ ଅମର ହୁଅନ୍ତି । ୩/୧୩

ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।
ସ ଭୂମିଂ ବିଶ୍ୱତୋ ବୃତ୍ୱାଽତ୍ୟତିଷ୍ଠଦ୍ଦଶାଙ୍ଗୁଲମ୍ ॥୧୪॥

ପୁରୁଷଃ (ପୁରୁଷ) **ସହସ୍ର-ଶୀର୍ଷା** (ଅସଂଖ୍ୟ-ମସ୍ତକ-ବିଶିଷ୍ଟ) **ସହସ୍ର-ଅକ୍ଷଃ** (ଅସଂଖ୍ୟ ନୟନଶାଳୀ) ସହସ୍ର-ପାତ୍ (ଅସଂଖ୍ୟ-ଚରଣଯୁକ୍ତ); **ସଃ** (ସେ) **ଭୂମିମ୍** (ଭୁବନକୁ) **ବିଶ୍ୱତଃ** (ସର୍ବତୋଭାବରେ) **ବୃତ୍ୱା** (ପରିବ୍ୟାପ୍ତ କରି) **ଦଶାଙ୍ଗୁଲମ୍ ଅତି-ଅତିଷ୍ଠତ୍** (ଜଗତ୍‌କୁ ଅତିକ୍ରମ କରି ଅସୀମସ୍ୱରୂପରେ, ଅଥବା ଜଗତ୍‌କୁ ଅତିକ୍ରମ କରି ନାଭିର ଦଶାଙ୍ଗୁଳ ଊର୍ଦ୍ଧ୍ୱରେ ହୃଦୟପଦ୍ମ ମଧ୍ୟରେ, ପ୍ରତିଷ୍ଠିତ ଅଛନ୍ତି—[ଛା., ୩/୧୨/୬; ଗୀତା, ୧୦/୪୨]) । ୩/୧୪

ସେହି ପୂର୍ଣ୍ଣସ୍ୱରୂପଙ୍କ ଅନନ୍ତ ମସ୍ତକ, ଅନନ୍ତ ନୟନ, ଅନନ୍ତ ଚରଣ; ସେ ଭୁବନକୁ ସର୍ବତୋଭାବରେ ପରିବ୍ୟାପ୍ତ କରି ମଧ୍ୟ ନାଭିର ଦଶ ଆଙ୍ଗୁଳି ଊର୍ଦ୍ଧ୍ୱରେ ହୃଦୟ ମଧ୍ୟରେ ଅବସ୍ଥିତ ଅଛନ୍ତି । ଅଥବା ଜଗତ୍‌କୁ ଅତିକ୍ରମ କରି ଅସୀମ ସ୍ୱରୂପରେ ବିଦ୍ୟମାନ ଅଛନ୍ତି । ୩/୧୪

ପୁରୁଷ ଏବେଦଂ ସର୍ବଂ ଯଦ୍‌ଭୂତଂ ଯଚ୍ଚ ଭବ୍ୟମ୍ ।
ଉତାମୃତତ୍ୱସ୍ୟେଶାନୋ ଯଦନ୍ନେନାତିରୋହତି ॥୧୫॥

ଇଦମ୍ (ଯାହା କିଛି ବର୍ତ୍ତମାନ) **ଯତ୍ ଭୂତମ୍** (ଯାହା ଅତୀତ) **ଯତ୍ ଚ** (ଏବଂ ଯାହା) **ଭବ୍ୟମ୍** (ଭାବୀ)—**ସର୍ବମ୍** (ସେ ସମସ୍ତ) **ପୁରୁଷଃ ଏବ** (ପୁରୁଷ ହିଁ) [ମୁ., ୨/୧/୧୦] । **ଉତ** (ଅଧିକନ୍ତୁ) [ସେ] **ଅମୃତତ୍ୱସ୍ୟ** (ଅମରତ୍ୱର, ମୁକ୍ତିର) **ଈଶାନଃ** (ବିଧାତା) **ଯତ୍** (ଯାହା) **ଅନ୍ନେନ** (ଅନ୍ନ ଦ୍ୱାରା) **ଅତିରୋହତି** (ଜୀବିତ ରହେ) [ତାହାର ମଧ୍ୟ ବିଧାତା] । ୩/୧୫

---

1. ପ୍ରଥମେ ବିଚାର ସହାୟରେ ସଂଶୟାଦି ବିଦୂରିତ ହୋଇ ଉପନିଷଦ୍‌ବେଦ୍ୟ ଆତ୍ମା ସମ୍ବନ୍ଧରେ ସ୍ଥିର ନିଶ୍ଚୟ ହୁଏ; ଏବଂ ତା'ପରେ ଶୁଦ୍ଧବୁଦ୍ଧିରେ ବ୍ରହ୍ମାକାରା ବୃତ୍ତିର ଉଦୟ ହୋଇ ଅବିଦ୍ୟା ଇତ୍ୟାଦି ବିନଷ୍ଟ ହୁଏ ।

ଯାହା କିଛି ବର୍ତ୍ତମାନ, ଯାହା ଅତୀତ ଏବଂ ଯାହା ଭବିଷ୍ୟତ, ସେ ସମସ୍ତ ହିଁ ପୁରୁଷ । ସେ ମୁକ୍ତିର ବିଧାତା ଏବଂ ଯାହା କିଛି ଅନ୍ନାବଲମ୍ବନରେ ଜୀବନ ଧାରଣ କରେ, ତାହାର ମଧ୍ୟ ବିଧାତା । ୩/୧୫

ସର୍ବତଃ ପାଣିପାଦଂ ତତ୍ ସର୍ବତୋଽକ୍ଷିଶିରୋମୁଖମ୍ ।
ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ॥୧୬॥

ତତ୍ (ସେହି ବ୍ରହ୍ମ) **ସର୍ବତଃ ପାଣି-ପାଦମ୍** (ସର୍ବତ୍ର କରଚରଣଯୁକ୍ତ, ସମସ୍ତ ପ୍ରାଣୀଙ୍କ ହସ୍ତ-ପଦ ତାଙ୍କରି) **ସର୍ବତଃ ଅକ୍ଷି-ଶିରଃ-ମୁଖମ୍** (ସର୍ବପ୍ରାଣୀଙ୍କ ଚକ୍ଷୁ, ମସ୍ତକ ଓ ମୁଖ ତାଙ୍କରି) **ସର୍ବତଃ ଶ୍ରୁତିମତ୍** (ସର୍ବପ୍ରାଣୀଙ୍କ କର୍ଣ୍ଣ ତାଙ୍କରି) **ଲୋକେ** (ପ୍ରାଣୀଦେହରେ ପ୍ରତ୍ୟଗ୍‌ରୂପେ ବିଦ୍ୟମାନ ରହି) **ସର୍ବମ୍ ଆବୃତ୍ୟ** (ସମସ୍ତ ବ୍ୟାପ୍ତ କରି) **ତିଷ୍ଠତି** (ସେ ବିଦ୍ୟମାନ) [—ଶ୍ୱେ., ୩/୩, ୩/୧୧; ଗୀତା ୧୩/୧୩] । ୩/୧୬

ସକଳ ପ୍ରାଣୀଙ୍କ ହସ୍ତ ଓ ପଦ ସେହି ବ୍ରହ୍ମଙ୍କର ହିଁ; ସର୍ବଜୀବର ଚକ୍ଷୁ, ମସ୍ତକ ଓ ମୁଖ ତାଙ୍କରି; ଏବଂ ସକଳ ପ୍ରାଣୀର କର୍ଣ୍ଣ ମଧ୍ୟ ତାଙ୍କରି; ସେ ପ୍ରାଣୀଦେହରେ ପ୍ରତ୍ୟଗାତ୍ମରୂପରେ ଅବସ୍ଥାନପୂର୍ବକ ସବୁକିଛିକୁ ବ୍ୟାପ୍ତ କରି ବିଦ୍ୟମାନ ଅଛନ୍ତି । ୩/୧୬

ସର୍ବେନ୍ଦ୍ରିୟଗୁଣାଭାସଂ ସର୍ବେନ୍ଦ୍ରିୟବିବର୍ଜିତମ୍ ।
ସର୍ବସ୍ୟ ପ୍ରଭୁମୀଶାନଂ ସର୍ବସ୍ୟ ଶରଣଂ ବୃହତ୍ ॥୧୭॥

[ସେହି ବ୍ରହ୍ମ] **ସର୍ବ-ଇନ୍ଦ୍ରିୟ-ଗୁଣ-ଆଭାସ** ([ଉପାଧିବଶତଃ] ସମୁଦାୟ ଅନ୍ତରିନ୍ଦ୍ରିୟ ଓ ବହିରିନ୍ଦ୍ରିୟ ଗୁଣବିଶିଷ୍ଟ-ରୂପରେ ଆଭାସିତ ବା ପ୍ରତିଭାତ ହୁଅନ୍ତି) [କିନ୍ତୁ] **ସର୍ବ-ଇନ୍ଦ୍ରିୟ-ବିବର୍ଜିତମ୍** (ସମସ୍ତ ଇନ୍ଦ୍ରିୟବ୍ୟାପାର-ଶୂନ୍ୟ) [ଗୀତା, ୧୩/୧୪]; [ସେ] **ସର୍ବସ୍ୟ** (ସମସ୍ତଙ୍କର ହିଁ) **ପ୍ରଭୁମ୍ ଈଶାନମ୍** (ସାମର୍ଥ୍ୟଶାଳୀ ନିୟନ୍ତା) **ସର୍ବସ୍ୟ** (ସମସ୍ତଙ୍କର) **ଶରଣମ୍** (ଆଶ୍ରୟ) [ଏବଂ] **ବୃହତ୍** (ପରମ କାରଣ) । [ଗୀତା ୯/୧୮][ପାଠାନ୍ତର—**ଶରଣଂ ସୁହୃତ୍**] । ୩/୧୭

ସେ ନିଖିଳ ଇନ୍ଦ୍ରିୟମାନଙ୍କର ଗୁଣବିଶିଷ୍ଟରୂପରେ ପ୍ରତିଭାତ ହୁଅନ୍ତି, ଅଥଚ ସେ ସମସ୍ତ ଇନ୍ଦ୍ରିୟବ୍ୟାପାର-ଶୂନ୍ୟ । ସେ ସମସ୍ତଙ୍କର ଶକ୍ତିଶାଳୀ ନିୟନ୍ତା, ସମସ୍ତଙ୍କର ଆଶ୍ରୟ ଏବଂ ପରମ କାରଣ । ୩/୧୭

ନବଦ୍ୱାରେ ପୁରେ ଦେହୀ ହଂସୋ ଲେଲାୟତେ ବହିଃ ।
ବଶୀ ସର୍ବସ୍ୟ ଲୋକସ୍ୟ ସ୍ଥାବରସ୍ୟ ଚରସ୍ୟ ଚ ॥୧୮॥

ସ୍ଥାବରସ୍ୟ (ସ୍ଥିତିଶୀଳ ବୃକ୍ଷାଦିର) **ଚରସ୍ୟ ଚ** (ଏବଂ ଜଙ୍ଗମ ମନୁଷ୍ୟାଦିଙ୍କର)—**ସର୍ବସ୍ୟ** (ସକଳ) **ଲୋକସ୍ୟ** (ଲୋକର) **ବଶୀ** (ପ୍ରଭୁ, ନିୟନ୍ତା) **ହଂସଃ** ([ଅବିଦ୍ୟା] ହନନକାରୀ ପରମାତ୍ମା) **ଦେହୀ** (ଜୀବଭାବ ପ୍ରାପ୍ତ ହୋଇ) **ନବଦ୍ୱାରେ** (ନଅଟି ଦ୍ୱାରଯୁକ୍ତ) **ପୁରେ** (ଦେହପୁରରେ) **ବହିଃ** (ବହିର୍ବିଷୟଗ୍ରହଣାର୍ଥ) **ଲେଲାୟତେ** (ସଚେଷ୍ଟ ହୁଅନ୍ତି) । ୩/୧୮

ସ୍ଥାବରଜଙ୍ଗମାତ୍ମକ ଅଖିଳ ଜଗତ୍‌ର ନିୟନ୍ତା ସେହି ପରମାତ୍ମା ଜୀବଭାବ ପ୍ରାପ୍ତ ହୋଇ ନବ-ଦ୍ୱାରଯୁକ୍ତ[1] ଦେହପୁରରେ ଅବସ୍ଥାନପୂର୍ବକ ବହିର୍ବିଷୟ-ଗ୍ରହଣରେ ସଚେଷ୍ଟ ହୁଅନ୍ତି । ୩/୧୮

ଅପାଣିପାଦୋ ଜବନୋ ଗ୍ରହୀତା
ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟକର୍ଣ୍ଣଃ ।
ସ ବେତ୍ତି ବେଦ୍ୟଂ ନ ଚ ତସ୍ୟାସ୍ତି ବେତ୍ତା
ତମାହୁରଗ୍ର୍ୟଂ ପୁରୁଷଂ ମହାନ୍ତମ୍ ॥୧୯॥

[ଏହିପରି ସର୍ବାତ୍ମକ ବ୍ରହ୍ମ-ପ୍ରତିପାଦନପୂର୍ବକ ସମ୍ପ୍ରତି ନିର୍ଗୁଣ ପରବ୍ରହ୍ମ-ପ୍ରତିପାଦନ ପାଇଁ କୁହାହେଉଛି]—**ସଃ** (ପରମାତ୍ମା) **ଅ-ପାଣି-ପାଦଃ** (ହସ୍ତପଦ ଶୂନ୍ୟ ହୋଇ ମଧ୍ୟ) **ଜବନଃ** (ଦ୍ରୁତଗାମୀ) **ଗ୍ରହୀତା** (ସର୍ବଗ୍ରାହୀ); **ଅଚକ୍ଷୁଃ** (ଚକ୍ଷୁହୀନ ହୋଇ ମଧ୍ୟ) **ପଶ୍ୟତି** (ଦର୍ଶନ କରନ୍ତି); **ଅକର୍ଣ୍ଣଃ** (କର୍ଣ୍ଣବିହୀନ ହୋଇ ମଧ୍ୟ) **ଶୃଣୋତି** (ଶ୍ରବଣ କରନ୍ତି); (**ସେ**) [ମନୋହୀନ ହେଲେ ମଧ୍ୟ] **ବେଦ୍ୟମ୍** (ଜ୍ଞାତବ୍ୟ [ସମସ୍ତ ବିଷୟ]) **ବେତ୍ତି** (ଜାଣନ୍ତି) **ଚ** (ଅଥଚ) **ତସ୍ୟ** (ତାଙ୍କର) **ବେତ୍ତା** (ଜ୍ଞାତା) **ନ ଅସ୍ତି** (ନାହିଁ) । **ତମ୍** (ତାହାଙ୍କୁ) [ବ୍ରହ୍ମବିଦ୍‌ଗଣ] **ଅଗ୍ର୍ୟମ୍** (ସର୍ବାଗ୍ରଣୀ, ଅର୍ଥାତ୍ ସବୁକିଛିର କାରଣ) **ପୁରୁଷମ୍** (ପରିପୂର୍ଣ୍ଣସ୍ୱରୂପ) [ଏବଂ] **ମହାନ୍ତମ୍** (ମହାନ୍) **ଆହୁଃ** (କହିଥାଆନ୍ତି) । ୩/୧୯

ତାହାଙ୍କର ହସ୍ତପଦ ନ ଥାଇ ମଧ୍ୟ ସେ ଦ୍ରୁତଗମନ କରନ୍ତି ଏବଂ ସର୍ବବସ୍ତୁ ଗ୍ରହଣ କରନ୍ତି, ଚକ୍ଷୁ ନ ଥାଇ ମଧ୍ୟ ଦର୍ଶନ କରନ୍ତି, କର୍ଣ୍ଣ ନ ଥିଲେ ମଧ୍ୟ ଶ୍ରବଣ

---

1. ଦୁଇ କର୍ଣ୍ଣ, ଦୁଇ ଚକ୍ଷୁ, ଦୁଇ ନାସାରନ୍ଧ୍ର, ମୁଖ, ଲିଙ୍ଗ ଓ ଗୁହ୍ୟ ।

କରନ୍ତି । ସେ ଜ୍ଞାତବ୍ୟ ସମସ୍ତ ବିଷୟ ଜାଣନ୍ତି, ଅଥଚ ତାଙ୍କୁ କେହି ଜାଣନ୍ତି ନାହିଁ । ବ୍ରହ୍ମବିଦ୍‌ଗଣ ତାହାଙ୍କୁ ସର୍ବାଗ୍ରଣୀ, ପରିପୂର୍ଣ୍ଣ ଏବଂ ମହାନ୍ କହିଥାଆନ୍ତି । ୩/୧୯

ଅଣୋରଣୀୟାନ୍ମହତୋ ମହୀୟାନ୍
ଆତ୍ମା ଗୁହାୟାଂ ନିହିତୋଽସ୍ୟ ଜନ୍ତୋଃ ।
ତମକ୍ରତୁଂ ପଶ୍ୟତି ବୀତଶୋକୋ
ଧାତୁଃ ପ୍ରସାଦାନ୍ମହିମାନମୀଶମ୍ ॥୨୦॥

ଅଣୋଃ (ଅଣୁ, ଅର୍ଥାତ୍ ସୂକ୍ଷ୍ମଠାରୁ) **ଅଣୀୟାନ୍** (ସୂକ୍ଷ୍ମତର) **ମହତଃ** (ବୃହତ୍‌ରୁ) **ମହୀୟାନ୍** (ବୃହତ୍ତର) **ଆତ୍ମା** (ଆତ୍ମା) **ଅସ୍ୟ** (ଏହି) **ଜନ୍ତୋଃ** (ବ୍ରହ୍ମାଦି ସ୍ତମ୍ବ ପର୍ଯ୍ୟନ୍ତ ସକଳ ପ୍ରାଣୀଙ୍କର) **ଗୁହାୟାମ୍** (ହୃଦୟରେ) **ନିହିତଃ** (ଆତ୍ମସ୍ୱରୂପରେ ଅବସ୍ଥିତ ଅଛନ୍ତି) । **ଧାତୁଃ ପ୍ରସାଦାତ୍** (ପରମେଶ୍ୱରଙ୍କ ଅନୁଗ୍ରହରେ) **ଅକ୍ରତୁମ୍** (ବିଷୟଭୋଗ ଆକାଂକ୍ଷା ରହିତ) **ତମ୍** (ସେହି ହୃଦୟନିହିତ ଆତ୍ମାକୁ) **ମହିମାନମ୍** (କର୍ମନିମିତ୍ତ କ୍ଷୟବୃଦ୍ଧିହୀନ) **ଈଶମ୍** (ପରମେଶ୍ୱର ରୂପରେ) **ପଶ୍ୟତି** ([ବିଦ୍ୱାନ୍ ବ୍ୟକ୍ତି] ଦର୍ଶନ କରନ୍ତି) [ଏବଂ] **ବୀତଶୋକଃ** (ସର୍ବଦୁଃଖର ଅତୀତ ହୁଅନ୍ତି) । [ପାଠାନ୍ତର—**ଧାତୁପ୍ରସାଦାତ୍**=ଚିତ୍ତ ଶୁଦ୍ଧିଦ୍ୱାରା]—[କ., ୧/୨/୨୦] । ୩/୨୦

ଅଣୁଠାରୁ ମଧ୍ୟ ଅଣୁତର ଏବଂ ମହାନ୍‌ରୁ ମଧ୍ୟ ମହତ୍ତର ଆତ୍ମା ସକଳ ପ୍ରାଣୀଙ୍କ ହୃଦୟରେ ଆତ୍ମସ୍ୱରୂପ ହୋଇ ଅବସ୍ଥିତ ଅଛନ୍ତି । ହୃଦୟରେ ନିହିତ ଓ ବିଷୟଭୋଗର ଆକାଂକ୍ଷାଶୂନ୍ୟ ସେହି ଆତ୍ମାକୁ ଯିଏ ଈଶ୍ୱରାନୁଗ୍ରହରେ କ୍ଷୟବୃଦ୍ଧିହୀନ ପରମେଶ୍ୱର ରୂପରେ ଦର୍ଶନ କରନ୍ତି, ସେ ସେହି ଦର୍ଶନ ଫଳରେ ସର୍ବଦୁଃଖର ଅତୀତ ହୁଅନ୍ତି । ୩/୨୦

ବେଦାହମେତମଜରଂ ପୁରାଣଂ
ସର୍ବାତ୍ମାନଂ ସର୍ବଗତଂ ବିଭୁତ୍ୱାତ୍ ।
ଜନ୍ମନିରୋଧଂ ପ୍ରବଦନ୍ତି ଯସ୍ୟ
ବ୍ରହ୍ମବାଦିନୋ ହି ପ୍ରବଦନ୍ତି ନିତ୍ୟମ୍ ॥୨୧॥

ଇତି ଶ୍ୱେତାଶ୍ୱତରୋପନିଷଦି ତୃତୀୟୋଽଧ୍ୟାୟଃ ॥

ବ୍ରହ୍ମବାଦିନଃ (ବ୍ରହ୍ମବାଦୀଗଣ) **ଯସ୍ୟ** (ଯେଉଁ ବ୍ରହ୍ମଙ୍କର) **ଜନ୍ମ-ନିରୋଧମ୍** (ଉତ୍ପତ୍ତିର ଅଭାବ) **ପ୍ରବଦନ୍ତି** (କହିଥାଆନ୍ତି) [ଏବଂ ଯାହାଙ୍କୁ ସେମାନେ]

ନିତ୍ୟମ୍ ହି (ନିତ୍ୟସ୍ୱରୂପ) **ପ୍ରବଦନ୍ତି** (କହିଥାଆନ୍ତି)—**ଅଜରମ୍** (ଜରାହୀନ, ବିପରିଣାମବର୍ଜିତ) **ପୁରାଣମ୍** (ପୁରାତନ, ସର୍ବଦା ଏକପ୍ରକାର) **ସର୍ବ-ଆତ୍ମାନମ୍** (ସମସ୍ତଙ୍କ ଆତ୍ମଭୂତ) **ବିଭୁତ୍ୱାତ୍** (ବ୍ୟାପକତ୍ୱ ଯୋଗୁଁ) **ସର୍ବଗତମ୍** (ସର୍ବତ୍ର ଅବସ୍ଥିତ) **ଏତମ୍** (ଏହି ପରମାତ୍ମାଙ୍କୁ) **ଅହମ୍** (ମୁଁ) **ବେଦ** (ଜାଣେ) । ୩/୨୧

ବ୍ରହ୍ମବାଦୀଗଣ ଯାହାଙ୍କର ଉତ୍ପତ୍ତିର ଅଭାବ କହିଥାଆନ୍ତି ଏବଂ ଯାହାଙ୍କୁ ସେମାନେ ନିତ୍ୟ କହିଥାଆନ୍ତି, ଉକ୍ତ ଏହି ଅଜର, ପୁରାତନ, ସକଳ ଆତ୍ମଭୂତ ଏବଂ ବ୍ୟାପକତ୍ୱ କାରଣରୁ ସର୍ବତ୍ର ଅବସ୍ଥିତ ବ୍ରହ୍ମଙ୍କୁ ମୁଁ ଜାଣେ । ୩/୨୧

॥ ଶ୍ୱେତାଶ୍ୱତରୋପନିଷଦ୍‌ର ତୃତୀୟ ଅଧ୍ୟାୟ ସମାପ୍ତ ॥

ଚତୁର୍ଥ ଅଧ୍ୟାୟ

ୟ ଏକୋଽବର୍ଣ୍ଣୋ ବହୁଧା ଶକ୍ତିୟୋଗାଦ୍-
ବର୍ଣ୍ଣାନନେକାନ୍ ନିହିତାର୍ଥୋ ଦଧାତି ।
ବି ଚୈତି ଚାନ୍ତେ ବିଶ୍ୱମାଦୌ ସ ଦେବଃ
ସ ନୋ ବୁଦ୍ଧ୍ୟା ଶୁଭୟା ସଂଯୁନକ୍ତୁ ॥୧॥

ୟଃ (ଯିଏ) **ଏକଃ** (ଅଦ୍ୱିତୀୟ) **ଅବର୍ଣ୍ଣଃ** (ଜାତ୍ୟାଦିରହିତ, ନିର୍ବିଶେଷ) **ନିହିତ-ଅର୍ଥଃ** (ନିଗୂଢ଼, ଅର୍ଥାତ୍ ଅଜ୍ଞାତ ପ୍ରୟୋଜନରେ) **ବହୁଧା-ଶକ୍ତିୟୋଗାତ୍** (ନାନା ବିଚିତ୍ର ଶକ୍ତି ସହାୟରେ) **ଅନେକାନ୍** (ଅନେକ ପ୍ରକାର) **ବର୍ଣ୍ଣାନ୍** (ବ୍ରାହ୍ମଣାଦି ଜାତି, ଅଥବା ଯାହା ବର୍ଣ୍ଣିତ ହୁଏ ସେହି ପଦାର୍ଥସମୂହକୁ) **ଆଦୌ** (ସୃଷ୍ଟିକାଳରେ) **ଦଧାତି** (ବିଧାନ କରନ୍ତି) **ଚ** (ତଥା) **ବିଶ୍ୱମ୍** (ଜଗତ୍) **ଅନ୍ତେ** (ଲୟକାଳରେ) (ଯେଉଁଥିରେ) **ବି-ଏତି** (ବିଲୀନ ହୁଏ) **ଚ** (ସ୍ଥିତିକାଳରେ ମଧ୍ୟ ଯାହାଙ୍କଠାରେ ଅବସ୍ଥାନ କରେ) **ସଃ** (ସେ) **ଦେବଃ** (ସ୍ୱୟଂଜ୍ୟୋତିଃ); **ସଃ** (ସେ) **ନଃ** (ଆମମାନଙ୍କୁ) **ଶୁଭୟା** (ଶୁଭ) **ବୁଦ୍ଧ୍ୟା** (ବୁଦ୍ଧି ସହିତ) **ସଂଯୁନକ୍ତୁ** (ସଂଯୁକ୍ତ କରନ୍ତୁ) । ୪/୧

ଯିଏ ଅଦ୍ୱିତୀୟ ଓ ନିର୍ବିଶେଷ, ଯିଏ ଅଜ୍ଞାତ ପ୍ରୟୋଜନରେ ନାନାବିଧ ଶକ୍ତିସହାୟରେ ସୃଷ୍ଟି ପ୍ରାକ୍‌କାଳରେ ଅନେକ ପ୍ରକାର ପଦାର୍ଥ ବିଧାନ କରନ୍ତି, ଲୟକାଳରେ ଯାହାଙ୍କଠାରେ ବିଶ୍ୱ ବିଲୀନ ହୁଏ ଏବଂ ସ୍ଥିତିକାଳରେ ଯାହାଙ୍କଠାରେ ଅବସ୍ଥାନ କରେ, ସେ ହିଁ ବିଜ୍ଞାନସ୍ୱରୂପ ପରମାତ୍ମା । ସେ ଆମମାନଙ୍କୁ ଶୁଭବୁଦ୍ଧିଯୁକ୍ତ କରନ୍ତୁ । ୪/୧

ତଦେବାଗ୍ନିସ୍ତଦାଦିତ୍ୟସ୍ତଦ୍ୱାୟୁସ୍ତଦୁ ଚନ୍ଦ୍ରମାଃ ।
ତଦେବ ଶୁକ୍ରଂ ତଦ୍‌ବ୍ରହ୍ମ ତଦାପସ୍ତତ୍ ପ୍ରଜାପତିଃ ॥୨॥

ତତ୍ ଏବ (ତାହା ହିଁ, ସେହି ପରମାତ୍ମା ହିଁ) **ଅଗ୍ନିଃ** (ଅଗ୍ନି) **ତତ୍** (ତାହା ହିଁ) **ଆଦିତ୍ୟଃ** (ସୂର୍ଯ୍ୟ) **ତତ୍ ବାୟୁଃ** (ତାହା ହିଁ ବାୟୁ) **ତତ୍ ଉ ଚନ୍ଦ୍ରମା** (ଏବଂ ତାହା ହିଁ ଚନ୍ଦ୍ର) **ତତ୍ ଏବ ଶୁକ୍ରମ୍** (ତାହ ହିଁ ଶୁଦ୍ଧ, ଦୀପ୍ତିମାନ୍ ନକ୍ଷତ୍ରାଦି) **ତତ୍ ବ୍ରହ୍ମ**

(ତାହା ହିଁ ହିରଣ୍ୟଗର୍ଭ) **ତତ୍ ଆପଃ** (ତାହା ହିଁ ଜଳ) **ତତ୍ ପ୍ରଜାପତିଃ** (ତାହା ହିଁ ବିରାଟ୍) । ୪/୨

ସେହି ପରମାତ୍ମା ହିଁ ଅଗ୍ନି, ସେ ହିଁ ସୂର୍ଯ୍ୟ, ସେ ହିଁ ବାୟୁ, ସେ ହିଁ ଚନ୍ଦ୍ର, ସେ ହିଁ ଦୀପ୍ତିମାନ୍ ନକ୍ଷତ୍ରାଦି, ସେ ହିଁ ହିରଣ୍ୟଗର୍ଭ, ସେ ହିଁ ଜଳ ଏବଂ ସେ ହିଁ ବିରାଟ୍ । ୪/୨

ତ୍ୱଂ ସ୍ତ୍ରୀ ତ୍ୱଂ ପୁମାନସି ତ୍ୱଂ କୁମାର ଉତ ବା କୁମାରୀ ।
ତ୍ୱଂ ଜୀର୍ଣ୍ଣୋ ଦଣ୍ଡେନ ବଞ୍ଚସି ତ୍ୱଂ ଜାତୋ ଭବସି ବିଶ୍ୱତୋମୁଖଃ ॥୩॥

ତ୍ୱମ୍ (ତୁମେ) **ସ୍ତ୍ରୀ** (ନାରୀ) **ତ୍ୱମ୍ ପୁମାନ୍** (ତୁମେ ନର) **ଅସି** (ହୁଅ) **ତ୍ୱମ୍** (ତୁମେ) **କୁମାରଃ** (କୁମାର) **ଉତ ବା** (ଅପିଚ) **କୁମାରୀ** (କୁମାରୀ) **ତ୍ୱମ୍** (ତୁମେ) **ଜୀର୍ଣ୍ଣଃ** (ଜରାଗ୍ରସ୍ତ ହୋଇ) **ଦଣ୍ଡେନ** (ଦଣ୍ଡସହାୟରେ) **ବଞ୍ଚସି** (ସ୍ଖଳିତପଦରେ ଚାଲ) **ତ୍ୱମ୍** (ତୁମେ) [ମାୟା ସହାୟରେ] **ଜାତଃ** (ଜାତ ହୋଇ) **ବିଶ୍ୱତଃ-ମୁଖଃ** (ନାନାରୂପ) **ଭବସି** (ହୁଅ) । ୪/୩

ତୁମେ ନାରୀ, ତୁମେ ନର, ତୁମେ ହିଁ କୁମାର ଓ କୁମାରୀ; ତୁମେ ଜରାଗ୍ରସ୍ତ ହୋଇ ଦଣ୍ଡ ସହାୟରେ ସ୍ଖଳିତ ପଦରେ ଚାଲ ଏବଂ ତୁମେ ହିଁ ଜାତ ହୋଇ ନାନା ରୂପ ଧାରଣ କର । ୪/୩

ନୀଲଃ ପତଙ୍ଗୋ ହରିତୋ ଲୋହିତାକ୍ଷ-
ସ୍ତଡିଦ୍‌ଗର୍ଭ ଋତବଃ ସମୁଦ୍ରାଃ ।
ଅନାଦିମତ୍ତ୍ୱଂ ବିଭୁତ୍ୱେନ ବର୍ତସେ
ୟତୋ ଜାତାନି ଭୁବନାନି ବିଶ୍ୱା ॥୪॥

[**ତ୍ୱମ୍** (ତୁମେ ହିଁ)] **ନୀଲଃ ପତଙ୍ଗଃ** (ଭ୍ରମର) **ହରିତଃ ଲୋହିତାକ୍ଷଃ** (ହରିତ୍ ବର୍ଣ୍ଣ ଏବଂ ରକ୍ତଚକ୍ଷୁବିଶିଷ୍ଟ ଶୁକାଦି ପକ୍ଷୀ) **ତଡିତ୍-ଗର୍ଭଃ** (ବିଦ୍ୟୁତ୍‌ଯୁକ୍ତ ମେଘ) **ଋତବଃ** (ଋତୁସମୂହ) **ସମୁଦ୍ରାଃ** (ସାଗରସମୂହ) **ଅନାଦିମତ୍** (ଆଦିଶୂନ୍ୟ) **ତ୍ୱମ୍** (ତୁମେ) **ବିଭୁତ୍ୱେନ** (ସର୍ବବ୍ୟାପକ ହୋଇ) **ବର୍ତସେ** (ବିଦ୍ୟମାନ ରହିଛି)—**ୟତଃ** (ଯାହାଠାରୁ) **ବିଶ୍ୱା** (=**ବିଶ୍ୱାନି**, ସମୁଦାୟ) **ଭୁବନାନି** (ଭୁବନସମୂହ) **ଜାତାନି** (ଉତ୍ପନ୍ନ ହୋଇଅଛି) । ୪/୪

ତୁମେ ନୀଳ ପତଙ୍ଗ (ଅର୍ଥାତ୍ ଭ୍ରମର), ତୁମେ ହରିତ୍‌ବର୍ଣ୍ଣ ଓ ରକ୍ତଚକ୍ଷୁ ଶୁକାଦି ପକ୍ଷୀ, ତୁମେ ବିଦ୍ୟୁତ୍‌ପୂର୍ଣ୍ଣ ମେଘ, ତୁମେ ଋତୁସମୂହ, ତୁମେ ସାଗରସମୂହ, ତୁମେ ଆଦିବିହୀନ, ତୁମେ ସର୍ବବ୍ୟାପକ ହୋଇ ସ୍ଥିତ ରହିଛ—ସେହି ତୁମଠାରୁ ହିଁ ବିଶ୍ୱଭୁବନ ଉତ୍ପନ୍ନ ହୋଇଛି । ୪/୪

ଅଜାମେକାଂ ଲୋହିତଶୁକ୍ଲକୃଷ୍ଣାଂ
ବହ୍ୱୀଃ ପ୍ରଜାଃ ସୃଜମାନାଂ ସରୂପାଃ ।
ଅଜୋ ହ୍ୟେକୋ ଜୁଷମାଣୋଽନୁଶେତେ
ଜହାତ୍ୟେନାଂ ଭୁକ୍ତଭୋଗାମଜୋଽନ୍ୟଃ ॥୫॥

ସରୂପାଃ (ନିଜ ଅନୁରୂପ; ଅର୍ଥାତ୍ ଲୋହିତ, ଶୁକ୍ଲ ଓ କୃଷ୍ଣ) **ବହ୍ୱୀ** (ଅନେକ) **ପ୍ରଜାଃ** (ସନ୍ତାନ, ଅର୍ଥାତ୍ କାର୍ଯ୍ୟସମୂହ) **ସୃଜମାନାମ୍** (ଉତ୍ପାଦନକାରିଣୀ) **ଲୋହିତ-ଶୁକ୍ଲ-କୃଷ୍ଣାମ୍** (ରକ୍ତ, ଶ୍ୱେତ ଓ କୃଷ୍ଣବର୍ଣ୍ଣ-ବିଶିଷ୍ଟା) **ଏକାମ୍** (ଏକମାତ୍ର) **ଅଜାମ୍** (ଅଜା, ଛେଳିକୁ) **ଏକଃ ହି** (କୌଣସି ଏକ) **ଅଜଃ** (ଛାଗ) **ଜୁଷମାଣଃ** (ସେବା-ପରାୟଣ ହୋଇ) **ଅନୁଶେତେ** (ଭୋଗ କରେ) **ଅନ୍ୟଃ** (ଅପର କୌଣସି ଛାଗ) **ଭୁକ୍ତ-ଭୋଗାମ୍** (ଯାହାକୁ ଭୋଗ କରିବା ସମାପ୍ତ ହୋଇଛି ଏପରି) **ଏନାମ୍** (ଏହି ଅଜାକୁ) **ଜହାତି** (ତ୍ୟାଗ କରେ) । ୪/୫

ଆପଣଙ୍କ ଅନୁରୂପ ବହୁସନ୍ତାନ-ପ୍ରସବକାରିଣୀ ରକ୍ତ-ଶ୍ୱେତ-କୃଷ୍ଣବର୍ଣ୍ଣା ଏକ ଛାଗୀ ପ୍ରତି ଅନୁରକ୍ତ ହୋଇ କୌଣସି ଏକ ଛାଗଳ ତାହାକୁ ଭୋଗ କରେ; ଅପର କୌଣସି ଛାଗଳ ଭୋଗସମାପନାନ୍ତେ ତାହାକୁ ତ୍ୟାଗ କରେ[1] । ୪/୫

---

1. କାର୍ଯ୍ୟତ୍ରୟର ଗୁଣାନୁଯାୟୀ କାରଣସ୍ୱରୂପା ପ୍ରକୃତିଙ୍କୁ ତ୍ରିବର୍ଣ୍ଣା କୁହାଯାଇଛି । ସେହି ପ୍ରକୃତି ତେଜ, ଜଳ ଓ ଅନ୍ନ-ସ୍ୱରୂପା । ସେହି ତିନି ବସ୍ତୁର ବର୍ଣ୍ଣ ଲୋହିତ, ଶୁକ୍ଲ ଓ କୃଷ୍ଣ । ତେଜ, ଜଳ ଓ ଅନ୍ନର ବର୍ଣ୍ଣ ବିଷୟରେ ଛା., ୬/୪/୧ ଦ୍ରଷ୍ଟବ୍ୟ । ରୂପକ ଛଳରେ ଏଠାରେ ପ୍ରକୃତି ଓ ଜୀବର ସମ୍ବନ୍ଧ କଥିତ ହେଲା । **ଅଜା**=ଜନ୍ମରହିତ ଅନାଦି ପ୍ରକୃତି (ଶ୍ୱେ, ୧/୯) । **ଅଜଃ**=ଜନ୍ମରହିତ ଅବିଦ୍ୟାଗ୍ରସ୍ତ ଜୀବ । **ଅନ୍ୟଃ**=ମୁକ୍ତ ଜୀବ । ପ୍ରକୃତି ଏକ, ଅଜା ମଧ୍ୟ ଏକ । ତାତ୍ପର୍ଯ୍ୟ ହେଉଛି, କୌଣସି ଜୀବ ଭୋଗପରାୟଣ ହୋଇ ବଦ୍ଧ ହୁଏ, ଅପର କେହି ଭୋଗବିମୁଖ ହୋଇ ମୁକ୍ତ ହୁଏ ।

ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା
ସମାନଂ ବୃକ୍ଷଂ ପରିଷସ୍ୱଜାତେ ।
ତୟୋରନ୍ୟଃ ପିପ୍ପଲଂ ସ୍ୱାଦ୍ୱତ୍ୟ-
ନଶ୍ନନ୍ନନ୍ୟୋ ଅଭିଚାକଶୀତି ॥୬॥

ସଯୁଜା (=**ସଯୁଜୌ**, ସର୍ବଦା ସମ୍ମିଳିତ) **ସଖାୟା** (=**ସଖାୟୌ**, 'ଆତ୍ମା' ଏହି ସମାନ ନାମଧାରୀ) **ଦ୍ୱା** (=**ଦ୍ୱୌ**, ଦୁଇଟି) **ସୁପର୍ଣ୍ଣା**(=**ସୁପର୍ଣୌ** ପକ୍ଷୀ, [ଅର୍ଥାତ୍ ଜୀବାତ୍ମା ଓ ପରମାତ୍ମା]) **ସମାନମ୍** (ଏକ ହିଁ) **ବୃକ୍ଷମ୍** (ବୃକ୍ଷକୁ, ଶରୀରକୁ) **ପରିଷସ୍ୱଜାତେ** (ଆଲିଙ୍ଗନ କରି ରହିଛନ୍ତି); **ତୟୋଃ** (ସେମାନଙ୍କ ମଧ୍ୟରେ) **ଅନ୍ୟଃ** (ଗୋଟିଏ, ଜୀବ) **ସ୍ୱାଦୁ** ([ବିଚିତ୍ର] ଆସ୍ୱାଦଯୁକ୍ତ) **ପିପ୍ପଲଂ** (ଫଳ, କର୍ମଫଳ) **ଅତ୍ତି** (ଭୋଗ କରୁଅଛି) **ଅନ୍ୟଃ** (ଅନ୍ୟଟି, ଈଶ୍ୱର) **ଅନଶ୍ନନ୍** (ଭୋଗ ନ କରି) **ଅଭିଚାକଶୀତି** (ଦର୍ଶନ କରୁଅଛି)—[କ., ୧/୩/୧; ମୁ., ୩/୧/୧] । ୪/୬

ସର୍ବଦା ସଂଯୁକ୍ତ ଓ ତୁଲ୍ୟ ନାମ ବିଶିଷ୍ଟ ଦୁଇଟି ପକ୍ଷୀ (ଶରୀରରୂପକ) ଗୋଟିଏ ବୃକ୍ଷକୁ ଆଶ୍ରୟ କରି ଅବସ୍ଥାନ କରୁଛନ୍ତି । ସେମାନଙ୍କ ଭିତରୁ ଗୋଟିଏ ବିଚିତ୍ର ଆସ୍ୱାଦଯୁକ୍ତ ଫଳ ଭକ୍ଷଣ କରେ, ଅନ୍ୟଟି ଭକ୍ଷଣ ନ କରି କେବଳ ଦର୍ଶନ କରେ । ୪/୬

ସମାନେ ବୃକ୍ଷେ ପୁରୁଷୋ ନିମଗ୍ନୋ-
ଽନୀଶୟା ଶୋଚତି ମୁହ୍ୟମାନଃ ।
ଜୁଷ୍ଟଂ ଯଦା ପଶ୍ୟତ୍ୟନ୍ୟମୀଶ-
ମସ୍ୟ ମହିମାନମିତି ବୀତଶୋକଃ ॥୭॥

ପୁରୁଷଃ (ଭୋକ୍ତା ଜୀବ) **ସମାନେ** (ଏକ ହିଁ) **ବୃକ୍ଷେ** (ବୃକ୍ଷରେ, ଅର୍ଥାତ୍ ଦେହରେ) **ନିମଗ୍ନଃ** (ଆସକ୍ତ ହୋଇ) **ମୁହ୍ୟମାନଃ** (ମୋହଗ୍ରସ୍ତ ହୋଇ, ଦୁଃଖାର୍ତ୍ତ ହୋଇ) **ଅନୀଶୟା** (ଦୀନଭାବରେ) **ଶୋଚତି** (ଶୋକ କରିଥାଏ); **ଯଦା** (ଯେତେବେଳେ) **ଜୁଷ୍ଟମ୍** ([ଯୋଗମାର୍ଗରେ] ସେବିତ) **ଅନ୍ୟମ୍** ([ସଂସାରଠାରୁ] ବିଲକ୍ଷଣ) **ଈଶମ୍** (ପରମାତ୍ମାଙ୍କୁ) [ଏବଂ] **ଅସ୍ୟ** (ଏହାଙ୍କର) **ଇତି** (ଏହି ବିଶ୍ୱବ୍ୟାପୀ) **ମହିମାନମ୍** (ମହିମାକୁ) **ପଶ୍ୟତି** ([ଆତ୍ମରୂପରେ] ଦର୍ଶନ କରେ) [ସେତେବେଳେ] **ବୀତଶୋକଃ** (ଶୋକମୁକ୍ତ ହୁଏ, ସଂସାର ଅତିକ୍ରମ କରେ) । ୪/୭

ଜୀବ ଏକ ହିଁ ଦେହବୃକ୍ଷରେ ନିମଗ୍ନ (ବା ଆତ୍ମଭାବପ୍ରାପ୍ତ) ହୋଇ ମୋହହେତୁ ଦୀନଭାବରେ ଶୋକ କରିଥାଏ । ସେ ଯେତେବେଳେ ଯୋଗମାର୍ଗରେ ସେବିତ ଓ ସଂସାରାତୀତ ପରମାତ୍ମାଙ୍କୁ (ଆତ୍ମରୂପରେ) ଦର୍ଶନ କରେ ଏବଂ ତାହାଙ୍କର ଏହି ବିଶ୍ୱବ୍ୟାପୀ ମହିମାକୁ (ପରମାତ୍ମାଙ୍କଠାରୁ ଅଭିନ୍ନ ନିଜର ହିଁ ମହିମାରୂପରେ) ଜାଣେ, ସେତେବେଳେ ସେ ସଂସାର ଅତିକ୍ରମ କରେ । ୪/୭

ଋଚୋ ଅକ୍ଷରେ ପରମେ ବ୍ୟୋମନ୍
ଯସ୍ମିନ୍ ଦେବା ଅଧି ବିଶ୍ୱେ ନିଷେଦୁଃ ।
ଯସ୍ତଂ ନ ବେଦ କିମୃଚା କରିଷ୍ୟତି
ଯ ଇତ୍ତଦ୍‌ବିଦୁସ୍ତ ଇମେ ସମାସତେ ॥୮॥

ଯସ୍ମିନ (ଯେଉଁ) **ପରମେ** (ଅବ୍ୟାକୃତାପେକ୍ଷା ଶ୍ରେଷ୍ଠ) **ବ୍ୟୋମନ୍** (=**ବ୍ୟୋମ୍ନି**, ଆକାଶରୂପକ) **ଅକ୍ଷରେ** (ଅକ୍ଷର ବ୍ରହ୍ମରେ) **ଋଚଃ** (ଋଗାଦି ବେଦସମୂହ) [ଏବଂ] **ବିଶ୍ୱେ** (ସକଳ) **ଦେବାଃ** (ଦେବଗଣ) **ଅଧିନିଷେଦୁଃ** (ଆଶ୍ରିତ ଅଛନ୍ତି) **ତମ୍** (ସେହି ଅକ୍ଷରକୁ) **ୟଃ** (ଯିଏ) **ନ ବେଦ** (ଜାଣନ୍ତି ନାହିଁ) [ସେ] **ଋଚା** (ବେଦ ଦ୍ୱାରା) **କିମ୍ କରିଷ୍ୟତି** (କ'ଣ କରିବେ) ? **ୟେ ଇତ୍** (ଯେଉଁମାନେ ଏହିପ୍ରକାର) **ତତ୍** (ତାହାଙ୍କୁ) **ବିଦୁଃ** (ଜାଣନ୍ତି) **ତେ ଇମେ** (ସେମାନେ ହିଁ) **ସମାସତେ** (କୃତାର୍ଥ ହୋଇଥାଆନ୍ତି) । ୪/୮

ଯେଉଁ ପରମାକାଶରୂପକ[1] ଅକ୍ଷର ବ୍ରହ୍ମରେ ଋକ୍-ଆଦି ବେଦ ଏବଂ ସକଳ ଦେବତା ଆଶ୍ରିତ ଅଛନ୍ତି[2], ସେହି ଅକ୍ଷରକୁ ଯିଏ ଜାଣନ୍ତି ନାହିଁ, ସେ ବେଦ ଦ୍ୱାରା କ'ଣ କରିବେ ? କିନ୍ତୁ ଯେଉଁମାନେ ତାହାଙ୍କୁ ଏହି ପ୍ରକାର ଜାଣନ୍ତି, ସେମାନେ ହିଁ କୃତାର୍ଥ (ଅର୍ଥାତ୍ ପରମାନନ୍ଦସ୍ୱରୂପ) ହୋଇଥାଆନ୍ତି । ୪/୮

---

1. ଆକାଶ-ଶବ୍ଦ ଅବ୍ୟାକୃତର ବାଚକ—ବୃ., ୩/୮/୪; ସେହି ଆକାଶ-ଶବ୍ଦ ପୁଣି ବ୍ରହ୍ମ-ଅର୍ଥରେ ମଧ୍ୟ ପ୍ରସିଦ୍ଧ— ଛା. ୮/୧୪/୧ ଓ ୪/୧୦/୪; ଏଥିପାଇଁ ପରମ ଏହି ବିଶେଷଣବିଶିଷ୍ଟ ହୋଇ ବ୍ୟୋମ-ଶବ୍ଦ ଅବ୍ୟାକୃତାପେକ୍ଷା ଶ୍ରେଷ୍ଠ ବ୍ରହ୍ମକୁ ବୁଝାଉଛି ।

2. ଅର୍ଥାତ୍ ବ୍ରହ୍ମ ଅଭିଧାନ ଓ ଅଭିଧେୟ ଉଭୟର ଅଧିଷ୍ଠାନ ।

ଛନ୍ଦାଂସି ୟଜ୍ଞାଃ କ୍ରତବୋ ବ୍ରତାନି
ଭୂତଂ ଭବ୍ୟଂ ୟଚ୍ଚ ବେଦା ବଦନ୍ତି ।
ଅସ୍ମାନ୍ ମାୟୀ ସୃଜତେ ବିଶ୍ୱମେତ-
ତ୍ତସ୍ମିଂଶ୍ଚାନ୍ୟୋ ମାୟୟା ସନ୍ନିରୁଦ୍ଧଃ ॥୯॥

ଛନ୍ଦାଂସି (ଗାୟତ୍ରୀ ପ୍ରଭୃତି ଛନ୍ଦ) **ୟଜ୍ଞାଃ** (ଯୂପସମ୍ବନ୍ଧ-ଶୂନ୍ୟ ଯଜ୍ଞସମୂହ) **କ୍ରତବଃ** (ଜ୍ୟୋତିଷ୍ଟୋମାଦି କ୍ରତୁସମୂହ) **ବ୍ରତାନି** (ଚାନ୍ଦ୍ରାୟଣାଦି ବ୍ରତସମୂହ) **ଭୂତମ୍** (ଅତୀତ) **ଭବ୍ୟମ୍** (ଭବିଷ୍ୟତ୍) **ୟତ୍ ଚ** (ଏବଂ [ବର୍ତ୍ତମାନ] ଅନ୍ୟ ଯାହା କିଛି) **ବେଦାଃ** (ବେଦସମୂହ) **ବଦନ୍ତି** (ପ୍ରତିପାଦନ କରିଥାଏ) [ସେସମସ୍ତ ହିଁ] **ଅସ୍ମାତ୍** (ଅକ୍ଷର ବ୍ରହ୍ମଙ୍କଠାରୁ ଉତ୍ପନ୍ନ ହୋଇଅଛି) । **ଏତତ୍** (ଏହି) **ବିଶ୍ୱମ୍** (ଜଗତ୍‌କୁ) **ମାୟୀ** (କୂଟସ୍ଥ ବ୍ରହ୍ମ ସ୍ୱଶକ୍ତି-ଅବଲମ୍ବନରେ) **ସୃଜତେ** (ସୃଜନ କରନ୍ତି) **ଚ** (ଏବଂ) **ତସ୍ମିନ୍** (ସେହି ସୃଷ୍ଟ ଜଗତ୍‌ରେ) **ମାୟୟା** (ଅବିଦ୍ୟାବଶରେ) **ଅନ୍ୟଃ** (ବ୍ରହ୍ମ ବ୍ୟତୀତ ଜୀବରୂପରେ) **ସନ୍ନିରୁଦ୍ଧଃ** (ଆବଦ୍ଧ ହୁଅନ୍ତି) । ୪/୯

ବେଦସମୂହ, ଯଜ୍ଞ, କ୍ରତୁ, ବ୍ରତ, ଭୂତ ଭବିଷ୍ୟତ ଏବଂ (ବର୍ତ୍ତମାନ) ଅନ୍ୟ ଯାହା କିଛି ବେଦ ଦ୍ୱାରା ପ୍ରତିପାଦିତ ହୋଇଅଛି[1] ସେସମସ୍ତ ହିଁ ଏହି ଅକ୍ଷର ବ୍ରହ୍ମରୁ ଉତ୍ପନ୍ନ ହୋଇଅଛି । ବ୍ରହ୍ମ ମାୟାଶକ୍ତି-ଅବଲମ୍ବନରେ ଏହି ଜଗତ୍‌କୁ ସୃଜନ କରନ୍ତି ଏବଂ ସେହି ସୃଷ୍ଟ ଜଗତ୍‌ରେ ଅବିଦ୍ୟା ଦ୍ୱାରା ଜୀବରୂପରେ ବଦ୍ଧ ହୁଅନ୍ତି । ୪/୯

ମାୟାଂ ତୁ ପ୍ରକୃତିଂ ବିଦ୍ୟାନ୍ମାୟିନଂ ତୁ ମହେଶ୍ୱରମ୍ ।
ତସ୍ୟାବୟବଭୂତୈସ୍ତୁ ବ୍ୟାପ୍ତଂ ସର୍ବମିଦଂ ଜଗତ୍ ॥୧୦॥

ପ୍ରକୃତିମ୍ (ପୂର୍ବରୁ ୧/୩ ଓ ୧/୯-୧୦ ମନ୍ତ୍ରରେ ଯାହାକୁ ଜଗତ୍‌ର ପ୍ରକୃତି କୁହାଯାଇଛି, ସେହି ପ୍ରକୃତିକୁ) **ମାୟାମ୍ ତୁ** (ମାୟା ବୋଲି ହିଁ) [ଏବଂ] **ମହା-ଈଶ୍ୱରମ୍** (ଯାହାଙ୍କୁ ପରମେଶ୍ୱର କୁହାହୋଇଛି ତାହାଙ୍କୁ) **ମାୟିନମ୍ ତୁ** (ମାୟାର [ସତ୍ତା ଓ ପ୍ରକାଶ-ସମ୍ପାଦକ]ଅଧିଷ୍ଠାନ ସଚ୍ଚିଦାନନ୍ଦ ବୋଲି ହିଁ) **ବିଦ୍ୟାତ୍** (ଜାଣିବ) । **ତସ୍ୟ** (ସେହି ପରମେଶ୍ୱରଙ୍କର) **ଅବୟବଭୂତୈଃ ତୁ** (ଅଧ୍ୟାସ-ହେତୁ ଅବୟବରୂପରେ କଳ୍ପିତ ବସ୍ତୁସମୂହ ଦ୍ୱାରା ହିଁ) **ଇଦମ୍** (ଏହି) **ସର୍ବମ୍** (ଅଖିଳ) **ଜଗତ୍** (ବିଶ୍ୱ) **ବ୍ୟାପ୍ତମ୍** (ପରିପୂର୍ଣ୍ଣ)—[ଗୀତା ୧୩/୧୯-୨୧] । ୪/୧୦

---

1. ଅର୍ଥାତ୍ ସେହି ସବୁ ବିଷୟରେ ବେଦ ହିଁ ପ୍ରମାଣ । ଯଜ୍ଞ ଓ କ୍ରତୁର ପାର୍ଥକ୍ୟ ନାରାୟଣଙ୍କ ମତରେ ଏହିପ୍ରକାର—ଯଜ୍ଞ=ଯାହା ସୋମବିହୀନ, କ୍ରତୁ=ଯାହା ସୋମଯୁକ୍ତ ।

ପ୍ରକୃତିକୁ ମାୟା ବୋଲି ଏବଂ ପରମେଶ୍ୱରଙ୍କୁ ମାୟାଧୀଶ ବୋଲି ଜାଣିବ । ସେହି ପରମେଶ୍ୱରଙ୍କର ଅଙ୍ଗସ୍ୱରୂପ କଳ୍ପିତ ବସ୍ତୁସମୂହ ଦ୍ୱାରା ଏହି ଅଖିଳ ଜଗତ୍ ପରିପୂର୍ଣ୍ଣ ରହିଛି । ୪/୧୦

ୟୋ ଯୋନିଂ ଯୋନିମଧିତିଷ୍ଠତ୍ୟେକୋ
ୟସ୍ମିନ୍ନିଦଂ ସ ଚ ବି ଚୈତି ସର୍ବମ୍ ।
ତମୀଶାନଂ ବରଦଂ ଦେବମୀଡ୍ୟଂ
ନିଚାଯ୍ୟେମାଂ ଶାନ୍ତିମତ୍ୟନ୍ତମେତି ॥୧୧॥

ୟଃ (ଯେଉଁ ମାୟାସମ୍ବନ୍ଧଶୂନ୍ୟ ବ୍ରହ୍ମ) **ଏକଃ** (ଅଦ୍ୱିତୀୟ ହୋଇ ମଧ୍ୟ) **ଯୋନିମ୍ ଯୋନିମ୍** (ମୂଳ ପ୍ରକୃତି ଓ [ସୂକ୍ଷ୍ମ ଆକାଶାଦି-ରୂପରେ] ଅବାନ୍ତର ପ୍ରକୃତିସମୂହର ପ୍ରତ୍ୟେକଟିରେ) **ଅଧିତିଷ୍ଠତି** (ଅନ୍ତର୍ଯ୍ୟାମୀରୂପରେ ଅବସ୍ଥାନ କରନ୍ତି) **ଚ ୟସ୍ମିନ୍** (ଯାହାଙ୍କଠାରେ) **ଇଦମ୍ ସର୍ବମ୍** (ଏହି ସକଳ) **ସମ୍-ଏତି** (ଲୟପ୍ରାପ୍ତ ହୁଏ) **ଚ ବି-ଏତି** (ସୃଷ୍ଟିବେଳେ ବିବିଧ ରୂପରେ ଯାହାଙ୍କଠାରୁ ଜ୍ଞାତ ହୁଏ) **ତମ୍** (ସେହି) **ବରଦମ୍** (ମୋକ୍ଷପ୍ରଦ) **ଈଡ୍ୟମ୍** (ସ୍ତବନୀୟ) **ଈଶାନମ୍** (ନିୟନ୍ତା) **ଦେବମ୍** (ଦେବଙ୍କୁ) **ନିଚାଯ୍ୟ** (ନିଶ୍ଚିତରୂପେ ସାକ୍ଷାତ୍ କରି) **ଇମାମ୍ ଶାନ୍ତିମ୍** (ସୁଷୁପ୍ତିକାଳରେ ସର୍ବଜନ ପ୍ରସିଦ୍ଧ ଏହି ଦ୍ୱୈତ-ଅଭାବରୂପକ ଶାନ୍ତି) **ଅତି-ଅନ୍ତମ୍** (ଆତ୍ୟନ୍ତିକ ଭାବରେ, ପୁନର୍ଜ୍ଜନ୍ମରହିତରୂପରେ) **ଏତି** (ପ୍ରାପ୍ତ ହୁଅନ୍ତି) । ୪/୧୧

ଯେଉଁ ଅଦ୍ୱିତୀୟ ବ୍ରହ୍ମ ପ୍ରତ୍ୟେକ ପ୍ରକୃତିରେ ଅଧିଷ୍ଠିତ, ଯାହାଙ୍କଠାରେ ଏହି ସମସ୍ତ ଲୟପ୍ରାପ୍ତ ହୁଏ ଏବଂ ଯାହାଙ୍କଠାରୁ ବିବିଧରୂପରେ (ସମସ୍ତ ସୃଷ୍ଟି) ଉତ୍ପନ୍ନ ହୁଏ, ସେହି ମୋକ୍ଷପ୍ରଦ ସ୍ତବନୀୟ ଓ ଈଶାନ (ନିୟନ୍ତା) ସ୍ୱପ୍ରକାଶସ୍ୱରୂପଙ୍କୁ ନିଶ୍ଚିତରୂପରେ ସାକ୍ଷାତ୍ କଲେ (ସୁଷୁପ୍ତିକାଳରେ ଦ୍ୱୈତ-ଅଭାବରୂପକ) ଏହି ସୁପ୍ରସିଦ୍ଧ ଶାନ୍ତିର ଆତ୍ୟନ୍ତିକ ପ୍ରାପ୍ତି ହୁଏ । ୪/୧୧

ୟୋ ଦେବାନାଂ ପ୍ରଭବଶ୍ଚୋଦ୍ଭବଶ୍ଚ
ବିଶ୍ୱାଧିପୋ ରୁଦ୍ରୋ ମହର୍ଷିଃ ।
ହିରଣ୍ୟଗର୍ଭଂ ପଶ୍ୟତ ଜାୟମାନଂ
ସ ନୋ ବୁଦ୍ଧ୍ୟା ଶୁଭୟା ସଂଯୁନକ୍ତୁ ॥୧୨॥

ଦେବାନାମ୍ (ଦେବଗଣଙ୍କର) **ପ୍ରଭବଃ ଚ** (ଉତ୍ପତ୍ତିର ହେତୁ) **ଉଦ୍ଭବଃ ଚ** (ଏବଂ ବିଭୂତି ଲାଭର କାରଣ) **ବିଶ୍ୱ-ଅଧିପଃ** (ବିଶ୍ୱର ପାଳୟିତା) **ମହା-ଋଷିଃ** (ସର୍ବଜ୍ଞ) **ୟଃ** (ଯେଉଁ) **ରୁଦ୍ରଃ** (ରୁଦ୍ର) **ଜାୟମାନମ୍** (ଜନ୍ମ ହେଉଥିବା) **ହିରଣ୍ୟଗର୍ଭମ୍** (ହିରଣ୍ୟଗର୍ଭଙ୍କୁ) **ପଶ୍ୟତ** (ଦର୍ଶନ କରିଥିଲେ) **ସଃ** (ସେହି ରୁଦ୍ର) **ନଃ** (ଆମମାନଙ୍କୁ) **ଶୁଭୟା** (ମଙ୍ଗଳମୟ) **ବୁଦ୍ଧ୍ୟା** (ବୁଦ୍ଧି ସହିତ) **ସଂଯୁନକ୍ତୁ** (ସଂଯୁକ୍ତ କରନ୍ତୁ) । ୪/୧୨

ଦେବଗଣଙ୍କର ଉତ୍ପତ୍ତିସ୍ଥଳ ଏବଂ ଐଶ୍ୱର୍ଯ୍ୟବିଧାତା ଯେଉଁ ବିଶ୍ୱପାଳକ ଓ ସର୍ବଜ୍ଞ ରୁଦ୍ର ହିରଣ୍ୟଗର୍ଭଙ୍କର ଜନ୍ମ ପ୍ରତ୍ୟକ୍ଷ କରିଥିଲେ, ସେ ଆମକୁ ଶୁଭବୁଦ୍ଧିଯୁକ୍ତ କରନ୍ତୁ । ୪/୧୨

ୟୋ ଦେବାନାମଧିପୋ
ୟସ୍ମିଁଲ୍ଲୋକା ଅଧିଶ୍ରିତାଃ ।
ୟ ଈଶେ ଅସ୍ୟ ଦ୍ୱିପଦଶ୍ଚତୁଷ୍ପଦଃ
କସ୍ମୈ ଦେବାୟ ହବିଷା ବିଧେମ ॥୧୩॥

ୟଃ (ଯେଉଁ ପରମେଶ୍ୱର) **ଦେବାନାମ୍** (ବ୍ରହ୍ମାଦି ଦେବଗଣଙ୍କର) **ଅଧିପଃ** (ଅଧିପତି, ସ୍ୱାମୀ) **ୟସ୍ମିନ୍** (ଯାହାଙ୍କଠାରେ) **ଲୋକାଃ** (ଭୂଃ-ଆଦି ଲୋକସମୂହ) **ଅଧିଶ୍ରିତାଃ** (ଉପରେ ଆଶ୍ରିତ, ଅର୍ଥାତ୍ ଅଧସ୍ତ) **ୟଃ** (ଯିଏ) **ଅସ୍ୟ** (ଏହି) **ଦ୍ୱିପଦଃ** (ଦ୍ୱିପଦ ମନୁଷ୍ୟାଦି) [ଏବଂ] **ଚତୁଷ୍ପଦଃ** (ଚତୁଷ୍ପଦ ପଶୁ ଆଦିଙ୍କର) **ଈଶେ** (=**ଇଷ୍ଟେ**, ଶାସନ କରନ୍ତି) [ସେହି] **କସ୍ମୈ**(=**କାୟ**; ଆନନ୍ଦସ୍ୱରୂପକୁ **କ**=ସୁଖ, [ଋଗ୍ବେଦ, ୧୦/୧୨୧])[ଏବଂ] **ଦେବାୟ** (ପ୍ରକାଶସ୍ୱରୂପକୁ) **ହବିଷା** (ଚରୁ-ପୁରୋଡାଶାଦି ଦ୍ରବ୍ୟ ଦ୍ୱାରା) **ବିଧେମ** (ପରିଚର୍ଯ୍ୟା କର) । ୪/୧୩

ଯିଏ ଦେବଗଣଙ୍କର ଅଧିପତି, ଯାହାଙ୍କ ଉପରେ ଭୂଃ-ଆଦି ଲୋକସମୂହ ଆଶ୍ରିତ, ଯିଏ ଏହି ଦ୍ୱିପଦ ଏବଂ ଚତୁଷ୍ପଦଗଣଙ୍କର ଶାସନକର୍ତ୍ତା, ସେହି ଆନନ୍ଦଘନ

ଏବଂ ପ୍ରକାଶସ୍ୱରୂପ ପରମେଶ୍ୱରଙ୍କୁ ଚରୁ-ପୁରୋଡାଶାଦି ଦ୍ରବ୍ୟ ଦ୍ୱାରା ପରିଚର୍ଯ୍ୟା କର । ୪/୧୩

ସୂକ୍ଷ୍ମାତିସୂକ୍ଷ୍ମଂ କଲିଲସ୍ୟ ମଧ୍ୟେ
ବିଶ୍ୱସ୍ୟ ସ୍ରଷ୍ଟାରମନେକରୂପମ୍ ।
ବିଶ୍ୱସ୍ୟୈକଂ ପରିବେଷ୍ଟିତାରଂ
ଜ୍ଞାତ୍ୱା ଶିବଂ ଶାନ୍ତିମତ୍ୟନ୍ତମେତି ॥୧୪॥

ସୂକ୍ଷ୍ମ-ଅତିସୂକ୍ଷ୍ମମ୍ (ସୂକ୍ଷ୍ମଠାରୁ ମଧ୍ୟ ସୂକ୍ଷ୍ମ, ଅର୍ଥାତ୍ ସୂକ୍ଷ୍ମତମ) **କଲିଲସ୍ୟ** (ଗହନ ସଂସାରର) **ମଧ୍ୟେ** (ମଧ୍ୟରେ) [ସାକ୍ଷୀରୂପରେ ଅବସ୍ଥିତ] **ବିଶ୍ୱସ୍ୟ** (ଜଗତ୍‌ର) **ସ୍ରଷ୍ଟାରମ୍** (ସ୍ରଷ୍ଟା) **ଅନେକ-ରୂପମ୍** (ବିଚିତ୍ର ରୂପରେ ପ୍ରତିଭାତ) **ବିଶ୍ୱସ୍ୟ** (ଜଗତ୍‌ର) **ଏକମ୍** (ଅଦ୍ୱିତୀୟ) **ପରିବେଷ୍ଟିତାରମ୍** (ଅନ୍ତର୍ବହିଃ ପରିବ୍ୟାପକ) **ଶିବମ୍** (ମଙ୍ଗଳମୟ ପରମେଶ୍ୱରଙ୍କୁ) **ଜ୍ଞାତ୍ୱା** (ଜାଣି) [ମନୁଷ୍ୟ] **ଅତ୍ୟନ୍ତମ୍ ଶାନ୍ତିମ୍ ଏତି** (ନିରବଚ୍ଛିନ୍ନ ଶାନ୍ତିକୁ ପ୍ରାପ୍ତ ହୁଏ) । ୪/୧୪

ସୂକ୍ଷ୍ମଠାରୁ ମଧ୍ୟ ଅତି ସୂକ୍ଷ୍ମ, ଗହନସଂସାର ମଧ୍ୟରେ ସାକ୍ଷୀରୂପରେ ଅବସ୍ଥିତ, ଜଗତ୍‌ର ସ୍ରଷ୍ଟା, ବିଚିତ୍ରରୂପରେ ପ୍ରତିଭାତ ଏବଂ ବିଶ୍ୱର ଅଦ୍ୱିତୀୟ ପରିବ୍ୟାପକ ମଙ୍ଗଳମୟଙ୍କୁ ଜାଣି (ମନୁଷ୍ୟ) ନିରବଚ୍ଛିନ୍ନ ଶାନ୍ତିକୁ ପ୍ରାପ୍ତ ହୁଏ । ୪/୧୪

ସ ଏବ କାଲେ ଭୁବନସ୍ୟ ଗୋପ୍ତା
ବିଶ୍ୱାଧିପଃ ସର୍ବଭୂତେଷୁ ଗୂଢଃ ।
ଯସ୍ମିନ୍ ଯୁକ୍ତା ବ୍ରହ୍ମର୍ଷୟୋ ଦେବତାଶ୍ଚ
ତମେବ ଜ୍ଞାତ୍ୱା ମୃତ୍ୟୁପାଶାଂଶ୍ଚିନତ୍ତି ॥୧୫॥

ସଃ ଏବ (ସେହି ପରମେଶ୍ୱର ହିଁ) **କାଲେ** (ଯଥାକାଳରେ, ଜୀବଗଣଙ୍କର ଅତୀତ କଳ୍ପସମୂହରେ ସଞ୍ଚିତ କର୍ମଫଳ ପ୍ରଦାନରେ ଉନ୍ମୁଖ ହେଲେ) **ଭୁବନସ୍ୟ** (ଜଗତ୍‌ର) **ଗୋପ୍ତା** (ରକ୍ଷକ) **ବିଶ୍ୱାଧିପଃ** (ବିଶ୍ୱପ୍ରଭୁ) [ହୋଇ] **ସର୍ବଭୂତେଷୁ** (ସକଳ ପ୍ରାଣୀ ଭିତରେ) **ଗୂଢଃ** (ସାକ୍ଷୀମାତ୍ର ହୋଇ ଅବସ୍ଥିତ ଥାଆନ୍ତି) । **ଯସ୍ମିନ୍** (ଯେଉଁ ପରମେଶ୍ୱରଙ୍କଠାରେ) **ବ୍ରହ୍ମର୍ଷୟଃ** (ସନକାଦି ଋଷିଗଣ) **ଚ** (ଏବଂ) **ଦେବତାଃ** (ବ୍ରହ୍ମାଦି ଦେବଗଣ) **ଯୁକ୍ତାଃ** (ଐକ୍ୟ ପ୍ରାପ୍ତ ହୋଇଛନ୍ତି) **ତମ୍** (ତାହାଙ୍କୁ)

ଜ୍ଞାତ୍ୱା ଏବ (ଜାଣି ହିଁ) [ମନୁଷ୍ୟ] **ମୃତ୍ୟୁପାଶାନ୍** (ମୃତ୍ୟୁର, ଅର୍ଥାତ୍ ଅଜ୍ଞାନାନ୍ଧକାର ଓ ରୂପରସାଦି ବିଷୟର, ପାଶକୁ, କାମ ଓ କର୍ମସକଳକୁ) **ଛିନତ୍ତି** (ଛିନ୍ନ କରନ୍ତି, ନାଶ କରେ) । ୪/୧୫

ସେହି ପରମେଶ୍ୱର ହିଁ ଅତୀତ କଳ୍ପରେ (ଅର୍ଥାତ୍ କଳ୍ପାରମ୍ଭ ସମୟରେ) ଜଗତ୍-ରକ୍ଷକ ବିଶ୍ୱପ୍ରଭୁ ହୋଇ ସକଳ ପ୍ରାଣୀ ମଧ୍ୟରେ ସାକ୍ଷୀରୂପରେ ଅବସ୍ଥାନ କରନ୍ତି; ଯେଉଁ ପରମେଶ୍ୱରଙ୍କଠାରେ (ସନକାଦି) ଋଷିଗଣ ଏବଂ ବ୍ରହ୍ମାଦି ଦେବଗଣ ଏକୀଭୂତ ହୋଇଛନ୍ତି, ତାହାଙ୍କୁ ଜାଣି ହିଁ (ମନୁଷ୍ୟ) ମୃତ୍ୟୁର ପାଶ (ଅର୍ଥାତ୍ ଅବିଦ୍ୟାଦି ବନ୍ଧନ) ଛିନ୍ନ କରେ । ୪/୧୫

ଘୃତାତ୍ ପରଂ ମଣ୍ଡମିବାତିସୂକ୍ଷ୍ମଂ
ଜ୍ଞାତ୍ୱା ଶିବଂ ସର୍ବଭୂତେଷୁ ଗୂଢମ୍ ।
ବିଶ୍ୱସ୍ୟୈକଂ ପରିବେଷ୍ଟିତାରଂ
ଜ୍ଞାତ୍ୱା ଦେବଂ ମୁଚ୍ୟତେ ସର୍ବପାଶୈଃ ॥୧୬॥

ଘୃତାତ୍ ପରମ୍ (ଘୃତର ଉପରାଂଶରେ) **ମଣ୍ଡମ୍ ଇବ** (ସରପରି ଯେଉଁ ସାରଭାଗ ଥାଏ, ସେହିପରି; ଅର୍ଥାତ୍ ଘୃତର ସାରଭାଗ ଯେପରି ଆନନ୍ଦପ୍ରଦ ସେହିପରି ନିରତିଶୟ ଆନନ୍ଦପ୍ରଦ) **ଅତି ସୂକ୍ଷ୍ମମ୍** ([ଏବଂ ଘୃତସାର ସଦୃଶ] ଅତିସୂକ୍ଷ୍ମ) **ସର୍ବଭୂତେଷୁ** (ସକଳ ପ୍ରାଣୀ ମଧ୍ୟରେ) **ଗୂଢମ୍** (ସାକ୍ଷୀରୂପରେ ନିଗୂଢ଼) **ଶିବମ୍** (ମଙ୍ଗଳମୟଙ୍କୁ) **ଜ୍ଞାତ୍ୱା** (ଜାଣି)—**ବିଶ୍ୱସ୍ୟ ଏକମ୍ ପରିବେଷ୍ଟିତାରମ୍** (ବିଶ୍ୱର ଅଦ୍ୱିତୀୟ ପରିବେଷ୍ଟନକାରୀ) **ଦେବମ୍** (ପ୍ରକାଶସ୍ୱରୂପଙ୍କୁ) **ଜ୍ଞାତ୍ୱା** (ଜାଣି) [ମନୁଷ୍ୟ] **ସର୍ବପାଶୈଃ** (ସକଳ ବନ୍ଧନରୁ) **ମୁଚ୍ୟତେ** (ମୁକ୍ତ ହୁଏ) । ୪/୧୬

ଘୃତର ଉପରିଭାଗସ୍ଥିତ ସରପରି ଯିଏ ଆନନ୍ଦପ୍ରଦ ଓ ଅତିସୂକ୍ଷ୍ମ ଏବଂ ସର୍ବଭୂତର ଅନ୍ତର୍ଯ୍ୟାମୀରୂପରେ ନିଗୂଢ଼ ସେହି ମଙ୍ଗଳମୟ ଜଗତ୍‌ର ଅଦ୍ୱିତୀୟ ପରିବେଷ୍ଟନକାରୀ ପ୍ରକାଶସ୍ୱରୂପ ପରମେଶ୍ୱରଙ୍କୁ ଜାଣି (ମନୁଷ୍ୟ) ସର୍ବବନ୍ଧନରୁ ମୁକ୍ତ ହୁଏ । ୪/୧୬

ଏଷ ଦେବୋ ବିଶ୍ୱକର୍ମା ମହାତ୍ମା
ସଦା ଜନାନାଂ ହୃଦୟେ ସନ୍ନିବିଷ୍ଟଃ ।
ହୃଦା ମନୀଷା ମନସାଭିକ୍ଲୃପ୍ତୋ
ୟ ଏତଦ୍ ବିଦୁରମୃତାସ୍ତେ ଭବନ୍ତି ॥୧୭॥

ଦେବଃ (ପ୍ରକାଶମୟ) **ବିଶ୍ୱକର୍ମା** ([ମହତତ୍ତ୍ୱାଦିକ୍ରମେ] ନିଖିଳ ବିଶ୍ୱର ସ୍ରଷ୍ଟା) **ମହାତ୍ମା** (ସର୍ବବ୍ୟାପୀ) **ଏଷଃ** (ଇଏ ହିଁ) **ସଦା** (ସର୍ବଦା) **ଜନାନାମ୍** (ଜୀବଗଣଙ୍କ) **ହୃଦୟେ** (ହୃଦୟାକାଶରେ) **ସନ୍ନିବିଷ୍ଟଃ** (ଗୂଢ଼ ଭାବରେ ଅବସ୍ଥିତ ଅଛନ୍ତି) [ଏବଂ] **ହୃଦା** ([**ହୃଞ୍ ହରଣେ**] ଅବିଦ୍ୟାଦି-ହରଣକାରୀ "ନେତି, ନେତି" ଇତ୍ୟାଦି ନିଷେଧମୂଳକ ଉପଦେଶ ଦ୍ୱାରା) **ମନୀଷା** (ବିବେକବୁଦ୍ଧି ସହାୟରେ) [ଓ] **ମନସା** (ବିଚାର ଲଭ୍ୟ ଏକତ୍ୱଜ୍ଞାନ ଦ୍ୱାରା) **ଅଭିକ୍ଲୃପ୍ତଃ** (ଅଭିବ୍ୟକ୍ତ ହୁଅନ୍ତି) । **ୟେ** (ଯେଉଁମାନେ) **ଏତତ୍** (ଏହି ବ୍ରହ୍ମଙ୍କୁ) **ବିଦୁଃ** (ଜାଣନ୍ତି) **ତେ** (ସେମାନେ) **ଅମୃତାଃ** (ଅମର, ମୁକ୍ତ) **ଭବନ୍ତି** (ହୁଅନ୍ତି)—[କ., ୨/୩/୯; ଶ୍ୱେ., ୩/୧୩] । ୪/୧୭

ପ୍ରକାଶମୟ, ବିଶ୍ୱସ୍ରଷ୍ଟା ଓ ସର୍ବବ୍ୟାପୀ ଇଏ ହିଁ ସର୍ବଦା ଜୀବଗଣଙ୍କ ହୃଦୟାକାଶରେ ଗୂଢ଼ଭାବରେ ଅବସ୍ଥିତ ଅଛନ୍ତି ଏବଂ ଅବିଦ୍ୟାନାଶକ (ନିଷେଧମୂଳକ) ଉପଦେଶସହାୟରେ, ବିବେକବୁଦ୍ଧି ସହାୟରେ ଓ ବିଚାରସାଧ ଏକତ୍ୱଜ୍ଞାନ ଦ୍ୱାରା (ହୃଦୟରେ) ଅଭିବ୍ୟକ୍ତ ହୁଅନ୍ତି । ଯେଉଁମାନେ ଏହି ବ୍ରହ୍ମଙ୍କୁ ଜାଣନ୍ତି ସେମାନେ ଅମର ହୁଅନ୍ତି । ୪/୧୭

ୟଦାଽତମସ୍ତନ୍ନ ଦିବା ନ ରାତ୍ରି-
ର୍ନ ସନ୍ନ ଚାସଚ୍ଛିବ ଏବ କେବଲଃ ।
ତଦକ୍ଷରଂ ତତ୍ ସବିତୁର୍ବରେଣ୍ୟଂ
ପ୍ରଜ୍ଞା ଚ ତସ୍ମାତ୍ ପ୍ରସୃତା ପୁରାଣୀ ॥୧୮॥

ୟଦା (ଯେଉଁ ଅବସ୍ଥାରେ) **ଅତମଃ** (ଅବିଦ୍ୟା ଓ ତାହାର କାର୍ଯ୍ୟ ରହେ ନାହିଁ) **ତତ୍** (=**ତଦା**, ସେହି ଅବସ୍ଥାରେ) **ନ ଦିବା** (ଦିନ ରହେ ନାହିଁ [ଆତ୍ମାରେ ଦିବସର ଅଧ୍ୟାରୋପ ହୁଏ ନାହିଁ]) **ନ ରାତ୍ରିଃ** (ରାତ୍ରି ରହେ ନାହିଁ [ଆତ୍ମାରେ ରାତ୍ରିର ଅଧ୍ୟାରୋପ ହୁଏ ନାହିଁ]) **ନ ସନ୍** (ସତ୍ତା ରହେ ନାହିଁ) **ଚ ନ ଅସନ୍** (ଅଭାବ ମଧ୍ୟ ରହେ ନାହିଁ) **କେବଲଃ** (ଅବିଦ୍ୟା ପ୍ରଭୃତି ବିକଳ୍ପଶୂନ୍ୟ) **ଶିବଃ ଏବ** (ଶୁଦ୍ଧ ସ୍ୱଭାବରୂପରେ ହିଁ) [ସେ ଅବସ୍ଥାନ କରନ୍ତି] । **ତତ୍** (ଉକ୍ତ) **ଅକ୍ଷରମ୍** (କ୍ଷୟରହିତ

ନିତ୍ୟବ୍ରହ୍ମ ହିଁ) **ତତ୍** ("**ତତ୍ତ୍ୱମସି**" ବାକ୍ୟସ୍ଥ "ତତ୍" ପଦର ଲକ୍ଷ୍ୟ) [ଏବଂ] **ସବିତୁଃ** (ଆଦିତ୍ୟମଣ୍ଡଳାଭିମାନୀ ଦେବତାଙ୍କର) **ବରେଣ୍ୟମ୍** (ବରଣୀୟ) । **ପୁରାଣୀ** (ବ୍ରହ୍ମାଙ୍କଠାରୁ ଗୁରୁପରମ୍ପରାକ୍ରମେ ପ୍ରାପ୍ତ) **ପ୍ରଜ୍ଞା** (ତତ୍ତ୍ୱମସ୍ୟାଦି ବାକ୍ୟରୁ ଜାତ ବୁଦ୍ଧି) **ତସ୍ମାତ୍ ଚ** (ତାଙ୍କଠାରୁ ହିଁ) [ଆସି] **ପ୍ରସୃତା** (ବିବେକୀ ପୁରୁଷଙ୍କଠାରେ ପରିବ୍ୟାପ୍ତ, ପ୍ରକଟିତ ହୋଇଅଛି)—[ଋଗ୍ବେଦ ୧୦/୧୨୯] । ୪/୧୮

ଯେଉଁ ଅବସ୍ଥାରେ ଅବିଦ୍ୟାଦି ରହେ ନାହିଁ, ସେତେବେଳେ ଦିବାରାତ୍ରିର ଅଧାରୋପ ରହେ ନାହିଁ, ସତ୍ତା ଏବଂ ଅସତ୍ତାର ମଧ୍ୟ ଅଧାରୋପ ରହେ ନାହିଁ—ସେତେବେଳେ ସେ ନିର୍ବିକଳ୍ପ ଓ ଶୁଦ୍ଧସ୍ୱରୂପରେ ହିଁ ଅବସ୍ଥାନ କରନ୍ତି । ଉକ୍ତ କ୍ଷୟରହିତ ନିତ୍ୟବ୍ରହ୍ମ ହିଁ "ତତ୍" ପଦର ଲକ୍ଷ୍ୟ ଏବଂ ସେ ହିଁ ସବିତାଙ୍କର ମଧ୍ୟ ବରଣୀୟ । ଗୁରୁ ପରମ୍ପରାକ୍ରମେ ପ୍ରଜ୍ଞା ତାହାଙ୍କଠାରୁ ହିଁ ବିବେକୀ ପୁରୁଷମାନଙ୍କ ମଧ୍ୟରେ ପ୍ରକଟିତ ହୋଇଅଛି । ୪/୧୮

ନୈନମୂର୍ଧ୍ୱଂ ନ ତିର୍ଯଞ୍ଚଂ ନ ମଧ୍ୟେ ପରିଜଗ୍ରଭତ୍ ।
ନ ତସ୍ୟ ପ୍ରତିମା ଅସ୍ତି ୟସ୍ୟ ନାମ ମହଦ୍ୟଶଃ ॥୧୯॥

ଏନମ୍ (ଏହି କୂଟସ୍ଥ ବ୍ରହ୍ମଙ୍କୁ) **ନ ଊର୍ଧ୍ୱମ୍** (ଉର୍ଦ୍ଧ୍ୱଦିଗରେ ନୁହେଁ) **ନ ତିର୍ଯଞ୍ଚମ୍** (ନା ପାର୍ଶ୍ୱରୁ) **ନ ମଧ୍ୟେ** (ନା ମଧ୍ୟସ୍ଥଳରେ) **ପରିଜଗ୍ରଭତ୍** (କେହି ଗ୍ରହଣ କରିପାରେ) । **ୟସ୍ୟ** (ଯେଉଁ ପରମେଶ୍ୱରଙ୍କର) **ନାମ** (ନାମ) **ମହତ୍** (ଲୋକାତୀତ, ସର୍ବତ୍ରବ୍ୟାପ୍ତ) **ୟଶଃ** (କୀର୍ତ୍ତି) **ତସ୍ୟ** (ତାହାଙ୍କର) **ପ୍ରତିମା** (ଉପମା) **ନ ଅସ୍ତି** (ନାହିଁ) । ୪/୧୯

ଏହି କୂଟସ୍ଥ ବ୍ରହ୍ମଙ୍କୁ କେହି ଊର୍ଦ୍ଧ୍ୱଦିଗରୁ, ପାର୍ଶ୍ୱରୁ ଅଥବା ମଧ୍ୟରୁ ଗ୍ରହଣ କରିପାରେ ନାହିଁ । ସର୍ବତ୍ରବ୍ୟାପ୍ତ କୀର୍ତ୍ତି ହିଁ ଯାହାଙ୍କର ନାମ, ତାହାଙ୍କର କୌଣସି ଉପମା ରହିପାରେ ନାହିଁ । ୪/୧୯

ନ ସନ୍ଦୃଶେ ତିଷ୍ଠତି ରୂପମସ୍ୟ
ନ ଚକ୍ଷୁଷା ପଶ୍ୟତି କଶ୍ଚନୈନମ୍ ।
ହୃଦା ହୃଦିସ୍ଥଂ ମନସା ୟ ଏନ-
ମେବଂ ବିଦୁରମୃତାସ୍ତେ ଭବନ୍ତି ॥୨୦॥

ଅସ୍ୟ (ଏହି ପରମେଶ୍ୱରଙ୍କର) **ରୂପମ୍** (ସ୍ୱରୂପ) **ସନ୍ଦୃଶେ** (ଚକ୍ଷୁରାଦି ଦ୍ୱାରା ଗ୍ରହଣ ଯୋଗ୍ୟ ପ୍ରଦେଶରେ) **ନ ତିଷ୍ଠତି** (ରହନ୍ତି ନାହିଁ); **ଏନମ୍** (ଏହାଙ୍କୁ) **କଃ ଚନ** (କେହି ମଧ୍ୟ) **ଚକ୍ଷୁଷା** (ଚକ୍ଷୁରାଦି ଇନ୍ଦ୍ରିୟ ଦ୍ୱାରା) **ନ ପଶ୍ୟତି** (ଦର୍ଶନ କରନ୍ତି ନାହିଁ); **ହୃଦା** (ଶୁଦ୍ଧ ବୁଦ୍ଧିଦ୍ୱାରା) **ମନସା** (ବିଚାର-ଲଭ୍ୟ ଏକତ୍ୱଜ୍ଞାନ ଦ୍ୱାରା) **ହୃଦିସ୍ଥମ୍** (ହୃଦୟଗୁହାରେ ଅବସ୍ଥିତ) **ଏନମ୍** (ଏହି ବ୍ରହ୍ମଙ୍କୁ) **ୟଃ** (ଯିଏ) **ଏବମ୍** (ଏପରି) **ବିଦୁଃ** (ଜାଣନ୍ତି) **ତେ** (ସେମାନେ) **ଅମୃତାଃ** (ଅମର) **ଭବନ୍ତି** (ହୁଅନ୍ତି) । ୪/୨୦

ଏହି ପରମେଶ୍ୱରଙ୍କର ସ୍ୱରୂପ ଇନ୍ଦ୍ରିୟଗଣଙ୍କର ଗୋଚର ହୁଏ ନାହିଁ; ତାହାଙ୍କୁ କେହି ଚକ୍ଷୁରାଦି ଇନ୍ଦ୍ରିୟ ଦ୍ୱାରା ଦର୍ଶନ କରନ୍ତି ନାହିଁ; ଶୁଦ୍ଧବୁଦ୍ଧିସହାୟରେ ଏବଂ ବିଚାରସାଧ୍ୟ ଏକତ୍ୱଜ୍ଞାନ ଦ୍ୱାରା ହୃଦୟଗୁହାରେ ଅବସ୍ଥିତ ଏହି ବ୍ରହ୍ମଙ୍କୁ ଯେଉଁମାନେ ଏହି ପ୍ରକାର ଜାଣନ୍ତି, ସେମାନେ ଅମର ହୁଅନ୍ତି । ୪/୨୦

ଅଜାତ ଇତ୍ୟେବଂ କଶ୍ଚିଦ୍ଭୀରୁଃ ପ୍ରପଦ୍ୟତେ ।
ରୁଦ୍ର ୟତ୍ତେ ଦକ୍ଷିଣଂ ମୁଖଂ ତେନ ମାଂ ପାହି ନିତ୍ୟମ୍ ॥୨୧॥

ଅଜାତଃ ଇତି ଏବମ୍ (ଯେହେତୁ ତୁମେ ଅଜାତ, ଅର୍ଥାତ୍ ଜନ୍ମଜରାଦି-ବିକାର ରହିତ, ଅତଏବ) **ଭୀରୁଃ** ([ଜନ୍ମାଦି-ଭୟରେ] ଭୀତ) **କଃ ଚିତ୍** (ବିରଳ କେହି) **ପ୍ରପଦ୍ୟତେ** (ତୁମର ଶରଣ ଗ୍ରହଣ କରେ) । **ରୁଦ୍ର** (ହେ ରୁଦ୍ର) **ତେ** (ତୁମର) **ୟତ୍** (ଯାହା) **ଦକ୍ଷିଣମ୍** (ଅନୁକୂଳ, ଉତ୍ସାହଜନକ, ଅଥବା ଦକ୍ଷିଣପାର୍ଶ୍ୱସ୍ଥ) **ମୁଖମ୍** (ମୁଖ) **ତେନ** (ତଦ୍ୱାରା) **ମାମ୍** (ମୋତେ) **ନିତ୍ୟମ୍** (ସର୍ବଦା) **ପାହି** (ରକ୍ଷା କର) । ୪/୨୧

ତୁମେ ଜନ୍ମାଦିବିକାରରହିତ ବୋଲି ହିଁ ଜନ୍ମାଦିଭୟରେ ଭୀତ କୌଣସି ଭାଗ୍ୟବାନ୍ ତୁମର ଶରଣ ଗ୍ରହଣ କରେ । ହେ ରୁଦ୍ର, ତୁମର ଯାହା ଦକ୍ଷିଣ ମୁଖ ତଦ୍ୱାରା ମୋତେ ସର୍ବଦା ରକ୍ଷା କର । ୪/୨୧

ମା ନସ୍ତୋକେ ତନୟେ ମା ନ ଆୟୁଷି
ମା ନୋ ଗୋଷୁ ମା ନୋ ଅଶ୍ୱେଷୁ ରୀରିଷଃ ।
ବୀରାନ୍ମା ନୋ ରୁଦ୍ର ଭାମିତୋଽବଧୀ-
ର୍ହବିଷ୍ମନ୍ତଃ ସଦମିତ୍ତ୍ୱା ହବାମହେ ॥୨୨॥

ଇତି ଶ୍ୱେତାଶ୍ୱତରୋପନିଷଦି ଚତୁର୍ଥୋଽଧ୍ୟାୟଃ ॥

ରୁଦ୍ର (ହେ ରୁଦ୍ର) **ଭାମିତଃ** (ତୁମେ କ୍ରୁଦ୍ଧ ହୋଇ) **ନଃ** (ଆମମାନଙ୍କର) **ତୋକେ** (ପୁତ୍ରରେ) **ତନୟେ** (ପ୍ରୌତ୍ରରେ) **ମା ରୀରିଷଃ** (ବିନାଶ ବା ମରଣ ବିଧାନ କରନ୍ତୁ ନାହିଁ); **ନଃ ଆୟୁଷି ମା** (ଆମ ଜୀବନରେ ମଧ୍ୟ ନୁହେଁ) **ନଃ ଗୋଷୁ ମା** (ଆମ ଗୋସମୂହରେ ମଧ୍ୟ ନୁହେଁ) **ନଃ ଅଶ୍ୱେଷୁ ମା** (ଆମମାନଙ୍କର ଅଶ୍ୱସମୂହରେ ମଧ୍ୟ ନୁହେଁ) **ନଃ** (ଆମମାନଙ୍କର) **ବୀରାନ୍** (ବିକ୍ରମଶୀଳ ଭୃତ୍ୟମାନଙ୍କୁ) **ମା ଅବଧୀଃ** (ବଧ କର ନାହିଁ)—[କାହିଁକି ନା] **ହବିଷ୍ମନ୍ତଃ** (ଆମେ ହବନଯୋଗ୍ୟ ଦ୍ରବ୍ୟସମ୍ଭାର ନେଇ) **ସଦମିତ୍** (ସର୍ବଦା ହିଁ) **ତ୍ୱା** (ତୁମକୁ) **ହବାମହେ** (ଆମମାନଙ୍କ ରକ୍ଷା ପାଇଁ ଆହ୍ୱାନ କରିଥାଉ) । ୪/୨୨

ହେ ରୁଦ୍ର, ତୁମେ କ୍ରୁଦ୍ଧ ହୋଇ ଆମମାନଙ୍କର ପୁତ୍ର ଓ ପୌତ୍ରଙ୍କୁ ବିନାଶ କର ନାହିଁ, ଆମର ଜୀବନନାଶ କର ନାହିଁ, ଆମର ଗୋସମୂହକୁ ଓ ଅଶ୍ୱସମୂହକୁ ବିନାଶ କର ନାହିଁ ଏବଂ ଆମର ବିକ୍ରମଶୀଳ ଭୃତ୍ୟଗଣଙ୍କୁ ବଧ କର ନାହିଁ— କାରଣ ଆମେ ହବନଯୋଗ୍ୟ ଦ୍ରବ୍ୟସମ୍ଭାର ନେଇ ସର୍ବଦା ତୁମକୁ ଆମର ରକ୍ଷା ନିମନ୍ତେ ଆହ୍ୱାନ କରିଥାଉ । ୪/୨୨

॥ ଶ୍ୱେତାଶ୍ୱତରୋପନିଷଦ୍‌ର ଚତୁର୍ଥ ଅଧ୍ୟାୟ ସମାପ୍ତ ॥

ପଞ୍ଚମ ଅଧ୍ୟାୟ

ଦ୍ୱେ ଅକ୍ଷରେ ବ୍ରହ୍ମପରେ ତ୍ୱନନ୍ତେ
ବିଦ୍ୟାବିଦ୍ୟେ ନିହିତେ ଯତ୍ର ଗୂଢ଼େ ।
କ୍ଷରଂ ତ୍ୱବିଦ୍ୟା ହ୍ୟମୃତଂ ତୁ ବିଦ୍ୟା
ବିଦ୍ୟାବିଦ୍ୟେ ଈଶତେ ଯସ୍ତୁ ସୋଽନ୍ୟଃ ॥୧॥

କ୍ଷରମ୍ ତୁ (କ୍ଷରଣର, ଅର୍ଥାତ୍ ସଂସାର ଗତିର, କାରଣ ଯାହା ତାହା ହିଁ) **ଅବିଦ୍ୟା** (ଅବିଦ୍ୟା) **ତୁ** (ଅନ୍ୟ ପକ୍ଷରେ) **ଅମୃତମ୍ ହି** (ଯାହା ଅମୃତର, ଅର୍ଥାତ୍ ମୁକ୍ତିର କାରଣ ତାହା ହିଁ) **ବିଦ୍ୟା** (ବିଦ୍ୟା [ମୁ., ୧/୧/୪]) —[ଏହି] **ବିଦ୍ୟା-ଅବିଦ୍ୟେ** (ବିଦ୍ୟା-ଅବିଦ୍ୟା) **ଦ୍ୱେ** (ଦୁଇଟି) **ଯତ୍ର** (ଯେଉଁ) **ବ୍ରହ୍ମପରେ** (ହିରଣ୍ୟଗର୍ଭଙ୍କ ଅତୀତ, ଅଥବା ପରବ୍ରହ୍ମରୂପ) **ଅନନ୍ତେ** (ଦେଶ, କାଳ ଓ ପଦାର୍ଥ ଦ୍ୱାରା ଅପରିଚ୍ଛିନ୍ନ) **ଅକ୍ଷରେ ତୁ** (ଅକ୍ଷରରେ) **ଗୂଢ଼େ** (ଅନଭିବ୍ୟକ୍ତରୂପରେ) **ନିହିତେ** (ସ୍ଥାପିତ ରହିଛି) [ଏବଂ] **ଯଃ** (ଯିଏ) **ବିଦ୍ୟାବିଦ୍ୟେ** (ବିଦ୍ୟା ଓ ଅବିଦ୍ୟାକୁ) **ଈଶତେ** (ନିୟମିତ କରନ୍ତି) **ସଃ** (ସେ) **ତୁ** (କିନ୍ତୁ) [ଉଭୟର ସାକ୍ଷୀ ବୋଲି] **ଅନ୍ୟଃ** (ବିଦ୍ୟା ଓ ଅବିଦ୍ୟାଠାରୁ ଭିନ୍ନ) । ୫/୧

ଯାହା ସଂସାରଗତିର କାରଣ ତାହା ହିଁ ଅବିଦ୍ୟା ଏବଂ ଯାହା ଅମରତ୍ୱର କାରଣ ତାହା ହିଁ ବିଦ୍ୟା । ବିଦ୍ୟା ଓ ଅବିଦ୍ୟା ଏହି ଦୁଇଟି ପରବ୍ରହ୍ମରୂପକ ଯେଉଁ ଅନନ୍ତ ଅକ୍ଷରରେ ଅନଭିବ୍ୟକ୍ତ ରୂପରେ ସ୍ଥାପିତ ରହିଛି ଏବଂ ବିଦ୍ୟା ଓ ଅବିଦ୍ୟା ଯାହାଙ୍କ ଦ୍ୱାରା ନିୟମିତ ହୁଏ, ସେ କିନ୍ତୁ ବିଦ୍ୟା ଓ ଅବିଦ୍ୟାଠାରୁ ଭିନ୍ନ । ୫/୧

ଯୋ ଯୋନିଂ ଯୋନିମଧିତିଷ୍ଠତ୍ୟେକୋ
ବିଶ୍ୱାନି ରୂପାଣି ଯୋନୀଶ୍ଚ ସର୍ବାଃ ।
ଋଷିଂ ପ୍ରସୂତଂ କପିଲଂ ଯସ୍ତମଗ୍ରେ
ଜ୍ଞାନୈର୍ବିଭର୍ତି ଜାୟମାନଂ ଚ ପଶ୍ୟେତ୍ ॥୨॥

ଯଃ (ଯେଉଁ) **ଏକଃ** (ଅଦ୍ୱିତୀୟ ପରମାତ୍ମା) **ଯୋନିମ୍ ଯୋନିମ୍** (ପ୍ରତ୍ୟେକ ଅଧିଷ୍ଠାନକୁ ଅର୍ଥାତ୍ ଅଧ୍ୟାତ୍ମ, ଅଧିଭୂତ ଓ ଅଧିଦୈବ ଅଧିଷ୍ଠାନସମୂହକୁ) **ଅଧିତିଷ୍ଠତି**

([ଅନ୍ତର୍ଯ୍ୟାମୀ ରୂପରେ ଅବସ୍ଥିତ ରହି] ନିୟମିତ କରନ୍ତି) [ବୃ., ୩/୭/୩-୩୩], **ବିଶ୍ୱାନି** (ସମୁଦାୟ) **ରୂପାଣି** (ଲୋହିତାଦି ରୂପକୁ ବା ସମୁଦାୟ ଶରୀରକୁ) **ଚ ସର୍ବାଃ ଯୋନୀଃ** (ଉତ୍ପତ୍ତିସ୍ଥାନ ସକଳକୁ [୪/୧୧]) **ଅଧିତିଷ୍ଠତି** (ନିୟମିତ କରନ୍ତି) **ୟଃ** (ଯିଏ) **ଅଗ୍ରେ** (ସୃଷ୍ଟିର ପ୍ରାରମ୍ଭରେ) **ପ୍ରସୂତମ୍** ([ନିଜ ଦ୍ୱାରା] ଜାତ) **ତମ୍** (ସେହି ପ୍ରସିଦ୍ଧ) **ଋଷିମ୍** (ସର୍ବଜ୍ଞ) **କପିଲମ୍** (ସୁବର୍ଣ୍ଣ ସଦୃଶ କପିଳ ବର୍ଣ୍ଣ ହିରଣ୍ୟଗର୍ଭଙ୍କୁ) **ଜ୍ଞାନୈଃ** (ଧର୍ମ, ଜ୍ଞାନ, ବୈରାଗ୍ୟ ଓ ଐଶ୍ୱର୍ଯ୍ୟ ଦ୍ୱାରା) **ବିଭର୍ତି** (=**ବଭାର**, ପୂର୍ଣ୍ଣ କରିଥିଲେ) **ଚ** (ଏବଂ) **ଜାୟମାନମ୍** (ଉତ୍ପତ୍ତିକାଳରେ ମଧ୍ୟ) [ତାଙ୍କୁ] **ପଶ୍ୟେତ୍** (=**ଅପଶ୍ୟତ୍**, ଦେଖିଥିଲେ) [ସେ ହିଁ ବିଦ୍ୟା ଓ ଅବିଦ୍ୟାଠାରୁ ଭିନ୍ନ] । ୫/୨

ଯେଉଁ ଅଦ୍ୱିତୀୟ ପରମାତ୍ମା ପ୍ରତ୍ୟେକ ଅଧିଷ୍ଠାନକୁ ନିୟମିତ କରନ୍ତି, ଯିଏ ସମୁଦାୟ ରୂପ ଓ ଉତ୍ପତ୍ତିସ୍ଥାନସମୂହକୁ ନିୟନ୍ତ୍ରିତ କରନ୍ତି ଏବଂ ଯିଏ ସୃଷ୍ଟିର ପ୍ରାରମ୍ଭରେ ଜାତ ସୁପ୍ରସିଦ୍ଧ ଓ ସର୍ବଜ୍ଞ ହିରଣ୍ୟଗର୍ଭଙ୍କୁ[1] ଜ୍ଞାନାଦି ଦ୍ୱାରା ପୂର୍ଣ୍ଣ କରିଥିଲେ ଏବଂ ଉତ୍ପତ୍ତିକାଳରେ ମଧ୍ୟ ତାଙ୍କୁ ଦେଖିଥିଲେ, (ସେ ହିଁ ବିଦ୍ୟା ଓ ଅବିଦ୍ୟାଠାରୁ ଭିନ୍ନ) । ୫/୨

ଏକୈକଂ ଜାଲଂ ବହୁଧା ବିକୁର୍ବ-
ନ୍ନସ୍ମିନ୍ କ୍ଷେତ୍ରେ ସଂହରତ୍ୟେଷ ଦେବଃ ।
ଭୂୟଃ ସୃଷ୍ଟ୍ୱା ପତୟସ୍ତଥେଶଃ
ସର୍ବାଧିପତ୍ୟଂ କୁରୁତେ ମହାତ୍ମା ॥୩॥

[ପୁରୁଷରୂପକ ମତ୍ସ୍ୟକୁ ବନ୍ଧନ ଉପଯୋଗୀ] **ଏକ-ଏକମ୍** (ପ୍ରତ୍ୟେକ) **ଜାଲମ୍** (କରଣ-ସମଷ୍ଟି ଓ କାର୍ଯ୍ୟ-ସମଷ୍ଟିରୂପକ ଜାଲକୁ) **ବହୁଧା** (ଅନେକ ଇନ୍ଦ୍ରିୟ ଓ ଦେହରୂପରେ) **ବିକୁର୍ବନ** (ବିକୃତ କରି, ପରିଣତ କରି)—[ଅର୍ଥାତ୍ କର୍ମଫଳାନୁଯାୟୀ ବିଭିନ୍ନ ଦେହେନ୍ଦ୍ରିୟାଦି ସୃଷ୍ଟି କରି]—**ଏଷଃ ଦେବଃ** (ଏହି ସ୍ୱପ୍ରକାଶ ଦେବ) **ଅସ୍ମିନ୍ କ୍ଷେତ୍ରେ** (ଏହି ମାୟାତ୍ମକ କ୍ଷେତ୍ରରେ ଅର୍ଥାତ୍ ଜାଗତିକ ବସ୍ତୁର ଉତ୍ପତ୍ତିସ୍ଥଳରେ) [ଏମାନଙ୍କୁ] **ସଂହରତି** (ଉପସଂହାର କରନ୍ତି) । **ମହାତ୍ମା** (ସର୍ବବ୍ୟାପୀ) **ଈଶଃ** (ପରମେଶ୍ୱର) **ଭୂୟଃ** (ବ୍ୟଷ୍ଟି ଓ ସମଷ୍ଟି କାର୍ଯ୍ୟ-କାରଣ ସୃଷ୍ଟି ପରେ) **ତଥା** (ପୂର୍ବକଳ୍ପାନୁଯାୟୀ) **ପତୟଃ** (=**ପତୀନ୍**; ସେହିସବୁ [ଉପାଧିଭୂତ]

---

1. ମୂଳ ମନ୍ତ୍ରର **କପିଲ** ସାଂଖ୍ୟକାର କପିଳ ନୁହନ୍ତି । ୬/୧୮ ଓ ୪/୧୨ ଦ୍ରଷ୍ଟବ୍ୟ । ପୁରାଣରେ ମଧ୍ୟ ସାଂଖ୍ୟକାର କପିଳଙ୍କଠାରୁ ଭିନ୍ନ ଅନ୍ୟ କପିଳଙ୍କ ଉଲ୍ଲେଖ ଅଛି ।

ଦେହେନ୍ଦ୍ରିୟାଦିରେ [ଉପହିତ] ସ୍ୱାମୀଦିଗଙ୍କୁ, ଅର୍ଥାତ୍ ହିରଣ୍ୟଗର୍ଭରୁ ମଶକାଦି ପର୍ଯ୍ୟନ୍ତ ସମସ୍ତଙ୍କୁ) **ସୃଷ୍ଟ୍ୱା** (ସୃଜନ କରି) **ସର୍ବ-ଆଧିପତ୍ୟମ୍** (ସମସ୍ତଙ୍କ ଉପରେ ପ୍ରଭୁତ୍ୱ) **କୁରୁତେ** (କରନ୍ତି)—[ଐ., ।୧/୩] । ୫/୩

(କରଣସମଷ୍ଟି[1] ଓ କାର୍ଯ୍ୟସମଷ୍ଟିରୂପକ[2]) ପ୍ରତ୍ୟେକଟି ଜାଲକୁ (ପ୍ରାଣୀମାନଙ୍କର କର୍ମାନୁସାରେ) ବିଚିତ୍ରରୂପରେ ପରିଣତ କରି ଏହି ଦେବ ଏହି ମାୟାକ୍ଷେତ୍ରରେ ସେମାନଙ୍କର ଉପସଂହାର କରନ୍ତି । ଏବଂ (ବ୍ୟଷ୍ଟି ଦେହେନ୍ଦ୍ରିୟସଂଘାତ ଓ ସମଷ୍ଟି ଦେହେନ୍ଦ୍ରିୟାସଂଘାତ-ସୃଷ୍ଟିର) ପରେ ସର୍ବବ୍ୟାପୀ ପରମେଶ୍ୱର ପୂର୍ବକଳ୍ପାନୁଯାୟୀ ସେହି ସକଳ ସଂଘାତର ସ୍ୱାମୀଗଣଙ୍କୁ ସୃଜନ କରି ନିଜେ ସମସ୍ତଙ୍କ ଉପରେ ଆଧିପତ୍ୟ କରିଥାଆନ୍ତି । ୫/୩

ସର୍ବା ଦିଶ ଊର୍ଧ୍ୱମଧଶ୍ଚ ତିର୍ୟକ୍
ପ୍ରକାଶୟନ୍ ଭ୍ରାଜତେ ୟଦ୍ୱନଡ୍ୱାନ୍ ।
ଏବଂ ସ ଦେବୋ ଭଗବାନ୍ ବରେଣ୍ୟୋ
ୟୋନିସ୍ୱଭାବାନଧିତିଷ୍ଠତ୍ୟେକଃ ॥୪॥

ୟତ୍ ଉ (ଯେଉଁ ପ୍ରକାର) **ଅନଡ୍ୱାନ୍** (ଆଦିତ୍ୟ) **ଊର୍ଧ୍ୱମ୍** (ଉପର) **ଅଧଃ** (ନିମ୍ନ) **ଚ** (ଏବଂ) **ତିର୍ୟକ୍** (ପାର୍ଶ୍ୱବର୍ତ୍ତୀ) **ସର୍ବାଃ ଦିଶଃ** (ଦିଗ-ସମୂହକୁ) **ପ୍ରକାଶୟନ୍** (ପ୍ରକାଶ କରି) **ଭ୍ରାଜତେ** (ଦେଦୀପ୍ୟମାନ ହୁଅନ୍ତି) **ଏବମ୍** (ଏହି ପ୍ରକାର) **ସଃ** (ସେହି) **ଦେବଃ** (ସ୍ୱପ୍ରକାଶ) **ଭଗବାନ୍** (ଐଶ୍ୱର୍ଯ୍ୟଶାଳୀ) **ବରେଣ୍ୟଃ** (ବରଣୀୟ) **ଏକଃ** (ଅଦ୍ୱିତୀୟ ପରମାତ୍ମା ମଧ୍ୟ) **ୟୋନି-ସ୍ୱଭାବାନ୍** (ଜଗତ୍‌କାରଣ ବ୍ରହ୍ମଙ୍କର ସ୍ୱାମ୍ଭୂତ ପୃଥିବ୍ୟାଦି ଭାବପଦାର୍ଥକୁ, ଅଥବା ସ୍ୱଭାବତଃ କାରଣଶକ୍ତିଯୁକ୍ତ ପୃଥିବ୍ୟାଦିକୁ) **ଅଧିତିଷ୍ଠତି** (ପରିଚାଳିତ କରନ୍ତି) । ୫/୪

ଆଦିତ୍ୟ ଯେପରି ଊର୍ଦ୍ଧ୍ୱ, ଅଧଃ ଓ ପାର୍ଶ୍ୱବର୍ତ୍ତୀ ଦିଗସମୂହକୁ ପ୍ରକାଶ କରି ଦେଦୀପ୍ୟମାନ ହୁଅନ୍ତି, ସେହିପରି ସେହି ସ୍ୱପ୍ରକାଶ, ଐଶ୍ୱର୍ଯ୍ୟଶାଳୀ, ବରଣୀୟ, ଓ ଅଦ୍ୱିତୀୟ ପରମାତ୍ମା ମଧ୍ୟ ସ୍ୱୀୟ ଆତ୍ମଭୂତ ଓ କାରଣଶକ୍ତିଯୁକ୍ତ ମାୟିକ ପଦାର୍ଥସମୂହକୁ ପରିଚାଳିତ କରନ୍ତି । ୫/୪

---

1. ଅନ୍ତଃକରଣସମଷ୍ଟି, ପ୍ରାଣସମଷ୍ଟି, ଇନ୍ଦ୍ରିୟସମଷ୍ଟି ଇତ୍ୟାଦି ।
2. ଦେହ ସମଷ୍ଟି ।

ୟଚ୍ଚ ସ୍ୱଭାବଂ ପଚତି ବିଶ୍ୱୟୋନିଃ
ପାଚ୍ୟାଂଶ୍ଚ ସର୍ବାନ୍ ପରିଣାମୟେଦ୍ ୟଃ ।
ସର୍ବମେତଦ୍ବିଶ୍ୱମଧିତିଷ୍ଠତ୍ୟେକୋ
ଗୁଣାଂଶ୍ଚ ସର୍ବାନ୍ ବିନିୟୋଜୟେଦ୍ ୟଃ ॥୫॥

ଚ (ଅଧିକନ୍ତୁ) **ୟତ୍** (=**ୟଃ**, ଯେଉଁ) **ବିଶ୍ୱୟୋନିଃ** (ଜଗତ୍‌କାରଣ) **ସ୍ୱଭାବମ୍** ([ଅଗ୍ନି ପ୍ରଭୃତିର ଉଷ୍ଣତା ପ୍ରଭୃତି] ସ୍ୱଭାବ) **ପଚତି** (ନିଷ୍ପାଦିତ କରନ୍ତି) **ଚ** (ଏବଂ) **ୟଃ** (ଯିଏ) **ସର୍ବାନ୍** (ସମୁଦାୟ) **ପାଚ୍ୟାନ୍** (ପରିଣାମଯୋଗ୍ୟ ପଦାର୍ଥକୁ) **ପରିଣାମୟେତ୍** (ପରିଣତ କରନ୍ତି, ରୂପାନ୍ତରିତ କରନ୍ତି, ଅଥବା ଫଳୋନ୍ମୁଖ କରନ୍ତି) **ୟଃ** (ଯେଉଁ) **ଏକଃ** (ଅଦ୍ୱିତୀୟ ପରମାତ୍ମା) **ଏତତ୍ ସର୍ବମ୍ ବିଶ୍ୱମ୍** (ଏହି ସମଗ୍ର ବିଶ୍ୱକୁ) **ଅଧିତିଷ୍ଠତି** (ନିୟନ୍ତ୍ରିତ କରନ୍ତି) **ଚ** (ଏବଂ) **ସର୍ବାନ୍ ଗୁଣାନ୍** (ସତ୍ତ୍ୱାଦି ଗୁଣସମୁଦାୟକୁ) **ବିନିୟୋଜୟେତ୍** (କାର୍ଯ୍ୟରେ ପ୍ରଯୁକ୍ତ କରନ୍ତି)— । ୫/୫

ତଥା, ଯେଉଁ ଜଗତ୍‌କାରଣ (ଅଗ୍ନ୍ୟାଦିର ଉଷ୍ଣତା ପ୍ରଭୃତି) ସ୍ୱଭାବ ନିଷ୍ପାଦିତ କରନ୍ତି[1], ଯିଏ ସମୁଦାୟ ପରିଣାମୀ ପଦାର୍ଥର ରୂପାନ୍ତର କରନ୍ତି ଏବଂ ଯେଉଁ ଅଦ୍ୱିତୀୟ ପରମାତ୍ମା ଏହି ବିଶ୍ୱକୁ ନିୟନ୍ତ୍ରିତ କରନ୍ତି ଓ ସତ୍ତ୍ୱାଦି ଗୁଣସମୂହକୁ[2] ସ୍ୱକାର୍ଯ୍ୟରେ ନିଯୁକ୍ତ କରନ୍ତି— । ୫/୫

ତଦ୍ ବେଦଗୁହ୍ୟୋପନିଷତ୍ସୁ ଗୂଢଂ
ତଦ୍ ବ୍ରହ୍ମା ବେଦତେ ବ୍ରହ୍ମୟୋନିମ୍ ।
ୟେ ପୂର୍ବଦେବା ଋଷୟଶ୍ଚ ତଦ୍ବିଦୁ-
ସ୍ତେ ତନ୍ମୟା ଅମୃତା ବୈ ବଭୂବୁଃ ॥୬॥

ତତ୍ (ପୂର୍ବ ଶ୍ଲୋକୋକ୍ତ ସେହି ଆତ୍ମତତ୍ତ୍ୱ) **ବେଦ-ଗୁହ୍ୟ-ଉପନିଷତ୍ସୁ** (ବେଦସମୂହର ଗୁହ୍ୟାଂଶ, ଅର୍ଥାତ୍ ଗୁରୂପଦେଶ ବ୍ୟତୀତ ଅଲଭ୍ୟ, ଆତ୍ମବିଦ୍ୟାତ୍ମକ

---

1. ସୁତରାଂ ବ୍ରହ୍ମଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ 'ସ୍ୱଭାବ' ଜଗତ୍‌କାରଣ ନୁହେଁ । ଶ୍ୱେ., ୧/୨

2. ମାୟା ତ୍ରିଗୁଣାତ୍ମିକା; ସେଥିରେ ଗୁଣଗୁଣୀବିଭାଗ ନାହିଁ; ମାୟାର କାର୍ଯ୍ୟରେ ହିଁ ସେହିପ୍ରକାର ବିଭାଗ ସମ୍ଭବ । ଗୁଣ=(୧) ଯାହା ଦ୍ୱାରା ରଜ୍ଜୁ ସଦୃଶ ବନ୍ଧନ କରି ହୁଏ—ଗୀତା, ୧୪/୬-୮; ସତ୍ତ୍ୱାଦି ଗୁଣ ଜୀବକୁ ବନ୍ଧନ କରେ । ଅଥବା=(୨) ଅପ୍ରଧାନ; ସେଗୁଡ଼ିକ ନିଜ ସତ୍ତା ଓ ସ୍ଫୂର୍ତ୍ତି ନିମନ୍ତେ ବ୍ରହ୍ମଙ୍କ ଅଧୀନ । ଏହି ଗୁଣଗୁଡ଼ିକ ପରସ୍ପରକୁ ଛାଡ଼ି ରହି ନ ଥାଆନ୍ତି । ଏଗୁଡ଼ିକର ସାମ୍ୟ ଅବସ୍ଥା ପ୍ରଳୟ ଏବଂ ବିକ୍ଷୋଭିତ ଅବସ୍ଥା ସୃଷ୍ଟି । —ଗୀତା, ୧୪/୫-୨୦

ଉପନିଷଦ୍‌ସମୂହରେ) **ଗୂଢମ୍** (ପ୍ରଚ୍ଛନ୍ନଭାବରେ ନିହିତ ଅଛି); **ବ୍ରହ୍ମ-ଯୋନିମ୍** (ବେଦରୂପକ ପ୍ରମାଣ ସାହାଯ୍ୟରେ ଲଭ୍ୟ [ବ୍ର. ସୂ. ୧/୧/୩], ଅଥବା ବ୍ରହ୍ମା ବା ହିରଣ୍ୟଗର୍ଭର କାରଣ, କିମ୍ବା ବେଦର କାରଣ) **ତତ୍** (ସେହି ଆତ୍ମସ୍ୱରୂପକୁ) **ବ୍ରହ୍ମା** (ହିରଣ୍ୟଗର୍ଭ) **ବେଦତେ** (=**ବେତ୍ତି**, ଜାଣନ୍ତି); **ଯେ** (ଯେଉଁ ସକଳ) **ପୂର୍ବଦେବାଃ** (ପ୍ରାଚୀନ ଦେବଗଣ) **ଚ** (ଏବଂ) **ଋଷୟଃ** (ବାମଦେବାଦି ଋଷିଗଣ) **ତତ୍** (ତାହାଙ୍କୁ) **ବିଦୁଃ** (ଜାଣିଥିଲେ) **ତେ** (ସେମାନେ) **ତନ୍ମୟାଃ** (ବ୍ରହ୍ମମୟ ହୋଇ) **ଅମୃତାଃ ବୈ** (ଅମର ହିଁ) **ବଭୂବୁଃ** (ହୋଇଥିଲେ) । ୫/୬

ସେହି ଆତ୍ମତତ୍ତ୍ୱ ବେଦର ଗୁହ୍ୟଭାଗ ଉପନିଷଦ୍‌ସମୂହରେ ନିହିତ ଅଛି । ବେଦ-ପ୍ରମାଣ ସାହାଯ୍ୟରେ ଲଭ୍ୟ ସେହି ଆତ୍ମତତ୍ତ୍ୱ ହିରଣ୍ୟଗର୍ଭ ଜାଣନ୍ତି । ଯେଉଁ ସକଳ ପ୍ରାଚୀନ ଦେବତା ଓ ଋଷିଗଣ ତାହାଙ୍କୁ ଜାଣିଥିଲେ ସେମାନେ ବ୍ରହ୍ମମୟ ହୋଇ ଅମର ହୋଇଥିଲେ । ୫/୬

ଗୁଣାନ୍ୱୟୋ ଯଃ ଫଲକର୍ମକର୍ତ୍ତା
କୃତସ୍ୟ ତସ୍ୟୈବ ସ ଚୋପଭୋକ୍ତା ।
ସ ବିଶ୍ୱରୂପସ୍ତ୍ରିଗୁଣସ୍ତ୍ରିବର୍ତ୍ମା
ପ୍ରାଣାଧିପଃ ସଞ୍ଚରତି ସ୍ୱକର୍ମଭିଃ ॥୭॥

[ପୂର୍ବରୁ **"ତତ୍ତ୍ୱମସି"** ଏହି ମହାବାକ୍ୟସ୍ଥ **'ତତ୍'** ଅର୍ଥାତ୍ ସେହି (=ବ୍ରହ୍ମ) ପଦର ଅର୍ଥ ସ୍ଥିରୀକୃତ ହୋଇଅଛି, ଏବେ **'ତ୍ୱମ୍'** ଅର୍ଥାତ୍ ତୁମେ (=ଜୀବ) ପଦର ଅର୍ଥ କୁହାଯାଉଛି] —**ଯଃ** (ଯେଉଁ ଜୀବ) **ଗୁଣ-ଅନ୍ୱୟଃ** (କର୍ମ ଓ ଉପାସନାରୁ ଜାତ ସଂସ୍କାରରୂପକ ଗୁଣସମୂହ ସହିତ ଅନ୍ୱିତ ହୋଇ) **ଫଲ-କର୍ମ-କର୍ତ୍ତା** (ଫଳ କାମନାରେ କର୍ମ କରିଥାଏ) **ସଃ ଚ ଏବ** (ସେହି ଜୀବ ହିଁ) **କୃତସ୍ୟ ତସ୍ୟ** (କୃତ ସେହି କର୍ମଫଳର) **ଉପଭୋକ୍ତା** (ଉପଭୋଗକାରୀ ହୁଏ) । **ବିଶ୍ୱରୂପଃ** (ବିବିଧ ଦେହେନ୍ଦ୍ରିୟ ସଂଯୋଗରେ ବିବିଧାକାର) **ତ୍ରିଗୁଣଃ** (ସତ୍ତ୍ୱାଦି ତ୍ରିଗୁଣବିଶିଷ୍ଟ) **ତ୍ରିବର୍ତ୍ମା** (ତ୍ରିମାର୍ଗରେ, ଅର୍ଥାତ୍ ଧର୍ମ, ଅଧର୍ମ ଓ ଜ୍ଞାନମାର୍ଗରେ; କିମ୍ବା ଉତ୍ତରମାର୍ଗ, ଦକ୍ଷିଣମାର୍ଗ ଓ କୀଟାଦି ଶରୀର ପ୍ରାପ୍ତିରୂପକ ମାର୍ଗରେ ଗମନକାରୀ) **ପ୍ରାଣ-ଅଧିପଃ** (ପଞ୍ଚପ୍ରାଣର ଅଧୀଶ୍ୱର) **ସଃ** (ସେହି ଜୀବ) **ସ୍ୱକର୍ମଭିଃ** (ନିଜ କର୍ମଫଳାନୁସାରେ) **ସଞ୍ଚରତି** (ପରିଭ୍ରମଣ କରେ) । ୫/୭

କର୍ମ ଓ ଉପାସନାରୁ ଜାତ ସଂସ୍କାରବିଶିଷ୍ଟ ଯିଏ ଫଳାକାଂକ୍ଷାରେ କର୍ମ କରିଥାଆନ୍ତି, ସେହି ଜୀବ ହିଁ ସ୍ୱକୃତ କର୍ମର ଫଳ ଉପଭୋଗ କରନ୍ତି । ବିବିଧଦେହଧାରୀ, ସତ୍ତ୍ୱାଦି ତ୍ରିଗୁଣମଣ୍ଡିତ, ତ୍ରିମାର୍ଗରେ ଗମନକାରୀ ଓ ପଞ୍ଚପ୍ରାଣର ଅଧୀଶ୍ୱର ସେହି ଜୀବ ନିଜ କର୍ମଫଳାନୁସାରେ ପରିଭ୍ରମଣ କରିଥାଆନ୍ତି । ୫/୭

ଅଙ୍ଗୁଷ୍ଠମାତ୍ରୋ ରବିତୁଲ୍ୟରୂପଃ
ସଙ୍କଲ୍ପାହଙ୍କାରସମନ୍ୱିତୋ ଯଃ ।
ବୁଦ୍ଧେର୍ଗୁଣେନାତ୍ମଗୁଣେନ ଚୈବ
ଆରାଗ୍ରମାତ୍ରୋ ହ୍ୟପରୋଽପି ଦୃଷ୍ଟଃ ॥୮॥

ଯଃ (ଯେଉଁ ଜୀବ) **ରବିତୁଲ୍ୟ-ରୂପଃ** (ଜ୍ୟୋତିଃସ୍ୱରୂପ) [ଏବଂ] **ଅଙ୍ଗୁଷ୍ଠମାତ୍ରଃ** (ଅଙ୍ଗୁଷ୍ଠ-ପରିମାଣ ହୃଦୟରେ ଅବସ୍ଥାନ ହେତୁ ଅଙ୍ଗୁଷ୍ଠପରିମିତ ବୋଲି ପ୍ରତିଭାତ) **ସଙ୍କଲ୍ପ-ଅହଙ୍କାର-ସମନ୍ୱିତଃ** (ସଂକଳ୍ପ ଓ ଅହଙ୍କାରଯୁକ୍ତ) [ସେହି ଜୀବ ହିଁ] **ବୁଦ୍ଧେଃ** (ବୁଦ୍ଧିର) [ଇଚ୍ଛାଦି] **ଗୁଣେନ ଚ** (ଗୁଣ ସହିତ ଆଧ୍ୟାତ୍ମିକ ସମ୍ବନ୍ଧବଶତଃ) **ଆତ୍ମଗୁଣେନ** (ଯାହା ଜୀବର ସ୍ୱୀୟ ଆତ୍ମାର ଗୁଣ ବୋଲି ପ୍ରତିଭାତ ହୁଏ ତଦ୍ଦ୍ୱାରା) [ବ୍ର. ସୂ. ୨/୩/୨୯] **ଆରାଗ୍ର-ମାତ୍ରଃ** (ସୂଚୀର ଅଗ୍ରଭାଗ ପରି ଅତିସୂକ୍ଷ୍ମ ପରିମାଣବିଶିଷ୍ଟ) **ଅପରଃ ଅପି** (ଏବଂ ଅପକୃଷ୍ଟ ବୋଲି ମଧ୍ୟ) **ଦୃଷ୍ଟଃ ଏବ ହି** (ଅବଶ୍ୟ ହି ଅନୁଭୂତ ହୁଅନ୍ତି) । ୫/୮

ଯେଉଁ ଜୀବ ଜ୍ୟୋତିଃସ୍ୱରୂପ, ଯିଏ ହୃଦୟଗୁହାରେ ଅବସ୍ଥାନ ହେତୁ ଅଙ୍ଗୁଷ୍ଠ-ପରିମିତ ବୋଲି ପ୍ରତିଭାତ ଏବଂ ଯିଏ ସଂକଳ୍ପ ଓ ଅହଙ୍କାରବିଶିଷ୍ଟ, ତାଙ୍କରି ଉପରେ ବୁଦ୍ଧିର ଗୁଣସମୂହ ଅଧ୍ୟସ୍ତ ହେବାରୁ ସେହି ଗୁଣଗୁଡ଼ିକ ଆତ୍ମାର ଗୁଣ ବୋଲି ପ୍ରତିଭାତ ହୁଏ ଏବଂ ସେଥିପାଇଁ ସେହି ଜୀବ ସୂଚୀର ଅଗ୍ରଭାଗ ପରି ଅତିସୂକ୍ଷ୍ମ ପରିମାଣବିଶିଷ୍ଟ ଏବଂ ଅପକୃଷ୍ଟ ବୋଲି ମଧ୍ୟ ଅନୁଭୂତ ହୁଅନ୍ତି[1] । ୫/୮

ବାଲାଗ୍ରଶତଭାଗସ୍ୟ ଶତଧା କଲ୍ପିତସ୍ୟ ଚ ।
ଭାଗୋ ଜୀବଃ ସ ବିଜ୍ଞେୟଃ ସଃ ଚାନନ୍ତ୍ୟାୟ କଲ୍ପତେ ॥୯॥

[ଜୀବର ଉପାଧିବଶତଃ ଅଣୁତ୍ୱ ଏବଂ ସ୍ୱରୂପତଃ ବିଭୁତ୍ୱ ପ୍ରଦର୍ଶିତ ହେଉଅଛି]—**ବାଲ-ଅଗ୍ର-ଶତଭାଗସ୍ୟ** (ଗୋଟିଏ କେଶାଗ୍ରକୁ ଶତଧା ବିଭକ୍ତ

1. ଅନ୍ତଃକରଣରେ ଉପହିତ ବା ଅନ୍ତଃକରଣ ଦ୍ୱାରା ପରିଚ୍ଛିନ୍ନ ଚୈତନ୍ୟ ହିଁ ଜୀବ । ସେ ସେହିପ୍ରକାର ଉପାଧିଯୁକ୍ତ ହେବାରୁ ଉପାଧିର ଧର୍ମସକଳ ଚୈତନ୍ୟର ବୋଲି ଭ୍ରମ ହୁଏ ।

କରି ପ୍ରତିଖଣ୍ଡକୁ) **ଶତଧା କଲ୍ପିତସ୍ୟ ଚ** (ଶତଖଣ୍ଡରେ ଭାଗ କଲେ, [ତାହାର ଯେଉଁ]) **ଭାଗଃ** (ଗୋଟିଏ ଅଂଶ [ହୁଏ]) **ସଃ ଜୀବଃ** (ଜୀବ ସେହି ପରିମାଣ ବୋଲି) **ବିଜ୍ଞେୟଃ** (ଜାଣିବ) ; **ସଃ ଚ** (ସେହି ଜୀବ ପୁଣି) **ଆନନ୍ତ୍ୟାୟ** (ଅନନ୍ତ ପଦବାଚ୍ୟ ହେବା) **କଲ୍ପତେ** (ଯୋଗ୍ୟ ହୁଏ) । ୫/୯

ଗୋଟିଏ କେଶାଗ୍ରକୁ ଶତଭାଗରେ ବିଭକ୍ତ କରି ତାହାର ପ୍ରତିଭାଗକୁ ପୁନରାୟ ଶତଧା ଭାଗ କଲେ ଯେଉଁ ଗୋଟିଏ ଗୋଟିଏ ଭାଗ ହୁଏ, ଜୀବ ତାହାରି ପରି ଅଣୁପରିମାଣ ବିଶିଷ୍ଟ[1]—ସେ ହିଁ ପୁଣି ସ୍ୱରୂପତଃ ଅନନ୍ତ । ୫/୯

ନୈବ ସ୍ତ୍ରୀ ନ ପୁମାନେଷ ନ ଚୈବାୟଂ ନପୁଂସକଃ ।
ୟଦ୍ୟଚ୍ଛରୀରମାଦତ୍ତେ ତେନ ତେନ ସ ରକ୍ଷ୍ୟତେ ॥୧୦॥

ଏଷଃ (ଏହି ଜୀବ) **ନ ଏବ ସ୍ତ୍ରୀ** (ଅବଶ୍ୟ ନାରୀ ନୁହନ୍ତି) **ପୁମାନ୍** (ପୁରୁଷ) **ନ** (ନୁହନ୍ତି) **ଚ** (ଏବଂ) **ଅୟମ୍ ନପୁଂସକଃ** (ସେ ନପୁଂସକ) **ନ ଏବ** (ଅବଶ୍ୟ ନୁହନ୍ତି); **ୟତ୍ ୟତ୍** (ଯେଉଁ ଯେଉଁ) **ଶରୀରମ୍** (ଦେହ) **ଆଦତ୍ତେ** (ଗ୍ରହଣ କରନ୍ତି) **ତେନ ତେନ** (ସେହି ସେହି ଶରୀର ଦ୍ୱାରା) **ସଃ** (ସେ) **ରକ୍ଷ୍ୟତେ** (ସଂରକ୍ଷିତ ହୁଅନ୍ତି, ଅର୍ଥାତ୍ ସେହି ସେହି ଶରୀରରେ ଆତ୍ମାଭିମାନ କରିଥାଆନ୍ତି (ପାଠାନ୍ତର—**ଯୁଜ୍ୟତେ**=ଯୁକ୍ତ ହୁଅନ୍ତି]) । ୫/୧୦

ଏହି ଜୀବ ଅବଶ୍ୟ ହିଁ ନାରୀ ନୁହନ୍ତି ବା ନର ନୁହନ୍ତି ଏବଂ ନପୁଂସକ ମଧ୍ୟ ନୁହନ୍ତି । ସେ ଯେଉଁ ଯେଉଁ ଶରୀର ଗ୍ରହଣ କରନ୍ତି ସେହି ସେହି ଶରୀରରେ ଆତ୍ମାଭିମାନ କରିଥାଆନ୍ତି । ୫/୧୦

ସଙ୍କଲ୍ପନସ୍ପର୍ଶନଦୃଷ୍ଟିମୋହୈ-
ର୍ଗ୍ରାସାମ୍ବୁବୃଷ୍ଟ୍ୟା ଚାତ୍ମବିବୃଦ୍ଧିଜନ୍ମ ।
କର୍ମାନୁଗାନ୍ୟନୁକ୍ରମେଣ ଦେହୀ
ସ୍ଥାନେଷୁ ରୂପାଣ୍ୟଭିସମ୍ପ୍ରପଦ୍ୟତେ ॥୧୧॥

[ଯେପରି] **ଗ୍ରାସ-ଅମ୍ବୁ-ବୃଷ୍ଟ୍ୟା** (ଅନ୍ନ ଓ ପାନୀୟର ସମ୍ୟକ୍ ସେଚନରେ, ଅର୍ଥାତ୍ ଭୋଜନ ଓ ପାନ ଦ୍ୱାରା) **ଆତ୍ମ-ବିବୃଦ୍ଧି-ଜନ୍ମ** (ସ୍ଥୂଳ ଶରୀରର ବୃଦ୍ଧି

---

1. ଜୀବର ଉପାଧିଭୂତ ଲିଙ୍ଗଶରୀର ଅତି ସୂକ୍ଷ୍ମ ବୋଲି ଜୀବକୁ ମଧ୍ୟ ସେହିପ୍ରକାର ସୂକ୍ଷ୍ମ କୁହା ଦେଉଅଛି । —ବ୍ର. ସୂ. ୨/୩/୨୯

ହୋଇଥାଏ) [ସେହିପରି] **ସଙ୍କଲ୍ପନ-ସ୍ପର୍ଶନ-ଦୃଷ୍ଟି-ମୋହୈଃ ଚ** (ପ୍ରଥମେ ମାନସିକ ସଂକଳ୍ପ, ତା'ପରେ ବିଷୟେନ୍ଦ୍ରିୟର ସଂଯୋଗ, ତାହାପରେ ସେହି ବିଷୟ ପ୍ରତି ଦୃଷ୍ଟିପାତ, ଏବଂ ଅବଶେଷରେ ବିଷୟ ପ୍ରତି ମୋହ ଦ୍ୱାରା ମଧ୍ୟ) **ଦେହୀ** (ଜୀବ) **ଅନୁକ୍ରମେଣ** (କର୍ମଫଳର ପରିପକ୍ୱାନୁସାରେ) **ସ୍ଥାନେଷୁ** ([ହିରଣ୍ୟଗର୍ଭଠାରୁ ସ୍ତମ୍ବ ପର୍ଯ୍ୟନ୍ତ ଲୋକରେ] ବିଭିନ୍ନ ଯୋନିରେ) **କର୍ମାନୁଗାନି ରୂପାଣି** ([ବିଭିନ୍ନ] କର୍ମ ଅନୁଯାୟୀ ସ୍ତ୍ରୀ-ପୁରୁଷାଦି ଦେହ) **ଅଭିସମ୍ପ୍ରପଦ୍ୟତେ** (ପ୍ରାପ୍ତ ହୋଇଥାଏ) । ୫/୧୧

ଭୋଜନ ଓ ପାନ ଦ୍ୱାରା ଯେପରି ଶରୀର ବୃଦ୍ଧି ହୁଏ, ସେହିପରି ସଂକଳ୍ପ, ବିଷୟ-ସଂଯୋଗ, ତାହାପ୍ରତି ଲୋଭଦୃଷ୍ଟି ଓ ସେଥିରୁ ଜାତ ମୋହବଶତଃ ଜୀବ ସ୍ୱୀୟ କର୍ମଫଳର ପରିପକ୍ୱାନୁସାରେ ବିଭିନ୍ନ ଯୋନିରେ କର୍ମାନୁରୂପ ଦେହ ଲାଭ କରିଥାଏ । ୫/୧୧

ସ୍ଥୂଲାନି ସୂକ୍ଷ୍ମାଣି ବହୂନି ଚୈବ
ରୂପାଣି ଦେହୀ ସ୍ୱଗୁଣୈର୍ବୃଣୋତି ।
କ୍ରିୟାଗୁଣୈରାତ୍ମଗୁଣୈଶ୍ଚ ତେଷାଂ
ସଂୟୋଗହେତୁରପରୋଽପି ଦୃଷ୍ଟଃ ॥୧୨॥

ଦେହୀ (ଜୀବ) **ସ୍ୱଗୁଣୈଃ** (ନିଜଠାରେ ଅଧସ୍ତ ଅବିଦ୍ୟାର ଗୁଣ ଦ୍ୱାରା, ଅର୍ଥାତ୍ ସତ୍ତ୍ୱ, ରଜଃ ଓ ତମଃ ସହାୟରେ) **କ୍ରିୟା-ଗୁଣୈଃ** (ବିହିତ ଓ ପ୍ରତିଷିଦ୍ଧ କ୍ରିୟାନୁଷ୍ଠାନଜନିତ ଧର୍ମ ଓ ଅଧର୍ମ ଦ୍ୱାରା) **ଆତ୍ମଗୁଣୈଃ ଚ** (ଏବଂ ଅନ୍ତଃକରଣର ଗୁଣ ଦ୍ୱାରା, ଅର୍ଥାତ୍ ଅଦୃଷ୍ଟ, ଇଚ୍ଛା, ଜ୍ଞାନ ପ୍ରଭୃତି ଦ୍ୱାରା) **ସ୍ଥୂଲାନି** (ହସ୍ତୀ ପ୍ରଭୃତି ସ୍ଥୂଳ) **ଚ** (ଏବଂ) **ସୂକ୍ଷ୍ମାଣି** (ମଶକାଦି କ୍ଷୁଦ୍ର) **ବହୂନି** (ଅନେକ) **ରୂପାଣି** (ଶରୀର, ଆକୃତି) **ବୃଣୋତି ଏବ** (ଅବଶ୍ୟ ହିଁ ଭଜନ କରନ୍ତି, ଗ୍ରହଣ କରନ୍ତି) । **ତେଷାମ୍** (କାର୍ଯ୍ୟକରଣସମଷ୍ଟିର) [ସେମାନଙ୍କ ସ୍ୱାମୀ ଜୀବଗଣଙ୍କ ସହିତ] **ସଂୟୋଗ-ହେତୁଃ** (ସଂଯୋଗର କାରଣ) **ଅପରଃ ଅପି** (ଅନ୍ୟ, ଅର୍ଥାତ୍ ପୂର୍ବପ୍ରଜ୍ଞା ମଧ୍ୟ) **ଦୃଷ୍ଟଃ** (ଦୃଷ୍ଟ ହୁଏ) । ୫/୧୨

ନିଜଠାରେ ଅଧସ୍ତ (ଅବିଦ୍ୟାର ସତ୍ତ୍ୱ, ରଜଃ ଓ ତମଃ) ଗୁଣ-ଅବଲମ୍ବନରେ, ବିହିତ ଓ ପ୍ରତିଷିଦ୍ଧ କର୍ମାନୁଷ୍ଠାନଜନିତ ଧର୍ମ ଓ ଅଧର୍ମ ଫଳରେ ଏବଂ ଅନ୍ତଃକରଣର ଗୁଣରେ (ଅର୍ଥାତ୍ ଅଦୃଷ୍ଟ, ଇଚ୍ଛା, ଜ୍ଞାନ ପ୍ରଭୃତି ଫଳରେ) ଜୀବ ବୃହତ୍ ଓ କ୍ଷୁଦ୍ର

ଅନେକ ଶରୀର ସହିତ ସମ୍ବନ୍ଧଯୁକ୍ତ ହୁଅନ୍ତି । କାର୍ଯ୍ୟକରଣସମଷ୍ଟି ସହିତ ଜୀବର ସଂଯୋଗର କାରଣ ଭାବରେ ପୂର୍ବପ୍ରଜ୍ଞା[1] ମଧ୍ୟ ଦୃଷ୍ଟ ହୁଏ । ୫/୧୨

ଅନାଦ୍ୟନନ୍ତଂ କଲିଲସ୍ୟ ମଧ୍ୟେ
ବିଶ୍ୱସ୍ୟ ସ୍ରଷ୍ଟାରମନେକରୂପମ୍ ।
ବିଶ୍ୱସ୍ୟୈକଂ ପରିବେଷ୍ଟିତାରଂ
ଜ୍ଞାତ୍ୱା ଦେବଂ ମୁଚ୍ୟତେ ସର୍ବପାଶୈଃ ॥୧୩॥

କଲିଲସ୍ୟ ମଧ୍ୟେ (ଗହନ-ସଂସାର ମଧ୍ୟରେ) **ଅନାଦି** (ଆଦିହୀନ) **ଅନନ୍ତମ୍** (ଅନ୍ତହୀନ) **ବିଶ୍ୱସ୍ୟ** (ଜଗତ୍‌ର) **ସ୍ରଷ୍ଟାରମ୍** (ସ୍ରଷ୍ଟା) **ଅନେକ-ରୂପମ୍** (ଅନେକ ରୂପରେ ପ୍ରତିଭାତ) **ବିଶ୍ୱସ୍ୟ** (ଜଗତ୍‌ର) **ପରିବେଷ୍ଟିତାରମ୍** (ପରିବ୍ୟାପକ) **ଏକମ୍ ଦେବମ୍** (ଅଦ୍ୱିତୀୟ ଜ୍ୟୋତିଃସ୍ୱରୂପ ପରମାତ୍ମାଙ୍କୁ) **ଜ୍ଞାତ୍ୱା** (ଜାଣି) [ଜୀବ] **ସର୍ବପାଶୈଃ** (ସମସ୍ତ ବନ୍ଧନରୁ) **ମୁଚ୍ୟତେ** (ମୁକ୍ତ ହୁଏ) । ୫/୧୩

ଗହନ-ସଂସାର ମଧ୍ୟରେ ଆଦି-ଅନ୍ତ-ହୀନ, ଜଗତ୍‌ର ସ୍ରଷ୍ଟା, ଅନେକ ରୂପରେ ପ୍ରତିଭାତ, ଜଗତ୍‌ର ପରିବ୍ୟାପକ ଅଦ୍ୱିତୀୟ ଜ୍ୟୋତିଃସ୍ୱରୂପ ପରମାତ୍ମାଙ୍କୁ ଜାଣି (ଜୀବ) ସମସ୍ତ ବନ୍ଧନରୁ ମୁକ୍ତ ହୁଏ । ୫/୧୩

ଭାବଗ୍ରାହ୍ୟମନୀଡାଖ୍ୟଂ ଭାବାଭାବକରଂ ଶିବମ୍ ।
କଲାସର୍ଗକରଂ ଦେବଂ ଯେ ବିଦୁସ୍ତେ ଜହୁସ୍ତନୁମ୍ ॥୧୪॥

ଇତି ଶ୍ୱେତାଶ୍ୱତରୋପନିଷଦି ପଞ୍ଚମୋଽଧ୍ୟାୟଃ ॥

ଭାବଗ୍ରାହ୍ୟମ୍ (ବିଶୁଦ୍ଧାନ୍ତଃକରଣ ଦ୍ୱାରା ପ୍ରାପ୍ତ କରିବାର ଯୋଗ୍ୟ) **ଅନୀଡାଖ୍ୟମ୍** (ଅଶରୀର ନାମରେ ଖ୍ୟାତ) **ଭାବ-ଅଭାବ-କରମ୍** (ଭାବ ଓ ଅଭାବର ହେତୁଭୂତ) **ଶିବମ୍** (ଶୁଦ୍ଧସ୍ୱଭାବ) **କଲା-ସର୍ଗ-କରମ୍** (ପ୍ରାଣାଦି ଷୋଡ଼ଶ କଳାର [ପ୍ର., ୬/୪] ସୃଷ୍ଟିକର୍ତ୍ତା) **ଦେବମ୍** (ଦେବଙ୍କୁ) **ଯେ** (ଯେଉଁମାନେ) **ବିଦୁଃ** (ଆତ୍ମରୂପେ ଜାଣନ୍ତି) **ତେ** (ସେମାନେ) **ତନୁମ୍** (ଶରୀର, ଶରୀରାଭିମାନ, ପୁନର୍ଜନ୍ମ) **ଜହୁଃ** (ତ୍ୟାଗ କରନ୍ତି) । ୫/୧୪

---

1. ବୃ., ୪/୪/୨—ପୂର୍ବପ୍ରଜ୍ଞା=ପୂର୍ବାନୁଭୂତ ବିଷୟରେ ପ୍ରଜ୍ଞା, ଅର୍ଥାତ୍ ଅତୀତ କର୍ମଫଳ-ଅନୁଭବର ବାସନା; ଏହାର ଅନ୍ୟ ନାମ ସଂସ୍କାର । —କ., ୨/୨/୭

ବିଶୁଦ୍ଧାନ୍ତଃକରଣରେ ପ୍ରାପ୍ତ କରିବାର ଯୋଗ୍ୟ, ଅଶରୀର ନାମରେ ଖ୍ୟାତ, ଭାବ ଓ ଅଭାବର ହେତୁଭୂତ[1] ମଙ୍ଗଳସ୍ୱରୂପ ଓ ପ୍ରାଣାଦି ଷୋଡ଼ଶକଳାର ସ୍ରଷ୍ଟା ଦେବଙ୍କୁ ଯେଉଁମାନେ ଆତ୍ମରୂପରେ ଜାଣନ୍ତି ସେମାନେ ଶରୀରାଭିମାନ ତ୍ୟାଗ କରନ୍ତି ଅର୍ଥାତ୍ ସେମାନଙ୍କର ଆଉ ପୁନର୍ଜନ୍ମ ହୁଏ ନାହିଁ । ୫/୧୪

॥ ଶ୍ୱେତାଶ୍ୱତରୋପନିଷଦ୍‌ର ପଞ୍ଚମ ଅଧ୍ୟାୟ ସମାପ୍ତ ॥

1. ଏହାର ବିଭିନ୍ନ ପ୍ରକାର ଅର୍ଥ ଦୃଷ୍ଟ ହୁଏ; ଯଥା: ଭାବ=ସୃଷ୍ଟି, ଅଭାବ=ଲୟ, ସେସବୁର କାରଣ; ଅଥବା ଭାବ=ଅବିଦ୍ୟା, ତାହାର ଅଭାବ ବା ବିନାଶର କାରଣ ।

ଷଷ୍ଠ ଅଧ୍ୟାୟ

ସ୍ୱଭାବମେକେ କବୟୋ ବଦନ୍ତି
କାଲଂ ତଥାନ୍ୟେ ପରିମୁହ୍ୟମାନାଃ ।
ଦେବସ୍ୟୈଷ ମହିମା ତୁ ଲୋକେ
ୟେନେଦଂ ଭ୍ରାମ୍ୟତେ ବ୍ରହ୍ମଚକ୍ରମ୍ ॥୧॥

ଏକେ (କେହି କେହି) **କବୟଃ** (ବିଦ୍ୱାନ୍‌ମାନେ) **ସ୍ୱଭାବମ୍** (ପଦାର୍ଥର ନିଜସ୍ୱ ଶକ୍ତିକୁ) [ଜଗତ୍‌କାରଣ] **ବଦନ୍ତି** (କହିଥାଆନ୍ତି) **ତଥା** (ସେହିପରି) **ଅନ୍ୟେ** (ଅନ୍ୟ) **ପରିମୁହ୍ୟମାନାଃ** (ଅବିବେକୀଗଣ) **କାଲମ୍** (କାଳକୁ) [ଅର୍ଥାତ୍ ୧/୨ ମନ୍ତ୍ରୋକ୍ତ କାଳ, ସ୍ୱଭାବ, ନିୟତି, ଯଦୃଚ୍ଛା, ପଞ୍ଚଭୂତ, ଅଥବା ବିଜ୍ଞାନାତ୍ମାକୁ କାରଣ କହନ୍ତି] । **ଲୋକେ** (ଜଗତ୍‌ରେ) **ଏଷଃ** (ଏହା) **ଦେବସ୍ୟ ତୁ** (ସ୍ୱପ୍ରକାଶ ପରମେଶ୍ୱରଙ୍କର ହିଁ) **ମହିମା** (ମାହାତ୍ମ୍ୟ) **ୟେନ** (ଯଦ୍ଦ୍ୱାରା) **ଇଦମ୍** (ଏହି) **ବ୍ରହ୍ମଚକ୍ରମ୍** (ଜଗତ୍‌ଚକ୍ର) [୧/୪] **ଭ୍ରାମ୍ୟତେ** (ଆବର୍ତ୍ତିତ ହେଉଅଛି) । ୬/୧

କେହି କେହି ବିଦ୍ୱାନ୍ ବସ୍ତୁସ୍ୱଭାବକୁ ହିଁ ଜଗତ୍‌କାରଣ କହନ୍ତି; ସେହିପରି ଅନ୍ୟ ଅବିବେକୀମାନେ କାଳକୁ କାରଣ କହନ୍ତି । ପ୍ରକୃତପକ୍ଷରେ ଜଗତ୍‌ରେ ଏହା ସ୍ୱପ୍ରକାଶ ପରମେଶ୍ୱରଙ୍କର ମହିମା ଯେ, ତାଙ୍କ ଦ୍ୱାରା ଏହି ବ୍ରହ୍ମ-ଚକ୍ର ଆବର୍ତ୍ତିତ ହେଉଅଛି । ୬/୧

ୟେନାବୃତଂ ନିତ୍ୟମିଦଂ ହି ସର୍ବଂ
ଜ୍ଞଃ କାଲକାରୋ ଗୁଣୀ ସର୍ବବିଦ୍ ୟଃ ।
ତେନେଶିତଂ କର୍ମ ବିବର୍ତତେ ହ
ପୃଥ୍ୟପ୍‌ତେଜୋଽନିଲଖାନି ଚିନ୍ତ୍ୟମ୍ ॥୨॥

[ପୂର୍ବ ମନ୍ତ୍ରୋକ୍ତ ପରମେଶ୍ୱରଙ୍କ ମହିମା ବିସ୍ତୃତ ହେଉଅଛି]—**ୟେନ** (ଯେଉଁ ପରମଶ୍ୱରଙ୍କ ଦ୍ୱାରା) **ଇଦମ୍** (ଏହି ଦୃଶ୍ୟମାନ) **ସର୍ବମ୍** (ସମସ୍ତ) **ନିତ୍ୟମ୍ ହି** (ସର୍ବଦା ହିଁ) **ଆବୃତମ୍** (ବ୍ୟାପ୍ତ) **ୟଃ** (ଯିଏ) **ଜ୍ଞଃ** (ଜ୍ଞାତା) **କାଲକାରଃ** (କାଳର କର୍ତ୍ତା) **ଗୁଣୀ** (ନିଷ୍ପାପତ୍ୱାଦିବିଶିଷ୍ଟ) **ସର୍ବବିତ୍** (ସର୍ବଜ୍ଞ) **ତେନ** (ତାଙ୍କ ଦ୍ୱାରା)

ଇଶିତମ୍ (ପ୍ରେରିତ, ପରିଚାଳିତ) **କର୍ମ ହ** (ପ୍ରସିଦ୍ଧ ଶୁଭାଶୁଭ କର୍ମ) **ପୃଥ୍ୱୀ-ଅପ୍-ତେଜ-ଅନିଲ-ଖାନି** (କ୍ଷିତି, ଜଳ, ଅଗ୍ନି, ବାୟୁ ଓ ଆକାଶ ରୂପରେ; ଅର୍ଥାତ୍ ଜଗତ୍‌ରୂପରେ) **ବିବର୍ତତେ** (ବିବର୍ତ୍ତିତ ହୁଏ)—[ତତ୍ (ସେହି ସମସ୍ତ)] **ଚିନ୍ତ୍ୟମ୍** (ଜ୍ଞାନୀଗଣଙ୍କର ଚିନ୍ତନୀୟ) । ୬/୨

ଯେଉଁ ପରମେଶ୍ୱରଙ୍କ ଦ୍ୱାରା ଏହି ଜଗତ୍ ସର୍ବଦା ପରିବ୍ୟାପ୍ତ, ଯିଏ ଜ୍ଞାତା, କାଳର ସ୍ରଷ୍ଟା, ନିଷ୍କାପତ୍ୱାଦି-ଗୁଣବିଶିଷ୍ଟ ଓ ସର୍ବବିତ୍, ତାଙ୍କରି ଦ୍ୱାରା ପରିଚାଳିତ ହୋଇ ଶୁଭାଶୁଭ କର୍ମ—ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶରୂପରେ ବିବର୍ତ୍ତିତ[1] ହୁଏ;—ଏହି ସକଳ ତତ୍ତ୍ୱ ଜ୍ଞାନୀଗଣଙ୍କର ଚିନ୍ତନୀୟ । ୬/୨

ତତ୍‌କର୍ମ କୃତ୍ୱା ବିନିବର୍ତ୍ୟ ଭୂୟ-
ସ୍ତତ୍ତ୍ୱସ୍ୟ ତତ୍ତ୍ୱେନ ସମେତ୍ୟ ୟୋଗମ୍ ।
ଏକେନ ଦ୍ୱାଭ୍ୟାଂ ତ୍ରିଭିରଷ୍ଟଭିର୍ବା
କାଲେନ ଚୈବାତ୍ମଗୁଣୈଶ୍ଚ ସୂକ୍ଷ୍ମୈଃ ॥୩॥

ତତ୍-କର୍ମ (ତାଙ୍କର କର୍ମ, ଈଶ୍ୱରାରାଧନା-ବୁଦ୍ଧିରେ କୃତକର୍ମ [ଯୋ. ସୂ., ୧/୨୩-୨୬]) **କୃତ୍ୱା** (କରି) [ତଦ୍ଦ୍ୱାରା ନିର୍ମଳାନ୍ତଃକରଣ ହୋଇ] **ଭୂୟଃ** (ପୁନର୍ବାର) **ବିନିବର୍ତ୍ୟ** (ସମସ୍ତ କର୍ମରୁ ନିବୃତ୍ତ ହୋଇ [ଯୋ. ସୂ., ୧/୧୫-୧୬]) **ଏକେନ** (ଗୋଟିଏ ଦ୍ୱାରା, ଅର୍ଥାତ୍ ଗୁରୂପସଦନ ଦ୍ୱାରା) **ଦ୍ୱାଭ୍ୟାମ୍** (ଦୁଇଟି ଦ୍ୱାରା, ଅର୍ଥାତ୍, ଗୁରୁ ଭକ୍ତି ଓ ଭଗବତ୍‌ପ୍ରେମ ଦ୍ୱାରା) **ତ୍ରିଭିଃ** (ତିନୋଟି ଦ୍ୱାରା; ଅର୍ଥାତ୍ ଶ୍ରବଣ, ମନନ ଓ ନିଦିଧ୍ୟାସନ ସହାୟରେ) **ବା** (ଓ) **ଅଷ୍ଟଭିଃ** (ଆଠଟି ଦ୍ୱାରା; ଅର୍ଥାତ୍ ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧ୍-ଅବଲମ୍ବନରେ) [ଯୋ. ସୂ. ୨/୨୯-୩୨] **ଆତ୍ମଗୁଣୈଃ** (ଦୟା, ଦାକ୍ଷିଣ୍ୟ, ଶୌଚ, ମାଙ୍ଗଲ୍ୟ, ଅସ୍ପୃହା, ଅକାର୍ପଣ୍ୟ, ଅନାୟାସ ଓ ଅନସୂୟା ସହାୟରେ) **ଚ** (ଏବଂ) **ସୂକ୍ଷ୍ମୈଃ** (ଜ୍ଞାନଲାଭାର୍ଥ ବହୁ ଜନ୍ମସଞ୍ଚିତ ପୁଣ୍ୟସଂସ୍କାର ଦ୍ୱାରା) **କାଲେନ ଚ** (ଏହି ଜନ୍ମରେ ବା ଜନ୍ମାନ୍ତରରେ) **ତତ୍ତ୍ୱେନ** (ପରମେଶ୍ୱର ତତ୍ତ୍ୱ ସହିତ) **ତତ୍ତ୍ୱସ୍ୟ**

---

1. କାର୍ଯ୍ୟ ଦୁଇ ପ୍ରକାର—ପରିଣାମ ଓ ବିବର୍ତ୍ତ । ପୂର୍ବରୂପ ପରିତ୍ୟାଗ କରି କାର୍ଯ୍ୟରୂପ ଧାରଣ କରିବାକୁ ପରିଣାମ କୁହାଯାଏ; ଯଥା—ଘଟ ମୃତ୍ତିକାର ପରିଣାମ । ପୂର୍ବରୂପ ପରିତ୍ୟାଗ ନ କରି କାର୍ଯ୍ୟରୂପରେ ପ୍ରତିଭାତ ହେବାକୁ ବିବର୍ତ୍ତ କୁହାଯାଏ; ଯଥା—ରଜ୍ଜୁରେ ସର୍ପଭ୍ରମ । ଜଗତ୍ ବ୍ରହ୍ମର ବିବର୍ତ୍ତ, କିନ୍ତୁ ପରିଣାମ ନୁହେଁ ।

(ଆତ୍ମତତ୍ତ୍ୱର) **ୟୋଗମ୍** (ସଂଯୋଗ, ଐକ୍ୟ) **ସମେତ୍ୟ ଏବ** (ସମ୍ପାଦନ କରି) [ଯୋଗୀ ମୁକ୍ତିଲାଭ କରନ୍ତି—୬/୪]—[ୟୋ. ସୂ. ୧/୩ ଓ ୪/୩୩] । ୬/୩

ତାଙ୍କ (ଅର୍ଥାତ୍ ଭଗବାନଙ୍କ ଉଦ୍ଦେଶ୍ୟରେ) କର୍ମ କରି ପୁନର୍ବାର ସମସ୍ତ କର୍ମରୁ ନିବୃତ୍ତ ହୋଇ ଗୋଟିଏ, ଦୁଇଟି, ତିନୋଟି ଓ ଆଠଟି-ଅବଲମ୍ବନରେ ଏବଂ ଆତ୍ମଗୁଣ ଓ ବହୁଜନ୍ମସଞ୍ଚିତ ପୁଣ୍ୟସଂସ୍କାର ସହାୟରେ, ଏହି ଜନ୍ମରେ ବା ଜନ୍ମାନ୍ତରରେ ପରମେଶ୍ୱର-ତତ୍ତ୍ୱ ସହିତ ଆତ୍ମତତ୍ତ୍ୱର ଐକ୍ୟରୂପକ ସଂଯୋଗ ସମ୍ପାଦନ କରି (ଯୋଗୀ ମୁକ୍ତିଲାଭ କରନ୍ତି) । ୬/୩

ଆରଭ୍ୟ କର୍ମାଣି ଗୁଣାନ୍ୱିତାନି
ଭାବାଂଶ୍ଚ ସର୍ବାନ୍ ବିନିୟୋଜୟେଦ୍ ୟଃ ।
ତେଷାମଭାବେ କୃତକର୍ମନାଶଃ
କର୍ମକ୍ଷୟେ ୟାତି ସ ତତ୍ତ୍ୱତୋଽନ୍ୟଃ ॥୪॥

[ତୃତୀୟ ମନ୍ତ୍ରର ଅର୍ଥ ଏହି ମନ୍ତ୍ରରେ ବିସ୍ତୃତ ହେଉଅଛି]—**ୟଃ** (ଯିଏ) **ଗୁଣ-ଅନ୍ୱିତାନି** ([କର୍ମଦ୍ୱାରା ଈଶ୍ୱରଙ୍କ ଆରାଧନା କରାହେଉଛି ଏହିପ୍ରକାର ବୁଦ୍ଧିରୂପ] ଯୋଗ-ଯୁକ୍ତ) **କର୍ମାଣି** (କର୍ମସମୂହ) **ଆରଭ୍ୟ** (ଅନୁଷ୍ଠାନପୂର୍ବକ) [ଶୁଦ୍ଧଚିତ୍ତ ହୋଇ; ଗୀତା ୯/୨୮] **ସର୍ବାନ୍** (ସକଳ) **ଭାବାନ୍ ଚ** (ପ୍ରକୃତି ଓ ପ୍ରକୃତିସମ୍ଭୂତ ପଦାର୍ଥସମୂହକୁ) **ବିନିୟୋଜୟେତ୍** ([ସଚ୍ଚିଦାନନ୍ଦ-ବ୍ରହ୍ମରେ] ଲୟ କରନ୍ତି) [ଏବଂ ନିଜକୁ ବ୍ରହ୍ମସ୍ୱରୂପରେ ଅବଗତ ହୁଅନ୍ତି, ସେହି ସର୍ବପଦାର୍ଥର ଉପସଂହାରକାରୀ] **ତତ୍ତ୍ୱତଃ** (ସ୍ୱରୂପାବସ୍ଥାନବଶତଃ) **ଅନ୍ୟଃ** (ସମସ୍ତ ସଂସାରର ଅତୀତ ହୁଅନ୍ତି) **ତେଷାମ୍** (ବ୍ୟାକୃତ ଓ ଅବ୍ୟାକୃତ, ପ୍ରକୃତି ଓ ସେଥିରୁ ସୃଷ୍ଟ ପଦାର୍ଥର) **ଅଭାବେ** (ଅଭାବ କାରଣରୁ) **କୃତକର୍ମ-ନାଶଃ** (ପ୍ରାରବ୍ଧ ବ୍ୟତୀତ ପୂର୍ବକୃତ ସମୁଦାୟ କର୍ମ ବିନଷ୍ଟ ହୁଏ, ସେ ଜୀବନ୍ମୁକ୍ତ ହୁଅନ୍ତି)—**କର୍ମକ୍ଷୟେ** (ପ୍ରାରବ୍ଧ କର୍ମ କ୍ଷୟ ହେଲେ) **ସଃ** (ସେ) **ୟାତି** (ବିଦେହକୈବଲ୍ୟ ପ୍ରାପ୍ତ ହୁଅନ୍ତି) । ୬/୪

ଯିଏ ପରମେଶ୍ୱରଙ୍କ ଆରାଧନାବୁଦ୍ଧିରେ କର୍ମସମୂହ ଅନୁଷ୍ଠାନପୂର୍ବକ ଶୁଦ୍ଧଚିତ୍ତ ହୋଇ ପ୍ରକୃତି ଓ ପ୍ରକୃତିସମ୍ଭୂତ ପଦାର୍ଥସମୂହକୁ (ସଚ୍ଚିଦାନନ୍ଦ-ବ୍ରହ୍ମରେ) ଲୟ କରନ୍ତି, ସେ ସ୍ୱରୂପରେ ଅବସ୍ଥାନ କରି ସମସ୍ତ ସଂସାରର ଅତୀତ ହୁଅନ୍ତି । ପ୍ରକୃତି ଓ ସେଥିରୁ ସୃଷ୍ଟ ପଦାର୍ଥର ଅଭାବ କାରଣରୁ ତାଙ୍କର ପ୍ରାରବ୍ଧ ବ୍ୟତୀତ

ସମସ୍ତ କର୍ମ କ୍ଷୀଣ ହୁଏ ଏବଂ ପ୍ରାରବ୍ଧ କର୍ମର[1] କ୍ଷୟ ହେଲେ ସେ ବିଦେହକୈବଲ୍ୟ ପ୍ରାପ୍ତ ହୁଅନ୍ତି । ୬/୪

ଆଦିଃ ସ ସଂଯୋଗନିମିତ୍ତହେତୁଃ
ପରସ୍ତ୍ରିକାଲାଦକଲୋଽପି ଦୃଷ୍ଟଃ ।
ତଂ ବିଶ୍ୱରୂପଂ ଭବଭୂତମୀଡ୍ୟଂ
ଦେବଂ ସ୍ୱଚିତ୍ତସ୍ଥମୁପାସ୍ୟ ପୂର୍ବମ୍ ॥୫॥

ସଃ (ସେହି ପରମେଶ୍ୱର) **ଆଦିଃ** (ସକଳ କାରଣ) **ସଂଯୋଗ-ନିମିତ୍ତ-ହେତୁଃ** (ଦେହ ଧାରଣର କାରଣ ପୁଣ୍ୟ ଓ ପାପର ମଧ୍ୟ ହେତୁ) **ତ୍ରିକାଲାତ୍** (ଅତୀତ, ଭବିଷ୍ୟତ ଓ ବର୍ତ୍ତମାନ କାଳଠାରୁ ମଧ୍ୟ) **ପରଃ** (ଅତୀତ) **ଅପି** (ଏବଂ) **ଅକଲଃ** (ପ୍ରାଣାଦି କଳାରୁ ମୁକ୍ତ, କଳାଶୂନ୍ୟରୂପେ [୫/୧୪]) **ଦୃଷ୍ଟଃ** (ଜ୍ଞାନୀଗଣଙ୍କ ଦ୍ୱାରା ଅନୁଭୂତ ହୁଅନ୍ତି) । **ତମ୍** (ସେହି) **ବିଶ୍ୱରୂପମ୍** (ଅଖିଳ ରୂପଧାରୀ) **ଭବ-ଭୂତମ୍** (ସମସ୍ତଙ୍କର ଉତ୍ପତ୍ତିସ୍ଥାନ ଓ ସତ୍ୟସ୍ୱରୂପ) **ଈଡ୍ୟମ୍** (ପୂଜନୀୟ) **ଦେବମ୍** (ଦେବଙ୍କୁ) **ପୂର୍ବମ୍** (ଜ୍ଞାନୋଦୟ ପୂର୍ବରୁ) **ସ୍ୱଚିତ୍ତସ୍ଥମ୍** (ନିଜ ଚିତ୍ତରେ ଅବସ୍ଥିତ ରୂପରେ) **ଉପାସ୍ୟ** (ଉପାସନା କରି) [ସାଧକ ବିଦେହକୈବଲ୍ୟ ପ୍ରାପ୍ତ ହୁଅନ୍ତି—୬/୪] । ୬/୫

ସେହି ପରମେଶ୍ୱର ସମସ୍ତଙ୍କର ଆଦି, ଦେହ-ସଂଯୋଗର କାରଣ, ପାପ-ପୁଣ୍ୟର ହେତୁଭୂତ, କଳାହୀନ ଏବଂ ତ୍ରିକାଳାତୀତରୂପରେ ଅନୁଭୂତ ହୁଅନ୍ତି । ସେହି ଅଖିଳ ରୂପଧାରୀ, ସର୍ବକାରଣ, ସତ୍ୟସ୍ୱରୂପ ଓ ପୂଜନୀୟ ଦେବଙ୍କୁ ଜ୍ଞାନୋଦୟ ପୂର୍ବରୁ ନିଜ ଚିତ୍ତରେ ଅବସ୍ଥିତରୂପେ ଉପାସନା କରି[2] (ସାଧକ ବିଦେହକୈବଲ୍ୟ ପ୍ରାପ୍ତ ହୁଅନ୍ତି) । ୬/୫

---

1. ପୂର୍ବଜନ୍ମମାନଙ୍କରେ ଅର୍ଜିତ ଯେଉଁସବୁ କର୍ମର ଫଳଯୋଗୁଁ ବର୍ତ୍ତମାନର ଦେହ ପ୍ରାପ୍ତ ହୋଇଛି ।

2. ୬/୫ ଓ ୬/୬ ମନ୍ତ୍ରଶେଷରେ ୬/୪ ମନ୍ତ୍ରର ବାକ୍ୟଶେଷ "ବିଦେହକୈବଲ୍ୟ ପ୍ରାପ୍ତ ହୁଅନ୍ତି" ଅନ୍ୱିତ କରିବାକୁ ହେବ । କାହା କାହା ମତରେ ଏହି ମନ୍ତ୍ର ଦୁଇଟି ୬/୭ ମନ୍ତ୍ରର "ବିଦାମ ଦେବମ୍" (ସ୍ୱୟଂଜ୍ୟୋତିଃ ଦେବଙ୍କୁ ଆମେ ଜାଣୁ) ବାକ୍ୟଶେଷ ସହିତ ଅନ୍ୱିତ ହେବ ।

ସ ବୃକ୍ଷକାଲାକୃତିଭିଃ ପରୋଽନ୍ୟୋ
ୟସ୍ମାତ୍ ପ୍ରପଞ୍ଚଃ ପରିବର୍ତ୍ତତେଽୟମ୍ ।
ଧର୍ମାବହଂ ପାପନୁଦଂ ଭଗେଶଂ
ଜ୍ଞାତ୍ୱାତ୍ମସ୍ଥମମୃତଂ ବିଶ୍ୱଧାମ ॥୬॥

ୟସ୍ମାତ୍ (ଯେଉଁ ପରମେଶ୍ୱରଙ୍କଠାରୁ) **ଅୟମ୍** (ଏହି) **ପ୍ରପଞ୍ଚ** (ଜଗତ୍) **ପରିବର୍ତ୍ତତେ** (ଆବର୍ତ୍ତିତ ହୁଏ) **ସଃ** (ସେ) **ବୃକ୍ଷକାଲାକୃତିଭିଃ** (ସଂସାରବୃକ୍ଷର ଓ କାଳର ବିଭିନ୍ନ ରୂପଠାରୁ) **ପରଃ** (ଊର୍ଦ୍ଧ୍ୱରେ, ଶ୍ରେଷ୍ଠ) [ଗୀତା, ୧୫/୧] **ଅନ୍ୟଃ** (ବିଲକ୍ଷଣ) । **ଧର୍ମାବହମ୍** (ଧର୍ମର ଆକର) **ପାପନୁଦମ** (ପାପନାଶକ) **ଭଗେଶମ୍** (ଐଶ୍ୱର୍ଯ୍ୟାଧିପତି) **ଆତ୍ମସ୍ଥମ୍** (ବୁଦ୍ଧିଗୁହାରେ ଅବସ୍ଥିତ) **ଅମୃତମ୍** (ଅମର) **ବିଶ୍ୱଧାମ** (ବିଶ୍ୱାଧାରଙ୍କୁ) **ଜ୍ଞାତ୍ୱା** (ଜାଣି) [ସାଧକ ବିଦେହକୈବଲ୍ୟ ପ୍ରାପ୍ତ ହୁଅନ୍ତି] । ୬/୬

ଯାହାଙ୍କଠାରୁ ଏହି ଜଗତ୍ ଆବର୍ତ୍ତିତ ହେଉଅଛି, ସେ ସଂସାରବୃକ୍ଷ ଓ କାଳର ବିଭିନ୍ନ ପରିଣାମର ଊର୍ଦ୍ଧ୍ୱରେ ସ୍ୱତନ୍ତ୍ରରୂପେ ଅବସ୍ଥିତ । ଧର୍ମର ଆକର, ପାପବିନାଶକ, ଷଡୈଶ୍ୱର୍ଯ୍ୟାଧିପତି, ବୁଦ୍ଧିଗୁହାରେ ସ୍ଥିତ, ଅମର ଓ ବିଶ୍ୱାଧାରଙ୍କୁ ଜାଣି (ସାଧକ ବିଦେହକୈବଲ୍ୟ ପ୍ରାପ୍ତ ହୁଅନ୍ତି) । ୬/୬

ତମୀଶ୍ୱରାଣାଂ ପରମଂ ମହେଶ୍ୱରଂ
ତଂ ଦେବତାନାଂ ପରମଞ୍ଚ ଦୈବତମ୍ ।
ପତିଂ ପତୀନାଂ ପରମଂ ପରସ୍ତାଦ୍
ବିଦାମ ଦେବଂ ଭୁବନେଶମୀଡ୍ୟମ୍ ॥୭॥

ତମ୍ (ସେହି) **ଈଶ୍ୱରାଣାମ୍** (ଯମ ପ୍ରଭୃତି ଲୋକପାଳଗଣଙ୍କର) **ପରମମ୍** (ନିରଙ୍କୁଶ) **ମହେଶ୍ୱରମ୍** (ମହାଧିପତିଙ୍କୁ) **ତମ୍** (ସେହି) **ଦେବତାନାମ୍** (ଇନ୍ଦ୍ରାଦି ଦେବଗଣଙ୍କର) **ପରମମ୍ ଦୈବତମ୍** (ପରମ ଦେବତାଙ୍କୁ) **ପତୀନାମ୍** (ପ୍ରଜାପତିଗଣଙ୍କର) **ପତିମ୍** (ନିୟନ୍ତାଙ୍କୁ) **ଚ** (ଏବଂ) **ପରସ୍ତାତ୍** (ସ୍ୱୀୟ ବିକାର କ୍ଷର ଅପେକ୍ଷା ଶ୍ରେଷ୍ଠ ଅକ୍ଷର ବା ଅବ୍ୟାକୃତରୁ ମଧ୍ୟ) **ପରମମ୍** (ଶ୍ରେଷ୍ଠ) **ଭୁବନେଶମ୍** (ଜଗତ୍‌ପତିଙ୍କୁ) **ଈଡ୍ୟମ୍** (ସ୍ତବନୀୟ) **ଦେବମ୍** (ସ୍ୱୟଂଜ୍ୟୋତିଃ ଦେବଙ୍କୁ) **ବିଦାମ** (ଆମେ ଜାଣୁ) । ୬/୭

ଲୋକପାଳଗଣଙ୍କର ନିରଙ୍କୁଶ ମହେଶ୍ୱର, ଦେବଗଣଙ୍କର ପରମ ଦେବତା, ପ୍ରଜାପତିଗଣଙ୍କର ଅଧିପତି, ଶ୍ରେଷ୍ଠ ଅକ୍ଷର[1] ଠାରୁ ମଧ୍ୟ ଉତ୍ତମ ଜଗତ୍‌ପତି, ଏବଂ ସ୍ତବନୀୟ ସେହି ସ୍ୱୟଂଜ୍ୟୋତିଃ ଦେବଙ୍କୁ ଆମେ ଜାଣୁ । ୬/୭

ନ ତସ୍ୟ କାର୍ୟଂ କରଣଞ୍ଚ ବିଦ୍ୟତେ
ନ ତତ୍‌ସମଶ୍ଚାଭ୍ୟଧିକଶ୍ଚ ଦୃଶ୍ୟତେ ।
ପରାସ୍ୟ ଶକ୍ତିର୍ବିବିଧୈବ ଶ୍ରୂୟତେ
ସ୍ୱାଭାବିକୀ ଜ୍ଞାନବଲକ୍ରିୟା ଚ ॥୮॥

ତସ୍ୟ (ସେହି ପରମେଶ୍ୱରଙ୍କର) **କାର୍ୟମ୍** (ଶରୀର) **କରଣମ୍ ଚ** (ଏବଂ ଚକ୍ଷୁରାଦି ଇନ୍ଦ୍ରିୟ) **ନ ବିଦ୍ୟତେ** (ନାହିଁ) [୩/୧୯]; **ତତ୍‌ସମଃ ଚ** (ତାଙ୍କ ସମାନ) **ଅଭ୍ୟଧିକଃ ଚ** (ଅଥବା ତାଙ୍କ ଅପେକ୍ଷା ଶ୍ରେଷ୍ଠ କେହି) **ନ ଦୃଶ୍ୟତେ** (ଦେଖାଯାଆନ୍ତି ନାହିଁ); **ଅସ୍ୟ** (ଏହାଙ୍କର) **ପରା** (ମାୟାର ବିକାରଠାରୁ ଉତ୍କୃଷ୍ଟ) **ଶକ୍ତିଃ** (ମାୟା-ଶକ୍ତି) **ବିବିଧା ଏବ** (ବିଚିତ୍ର-କାର୍ଯ୍ୟ-କାରିଣୀ) **ଶ୍ରୂୟତେ** (ଶ୍ରୁତ ହୁଏ) [ଅର୍ଥାତ୍ ତାହା ଐତିହ୍ୟରୂପରେ ସିଦ୍ଧ, ପ୍ରମାଣ-ସିଦ୍ଧ ନୁହେଁ] **ଚ** (ଏବଂ) [ଏହାଙ୍କର] **ଜ୍ଞାନ-ବଲ-କ୍ରିୟା** (ଜ୍ଞାନରୂପକ ବଳଦ୍ୱାରା ଯେଉଁ ସୃଷ୍ଟି-କ୍ରିୟା ହୋଇଥାଏ ତାହା) **ସ୍ୱାଭାବିକୀ** (ସ୍ୱାଭାବିକ ଅର୍ଥାତ୍ ଅନାଦି-ମାୟାସ୍ୱରୂପ) । ୬/୮

ସେହି ପରମେଶ୍ୱରଙ୍କର ଶରୀର ଓ ଇନ୍ଦ୍ରିୟ ନାହିଁ । ତାହାଙ୍କ ସମାନ ବା ତାଙ୍କ ଅପେକ୍ଷା ଶ୍ରେଷ୍ଠ କେହି ଦେଖାଯାଆନ୍ତି ନାହିଁ । ଏହାଙ୍କର ପରାଶକ୍ତି[2] (ଅର୍ଥାତ୍ ମାୟା) ବିଚିତ୍ର-କାର୍ଯ୍ୟ-କାରିଣୀ ବୋଲି ଶ୍ରୁତ ହୁଏ ଏବଂ ସେ ଜ୍ଞାନରୂପକ

---

1. ଗୀତା ୧୫/୧୬ ଓ ୧୫/୧୮ ଦ୍ରଷ୍ଟବ୍ୟ । ଭଗବାନଙ୍କର ଯେଉଁ ମାୟାଶକ୍ତି ସ୍ୱବିକାର-ସମୂହକୁ ପରିବ୍ୟାପ୍ତ କରି ବିଦ୍ୟମାନ ରହିଛି ତାହା ହିଁ ଅକ୍ଷର । ନିଖିଳ ସଂସାରୀ ଜୀବଙ୍କର କାମକର୍ମାଦି ସଂସ୍କାର ସେଥିରେ ହିଁ ଆଶ୍ରିତ । ବ୍ରହ୍ମଜ୍ଞାନ ବ୍ୟତୀତ ଏହି ସଂସାରବୀଜର ନାଶ ହୁଏ ନାହିଁ ବୋଲି ତାହା ଅକ୍ଷର, ଅନନ୍ତ ଓ ଅବିନାଶୀ । ଏହା ଜଗତ୍‌ର ଉପାଦାନ ହେଲେ ମଧ୍ୟ ପରତନ୍ତ୍ର, ଅତଏବ ଶକ୍ତିପଦବାଚ୍ୟ । ବିକାରସମୂହ କ୍ଷରପଦବାଚ୍ୟ ।

2. ସତ୍ ବା ଅସତ୍‌ରୂପରେ କିମ୍ବା ସଦସତ୍ ରୂପରେ ଅନିର୍ବଚନୀୟା ।

ବଳଦ୍ୱାରା ଯେଉଁ ସୃଷ୍ଟି-କ୍ରିୟା କରନ୍ତି[1] ତାହା ମଧ୍ୟ ସ୍ୱାଭାବିକ[2] ଅର୍ଥାତ୍ ଅନାଦି ମାୟାସ୍ୱରୂପ । ୬/୮

ନ ତସ୍ୟ କଶ୍ଚିତ୍ ପତିରସ୍ତି ଲୋକେ
ନ ଚେଶିତା ନୈବ ଚ ତସ୍ୟ ଲିଙ୍ଗମ୍ ।
ସ କାରଣଂ କରଣାଧିପାଧିପୋ
ନ ଚାସ୍ୟ କଶ୍ଚିଜ୍ଜନିତା ନ ଚାଧିପଃ ॥୯॥

ଲୋକେ (ଜଗତ୍‌ରେ) **ତସ୍ୟ** (ତାଙ୍କର) **କଃ ଚିତ୍** (କୌଣସି) **ପତିଃ** (ପ୍ରଭୁ) **ନ ଅସ୍ତି** (ନାହିଁ) **ଈଶିତା ଚ** (ଏବଂ ନିୟନ୍ତା ମଧ୍ୟ) **ନ** (ନାହିଁ) । **ତସ୍ୟ** (ତାହାଙ୍କର) **ଲିଙ୍ଗମ୍ ଚ** (ଅନୁମାନର ଉପାୟଭୂତ ହେତୁ ମଧ୍ୟ) **ନ ଏବ** (ଅବଶ୍ୟ ହିଁ ନାହିଁ) [କ. ୨/୩/୮ ଟୀକା] । **ସଃ** (ସେ) **କାରଣମ୍** (ସମସ୍ତଙ୍କ କାରଣ) **କରଣ-ଅଧିପ-ଅଧିପଃ** (ଇନ୍ଦ୍ରିୟାଧିପତି ଜୀବଙ୍କର ମଧ୍ୟ ଅଧିପତି) । **ଅସ୍ୟ** (ଏହାଙ୍କର) **କଃ ଚିତ୍** (କୌଣସି) **ଜନିତା ଚ** (=**ଜନୟିତା**, ସୃଷ୍ଟିକର୍ତ୍ତା) **ନ** (ନାହିଁ) **ଅଧିପଃ ଚ** (ଅଧ୍ୟକ୍ଷ ମଧ୍ୟ) **ନ** (ନାହିଁ) । ୬/୯

ଜଗତ୍‌ରେ ତାଙ୍କର କୌଣସି ପ୍ରଭୁ ନାହିଁ ଏବଂ ନିୟନ୍ତା ମଧ୍ୟ ନାହିଁ । ତାଙ୍କର ଅନୁମାନର ଉପାୟଭୂତ ହେତୁ ମଧ୍ୟ ନାହିଁ ଯାହା ଅବଲମ୍ବନ କରି ତାଙ୍କ ସମ୍ବନ୍ଧରେ ଅନୁମାନ କରି ହେବ । ସେ ସମସ୍ତଙ୍କର କାରଣ ଏବଂ ଇନ୍ଦ୍ରିୟାଧିପତି ଜୀବଙ୍କର ମଧ୍ୟ ଅଧିପତି । ଏହାଙ୍କର କୌଣସି ସୃଷ୍ଟିକର୍ତ୍ତା କିମ୍ବା ଅଧ୍ୟକ୍ଷ ମଧ୍ୟ ନାହିଁ । ୬/୯

ୟସ୍ତନ୍ତୁନାଭ ଇବ ତନ୍ତୁଭିଃ ପ୍ରଧାନଜୈଃ
ସ୍ୱଭାବତୋ ଦେବ ଏକଃ ସ୍ୱମାବୃଣୋତ୍ ।
ସ ନୋ ଦଧାତୁ ବ୍ରହ୍ମାପ୍ୟୟମ୍ ॥୧୦॥

ୟଃ (ଯେଉଁ) **ଏକଃ** (ଅଦ୍ୱିତୀୟ) **ଦେବଃ** (ଦେବ) **ତନ୍ତୁନାଭଃ ଇବ** (ବୁଢ଼ୀଆଣି ସଦୃଶ) [ମୁ. ୧/୧/୭] **ସ୍ୱଭାବତଃ** (ମାୟାଶକ୍ତି ଅବଲମ୍ବନପୂର୍ବକ) **ସ୍ୱମ୍** (ନିଜକୁ) **ପ୍ରଧାନଜୈଃ ତନ୍ତୁଭିଃ** (ଅବ୍ୟକ୍ତପ୍ରକୃତିପ୍ରସୂତ ତନ୍ତୁ, ଅର୍ଥାତ୍ ନାମ, ରୂପ

---

1. '**ଜ୍ଞାନ-ବଳ-କ୍ରିୟା**' ଏହି ଅଂଶର ଅର୍ଥ ନାରାୟଣଙ୍କ ମତରେ ଏପରି—ଜ୍ଞାନ ଓ ବଳ ସହିତ ଯୁକ୍ତ କ୍ରିୟାଶକ୍ତି । ଶଙ୍କରାନନ୍ଦଙ୍କ ମତରେ ଏହାର ଅର୍ଥ—ଜ୍ଞାନ ଅର୍ଥାତ୍ ବସ୍ତୁ ପ୍ରକାଶିକା ଅବିଦ୍ୟା-ବୃତ୍ତି ଓ ଅନ୍ତଃକରଣବୃତ୍ତି, ବଳ ଅର୍ଥାତ୍ ଉତ୍ସାହ ଏବଂ କ୍ରିୟା ଅର୍ଥାତ୍ ବ୍ୟାପାର ।

2. **ସ୍ୱଭାବ**=ମାୟା । —ଗୌଡ଼ପାଦକାରିକା ୧/୯; ଗୀତା ୧୩/୨୯ ଓ ୫/୧୪-୧୫

ଓ କର୍ମ ଦ୍ୱାରା) **ଆବୃଣୋତ୍** (ଆଚ୍ଛାଦିତ କରିଛନ୍ତି) **ସଃ** (ସେ) **ନଃ** (ଆମମାନଙ୍କୁ) **ବହ୍ମ-ଅପ୍ୟୟମ୍** (ବ୍ରହ୍ମରେ ବିଲୟ, ଅର୍ଥାତ୍ ବ୍ରହ୍ମଙ୍କ ସହିତ ଐକ୍ୟ) **ଦଧାତୁ** (ବିଧାନ କରନ୍ତୁ) । ୬/୧୦

ଯେଉଁ ଅଦ୍ୱିତୀୟ ଦେବ ମାୟାଶକ୍ତି ଅବଲମ୍ବନପୂର୍ବକ ବୁଢ଼ୀଆଣି ସଦୃଶ ନିଜକୁ ଅବ୍ୟକ୍ତପ୍ରସୂତ ନାମ, ରୂପ ଓ କର୍ମ ଦ୍ୱାରା ଆଚ୍ଛାଦିତ କରିଛନ୍ତି, ସେ ବ୍ରହ୍ମଙ୍କ ସହିତ ଆମମାନଙ୍କର ଐକ୍ୟ ବିଧାନ କରନ୍ତୁ । ୬/୧୦

ଏକୋ ଦେବଃ ସର୍ବଭୂତେଷୁ ଗୂଢଃ
ସର୍ବବ୍ୟାପୀ ସର୍ବଭୂତାନ୍ତରାତ୍ମା ।
କର୍ମାଧ୍ୟକ୍ଷ ସର୍ବଭୂତାଧିବାସଃ
ସାକ୍ଷୀ ଚେତା କେବଲୋ ନିର୍ଗୁଣଶ୍ଚ ॥୧୧॥

ଏକଃ (ଅଦ୍ୱିତୀୟ) **ଦେବଃ** (ଜ୍ୟୋତିଃସ୍ୱରୂପ ପରମାତ୍ମା) **ସର୍ବଭୂତେଷୁ** (ସର୍ବପ୍ରାଣୀଙ୍କଠାରେ) **ଗୂଢଃ** (ପ୍ରଚ୍ଛନ୍ନ ଭାବରେ ଅବସ୍ଥିତ) **ସର୍ବବ୍ୟାପୀ** (ସର୍ବବ୍ୟାପୀ) **ସର୍ବଭୂତ-ଅନ୍ତରାତ୍ମା** (ସକଳ ପ୍ରାଣୀଙ୍କ ଅନ୍ତରାତ୍ମା ଅର୍ଥାତ୍ ସମସ୍ତଙ୍କର ସ୍ୱରୂପଭୂତ) **କର୍ମାଧ୍ୟକ୍ଷଃ** (ସମସ୍ତ କର୍ମର ନିୟାମକ) **ସର୍ବଭୂତ-ଅଧିବାସଃ** (ସମସ୍ତଙ୍କର ନିବାସସ୍ଥାନ, ଅଧିଷ୍ଠାନ) **ସାକ୍ଷୀ** (ସବୁକିଛିର ସାକ୍ଷୀ) **ଚେତା** (ଚେତୟିତା, ଚୈତନ୍ୟାଭିବ୍ୟକ୍ତିର କାରଣ) **କେବଲଃ** (ନିରୁପାଧିକ) **ନିର୍ଗୁଣଃ ଚ** (ଏବଂ ସତ୍ତ୍ୱାଦିଗୁଣରହିତ) । ୬/୧୧

ଅଦ୍ୱିତୀୟ ଜ୍ୟୋତିଃସ୍ୱରୂପ ପରମାତ୍ମା ସର୍ବପ୍ରାଣୀଙ୍କଠାରେ ପ୍ରଚ୍ଛନ୍ନ ଭାବରେ ଅବସ୍ଥିତ; ସେ ସର୍ବବ୍ୟାପୀ, ସକଳ ପ୍ରାଣୀଙ୍କର ଅନ୍ତରାତ୍ମା, ସମସ୍ତ କର୍ମର ନିୟାମକ, ସମସ୍ତଙ୍କର ନିବାସସ୍ଥାନ, ସବୁକିଛିର ସାକ୍ଷୀ, ଚେତୟିତା, ନିରୁପାଧିକ ଓ ନିର୍ଗୁଣ । ୬/୧୧

ଏକୋ ବଶୀ ନିଷ୍କ୍ରିୟାଣାଂ ବହୂନା-
ମେକଂ ବୀଜଂ ବହୁଧା ୟଃ କରୋତି ।
ତମାତ୍ମସ୍ଥଂ ୟେଽନୁପଶ୍ୟନ୍ତି ଧୀରା-
ସ୍ତେଷାଂ ସୁଖଂ ଶାଶ୍ୱତଂ ନେତରେଷାମ୍ ॥୧୨॥

ୟଃ (ଯିଏ) **ନିଷ୍କ୍ରିୟାଣାମ୍** (ନିଷ୍କ୍ରିୟ, କ୍ରିୟାଶୂନ୍ୟ) **ବହୂନାମ୍** (ଅନେକଙ୍କର) **ଏକଃ ବଶୀ** (ଅଦ୍ୱିତୀୟ ଓ ସ୍ୱତନ୍ତ୍ର ଆତ୍ମା, ଅତଏବ ପ୍ରଭୁ) [ଯିଏ] **ଏକମ୍ ବୀଜମ୍** (ଗୋଟିଏ ବୀଜକୁ) **ବହୁଧା** (ବହୁପ୍ରକାର) **କରୋତି** (କରନ୍ତି) **ତମ୍** (ତାହାଙ୍କୁ) **ୟେ** (ଯେଉଁ) **ଧୀରାଃ** (ଧୀମାନ୍‌ଗଣ) **ଆତ୍ମସ୍ଥମ୍** (ବୁଦ୍ଧିରେ [ଚୈତନ୍ୟାକାରରେ] ଅଭିବ୍ୟକ୍ତ ଆତ୍ମା ରୂପରେ) **ଅନୁପଶ୍ୟନ୍ତି** (ସାକ୍ଷାତ୍ କରନ୍ତି) **ତେଷାମ୍** ([ପରମେଶ୍ୱରଭୂତ] ସେମାନଙ୍କର) **ଶାଶ୍ୱତମ୍** (ନିତ୍ୟ, ଅବିନାଶୀ) **ସୁଖମ୍** (ଆନନ୍ଦ) [ହୁଏ], **ଇତରେଷାମ୍** (ଅନ୍ୟ ଅବିବେକୀମାନଙ୍କର) **ନ** (ନୁହେଁ) [କ., ୨/୨/୧୨] । ୬/୧୨

ଯିଏ ନିଷ୍କ୍ରିୟ ଅନେକଙ୍କର[1] ଅଦ୍ୱିତୀୟ ଓ ସ୍ୱତନ୍ତ୍ର ଆତ୍ମା, ଯିଏ ଗୋଟିଏ ବୀଜକୁ[2] ବହୁପ୍ରକାର[3] କରନ୍ତି, ତାହାଙ୍କୁ ଯେଉଁ ଧୀମାନ୍‌ଗଣ ବୁଦ୍ଧିରେ ଅଭିବ୍ୟକ୍ତ ଆତ୍ମାରୂପରେ ସାକ୍ଷାତ୍ କରନ୍ତି, ସେମାନଙ୍କର ହିଁ ଶାଶ୍ୱତ ସୁଖ ହୁଏ, ଅନ୍ୟମାନଙ୍କର ନୁହେଁ । ୬/୧୨

---

1. ଅର୍ଥାତ୍ ଜଡ଼ ଓ ଜୀବଙ୍କର । ଚୈତନ୍ୟଙ୍କ ଅଧିଷ୍ଠାନ ବ୍ୟତିରେକେ ଜଡ଼ର ବ୍ୟାପାର ଅସମ୍ଭବ —ତାହା ସ୍ୱଭାବତଃ ନିଷ୍କ୍ରିୟ । ଚେତନ ଜୀବ ମଧ୍ୟ ସ୍ୱରୂପତଃ କ୍ରିୟାଶୂନ୍ୟ ।

2. ଜଡ଼ର ବୀଜ ମାୟାଶକ୍ତି । ଜୀବର ବୀଜ ସ୍ୱୟଂ ପରମାତ୍ମା; କାରଣ ସେ ହିଁ ବିମ୍ବ ଏବଂ ଜୀବ ତାଙ୍କର ପ୍ରତିବିମ୍ବ । —ଗୌଡ଼ପାଦ-କାରିକା । ୧/୬

3. ମାୟା ନାନା ନାମ-ରୂପ-ଅବଲମ୍ବନରେ ବହୁପ୍ରକାରରେ ପରିଣତ ହୁଏ । ନାମରୂପାତ୍ମକ ଉପାଧିର ଭିନ୍ନତା ଅନୁଯାୟୀ ଏକ ସଚ୍ଚିଦାନନ୍ଦ ମଧ୍ୟ ବହୁପ୍ରକାର ପ୍ରତିବିମ୍ବିତ ହୁଅନ୍ତି । ଛା. ୬/୨୬/୨; କ. ୨/୨/୯-୧୧

ନିତ୍ୟୋ ନିତ୍ୟାନାଂ ଚେତନଶ୍ଚେତନାନା-
ମେକୋ ବହୂନାଂ ୟୋ ବିଦଧାତି କାମାନ୍ ।
ତତ୍ କାରଣଂ ସାଂଖ୍ୟୟୋଗାଧ୍ଗମ୍ୟଂ
ଜ୍ଞାତ୍ୱା ଦେବଂ ମୁଚ୍ୟତେ ସର୍ବପାଶୈଃ ॥୧୩॥

ନିତ୍ୟାନାମ୍ (ନିତ୍ୟ ଜୀବଗଣ ମଧ୍ୟରେ) **ନିତ୍ୟଃ** (ନିତ୍ୟ, ଅର୍ଥାତ୍ ନିତ୍ୟତ୍ୱର କାରଣ) [ଅଥବା—**ଅନିତ୍ୟାନାମ୍ ନିତ୍ୟଃ** (ପୃଥିବ୍ୟାଦି ଅନିତ୍ୟ ପଦାର୍ଥ ମଧ୍ୟରେ ନିତ୍ୟ)] **ଚେତନାନାମ୍ ଚେତନଃ** (ବ୍ରହ୍ମାଦି ଚେତନ ବିଜ୍ଞାତୃଗଣଙ୍କ ମଧ୍ୟରେ ଚେତନ ଅର୍ଥାତ୍ ଚେତୟିତା) **ୟଃ** (ଯିଏ) **ଏକଃ** (ଅଦ୍ୱିତୀୟ ହୋଇ ମଧ୍ୟ) **ବହୂନାମ୍** (ସମସ୍ତ ଜୀବଙ୍କର) **କାମାନ୍** (ଭୋଗସମୂହ) [କାମୀମାନଙ୍କୁ କର୍ମଫଳାନୁରୂପ ଏବଂ ଭକ୍ତଗଣଙ୍କୁ ନିଜ କୃପାନୁରୂପ] **ବିଦଧାତି** (ପ୍ରଦାନ କରନ୍ତି) **ତତ୍ କାରଣମ୍** (ସେହି ସର୍ବକାରଣ) **ସାଂଖ୍ୟ-ୟୋଗ-ଅଧ୍ଗମ୍ୟମ୍** (ଜ୍ଞାନ ଓ ଯୋଗ ଦ୍ୱାରା, କିମ୍ବା ଜ୍ଞାନରୂପକ ଯୋଗ ଦ୍ୱାରା ଉପଲଭ୍ୟ) **ଦେବମ୍** (ଜ୍ୟୋତିର୍ମୟଙ୍କୁ) **ଜ୍ଞାତ୍ୱା** (ଜାଣି) [ଜୀବ] **ସର୍ବପାଶୈଃ ମୁଚ୍ୟତେ** (ସମସ୍ତ ବନ୍ଧନରୁ ମୁକ୍ତ ହୁଏ) [କ., ୨/୨/୧୩] । ୬/୧୩

ନିତ୍ୟସମୂହ ମଧ୍ୟରେ ନିତ୍ୟ ଏବଂ ଚେତନଗଣଙ୍କ ମଧ୍ୟରେ ଚେତନ, ଯିଏ ଅଦ୍ୱିତୀୟ ହୋଇ ମଧ୍ୟ ସମସ୍ତ ଜୀବଙ୍କର ଭୋଗସମୂହ ପ୍ରଦାନ କରନ୍ତି, ସେହି ସର୍ବକାରଣ ଏବଂ ଜ୍ଞାନ ଓ ଯୋଗ ଦ୍ୱାରା ଉପଲଭ୍ୟ ଜ୍ୟୋତିର୍ମୟଙ୍କୁ ଜାଣି (ଜୀବ) ସମସ୍ତ ବନ୍ଧନରୁ ମୁକ୍ତ ହୁଏ । ୬/୧୩

ନ ତତ୍ର ସୂର୍ୟୋ ଭାତି ନ ଚନ୍ଦ୍ରତାରକଂ
ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମଗ୍ନିଃ ।
ତମେବ ଭାନ୍ତମନୁଭାତି ସର୍ବଂ
ତସ୍ୟ ଭାସା ସର୍ବମିଦଂ ବିଭାତି ॥୧୪॥

ତତ୍ର (ସେଠାରେ, ସେହି ବ୍ରହ୍ମଙ୍କୁ) **ସୂର୍ୟଃ** (ସୂର୍ଯ୍ୟ) **ନ ଭାତି** (ପ୍ରକାଶ ପାଏ ନାହିଁ, ଅର୍ଥାତ୍ ବ୍ରହ୍ମଙ୍କୁ ପ୍ରକାଶ କରନ୍ତି ନାହିଁ) **ଚନ୍ଦ୍ରତାରକମ୍** (ଚନ୍ଦ୍ର ଓ ତାରକା) **ନ** ([ବ୍ରହ୍ମଙ୍କୁ ପ୍ରକାଶ କରନ୍ତି] ନାହିଁ) **ଇମାଃ** (ଏହି ସକଳ) **ବିଦ୍ୟୁତଃ** (ବିଦ୍ୟୁତ୍‌ସମୂହ ମଧ୍ୟ) **ନ ଭାନ୍ତି** (ପ୍ରକାଶ କରନ୍ତି ନାହିଁ); **ଅୟମ୍** (ଏହି) **ଅଗ୍ନିଃ** (ଅଗ୍ନି) **କୁତଃ** (କିପରି) [ପ୍ରକାଶ କରିବ]) ? **ସର୍ବମ୍** (ସମସ୍ତ ଜଗତ୍) **ତମ୍ ଏବ ଭାନ୍ତମ୍ ଅନୁଭାତି** (ସେ

ଦେଦୀପ୍ୟମାନ୍ ବୋଲି ହିଁ ତଦନୁଯାୟୀ ଦୀପ୍ତିମାନ୍ ହୁଏ) **ଇଦମ୍** (ଏହି) **ସର୍ବମ୍** (ସବୁକିଛି) **ତସ୍ୟ** (ତାଙ୍କର) **ଭାସା** (ଦୀପ୍ତି ଦ୍ୱାରା) **ବିଭାତି** (ବିବିଧରୂପରେ ପ୍ରକାଶ ପାଇଥାଏ) । ୬/୧୪

ସେହି ବ୍ରହ୍ମଙ୍କୁ ସୂର୍ଯ୍ୟ ପ୍ରକାଶ କରିପାରେ ନାହିଁ, ଚନ୍ଦ୍ର ଓ ତାରକାଗଣ ମଧ୍ୟ ନୁହେଁ, ଏହି ସକଳ ବିଦ୍ୟୁତ୍ ମଧ୍ୟ ତାଙ୍କୁ ପ୍ରକାଶ କରନ୍ତି ନାହିଁ—ଏହି ଅଗ୍ନି କିପରି ପ୍ରକାଶ କରିବ ? ସେ ଦେଦୀପ୍ୟମାନ୍ ବୋଲି ହିଁ ତଦନୁଯାୟୀ ନିଖିଳ ଜଗତ୍ ଦୀପ୍ତିମାନ୍ ହୁଏ; ଏହି ସବୁକିଛି ତାଙ୍କରି ଦୀପ୍ତିରେ ବିବିଧରୂପରେ ପ୍ରକାଶ ପାଇଥାଏ । ୬/୧୪

ଏକୋ ହꣳସୋ ଭୁବନସ୍ୟାସ୍ୟ ମଧ୍ୟେ
ସ ଏବାଗ୍ନିଃ ସଲିଲେ ସନ୍ନିବିଷ୍ଟଃ ।
ତମେବ ବିଦିତ୍ୱାତି ମୃତ୍ୟୁମେତି
ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ॥୧୫॥

ଅସ୍ୟ (ଏହି) **ଭୁବନସ୍ୟ** (ଭୁବନ) **ମଧ୍ୟେ** (ମଧ୍ୟରେ) **ଏକଃ** (ଅଦ୍ୱିତୀୟ) **ହꣳସଃ** (ଅବିଦ୍ୟାଦି-ହନନକାରୀ ପରମାତ୍ମା) [ବିଦ୍ୟମାନ ଅଛନ୍ତି] । **ସଃ ଏବ** (ସେ ହିଁ) **ଅଗ୍ନିଃ** (ଅଗ୍ନି ରୂପରେ) **ସଲିଲେ** (ଜଳରେ, ପଞ୍ଚଭୂତର ପରିଣାମଭୂତ ଜଳପ୍ରଧାନ ଦେହରେ) **ସନ୍ନିବିଷ୍ଟଃ** (ସମ୍ୟକ୍ ରୂପେ ନିହିତ ଅଛନ୍ତି) । **ତମ୍** (ତାହାଙ୍କୁ) **ବିଦିତ୍ୱା ଏବ** (ଜାଣି ହିଁ) [ମନୁଷ୍ୟ] **ମୃତ୍ୟୁମ୍** (ମୃତ୍ୟୁକୁ) **ଅତ୍ୟେତି** (ଅତିକ୍ରମ କରେ) **ଅୟନାୟ** (ପରମପଦ-ପ୍ରାପ୍ତି ପାଇଁ) **ଅନ୍ୟଃ** (ଅନ୍ୟ) **ପନ୍ଥାଃ** (ପଥ, ଉପାୟ) **ନ ବିଦ୍ୟତେ** (ନାହିଁ) । ୬/୧୫

ଏହି ଭୁବନ ମଧ୍ୟରେ ଏକମାତ୍ର ପରମାତ୍ମା ହିଁ ବିଦ୍ୟମାନ ଅଛନ୍ତି । ସେ ହିଁ ଅଗ୍ନିରୂପରେ[1] ସ୍ଥିତ, ସେ ହିଁ ଜଳରେ[2] ସନ୍ନିବିଷ୍ଟ । ତାହାଙ୍କୁ ଜାଣି ହିଁ (ମନୁଷ୍ୟ)

---

1. ଅଗ୍ନି ଯେପରି କାଷ୍ଠାଦିକୁ ଦଗ୍ଧ କରେ, ପରମାତ୍ମା ମଧ୍ୟ ସେହିପରି ଅବିଦ୍ୟାଦି ନଷ୍ଟ କରନ୍ତି ।

2. ପଞ୍ଚାଗ୍ନିବିଦ୍ୟାରେ ଅଛି, "ଜଳ ପଞ୍ଚମ ଆହୁତିରେ (ସ୍ତ୍ରୀ ଦେହରେ) ହୁତ ହୋଇ ଶରୀରଧାରୀ (ଜୀବ) ହୁଏ ।" —ବୃ. ୬/୨/୨-୧୩; ଅଥବା ଜଳ ସଦୃଶ ସ୍ୱଚ୍ଛ ଅନ୍ତଃକରଣ ହିଁ ସଲିଳ ପଦର ଲକ୍ଷ୍ୟ । ବିଶୁଦ୍ଧାନ୍ତଃକରଣରେ ସନ୍ନିବିଷ୍ଟ, ଅର୍ଥାତ୍ ବେଦାନ୍ତବାକ୍ୟାର୍ଥରୂପକ ଜ୍ଞାନଫଳରେ ଆରୂଢ଼ ପରମାତ୍ମା (ଅଗ୍ନି) ଅବିଦ୍ୟା ଓ ତତ୍‌କାର୍ଯ୍ୟର ଦାହକ ହୁଅନ୍ତି ।—କ., ୨/୧/୮

ମୃତ୍ୟୁକୁ ଅତିକ୍ରମ କରେ । ପରମପଦ-ପ୍ରାପ୍ତି ପାଇଁ ଅନ୍ୟ କୌଣସି ପଥ ନାହିଁ । ୬/୧୫

ସ ବିଶ୍ୱକୃଦ୍ବିଶ୍ୱବିଦାତ୍ମୟୋନି-
ର୍ଜ୍ଞଃ କାଲକାରୋ ଗୁଣୀ ସର୍ବବିଦ୍ ଯଃ ।
ପ୍ରଧାନକ୍ଷେତ୍ରଜ୍ଞପତିର୍ଗୁଣେଶଃ
ସଂସାରମୋକ୍ଷସ୍ଥିତିବନ୍ଧହେତୁଃ ॥୧୬॥

ଯଃ (ଯିଏ) **ପ୍ରଧାନ-କ୍ଷେତ୍ରଜ୍ଞ-ପତିଃ** ([ଅଧିଷ୍ଠାନ ଓ ସତ୍ତାସମ୍ପାଦକରୂପରେ] ଅବ୍ୟକ୍ତର ଅର୍ଥାତ୍ ସଂସାରର ବୀଜାବସ୍ଥାର ଏବଂ [ବିମ୍ବରୂପରେ] ଜୀବର ପାଳକ) **ଗୁଣେଶଃ** (ସତ୍ତ୍ୱ, ରଜଃ ଓ ତମଃ ଗୁଣର ଅଧୀଶ୍ୱର) **ସଂସାର-ମୋକ୍ଷ-ସ୍ଥିତି-ବନ୍ଧ-ହେତୁଃ** ([ଜ୍ଞାତରୂପରେ] ସଂସାରମୁକ୍ତିର କାରଣ [ଓ ଅଜ୍ଞାତରୂପରେ] ସଂସାରରେ ଅବସ୍ଥିତିରୂପକ ବନ୍ଧନର କାରଣ) **ସଃ** (ସେ) **ବିଶ୍ୱକୃତ୍** (ଜଗତ୍‌ସ୍ରଷ୍ଟା) **ବିଶ୍ୱବିତ୍** (ସର୍ବଜ୍ଞ) **ଆତ୍ମୟୋନିଃ** (ଆତ୍ମରୂପକ ଯୋନି, ସର୍ବାତ୍ମା ଓ ସର୍ବକାରଣ) **ଜ୍ଞଃ** (ଚୈତନ୍ୟସ୍ୱରୂପ) **କାଲକାରଃ** (କାଳର କର୍ତ୍ତା) [ପାଠାନ୍ତର—**କାଲକାଲଃ** (କାଳର ମଧ୍ୟ ସଂହାରକର୍ତ୍ତା)] **ଗୁଣୀ** (ନିଷ୍ପାପତ୍ୱାଦି ଗୁଣବାନ୍) [ଏବଂ] **ସର୍ବବିତ୍** (ସମସ୍ତ ବିଷୟରେ ଜ୍ଞାନବାନ୍) । ୬/୧୬

ଯିଏ ଅବ୍ୟକ୍ତର ଓ ଜୀବର ପାଳକ, ଯିଏ ସତ୍ତ୍ୱାଦି ଗୁଣର ଅଧୀଶ୍ୱର ଏବଂ ଯିଏ ସଂସାରମୁକ୍ତିର କାରଣ ଓ ସଂସାରରେ ସ୍ଥିତିରୂପକ ବନ୍ଧନର ମଧ୍ୟ କାରଣ, ସେ ହିଁ ଜଗତ୍‌ସ୍ରଷ୍ଟା, ସର୍ବଜ୍ଞ, ସର୍ବାତ୍ମା ଓ ସର୍ବକାରଣ, ଚୈତନ୍ୟସ୍ୱରୂପ, କାଳର କର୍ତ୍ତା, ନିଷ୍ପାପତ୍ୱାଦି ଗୁଣବାନ୍ ଓ ସମସ୍ତ ବିଷୟରେ ଜ୍ଞାନବାନ୍ । ୬/୧୬

ସ ତନ୍ମୟୋ ହ୍ୟମୃତ ଈଶସଂସ୍ଥୋ
ଜ୍ଞଃ ସର୍ବଗୋ ଭୁବନସ୍ୟାସ୍ୟ ଗୋପ୍ତା ।
ୟ ଈଶେଽସ୍ୟ ଜଗତୋ ନିତ୍ୟମେବ
ନାନ୍ୟୋ ହେତୁର୍ବିଦ୍ୟତ ଈଶନାୟ ॥୧୭॥

ଯଃ (ଯିଏ) **ନିତ୍ୟମ୍ ଏବ** (ସର୍ବଦା ହିଁ) **ଅସ୍ୟ** (ଏହି) **ଜଗତଃ** (ଜଗତ୍‌ର) **ଈଶେ** (=**ଈଷ୍ଟେ**, ଶାସନ କରନ୍ତି) **ସଃ** (ସେ) **ହି** (ଅବଶ୍ୟ ହିଁ) **ତତ୍-ମୟଃ** (ବନ୍ଧ-ମୋକ୍ଷ-ହେତୁରୂପକ) [**ସ୍ୱାର୍ଥେ ମୟଟ୍**]; **ଅମୃତଃ** (ଅମର) **ଈଶ-ସଂସ୍ଥଃ** (ସ୍ୱୀୟ

ଈଶ୍ୱରତ୍ୱରେ, ଅର୍ଥାତ୍ ଐଶ୍ୱର୍ଯ୍ୟରେ ସମ୍ୟକ୍ ପ୍ରତିଷ୍ଠିତ) **ଜ୍ଞଃ** (ଚୈତନ୍ୟସ୍ୱରୂପ) **ସର୍ବଗଃ** (ସର୍ବତ୍ରଗାମୀ) **ଅସ୍ୟ** (ଏହି) **ଭୁବନସ୍ୟ** (ଭୁବନର) **ଗୋପ୍ତା** (ପାଳକ) । **ଈଶନାୟ** (ଜଗତ୍‌ଶାସନ ପାଇଁ) **ଅନ୍ୟଃ** (ଅନ୍ୟ) **ହେତୁଃ** (କାରଣ) **ନ ବିଦ୍ୟତେ** (ନାହିଁ) । ୬/୧୭

ଯିଏ ସର୍ବଦା ଏହି ଜଗତ୍‌ର ଶାସନ କରନ୍ତି, ସେ ଅବଶ୍ୟ ହିଁ ବନ୍ଧନ ଓ ମୋକ୍ଷର ହେତୁ; ସେ ଅମର, ସ୍ୱୀୟ ଐଶ୍ୱର୍ଯ୍ୟରେ ସୁପ୍ରତିଷ୍ଠିତ, ଚୈତନ୍ୟସ୍ୱରୂପ, ସର୍ବତ୍ରଗାମୀ ଓ ଏହି ଭୁବନର ପାଳକ । ତାଙ୍କ ବ୍ୟତୀତ ଜଗତ୍‌ଶାସନର ଅନ୍ୟ କୌଣସି କାରଣ ନାହିଁ । ୬/୧୭

ୟୋ ବ୍ରହ୍ମାଣଂ ବିଦଧାତି ପୂର୍ବଂ
ୟୋ ବୈ ବେଦାଂଶ୍ଚ ପ୍ରହିଣୋତି ତସ୍ମୈ ।
ତଂ ହ ଦେବମାତ୍ମବୁଦ୍ଧିପ୍ରକାଶଂ
ମୁମୁକ୍ଷୁର୍ବୈ ଶରଣମହଂ ପ୍ରପଦ୍ୟେ ॥୧୮॥

[ଯେହେତୁ ସେ '**ସଂସାର-ମୋକ୍ଷ-ସ୍ଥିତି-ବନ୍ଧ-ହେତୁ**' (୬/୧୬) ତେଣୁ ତାଙ୍କର ଶରଣ ଗ୍ରହଣ କରିବା ଅତ୍ୟାବଶ୍ୟକ]—**ୟଃ** (ଯିଏ) **ପୂର୍ବମ୍** (ସୃଷ୍ଟିର ଆଦିରେ) **ବ୍ରହ୍ମାଣମ୍** (ହିରଣ୍ୟଗର୍ଭଙ୍କୁ) **ବିଦଧାତି** (ସୃଷ୍ଟି କରିଥିଲେ) **ଚ** (ଏବଂ) **ୟଃ ବୈ** (ଯିଏ ହିଁ) **ତସ୍ମୈ** (ତାଙ୍କ ପାଇଁ, ସେହି ହିରଣ୍ୟଗର୍ଭଙ୍କ ପାଇଁ) **ବେଦାନ୍** (ବେଦସମୂହ) **ପ୍ରହିଣୋତି** (ପ୍ରେରଣ କରିଥିଲେ, ପ୍ରକାଶ କରିଥିଲେ) **ଅହମ୍** (ମୁଁ) **ମୁମୁକ୍ଷୁଃ ବୈ** (ମୁକ୍ତି କାମନା କରି) **ଆତ୍ମ-ବୁଦ୍ଧି-ପ୍ରକାଶମ୍** ("ମୁଁ ବ୍ରହ୍ମ"—ଏହି ଆତ୍ମବିଷୟକ ବୁଦ୍ଧିର ପ୍ରକାଶକ) [ପାଠାନ୍ତର—**ଆତ୍ମବୁଦ୍ଧି ପ୍ରସାଦମ୍**] **ତମ୍** (ସେହି) **ଦେବମ୍ ହ** (ଜ୍ୟୋତିର୍ମୟ ଦେବଙ୍କୁ) **ଶରଣମ୍ ପ୍ରପଦ୍ୟେ** (ଶରଣ ଗ୍ରହଣ କରୁଛି) । ୬/୧୮

ଯିଏ ସୃଷ୍ଟିର ଆଦିରେ ହିରଣ୍ୟଗର୍ଭଙ୍କୁ ସୃଷ୍ଟି କରିଥିଲେ ଏବଂ ତାଙ୍କ ପାଇଁ ଯିଏ ବେଦସମୂହ ପ୍ରକାଶ କରିଥିଲେ, ମୁଁ ମୁକ୍ତି କାମନା କରି ଆତ୍ମବିଷୟକ ବୁଦ୍ଧିର ପ୍ରକାଶକ ସେହି ଜ୍ୟୋତିର୍ମୟ ଦେବଙ୍କର ଶରଣ ଗ୍ରହଣ କରୁଛି । ୬/୧୮

ନିଷ୍କଲଂ ନିଷ୍କ୍ରିୟଂ ଶାନ୍ତଂ ନିରବଦ୍ୟଂ ନିରଞ୍ଜନମ୍ ।
ଅମୃତସ୍ୟ ପରଂ ସେତୁଂ ଦଗ୍ଧ୍ୱେନ୍ଧନମିବାନଲମ୍ ॥୧୯॥

[ଏବେ ବ୍ରହ୍ମଙ୍କ ସ୍ୱରୂପ କୁହାହେଉଅଛି]—**ନିଷ୍କଲମ୍** (ନିରବୟବ) **ନିଷ୍କ୍ରିୟମ୍** (ନିଷ୍କ୍ରିୟ, କୁଟସ୍ଥ, ସ୍ୱମହିମାରେ ପ୍ରତିଷ୍ଠିତ) **ଶାନ୍ତମ୍** (ନିର୍ବିକାର) **ନିରବଦ୍ୟମ୍** (ଅନିନ୍ଦନୀୟ) **ନିରଞ୍ଜନମ୍** (ନିର୍ଲେପ) **ଅମୃତସ୍ୟ** (ଅମୃତର, ମୁକ୍ତିର) **ପରମ୍** (ସର୍ବୋତ୍ତମ) **ସେତୁମ୍** (ସେତୁସ୍ୱରୂପ, ଅର୍ଥାତ୍ ହେତୁ) **ଦଗ୍ଧ୍ୱେନ୍ଧନମ୍** (ଯେଉଁ ଅଗ୍ନିଦ୍ୱାରା କାଷ୍ଠ ନିରବଶେଷରୂପେ ଦଗ୍ଧ କରାହୋଇଅଛି ସେହି ଇନ୍ଧନଶୂନ୍ୟ, ସର୍ବ-ଉପାଧି-ବିବର୍ଜିତ) **ଅନଲମ୍ ଇବ** (ଅଗ୍ନି ସଦୃଶ) । ୬/୧୯

ଯଦା ଚର୍ମବଦାକାଶଂ ବେଷ୍ଟୟିଷ୍ୟନ୍ତି ମାନବାଃ ।
ତଦା ଦେବମବିଜ୍ଞାୟ ଦୁଃଖସ୍ୟାନ୍ତୋ ଭବିଷ୍ୟତି ॥୨୦॥

ମାନବାଃ (ମନୁଷ୍ୟଗଣ) **ଯଦା** (ଯଦି କେବେ) **ଆକାଶମ୍** (ଆକାଶକୁ) **ଚର୍ମବତ୍ ବେଷ୍ଟୟିଷ୍ୟନ୍ତି** (ଚର୍ମ ପରି ପରିବେଷ୍ଟିତ କରିପାରିବେ, ଚର୍ମକୁ ଯେପରି ସଙ୍କୁଚିତ କରି ଆଚ୍ଛାଦିତ କରି ହୁଏ ସେହିପରି ଆଚ୍ଛାଦିତ କରିପାରିବେ) **ତଦା** (ସେତେବେଳେ ହିଁ) **ଦେବମ୍** (ଜ୍ୟୋତିର୍ମୟ ଦେବଙ୍କୁ) **ଅବିଜ୍ଞାୟ** (ନ ଜାଣି ମଧ୍ୟ) **ଦୁଃଖସ୍ୟ** ([ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ] ଦୁଃଖର) **ଅନ୍ତଃ** (ଅବସାନ) **ଭବିଷ୍ୟତି** (ହେବ) । ୬/୨୦

ଚର୍ମକୁ ସଙ୍କୁଚିତ କରି ଯେପରି ଆବୃତ କରାଯାଏ, ସେହିପରି ଯଦି କେବେ ଆକାଶକୁ ମନୁଷ୍ୟ ଆବୃତ କରିପାରେ, ସେତେବେଳେ ହିଁ ନିରବୟବ, ନିଷ୍କ୍ରିୟ, ନିର୍ବିକାର, ଅନିନ୍ଦନୀୟ, ନିରଞ୍ଜନ, ମୁକ୍ତିର ସର୍ବୋତ୍ତମ ସେତୁ ଏବଂ ଇନ୍ଧନଶୂନ୍ୟ ଅଗ୍ନି ସଦୃଶ ସର୍ବ-ଉପାଧି-ବିବର୍ଜିତ ଜ୍ୟୋତିର୍ମୟ ଦେବଙ୍କୁ (ବ୍ରହ୍ମଙ୍କୁ) ନ ଜାଣି ମଧ୍ୟ ଦୁଃଖର ଅବସାନ ହୋଇପାରିବ (ଅର୍ଥାତ୍ ତାହା ଅସମ୍ଭବ) ।[1] ୬/୧୯-୨୦

---

1. ୧୯ ମନ୍ତ୍ରର ଅନ୍ୱୟ ୧୮ ମନ୍ତ୍ର ସହିତ ମଧ୍ୟ ହୋଇପାରେ । ଉକ୍ତସ୍ଥଳରେ **"ନିଷ୍କଲଂ"** ଇତ୍ୟାଦି ଶବ୍ଦ **"ଦେବମ୍"** (୬/୧୮) ଶବ୍ଦର ବିଶେଷଣ ହେବ ।

ତାତ୍ପର୍ଯ୍ୟ ହେଉଛି ପରମାତ୍ମାଙ୍କୁ ନ ଜାଣି ସର୍ବଦୁଃଖର ଅବସାନ ବା ଅନ୍ତ ହେବା ସେପରି ଅସମ୍ଭବ ଯେପରି ବିଭୁ ଏବଂ ଅମୂର୍ତ୍ତ ଆକାଶକୁ ପରିଚ୍ଛିନ୍ନ ଓ ମୂର୍ତ୍ତସ୍ୱରୂପ ଚର୍ମ ପରି ଆବୃତ କରିବା ।

ତପଃପ୍ରଭାବାଦ୍ଦେବପ୍ରସାଦାଚ୍ଚ
ବ୍ରହ୍ମ ହ ଶ୍ୱେତାଶ୍ୱତରୋଽଥ ବିଦ୍ୱାନ୍ ।
ଅତ୍ୟାଶ୍ରମିଭ୍ୟଃ ପରମଂ ପବିତ୍ରଂ
ପ୍ରୋବାଚ ସମ୍ୟଗୃଷିସଂଘଜୁଷ୍ଟମ୍ ॥୨୧॥

[ସମ୍ପ୍ରଦାୟପରମ୍ପରା ବର୍ଣ୍ଣନାପୂର୍ବକ ବ୍ରହ୍ମବିଦ୍ୟା ଦ୍ୱାରା ମୋକ୍ଷପ୍ରାପ୍ତିର ପ୍ରଦର୍ଶନ ପାଇଁ ତିନୋଟି ମନ୍ତ୍ରରେ ବିଦ୍ୟାଧିକାରୀ ନିର୍ଣ୍ଣୟ କରାହେଉଅଛି]— **ତପଃ-ପ୍ରଭାବାତ୍** (ଚାନ୍ଦ୍ରାୟଣାଦି ତପସ୍ୟା ପ୍ରଭାବରେ) **ଚ** (ଏବଂ) **ଦେବପ୍ରସାଦାତ୍** (ପରମେଶ୍ୱରଙ୍କ ଅନୁଗ୍ରହରେ [ବ୍ର. ସୂ. ୩/୨/୫]) **ଶ୍ୱେତାଶ୍ୱତରଃ** (ଶ୍ୱେତାଶ୍ୱତର) **ହ** [ଐତିହ୍ୟେ] **ବ୍ରହ୍ମ** (ବ୍ରହ୍ମଙ୍କୁ) **ବିଦ୍ୱାନ୍** (ଆତ୍ମରୂପରେ ସାକ୍ଷାତ୍ କରି) **ଅଥ** (ଅନନ୍ତର) **ଅତ୍ୟାଶ୍ରମିଭ୍ୟଃ** (ଅତ୍ୟାଶ୍ରମୀ ସନ୍ନ୍ୟାସୀମାନଙ୍କ ନିକଟରେ) **ସମ୍ୟକ୍ ଋଷିସଂଘଜୁଷ୍ଟମ୍** ([ବାମଦେବ ଓ ସନକାଦି] ଋଷିପରମ୍ପରା ଦ୍ୱାରା ସମ୍ୟକ୍‌ରୂପେ ସେବିତ) **ପରମମ୍** (ଉତ୍କୃଷ୍ଟତମ ଆନନ୍ଦସ୍ୱରୂପ) **ପବିତ୍ରମ୍** (ଅବିଦ୍ୟାଦି-ଶୂନ୍ୟ ବ୍ରହ୍ମତତ୍ତ୍ୱ) **ସମ୍ୟକ୍** (ଯେଉଁ ପ୍ରକାର କୁହାଗଲେ ସାକ୍ଷାତ୍‌କାର ହୋଇପାରେ ସେହି ପ୍ରକାର) **ପ୍ରୋବାଚ** (କହିଥିଲେ) । ୬/୨୧

ତପସ୍ୟା ପ୍ରଭାବରେ[1] ଏବଂ ଈଶ୍ୱରାନୁଗ୍ରହରେ ଶ୍ୱେତାଶ୍ୱତର ଋଷି ଉକ୍ତ ବ୍ରହ୍ମଙ୍କୁ ଆତ୍ମରୂପରେ ସାକ୍ଷାତ୍ କରି ଅନନ୍ତର ଋଷିସଂଘ ଦ୍ୱାରା ସମ୍ୟକ୍‌ରୂପେ ସେବିତ ଏହି ପରମ ପବିତ୍ର ତତ୍ତ୍ୱ ସନ୍ନ୍ୟାସୀଗଣଙ୍କ ନିକଟରେ ସମ୍ୟକ୍[2] ପ୍ରକାରରେ କହିଥିଲେ । ୬/୨୧

ବେଦାନ୍ତେ ପରମଂ ଗୁହ୍ୟଂ ପୁରାକଲ୍ପେ ପ୍ରଚୋଦିତମ୍ ।
ନାପ୍ରଶାନ୍ତାୟ ଦାତବ୍ୟଂ ନାପୁତ୍ରାୟାଶିଷ୍ୟାୟ ବା ପୁନଃ ॥୨୨॥

ବେଦାନ୍ତେ (ଉପନିଷଦ୍‌ସମୂହରେ) **ପରମମ୍** (ପରମ ପୁରୁଷାର୍ଥ ମୁକ୍ତି-ସ୍ୱରୂପ) **ଗୁହ୍ୟମ୍** (ଅତି ଗୋପନୀୟ ତତ୍ତ୍ୱ) **ପୁରାକଲ୍ପେ** (ପୂର୍ବକଳ୍ପରେ) **ପ୍ରଚୋଦିତମ୍** (ଉପଦିଷ୍ଟ ହୋଇଅଛି) **ଅପ୍ରଶାନ୍ତାୟ** (ଯିଏ ଆସକ୍ତି-ମଳାଦିଶୂନ୍ୟ

---

1. ଅନେକ ଜନ୍ମରେ ଅନୁଷ୍ଠିତ ନିଜର ଆଶ୍ରମବିହିତ କର୍ମରୂପକ ତପସ୍ୟା ଏବଂ ମନର ଏକାଗ୍ରତାରୂପକ ତପସ୍ୟା ମଧ୍ୟ ବୁଝିବାକୁ ହେବ ।

2. "ସମ୍ୟକ୍" ଶବ୍ଦଟି "ସେବିତ" ଓ "କହିଥିଲେ" ଏହି ଉଭୟର ଯେକୌଣସି ଗୋଟିଏ ବା ଉଭୟ ସହିତ ହିଁ ଅନ୍ୱିତ ହୋଇପାରେ ।

ନୁହେଁ, ତାହାକୁ) **ନ ଦାତବ୍ୟମ୍** (ପ୍ରଦାନ କରିବା ଅନୁଚିତ) **ଅପୁତ୍ରାୟ** (ଯିଏ ପୁତ୍ର ନୁହେଁ ତାହାକୁ) **ବା** (କିମ୍ବା) **ଅଶିଷ୍ୟାୟ** (ଯିଏ ଶିଷ୍ୟ ନୁହେଁ ତାହାକୁ) **ନ ପୁନଃ** ([ଦେବେ] ନାହିଁ) । ୬/୨୨

ଉପନିଷଦ୍‌ସମୂହରେ ପରମପୁରୁଷାର୍ଥରୂପକ ଅତି ଗୁହ୍ୟ ତତ୍ତ୍ୱ ପୂର୍ବକଳ୍ପରେ[1] ଉପଦିଷ୍ଟ ହୋଇଥିଲା ।[2] ଯିଏ ଆସକ୍ତି-ମଳାଦିଶୂନ୍ୟ ନୁହେଁ ଏବଂ ପୁତ୍ର ବା ଶିଷ୍ୟ ନୁହେଁ, ତାହାକୁ ଏହା ପ୍ରଦାନ କରିବା ଅନୁଚିତ । ୬/୨୨

ଯସ୍ୟ ଦେବେ ପରା ଭକ୍ତିର୍ଯଥା ଦେବେ ତଥା ଗୁରୌ ।
ତସ୍ୟୈତେ କଥିତା ହ୍ୟର୍ଥାଃ ପ୍ରକାଶନ୍ତେ ମହାତ୍ମନଃ
ପ୍ରକାଶନ୍ତେ ମହାତ୍ମନଃ ॥୨୩॥

ଇତି ଶ୍ୱେତାଶ୍ୱତରୋପନିଷଦି ଷଷ୍ଠୋଽଧ୍ୟାୟଃ ॥

ଇତି ଶ୍ୱେତାଶ୍ୱତରୋପନିଷଦ୍ ସମାପ୍ତା ॥

ଯସ୍ୟ (ଯାହାଙ୍କର) **ଦେବେ** (ପରମେଶ୍ୱରଙ୍କଠାରେ) **ପରା** (ଶୁଦ୍ଧା) **ଭକ୍ତିଃ** (ଭକ୍ତି [ଗୀତା ୧୮/୫୪]) **ଯଥା ଦେବେ** (ପରମେଶ୍ୱରଙ୍କ ପ୍ରତି ଯେଉଁ ପ୍ରକାର) **ତଥା ଗୁରୌ** (ଗୁରୁଙ୍କ ପ୍ରତି ମଧ୍ୟ ସେହି ପ୍ରକାର ଭକ୍ତି [ଗୁରୁ ଓ ଦେବତାଙ୍କ ପ୍ରତି ଏକତ୍ୱବୁଦ୍ଧି]) **ତସ୍ୟ** (ସେହି) **ମହାତ୍ମନଃ ହି** (ମହାତ୍ମା ଅର୍ଥାତ୍ ଯୋଗ୍ୟ ଅଧିକାରୀଙ୍କ ନିକଟରେ ହିଁ) **ଏତେ** (ଏହି ସକଳ) **କଥିତାଃ** (ଉପନିଷଦ୍‌ରେ ଉପଦିଷ୍ଟ) **ଅର୍ଥାଃ** (ବିଷୟସକଳ) **ପ୍ରକାଶନ୍ତେ** (ସ୍ୱାନୁଭବଯୋଗ୍ୟ ହୁଏ) । [ପୁନରୁକ୍ତି ସମାପ୍ତି ଓ ଆଦର ବା ଶ୍ରଦ୍ଧାସୂଚକ] । ୬/୨୩

ଯାହାଙ୍କର ପରମେଶ୍ୱରଙ୍କ ପ୍ରତି ପରାଭକ୍ତି ଏବଂ ପରମେଶ୍ୱରଙ୍କ ପ୍ରତି ଯେଉଁ ପ୍ରକାର ଗୁରୁଙ୍କ ପ୍ରତି ମଧ୍ୟ ସେହି ପ୍ରକାର ଭକ୍ତି ଅଛି, ସେହି ମହାତ୍ମାଙ୍କ ନିକଟରେ ହିଁ ଉପନିଷଦ୍‌ରେ ଉକ୍ତ ଏହି ସକଳ ବିଷୟ ସ୍ୱାନୁଭବଯୋଗ୍ୟ ହୁଏ । ୬/୨୩

॥ ଶ୍ୱେତାଶ୍ୱତରୋପନିଷଦ୍‌ର ଷଷ୍ଠ ଅଧ୍ୟାୟ ସମାପ୍ତ ॥

॥ ଶ୍ୱେତାଶ୍ୱତରୋପନିଷଦ୍ ସମାପ୍ତ ॥

---

1. ବେଦ ନିତ୍ୟ, ପ୍ରତିକଳ୍ପରେ ତାହା ଠିକ୍ ଏକପ୍ରକାର—ବ୍ର. ସୂ. ୧/୩/୨୯
2. ଅଥବା ପୂର୍ବକଳ୍ପରେ ଅର୍ଥାତ୍ ସୃଷ୍ଟିର ଆଦିରେ ହିରଣ୍ୟଗର୍ଭଙ୍କୁ ଉପଦିଷ୍ଟ ହୋଇଥିଲା ।

ଶାନ୍ତିପାଠ

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ଯଂ କରବାବହୈଃ ।
ତେଜସ୍ୱି ନାବଧୀତମସ୍ତୁ ମା ବିଦ୍ୱିଷାବହୈ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

॥ ଶ୍ରୀରାମକୃଷ୍ଣାର୍ପଣମସ୍ତୁ ॥

ଅନୁକ୍ରମଣିକା

ମନ୍ତ୍ରାଦି	ଉପନିଷଦ୍	ମନ୍ତ୍ର ସଂଖ୍ୟା
ଅଗ୍ନିର୍ମୂର୍ଧା ଚକ୍ଷୁଷୀ ଚନ୍ଦ୍ରସୂର୍ଯ୍ୟୌ	ମୁ.	୨/୧/୪
ଅଗ୍ନିର୍ୟତ୍ରାଭିମଥ୍ୟତେ	ଶ୍ୱେ.	୨/୬
ଅଗ୍ନିର୍ୟଥୈକୋ ଭୁବନଂ	କ.	୨/୨/୯
ଅଗ୍ନିର୍ବାଗ୍ଭୂତ୍ୱା ମୁଖମ୍	ଐ.	୧/୨/୪
ଅଘ୍ନେ ନୟ ସୁପଥା	ଈ.	୧୮
ଅଙ୍ଗୁଷ୍ଠମାତ୍ରଃ ପୁରୁଷୋ ଜ୍ୟୋତିଃ	କ.	୨/୧/୧୩
ଅଙ୍ଗୁଷ୍ଠମାତ୍ରଃ ପୁରୁଷୋଽନ୍ତରାତ୍ମା	କ.	୨/୩/୧୭
ଅଙ୍ଗୁଷ୍ଠମାତ୍ରଃ ପୁରୁଷୋଽନ୍ତରାତ୍ମା	ଶ୍ୱେ.	୩/୧୩
ଅଙ୍ଗୁଷ୍ଠମାତ୍ରଃ ପୁରୁଷୋ ମଧ୍ୟେ	କ.	୨/୧/୧୨
ଅଙ୍ଗୁଷ୍ଠମାତ୍ର ରବିତୁଲ୍ୟ ରୂପଃ	ଶ୍ୱେ.	୫/୮
ଅଜାତ ଇତ୍ୟେବଂ କଶ୍ଚିତ୍	ଶ୍ୱେ.	୪/୨୧
ଅଜାମେକାଂ ଲୋହିତଶୁକ୍ଲକୃଷ୍ଣାମ୍	ଶ୍ୱେ.	୪/୫
ଅଜୀର୍ୟତାମମୃତାନାମ୍	କ.	୧/୧/୨୮
ଅଣୋରଣୀୟାନ୍ମହତଃ	କ.	୧/୨/୨୦
ଅଣୋରଣୀୟାନ୍ମହତଃ	ଶ୍ୱେ.	୩/୨୦
ଅତଃ ସମୁଦ୍ରା ଗିରୟଶ୍ଚ	ମୁ.	୨/୧/୯
ଅତ୍ରୈଷ ଦେବଃ ସ୍ୱପ୍ନେ	ପ୍ର.	୪/୫
ଅଥ କବନ୍ଧୀ କାତ୍ୟାୟନଃ	ପ୍ର.	୧/୩
ଅଥ ବାୟୁମବ୍ରୁବନ୍	କେ.	୩/୭
ଅଥର୍ବଣେ ୟାଂ ପ୍ରବଦେତ	ମୁ.	୧/୧/୨
ଅଥ ୟଦି ହ୍ୱିମାତ୍ରେଣ	ପ୍ର.	୫/୪
ଅଥ ହୈନଂ କୌସଲ୍ୟଃ	ପ୍ର.	୩/୧
ଅଥ ହୈନଂ ଭାର୍ଗବୋ	ପ୍ର.	୨/୧
ଅଥ ହୈନଂ ଶୈବ୍ୟଃ	ପ୍ର.	୫/୧

ଅଥ ହୈନଂ ସୁକେଶା	ପ୍ର.	୬/୧
ଅଥ ହୈନଂ ସୌର୍ଯ୍ୟାୟଣୀ	ପ୍ର.	୪/୧
ଅଥାଦିତ୍ୟ ଉଦୟନ୍ୟତ୍	ପ୍ର.	୧/୬
ଅଥାଧ୍ଜ୍ୟୋତିଷମ୍	ତୈ.	୧/୩/୨
ଅଥାଧ୍ପ୍ରଜମ୍	ତୈ.	୧/୩/୪
ଅଥାଧ୍ବିଦ୍ୟମ୍	ତୈ.	୧/୩/୩
ଅଥାଧାମ୍ନମ୍	ତୈ.	୧/୩/୫
ଅଥାଧାମ୍ନମ୍	ତୈ.	୧/୭/୧
ଅଥାଧାମ୍ଂ ୟଦେତତ୍	କେ.	୪/୫
ଅଥେନ୍ଦ୍ରମବ୍ରୁବନ୍	କେ.	୩/୧୧
ଅଥୈକୟୋର୍ଧ୍ୱ ଉଦାନଃ	ପ୍ର.	୩/୭
ଅଥୋଉରେଣ ତପସା	ପ୍ର.	୧/୧୦
ଅନାଦ୍ୟନନ୍ତଂ କଲିଲସ୍ୟ	ଶ୍ୱେ.	୫/୧୩
ଅନୁପଶ୍ୟ ୟଥା ପୂର୍ବେ	କ.	୧/୧/୬
ଅନେଜଦେକଂ ମନସୋ	ଈ.	୪
ଅନ୍ଧଂ ତମଃ ପ୍ରବିଶନ୍ତି	ଈ.	୯, ୧୨
ଅନ୍ନଂ ନ ପରିଚକ୍ଷୀତ	ତୈ.	୩/୮/୧
ଅନ୍ନଂ ନ ନିନ୍ଦ୍ୟାତ୍	ତୈ.	୩/୭/୧
ଅନ୍ନଂ ବହୁ କୁର୍ବୀତ	ତୈ.	୩/୯/୧
ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍	ତୈ.	୩/୨/୧
ଅନ୍ନଂ ବୈ ପ୍ରଜାପତିଃ	ପ୍ର.	୧/୧୪
ଅନ୍ନାଦ୍ୱୈ ପ୍ରଜାଃ ପ୍ରଜାୟନ୍ତେ	ତୈ.	୨/୨/୧
ଅନ୍ୟଚ୍ଛ୍ରେୟୋଽନ୍ୟଦୁତୈବ	କ.	୧/୨/୧
ଅନ୍ୟତ୍ର ଧର୍ମାଦନ୍ୟତ୍ର	କ.	୧/୨/୧୪
ଅନ୍ୟଦେବ ତଦ୍ବିଦିତାଦ୍	କେ.	୧/୪
ଅନ୍ୟଦେବାହୁର୍ବିଦ୍ୟୟା	ଈ.	୧୦
ଅନ୍ୟଦେବାହୁଃ ସମ୍ଭବାତ୍	ଈ.	୧୩
ଅପାଣିପାଦୋ ଜବନଃ	ଶ୍ୱେ	୩/୧୯
ଅମାତ୍ରଶ୍ଚତୁର୍ଥୋଽବ୍ୟବହାର୍ୟଃ	ମା.	୧୨
ଅରା ଇବ ରଥନାଭୌ	ପ୍ର.	୨/୬

ଅରା ଇବ ରଥନାଭୌ	ପ୍ର.	୬/୬
ଅରା ଇବ ରଥନାଭୌ	ମୁ.	୨/୨/୬
ଅରଣ୍ୟୋର୍ନିହିତୋ ଜାତବେଦା	କ.	୨/୧/୮
ଅବିଦ୍ୟାୟାମନ୍ତରେ ବର୍ତମାନାଃ	କ.	୧/୨/୫
ଅବିଦ୍ୟାୟାମନ୍ତରେ ବର୍ତମାନାଃ	ମୁ.	୧/୨/୮
ଅବିଦ୍ୟାୟାଂ ବହୁଧା ବର୍ତମାନାଃ	ମୁ.	୧/୨/୯
ଅବ୍ୟକ୍ତାତୁ ପରଃ ପୁରୁଷଃ	କ.	୨/୩/୮
ଅଶରୀରଂ ଶରୀରେଷୁ	କ.	୧/୨/୨୨
ଅଶବ୍ଦମସ୍ପର୍ଶମରୂପମ୍	କ.	୧/୩/୧୫
ଅସଦ୍ବା ଇଦମଗ୍ର ଆସୀତ୍	ତୈ.	୨/୭/୧
ଅସନ୍ନେବ ସ ଭବତି	ତୈ.	୨/୬/୧
ଅସୂର୍ୟା ନାମ ତେ ଲୋକାଃ	ଈ.	୩
ଅସ୍ତୀତ୍ୟେବୋପଲବ୍ଧବ୍ୟଃ	କ.	୨/୩/୧୩
ଅସ୍ୟ ବିସ୍ରଂସମାନସ୍ୟ	କ.	୨/୨/୪
ଅହମନ୍ନମହମନ୍ନମ୍	ତୈ.	୩/୧୦/୬
ଅହଂ ବୃକ୍ଷସ୍ୟ ରେରିବା	ତୈ.	୧/୧୦/୧
ଅହୋରାତ୍ରୌ ବୈ ପ୍ରଜାପତିଃ	ପ୍ର.	୧/୧୩
ଆତ୍ମନ ଏଷ ପ୍ରାଣଃ	ପ୍ର.	୩/୩
ଆତ୍ମାନଂ ରଥିନଂ ବିଦ୍ଧି	କ.	୧/୩/୩
ଆତ୍ମା ବା ଇଦମେକଃ	ଐ.	୧/୧/୧
ଆଦିତ୍ୟୋ ହ ବୈ ପ୍ରାଣଃ	ପ୍ର.	୧/୫
ଆଦିତ୍ୟୋ ହ ବୈ ବାହ୍ୟଃ ପ୍ରାଣଃ	ପ୍ର.	୩/୮
ଆଦିଃ ସ ସଂଯୋଗନିମିତ୍ତହେତୁଃ	ଶ୍ୱେ	୬/୫
ଆନନ୍ଦୋ ବ୍ରହ୍ମେତି ବ୍ୟଜାନାତ୍	ତୈ.	୩/୬/୧
ଆରଭ୍ୟ କର୍ମାଣି ଗୁଣାନ୍ୱିତାନି	ଶ୍ୱେ.	୬/୪
ଆବହନ୍ତି ବିତନ୍ୱାନା	ତୈ.	୧/୪/୨
ଆବିଃ ସନ୍ନିହିତଂ	ମୁ.	୨/୨/୧
ଆଶାପ୍ରତୀକ୍ଷେ ସଙ୍ଗତଂ	କ.	୧/୧/୮
ଆସୀନୋ ଦୂରଂ ବ୍ରଜତି	କ.	୧/୨/୨୧

ଇତୀମା ମହାସଂହିତା	ତୈ.	୧/୩/୬
ଇନ୍ଦ୍ରସ୍ତ୍ୱଂ ପ୍ରାଣ ତେଜସା	ପ୍ର.	୨/୯
ଇନ୍ଦ୍ରିୟାଣାଂ ପୃଥଗ୍ଭାବମ୍	କ.	୨/୩/୬
ଇନ୍ଦ୍ରିୟାଣି ହୟାନାହୁ	କ.	୧/୩/୪
ଇନ୍ଦ୍ରିୟେଭ୍ୟଃ ପରଂ ମନଃ	କ.	୨/୩/୭
ଇନ୍ଦ୍ରିୟେଭ୍ୟଃ ପରା ହ୍ୟର୍ଥାଃ	କ.	୧/୩/୧୦
ଇଷ୍ଟାପୂର୍ତଂ ମନ୍ୟମାନାଃ	ମୁ.	୧/୨/୧୦
ଇହ ଚେଦଶକଦ୍ବୋଦ୍ଧୁଂ	କ.	୨/୩/୪
ଇହ ଚେଦବେଦୀଦଥ	କେ.	୨/୫
ଈଶା ବାସ୍ୟମିଦଂ ସର୍ବଂ	ଈ.	୧
ଉତ୍ତିଷ୍ଠତ ଜାଗ୍ରତ	କ.	୧/୩/୧୪
ଉତ୍ପତ୍ତିମାୟତିଂ ସ୍ଥାନମ୍	ପ୍ର.	୩/୧୨
ଉଦ୍ଗୀତମେତତ୍ ପରମମ୍	ଶ୍ୱେ.	୧/୬
ଉପନିଷଦଂ ଭୋ ବ୍ରୂହୀତି	କେ.	୪/୬
ଉଶନ୍ ହ ବୈ ବାଜଶ୍ରବସଃ	କ.	୧/୧/୧
ଊର୍ଧ୍ୱମୂଲୋଽବାକ୍‌ଶାଖଃ	କ.	୨/୩/୧
ଊର୍ଧ୍ୱଂ ପ୍ରାଣମୁନ୍ନୟତି	କ.	୨/୨/୩
ଋଚୋ ଅକ୍ଷରେ ପରମେ ବ୍ୟୋମନ୍	ଶ୍ୱେ.	୪/୮
ଋଗ୍ଭିରେତଂ ୟଜୁର୍ଭିଃ	ପ୍ର.	୫/୭
ଋତଂ ଚ ସ୍ୱାଧ୍ୟାୟପ୍ରବଚନେ ଚ	ତୈ.	୧/୯/୧
ଋତଂ ପିବନ୍ତେ ସୁକୃତସ୍ୟ	କ.	୧/୩/୧
ଏକୈକଂ ଜାଲଂ ବହୁଧା	ଶ୍ୱେ.	୫/୩
ଏକୋ ଦେବଃ ସର୍ବଭୂତେଷୁ	ଶ୍ୱେ.	୬/୧୧
ଏକୋ ବଶୀ ନିଷ୍କ୍ରିୟାଣାମ୍	ଶ୍ୱେ.	୬/୧୨

ଏକୋ ବଶୀ ସର୍ବଭୂତାନ୍ତରାତ୍ମା	କ.	୨/୨/୧୨
ଏକୋ ହଂସୋ ଭୁବନସ୍ୟାସ୍ୟ	ଶ୍ୱେ.	୬/୧୫
ଏକୋ ହି ରୁଦ୍ରୋ ନ	ଶ୍ୱେ.	୩/୨
ଏତଚ୍ଛ୍ରୁତ୍ୱା ସମ୍ପରିଗୃହ୍ୟ	କ.	୧/୨/୧୩
ଏତଜ୍ଜ୍ଞେୟଂ ନିତ୍ୟମେବ	ଶ୍ୱେ.	୧/୧୨
ଏତତ୍ତୁଲ୍ୟଂ ୟଦି ମନ୍ୟସେ	କ.	୧/୧/୨୪
ଏତଦାଲମ୍ବନଂ ଶ୍ରେଷ୍ଠମ୍	କ.	୧/୨/୧୭
ଏତଦ୍ଧ୍ୟେବାକ୍ଷରଂ ବ୍ରହ୍ମ	କ.	୧/୨/୧୬
ଏତେଦ୍ଧି ସତ୍ୟକାମ ପରଂ	ପ୍ର.	୫/୨
ଏତଂ ହ ବାବ ନ ତପତି	ତୈ.	୨/୯/୧
ଏତସ୍ମାଜ୍ଜାୟତେ ପ୍ରାଣଃ	ମୁ.	୨/୧/୩
ଏତେଷୁ ୟଶ୍ଚରତେ ଭ୍ରାଜମାନେଷୁ	ମୁ.	୧/୨/୫
ଏଷ ତେଽଗ୍ନିର୍ନଚିକେତଃ	କ.	୧/୧/୧୯
ଏଷ ଦେବୋ ବିଶ୍ୱକର୍ମା	ଶ୍ୱେ.	୪/୧୭
ଏଷ ବ୍ରହ୍ମୈଷ ଇନ୍ଦ୍ରଃ	ଐ.	୩/୧/୩
ଏଷ ସର୍ବେଶ୍ୱର ଏଷ ସର୍ବଜ୍ଞଃ	ମା.	୬
ଏଷ ସର୍ବେଷୁ ଭୂତେଷୁ	କ.	୧/୩/୧୨
ଏଷ ହ ଦେବଃ ପ୍ରଦିଶୋଽନୁ	ଶ୍ୱେ.	୨/୧୬
ଏଷ ହି ଦ୍ରଷ୍ଟା ସ୍ପ୍ରଷ୍ଟା	ପ୍ର.	୪/୯
ଏଷୋଽଗ୍ନିସ୍ତପତ୍ୟେଷ	ପ୍ର.	୨/୫
ଏଷୋଽଣୁରାତ୍ମା ଚେତସା	ମୁ.	୩/୧/୯
ଏହ୍ୟେହୀତି ତମାହୁତୟଃ	ମୁ.	୧/୨/୬
ଓମିତି ବ୍ରହ୍ମ	ତୈ.	୧/୮/୧
ଓମିତ୍ୟେତଦକ୍ଷରମ୍	ମା.	୧
କସ୍ମିନୁ ଭଗବୋ ବିଜ୍ଞାତେ	ମୁ.	୧/୧/୩
କାମସ୍ୟାପ୍ତିଂ ଜଗତଃ	କ.	୧/୨/୧୧
କାମାନ୍ୟଃ କାମୟତେ	ମୁ.	୩/୨/୨
କାଲଃ ସ୍ୱଭାବୋ ନିୟତିଃ	ଶ୍ୱେ.	୧/୨

କାଲୀ କରାଲୀ ଚ ମନୋଜବା ଚ	ମୁ.	୧/୨/୪
କୁର୍ବନ୍ନେବେହ କର୍ମାଣି	ଈ.	୨
କେନେଷିତଂ ପତତି	କେ.	୧/୧
କୋଽୟମାତ୍ମେତି ବୟମ୍	ଐ.	୩/୧/୧
କୋ ହ୍ୟେବାନ୍ୟାତ୍କଃ	ତୈ.	୨/୭/୧
କ୍ରିୟାବନ୍ତଃ ଶ୍ରୋତ୍ରିୟା	ମୁ.	୩/୨/୧୦
କ୍ଷରଂ ପ୍ରଧାନମମୃତାକ୍ଷରମ୍	ଶ୍ୱେ.	୧/୧୦
ଗତାଃ କଲାଃ ପଞ୍ଚଦଶ	ମୁ.	୩/୨/୭
ଗର୍ଭେ ନୁ ସନ୍ନନ୍ବେଷାମବେଦମ୍	ଐ.	୨/୧/୫
ଗୁଣାନ୍ୱୟୋ ୟଃ ଫଲକର୍ମକର୍ତ୍ତା	ଶ୍ୱେ.	୫/୭
ଘୃତାତ୍ ପରଂ ମଣ୍ଡମିବ	ଶ୍ୱେ.	୪/୧୬
ଛନ୍ଦାଂସି ୟଜ୍ଞାଃ କ୍ରତବୋ ବ୍ରତାନି	ଶ୍ୱେ.	୪/୯
ଜାଗରିତସ୍ଥାନୋ ବହିସ୍ପ୍ରଜ୍ଞଃ	ମା.	୩
ଜାଗରିତସ୍ଥାନୋ ବୈଶ୍ୱାନରଃ	ମା.	୯
ଜାନାମ୍ୟହଂ ଶେବଧିରିତି	କ.	୧/୨/୧୦
ଜ୍ଞାଜ୍ଞୌ ଦ୍ୱାବଜା	ଶ୍ୱେ.	୧/୯
ଜ୍ଞାତ୍ୱା ଦେବଂ ସର୍ବପାଶାପହାନିଃ	ଶ୍ୱେ.	୧/୧୧
ତଚ୍ଚକ୍ଷୁଷାଽଜିଘୃକ୍ଷତ୍	ଐ	୧/୩/୫
ତଚ୍ଛ୍ରୋତ୍ରେଣାଜିଘୃକ୍ଷତ୍	ଐ.	୧/୩/୯
ତଚ୍ଛ୍ରୋତ୍ରେଣାଜିଘୃକ୍ଷତ୍	ଐ.	୧/୩/୬
ତତଃ ପରଂ ବ୍ରହ୍ମପରଂ	ଶ୍ୱେ.	୩/୭
ତତୋ ୟଦୁତ୍ତରତରଂ	ଶ୍ୱେ.	୩/୧୦
ତତ୍କର୍ମ କୃତ୍ୱା ବିନିବର୍ତ୍ୟ	ଶ୍ୱେ.	୬/୩
ତତ୍ତ୍ୱଚାଽଜିଘୃକ୍ଷତ୍	ଐ.	୧/୩/୭
ତତ୍ ପ୍ରାଣେନାଜିଘୃକ୍ଷତ୍	ଐ.	୧/୩/୪

ତତ୍ସ୍ତ୍ରିୟା ଆମ୍ଭୂୟଂ	ଐ.	୨/୧/୨
ତତ୍ରାପରା ଋଗ୍ବେଦଃ	ମୁ.	୧/୧/୫
ତଦପାନେନାଜିଘୃକ୍ଷତ୍	ଐ.	୧/୩/୧୦
ତଦଭ୍ୟଦ୍ରବତ୍ତମଭ୍ୟବଦତ୍	କେ.	୩/୪, ୩/୮
ତଦୁକ୍ତମୃଷିଣା ଗର୍ଭେ ନୁ	ଐ.	୨/୧/୫
ତଦେଜତି ତନ୍ନୈଜତି	ଈ.	୫
ତଦେତତ୍ ସତ୍ୟମୃଷିରଙ୍ଗିରା	ମୁ.	୩/୨/୧୧
ତଦେତତ୍ ସତ୍ୟଂ ମନ୍ତ୍ରେଷୁ କର୍ମାଣି	ମୁ.	୧/୨/୧
ତଦେତତ୍ ସତ୍ୟଂ ୟଥା ସୁଦୀପ୍ତାତ୍	ମୁ.	୨/୧/୧
ତଦେନତ୍ସୃଷ୍ଟଂ	ଐ.	୧/୩/୩
ତଦେତଦିତି ମନ୍ୟନ୍ତେ	କ.	୨/୨/୧୪
ତଦେତଦୃଚାଽଭ୍ୟୁକ୍ତମ୍	ମୁ.	୩/୨/୧୦
ତଦେବାଗ୍ନିସ୍ତଦାଦିତ୍ୟଃ	ଶ୍ୱେ.	୪/୨
ତଦ୍ଧ ତଦ୍ୱନଂ ନାମ	କେ.	୪/୬
ତଦ୍ଧୈଷାଂ ବିଜଜ୍ଞୌ ତେଭ୍ୟୋ	କେ.	୩/୨
ତଦ୍ୟୋ ହ ବୈ ତତ୍ପ୍ରଜାପତିବ୍ରତଂ	ପ୍ର.	୧/୧୫
ତଦ୍ ବେଦଗୁହ୍ୟୋପନିଷସୁ	ଶ୍ୱେ	୫/୬
ତନ୍ନମ ଇତ୍ୟୁପାସୀତ	ତୈ.	୩/୧୦/୪
ତନ୍ମନସାଽଜିଘୃକ୍ଷତ୍	ଐ.	୧/୩/୮
ତପଃପ୍ରଭାବାଦ୍ଦେବପ୍ରସାଦାଚ୍ଚ	ଶ୍ୱେ.	୬/୨୧
ତପଃଶ୍ରଦ୍ଧେ ୟେ ହ୍ୟୁପବସନ୍ତି	ମୁ.	୧/୨/୧୧
ତପସା ଚୀୟତେ ବ୍ରହ୍ମ	ମୁ.	୧/୧/୮
ତମବ୍ରବୀତ୍ ପ୍ରୀୟମାଣୋ	କ.	୧/୧/୧୬
ତମଭ୍ୟତପତ୍ତପସ୍ୟ	ଐ.	୧/୧/୪
ତମଶନାୟାପିପାସେ	ଐ.	୧/୨/୫
ତମୀଶ୍ୱରାଣାଂ ପରମମ୍	ଶ୍ୱେ.	୬/୭
ତମେକନେମିଂ ତ୍ରିବୃତମ୍	ଶ୍ୱେ.	୧/୪
ତଂ ଦୁର୍ଦର୍ଶଂ ଗୂଢମ୍	କ.	୧/୨/୧୨
ତଂ ହ କୁମାରଂ ସନ୍ତଂ	କ.	୧/୧/୨
ତସ୍ମାଚ୍ଚ ଦେବା ବହୁଧା	ମୁ.	୨/୧/୭

ତସ୍ମାଦଗ୍ନିଃ ସମିଧୋ ୟସ୍ୟ	ମୁ.	୨/୧/୫
ତସ୍ମାଦିଦନ୍ଦ୍ରୋ ନାମ	ଐ.	୧/୩/୧୪
ତସ୍ମାଦୃଚଃ ସାମ ୟଜୂଂଷି	ମୁ.	୨/୧/୬
ତସ୍ମାଦ୍ଧା ଇନ୍ଦ୍ରୋଽତିତରାମ୍	କେ.	୪/୩
ତସ୍ମାଦ୍ଧା ଏତସ୍ମାଦନ୍ନରସମୟାତ୍	ତୈ.	୨/୨/୧
ତସ୍ମାଦ୍ଧା ଏତସ୍ମାଦାତ୍ମନଃ	ତୈ.	୨/୧/୧
ତସ୍ମାଦ୍ଧା ଏତେ ଦେବା	କେ.	୪/୨
ତସ୍ମିଂସ୍ତ୍ୱୟି କିଂ ବୀର୍ୟମିତି	କେ.	୩/୫, ୩/୯
ତସ୍ମୈ ତୃଣଂ ନିଦଧୌ	କେ.	୩/୬, ୩/୧୦
ତସ୍ମୈ ସ ବିଦ୍ୱାନୁପସନ୍ନାୟ	ମୁ.	୧/୨/୩
ତସ୍ମୈ ସ ହୋବାଚ	ପ୍ର.	୧/୪, ୨/୨, ୩/୨, ୪/୨, ୬/୨
ତସ୍ମୈ ସ ହୋବାଚ	ମୁ.	୧/୧/୪
ତସ୍ୟୈ ତପୋ ଦମଃ କର୍ମେତି	କେ.	୪/୮
ତସ୍ୟୈଷ ଆଦେଶୋ ୟଦେତତ୍	କେ.	୪/୪
ତସ୍ୟୈଷ ଏବ ଶାରୀର ଆତ୍ମା	ତୈ.	୨/୩/୧, ୨/୪/୧, ୨/୫/୧, ୨/୬/୧
ତା ଏତା ଦେବତାଃ ସୃଷ୍ଟାଃ	ଐ.	୧/୨/୧
ତାନ୍ ବରିଷ୍ଠଃ ପ୍ରାଣ ଉବାଚ	ପ୍ର.	୨/୩
ତାନ୍ ହୋବାଚ ଏତାବତ୍	ପ୍ର.	୬/୬
ତାନ୍ ହ ସ ଋଷିରୁବାଚ	ପ୍ର.	୧/୨
ତାଭ୍ୟଃ ପୁରୁଷମାନୟତ୍	ଐ.	୧/୨/୩
ତାଭ୍ୟୋ ଗାମାନୟତ୍	ଐ.	୧/୨/୨
ତାଂ ୟୋଗମିତି ମନ୍ୟନ୍ତେ	କ.	୨/୩/୧୧
ତିଲେଷ୍ୱ ତୈଲଂ ଦଧ୍ନୀବ	ଶ୍ୱେ.	୧/୧୫
ତିସ୍ରୋ ମାତ୍ରା ମୃତ୍ୟୁମତ୍ୟଃ	ପ୍ର.	୫/୬
ତିସ୍ରୋ ରାତ୍ରୀର୍ୟଦବାତ୍ସୀଃ	କ.	୧/୧/୯

ତେଽଗ୍ନିମବ୍ରୁବନ୍ ଜାତବେଦ	କେ.	୩/୩
ତେଷାମସୌ ବିରଜୋ ବ୍ରହ୍ମଲୋକଃ	ପ୍ର.	୧/୧୬
ତେଜୋ ହ ବା ଉଦାନଃ	ପ୍ର.	୩/୯
ତେ ତମର୍ଚୟନ୍ତସ୍ତ୍ୱଂ ହି ନଃ	ପ୍ର.	୬/୮
ତେ ଧ୍ୟାନଯୋଗାନୁଗତା	ଶ୍ୱେ.	୧/୩
ତ୍ରିଣାଚିକେତସ୍ତ୍ରୟମେତଦ୍	କ.	୧/୧/୧୮
ତ୍ରିଣାଚିକେତସ୍ତ୍ରୀଭିରେତ୍ୟ	କ.	୧/୧/୧୭
ତ୍ରିରୁନ୍ନତଂ ସ୍ଥାପ୍ୟ ସମଂ ଶରୀରଂ	ଶ୍ୱେ.	୨/୮
ତ୍ୱଂ ସ୍ତ୍ରୀ ତ୍ୱଂ ପୁମାନସି	ଶ୍ୱେ.	୪/୩
ଦିବ୍ୟୋ ହ୍ୟମୂର୍ତଃ ପୁରୁଷଃ	ମୁ.	୨/୧/୨
ଦୂରମେତେ ବିପରୀତେ	କ.	୧/୨/୪
ଦେବପିତୃକାର୍ୟାଭ୍ୟାମ୍	ତୈ.	୧/୧୧/୨
ଦେବାନାମସି ବହ୍ନିତମଃ	ପ୍ର.	୨/୮
ଦେବୈରତ୍ରାପି ବିଚିକିତ୍ସିତଂ	କ.	୧/୧/୨୧
ଦେବୈରତ୍ରାପି ବିଚିକିତ୍ସିତଂ	କ.	୧/୧/୨୨
ଦ୍ୱା ସୁପର୍ଣା ସଯୁଜା ସଖାୟା	ଶ୍ୱେ.	୪/୬
ଦ୍ୱା ସୁପର୍ଣା ସଯୁଜାସଖାୟା	ମୁ.	୩/୧/୧
ଦ୍ୱେ ଅକ୍ଷରେ ବ୍ରହ୍ମପରେ	ଶ୍ୱେ.	୫/୧
ଦ୍ୱେ ବିଦ୍ୟେ ବେଦିତବ୍ୟେ	ମୁ.	୧/୧/୪
ଧନୁର୍ଗୃହୀତ୍ୱୌପନିଷଦଂ	ମୁ.	୨/୨/୩
ନ କଞ୍ଚନ ବସତୌ	ତୈ.	୩/୧୦/୧
ନ ଚକ୍ଷୁଷା ଗୃହ୍ୟତେ ନାପି	ମୁ.	୩/୧/୮
ନ ଜାୟତେ ମ୍ରିୟତେ ବା	କ.	୧/୨/୧୮
ନ ତତ୍ର ଚକ୍ଷୁର୍ଗଚ୍ଛତି	କେ.	୧/୩
ନ ତତ୍ର ସୂର୍ଯୋ ଭାତି	କ.	୨/୨/୧୫
ନ ତତ୍ର ସୂର୍ଯୋ ଭାତି	ଶ୍ୱେ.	୬/୧୪
ନ ତତ୍ର ସୂର୍ଯୋ ଭାତି	ମୁ.	୨/୨/୧୦

ନ ତସ୍ୟ କଶ୍ଚିତ୍ ପତିରସ୍ତି	ଶ୍ୱେ.	୬/୯
ନ ତସ୍ୟ କାର୍ଯଂ କରଣଞ୍ଚ	ଶ୍ୱେ.	୬/୮
ନ ନରେଣାବରେଣ ପ୍ରୋକ୍ତଃ	କ.	୧/୨/୮
ନ ପ୍ରାଣେନ ନାପାନେନ	କ.	୨/୨/୫
ନବଦ୍ୱାରେ ପୁରେ ଦେହୀ	ଶ୍ୱେ.	୩/୧୮
ନ ବିତ୍ତେନ ତର୍ପଣୀୟୋ ମନୁଷ୍ୟଃ	କ.	୧/୧/୨୭
ନ ସଂଦୃଶେ ତିଷ୍ଠତି	କ.	୨/୩/୯
ନ ସନ୍ଦୃଶେ ତିଷ୍ଠତି	ଶ୍ୱେ.	୪/୨୦
ନାଚିକେତମୁପାଖ୍ୟାନମ୍	କ.	୧/୩/୧୬
ନାନ୍ତଃପ୍ରଜ୍ଞଂ ନ ବହିଃ	ମା.	୭
ନାୟମାତ୍ମା ପ୍ରବଚନେନ ଲଭ୍ୟଃ	କ.	୧/୨/୨୩
ନାୟମାତ୍ମା ପ୍ରବଚନେନ ଲଭ୍ୟଃ	ମୁ.	୩/୨/୩
ନାୟମାତ୍ମା ବଲହୀନେନ ଲଭ୍ୟଃ	ମୁ.	୩/୨/୪
ନାବିରତୋ ଦୁଶ୍ଚରିତାତ୍	କ.	୧/୨/୨୪
ନ ସାମ୍ପରାୟଃ ପ୍ରତିଭାତି	କ.	୧/୨/୬
ନାହଂ ମନ୍ୟେ ସୁବେଦେତି	କେ.	୨/୨
ନିତ୍ୟୋ ନିତ୍ୟାନାଂ ଚେତନଃ	ଶ୍ୱେ.	୬/୧୩
ନିତ୍ୟୋଽନିତ୍ୟାନାଂ ଚେତନଃ	କ.	୨/୨/୧୩
ନିଷ୍କଲଂ ନିଷ୍କ୍ରିୟଂ ଶାନ୍ତମ୍	ଶ୍ୱେ.	୫/୧୯
ନୀଲଃ ପତଙ୍ଗୋ ହରିତଃ	ଶୈ.	୪/୪
ନୀହାରଧୂମାର୍କାନିଲାନଲାନାମ୍	ଶ୍ୱେ.	୨/୧୧
ନୈନମୂର୍ଧ୍ୱଂ ନ ତିର୍ୟଞ୍ଚଂ	ଶ୍ୱେ.	୪/୧୯
ନୈବ ବାଚା ନ ମନସା	କ.	୨/୩/୧୨
ନୈବ ସ୍ତ୍ରୀ ନ ପୁମାନେଷ	ଶ୍ୱେ.	୫/୧୦
ନୈଷା ତର୍କେଣ ମତିରାପନୟେ	କ.	୧/୨/୯
ନୋ ଇତରାଣି	ତୈ.	୧/୧୧/୩
ପଞ୍ଚପାଦଂ ପିତରଂ	ପ୍ର.	୧/୧୧
ପଞ୍ଚସ୍ରୋତୋଽମ୍ବୁମ୍	ଶ୍ୱେ.	୧/୫
ପରମେବାକ୍ଷରଂ ପ୍ରତିପଦ୍ୟତେ	ପ୍ର.	୪/୧୦

ପରାଚଃ କାମାନନୁୟନ୍ତି	କ.	୨/୧/୨
ପରାଞ୍ଚି ଖାନି ବ୍ୟତୃଣତ୍	କ.	୨/୧/୧
ପରୀକ୍ଷ୍ୟ ଲୋକାନ୍ କର୍ମଚିତାନ୍	ମୁ.	୧/୨/୧୨
ପାୟୂପସ୍ଥେଽପାନଂ	ପ୍ର.	୩/୫
ପୀତୋଦକା ଜଗ୍ଧତୃଣାଃ	କ.	୧/୧/୩
ପୁରମେକାଦଶଦ୍ୱାରମ୍	କ.	୨/୨/୧
ପୁରୁଷ ଏବେଦଂ ବିଶ୍ୱମ୍	ମୁ.	୨/୧/୧୦
ପୁରୁଷ ଏବେଦଃ ସର୍ବମ୍	ଶ୍ୱେ.	୩/୧୫
ପୁରୁଷେ ହ ବା ଅୟମ୍	ଐ.	୨/୧/୧
ପୂଷନ୍ନେକର୍ଷେ ୟମ ସୂର୍ୟ	ଈ.	୧୬
ପୃଥ୍ୱୀ ଚ ପୃଥ୍ୱୀମାତ୍ରା ଚ	ପ୍ର.	୪/୮
ପୃଥ୍ୱ୍ୟନ୍ତରିକ୍ଷଂ ଦ୍ୟୌର୍ଦିଶଃ	ତୈ.	୧/୭/୧
ପୃଥ୍ୟପ୍ତେଜୋଽନିଲଖେ	ଶ୍ୱେ.	୨/୧୨
ପ୍ରଜାକାମୋ ବୈ ପ୍ରଜାପତିଃ	ପ୍ର.	୧/୪
ପ୍ରଜାପତିଶ୍ଚରସି ଗର୍ଭେ	ପ୍ର.	୨/୭
ପ୍ରଜ୍ଞାନଂ ବ୍ରହ୍ମ	ଐ.	୩/୧/୩
ପ୍ରତିବୋଧବିଦିତଂ ମତମ୍	କେ.	୨/୪
ପ୍ର ତେ ବ୍ରବୀମି ତଦୁ ମେ	କ.	୧/୧/୧୪
ପ୍ରଣବୋ ଧନୁଃ ଶରୋ ହ୍ୟାତ୍ମା	ମୁ.	୨/୨/୪
ପ୍ରାଣଂ ଦେବା ଅନୁ ପ୍ରାଣନ୍ତି	ତୈ.	୨/୩/୧
ପ୍ରାଣସ୍ୟେଦଂ ବଶେ ସର୍ବମ୍	ପ୍ର.	୨/୧୩
ପ୍ରାଣାନ୍ ପ୍ରପୀଡ୍ୟେହ	ଶ୍ୱେ.	୨/୯
ପ୍ରାଣାତ୍ମୟ ଏବୈତସ୍ମିନ୍	ପ୍ର.	୪/୩
ପ୍ରାଣୋ ହ୍ୟେଷ ୟଃ ସର୍ବଭୂତୈଃ	ମୁ.	୩/୧/୪
ପ୍ରାଣୋ ବ୍ରହ୍ମେତି ବ୍ୟଜାନାତ୍	ତୈ.	୩/୩/୧
ପ୍ଲବା ହ୍ୟେତେ ଅଦୃଢା	ମୁ.	୧/୨/୭
ବହ୍ୱୀନାମେମି ପ୍ରଥମୋ	କ.	୧/୧/୫
ବାଲାଗ୍ରଶତଭାଗସ୍ୟ	ଶ୍ୱେ.	୫/୯
ବୃହଚ୍ଚ ତଦ୍ ଦିବ୍ୟମଚିନ୍ତ୍ୟରୂପଂ	ମୁ.	୩/୧/୭

ବ୍ରହ୍ମ ହ ଦେବେଭ୍ୟୋ ବିଜିଗ୍ୟେ	କେ.	୩/୧
ବ୍ରହ୍ମବାଦିନୋ ବଦନ୍ତି କିଂ କାରଣଂ	ଶ୍ୱେ.	୧/୧
ବ୍ରହ୍ମବିଦାପ୍ନୋତି ପରମ୍	ତୈ.	୨/୧/୧
ବ୍ରହ୍ମା ଦେବାନାଂ ପ୍ରଥମଃ	ମୁ.	୧/୧/୧
ବ୍ରହ୍ମୈବେଦମମୃତଂ ପୁରସ୍ତାତ୍	ମୁ.	୨/୨/୧୧
ଭୟାଦସ୍ୟାଗ୍ନିସ୍ତପତି	କ.	୨/୩/୩
ଭାବଗ୍ରାହ୍ୟମନୀଡାଖ୍ୟମ୍	ଶ୍ୱେ.	୫/୧୪
ଭିଦ୍ୟତେ ହୃଦୟଗ୍ରନ୍ଥିଃ	ମୁ.	୨/୨/୮
ଭୀଷାଽସ୍ମାଦ୍ୱାତଃ ପବତେ	ତୈ.	୨/୮/୧
ଭୂର୍ଭୁବଃ ସୁବରିତି	ତୈ.	୧/୫/୧
ଭୃଗୁର୍ବୈ ବାରୁଣିଃ	ତୈ.	୩/୧/୧
ମନସୈବେଦମାପ୍ତବ୍ୟମ୍	କ.	୨/୧/୧୧
ମନୋ ବ୍ରହ୍ମେତି ବ୍ୟଜାନାତ୍	ତୈ.	୩/୪/୧
ମନ୍ତ୍ରେଷୁ କର୍ମାଣି କବୟଃ	ମୁ.	୧/୨/୧
ମହ ଇତି ବ୍ରହ୍ମ	ତୈ.	୧/୫/୩
ମହ ଇତ୍ୟାଦିତ୍ୟଃ	ତୈ.	୧/୫/୨
ମହତଃ ପରମବ୍ୟକ୍ତମ୍	କ.	୧/୩/୧୧
ମହାନ୍ ପ୍ରଭୁର୍ବୈ ପୁରୁଷଃ	ଶ୍ୱେ.	୩/୧୨
ମା ନସ୍ତୋକେ ତନୟେ	ଶ୍ୱେ.	୪/୨୨
ମାୟାଂ ତୁ ପ୍ରକୃତିମ୍	ଶ୍ୱେ.	୪/୧୦
ମାସୋ ବୈ ପ୍ରଜାପତିଃ	ପ୍ର.	୧/୧୨
ମୃତ୍ୟୁପ୍ରୋକ୍ତାଂ ନଚିକେତୋଽଥ	କ.	୨/୩/୧୮
ୟ ଇମଂ ପରମଂ ଗୁହ୍ୟମ୍	କ.	୧/୩/୧୭
ୟ ଇମଂ ମଧ୍ୱଦଂ ବେଦ	କ.	୨/୧/୫
ୟ ଏକୋ ଜାଲବାନୀଶତ	ଶ୍ୱେ.	୩/୧
ୟ ଏକୋଽବର୍ଣ୍ଣୋ ବହୁଧା	ଶ୍ୱେ.	୪/୧
ୟ ଏବଂ ବିଦ୍ୱାନ୍ ପ୍ରାଣମ୍	ପ୍ର.	୩/୧୧

ୟ ଏବଂ ବେଦ	ତୈ.	୩/୧୦/୨
ୟ ଏଷ ସୁପ୍ତେଷୁ ଜାଗର୍ତି	କ.	୨/୨/୮
ୟଚ୍ଚକ୍ଷୁଷା ନ ପଶ୍ୟତି	କେ.	୧/୭
ୟଚ୍ଚ ସ୍ୱଭାବଂ ପଚତି	ଶ୍ୱେ.	୫/୫
ୟଚ୍ଚିତ୍ତେନୈଷ ପ୍ରାଣମ୍	ପ୍ର.	୩/୧୦
ୟଚ୍ଛେଦ୍ବାଙ୍ମନସି	କ.	୧/୩/୧୩
ୟଚ୍ଛ୍ରୋତ୍ରେଣ ନ ଶୃଣୋତି	କେ.	୧/୮
ୟତଶ୍ଚୋଦେତି ସୂର୍ୟୋଽସ୍ତଂ	କ.	୨/୧/୯
ୟତୋ ବାଚୋ ନିବର୍ତନ୍ତେ	ତୈ.	୨/୪/୧
ୟତୋ ବାଚୋ ନିବର୍ତନ୍ତେ	ତୈ.	୨/୯/୧
ୟତ୍ତଦଦ୍ରେଶ୍ୟମଗ୍ରାହ୍ୟମ୍	ମୁ.	୧/୧/୬
ୟତ୍ ପ୍ରାଣେନ ନ ପ୍ରାଣିତି	କେ.	୧/୯
ୟତ୍ର ସୁପ୍ତୋ ନ କଞ୍ଚନ କାମଂ	ମା.	୫
ୟଥା ଗାର୍ଗ୍ୟ ମରୀଚୟଃ	ପ୍ର.	୪/୨
ୟଥାଽଽଦର୍ଶେ ତଥାଽଽତ୍ମନି	କ.	୨/୩/୫
ୟଥା ନଦ୍ୟଃ ସ୍ୟନ୍ଦମାନାଃ	ମୁ.	୩/୨/୮
ୟଥା ପୁରସ୍ତାଦ୍ ଭବିତା	କ.	୧/୧/୧୧
ୟଥା ସମ୍ରାଡେବାଧିକୃତାନ୍	ପ୍ର.	୩/୪
ୟଥା ସୁଦୀପ୍ତାଦ୍ପାବକାତ୍	ମୁ.	୨/୧/୧
ୟଥୈବ ବିମ୍ବଂ ମୃଦୟା	ଶ୍ୱେ.	୨/୧୪
ୟଥୋଦକଂ ଦୁର୍ଗେ ବୃଷ୍ଟଂ	କ.	୨/୧/୧୪
ୟଥୋଦକଂ ଶୁଦ୍ଧେ ଶୁଦ୍ଧମ୍	କ.	୨/୧/୧୫
ୟଥୋର୍ଣନାଭିଃ ସୃଜତେ	ମୁ.	୧/୧/୭
ୟଦର୍ଚିମଦ୍ୟଦଣୁଭ୍ୟୋଽଣୁ ଚ	ମୁ.	୨/୨/୨
ୟଦା ଚର୍ମବଦାକାଶମ୍	ଶ୍ୱେ.	୬/୨୦
ୟଦାଽତମସ୍ତନ୍ନ ଦିବା	ଶ୍ୱେ.	୨/୧୮
ୟଦାଽଽତ୍ମତତ୍ତ୍ୱେନ ତୁ ବ୍ରହ୍ମତତ୍ତ୍ୱମ୍	ଶ୍ୱେ.	୨/୧୫
ୟଦା ତ୍ୱମଭିବର୍ଷସ୍ୟଥେମାଃ	ପ୍ର.	୨/୧୦
ୟଦା ପଞ୍ଚାବତିଷ୍ଠନ୍ତେ	କ.	୨/୩/୧୦
ୟଦା ପଶ୍ୟଃ ପଶ୍ୟତେ ରୁକ୍ମବର୍ଣଂ	ମୁ.	୩/୧/୩

ୟଦା ଲେଲାୟତେ ହ୍ୟର୍ଚିଃ	ମୁ.	୧/୨/୨
ୟଦା ସର୍ବେ ପ୍ରଭିଦ୍ୟନ୍ତେ	କ.	୨/୩/୧୫
ୟଦା ସର୍ବେ ପ୍ରମୁଚ୍ୟନ୍ତେ	କ.	୨/୩/୧୪
ୟଦିଦଂ କିଂ ଚ ଜଗତ୍	କ.	୨/୩/୨
ୟଦି ମନ୍ୟସେ ସୁବେଦେତି	କେ.	୨/୧
ୟଦୁଚ୍ଛ୍ୱାସନିଶ୍ୱାସାବେତାବାହୁତୀ	ପ୍ର.	୪/୪
ୟଦେତଦ୍ଧୃଦୟଂ ମନଶ୍ଚେତତ୍	ଐ.	୩/୧/୨
ୟଦେବେହ ତଦମୁତ୍ର ୟଦମୁତ୍ର	କ.	୨/୧/୧୦
ୟଦ୍‌ବାଚାନଭ୍ୟୁଦିତମ୍	କେ.	୧/୫
ୟଦ୍ୱୈ ତତ୍ ସୁକୃତଂ	ତୈ.	୨/୭/୧
ୟନ୍ମନସା ନ ମନୁତେ	କେ.	୧/୬
ୟଶ୍ଚ ଇତି ପଶୁଷ୍ୱ	ତୈ.	୩/୧୦/୩
ୟଶ୍ଚୋ ଜନେଽସାନି	ତୈ.	୧/୪/୩
ୟଶ୍ଛନ୍ଦସାମୃଷଭଃ	ତୈ.	୧/୪/୧
ୟସ୍ତନ୍ତୁନାଭ ଇବ ତନ୍ତୁଭିଃ	ଶ୍ୱେ.	୬/୧୦
ୟସ୍ତ୍ୱବିଜ୍ଞାନବାନ୍ ଭବତି	କ.	୧/୩/୫
ୟସ୍ତ୍ୱବିଜ୍ଞାନବାନ୍ ଭବତି	କ.	୧/୩/୭
ୟସ୍ତୁ ବିଜ୍ଞାନବାନ୍ ଭବତି	କ.	୧/୩/୬
ୟସ୍ତୁ ବିଜ୍ଞାନବାନ୍ ଭବତି	କ.	୧/୩/୮
ୟସ୍ତୁ ସର୍ବାଣି ଭୂତାନି	ଈ.	୬
ୟସ୍ମାତ୍ ପରଂ ନାପରମ୍	ଶ୍ୱେ.	୩/୯
ୟସ୍ମିନ୍ ଦ୍ୟୌଃ ପୃଥିବୀ	ମୁ.	୨/୨/୫
ୟସ୍ମିନ୍‌ସର୍ବାଣି ଭୂତାନି	ଈ.	୭
ୟସ୍ମିନ୍ନିଦଂ ବିଚିକିତ୍ସନ୍ତି ମୃତ୍ୟୋ	କ.	୧/୧/୨୯
ୟସ୍ୟ ଦେବେ ପରା ଭକ୍ତିଃ	ଶ୍ୱେ.	୬/୨୩
ୟସ୍ୟ ବ୍ରହ୍ମ ଚ କ୍ଷତ୍ରଂ ଚ	କ.	୧/୨/୨୫
ୟସ୍ୟାଗ୍ନିହୋତ୍ରମଦର୍ଶମ୍	ମୁ.	୧/୨/୩
ୟସ୍ୟାମତଂ ତସ୍ୟ ମତମ୍	କେ.	୨/୩
ୟଂ ୟଂ ଲୋକଂ ମନସା	ମୁ.	୩/୧/୧୦
ୟଃ ପୁନରେତଂ ତ୍ରିମାତ୍ରେଣ	ପ୍ର.	୫/୫

ୟଃ ପୂର୍ବଂ ତପସୋ ଜାତମ୍	କ.	୨/୧/୬
ୟଃ ସର୍ବଜ୍ଞଃ ସର୍ବବିଦ୍ୟସ୍ୟ	ମୁ.	୧/୧/୯
ୟଃ ସର୍ବଜ୍ଞଃ ସର୍ବବିଦ୍ୟସୈଷ୍ୟ	ମୁ.	୨/୨/୭
ୟଃ ସେତୁରୀଜାନାନାମ୍	କ.	୧/୩/୨
ୟା ତେ ତନୂର୍ବାଚି	ପ୍ର.	୨/୧୨
ୟା ତେ ରୁଦ୍ର ଶିବା ତନୂଃ	ଶ୍ୱେ.	୩/୫
ୟା ପ୍ରାଣେନ ସମ୍ଭବତ୍ୟଦିତିଃ	କ.	୨/୧/୭
ୟାମିଷୁଂ ଗିରିଶନ୍ତ ହସ୍ତେ	ଶ୍ୱେ.	୩/୬
ୟୁକ୍ତେନ ମନସା ବୟମ୍	ଶ୍ୱେ.	୨/୨
ୟୁକ୍ତ୍ୱାୟ ମନସା ଦେବାନ୍	ଶ୍ୱେ.	୨/୩
ୟୁଜ୍ଞେ ବାଂ ବ୍ରହ୍ମ ପୂର୍ବ୍ୟମ୍	ଶ୍ୱେ.	୨/୫
ୟୁଞ୍ଜତେ ମନ ଉତ ୟୁଞ୍ଜତେ	ଶ୍ୱେ.	୨/୪
ୟୁଞ୍ଜାନଃ ପ୍ରଥମଂ ମନଃ	ଶ୍ୱେ.	୨/୧
ୟେ ତତ୍ର ବ୍ରାହ୍ମଣାଃ ସମ୍ପର୍ଶିନଃ	ତୈ.	୧/୧୧/୪
ୟେନ ରୂପଂ ରସଂ ଗନ୍ଧଂ	କ.	୨/୧/୩
ୟେନାବୃତଂ ନିତ୍ୟମିଦମ୍	ଶ୍ୱେ.	୬/୨
ୟେୟଂ ପ୍ରେତେ ବିଚିକିତ୍ସା	କ.	୧/୧/୨୦
ୟେ ୟେ କାମା ଦୁର୍ଲଭା	କ.	୧/୧/୨୫
ୟୋ ଦେବାନାମଧିପଃ	ଶ୍ୱେ.	୪/୧୩
ୟୋ ଦେବାନାଂ ପ୍ରଭବଶ୍ଚ	ଶ୍ୱେ.	୩/୪, ୪/୧୨
ୟୋ ଦେବୋ ଅଗ୍ନୌ ୟୋ ଅପ୍ସୁ	ଶ୍ୱେ.	୨/୧୭
ୟୋନିମନ୍ୟେ ପ୍ରପଦ୍ୟନ୍ତେ	କ.	୨/୨/୭
ୟୋ ବ୍ରହ୍ମାଣଂ ବିଦଧାତି	ଶ୍ୱେ.	୬/୧୮
ୟୋ ୟୋନିଂ ୟୋନିମ୍	ଶ୍ୱେ.	୪/୧୧, ୫/୨
ୟୋ ବା ଏତାମେବଂ ବେଦ	କେ.	୪/୯
ରସୋ ବୈ ସଃ	ତୈ.	୨/୭/୧
ଲଘୁତ୍ୱମାରୋଗ୍ୟମ୍	ଶ୍ୱେ.	୨/୧୩
ଲୋକାଦିମଗ୍ନିଂ ତମୁବାଚ	କ.	୧/୧/୧୫

ବହ୍ୱ୍ୟୋଥା ଯୋନିଗତସ୍ୟ	ଶ୍ୱେ.	୨/୧୩
ବାୟୁର୍ୟଥୈକୋ ଭୁବନଂ	କ.	୨/୨/୧୦
ବାୟୁରନିଲମମୃତମ୍	ଈ.	୧୭
ବିଜ୍ଞାନଂ ବ୍ରହ୍ମେତି ବ୍ୟଜାନାତ୍	ତୈ.	୩/୫/୧
ବିଜ୍ଞାନଂ ୟଜ୍ଞଂ ତନୁତେ	ତୈ.	୨/୫/୧
ବିଜ୍ଞାନସାରଥିର୍ୟସ୍ତୁ	କ.	୧/୩/୯
ବିଜ୍ଞାନାତ୍ମା ସହ ଦେବୈଶ୍ଚ	ପ୍ର.	୪/୧୧
ବିଦ୍ୟାଂ ଚାବିଦ୍ୟାଂ ଚ ୟସ୍ତଦ୍ୱେଦ	ଈ.	୧୧
ବିଶ୍ୱତଶ୍ଚକ୍ଷୁରୁତ ବିଶ୍ୱତୋମୁଖଃ	ଶ୍ୱେ.	୩/୩
ବିଶ୍ୱରୂପଂ ହରିଣମ୍	ପ୍ର.	୧/୮
ବେଦମନୂଚ୍ୟାଚାର୍ୟୋଽନ୍ତେବାସିନମ୍	ତୈ.	୧/୧୧/୧
ବେଦାନ୍ତବିଜ୍ଞାନସୁନିଶ୍ଚିତାର୍ଥାଃ	ମୁ.	୩/୨/୬
ବେଦାନ୍ତେ ପରମଂ ଗୁହ୍ୟମ୍	ଶ୍ୱେ.	୬/୨୨
ବେଦାଽମେତମଜରମ୍	ଶ୍ୱେ.	୩/୨୧
ବେଦାହମେତଂ ପୁରୁଷମ୍	ଶ୍ୱେ.	୩/୮
ବୈଶ୍ୱାନରଃ ପ୍ରବିଶତ୍ୟତିଥିଃ	କ.	୧/୧/୬
ବ୍ରାତ୍ୟସ୍ତ୍ୱଂ ପ୍ରାଣୈକର୍ଷିରତ୍ତା	ପ୍ର.	୨/୧୧
ଶତଂ ଚୈକା ଚ ହୃଦୟସ୍ୟ ନାଡ୍ୟଃ	କ.	୨/୩/୧୬
ଶତାୟୁଷଃ ପୁତ୍ରପୌତ୍ରାନ୍	କ.	୧/୧/୨୩
ଶଂ ନୋ ମିତ୍ରଃ ଶଂ ବରୁଣଃ	ତୈ.	୧/୧/୧, ୧/୧୨/୧
ଶାନ୍ତସଙ୍କଲ୍ପଃ ସୁମନା	କ.	୧/୧/୧୦
ଶୀକ୍ଷାଂ ବ୍ୟାଖ୍ୟାସ୍ୟାମଃ	ତୈ.	୧/୨/୧
ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ	ଶ୍ୱେ.	୨/୫
ଶୌନକୋ ହ ବୈ ମହାଶାଲୋ	ମୁ.	୧/୧/୩
ଶ୍ରବଣାୟାପି ବହୁଭିର୍ୟୋ ନ	କ.	୧/୨/୭
ଶ୍ରେୟଶ୍ଚ ପ୍ରେୟଶ୍ଚ ମନୁଷ୍ୟମ୍	କ.	୧/୨/୨
ଶ୍ରୋତ୍ରସ୍ୟ ଶ୍ରୋତ୍ରଂ ମନସୋ	କେ.	୧/୨

ଶ୍ରୋତ୍ରିୟସ୍ୟ ଚାକାମହତସ୍ୟ	ତୈ.	୨/୮/୩-୪
ଶ୍ୱୋଭାବା ମର୍ତ୍ୟସ୍ୟ ୟଦନ୍ତକୈତତ୍	କ.	୧/୧/୨୬
ସ ଇମାଁଲ୍ଲୋକାନସୃଜତ	ଐ.	୧/୧/୨
ସ ଈକ୍ଷତ କଥଂ ନ୍ୱିଦଂ	ଐ.	୧/୩/୧୧
ସ ଈକ୍ଷତେମେ ନୁ ଲୋକାଃ	ଐ.	୧/୧/୩
ସ ଈକ୍ଷତେମେ ନୁ ଲୋକାଃ	ଐ.	୧/୩/୧
ସ ଈକ୍ଷାଂଚକ୍ରେ କସ୍ମିନ୍	ପ୍ର.	୬/୩
ସ ଏକୋ ମନୁଷ୍ୟଗନ୍ଧର୍ବାଣାମ୍	ତୈ.	୨/୮/୨
ସ ଏତମେବ ସୀମାନାଂ	ଐ.	୧/୩/୧୨
ସ ଏତେନ ପ୍ରଜ୍ଞେନାଽଽତ୍ମନା	ଐ.	୩/୧/୪
ସ ଏବ କାଲେ ଭୁବନସ୍ୟ	ଶ୍ୱେ.	୪/୧୫
ସ ଏବଂ ବିଦ୍ୱାନସ୍ମାତ୍	ଐ.	୨/୧/୬
ସ ଏଷ ବୈଶ୍ୱାନରୋ ବିଶ୍ୱରୂପଃ	ପ୍ର.	୧/୭
ସଙ୍କଲ୍ପନସ୍ପର୍ଶନଦୃଷ୍ଟିମୋହୈଃ	ଶ୍ୱେ.	୫/୧୧
ସ ଜାତୋ ଭୂତାନ୍ୟଭିବ୍ୟୈଖ୍ୟତ୍	ଐ.	୧/୩/୧୩
ସ ତନ୍ମୟୋ ହ୍ୟମୃତଃ	ଶ୍ୱେ.	୬/୧୭
ସ ତନ୍ମିନ୍ନେବାକାଶେ	କେ.	୩/୧୨
ସତ୍ୟମେବ ଜୟତେ ନାନୃତମ୍	ମୁ.	୩/୧/୬
ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ	ତୈ.	୨/୧/୧
ସତ୍ୟଂ ବଦ । ଧର୍ମଂ ଚର	ତୈ.	୧/୧୧/୧
ସତ୍ୟେନ ଲଭ୍ୟସ୍ତପସା ହ୍ୟେଷ	ମୁ.	୩/୧/୫
ସ ତ୍ୱମଗ୍ନିଂ ସ୍ୱର୍ଗ୍ୟମଧେଷି	କ.	୧/୧/୧୩
ସ ତ୍ୱଂ ପ୍ରିୟାନ୍ ପ୍ରିୟରୂପାନ୍	କ.	୧/୨/୩
ସ ପର୍ୟଗାଚ୍ଛୁକ୍ରମକାୟମ୍	ଈ.	୭
ସ ପ୍ରାଣମସୃଜତ ପ୍ରାଣାତ୍	ପ୍ର.	୬/୪
ସପ୍ତ ପ୍ରାଣାଃ ପ୍ରଭବନ୍ତି	ମୁ.	୨/୧/୮
ସମାନେ ବୃକ୍ଷେ ପୁରୁଷଃ	ଶ୍ୱେ.	୪/୭
ସମାନେ ବୃକ୍ଷେ ପୁରୁଷଃ	ମୁ.	୩/୧/୨
ସମେ ଶୁଚୌ ଶର୍କରା	ଶ୍ୱେ.	୨/୧୦

ସପ୍ତ୍ରାପୈନମୃଷୟୋ	ମୁ.	୩/୨/୫
ସମ୍ଭୂତିଂ ଚ ବିନାଶଂ ଚ	ଈ.	୧୪
ସଂଯୁକ୍ତମେତତ୍ କ୍ଷରମକ୍ଷରମ୍	ଶ୍ୱେ.	୧/୮
ସଂବତ୍ସରୋ ବୈ ପ୍ରଜାପତିଃ	ପ୍ର.	୧/୯
ସ ୟ ଏବଂବିତ୍	ତୈ.	୩/୧୦/୫
ସ ୟ ଏଷୋଽନ୍ତର୍ହୃଦୟେ	ତୈ.	୧/୬/୧
ସ ୟଥା ସୋମ୍ୟ ବୟାଂସି	ପ୍ର.	୪/୭
ସ ୟଥେମା ନଦ୍ୟଃ	ପ୍ର.	୬/୫
ସ ୟଦା ତେଜସାଽଭିଭୂତଃ	ପ୍ର.	୪/୬
ସ ୟଦ୍ୟେକମାତ୍ରମ୍	ପ୍ର.	୫/୩
ସ ୟଷ୍ଠାୟଂ ପୁରୁଷେ	ତୈ.	୨/୮/୫
ସ ୟୋ ହ ବୈ ତତ୍ପରମଂ	ମୁ.	୩/୨/୯
ସ ବେଦୈତତ୍ ପରମଂ	ମୁ.	୩/୨/୧
ସର୍ବତଃ ପାଣିପାଦଂ ତତ୍	ଶ୍ୱେ.	୩/୧୬
ସର୍ବଂ ହ୍ୟେତଦ୍ ବ୍ରହ୍ମାୟମାତ୍ମା	ମା.	୨
ସର୍ବବ୍ୟାପିନମାତ୍ମାନମ୍	ଶ୍ୱେ.	୧/୧୬
ସର୍ବାଜୀବେ ସର୍ବସଂସ୍ଥେ	ଶ୍ୱେ.	୧/୬
ସର୍ବା ଦିଶ ଊର୍ଧ୍ୱମଧଶ୍ଚ	ଶ୍ୱେ.	୫/୪
ସର୍ବାନନଶିରୋଗ୍ରୀବଃ	ଶ୍ୱେ.	୩/୧୧
ସର୍ବେନ୍ଦ୍ରିୟଗୁଣାଭାସମ୍	ଶ୍ୱେ.	୩/୧୭
ସର୍ବେ ବେଦା ୟତ୍ ପଦମ୍	କ.	୧/୨/୧୫
ସବିତ୍ରା ପ୍ରସବେନ ଜୁଷେତ	ଶ୍ୱେ.	୨/୭
ସ ବିଶ୍ୱକୃଦ୍ବିଶ୍ୱବିତ୍	ଶ୍ୱେ.	୩/୧୬
ସ ବେଦୈତତ୍ ପରମଂ ବ୍ରହ୍ମ	ମୁ.	୩/୨/୧
ସ ବୃକ୍ଷକାଲାକୃତିଭିଃ	ଶ୍ୱେ.	୬/୬
ସହ ନୌ ୟଶଃ	ତୈ.	୧/୩/୧
ସହସ୍ରଶୀର୍ଷା ପୁରୁଷଃ	ଶ୍ୱେ.	୩/୧୪
ସ ହୋବାଚ ପିତରମ୍	କ.	୧/୧/୪
ସା ବ୍ରହ୍ମେତି ହୋବାଚ	କେ.	୪/୧
ସା ଭାବୟିତ୍ରୀ ଭାବୟିତବ୍ୟା	ଐ.	୨/୧/୩

ସୁକେଶା ଚ ଭାରଦ୍ୱାଜଃ	ପ୍ର.	୧/୧
ସୁବରିତ୍ୟାଦିତ୍ୟେ	ତୈ.	୧/୬/୨
ସୁଷୁପ୍ତସ୍ଥାନଃ ପ୍ରାଜ୍ଞୋ	ମା.	୧୧
ସୂର୍ୟୋ ୟଥା ସର୍ବଲୋକସ୍ୟ	କ.	୨/୨/୧୧
ସୂକ୍ଷ୍ମାତିସୂକ୍ଷ୍ମଂ କଲିଲସ୍ୟ	ଶ୍ୱେ.	୪/୧୪
ସୈଷାଽଽନନ୍ଦସ୍ୟ ମୀମାଂସା	ତୈ.	୨/୮/୧
ସୋଽକାମୟତ । ବହୁ ସ୍ୟାମ୍	ତୈ.	୨/୬/୧
ସୋଽପୋଽଭ୍ୟତପତ୍	ଐ.	୧/୩/୨
ସୋଽଭିମାନାଦୂର୍ଧ୍ୱମ୍	ପ୍ର.	୨/୪
ସୋଽୟମାତ୍ମାଽଧ୍ୟକ୍ଷରମ୍	ମା.	୮
ସୋଽସ୍ୟାୟମାତ୍ମା ପୁଣ୍ୟେଭ୍ୟଃ	ଐ.	୨/୧/୪
ସ୍ଥୂଲାନି ସୂକ୍ଷ୍ମାଣି	ଶ୍ୱେ.	୫/୧୨
ସ୍ୱଦେହମରଣିଂ କୃତ୍ୱା	ଶ୍ୱେ.	୧/୧୪
ସ୍ୱପ୍ନସ୍ଥାନସ୍ତୈଜସ ଉକାରଃ	ମା.	୧୦
ସ୍ୱପ୍ନସ୍ଥାନୋଽନ୍ତଃପ୍ରଜ୍ଞଃ	ମା.	୪
ସ୍ୱପ୍ନାନ୍ତଂ ଜାଗରିତାନ୍ତଂ	କ.	୨/୧/୪
ସ୍ୱଭାବମେକେ କବୟୋ	ଶ୍ୱେ.	୬/୧
ସ୍ୱର୍ଗେ ଲୋକେ ନ ଭୟଂ	କ.	୧/୧/୧୨
ହଂସଃ ଶୁଚିଷଦ୍ୱସୁରନ୍ତରିକ୍ଷସତ୍	କ.	୨/୨/୨
ହନ୍ତ ତ ଇଦଂ ପ୍ରବକ୍ଷ୍ୟାମି	କ.	୨/୨/୬
ହନ୍ତା ଚେନ୍ମନ୍ୟତେ ହନ୍ତୁମ୍	କ.	୧/୨/୧୯
ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟା	ଈ.	୧୫
ହିରଣ୍ମୟେ ପରେ କୋଶେ	ମୁ.	୨/୨/୯
ହୃଦି ହ୍ୟେଷ ଆତ୍ମା	ପ୍ର.	୩/୬

ମୁକ୍ତିକୋପନିଷଦ୍‌ରେ ପ୍ରଦତ୍ତ ୧୦୮ ଉପନିଷଦ୍

ଋଗ୍‌ବେଦ ସମ୍ବନ୍ଧୀୟ (୧୦) (ଶାନ୍ତିପାଠ - ବାଙ୍ ମେ ମନସି...)
୧. ଐତରେୟ ୨. କୌଷିତକି ୩. ନାଦବିନ୍ଦୁ ୪. ଆତ୍ମବୋଧ ୫. ନିର୍ବାଣ ୬. ମୁଦ୍‌ଗଲ ୭. ଅକ୍ଷମାଳିକା ୮ ତ୍ରିପୁରା ୯. ସୌଭାଗ୍ୟଲକ୍ଷ୍ମୀ ୧୦.ବହ୍‌ବୃଚ ।

ଶୁକ୍ଲଯଜୁର୍ବେଦ ସମ୍ବନ୍ଧୀୟ (୧୯) (ଶାନ୍ତିପାଠ - ପୂର୍ଣ୍ଣମଦଃ...) : ୧. ଈଶ ୨. ବୃହଦାରଣ୍ୟକ ୩. ଜାବାଳ ୪. ହଂସ ୫. ପରମହଂସ ୬. ସୁବାଳ ୭. ମନ୍ତ୍ରିକା ୮ ନିରାଲମ୍ବ ୯. ତ୍ରିଶିଖୀ ୧୦. ମଣ୍ଡଳବ୍ରାହ୍ମଣ ୧୧.ଅଦ୍ୱୟତାରକ ୧୨. ପୈଙ୍ଗଲ ୧୩. ଭିକ୍ଷୁକ ୧୪. ତୁରୀୟାତୀତ ୧୫. ଅଧ୍ୟାତ୍ମ ୧୬. ତାରସାର ୧୭. ୟାଜ୍ଞବଲ୍‌କ୍ୟ ୧୮ ଶାଟ୍ୟାୟନୀୟ ୧୯. ମୁକ୍ତିକ ।

କୃଷ୍ଣଯଜୁର୍ବେଦ ସମ୍ବନ୍ଧୀୟ (୩୨) (ଶାନ୍ତିପାଠ - ସହ ନାବବତୁ...)
୧. କଠ ୨. ତୈତ୍ତିରୀୟ ୩. ବ୍ରହ୍ମ ୪. କୈବଲ୍ୟ ୫. ଶ୍ୱେତାଶ୍ୱତର ୬. ଗର୍ଭ ୭. ନାରାୟଣ ୮ ଅମୃତବିନ୍ଦୁ ୯. ଅମୃତନାଦ ୧୦.କାଲାଗ୍ନିରୁଦ୍ର ୧୧. କ୍ଷୁରିକ ୧୨. ସର୍ବସାର ୧୩. ଶୁକରହସ୍ୟ ୧୪. ତେଜୋବିନ୍ଦୁ ୧୫. ଧ୍ୟାନବିନ୍ଦୁ ୧୬. ବ୍ରହ୍ମବିଦ୍ୟା ୧୭. ୟୋଗତତ୍ତ୍ୱ ୧୮. ଦକ୍ଷିଣାମୂର୍ତ୍ତି ୧୯. ସ୍କନ୍ଦ ୨୦. ଶାରୀରକ ୨୧. ୟୋଗଶିଖା ୨୨. ଏକାକ୍ଷର ୨୩. ଅକ୍ଷି ୨୪. ଅବଧୂତ ୨୫. କଠରୁଦ୍ର ୨୬. ରୁଦ୍ରହୃଦୟ ୨୭. ୟୋଗକୁଣ୍ଡଲିନୀ ୨୮ ପଞ୍ଚବ୍ରହ୍ମ ୨୯. ପ୍ରାଣାଗ୍ନିହୋତ୍ର ୩୦. ବରାହ ୩୧. କଲିସନ୍ତରଣ ୩୨. ସରସ୍ୱତୀରହସ୍ୟ ।

ସାମବେଦ ସମ୍ବନ୍ଧୀୟ (୧୬) (ଶାନ୍ତିପାଠ - ଆପ୍ୟାୟନ୍ତୁ...) : ୧. କେନ ୨. ଛାନ୍ଦୋଗ୍ୟ ୩. ଆରୁଣୀ ୪. ମୈତ୍ରାୟଣୀ ୫. ମୈତ୍ରେୟ ୬. ବଜ୍ରସୂଚୀ ୭. ୟୋଗଚୂଡ଼ାମଣି ୮ ବାସୁଦେବ ୯. ମହତ୍ ୧୦. ସନ୍ୟାସ ୧୧. ଅବ୍ୟକ୍ତ ୧୨. କୁଣ୍ଡିକା ୧୩. ସାବିତ୍ରୀ ୧୪. ରୁଦ୍ରାକ୍ଷ ୧୫. ଜାବାଳଦର୍ଶନ ୧୬. ଜାବାଲୀ ।

ଅଥର୍ବବେଦ ସମ୍ବନ୍ଧୀୟ (୩୧) (ଶାନ୍ତିପାଠ - ଭଦ୍ରଂ କର୍ଣ୍ଣେଭିଃ...)
୧. ପ୍ରଶ୍ନ ୨. ମୁଣ୍ଡକ ୩. ମାଣ୍ଡୂକ୍ୟ ୪. ଅଥର୍ବଶିର ୫. ଅଥର୍ବଶିଖା ୬. ବୃହଜ୍ଜାବାଳ ୭. ନୃସିଂହତାପନି ୮. ନାରଦପରିବ୍ରାଜକ ୯. ସୀତା ୧୦. ଶରଭ ୧୧. ମହାନାରାୟଣ ୧୨. ରାମରହସ୍ୟ ୧୩. ରାମତାପନି ୧୪. ଶାଣ୍ଡିଲ୍ୟ ୧୫. ପରମହଂସପରିବ୍ରାଜକ ୧୬. ଅନ୍ନପୂର୍ଣ୍ଣା ୧୭. ସୂର୍ୟ ୧୮ ପାଶୁପତ ୧୯. ପରବ୍ରହ୍ମ ୨୦. ତ୍ରିପୁରାତାପିନୀ ୨୧. ଦେବୀ ୨୨. ଭାବନ ୨୩. ଭସ୍ମ ୨୪. ଆତ୍ମା ୨୫. ଗଣପତି ୨୬. ମହାବାକ୍ୟ ୨୭. ଗୋପାଳତାପିନୀ ୨୮. କୃଷ୍ଣ ୨୯. ହୟଗ୍ରୀବ ୩୦. ଦତ୍ତାତ୍ରେୟ ୩୧. ଗରୁଡ଼ ।

***

"ଉପନିଷଦ୍‌ସମୂହ ଶକ୍ତିର ବୃହତ୍ ଆକରସ୍ୱରୂପ । ଉପନିଷଦ୍ ଯେଉଁ ଶକ୍ତିସଞ୍ଚାର ପାଇଁ ସମର୍ଥ, ସେଥିରେ ଏହା ସମଗ୍ର ଜଗତ୍‌କୁ ତେଜସ୍ୱୀ କରିପାରିବ । ଏହାଦ୍ୱାରା ସମସ୍ତ ଜଗତ୍‌କୁ ପୁନରୁଜ୍ଜୀବିତ, ଶକ୍ତିଶାଳୀ ଓ ବୀର୍ଯ୍ୟଶାଳୀ କରିହେବ । ସକଳ ଜାତିର, ସକଳ ମତର, ସକଳ ସମ୍ପ୍ରଦାୟର ଦୁର୍ବଳ, ଦୁଃଖୀ, ପଦଦଳିତମାନଙ୍କୁ ଏହା ଉଚ୍ଚରବରେ ଆହ୍ୱାନ କରି ନିଜ ଗୋଡ଼ରେ ନିଜେ ଠିଆ ହୋଇ ମୁକ୍ତ ହେବାକୁ କହେ । ମୁକ୍ତି ବା ସ୍ୱାଧୀନତା —ଦୈହିକ ସ୍ୱାଧୀନତା, ମାନସିକ ସ୍ୱାଧୀନତା, ଆଧ୍ୟାତ୍ମିକ ସ୍ୱାଧୀନତା—ଏହା ହିଁ ଉପନିଷଦ୍‌ର ମୂଳମନ୍ତ୍ର ।"

—ସ୍ୱାମୀ ବିବେକାନନ୍ଦ

RAMAKRISHNA MATH
BHUBANESWAR - 2

ISBN 81-7508796-4-X

UPANISHAD GRANTHAVALI 116851 SUBSIDIZED PRICE : ₹. 100.00